୮ମ ବର୍ଷ ଜ୍ୟେଷ୍ଠ—ପ୍ରଥମାର୍ଦ୍ଧ ୧ମ ସଂଖ୍ୟା




Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର                                                            ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଲି ବା ବିକୃତ ଚର୍ମ, ହାତଗୋଡ଼ ଜ୍ୱାଳା ଶାରୀରିକ ଅବସାଦ, ସ୍ପର୍ଶଜ୍ଞାନର ହ୍ରାସ ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଲି ପ୍ରଭୃତି ଅତିରେ ଅରୋଗ୍ୟ ହୁଏ । ଏକ ଶିଶି ୫୨ଙ୍କା ମାତ୍ର ୫ ୨ ଟଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**
**ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ**
ଆଲମଚାନ୍ଦ ବଜାର, କଟକ

---

## କଲିକତା ସ୍ୱାସ୍ଥ୍ୟ ନିବାସ

କୁଷ୍ଠ ରୋଗୀଙ୍କ ସେବା ପାଇଁ କଲିକତାରେ ଏହି ସ୍ୱାସ୍ଥ୍ୟ ନିବାସ ଖୋଲା ହୋଇଅଛି । **ବଇରି** ରେଲ ଷ୍ଟେସନ ଠାରୁ ୨ ମାଇଲ ପଶ୍ଚିମକୁ କଳେଜ । ସେଠାରେ ରହିବାର ଏବଂ ଚିକିତ୍ସାର ବନ୍ଦୋବସ୍ତ ହୋଇ ଅଛି । ସ୍ୱାସ୍ଥ୍ୟପ୍ରଦ ସ୍ଥାନ । ନିମ୍ନ ଠିକଣାରେ ପତ୍ର ବ୍ୟବହାର କରନ୍ତୁ ।

**ଲକ୍ଷ୍ମୀନାରାୟଣ ସାହୁ**
ଭାରତ ସେବକ ସମିତି କଟକ ।

ସମ୍ପାଦକ
**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସମ୍ପାଦକ
**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

୮ମ ବର୍ଷ
୧ମ ସଂଖ୍ୟା
ଜ୍ୟେଷ୍ଠ ପ୍ରଥମାର୍ଦ୍ଧ
ତା ୧-୬-୪୪ ଇଂ

# ଡଗର

## ହୁକା ହୁକା ହୁଆ

( ବିଲୁଆ ବିଚାର )

—ପାକ୍ଷିକ—
ବାର୍ଷିକ ଟ ୩୲
ପ୍ରତିସଂଖ୍ୟା — ୦ ୵
ରାଜସଂସ୍କରଣ ୦ ୵୯

**ଡଗର** ଅଜି ଅଷ୍ଟମ ବର୍ଷରେ ପଦାର୍ପଣ କଲା । ସାତବର୍ଷ, କାଳ ବିଶେଷତଃ ଗଲା ଦୁଇବର୍ଷ କାଳ ସେ ଯେଉଁ ଜୀବନ ମରଣ ସଂଗ୍ରାମ କରି ଜୀଇ ରହିଛି, ତାହା କାହାରିକୁ ଅଜଣା ନାହିଁ । ପାଠକ ପାଠିକାଙ୍କ ସ୍ନେହ ସହାନୁଭୂତିହିଁ ତାର ଏକମାତ୍ର ବଳ । ଏଥିରୁ ବଞ୍ଚିତ ନ ହେଲେ ଡଗର ତାର କର୍ତ୍ତବ୍ୟ ପଥରୁ ବିଚ୍ୟୁତ ନ ହୋଇ ଦେଶ ଓ ଦଶର ସେବାରେ ନିରତ ରହିବ । ଭଗବାନ ଭରସା ।

ସେଦିନ ଭଦ୍ରକ ପୁରୁଣାବଜାର ନାରାୟଣଚନ୍ଦ୍ର ହାଇ ସ୍କୁଲରେ ଗୋଟିଏ ସଭା ବସିଥିଲା । ପୁରୁଣାବଜାର ନିବାସୀ ମାନ୍ୟବର ମନ୍ତ୍ରୀ ଶୋଭନ ଖାଁ ମହୋଦୟ ସଭାପତି ଆସନରୁ ଶୋଭା ବର୍ଦ୍ଧନ କରି ଭାଷଣରେ କେତେ ଗୁଡ଼ିଏ ଅତି ଶୋଭନୀୟ ଓ ଲୋଭନୀୟ କଥା କହି ଆପଣାର କ୍ଷୋଭ ପ୍ରକାଶ କରିଥିଲେ ।

ସେ ଭଦ୍ରକସ୍ଥ ମୁସଲମାନମାନଙ୍କୁ ସମ୍ବୋଧନ କରି ସେ ଯାହା କହିଲେ ତାର ସରଳାର୍ଥ ଏହିତ—ତୁମେ ସବୁ ଶିକ୍ଷା ପ୍ରତି ମନ ନଦେଇ ନିତାନ୍ତ ହୀନ ବ୍ୟବସାୟ କରୁଛ ଓ ତଳେ ପଡ଼ି ରହିଛ ଏବଂ ଏଇ ବ୍ରାହ୍ମଣ, କରଣ, ଖଣ୍ଡାୟତ ତୁମ ମୁଣ୍ଡ ଉପରେ ଚଢ଼ି ପ୍ରଭୁତ୍ୱ କରୁଛନ୍ତି ଓ ସବୁ ଚାକିରୀ ମାରି ନେଉଛନ୍ତି । ଏଣୁ ହେ ଭାଇମାନେ.........ଇତ୍ୟାଦି ।

ସ୍ୱଜାତୀୟ ଭାବରେ ଅନୁପ୍ରାଣିତ ହୋଇ ଆପଣା ଜାତି ଭାଇଙ୍କୁ ଉଦ୍‌ବୁଦ୍ଧ କରିବା ଓ ନିଜ ଗୋଷ୍ଠୀର ଉନ୍ନତି କାମନା କରିବା ଯେ କୌଣସି ମାନବ ପକ୍ଷରେ ଉଚିତ । ଆଉ ସମଗ୍ର ଦେଶର ଯେ ଲୋକପ୍ରତିନିଧି ମନ୍ତ୍ରୀ—ତାଙ୍କର ତ କଥାଇ ନାହିଁ । ଏଇପରି ସବୁ ମନ୍ତ୍ରୀ ଯଦି ଆପଣା ଆପଣା ସମାଜ ପାଇଁ ଲାଗି ପଡ଼ନ୍ତେ, ତେବେ ସାରା ଦେଶ ଜାତି ଉଠନ୍ତା ନାହିଁକି ! ଅନ୍ୟାନ୍ୟ ମନ୍ତ୍ରୀମାନଙ୍କୁ ମାନ୍ୟବର ମିଆଁଜୀଙ୍କୁ ଅନୁକରଣ କରିବା ପାଇଁ ଆମେ ଆହ୍ୱାନ କରୁଛୁଁ ।

× + ×

ଏ ଆତ୍ମନିୟନ୍ତ୍ରଣ ( self determination ) ଯୁଗରେ କେହି କାହାର ମୁଖାପେକ୍ଷା କରି ବୋକସ୍ତ ବୁଦ୍ଧୁ ହୋଇ ରହିବାର ନୁହେଁ । ଭଦ୍ରକ ପରି ମୁସଲମାନ ପ୍ରଧାନ ନଗରରେ ଯଦି ମୁସଲମାନ ଭାଇମାନେ ପାଣିଟଣା ଓ ଲକଡ଼ି ହଣା (drawers of water and hewers of wood) ହୋଇ ଚିରକାଳ ରହିବେ ତାହା ବଡ଼ ଦୁଃଖର କଥା । ଆମ ମତରେ ବରଂ ଓଡ଼ିଶା ଭିତରେ ଅନ୍ତତଃ କେବଳ ଭଦ୍ରକରେ ପାକିସ୍ଥାନର ପରୀକ୍ଷା ( experiment ) କରିଦେବା ଉଚିତ । ତାହା କରିବାକୁ ହେଲେ ଏଠାର ସରକାରୀ ଓ ବେସରକାରୀ ସମସ୍ତ ସଂସ୍ଥା ମୁସଲମାନ ପ୍ରଭାବ ଓ ପ୍ରଭୁତ୍ୱ ରଖାଯାଉ । ସ୍ୱାଧୀନତା କାମୀ ଓ ଆତ୍ମନିୟନ୍ତ୍ରଣ ପ୍ରୟାସୀ ଅନ୍ୟ ଜାତିମାନେ ଏହାକୁ ନିଶ୍ଚୟ ସ୍ୱାଗତ ( Welcome ) କରିବେ । ଏ ନିୟମରେ ଧୀରେ ଧୀରେ ସମାନ୍ତରରେ କାର୍ଯ୍ୟାରମ୍ଭ କରିବା ସକାଶେ ମନ୍ତ୍ରୀ ଆପଣେ ଯତ୍ନବାନ ହେଲେ ଭଲ ହୁଅନ୍ତା ।

ଭଦ୍ରକ ଡାକ୍ତରଖାନାଠାରୁ ଏହି ପାକିସ୍ଥାନ ଯୋଜନାଟା ଆରମ୍ଭ କରାଯିବାର ସୂଚନାକୁ ଆମେ ଏଥିପାଇଁ ଖୁବ୍ ମିଜାଜରେ ଦରିୟାପତ କରୁଛୁ ।

× × × ×

ନବଭାରତ ଖବର କାଗଜ ଲାଗିପଡ଼ି ମନ୍ତ୍ରୀ ଗୋଦାବରୀଶ ପଣ୍ଡିତଙ୍କ ଗୁଣ ବଖାଣ କରିବାରେ ଲାଗି ପଡ଼ିଛି । କେବ

Digitized by srujanika@gmail.com

କହିଲା ପରେ, "ଓଃରେ ଝିଅ, ତୋ ପିଠିରେ କଳା !" ଝିଅ କହିଲା, "ମୋର କଉଁ କଥାଟା ସଜ ?" ଓଡ଼ିଶାର ସାଧାରଣ ଜୀବନରେ କଉଁଠି କଉଁ ସଜଟା ନାହିଁ ଯେ ଏଥିପେଇଁ ଏତେ ଧରଥର ପଡ଼ିବ ! ଅଛ ପୁଣି ଦାଶ ପଂଡିତେ କହୁଛନ୍ତି ମିଶ୍ର ପଂଡିତଙ୍କୁ— ଯେମିତି ସ୍ୱଳ୍ପ ଶୀ କରେ ଝୁଣ୍ଟିଲା "ଝୁଣ୍ଟିରେ ତୋ ଗାଣ୍ଡିରେ କଣା !"

\+ × +

ପଣ୍ଡିତ ଗୋପବନ୍ଧୁ ଦାଢ଼ି ଛାଡ଼ିଥିଲେ ବୋଲି ଦେଶ ଶ୍ରଦ୍ଧା ଭକ୍ତି ପାଇପାରିଥିଲେ । ଅଧୁନା ହରିହର ଦାଢ଼ି ଛାଡ଼ି ଏବେ ମୂର୍ଖ ପୂଜା ପାଉଛନ୍ତି । ଶ୍ରୀ ଗୋପ ଚୌଧୁରୀ ନନ୍ଦ କିଶୋର ଅଲ୍ପକାଳ ଦାଢ଼ି ରଖିବାରେ ନେତା ପଦ ପାଇଛନ୍ତି ଓ ତାହା ଧରିଛନ୍ତି । ମାତ୍ର ବ ତେଜଠାରୁ ବଢ଼ିଗଲ କମଳ ପଂଡିତ ନୀଳକଣ୍ଠଙ୍କ ତେଜକୁ ଓଲଟି ଗଲା ତାହା ଦେଖି ମନେ ହେଉଛି— ଯୁଗଟା ଯେ ଓଲଟା ।

ପଣ୍ଡିତ ମଜକୁରଙ୍କ ଯୁବ ସାହିତ୍ୟ ନେତୃତ୍ୱକୁ ଦାଢ଼ି ଯେ ଅଟକାଇ ପାରିଲା ନାହିଁ ତାହା ଦେଖି ମନରେ ଧୋକା ହୋଇଥିଲା । ଏବେ ପୁଣି ନବଭାରତକୁ ସରକାର ସାହାଯ୍ୟ କରିବା ବନ୍ଦ ହୋଇ ଯିବାର ଶୁଣି ମନେ ହେଉଛି ଦାଢ଼ିଟା ଆଉ ଶୁଭ ( lucky ) ହୋଇ ନାହିଁ—ଏ ସତ୍ୟ ଯୁଗରେ ।

( ୧୯୩୭ ଅଗଷ୍ଟ ପହିଲିଠାରୁ ସତ୍ୟଯୁଗ ପଡ଼ିଲା ପରେ ! )

ବ୍ରଜସୁନ୍ଦର ବାବୁ ଆଉ ନାହାନ୍ତି ଆଜି ! ଏତିକି ଭାବିଲା ଯେତିକି ହୃଦ ଫାଟି ଯାଉଛି । ତାଙ୍କର ରୂପ ଯେପରି ସୁନ୍ଦର, କଥା ସେହିପରି ମଧୁର, ପ୍ରାଣ ତତୋଧିକ ସରସ ଓ ସ୍ନେହମୟ ଥିଲା । ତାଙ୍କର ପ୍ରେରଣା ମୋ ତରୁଣ ପ୍ରାଣରେ ଯେଉଁ ପ୍ରଭାବ ପକାଇ ଥିଲା, ତାହାରି ଫଳରେ ମୋ ଜୀବନ ଗଢ଼ି ଉଠିଛି । ଉତ୍କଳର ସାହିତ୍ୟ ଓ ରାଜନୀତି ଯେଉଁପରି ପଙ୍କିଳ ହୋଇ ପଡ଼ୁଛି ତାହା ଦେଖି ବ୍ରଜବାବୁଙ୍କ ଭଳି ସାଧୁ ସରଳ ପ୍ରକୃତିର ବ୍ୟକ୍ତି ଅଭିମାନରେ ଖସି ଚାଲିଗଲେ ଏପରି ମୋତେ ଲାଗୁଛି । ସତେ ହେଉଛି ଗୋଟାଏ ଉଚ୍ଚ ଧରଣର ଆଦର୍ଶ ଆମ ଆଗରୁ ଖସିଗଲା । କିଣ ଗୋଟାଏ ଯେପରି ଶୂନ୍ୟ ହୋଇଗଲା ଆମ ଭିତରେ । ସତେ ସେ ଉତ୍କଳର ଅଗ୍ରସ୍ଥାୟୀ ନେତା ହୋଇ ପାରି ଥାଆନ୍ତେ ବୋଲି ଯେଉଁ ଆଶା କରାଯାଇଥିଲା କିନ୍ତୁ ତାହା କରିବ ଦେଇ ନାହିଁ ଅବଶ୍ୟ । ଅନେକାଂଶରେ ତାଙ୍କ ଜୀବନ ବିଫଳ ହୋଇଯାଇଛି । କିନ୍ତୁ ସେହି ବିଫଳତା ମଧ୍ୟରେ ଯେଉଁ ସାର୍ଥକତା ରହିଛି ତାହା ଭାବି ଦେଖିବାର କଥା ।

ବ୍ୟଥିତ ହୃଦୟରେ ଡଗର ଆଜି ସେହି ପବିତ୍ର ଆତ୍ମା ଉଦ୍ଦେଶ୍ୟରେ ତପ୍ତ ଅଶ୍ରୁ-ଅର୍ଘ୍ୟ ଅର୍ପଣ କରି ସ୍ମୃତି ତର୍ପଣ କରୁଛି । ସଂ: 'ଡଗର'

ଆମ ପ୍ରଧାନ ମନ୍ତ୍ରୀ ବଡ଼ ଦୁଃଖରେ କହି ପକାଇଛନ୍ତି କି ସେ ମନ୍ତ୍ରୀ ସୋଦରମାନଙ୍କ ସାଙ୍ଗେ ଚଳିପାରୁ ନାହାନ୍ତି । ଯେ ତାଙ୍କ ସାଙ୍ଗରେ ଚଳି ନପାରେ ସେ ଭିନ୍ନ ହୋଇ ଯାଏ । ମହାରାଜାଙ୍କୁ କଣ ବା କିଏ ଅଟକାଇଛି କି ?

ପାର୍ଲିଆମେଣ୍ଟର ନିୟମାନୁସାରେ ପ୍ରଧାନ ମନ୍ତ୍ରୀ ଲାଟ ସାହେବଙ୍କୁ କହି ଅନ୍ୟମନ୍ତ୍ରୀଙ୍କୁ ଡିସ୍‌ମିସ୍ କରାଇ ପାରନ୍ତି । ଯେପରି ପଞ୍ଜାବରେ ହେଲା । ଅଥବା ନିଜେ ଇସ୍ତଫା ଦେଇ କେବିନେଟ ଭାଙ୍ଗି ଦେଇ ପାରନ୍ତି । ଲାଟଙ୍କ ବିଶ୍ୱାସ ହରାଇ ନ ଥିଲେ ଲାଟ ପୁଣି ତାଙ୍କୁ ଏକ ନୂତନ କେବିନେଟ ଗଢ଼ିବାର ଅନୁରୋଧ କରିବେ ।

ଆମ ପ୍ରଧାନ ମନ୍ତ୍ରୀଙ୍କର ଏ ନାଟର କଥା । ଯଦି ସେ ଇସ୍ତଫା କରୁଥିବେ କି ଲାଟ ବାହାରେ ତାଙ୍କୁ ନ ଡାକି ଆଉ ବାହାରିକୁ ଡାକିବେ, ତେବେ ସେ ଲାଟଙ୍କ ବିଶ୍ୱାସ ହରାଇ ଛନ୍ତି । ଏପରି ଅବସ୍ଥାରେ ତାଙ୍କର ଅଗତ୍ୟା ମାନେ ମାନେ ଖସିଯିବା ଦରକାର ନୁହେଁ କି ?

ଆଉ ଯଦି ତାଙ୍କର ଡର ଥାଏ କି ଏହା କଲେ ୯୩ ଧାରା ଚାଲେ ଚଳିଯିବ, ତେବେ ଏ ଭଳି ଅବରକଥ ଅବସ୍ଥା ଠାରୁ ସେଇଟା ହିଁ ଦେଶ ପକ୍ଷରେ ମଙ୍ଗଳ ।

× × ×

Digitized by srujanika@gmail.com

# ହାଇଡ୍ରୋ କଣ୍ଟ୍ରିଆ

ଲେଖକ:—ଶ୍ରୀ ଦେବ ମହାପାତ୍ର

ସେଦିନ ସନ୍ଧ୍ୟାବେଳଆ ଚୌଧୁରୀବଜାର ଛକ ଉପରେ ଯୋଉଁ ଟୋକା ପଛେ 'ଗୋପୀଭଜନା' ବୋଲି ପାଟିକରି ଡାକିଲା ତା ନାଆଁ କଣ୍ଡୁରୀ। ମୁଁ ତାକୁ ଦେଖି ଖୁସି ହେଲି ଅଉ ତାକୁ ଭିଡ଼ିଆଣି କୁଣ୍ଢେଇ ଧରି ଝା ଟାଇବା ହାତର ପାପୁଲିଠାକୁ ଚାପୁ ଚାପୁ ପଚାରିଲି "ତୁ କେବେବେ କଣ୍ଡୁରୀ?" ଯାହାର ଅର୍ଥ "ହେ କଣ୍ଡୁରୀ ତୁ କେବେ କଟକ ଆସିଲୁ?"

କଣ୍ଡୁରୀ ଟିକିଏ ହସିଲା ଅଉ କହିଲା 'ମୁଁ ଆସିବାର ପନ୍ଦର ଦିନ ହେଇ ଗଲାଣି ଗୋପୀ-ଭଜନା।"

'ପନ୍ଦର ଦିନ!' ମୁଁ କହିଲି—"ଅରେ କଣ୍ଡୁରୀ ତୁ ପନ୍ଦର ଦିନ ହେଲା ଆସିଲୁଣି ମୁଁ ଜାଣିଲି ନା? ତୁ ଆସିବୁ ବୋଲି ଚିଠି ଖଣ୍ଡେ ଲେଖି ପାରିଲୁନି? ତୁ ଆସିଛୁ ଏଠି ପନ୍ଦର ଦିନ ହେଲା ଅଛୁ ମୋର ଖବର ଅନ୍ତର ନେଇ ମତେ ଟିକିଏ ଦେଖା କରିବାକୁ ତୋ ମନ ବଳିଲା ନା? କୋଉଠି ବସୁଚୁ ତୁ?"

"ଚିଣ୍ଡାହାଟ ଅନୁଗୋଳ ମେସରେ ମୁଁ ତମକୁ ଦେଖା କରିବାକୁ ଚାହୁଁଥିଲି କିନ୍ତୁ କଣ କହିବି ଗୋପୀଭଜନା, ଆସୁ ଆସୁ ବେମାର ପଡ଼ି ଯାଇଚି।" ମୁଁ ଆଶ୍ଚର୍ଯ୍ୟ ହେଇ କହିଲି—"ଏଁ, କହୁଚୁ କଣ?" କଣ୍ଡୁରୀ ମୁହଁ ଶୁଖେଇ କହିଲା "ହଁ ଗୋପୀଭଜନା—ମୋର ପଡ଼ିଗଲା ଏଠା ପାଣି ମୋ ଦେହରେ ସାଜୁନି। ଅଉ ଯାହା ଖାଉଚି ଜମାରୁ ହଜମ ହଉନି। ଦିନ ପନ୍ଦରଟା ଭିତରେ ଦେଖୁନ ମୋ ଅବସ୍ଥା କେମିତି ହେଲାଣି?"

ମୁଁ କଣ୍ଡୁରୀର ତାଳୁରୁ ତଳିପାଯାଏଁ ଆଖି ବୁଲେଇ କହିଲି "ହଁ ଟିକିଏ କାହିଲି ଦେଖା ଯାଉଚୁ।"

କଣ୍ଡୁରୀ ମୁହଁଟା କାହିଲି କରି ପକେଇଲା। ମୁଁ ପଚାରିଲି, "ଅଚ୍ଛା ତୁ ଆସିଲୁ ଯେ ଅନୁଗୋଳର ଖବର ଅନ୍ତର କଣ? ତୋ ବାପା ବୋଉ କେମିତି ଅଛନ୍ତି? ବହୁତ ଦିନ ହେଇ ଗଲାଣି ମୁଁ ସେମାନଙ୍କୁ ଦେଖିନି—ତମେ ତ ଦେଖୁଚି ତିନି ବର୍ଷ ବାଦ—ନୁହେଁ କିରେ?"

"ହଁ ସେସ୍ଥାହବ—ବାପା ବୋଉ ଏକ ପ୍ରକାର ଅଛନ୍ତି। ବାପାଙ୍କ ଗୋଡ଼ରେ ଗୋଟାଏ କାଚ ପଶି ଘାଆ ହେଇ ପଡେଇ ଦେଇଥିଲା—ଅବକା ଭଲ ହେଇ ଗଲାଣି—ବାପା ଲେଖିଥିଲେ ଯେ ଯାଜ ତୋ ଦେହ ଭଲ ରହୁନି ତୁ … —ଶୁକର ନହେଲି ନାହିଁ ପଛକେ ମୋର କିଛି … ଜମାରୁ ଇଚ୍ଛା ନାହିଁ।"

ମୁଁ ବୁଝିକରିକରି ମୁଣ୍ଡ ହଲେଇ କହିଲି "ତୁ ଏଠିକି ଗୁକର ପାଇଁ ଆସିଚୁ? ବେଶ ବେଶ, କୋଉଠି କେମିତି କଣ ଚେଷ୍ଟା କରୁଚୁ?"

ସେ କହିଲା—"ବହୁତ ଜାଗାରେ ଦରଖାସ୍ତ ଦେଇଚି, ସପ୍ଲାଇ ଡିପାର୍ଟମେଣ୍ଟରେ ଚେଷ୍ଟା କରୁଚି। ସେମାନେ ଆସନ୍ତା ମଙ୍ଗଳବାର ଦିନକୁ ଡକେଇଛନ୍ତି ଇଣ୍ଟରଭିଉ ପାଇଁ।"

ମୁଁ କହିଲି—"ବେଶ୍ ଭଲ।"

Digitized by srujanika@gmail.com

କଣ୍ଡୁସ କହିଲା "ହଁ ଭଗବାନଙ୍କ ଦୟାରୁ ଲଟେରିର—ଷ୍ଟାଙ୍ଗ୍ ପଚିଶ ଟଙ୍କା—ଦେଖାଯାଉ କଣ ହୁଏ—ଏତେବଡ଼ ଟେଲେକୁ ବଦଳରେ ଏମିତି ଖରାପ ହୁଏ ମନରେ ଜମା ଫୁର୍ତ୍ତି ଅଛି ନା । ଆଛା ଗୋପୀଭାଇନା, ଗୋଟାଏ କଥା ସତକରି କହିବ, ତମେ ଯେତେବେଳେ ଚାକିରି ପାଇଁ କଟକ ଆସିଲ କେତେ ଦିନରେ ତମକୁ ଚାକିରି ମିଳିଲା ?"

"ମୁଁ ଆସିବାର ଦଶ ଦିନ ଭିତରେ ପାଇଗଲି ।"

ସେ କହିଲା "ଏଁ ତମେ ଦଶ ଦିନ ଭିତରେ କାମ ପାଇଗଲ, ଆଉ ମୁଁ ଆସିବାର ପନ୍ଦର ଦିନ ହୋଇଗଲା ମୁଁ ଏପର୍ଯ୍ୟନ୍ତ ପାଇଲିନି !!!"

ଏ କଥାକୁ ମୁଁ କି ଜବାବ ଦେବି ?

ଆମେ ଦୁହେଁ ମୁହଁ ହୋଇ ବାଟ ଚାଲୁଥିଲୁ । ମୁଁ କହିଲି 'ଆ ଆରେ କଣ୍ଡୁସ ଟିକେ ଜଳଖିଆ କରିବା ।"

କଣ୍ଡୁସ କହିଲା "ନାଇଁ ଗୋପୀଭାଇନା, ତମେ ଜଳଖିଆ କର ମୁଁ ବସୁଛି ପଛକେ ମୁଁ ଜଳଖିଆ କରିବିନି ।"

'କାହିଁକିରେ ?"—ମୁଁ ପଚାରିଲି ।

କଣ୍ଡୁସ କହିଲା—"ନାଇଁ ମୁଁ ହୋଟେଲରେ କେବେ କିଛି ଖାଏ ନି—ହୋଟେଲ ଜିନିଷ ମୋର ହଜମ ହୁଏ ନି ତା ଛଡ଼ା କେତେବେଳେ କୋଉ ରୋଗ କିଏ କହିବ !"

ମୁଁ କହିଲି—"ହେଉ, କଣ ଗୁଡ଼ାଏ କହୁଚୁ ପିଲଙ୍କ ଭଳିଆ !"

କଣ୍ଡୁସ କହିଲା—"ପିଲଙ୍କ ଭଳିଆ କଣ କହିଲ ? ତମେ ଅନନ୍ତବାବୁଙ୍କ ପୁଅ ଶଶୀ କୁ ଜାଣିନ କି ? କଟକ ଆସିବାର ସାତୁଟା ଦିନ ଭିତରେ କଣ କୋଉଠି ଖାଇଲା—କଲେରାରେ ଖତମ୍ ।"

ମୁଁ କହିଲି—"ହଁ ଜାଣିଚି—ତେବେ ସବୁଦିନେ କଣ କଲେରା ଲାଗିଚି ?"

କଣ୍ଡୁସ କହିଲା—ଆଉ ଦିବ୍ୟସିଂହ ବାବୁଙ୍କ ପୁତୁରା ନକୁଳକୁ କଣ ହେଲା ? ଏଇଠି ତ ଚାକିରି କରୁଥିଲା । ଷାଠିଏ ଟଙ୍କା ଦରମା ପାଉଥିଲା । ଠାକୁରାଣୀ ହୋଇ କରି ଦିନ ପାଞ୍ଚଟା ବିଛଣାରେ ପଡ଼ିଚି କି ନାହିଁ ଶେଷ । ଆଉ ନାରାୟଣ ବାବୁଙ୍କ ଭଣଜା ଗଦାଧର—ସେ ବି ତ ଏଇ କଟକରେ ମରିଚି !!

ମୁଁ କହିଲି—ଆ, କିଛି ନ ହେଲେ ବେଳକୁ ଚା କପେ ପିଇବୁ ।

ବହୁତ ଅନୁରୋଧରେ କଣ୍ଡୁସ ଆସିଲା—ଚା ମଗାଗଲା— କଣ୍ଡୁସ ପହିଲେ ଚା କପଟାକୁ ଦେଖି ଘୃଣାରେ ନାକ ଟେକି କହିଲା "ଗୋପୀ ଭାଇନା ଦେଖନ କପଟା କେତେ ମଇଳା ହୋଇଚି ଦେଖୁଚ ନି ? କଣ ଗୁଡ଼ାଏ ଲାଗିଚି ଦେଖନ, ଦେଖନ । ଛି, ଛି କି ଅପରିଷ୍କାର ।" ତା'ପରେ ଚା କପଟାକୁ ନାକ ପାଖରେ ନେଇ ଶୁଙ୍ଘିକରି କହିଲା 'ଉହୁଁ' ତା ପରେ ଘୃଣା ସହିତ ପିଇ ପିଇ କହିଲା "ମୁଁ ଏଇଥି ପାଇଁ ହୋଟେଲରେ ଖାଏନି—ଏ ଯଉଁ ଜଳଖିଆ ଦଉଛନ୍ତି କେତେ ଦିନର ବାସି ଗମରା, ଗନ୍ଧିଆ, ମାଛି ଭଣ ଭଣ ହଉଛନ୍ତି—ରୋଗର ବୀଜ । ତା ଛଡ଼ା ବାରଲୋକେ ଆସୁଛନ୍ତି କାହାଠି କୋଉ ରୋଗ ଅଛି କିଏ କହିବ ? ଏଇଥି ପାଇଁ ମତେ ଜମା ରୁଚେନି ।"

କଣ୍ଡୁସ କଥା-ଶୁଣି ମତେ ବି ଆଉ ରୁଚିଲାନି—ପଇସା ଦେଇ ଆମେ ରାସ୍ତା ଉପରକୁ ବାହାରି ଆସିଲୁ ।

କଣ୍ଡୁସ କହିଲା— 'ଗୋପୀ ଭାଇନା, ଥରେ ମୁଁ ଏଠାରେ ଗୋଟିଏ ହୋଟେଲକୁ ଯାଇଥିଲି ଖାଇବା ପାଇଁ—ଏତେ ଅସନା ଯେ କହନି । ପୁଳାଏ ଅଣ୍ଡି ଚିନାଖଣ୍ଡ ରଖି ଦେଇଗଲା । କାଲେ ହଜମ ହବନି ବୋଲି ମୁଁ ଗୋଟିଏ ଖାଇଲି ଆଉ ଦି'ଟା ସେମିତି ଥାଳରେ ଛାଡ଼ି ଦେଇ ଆସିଲି ।"

ମୁଁ ପଚାରିଲି "ତାକୁ ସେମାନେ କଣ କରିଥିବେ ?"

କଣ୍ଡୁସ କହିଲା—"କଣ କରିଥିବେ ! ରଖିଥିବେ, ଫେର ଆଉ କାହାରି ଥାଳରେ ବାଢ଼ି ଦେଇଥିବେ ।"

ମୁଁ କଣ୍ଡୁସକୁ ସେଦିନ ଅନୁଗୋଳ ମେସ ଯାଏଁ ଛାଡ଼ି ଦବାକୁ ଗଲି ତା ପରେ ସବୁଦିନେ ମୋ ଫୁରସତ ସମୟରେ ଦେଖା କରିବାକୁ ଯାଏ । ତାର ନିତ୍ୟକର୍ମ ଗୁଡ଼ିକ ଦେଖିଣ, କଥାବାର୍ତ୍ତା ଭିତରେ ଦେଇ ମୁଁ ତାକୁ ଘନିଷ୍ଠଭାବେ ଚିହ୍ନିବାର ସୁଯୋଗ ପାଇଲି—ତାର ନିତ୍ୟକର୍ମ ଗୋଟାଏ ଦେଖିବାର ଜିନିଷ—ସକାଳୁ ଉଠି ସେ ପହିଲେ ଗାମୁଛା ଟାଳିକି ଝାଡ଼ା ଯାଏ କାଠଉ ମାଡ଼ିକରି ଯାଏ । କଣ୍ଡୁସ ମତରେ କଟକରେ ବେଶୀ ଜୀବାଣୁ ଅଛନ୍ତି—କାଠଉ ନ ପିନ୍ଧିଲେ ବିପଦ କାରଣ

Digitized by srujanika@gmail.com

ପାଇଖାନାରେ ବେଶୀ ଜୀବାଣୁ ଥାଆନ୍ତି ଅଉ ଅଙ୍ଗୁଳି ନଖଣିରେ ଭଲ ହେବ ବଠଉ ନ ମାଡଲେ ଅଙ୍ଗୁଠି ସନ୍ଧରେ ଦନ୍ତ ଉପରକୁ ସାଲୁ ସାଲୁ ହେଇ ଚଢ଼ି ଆସିବେ ଅଉ କଛ ଗୋଟାଏ ବେମାରୀ ହୋଇଯିବ । ପାଇଖାନା ଭିତରୁ ପେଟ ବାଉଅ ଶବ୍ଦରୁ କଏ ଝାଡ଼ା ଯାଇଛ ବୋଲି ଅପଣ ପଗ୍ଭରିବାର ଅବଶ୍ୟକ ହୁଏ ନାହିଁ, ନିଶ୍ଚୟ କଣ୍ଟୁର । ପାଇଖାନାରୁ ଆସି କଣ୍ଟୁର ହାତମାଟି କରେ, ଅଞ୍ଜୁଳା ଅଞ୍ଜୁଳା ମାଟି ପାଣି ମିଶାଇ ଦ ହାତରେ ଏମିତି ଉଗଡ ଘଷେ, ମୋ ମାଟି ଅଉ ସେତେକ ପରିଶ୍ରମରେ ଦ'ଟଖରୁ ଘର ଅଟେକ୍ଲଶରେ ଲିପା ଯାଇ ପାରନ୍ତା । ତା ପରେ ମୁହଁ ହାତ ଗୋଡ଼ ଧୋଇ ଟୋକାଏ ପାଣି ନେଇ ଦାନ୍ତ ଘଷି ବସେ । ତା ଦାନ୍ତଘଷାଟା ଗୋଟାଏ ଦେଖିବାର ଜିନିଷ ବାସ୍ତବିକ—ଖୁବ ପରିଶ୍ରମ କରି ଦାନ୍ତ ଘଷେ । ଅଉ କୁଳୁକୁଳୁ ଥର ଥର କରି ଶହେ ଆଠ ଥର ତା ପରେ ଛେପ ପକାଏ—ତା ପାଟିରେ ଏତେ ପରିମାଣରେ ଛେପ ଥିଲା ଦେଖିଲେ ଆଶ୍ଚର୍ଯ୍ୟ ହେବେ । କଣ୍ଟୁର ସେଥିରେ ସନ୍ତୁଷ୍ଟ ହୁଏନ ପାଟିରେ ଅଙ୍ଗୁଠି ପୁରେଇ ପୁଣି ଖଙ୍କାର କଫ ପ୍ରଭୃତି କାଢ଼ି ଗଦା କରେ ତା ପରେ ଫେର କୁଳୁକୁଳୁ କରି ଦାନ୍ତଘଷା ଶେଷ କରେ । ଦାନ୍ତଘଷି ସାରି ସେ କଛ ଖାଏ ନ । କାରଣ ଖାଇଲେ ଦେହ ପକ୍ଷରେ ଅହିତକର । ତା'ପରେ ଗାଧୋଇବା ପାଇଁ ତେଲ ମାଖି ବସେ—ଯୋଉଟାକୁ କହନ୍ତି ତୈଳମର୍ଦ୍ଦନ ଦେହ ମୁଣ୍ଡ ହାତ ଗୋଡ଼ ଉପରେ ବେଶ ଘଷି ମର୍ଦ୍ଦନ କରେ—ତା'ପରେ ସବୁ ନଖରେ ବୁନ୍ଦାଏ ବୁନ୍ଦାଏ ତେଲ ପକାଏ କାନରେ ଟିକିଏ ତେଲ ପକାଏ—ନାକରେ ଟିକିଏ ଶୁଙ୍ଘେ, ନାହିରେ ତେଲ ପକାଇ ଗାଧୋଇ ବାହାରେ—ଏମିତି ଘଷି ମାଜି ହେଇ ଗାଧାଏ ତା ଗାଧୁଅ ଦେଖିଲେ ମାଇପି ଲୋକ କଥା କଣ କହିବ ମିଶଟିପ ବି ଲାଜରେ ମୁହଁ ଫେରାଇ ଆକାଶ ଆଡ଼େ ଅନେଇଦେବ ତାଆଁ ହେଇ ହେଇ ନ ଦେଖିଲା ଭଳିଆ । ତା ନା ହଉଛି ସ୍ନାନ । କଟକରେ ସେ ପାଇପ୍‌ରେ ଗାଧାଏ, ମୋଟରସ କମ୍ପାନୀକୁ କେତେ ଯାଏ । ସେ କହିଲା ଯେ ଥରେ ଗୋଟାଏ ପୋଖରୀରେ ଗାଧୋଇ ତା ଦେହ ସାରା କାଛୁ ହେଇ ଯାଇଥିଲା ସେଇ ଦିନୁ ପୋଖରୀ ଗାଧୁଅକୁ ତାର ଭାରି ଡର ।

ଶରୀର ପାଇଁ ଏତେ ଯତ୍ନ ଏତେ ପରିଶ୍ରମ କରୁଥିଲେ ସୁଦ୍ଧା କଣ୍ଟୁର ସାଙ୍ଗରେ ମିଶି ମୁଁ ଏତିକି ବେଶ ବୁଝି ପାରିଲି ଯେ ସବୁ ବେଳେ ଦେହରେ କଟକ ପାଣି ମୋଟେ ଯାଉନି । ସେ ଯୁଆଡ଼େ ଆଖି ପକଉଛି ଦେଖୁଛି କେବଳ ରୋଗ—ଧୂଳିରେ ମାଟିରେ ଜୀବାଣୁ ସାଲୁ ସାଲୁ ହଉଛନ୍ତି—ମଶାମାଛି ଦେହରେ ହଜାର ରକମ ବେମାର—ଖାଇବା ପଦାର୍ଥ ଭିତରେ ନାନା ରୋଗର ଜୀବାଣୁ ତାକୁ ମାଲୁମ ପଡ଼ୁଛନ୍ତି । ରୋଗର ଭୟ ତାରି ପଛରେ ଭୂତପରି ଗୋଡ଼େଇଛି । ତେଣୁ ମୁଣ୍ଡବଥା, ପେଟବଥା, ବଦହଜମି କିଛି ନା କିଛି ଗୋଟାଏ ବେମାର ତା ଦେହରେ ଲାଗି ରହିଛି ।

ଦିନେ କଣ୍ଟୁର କହିଲା "ଗୋପୀଭାଇନା, ତମେ ନାଇବର୍ଷ ତଳେ ପରା ମତେ ଦେଖିଥିଲ—ଅବକା ଦେଖ !"

ମୁଁ ଦେଖିଲି ।

କଣ୍ଟୁର କହିଲା—"ଜାଣି ପାରୁଛ—ମୁଁ ସ୍ୱା ଭିତରେ ଦଶ ପାଉଣ୍ଡ ହାଲୁକା ହେଇ ଯାଉଛି । ମୁଁ ତମ ସାଙ୍ଗରେ କଥା ହଉଛି ସିନା କିନ୍ତୁ ଭିତରେ ଭିତରେ ମୋ ମୁଣ୍ଡଟା ଅଳ୍ପ ଅଳ୍ପ ବଥଉଛି—ଆଜି ସକାଳେ ପରଟେ ହଳେ ଖାଇଥିଲି—ଦ'ଟା ଝାଡ଼ା ହେଇଗଲିଣି ।"

ପାଞ୍ଚଦିନ ବାଦ ଫେର କଣ୍ଟୁର ସାଙ୍ଗରେ ଦେଖା— କଣ୍ଟୁର କହିଲା "ଗୋପୀ ଭାଇନା ମୋର ଚାକିରି ହୋଇଗଲା ସପ୍ଲାଇ ଡିପାର୍ଟମେଣ୍ଟରେ ନେ ଦିନ ହେଇ ଗଲାଣି ।

ମୁଁ କହିଲି, "ଯାହାହଉ ଭଲ ହେଲା ।"

କଣ୍ଟୁର କହିଲା "ହଁ ଭଗବାନଙ୍କ ଦୟା । ଦେଖ ଭାଇ କଣ ହେବ, କାଲି ଟାଇପ କରୁଥିଲି ମୋ ମୁଣ୍ଡଟା କେମିତି ବୁଲେଇଲା ବଡ଼ ବାବୁ କହିଲେ "ଯଦି ତୁମ ଦେହ ଭଲ ଲାଗୁନି, ତମେ ଘରକୁ ଯାଇ ପାର ।" ମୁଁ ଚାଲି ଆସିଲି ଅଧେ ଅଧେ ବାଟରେ ମତେ ଲାଗିଲା ଯେମିତି ମତେ ପଛରୁ କିଏ ଠେଲୁଛି । ମୁଁ ଚାଲି ପାରିଲିନି, ରିକ୍ସା କରି ବସାକୁ ଆସିଲି, ରିକ୍ସାବାଲାକୁ ଦ'ଅଣା ପଇସା ଦେଇଛି ।"

ତା'ପରେ କଣ୍ଟୁର ଯେତେଦିନ କାମ କଲା ତା ଭିତରେ କେତେ ରକମ ଚିହ୍ନିଲାନି—କେତେ କେତେ ବୈଦ୍ୟ ଡାକ୍ତରଙ୍କୁ କବିରାଜଙ୍କୁ ଦେହ ଦେଖେଇଛି ନାହିଁ ଦେଖେଇଛି—କେତେ କଷାୟ, ସାଲସା ମିକ୍‌ଚର, ବଟୀକା ଖାଇଛି—ଗୁଣ୍ଡିଆ

Digitized by srujanika@gmail.com

କାଟିବାର ଖାଡ଼ ପୂର୍ଣ୍ଣ କରୁଥାଏ – ଏମିତିକା ଦିନେ ମେସ ଘରର ଗୋବିନ୍ଦା ଙ୍କ ପାନ ଗୁଡ଼ାଏ ଆଣି ତାଙ୍କୁ ଦାନ୍ତ ଛେଚି ମୁଣ୍ଡରେ ବୋଳି ଦେଲା – ତେଲ ମାଲିସ କରିଦେଲା ଦେହ ଗୋଟାକ ଯାକ। କନ୍ଦୁ କଣ ହବ !!

କଣ୍ଡୁରୀ ସାଙ୍ଗରେ ପୁଣି ଯୋଉଦିନ ଦେଖା ହେଲା କଣ୍ଡୁରୀ କହିଲା, ଗୋପୀ ଭାଇନା ଜାଣିଚ ଭାଲ୍ ପରୀକ୍ଷା କଲା ବେଳେ ମୋର ଆଲବୋମେନ୍ ପଡ଼ିଲା – ଡାକ୍ତର ପରୀକ୍ଷା କରି କହିଲେ ଆଲ୍‌ବୋମେନ୍ ତା ପରେ ମତେ ପଚାରିଲେ "ତମେ ବାହା ହେଇଚ !" ମୁଁ କହିଲି "ନାହିଁ" ସେ କହିଲେ "ଭଗବାନଙ୍କୁ ଧନ୍ୟବାଦ" ମୁଁ ବାହା ହେଇନ ନା ହେଲେ ମୋ କଥା ସରିଥିଲା। ଡାକ୍ତର କହିଲେ ଏଠିକା ଜଳବାୟୁ ତମ ଦେହରେ ଯାଉନି ତମେ ସ୍ଥାନ ପରିବର୍ତ୍ତନ କର—ମୁଁ ଅଫିସରେ ଗୋଟାଏ ଦରଖାସ୍ତ ଦେଇଚି ମତେ ଅନ୍ୟ କୌଣସିଠିକି ବଦଳି କରିବା ପାଇଁ ।"

ଭଗବାନଙ୍କୁ ଧନ୍ୟବାଦ – କଣ୍ଡୁରୀର ବଦଳି ହୋଇଗଲା – କର୍କି ମିଲିଟାରୀ ଡିପୋକୁ। ତା ଖବର ମୁଁ ବହୁତ ଦିନ ଯାଏଁ ପାଇଲିନ।

ଗଲ ଦୋଳ ଛୁଟିରେ ଘରକୁ ଯାଇ ଦେଖିଲି ଯେ କଣ୍ଡୁରୀ ଅନ୍ତଗୋଳରେ ବସିଚି। ସେ କର୍କି ଯାଇ କାମରେ ଜଏନ୍ କରିଥିଲା ସତ କିନ୍ତୁ ପହଞ୍ଚିବା ବାସି ଦିନ ତାକୁ ଜର ହେଇଗଲା – ସେଠି ସାଙ୍ଗ ସାଥି କେହି ଜୁଟିଲେନି। ସେ ଭାବିଲେ ବୋଧହୁଏ ମେଲେରିଆ ଜର – ତାଙ୍କ ଅଫିସରେ ଜଣେ ତେଲଗୁ କିରାଣି ତାକୁ କହିଲା ଯେ, "ଦେଖ ଯଦି ତୁମର ଝାଡ଼ା ହେଲା ତେବେ ଜାଣିବ ଯେ ନିଶ୍ଚେ ମେଲେରିଆ ହେଇଚି" ଦୁର୍ଭାଗ୍ୟକୁ ତାର ଝାଡ଼ା ହେଲା। ଥରେ ନୁହେଁ ଦିଥର। ସେ ଅଡ଼ଉଛିଆ ଦେଶର ପଥ ଛାଡ଼ି ରାତି ରାତି ଚାଲି ଆଇଲା। ଅନ୍ତଗୋଳରେ ଯେଉଁଦିନ ପହଞ୍ଚିଲା ସେଦିନ ସତିକୁ ସତ ତା ଦେହରେ ତାତି ଥିଲା। ସେ ଆସି ବିଛଣାରେ ପଡ଼ିଗଲା। ବାପା ବୋଉ ସେବା ଶୁଶ୍ରୂଷାରେ ଲାଗି ପଡ଼ିଲେ। ଯୁବକ ଡାକ୍ତରେ ଆସି ନାଡ଼ୀ ପରୀକ୍ଷା କଲେ, ଜିଭ ଦେଖିଲେ, ଆଖି ଦେଖିଲେ। ବହୁତ ଗୁଡ଼ାଏ ଏଣୁତେଣୁ ଘରେ ଘରେ କଲେ ଆଉ କହିଲେ, "ହାଇପୋକଣ୍ଡ୍ରିଅ"

କଣ୍ଡୁରୀର ବାପା ବୋଉ ଟିକିଏ ମରହଟିଆ ଲୋକ ବୁଝି ପାରିଲେନି – ଡାକ୍ତର ଗଲାଠୁ କଣ୍ଡୁରୀକି ପଚାରିଲେ, "ହେଇପୁଅ କଣ୍ଡୁରିଅ, ଡାକ୍ତର କି ବେମାର ବୋଲି କହିଲେ ?"

କଣ୍ଡୁରୀ କହିଲା, "ହାଇପୋକଣ୍ଡ୍ରିଅ ।"

ବାପା କଥାଟା ଶୁଣି ଘରଅଡ଼କୁ ପେଲି ଚାଲିଯାଇ ପାଟି କରି କହିଲେ, "ହାୟ ପୁଅ କଣ୍ଡ୍ରିଅ ।"

କଥାଟା କଣ୍ଡୁରୀ ବଉର କାନରେ ବାଜିଲାକ୍ଷଣି, ସେ ଧାଇଁ ଆସି କହିଲେ, "କଣ କହୋ ?"

ବାପା କହିଲେ, "ହାୟ ପୁଅ କଣ୍ଡୁରିଅ ।"

ବଉ – "ଅଁ ! କଣ କହୁଛ ମ ?"

ବାପା ମୁହଁ ଥମ ଥମ କରି ପୁଣି କହିଲେ, "ହାୟ ପୁଅ କଣ୍ଡୁରିଅ ।" ବୁଢ଼ୀକୁ ଆଉ ସମ୍ଭାଳେ କିଏ ! ସେ ମୁଣ୍ଡ ବାଡ଼େଇ ହୋଇ କାନ୍ଦିବା ଲାଗିଲେ, 'ହାୟ ପୁଅ କଣ୍ଡୁରିଅ' ।

ବାପାଙ୍କ ତୁଣ୍ଡରୁ ପଦେ ଓ ବଉଙ୍କ ତୁଣ୍ଡରୁ ପଦେ ପାଳି ଦେଲା ଭଳିରେ ଚାଲିଲା, 'ହାୟ ପୁଅ କଣ୍ଡୁରିଅ ।'

ସାରା ପଡ଼ଶା ଶୁଣିଲେ। ହରଗବଉ, ସଇତା ନାନୀ, ମେଙ୍କୀମା ତୁରନ୍ତ ଜମା ହୋଇ ପଡ଼ିଲେ। କଥାଟା ମା ବାପଙ୍କ ତୁଣ୍ଡରୁ ଶୁଣି ଆଉ ସନ୍ଦେହ ରହିଲା ନାହିଁ। ସାଙ୍ଗେ ସାଙ୍ଗେ ଗାଁଯାକ ବ୍ରଡ଼କାଷ୍ଟ ହୋଇଗଲା ଏତେବଡ଼ ଖବରଟା।

କର୍କି ଅଫିସରୁ ନ କହି ନ ବୋଲି ପଳେଇ ଆସିଥିବାରୁ କଣ୍ଡୁରୀ ନାଁରେ ୱାରେଣ୍ଟ ଆସିଲା ଅନ୍ତଗୋଳ ପୁଲିସଥାନାକୁ। ପୁଲିସ ଦାରୋଗା ୱାରେଣ୍ଟ ଓ ସଙ୍ଗିନଧାରୀ ଦୁଇଟା ସିପାହି ସହ ସେଠିକିବେଳେ କଣ୍ଡୁରୀ ଘରଅଡ଼କୁ ତଡ଼ାଦମ ଆସିଗଲେ। ସାଇ ମୁଣ୍ଡରେ ବାହାକୁ ପଚାରିଲେ କଣ୍ଡୁରୀ ଠିକଣା। କଣ ଶୁଣିଲେ କେଜାଣି, ସେଇଠୁ ବାଟେ ବାଟେ ଓ୍ୟାପସ। ଥାନାରେ ପହଞ୍ଚିବା ମାତ୍ରେ ଟେଲିଗ୍ରାମ କରିଦେଲେ – Kanduri dead (କଣ୍ଡୁରୀ ମରିଛି)

ପରେ କଥାଟା ଶୁଣି କଣ୍ଡୁରୀର ମଜା ଖୁସ୍। ତାର ଗୋଟାଏ ଦଶା କଟିଗଲା। ହାଇପୋ କଣ୍ଡ୍ରିଅ ତାକୁ ଦେଲା ବଞ୍ଚେଇ।

Digitized by srujanika@gmail.com

# କଳାକାର

ଲେଖକ:—ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି

ବିମୁଗ୍ଧ ହାସ୍ୟ ଲାସ୍ୟମୟୀ ଜ୍ୟୋତ୍ସ୍ନା !
ଗଭୀର ନିଶୀଥିନୀ । ଗୃହଅଙ୍ଗେ ଶୁନ୍‌ଶାନ୍ ।

ମୁଁ ଛିଡ଼ା ହୋଇଛି ଏକା । ଗଛ ମୂଳରେ । ତା'ର ପ୍ରତୀକ୍ଷାରେ । ଜହ୍ନ ଆଲୁଅରେ କୃତ୍ରିମ ଓ କଦାକାର ପଦାର୍ଥ ସୁନ୍ଦର ହୋଇ ଉଠୁଛି । ଗଛର ଫାଙ୍କ ଦେଇ ଟିକାଏ ଜହ୍ନ ଆଲୁଅ ମୋ ଉପରେ ପଡ଼ୁଛି । ପ୍ରତି ମୁହୂର୍ତ୍ତ ଏକ ସୀମାହୀନ ଯୁଗର ବ୍ୟବଧାନ ଆଣି ଦେଉଛି ।

ଏଇ ଯେ—ସେ ଆସିଲେଣି !

ଫାଟକ-ଅଡ-ଗ୍ରସ୍ତା ସେ ଧରିଲା ।

ଛିଡ଼ା ହବାର ଧୈର୍ଯ୍ୟ ନାହିଁ । ବସିଲି ।

× × × × ×

ଅଧୁନିକ ବିଖ୍ୟାତ କବି ସଜନୀକାନ୍ତ ଗଦ୍ୟ—କବିତାରେ ନିମଗ୍ନ । ଲେଖି ଯାଉଛନ୍ତି—

ଅଗୋ ପ୍ରିୟେ !
କେବେ ଆସିବ ତୁମେ ?
ବକ୍ଷ ମୋର, ସବୁ ମୋର,
ମରଯାଏ ତୁମ ବିନା ।
କେମନ୍ତେ ଜାଣିବ
ତୁମ୍ଭ ପରେ କଣ
ଏ ଗରିବ ମନ ?
ତୁମ ପରି
ଏ ସଂସାରେ
କେ ଅଛି ରୂପସୀ ?
ପ୍ରାଣେ ଅନ୍ତରରେ
ଜ୍ୱଳେରେ ଯାହା
ସହମରେ ନାହିଁ ଫୁଟେ !
ତୁମ ସଂଗ-ସୁଖ ଲଭି
ନିତ୍ୟ କରେ ନୃତ୍ୟ
ସକଳ ଆଶା ମୋର ।
ଆସ, ଆସ,
ମନ-ମନ୍ଦିରେ ମମ !

ଲେଖନୀ ତ୍ୟାଗ କରି କବି ଡାକ ଛାଡ଼ିଲେ—'ଚେମ୍ପୁ ! ଗୁ !' ପୁଷୀ ଗ୍ରହ୍ମ-ବହୁଳ ଭାବେ କହିଲା—'ଚିନି ନାହିଁ ।' 'ମୁଁ କଣ ଶୁଣିବାକୁ ଚାହେଁ ନାହିଁ । ଗୁ, ଗୁ ଗୁ !' ଗରମ ପାଣିରେ ଗୁ ଓ ଲୁଣ ମିଶାଇ, କପେ ଆଣି ପୁଷୀ ଥୋଇ ଦେଲା କବି ଚୁକ୍ ଚୁକ୍ କରି ପିଇ ଦେଲେ । କବିଙ୍କ ହୃଦୟ ଲେଖନରେ ପୁଣି ଛନ୍ଦର ଅଭିନବ—ପ୍ରକାଶ ଲିପିବଦ୍ଧ ହେଉ ଲାଗିଲେ ।

ଯେ କୌଣସି ମତେ କାଲି କବିତାଟି 'ଅଭଗୀ' କୁ ପଠାଯିବ ।

\+ \+ \+

ସୁପଣ୍ଡିତ ବେଦ୍ୟାଭୂଷଣ ଗଦାଧର ଶର୍ମା ମହାଶୟ 'ରାମାୟଣରେ ସତ୍ୟାଗ୍ରହ ଆନ୍ଦୋଳନ' ଶୀର୍ଷକ ପ୍ରବନ୍ଧ ବିଚାର କରୁଥିଲେ ।

'ବାପା ! ବେଳ ହେଲାଣି, ସ୍କୁଲ ଯିବ ନାହିଁ ?'
'ଏଁ ! କେତେଟା ବାଜିଲାଣି ?'
'ଦଶଟା !'

Digitized by srujanika@gmail.com

'ପ୍ରବନ୍ଧ ତ ମୋର ଅଧା ବି ହୋଇ ନାହିଁ । କାଲି ଡାକରେ ପଠାଇବାକୁ ହେବ । ହେଉ ଖରାପ, ଦରଖାସ୍ତଟେ ଲେଖି ହେଡ଼ ମାଷ୍ଟରଙ୍କୁ ଦେଇଥ ।' ପୁଣି କାମରେ ଲାଗିଗଲେ !

× + ×

ପ୍ରତିଭାଶାଳୀ ବ୍ୟଙ୍ଗକାର ଭୂପାଳ ମହାପାତ୍ର ଓରଫ ଜଲ୍‌ଦ କଲମ ଚାଳନା କରୁଛନ୍ତି ।

ଗୃହିଣୀ ପ୍ରବେଶ କରି କହିଲେ – 'ଖାଇବ ନାହିଁକି ?'

ଲେଖନୀ ସ୍ତମ୍ଭିତ ହେଲା ।

'ଥରେ କହିଲେ କଣ ତୁମକୁ ଶୁଭେ ନାହିଁ ? ଲେଖିଲା ବେଳେ କାହିଁକି ମିଛଟା'ରେ ଗୋଳମାଳ କର ? ଯାଅ ଲେଖି ସାରିଲେ ଖାଇବି ।'

'ନବ-ରାମାୟଣ'ଟା ଆଜି ଶେଷ କରିବାକୁ ହେବ !

\+ × +

ସୁନପୁର ଚିତ୍ରଶିଳ୍ପୀ ମିଷ୍ଟର କାନୁନ୍‌ଗୋ ତୂଳି ଓ ରଙ୍ଗ ନେଇ ବ୍ୟସ୍ତ । ଟେପମାର ଗୋଟେ ପାଖ ଖସି ଗଲାଣି । କଚ୍ଛା ଫିଟି ଯାଇ ତଳେ ଲୋଟୁଛି । ଖିଆଲ ନାହିଁ । ଭାବାବେଶରେ ତନ୍ମୟ ସେ । 'ନବ-ରୂପସୀ'ର ସୌନ୍ଦର୍ଯ୍ୟ ଅତି ସାବଧାନତା ଓ ସତର୍କତାର ସହିତ ଫୁଟାଇବାକୁ ପଡ଼ିବ । ସାରା ଭାରତରେ ଏ ଚିତ୍ରଟି ସର୍ବୋତ୍କୃଷ୍ଟ ବିବେଚିତ ହେବ !

ଏ ଭଳି ସଂପୂର୍ଣ୍ଣ ନୂତନ କଳାର ଅବିଷ୍କାରକ ସ୍ୱୟଂ ମିଷ୍ଟର କାନୁନଗୋ । ଏକବାରେ ନୂଆ !

ତାଙ୍କ ସହକାରୀ ଅର୍ଦ୍ଧ-ସ୍ୱରରେ କହିଲା— 'ଝାଡ଼ା ମାଡ଼ିଲାଣି । ଟିକଏ ଆସୁଚି ।'

'ଓଃ ! କି ନୁଇସାନ୍ସ ! ସବୁ ମାଟି ହୋଇଗଲା ।'

ବମ୍ବେଇରେ ଅନୁଷ୍ଠିତ ନିଖିଳ-ଭାରତୀୟ-କଳା-ପ୍ରଦର୍ଶନୀକୁ କାଲି ଡାକରେ ଚିତ୍ରଟା ପଠାଇବାର କଥା !

\+ + +

ପ୍ରଥିତଯଶା ଔପନ୍ୟାସିକ ଛକଡ଼ି ପାଣିଗ୍ରାହୀ ଚମକପ୍ରଦ କୌତୂହଳୋଦ୍ଦୀପକ, ଉପନ୍ୟାସଟିଏ ଆରମ୍ଭ କରିଛନ୍ତି । ଏହାର ବିଶେଷତ୍ୱ ଏହି ଯେ ଏଥିରେ ଷୋଡ଼ଶୀ ରୂପସୀ ନାୟିକାର ସ୍ଥାନ ଆଦୌ ନାହିଁ । ତଥାପି ନାମକରଣ ହୋଇଛି —'ଅହିଛ ପ୍ରୀତ୍ନେ !'

ଚତୁର୍ଥ ପରିଚ୍ଛେଦର ପ୍ରଥମ ପାଦରେ ଉପନୀତ ହୋଇଛନ୍ତି, ବାଡ଼ରେ ଶୁଭିଲା—

'ବାବୁ ପଇସାଟିଏ' !

ପକେଟ ଅଣ୍ଡାଳି ଦେଖନ୍ତି ପଇସା ନାହିଁ ।

ସୂକଟେ ତା ଆଡ଼କୁ ଫୋପାଡ଼ି ଦେଇ କହିଲେ— 'ଶାନ୍ତିରେ ଟିକିଏ ଲେଖେଇ ଦେଲ ନାହିଁ ।'

ପୂର୍ବାପର କଲମ ଚାଲିଲା ।

'ଉତ୍କଳ-ସାହିତ୍ୟ-ସମାଜ' ପକ୍ଷରୁ ଶ୍ରେଷ୍ଠ ଉପନ୍ୟାସ ହିସାବରେ ପାଞ୍ଚ ଶହ ଟଙ୍କା ମିଳିଗଲେ,— ।

ଆଶାର ମରୀଚିକାରେ ଭାସିଗଲେ ।

× × ×

ଐତିହାସିକ ରବି ରେଜନା ଅତି ଅଧିକ ଅଥଚ ମୌଳିକ ଗବେଷଣାମୂଳକ-ପ୍ରବନ୍ଧର ତଥ୍ୟ ସଂଗ୍ରହ କରୁଥିଲେ ।

ନଅଟା ବାଜିଲା ।

ମେସର ଚାକର ଡାଲି ଓ ଶାଗମୁଗ ରଖି ଦେଇ ଚାଲିଗଲା ।

ରବିବାବୁ ଗବେଷଣାରେ ଅସ୍ୱହରା ! ଯା ହେଉ ସେ ସେ ଏତେ ବଡ଼ ଚମତ୍କାର ତଥ୍ୟ ଯୋଗାଡ଼ କରି ପାରିଛନ୍ତି !

'ବାବୁ ! ଭାତ ବଢ଼ା ହେଲାଣି ।'

'ଯାଉଚି ।'

ଖାଇ ସାରି, 'ବିଶ୍ୱ ସଂସ୍କୃତିରେ ଉତ୍କଳର ସ୍ଥାନ' ପ୍ରବନ୍ଧ ଲିପିବଦ୍ଧ କରିବାରେ ଲାଗିଗଲେ ।

ପ୍ରବନ୍ଧଟି ରଏଲ ଏସିଆଟିକ୍ ସୋସାଇଟିକୁ ପଠାଯିବ !

\+ × +

କର୍ମନିଷ୍ଠ ବୈଜ୍ଞାନିକ ପ୍ରବୋଧାନନ୍ଦ ମାହାନ୍ତି 'ଖଡା ଯାନରେ ନକ୍ଷତ୍ର-ଲୋକ ଅନ୍ୱେଷଣ' ଶୀର୍ଷକ ପ୍ରବନ୍ଧ ଲେଖୁଥିଲେ ।

ତାଙ୍କ ଚାରିପଟେ ନାନା ପ୍ରକାର ବୈଜ୍ଞାନିକ ଗ୍ରନ୍ଥ ଗଦା ଗଦା ପଡ଼ିଛି । ଜର୍ମାନୀ ଓ ଆମେରିକାର ବୈଜ୍ଞାନିକମାନଙ୍କ ମତାମତ ତନ୍ନ-ତନ୍ନରେ ପ୍ରଣିଧାନ କରୁଥିଲେ ।

'ହୁଅ !'

'ହଁ, ହଁ, ଦରକାର ନାହିଁ ।'

Digitized by srujanika@gmail.com

'ମା କହୁଥିଲେ ।'

'ଗେଟ୍ ଅଉଟ୍, ଷ୍ଟୁପିଡ୍ ।'

ପିଲାଙ୍କ ଘରରେ ଚିତ୍କାର କରି ଉଠିଲା ।

ସ୍ତ୍ରୀ ହେମଲତା ଡାକ ଛାଡିଲେ – 'ଦୁଧ ଅଣିଲ ନାହିଁ ? ପିଲାଟା କେତେବେଳଯାଏ ଅଉ ଭୋକରେ ରହିବ ?'

କୌଣସି କଥାକୁ କାନ ନ ଦେଇ, ପ୍ରବୋଧ ବିଜ୍ଞାନ ଅନୁସନ୍ଧାନ !

ନୋବେଲ ପ୍ରାଇଜ୍ ମିଳିବାର ଖୁବ ସମ୍ଭାବନା ।

× × + +

ବିଖ୍ୟାତ ବ୍ୟାୟାମ-ବିଶାରଦ ଭୀମସେନ ପଟେଲ ମୁଦ୍‌ଗର ପରିତ୍ୟାଗ କରି ଦେଶ ଓ ଦଶର କଲ୍ୟାଣ ପାଇଁ କଲମ ଧରିଛନ୍ତି ।

'ବ୍ୟାୟାମହିଁ ପରମାୟୁ-ବୃଦ୍ଧିର ପ୍ରକୃଷ୍ଟ ପ୍ରଣାଳୀ' – ରଚନାଟି ଗବେଷଣା ମୂଳକ ।

ସେ ପ୍ରମାଣ କରିଛନ୍ତି – ଭୀମ, ହନୁମାନ ପ୍ରଭୃତି ପୌରାଣିକ ଯୋଦ୍ଧୃବୃନ୍ଦ ବ୍ୟାୟାମ ସାହାଯ୍ୟରେ ଏତେ ଦୀର୍ଘ କାଳ ଜୀବନ ଧାରଣ କରିଥିଲେ ।

ରାମାୟଣ ଓ ମହାଭାରତରେ ସମୁଦ୍ର-ଲଙ୍ଘନ କରିବାରେ ବ୍ୟାପୃତ !

ଚାକର କହିଲା, 'କେହି ଦେଲାନାହିଁ ।'

'ଏଁ ! ଦେଲାନାହିଁ ? ଏକ୍ ଭୁଡ଼ିରେ ଶଳାର ପେଟ ଫଟେଇ ଦେବି !'

ଚାକର ଚାଲିଗଲା ।

ଭୀମସେନ ରଚନାରେ ବ୍ୟାପୃତ ରହିଲେ ।

କାଲି ସକାଳେ ଅଖିଳ-କଳିଙ୍ଗ-ବ୍ୟାୟାମ-ସମିତିର ବାର୍ଷିକ ଅଧିବେଶନରେ ସଭାପତିରୂପେ ଏହି ଭାଷଣଟି ପ୍ରଦାନ କରି ସେ ସମସ୍ତଙ୍କୁ ବିମୁଗ୍ଧ ଓ ଉତ୍ସାହିତ କରିବେ ।

× + × +

ସୁଗାୟକ କୋକିଳ-କଣ୍ଠ ବିନୋଦ ହରିଚନ୍ଦନ ଏକ ଅଭିନବ ଓ ସଂପୂର୍ଣ୍ଣ ନୂତନ ଧରଣର ସୁର-ସଂଯୋଜନାରେ ମଗ୍ନ !

ଉତ୍କଳୀୟ-ସଂଗୀତ-ପଦ୍ଧତିର ପରିଚୟ ଦେବେ ।

ଆଜି ସନ୍ଧ୍ୟାରେ ରାମଚନ୍ଦ୍ର-ଭବନରେ 'ସଙ୍ଗୀତ-ସମ୍ମିଳନୀ'ରେ ଭାରତର ଅନେକ ସୁପ୍ରସିଦ୍ଧ ସଙ୍ଗୀତଜ୍ଞ ଯୋଗଦାନ କରିବେ ।

ଏଇ ତ ସୁବର୍ଣ୍ଣ ସୁଯୋଗ !

ତାପରେ ନିଖିଳ-ଭାରତ-ନେତା'ର ସଂଘ ତରଫରୁ ଆମନ୍ତ୍ରଣ ଦଳେ ଦଳେ ମିଳିବ !

× × + +

ଯା ଭିତରେ ଦୀର୍ଘ ମାସ ବିତି ଯାଇଛି ।

ନୋବେଲ ପୁରସ୍କାର ପାଇ ନାହାନ୍ତି ।

କାହାର ପ୍ରବନ୍ଧ ପ୍ରକାଶ ପାଇନାହିଁ ।

ତଥାପି ସମସ୍ତେ କର୍ମରତ ।

ସାଧନା !

—*—

## କସ୍ତୁରବା ଜାତୀୟ ସ୍ମୃତି ପାଣ୍ଠି

ବାଣପୁର ହାଇସ୍କୁଲର ୮ମ ଶ୍ରେଣୀର ଛାତ୍ର ଶ୍ରୀ ବୈଦ୍ୟନାଥ ମିଶ୍ର ସେଠାରେ କସ୍ତୁରବା ଜାତୀୟ ସ୍ମୃତି ପାଣ୍ଠି ସଂଗ୍ରହ ନିମନ୍ତେ ଯଥେଷ୍ଟ ଚେଷ୍ଟା କରି ଏକ କମିଟି ଗଢ଼ିଛନ୍ତି । ସେଥିରେ ସ୍କୁଲର ହେଡ଼ ମାଷ୍ଟର ଶ୍ରୀଯୁକ୍ତ ଟି: ରଙ୍ଗନାଥମ୍ President; ମଦନ ମୋହନ ମିଶ୍ର Secretary ଏବଂ ବୈଦ୍ୟନାଥଙ୍କ ସମେତ ଅନ୍ୟାନ୍ୟ ୮ଜଣ କାର୍ଯ୍ୟକାରୀ ସଭ୍ୟରୂପେ ସ୍ୱେଚ୍ଛା ପ୍ରଣୋଦିତ ହୋଇ ଯୋଗ ଦେଇଛନ୍ତି । ଓଡ଼ିଶାର ହାଇସ୍କୁଲ ଏବଂ ଛାତ୍ରମାନଙ୍କ ମଧ୍ୟରେ ଏହି ପାଣ୍ଠିକୁ ସହାନୁଭୂତି ଦେଖାଇ ଟିକେଟ ବହିମାନ ମଗାଇ ନେବାରେ ଉକ୍ତ ସ୍କୁଲ ଏବଂ ଛାତ୍ର ପ୍ରଥମ । ଏମାନଙ୍କ ଆଦର୍ଶ ଅତିରେ ଅନ୍ୟାନ୍ୟ ପ୍ରତ୍ୟେକ ସ୍କୁଲ ଏବଂ ଛାତ୍ର ହୃଦୟଙ୍ଗମ କରି ଓଡ଼ିଶାର ଟେକ ରଖିବା ଦେଖିବାକୁ ପଶ୍ଚାତପଦ ହେବେ ନାହିଁ । ଉକ୍ତ କମିଟି ବର୍ତ୍ତମାନ ପାଇଁ ୧୦୦ ଟଙ୍କାର ଟିକେଟ ମଗାଇ ନେଇଛନ୍ତି ।

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ

Digitized by srujanika@gmail.com

# ——ଖାକି——

ଲେଖକ:—ଶ୍ରୀ ବସନ୍ତ ପାଲ

ଖାକି, ଖାକି, ଖାକି
ଦୁନିଆ ତମାମ୍ ଖାକି ହେଲା
ନାହିଁ କିଛି ବାକି
ଖାକି, ଖାକି, ଖାକି ।

ଖାକି ପୋଷାକରେ ଖାକି ପଲଟନ୍
ଖାକି ମଟରରେ କରି ପଲଟନ୍
ଦେଶଟା ହେଲା ମରଘଟରୂପ
ଯୁଦ୍ଧକୁ କରି ସାକ୍ଷୀ
ଖାକି, ଖାକି, ଖାକି ।

ଖାକି ରଜାଙ୍କୁ ଖାକି ମନ୍ତ୍ରୀ,
ଖାକି ନେତା ଅଉ ଖାକି ନେତ୍ରୀ,
ଆମକୁ ଯିନା ଚିହ୍ନୁଛନ୍ତି କଲେ
( ଯାଉ ) ଦେଶକୁ ଦେଇ ଫାଙ୍କି ।
ଖାକି, ଖାକି, ଖାକି ।

ଖାକି ଦେଶରେ ଖାକି ଅଇନ
ଖାକି ବଗୃର ଅଦ୍ଭୁତ ଫାଇନ୍
ଦୁନିଆ ହେଲା ଅଦଳ ବଦଳ
ଖାକି ହାଉଆ ରୁଖି
ଖାକି, ଖାକି, ଖାକି ।

ଖାକି, ବଜାରରେ ଖାକି ପାଲ
ଖାକି ଲୁଚ ତହିଁ ଖାକି ତୁଲ୍
ଟଙ୍କା ଦବୁ ଖାକି ପାଲଟେ
( ଅଉ ) କିସ ରହିଲା ବାକି,
ଖାକି, ଖାକି, ଖାକି ।

ଖାକି ଯୁଗରେ ମାକି ଭାବ
ପ୍ରବୀଣା ଧର୍ମ ନ ଦିଏ ଠାବ
ଦୁଃଖ କୁହାର ଟୋଇ ଯାଏ
ମଳା ମନ୍ଦିଆ ଆଖି
ଖାକି, ଖାକି ଖାକି ।


## କୁବେର ବ୍ୟାଙ୍କ ଲିଃ

ହେଡ୍ ଅଫିସ—କଲିକତା

**ଶାଖା ଅଫିସ ମାନ:—**

ଢାକା, କାଲିମ୍ପଙ୍ଗ୍, ସିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର,
ଶାନ୍ତିପୁର, ତାଡ଼କେଶ୍ବର, ରାଣୀଘାଟ, ବଡ଼ବଜାର ।

**୧୬ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତ ପ୍ରକାର ବ୍ୟାଙ୍କିଂ କାର୍ଯ୍ୟ ନିର୍ବାହ ହୁଏ ।
ଜାଜପୁର ଶାଖା ଶୀଘ୍ର ଖୋଲିବ ।

**ଏସ୍: କେ: ଚକ୍ରବର୍ତ୍ତୀ**
ମ୍ୟାନେଜିଂ ଡାଇରେକ୍ଟର


Digitized by srujanika@gmail.com

# କାନ' ଆ ବଳଦ ଗଳ୍ପାଗଳ୍ପ........

ସଙ୍ଗ୍ରାହକ:—ଶ୍ରୀ ଦେବ ମହାପାତ୍ର

କି ସୁନ୍ଦର କେଶରାଜି ! କି ସୁନ୍ଦର ! !
—ସୁହାସ ତାର ପ୍ରିୟାର ଘନକୃଷ୍ଣ କେଶରୁ ଆଦରରେ ଗୋଟିଏ ଧରି ପ୍ରେମ ଭରା କଣ୍ଠରେ ଗୁନ ଗୁନ କହୁଥିଲା—'କି ସୁନ୍ଦର କେଶ ! ଗ୍ରାମୋଫୋନ ରେକର୍ଡ଼ ପରି କଳା ଆଉ ଚକ୍ ଚକ୍—ଭେଲଭେଟ୍ ପରି ନରମ—'' ଠିକ୍ ସେତିକି ବେଳେ ସେ କେଶଟି ତା ହାତରେ ଉପୁଡ଼ି ଆସିଲା ଆଉ ସୁହାସ ଭୁଲିଗଲା ତା ପରେ କ'ଣ କହିବ !

\+ × +

"ସେ ଲୋକଙ୍କ ସାଙ୍ଗରେ ତମର ପ୍ରେମ କେମିତି ଚାଲିଚି ?"

"ଆଜିକାଲି ତାଙ୍କ କୁକୁର ମତେ ଦେଖିଲେ ଲାଞ୍ଜ ହଲାଏ ।"

× + ×

"ଭୋଳ ସାଧୁମାନେ ସ୍ୱର୍ଗକୁ ଯାଆନ୍ତି ?"

"ହଁରେ ବାପା"

"ଆଉ ଅସୁରମାନେ ?"

"ନାଇଁ"

"କିନ୍ତୁ ଯଦି କୋଟାଏ ଅସୁର ସାଧୁକୁ ଜିଲୋ ପଢାଏ ଦେବେ ସେ ନିଶ୍ଚେ ଯିବ—ନୁହେଁକି ?


ବ୍ୟବସାୟ ଓ ସଞ୍ଚୟର ସୁଯୋଗ

**ପାଇଓନିଅର କମର୍ସିଏଲ ବ୍ୟାଙ୍କ ଲି:—**

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ପାତୁରିଆ, ଇନ୍ଦ୍ରଡି, ଜୟନଗର, ମଙ୍ଗଲପୁର, ମିତ୍ରଗଞ୍ଜ ।

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼ ପାଟନା

(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲା ଯାଉଛି)

ମେନେଜିଂ ଡିରେକ୍ଟର—

ନଜଦଲି ନାଗପୁର ।

**ସ୍ୱା—ପି. ଏନ୍: ରାୟ ଚଉଧୁରୀ ।**

ତ୍ରିଭାଙ୍ଗଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ୧ ଜମା ଦେଲେ—ବ ୪ ର୍ଷ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।


Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ *

( ମଡାର୍ଣ୍ଣ ଚମ୍ପୂ )

**କାନ୍ତ-କବି ବିରଚିତ**

## ( ଘ )

ସମ୍ପ୍ରତି ମୋରରେ,    ସହି ଏହି ଥରରେ
ସାର ସୁନ୍ଦର ସରସ ସିଗାରେଟ୍
ପରଅର ନିରନ୍ତର ଟଣ୍ଣ ମୁଠେ
ନ ଫିଙ୍ଗ ପୁଣି ହଠି    ଚଟାଇ ଦେବ ପଟି
ଏଥକୁ ବନ୍ଦୁରଟି କର ଯାହା ବହୁତ । ଧୋଷା ।
ସଂକ୍ରାନ୍ତ ପୁରୁଷ ଭଳି,    ସାମନାରେ ଯାଇ ମିଳି
ସଜାଇ କହିଲୁ ଯାହା,
ସିହାଣୀ ବାହାରେ ବାହାଃ ॥
ସ୍ୱାଅଲ କରୁଛୁ କେତେ ସରମ ନାହିଁକି ତୋତେ,
ସଭ୍ୟ ଜନର ଏହି    ସ୍ୱଭାବ ପରି ଅଟଇ ?
ସୁରତ, ପୀରତ ଦୁହେଁ    ସହଜ ସଲଗ ନୁହେଁ
ସନୁଲି ସନୁଲି ମୁହିଁ    ସରୁଆ ଗଲିଣି ହୋଇ
ସାଙ୍ଗ ବୋଲି ତୋତେ ଜାଣି ସାନଭାଇ ପରି ମଣି
ସାହସ ବାନ୍ଧିଛୁ ସିନା ସାହା କିଏ ତୋହ ବିନା ॥
ସମ୍ପାଦକ ଗୁଡ଼ା ପାଜି    ଶୁଣିବା ମାତ୍ରକେ ଆଜି,
ସଜ ସଂବାଦ ଛପାଇ    ସହର ଦେବେ କମ୍ପାଇ ॥
ସାହାଯ୍ୟ ପାଇଲେ ତୋର
sure success ମୋର
ସନ୍ଦେହ ନ କର କିଛି share ତୋର ବି ଅଛି ॥
ସାକୁଲ ବଚନ ଶୁଣି    ସଖା ହୋଇଗଲେ ପାଣି
ସବୁର ସହିଲ ନାହିଁ
Shake hand କଲେ ଯାଇ ॥

ତହୁଁ ଦୁହେଁ ଯାକ ହାତ ଧରାଧରି ଲୁଣ୍ଠାଲୁଣ୍ଠି ହୋଇ ମିଳି ମିଶି ଗଲେ ଓ ହାଉଆ ଖାଇବା ପାଇଁ ନଈ କୂଳକୁ ଗଲେ । ବାଟରେ ଅନ୍ୟ ସାଙ୍ଗ ଇୟାରମାନଙ୍କୁ ଭେଟିବାରୁ ସମସ୍ତେ ଏକଜୋଟ ହୋଇ ଗଲେ ।

ଅନନ୍ତର ନଈର ଅନ୍ୟ ଘାଟରେ ସମବେତ ହୋଇଥିବା ଫରୱାର୍ଡ଼ ମଡାର୍ଣ୍ଣ ଗାର୍ଲ ଯୂଥ ଏହି ହସ କୌତୁକ ଫାଜଲାମି ଇତ୍ୟାଦି କରୁଥିବା ମଡ଼ାର୍ଣ୍ଣ ବୟ (boy) ଶ୍ରେଣୀକୁ ଦେଖି ଆପଣା ଆପଣା ମଧ୍ୟରେ ଆଲାପ କରିବାକୁ ଲାଗିଲେ ।

## କୁତୁକୁତୁ

"ମୁଁ ଶୁଣିଲି କାଲି ହରବାବୁ କୁଆଡେ ତାଙ୍କ ଭାର୍ଯ୍ୟା ଉପରେ ଗୋଟାଏ ଚଉକି ଟାଡ଼େଇ ଭାଙ୍ଗି ଦେଲେ ?"

"ହଁ, କିନ୍ତୁ ସେ ଆଜି ସକାଳେ ସେଥିପାଇଁ ଘୋର ଦୁଃଖ ପ୍ରକାଶ କରୁଥିଲେ ।"

"ସେଥିପାଇଁ ଦୁଃଖ କରୁଥିଲେ—ଯାହା ହଉ ଶୁଣି ଖୁସି ହେଲି ।"

"ହଁ ସେଥିପାଇଁ ଦୁଃଖ କରୁଥିଲେ, ନୂଆ ଚଉକିଟା କି ନା !"

× × ×

* Reproduction in part or full is strictly prohibited.

Digitized by srujanika@gmail.com

# ହରିଙ୍କ ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ —**

୧ । ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଉଗରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।



### ୰ କସ୍ତୁରବା

ହିନ୍ଦୁସ୍ଥାନ କହେ ସିଂହଳକୁ
"ଚାଲିଯାଇଛି ମୋ ସ୍ନେହର କନ୍ୟାଟି
ସେହି ଅମର ଧାମକୁ
ଦୁଃଖ ହୁଏଇ ମନେ;
କାରାଗାରେ ସେହି ମୃତ୍ୟୁ ଲଭିଲା
ନ ଦେଖିଲେ ବିଶ୍ୱଜନେ ।
ବୁଢ଼ା ପୁଅଟିକୁ ମୋର ଏକାକୀ ଛାଡ଼ି
ଚାଲିଗଲା କିଏ ଅଛି ମୋ ଦୁଃଖ ବୁଝି,
କେତେ କାମ କରିଥିଲି ମୋ ପାଇଁ ସେହି
ବରିଥିଲି କାରାଗାର ଦୁଃଖ ସହି ।
ପ୍ରକୃତ ସଙ୍ଗିନୀ ଥିଲି ସେ ସତୀ
ଦୁଃଖକୁ ବରିଥିଲି ଜୀବନ ସାଥି ।
ଚାଲିଗଲେ 'ସତ୍ୟମୂର୍ତ୍ତି' ଗଲେ 'ମହାଦେବ'
ଜାଣିତ ନ ଥିଲି ଶେଷେ କସ୍ତୁରୀ ଯିବ ।
ନାମ ଅନୁରୂପ ସେହି କରିଥିଲି କାମ
କସ୍ତୁରୀ ପରି ସେହି ମହକାଇ ଧାମ
ଚାଲିଗଲି ଶେଷେ
ଦେଇଗଲି ଆମ ମନେ ଦୁଃଖ ଅଶେଷ ।
କହେ ସିଂହଳ
ଏ ଦୁଃଖ କରନା ଭଗିନୀ ମୋର
ଫେରିବ କଷ୍ଟେ ସୁଦିନ ତୋର
ହେବୁ ସ୍ୱାଧୀନ
ପୂର୍ଣ୍ଣ ହେବ କସ୍ତୁରୀ କାମ ।

ଶ୍ରୀ କିଶୋର ରଞ୍ଜନ ପାଣିଗ୍ରାହୀ
ନଂ ୪୦୯ ନା.ଗ

### ଅନ୍ତର ମୁକୁରେ

(୧)

ନୀର-ଦରପଣେ ଗୋରୀ ମୁହଁଟିକୁ
ଦେଖୁଥିଲି ଶଶୀ ହସି,
ଏ ପାର ସେପାର ଧାଇଁ ବୁଲୁଥିଲି
କି ଭାବେ ସମୀର ରସି !

Digitized by srujanika@gmail.com

ଝିପି ଝିପି ହସି    ହଞ୍ଜୁଅ ତାରକି
ପତ୍ରାଚୀ-ଗଟନାସନେ,
—ଠାରୁଥିଲ ତାର    ପରାଣ-ବାରତା
କା'ରେ ଉଲ୍ଲସିତ ମନେ ?
ଠାରୁଥିଲ କବା    ସାବିତ୍ରୀଙ୍କ କଥା
"ମୋ ପରି ସେ ହସି ନାହିଁ,
ଦୁଃଖେ ସୁଖେ ନୋହି    ଅଧୀର ରଖିଲେ
ଭୁବନେ ଅକ୍ଷୟ କୀର୍ତ୍ତି ।
ରାଜକନ୍ୟା ହୋଇ    ସତ୍ୟ—ଶାଳ ବନ-
ବାସୀଙ୍କୁ ବରିଲେ ହସି,
ନାରୀ ହୋଇ ଯମ-    ନିକଟୁ ଜୀବନ
ଫେରାଇଲେ ସତ୍ୟେ ରସି ।"
ଠାରୁଥିଲ ଅବା    "ପାର୍ଥ ବୀରବର
ମୋ'ପରି ଉଲ୍ଲସି ମନେ,
ନୋହି ଭୟଭୀତ    କରିଥିଲେ ରକ୍ଷା
ରକ୍ଷଣ-ଶରଣ-ଜନେ ।

(୨)

ଶତ୍ରୁ କରି ମଧ୍ୟ    ସେ ଗୀତରେ ତାଙ୍କ
ହୋଇ ନାହିଁ ଅବହେଳା,
ମୋ'ପରି ସେ ହସି    ଦୁଃଖେ ଅବା ସୁଖେ
ବିତାଇଲେ ଭବେ ଖେଳା ।"
ଠାରୁଥିଲ ଅବା—    "କର୍ଣ୍ଣ ବୀରବର
ସଦା ହସି ମୋହପରି ।
ଦେଉଥିଲେ ଦାନ    ମାଗୁଥିଲେ ଯେ' ଯା
ହୋଇପାରେ ନିଜ ଅରି ।
ସେ ଗୀତ ଶୁଣେ    ପୁତ୍ର-ଶିର ମଧ୍ୟ
ଛେଦିଛନ୍ତି ସ୍ୱହସ୍ତରେ ।
ଧନ୍ୟ ଦାନୀ ସେହି    କଠୋର କର୍ତ୍ତବ୍ୟ
ପାଳିଛନ୍ତି ଅକାତରେ !!
ତୋ'ବକ୍ଷେ ଥାଇଲେ    କେତେ ମଧୁ କଥା
ଶୁଣେ ମୁଁ ଧରଣୀ-ବୁକେ,
ଦେଖିଥିବୁ ତୁହି    ସଖୀସନେ ବସି
ସେ ଲୀଳା ପରାଣ-ସୁଖେ ।

କୁମାରୀ ଶୈଳବାଳା
୧୩ ନମ୍ବର ନାଗବଗ୍ତ

ସ୍ନେହର ନାଗ ଭାଇ ଭଉଣୀଏ,

ଆମର ଜଣେ ପିଲା ଥିଲା ଏ ସେ । ନିଜ ସ୍କୁଲକୁ ଯାଉଥିଲା ଠିକ୍ ସମୟରେ । ଦିନେ ଟିକେ ତା'ର କ୍ଲାସରେ ଡେରି ହେଲା । ହେଡ୍ ମାଷ୍ଟର ଅଣାଏ ଜୋରିମାନା କଲେ । ଆମେ ହେଲେଥିଲେ ଆମ କଳଙ୍କିଆ ପଇସାରୁ ଦେଇଥାନ୍ତେ । ମାତ୍ର ସେ କଣ ତାହା ଶୁଣିବ ? କାନ୍ଦିକାନ୍ଦି ହେଡ୍ ମାଷ୍ଟରଙ୍କୁ କ୍ଷମା ପ୍ରାର୍ଥନା ମାଗିଲା । ତା ଜୋରିମାନା କଟିଗଲା ସତ, ମାତ୍ର ତା ମନରେ ଗୋଟାଏ ଦାଗ ରହିଗଲା । ଏହା ଫଳରେ ସେ ଚିରଜୀବନ ନିୟମିତ ହୋଇ ଅଛି ।

ଏ ପିଲାଟି କିଏ ଜାଣ ? ଯାହାଙ୍କୁ ଆଜି ସାରା ବିଶ୍ୱ ପୂଜା କରୁଛି, ସେହି ଗାନ୍ଧିଜୀ । ଆଜି ଏତିକି—

ତୁମ୍ଭମାନଙ୍କର
କୁମାର ନବକିଶୋର ନଂ ୨୪୮ ନାଗ

## ବ୍ୟଥା

ଜୀବନେ ଯାହାସଙ୍ଗେ ହେଲା ଗୋ ଥରେ ଦେଖା,
ଯାହାର ମଞ୍ଜୁଛବି ହୃଦୟେ ହେଲା ଲେଖା ।
ଯା ଲାଗି ଆଜି ମନ ହୁଅଇ ସଦା ଝୁରି,
ଯାହାର ସମରଣେ ପରାଣ ଉଠେ ପୂରି ।
କା ପାଇଁ ଆଜି କାହିଁ ହେଲେଣି ସେ ମଉନେ,
ଟଳେ କି ଝୁରୁ ନାହିଁ ସେ ଗୋ ମୋର ମନେ ?
ଏତେ କି ସେ ପଥର ହୋଇ ଗୋ ଅଛି ମନ,
କିପରି ରହିଅଛି ଭୁଲି ସେ ମଧୁବନ,
ଯାହାର ମଉନତା ବାଧୁଛି ମୋ ମରମେ
କହିବି କି ନ କହିବି ଗୋ—ଅଛି କି ସେ ସରମେ !

ନରେନ୍ଦ୍ର ନଂ ୧୭୨ ନାଗ

Digitized by srujanika@gmail.com

# କସ୍ତୁରୀବାଈ ଗାନ୍ଧି

## ଜାତୀୟ ସ୍ମୃତିରକ୍ଷା ପାଣ୍ଠି କମିଟି ଅଫିସ

**ଝଗରପଡ଼ା, ପୋ: ଅ: ଚାନ୍ଦନୀଚୌକ; କଟକ ।**

**ତା ୯ । ୫ । ୪୪**

ଆମମାନଙ୍କର ଉଦ୍ଦେଶ୍ୟ କସ୍ତୁରୀବାଈ ଗାନ୍ଧି ଜାତୀୟ ସ୍ମୃତିରକ୍ଷା ପାଣ୍ଠିର ଧନ ମହାମାନବ ଗାନ୍ଧିଙ୍କର ଜନ୍ମଦିନ ଉତ୍ସବରେ, ଦେଶର ନାରୀଶିକ୍ଷା ପ୍ରସାର ନିମିତ୍ତ ବ୍ୟୟ ହେବାପାଇଁ, ତାହାଙ୍କୁ ଭେଟି ଦିଆଯିବ । ଯେଉଁ ମହାମାନବ ଜାତୀୟତା ଶିକ୍ଷାଦେଇ ଦେଶବାସିଙ୍କର ସ୍ୱାଧୀନତାର ପଥ ପ୍ରଦର୍ଶକ ହୋଇ ପାରନ୍ତି ସେପରି ବ୍ୟକ୍ତିଙ୍କୁ ଯେଉଁ ଦେଶ ବା ଜାତି ସମ୍ମାନ ନଦେଖାଏ ତାକୁ ପଶୁ ଶ୍ରେଣୀଭୁକ୍ତ କରାଯାଏ ।

ମହାତ୍ମା ଗାନ୍ଧି ଆଜି ତାଙ୍କ ସ୍ତ୍ରୀଙ୍କୁ ହରାଇ ମନରେ କୌଣସି କୌଣସି ସମୟରେ ହେଲେ ନିଶ୍ଚୟ କ୍ଷୋଭ ଆଣୁଥିବେ । ଆମେମାନେ ଚେଷ୍ଟାକରି ଯଦି ଏହି ପାଣ୍ଠିର ସ୍ଥାୟିତ୍ୱ; ତାଙ୍କୁ ପାଣ୍ଠିଧନକୁ ଭେଟିଦେବା ଦ୍ୱାରା ଜଣାଇଦେବା, ତେବେ ସେ ବର୍ତ୍ତମାନ ସମୟରେ କସ୍ତୁରବାଙ୍କୁ ମନେପକାଇ କ୍ଷୋଭ ଅନୁଭବରେ ଯେତିକି ସମୟ ଆମମାନଙ୍କର ସୁଖ ସୁବିଧା ଭାବିବାରୁ ବିରତ ରହୁଥିବେ ସେତିକି ସମୟ ତାଙ୍କୁ ସେ ଦିଗରେ ଭାବିବାକୁ ସୁବିଧା ନଦେଇ ପୁଣି ଆମପାଇଁ ଲଗାଇବାରେ ନିୟୋଜିତ କରାଇ ପାରିବା । କାରଣ ସେ ବୁଝି-ପାରିବେ ଯେ, କସ୍ତୁରୀବାଈ ଜୀବିତ ଥିଲେ ଯେତିକି ଦେଶସେବା କରିପାରିଥାନ୍ତେ, ସେ ମରି ସୁଦ୍ଧା ତଦପେକ୍ଷା ଅଧିକ ସେବାକରି ପାରୁଛନ୍ତି ଅର୍ଥାତ ସେ ଚିରଦିନ ବଞ୍ଚିରହି ସେବା କରୁଛନ୍ତି ବୋଲି ମଧ୍ୟ ମନେହେବ । ତଦ୍ଦ୍ୱାରା ସେ ଯେତିକି ଶାନ୍ତି ଲାଭ କରିପାରିବେ, ଆମେ ଆମ ଆଦର୍ଶ ନେତାଙ୍କୁ ଉପଯୁକ୍ତ ସମ୍ମାନ ଦେଖାଇ-ବାରେ ସେତିକି ସମର୍ଥ ହୋଇପାରି ତାଙ୍କଠାରୁ ପ୍ରକୃତ ଜାତୀୟତା ଶିକ୍ଷାକରିଛୁଁ ବୋଲି ସ୍ୱୀକାର ପୂର୍ବକ ଯଥେଷ୍ଟ ଗର୍ବ ମଧ୍ୟ ଅନୁଭବ କରିପାରିବା । ଏପରି ସୁଯୋଗ ଆମମାନଙ୍କୁ ଉକ୍ତ ପାଣ୍ଠିର ଟିକେଟ କିଣିବା ଦ୍ୱାରା ହିଁ ମିଳିବ । ତେଣୁ ପ୍ରତ୍ୟେକ ଦେଶବାସୀଙ୍କୁ ଅନୁରୋଧ ଯେ, ସେ ଏପରି ସୁଯୋଗରେ ଖ୍ୟାତି ଅର୍ଜନ କରିବାକୁ ଅବହେଳା କରିବେନାହିଁ । ଭାରତବର୍ଷ ମଧ୍ୟରେ ୭୫ ଲକ୍ଷ ଟଙ୍କାର ଟିକେଟ ବିକ୍ରି ହେବାପାଇଁ ସ୍ଥିର ହୋଇ-ଅଛି ଏବଂ ଆମେ, ଓଡ଼ିଶାବାସୀ ସେଥିରୁ ୧ ଲକ୍ଷ ଟଙ୍କାର ଟିକେଟ କ୍ରୟ କରିବାକୁ ଜଣାଇଛୁଁ । ଏହି ବାଟରେ ଯଦି ଆମେ ଆଉ ଅଧିକ ଟଙ୍କା ଦେଇପାରିବା ତେବେ ଚରିତ ହୋଇ ମଧ୍ୟ ଆମେ ଆମର ସମ୍ମାନ ଅଧିକ ବଜାଏ ରଖିବାରେ ସମର୍ଥ ହୋଇଥିବା ଜଣାଇ ବିଶେଷ ଗର୍ବ ଅନୁଭବ କରିବା । ଏହା ପ୍ରତ୍ୟେକ ଦେଶ-ପ୍ରେମୀ ବନ୍ଧୁଗଣ ହୃଦୟର ଅନ୍ତରତମ ପ୍ରଦେଶରେ ଅନୁଭବ କରିପାରିବେ । ତେଣୁ ଏଥିପ୍ରତି କର୍ତ୍ତବ୍ୟ ବିଷୟ ତାହା ଆଉ ତାଙ୍କୁ ବୁଝାଇବା ଅନାବଶ୍ୟକ । କେହି ଉପ୍ରଶ୍ନୀ ବାଛି ଏଥିନିମିତ୍ତ ଟଙ୍କା ଦାନ ଦେଲେ ଆମ୍ଭେମାନେ ଉପରୋକ୍ତ ଠିକଣାରେ ତାହା ପାଇପାରିବୁଁ ।

**ଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ**
ଭାରତ ସେବକ ସମିତି

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

ସଞ୍ଚୟୀ ସର୍ବତୋଃ ଜୟୀ । ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା ! ନିଜ ଶକ୍ତି ଅନୁସାରେ ସଞ୍ଚୟ କରିବା କେତେ ନିତାନ୍ତ ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ଯୋଗୁଁ ଅଭାବଗ୍ରସ୍ତ ଲୋକମାନେ କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାରକଲେ ଜଣାଯିବ । ଜୀବନର ଦାୟିତ୍ୱ ନେବା ଛଡ଼ା ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ । ସାମୟିକ କିଛି କିଛି କିସ୍ତି ଟଙ୍କା ଦାଖଲ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ ।

### ସୁଦୃଢ଼ତାର ପରିଚୟ—

୧୯୪୨ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବୀମାର ପରିମାଣ ୧୯ କୋଟି ୩୬ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବାର୍ଷିକ ଆୟ ଏକ କୋଟି ୧୦ ଲକ୍ଷ ।
ବୀମା ପାଣ୍ଠି ୦ କୋଟି ୨୧ ଲକ୍ଷ ।
ମୋଟ ସମ୍ପତ୍ତିର ପରିମାଣ ୪ କୋଟି ୩୬ ଲକ୍ଷରୁ ଊର୍ଦ୍ଧ୍ୱ ।
ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଂସ୍
କଲିକତା ।

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗେନାଇଜର
କଟକ ।


Printed & published by G. C. Mahapatra at the Gopinath Press, Bhadrak. 1944.

ବାର୍ଷିକ ତିନି ଟଙ୍କା ଆଠଅଣା    ରାଜସଂସ୍କରଣ ବାର୍ଷିକ ପାଞ୍ଚଟଙ୍କା

Digitized by srujanika@gmail.com

୮ମ ବର୍ଷ ଜ୍ୟେଷ୍ଠ—ଦ୍ୱିତୀୟାର୍ଦ୍ଧ ୨ୟ ସଂଖ୍ୟା




Digitized by srujanika@gmail.com

ବାତରକ୍ତ ଓ କୃଷ୍ଟର                                    ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଜ୍ ବା ବିକୃତ ଚର୍ମ, ସର୍ବାଙ୍ଗୀନ ଜ୍ୱାଳା ଶରୀରର ଅବସାଦ, ମୂତ୍ରବନ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ **ଅମୃତ** ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର **ଛଜ ପ୍ରଭୃତି ଅଳ୍ପରେ ଅରୋଗ୍ୟ ହୁଏ ।** ଏକ ଶିଶି ୫୨୯ଙ୍କା ମାତ୍ର ୫ ୨ ୯ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦାଚାର୍ଯ୍ୟ

ଆଲମଚାନ୍ଦ ବଜାର, କଟକ

---

## କଲକଲା ସ୍ୱାସ୍ଥ୍ୟ ନିବାସ

କୁଷ୍ଠ ରୋଗୀଙ୍କ ସେବା ପାଇଁ କଲକଲାରେ ଏହି ସ୍ୱାସ୍ଥ୍ୟ ନିବାସ ଖୋଲା ହୋଇଅଛି । **ବଇରି** ରେଲ ଷ୍ଟେସନ ଠାରୁ ୭ ମାଇଲ ପଶ୍ଚିମକୁ କଲକଲ । ସେଠାରେ ରହିବାର ଏବଂ ଚିକିତ୍ସାର ବନ୍ଦୋବସ୍ତ ହୋଇ ଅଛି । ସ୍ୱାସ୍ଥ୍ୟପ୍ରଦ ସ୍ଥାନ । ନିମ୍ନ ଠିକଣାରେ ପତ୍ର ବ୍ୟବହାର କରନ୍ତୁ ।

**ଲକ୍ଷ୍ମୀନାରାୟଣ ସାହୁ**

ଭାରତ ସେବକ ସମିତି କଟକ ।

ସମ୍ପାଦକ
**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସମ୍ପାଦକ
**ଶ୍ରୀ ରାଇମୋହନ ଦାସ**

Digitized by srujanika@gmail.com

୮ମ ବର୍ଷ
୨ୟ ସଂଖ୍ୟା
ଜ୍ୟେଷ୍ଠ ଦ୍ୱିତୀୟାର୍ଦ୍ଧ
ତା ୧୬-୬-୪୪ ରିଖ

# ଡଗର

## ହୁକା ହୁକା ହୁଆ

( ବିଲୁଆ ବିଗୁର )

— ପାକ୍ଷିକ —
ବାର୍ଷିକ ଟ ୩।
ପ୍ରତିସଂଖ୍ୟା — ୦/୬
ଡାକଖର୍ଚ୍ଚ ଗଣା ୦ ୬ ୯

ହ୍ୱିଟେକ୍ ହାଟ ବଜାରରେ ହମେଶା ଡଗର ସ୍ୱଲ୍ପ—ମନ୍ତ୍ରୀ ଝମେଲ ଦେଖ । ଯଉଁଠି ଏତେ ଜଞ୍ଜାଳ + ମେଣ୍ଢାବାଳ, ସେଠି ପୁଣି ଅସ୍ୱଚ୍ଛ ଘୋଡ଼ା × ମଇଁଷି ଅସିଗଲ କମିତ !

ତାଙ୍କର ହୃଦାର ତ କଣ୍ଠ ନାହିଁ ଏଥିରେ । ସିଧା ସଳଖ ସରଳ କଥା । ପଣ୍ଡିତ ହେଲେ ପଣ୍ଡିତ, ଅଉ ଶଠ ହେଲେ ଶଠ । ଉତ୍ତର ମେରୁରୁ ଦକ୍ଷିଣ ମେରୁ ତଫାତ୍ ! ସମସ୍ତେ ଜାଣନ୍ତି, ଦୁଇ ମେରୁର ଯୋଗସୂତ୍ରରୂପୀ ଯଉଁ ମେରୁ-ଛଦ୍ମନ ( ମେରୁଦଣ୍ଡ ) ରେଖାଟା, ସେଇଟା କାଳ୍ପନିକ ।

\+ × ×

ଗରିବ ମାଇପ ସଭିଙ୍କର ଟାପରା । ନଟାଣୁଆ ଯେ ହେଲା ତାର ସବୁ ଦୋଷ । 'ଅବଳାରେ ପଡ଼ିଛ ଭୁଲି' ଦେଖ ତାହାର ଯାହା ଇଚ୍ଛା ସେ କହିଯାଉଛି । ପଣ୍ଡିତ ଲୋକର 'ଲକ୍ଷ୍ମୀ' ଅଣ୍ଡା କରି କିଛି ଦର ହାସଲ କଲେ ତ ଅଉ କାହା ଦାନ୍ତ ସହୁନାହିଁ କାହିଁକି ? ପଣ୍ଡିତ ହେଲେ ବୋଲି କଣ ଡ୍ରାଇଭରଙ୍କୁ ବେନ ପାଇବାର ଅଧିକାର କାହାର ନାହିଁ ? ଏସବୁ ଜୀବନର ପ୍ରାଇଭେଟ କଥା ଅର୍ଥାତ୍ ପ୍ରାଇଭେଟ ଜୀବନର କଥା ଘଣ୍ଟା ଟେକଟା କରି ପଣ୍ଡିତମାନେ କ ମୁଖ ପାଉଛନ୍ତି ଭଲ ? ଅଣ୍ଡାକୁ ବସିଲେ କମ୍ବଳ ଯାଏ ତ —

× + × ×

ଶଳ ଜାତିର ଲକ୍ଷଣ ଯେ ସେମାନେ ବଡ଼ ସହର୍ଷୀ । କଳୁ ସହ ସହ ଯେବେ ଦୁଇଜଣ ଝଗଡ଼ା ଉଠନ୍ତି, ତାଙ୍କର ଅଉ ଥାନ ଜ୍ଞାନ ନଥାଏ । ଦଳ ମର୍ଦ୍ଦନ କରି ପକାନ୍ତି । ଠାକୁରେ ସେଥିପାଇଁ ତାଙ୍କୁ ଶିଙ୍ଗ ଦେଇ ନାହାନ୍ତି । ତେବେ ତାହା ବଦଳରେ ଯଉଁ ଦାନ୍ତ ଯୋଡ଼ାକ ଦେଇଛନ୍ତି ତାର କାରଣ ବି ଜଣା ନୁହେଁ । ଏଣିକି ଭଷା ଯେ ଅମ ଦନ୍ତାଗଜ ଦାନ୍ତ ବ୍ୟବହାର କରି ନାହାନ୍ତି—ଗାଲି ମୁଣ୍ଡ ହଲରେ ତ ଅଥୟ ! ଯୋଡ଼ପାହାଡ଼ା ତ ଅଛି ! ଦାନ୍ତ କଥା ଚେଣିକ ଥାଉ ।

× × × +

ଶୁଣିବାରେ ପଣ୍ଡିତେ ଦଶ ମାଷ୍ଟର ବାହାରି ବେକରେ ଚଢ଼ି, ଅଙ୍କୁଶ ମାରି ଗଜଙ୍କୁ ଚଳାଉଥିଲେ । ଯେତେବେଳେ ସୀମା ଲଂଘିଲା ସେତେବେଳେ ଯେତେ ସହର୍ଷୀ ହେଲେ ବି, ଜନ୍ତୁ ତ ! ଅସ୍ମ ମର୍ଯ୍ୟାଦା ହରମ କରି କେତେ କାଳ ଚଳିଏ ଚଳିବ ! ସେ ମଣିଷ ହେଉ ବା ଗଜ ହେଉ । ହାତି ଗଲ ମାତି । ଅଉ ସମାନେ କିଏ ! ତେବେ ଏଣିକି ଭଷା ଯେ ମୁଣ୍ଡ ହଲାଇ ମାହୁନ୍ତଙ୍କୁ କବୁଲି ଦେଇଛି ମାଫ । ପାଦରେ ଦଳି ବା ଦାନ୍ତରେ ଫୋଡ଼ି ନାହିଁ । ବାଇହା ହାତୀ ହୋଇଥିଲେ ସେ କଥା ନଥର ।

× × + ×

ଛୋବା, ଛୋବା—ହାୟ ମଇଁପୁଅ ! ଖାଣିଆ ମେଣ୍ଢା ହୋଇ ଓଧ ସାଙ୍ଗରେ ଭୁଅ ବିରୋଧ ବାଇ ହେଲା କିଆଁ ଭଲା ? ମୋଟ ବୁଦ୍ଧିରେ କି ଗଜମତି ଟେଳ ? କଳିଯୁଗରେ ଗୁଣବନ୍ୟ ସହିତ ବାଇବାଇ କରିବା ଯାହା, ସର୍ପ ଗୃହରେ ବାସ କରିବା ଯେ ସେଇଆ । ମଇଁପୁଅଙ୍କ ପାଇଁ ଦୁଃଖ ହେଉଛି । ଏବେ ସେ ଅନୁତାପ କରି କହୁଥିବେ ପରା—

"ସଖି ମୁଁ କି ବୁଦ୍ଧି ହୁଡ଼ିଲି;
ତୋତେ ନ ପଚାରି ଅଜ ମୁଁ ଅଥଳରେ ବୁଡ଼ିଲି ଲୋ ।
ଏତେବେଳେ କିଏ ଅଉ କଣ କରିବ ?
ଯେ ଯେଉଁ ଭଳି କର୍ମ କରି,
ତା ଫଳ କର୍ମକୁ ଅନୁସରି ।

\+ + × +

ବାଳ ରହିଲେ ଗଜ ଲାଙ୍ଗୁଡ଼ । ହାତୀ ଗୁଳ ଥାଏ ଲାଙ୍ଗୁଡ଼ ଦୋହଲୁଥାଏ । ଦୋହଲୁ ଦୋହଲୁ କେବେ ଏପଟ କେବେ ସେପଟ— ନିଜ ଗଜଜରେ ନ ହେଉ ପଛକେ, ମଶା ମାଛି ଘଉଡ଼ାଇବା ନିମନ୍ତେ ତ । ମାଫ ଟେକରଙ୍କ back door ଉହାଡ଼ କରି ରହିବା କାମ ସେଥିଁ ତାଙ୍କର—

Digitized by srujanika@gmail.com

ଉଜରଜ ଯେ ତାଙ୍କୁ ନିତାନ୍ତ ନିରନ୍ନ କରିବେ ତାହା ମନେ ହେଉ ନାହିଁ । ଯଦିବା କରନ୍ତି ତେବେ ତାଙ୍କ ପ୍ରଣୀତ ପୁଳକ 'ସପାଇ' ନାମ ଦ୍ୱାରା ସେ ପୁଣି ଶାମ୍ପେନଙ୍କ ମନଭେଦ ପାରିବେ ବୋଲି ଆଶା କରାଯାଏ । ଯେତେବେଳେ ସ୍ଥାନଟା ତାଙ୍କର ଅଭିଜାତ୍ୟ ଥାଉ ଏତିକି ଆମେ କାମନା କରୁଁ । ଏବା ପାଞ୍ଚଶ ଟଙ୍କା ଇନାମର ସଙ୍ଗୀତ ଚର୍ଚ୍ଚାଟା ହୋଇ ପାରିଥିଲେ ସୁଧ ଉପରେ ଚଳନ୍ତିର କଟି ଥାନ୍ତା । ଏଥିପାଇଁ ଆମେ ଦୁଃଖିତ । ହଉ, ରାଜସେବା କରିଥିଲେ ବଖତବେଳେ କାମରେ ଆସିବ । କଣ୍ଡେଲେକ ହୋଇ ଥିବ, ନୋହିଲେ କଣ୍ଡେଲେକ ହୋଇଥିବେ ।

× + ×

ପାଟ ମନ୍ତ୍ରୀ ମହାଶୟଙ୍କ ରେଡିଓରୁ ଜଣା ପଡ଼ୁଛି ଯେ ଶୀଘ୍ର ଓଡ଼ିଶା ଜିଲ୍ଲାବୋର୍ଡ଼ ମୁନିସିପାଲିଟିମାନଙ୍କର ନିର୍ବାଚନର ସପକ୍ଷେ ଥିଲେ ମାତ୍ର ମିଶ୍ର ମନ୍ତ୍ରୀଙ୍କ ବିପକ୍ଷତା ହେତୁ ତାହା ହୋଇ ପାରି ନ ଥିଲା ଏବଂ ଏହା ତାଙ୍କ ଦୁହିଙ୍କ ମନୋମାଳିନ୍ୟର ଗୋଟିଏ ପ୍ରଧାନ ହେତୁ । ଏଥର ଇଶ୍ୱରଙ୍କ ତିରୋଧାନ ସଙ୍ଗେ ସଙ୍ଗେ ପୁଣି ନିର୍ବାଚନ ଖେଳ ଲାଗିବାର ସମ୍ଭାବନା । ଯାହାହେଉ ଏ ଲଢେଇର ଅଡଙ୍ଗ ଓ କଣ୍ଟ୍ରୋଲର ଅଭାବ ବେଳରେ ଭୋଟ ଭିଟ ପାଳିରେ ମାତି ଲୋକେ ଟିକିଏ ମୁହଁ ଓ ମନ ବଦଳାଇ ନେବେ—ଏତିକି ସାନ୍ତ୍ୱନା । କେବଳ ଦୁଃଖ ହେଉଛି ଅନୁଗୃହୀତ ସ୍ପେଶାଲ ଅଫିସର ଗୁଡିକ କଣ କରିବେ । ଲକ୍ଷ୍ମୀଙ୍କ ବରପ୍ରୁରୂପ ଜୀବନବୀମା କୋମ୍ପାନୀରେ ଏଜେନ୍ସି ଗୋଟାଏ ଗୋଟାଏ ମିଳି ପାରିବ ନାହିଁ କି ?

\+ × +

ପରଜାସାହାବ ବିଶ୍ୱବିଦ୍ୟାଳୟର କୁଳପତି ହେବାରୁ ରେଭେନ୍ସା କଲେଜର ଅଧ୍ୟକ୍ଷ ହେବାର ପାଳି ଏସ, ରାୟଙ୍କର ପଡ଼ିବ ବୋଲି ସ୍ୱଭାବତଃ ଲୋକେ ଭାବିଥିଲେ । ମାତ୍ର ତାଙ୍କୁ ପଥର ଚପା ଦେବା ଉଦ୍ଦେଶ୍ୟରେ କୁଆଡ଼େ ଦେଶଙ୍କ ମୁଣ୍ଡରେ ଦୁର୍ଦଶାଯାକ ନାମ ନିଦନ କରାଗଲା । ମାତ୍ର ଏହା ଅମୂଳକ, ଅସଙ୍ଗତ ଓ ଅସମ୍ଭବ ବୋଲି ଜଣା ପଡିବାରୁ ଶୁଣାଯାଏ ଏବେ କଳ୍ପନା ଚାଲିଛି ଯେ ପରକା ଅଧ୍ୟକ୍ଷତା ଛତିକାଷଣି ବାହାରୁ ଜଣଙ୍କୁ ଅଧ୍ୟକ୍ଷ କରି ଆଣାଯିବ ଯେପରି ଏସ ରାୟ, ପଥର ପ୍ରୁଷ୍ଟାଇ ଅଧ୍ୟକ୍ଷ ହେବା ପାଇଁ ଗଳା ମାରି ନ ପାରନ୍ତି ।

ଏ ସବୁ ବଗର ପଣ୍ଡିତଙ୍କ 'ରଜୁଗର କଥା । ତାଙ୍କ ଶିକ୍ଷା ମନ୍ତ୍ରୀତ୍ୱ ଅମଳରେ ଶିକ୍ଷା ବିଭାଗ ରୂପ ଗୁହାଳରେ ଯେତେ ଗୋବର ଜମା ହୋଇଛି ତାକୁ ସାଫ କରିବା ନିମନ୍ତେ ହେରକୁଲସ ଭଳିଆ ଜଣେ ବଳଶାଳୀ ବ୍ୟକ୍ତି ଦରକାର । ମିଶ୍ରରଙ୍କ ଅସ୍ତାଚଳକୁ ଗଲେ ମଧ୍ୟ ତାଙ୍କ ଚରଣ ପ୍ରାପ୍ତ ଅନେକ ଦିନୁ ଅଛନ୍ତି । ଏମାନଙ୍କ ଦ୍ୱାରା ସାଫ ନ ହେବା ଯାଏ ଶିକ୍ଷା ବିଭାଗର ଭାଗ୍ୟ ଫେରିବାର ଆଶା ବୃଥା । ଏଥିପାଇଁ ଦନ୍ତାବଳର ବଳ ଲୋଡ଼ା ।

\+ + +

ସୁବିଖ୍ୟାତ ବୈଜ୍ଞାନିକ ଓ ଦେଶ ସେବା ବ୍ରତ କର୍ମବୀର **ଆଚାର୍ଯ୍ୟ** ପ୍ରଫୁଲ୍ଲ ଚନ୍ଦ୍ର ରାୟ **ଆଉ** ଇହ ଜଗତରେ ନାହାନ୍ତି । ତାଙ୍କର ତିରୋଧାନରେ ବଙ୍ଗର ଶେଷ ଉଜ୍ଜ୍ୱଳ ନକ୍ଷତ୍ର ଅସ୍ତମିତ ହୋଇଗଲା । ଏହି ମହାପୁରୁଷଙ୍କର ଅମର ଆତ୍ମା ଉଦ୍ଦେଶ୍ୟରେ 'ଡଗର' ଭକ୍ତି ଅର୍ଘ୍ୟ ଅର୍ପଣ କରୁଛି ।

ରଜା ଓ ପଣ୍ଡିତଙ୍କ ଲଢ଼େଇ ଲାଗିଛି ମହାନଦୀ ଘାଟରେ ଯେପରି ଲାଗିଥିଲା ଗଜ-କଚ୍ଛପଙ୍କର ଗଣ୍ଡକୀ ଘାଟରେ ସତ୍ୟ ଯୁଗରେ । ( ତେବେ କଣ ସ୍ୱରାଜର ଏ କି ସତ୍ୟଯୁଗ ପରି ? ) ଏ ଯୁଦ୍ଧ ଯେ ଜର୍ମାନ--ଇଂରେଜ ଯୁଦ୍ଧପରି କମେ ଘଟେନାହିଁ ଅମୃତ ଏଥିରେ ସନ୍ଦେହ ନାହିଁ । ମାତ୍ର ଲାଟସାହେବ ଯଦି ୯୩ ଧାରା ରୂପ ବୋମା ଖସାଇ ଦିଅନ୍ତି, ତେବେ ସବୁ ସରିବ ଏକାଥରକେ । ଯେପରି ଲାଗୁଛି, ମାନ୍ୟବର ଲାଟ ମହୋଦୟ ଏତେ ବେରସିକ ନୁହନ୍ତି ଯେ ଦେଶ ବାସିଙ୍କୁ ଏପରି ଗୋଟାଏ ମଉଜରୁ ବଞ୍ଚିତ କରିବେ । + +

## ନୋଟିସ

### ଓଡ଼ିଶା ସର୍ଭେ ଟ୍ରେନିଂ ସ୍କୁଲ-ଅସୁରାଳି

ପୋ: ଅ: କୋଠାର-ବାଲେଶ୍ୱର

ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଓ ଗଡ଼ଜାତ ମାନଙ୍କର ଯେକୌଣସି ସ୍ଥାନରେ ପନ୍ଦର ଜଣରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଏକତ୍ର ହୋଇ ଜଣାଇଲେ ସେ ସ୍ଥାନକୁ ଶିକ୍ଷକ ଯନ୍ତ୍ରାଦି ସହ ଯାଇ ସର୍ଭେ ଶିକ୍ଷାଦେବେ, ନିୟମାବଳୀ ପାଇଁ ହେଡମାଷ୍ଟରଙ୍କ ନିକଟ ୨ ଟ୦୯-ର ଡାକଟିକେଟ ପଠାନ୍ତୁ !

Digitized by srujanika@gmail.com

ବିଲେଇ ହାତରେ ..............




ଆମ ଘରଣୀ ତାଙ୍କ ବାପଘରୁ ଲେଖିଥିବାକୁ ଅଫିସରୁ ଦିନ୍‌ଟାଏ ଛୁଟି ଥାଏ । ମୁଁ ଭାବିଲି ଯାଉଛି ଟିକେ ରଞ୍ଜିବାବୁଙ୍କ ଅଡ୍ଡା ଘେରିଟାଏ ମାରିଦେଇ ଆସେ—ଭାବି ଘର ବାହାରିଲି । ଦେଖା ଗୁଡ଼ା ହେଲା, ରଞ୍ଜିବାବୁଙ୍କ ଘରେ ଘର ବମ୍ଭଉଥିଲେ, ମୁଁ ଭାବିଲି, "ନାହିଁ ଗାଳି ଯୋଡ଼ାକ ବାନ୍ଧା ବାଡ଼ରେ ପଶିଲେ ଗାଡ଼ିଯାକ ହାନସ୍ତା ହେବା କଥା ।"

ତାଙ୍କ କଣ୍ଠା ଟୋଗଣୀ ଦେଇ ସାର ସନ୍ତୋଳିଆ ଚିନ୍ତା ଉପରେ ମଞ୍ଚେଣା ହିଏ ପାରି ଦେଲି । ମତେ ଖେଳ ହେଉ ନ ଥିଲା—ଜମିଲା ଯୋଗୁ ଖେଳ ବିଚାର ବନ୍ଦ ହୋଇ ଯାଇ-ଥିଲା । ମୁଁ ଭାବିଲି ଘରେ ଅଳ ଅଳ ରଙ୍ଗା ଚଢ଼ା ବହିବାନ । ଲଣ୍ଠନଟା ଦରବୁଜା କରି କବାଟ କଣରେ ରଖି ଦେଇ ଟିକିଏ ଗଡ଼ପଡ଼ ହେଲି । ଏକ୍ଟିଅଟ ଅନ୍ଧାରଅରେ ଗଡ଼ପଡ଼ ହେଲେ ଜାଣନ୍ତି ତ, ଗୁଣ୍ଡ ଗୁଣ୍ଡ ଅପଣା କଥା, ଅଫିସ କଥା, ଗାଈ ଗୋରୁ କଥା, ଘରବାଡ଼ି କଥା, ଟଙ୍କାବାବୁ କଥା, ଏମିତି ଏମିତି ବାର କଥା, ବାର ଚିନ୍ତା ମନରେ ଆସିଲା । ରଞ୍ଜି-ବାବୁଙ୍କ କଥା ମନେ ପଡ଼ିଇଲା ବେଳକୁ ମନଟା ଭୁକ୍ତାକୁ ଢଟା ହୋଇଗଲା—ଅଭ ଗଡ଼ାରୁ ଅମ୍ବିଳା, ଅମ୍ବିଳାରୁ ଚିତା, ଚିତାରୁ ଟିକେଟିଅ ପିତା ହେବାକୁ ଲାଗିଲା । ଅପଣାକୁ ଅଟେ କେଉଁଠି ପାଟରେ ଛୁଇ କରି ଶୋଧନ ଦେଲି । ଅଭ ଜଣଚେ ! ସମସ୍ତେ ଏତେ ମଜା କରୁଛନ୍ତି, ଫୁର୍ତ୍ତି କରୁଛନ୍ତି, ଅହ୍ଲାଦ କରୁଛନ୍ତି, ମୁଁ ଭଳିଅଙ୍କ ଭଳିଆ ଅଙ୍ଗ ମେଲା କରି ବଳ ବଳ କରି ଅଦେଇ ରହିବି କାହିଁପାଇଁ ? ମୋର କଣ ମଜା ନାହିଁ ନା ଫୁର୍ତ୍ତି ନାହିଁ ନା ଅହ୍ଲାଦ କରିବା ଦିନ୍ମ ମୋର ସଢ଼ିଗଲାଣି ? ଏ ଭେଦାଭେଦ କୋଉଁଥିପାଇଁ ମୁଁ ଅଉନ୍ଦେ ପଚାରୁଛି ?

ହଁ, ମୁଁ ସେମିତି ବୁଢ଼ା ହାଡ଼ା ହୋଇ ଥାଅନ୍ତି ତ ନିଅଲି କଥା, ଏଇ ବୟସରୁ ମୁଁ କଣ ସବୁ ଆନନ୍ଦରୁ ବାଦ୍ ପଡ଼ିବି ଲୁହନ୍ତି ? ମୁଁ କଣ ନର୍କରେ ମୁଣ୍ଡାଇଲି କି ?

(ସମ୍ପାଦକ—ଆପଣ କୋଉଠି ପତ୍ନୀ କହି-ଥିଲେ ଆପଣଙ୍କୁ ବେଶ୍ ଜଣା—ଯଦି କଥା କହିବେ ଭୁଣ୍ଡି ସମ୍ଭାଳି କଥା କୁହନ୍ତୁ । ନଇଲେ ଅଶ୍ଳୀଳତା ନିରୋଧକ ଆଇନରେ ପକେଇଦେବା ମନେ ରଖନ୍ତୁ ! ଆଗଙ୍କେର ଏଇ ଅବାନ୍ତର ପ୍ରଶ୍ନରେ ଉତ୍ତରେ ଦିଆନ୍ତି ପାଠକ ପାଠିକାମାନେ ବାଧା ହୁଅନ୍ତି ।

ଲେଖକ—ଅଜ୍ଞା, ଛମ କରିବେ ମୋ କହିବା ମତଲବଟା ବୁଝି ପାରିଲେନି, ମୁଁ କିଛି ତ ଚିନ୍ତା ପଚାରୁନି । ମୋ କହିବା ମତଲବ ହେଉଛି ····

ସମ୍ପାଦକ—( ରାଗି କରି ) ମତଲବ ବେଶ୍ ବୁଝିଛି ମହାଶୟ, ଅଭ ଛମା ମାଗି ଚୁଲିବା କରିବେନି !

Digitized by srujanika@gmail.com

ଯିବ !! ଆପଣ କ୍ଷମା ମାଗୁଚନ୍ତି କୋଉ ମୁହଁରେ ? ଆପଣ ନା ଏକାଲିଗେ ବୁଢ଼ା ହଡ଼ା କହି ମୋର ଅପମାନ କରିଚନ୍ତି !!

ଲେଖକ—(ମନରେ) ଅରେ ବୁଢ଼ା ବିଗୁଡ଼ୁଚି ଏଇଥିପାଇଁ ! (ତୁଣ୍ଡରେ) ଅଜ୍ଞା, ସତ କହୁଚି ମୁଁ ଆପଣଙ୍କୁ ମିନ୍ କରି ବୁଢ଼ା ହଡ଼ା କହିନାହିଁ । ଆପଣ ଯୋଉ ନିୟମ କହିବେ ମୁଁ ସେ ନିୟମ ପଢ଼େଇବି ।

ସମ୍ପାଦକ—ତେବେ କାହାକୁ ମିନ୍ କରି କହିଲେ ?

ଲେଖକ—ଅଜ୍ଞା ମୁଁ ମୋ ବାପାଙ୍କୁ ମିନ୍ କରି କହିଥିଲି । ଆପଣଙ୍କୁ କହିନି । (ତେଲିଆ ସ୍ୱରରେ) ଆପଣଙ୍କୁ କହିବି, ବାଇଆ ହେଲେ, ଆପଣ ବୁଢ଼ା ହେଇ ପାରନ୍ତି କିନ୍ତୁ ହଡ଼ା କେବେ ନୁହନ୍ତି । ଆପଣ ବୁଢ଼ା ଦଳ ଭିତରେ ବୁଢ଼ା ବାଇଗଣ ଭଳିଆ ବାଛି ହେଇ ପଡ଼ିବେ । ଆପଣ ଯାହୁଁ ଯାହୁଁ ବୁଢ଼ା ହଉଥିବେ ତ ମୁଁ ତାହୁଁ ଆପଣଙ୍କ ଗୋ ଫିଟୁଥିବ, ତାହୁଁ ତହୁଁ ନୂଆ ହଉଥିବେ । ଅପଣଙ୍କୁ ବୁଢ଼ା ହଡ଼ା କହିବ କାହା ଜିଭରେ ହାଡ଼ ଅଛି ? ଆପଣ ବୁଢ଼ା ହେଣ୍ଟି ।

ସମ୍ପାଦକ—(ଖୁସି ହୋଇ) ଅଚ୍ଛା ଅଚ୍ଛା ଆପଣଙ୍କ ଗପ କହନ୍ତୁ ପାଠକ ପାଠିକାମାନେ ଅନେଇ ରହିଥିବେ । ତେବେ ଗୋଟାଏ କଥା ପଚାରିବ କିଛି ମନେ କରିବେନି—ଆପଣଙ୍କର ବାପ ଉପରେ ଏ ରାଗ କାହିଁକି ?

ଲେଖକ—ଅଜ୍ଞା, ଏଇ କଥାଟା ଜାଣିପାରୁ ନାହାନ୍ତି ଯେ ପଚାରୁଛନ୍ତି ! କେତେବେଳେ ଅସିବେ ଅସ ଘରକୁ ମୋ ଭାରିଯା ସାଙ୍ଗରେ ଅପଣଙ୍କ ଭେଟ କରେଇ ଦେବି ।

ସମ୍ପାଦକ—ଓ, ବୁଝିଲି ବୁଝିଲି ଏଥର କହନ୍ତୁ ।

ଲେଖକ—କହୁଚି ଅଜ୍ଞା । )

ଲୋଭର ଦମନ କରିବାଟା ଗୋଟାଏ ବଡ଼ କଥା କିନ୍ତୁ କଥା ହଉଚି ଏତିକି ମୁଁ ସେଇଟା ଅଉ ଅକୟାବେ ଅପଣା ଅଭ୍ୟାସରେ ପକେଇ ପାରିଲିନି—ଅଳ୍ପ ଟିକକୁ ମୋର ଲୋଭ ହେଇଯାଏ । ରଇବାବୁଙ୍କ ଦେଖି କରି ମାମାଟା ଟିକିଏ ବଢ଼ିଗଲା । ରାଇ ଲେଉଟିଲା ବେଳ ନ ହେଇଥିଲେ, ଇଚ୍ଛା ହଉଥିଲା ଅଧିର ଘଡ଼ିଏ ଦଘଡ଼ ସେଇଠି ବସି ଥାଆନ୍ତି, ଦେଖୁ ଥାଆନ୍ତି !

ରଇବାବୁ ହସ୍ପିଟାଲରେ ପଡ଼ିଥିଲେ, ତାଙ୍କର ଗୋଟାଏ ଅଥାଜଅ ଜେଗାରେ ଅପରେସନ୍ ହେଇଥିଲା—ଅଟରେ । ସେ ଜେଗା ! ସେ ବିଛଣା !! ସେଠିକା ମଣିଷ ଅଉ ସେ ସେବା !!! ମୁଖ ବୋଇଲେ ଅଉ ଅଧିକ କଣ ଅଛି କି ମୁଁ ଅପଣଙ୍କୁ ପଚାରୁଚି ?

ରଇବାବୁ ବିଛଣାରେ ଶୋଇଥିଲେ, ତାଙ୍କ ବଡ଼କେଲ କଡ଼ରେ ବସି କମଳା ଛଡ଼ଉଥିଲେ । ମତେ କହିଲେ, "ବସ ହେ କୁଞ୍ଜବାବୁ !" ମୁଁ ବସିଲି । କମଳାରୁ କୋଆଏ ଦିକୋଆ ପାଟିରେ ପକେଇ କହିଲି, "ଭାରି ମିଠା ତ, କୋଉଠିକା କମଳା ଇଏ ?" ତାଙ୍କ ବଡ଼କେଇ କହିଲେ, 'ସିଲେଟ୍ କମଳା, ଅମେ କଟକରୁ ଅଣେଇଚୁ ।"

"ବାଃ ବାଃ" କହି ମୁଁ ଗୋଟାଏ କମଳା ଛଡ଼େଇ ପକେଇଲି । କମଳା ଖାଉଥାଏ, ରଇବାବୁଙ୍କୁ ଦେଖୁଥାଏ ଅଉ ମନକୁ ମନ ଭାବୁଥାଏ—'ହସ୍ପିଟାଲ୍' ଯାହା କହନ୍ତି ସତରେ ଏକା ! ମଣିଷ ପେଇଁ ଯେ ଏତେ ମୁଖ ରହିଚି କିଏ ଜାଣିଥିଲା ! ଶୋଇଥିବ ତ ଶୋଇଥିବ, କାମ ନାହିଁ, ଦାମ ନାହିଁ ସେମିତି ଶୋଇଥିବ । ରାତି ହଉଥିବ, ଦିନ ହଉଥିବ ଜଣାନାହିଁ । ସକାଳୁ ଉଠିଲେ ଦୁଅର ପଞ୍ଝରି, ପାଣିକଡ଼ା, ସୁଚ୍ଛାଳ ପୋଛ, ଘର ଝଲା ନ ଥିବ କମ୍ବା ଘରଣୀଙ୍କୁ ନଅଟା ବେଳଅ କଦରୁ ଉଠେଇ ତାଙ୍କ କ୍ରୋଧରୁ ଅପଣାକୁ ବଞ୍ଚେଇବା ପାଇଁ ବାର ଫିକର କରିବାକୁ ପଡ଼ୁ ନ ଥିବ, ଗାଧୁଆ ପାଧୁଆ ସାରି ଦରସିଝା ଡାଲିଭାତ ନାକରେ କାନରେ ଗୁଞ୍ଜି ଅଫିସ ଧାଇଁବାକୁ ପଡ଼ୁ ନ ଥିବ କମ୍ବା ଅଫିସରେ ସାହେବଙ୍କ ଡାଲି ଅଖି, ବଡ଼ବାବୁଙ୍କ ବଡ଼ଡୋଲୁ ହଜମ କରି ଗଧ ଖାଟେଣୀ ଖାଟିବାକୁ ପଡ଼ୁ ନ ଥିବ—ସେମିତି ଶୋଇଥିବ, ସକାଳଠାରୁ ସଞ୍ଜଯାକେ ଶୋଇଥିବ ! ସଞ୍ଜ-

Digitized by srujanika@gmail.com

ହେଲଥ ବଜାର ସଉଦା ଧରି ଘରକୁ ଫେରି ଘରଣୀଙ୍କ ହସଦ ବଇ ବଇ ଅଧାପ୍ରାଣ ହେବାକୁ ପଡ଼ୁ ନଥିବ କିମ୍ବା ଗାଧପଟାଳିରେ ପାଣି ମଡେଇ, ଗାଈ ବାନ୍ଧି, ଗାଈକୁ କୁଣ୍ଡା ତୋରାଣି ଦେଇ ଅପଣା ପେଟ ତୋରାଣି ପାଇଁ ଘରଣୀଙ୍କୁ ଚୁଲିଲଗା, ହଳଧାବଟା, ପାଣି ଅଣା, ପରିବା କଟା, ମସଲା ବଟା, ବାସନ ଧୁଆ ପ୍ରଭୃତି ସାହାଯ୍ୟ କରିବାକୁ ନ ପଡ଼ୁଥିବ କିମ୍ବା ରାତି ବାରଟାରେ ସବୁ କାମ ସେରିଇ ସାରି, ଫାଟିକ ଗଲା ଭଳିଆ ଉମ୍ବରେ ଥରି ଥରି ଖଟ ବାଡ଼ରେ ଅପଣା ପାଇଁ ସ୍ଥଖଣ୍ଡେ ଜେଗା ସକାଶେ ଜୀବନ ମୁରୁଛି ସାହସ ଦେଲେଇ-ବାକୁ ପଡ଼ୁ ନଥିବ—ଶୋଇଥିବ ତ ଶୋଇଥିବ—ଗୋଟାଏ ଖଟରେ ବେଶ୍ ଫରଗ୍ଠରେ ଅପଣା ଅପେ ଗୋଡ଼ ଲମ୍ବେଇ ଶୋଇଥିବ ! ନରମ ଗଦିରେ ଶୋଇଥିବ—ଧୋବ ଫରଫର ଗୃଦର ଉପରେ ଶୋଇଥିବ—ବେପରୁଆ ହୋଇ ଶୋଇଥିବ । ଔଷଧର ମିହିମିହି ଗନ୍ଧ ଶୁଙ୍ଘି ଅମୁଥିବ ହାଉଅରେ—ଅରାମରେ ଶୋଇଥିବ । ନର୍ସ ଅମୁଥିବ ତାର କଅଁଳିଆ ହାତ ବୁଲେଇ ଦବାକୁ । ଦାମି ଦାମି ଔଷଧ ପିଉଥିବ, ଜାତି ଜାତିର ଫଳ ଖାଉଥିବ । ଚିହ୍ନା ଜଣା ଲୋକେ ଅମୁଥିବେ ଦେଖା ଶୁଣା କରିବାକୁ—ବାସି ମୁହଁରେ କେତେ ହେଲେ ପରିଚିତ ଯୋଉମାନେ । ନର୍ସ ଶୋଇଥିବ—କିଏ ପଙ୍ଖାରେ ବିଞ୍ଚି ଦଉଥିବ ତ କିଏ ଗୋଡ଼ ଚିପି ଦଉଥିବ, କିଏ ଔଷଧ ଢାଳୁଥିବ ତ କିଏ କମଳା ଛଡ଼ଉଥିବ । ସମସ୍ତେ ଅତେବଣ ପାଇଁ ଶୁହିଁ ରହିଥିବେ । କାଶିଲେ, କୁନ୍ଥେଇଲେ, ଉଠିଲେ, ବସିଲେ ଦେଖଣାହାରି ସଭିଏଁ ଚଞ୍ଚଳ ହୋଇ ପଡ଼ୁଥିବେ । ଏମିତିଆ ଭୋଗ ଦେଖିଲେ ମୁଁ ମୋର ଦୁର୍ବଳିଆ ମନ ନେଇ କିଏ କେମିତି ଲୋଭ ସମ୍ଭାଳିବ କୁହନ୍ତୁ ? ମୋର ତ ଇଚ୍ଛା ହେଲା ମୁଁ ଟିକିଏ ହସ୍ପିଟାଲରେ ପଡ଼ିଥାଆନ୍ତି କି !!

ରାତିରେ ଭାବୁ ଭାବୁ ମତେ କେତେବେଳେ ନିଦ ହୋଇ ଯାଇଛି—ପାହାନ୍ତା ପହରକୁ ନିଦ ଭାଙ୍ଗିଗଲା ହେଲିକରେ । ବାନ୍ଧ ଘଣ୍ଟି ଟଙ୍ଗା ଚାରିଟା ଖାଇଲା । ମନେ ପଡ଼ିଲା ଯେ ଘରଣୀ ଅଜି ନେଉଥିବେ । ସକାଳୁ କି କଥା ଭାବୁଛି ବୋଲି ମନେ ମନେ ଦୁଇଥର ରାମକୁ ଡାକି ଘର ଝାଡ଼ାଝାଡ଼ି, ସଫାସୁତୁରା, ଅଟପଟ କରୁ କରୁ ଅାଠଟା ବାଜିଗଲା । ଗାଧୋଇ, ରାନ୍ଧି, ଖାଇ ଯଥା ସମୟରେ ଅଫିସରେ ହାଜର ହୋଇଗଲି । ସେଦିନ ସାଙ୍ଗମାନଙ୍କ ଭିତରେ ଅମର ହସ୍ପିଟାଲ୍ କଥା ଯାହା ପଡ଼ିଲା, ଶୁଣିକରି ମୋର ଲୋଭ ବଢ଼ିଲା ବିନା କମିଲା ନାହିଁ ।

ରାମବାବୁ କହିଲେ—"ରଇବାବୁଙ୍କ ଭଳିଆ, ମୋ ବଡ଼ଦେଇଙ୍କର ଥରେ ବାଆଁ ଅଖିଟା ଅପରେସନ ହୋଇଥିଲା ଯେ ଅବିକା ସେ ଅଖିରେ କମ୍ ଦୃଶ୍ୟ ହେଉଛି ।"

ଶ୍ୟାମବାବୁ କହିଲେ—ତମ ବଡ଼ଦେଇଙ୍କର ବାଆଁ ଅଖି ସିନା, ମୋ ମାମୁଁଙ୍କର ଥରେ ଡାହାଣ ଅଖି ଅପରେସନ ହୋଇଥିଲା ଯେ ଅବିକା ସେ ଅଖିରେ କଣାକୁ କଣ ବୋଲି ଦିଶୁନି ।

ମୋର ଇଚ୍ଛା ହେଲା ମୋର ଯୋଉଁ କାନ ଅଖି ଅପରେସନ୍ ହୁଅନ୍ତା ଅଉ ମୁଁ ଝିକ୍‌ଝିକ ଅନ୍ଧ ହୋଇ ଯାଆନ୍ତି କି !!

ଗୋବିନ୍ଦବାବୁ କହିଲେ—ମୋ ଶଶୁର ଥରେ ହସ-ପିଟାଲ୍‌ରେ ପଡ଼ିଥିଲେ । ତାଙ୍କ ଉପରେ ଯାଉଦେଲେ ମାଡ଼ ଯାଇ ଗୋଡ଼ ଜଖମ ହୋଇଥିଲା ।

+ + +

ଗୋପାଳ ବାବୁ କହିଲେ—ମୋ ବାପାଙ୍କ ଉପରେ ଟଟର ଗାଡ଼ି ମାଡ଼ି ଯାଇଥିଲା—ତାଙ୍କର ଗୋଟାଏ ଗୋଡ଼ ଅଣ୍ଟା ପାଖରୁ କଟା ହୋଇଛି ।

+ × +

ମୁଁ ପଚାରୁଛି ମୋ ଉପରେ ରେଳଗାଡ଼ି ମାଡ଼ି ଯାଇ ମୋର ଅଣ୍ଟା ଯାକ ଗୋଡ଼ କଣ ପାଖରୁ କଟା ହୋଇନି କାହିଁକି ?

ରାମବାବୁ କହିଲେ—ତାଙ୍କର କହିବାରୁ କମଳା ଅଡ଼ିର ମୋ ବଡ଼ଦେଇଙ୍କ ପାଇଁ କଲିକତାରୁ କେତେ ଜାତିର ଫଳ ଅଣା ଯାଇଥିଲା ।

ଶ୍ୟାମବାବୁ କହିଲେ—ମୋ ମାମୁଁଙ୍କ ପାଇଁ କାଶ୍ମୀରରୁ ଅଣା ଯାଇଥିଲା ।

+ × ×

ମୋ ପାଇଁ ବିଲାତରୁ ଅଣାଯାଉ ।

ଗୋବିନ୍ଦ ବାବୁ କହିଲେ—ମୋ ଶଶୁରେ ହସ୍ପିଟାଲରେ ପଡ଼ିବାଦ୍ୱାରା ଡାକ୍ତର ଫିସ୍ ଦେଢ଼ଶ ଟଙ୍କା ଲାଗିଲା ।"

ଗୋପାଳବାବୁ କହିଲେ, 'ମୋ ବାପାଙ୍କ ପାଇଁ ପାଞ୍ଚ ଶ ଟଙ୍କା ଲାଗିଲା ଅଉ ସେଥିପାଇଁ ଅମକୁ ଖଣ୍ଡେ ଜମି ବିକିବାକୁ ପଡ଼ିଥିଲା ।"

Digitized by srujanika@gmail.com

ମୁଁ କହୁଛି ମୋପରି ହଜାର ଟଙ୍କା ଦର୍ମା ହୁଅନ୍ତା ଆଉ ସେଥିପାଇଁ ଘରବାଡି ଗାଈ ଗୋରୁ ସମସ୍ତ ଛାଡ଼ିବାକୁ ପଡ଼ିଲେ କେମିତି ବଢ଼ିଆ ହୁଅନ୍ତା !!

ଯଦୁବାବୁ କହିଲେ, "ପ୍ରେମ କହନ୍ତୁ, ରୋମାନ୍ସ କହନ୍ତୁ ସବୁର ଉତ୍ପତ୍ତି ହେଲା ହସ୍‌ପିଟାଲ୍‌ରୁ। ମୁଁ ଯେତେବେଳେ ହସ୍‌ପିଟାଲ୍‌ରେ ପଡ଼ିଥିଲି, ଗୋଟାଏ ନର୍ସ ସାଙ୍ଗରେ ମୋର ଲଭ୍ ଥିଲା।"

ମଧୁବାବୁ କହିଲେ, "ତମର ଲଭ୍ ଥିଲା କଣ କହ ? ମୁଁ ହସ୍‌ପିଟାଲ୍‌ରୁ ଫେରିଲିଣି ଚାରିମାସ ହେବ ମୋର ଏ ପର୍ଯ୍ୟନ୍ତ ଲଭ୍ ଚାଲିଛି।"

"କଣ ଲଭ୍‌ଟା କହ ?" ମୁଁ ପଚାରିଲି।

ମଧୁବାବୁ କହିଲେ, "ଆଜକାଲି ଦିନେ ଦିନେ ପାଇଖାନାରେ ମୋର କେତେ ଡେରି ହେଉଚି ଜାଣ ?"

ମୁଁ କହିଲି, "ହଁ, ଜାଣେ।"

ମଧୁବାବୁ କହିଲେ, "ଜେନେରାଲ ହସ୍‌ପିଟାଲ୍‌ରେ ସେଇ ସଞ୍ଜ ସାନ ନର୍ସଟିକି ଦେଖିଚ ?"

ମୁଁ କହିଲି, "ନାହିଁ।"

ମଧୁବାବୁ କହିଲେ, "ଯଦି ନ ଦେଖିଚ କିଛି କ୍ଷତି ନାହିଁ—ତାରି ସାଙ୍ଗରେ ମୋର ଲଭ୍ ଥିଲା। ଆଜକାଲି ଦିନ ଦିନ ଛଡ଼ାରେ ତା ପାଖରୁ ମୁଁ ବରାବର ଚିଠି ପାଉଚି, ନେଳିଆ କପାପାରେ ବଡ଼ାଏ ଚିଠି। ତେଣୁ ସବୁ ଲୁଚେଇ କରି ପାଇଖାନାରେ ଯାଇ ପଢ଼େ।"

ମୋର ଇଚ୍ଛା ହେଲା ମୋର ସେମିତି କୋଉ ନର୍ସ ସାଙ୍ଗରେ ଲଭ୍ ହୁଅନ୍ତା କି ମୁଁ ଏ କାଗଜ ମହରଗ କାଳରେ ମୁନା ଧସ୍ତା ଧସ୍ତା ଚିଠି ଧରି ଦିନରାତି ପାଇଖାନାରେ ପଶି ଥାଆନ୍ତି !"

ହଁ, ଏମିତିଆ ଇଚ୍ଛା ହେଉଥିବା ସ୍ୱାଭାବିକ। ଯାହାର ଇଚ୍ଛା ତାର ହୋଇଥିବ। ସେ କଥା ସେମିତିଆ। ଆମ ରବିନ୍‌ବାବୁଙ୍କୁ ଦେଖନ୍ତୁ ତାଙ୍କର କି ହୋଇଗଲା। ହକ ଠେଲୁ ଠେଲୁ ଗୋଡ଼ ଭାଙ୍ଗି ହସ୍‌ପିଟାଲରେ ପଡ଼ିଥିଲେ। ନର୍ସ ଆସିଲା ନାଡ଼ି ଦେଖିବାକୁ। ରବିନ୍‌ବାବୁଙ୍କୁ ଜାଣନ୍ତି ତ ସେ କେମିତିଆ ! ପଚାରିଲେ "କାହିଁକି ?" ନର୍ସ କହିଲା, "ନାଡ଼ୀ ଦେଖିବି।" ରବିନ୍‌ବାବୁ କହିଲେ, "ପହିଲେ ତମେ ହାତ ବଢ଼ାଅ ମୁଁ ଧରେଇବ, ତାପରେ ମୁଁ ବଢ଼େଇବ ତମେ ଧରିବ।" ଏମିତିଆ କଥାରେ ନର୍ସ ତ ନର୍ସ କମାଣ୍ଡ ଫ୍ଲରେନ୍ସ ନାଇଟିଙ୍ଗେଲ୍ ବି ହୋଇଥିଲେ କଣ କରନ୍ତେ ମୁଁ ଆପଣଙ୍କୁ ପଚାରୁଚି ? ରବିନ୍‌ବାବୁ କିନ୍ତୁ ଧଇଲେ ଯାଇ ଛାଡ଼ିଲେ। ସେ ଯେମିତିଆ ଲୋକ, କିଛି ଶୁଣନ୍ତେନି। ଫ୍ଲରେନ୍ସ ନାଇଟିଙ୍ଗେଲଙ୍କୁ ବି ଧରି ପକାନ୍ତେ। ଦେଖନ୍ତୁ, ସେଠି ସେଇ ଧରିଥିଲେ ଯେ ହସ୍‌ପିଟାଲରୁ ଫେରିଲାବେଳକୁ ତାକୁଇ ଧରି କରି ଫେରିଲେ। ତାକୁ ବାହାହେଇ ତାର ହାତ ଧଇଲେ। ଏପର୍ଯ୍ୟନ୍ତ ତାକୁଇ ଧଇଚନ୍ତି। ଆଜକାଲି ସଞ୍ଜବେଳେ ଦିହେଁଯାକ ଟଗ-ଧର ହେଇ ଯାଉଥିଲାବେଳେ, ଦେଖି କରି କାହାର ଇଚ୍ଛା ହବନି ଧରିବାକୁ ମୁଁ ପଚାରୁଚି ? ଏତେ ଲୋକ ଏତେ ହସ୍‌ପିଟାଲ୍‌ରେ ପଡ଼ୁଚନ୍ତି କାହାକୁ ନିମୋନିଆ ହଉଚ ତ କାହାକୁ ଝାଡ଼ାବାନ୍ତି ହଉଚି କାହାକୁ ଗାଈ ଭୁଷି ଦଉଚି ତ କାହା ଗୋଡ଼ ହାଣି ହେଇ ଯାଉଚି, କାହା ମୁଣ୍ଡ ଫାଟି ଯାଉଚି ତ କାହା ଅଖି ଅପରେସନ୍ ହଉଚି କିନ୍ତୁ ମତେ ଦେଖନ୍ତୁ ଝାଡ଼ାବାନ୍ତି କଣ ଜାଣିଲିନି କି ମୁଣ୍ଡଫଟା କଣ ଜାଣିଲିନି—ହସ୍‌ପିଟାଲ୍ କଣ ଦିନେ ହେଲେ ଦେଖିଲିଣି। ସୁଖ, ମଉଜ, ମଜଲିସ୍ ମୋ ଜାତକରୁ ବରାବର ବାଦ୍ ପଡ଼ୁଚି।

ଅନେକ ସମୟରେ ମନ ସକ ସକ ହୁଏ ଯେ ମୋର କଣ କିଛି ଗୋଟାଏ ହେଇଯାଆନ୍ତାକି ! ମୁଣ୍ଡ ଫାଟି ଯାଆନ୍ତାକି, ଗୋଡ଼ରେ କାଚ ପଶି ଯାଆନ୍ତା କି, ମଟର ମାଡ଼ି ଯାଆନ୍ତା କି ! କିନ୍ତୁ ନା, ତା କେବେ ହେଲେ ହେଲାନି। ଆଉମାନଙ୍କୁ ମଟର ଧକ୍କା ଲଗେ ଯେ ମଟର ଭିତରୁ ଅପ୍ସରା ଭଳିଆ ଟୋକି ସବୁ ବାହାରି ଆସି କୋଡ଼ରେ ପୁରେଇ ଅଉଁଷି ଦିଅନ୍ତି, ବିଞ୍ଚି ଦିଅନ୍ତି ଆଉ ସେବା କରନ୍ତି କିନ୍ତୁ ମୋ ଭାଗ୍ୟରେ ଦିନେ ହେଲେ ସେକଥା ଘଟିଲାନି। ଶୁଣିବେ ଥରକ ଘଟଣା—ଥରେ ଟିକେ ହେଲେ ମତେ ମଟର ମାଡି ଯାଇ ଥାଆନ୍ତା, ନମୁଆ ଡ୍ରାଇଭରଟା ମୁହଁ କାଢ଼ି, ନାଲି ଆଖି ଦେଖେଇ କହୁଚି, "କବେ, ରେଣ୍ ତ ଜେଣ୍ଟଲ୍‌ମେନ୍ ବାବୁ ସାଜିଚ୍ଛ, ଅଖି ଦଇଟା କୋଉଠି ଅଛି ?" ମୋ କପାଳଟା ସବୁବେଳେ କାହିଁକି ଏମିତିଆ କହୁବେଟି ?

ବେଳେ ବେଳେ ବଜାର ସଉଦା କଲାବେଳକୁ ପରମାନନ୍ଦ ବରେଜଙ୍କ ଦୋକାନ ଆଗରେ ବାଙ୍କାମନ ଦେବଙ୍କ,

Digitized by srujanika@gmail.com

"ଅମୁକ ଔଷଧ ଅର୍ଦ୍ଧ ମୂଲ୍ୟରେ ଦିଆ ଯାଉଛି, ଅମୁକ ଔଷଧ ବଢା ମୂଲ୍ୟରେ ବଣ୍ଟା ଯାଉଛି ।" ପଢନ୍ତି ଆଉ ମନରେ ଖୁବ ଦୁଃଖପେଇ ଖାଁପେଇ ହୁଏ ଯେ "ଦେଖ ମୋର ଆଖି ଆଗରେ ବଢା ଦାମରେ, ଅଧା ଦାମରେ ଔଷଧ ସବୁ ବିକି ଯାଉଚି କିନ୍ତୁ ମୁଁ ନଫା ଉଠେଇ ପାରୁନି । ସବୁଦିନେ ଯେମିତି ସେମିତି ମୁଷ୍ଟି ସମ୍ବଳ ରହିଛି !"

ଦିନେ ହେଲେ ମୋର କିଛି ଗୋଟାଏ ବେମାରି ହେଲନି, କାଶ, ଶରଦି ହେଉଗିବା ବି ମୋ ପେଇଁ ସାତ ସପନ ! ହସ୍ପିଟାଲ ମଉଜ କଥା ଚେଷ୍ଟିକି ଥାଉ । ବାହା ହେଲି ଯେ ଭାରିଯା ସେବା ଦିନେ ହେଲେ ପାଇଲିନି । ତା ସେବା କରି କରି ମୋ ଦେହ ଛିଣ୍ଣ ହୁଚି, କିନ୍ତୁ ଦିନେ ହେଲେ ମତେ କିଛି ହେଲନି ଯେ ଗେରସ୍ତ ବୋଲି କରି ସେ ମୋ ଦିହ ମୁଣ୍ଡରେ ହାତ ବୁଲେଇ ଦବ ! ଦିନରାତି ଖଟିବା ମୋର ସାର ହେଇଚି । ଘଇତା ହୋଇ ସେ ଘର ବାହାର ସବୁ ପାଇଟି କରବ, ଆଉ ମାଇପ ହୋଇ ସେ ଖାଲି ହୁକୁମ ଚଳେଇବ, ଏମିତିଆ ନିୟମ କାହିଁକି କରିଯାଉଛି ମୁଁ ଆପଣଙ୍କୁ ପଚାରୁଚି ?

(ସମ୍ପାଦକ—ଚିହ୍ନନ୍ତୁ, ଚିହ୍ନନ୍ତୁ ଆପଣ ଅଶ୍ଳୀଳ କଥା ବ୍ୟବହାର କରି ପକେଇଲେ, ଓଡ଼ିଶାରେ ଅଶ୍ଳୀଳତା ନିବାରଣ ପାଇଁ ନୂଆ ଆଇନ ହଉଛି ଜାଣନ୍ତି ତ ?

ଲେଖକ—'ଘଇତା ମାଇପ' କଥା ଯେ ଅଶ୍ଳୀଳ ତା ମୁଁ ଜାଣି ନଥିଲି । ଆପଣ ହିସାପ କରି କହି ପାରିବେ କି ଆପଣ ଆପଣଙ୍କ ସ୍ତ୍ରୀର ଘଇତା ନୁହନ୍ତି ଓ ଆପଣଙ୍କ ସ୍ତ୍ରୀ ଆପଣଙ୍କ ମାଇପ ନୁହନ୍ତି ?

ସମ୍ପାଦକ—ଅଚ୍ଛା ଛାଡ଼ନ୍ତୁ—ଚାଲୁ ।)

ଘରଣୀ ଆମର ଯଥା ସମୟରେ ଡାକ୍ତରଙ୍କୁ ଡକାଇ ଆଣିଲେ । ମୋପେଇଁ ମୁଖର କଥା ବୋଲି କଣ କହନ୍ତି, ତେବେ ଆଣିଥିଲେ—ମୁଣ୍ଡରେ ଆଉ ହଳେ ଶାଣ ଦେଇ ଆଣିଥିଲେ । ଘରେ ଗୋଡ଼ ରଖିବାକୁ ବି ନାହିଁ, ଘର ଭିତର ଅବସ୍ଥା ଦେଖି ମୋ ବୋଢ଼ି ଅପଣ ପାଇଁ ସେଠକ ଅଳାଡ ପଠେଇଲେ ।

ତାପରେ ପୁଣି ସାଧାରଣ ଗ୍ରୁପେ ଲୁହା ଜିନିଷ ମନ ଭରିଲା । ମାଟେନ ଘରଓଳା, ପାଣିବଢ଼ା, ଡାଉନମଡ଼ା, ଗାଈ ବନ୍ଧା ପ୍ରଭୃତି । ମୁଁ କିନ୍ତୁ ମନେ ମନେ ଶଙ୍କିଉଥାଏ ଯେ ଏଥର ଗୋଟାଏ କିଛି କରିବ, ହୁଏତ ଗଛରୁ ତଳକୁ ପଡ଼ି କିମ୍ବା ମଟର ଆଗକୁ କୁଦିପଡ଼ି କିମ୍ବା କୁରାଢ଼ିରେ ଗୋଟାଏ ଗୋଡ଼ କାଟି ଅଲଗା କରିଦିଏ—କି ଗୋଟାଏ ମୋଟ ହେଇଯାଉ ତେବେ ଯାଇ ଦେଖିବ ଘରଣୀ ଆଉ କେତେ-ଦିନ ଦେଖାଇବ ବସୁଚନ୍ତି ! ଏମିତି ଅବସ୍ଥା ଆସିବ ମୁଁ ମଉକାରେ ବୋଲିଥିବି—ଡାକ୍ତର ଡାକିବ ସେଇ, ପଥ୍ୟ କରୁଥିବ ସେଇ, ଔଷଧ ଉପାସରେ ଖାଡ଼ା ଖାଡ଼ା ଠିଆ ଘଣ୍ଟା ମୋର ସେବା କରୁଥିବ ସେଇ । ତା ଯାହା ନି କାହିଁକି, ମୋ ନାଆଁ କନ୍ତରବିହାରୀ ନୁହେଁ ।

ଦିନେ ପିଢ଼ାରେ ବେଢ଼ି ପାଣିକଖାରୁ ତୋଳୁଥିଲି । ପିଢ଼ାଟା ହଳେ ଉଞ୍ଚା । ତଳକୁ ଅନାଉଛି ତେଳକୁ ମୁଣ୍ଡ ଘୂରେଇ ଯିବ । ମୁଁ ଅଟେଇଲି, ମୋ ମନରେ କେତେ ଆଶା ଦେଖା ଦେଲା । ଭଙ୍ଗା ଗୋଡ଼, ହସ୍ପିଟାଲ, ବେଡ଼, ସେବା, କେତେ କଣ ! ମୁଁ କହିଲି, ଦେଖ ଦେଖ ? ଘରଣୀ କହିଲେ, 'ଦେଖିବନି ଏଣା !' ଶେଷକୁ ଦେଖି ହେଲା । ପାହାଚରୁ ଗଡ଼ ଗଡ଼ ହେଇ ଦୁମ୍ କିନା ମୁଁ ତଳକୁ ଖସି ପଡ଼ିଲି ଅଗଣାରେ । ସାଙ୍ଗେ ସାଙ୍ଗେ ଦେଢ଼କନା ମୋ ମୁଣ୍ଡରେ ଆମ୍ବ ଟୋକେଇ ହେଇ ପଡ଼ିଲା ପାଣି କଖାରୁଟା ।

ତାପରେ ?

ତାପରେ ମୁଁ ହସ୍ପିଟାଲକୁ ଗଲି କି ?

ନା ।

ମୋ ମୁଣ୍ଡ ଛେଚି ହେଇ ଗଲା କି ?

ନା ।

ମୋ ଗୋଡ଼ ହାତ ଭାଙ୍ଗିଗଲା କି ?

ନା ।

ମୁଁ କନ୍ଦୁଲ୍ ହାଣ ହେଇଗଲି କି ?

ନା ।

ନା-ନା-ନା ମୋର କିଛି ହେଲାନି । ମୁଁ ଆଣ୍ଠେଇ ଉଠି ବସିଲି । ଘରଣୀ ଭୁଡ଼ାରୁ ପସାଟାଏ ଆଣି ମୋ ଉପରେ

(ଅବଶିଷ୍ଟାଂଶ ଦଶ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

କଥାଟିଏ କହୁଁ ....... ...

# ମାୟା-ମରିଚିକା

ଲେଖିକା:— କୁମାରୀ ଶୈଳବାଳା

ବୁଢ଼ୀ ଗଲେ ଆଗରେ—ବୁଢ଼ା ତା କାନ୍ଧ ଉପରେ ଭର ଦେଇ ତା'ର ଅନୁଗାମୀ ହୁଏ—ସେ ତ ଅନ୍ଧ, ବୁଢ଼ୀ ତାକୁ ବାଟ କଢ଼ାଏ ଲଣ୍ଠିତ—ଦନ୍ ଦ' ଉନା କୋଣରୁ କମ ବାଟ ସେମାନେ ଗୃଳନ୍ତି ନାହିଁ ବୁଲି ବୁଲି ପାଦ ଫୋଟେଇ ପଡ଼େ—ତାଙ୍କ ତାଳ ପାଟି ଥକ୍କିଯାଏ ପଛେ—ତଥାପି ଦୁଇଜଣଙ୍କ ପେଟ ମୂଠାଏ ଚାଉଳ ଦ, ମୂଠା ମିଳେ ନାହିଁ ।

ଯେଉଁବେଳେ ଦୁମ୍ ଦୁମ୍ ବର୍ଷା ନାଚେ—ସୁଉ ସୁଉ ବାଆ ଗର୍ଜେ—ଯେତେବେଳେ କଣ୍ କଣିଆ ଶୀତରେ ହାତଗୋଡ଼ କାଲ ମାରିଯାଏ—ସେତେବେଳେ ବି ଠିକ୍ ଏ ସହାନୁଭୂତି ଦେଖାଇ "ଆହା" ପଦେ କିଏ କହେ ନାହିଁ ।—

ଗଛ ଠିକ୍ ଏ ଛାଇ ଦେବାକୁ କୁଣ୍ଠିତ ହୁଏ ନାହିଁ ଅଥଚ ମଣିଷ ଏଇ ମଣିଷ ଦୁଇଟିକୁ ଦେଖିଲେ ହାତେ ଦୂର ଉଛୁଡ଼ିଯାଏ । ମାଗିଖିଆଙ୍କୁ ଛୁଇଁଲେ ଛୁଆଁ ହେବ ବୋଲି ।

—ବୁଢ଼ୀ ଦୀର୍ଘ ନିଶ୍ୱାସ ଛାଡ଼ି କହେ—'ଏତେ ହିନସ୍ତା ହିନିମାନ ଭିତରେ ବି ଅଛନ୍ଦିଆ ଜୀବନ ଏତେ ଟାଣ ।' ବୁଢ଼ାର ସିନା ବାହାରର ଆଖି ଦୁଇଟା ଫୁଟି ଯାଇଛି—କିନ୍ତୁ ସହସ୍ର ଚକ୍ଷୁରେ ପ୍ରାଣ ସଦାବେଳେ ଅତୀତକୁ ଖୋଜି କାନ୍ଦେ ସେତେବେଳେ ତାର ଥିଲା—ମୁନାକୁ କେହି 'ବୁଢ଼ୀ' ଡାକୁ ନ ଥିଲେ ଡାକୁଥିଲେ "ବନ୍ଧୁ !" ପୁଅ ଝିଅ ହୋଇ ନଥା ତାଙ୍କୁ ବଧାଣ ଦେଇଥିଲା । ତାଙ୍କୁ ନେଇ ଘର ତାର ପୂରି ଉଠୁଥିଲା କିନ୍ତୁ ପାଞ୍ଚ ବରଷର ଉପରେ କେହି ବଞ୍ଚି ନାହିଁ । ସେଇମାନଙ୍କ ପାଇଁ କାନ୍ଦି କାନ୍ଦି ସତରେ ବୁଢ଼ା ଆଖି ଫୁଟି ଯାଇଛି ।

ବୁଢ଼ୀ ଯେତେବେଳେ କାନ୍ଦେ—ବୁଢ଼ା ତାକୁ ସାନ୍ତ୍ୱନା ଦେବାକୁ ଖାଲି କହେ—"ସେଇ ପରମ୍ପର ପରମେଶ୍ୱର ଯାହା ଯେତେବେଳେ ଦେଇଛନ୍ତି—ତାହା ଅପ୍ରିୟ ହେଲେ ମଧ୍ୟ ଗ୍ରହଣ କରିବାକୁ ହେବ । ତାଙ୍କ ଛଡ଼ା କିଏ ଆଉ ଆମର ସାହା ଅଛି ?"

ବୁଢ଼ା ସିନା କହେ—ଖାଲି ବୁଢ଼ୀକୁ ସାନ୍ତ୍ୱନା ଦେବାକୁ । ଆପଣାର ମନଟାକୁ କିନ୍ତୁ ଜବତ କରି ପାରେ ନା । ଅବୁଝା ମନଟା ଖାଲି କାନ୍ଦେ—ସେଇ ଅପେର ଅତୀତ ପାଇଁ । ସେଇ ପୁଅ ଝିଅ ନା'ଟା । ଘର ଦୁଆର ଟପାଉ ଯାଉ । ଘର ଦୁଆର ଗଲା—ଦୁଃଖ ନାହିଁ, ସେଇମାନଙ୍କୁ ନେଇ ଖାଲି ଏ ଗଛମୂଳେ ପଡ଼ିଥାନ୍ତା ଯଦି—ସବୁଥା'ନ୍ତା ତାର ।

ଭାରି ରାଗ ହୁଏ ତାର – ଭଗବାନଙ୍କ ଉପରେ । ଛାତିଟା ତାଙ୍କର କଅଣ ଅଉ ପଥରରେ ଗଢ଼ା କି ?........

......ତା' ପ୍ରାଣଟା କଅଣ ହୋଇଯାଏ—ଶୁଖିଲା ଭୂଇଁରେ କଅନ୍ତା ମାଛ ପରି ।

ଆକାଶରେ ଚନ୍ଦ୍ର ସୂର୍ଯ୍ୟ ହସନ୍ତି—ଧରିତ୍ରୀର ବୁକୁ ଉପରେ ଆଲୁଅ କୋଳରେ ଛାଇ କେତେ ରଙ୍ଗରେ ନାଚେ । ବୁଢ଼ାର ଶୁଷ୍କ ଅନ୍ତରାକାଶରେ ଥରେ ହେଲେ ଆନନ୍ଦର ଶଶୀ ହସେ ନାହିଁ କି ଦୁଃଖ ରାତି ତାର ପାହେ ନାହିଁ ।

× + ×

ସେ ବି ଗୋଟିଏ ଭିଖାରୀ ପିଲା—ସାତ ଆଠ ବରଷର । ନାଁ ଥିଲା ।

ବୈଶାଖ ମରୁଭୂମିର ମରୀଚିକା ପରି—ବୁଢ଼ା ତାର ହା ହୁତାଶ ଭରା ଜୀବନରେ ସବୁ ଭୁଲି ତାକୁ ଭଲ ପାଇଲା । —ତାକୁ ଆଉ କୋଳରୁ ଅନ୍ତର କଲା ନାହିଁ ଜମାରୁ । ତା' କଥା ପରି ତାର ସାନପୁଅ ବନ୍ଦୁ କଥା ପରି ! ବୁଢ଼ାର ଆଖି

Digitized by srujanika@gmail.com

ନାହିଁ —ବୁଢ଼ୀ ଗଲେ—ଅଲିର ମୁହଁଟିକୁ ଚାହିଁଲେ ବଡ଼ପୁଅଟି ତାର ମନେ ପଡ଼େ—ଗୋଟିପଣେ ତା'ର ମୁହଁ ଅଲିର ।

— ମା' ବାପ ହରା ଅଲିର ଏହି ଅପ୍ରତ୍ୟାଶିତ ଅଦର ଯତ୍ନ ସ୍ୱର୍ଗଠାରୁ ବଳି ମନେ ହେଲା । ତାର ହୃଦମାନ ଜୀବନଟାକୁ ଦୁନିଅରେ କଏ ଜଣେ ମମତା କରେ ବା କରିବ ବୋଲି ସେ ଜାଣି ନ ଥିଲା ।

— ଜୀବନରେ—ଏତେ ଦିନରେ ବୁଢ଼ା ମୁହଁରେ ଅଜ ପୁଣି ହସ ଥରେ ଦେଖା ଦେଲା । ଅଲି କଥା ଶୁଣିଲେ ସେ ଆନନ୍ଦରେ ଗଡ଼ିଯାଏ— ବୁକୁ ଉପରେ ତାକୁ ଯାକିଧରେ । ସତେ ଯେପରି ତାର ଅମୂଲ୍ୟ ରତ୍ନଟିକୁ କଏ ତା'ଠୁଁ ଛଡ଼ାଇ ନେଇ ଯାଉଛି !! ଅଲି ନ ଖାଇଲେ ବୁଢ଼ା ଖାଏ ନାହିଁ । ଅଲି ନ ଶୋଇଲେ ବୁଢ଼ାକୁ ନିଦ ଲାଗେ ନାହିଁ ।

× + ×

ଅନ୍ତରରେ ନ'ଥିଲା କାନ୍ଦଥିଲା—ପୁଣି କାନ୍ଦିବା ପାଇଁ ଅଲିକୁ ଭଲ ପାଇଥିଲା—ସେ ଦିନ ସେ ବୁଝିଲା ଯଉଦିନ ଶ୍ମଶାନ ବୁକୁରେ ପ୍ରାଣାଧିକ ଅଲିର ଚିତା ଜଳି ଉଠିଲା । ବୁଢ଼ା ତଳେ ମୁଣ୍ଡ ପିଟିଦେଲା ।

ଅତୀତର ପ୍ରତ୍ୟେକ କଥାକୁ ବୁଢ଼ା ଟିକି ଟିକି କରି ଭାବିଲା । —ଦରିଦ୍ର ଖାଲି ତାକୁ ମରିବାକୁ ପଛରେ ଦଉଡ଼ାଉଛି । —ଆଉ ସେ କେତେ ଧାଇଁବ ? ଶେଷରେ ଭୀଷଣ ଭୀଷଣ ପ୍ରତିଜ୍ଞା କଲା—ହଜିଗଲା ଧନ ପାଇଁ ସେ ଆଉ ଝୁରିବ ନାହିଁ କି ଆଉ କାହାରିକୁ ମାୟା କରିବ ନାହିଁ— କାନ୍ଦିବାକୁ ।

ବୁଢ଼ୀକୁ ବି ବୁଝେଇଲା—।

………ପୋଡ଼ା ମନଟା ତଥାପି ଏତେ ପରୀକ୍ଷାରେ ବି—ଅବୁଝ ହେଲା ।

ସେଇ ମାୟା—ସେଇ ସ୍ମୃତି ଅଲି ଅଳି ଛାତିପର ଜମା ଛାଡ଼ିଲା ନାହିଁ ।

କାହିଁକି………?

—※—


## କୁବେର ବ୍ୟାଙ୍କ ଲିଃ

ହେଡ଼ ଅଫିସ——କଲିକତା

**ଶାଖା ଅଫିସ ମାନ:——**

ଢାକା, କାଲିମ୍ପଙ୍ଗ୍, ଶିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

**୧୭ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତପ୍ରକାର ବ୍ୟାଙ୍କ୍ କାର୍ଯ୍ୟ କରାହୁଏ ।
ଜାଜପୁର ଶାଖା ଶୀଘ୍ର ଖୋଲିବ ।

ଏସ୍: କେ: ଚକ୍ରବର୍ତ୍ତୀ
ମ୍ୟାନେଜିଂ ଡାଇରେକ୍ଟର


Digitized by srujanika@gmail.com

# କାନିଆ ବଳଦ ଗଲ୍ପାଗଲ୍ପ ......

ସଂଗ୍ରାହକ:— ଶ୍ରୀ ଦେବ ମହାପାତ୍ର

ପୁଣି ଆଉ ଗୋଟିଏ ଝିଅ ହେଲା ।

ବାପ—ପୁଅଟିଏ ଦେଖିଥିଲେ ମୁଁ ଖୁବ ଖୁସି ହୋଇ ଥାଆନ୍ତି !

ଅଣ—ଚିନ୍ତା କରନା । ଝିଅ ବଡ଼ ହୋଇ ଯାଉ, ପୁଅମାନେ ଆପଣା ଛାଏଁ ଆସିବେ ଯେ !

× × ×

ଦେବି—ମୁଁ ଚବଣ ଚର୍ଚ୍ଚ ନ ହେଲା ପର୍ଯ୍ୟନ୍ତ ବାହା ହେବିନି ବୋଲି ଭାବିଚି ।

ଦେବ—ମୁଁ ଭାବିଚି ବାହା ନ ହେଲା ପର୍ଯ୍ୟନ୍ତ ଚବଣ ଚର୍ଚ୍ଚର ନ ହେବାକୁ ।

+ × ×

"ଆଖିରେ ଦେଖିବା ମାନେ ହଉଚି ବିଶ୍ୱାସ କରିବା" "ଏ କଥା ସବୁବେଳେ ଠିକ ହବନି । ମୁଁ ଆମ ବାବୁଙ୍କୁ ସବୁବେଳେ ଦେଖୁଛି ହେଲେ କ୍ୱଚିତ୍ ବିଶ୍ୱାସ କରେ।"

+ + +

ନଟୁବାବୁ—ଟେଟୁବାବୁ, ମୁଁ ଭାରି ଦୁଃଖିତ, ମୋ ପାରି ଗୁଡାକ ଆପଣଙ୍କ ବଗିଚାକୁ ଉଡ଼ିଯାଇ ମଞ୍ଜି ଖୁଣ୍ଟି ଖାଇ ଦେଉଛନ୍ତି !

ଟେଟୁବାବୁ—କିଛି ଦୁଃଖ କରନ୍ତୁ ନି ନଟୁବାବୁ, ଆଜି ଖରାବେଳେ ମୋ ବିଲେଇଟା ଆପଣଙ୍କ ପାରିଗୁଡ଼ାକୁ ଧରି ଚୋବେଇ ଖାଉଚି ।

ନଟୁବାବୁ—ବେଶ୍ ବେଶ୍ । ଅଚ୍ଛା ମୁଁ ଆପଣଙ୍କ ବିଲେଇଟା ଉପରେ ସାଇକେଲ୍ ମଡ଼େଇ ମାରି ଦେଇଛି ।

+ + +

ହରି—ଯେ ପର୍ଯ୍ୟନ୍ତ ମୁଁ ମୋ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ପ୍ରକୃତିର ଝିଅଟିଏ ନ ପାଇଛି ସେ ପର୍ଯ୍ୟନ୍ତ ବିବାହ କରିବିନି ।

ହରି—ତୁମକୁ ଖୋଜିବା ପାଇଁ ବାହାରି ପଡ଼ିବନି । ଆମ ଜିଲ୍ଲାରେ ବୁଦ୍ଧିମତୀ ଝିଅ ଅନେକ ଅଛନ୍ତି । × ×

ମୁଁ ଆପଣଙ୍କ କନ୍ୟାକୁ ବିବାହ କରିବାକୁ ଇଚ୍ଛା କରୁଚି !

"ମୁଁ କାରଣ କରୁଚି ଆପଣଙ୍କୁ ଏଥିପାଇଁ"

"କାହିଁକି ? ତାର କଣ ହୋଇଚି କି ?

+ × +

"ସାଆନ୍ତାଣି, ମୁଁ ଶୁଣିଲି ତମେ କୁଆଡ଼େ ଗୋଟାଏ ଗୁହ୍ୟରାଣୀ ଖୋଜୁଚ—ମୁ ଆସିଚି ସେଥି ପାଇଁ ।"

"କିନ୍ତୁ ଘରର ସବୁ କାମତ ମୁଁ ନିଜେ ନିଜେ କରେ"

"ତା ହେଲେ ଏଇ ଜାଗା ମୋ ପାଇଁ ଠିକ ଖାପିଚି ।"

---

( ମଜାକଥା ସାତ ପୃଷ୍ଠା ପରରୁ )

ଯୋଗାଡ଼ କରି କହିଲେ, "ମରିବାକୁ ଯଦି ଇଚ୍ଛା, ତେବେ ନଥ ଦଉଡ଼ି ଅଛି ନେଇ ଯାଅ ।"

( ସଂପାଦକେ ଆପଣେ, ଏ ଗଳ୍ପଟା ମନୋନୀତ ନ ହେଲେ ବି ମୋର ଏକାନ୍ତ ଅନୁରୋଧ ରକ୍ଷା କରି ଜଗରରେ ଛପାଇବେ । ତେବେ ମୁଁ ତାର ଖର୍ଚ୍ଚ ଦେଇଦେବି । ହସ୍‌ପିଟାଲକୁ ଯିବାର ଉପାୟ ତ ସହଳ ନାହିଁ—ଏଇଟା ଜଗରରେ ଛାପାହେଲେ ମୋର ଆଶା ଅଛି ତାହାର ଜୋରରେ ହସ୍‌ପିଟାଲକୁ ନେବେ ଯାଇ ପାରିବ । କାରଣ ଆମ ପାଠକ ଜଗରର ପଢ଼ିବା ମାତ୍ରେ ମୋ ମୁଣ୍ଡ ଉପରେ ଖୁବ ସମ୍ଭବ ଖଣ୍ଡିଆ ଟେକି ଦେଇ ହସ୍‌ପିଟାଲ ଯିବାର ବାଟ ଖୋଲି ଦେବେ ।)

—ଲେଖକ

Digitized by srujanika@gmail.com

ମଜାକବିତା.........

## ——କିଶୋରୀ-ବାଣୀ——

**ଲେଖକ:—ଶ୍ରୀ କୁବେର ଦଲାଇ**

କିଶୋରୀମଣି ତା ବୁଲବୁଲକଣ୍ଠ ବାଣୀ କିଶୋରେ ଭଣେ
"ଏ ଯୁଦ୍ଧ-ବଜାରେ ବଞ୍ଚିବା-ବେଦନା ମରଣେ ଜିଣେ ।
"ଚେହେରା ଖଣ୍ଡ ତ ଭେକେ ଶୋଷେ ମଲା,
ଖୋରାକ କାହିଁ ?
"ଏମୁଣ୍ଡୁ ସେ ମୁଣ୍ଡ ବଜାର ଖୋଜିଲି,ପାଦ ବଥା ସାର,
ଜିନଷ ନାଇଁରେ ଜିନଷ ନାଇଁ ।
"ଓଠ-ଲେପ†ବିନା ଓଠ-ପୁଟ ନିଛ ମଉଳି ଉଠେ ।
"ଦେଶୀ ମୁହଁ-ଲେପ* ବୋଳି ଗାଲେ
ଖାଲି କାଳିମା ଫୁଟେ ।
"କେଉଁଠବେଶ ଯାଏ ଝାଉଁଳି ଏ ବେଳେ
ପ୍ରେମ କି ଫୁଟେ
"ଝର-କଲମରେ ନ ଲେଖିଲେ, କାହିଁ —
ପ୍ରେମ-ଚିଠାଉରେ ପ୍ରେମ ଉଛୁଳେ ରେ ପ୍ରେମଉଛୁଳେ !
"ଶାଢ଼ୀ-ବଜାରେ ତ ଦୁର୍ଭିକ୍ଷ, ବେଢ଼ାଇ
କଣ୍ଟ୍ରୋଲ ଶାଢ଼ୀ
"ସେ କେଉଁ କିଶୋରୀ ପାରିବ କିଶୋର ପ୍ରଣୟ ଭିଡ଼ି ?
"ସୁଗନ୍ଧ-ବଜାର ମଡକେ ମଲଣି, ବାସନା ବିନା
କିଶୋରୀ-ଲତାରୁ ଉପୁଡ଼ି ପଡଇ କିଶୋର ନାକର
ସରସ ଖାନା ରେ ସରସ ଖାନା ।
"ପେଟ୍ରୋଲ ମିଳୁନ, ହାଉଆ ଖାଉଣି ମଟର ଗାଡ଼ି
"ବାଟେ ଯାଉ କାହୁଁ କିଶୋର ନୟନ
ପାରିବ ଭିଡି ?
"ଘଣ୍ଟାକୁ ଘଣ୍ଟା ଏ ପୋଷାକ ବଦଳ ଅଇନା ପାଖେ
"ମାଠି ୨ ବେଶ ସାଜି ସାଜି କେଶ ମେନକା ହେବାକୁ
କିଶୋର ଆଖେ ରେ କିଶୋର ଆଖେ ।
"ଭେଜନେ ଓଜନେ ଗନାରେ କେ ଯେବେ
ଚେହେରା ଗଲା
"ଏ ଯୁଦ୍ଧ ବଜାରେ ସମସ୍ତେ ଜାଇଲେ
କିଶୋରୀ ମଲା ।
"ମରୁ ନସ କିଶୋରୀ ଏ ମଉଳା ରୂପ
କି ହେବ ଦେଖି
"କିଶୋର ପସନ୍ଦ ନ କରି ଘୃଣାରେ ଫେରାଇବ ଯେବେ
ନୟନ ବେଳରେ ନୟନ ବେକି"

—※—

## କିଶୋର ବ୍ୟଥା

କିଶୋର ଛଳ ଛଳ,　　ଭାଷଇ ଲୁହ ପୋଛି
"କିଶୋରୀ ! ଭାବିଚ କି　କିଶୋର ସୁଖୀ ଅଛି ?
"ଦେଖୁନ, ଦାଢି ନିଶ　ମୁହଁରେ ସଲବଲ
"ଏ ବେଳେ ହେବ କିସ　ବଜାରେ ରୂପ ମୂଲ ?
"ଝୁରିକା † ପରା ନାହିଁ,　ବାଳକ ମନ ଜାଣି
"ଆସିବ କାହିଁ ଅବା,　ଜଙ୍ଗଲ ଯିବ ହାଣି ?
"ବାରିକ ଧୋତି ଜାମା　ସିଲ୍କ ମନଲୋଭୀ
"ମୂଲକୁ ଛପି ଗଲା ।　କି ହେବ ପ୍ରାଣ ଦେଖି ?
"ବାଲିତ ଲେଭେଣ୍ଡର　ବୁନ୍ଦାଏ ରୁମାଲରେ
"ଡାଳିବ ମିଳେ ନାହିଁ;　କିଶୋର ଅଉ ଥରେ
"କାଗୁଡ଼ି ମୁଣ୍ଡ ଦେଖିଲ　ଆସିବ ? କିଶୋରୀ କି
"ବୟସ ଗଲେ ଗଡ　ଏ ମୁଖେ ଦେବ ଆଖି ?
"ଫେମା ସୁନା ବାଡ*　ନାକକୁ ସଜେ ଯାହା
ପାଦରେ ମଖମଲ　ଜୋତା କି ମିଳେ ତାହା ?
"କିଶୋରୀ ମନଠଣା,　ସୁନ୍ଦର, ଚକ ଚକ
"ପହିଲ ଉପହାର　ନାହିଁ ବଜାର ଯାକ ।
"ଷ୍ଟାଣ୍ଡାଡ଼ ମୋଟା ଲୁଗା　କିଅଁଳ ଏ ବୟସେ
"ସାଜେନ, ସାଜିଲେ ବ　କିଶୋରୀ କାହିଁ ରସେ ?
"ଜୀବନେ କିବା ଫଳ　କିଶୋରୀ ପାଞ୍ଚ ସାତ
"କିଶୋରେ ପାଇବାକୁ　ନ ହେଲେ ଦିଶେ ଚିତ ?
"ଏ ଯୁଦ୍ଧେ ଯୁଦ୍ଧ କରି　ମରିଲେ ଯେତେ ଜଣ
"ଚେହେରା ହାରି ମଲୁଁ　କିଶୋର କୋଟି ଗୁଣ ।
"କହିଲ ପ୍ରାଣ-ବାଣୀ　କିଶୋରୀ ! ତୁଳି ଦେଖ !
"ଅମର ପରି ଖାଲି　ଏ ଯୁଦ୍ଧ ବଜାରେ ଦୁଃଖ ।"

---

† Lip Stick.
* Snow.

† blade.
* frame.

# ଡାସକାଠିଆ ପାଲା

ଲେଖକ:—କପିବଙ୍ଗ

ପାଲ ଲଟିଲରେ ପାଲ ଲଟିଲ ରେ ।
ମନ୍ତ୍ରୀ ଲଢେଇରେ ଦେଶ ଜାଟିଲରେ
ବାବା ସତ୍ୟପୀର ସିରିଣି ମାଗିଲରେ ।
ଠକ୍ ଠକ୍ ଠକ୍ ଠକ୍ ଠକର ଠକର ଠକ୍,
କିଏ ହୁଏ ବକ୍ ବକ୍, କିଏ ସକ୍ ସକ୍ ।
ଜଣେ ହୁଏ କୁନ କାନ ଜଣେ ହାଉ ହାଉ
ମଝିରେ ଥାଇ ଆଉ ଜଣକ ମାରି ନିଏ ଦାଉ
ସପ୍ତରଥୀ ଶାଣିତ୍ ଛନ୍ତି ବାକ୍ୟସ୍ତ୍ର ବାଣ,
ଅଣ୍ଟ୍ରୁଣ୍ଟିପରେ ଯାଏ ବସି ଟାଣ ଟାଣି
ଜଣେ ଛାଡ଼େ କୁତ୍ପୁଡ଼ା ତ ଆନ ଛାଡ଼େ ବାଧା
କୁଜ ଢଙ୍ଗ ଯାଏ କାର ପିଠି ହୁଏ ସିଧା ।
ଭୁଟେହିଁ ଦୁହିଙ୍କର ନିଶ ଧରି ଭିଡ଼ା ଭିଡ଼ି,
ସଂଗାତେର୍ଠ୍ ସଙ୍ଗେ ଯଥା ତାଡ଼ମାରର ବାଡ଼ି ।
ବେଲ ଠଉରାଳ ଦାନ୍ତ କଟଲ କୀର୍ତ୍ତି ମାତ୍ର,
ହାୟୁ ହାୟୁ କରି ନିଶ ମୁଣ୍ଡେ ଦେଲେ ହାତ ।
ହରି ହରି ବୋଲ ବାବା ରାମ ରାମ ବୋଲ,
ବଜାରେ ବଜାରେ ନାଚ ପିଠି ପିଠି ଢୋଲ୍ ।
ତାହାଙ୍କି ପାଗଲ ତଡ଼ା ଛାଡ଼ି ଦେଲେ ରଙ୍ଗ,
ପାଳ ଦେଇ କମି ଭଟଠ ସଂକ୍ରାନ୍ତଙ୍କ ଦାଢ଼ି ।
ନାକକୁ ମାଡ଼ିଲ ଝଡ଼ା ଧାଏଁ ପଦା ଆଡ଼େ,
ବାଟେ ବାଟେ ଢୋ-ଡ଼ା ବୋମାବାଲା ଛାଡ଼େ ।
ଦାନାରେ ପଡ଼ିଲା ନିଆଁ ନିଶ ଗଲେ ଝେପି,
ମିଆଁପୁଅ ଦେଲ ଆସି ଚନ୍ଦନକୁ ଲେପି ।
ଆଦାବ ଅଦବ ଜନାବ ସାଲାମଲେକାମ,
କୁଡ଼ା ତୋତା ପଢ଼ୁଥାଏ ରାମ ରାମ ରାମ ।
ଦାସ କାଟେ ବାଜେ ଭାଙ୍ଗରେ ରାମ କାଠି ବାଜେ,
ଠକ୍ ଠକ୍ ଠକାଠକ୍ ଠକବାଜି ବାଜେ ।

ଠେକା ଠୁକ ଲାଗ ଲାଗ ହେଲେ ଉତ୍ତ ବୀର,
ଧାଇଁ କରି ଗର୍ଜ୍ଜି ଆଇଲେ ବାବା ସତ୍ୟପୀର ।
ଲାଗିଲା ଲଢ଼େଇ ଭାଇରେ ଲାଗେ ଘମାଘୋଟ,
ଓଡ଼ିଆଙ୍କୁ ଦେଖାଇ ଦେଲେ ସେଇ ହାଇକୋର୍ଟ
ଅଜାଡ଼ି ଦେଲେ ଓଡ଼ିଆ ଢମା ଢମା ଚୋଟ,
ବଡ଼ା ବଡ଼ା ନୋଟ ଧରି ଲାଗେ ହରିଲୋଟ ।
ଖଦଡ଼ର ଭେକଟିକୁ ଛାଡ଼ ନାହିଁ ବାବା,
ଚରଖାକାଠି ଗାନ୍ଧି ବୁଢ଼ାକୁ କରିଦିଅ କାବା ।
ସବକୋଇଟ ଲେଖା ଭଇଯ୍ୟା କୋଳ ନେହିଁ
ଦେତା,
ଯେଉଁ ଲୋକେ ଓଡ଼ି ଭାଇ ବନ୍ଦେ ଉତ୍କଳ ନେତା
ଲେନା ଦେନା ଲଗିରହାହେ ଲେଟିଲା ଦାଲ୍
ଚୋଉ,
ଇସ୍ ମୌକା ମ୍ହେ ଯାନେନାହେ ଯାଏ ଯା ଏଗା ସବ୍
ହମାରୁ ଧନେ ଲେକେ ଦେବ ହେଉ ପୁରୁଣା
ଘୁଣା,
ଭୁମ୍ପୁଡ଼ି ଯିବା ଧୀମି ସଜାଡ଼ି ହୋଇବ ଲାଗିଲା
ଲାଲି ।
ବନ୍ଧୁ ଚୁପୀର ଘଣ୍ଟିକା ଘଞ୍ଚ ବଦଳି ଯିବ ରଙ୍ଗ,
ଯ୍ୟାକୁଲ ପର କାହାନ୍ତି ପୁରା କଂଗ୍ରେସିଆ ଢଙ୍ଗ ?
ହେଲାଣି ହେଲା କି ବାହୁଡ଼ିଲା ପରବା
ତାହାଙ୍କ ଟୋକି,
ଓଡ଼ିଆ ଦେଶ ମିଳିଲା ନାହିଁ ଯା ତୁମର
ଜଣେ ଯୋଡ଼ି ।
ମଲେ ଲେ ଏକା କାଳିଅଞ୍ଚଳେର ରହି ଯିବଟି ନାମ,
ଓଡ଼ିଆଜାତିର ଇତିହାସର ବଢ଼ି ଯିବଟି ଦାମ ।
ହରି ହରି ବୋଲ ଭାଇରେ ଖେଲା ଗଲା ଚଳି,
ଲଜ୍ଜା ନାହିଁ ମୁଖେ ଯାଉ ଚାଉ ଲୋମ୍ବ ଦାଢ଼ି ।

Digitized by srujanika@gmail.com

# ହୁରେଇ ଗୋବିନ୍ଦ ବନମାଳି

—ନାଗବନ୍ଧୁ—

(୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

ଉଦ୍ଦେଶ୍ୟ —

୧ । ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଉଭୟର ମଧ୍ୟସ୍ଥତାରେ ପତ୍ରବନ୍ଧୁତା ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

## ବିଶ୍ୱକବି ଓମାରଖୟ୍ୟାମ୍

କାହିଁ କେତେଦୂର—ପୃଥିବୀର ସେଇ ନୀରବ କୋଣରେ ଗୋଟିଏ ସମାଧି ଏକ ନୂତନ ଦୃଷ୍ଟିକୋଣରୁ ଜୀବନର ଅର୍ଥକୁ ସ୍ପଷ୍ଟୀକୃତ କରେ । କେତେ ଫୁଲ ନିତି ଫୁଟେ ସେଇଠି ଯୌବନର ମାଦକତା ନେଇ; ଆଉ ଝରିପଡ଼େ ତାହାରି ବୁକୁ ଉପରେ ରୂପର ଅର୍ଘ୍ୟ ଦେଇ । ସେହି ବୁକୁ ତଳେ କେଉଁ ଯୁଗଯୁଗାନ୍ତ ତଳେ ଏକ କବି-ପ୍ରାଣ ଶିହରି ଉଠେ କୋଟିଏ ମାଗୀଙ୍କ ପରଶ ମାଗି । ସୁରା ଓ ରୂପର ସେବା ଜୀବନର ଜଟିଳତାକୁ ସରସ କରେ ସେଇଠି ।

ନଅଶ ବର୍ଷ ତଳେ—କେଉଁ ଏକ ଅଜଣା ମୁହୂର୍ତ୍ତରେ କବି ଓମାର ପୃଥିବୀ କୋଳରେ, ନୂଆ କରି ସେ ଦିନ ଆଖି ମେଲିଥିଲେ । ସେ ଦିନ ତାଙ୍କର ସେଇ ସପନ-ଜଡ଼ିତ ଆଖିତଳେ, ନୈଶାପୁର ତାଙ୍କ ଭାବି କବି-ଜୀବନର କୌଣସି ପ୍ରତିଭାର ସଙ୍କେତ ବି ପାଇ ନ ଥିବ ।.........ପାରସ୍ୟର ମରୁବୁକୁ ଉପରେ ତାଙ୍କର ସରଳ ଶିଶୁ ଜୀବନ କଟିଥିବ ।...... ତା ପରେ କୈଶୋର ଆସି ତାଙ୍କୁ ନୂଆ ରୂପ ଦେଇଥିଲା । ଏଇଠୁ ତାଙ୍କୁ ଏ ଯୁଗର ମନୀଷୀ ଚିହ୍ନିବାକୁ ସମର୍ଥ ହୋଇଛୁ; କିନ୍ତୁ ଏହି ପରିଚୟରେ ମଧ୍ୟ ପୂର୍ଣ୍ଣତା ନାହିଁ ।

ମହାମନୀଷୀ ଇମାମ୍ ମୁଆଫିକ୍ ଉଦ୍ଦିନ୍ ସାହେବଙ୍କ ପାଖରେ, ପୁରୁଣା ଭାରତର ଛାତ୍ର, ଗୁରୁ ଆଶ୍ରମରେ ଶିକ୍ଷା ପାଇଲା ପରି, ସେ ଶିକ୍ଷା ପାଇଥିଲେ । ଏଇ ଆଶ୍ରମରେ ସେ ଦୁଇଟି ପ୍ରିୟ ସାଥୀ ପାଇଥିଲେ । ତାଙ୍କର ଭିତରେ ଦିନେ କଥା ହୋଇ ଥିଲା—ପରେ ଆମ ଭିତରୁ ଯିଏ ବଡ଼ ହେବ ସେ ଆନ୍ତରିକ ସରଳ ଭାବରେ ସେଦିନ ନିଜର ଅନ୍ୟ ଦୁଇଟି ସାଥୀଙ୍କୁ ତା ସୌଭାଗ୍ୟର ସାଥୀରୂପେ ଗ୍ରହଣ କରିବ । ଇଶାକ୍, ହୁସାନ୍, ଓମାର— ତିନି ସାଥୀ ଆନନ୍ଦରେ ରାଜି ହେଲେ ।.....ଛାତ୍ର-ଜୀବନର ସ୍ୱପନ ସରିଲା ।...... ଜଗତର ବାସ୍ତବତାର ସମ୍ମୁଖୀନ ହେବାକୁ ସେ ଯାହାର ବାଟ ଧରିଲେ......ଦିନ ପରେ ଦିନ, ଅନେକ ଦିନ ବିତିଗଲା । ଏକ ସୁଦିନରେ ଇଶାକ୍ ପାରସ୍ୟ ରାଜାଙ୍କର ଉଜିର (Prime-minister) ହେଲେ । ହୁସାନ୍ ଓ ଓମାର ଇଶାକ୍‌ଙ୍କୁ ଛାତ୍ର-ଜୀବନର ପ୍ରତିଜ୍ଞା ସ୍ମରଣ କରାଇ ଦେଲେ । ଇଶାକ୍ ଆନନ୍ଦରେ ଅଧୀର ହୋଇ ଦୁଇ ସାଥୀଙ୍କର ଇଚ୍ଛା ଜାଣିବାକୁ ଚାହିଁଲେ । ହୁସାନ୍ ଏକ ଉଚ୍ଚପଦ ଚାହିଁଥିଲେ । ଇଶାକ୍ ଆନନ୍ଦରେ ଗୋଟିଏ ସାଥୀର କାମନା ପୂର୍ଣ୍ଣ କରି ନିଜକୁ ଗୌରବାନ୍ୱିତ ମନେକଲେ । ତାପରେ ସେ ଓମାରଙ୍କୁ ତାଙ୍କ ଇଚ୍ଛା ପ୍ରକାଶ କରିବାକୁ ଅନୁରୋଧ କରିଥିଲେ । କିନ୍ତୁ ଓମାର ସବୁ ଯୁଗର ମହାପୁରୁଷଙ୍କ ପରି ପ୍ରଚୁର ଧନ କିମ୍ବା ପଦ-ମର୍ଯ୍ୟାଦା-ଲାଭ ଚାହିଁ ନ ଥିଲେ; ସେ ଚାହିଁଥିଲେ କେବଳ—ପାରସ୍ୟର

Digitized by srujanika@gmail.com

ମରୁଭୂମିର ଗୋଟିଏ ନିର୍ଜନ କୋଣରେ ଏକ ତୃଣ ଶଯ୍ୟା ଉପରେ ଜୀବନଟିକୁ ତୃଣ ପରି ସବୁଜ ସରସ କରି କଟାଇ ଦେବାକୁ । ତାଙ୍କର ଏହା କାମନା ଭାଗରେ ଅତି ଅଳ୍ପ ଅର୍ଥରେ ଅବଶ୍ୟ କଟା ସ୍ଥାନ ପାଇଥିଲା । ଓମାରଙ୍କ ଏହି ପ୍ରାର୍ଥନା ଶୁଣି ଇଶାକ୍‌ଙ୍କ ମୁହଁରେ ବହୁପୂର ଭାବ ଫୁଟି ଉଠିଲା । ତାଙ୍କୁ ଏ ପ୍ରାର୍ଥନା ଅତି ଅକିଞ୍ଚିତ-କର ମନେ ହେଲା; ଆଉ ଆଉ କିଛି ଅଧିକ ମାଗିବାକୁ ସେ ସୁଯୋଗ ଦେଇଥିଲେ । କିନ୍ତୁ ସେ, ତାଙ୍କ ହୃଦୟର ସେହି ଏକମାତ୍ର ଅଭିଳାଷ ସାର୍ଥୀଙ୍କ ଆଗରେ ପ୍ରକାଶ କରିଥିଲେ । ଇଶାକ୍ ଶେଷରେ ପ୍ରିୟ ସାଥୀର ଅଭିଳାଷରେ ଏକମତ ହୋଇଥିଲେ । ତାଙ୍କର ଏହି ଅଭିଳାଷ ଅନ୍ୟ କାହାରିକୁ ଅସାର ବୋଧ ହୋଇ ପାରେ, ମାତ୍ର ସେ ବୁଝିଥିଲେ ଯେ ନିର୍ଜନ ଦାରିଦ୍ର୍ୟ ବରଣ କଲେ ଅସଲ ମହିଷତାହିକଙ୍କ ହୃଦୟ ଭିତରେ ଖେଳି ପଡ଼ିବ । ତାଙ୍କର ଏହି ଧାରଣାର ସତ୍ୟତା ପ୍ରମାଣିତ ହୁଏ—ଯେଉଁଦିନ ଧନ ପାଗଳ ସୁଲତାନ୍‌ର ଗୁପ୍ତ ଛୁରିକା-ଘାତ୍‌ରେ ପ୍ରିୟ ସାଥୀ ଇଶାକ୍‌ଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା ।

ଇଶାକ୍‌ଙ୍କ ଏ ଅକାଳ ବିୟୋଗ ଓମାରଙ୍କ ହୃଦୟରେ ଦାରୁଣ ଆଘାତ ଦେଇଥିବ ! ପ୍ରିୟ ସାଥୀର ମୃତ୍ୟୁରେ କେତେ ତପ୍ତ ଅଶ୍ରୁ ବିନ୍ଦୁ ଚକ୍ଷୁରୁ ଝରି ପଡ଼ିଥିବ । ଏ ଅଶ୍ରୁ ଭିତରେ ସ୍ୱାର୍ଥର ଭାବନା ନଥିବ ମୋଟେ......କେବଳ ମହା ମାନବିକତା ଧଗରୁ ଏ ଅଶ୍ରୁ ଝରିଥିବ—ଯାହାର ଭାବନା କି ତାଙ୍କ ହୃଦୟରେ ଜୀବନର ଶେଷ ସୀମା ଯାଏ ସାଥୀ ହୋଇ ରହିଥିବ ।

ସାହାଯ୍ୟଦାତା ଇଶାକଙ୍କ ମୃତ୍ୟୁ ପରେ ସେ ନିଶ୍ଚିନ୍ତ ହୋଇ ରହି ପାରି ନ ଥିଲେ । ପାରସ୍ୟର ସୁଲତାନଙ୍କ ଆହ୍ୱାନରେ ସେ ନିଜ ପ୍ରିୟ ଗାଁ ନୈଶାପୁର ଛାଡ଼ି ରାଜଦରବାରକୁ ଯାଇଥିଲେ । ସେଠାରେ ତାଙ୍କୁ ପାରସ୍ୟର ପଞ୍ଜିକା ସଂସ୍କାର କରିବାକୁ ହୋଇଥିଲା । ଏହା ପରେ ସେ ରାଜାନୁଗ୍ରହରୁ ପୂର୍ଣ୍ଣ ବୃତ୍ତି ପାଇ ଜ୍ଞାନ ଅନୁଶୀଳନରେ ଜୀବନ କଟାଇଥିଲେ ।

ସକ୍ରେଟିସ୍ ଓ ଗାଲିଲିଓ ପ୍ରଭୃତିଙ୍କ ପରି ସେ ସ୍ୱାଧୀନ ଭାବରେ ଜ୍ଞାନ ଚର୍ଚ୍ଚା କରିବାକୁ ଭଲ ପାଉଥିଲେ । ନିଜର ମତ ପ୍ରକାଶ କରିବାକୁ ଯାଇ ସେ ସମାଜ, ଜାତି, ଦେଶ କାହାରିକୁ ଭୟ କରି ନାହାନ୍ତି । ଓମାର ଏକାଧାରରେ କବି, ବୈଜ୍ଞାନିକ ଓ ଦାର୍ଶନିକ ଥିଲେ । କିନ୍ତୁ ଜୀବନ କାଳ ମଧ୍ୟରେ ସେ କେବେ ହେଲେ କବି ହିସାବରେ ଖ୍ୟାତି ଲାଭ କରି ପାରି ନାହାନ୍ତି । ନିଜକୁ ସେ ବଡ଼ ବୋଲି ପରିଚୟ ଦେବାକୁ କେବେ ଇଚ୍ଛା କରି ନାହାନ୍ତି । ସେଥିପାଇଁ ସେ ପାରସ୍ୟର ନାନା ସୁଧି ସମାଜର ଆମନ୍ତ୍ରଣ ପାଇଥିଲେ ମଧ୍ୟ, ଯିବା ପାଇଁ କୌଣସି ଆମନ୍ତ୍ରଣରେ ସ୍ୱୀକୃତି ଦେଇ ନଥିଲେ !

ଓମାର ଜଣେ ଝୁବ୍ ଉଚ୍ଚ ଦରର କବି ଥିଲେ । ଏହା ବହୁ ଯୁଗ ପରେ ଜଣା ପଡ଼ିଛି । ଯାହା ହେଉ ତାଙ୍କ ପ୍ରତିଭା ଆଜି ଆଉ ପାରସ୍ୟରେ ଆବଦ୍ଧ ହୋଇ ରହି ନାହିଁ; ସାରା ପୃଥିବୀ ନିକଟରେ ଆଜି ସେ ପରିଚିତ । ଏଣୁ ଆଜି ସେ ପାରସ୍ୟର ବ୍ୟକ୍ତି ବିଶେଷ ନୁହନ୍ତି—ଆଜି ସେ ବିଶ୍ୱ-କବି । ତାଙ୍କ ମୂଳ ଲେଖା ବହୁ ଭାଷାରେ ଅନୁଦିତ ହୋଇ ସାରିଛି । ଓଡ଼ିଆ ସାହିତ୍ୟ ସେଥିରୁ ବାଦ ଯାଇ ନାହିଁ । ତାଙ୍କ ଲେଖା ମଣିଷକୁ ଏପରି ଏକ ପଥର ସନ୍ଧାନ ଦିଏ ଯାହା କି ମଣିଷ ଜୀବନର ଜଟିଳତାକୁ ସରଳ ଓ ସ୍ପଷ୍ଟ କରି ଦିଏ । ତାଙ୍କ ଲେଖାରେ ବୈଜ୍ଞାନିକ ମୂଲ୍ୟ ସତ୍ତା କବି ସୁଲଭ କଳ୍ପନାରୁ ଅଧିକ ସ୍ପଷ୍ଟ । ଜୀବନକୁ ବିଶ୍ଳେଷଣ କରି ସେ ଦେଖାଇବାକୁ ଚାହିଁଛନ୍ତି ଯେ—"ଯୌବନ

Digitized by srujanika@gmail.com

ଜୀବେତ୍ ସ୍ୱର୍ଗଂ ଜୀବେତ୍'', ଏବଂ ଇହ ଜୀବନକୁ ଛାଡ଼ି ପର ଜୀବନର ଭାବନାକୁ ଗ୍ରହଣ କରିବା ପାଇଁ ସେ ମୋଟେ ରାଜି ହୋଇ ନାହାନ୍ତି । ସେଥିପାଇଁ ସେ ଟେଙ୍ଗିନ୍ ସୁରା ଓ ରୂପସୀର ତରଳ ରୂପ ସେବାକୁ ଅଧିକ ପସନ୍ଦ କରି ଅଛନ୍ତି ।

ପୃଥିବୀ ପୃଷ୍ଠର ଅନ୍ଧକାର ସେତେବେଳକୁ ଟିଛର ପଦ ସନ୍ଧିରେ ଲୁଚି ଯାଇ ସାରିଥିଲା…… ବଗିଚା ଭିତରର ଫୁଲ ସବୁ ଭରା ଯୌବନର ସୌନ୍ଦର୍ଯ୍ୟ ନେଇ ଫୁଟି ଉଠିଲେ । ସେଇ ଫୁଲର ସୁଗନ୍ଧ ଧୀର ପବନରେ ମନ ଆକୁଳ କରି ବହି ଆସିଲା । ମୁଗ୍ଧ ଓମାର ବଗିଚା ଭିତରେ ବୁଲି ବୁଲି ପାର୍ଶ୍ୱସ୍ଥ ଶିଷ୍ୟ ଟିକୁ କହି ପକାଇଲେ—''ମୋର ସମାଧି ଏପରି ଏକ ସ୍ଥାନରେ ହେବ, ଯେଉଁଠି କୁସୁମିତ ତରୁ ଶାଖାରୁ ବର୍ଷ ବର୍ଷ ଧରି ଝୋଇ ସମାଧି ଉପରେ ପୁଷ୍ପ ଝରି ଏକ କୋମଳ ପୁଷ୍ପଶଯ୍ୟା ରଚିତ ହେବ ।'' ଓମାରଙ୍କର ଏହି କଥାକୁ ସେ ଦିନର ସେହି ଶିଷ୍ୟ କବିର ବାସ୍ତବତାହୀନ ଏକ କଳ୍ପନା ବୋଲି ଭାବିଥିଲେ, କିନ୍ତୁ ଓମାରଙ୍କ ମୃତ୍ୟୁର କେତେକ ବର୍ଷପରେ କାର୍ଯ୍ୟୋପଲକ୍ଷ୍ୟରେ ସେ ନୈଶାପୁର ଯାଇଥିଲେ । ସେଠାରୁ ଯାଇ ଦେଖିଲେ, ଗୁରୁଙ୍କର କଳ୍ପିତ ଅଭିଳାଷ ବାସ୍ତବତା ପ୍ରାପ୍ତ ହୋଇ ଅଛି । ଓମାରଙ୍କ ଅନ୍ତିମଶଯ୍ୟା ଗୋଟିଏ କୁଞ୍ଜର ଏକ ପ୍ରାନ୍ତରେ ରଚିତ ହୋଇ ଅଛି ଓ ରାଶି ରାଶି ଝରା ଫୁଲରେ ତାଙ୍କ ପାଷାଣ-ବେଦୀ ସୁନ୍ଦର ଓ ପ୍ରାଣସ୍ପର୍ଶୀ ହୋଇ ଉଠିଛି ।

ଶ୍ରୀ ହରିହର ମହାପାତ୍ର ନଂ ୩୨୮

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାଇଓନିଅର କମର୍ସିଏଲ୍ ବ୍ୟାଙ୍କ ଲି:—

**ହେଡ୍ ଅଫିସ— କଲିକତା।**

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମିତ୍ରଗଞ୍ଜ ।

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ୍, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼ ପାଟନା

(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲା ଯାଉଛି)

ମେନେଜିଂ ଡିରେକ୍ଟର—

ନିଜଦାଲି ନାଗପୁର । **ସ୍ୱା—ପି. ଏନ୍. ରାୟ ଚଉଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ୧ ଜମା ଦେଲେ—ବ ୪ ର୍ଷ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

ସଞ୍ଚୟୀ ସର୍ବତୋଃ ଜୟୀ । ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା ! ନିଜ ଶକ୍ତି ଅନୁସାରେ ସଞ୍ଚୟ କରିବା କପର ନିତାନ୍ତ ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ଯୋଗୁଁ ଅଭାବଗ୍ରସ୍ତ ଲୋକମାନେ କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାରକଲେ ଜଣାଯିବ । ଜୀବନର ଦାୟିତ୍ୱ ନେବା ଛଡ଼ା ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ । ସାମୟିକ କିଛି କିଛି କିସ୍ତି ଟଙ୍କା ଦାଖଲ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବ-ଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ ।

### ସୁଦୃଢ଼ତାର ପରିଚୟ—

୧୯୪୧ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବୀମାର ପରିମାଣ ୧୯ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବାର୍ଷିକ ଆୟ ଏକ କୋଟି ୧୦ ଲକ୍ଷ ।
ବୀମା ପାଣ୍ଠି ୮ କୋଟି ୨୧ ଲକ୍ଷ ।
ମୋଟ ସମ୍ପତ୍ତିର ପରିମାଣ ୪ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ।
ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଂସ୍
କଲିକତା ।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର
କଟକ ।


Printed & published by G. C. Mahapatra at the Gopinath Press, Bhadrak. 1944.

ବାର୍ଷିକ ତିନି ଟଙ୍କା ଆଠଅଣା    ରାଜସଂସ୍କରଣ ବାର୍ଷିକ ପାଞ୍ଚଟଙ୍କା ।

Digitized by srujanika@gmail.com

୮ମ ବର୍ଷ ଆଷାଢ଼—ପ୍ରଥମାଙ୍କ ୩ୟ ସଂଖ୍ୟା




Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରାଚୀନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିଲେ ଚର୍ମରୁ ନାନାପ୍ରକାର ଛାଲ ବା ବିକୃତ ଚର୍ମ, ହାତଗୋଡ଼ର ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଅପଥ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛାଲ ପ୍ରଭୃତି ଅତି ଶୀଘ୍ର ଆରୋଗ୍ୟ ହୁଏ । ଏକ ଶିଶି ୫୧୯ଙ୍କା ମାତ୍ର ୫ ୧ ୯ଙ୍କା ମାତ୍ର ।

ଆୟୁର୍ବେଦ ଔଷଧାଳୟ

ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ

ଆଲମଚାନ୍ଦ ବଜାର, କଟକ

---

## କଲିକତା ସ୍ୱାସ୍ଥ୍ୟ ନିବାସ

କୁଷ୍ଠ ରୋଗୀଙ୍କ ସେବା ପାଇଁ କଲିକତାରେ ଏହି ସ୍ୱାସ୍ଥ୍ୟ ନିବାସ ଖୋଲା ହୋଇଅଛି । **ବଉରି** ରେଲ ଷ୍ଟେସନ ଠାରୁ ୭ ମାଇଲ ଦକ୍ଷିଣକୁ କଲିକତା । ସେଠାରେ ଉଦ୍ୟାନ ଏବଂ ଚିକିତ୍ସା ବନ୍ଦୋବସ୍ତ ହୋଇଅଛି । ସ୍ୱାସ୍ଥ୍ୟପ୍ରଦ ସ୍ଥାନ । ନିମ୍ନ ଠିକଣାରେ ପତ୍ର ବ୍ୟବହାର କରନ୍ତୁ ।

ଲକ୍ଷ୍ମୀନାରାୟଣ ସାହୁ

ଭାରତ ସେବକ ସମିତି କଟକ ।

ସମ୍ପାଦକ
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ପରିଚାଳନା ସମ୍ପାଦକ
ଶ୍ରୀ ବ୍ରଜମୋହନ ଦାସ

Digitized by srujanika@gmail.com

୮ମ ବର୍ଷ
୩ୟ ସଂଖ୍ୟା
ଆଷାଢ଼ ପ୍ରଥମାର୍ଦ୍ଧ
ତା ୧-୭-୪୪ ରିଖ

# ଡଗର

## ହୁକା ହୁକା ହୁଆ

( ବିଲୁଆ ବିଗୁର )

—ପାକ୍ଷିକ—
ବାର୍ଷିକ ଟ ୩୲
ପ୍ରତିସଂଖ୍ୟା— ୦/୬
ରାଜସଂସ୍କରଣ ୦ ୫/୯

ଲଟେରି ପାଲର ଝୁମର ନାଚ, ଟର୍ଣ୍ଣର ବୁଟ, ମର୍ଦ୍ଦଳ ତାଳ, ଝାଞ୍ଜ ମାଡ଼ ଏବେ ସରିଲା । ମିଶ୍ର ମନ୍ତ୍ରୀଦଳର ତିନି ଠାକୁରେ ବାହୁଡ଼ା ବିଜେ କରିଗଲେ । ଏଥର ଫମ୍ପୁର ଧାସର, ଟପୁରୁ ଟାପର, ପଣ୍ଡିତିଆ ଚୋଞ୍ଚ, ରାଜୁଡ଼ା ଖୋଞ୍ଚ ସବୁ ଖତମ ପାଇଲା । ଏଣିକି ନଣୁଆ ଚେଲା—ଯାଉଥା ପେଲା ଭଳି ଖାସ ଲାଟ ଶାସନର ସିଧା ସରପଟା ଚକଣ ବାଟ । କଏ କହୁଛି ପୁସ ମାସ ଓ କାହାର ହେଲା ସର୍ବନାଶ ।

× × ×

କେହି କହୁଛନ୍ତି—ଗଜପତି ମଉଗଜ ଘଟି ଧରି ହସ୍ତି-ମୂଷଳିଆ ଭୂମିରେ ଅପଣା ଜହ୍ନା ( ଥୋଡ଼ ପାହାଡ଼ା ? ) ଅପେ ଛେଡ଼ିଲେ । ଆମେ କହୁଛୁଁ—ଦନ୍ତାହାତୀ ମାନେ ଏକଷ୍ଟଳିଆ; ଏବଂ ଜଉ କହିଥିଲେ ମଧ୍ୟ ଦାନ୍ତ ଭାଙ୍ଗି ନାହିଁ ତ ! ମାନ ଯଉଁଠି ନ ରହିଲା ସେଠି ଶିଥିଳ ପରି ଦାନ୍ତ ନକଟି କଣ୍ଠା ବାନ୍ଧୁଡ଼ି ପଡ଼ି ରହିବା ଗଜପତିମାନଙ୍କ ଜାତୀୟ ଧର୍ମ ନୁହେଁ । ସେ ଏଇଲାଗେ ଅନ୍ୟ କୌଣସି ବେଗବନ୍ତ କ୍ରୀଡ଼ାରେ ଲାଗି ଯାଇ ସମ୍ଭ୍ରାନ୍ତ ହୋଇ ଯିବେ ।

× + ×

ସେହିପରି, ମିଅଁପୁଅ ଅପଣା ଠେଙ୍ଗିଣିରେ ,ଅଯଧ ଲୁରାହି ମାରି ଯାହାଓ ଚେଷ୍ଟା ହୋଇଛନ୍ତି, ତାଙ୍କର କୌଣସି କୈବିକ ବେପାରର ସମ୍ଭାବନାକୁ ତ କେହି ଲୁଟାଇ ଦେଇ ପାରିବ ନାହିଁ ! ଏକା ଏ ଚୋ—ଘ ପଂଡ଼ିତଙ୍କର ହବ କ'ଣ ? ବାଣପୁର ବାଟରେ କଣ୍ଟା ଦେଉଥିଲେ ସେ କୁଜଙ୍ଗରେ ଚୌ ମୋର ଫଡ଼ କରି ଯୁଦ୍ଧ ସାହାଯ୍ୟ କରିବାକୁ ବାଧା ନାହିଁ । ତେବେ କେବଳ ଏତିକି, ଯେ ସେ ଯେପରି ମଟର ଡ୍ରାଇଭର ନ ହୁଅନ୍ତି । ସେତିକି ଥିଲେ ରାସ୍ତା ଅପେ ଅପେ ହୋଇ ଯିବ ।

× + ×

ଅନେକେ ପଗୁଛୁଛନ୍ତି—ମହାରାଜା, ମିଶ୍ର ଓ ମଉଲବି ଭଳିଆ ମାହିବର ମିଳିତ ମନ୍ତ୍ରୀ ମଣ୍ଡଳର ମିଛ ମିଛିକା ମୃତ୍ୟୁ ଘଟିଲା କା ଦୋଷରୁ । ଆମେ କହୁଁ— ଏଥିରେ କାହାରି ଦୋଷ ନାହିଁ—ତାକ ଗ୍ରହର ଦୋଷ । "ତ୍ରିନ ମୂଷଳରେ କୁଶଳ ନ ଥାଏ ।' ଝଡ଼ଏ ଅଗରୁ ଏଥିରେ ମଙ୍ଗରାଜ, ମାନଧାତା ରୂପ ଅଉ ଦୁଇଟା 'ମ' ମିଶାଇ ଦେଇ ପଞ୍ଚମକାର ବନାଇ ଦେଇଥିଲେ ମଶାଣି ସିଦ୍ଧି ହୋଇ ଯାଇ ଥାଆନ୍ତା ।

× + ×.

ବୋମ୍ବାଏ ପ୍ରଦେଶରେ ପ୍ରଧାନ ମନ୍ତ୍ରୀ ଓ ଜଣେ ମହାରାଜାଙ୍କ ଭଳି ଦାୟିତ୍ୱ ସମ୍ପନ୍ନ ଓ ମାନ୍ୟ ଗଣ୍ୟ ବ୍ୟକ୍ତି ଗୋଟିଏ ନିରୀହ ବ୍ରାହ୍ମଣ ବିରୁଦ୍ଧରେ ଯେଉଁ ସବୁ ଅଭିଯୋଗ ଅଣିଛନ୍ତି, ତାହା ଉଡ଼ାଇ ଦେବାର ନୁହେଁ । ପ୍ରଭୁଙ୍କ ଉତ୍ତର ନାହିଁ ବା ବଡ଼ ଲୋକଙ୍କୁ ସବୁ ଶୋଭାପାଏ ବୋଲି ଲୁନ ହୋଇ ରହିଲେ ଦୁର୍ବଳ ଉପରେ ପ୍ରବଳର ଅତ୍ୟାଚାର ବର୍ତ୍ତିବ ସିନା ! ସେଥି ପାଇଁ ଅପେ ତ୍ୟାଗୀ ହେଲେ ମଧ୍ୟ ଜାତି ଓ ନୀତି ଦୃଷ୍ଟିରୁ ମହାରାଜାଙ୍କ ନାମରେ ମାନହାନି ଅଭିଯୋଗ କରି ଦେଶ ଓ ଦଶ ଆଖିରେ ସଫେଇ ହେବା ଉଚିତ । ତାହା ଯଦି ନ ହୁଏ ତେବେ ଭଲ ଲୋକ ବା ପଂଡିତମାନେ ଅଉ ଏଣିକି ତଳି ପାଣିରେ ଗୋଡ଼ ଧୋଇବେ ନାହିଁ ।

+ × +

ବାଲି ପରି କଥା କଥାରେ ପଞ୍ଜାବର ଜଣେ ମନ୍ତ୍ରୀଙ୍କ ନାମରେ କେହି ନ କହି ମଧ୍ୟ ପୁଲିସ ଇନ୍‌କ୍ୱାୟାର ହୋଇ ଗଲା । ଏଠି ଏପରି ଗୁରୁତର ଅଭିଯୋଗ ଥାଉ ଥାଉ ସର୍ବସାଧାରଣ ହିତ ଦୃଷ୍ଟିରେ ତାହା ଯଦି ନ ହୁଏ, ବିଶେଷତ ଖାସ ଲାଟ ଶାସନ ଅମଳରେ—ତେବେ ବୁଝିବାକୁ ହେବ ଓଡ଼ିଶା ଦେଶ ପଞ୍ଜାବ ନୁହେଁ, ବା ଏଠାରେ ବିହିତ ନ୍ୟାୟ

Digitized by srujanika@gmail.com

ଦସ୍ତୁର ନାହିଁ । ଅଥଚ ଓଡ଼ିଶାରେ ଏଥକୁ ଯୋଗ୍ୟ ମୂଲ୍ୟ ବର୍ମଚୁଷ ନାହାନ୍ତି । ଏଣ୍ଟକରେ ବାଧା ବଡ଼ାଧା ଭିତରୁ ସତ୍ୟ କଏ ନୂଆ କଏ ତାହା ଜଣା ପଡ଼ୁ ଯାଅନ୍ତା । ସବୁଜର ବୋଲି ପରବର ବଣ ମାନ ନାହିଁ । ଜଙ୍ଗଲେକେ ବଣ ଯାହା ଇଚ୍ଛା ତାହା କହ ଯିବେ !

\+ × ...

ଭାରତର ଅନ୍ୟ ପ୍ରଦେଶମାନଙ୍କରେ ଯେଉଁ ମାଧାରେ ଅଟକ ବନ୍ଦୀ ଖଲାସ ହେଉଛନ୍ତି, ଓଡ଼ିଶାରେ ତାହା ହେଉ ନାହିଁ ଏ ଅଭିଯୋଗ ପୁରୁଣା କଥା ହୋଇ ଗଲଣି । ଏତେ ଦିନରେ ଅବଶ୍ୟ ସାଲିସ ବୋର୍ଡ ବସିଛି ଏବଂ ତାଙ୍କ ଅସ୍ତିତ୍ୱ ଧୀରେ ଧୀରେ ଜଣା ପଡ଼ୁଛି । କିନ୍ତୁ ଏ ସବୁ ନ ହେବାର ହେତୁ ଉତ୍ତରଦାୟିତ୍ୱ ସରକାରଙ୍କ ମାଥାପରେ । ପାଟମନ୍ତ୍ରୀ ସଫା କହିଛନ୍ତି କି ସେ ରାଜବନ୍ଦୀ ଖଲାସ କରିବା ସପକ୍ଷରେ ଥିଲେ ମାତ୍ର ତାଙ୍କ ସହକର୍ମୀ ବାଧା ଦେବାରୁ ହୋଇ ପାରିଲା ନାହିଁ । ଉତ୍ତରରେ ଗୋଦାବରୀଶ ଢଂଗରେ କହିଛନ୍ତି କି ବାଙ୍ଗାଳ ଛଡ଼ିବାର ବୋଲି ସେ ଚେଷ୍ଟା କରୁଥିଲେ ମଧ୍ୟ ପାଟମନ୍ତ୍ରୀଙ୍କ ବିରୁଦ୍ଧରୁ ତାହା ହେଲା ନାହିଁ ।

ଆମର କହିବାର କଥା, ଯାହା ବାଧାରେ ହେଉ ବନ୍ଦୀଙ୍କ ଫଟକ ଅଟକ ପଡ଼ୁଛି, ଏବେ ସେ ବାଧା ନିର୍ମୂଳ ହେବାରୁ ବିଶ୍ୱାସ ହେଉଛି ଏଥିକି ସାହାଣ ମେଳ ହୋଇ ଯିବ । କାରଣ ବନ୍ଦୀ ହେବୁଟା ଖଲାସ ହେଲେ ଲୋକଙ୍କ ଗୃହକୁ ଛଡ଼େଇ ନେବା ଉଚିତ ନାହିଁ ତ !

\+ × +

୯୩ ଧାରାର ଖାସ ଦଖଲ ଶାସନ ଚଳାଇବାର ଘୋଷଣା ପଛରେ ଲାଟ ସାହେବ ଯେଉଁ ବାଜା ଖଞ୍ଜିକ ବଜାଇ ଦେଇଛନ୍ତି, ଓଡିଆଙ୍କର ତାକୁ ଧ୍ୱନୀ ଧେଇ ଧାଟ କରିବା ଲାଗି ସେତକ ଯଥେଷ୍ଟ । ଲାଟ ମହୋଦୟ କହିଛନ୍ତି କି – "ସଂଖ୍ୟାଗରିଷ୍ଠ ସହଯୋଗ ଯେନ ଶୀଘ୍ର କେହି ଅଛି ମନ୍ତ୍ରୀ ମଣ୍ଡଳ ଗଢ଼ି ପାରିଲେ ମୁଁ ଖୁସି ହେବି ।" ଏଇ ପଦକରେ ପୁଣି ଓଡ଼ିଆର ମୁମୂର୍ଷୁ ପ୍ରାଣରେ ଆଶାବଶ ରାଗିଣୀ ଜାଗି ଉଠିଛି । ସୀତା ଉଦ୍ଧାର ପାଇଁ କେତେ ହନୁମାନ, ଜାମ୍ବବାନ ଡେଇଁ ଉଠିବାର ଶୁଣା ଯାଉଛି । ସୃଷ୍ଟି ପୋଷିତ, ଉଚ୍ଛିଷ୍ଟ ଭୁକ୍ତ କେତେ ସରକାରୀ ବେସରକାରୀ ନଳ, ନୀଳ, ଅଙ୍ଗଦ ଝାଡ଼ ହୋଇ ଉଠିଲେଣି ବୋଲି ଶୁଣା ଯାଉଛି । ଆମର ଏତିକି ଆନନ୍ଦ ହେଉଛି ଯେ ସେଇ ଗଙ୍ଗା ଗୋଦାବରୀ ଯାଏ ସଂକଳ୍ପ ବଜେଇବା ବୀର ଓଡିଆ ଜାତିର ଶୌର୍ଯ୍ୟ ଘୁଣ ଖାଇ ନାହିଁ ବା ବୀର୍ଯ୍ୟରେ କଳଙ୍କି ଧରି ନାହିଁ ।

\+ + +

ପାରୁଲା ଯେଉଁ ଅଣ୍ଡାକର ମାନ ମାରି ଇସ୍ତଫା ଦେଇ ଥିଲେ, ସେ ଖାଇଗଲେ ଖଡ଼ା, ଆଉ ତା ସାଙ୍ଗରେ ପଣ୍ଡିତଙ୍କ ଭାଗ୍ୟକୁ ମିଳିଗଲା ଛଡ଼ା । ଘଣ୍ଟ ଘଣ୍ଟ ଲଢ଼େଇରେ ବେଣାମୂଳି ନିଅଁ ପୁଅ ବେଟର ମଣ୍ଟରେ ଉଡ଼ିଲେ । ଅଣ୍ଡାକୁ ରହିଲା ଖାଲି ଝଡ଼ା । ହାନ୍ଦି ହାନ୍ଦି ବଡ଼ା ଭିତରେ ନଡ଼ା ପଡ଼ିଲା !

ତଥାପି ଶୁଣା ଯିବାରେ ଏମାନେ ସଭିଏଁ ପୁଣି ଝଡ଼ା ଦେଇ ଉଠିଲେଣି । ମଡ଼ାଟେଣ୍ଡୀ ମନ୍ତ୍ର ପଢ଼ାଠାରୁ ଘିଅ ପୋଡ଼ା ଯାଏ ସବୁ ଲାଗିଛି । ସଞ୍ଜବୁଣୀକୁ ରାଣ୍ଡ କରିବା ପାଇଁ ଘଇତାର ମରଣ ଲୋଡ଼ା ନୂଆ କଥା ନୁହେଁ ତ ।

ବାରମିଶା ମନ୍ତ୍ରୀ ମଣ୍ଡଳର ନିଠା, ଲୋକେ ଖୁବ ଗୃଣିଲେଣି । କଂଗ୍ରେସୀ ମନ୍ତ୍ରୀଙ୍କ କରଣୀମାନ ହାଣ୍ଡି ମରି କୁଲ ଛାକୁଛି ପଡ଼ୁଛି ! ପ୍ରକୃତ ଜନ ଶାସନ ନ ହେବା ଯାଏ ଏ ଦଳବନ୍ଧା ଲୋକ ଶାସନରୁ ଠାକୁରେ ଆମକୁ ରକ୍ଷା କରନ୍ତୁ । ୯୩ ଧାରାର ଗୋରା ଶାସନ ଶତଗୁଣେ ଭଲ । କାରଣ ଏହା ସଫା ସୁତୁରା— ଠକବାଜି ନୁହେଁ ।

× × ×

ବ୍ୟକ୍ତି ବିଶେଷ ଉପରେ ଦୋଷ ଲଦି ଆପେ ସଫାଇ ଯେ ଯେତେ ହୁଅନ୍ତୁ ପଛକେ—ଦୋଷ ଯଦି ଥାଏ ତ ସେଇଟା ସାରା ମନ୍ତ୍ରୀ ମଣ୍ଡଳର । କାରଣ ମନ୍ତ୍ରୀମଣ୍ଡଳର 'ଯୁକ୍ତ-ଦାୟିତ୍ୱ' ରହିଛି ଏବଂ ଏଥିପାଇଁ ଅନ୍ୟଙ୍କ ଠାରୁ ନେତାଙ୍କର ଦାୟିତ୍ୱ ଅଧିକ ବୋଲି ନ୍ୟାୟ କହିବ ଓ ଲୋକେ ବି ମଣିବେ । କେବଳ ସଦିଚ୍ଛା ଓ ସାଧୁତାକୁ ଆଶ୍ରୟ କରି ଶାସନ କାର୍ଯ୍ୟ ଚଳେ ନାହିଁ । ଅସାବଧାନତା ବା ଦୁର୍ବଳତା ନେତୃତ୍ୱର ସଦ୍‌ଗୁଣ ନୁହେଁ, ବରଂ ଲଜ୍ଜାକର ।

ସିନ୍ଧୁର ଲୀଳା ବମ୍ବେଇରେ ନାହିଁ; ପଞ୍ଜାବର ନାଟ ଯୁକ୍ତ ପ୍ରଦେଶରେ ନାହିଁ, ବଙ୍ଗର ଯାଧା ବିହାରରେ ନାହିଁ; ଓଡିଶାର ପାଲ ମାନ୍ଦ୍ରାଜରେ ନାହିଁ । ଏହା ଦେଖି ମନେ ହୁଏ ବାରମିଶା, ଗୋଳିଆ, ଭେଳ ଗଣତନ୍ତ୍ର ଠାରୁ କରୁଣା ନର୍ଜଳା ଧା ୯୩ ର ଶାସନ ଦେଶ ପକ୍ଷରେ ପୁଷ୍ଟିକର ।

Digitized by srujanika@gmail.com

# ଗଳ୍ପ ଓ ସ୍ୱଳ୍ପ

ଲେଖକ:—ଶ୍ରୀ——

ନଈ କୂଳ ବୁରୁଜ ଉପରେ ବସି ଦୁଇଟି ତରୁଣ ତରୁଣୀ ଅନ୍ଧାରରେ କଥାବାର୍ତ୍ତା କରୁଥିଲେ ।

ମୃଣୁ କହିଲା—ଦେଖ ଶାନ୍ତ କି ନିସ୍ତବ୍ଧ, ନୀରବ, ବିପୁଳ ଅନ୍ଧାର—ଯାହା ଭିତରେ ଆମେ ଦୁଇଟି ପ୍ରାଣୀ ଅଜ୍ଞାତ ଅଜ୍ଞାତ ଗୁଳରୁ ଲକ୍ଷ ସ୍ଥାନ ପଟରେ ।

ଶାନ୍ତ କହିଲା "ଉପରକୁ ଚାହାଁ ମ—ନିର୍ଜନ ଅନନ୍ତ ଆକାଶ—ବିଜନତା ସତେକି ଚାରିଆଡ଼େ ଭରି ଉଠୁଛି—ମାତ୍ର ଆମେ ଦୁଇଟି ବିହଙ୍ଗ ଉଡ଼ି ଉଡ଼ି ଯାଉଛୁ"—ଯେଉଁଠି ଅସୀମ ଆଡ଼େ ।"

ମୃଣୁ କହିଲା—ମୋତେ ଲାଗୁଛି ଯେପରି ଏକ ନିସ୍ତରଙ୍ଗ ବିରାଟ ସମୁଦ୍ର—ଆମେ ଦୁଇଟା ନୀଡ଼ ପକ୍ଷୀର ପକ୍ଷୀ……………………

"ଏ, ରହ୍ କିଏ ସେ ମ !" ଶାନ୍ତ କହିଉଠିଲା ।

" କାହିଁ—କିଏ—କେଉଁଠି ? " ମୃଣୁ ଚାହିଁକି ପଚାରିଲା,

"ଦେଖିଲ ଦେଖୁନ, କିଏ ଯିମିତି ଆମ କଥା ଲୁଚି ଶୁଣୁଥିଲା ପଛପଟେ ଛକି—ଏଇକ୍ଷଣି ଚାଲିଗଲା ।"

ମୃଣୁ ଚାହିଁଲା, ଅନ୍ଧାରରେ କିଛି ଦେଖା ନ ଥିଲା । ଖାଲି ଟିକିଏ ଦୂରରେ ଗୋଟାଏ ମଣିଷର ଛାୟା ମୂର୍ତ୍ତି ।

ମୃଣୁ ହସି କହିଲା—"ସେଟା କିଛି ନୁହେଁ । କିଏ-ବୋଲି କିଏଟା । ନଈକୂଳରେ କେତେ ଲୋକ ବୁଲୁଛନ୍ତି ଯିମିତି ।"

"ଆମ କଥା ଶୁଣିଥିବ ତ !"

"ଆମେ ଇମିତି କଣ ମାରି ହାଣ କଥା କହୁଥିଲେ ଯେ, ଏତେ ଡର ପଡ଼ୁଛି । ତାପରେ କାହାର ବା କଣ ଦରକାର ଅଛି ଯେ ପର କଥାକୁ କାନ ଦବ ?"

"ନା ମୋର ଡର……"

"ହେ ! ଅଜ, ସେ ଲୋକଟା ବୁଢ଼ାଟାଏ ।"

"କିମିତି ଜାଣିଲ ତୁମେ ?"

"ଜାଣିବିନି । ଅନ୍ଧାରରେ ଯେତିକି ଦେଖାଗଲା ତା ଭଲି, ସେଥିରୁ ଜାଣିଲି ସେ ନିଶ୍ଚୟ ବୁଢ଼ା । An old fool.

ଶାନ୍ତ—ନ ଶୁଣିଲି ତ ନାହିଁ । କାଳେ ଦେଖିଥିବ କିଛି ।

ମୃଣୁ—ଶୁଣି ଯଦି ନ ଥିବ, ଦେଖିବ କିମିତି ? ଏତେ ଅନ୍ଧାର, ତହିଁରେ ବୁଢ଼ାଟା ।

ଶାନ୍ତ—ନାଇଁ, ଉଠ ଯିବା । ରାତି ହୋଇଗଲାଣି ।

ମୃଣୁ—ପ୍ରେମ ସମ୍ବନ୍ଧରେ ହିସାବ କରିବା କଥା କେବେ ନାହିଁ ତ ଜାଣିଛ ? କାଳଟା ହେଉଛି ଅନନ୍ତ, ଅସୀମ । ସଭ୍ୟ ଲୋକ ଯିନା ତାକୁ ଭାଗ ଭାଗ କରି ନେଉଛି—ଗୋଟାଏ artificial division—ପ୍ରେମିକ ଆଗରେ ତାର ମୂଲ୍ୟ କଣ ଶାନ୍ତ ?

ଶାନ୍ତ—ତମ ଫିଲଜଫି ରଖ ! ଚାଲ ଘରକୁ ଯିବା ।

ଦୁହେଁ ଉଠିଲେ । ଶବାଗ୍ନିର ଟୁଣ ଦର୍ଶନ ପରେ ଅଦୃଶ୍ୟ ହୋଇଗଲେ । ସେଦିନ ଏତିକି ।

ପୁଣି ଦିନେ । ସେଇ ଥାନ, ସେଇ ବେଳ ।

ମୃଣୁ କହିଲା, "ଇମିତି କାବ୍ୟଚର୍ଚ୍ଚାରେ ଭଲ କେତେ ଦିନ କଟିବ ଶାନ୍ତ ! ବଡ଼ ଅସହ୍ୟ ହେଉଛି ।"

Digitized by srujanika@gmail.com

ଶାନ୍ତ କହିଲ, "କଣ କହୁଚ ଆଉ ?"

ମୃଣ୍ମୟ କହିଲ, "କଣ କହୁଚି କଣ ବୁଝି ପାରୁନ ?"

"ପାରିଲେ ବ ମୁଁ କଣ କରିବ । ମୋ ମାଆ ବାପା ତ ଅମଙ୍ଗ ନାହାନ୍ତି; ଅଜ୍ଞ ଅ ବୁଣୁଛନ୍ତି ତମର ଅଜା ।"

"ସେଇଲାଗି ତ ମୁଁ କହେଁ Old fool—ପ୍ରେମର ମହତ୍ତ୍ୱ ବୁଢ଼ାବୁଢ଼ା କଣ ବୁଝନ୍ତି । ଖାଲି କୁଆଡ଼େ ପଳାଇବା ଜାଣେ ।"

"କଉଠିକି ମ ?

"ସେଇ ଅସୀମ ପଥରେ ।"

"ପୁଣି ସେଇ ଫିଲଜଫି । ପ୍ରାକ୍‌ଟିକାଲ କଥା କଣ କହିବ ତ କହ ।"

"ଆଉ ଆତ୍ମହତ୍ୟା କରିବା ? ଏଇ ବ୍ରିଜ ଉପରୁ ଡେଇଁ ପଡ଼ି ?"

"କାହିଁକି, କଉଥିପାଇଁ କହିଲ ? କହୁଛି ସିଲମି ଯାଇ-ନାହିଁ ତମର ।"

"ତମେ ଚାହେଁଲ ପ୍ରେମ କରି ଶିଖିନ—ପ୍ରେମର ଗୁରୁତ୍ୱ ବୁଝିନ । ଶିରନ୍ ଫରହାଦ, ରୋମିଓ ଜୁଲିଏଟ......"

"ରଖିଦିଅ ତମ romance ଆଉ ଭାବପ୍ରବଣତା । ପୁଅଗୁଡ଼ାକ ବଡ଼ sentimeatal ।"

"ଆଉ ଝିଅମାନେ ଖାଲି practical, ନା ?"

"ନିଶ୍ଚୟ, ପରୀକ୍ଷା କର ।"

"ଅଚ୍ଛା, ଅଜା ବୁଢ଼ାଙ୍କୁ ତୁମେ ବାଗେଇଲ ଦେଖିବା ।"

"ଫୁଃ—ଏଇକଥାଟା......! ହଉ ଦେଖ । କିନ୍ତୁ ମୋ ସାଙ୍ଗରେ ତାଙ୍କର ମୋଟେ ବନ୍ଧୁତା ନାହିଁ; କେତେଗୁଡ଼ାଏ data ତମକୁ ଦବାକୁ ହବ ।"

"ବେଶ, କହ ।"

ଟିକିଏ ଭାବି ଶାନ୍ତ କହିଲ, "ପ୍ରଥମେ ତୁମ ଅଜା କାହାକୁ ଭଲ ପାଆନ୍ତି ?"

"ଅବଶ୍ୟ ଧନେ ଆଈକୁ ଭଲ ପାଉଥିବେ କିନ୍ତୁ ଆଈ ତ ନାହାନ୍ତି ଆଉ; ପୁଣି ବୁଢ଼ାବେଳେ........."

"foolish ! ମୁଁ କଣ ସେଇ ଭଲପାଇବା କଥା ପଚାରିଲି ? ମୁଁ ପଚାରୁଛି ତୁମ ଅଜାଙ୍କର କଉଁ କଥାରେ ସଉକ । ଅର୍ଥାତ୍ କିଛି hobby ଅଛି କି ନାହିଁ । ବୁଢ଼ାବାଳେ hobbyଟା ପ୍ରାୟ strong ହୁଏ ।"

"ଓଃ, ସେ କଥା କହ ।...... ...ସେ ଖାଲି ଗୁଡ଼ାଖୁ ଖାଆନ୍ତି ।"

"ଅଚ୍ଛା ! idiot—ସେଇଟା କଣ ଗୋଟାଏ hobby ! ମୁଁ କହିଲି, ସେ କଉଁଥିରେ ବେଶି interested—ଅର୍ଥାତ୍ କିଛି ଅଛି କି ନାହିଁ ।"

ମୃଣ୍ମୟ ମନେମନେ ଭାବିଲା । ତାପରେ ହଠାତ୍ କହିଉଠିଲା, "ପାଇଲି, ପାଇଲି—ଅଛି । ଅଜା ଆମର କବିତା ଲେଖନ୍ତି । ସେ ଜଣେ କବି ।"

"All right—That's enough ଆଉ କିଛି ଦରକାର ନାହିଁ । ତମେ ନିଶ୍ଚିନ୍ତ ରୁହ । ମୁଁ ଜିତିଲି ।"

"planଟା କଣ କହିବନି ଥରେ ?"

"କହିଦେଲେ ଭଣ୍ଡୁର ହୋଇଯିବ । ଫଳ ଅଇଲେ କହିବ ।"

"you are a dear" କହି ମୃଣ୍ମୟ ଗୋଟିଏ Kiss କଲା ଅନ୍ଧାରରେ । ଫେରି ପାଇବା ପାଇଁ ଅପେକ୍ଷା କରୁଛି ଦେଖି ଶାନ୍ତ କହିଲ, "ଅଜି ଥାଉ, ମୋର success ହେଲେ ଯାଇ ପାଇବ । ଅଜି ମୋ ମୁଣ୍ଡ ଖେଳୁଚି ।"

ସେଦିନର କାମ ସରିଲା ।

ଆଉ ଦିନେ । ପୁଣି ସେଇ ବ୍ରିଜ ଉପରେ ପାଖପାଖି ବସି ଦୁହେଁଯାକ । ମୃଣ୍ମୟ କହିଲ, "କେତେଦୂର darling ?"

ଶାନ୍ତ ଉତ୍ତର ଦେଲା, "ଅନେକ ଦୂର ।"

"ମାନେ ? ଅନେକ ଦୂର ବାକି ଅଛି ନା ଅନେକ ଦୂର ଅଗେଇଛ ?"

"ତମେ କଣ ଭାବୁଁ ?"

"ମୁଁ ଭାବେଁ କାଲି ଆମର ବୋଝଟା ହୋଇଯାଆନ୍ତା ।"

"ବଡ଼ କଠିନ କାମ । ଉଦୁଲା ହେଲେ ଚଳିବ ନାହିଁ ତ !"

"ତା ଠିକ କିନ୍ତୁ ବୁଢ଼ା ଯଦି ଅଡ଼ି ବସିବେ ସେଥିକି

"ସେଇଥିପାଇଁ ତ ଧୈର୍ଯ୍ୟ କଟିନ ହୋଇ ପଡ଼ୁଛି ।"

କିଛିକ୍ଷଣ ଉଭୟେ ନୀରବ ।

ଶାନ୍ତ ଜାଗ କରି ଶାନ୍ତ କହିଲ—"ଅଚ୍ଛା ତୁମେ ଯେ ଆମ ବିଭାଘର କଥା ପକେଇଥିଲ, ସେଥିରେ ସେ କଣ କହିଲେ ?"

Digitized by srujanika@gmail.com

"କଣ କହିଲେ ସେ କଥା ଶୁଣି ତମର ଲଜ୍ଜା ନାହିଁ । ତେବେ ଏତିକି ଜାଣ ଯେ ସେ ମଡ଼ର୍ଣ୍ଣ ଗାର୍ଲଙ୍କ ଦୁ'ଅକ୍ଷରେ ଦେଖି ପାରନ୍ତି ନାହିଁ । Old ideas ! ତୁମେ ପାଠୋଇ କଲେଜ ଗାର୍ଲ୍, ଏତିକି କଥା ଶୁଣି ତ ଏକବାରେ ଖପ୍ପା । ଆଉ ଭଲ ମନ୍ଦ କହିବାର ବା ବୁଝିବାର ଫୁରସତ ନାହିଁ ? ମଡ଼ର୍ଣ୍ଣ ଗାର୍ଲଙ୍କ ନନ୍ଦା ତ ଅନର୍ଗଳ ଚାଲିଛି ।"

"ତାର କାରଣ ସେ କେବଳ ମଡ଼ର୍ଣ୍ଣ ଗାର୍ଲଙ୍କ ସଂସ୍ପର୍ଶରେ ଆସି ନାହାନ୍ତି । ମଡ଼ର୍ଣ୍ଣ ଗାର୍ଲଙ୍କ qucelitice, Charms ତାଙ୍କୁ ଛୁଇଁ ପାରିନାହିଁ ।"

"ତୁମେ ଛୁଆଇଁ ଦେଇ ଆସିଲ ପରା ?"

"ହେଉ !......ମୁଁ ତ ଜାଣିଗଲି ତାଙ୍କ Weakness ଟା କେଉଁଠି, ସେଇ Weak pointରେ strike କଲି ଏକଦମ୍ ।"

"କଣ, କଣ ଶୁଣେ ଟିକିଏ" ମୃଣୁ ଆଗ୍ରହରେ ପଚାରିଲା ।

ଶାନ୍ତି ହସି କହିଲା, "ଶୁଣ, ମୁଁ ଯାଇ ସିଧା ପହଞ୍ଚିଗଲି ବୁଢ଼ା ପାଖରେ......"

"ସାହସ ହେଲା ?"

"Inturupt କର ନାହିଁ ।"

"ପ୍ରେମରେ ପଡ଼ିଲେ ମାଇକିନା କାହିଁ କଣ କରି ନ ପାରନ୍ତି !"

"ତେବେ ଆଉ କହିବି ନାହିଁ । ଯେତିକି ହେଲା ସେତିକ ।" ଶାନ୍ତି ଅଭିମାନର ସ୍ୱରରେ କହିଲା ।

ତାର ହାତ ଧରି ପକେଇ ମୃଣୁ କହିଲା, "ନା, ନା, Excuse me—ମୋର ଦୋଷ ହେଇଛି ।"

ଶାନ୍ତି କହିଲା—"ମୁଁ ଯାଇ ପରିଚୟ ଦେଲି ଯେ—ମୁଁ ଆସିଛି ତରୁଣ ସାହିତ୍ୟ ସମାଜ ତରଫରୁ—ଆମର ଗୋଟାଏ ନୂଆ ପତ୍ରିକା ବାହାରୁଛି—ନାମ ତରୁଣ—ସେଥିରେ ଆପଣ ଗୋଟାଏ ଆଶୀର୍ବାଣୀ ଦେବେ—ଆଉ ଗୋଟାଏ କବିତା ।"

"ତାପରେ କ'ଣ କହିଲେ ?"

"ତାପରେ କଣ କହିଲେ ! ବୁଢ଼ାଙ୍କୁ ଖୁବ୍ ତୋଷାମଦ କଲି ସାରି ତେବେ କହିଲି । ଆଗେ କରିଗଲି ତାଙ୍କର ଗୁଣ ବ୍ୟାଖ୍ୟାନ । କହିଲି, ସେ ଲେଖି ଲେଖି ଲେଖିଲେ ଯଥେଷ୍ଟ, ତାଙ୍କ ଗୁଣ ବିକାଶ ହୋଇ ପଡ଼ୁଛି ସ୍ୱରଅକ୍ଷରେ—ସାହିତ୍ୟିକ-ମାନେ ଅତ୍ୟନ୍ତ ଜାଣନ୍ତି । ସେ ଜଣେ ପ୍ରତିଭାବାନ କବି । ବୋଧହୁଏ ଏ ଯୁଗର ସର୍ବଶ୍ରେଷ୍ଠ ଲେଖକ । ଅମର ଉକ୍ତି ତାଙ୍କ ପଦାରେ ପଦାର ଆମ ସାହିତ୍ୟର ଗୌରବ ବଢ଼ାଇଛି ଇତ୍ୟାଦି ଇତ୍ୟାଦି ।"

ମୃଣୁ ଆଗ୍ରହରେ କହି ଉଠି ପଚାରିଲା । କହିଲା—"ଧନ୍ୟ ବାବା......"

ଆହୁରି କଣ କହିବାକୁ ଯାଉଥିଲା, ଶାନ୍ତି ବାଧା ଦେଇ କହିଲା, "ବୁଢ଼ା ତ ଆନନ୍ଦରେ ଗଦଗଦ । ମୋ ଆଗରେ damned pleased"

"ସେ ତୁମ loveରେ ପଡ଼ିଗଲା ନାହିଁ ତ ?"

"ଈର୍ଷା ହେଉଛି କି ?"

"ହଉନାହିଁ ନା—ତମର ଯେଉଁ Charms ସେଥିରେ..."

"ଦୂର......ଶାଳି ସେଇ କଥା । ହଁ—ବୁଢ଼ା ତ ଖୁସି ହୋଇ । ମୋତେ ଜବାବ ଦେଲା କବିତା ଦେବ । ଆଶୀର୍ବାଣୀ ଦେବ—ପୁଣି ତା ଉପରେ ଟଙ୍କା କିଛି ଦେବ ବି ନିଶ୍ଚୟ । ଏ କଥା ଜାଣିଲା—ଆଉ ବୋଲି ।"

"ତମେ ପ୍ରଥମ୍ରୁ ପଚାରିଛ ପରା ?"

"ଆମେ ତିନିଜଣ ଆମମାନେ born ଧୂର୍ତ୍ତ ।"

ଦୁହେଁ ହସିଲେ ।

ମୃଣୁ କହିଲା, "ତାପରେ ?"

"ତାପରେ ଆସିବାବେଳକୁ ବୁଢ଼ା ନିଜେ ମୋ ସାଙ୍ଗରେ ଆସି ଛାଡ଼ିଦେଇ ଗଲା ।"

"ବିଳକୁଲ ବାଗେଇ ନେଇଛ ତେବେ ।"

"ଏକଦମ । ପ୍ରଥମ ଆଳାପରେ ଆଉ ବେଶି proceed କରିବା ଉଚିତ ନୁହେଁ । ମୋ ମତ ତାଙ୍କର ରୁଚି, ପ୍ରକୃତି ଚିହ୍ନି ଗଲି । ତାପରେ ପୁଣି ପ୍ରସ୍ତାବ ଦେବାମାତ୍ରେ ବୁଢ଼ା କି ଆଉ ଛାଡ଼େ ! ତାଙ୍କ ସେ ମୁଖ ଆଗଣାରେ ଆଗେ ଯାଇ ଲାଗି ।"

"ମୁଁ ତେବେ କାଲି ପ୍ରସ୍ତାବଟା ପକେଇ ଦେବି ।"

"Hasty chap ! ଏତେ ତରବର ହୁଅନା । ଆଉ ଦିନ'ଟେ ଯାଉ । ମୋର କନିଷ୍ଠତାଟା ବି ଅଛି ଟିକେ ରଖି ଦେଉ ।"

"ମୋତ ଦଉ ଦେଖକି—ଆଉ ତ ମଲିଣୀ—ବୁଢ଼ା ଯେଉଁ ପୁଣି ନିଜେ ଆତୁର ହେବେ ।"

Digitized by srujanika@gmail.com

"ହେଲୁ, ଅତି ଅସଭ୍ୟ !"

'ନା, ମୁଁ ଖୁବ୍ ସଭ୍ୟ" କହି ମୃଣୁ ପୁଣି କଲା ଚୁମ୍ବନ ।

ସେଦିନ ଏଇଠି ବିଦାୟ ।

ଏହାର ଦୁଇଦିନ ପରେ—

ଶାନ୍ତ କହିଲା, "ଛି, ଛି କି ଲଜ୍ଜା । ମୋତେ କାହିଁକି ଏ କାମରେ ପଠେଇଲ ଭଲା ।"

"ମୁଁ କଣ ପଠେଇଲି ! ତୁମେ ତ ଆପେ ଅଙ୍ଗୁର ହାତ ମାରି ଚାଲିଗଲ ।"

"ଛି, କି ଦୁଷ୍ଟା ଭଳି କଥା କହିଲ, ମୁହଁ ଦେଖେଇବି କେମିତି ?"

"କାହିଁକି ମଡର୍ଣ୍ଣ ଗାର୍ଲ କଣ ଲାଜ ମାନନ୍ତି କି ?"

"ଆଉ କଣ ସେମାନେ ବେହିଆ ଅଲାଜୁକ ?"

"ସେକଥା କହୁନି, ତେବେ ସରମ କରିବାଟା ଗୋଟାଏ ଦୁର୍ବଳତା ବା oddity ବୋଲି ଭାବନ୍ତି ସିନା ?"

"ଏ ଭଳିଆ କଥାରେ ନା ? ଏଟା ଯେ କହୁଛ......"

"ତୁମେ କଣ ହେଉଛ କହୁନା ଖୋଲି କରି ।" ମୃଣୁ କହିଲା ।

ଶାନ୍ତ ଚିଠି ଖଣ୍ଡିକ ତା ଆଡ଼କୁ ବଢ଼ାଇ ଦେଲା ନିରବରେ । ମୃଣୁ ଟିକେ ହସି ଚିଠି ପଢ଼ିଲା ।

ଚିଠିରେ ଲେଖାଥିଲା—

କଲ୍ୟାଣି !

ତମେ ନାମ ବଦଳାଇ ଥିଲେ ମୁଁ ବି ତୁମକୁ — ର କନ୍ୟା ଶାନ୍ତି ବୋଲି ଚିହ୍ନି ପାରିଥିଲି ଦେଖିବା ମାତ୍ରେ । ତମ କଥା ମୁଁ ଆଗରୁ ଜାଣିଥିଲି । ମୃଣୁଟାକୁ ଓ ତମର ଯାତ୍ରା ମୋ କାନରେ ପଡ଼ିଛି ଅନେକ ଆଗରୁ । ସେଦିନ ବିଧୁଙ୍କ ଉପରେ ତମ ଦୁହିଁଙ୍କର ଅଭାବ ଲୀଳା ନିଜ ଆଖିରେ ଦେଖି ଆସିଲି । ସେହିଦିନଠୁଁ ମୁଁ ମନେ ମନେ ଠିକ୍ କରି ରଖିଛି ତମ ଦୁହିଁଙ୍କୁ ପୁଣି ଡୋରରେ ବାନ୍ଧିବି ବୋଲି । ତମର ଅଭ ଭାବରେ ଜାଣିବା ପାଇଁ ଏତେ କୌଶଳ ଓ କଷ୍ଟ କରିବାର ଦରକାର ନଥିଲା । ତମ ବିବାହରେ ମୋର ପୂର୍ଣ୍ଣ ଅନୁମତି ରହିଛି । ବୁଢ଼ା ହେଲେ ମୁଁ ତମମାନଙ୍କ [illegible] । ପ୍ରେମର ମର୍ଯ୍ୟାଦା ବୁଝେଁ । [illegible] ଆମଠି ବି ଦେଖ-[illegible] । ଏଇଥିପାଇଁ ତୁମ ବାପାଙ୍କଠାରୁ [illegible] ରହିଛି ପଠାଉଛି । ଗୋଟାଏ ସେମାନଙ୍କୁ ଭୁଲ ପଡ଼ିଗଲା ତୋଳି ନାଗଣ ହେବ ନାହିଁ । ଜୀବନରେ କାହାର ସେମାନଙ୍କ କରିବାର ଅବସର ଅଛି ତୁମର । ଭୁଲ ଏପରି ହୋଇଥାଏ । ବିଶେଷତଃ ଏଇ ବୟସରେ ତୁମ ଦୁହିଁଙ୍କ ଭିତରେ ପ୍ରେମର ଗଭୀରତାଟା ପରୀକ୍ଷା କରି ଦେଖୁଥିଲି କେବଳ ।

ଏ ପତ୍ରକୁ ତୁମ ଶୁଭମିଳନର ଆଶୀର୍ବାଦ ରୂପେ ଗ୍ରହଣ କରିବ । ଇତି ।

ତୁମର

'ଅଙ୍କଲ ପୁଲ'

ଚିଠି ପଢ଼ି ସାରି ମୃଣୁ କହି ଉଠିଲା—"ଆଉ ତେବେ କଣ ! Congratulations ଏତିକି କହି ସେ ଶାନ୍ତକୁ ଭିଡ଼ି ଆଣି ତାର ଲଜ୍ଜାନତ ଗଣ୍ଡ ଉପରେ ପ୍ରଗାଢ଼ ଚୁମ୍ବନର ବର୍ଷା ଧାରା ଢାଳିଦେଲା ।

ଶାନ୍ତ କହିଲା—"ଏବେ ତେଣିକି ଥାଉ—ତୁମକୁ Congratulate କରିବାକୁ ମୋତେ ଫୁରସତ ଦେବ ନାହିଁ କି ?"

Sorry ବୋଲି କହି ମୃଣୁ ନିଜର ଗାଲ ଦେଖାଇଦେଲା ।

——*——


## ନୋଟିସ

### ଓଡ଼ିଶା ସର୍ଭେ ଟ୍ରେନିଂ ସ୍କୁଲ-ଅସୁରାଳି

ପୋ: ଅ: ଖୋଠାର-ବାଲେଶ୍ୱର

ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଓ ଗଡ଼ଜାତ ମାନଙ୍କର ଯେକୌଣସି ସ୍ଥାନରେ ପନ୍ଦର ଜଣରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଏକଯୁଟ ହୋଇ ଜଣାଇଲେ ସେ ସ୍ଥାନକୁ ଶିକ୍ଷକ ଯନ୍ତ୍ରାଦି ସହ ଯାଇ ସର୍ଭେ ଶିକ୍ଷାଦେବେ, ନିୟମାବଳୀ ପାଇଁ ହେଡମାଷ୍ଟରଙ୍କ ନିକଟ ୦୯-ର ଡାକଟିକଟ ପଠାନ୍ତୁ !


Digitized by srujanika@gmail.com

# ( କିଏ କହିବ କାହିଁକି )

ପ୍ର – ଗୋଦାବରୀଶ ମିଶ୍ର "ପଂଡିତ" ହେଲେ କାହିଁକି ?

ଉ– "ଅର୍ଦ୍ଧଂ ତ୍ୟଜନ୍ତି" କରିବାରୁ ।

× × ×

ପ୍ର—କଣ୍ଠ ଦାସେ ଯୁବ ସାମ୍ପ୍ରଦାୟ ଛାଡ଼ିଲେ କାହିଁକି ?

ଉ—ସମ୍ପ୍ରଦାୟରୁ ପଶ୍ଚାତରେ ରହିବା ମୂର୍ଖାମି ଜନକ ବୋଲି ଜାଣି ।

\+ × +

ପ୍ର—ଯଦୁମଣିଙ୍କ ନାମ "ମଙ୍ଗରାଜ" କାହିଁକି ?

ଉ—କଉଥିରେ ଅମଙ୍ଗ ନ ହୋଇ ସବୁ କଥାରେ ମଙ୍ଗିବାରୁ ।

\+ × +

ପ୍ର—ବିଚିତ୍ରାନନ୍ଦ ସାର୍ବଜନୀନ ( Public ) ସ୍ୱାମୀ ହେଲେ କାହିଁକି ?

ଉ—'ଖାସ ସ୍ୱାମୀ' Private ବୋଲି ଦାବି କରିବାର କେହି ନ ଥିବାରୁ । + × +

ପ୍ର—ନୀଳକଣ୍ଠ ଦାଢ଼ି ଛାଡିଲେ କାହିଁକି ?

ଉ—ଗୋପବନ୍ଧୁ ହେବାପାଇଁ ଅଗ୍ରଗଣ୍ୟ ହରିହରଙ୍କ ସାଙ୍ଗେ ଟକ୍କର ମାରି ।

× × +

ପ୍ର—ଜଳେଶ୍ୱର ମାରୁଅଡ଼ ଅଣା ଓ ନବ ଓଡ଼ିଶା ଖବର କାଗଜର ମାଲିକ ସତ୍ତ୍ୱ କିଣିଲେ କାହିଁକି ?

ଉ—ଓଡ଼ିଶା ମୁଲକ ଯାକ "ଧରମଶାଳ" ବନାଇବେ ବୋଲି ।

ପ୍ର—ସରଳା ପାରଳାଙ୍କୁ ସମର୍ଥନ କରୁଛନ୍ତି କାହିଁକି ?

ଉ—ପା ଓ ସ ଦୁଇଟା ଅକ୍ଷର କାଟିଦେଲେ ବାକି ଯାକ ସମାନ ।

\+ + +

ପ୍ର – ପାନ ଦର ଦୁଣା ହେବାର ଶୁଣା ହେଉଚି କାହିଁକି ?

ଉ – ବ୍ରଜବାବୁ ନାହାନ୍ତି ପରା !

× + ×

ପ୍ର – ପ୍ୟାରିଶଙ୍କରଙ୍କ ସଙ୍ଗୀତ ପ୍ରଚୁର ସଫର ହେଉଚି କହ ଯାଉଥିଲ କାହିଁକି ?

ଉ – ସଙ୍ଗୀତ ତାଙ୍କ ବଂଶଗତ ବିଦ୍ୟା । ଗୌରିଶଙ୍କର ତାଙ୍କପୁର ବଜାଉଥିଲେ – ପ୍ୟାରିଶଙ୍କର ଗ୍ରାମୋଫୋନ୍ ଭଲ ବଜାଇ ଜାଣନ୍ତି ।

\+ × ×

ପ୍ର – କମ୍ୟୁନିଷ୍ଟଦଳ ମହାରାଜାଙ୍କୁ ସମର୍ଥନ କରୁଛନ୍ତି କାହିଁକି ?

ଉ   ମହାରାଜଙ୍କୁ "ସର୍ବହରା ଦେଖି ।

× + ×

ପ୍ର – ଏସ୍ ରାୟ ରାଭେନ୍‌ସା କଲେଜର ପ୍ରିନ୍‌ସପାଲ ହୋଇ ନ ପାରିଲେ କାହିଁକି ?

ଉ – "ଣ" ଅକ୍ଷରଟି ଅଲ୍ପବ ପଡିବାରୁ ।

\+ × +


## କୁବେର ବ୍ୟାଙ୍କ ଲିଃ

ହେଡ଼ ଅଫିସ——କଲିକତା

**ଶାଖା ଅଫିସ ମାନ:** –

ଢାକା, କାଲିମ୍ପଙ୍ଗ୍, ସିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

**୧୬ ତାରିଖ ନଭେମ୍ବର ୧୯୪୩ ରେ**
**ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତପ୍ରକାର ବ୍ୟାଙ୍କିଂ କାମ କରାଯାଇଥାଏ ।

ଯାଜପୁର ଶାଖା ଶୀଘ୍ର ଖୋଲିବ ।

ଏସ୍. କେ: ଚକ୍ରବର୍ତ୍ତୀ

ମ୍ୟାନେଜିଂ ଡିରେକ୍ଟର


Digitized by srujanika@gmail.com

# ELEGY ବା ଶୋକଗୀତି

ଲେଖକ—ଧୂସର କବି (gray)

କାନ୍ଦରେ ଉତ୍କଳବାସୀ ଛାଡ଼ି ଯୋଗନିଦ୍ରା,
ମାଡ଼ିଆସୁ ଅଷାଢ଼ୁଆ ମହାନଦୀ ବଢ଼ି ।
ଯାକୁ ନ ମାଡ଼ୁଣୁ କାନ୍ଦ, ଦିଅ ଆଖି ମଳି,
ନ ପାରିଲେ ଦି ଆଖିରେ ଛେପ ଦିଅ ବୋଳି,
କାନ୍ଦରେ ବାହୁନି ସର୍ବେ ଛାଡ଼ି ତୋଷ ଭୋଗ,
କୋଠିଆଣି ବଜାରରୁ (ଖଟେଣ୍ଡ) 'ଅଳିଆଳା ଶୋକ ।'
ମୁଣ୍ଡରେ ବାଡ଼େଇ ହାତ କାନ୍ଦ ସଭା କରି,
ଖବରଦାର ! ଧୀରେ ଧୀରେ, ଭାଙ୍ଗିଯିବନି ଠେରି !
ବକ୍ଷ ତାଳେ କାନ୍ଦ ହାତ, କାନ୍ଦୁଣି ଛାତିରେ,
ବିଛଣାରେ ଶୋଇ କାନ୍ଦ ଅନ୍ଧାର ରାତିରେ ।
ପଟ୍ଟୁଆର କରି କାନ୍ଦ ସୁଡ଼ୁ ସୁଡ଼ୁ ହୋଇ,
କାନ୍ଦି ସଡ଼କର ନାଲି ମାଟି ଦିଅ ଧୋଇ ।
ନ କାନ୍ଦିବ ଯେବେ ଆରେ ଜାତଟା ତମାମ୍,
ଅସଲ୍ ଓଡ଼ିଆ ଜାତି ନିମକ ହାରାମ୍ ।

ତମ ପାଇଁ ଛାଡ଼ିଲେ ଯେ ପୁତ୍ର, ଦାରା, ଘର,
ପରକୁ ଆପଣା କଲେ, ଆପଣାକୁ ପର ।
ଦଶକୁ ମହାର୍ଘ ମଣି କଲେ ଦେଶ ସେବା,
ତ୍ୟାଗୀ ବ୍ରହ୍ମଚାରୀ ପଣେ ତାଙ୍କୁ ସରି କେବା ?
ଦେଶ ପାଇଁ ଭାବି ଭାବି ବାଳ କଲେ ପାଚି,
ଟାକଲା ନିଶରେ ଆଉ ନ ବସନ୍ତି ମାଛି ।
ଦାଢ଼ି ବିନା କେହୁ ହୋଇ ପାରେକି ପଣ୍ଡିତ ?
ତାଙ୍କଠାରେ ଏ ନିୟମ ହୋଇଲା ଖଣ୍ଡିତ ।
'ଅର୍ଦ୍ଧଂ ତ୍ୟଜତି' ନୀତି ଯେଣୁ ଥିଲେ ପଢ଼ି,
ଶିଖାଇଲେ ତ୍ୟାଗ ଧର୍ମ୍ମ ଆପଣେ ଆଚରି ।

ଏଭଳି ପଣ୍ଡିତ ଆଜି ଛାଡ଼ିଗଲେ କାହିଁ,
ହାୟରେ ଉତ୍କଳବାସୀ ତୁମ ହିତ ପାଇଁ ।
ସ୍ୱର୍ଗରୁ କଣ୍ଟଇ ପଡ଼ି ହୋଇଲେ କୁମ୍ଭକାର,
ପାତାଳେ ପଡ଼ିଲେ ଯାଇ ନ ଥାଇ ଚିହ୍ନମାତ୍ର ।
ଦାଢ଼ି ସଙ୍ଗେ ବାଦ କରି ଏହି ହେଲା ଫଳ,
ମାଡ଼ି ଦଳି ଦେଲା ମଣ୍ଡଳିଜ ଦନ୍ତାବଳି !
'ଝଣ୍ !' କାମ୍ ହେଲା ! କମ୍ପି ଉଠେ ପ୍ରାଣିତତି;
ଅବନ୍ତୀ ରଜାଙ୍କୁ ଯେସନେ ପାଳିବନ୍ତା ମନ୍ତ୍ରୀ ।
ପୁଣି ମାରୁଥିଲେ ଗଲା ବାରମ୍ବାର ମରି,
ଏଥର ମରଣେ ଲାଗେ ଯନ୍ତ୍ର ଗଲା ସରି ।
ଆଉକେ ବୁଝିବ ହିତା ବିଦ୍ୟାରେ ଭାରି,
'ଡନ୍-ଫାଟି' ଫାଙ୍କି ଗୀତ କେ ଗାଇବ ଆଉ ?
କେ ଜାଳିବ ସତ୍ୟବାଦୀ ସତ୍ୟର ଆଲୁଅ,
ଆଦର୍ଶ ଚରିତ୍ର ଦେଖାଇବ କାହିଁ ପୁଅ ?
ତୁମେ ଯଦି ମଲ—ତୁମ ଆତ୍ମାଟି ଅମର,
କୀର୍ତ୍ତିରାଜି ତବ ହିନା ଅଜର, ଅକ୍ଷର ।
ଚିରଦିନ ଦେଉଥିବ ଲୋକଗଣେ ଶିକ୍ଷା,
ତହୁଁଣି ଉଠିବେ ମାତି ଧରି ତୁମ୍ଭ ଦୀକ୍ଷା !
ଧନ୍ୟ ଏ ଉତ୍କଳ ଦେଶ ତୁମରି ଆଦର୍ଶେ,
ଅକାଶେ ଝେଙ୍କାରେ ଶିର ଏ ଭାରତବର୍ଷେ ।
ଗୀତ ଶେଷ କରି ଏବେ ମାଗୁଛୁ ମେଲାଣି,
କାନ୍ଦିବାକୁ ଅଖିଦାଣ୍ଡା ଝାପ୍ସା ହେଲାଣି ।
ଏକେବେଳେ ସର୍ବେ ମିଳି କାନ୍ଦିନିଅ ଥରେ,
ବେଳ ଗଡ଼ିଗଲେ ପୁଣି ପସ୍ତେଇବ ପରେ ।

Digitized by srujanika@gmail.com

# କାଳିଆ ବଳଦ ଗଲା ଗଲା......

ସଂଗ୍ରାହକ—**ଦେବ ମହାପାତ୍ର**

"ମାଡ଼ ଗୋଳ କରିବା ଭଲ, ମାତ୍ର ଟଙ୍କାଏ ମୁଣ୍ଡି ଚୋରି କରିଯାଇ ପାରେ।"

"ହଁ, କିନ୍ତୁ ସବୁବେଳେ ଦୁର୍ବଳଅ ଲୋକଟାଏ ପାଇ ପାରିଲେ ତ!" × × ×

ସ୍ୱାମୀ—ମତେ ଗଧ ବୋଲି ଡାକ ଗୋଟାଏ ମାତ୍ର ଚଡ ଦଜନ କାହିଁକି! ସେକଥା କହିବା ତ ତୁମର ଉଚିତ!

ସ୍ତ୍ରୀ—ନା, ନା, ତାଠିକ ହବନି।

ସ୍ୱାମୀ—ହବନି କାହିଁକି; ଗଧ ଭଳିଅ ମୋର ସେତାଏ କାନ ନାହିଁ ବୋଲି ନା କଣ?

ସ୍ତ୍ରୀ—ନାହିଁ, ନାହିଁ, କାନ ତୁମର ତେତେ ଅଛି

ସ୍ୱାମୀ—ଆଉ କଣ ଲୋଡ଼ା?

ସ୍ତ୍ରୀ—ସେତକ ଅଧିକ ଗୋଡ଼ + + +

ବାବୁ—ତମେ ତୁମର ଜୀଳ ଏପର୍ଯ୍ୟନ୍ତ ପଚାରିଲଣି, କଥା କଣ?

ଦରିଦ୍ର—ଆଜ୍ଞା. ମୁଁ କେବେ କୌଣସି ଭଦ୍ରଲୋକଙ୍କୁ ଟଙ୍କା ମାଗେନାହିଁ

ବାବୁ—ସତ? କିନ୍ତୁ ସେ ଯାହା ନାଅନ୍ତୁ ତ ଦେଲେ କଣ ଭଲ?

ଦରିଦ୍ର—କେତେଥର ବଦ ଯାଏ ସେ ନାହିଁ ଥିଲେ ମୁଁ ଜାଣିପାରେ ଯେ ସେ ଭଦ୍ରଲୋକ ନୁହନ୍ତି—ତା ପରେ ମାଗେ। × + ×


ବ୍ୟବସାୟ ଓ ସଞ୍ଚୟର ସୁଯୋଗ

**ପାଇଓନିଅର କମର୍ସିଏଲ୍ ବ୍ୟାଙ୍କ ଲି:—**

**ହେଡ୍ ଅଫିସ—କଲିକତା।**

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ଯାତୁରିଆ, ଇଶ୍ୱରଡି, ଜୟନଗର, ମଙ୍ଗଲପୁର, ମିତ୍ରଗଞ୍ଜ।

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଳ, ଢୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାଡ଼ି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼ ଓ ପାଟନା।

(କଟକ, ବାଲେଶ୍ୱର, ବ୍ରହ୍ମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସ ଖୋଲା ହେଉଛି)

ମେନେଜିଂ ଡିରେକ୍ଟର—

ନଜଦଲ୍ଲି ନାଗପୁର। **ଶ୍ରୀ—ପି. ଏନ୍. ରାୟ ଚୌଧୁରୀ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫ ୨ ଜମା ଦେଲେ—ବାର ୪ ବର୍ଷ ପରେ ଓ ୫୦ ବର୍ଷ ବୟସରେ ୫ ୨୭୦ ଟଙ୍କା ପାଇବେ।


Digitized by srujanika@gmail.com

# ହରେକୈ ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ଊଣା ବାଳକ-ବାଳିକାମାନଙ୍କ ପାଇଁ)

ଉଦ୍ଦେଶ୍ୟ —

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଡଗରର ମଧ୍ୟସ୍ଥତାରେ ପତ୍ରବନ୍ଧୁତ୍ୱ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

## ସର୍ବହରା

ଧନୀ ଗୃହୀ ପାଖେ ମୁଁ ମାଗିବୁଲେ
ଦୁଆରେ ଦୁଆରେ
କାହିଁ ମାନ ଅପମାନ ଥିଲେ ହେଲେ
ମୋ ମନେ କାହାରେ ?
ଯେ ଦେଲା ମୁଠିଏ ଭାତ
ଆଦରେ ମୁଁ ନତ କରେ ଶିର
ଉଦର ଯେ ପୂର୍ଣ୍ଣ ହୁଏ ସେ କରୁଣା
ବୋଲି ଗୀତଙ୍କର !
ସଂସାରରେ ଥିଲି ମୁଁ ମାଗି,
ଦିନେ ଏହି ପଥେ,
ଅନ୍ତିମ ଭୁଲିକା ସଜି
ମିଶି ଯିବ ଏଥି ମୁହିଁ ସତେ !
ଦୁନିଆଁ ମିତ୍ରଙ୍କ ପାଇଁ,
ସହେଁ ତାର ଚିର ଅନାଦର
ଏ ଦିନ କୁତ୍ସା ରଚି
ଶେଷେ ପୁଣି ଯା'ନ୍ତି ପରପାର
ଏ ମର୍ତ୍ତ୍ୟ ଜଡ଼ିତ ପିଣ୍ଡ
ଥିଲେ ଛଡ଼ି ନ ପାରଇ ସ୍ନେହ,
ହେଲେ ମଧ୍ୟ, ଅବ ଆସୁ ଦୁଃଖ ଦୈନ୍ୟ
ଗ୍ରାସ କରୁ ଦେହ !
ତଥାପି ଯେ ଅଛି ନାହିଁ
ଏହାପର ଯୁଗ ଯୁଗ ଧରି
ମାନବ ସମାଜ ନାହିଁ ବିଲକ୍ଷଣ
ଆସେ ଅନୁରାଗ !
ଏ ଦିନ ମାନବ ଲୋକେ
କିନ୍ତୁ ମୁଁ ଯେ ମାନବ ସମାଜେ
ଦିନେ ମନ ଅନୁଭବ କରି ନାହିଁ
ମୋ ହୃଦୟ ଶ୍ଳେଷ୍ୟ !
ଜୀବନେ ବା ଅନୁଭବ କରିବି
ଏ ସବୁ ଅଟେ ବୃଥା,
ସର୍ବହରା ହୋଇଛି ମୁଁ ନତ ମୋର
ଚିର ଧନ ମଥା !
ଦୁନିଆଁରେ ଜନମି ମୁଁ
ଦୁନିଆଁର ଦାନ ଲଭି ନେଇ
ସ୍ୱାର୍ଥ ପାଇଁ କିବା ଦୁନିଆଁ ଯେ
କରେ ନାହିଁ ନାହିଁ।

ଶ୍ରୀ ଗୋପୀନାଥ ବେହେରା
ପୁରାତନ ସଭ୍ୟ ୩୬୭ ନମ୍ବର

---

## ଆହ୍ୱାନ

ଭାଇ ଭାଇ ମିଳି ଆଜି ଗାଅ ଥରେ
ବିଜୟ ସଙ୍ଗୀତ,
ନିଷ୍ପେଷିତ ଜାତି ପ୍ରାଣ ହୋଇଉଠୁ
ନବ ପୁଲକିତ,

Digitized by srujanika@gmail.com

ସାସଗର୍ଭାଗ୍ର ପରେ
ଶୁଭ୍ର ଅରସମ ସ୍ୱରେ,
ସ୍ୱର୍ଗ ଗରୀୟସୀ ମାଅ ନାମ
ସଂକୀର୍ତ୍ତିତ,
ଅଧମ ସନ୍ତାନ ଡାକେ ଟେକି ମା’ତା’
ନଦ୍ରିତ ଲୋଚନେ।
କିପାଁ ଭାଇ କହ ମୂର୍ଖ ଅମେ ଏତେ
ଅଜ୍ଞାନ ଅଳସ,
ଭୂପବାସୀ ଯାର୍ଥୀ ଅମେ ନାହିଁ ପ୍ରାଣେ
ଟିକେହେଁ ସାହସ ?
ଜନ୍ମ ଲଭି ଏ ଧରାରେ
ଗୋଡ଼ ଲାଗି ପର ଦ୍ୱାରେ—
ହୋଇବାକୁ ଛୋଟା ମନେ ଭାବୁଛ କି
ମାନବ ଧରମ ?
ବୃଥାରେ କାନ୍ଦୁଛ କିପାଁ କହ ଭାଇ
ଅପଣା କରମେ।
ଅସ ଅବ ଭାଇ ଭାଇ ମିଳ ଥରେ
ଉଲ୍ଲସିତ ମନେ,
ମାଗି ନେବା କ୍ଷମା ଭରା ଅଶ୍ରୁ ଢ଼ାଳି
ଜନନୀ ଚରଣେ।
ହିଂସା କପଟାଦି ଭୁଲି
ସମସ୍ୱରେ ତାନ ଧରି
ଗାଇବା ସଦବେ ମିଳି ଜନ୍ମଭୂମି
ବୋଲେ ଜୟଗାନ,
ପଛତ ମାନବ ହୃଦେ ପ୍ରବେଶିବ
ତାଙ୍କର ଅହ୍ୱାନ।
ଶ୍ରୀ ବୀଣାକର ଦାଶ ନଂ ୭୨୮

---

## ବିଦାୟ-ଭଷା!

ସେ-ପାର ପ୍ରଭୁ ଯିବାର ଡାକ
ଅସିବ ଯେବେ ହୁଅର ଫେରି,
ଯିବ ମୁଁ ସେ ଦୂର ଦେଶେ
ସବୁ ବନ୍ଧନ ତ୍ୟାଗ ଦେଇ ।୧।
ରହିବେ ପଛେ ବନ୍ଧୁ-ବାନ୍ଧବ
ରହିବ ସ୍ନେହ ଗାଣ୍ଠି ମୋର,
ରହିବ ଭଣା ଏ ଗଛ-ଲତା
ରହିବ ମୋର ଜନମ ଘର ।୨।
ଶୁଣିବି ଯେବେ ଅନାଇ ପୁଣି
ପାଇବ ନାହିଁ ତାଙ୍କୁର ଥରେ,
ସ୍ମୃତି ଖାଲି ରହିବ ମୋର
ଲେଖା ଗୋ ତାଙ୍କ ମାନସ-ପୁରେ ।୩
ଜନମି ଥିଲି ଯାହାର କୋଳେ
ତାହାରି କୋଳେ ପଢ଼ିବଟଇ,
ମିଶାଇ ଦେବି ଏ ନର-ଦେହ;
ସାଗର ଦେହେ ଟିକିଏ ପରି ।୪।
ଏହାଉପରେ ନାଚ ଓ ଖେଳ
କାଟାଇଥିଲି ଶୈଶବ—କାଳ,
ଏହାର ପାଣି ପବନ ପାଇ
ବଢ଼ିଲି ଏହୁ ଶରୀର ମୋର ।୫।
ଭୁଝିନ ପାରି ଉପକାର ତା
ଚଳିବ ଯେବେ ସେ ଦୂର ପୁରେ,
ଜାଣେନା କ୍ଷମା ଦେବ କି ନାହିଁ
ଅଟେମ ଡର ଏହୁ ଶିଶୁରେ ।୬।
ଜନନୀ ଅଟେ, ଜନମ ଭୂଇଁ
ସେ ଧାର ଭବ ଏତ ନ ପାଇ,
ଗୃହିବ ଯେବେ ଇଶ୍ୱର ମନେ
ଅଧମ ଏହୁ ଶିଶୁର କାଲ ।୭।
ଗାଇବୁ ମୋର ସ୍ୱନାମ-ଗାନ
ପିଇବୁ ଦୁରେ ଦୋଷ ଯେତେକ,
ଶେଷବେଳରେ ତୋହରି ପାଶେ
ଜଣାଣ ମୁହିଁ କରେ ଏତେକ ।୮।
ଶ୍ରୀ ହରେନ୍ଦ୍ର ନରସିଂହ ଦାସ ୪୮୬ ନଂ ଛାତ୍ର

Digitized by srujanika@gmail.com

REG. No. P. 441.  THE DAGARO—1-7-1944.


# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିମିଟେଡ

ପ୍ରତିଷ୍ଠିତ—୧୯୦୭

ସଞ୍ଚୟୀ ସର୍ବତୋ ଜୟୀ । ଦୁର୍ଦ୍ଦିନ ନ ଥିଲେ ସଞ୍ଚୟର ପ୍ରୟୋଜନ ନ ଥାନ୍ତା । ନିଜ ଶକ୍ତି ଅନୁସାରେ ସଞ୍ଚୟ କରିବା କେପରି ନିତାନ୍ତ ପ୍ରୟୋଜନ, ତାହା ବର୍ତ୍ତମାନ ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ଯୋଗୁଁ ଅଭାବଗ୍ରସ୍ତ ଲୋକମାନେ କି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବିଚାରକଲେ ଜଣାଯିବ । ଜୀବନର ଦାୟିତ୍ୱ ନେବା ଛଡ଼ା ଜୀବନ ବୀମା ଅନେକ ପରିମାଣରେ ଏକ ବାଧ୍ୟତାମୂଳକ ସଞ୍ଚୟ । ସାମର୍ଥ୍ୟ କିଛି କିଛି କିସ୍ତି ଟଙ୍କା ଦାଖଲ କରି ହିନ୍ଦୁସ୍ଥାନ ପଲିସ୍ କିଣି ନିଜର ଏବଂ କୁଟୁମ୍ବଙ୍କର ଦୁର୍ଦ୍ଦିନ ପାଇଁ ସଂସ୍ଥାନ କରନ୍ତୁ ।

### ସୁଦୃଢ଼ତାର ପରିଚୟ—

୧୯୪୧ ନୂତନ ବୀମାର ପରିମାଣ ୨ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବୀମାର ପରିମାଣ ୧୯ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବାର୍ଷିକ ଆୟ ଏକ କୋଟି ୧୦ ଲକ୍ଷ ।
ବୀମା ପାଣ୍ଠି ୫ କୋଟି ୨୧ ଲକ୍ଷ ।
ମୋଟ ସମ୍ପତ୍ତିର ପରିମାଣ ୪ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ।
ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କରେ ସୁଦକ୍ଷ ପ୍ରତିନିଧି ଆବଶ୍ୟକ ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଂସ୍
କଲିକତା ।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର
କଟକ ।


Printed & published by G. C. Mahapatra at the Gopinath Press, Bhadrak. 1944.

ବାର୍ଷିକ ତିନି ଟଙ୍କା ଅଠଅଣା ।  ରାଜସଂସ୍କରଣ ବାର୍ଷିକ ପାଞ୍ଚଟଙ୍କା ।

Digitized by srujanika@gmail.com

୮ମ ବର୍ଷ ଆଷାଢ଼ – ଦ୍ୱିତୀୟାଙ୍କ ୪ର୍ଥ ସଂଖ୍ୟା




Digitized by srujanika@gmail.com

ବ୍ୟବହାର ଓ ସଞ୍ଚୟର ସୁଯୋଗ

# ୟୁନିଅନ୍ କମର୍ସିଏଲ୍ ବ୍ୟାଙ୍କ ଲି:—

**ହେଡ୍ ଅଫିସ— କଲିକତା।**

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମିତ୍ରଗଞ୍ଜ।

**ନବପ୍ରତିଷ୍ଠିତ ଶାଖା —ଭଦ୍ରକ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼ ପାଟନା

(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲା ଯାଉଛି)

ମେନେଜିଂ ଡିରେକ୍ଟର—

ନୂଆଦିଲ୍ଲି ନାଗପୁର। **ସ୍ୱା— ପି. ଏନ୍: ରାୟ ଚୌଧୁରୀ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ୯ ଜମା ଦେଲେ—ବ ୪ ର୍ଷ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ।

# କୁବେର ବ୍ୟାଙ୍କ ଲି:

ହେଡ୍ ଅଫିସ——କଲିକତା

**ଶାଖା ଅଫିସ ମାନ:**

ଢାକା, କାଲିମ୍‌ପଙ୍ଗ୍, ସିଲିଗୁଡ଼ି, ବୋଗା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣାଘାଟ, ବଡ଼ବଜାର।

**୧୬ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି।**

ସମସ୍ତପ୍ରକାର ବ୍ୟାଙ୍କିଂ କାର୍ଯ୍ୟ ନିର୍ବାହ ହୁଏ।
ଜାଜପୁର ଶାଖା ଶୀଘ୍ର ଖୋଲିବ।

**ଏସ୍. କେ: ଚକ୍ରବର୍ତ୍ତୀ**
ମାନେଜିଂ ଡାଇରେକ୍ଟର

Digitized by srujanika@gmail.com

୮ମ ବର୍ଷ
୪ର୍ଥ ସଂଖ୍ୟା
ଅଷାଢ଼ ଦ୍ୱିତୀୟାର୍ଦ୍ଧ
ତା ୧୬-୭-୪୪ ରିଖ

# ଡଗର

# ହୁକା ହୁକା ହୁଆ

( ବିଲୁଆ ବିଗୁର )

—ପାକ୍ଷିକ—
ବାର୍ଷିକ ଟ ୩
ପ୍ରତିସଂଖ୍ୟା — ୦୮/
ରଜିଷ୍ଟ୍ରେସନ ୦ ୫୯

ହାତୀ ମଲେବି ତା ହାଡ଼ ରହିଥାଏ ପଡ଼ । ଗଜପତି ମନ୍ତ୍ରୀ ପାଦ ଛାଡ଼ିଲେ ମଧ୍ୟ ପାଦ ତାଙ୍କୁ ନଛାଡ଼ିଲା ପରି ଲାଗୁଛି । ସେ କଟକୀ ମୁଅଁସ ଛାଡ଼ି ନ ପାରି ମହାନଦୀ ପାଣି ଘାଣ୍ଟି ଚକଟ ପଙ୍କ କାଢ଼ି ଏକାକାର କରୁଛନ୍ତି । ଯୁଗଳ କହନ୍ତି —ଗଜପତିଅ ଅର ! ଭାଙ୍ଗିବେ ପଛକେ ନଇଁବେ ନାହିଁ ।

\+ × +

ଲାଟ ସାହେବଙ୍କ ୨୧ ମୁଣ୍ଡିଆ ସର୍ତ୍ତରୁ ୧୧ ଲଗିଗଲେଣି ! ବାକି ୧୦ ମୁଣ୍ଡ ମିଳିବାକୁ ଏ କଳା ମୁଣ୍ଡିଆ ଦେଶରେ କଇଁ ତା କଥାଟେ କମୁନିଷ୍ଟ ଦଳ ତିଆରି ଅଛନ୍ତି ଯେତେବେଳେ । ମଧୁପୁରଙ୍କ ମଧୁପୁର ଯାହାଙ୍କୁ ଅଟଳ ବା ଟଳପର ପୂରଣ କରି ଦେଇ ପାରିବେ ନାହିଁ କି ?

\+ × +

ଗାନ୍ଧିଜୀ ଯେପରି ନରମି ଅସିଲେଣି, ସେଥିରୁ ଅନେକେ ଆଶା କରି ବସିଲେଣି କି ଖୁବ୍ ନିକଟରେ ଗୋଟାଏ କିଛି ନେଇଷ୍ଟା ପାଇଷ୍ଟା ହୋଇଯିବ । ତାହା ଯଦି ହୁଏ ତେବେ ଅକାରଣରେ ଏତେ ଗୋଳଘାଣ୍ଟର ଦରକାର କଣ ? ମାଇପେ ଯାହା କହନ୍ତି— ଅହେଇ ହନକୁ କଟେଇ—! ମାଧବ ଅମେ କହୁଛୁଁ ଜବ୍ତକ୍ ଶାସ୍ ତବ୍ତକ୍ ଆଶ୍ ।

\+ × +

ପାରଳା ଯେପରି ପଣ୍ଡିତଙ୍କ ଗୋହି ଖୋଳିଥିଲେ, ଏବେ ପଣ୍ଡିତେ ପୁଣି ପାରଳାଙ୍କର ପୁରୁଣା ଫିଟାଇଛନ୍ତି । ସେ ସବୁ ଗୋହି-ପୁରୁଣ ଘାଣ୍ଟିବାରେ ହାତ ଗନ୍ଧେଇବ କିନା । ଏତିକି ମାତ୍ର ଏଥିରୁ ଜଣା ପଡ଼ିଲା ଯେ ଓଡ଼ିଆ ଢେଙ୍କୀ ପୁରୁଷରୁ ଗଲେ ବି ଧାନ କୁଟିବ । ସେ ଗଜ ହେଉ ବା ପଣ୍ଡିତ ହେଉ ।

\+ × +

ଜୟପୁରର ଯୁବ ମହାରାଜା କୁଆଡ଼େ ପଣ୍ଡିତ ଗୋଦାବରୀଶଙ୍କ ପୁଁଚୁଣା ବନ୍ଧୁ । ବନ୍ଧୁର ଉପକାର କରିବା ପାଇଁ ଅର୍ଥାତ୍, ଏ ବୁଢ଼ା କାଳରେ ଦୁରୁହ ରାଜ୍ୟ ଭାରରୁ ବନ୍ଧୁଙ୍କୁ ଅବ୍ୟାହତି ଦେବା ନିମନ୍ତେ ପଣ୍ଡିତେ ଜୟପୁର ରାଜ୍ୟକୁ କୋର୍ଟ ଅଫ ଓ୍ୱାର୍ଡ଼ସ୍ ଅଧୀନକୁ ନେବା ପାଇଁ ଲାଗିପଡ଼ିଥିଲେ । ପଣ୍ଡିତଙ୍କର ଏ ବନ୍ଧୁ ମୁଅତ ଶୁଣିଥାଉ ଅମେ ବାହାଦୁର ନ ଦେଇ ରହି ପାରୁ ନାହିଁ ।

ମହାରାଜା ବିକ୍ରମ ଦେବ ପଣ୍ଡିତ ଓ ଗୋଦାବରୀଶ ବି ପଣ୍ଡିତ । ପଣ୍ଡିତର କଳହ ପଣ୍ଡିତ ଛଡ଼ା ଅଉ କିଏ ବୁଝନ୍ତା ! ଗୁଣୀନ ଗୁଣଜ୍ଞୋ ରମତେ !

× + ×

ମନ୍ତ୍ରୀ ଗୋଦାବରୀଶ ଜୟପୁର ଯାଇଥିଲେ । ଯୁବ ମହାରାଜା ତାଙ୍କ ବଙ୍ଗଳାକୁ ଦୁଇ ଦିନପରେ ନେଇ ଅଛି ଅତିଥି ସମ୍ମାନ ଦେଖାଇ ସାକ୍ଷାତ ବି କଲେ । ଅନ୍ତଥ୍ୟରେ ଏମାନଙ୍କ ଗୁପ୍ତତର ଦୃଷ୍ଟି ହେଲା ତାହା ପଦାକୁ ବାହାରି ନାହିଁ ଅବଶ୍ୟ । କିନ୍ତୁ ଅନୁମାନରେ ଜଣା ଯାଉଛି, ମହାରାଜା ବିକ୍ରମ ଦେବ ଯେତେକ ପଣ୍ଡିତ ହୁଅନ୍ତୁ ପଛକେ ରାଜ-ଗୁହ୍ୟ-ଯୋଗ ବିଦ୍ୟାଟା ପଇଠ କରି ନାହାନ୍ତି । ସେଥି ପାଇଁ ଅମେ ପରାମର୍ଶ ଦେଉଁ କି ସେ ଉମାର ମହନ୍ତ ମହାରାଜଙ୍କ ଠାରୁ ମନ୍ତ୍ର ଗ୍ରହଣ କରି ପକାନ୍ତୁ । ଅଜରାମରବତ୍ ପ୍ରାଜ୍ଞଃ ବିଦ୍ୟା ମର୍ଥଂଚ ଚିନ୍ତୟେତ୍ ।

\+ + +

ଜଣେ ପଣ୍ଡିତ କୁଆଡ଼େ ହଲପ୍ କରି କହିଛନ୍ତି କି ଓଡ଼ିଶାରୁ ୯୩ ଧାରା ଶାସନ ଉଠାଇ ମନ୍ତ୍ରୀ ଶାସନ କରି ନ ପାରିଲେ ସେ ଦାଢ଼ି କାଟି ପକାଇବେ । ସତରେ ଯଦି ତାଙ୍କୁ ଦାଢ଼ି ଖସାଇବାକୁ ପଡ଼େ, ଓଡ଼ିଶାର ଯେ କ୍ଷତି ହେବ ତାହା ଅସ୍ପୃଶ୍ୟଙ୍କ ଅକ୍ରୂର ଦାଢ଼ି ଓ ମିଅଁଭାଇଙ୍କ ଛୁଦାକା ନୂର୍ ପୂରଣ କରି ପାରିବ ନାହିଁ । ଏଥିପାଇଁ ସମସ୍ତ ଓଡ଼ିଆ ଭାଇ ଅଣ୍ଡେଇ ପଡ଼ ଦାଢ଼ି ରକ୍ଷା ପାଇଁ ଲାଗି ଯାଆନ୍ତୁ । ଏଣିକି

Digitized by srujanika@gmail.com

ପମ୍ଫଲେଟ୍, ପୋଷ୍ଟର, ଖବର କାଗଜ, ବକ୍ତୃତା, ସଭା, ସମିତି ଆଦି ଆନ୍ଦୋଳନ କରଯାଉ। ଦରକାର ପଡ଼ିଲେ ଡେପୁଟେସନ ଯିବ, ହୁକୁର-ମଠର ଯାନ ବାହାରୁ, ରେଲଓ ବାହୁ। ନୋହିଲେ ଓଡ଼ିଆ ଜାତିର ଜୀବନର ଘୋର ସର୍ବନାଶ !

\+ × +

ଦୁଇ ପଂଡ଼ିତଙ୍କ ଦାଉରେ ତ ଓଡ଼ିଶା ବ୍ୟୋମମଣ୍ଡଳ ଧୂଳିମାଳିନ—ସେଥିରେ ଆଜ ପୁଣି ଏକ ପଣ୍ଡିତ ଉଦୟ ହେଲେଣି। ଏ ପଂଡିତଙ୍କ ସାଙ୍ଗରେ କନିକା ଯୁବରାଜଙ୍କ ଲଢ଼େଇ ଆରମ୍ଭ ହୋଇ ଗଲଣି। ଓଡ଼ିଶା ଚିରକାଳ ବୀର ପୁରୁଷ ମାନଙ୍କର ବିଳାସ ଭୂମି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କେବଳ ଦୁଃଖ ହେଉଛି ଯେ ପ୍ରବୀଣ, ନୀତି ନିପୁଣ 'ରଜେନ୍ଦ୍ର' ନନ୍ଦନ ହୋଇ ଯୁବରାଜ ସାହେବ ଯାହା ଅସାବଧାନତା ହେତୁ ଏପରି ଭୁଲ କରି ବସାଇଲେ। ସରଳ ପ୍ରାଣ ଟିକାଏତ ସାହେବ ଭୋଟାଭୋଟ ରଣରେ ଇତି ପୂର୍ବରୁ ବହୁବାର ଫେଲ୍ ମାରି ଆସିଛନ୍ତି। ଏଥର ଆମେ ତାଙ୍କର ମଙ୍ଗଳ କାମନା କରୁଁ।

× + ×

ଏ କାଳର ଚାଣକ୍ୟ ରାଜଗୋପାଳାଚାରୀ ଜୀଙ୍କ ପାକିସ୍ଥାନକୁ ମାନିନେଇ କଟଦନ ତଟଳ ଦେଶବାସୀଙ୍କର ଅପ୍ରିୟ ହୋଇଥିଲେ। ଏବେ ସେ ତାଙ୍କର ଯୋଜନା ସାଧାରଣରେ ପ୍ରକାଶ କଲେଣି। ସବୁଠୁ ଆଶ୍ଚର୍ଯ୍ୟ କଥା ଏହି ଯେ— ସ୍ୱୟଂ ଗାନ୍ଧୀଜୀ ଏହାକୁ ସମର୍ଥନ କରିଛନ୍ତି। ଅନୁଗଙ୍କ ମୂଳନୀତି ହେଉଛି—ସାଧାରଣ ଭୋଟ ବଳରେ କୌଣସି ଅଞ୍ଚଳ ଅଲଗା ହୋଇ ଯାଇ ପାରିବ। ନୀତି ଓ ନ୍ୟାୟ ହିସାବରେ ଏହା ଆଦରଣୀୟ ହେଲେ ମଧ୍ୟ, 'ଅଖଣ୍ଡ ହିନ୍ଦୁସ୍ଥାନ' ପନ୍ଥୀଗଣ ଏଥିରେ ଅସନ୍ତୁଷ୍ଟ। ସ୍ୱୟଂ ଜିନା ସାହେବ ମଧ୍ୟ ବୋ-ବୋ-ପଞ୍ଚା ହେଉଛନ୍ତି।

ଗାନ୍ଧିଜୀ ଏବେ ଅଚଳ ଅବସ୍ଥା ନିବାରଣ ପାଇଁ ଯେତିକି କହିଲେଣି, ସେଥିରୁ ଲାଗୁଛି—ଏ ବୟସରେ କାରାବାସ, ଅସୁସ୍ଥତା ଓ ପତ୍ନୀ ବିୟୋଗ ତାଙ୍କୁ ଟିକେ ଭାଙ୍ଗି ଦେଲାଣି।

\+ × +

କଥାରେ ଅଛି—ଟାଣୁଆ ମାରେ ଦୋହାରେ। ଗାନ୍ଧିଜୀ ଯେତିକି କୋମଳ ହେବେ, ଅପର ପକ୍ଷ ଯଦି ସେତିକି କୋମଳ ହୁଅନ୍ତି, ତେବେ ସବୁକଥା ମେଣ୍ଟମାଣ୍ଟ ହୋଇ ଯାଆନ୍ତା। ଏଣୁ କଳିର ନ୍ୟାୟ ଅନ୍ୟ ପ୍ରକାର। ଜଣେ ନରମ ହେଲେ ସମସ୍ତେ ତା ଉପରେ ଘୋଡ଼ା ଚଢ଼ନ୍ତି। ଠାକୁରେ କରନ୍ତୁ ଗାନ୍ଧିଜୀଙ୍କର ଏଇ ମନୋଭାବ ସରକାର ଓ ଜିନା ସାହେବଙ୍କ ହୃଦୟ ତରଳାଇ ଦେଉ, ଓ ଦେଶର ଏ ଅସହ୍ୟ ଅବସ୍ଥା ଶୀଘ୍ର ଦୂର ହୋଇ ଯାଉ। କାଳର ଗତିରେ ସବୁ କଥାର ପରିବର୍ତ୍ତନ ହେଉଛି। ଯେବେ ମହାତ୍ମା ଜୀଇ ଥାଉଁ ଥାଉଁ ତାଙ୍କ ଜୀବନର ପ୍ରିୟତମ ଉଦ୍ଦେଶ୍ୟ ପୂରଣ ହେବାର ଆଶା ବା ସୁଯୋଗଟା ହେଲେ ପାଇ ଯାଆନ୍ତୁ।

× × ×

ଶାନ୍ତ ରଙ୍ଗାରାଓ ବୋଲି ଜଣେ ଦ୍ରାବିଡ଼ ଓଡ଼ିଶା ଦେବୋତ୍ତର ବିଭାଗର କମିଶନର ପଦ ଆସୀନ ହୋଇଛନ୍ତି। ଏ ମହାଶୟ ଜଣେ ତେଲଙ୍ଗା ଓ ଓଡ଼ିଆ ଭାଷା କେତେ ଜାଣନ୍ତି ତାହା ଆମର ଅଗୋଚର। ସାଧାରଣ ମୁନ୍‌ସିଫ ପଦରୁ ଏପରି ଉଚ୍ଚ ଓ ଦାୟିତ୍ୱ ପୂର୍ଣ୍ଣ ପଦକୁ ଉଠିବା ଗୌରବ ଜନକ ଓ ଆମପକ୍ଷେ ଆନନ୍ଦର କଥା ହେଲେହେଁ ଏହି ଗୁରୁଭାର ମୁଣ୍ଡାଇବା ଭଳି କ୍ଷମ ଓ ସାଧୁ ବ୍ୟକ୍ତି ଯେ ଓଡ଼ିଆଙ୍କ ଭିତରେ ମିଳିଲେ ନାହିଁ ଏହା ଜାଣି ମନ ଭାବୁଛି— ଧନ୍ୟରେ ଓଡ଼ିଆ ଜାତି ! ଆଉ କେତେ କାଳେ.........

---

## ନୋଟିସ

## ଓଡ଼ିଶା ସର୍ଭେ ଟ୍ରେନିଂ ସ୍କୁଲ-ଅସୁରାଳି

ପୋ: ଅ: ଭୋଠାର-ବାଲେଶ୍ୱର

ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଓ ଗଡ଼ଜାତ ମାନଙ୍କର ଯେକୌଣସି ସ୍ଥାନରେ ପନ୍ଦର ଜଣରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଏକଯୁଟ ହୋଇ ଜଣାଇଲେ ସେ ସ୍ଥାନକୁ ଶିକ୍ଷକ ଯନ୍ତ୍ରାଦି ସହ ଯାଇ ସର୍ଭେ ଶିକ୍ଷାଦେବେ, ନିୟମାବଳୀ ପାଇଁ ହେଡମାଷ୍ଟରଙ୍କ ନିକଟ ୦।୯-ର ଡାକଟିକେଟ ପଠାନ୍ତୁ !

Digitized by srujanika@gmail.com

## ମ ୁ ଦ୍ର ରା ା କ୍ଷ ସ ଃ

**ଆମେକ=ଓଠର ମଦାପ୍ରାଉ**

×××÷÷$\frac{1}{7}\frac{1}{4}$( )

ପ୍ରିୟେ ?

ତମେ ଯାଣକା ମୁଃ ମେସରଠ କେଠୀଏ ଛାଁଠି ପାଉପ୍ୟାଇଛୁ !? ହଁ କାସ;—ଜମପର କାଶ । ଢୂମେ ଦଣିଲେ ନା ଟେଷ୍ଟ ଖୁଷି ଦଉ ଃ

"ପ୍ରେଶରୁ ଦେଢ଼ ଙଂଠଛଠୀର ଯା ଇଚନ୍ତ୍ର ରୁଠୀରେ ମାଃଯବ ମଞ୍ଜେ ଦଖୀଛନ୍ତୀ ସେ ବମଠର ; ମଭେ ମାଶୀ ଫଂ॰ଶଠ୍ଠଃ॰ ଦ୍ରେଦେ ବେଳୀ ଭଦାଚନ୍ତ୍ରୀ **ଆଞ** ବଦ୍ଧଛନ୍ତ୍ରୀ ମଁ ଭଲ ଛାଯ୍ୟ ଃ ଜଲ୍ଟ ଠସାଭ ବଚମ । ବଢ଼ାଇଦଦବେ ୫ଃ ସୁଁ ଭଲ ଜର୍ଯା ଚଲଣୀ=ଅଷ୍ଟି ଦ୍ୱୀନ ମଧ୍ୟ ରେ ଖଚ ଜୋକ୍ୟ ଦ୍ୱେଉଗନିଣି ॥ ଉସେ ଅବ ଭା କାନ୍ଧା ପଡ଼ୁଛ ଖୋଇଠା ମୁଁଃ ନି୵ଜ ଅପେ ଛ୍ମେଜ କ ରୁଶ ଢ଼ମେ ଛାଣୀ ସୁ ଦେବ ନିଷ୍ଟେ = ଙଲ୍ଭ ଧନ ମଥ୍ୟରେଓ ଠମାର ଚେଢ଼ନ ବଢ଼ି ଯ୍ରିବ ॥ ସୃ • ଠ॰ଠଙ୍କ କାବ୍ରିଂ ଙ॰ କାଠ୍ ପାର ପାର । ଔରବ ଦ୍ୱନ ଅଶୀବ ସୁଂ ॰॰୧୯ ଠାଙ୍କ ଫାଜ ପାଦବା । ସୁଁ ଠସୂବଢ଼ ବେଶ ଠାଙ୍କ ଫାଉବ ଥମ ପାଉଁ ସେଠେଁ ଭଲହବଃ"

ପ୍ରେମରେ ଅଛର ଖେଇଁବା ମୋ ର କାମ୍ଭ । ॰/୦ ଅଛର ଛଞ୍ଜୀବାରେ ମେ ର ଖବ ୍୍ ଅଭ୍ୟାସ୍ୟ ଦ୍ୱୋଜ ଙ୍ଘୋଣି । ମଢ଼େ ଖବ୍ରୁ ଶଦ୍ୱଯ ଲଗୁଚ ଃଃ ଦେଖ ମୁଂ ଛଫସ ଖେଞ୍ଚ ? ।ଓଠଚଁ ଅଯବ ଜେଜ୍ଠୀ ଅଞ୍ଚୁ ସୋର ମୁଖସ୍ତ ଦେଓ ପାଇଛୁ ।

ଔଫସ୍ତିଛ ସୃ ଅଖୀ ରୁଫି ଅ୍ୟଣ ଦ୍ରୀଃ॰ ଃ: ଃ:ଛ ଢ଼ମ୍ଭଃଟେଓ +.........ରାଛ: ଦୁଃ ଫ୍ର ୟ୵ ବ 66 ॰ଙ୭ ଉ ଛସ୍ତ × ଫା ୍ମେ କ୍ଲୀଇଜ ଷ୍ପୁଷ୍ପ ଶଚ୍ଚି କ୍ରୀଃ ଶ୍ର ମମଓଓାଓୠ ❊ ଶଁ ÷)'=॥ ଉ ଭେ॰॰ଙୀ ✳ଃଁ ମୂଳ ଚନାନ ଓ୍ରଜ ପଚଭେ ମୁଂ ଅଲୁଚରେ ଖଞ୍ଜା ଦେବ ।

ତ୍ରେମରଠ କାମ ଛସ୍ରବା ଭ୍ରୁଃ୍ମ ମଜା= ମଚେଢ଼ ଖବ ୍୍ ଖୁସୃ—।ଙାଗୁଛୁ !

ଅମା ପେ୍ଶଚଭ ତେଚଭ ଚହ୍ନ ଛଦାଂ ଦ୍ୱବ ଏ ଶୀକ୍ଷ ସ୍ୱଂ ଛ୍ଠବା—ଢ଼ମେ ଯଦ କଦ୍ରୁଚସ୍ତୁଛ ମର ନା **ଥଃ** ଗ୍ରୈଯାଭ ଫଚେଃଇ ଦେବା ଉମ୍ଭେ ଘରେ୍ କାନ୍ତୁଠରେ ଠାବବ ଭଚାଃରେ ମା ସ୍ରବ ॥ ଅମର ପୂଛ ଦ୍ୱେଲେ ଅଭ୍ର ସେ ଚଢ଼ ଦ୍ରେଭ ସୁବଲରେ ପଡ଼ୀଲେ ସୃ ଭାବ ନାଂଅ ଛ୍ଗି ଛସ୍ର ପଠେଜବ ସେ ଡାଥ୍ର ବଦାଣଡାର ମଲାଠର ମଡ଼େଇଓ । ନଅଁ । ଜଉଚରେ ଏମ୍ନି ଛଅ ...... ଜେଚେ ଯଖାର ଫୂଲ୍ ଲଗଇ ଚପାଇ ଦଠବା

ପେଠସ୍ର ସ ଚ ଦେନ୍ତି ଚଲ୍ ଖାରୁ ଖୁଫୁ ×× ଦ୍ୱେଇପ୍ଲିବ ଃ

ଭ୍ରୁସ ସାନ ଦ୍ୱଜଣୀ ▬ାଦ୍ୱାଢର କାଥ ଜଣେ ଚ୍ୱେଲ ॥ ?? ଢ଼ା ବଦାଢର ଦେଳ୍ କ୍ ନିମ୍ନକ୍ରଣ ପଡ଼୍ ସୁଁ ଛ୍ଠ ଦେବାଃ—ମେ । ଫାଇଲୁ

( ଅବଶିଷ୍ଟାଂଶ ୮ମ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

କଥାଟିଏ କହୁଁ..........

# ଧକ୍କା

ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି

ମୁଁ ବନାରସରେ ବି. ଏ. ପଢୁଥିଲି । ମୋ ସାଙ୍ଗରେ ଜଣେ ବାଙ୍ଗାଳୀ ଥିଲା,—କବିତା । ରଙ୍ଗ ଶ୍ୟାମଳ । ବଡ଼ ବଡ଼ ଆଖି । ଗୋଲ ମୁହଁ । କୋମଳ କଣ୍ଠ । ଯୌବନ ତା ଭିତରେ ଫୁଟି ଉଠୁଥିଲା । ସେ ମୋ କ୍ଲାସରେ ପଢେ । ଜାଣେନା, ସେ କାହିଁକି ମୋ ପ୍ରତି ଆକୃଷ୍ଟ ଓ ମୁଁ ବି ତା ପ୍ରତି । ଦିନୁ ଦିନ ଘନିଷ୍ଠତା ଗାଢ ହେବାକୁ ଲାଗିଲା । କଥାବାର୍ତ୍ତା ହେଉଁ । ହସ ଖୁସି ହେଉଁ । ଜୀବନର ଦୁଃଖ ସୁଖ ଜଣେ ଅନ୍ୟ ଜଣକ ପାଖରେ ଅଜାଡ଼ି ଦେଉଁ । ଛୁଟି ହେଲେ ବୁଲି ବାହାରି ପଡ଼ୁଁ । ନଈ କୂଳରେ ଯାଇ ବସୁଁ । ଏକାନ୍ତରେ ବସୁଁ । ଲହରୀର ଗୀତ ଶୁଣୁଁ । ଢେଉ ପଥର ଉପରେ ଖେଳେ । ବସି ବସି ରାତି ହୋଇ ଯାଏ । ଆକାଶରେ ତାରା ଝିଙ୍କି ହୋଇ ଯାନ୍ତି । ଚନ୍ଦ୍ରମା ବାହାରି ଉଠନ୍ତି । ଜ୍ୟୋସ୍ନାରେ ଆମେ ଫେରୁଁ ।

ମୁଁ କହିଲି—ତୁମେ କି ସୁନ୍ଦର !

ସେ ତତ୍‌କ୍ଷଣାତ୍ ପାଖକୁ ଲାଗି ଆସି କହେ—ତୁମେ କଣ ଅସୁନ୍ଦର ?

କେବେ କେବେ ସେ ଗାଏ, ମୁଁ ଶୁଣେ । କେବେ ବା ମୁଁ ଗାଏଁ, ସେ ଶୁଣେ । ହୃଦୟ ହୃଦୟ ଉପରେ ଅଙ୍କି ଯାଉ ଥାଏ । ଆତ୍ମା ଆତ୍ମା ସାଙ୍ଗରେ ଏକାକାର ହୋଇ ଯାଉ ଥାଏ ।

ଏମିତି ଆମର ସୁନାର ସଂସାର ଥିଲା, ଯହିଁରେ ଆମେ ଦୁହେଁ କେବଳ ଘର ବାନ୍ଧିଥିଲୁ ।

ତା'ପରେ ଆମ ପରୀକ୍ଷା ସରିଲା । ଯେଉଁଦିନ ମୋର ଫେରି ଯିବାର କଥା, ସେ ଆସି ପହଞ୍ଚିଲା । ମୁଁ ଜିନିଷ ପତ୍ର ବନ୍ଧାବନ୍ଧି କରୁଥିଲି । ସେ ଆସି ମୋତେ ସାହାଯ୍ୟ କରିବାରେ ଲାଗିଲା । ମୁଁ ମନା କରୁଥାଏଁ । ସେ କିନ୍ତୁ ମନା ମାନୁ ନ ଥାଏ ।

ସେତିକିବେଳେ ମୁଁ ପଚାରିଲି—ଆଉ ପଢ଼ିବ କବିତା ?

—ଦେଖିବା ।

—ପଢ଼ିବାକୁ ମନ ହେଲେ ମୁଁ ବି ଚାଲି ଆସିବି ।

ସେ କହି ପକାଇଲା—ପରୀକ୍ଷା ଫଳ ବାହାରି ସାରିଲେ ତ ଆମେ ଜଣେ ଅନ୍ୟ ଜଣକ ସାଙ୍ଗରେ ଆପେ ଆପେ ବନ୍ଧା ହୋଇଯିବା ! !

—କିନ୍ତୁ ମୁଁ ଯେ ଗରିବ, କବିତା ! ତୁମ ବାପା କଣ ଏ ଗରିବ ସାଙ୍ଗରେ ତୁମକୁ ବାହା ଦେବାକୁ ମଙ୍ଗିବେ ?

—ତାଙ୍କର ଆପତ୍ତି କଣ, ରମାନାଥ ବାବୁ ?

ଗାଡ଼ି ଚାଲି ଷ୍ଟେସନକୁ ଆସିଲୁ । ବିଦାୟ ଦେବା ସମୟରେ ତା ଆଖିରେ ଲୁହ ରହିଗଲା ।

ମୁଁ ମୋଟେ ଭାବି ନ ଥିଲି, ତାର ହୃଦୟ କେବେ ହେଲେ ବଦଳି ଯିବ । ମୁଁ କଣ, ସଂସାରରେ କେହି ବି ଏହା ଭାବି ନ ଥିବେ । ଛାତି ଫାଟି ପଡ଼ୁଥିଲା । ବେଦନାରେ ଭରି ଉଠୁଥିଲା । କାହାରି ଅଜ୍ଞାତରେ ଯେପରି ସେ ମ୍ରିୟମାଣ ହୋଇ ପଡ଼ୁଥିଲା । କହିବାକୁ ଗଲେ ଗାଁରେ ତାର ଚିଠିହିଁ ମୋର ଏକମାତ୍ର ସମ୍ବଳ ।

ପରୀକ୍ଷା ଫଳ ବାହାରିଲା । ଆମେ ଦୁ'ଜଣ ଦ୍ୱିତୀୟ ଶ୍ରେଣୀରେ ପାସ କଲୁଁ । ତା ପରେ ଗୋଟିଏ ଚିଠି ଆସିଲା । କବିତା ଲେଖିଥିଲା—

"ରମାନାଥ ବାବୁ,

ଜାଣିଥିବେ ବୋଧହୁଏ ମୁଁ ଏ ସିଦ୍ଧାନ୍ତରେ ଉପନୀତ ହେଲି ଯେ ମୁଁ ଓ ତୁମେ ଏକ ହୋଇ ପାରିବା ନାହିଁ । ମୋତେ ଭୁଲିଯାଅ; ଭବିଷ୍ୟତ ଜୀବନରେ କେହି ହେଲେ ଆସି ନାହିଁ ।

ତୁମର—କବିତା "

( ଅବଶିଷ୍ଟାଂଶ ୬୫ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ଅଳସ ନୟନେ ଚାହିଁଲେ ଥରେ ଫେରି

ସଂଗ୍ରାହକ:—ଶ୍ରୀ ଗଦାଧର ପାହାଡ଼ି

( ୧ )

ଅଫିସ୍‌ରୁ ଫେରି ନୟନ ଭରି ଦେଖିବି ବୋଲି ଭାବୁଛି ମନେ
ଯାକୁ ଦେଖିଛି ଛୋଟିଆ ସହର ବାହାରେ କେଉଁଠି ଦେଖିନି ଜଣେ,
ତୁ ଏକା ସଖି! ତରୁଣୀ —ଗଗନେ ଧ୍ରୁବତାରା
ତୋହର ବିନା ନହେଲା ଏ ଜୀବନ ଗଦ୍ୟେ ଭରା,
ଭାବୁଛି ମନେ ରନେ ବନେ ମୋର ଜୀବନଟା ଯିବ ଛନ୍ଦେ ଭରି
ଅଫିସ୍‌ରୁ ଫେରିଲେ ଅଳସ ନୟନେ ମୋ ଆଡ଼କୁ ଥରେ ଚାହିଁଲେ ଫେରି ।

( ୨ )

ଫାଇଲ ମଧ୍ୟରେ ଛନ୍ଦର ପେପର ଖୋଲିଲ ବେଳେ ତୋହର କଥା
ଜାଣିଛି ଭାବିଲେ ଭୁଲିଯାଏ ସବୁ ତରୁଣୀ-ଜୀବନ ଦାରୁଣ ବ୍ୟଥା,
ଟାଇପ ମେସିନ୍ ଖଟ୍ ଖଟ୍ କରେ ଗର୍ଜି ଉଠିଲ ନିତ
"My darling" ମନ ଖାତିରେ ଧଳା କାଗଜେ ଲେଖି
ଶୁଷ୍କ ଅଧରୁ ଚୁମ୍ବନ ରେଖା ତା ପରେ ଦିଏ ମୁଁ ସହସ୍ର ଥାନି
ଏ ସବୁ ବ୍ୟଥା ପାଶୋରିବ ସଖି! ଅଳସ ନୟନେ ଚାହିଁଲେ ଥରେ ଫେରି

( ୩ )

ମୋ ଜୀର୍ଣ୍ଣ କୁଟୀର ହସିବ ଆନନ୍ଦେ ମାରଣ ତୋତେ ପରଶ ଭରି
ତୋତେ ନ ଦେଖିଲେ ଖୁଣ୍ଟଭିତରଟା ବିରହ ଅନଳେ ଯାଏ ମୋ ପୋଡ଼ି
ମଜୁଆଳ ତୋର ଗଳାର ରାଗିଣୀ ସ୍ୱରଭ ଫାଟକ
ଲୁଟିଗଲେ ମୋର ଖୁଣ୍ଟଭିତରଟା ଦମକି ଉଠେ
ଅନେକ ଦିନ ଭାବୁଛି କେତେ ତୋହର କଥା କେତକୀ ଗୋପୀ
ଏ ସବୁ କଥା ସୁଧୁ ବିଯାତ୍ରା ଅଳସ ନୟନେ ଚାହିଁଲେ ଥରେ ଫେରି ।

( ୪ )

ଏ ସାରା ଜୀବନେ ତୁହେଁ ଖାଲି ସଖି! ତୋ ପଦ ଯୁଗଳ ହୃଦୟେ ଧରି
ଦେଉ-ତୁ କେବଳ ପଥ ଗଣିଣିଟା ଯଦିବା ପାରନ୍ତି ଯାଆନ୍ତୁ ଭୁଲି
କେବଳ ତୋହର ଲପାଣିଆ ଆଖି ମାଟ୍ରୁଗ୍ରି ଦେଖି
ସବୁ କଥ ଯାକ ପିଟିକି ପକାଇ ହୁଅନ୍ତି ସୁଖୀ

Digitized by srujanika@gmail.com

ମାସିକ ତନଖା କୋଡ଼ିଏଟା ଟଙ୍କା ଜଣା ଯାନ୍ତା ମୋତେ କୋଟିଏ ପରି
ଅଫିସୁଁ ଫେରିଲେ ମୋ ଅଡ଼କୁ ସଖି ଅଳସ ନୟନେ ଚାହିଁଲେ ଫେରି

( ୫ )

କେତେ ବେଳେ ସଖି! ମଥାନିକୁ ଢଳି ତୋ ମୁଖ ମଣ୍ଡଳେ ରହନ୍ତି ଚାହିଁ
ପାଶୋରି ଯାଆନ୍ତି ପେଟର ଭୋକ ଗୋଟାଏ ଗୋଟାଏ ମାରଣ ହାଇ
ତୋ ଅଳସ ବାଳେ ଅଙ୍ଗୁଳି ଚାଳି ଚାହାନ୍ତି ଥରେ
ଲାଜେ ମଥା ତୋର ନଇଁ ପଡ଼ି ଥାନ୍ତା ମୋ ଛାତି ପରେ
କହନ୍ତି ଧୀରେ "ଏ କଣା ଜନକୁ ପାଶୋରି ଦେବଣ ଯିବୁନା ଦୂରେ"
ଏ ଜୀବନେ ତୋତେ ସାଥୀ ମଣିଅଛି ଅଳସ ନୟନେ ଚାହିଁନା ଥରେ !

( ୬ )

ମୋ କଥା ଶୁଣି ତୋ ଅଧର କୋଣେ ପଲକେ ମାତେ ଖେଳନ୍ତା ହସ
ତୋହ ସଙ୍ଗେ ମିଳି ଚାଲିଯାନ୍ତା ମୋର ବ୍ୟଥିତ ପ୍ରାଣର ବେଦନା ରସ
ଏ କଳ୍ପନା ସଖି ! ସବୁ ତ ଜାଣିଛୁ କେଉଁ କଥା ମୋର ଅଜଣା ତୋତେ
Rupees twenty ଦାମଟା ଶୁଣିଲେ ଘୃଣାରେ କିଏବା ନାକ ନ ଟେକେ
ତଥାପି ସଖି ! ଏ ସବୁ ବେଦନା ନିମିଷେ ମଧ୍ୟରେ ଯାଆନ୍ତା ଦୂରେ
ଅଫିସୁଁ ଫେରିଲେ ଅଳସ ନୟନେ ମୋ ଅଡ଼କୁ ଫେରି ଚାହିଁଲେ ଥରେ ।

---

( କାହାଣୀ ୪ର୍ଥ ପୃଷ୍ଠା ଉତ୍ତାରୁ )

ତା'ପରେ ଶୁଣିଲି—ଜଣେ ପୁଞ୍ଜିପତିଙ୍କ ସଙ୍ଗରେ ତାର ବାହାଘର ହୋଇ ଯାଇଛି ।

× × ×

ଏହାପରେ ଦିନ ପରେ ଦିନ କଟିଗଲା । ଏକ ଏକ କରି ସାତ ବରଷ ବିତିଗଲା । କିନ୍ତୁ ମୋ ଜୀବନର କାର୍ଯ୍ୟକ୍ରମ ବଦଳିଲା ନାହିଁ ।

ମୁଁ ଜାଣୁଥିଲି, ମୋର ସ୍ୱାସ୍ଥ୍ୟ ନଷ୍ଟ ହେଉଛି । ଡାକ୍ତର ବି କହିଦେଲେ—ତୁମର କ୍ଷୟ !

ହଠାତ୍ ଦିନେ ଉଠିଲି । ବ୍ୟାଙ୍କରୁ ସବୁ ଟଙ୍କା କାଢ଼ିଲି । ନୋଟଗୁଡ଼ା ବାନ୍ଧିଲି । ବାହାରି ପଡ଼ିଲି । ଷ୍ଟେସନରେ ପହଞ୍ଚିଲି । ଆଗରୁ ରାସ୍ତା ଜାଣିଥିଲି । ତା'ପରେ ସିଧା ଚାଲି ବଙ୍ଗଳାକୁ ଗଲି । ପହଞ୍ଚି ଦେଖିଲି, କବିତା ବଗିଚାରେ ଝୁଲୁଛି । ତା ସାମନାରେ ଯାଇ ଠିଆ ହୋଇଗଲି । ସେ ମୋତେ ଦେଖି, ଆଶ୍ଚର୍ଯ୍ୟରେ କହି ଉଠିଲା—ରମାନାଥ ବାବୁ ! ତୁମର ଏ କଣ ?

'ହଁ' କହି ନୋଟସବୁ କବିତା ସାମନାରେ ବିଛାଇ ଦେଇ ମୁଁ ପଳେଇ ଗଲି ।

କବିତା କହୁଥିଲା—ରମାନାଥ ବାବୁ ! ଶୁଣ ଶୁଣ ରମାନାଥ ବାବୁ !

ଯେତେବେଳେ ମୁଁ ଚକ୍ଷୁର ଅନ୍ତରାଳକୁ ଚାଲିଗଲି, କବିତା ଦୁଃଖରେ ମନେ ମନେ କହିଲା—ପାଗଳ ହୋଇ ଗଲେ ? ମୋର ଏ ଟଙ୍କା କଣ ହେବ ? କଣ କରିବ ?

—※—

Digitized by srujanika@gmail.com

# ବହିପତ୍ର

**ଅସରନ୍ତି**—ଉପନ୍ୟାସ-ମୂଲ୍ୟ ଚାରଅଣା ।

ଲେଖକ ଶ୍ରୀ ରାଜକିଶୋର ପଟ୍ଟନାୟକ ।

ପ୍ରତ୍ୟେକ ନରନାରୀର ଜୀବନ ବିଶ୍ଳେଷଣ କରି ଦେଖିଲେ, ସେ ଗୋଟିଏ ଗୋଟିଏ ରୋମାଣ୍ଟିକ କାହାଣୀ । ଏତକ କଥା ଯେ ତା ଭିତରର ମଞ୍ଜିଟିକ ସାଧାରଣର ଆଖିରେ ପଡ଼େ ନାହିଁ ଏପରକି ନିଜ ଆଖିରେ ବି ନୁହେ ବହୁବେଳେ । ପ୍ରକୃତ ଆଖିଥିବା ଓ ହୃଦୟଥିବା ଲୋକ ଏକା ତାହା ଦେଖିପାରେ । ଆଉ ଯଦି ସେ ଶିଳ୍ପୀ ହୁଏ ତେବେ ତାକୁ ଟିକଣି କରି ପାଞ୍ଚଜଣର ଆଖି ଆଗରେ ଥୋଇ ଦିଏ । ରାଜକିଶୋର ବାବୁ ତାହା କରିଛନ୍ତି—ଅଉ ଅତି କୁଶଳୀ କଳାକର ରୂପେ ।

**ସିନ୍ଦୁର ଗାର**—ଉପନ୍ୟାସ—୫୧ ପୃଷ୍ଠା, ମୂଲ୍ୟ—୦।୯

ଲେଖକ—ଶ୍ରୀ ରାଜକିଶୋର ପଟ୍ଟନାୟକ ।

ଏହି ଅଳ୍ପ ବୟସରେ ରାଜକିଶୋର ବାବୁଙ୍କର ଲୋକ ଚରିତ୍ର ନିରୀକ୍ଷଣ ଓ ଅନ୍ୟର ଅନ୍ତର ଭିତରେ ପ୍ରବେଶ କରିବାର କ୍ଷମତା ଚମତ୍କାର । ତାଙ୍କର ଭାଷା ମଧ୍ୟ ମନୋହର ଓ ହୃଦୟଗ୍ରାହୀ । ସିନ୍ଦୁରଗାରରେ ଅଙ୍କାଳିକା ଶିକ୍ଷିତ ଘରର ଛବି ସିନେମା ଛବିଭଳି ଉଜ୍ଜ୍ୱଳ ହୋଇ ଉଠିଛି । ସିନ୍ଦୁରଗାର ଥରେ ପଢ଼ିବା ପାଇଁ ଆମେ ସମସ୍ତ ପାଠକ ପାଠିକାଙ୍କୁ ସୁପାରିସ୍ କରୁଁ ।

**ଙଚଟଛପ**— ଚାରିପଦାରେ ଡାକ୍ତର କ୍ଷୀରୋଦଚନ୍ଦ୍ର ପାଳ ପ୍ରଣୀତ ଓ ମୟୂରଭଞ୍ଜ ଷ୍ଟେଟ ପ୍ରେସରେ ମୁଦ୍ରିତ ଡାଇନ ଆଠ ପେଜି ୩୮ ପୃଷ୍ଠା

ମୂଲ୍ୟ—୦।୬

ପୁସ୍ତିକାଟିର ଛପା ପରିଷ୍କାର ପରିଚ୍ଛନ୍ନ । ପ୍ରଚ୍ଛଦ ପଟର ପରିକଳ୍ପନା ଯେପରି ପ୍ରତିଭା ବ୍ୟଞ୍ଜକ ପରିପାଟୀ ସେହିପରି କଳାପୂର୍ଣ୍ଣ ।

ଏଥିରେ ସାତଗୋଟି ରସପୂର୍ଣ୍ଣ ପ୍ରବନ୍ଧ ଅଛି । ଙ ଚ ଟ ଛ ପ—ଅସମ୍ବନ୍ଧ୍ୟ ଶବ୍ଦମାନ ଯୋଜନା କରି ଲେଖକ କଳ୍ପନା ଓ ଶବ୍ଦ ଯୋଜନାର ଯେଉଁ ବାହାଦୁରି ଦେଖାଇଛନ୍ତି ତାହା ପ୍ରଶଂସନୀୟ । କଳା କୃତ୍ରିମ କମନୀୟ କଳା କୌଶଳ, ଗୁ'ଗ୍ରେଷଣର ଗୁରୁ ଟେଲ୍ଲ ରଡା, ଠେଙ୍ଗାଧରଙ୍କ ଟିପର ଠାଣିଆ ପଣ, ତମାଖୁର ତାପହାରୀ ତମୋନାଶକାରକ ତୃପ୍ତି ସନ୍ଧାନ ପାନଖିଆ ପାଗଳ ପଟିର ପାନୁର ପରିବେଷଣ ଓ ପ୍ରଯୋଜନା ପୂର୍ଣ୍ଣ ଭାବରେ ପାଠକଙ୍କର ପରିସେବ୍ୟ । ଏହା ଛଡ଼ା ବାୟୁ ବେଳୁଣ ବିଭ୍ରି ଓ ପଞ୍ଚମକାର ମହତ୍ତ୍ୱ ମାର୍ଜନା ମନକୁ ମୁଗ୍ଧ କରିଦିଏ ।

ଶବ୍ଦ ଚଳନାର କାଠିନ୍ୟ ହେତୁ କଳ୍ପନା ସ୍ଥାନେ ସ୍ଥାନେ କ୍ଳିଷ୍ଟ ହୋଇଥିଲେ ମଧ୍ୟ ସାହିତ୍ୟ ବିଳାସୀ ସୁଧୀ ସମାଜର ଏ ପୁସ୍ତିକା ଖଣ୍ଡିକ ଯେ ଅତି ଉପଭୋଗ୍ୟ ଏଥିରେ ସନ୍ଦେହ ନାହିଁ । ଲେଖକଙ୍କର ପରିଶ୍ରମ ଓ ରସବୋଧକୁ ଆମେ ଭୂୟସୀ ପ୍ରଶଂସା କରୁଁ ।

Digitized by srujanika@gmail.com

# କାଳିଆ ବଳଦ ଗାଲାଗାଲା

ସଂଗ୍ରହକ—ଦେବ ମହାପାତ୍ର

ରବି—ସଂସାରରେ ମୁଁ ସବୁଠୁ ବେଶି ସୁଖୀ କାରଣ ମୁ ଯାହାକୁ ଭଲପାଉଥିଲି ତା'କୁଇ ବାହା ହବାକୁ ଯାଉଛି ।

ହରି—ଏଇଟା କେଉଁ ବଡ କଥା ? ସ୍ତ୍ରୀଜୀବନର ପ୍ରକୃତ ସୁଖ ହେଉଛି ଯଦି ଏପରି କୌଣସି ପୁରୁଷକୁ ବାହା ହୋଇ ପାରିବ ଯାହାକୁ ପାଇବା-ପାଇଁ ଅନ୍ୟ କୌଣସି ଯୁବତୀ ଆଶା ରଖିଥିବ ।

\+ × +

ବାପ—( ପୁଅ ଉପରେ ରାଗିକରି ) ତୁ ଯାଇ କିଛି ଗୋଟାଏ କାମ ଧନ୍ଦା କରୁନୁ କାହିଁକି ? ମୁଁ ଯେତେବେଳେ ତୋର ବୟସର ହୋଇଥିଲି ଗୋଟାଏ ଦୋକାନରେ ଚାକର କରୁଥିଲି ପନ୍ଦର ଟଙ୍କା ଦରମାରେ । ପାଞ୍ଚ ବର୍ଷ ବାଦ ସେ ଦୋକାନରେ ମାଲିକ ହେଲି ମୁଁ ।

ପୁଅ—କିନ୍ତୁ ବାପା ଆଜିକାଲି ଆଉ ସେ କଥା ହୋଇ ପାରିବନି । ଆଜିକାଲି ସେମାନେ ଜମା ଖର୍ଚ୍ଚ ପାଇଁ ରେଜିଷ୍ଟର ରଖୁଛନ୍ତି !

× × ×

"ଆଜି ରାତିରେ ତମେ ନିଶ୍ଚୟ ଆସିବ ତ ପଙ୍କଜ ବାବୁ"—ତରୁଣୀ ପଚାରିଲା ।

"ଆସିବି, କିନ୍ତୁ ତମେ ସେଇ ବଦମାସ ଲୋକଟାକୁ ବାହାର କରି ଦେଇଥିବ, ଯିଏ ତମର ଗାଈ ବାନ୍ଧେ ଆଉ ତମ ବଗିଚାରେ ପାଣି ମଡ଼ାଏ । ସେଇ ଲୋକଟା ସବୁବେଳେ ମୋତେ କେମିତି ଗୋଟାଏ ଖରାପ ନଜରରେ ଅନାଏଁ ।"

"ଓ—କିଛି ଚିନ୍ତା କରନି । ସିଏ ମୋ ବାପା ।"

× × ×

"ତମେ ମୋ କନ୍ୟାକୁ ବିବାହ କରିବାକୁ ଇଚ୍ଛା କରୁଛ ! ମୋର ଉତ୍ତର କିନ୍ତୁ ତମର ଆର୍ଥିକ ଅବସ୍ଥା ଉପରେ ନିର୍ଭର କରୁଛି ।"

"କି ଯୋଗାଯୋଗ । ମୋ ଆର୍ଥିକ ଅବସ୍ଥା ମଧ୍ୟ ଆପଣଙ୍କ ଉତ୍ତର ଉପରେ ନିର୍ଭର କରୁଛି ।"

× × ×

ଡାକ୍ତର—ସ୍ୱାସ୍ଥ୍ୟଲାଭ କରିବାର ଗୁପ୍ତ କଥା ହେଉଛି ପ୍ରଚୁର ପରିମାଣରେ ପିଆଜ ଖାଅ ।

ଯୁବତୀ—ମୁଁ ତା ଜାଣେ, ତେବେ ଅସୁବିଧା ଏତିକି ଯେ ପିଆଜ ଖାଇବା କଥା ଗୁପ୍ତ ରଖି ହେବ କିପରି ?

\+ × +

"ଥରେ ମୁଁ ଗୋଟିଏ କୁକୁର ପାଳିଥିଲି-ସେଇ କୁକୁରଟା ଭଦ୍ରଲୋକ କିଏ ଅଭଦ୍ରଲୋକ କିଏ ବାଛିଦବ"

"କୁଆଡେ ଗଲା ସେ ?"

"ମୁଁ ତାକୁ ବାଧ୍ୟ ହୋଇ ଜଣକୁ ଦେଇ ଦେଲି । ଥରେ ସେ ମତେ କାମୁଡ଼ି ପକେଇଲା"

\+ + +

---

( ମଜାକଥା ଅନ୍ୟ ସୃଷ୍ଟି ଉତ୍ସରୁ )

ଫଟୋଇବ ସୁଁ ମାଗଜୀନର ଲୁଟେଇଲ୍‌ କ୍ଲବର ଛପି ଦେବ ।

ମୁ ପ୍ରେମରେ ରଢ଼ ଲୁଣ୍ଠିଆଜ ନିଜ ପାଇଁ ଏଥର ଓଳସ୍ମ ଫାରିଲେ ମ୍ୟୋର ଗ୍ରେମ୍‌ର ରହବ । ଫ୍ଲ ଭଣି ??

ଛୁଠି ପାଓ ଶର୍ଠ ବବ ÷ ସୋର ହୃଦପ ଠ ପ୍ରେସ୍ ନବ ଃଃ ଇତି

ତୁମର ;

ସୁ

---

ଛପାଖାନାରେ ନୂଆ କମ୍ପୋଜ ଶିଖୁଥିବା ଲୋକମାନଙ୍କୁ ଲକ୍ଷ୍ୟକରି ଲେଖକ ଏହି କୌତୁକ ସୃଷ୍ଟି କରିଛନ୍ତି । ଡ, ସ

Digitized by srujanika@gmail.com

# ହରେକୃଷ୍ଣ ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ—**

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଡଗରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଖବରର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

## ଧରଣୀ ବୁକେ

ଦିଗବନ୍ଧୁ ଶିରେ ଶ୍ୟାମଳ ଓଢଣୀ
କିଏ ଟାଣି ଦେଲା ଏତେ ଯତନେ
ମଥା ମଣି ପ୍ରାୟେ ଚକି ଚକି ଶଶୀ
ପ୍ରଭା ଢେଳି ଦିଶେ ତରୁ-ବସନେ ।
କଣିଥିଲା କୋଳେ ଟପ ଟପ ଟପ
ଗଗନୁ ଶିଶିର ପଡ଼ଇ ଝରି,
ତା' ଉପରେ ଟଣା କାକର-ଗୁନ୍ଥୁଆ
ଦୂର୍ବାଦଳ ଶିରେ ଧରଣୀ ଭରି ?
ଶିଶି ହୀନା ଦିଶେ କମଳ ସୁଷମା
ତା' ଶିରୀ ହରଣ କରେ ଶିଶିର,
କାହିଁ ରହିଲେ ତା' ପ୍ରିୟ ରବି, ସମ—
ବ୍ୟଥାରେ କି ପ୍ରାଣ ନୋହେ ଅଧୀର ?
ହସି ହସି ତାରା ଠାରଇ କି କଥା
ବୁଝିବ କାହୁଁ ମୁଁ ଟେଗ୍ ବାଳିକା
ମୋ' କ୍ଷୁଦ୍ର ଜୀବନେ ତୋ' ଅମ୍ଳାନ ହାସ
ଫୁଟି ଉଠୁ ତାର ଏତିକି-ଇଚ୍ଛା ।
ଦୂର୍ବା—ଗାଳିଚାରେ ସ୍ନେହେଣ ଜେ ଛନା
କି ଖେଳ ଖେଳଇ ମାନସ ହରି,
ସୁଖ ଦୁଃଖ, କ୍ଷୁଦ୍ର ଅଶେଷ-ମିଳନେ
ଚଳେଲା ଏହି ଭୁବନ ଭରି ।

କୁମାରୀ ଶୈଳବାଳା ନଂ ୧୭ ନାଗୁଂ

## ସୈନିକର କର୍ତ୍ତବ୍ୟ

ଫୁଟିଲାଣି ଗୁଡ଼ୁ ଗୁଡ଼ୁ ବ୍ୟୋମ ଦେଶେ ଶତ୍ରୁର କମାଣ,
ନସ୍ତବତା ଭଙ୍ଗ କରି ରଣ ଭେରୀ କଲାଣି ଆହ୍ୱାନ ।
ଘୋର ଅନ୍ଧକାର ରାତି    କେହି ଜାଣେ ନାହିଁ ସାଥି
ଶୁଭେ ସେନାପତି ଡାକ 'ସେନାବୃନ୍ଦ ଶୀଘ୍ର ଜାଗ ?'
"ଶତ୍ରୁର ସାହସ ଅତି ବୀରବଳେ ବୀର ମଦେ ଭଙ୍ଗ"
(ଓହୋ!) ମୋ ସାଥି ସୈନିକଗଣ ଜେଜେ ବେତ୍ତ
ଗର୍ଜିଲେଣି ଯେ ଚଳି,
ଅଜ୍ଞାନ ମୁଁ ଶୋଇ ଅଛି କର୍ତ୍ତବ୍ୟ ମୋ ମନ୍ତ୍ର ନାହିଁ ଜାଣ ।
ଗୃହଧନ ଅବଶ୍ରାନ୍ତ    କରେଣ ଦେହ କ୍ଲାନ୍ତ,
ତଥାପି ମୋ ସାଥିଗଣ ଶତ୍ରୁ ଖଡ଼୍ଗ ଛଳେ ନୁହେଁ ନଡର
ଆଦେଶିଲ ମାନେ ରଣେ ଚଳେଲେଣି
ଝଣ୍ଡା, ତଲ ଧରି ।
(ପୁଣି) ଶୁଭିଲାଣି ବହୁଦୂରେ ସୈନିକଙ୍କ
କୋଳାହଳ ନାଦ,
ଧର ଧର, ମାର, ମାର—ପଡ଼ିଲାଣି କିଛି ପରମାଦ ?
ନାଁ ନାଁ ପାରିବିନି ରହି    ସୈନିକ ମୁଁ ଅଟେ କାହିଁ ?
କର୍ତ୍ତବ୍ୟ ମୋ ଦେଶ ପାଇଁ ଜାତି ପାଇଁ
ଚାଲିଛି ବା ଭୁଲି,
କୋଟି କୋଟି ଶତ୍ରୁ ସେନା ସାଥି ସଙ୍ଗେ
କରିବାକୁ ଝୁଲି ।

ଶ୍ରୀ ବୀରେନ୍ଦ୍ର ଦାଶ ନାଗ ୬୮ କଲିକତା

Digitized by srujanika@gmail.com

*REG. No. P. 441.* **THE DAGARO—16-7-1944.**


ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚକ୍ଷୁ, ହସ୍ତାଙ୍ଗୁଳି ଜ୍ୱାଳା ଶାରୀରିକ ଅବସାଦ, ବୃଶ୍ଚିକବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଅରୋଗ୍ୟ ହୁଏ । ଏକ ଶିଶି ୫୨୯ଙ୍କା ମାତ୍ର ୫ ୨ ୯ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ**

ଅଲକାବୃନ୍ଦ ବଜାର, କଟକ

## କଲିକତା ସ୍ୱାସ୍ଥ୍ୟ ନିବାସ

କୁଷ୍ଠ ରୋଗୀଙ୍କ ସେବା ପାଇଁ କଲିକତାରେ ଏହି ସ୍ୱାସ୍ଥ୍ୟ ନିବାସ ଖୋଲା ହୋଇଅଛି । **ବଉରି** ରେଳ ଷ୍ଟେସନ ଠାରୁ ୭ ମାଇଲ ପଶ୍ଚିମକୁ ଜାଲଭଳ । ସେଠାରେ ରହିବାର ଏବଂ ଚିକିତ୍ସାର ବନ୍ଦୋବସ୍ତ ହୋଇ ଅଛି । ସ୍ୱାସ୍ଥ୍ୟପ୍ରଦ ସ୍ଥାନ । ନିମ୍ନ ଠିକଣାରେ ପତ୍ର ବ୍ୟବହାର କରନ୍ତୁ ।

**ଲକ୍ଷ୍ମୀନାରାୟଣ ସାହୁ**

ଭାରତ ସେବକ ସମିତି କଟକ ।



ସମ୍ପାଦକ

**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସମ୍ପାଦକ

**ଶ୍ରୀ ଗୌରମୋହନ ଦାସ**

Printed & published by G. C. Mahapatra at the Gopinath Press, Bhadrak. 1944.

ବାର୍ଷିକ ତିନି ଟଙ୍କା ଆଠଅଣା — ରାଜପୃଷ୍ଠପୋଷକ ବାର୍ଷିକ ପାଞ୍ଚଟଙ୍କା


Digitized by srujanika@gmail.com

୮ମ ବର୍ଷ ଶ୍ରାବଣ—ପ୍ରଥମାର୍ଦ୍ଧ ୫ମ ସଂଖ୍ୟା




Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

# ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲି:—

ହେଡ୍ ଅଫିସ— କଲିକତା

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଙ୍ଗଲପୁର, ମିତ୍ରଗଞ୍ଜ ।

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, ଡେ଼ାଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା

(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା । ଅଫିସମାନ ଖୋଲା ଯାଉଛି)

ମେନେଜିଂ ଡିରେକ୍ଟର—

ନାଉଦଲି ନାଗପୁର ।        **ସ୍ୱା—ପି. ଏନ୍: ରାୟ ଚଉଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ୧ ଜମା ଦେଲେ--ବ ୪ ର୍ଥ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।

---

# କୁବେର ବ୍ୟାଙ୍କ ଲି:

ହେଡ଼ ଅଫିସ——କଲିକତା

**ଶାଖା ଅଫିସ ମାନ: —**

ଢାକା, କାଲିମ୍‌ପଙ୍ଗ୍, ସିଲିଗୁଡ଼ି, ବୋଗା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

**୧୬ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତପ୍ରକାର ବ୍ୟାଙ୍କିଂ କାର୍ଯ୍ୟ ନିର୍ବାହ ହୁଏ ।

ଜାଜପୁର ଶାଖା ଶୀଘ୍ର ଖୋଲଯିବ ।

**ଏସ୍. କେ: ଚକ୍ରବର୍ତ୍ତୀ**

ମାନେଜିଂ ଡାଇରେକ୍ଟର

Digitized by srujanika@gmail.com

୮ମ ବର୍ଷ
୫ମ ସଂଖ୍ୟା
ଶ୍ରାବଣ ପ୍ରଥମାର୍ଦ୍ଧ
ତା ୧-୮-୪୪ ଇଂ

# ଡଗର
## ହୁକା ହୁକା ହୁଆ
( ବିଲୁଆ ବିଗୁର )

—ପାକ୍ଷିକ—
ବାର୍ଷିକ ଟ ୩୲
ପ୍ରତିସଂଖ୍ୟା – ୦।୵
ଗ୍ରାହକସ୍ମରଣ ୦ ୫ ୯

କାଗଜ କଣ୍ଟ୍ରୋଲ ଅର୍ଡିନାନ୍ସ ( ୧୯୪୪ ) ଅନୁଯାୟୀ ଡଗରର ପୃଷ୍ଠା ସଂଖ୍ୟା କମାଇବାକୁ ବାଧ୍ୟ ହେଲୁଁ । ବହୁତ ହଇରାଣ ହୋଇ ଓ କ୍ଷତି ସହ୍ୟ କରି ମଧ୍ୟ ଆପଣମାନେ ଓ ପାଠକଙ୍କ ମନ ରଖିବାରେ ଏଯାବତ୍ ଆମେ ତ୍ରୁଟି କରିନାହୁଁ । ମାତ୍ର ବର୍ତ୍ତମାନ ନାଚାର ହୋଇ ଏହା ଆମକୁ କରିବାକୁ ପଡ଼ିଲା । ଆଶା କରୁ ପାଠକ ପାଠିକାଗଣ ଅବସ୍ଥା ବିବେଚନା କରି କୃପା କଣା ଉଣା କରିବେ ନାହିଁ ।

ଡ: ସ:

ଡଗରର ଲେଖକମାନଙ୍କୁ ଅନୁରୋଧ ସେମାନେ ଯଥା-ସମ୍ଭବ ସାନ ଲେଖା ପଠାଇବେ । ଡ: ସ:

× + ×

ସରାଇକଳାର ରାଜକୁମାର ଶ୍ରୀ ସୁଧେନ୍ଦ୍ର ନାରାୟଣ ଚବିଶ ବର୍ଷ ବୟଃକ୍ରମରେ ଜୁଲାଇ ଚବିଶ ତାରିଖ ଦିନ ଖଡ଼କାଇ ନଦୀରେ ସନ୍ତରଣ କରୁଁ କରୁଁ ପ୍ରାଣ ହରାଇଛନ୍ତି । ସେ ଅତି ଅଳ୍ପ ବୟସରେ ସରାଇକଳାର ଛଉନାଚ ୟୁରୋପ ଓ ଭାରତର ନାନା ସ୍ଥାନରେ ଦେଖାଇ ଖ୍ୟାତି ଅର୍ଜନ କରିଥିଲେ ଓ ଉତ୍କଳର ଗୌରବ ବଢ଼ାଇଥିଲେ । ସେ ଜଣେ ନର୍ତ୍ତକ, ବକ୍ତା, ଅଭିନେତା ଓ ଜନ ସେବକ ଥିଲେ । ତାଙ୍କ ଅକାଳ ବିୟୋଗରେ ଦେଶ ସନ୍ତପ୍ତ । ଭଗବାନ ତାଙ୍କ ଆତ୍ମାର ସଦ୍‌ଗତି ଓ ପିତା ମାତା ଓ ଆତ୍ମୀୟଙ୍କ ଶାନ୍ତି ବିଧାନ କରନ୍ତୁ ।

ଚିକିଟିର ରାଜା ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବ ଆଉ ଇହ ଜଗତରେ ନାହାନ୍ତି । ସେ ଜଣେ ବିଖ୍ୟାତ ନାଟ୍ୟକାର ଓ କବି ଥିଲେ । ସାହିତ୍ୟ ସେବା ଓ ପରମାର୍ଥ ଚିନ୍ତା କରିବା ନିମନ୍ତେ ସେ ରାଜକାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ । ତାଙ୍କ ବିୟୋଗରେ ଉତ୍କଳର ଜଣେ ନାନା ଗୁଣାଳଙ୍କୃତ ଲବ୍ଧ ପୁରୁଷ ଅନ୍ତର୍ହିତ ହୋଇଗଲେ । ଡଗର ତାଙ୍କ ଉଦ୍ଦେଶରେ ଶ୍ରଦ୍ଧା କୁସୁମାଞ୍ଜଳି ଅର୍ପଣ କରୁଛି ।

ସରକାରୀ ଅଫିସରମାନଙ୍କର କାଳପୂର୍ବରୁ ବା ଅକାଳରେ ମଧ୍ୟ ବଦଳି ହୋଇଥାଏ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କିନ୍ତୁ ଯଦି ଦେଖ ତମାମ୍ ଗୋଟାଏ ବିଭାଗର ସବୁ ଅଫିସର ଏକାବେଳେକେ ବଦଳା ବଦଳି ହୋଇ ଯାଆନ୍ତି, ସେଥିରେ ଇଚ୍ଛା ନ ଥାଇ ମଧ୍ୟ ମନ ଅନେକ କଥା ଭାବି ନ ଯାଇ ରହି ପାରିବ ନାହିଁ କେବେ ।

ଗ୍ଲକଷ୍ଟନ ବୋମା ଫାଟିଲା ପରେ ଅକସ୍ମାତ୍ ଓଡ଼ିଶା ଯାକ ଯେତିକି ସପ୍ଲାଇ ଅଫିସର ଗୋଟି ଗୋଟି କରି ସମସ୍ତଙ୍କର ଅଦଳ ବଦଳ ହୋଇ ଯାଉଛି । ଏହାର ଭିତରିଆ ରହସ୍ୟଟା କଣ ତାହା ଜାଣିବାପାଇଁ ମନ ଗାଲି ବାଲି ହେବାର କଥା । ଆମକୁ ଲାଗୁଛି ସେମାନଙ୍କର ସପ୍ଲାଇଟାକୁ ସମ ବଣ୍ଟନ ( equal distribution ) କରି ସମାନ ସୁବିଧା ଲାଭର ଅଧିକାର କରିବା ସରକାରଙ୍କ ସାଧୁ ଉଦ୍ଦେଶ୍ୟ ।

\+ + +

ଶୁଣା ଯାଉଛି ଓଡ଼ିଶାର ନୂଆ ଲାଟ ସରକାର କୌଣସି କୌଣସି ଉଚ୍ଚ ପଦର ମାସିକ ତଲବ କମାଇ ଦେବାର କଳ୍ପନା କରୁଛନ୍ତି । ଅତେ ଅଧିକ ଦରମା ଦେଇ ପଦର କମାଇବା ସେ ମର୍ଯ୍ୟାଦା ହାନିକର ଏଥିରେ ସନ୍ଦେହ ନାହିଁ । କାରଣ ମନର ଅନାସ୍ଥା ଓ ବିତୃଷ୍ଣା ଆସିବା ଦ୍ୱାରା କର୍ତ୍ତବ୍ୟରେ ବାଧା ହୋଇପାରେ । ବରଂ ବିଲକୁଲ ଦରମା କାଟି ଦେଇ ସେ ପଦ ଗୁଡ଼ିକୁ ଅନାହାରି honourary—(ନିରାହାରୀ ନୁହେଁ ତ)—କରିଦେଲେ ଅଧିକ ସମ୍ମାନକର honourable ହୁଅନ୍ତା ନାହିଁକି ?

\+ + +

ହିଟଲର ନନା ଜର୍ମାନଜାତିକୁ ଦଳିବା ଲଗି ଦେଖାଇ ଦେଇ ଅନ୍ତ ବା ଅବସ୍ଥାରେ ପଡ଼ିଲେ ! Hope blasted maketh the heart sick ବୋଲି ଇଂରେଜୀରେ ଯେଉଁ ବଚନ ଅଛି ତାହାର ସତ୍ୟ ଏଇଠି ଫଳିଲା । ମନେ ହେଉଛି 'ଅତି ସର୍ବତ୍ର ବାଧ୍ୟତେ' ହୋଇଗଲା । ଦେବାକିନି

Digitized by srujanika@gmail.com

ଉଚ୍ଚା ଅଗରେ ମଣିଷର ବଳ, ତଳ ଯେ ବଉଁ ବାମକୁ ନୁହେଁ ଏହା ଅତି ପ୍ରମାଣ ହୋଇଗଲା । ତଥାପି ଲୋକ କଣ କହୁଛି !

+ + +

ଅଧିକା ଖାଦ୍ୟ ଉତ୍ପାଦନ ( grow more food ) ପାଇଁ ସରକାରଙ୍କ ଉଦ୍ୟମ ଓ ଟଙ୍କା ଖରଚର ସୀମା ନାହିଁ । ମାତ୍ର ଦୁର୍ଭାଗ୍ୟର କଥା ଅଧିକା ଖାଦ୍ୟ ଜନ୍ମୁଛି ତାର ହିସାବ ଜମିରେ ନା ଗୋଦା-ମରେ ନା ସରକାରୀ କାଗଜ ପତ୍ରରେ ତାହା ଆମକୁ ଉମାଲୁମ । ଖାଦ୍ୟର କମ୍ତି ବଢ଼ନ୍ତି ମାଲୁମ କରନ୍ତା ଏକା ପେଟ । କିନ୍ତୁ ସେ ପେଟ ସ୍ୱାଧୀନ ସରକାରୀ ହିସାବର ମର୍ଯ୍ୟାଦା ନ ରଖି, ଅମ ।ନିଅ ଧରି କ୍ଷୋଭରେ ଗର୍ଜି ମରୁଛି । ସେଥିପାଇଁ ଆମେ କହୁଛୁ— ଆଗରେ ଅବୁଝା ପେଟ, ହିନ୍ଦୀ ସବୁ ଧଡ଼ି— ସବୁରିକା ପେଟ୍ରେ ମେର୍ଦ୍ଧ୍ୟା ଫଳତା ନାହିଁ । 'ଗ୍ରୋ ମୋର ଫୁଡ୍' ଗଛ ବଢ଼ିଲେ ଯାଇ ତ 'ମୋର ଫୁଡ୍' ଫଳିବ । ଏବେ ଅଟମ୍ଭ କଥା କହିବେ......

× + ×

ଶୁଣା ଯାଉଛି ଭାରତ ସରକାର ଖାଦ୍ୟଉତ୍ପାଦନର ଏକ ନୂଆ ତିନବର୍ଷିଆ ଯୋଜନା କରୁଛନ୍ତି । ଏ ଖାଦ୍ୟ କେବଳ ଧାନ, ଗହମ, ମୁଗ, ବିରି, ଚଣା ପରିବା ନୁହେଁ । ଏଥିର ଗାଈ, ଚିଙ୍ଗୁଡ଼ି, କୁକୁଡ଼ା, ମାଛ ଏମାନେବି ଫୁଡ୍ ଅନ୍ତର୍ଗତ ହୋଇ more ଭାବରେ grow କରିବେ । ଏହା ସାଙ୍ଗରେ 'ଫୁଡ୍ ଗ୍ରୋ' ଅଫିସର ଓ ତାଙ୍କ ଦଳବଳ, T. A. ମିଶି କେତେ ପରିମାଣରେ overgrow କଲେ food growth ର ଫଟ ପକାଇ ପାରିବ ସେହି ହିସାବଟା କେହି ଅର୍ଥନୀତି ବିଶାରଦ ଜଣାଇ ଦେଲେ ଲୋକଙ୍କ ମନରୁ ଧୋକା ଛୁଟି ଯାଆନ୍ତା ।

× + ×

ଅତି ଦୁଃଖରେ ଜଣାଉଛୁ ଯେ ଉତ୍କଳର ଲବ୍ଧ ପ୍ରତିଷ୍ଠ କବି ଓ ସାହିତ୍ୟିକ ଶ୍ରୀ ଭଗିରଥି ମହାପାତ୍ର ଆଉ ଇହଜଗତରେ ନାହାନ୍ତି । ଗତ ତା ୨୦ ରିଖ ଜୁଲାଇ ଚିତାଲାଗି ଅମାବସ୍ୟା ଦିନ ସନ୍ଧ୍ୟା କାଳରେ ତାଙ୍କର ଶେଷ ଶ୍ୱାସ ପ୍ରବାହିତ ହେଲା । ଦୁରାରୋଗ୍ୟ ବ୍ୟାଧି ଓ ଦାରିଦ୍ର୍ୟ ସହିତ ଲଢ଼ି ଲଢ଼ି ମଧ୍ୟ ସେ ଜୀବନ ପାଇଁ ସାହିତ୍ୟସେବା ଛାଡ଼ି ନଥିଲେ ଓ ସାହିତ୍ୟକୁ ସେ ଜୀବନ୍ତ କରିଥିଲେ । ଆମ ଦେଶରେ ସାହିତ୍ୟଜୀବୀମାନଙ୍କର ଯାହା ହୋଇଥାଏ ଭଗିରଥିଙ୍କ ଭାଗ୍ୟ ତାହିଁ ହୋଇଛି । ଅଚିକିତ୍ସା ଓ ଅଭାବ ତାଙ୍କର ଶେଷ ଯାତ୍ରାକୁ ଆଗେଇ ଦେଇଥିଲା । ତାଙ୍କର ସ୍ୱର୍ଗତ ପବିତ୍ର ଆତ୍ମା ପ୍ରତି ଡଗରର ଶ୍ରଦ୍ଧା ଓ ସମ୍ମାନ ଅର୍ପଣ କରୁଛି ।

ଓଡ଼ିଶା ସରକାରଙ୍କର କୃଷି ବିଭାଗ ସାଙ୍ଗରେ ଗୋଟାଏ ମାଛ ଚାଷ ବିଭାଗ ଅଛି ବୋଲି ଶୁଣାଯାଏ । ଏମାନେ କେତେ ଖରଚ କରି କେଉଁଠାରେ କେତେ ମାଛ ବଢ଼ାଇଲେଣି ତାର ହିସାବ କାହାରି ଜଣା ନଥିଲେ ମଧ୍ୟ, ଚାରିଆଡ଼େ ମାଛ ବଜାରରୁ ତାଙ୍କର କରାମତି ଜଣା ପଡ଼ୁଛି । ଶୁଣିବାରେ ଏ ବିଭାଗ ମାଛ ଡାହାର ବନ୍ଦୀ କରି ତାଙ୍କ ଉନ୍ନତି ଇନ୍ତଜାମ କରୁଛନ୍ତି । ତାହାର ଗୁଡ଼ିକ ଯଦି ସ୍ଥାନେ ସ୍ଥାନେ ବାଣ୍ଟି ଦେବାର ବନ୍ଦୋବସ୍ତ ହୁଅନ୍ତା, ତେବେ ବା ହେଲେ ଯଥାର୍ଥରେ କାମରେ ଆସନ୍ତା ।

× + ×

ଜଣେ ପାଠକ ଗୋଟାଏ ଅସନ୍ତୋଷ ପ୍ରଶ୍ନ ପଚାରି ଦେଇ ଆମକୁ ବଡ଼ ଅଡ଼ୁଆରେ ପକାଇ ଦେଇଛନ୍ତି । ତାହା ଏହି ରୂପ:—

"ଆମେ ଶୁଣିଥିଲୁ ଯେ ଜର୍ମାନ ଲୋକେ ତାଙ୍କ ମୁଲକକୁ ଭୂସ୍ୱର୍ଗ ଓ ଆପଣାକୁ ଦେବତା ଅର୍ଥାତ୍ ଅନ୍ୟ ଦେଶର ମଣିଷଙ୍କ ଠାରୁ ବଡ଼ ବୋଲି ମଣନ୍ତି । ଆଉ ପୁଣି ଈଶ୍ୱର ତାଙ୍କ ସୃଷ୍ଟ ସବୁ ଲୋକଙ୍କୁ ସମାନ ଆଖିରେ ଦେଖନ୍ତି ବୋଲି ଜର୍ମାନ ଲୋକେ ତାଙ୍କ ଦେଶରୁ ସେ ପୁରୁଣା ଈଶ୍ୱରଙ୍କୁ ତଡ଼ି ଦେଇ ହିଟଲରଙ୍କୁ ସେ ଗାଦିରେ ବସାଇ ଛନ୍ତି । ଏ ଭଳି ଯଦି ଜର୍ମାନ ଜାତି ସେମାନେ ପୁଣି କେମିତି ତାଙ୍କର ଭଗବାନ ରୂପୀ ( god ) ସେ ହିଟଲରଙ୍କୁ ଖାଲି ତଡ଼ିବା ନୁହେଁ ଜୀବନରୁ ମାରି ଦବାରେ ଲାଗିଛନ୍ତି ?"

ଆମେ ତାଙ୍କ ଦେଶୀୟ ଶାସ୍ତ୍ରରୁ ଏକ ପୁରୁଣା ନଜିର ଦେଖାଇ କେବଳ ଏ ପ୍ରଶ୍ନ ଉତ୍ତର ଦେଉଛୁ । "ସ୍ୱର୍ଗବାସୀ ସଇତାନ ( Satan ) ଓ ତାଙ୍କ ସଙ୍ଗୀଗଣ ପରା ଈଶ୍ୱର ( god ) ଙ୍କୁ ତଡ଼ି ଦେଇଥିଲେ ! ହିଟଲର ଯେତେବେଳେ ଜର୍ମାନର god ହୋଇଛନ୍ତି, ତାଙ୍କୁ ଏପରି କରିବା ରେ ହରକତ କଣ ?

Digitized by srujanika@gmail.com

# —ଶୁଚିବାଇ—

ଲେଖକ:—ଶ୍ରୀ ଲ.........

ବନ୍ଧୁ ନାରଣ ଡାକ୍ତର କହିଲେ—ଏ ଶୁଚିବାଇ—ହିଷ୍ଟିରିଆ ଜାତୀୟ। ଅବଶ୍ୟ ରୋଗୀର ମାରାତ୍ମକ ନୁହେଁ; କିନ୍ତୁ ଅପରର ପ୍ରାଣାନ୍ତକ।

ଏହାର ଚିକିତ୍ସା ?

ଡାକ୍ତର କହିଲେ—ଏହାର ଚିକିତ୍ସା ଆମ ବିଦ୍ୟାରେ ନାହିଁ।

ମୋ ଠେଇଁ ରୋଗର ଲକ୍ଷଣ ଆଗରୁ କିଛି ନ ଥିଲା। ଗୋଟାଏ ପିଲା ଜନ୍ମ ହୋଇ ମରିଗଲା ପରେଁ ଆରମ୍ଭ ହୋଇଛି। ପ୍ରଥମେ ପ୍ରଥମେ ତାର ଆଗ୍ରହ ଓ ଶୌଚ ପ୍ରୀତି ଦେଖି ଭଲ ଲାଗୁଥିଲା, ମାତ୍ର ତାହା ବଢ଼ି ବଢ଼ି ଯେ ଏତେ ଦୂର ଯାଇପାରେ ତାହା ମୁଁ ସ୍ୱପ୍ନରେ ଭାବି ନ ଥିଲି। ବାହାରୁ ବୁଲି ଆସିଲେ ଜୋତା ହଳକ ପୋଖରୀରେ ମାଝି ପାଣିରେ ଧୋଇ ଉଠେଇ ଯାଇ ରଖିବ। ଲୁଗା ପଠା ଘର ଭିତରକୁ ଛୁଇଁବ ନାହିଁ। ପିନ୍ଧିବା ଧୋତି ବାହାରେ ପାଲଟିଲେ ଯାଇ ଘରକୁ ପଶିବ।

ଏତିକିରେ ଭଲ ରକ୍ଷା ଥାଆନ୍ତା। ପିନ୍ଧିଲା ଧୋତିକୁ ଦିନରେ ଦୁଇଥର ଧୋଇବାକୁ ପଡ଼େ—ଏ ଲୁଗା ମହଙ୍ଗରଦିନେ ଏତିକି ଅସମ୍ଭବ। କେବଳ ଗେରୁଆ ଗାମୁଛା ପିନ୍ଧିଲେ କଥଞ୍ଚିତ ରକ୍ଷା।

ମୋତେ ଦିନରେ ଗାଧୋଇବାକୁ ପଡ଼େ ତିନଥର। ଆଗ ଦୁଇଥରକୁ ଭାବନା ନ ଥିଲା—କିନ୍ତୁ ଖାଇସାରି ରାତିରେ ଶୋଇଗଲାବେଳେ ଯେଉଁ ଥରକ, ସେଇଟା ବଡ଼ ବାଧୁଛି। ଏବେ ମୋର ଶରଧା ନାହିଁ, ସେଥିରେ ଏଇ ଧୂଆ ପଖାଳରେ କାଶ, ଶର୍ଦ୍ଦି ବରାବର ଲାଗି ରହୁଛି ମୋର।

ବହି ଧୂଆ, ଟେବୁଲ ଧୂଆ, ଚେୟାର ଧୂଆ ଏସବୁ କେଉଁଠି ଦେଖିଛ ? ବିଛଣା ପର କଥା ଛାଡ଼। ଏପରିକି କାନ୍ଥର ଛବି, କେଲେଣ୍ଡର ପର୍ଯ୍ୟନ୍ତ ଧୂଆ ନୋହିଲେ ଗଙ୍ଗା ଜଳ ବା ଗୋବର ଜଳ ପକା।

ଘରର ମେଜିଆ ଧୋଇ ଧୋଇ ସୋର ଯିବା ଉପରେ। କବାଟ, ବନ୍ଧ, କାଠ ତିଅର କେତେ ସହିବ !

ସୁକର, ପୂଜାରୁ ତ ଉଠିଲେ ନାହିଁ, ଓଦାଲୁଗା ପିନ୍ଧି କିଏ କେତେ ରହିବ। ଗୋଡ଼ ହାତ ଘଡ଼ିକଘଡ଼ି ଧୋଇବ କିଏ କେତେ ମନେ ରଖି ? ନ ଧୋଇଲେ ଗାଳି; ଅଟକେ ଯନ୍ତ୍ର। ଶୋଇବାବେଳକୁ କେଜେ ପାଣି ଢାଳେ ଆଣି ଅଜାଡ଼ି ଦେବେ !

ଖାଉଁ ଖାଉଁ ଭୁଲ ଭଲରେ ଅଇଁଠା ଭାତଟିଏ ଯଦି ଲୁଗାରେ ପଡ଼ିଗଲା ତ ଗାଧୁଅ। ପୁରୁଷ ଲୋକ ପୁଣି କେତେ ଗୃହସ୍ଥ ହୋଇ ଏ ସବୁ କେତେ ସହିବ।

ପୂଜାର ଖବର ନ ଥାଇ ନିଜେ କାମ କଲେ ଯାଇଁ ଧୂଆ ଧୋଇବା ସମ୍ଭାର ଦୁଇଗୁଣ ବଢ଼ିଲା। ଦାସୀ ନଥା, ଚାକର ମାନ କରୁ କରୁ ଭୂତ ଉଠାଇବ ହୋଇ ପାରିଲେ ନାହିଁ।

ମନେ ମନେ ଭାବେ—ଏ ନିଅଁଅ ବୁଝି କରିଛି ତାହା ହୋଇ। ନଦୀକୂଳରେ ବସି ଅଛି ମଳ ମଳ କାନେ। ପଡ଼ିଆ କାନ୍ଦିବାକୁ ବେଳେ ବେଳେ ମନ ହୁଏ—କିନ୍ତୁ ଲାଜ କାନ୍ଦି ପାରେ ନାହିଁ।

ନାରାଣ ହୋଇ ହୋଇ ଦିନେ ଯାଇ ଅପନା ପିଉସୀଙ୍କୁ ସବୁ କଥା କହିଲି। ସେ ଆମ ଘରକୁ ଆସି କିଛିଦିନ ରହିବାକୁ ଲାଗିଲେ। ପୋଲରେ ଜଣେ ବନ୍ଧୁଦ୍ୱାର ଲୋକ ନିଜ ହୋଇ ଛମାକ ରଜ ହୋଇଗଲେ।

ପିଉସୀ ଆସିଲେ। ଆସିବା ମାତ୍ରେ ନାକଟେକା ଆରମ୍ଭ କରି ଦେଲେ ମୁକ୍ତାରୁ। ଛିଃ ଛିଃ—ଏବୁଢ଼ା ଭଣ ଲେ ବସ୍ତୁ !

Digitized by srujanika@gmail.com

ଘର ଦୁଆର ଉମିଡ଼ୁଁ କରନ୍ତୁନା ! ଏଥିରେ କଣ ଲକ୍ଷ୍ମୀ ରହିବେ ।

ଅଦ୍ଭୁତ ଅଭ୍ୟାସ ! ତାଙ୍କର ବଡ଼ ଅଗ୍ନିସ ପରିଷ୍କାର ପରିଚ୍ଛନ୍ନ ଆଉ କଏ ଅଛି ବୋଲି ସେ ଜାଣି ନଥିଲେ । ପିଉସୀ ଧଇଲେ ଚଉଁର ଆଉ ବହୂ ବାଡ଼ିଲେ ପାଣି । ଲଗିଲା ଧୂଆ ଅଦି ସଦି କରି ଘର ଭିତରୁ ଚାଲି ଯାଉଛ ଧୋଇ ଧୋଇ ଦୁହିଁଙ୍କର ଦମ ଯାଉଛି । ବହୂ କହିଲେ "ମୁଁ ଆଉ ପାରିବି ନାହିଁ—ମୋ ହାତ ବନ୍ଧଲାଣି, ଅଣ୍ଟା ରହିଲାଣି । ତେବେ ଯାଇ ବନ୍ଦ ହେଲା ।

ପିଉସୀ ହୁକୁମ ଦେଲେ ଦିନରେ ଆଠ ବାର ଗାଧୋଇବାକୁ ହବ । ହିଁଏ ବେଳ କଲେ ଜଣେ ପାଣି ଢାଳଟ ଆଣି ବହୂ ଉପରେ ଢ଼ାଳି ଦିଅନ୍ତି । ଗୋବର ପାଣିର ହାଣ୍ଡି ବସି ଥାଏ । ଦିନରାତ ଚଉଳାଏ ଲେଖାଁ ପଡ଼ୁଥାଏ ଯେଉଁଠି ସେଇଠି । ବିଛଣା, ପେଟରି, ବାସନ ସବୁଥିରେ ବାଦ ଯାଏ ନାହିଁ ।

ଏ ସବୁ ଦେଖି ମୋର ମନ ଘର ଧରିଲାଣି । କିନ୍ତୁ କହିବାର ଉପାୟ ନାହିଁ । ବେଳେ ବେଳେ ଦେଖେଇ ଦେଖେଇ ଅପଣି କଲେ ପିଉସୀ ଉଦିଲ ଜୋରରେ ଗୋବର ପାଣି ପକାନ୍ତି ଓ ଛିଞ୍ଚାଟ କରନ୍ତି ।

ଦିନେ କଣ ହେଲାକ—ଗ୍ରାବୁଆଣ୍ଡି ଫୁଟୁଚ, ପିଉସୀ ମେଞ୍ଚାଏ ଗୋବର ନେଇ ସେଥିରେ ପକେଇ ଦେଲେ । ମୋ ଆଉ ସହି ପାରିଲି ନାହିଁ । କହି ଉଠିଲି—ଇଏ କଣ ଅପା ? ଭାତରେ ଗୋବର ଦଉଚ ? ଅପା କହିଲେ—ଛିଞ୍ଚାଟ ଲେ ବହୂ ଛିଞ୍ଚାଟ; ଅଶୁଚ । ମୁଁ କହିଲି— ନା, ମୋର ସେ ଅଶୁଚ ଲୋଡ଼ା ନାହିଁ । ଅମର ଅନଶନ ହୋଇ ରହିବା ।

ମୁଁ ଭଲ କଥା—ଏତିକି କହି ଅପା ବୁନ ହୋଇ ରହିଲେ ଓ ସେଇ ରାତିରେ ଆମ ଘର ଛାଡ଼ି ଚାଲିଗଲେ । ତାଙ୍କରେ ମୋତେ କହିଲେ—ବାପ, ହେଇଗଲାତ ତୋର ? ଏଥର ବୁ ମୁଖରେ ଥା ।

ସତକୁ ସତ ସେଇ ଦିନଠୁଁ ମୋର ଅଶୁର କ୍ଷଅଟେ ଉଡ଼େଇ ଯାଇଛି । ମୁଁ ମଜା ଅରାମରେ ରହିଲି ନିଶ୍ଚିନ୍ତ ହୋଇ ।

ନାରଣ ଡାକ୍ତର କହିଲା—କଏ କମିଛୋ ? ମୁଁ କହିଲି—ରେଡ଼ଟେବିଲ ଉପର । ସେ ଆଶ୍ଚର୍ଯ୍ୟ ହୋଇ ଚାହିଁଲା । ମୁଁ ତାକୁ ସବୁ ହାଲ କହିଲି, ଶୁଣି ସେ କହିଲା—ଏ ରୋଗ ଆମ ଶାସ୍ତ୍ରରେ ନାହିଁ ।

—*—

## କୁତୁକୁତୁ

ବୁଢ଼ା ମହୁଲା—ହ, ରଇଥା, ମୁଁ ମନେ ପକାଏ । ଆରବର୍ଷ ଦଶହରାକୁ ମୁଁ ତମକୁ କେତେ ବକ୍‌ସିସ୍ ଦେଇଥିଲି ଟି ?

ଡାକ ବାଲା—ବାରଅଣା ଦେଇଥିଲେ ।

ବୁଢ଼ା ମହୁଲା—ତେବେ ହେଉ ନିଅ ଗୃହଅଣା ଟଙ୍କାଟିଏ ହୋଇଗଲା ।

+ × +

ଦିନେ ମାମୁଁ ଭଣଜା ପାଖକୁ ଲେଖିଲେ,

"ଏଥିସହିତ ତୁ ମାଗିଥିବା ଟ୧୦୯ ପଠାଇଲି ତେବେ ତୋର ଚିଠିର ଗୋଟାଏ ଭୁଲ ତୋତେ ଜଣାଇଦେବା ନିହାତି ଉଚିତ ମନେ କରୁଚି—"ଦଶ" ଲେଖାଗଲେ ସେଥିରେ ଗୋଟିଏ ଶୁନ ଥାଏ ଦୁଇଟା ନୁହେଁ ।"

## ନୋଟିସ

## ଓଡ଼ିଶା ସର୍ଭେ ଟ୍ରେନିଂ ସ୍କୁଲ-ଅସୁରାଲି

ପୋ: ଅ: ହୋଠାର-ବାଲେଶ୍ୱର

ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଓ ଗଡ଼ଜାତ ମାନଙ୍କର ଯେକୌଣସି ସ୍ଥାନରେ ପନ୍ଦର ଜଣରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଏକତ୍ରିତ ହୋଇ ଜଣାଇଲେ ସେ ସ୍ଥାନକୁ ଶିକ୍ଷକ ଯନ୍ତ୍ରାଦି ସହ ଯାଇ ସର୍ଭେ ଶିକ୍ଷାଦେବେ, ନିୟମାବଳୀ ପାଇଁ ହେଡ଼ମାଷ୍ଟରଙ୍କ ନିକଟ ଟ୦।୯-ର ଡ଼ାକଟିକଟ ପଠାନ୍ତୁ !

Digitized by srujanika@gmail.com

ମଜାକବିତା...............

# —ପଣ୍ଡିତ—

ଶ୍ରୀ ରସାନନ୍ଦ ସାହୁ

ପଣ୍ଡିତ ଆଖ୍ୟା ନ ଦେଇ ପଛକେ ଦେଶ
ସେଥି ପାଇଁ ନାହିଁ ଦୁଃଖ ମୋ ଚିତ୍ତେ ଲେଶ ।
ମୁହିଁ ଜାଣେ-ମୁହିଁ ପଣ୍ଡିତ ମହା ଜ୍ଞାନୀ,
ମୋର ଦେଶ ହାୟ, ମୋ ପ୍ରତିଭା ଚିହ୍ନୁନି !

ମନୁସଂହିତା, ରାମାୟଣ, ପରାଶର,
ଉପନିଷଦ, ବେଦ ଆଉ ପୁରାଣର-
ଯେତେ ପାଠ ଯାହା କଣ୍ଠେ ମୋହର ଅଛି,
କଣ୍ଠସ୍ଥ ଗୁଣେ ନ ଚଳାଏ ମୋତେ କିଛି !

ସଂସ୍କୃତ, ବଙ୍ଗଳା, ଓଡ଼ିଆ ହିନ୍ଦି ଆଦି
ସାହିତ୍ୟ ରଖିଛି ଘର କୋଣେ ମାଡ଼ି ଗାଦି,
ଦେଉଳର ଧୂଳି, ବୁଢ଼ିଆଣୀ ଜାଲ ସାଥେ
ସେ ପୁସ୍ତକ କୁଳ ଅନ୍ତରଙ୍ଗତା ପାତେ ।

ତଥାପି ମୋ ମୋ ଦେଶ ଚିହ୍ନିଲାନି'-ହତଭାଗା !
ମୋ ପ୍ରସ୍ତର ମୂର୍ତ୍ତି ଗଢ଼ିଲାନି' ଜାଗା ଜାଗା,
ଏଇ କଥା ଭାବି ଅବଶୋଷ ମନେ ଜାଗେ
ମୂର୍ଖର ଦେଶ ମୋର, ଭାବି, ଦୁଃଖ ଲାଗେ ।

ପାରୁଥିଲି ମୁଁ ଲେଖି ନାଟକ କବିତା ରାଶି
ପଣ୍ଡିତ ଗଢ଼ି ତୋଳନ୍ତି ମୂର୍ଖତା ନାଶି
ଅନ୍ଧ-ଅଜ୍ଞ ମୋ ଦେଶ ବାସୀଏ ହେଲେ,-
ସେଥି ପାଇଁ କାହିଁ ପ୍ରେରଣା କି କେହି ଦେଲେ ?

ପାଠ୍ୟ ପୁସ୍ତକ ବେନାମିରେ ଲେଖି
ପ୍ରକାଶକ-ଦ୍ୱାରେ ପହଞ୍ଚିଲି ଜାଣେ ଧର ।
ପ୍ରକାଶକ ଲେଖେ-ବୁଝି ନାହିଁ ପାଠ ନିଜେ
ଅପରଙ୍କୁ ତାହା ପଢ଼ାଇବ କିପର ସେ !

ମୂର୍ଖ, ଅଜ୍ଞ ଏଇ ପ୍ରକାଶକ ଦଳ
ଠକି ନେଉ ପୁଣି ଅସଲ ବେପାରୀ, ଖଳ,
ପଣ୍ଡିତ ଦଳ ତେବେ ପୋଥି ଶାସ୍ତ୍ର ଛାଡ଼ି
ସ୍ୱାଙ୍କର ଦାଢରେ ପିଟେ ବଲପାଟି ଛାଡ଼ି ।

ତେଣୁ ମୁଁ ଘରର ଗ୍ରନ୍ଥର ପୃଷ୍ଠା ଆଣି
ମାଆ ବୁଢ଼ୀ ଆଉ ଘରର ଘରଣୀ, ବାକି-
ପାନ ବାଲା ଆଉ ମୁଦି ଦୋକାନୀର ପାଖେ
ପ୍ରତି ବେଣୀ ମେଲେ ସନ୍ଧ୍ୟା ମୋର ପରକାଶେ ।

ନ ଚିହ୍ନୁ ମୋ ଦେଶ-ନାହିଁ ମୋର ଅବଶୋଷ,
ଅଟେ ଯେଣୁ ତାହା ଦେଶ ବାସୀ-ଭାଗ୍ୟ-ଦୋଷ,
ଜନ୍ମି ଏପରି ମୂର୍ଖ-ଅଭାଗା ଦେଶେ
ବିଫଳ ଜୀବନ-ପ୍ରଦୀପ ନିଭିବ ଶେଷେ ।

ଭଗବାନ, ଏହି ସଦିଚ୍ଛା ମୋ ଶିରେ ଦିଅ-
ଅବତାର ପୂର୍ଣ୍ଣ ଏହି ଦେଶୁ ମୋତେ ନିଅ
ଥାପ ସେ କେଉଁ ଦେଶେ, ଯାର ଦେଶ ବାସୀ
ଚିହ୍ନିବେ ମୋର ପ୍ରତିଭା ଓ ଗୁଣ ରାଶି ।

Digitized by srujanika@gmail.com

# କାଳିଆ ବଳଦ ଗଳ୍ପାଗଳ୍ପ

ସଂଗ୍ରାହକ—ଦେବ ମହାପାତ୍ର

"ତମେ ଯେଉଁ ଦଶଟଙ୍କା ମୋଠୁ ଉଧାର ନେଇଥିଲ କେବେ ଫେରେଇ ଦଉଚ ?"

"କୋଉଟଙ୍କା ? ମୋର ତ ମନେ ନାହିଁ । କେବେକା କଥା ?"

"ଦିନେ ସନ୍ଧ୍ୟା ବେଳେ, ଯେତେବେଳେ ତମେ ଗଞ୍ଜେଇ ନିଶାରେ ଭୋଳ ହୋଇଥିଲ ।"

"ଓ-ସେଟଙ୍କା ତ ମୁଁ ତମକୁ ଫେରେଇ ଦେଇଚି ।"

"କେବେ ?"

ଦିନେ ସନ୍ଧ୍ୟା ବେଳେ ଯେତେବେଳେ ତମେ ମଦ ନିଶାରେ ଭୋଳ ହୋଇଥିଲ ।"

\+ + +

ଶିକ୍ଷକ—"ଖୁବ ମନ ଦେଇ ପଢ଼ । ମନେ ରଖିଥା ଯେ ତୁ ଯାହା ପଢ଼ୁଚୁ, ଯାହା ଶିଖୁଚୁ ତୋଠୁ କେହି କେବେ ନେଇ ପାରିବେନି ।"

ଛାତ୍ର—ସାର୍, ମୁଁ ଯାହା ନ ପଢ଼ିଚି, ନ ଶିଖିଚି ତାକୁ ବା କେହି ମୋଠୁ ନେଇ ପାରିବେନି ଯେ ! ନେଇ ପାରିବେକି ?

× + ×

ମୀନା—ଆଚ୍ଛା କୌଣସି ଲୋକକୁ ତାର ଧନସମ୍ପତ୍ତି ପାଇଁ ବିଭାହେବା ବିଷୟରେ ତୁ କଣ ଭାବୁଚୁ !

ରିନା—ଅନେକ ସମୟରେ ମୁଁ ଏଇକଥା ଭାବେ, କିନ୍ତୁ ସେପରି ଲୋକଟିଏ ପାଉନି ।

\+ + ×

"ଆପଣଙ୍କର କମଳା ଫସଲ ଏ ସାଲ୍ କେମିତି ହୋଇଥିଲା ?"

"କଣ କହିବି, ଏଥର ଝଡ ବତାସରେ ଛହିଲେ ତ ଅଠ ପଣ ଝଡ଼ି ପଡ଼ିଲା, ଫେର ତାକୁ ଗୋଟେଇଲା ବେଳକୁ ପୁଣି ପବନ ହୋଇ ବାକି ଅଠପଣ ଝଡ଼ି ପଡ଼ିଲା ।"

"ଦୁଃଖର କଥା ଆପଣ ସେ ସବୁ କିଛି କାମରେ ଲଗେଇ ପାରିଲେ ?"

"ହଁ ଗୋଟିଏ ମୋ ଭଡ଼ିଯା ଖାଇଲା, ଅଉଟି ମୁଁ ଖାଇଲି

× + +

"ବାପା, ବାପ, ବାପା"

ମତେ ବିରକ୍ତ କରନା । ତତେ କହିଚି ପରା ଯେ କିଛି ନ ପଚାରିଲେ କଥା କହିବା ଭଲ ନୁହେଁ ବୋଲି"

ତେବେ ବାପା, କୁଆ ପୁଅ କୂଅରେ ପଡ଼ି ଯାଇଚି କି ନାହିଁ ମତେ ପଚାର"

\+ × ×

ମାଆ ତାର ସାନ ଗୁଲକ ପୁଅଟିକୁ ଛଅଣା ପଇସା ଦେଇ ଛ' ଟା କମଳା ଲେମ୍ବୁ କିଣି ଅଣିବାକୁ ପଠେଇଲା ।

ମାଆ କହିଲା—ପୁଅରେ, ମନେ ରଖିଥା, ଗୋଟାଏ ଦିଟା ଅଧିକା ନେଇ ଆସିବୁ । ପଚାରି କି ନାହିଁ ଦେଖି ଦେଖି ଲୁଚେଇ ନେଇ ଅସିବୁ

କେତେ ସମୟପରେ ପୁଅ କମଳା କୁ କମଳା ଅଣିଲା ଆଉ ତା ସାଙ୍ଗରେ ଛଅଣା ପଇସା ବି ଫେରେଇ ଦେଲା ମାଆ କୁ ।

ପୁଅ କହିଲା—ମାଆ ଲୋ, ତୁ ଯେମିତି କହିଥିଲୁ ମୁଁ ସେମିତି କରି ପହିଲେ ଗୋଟାଏ ନେଇ ଆସିଲି ତା ପରେ ସେ ଲୋକଟା ଅନେଇ ନ ଥିଲା ବେଳେ ବାକି ପାଞ୍ଚଟା ନେଇ ଅସିଲି ।

× + ×

"ତମେ ଯେପରି କହୁଚ ବର୍ତ୍ତମାନ ମୋର ସେହିପରି ହସିଲା ଭଳିଆ ମୁହଁ ହୋଇଚି ତ ?"

"ହଁ ଅଜ୍ଞା, ଖୁବ ସୁନ୍ଦର ହୋଇଚି"-ଫଟୋଗ୍ରାଫର କହିଲା ।

"ତା ହେଲେ ଶିଘ୍ର ଫଟ ଉଠାଅ, ମତେ କାଠୁଚି ."

Digitized by srujanika@gmail.com

# —ରକ୍ତ-ମାଟି—

ଲେଖକ:—ଶ୍ରୀ ନାରାୟଣ ପ୍ରସାଦ ମହାନ୍ତି

କାଳଙ୍କା ଭଡ଼ର ନାଲି ଟହ ଟହ ରକ୍ତ ଯେତେବେଳେ ଫୁଟନ୍ତା ପାଣି ପରି ଚହଲି ଉଠେ··· ମୁଣ୍ଡ ଗୁଡ଼ବଟ ଶିରା ପ୍ରଶିରା ଯେତେବେଳେ ଶିକାରୀ ବାଘପରି ଫୁଲି ଉଠେ······ ବାହୁର କୋଳଲ ମାଂସପେଶୀ ଯେତେବେଳେ କର୍କଶ ହୋଇ ଉଠେ, ନିଶ୍ୱାସ ପ୍ରଶ୍ୱାସରେ ଯେତେବେଳେ ହୁଂକାର ଧ୍ୱଂସସୂଚ ଝଙ୍କାର ଉଠେ, ସେତେବେଳେ ଗିରି ଗହ୍ୱରର ବଳିଷ୍ଠ ରାଜକୁମାର ପ୍ରସ୍ତର ଖଣ୍ଡ ଉପରେ ପଦାଘାତ କରି ଗର୍ଜ୍ଜନ କରି କହେ······ ··'ରକ୍ତ'—'ରକ୍ତ'—ଆଜି 'ରକ୍ତ'—କୋଷ-ମୁକ୍ତ ତୀକ୍ଷ୍ଣ ଛୁରିକା ତା'ର ବଜ୍ର ମୁଷ୍ଟି ଭିତରେ ଥାଇ ପ୍ରକମ୍ପିତ ହୁଏ······ଯୁବକ ପ୍ରଶସ୍ତ ବକ୍ଷର ପ୍ରତ୍ୟେକ ଶିରା ପ୍ରଶିରା ଟାଣି ହୋଇଯାଏ ଅଜଣାକର ସଂଧାନରେ—

ଝୁଂପାର ଦ୍ୱାର ଉନ୍ମୁକ୍ତ ହୁଏ......ବିଶ୍ୱର କମନୀୟତା ରାଜ-କୁମାର ଆଖିରେ ଦାରିଦ୍ର୍ୟ ଓ ଅନ୍ଧକାରର କଳା ଲେପି ଦିଏ......ଆଖି ଆଗର ଅନ୍ଧକାର ଭୂମି କାନ୍ଦି ଉଠି ରାଜକୁମାର କାନରେ ହୁଂକାର ତୋଳେ—ଗରିବ... ଗରିବ......ଆଉ ଗରିବ—ରାଜ-କୁମାରର ପ୍ରତି ଧମନୀରେ ତପ୍ତ ଶିଖା ଛୁଟି ଯାଏ......ହାତର ଉନ୍ମୁକ୍ତ ଛୁରିକାକୁ ଅଜାଣତରେ ଅବଲୋକନ କରି ଓଠ ଯୋଡ଼ିକୁ ଦାନ୍ତତଳେ ଚିପି ରଖେ.........ସେ ଫଟାମାଟିର କଙ୍କାଳ ଉପରେ ପ୍ରଚଣ୍ଡ ଝଡ଼ ପରି ଅଭିଯାନ ଚଳାଏ—

ଚତୁର୍ଦ୍ଦିଗରେ ରାଜ କୁମାରର ଅନନ୍ତ କୂହାଟ ଆଣେ ପ୍ରକଂପ—ବିଶ୍ୱର ପ୍ରତ୍ୟେକ ପୁରପଲ୍ଲୀରୁ କୋଟି କୋଟି ଜୀଅନ୍ତା କଙ୍କାଳ ଛୁଟି ଆସନ୍ତି—ରାଜ-କୁମାରର 'କୂହାଟ' ଶୁଣି ଫଟାମାଟିର ବକ୍ଷଦେଶ କଙ୍କାଳସାର-ମାନବର ପଦାଘାତରେ ହସି ଉଠେ—ରାଜ-କୁମାରର ଅଟ୍ଟହାସ ହୋଇ ପଡ଼େ...... ତୀକ୍ଷ୍ଣ ଛୁରିକା ଧରି ତାଣ୍ଡବ ନାଚ ନାଚେ... ବିଶ୍ୱ ପ୍ରଳୟର ଆଶଙ୍କାରେ ଆତଙ୍କିତ ହୁଏ...ରାଜ-କୁମାର ଆଖିବୁଜି ଛୁରି ଚଳାଏ......କୋଟି କୋଟି ଦାରିଦ୍ର୍ୟ ପୀଡ଼ିତ ମାନବ ଶିଶୁ ମାଟିର ଧାନ କଲେବର ଉପରେ ଗଡ଼ି ଯାଆନ୍ତି......କୁହୁକ ହେଉ ନିର୍ଜୀବ ଶବ ଜମାହୋଇ ଯାଏ..ତାଜା ରକ୍ତ ମାଟି ପିଠିରେ ଲହଡ଼ି ଖେଳି ଯାଏ......ହାଡ଼ ମାଂସ ମାଟିର ଜ-କୁମାରର ତୀକ୍ଷ୍ଣ ଛୁରିକା କୋଷଗତ ହୋଇ ଝଣ୍ଡନ କଲେବର ଭୁକ୍ତି କରେ......

......ରାଜ-କୁମାର ହସେ......

ତା ପରେ—

ସେଇ ମାଟି ବୁକୁରୁ 'ସବୁଜ' ଆଶା ବିକଶିତ ହୁଏ...... ପତ୍ର ପୁଷ୍ପ ଫଳ ଭାରରେ ବିଶ୍ୱ ଗଦ୍ ଗଦ୍ ହୋଇପଡ଼େ... ......... ରାଜ-କୁମାର ଗଭୀର ଦୀର୍ଘଶ୍ୱାସ ପକାଇ ମାଟିର ସବୁଜ ଦେହକୁ ଦେଖିବାକୁ ଅବକାଶ ପାଏ......ଛାତି ଫୁଲାଇ ସାରା ବିଶ୍ୱକୁ ଏକ ଦୃଷ୍ଟିରେ ପର୍ଯ୍ୟବେକ୍ଷଣ କରେ—ମାନବର ରକ୍ତରେ ମାନବର ଉନ୍ନତି ଦେଖି ସେ ନିଜକୁ ଧନ୍ୟ ମଣେ ଫଟା ମାଟି ବୁକୁରେ ସଦା ଉତ୍‌ଫୁଲ୍ଲ ମାନବ ଗୋଷ୍ଠୀ ଦେଖି ଚିର ଶାନ୍ତି ପାଏ।......

ତା ପରେ.........

ଝଡ଼ ଝଂଜା ବତାସ ଅନେକ ବିଶ୍ୱବୁକୁର କୋଳାହଳ ସୃଷ୍ଟି କରେ— କଙ୍କାଳସାର ମାନବ ଶିଶୁ ତା'ର ଭିତର ଦେଇ ବଳିଷ୍ଠ ମାନବଗୋଷ୍ଠୀ ଠିଆ କରାଏ.........କୋଟି କୋଟି ମାନବର ରକ୍ତ ମାଂସ ହାଡ଼ ପୁଣି ଜୀଇଉଠି ଜଗତରେ ଖେଳ ଭୁଲ କରନ୍ତି ...ରାଜ-କୁମାର ଜଣ ଜଣକୁ ପରଖି ବୁଝେ ସବୁର ଦେହ ନାହାନ୍ତି...ସବୁର ଦେହ ନୂତନ......

ରାଜ-କୁମାର ହସେ ଅଟ୍ଟହାସର ହସ...ବଡ଼ ଶାନ୍ତି ପାଏ... ବଡ଼ ଆନନ୍ଦରେ ସେ ତ ମନେ ମନେ ଉଚ୍ଚାରଣ କରେ... ଆମେ ସବୁର ଦୋହ୍ନ—

Digitized by srujanika@gmail.com

# ଶୋକ ବାର୍ତ୍ତା

**ଡଗର** ଆଜ ମହା ମୃତ୍ୟୁ-ଶୋକରେ-ସନ୍ତପ୍ତ । ଡଗରର ପରିଚାଳନା ସମ୍ପାଦକ ଶ୍ରୀ ରାଇମୋହନ ଦାସଙ୍କ ପିତା ଓ ସଂପାଦକ ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ୱଶୁର ସାମନ୍ତ ଲାଲ ମୋହନ ଦାସ ତାଙ୍କର ବିରାଟ ପରିବାର ଓ ଆତ୍ମୀୟ ସ୍ୱଜନଙ୍କୁ ଶୋକସାଗରରେ ଭସାଇ ଦେଇ ବିଗତ ଜୁଲାଇ ତା ୫ ରିଖ ଦିନ ସଂପାଦକଙ୍କ ଭଦ୍ରକସ୍ଥ ବାସ ଭବନରେ ଇହଲୀଳା ସମ୍ବରଣ କରିଛନ୍ତି ।

ସାମନ୍ତ ଲାଲ ମୋହନ ପ୍ରଖର ଧୀଶକ୍ତିସମ୍ପନ୍ନ, ଜ୍ଞାନବାନ୍ ଓ ମିଷ୍ଟଭାଷୀ ବ୍ୟକ୍ତି ବୋଲି ଖ୍ୟାତ ଥିଲେ । ନାନା ସଦ୍‌ଗୁଣ ଯୋଗୁଁ ସେ ଅତ୍ୟନ୍ତ ଜନପ୍ରିୟ ହୋଇ ପାରିଥିଲେ । ତାଙ୍କର ତୀକ୍ଷ୍ଣ ବୁଦ୍ଧି, ବିଚକ୍ଷଣତା ଯୋଗୁଁ ବହୁ ଲୋକ ବିପଦ ବେଳରେ ଲାଲମୋହନଙ୍କର ପରାମର୍ଶ ଲୋଡ଼ୁଥିଲେ ।

ବାଲେଶ୍ୱର ସହର ମୁନହଟର ସୁଖ୍ୟାତ ଜମିଦାର ସାମନ୍ତ ବଂଶରେ ତାଙ୍କର ଜନ୍ମ । ସେ କଲିକତା ପ୍ରେସିଡେନ୍ସି କଲେଜରେ ଅଧ୍ୟୟନ କଲାବେଳେ ଜନନେତା ଚିତ୍ତରଞ୍ଜନ ଦାସ ତାଙ୍କର ବିଶିଷ୍ଟ ବନ୍ଧୁ ଓ ସହପାଠୀ ଥିଲେ । ଲାଲ ମୋହନ ଗଣିତ ଅନର୍ସରେ କଲିକତା ବିଶ୍ୱବିଦ୍ୟାଳୟର ପ୍ରଥମ ସ୍ଥାନ ଅଧିକାର କରିଥିଲେ । ତା ପରେ ସେ ଆଇନ ପାଠ କଲେ ମଧ୍ୟ ଓକିଲାତି ନ କରି ନିଜର ବିଷୟ ସଂପତ୍ତି ପରିଚାଳନାରେ ମନୋଯୋଗ କଲେ । କେନ୍ଦୁଝର ସୀମାରେ ଥିବା ତାଙ୍କ ଜମିଦାରୀ ମଧ୍ୟରେ ବିସ୍ତୃତ ଜଙ୍ଗଲ ସଫାକରି ସେ ଏକ ବୃହତ୍ ବଗିଚା କରି ଯାଇଛନ୍ତି; ଯାହା କୃଷି-ପ୍ରେମିକ ମାନଙ୍କର ଦର୍ଶନୀୟ । କୃଷି ଓ ବିଜ୍ଞାନ ପ୍ରତି ଲାଲମୋହନଙ୍କର ବିଶେଷ ଶ୍ରଦ୍ଧା ଥିଲା ।

ମୃତ୍ୟୁକାଳରେ ତାଙ୍କର ବୟସ ୭୮ ହୋଇଥିଲା । ମୃତ୍ୟୁର କେତେ ବର୍ଷ ପୂର୍ବରୁ ଅତ୍ୟଧିକ ପୁସ୍ତକ ପାଠ ଯୋଗୁଁ ସେ ଦୃଷ୍ଟିଶକ୍ତି ହରାଇଥିଲେ । ଶେଷ ଜୀବନରେ ଅହରହ ଭଗବଦ୍‌ଗୀତା ଅଧ୍ୟୟନ ଓ ହରିନାମ ଜପରେ କାଳ କ୍ଷେପଣ କରୁଥିଲେ । ସମଗ୍ର ଗୀତା ତାଙ୍କର କଣ୍ଠସ୍ଥ ଥିଲା ଏବଂ ସେ ଅତି ସୁନ୍ଦର ଭାବରେ ଗୀତାର ବ୍ୟାଖ୍ୟା କରି ଶ୍ରୋତାମାନଙ୍କୁ ମୁଗ୍ଧ କରିଇ ପାରୁଥିଲେ ।

ଜମିଦାରୀ ଅନ୍ତର୍ଗତ ମଧ୍ୟରେ ସେ ବାସଗୃହ ନିର୍ମାଣ କରି ସପରିବାରରେ ସେହିଠାରେ ବାସକରୁଥିଲେ । ମୃତ୍ୟୁର କିଛିଦିନ ପୂର୍ବରୁ ସେ ତାଙ୍କର ସମସ୍ତ ପୁତ୍ର, କନ୍ୟା, ଜାମାତା ମାନଙ୍କୁ ପାଖକୁ ଡକାଇ ଆତ୍ମଜ ମିଳନର ଆନନ୍ଦ ଉପଭୋଗ କଲେ ।

ଏହାର ପ୍ରାୟ ଦଶ ବାର ଦିନ ଆଗରୁ ସେ ସେଠାରୁ ବାହାରି ଆସିଲେ କଲିକତା ଯାଇ ଆଖି ଚିକିତ୍ସା କରିବା ଉଦ୍ଦେଶ୍ୟରେ । ଭଦ୍ରକରେ ତାଙ୍କ ଜ୍ୟେଷ୍ଠା କନ୍ୟାଙ୍କ ଘରେ ପହଞ୍ଚିଲେ ଜୁଲାଇ ତା ୪ ରିଖ ସକାଳେ ମଧ୍ୟମା କନ୍ୟା ଛିଲୋଉମାଙ୍କୁ ସଙ୍ଗରେ ଘେନି । ସେତେବେଳେ ଭଦ୍ରକରେ ତାଙ୍କ ଜ୍ୟେଷ୍ଠା କନ୍ୟା ଲବଙ୍ଗଲତା ନଥିଲେ । ଅନ୍ୟାନ୍ୟ କଥା ଓ ଅରବିନ୍ଦ ଗୀତା ଆଲୋଚନାରେ ଜାମାତା ଲକ୍ଷ୍ମୀକାନ୍ତଙ୍କ ସହିତ ଦିନଯାକ କଟାଇଲେ । ସେଦିନ ସେ ସୁସ୍ଥ ଓ ପ୍ରଫୁଲ୍ଲ ଦେଖା ଯାଉଥିଲେ ।

ତହିଁ ଆରଦିନ ସକାଳେ ତାଙ୍କ ଜ୍ୟେଷ୍ଠା କନ୍ୟା ନିଜ ଘରଠାରୁ ଭଦ୍ରକରେ ଆସି ପହଞ୍ଚିଲେ । ତାଙ୍କୁ ଦେଖିଲାମାତ୍ରେ ପିତା ଆନନ୍ଦରେ ଗଦ୍‌ଗଦ୍ ହୋଇ ପଡ଼ିଲେ ଓ ହସି ହସି ନାନା ପ୍ରକାର କଥାବାର୍ତ୍ତା କହିଲେ ।

ଏହାର ଅଳ୍ପ ସମୟ ପରେ ବସିଥିବା ଅବସ୍ଥାରେ ହଠାତ୍ ତାଙ୍କର ହୃଦ୍‌ଯନ୍ତ୍ରର କ୍ରିୟା ବନ୍ଦ ହୋଇଗଲା ଓ କନ୍ୟା ଦୁହିଙ୍କ କୋଳରେ ତାଙ୍କର ଶେଷ ନିଶ୍ୱାସ ନିର୍ଗତ ହେଲା ।

ମଧ୍ୟମ ପୁତ୍ର ରାଇମୋହନ ମଟର ଯୋଗେ ଶବ ବହନ କରି ଘରଠାକୁ ନେଇଗଲେ । ସେଠାରେ ତାଙ୍କ ସ୍ୱହସ୍ତ ରୋପିତ ସାଗୁଆନ ବଗିଚା ମଧ୍ୟରେ ତାଙ୍କର ନଶ୍ୱର ଶରୀରରେ ଅଗ୍ନି ସଂଯୋଗ କରାଗଲା । ଏକଘଣ୍ଟା ମଧ୍ୟରେ ସବୁ ଶେଷ ।

ଯୋଗୀ, ଋଷିଗଣ ଯେଉଁ ମୃତ୍ୟୁର କାମନା କରନ୍ତି, ସାମନ୍ତ ଲାଲମୋହନ ସେହି ଇପ୍ସିତ ଦେହତ୍ୟାଗର ଅଧିକାରୀ ହେଲେ । ତାଙ୍କ ତିରୋଭାବରେ ବାଲେଶ୍ୱର ଜିଲ୍ଲାର ଗୋଟାଏ ପୁରୁଷର ଶେଷ ସଂଭ୍ରାନ୍ତ ଓ ବିଶିଷ୍ଟ ବ୍ୟକ୍ତି ଅଦୃଶ୍ୟ ହୋଇଗଲେ ।

Digitized by srujanika@gmail.com

# ହରେକି ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ନ୍ୟୁନ ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ —**

୧ । ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତ ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଉପରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

## କିଏ ତୁମେ

କିଏ ତୁମେ ଅଗୋ ଗଭୀରସାଗରେ,
ବସି ବସି ହସୁଥାଅ !
କିଏ ତୁମେ ଅଗୋ ନନ୍ଦନ ଅରଣ୍ୟେ,
ସୁମଧୁର ଗୀତ ଗାଅ ।
ଅମାଅନ୍ଧକାରେ ସୁନୀଳ ଆକାଶେ
ଅନ୍ତରେ ବାହାରେ ସୁଦୂର ପ୍ରକାଶେ,
କିଏ ତୁମେ ? ଅଃ ହସି କହ ଧୀର
କାନେ ମୋର କହିଯାଅ,
କିଏ ତୁମ୍ଭେ କହି ଦିଅ ?
କିଏ ତୁମ୍ଭେ ଅହେ ରମଣୀର ବୁକେ,
ଦେଇଛ ଅସଲ୍ଲ ପ୍ରୀତି
କିଏ ତୁମ୍ଭେ ବନ୍ଧୁ ପୁରୁଷ ବକ୍ଷେ
ଦେଇଛ ଅସୀମ ଶକ୍ତି ।
ତୁମ୍ଭର ବିହୁନେ ଅନ୍ଧକାର ଆସେ
ତୁମ୍ଭର ସ୍ପର୍ଶେ ପ୍ରାଣ ମୋର ନାଚେ,
କିଏ ତୁମ୍ଭେ ଦେବ ସବୁବେଳେ ମୋର
ହୃଦେ ଅନ୍ତରାଳେ ଥାଅ
କିଏ ତୁମେ କହି ଯାଅ

ଶ୍ରୀ ବସନ୍ତକୁମାରୀ ଦାସ
ନଂ ୫୧୦ ଅଙ୍ଗାବନ ନାଗୁଣୀ

## ନିବେଦନ

ମାଗୁନାହିଁ ପ୍ରଭୁ କୁବେର ସମ୍ପଦ
ମାଗୁନାହିଁ ମୁହିଁ ସରଗ ସୁଖ,
ଚାହୁଁ ନାହିଁ ମୁହିଁ ଅମର ହେବାକୁ
ଲୋଡ଼ା ନାହିଁ ମୋର ସଂସାର ଦୁଃଖ ।
ଲୋଡ଼ା ନାହିଁ ମୋର ଯଶ, ଉଚ୍ଚପଦ
ଯା ଘେନି କରନ୍ତି ଲୋକେ ଗରବ ।
ଦାର, ସୁତା, ସୁତ, ପ୍ରିୟ ବନ୍ଧୁଗଣ
ଚାହେଁ ନାହିଁ ମୂଲ୍ୟବାନ ଦରବ ।
କର୍ତ୍ତବ୍ୟ ସାଧନେ ପଠାଇଛ ମୋତେ
ଯେସନ ତାହା ମୁଁ ପାରଇ କରି,
ପର ସୁଖେ ସୁଖୀ ପର ଦୁଃଖେ ଦୁଃଖୀ
ଏ ମର ସଂସାରେ ହେବି ଯେପରି ।
ଏତିକି ମାତର ନିବେଦନ ମୋର
ଦୟାମୟ ହରି ତୋର ଚରଣେ,
ସଂସାର ମାୟାରେ ନଭୁଲଅ ମୋତେ
ପ୍ରାଣ ଯାଉ ତବ ଗୁଣ କୀର୍ତ୍ତନେ ।

ଶ୍ରୀ ଶଶାଙ୍କଭୂଷଣ ଦାସ

Digitized by srujanika@gmail.com

REG. No. P. 441. THE DAGARO—1. 8. 1944.


ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚିହ୍ନ, ସର୍ବାଙ୍ଗିକ ଜ୍ୱାଳା ଶାରୀରିକ ଅବସାଦ, ସୂଚୀବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୮୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅତିରେ ଆରୋଗ୍ୟ ହୁଏ । ଏକ ଶିଶି ୨୲ଙ୍କା ମାତ୍ର ୫ ୨୲ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ**

ଅଲମଚାନ୍ଦ ବଜାର, କଟକ

## ଜଳଜଳା ସ୍ୱାସ୍ଥ୍ୟ ନିବାସ

କୁଷ୍ଠ ରୋଗୀଙ୍କ ସେବା ପାଇଁ ଜଳଜଳାରେ ଏହି ସ୍ୱାସ୍ଥ୍ୟ ନିବାସ ଖୋଲା ହୋଇଅଛି । **ବଇରି** ରେଲ ଷ୍ଟେସନ ଠାରୁ ୭ ମାଇଲ ପଶ୍ଚିମକୁ ଜଳଜଳ । ସେଠାରେ ରହିବାର ଏବଂ ଚିକିତ୍ସାର ବନ୍ଦୋବସ୍ତ ହୋଇଅଛି । ସ୍ୱାସ୍ଥ୍ୟପ୍ରଦ ସ୍ଥାନ । ନିମ୍ନ ଠିକଣାରେ ପତ୍ର ବ୍ୟବହାର କରନ୍ତୁ ।

**ଲକ୍ଷ୍ମୀନାରାୟଣ ସାହୁ**

ଭାରତ ସେବକ ସମିତି କଟକ ।



ସଂପାଦକ

**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସଂପାଦକ

**ଶ୍ରୀ ବ୍ରଜମୋହନ ଦାସ**

Printed & published by G. C. Mahapatra at the Gopinath Press, Bhadrak. 1944.

ବାର୍ଷିକ ତିନି ଟଙ୍କା ଆଠଅଣା    ରାଜସଂସ୍କରଣ ବାର୍ଷିକ ପାଞ୍ଚଟଙ୍କା


Digitized by srujanika@gmail.com

୮ମ ବର୍ଷ ଶ୍ରାବଣ—ଦ୍ୱିତୀୟାଙ୍କ ୬ଷ୍ଠ ସଂଖ୍ୟା




Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

# ପାଇନିଅର୍ କମର୍ସିଏଲ ବ୍ୟାଙ୍କ ଲି:—

**ହେଡ୍ ଅଫିସ— କଲିକତା।**

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଡିଗ୍ରୀହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଙ୍ଗଲପୁର, ମିତ୍ରଗଞ୍ଜ।

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା
(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା। ଅଫିସମାନ ଖୋଲା ଯାଉଛି)

ମେନେଜିଂ ଡିରେକ୍ଟର—

ନୂଆଦିଲ୍ଲି, ନାଗପୁର।

**ସ୍ୱା—ପି. ଏନ୍: ରାୟ ଚଉଧୁରୀ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ୯ ଜମା ଦେଲେ—ବ ୪ ର୍ଷ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ।

# କୁବେର ବ୍ୟାଙ୍କ ଲି:

ହେଡ୍ ଅଫିସ——କଲିକତା

**ଶାଖା ଅଫିସ ମାନ:—**

ଢାକା, କାଲିମ୍ପଙ୍ଗ୍, ସିଲିଗୁଡ଼ି, ଦୋଗା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର।

**୧୬ ତାରିଖ ନଭେମ୍ବର ୧୯୪୩ ରେ**
**ଭଦ୍ରକ ଶାଖା ଖୋଲା ହୋଇଅଛି।**

ସମସ୍ତପ୍ରକାର ବ୍ୟାଙ୍କିଂ କାର୍ଯ୍ୟ ନିର୍ବାହ ହୁଏ।
ଜାଜପୁର ଶାଖା ଶୀଘ୍ର ଖୋଲାଯିବ।

**ଏସ୍. କେ: ଚକ୍ରବର୍ତ୍ତୀ**
ମାନେଜିଂ ଡାଇରେକ୍ଟର


Digitized by srujanika@gmail.com

| | | |
|---|---|---|
| ୮ମ ବର୍ଷ<br>୬ଷ୍ଠ ସଂଖ୍ୟା<br>ଶ୍ରାବଣ ଦ୍ୱିତୀୟାର୍ଦ୍ଧ<br>ତା ୧୬-୮-୪୪ ଖ୍ରୀ | **ଡଗର**<br>**ହୁକା ହୁକା ହୁଆ**<br>( ବିଲୁଆ ବିଗୁଲ୍ ) | —ପାକ୍ଷିକ—<br>ବାର୍ଷିକ ଟ ୩୲<br>ପ୍ରତିସଂଖ୍ୟା — ୦.୬<br>ରାଜସଂସ୍କରଣ ୦ ୫ ୯ |


ଆମ ପ୍ରିଣ୍ଟର ପବ୍ଲିଶର ଶ୍ରୀ ଗୌରଚନ୍ଦ୍ର ମହାପାତ୍ର ପ୍ରାୟ ଦୁଇବର୍ଷକାଳ ବ୍ରହ୍ମପୁର ଜେଲରେ କଟାଇ ଏଇମାସ ୧୪ ତାରିଖରେ ଖଲାସ ହୋଇ ଆସିଛନ୍ତି । ସେ ୧୯୪୨ ସାଲ ଅକ୍ଟୋବର ମାସରେ ଭାରତରକ୍ଷା ଆଇନରେ ଧରା ହୋଇଥିଲେ । ଆମେ ତାଙ୍କୁ ସ୍ୱାଗତ ଜଣାଉଛୁଁ ।

ଜୟପୁରର ଡୁଡୁମାକୁ ମାନ୍ଦ୍ରାଜ ସରକାର ନେଇ ତହିଁରୁ ବିଜୁଳିଶକ୍ତି ବାହାର କରିବା କଥାରେ ଓଡ଼ିଶାର ସୁରଅଡ଼େ ଘୋ-ରଡ଼ ପଡ଼ି ଯାଇଛି । ଏତେବଡ଼ ପ୍ରଚ୍ଛନ୍ନ ସମ୍ପଦଟା ଓଡ଼ିଆଙ୍କ ହାତରୁ ବାହାରି ଯାଏ ଯେବେ, ସେଇଟା ଯେ ନିହାତି ଅବଶୋଷର କଥା । ଜଣେ ସହଯୋଗିନୀ ହତାଶାରେ କାନ୍ଦଣ ପକାଇଲେଣି କି—ଡୁଡୁମା ନୁହେଁ ଯେ, ଓଡ଼ିଆଙ୍କ ମା ମରିଗଲା । ଡୁଡୁର ଅର୍ଥ ଏ ଓଡ଼ିଆ ବା ଡୁଡୁ ଶବ୍ଦ ଓଡ଼ିଆରୁ ଉତ୍ପନ୍ନ ଏତକ ଆମକୁ ଜଣା ନଥିଲା । ପାଲ-କୋଷରେ ତାର କୌଣସି ପତ୍ତା ନ ମିଳିବାରୁ ଢବୁରୁଙ୍କୁ ମାରୁଅଡ଼ ଅଭିଧାନ ଖୋଜିଲେ ହୁଅନ୍ତା । ସେ ବହି କେଉଁଠି ମିଳିବ ଏତକ ଏକା ଜଣା ନଥିବାରୁ ବଡ଼ ଅଡ଼ୁଆରେ ପଡ଼ିଛୁଁ ।

\+ × +

ଡୁଡୁମା ଯିବା କଥାରେ ଆମେ ଭାବିଲୁ କି ମାନ୍ଦ୍ରାଜ ରାଜ ହୁଏତ ଡୁଡୁମାକୁ ନେଇ ତାଙ୍କ ରାଜ୍ୟକୁ ଧରି ନେଇ ଯାଉଛନ୍ତି । ଆମ ଓଡ଼ିଆ ରାଜା ପୁରୁଷୋତ୍ତମ ଦେବ ଯେବେ ଯେପରି ମାନ୍ଦ୍ରାଜରୁ ଭଣ୍ଡ ଗଣେଶ, ସାକ୍ଷୀଗୋପାଳ ଓ ପଦ୍ମାବତୀ କନ୍ୟା ନେଇ ଯେବେ ଆସିଥିଲେ, ଅଜ ତାର ବଦଳ ନେବାର ମାନ୍ଦ୍ରାଜର ପାଳି ପଡ଼ିଲା ।

ଯଦି ସତରେ ନିଅନ୍ତି, ତେବେ ଶଗଡ଼, କି ମଟରରେ କି ରେଲ ବା ଉଡ଼ାଜାହାଜ କରିଥିରେ ନେବେ ତାହା ଜଣା ଯାଉନାହିଁ । ଦୋଳା ବା ପାଲିଙ୍କିରେ ଯଦି ନ ନିଅନ୍ତି ତେବେ ଓଡ଼ିଆ ଜାତିକୁ ଅପମାନ ହେବାର କଥା । ଆମେ ତ ପଦ୍ମାବତୀଙ୍କୁ କାଞ୍ଚିଇ କରି ଆଣିଥିଲୁ ପୁଣି ! ପୁରୁଷୋତ୍ତମ ମରିଯାଇଛନ୍ତି ସତ— ହେଲେ ସେଇ ଓଡ଼ିଆ ଆମେ ଅଛୁଁ ତ !

× + + +

ଡୁଡୁମାରୁ ଯେତେ ବିଜୁଳି ଉତ୍ପାଦନ କରିବାକୁ ହୁଏ, ତେବେ ଆମେ ଓଡ଼ିଆ କାହିଁକି ତାହା ନ କରିବୁ—ତେଲଙ୍ଗା ତାମିଲୀ (ତେଲୁ ତାମୁଳି ନୁହେଁ) କରିବେ ? ଆମ ମାଆର ଦୁଧ ଆମେ ଖାଇବାକୁ ହକ୍‌ଦାର ସିନା ! ତମେ କହିବ, ଓଡ଼ିଆର ପଇସା ନାହିଁ ? ହଉ ହେଲା—ଓଡ଼ିଆ ପାରିବ, ଓଡ଼ିଆ ଟଙ୍କା ପାଇବ ନାହିଁ ହେଲେ ଓଡ଼ିଆର ଆପଣାର ଲୋକର ତ ଅଭାବ ନାହିଁ । ଲୁଣ୍ଠି ଫିଟେଇବାକୁ କେତେ ବଉଳା କେତେ ଉକୋଇଆ ଠାକ ବସିଛନ୍ତି । ସେ ତ ଅମର ! କଂଗ୍ରେସୀ ହିସାବରେ କ୍ଷୁଦ୍ର ପ୍ରାଦେଶିକତା ପାଳେଇ ଏକ ଅଖଣ୍ଡ-ଭାରତ ଦୃଷ୍ଟିରେ ସୁଁଢ଼ିଆ ଓଡ଼ିଆ !

\+ × + ×

ଓଡ଼ିଶା ସରକାର କହିଲେଣି ଏଥି ଭିତରେ ଆଠଜଣ ମିଲିଟାରି ଅଫିସର ଓଡ଼ିଶାକୁ ଆସୁଛନ୍ତି ବୋଲି । ଏଥିରୁ ସନ୍ଦେହ ହେଉଛି, ଓଡ଼ିଶା ସରକାରଙ୍କ ଅଫିସ କାମ ଧିମା ପଡ଼ି ଯାଇଛି ବା ଚକରେ କଲଙ୍କି ଲାଗି ଯାଇଛି । ମିଲିଟାରି ମେଜର ଆସି ଯମାଯମ ସୁଲ୍‌ କରିବେ । କାରଣ ମିଲିଟାରି ଲୋକଙ୍କର ସାହସ (dash) କୌଶଳ (efficacy), ଚାଞ୍ଚଲ୍ୟ (quick-ness) ନିଷ୍ଠା (persistence) ନିୟମାନୁବର୍ତ୍ତୀତା (discipline) ପ୍ରଭୃତି ଗୁଣ ଅନ୍ୟଙ୍କର ନଥାଏ । ଏ total war ଭିତରେ ସବୁ କଥା ମିଲିଟାରି ହାତରେ ଦେବା ଲୋଡ଼ା ।

Digitized by srujanika@gmail.com

କେହି କହି ପାରନ୍ତି କି ଏଠା ଅଫିସରମାନଙ୍କ ଟେଲିଫୋଂ କେଉଁଠୁ ପଠାଇ ଛମାସିଆ ଟେଲିଫୋଂ ଦେଇ ଆଣିଲେ ତ ହୁଅନ୍ତା । ଆମେ କହୁ ଏଇ ମିଲିଟାରି ଅଫିସରମାନଙ୍କ ହାତରେ ଡିପାର୍ଟମେଣ୍ଟ ସବୁ ରହିଲେ ସେଇମାନେହିଁ ଅଳ୍ପ ଦିନରେ ଓ ସହଜରେ right—left ଡ୍ରିଲ କରାଇ ନେବେ ।

+ × + +

“କି ହେଲରେ, କହ ତ ନହଇ ଭାରତରେ !” ଅଳ୍ପ ଖୋଜୁ ଖୋଜୁ ଯେ ମହାଦେବ ବାହାରିଲେ ! କଳି କଳଅ ଲାଗି ତ ମନ୍ତ୍ରୀ ସରକାର ଭାଙ୍ଗିଲା—ମାନ ମାରୁ ମାରୁ ତଡ଼ା ଖାଇଲା । ହଉ, ସେଥିରେ ଛଅଜଣ ମନ୍ତ୍ରୀଙ୍କର ଦରମାଟା ବେକାର ଯାଉଥିଲା । ଏବେ ଲାଟ ସାହେବ ହୁକୁମ କଲେଣି ମେମ୍ବରଙ୍କୁ ଅଉ ଦରମା ମିଳିବ ନାହିଁ ବୋଲି । ବଡ଼ ଦୁଃଖ ହେଉଛି କଳା ଦୋଷରେ କଟକ ମେମ୍ବର ଗୁଡ଼ିକୁ ଏ ଦଣ୍ଡ କାହିଁକି ? ଏହାଛଡ଼ା ସ୍ପିକର, ଡେପୁଟି ସ୍ପିକର ଦୁହେଁ ଅତି ନିରୀହ ପ୍ରାଣୀ । ତାଙ୍କ ବେତନଟା ପୁଣି କାହା ଦୋଷରୁ ଗଲା ! କିଏ ଘରେ ରହି କିଏ ହୋଟେଲରେ ଖାଇ ବା କିଏ ଜେଲରେ ଥାଇ ମଧ୍ୟ ଦରମାଟା ସୁରୁଖୁରୁରେ ପାଉଥିଲେ ମନ୍ତ୍ରୀମାନଙ୍କ ଦୌଲତରୁ ।

ଆମେ ଭାବୁଛୁଁ ଏଇ ବେତନକାଟ ଅର୍ଥାତ୍ ସମଗ୍ର ଶନି ଦଶା ପଡ଼ିବା ଦୃଷ୍ଟିରୁ ମେମ୍ବରମାନେ ଦଳମତ, ବଳମତ, ଜଳମତ ଆଦି ସବୁ ଜାତି ମତ ପଛକୁ ପକାଇ ଅର୍ଥମତକୁ ଆଣ୍ଠୁ କରି ଉଗଡ଼ି ଯିବେ ଅଉ ଭବରେ ପାରଳା, ସରଳା, ଗଜ, ପଂଡିତ ନୃସିଂହ ବ୍ୟକ୍ତିଗତ ଭାବଗୁର ନ କରି ଯାହାକୁ ହେଉ ଜଣଙ୍କ ପଛରେ ଜୋକ ପରି ଲାଗି ଯାଇ ମେଜରିଟି ସଂଖ୍ୟା ପୂରଣ କରିଦେବେ । ଏଇଟା ହେବ ବୁଦ୍ଧିମାନର କାମ । ଭୁଙ୍କା, ପଇସା ମତରୁ କି ମିଳିବ ? ବୋଇଲା—ଅସ୍ମାକଂ ସତତଂ ଉଦ୍ୟେହି......

× × + +

ଗାନ୍ଧିମହାତ୍ମାଙ୍କ ମିଳାମିଶା ପ୍ରସ୍ତାବ ବାହାରିଲା ଦିନୁ ଯେଉଁ ଲୋକଙ୍କ ମନରେ ନବଆଶା ଆକାଂକ୍ଷା ହୋଇଥିଲା, ଏବେ ତାହା ଏକାଥରକେ ଥଣ୍ଡା ପଡ଼ିଗଲା । ଅମେରୀଙ୍କ ଏକବାରୁ—“ନେହି ମାଙ୍ଗତା”ରେ ତାହା ସାଙ୍ଗେ ସାଙ୍ଗେ ରାଜଗୋପାଳାଚାରୀଙ୍କ ପାକିସ୍ଥାନ ପ୍ରସ୍ତାବ ବି ଅପେ ଅପେ ହେଲା ପରାହତ୍ ! ଏବେ ହେ ନେତା, ଦେତା, ଦାତା, ବେକ୍ରାଗଣ ନାକରେ ଜଡ଼ାତେଲ ଦେଇ ଘୁଙ୍ଗୁଡ଼ି ମାରୁଥା ଅଉ କଣ୍ଟ୍ରାକ୍ଟ ମାନଙ୍କରୁ ପେଟେ ଲେଖାଁ ଉଦରସ୍ଥ କରି ଗ୍ରୋମୋର-ଫୁଡ଼ର ମଟର ସ୍ୱପ୍ନ ଦେଖୁଥା ।

+ × × ×

ମନ୍ତ୍ରୀମଣ୍ଡଳ ଭାଙ୍ଗିଯିବାରୁ ଯେଉଁମାନଙ୍କ ଦାନା ଓ ବାନା ଉପରେ ବିପଦ ପଡ଼ିଥିଲା, ସେମାନେ ଅନ୍ତତଃ ମନବୋଧ ଚଉତିଶା ଗାଇ ସମ୍ଭାଳି ହୋଇ ରହିବା'ର ଗୋଟାଏ ବାହାନା ମିଳିଲାଣି । ମନ୍ତ୍ରୀ ମଣ୍ଡଳ ମରିଥିଲେ ମନ୍ତ୍ରୀଭୂତର ଛନପାଦଅ ପୁଷ୍ଟୁଡ଼ା ଫୁଲ ଦମରେ ଘଡ଼ନାହିଁ ବୋଲି ଶୁଣାଯାଉଛି । ସେଇପରି ଗୁଣିଆ ହାତ ଲାଗିଲେ ଅଜ ବାଦେ କାଲି ପୁଣି ମଶାଣି ଠେଇଁ ଉଠିପାରେ ।

+ × × +

ଅମକୁ ମାଲୁମ ଥିଲା ଯେ ଉପହାର କେବଳ କେତୋଟି ପ୍ରକାର ଯଥା—ପ୍ରେମ ଉପହାର, ପ୍ରୀତି ଉପହାର, ସ୍ନେହ ଉପକାର ଓ ଭକ୍ତି ଉପହାର । ଏକ ନୂଆ ପ୍ରକାର ଉପହାରର ନାମ ଶୁଣି ଆମେ ଟିକିଏ ଆଶ୍ଚର୍ଯ୍ୟ ହେଉଛୁଁ । ଶୁଣାଯାଏ ଗୃନ୍ଦବାଲ୍ଲର ଜଣେ ବିଶିଷ୍ଟ ସୌଦାଗର ସେଠା ପୋର୍ଟ ଅଫିସରଙ୍କୁ ଗୋଟିଏ ମୋଟର ଗାଡ଼ି ଉପହାର ଦେଉଛନ୍ତି । ଏହା ଯଦି ସତ ହୋଇଥାଏ, ତେବେ ଏହା କେଉଁ ଶ୍ରେଣୀର ଉପହାର ବାଚ୍ୟ ହେବ ତାହା ଆମେ ଠିକ କରି ପାରୁନାହୁଁ । ପାଠକେ କହିବେ କି ? ଅନ୍ତୁର ଶୁଣୁଛୁଁ ଯେ ପୋର୍ଟ ଅଫିସର ସେଠାରେ ପ୍ରାୟ ପଞ୍ଚ ବର୍ଷ କାଳ ରହି ନିଜ କାମ ବାଦ ଯୋଗାଣ ଓ ସରବରାହ ବିଭାଗର ଭାର ମୁଣ୍ଡରେ ମୁଣ୍ଡେଇ ଯେଉଁ କର୍ମତତ୍ପରତା ଓ ସୁଦକ୍ଷତାର ପରିଚୟ ଦେଇଛନ୍ତି ସେଥିପାଇଁ ତାଙ୍କୁ ଅନରାରି ମାଜିଷ୍ଟ୍ରେଟ କରିବା ପାଇଁ ସୁପାରିଶ କରାଯାଇଛି । ଯଦିଂ ଉପୁରି ଉପୁରି ଯାନ ଓ ମାନ ମିଳିଯାଏ ତେବେ କ୍ଷତି କଣ ? ବାକି ରହିଲା ସେଠାରେ ତାଙ୍କ ଚିରଦିନ ପାଇଁ ଥା' କରେଇବା କଥା । ସେତିକ ପାଇଁ ଓଡ଼ିଶା ସରକାର ଶୁଣିବେ ନାହିଁ କ'ଣ ?

× + ×

ଗୌରବର ବିଷୟ ଭଦ୍ରକ ହାଇସ୍କୁଲରୁ ଜଣେ ଛାତ୍ର ଏଥର ମାଟ୍ରିକୁଲେସନ ପରୀକ୍ଷାରେ ସଙ୍ଗୀତ ନେଇ ପାଶ କରିଛନ୍ତି । ଏହା ଓଡ଼ିଶାର ପ୍ରଥମ । ସରକାର ଏଥକୁ ଦୃଷ୍ଟି ଦେଇ ସଙ୍ଗୀତ ବିଭାଗ ପାଇଁ କିଛି ବ୍ୟବସ୍ଥା କରିବେ କି ?

Digitized by srujanika@gmail.com

ମଜାକଥା ..........

# ଅଧିକା ଖାଦ୍ୟ ଉତ୍ପାଦନ କର

## ( Grow more food )

—ଦେବ ମହାପାତ୍ର—

ଅଧିକା ଖାଦ୍ୟ ଉତ୍ପାଦନ ବା "ଗ୍ରୋ ମୋର ଫୁଡ" ଯୋଜନା ସମ୍ବନ୍ଧରେ ଆମ୍ଭେମାନେ ଭାବୁ ଯେ ଏହି ଯୋଜନା କେବଳ ଗାଁ ଗଣ୍ଡାରେ ସୀମାବଦ୍ଧ ହୋଇ ରହିଛି—ଯେଉଁ ମାନଙ୍କର ଜମିବାଡ଼ି ଅଛି ସେହିମାନେ "Grow more food" କରିବେ କିମ୍ବା ଯୋଜନା ଯଦି ସହରରେ କାର୍ଯ୍ୟକାରୀ କରିବାକୁ ହେବ ସହରରେ ଯେଉଁ ମାନଙ୍କର ଆପଣାର ବାଡ଼ି ବଗିଚା ଅଛି ସେମାନେ ଅଧିକା ଖାଦ୍ୟ ଉତ୍ପାଦନ କରିବେ କିନ୍ତୁ ଯେଉଁମାନଙ୍କର ଆପଣାର ବା ... ବଗିଚା ନାହିଁ, ଭଡ଼ାଘରେ ବସା କରି ରହିଛନ୍ତି କିମ୍ବା ସ୍କୁଲ କଲେଜର ଛାତ୍ର, ଛାତ୍ରୀ ଯେଉଁମାନେ ହଷ୍ଟେଲରେ ଥାଆନ୍ତି, ଯେଉଁମାନଙ୍କର ଆପଣାର ବୋଲି ପାଞ୍ଚ ଗଜ ଜାଗା ନାହିଁ, ସେମାନଙ୍କ ପକ୍ଷରେ ଅଧିକା ଖାଦ୍ୟ ଉତ୍ପାଦନ କରିବା ଅତି ଅସମ୍ଭବ।

ଏହିଥାଏ ଥିବାସତ୍ତ୍ୱେ ଏବଂ ସମସ୍ତେ ଏଥିରେ ଏକମତ ହେବେ କିନ୍ତୁ ଏ କଥାରେ ଆମ ବିନୋଦ ବାବୁ ଏକମତ ନୁହନ୍ତି ତାଙ୍କ ମତରେ ଯେ କେହି 'ଗ୍ରୋ ମୋର ଫୁଡ଼' କରିପାରିବେ-ସେ କହନ୍ତି ଜମିବାଡ଼ି କିମ୍ବା ବାଡ଼ିବଗିଚା ବିଶେଷ କିଛି ବାଧା ନୁହେଁ। ଆପଣାର କୋଲେ ମାତ୍ର ଗଜେ ସ୍ଥାନ ଥାଇ ପଛକେ ସମସ୍ତେ Grow more food କରି ପାରିବେ। ସମସ୍ତଙ୍କର ଅଧିକା ଖାଦ୍ୟ ଉତ୍ପାଦନ କରିବାକୁ ଇଚ୍ଛା ହେବ।

କପରି ?

ମନରେ ସ୍ୱତଃ ପ୍ରଶ୍ନ ଉଠେ "କପରି ?"

ମୁଁ ସେହିପରି ବିନୋଦ ବାବୁଙ୍କୁ ପଚାରିଲି "କପରି ?"

ବିନୋଦ ବାବୁ କହିଲେ—ଏଥିରେ ଅସୁବିଧା କିଛି ନାହିଁ। ପ୍ରତ୍ୟେକ ମଣିଷ ମନରେ ଏପରି ଅବସ୍ଥା କେତେବେଳେ ନିଶ୍ଚୟ ଆସିବ ଯେତେବେଳେ 'ଗ୍ରୋ ମୋର ଫୁଡ଼'ର ଉପକାରିତା ସେ ଉପଲବ୍ଧି କରି ପାରିବ ଏବଂ ତାର ପ୍ରବଳ ଇଚ୍ଛା ହେବ Grow more food କରିବାକୁ।

ମୁଁ କହିଲି—ମୋରତ ବାହା ହେବେ ହେଲେ ସେକଥା ମନରେ ଆସିଲନି—ଘର ତ ଦେଖୁଛନ୍ତି ଏଇ ଗୁଞ୍ଜେ। ଅଧିକା ଟିଉବ୍ ୱେଲ ପକେଇ ବାକୁବି ଏଠି ଥାନ ନାହିଁ ମୁଁ Grow more food କରିବି କୋଉଠି ? ହୋଟେଲରେ ଯେତେ ଦିନ ଖୋରାକ ଗଣ୍ଡାକ ମିଳୁଛି ସେତିକି ଥିଉଛି

କଳ୍ପନା ମୋ ମୁଣ୍ଡରେ କେବେ ପଶିନି—ଆପଣ କଲେଜ ଷ୍ଟୁଡେଣ୍ଟ—କଲେଜ ହଷ୍ଟେଲରେ ରହି କଲେଜ ଗାର୍ଡେନ ଅଡ଼େ ଅଙ୍ଗ ପକେଇଲ ବେଳକୁ ବୋଧ ହୁଏ Grow more food କଥା ଆପଣଙ୍କର ମନେ ହେଉଛି। "ନା-ନା—ସେକଥା ନୁହେଁ, କଲେଜରେ ମୋର ଦୁର୍ନାମ କଥା ଆପଣ ଜାଣି ନାହାନ୍ତି, କ୍ଲାସରୁ ପଳେଇ ଯାଇ ବାହାରେ ବୁଲି ବୁଲିବା, ପ୍ରଫେସରଙ୍କୁ ଥଟ୍ଟା କରିବା, କୋଉ ଷ୍ଟୁଡେଣ୍ଟଙ୍କ ସାଙ୍ଗରେ ଫ୍ଲାର୍ଟ କରିବା କୌଣସି କଥା ମୋ ପାଖରେ ଲୁଚା ନାହିଁ—ମୋ ଭଳିଆ ପିଲ୍ ଯେ Grow more food ପ୍ରତି ଆକୃଷ୍ଟ ହୋଇ ପଡ଼ିବେ, ମୁଣ୍ଡ ଖରାପ ହେଲେ କେଜାଣି !!

"ଆପଣଙ୍କ ମୁଣ୍ଡ ଖରାପ ହୋଇନ ତ ?"

"ନା, ମୋର ମୁଣ୍ଡ ଠିକ ଅଛି କିନ୍ତୁ ହଷ୍ଟେଲରେ ଥାଇ ସୁଦ୍ଧା ମୁଁ ଯେ କାହିଁକି ହଠାତ୍ Grow more food ଅଡ଼େ ଆକୃଷ୍ଟ ହେଇ ପଡ଼ିଲି ମୋର ନିଜର ଉଦାହରଣ ଦେଉଛି ଶୁଣନ୍ତୁ।

"କାହିଁକି ?"

"ନାରୀର ପ୍ରେରଣା ହେଲା ମୂଳ କଥା।"

"ଓ ! ଆପଣ କହିବାକୁ ଚାହାନ୍ତି ଯେ ଏଇ ପରିବର୍ତ୍ତନ ପଛରେ କୌଣସି ନାରୀର ହାତ ଅଛି, ମାନେ କୌଣସି ଯୁବତୀର ଏକାନ୍ତ ଅଭିଳାଷ ଯେ ଆପଣ ବି ଜଣେ ମିଛ Grow more food କରନ୍ତୁ !"

Digitized by srujanika@gmail.com

''ଠିକ୍ ତାହା ନୁହେଁ । ଆଜିକାଲି ଯୁବତୀମାନେ ସକାଳେ ମନ୍ଦିର ଉଠିବାକୁ ନ ଯାଇ କିମ୍ବା ସନ୍ଧ୍ୟାବେଳେ ପିକ୍ଚରକୁ ନଯାଇ ବାଡ଼ ଡେଇଁ କୋଉଠିକାର ଅସମ୍ଭବ କଳ୍ପନା ଆପଣ କପର କରୁଛନ୍ତି ?

ପହିଲେ ଶୁଣନ୍ତୁ ତା ପରେ କଣ କହିବେ । ''ପ୍ରାୟ ବର୍ଷେ ପାଖା ପାଖି ହେବ । ମୁଁ ଉଇଷ୍ଟ-ହଷ୍ଟେଲରେ ଥାଏଁ । Pen friend କରିବା ନିଶାଟା ମୋ ମନରେ ସେତେବେଳେ ଖୁବ୍ ଦେଖା ଦେଇ ଥାଏ । ମୁଁ ଏଣୁ ତେଣୁ କେତେ ମେଗାଜିନରୁ ଝିଅଙ୍କ ଏଡ୍ରେସ ଯୋଗାଡ଼ କରି ସମସ୍ତଙ୍କଠି ଖଣ୍ଡେ ଖଣ୍ଡେ ଚିଠି ଛାଡ଼ି ଥାଏଁ—ଯେ ଅମୁକ ମେଗାଜିନରୁ ମୁଁ ଆପଣଙ୍କ ଏଡ୍ରେସ ପାଇ ଖୁବ୍ ଆନନ୍ଦିତ ହେଲି । ମୁଁ ଆପଣଙ୍କ ସଙ୍ଗରେ ବନ୍ଧୁତା କରିବାକୁ ଇଚ୍ଛାକରେ ଆପଣଙ୍କର ଯଦି ଆପତ୍ତି ନଥାଏ ତେବେ ଦୟାକରି ଲେଖିବେ—ଇତ୍ୟାଦି । ଚିଠି ଗୁଡ଼ାକର ପ୍ରାୟ ଉତ୍ତର ଆସେ ନା । ପହିଲେ ଯୋଉଦିନ ସୁଷମାଠାରୁ ଉତ୍ତର ପାଇଲି ମୁଁ ଏତେ ଖୁସି ହେଇଚି କହନ୍ତୁନ ।''

''ସୁଷମା ? ସୁଷମା କିଏ ?''—ମୁଁ ପଚାରିଲି ।

''ତା ନାଆଁ ସୁଷମା ପାଣିଗ୍ରାହୀ । ତାଙ୍କ ଘର ଛତ୍ରପୁର । ସେ ମୋର ବନ୍ଧୁତା ସ୍ୱୀକାର କରିଚି ବୋଲି ଲେଖିଥାଏ । ଆଉ ମୁଁ କିଏ କୋଉ ଇୟାରରେ ପଢ଼େ, ଘର କୋଉଠି ମୋର ହବି କଅଣ ପ୍ରଭୃତି ଅନେକ କଥା ଜାଣିବାକୁ ଚାହିଁ ଥାଏ । ମୁଁ ସବୁ କଥାର ଜବାବ ଦେଇ ଲେଖିଲି ଗୋଟାଏ ଲମ୍ବା ଚିଠି ଆଉ ତା କଥା ମଧ୍ୟ ଅଧିକ ବୁଝି ବସିଲି ।

ସୁଷମା ସେଠାକାର ପୋଲିସ ଇନ୍ସପେକ୍ଟରଙ୍କର ଝିଅ । କଟକ ଗାର୍ଲସ୍ କଲେଜରୁ ଆଇ, ଏ, ପାସ କରି ଯାଇଥାଏ ସେଇ ବର୍ଷ ।

ପରେ ପରେ ଆମର ଖୁବ ଧମାଧମ୍ ଚିଠି ଦିଆ ନିଆ ଚାଲିଲା—ମୁଁ ତ ରୋଜ ଡାକ ଟାଇମକୁ ଅନେଇ ରହୁଥାଏ କଣ ଭଲିଆ, ଆଉ ସୁଷମା ପାଖରୁ ଖଣ୍ଡେ ଚିଠି ପାଇଲେ ଏତେ ଆନନ୍ଦ ଲାଗେ, ଥର ଥର କରି ଚିଠିଟି ପଢ଼ୁଥାଏ ସାରାଦିନ । ରାତିରେ ଶୋଇଲାବେଳେ ଲାଇନ୍ ଲଗେଇ ଲେଖେ ଉତ୍ତର । ମୁଁ ଗୋଟିଏ Pen friend ଖୋଜୁଥିଲି ଆଉ ସୁଷମାକୁ ପାଇଗଲି ଠିକ ମନ ମୁତାବକ accomplished ଝିଅ ମଜାର ମଜାର ଚିଠି ଲେଖେ ସୁଷମା—ଶେଲି, ବାଇରନ, କୀଟସ୍, ସେକ୍ସପିଅର କାହାର କୋଟେସନ ବାଦ୍ ଦିଏନି— ଖୁବ୍ ଲମ୍ବା ଲମ୍ବା ପ୍ରେମଭରା ଚିଠି । ମତେ ଭାରି ଭଲଲାଗେ ତା ଚିଠି ପଢ଼ିବାକୁ ମୁଁ ତାକୁ ଲେଖେଁ ''ତମ ଚିଠି ପଢ଼ିବାକୁ ମତେ ଖୁବ ଖୁସି ଲାଗେ'' ଉତ୍ତରରେ ସେ ଲେଖେ ''ମୋ ଚିଠି ପଢ଼ିବାକୁ ତୁମକୁ ଖୁବ ଖୁସିଲାଗେ, ବାଜେ କଥାଗୁଡ଼ା ଲେଖିବ ନାହିଁ'' ଏମିତି ଗୋଟାଏ ଲାଇନ ପଢ଼ିଲେ 'ଉ'—ବୋଲି କହିଁ ଛାଡ଼ି ମୁଁ ଆନନ୍ଦରେ ଡେଇଁ ଉଠେ । ଶୋଇଲାବେଳେ ସେୟା ଭାବେଁ—ଯେମିତି ସୁଷମା କହୁଛି ''ମୋ ଚିଠି ପଢ଼ିବାକୁ ଭଲ ଲାଗେ ବାଜେ କଥା ଗୁଡ଼ା କହିବ ନାହିଁ'' । ମୁଁ ଆନନ୍ଦରେ ତକିଆଟାକୁ ଖୁବ ଜୋରରେ ଜାକିଧରେଁ ଛାତିରେ ।

କଥାରେ କହନ୍ତି ନା, 'ଚିଠିରେ କି ମନ ଭୁଲେ ବିନା ଦରଶନେ ?' ଗଲା ଟେଷ୍ଟ ପରୀକ୍ଷା ଦେଲା ପରେ ସୁଷମାକୁ ଥରେ ଦେଖିବା ପାଇଁ ମୁଁ ଖୁବ ବ୍ୟଗ୍ର ହୋଇ ପଡ଼ିଲି । ମୁଁ କହିଲି ଏତେ ଦିନରେ ଥାଇ ଯଦି ଦେଖା ନହୁଏ ବୋକାମି ହେବ । ମୁଁ ଦିନେ ଟ୍ରେନ୍ ଧରିଲି । ତାକୁ ପହଞ୍ଚି surprise କରିଦେବି ଭାବି ଆଗରୁ ଚିଠି ଦେଇ ନଥାଏ । ଛତ୍ରପୁରରେ ଓହ୍ଲାଇ ତାଙ୍କ ଘର ପଚାରି ପହଞ୍ଚିଗଲି ।''

'ସୁଷମା ସହିତ ଦେଖା ହେଲା ?''

''ହଁ, ଦେଖା ହେଲା ଆଉ ସେଇ ମୁହୂର୍ତ୍ତରେ ମୁଁ Grow more food କରିବା ପାଇଁ ପ୍ରେରଣା ପାଇଚି ।''

''ଆପଣଙ୍କର କହିବାର ଅର୍ଥ ମୁଁ ବୁଝି ପାରିଲି ନି ବିନୋଦ ବାବୁ ।''

''ମୋ କହିବାର ଅର୍ଥ—ସେଇ ଗୋଟିଏ ଦେଖା Grow more food କୁ ପ୍ରେରଣା ଦେବା ପାଇଁ ଯଥେଷ୍ଟ । ଥରେ ତା ମୁହଁକୁ ଅନାଇ ମୁଁ ଯେ କେବଳ ମାଟି କାହିଁ ବୋଲି ମୁହଁ ଫେରାଇ ଭୂଇଁ ଆଡ଼େ ଅନେଇଲି ତା ନୁହେଁ, Grow more foodର ଉପକାରିତା ମଧ୍ୟ ତତ୍‌କ୍ଷଣାତ୍ ଅନୁଭବ କରି ପାରିଲି । ମୋର ମନେହେଲା ଯେ ଏତେଦିନ ମୁଁ ମୋର ସମୟ ନଷ୍ଟ କରି ସ୍ତ୍ରୀ ପାଖକୁ ଚିଠି ନଲେଖି ଯଦି Grow more food କରି ଥାଆନ୍ତି ତା' ହେଲେ ଏତେ ଦିନକୁ ମୋ ମଟର ଛୁଇଁ ଧରନ୍ତାଣି, ବୋଇତି କଖାରୁ ପାଚିଲା ହୁଅନ୍ତାଣି, ଭେଣ୍ଡି ପୋଟଳ ହୁଅନ୍ତାଣି ବାଇଗଣ ଗଛରେ କଢ଼ି ଧରନ୍ତାଣି ଆଉ ଅମୃତଭଣ୍ଡା ପାଚନ୍ତାଣି—ମୋ ଶାଗପଟାଳିରେ.........ବୁଝିଲେନା, କଣ କଣକ ଚେହେରା ସେମିତିଆ ।''

Digitized by srujanika@gmail.com

କାହାଣୀ......

# ସଲିଳ ସମାଧି

ଲେଖକ—ପ୍ରିୟଦର୍ଶୀ

ସେଇ ଛୋଟ ପାହାଡ଼ଟି । ତା' ତଳକୁ ବାହାରିଛି ନଈଟିଏ । ନଈଟି ଅଳ୍ପଦୂର ସମତଳକୁ ଯାଇ ଗୋଟିଏ ଗଣ୍ଡ ସୃଷ୍ଟି କରିଛି । ଗଣ୍ଡଟି ବେଶ ପ୍ରଶାନ୍ତ, ଗମ୍ଭୀର ଓ ଧ୍ୟାନମଗ୍ନ ଋଷି ପରି ଆକାଶକୁ ଅନାଇ ରହିଛି । ଯେତେବେଳେ ସୂର୍ଯ୍ୟ ପାହାଡ କୋଳରେ ଲୁଚି ଯାଆନ୍ତି, ତାଙ୍କର ସୁନେଲି କିରଣ ପଡି ପାଣି ଚକ୍ ଚକ୍ କରୁଥାଏ ସେତେବେଳେ କିଶୋର କିଶୋରୀଙ୍କର ନିଭୃତ ମିଳନ ହୁଏ ସେଇଠି । ଦିହେଁ ଯାକ ହାତ ଧରାଧରି ହୋଇ ବୁଲନ୍ତି । କେତେବେଳେ ପାଣିରେ ପହଁରନ୍ତି ଓ ବୁଡ଼ନ୍ତି । ଥକିଗଲେ କୂଳରେ ଆସି ବସନ୍ତି । କିଶୋର ରଚନା କରିଥାଏ ଗୋଟିଏ ଛୋଟ କୁଡିଆ ତାଳପତ୍ର ଦେଇ । ସେଇଠି ସେମାନେ ବିଶ୍ରାମ କରନ୍ତି । କିଶୋର ଆଣିଥାଏ ଫଳ, କିଶୋରୀ ଆଣିଥାଏ ଦୁଧ । ଯେତେବେଳେ ଭୋକ ଲାଗେ ସେଇତକ ଖାଇ ପୁଣି ବାହାରି ଯାଆନ୍ତି ବଣ ଆଡ଼କୁ । କିଶୋର ଫୁଲ ଆଣି କିଶୋରୀର ଖୋସାରେ ଖଞ୍ଜିଦିଏ ଆଉ ତା'ର ନାଲି ଟହଟହ ଓଠରେ ଚୁମାଟିଏ ଆଙ୍କିଦିଏ । ସେତେବେଳେ କିଶୋରୀ ଲାଜରେ ଲାଲ ପଡ଼ିଯାଏ ଓ ବୁଦା ଅଢ଼ୁଆଳକୁ ଦୌଡିଯାଇ କିଶୋର ଉପରକୁ ମୁଠେ ଫୁଲ ଫିଙ୍ଗି ଦିଏ । କିଶୋର ତାକୁ ଗୋଡ଼ାଏ ସେ ପାଣି ଭିତରକୁ ପଶି ଯାଇ ପାଣି ଛଟେ । କିଶୋର ଧରିବାକୁ ଗଲେ ସେ ପହଁରି ଖସିଯାଏ ମଝିଗଣ୍ଡକୁ । କିଶୋର ତା' ପଛେ ପଛେ ପହଁରେ । କିଶୋରୀ ତାକୁ ଦେଖି ଦିଏ ବୁଡ଼ି । କିଶୋର ବି ତା' ପଛେ ପଛେ ।

ତା' ପରେ ଦିହେଁ ଯାକ ଏକାଠି ଉଠନ୍ତି—କିଶୋରର ସେତେବେଳକୁ ଥକି ଯାଇ ଥାଏ; କିଶୋରୀ ତାକୁ ଧରି ଧରି ଆଣି କୂଳରେ ପହଞ୍ଚାଏ । ସେତେବେଳକୁ ସନ୍ଧ୍ୟା ହୋଇ ଯାଇ ଥାଏ— ଯେଝା ଘରକୁ ଯେମିତି ଯାଆନ୍ତି । ଏଇ ହେଲା ତାଙ୍କର ନିତ୍ୟ ଦିନର ଖେଳ । ତାଙ୍କର ଖେଳର ସାଥି ହୁଅନ୍ତି ନୀଳ ଆକାଶ, ପାହାଡ଼ ଜଙ୍ଗଲ, ବଣ, ବୁଦା ସେଇ ଗଣ୍ଡର ଉନ୍ମୁକ୍ତ ବକ୍ଷ, ଆଉ ସାକ୍ଷୀଥିବେ ନିର୍ଜନତା ।

ନାଗାଡ଼ା ଏ[illegible] ନିଶ୍ଚୟ ଯେ ସେ ଅଞ୍ଚଳ ଜନସମାଗମ ନାହିଁ କହିଲେ ଚଳେ । ଗଣ୍ଡର ଚାରିପାଖ ଜଙ୍ଗଲ ଓ ପାହାଡ଼ଘେରା [illegible] ଟେରାଳୀ ଭୁଲରେ ମଧ୍ୟ ସେ ଗଣ୍ଡକୁ ମାଛ ଧରିବ[illegible] ନାହିଁ ।

କି[illegible] କିଶୋରୀଙ୍କର ଘର ଗଣ୍ଡର ବିପରୀତ ଦିଗରେ ଦେଖା ଯା[illegible] ତା ଦୁଇଟି ଛୋଟ ଗାଁରେ । କିଶୋରର ବାପ ମା' ଅଛନ୍ତି—କିଶୋରୀର କେବଳ ମା'—ରୁଗ୍ଣା ଓ ଶଯ୍ୟାଶାୟିନୀ କିଶୋରୀକୁ ସବୁ କାମ ଦାମ କରିବାକୁ ହୁଏ । ଫୁରସତ ପାଏ ସୂର୍ଯ୍ୟ ମା କୋଳକୁ ଗଲା ବେଳକୁ—ସେତେବେଳେ ସେ ଦୌଡ଼ି ଆସେ ସେଇ ନଈ କୂଳକୁ କିଶୋର ମିଳନ ପାଇଁ ।

ସେଦିନ କିଶୋରର ଜନ୍ମଦିନ । କିଶୋର ଆଣିଛି ତାକୁ ଉପହାର ଦେବାପାଇଁ ଗୋଟିଏ ପ୍ରସ୍ତର ନିର୍ମିତ ନଗ୍ନ ବାଳିକା ମୂର୍ତ୍ତି । ମୂର୍ତ୍ତିଟି କଳାକର ଏମିତି ଗଢ଼ିଛି ଯେ ତାର ପ୍ରତ୍ୟେକ ଅଙ୍ଗର ସୌଷ୍ଠବ ଫୁଟି ଉଠିଛି ଓ ଜଣା ହେଉଛି ଯେପରି ଜୀବନ୍ତ । କିଶୋରୀ ମଧ୍ୟ ଆସିଛି ସୁସଜ୍ଜିତା ହୋଇ—କିଶୋର ପାଇଁ ଆଣିଛି ତା' ର ସ୍ୱହସ୍ତ ରଚିତ ଫୁଲର ହାରଟିଏ । ଫୁଲମାଳଟି ପିନ୍ଧାଇ ଦେଇ କିଶୋରୀ କିଶୋର ପାଖକୁ ଲାଗି ଠିଆ ହେଲା ପ୍ରତିଦାନ ଆଶାରେ । କିଶୋର ତାକୁ କୁଣ୍ଢାଇ ଆଣି ତା' ଓଠରେ ସରୁ ଚୁମାଟିଏ ଆଙ୍କି ଦେଇ କହିଲା—"ଦେଖୁନୁ ତୋ ପାଇଁ କେଡ଼େ ସୁନ୍ଦର ମୂର୍ତ୍ତିଟିଏ ଆଣିଛି ।

"ଇସ୍, ସୁନ୍ଦର ନା ?"

"ତୁମ ମନେ ମନେ ଭାରି ସୁନ୍ଦର, ନା ?"

କିଶୋରୀ ଅଭିମାନରେ ମୁହଁଟି ବୁଲାଇ ନେଇ ପଳେଇବାକୁ ଚାହିଁଲା କିଶୋର ତାକୁ ଜୋରରେ ଭିଡିଧରି କହିଲା "ନା, କିଶୋରୀ, ତୋର ଏ ରୂପ ଓ ଅଙ୍ଗ ଲାବଣ୍ୟ ଆଗରେ ଏ ନିର୍ଜୀବ ପ୍ରସ୍ତର ମୂର୍ତ୍ତି କିଛି ନୁହେଁ କିନ୍ତୁ ତୋର ବାହ୍ୟ ଆଡ଼ମ୍ବର ତୋର ପ୍ରକୃତ ରୂପକୁ ଢାଙ୍କି ରଖିଛି । ଦେଖିବୁ ତୁ କେଡ଼େ ସୁନ୍ଦର ?

ଏହା କହି କିଶୋର ତାକୁ ବିବସନା କରିବାକୁ ଲାଗିଲା—କିଶୋରୀ ଆପତ୍ତି କଲାନାହିଁ କେବଳ ଲାଜରେ ଲଟେଇ ପଡ଼ିଲା ତା' ଉପରକୁ । କିଶୋର ମଧ୍ୟ ନିଜକୁ ପ୍ରକାଶ କଲା ପ୍ରକୃତିର ନଗ୍ନ ଆବରଣ ପିନ୍ଧି । ତା' ପରେ ଦୁ'ଜଣ ଗଲେ ଗଣ୍ଡ କୂଳକୁ, ଗଣ୍ଡ ଜଳରେ ନିଜର ପ୍ରତିବିମ୍ବ

Digitized by srujanika@gmail.com

କାହାଣୀ……

# ସଲିଳ ସମାଧି

ଲେଖକ—ପ୍ରିୟଦର୍ଶୀ

ଛୋଟ ନେଳି ପାହାଡ଼ଟେ । ତା' ଦେହରୁ ବାହାରିଛି ନଈଟିଏ । ନଈଟି ଅଳ୍ପଦୂର ସମତଳକୁ ଯାଇ ଗୋଟିଏ ଗଣ୍ଡ ସୃଷ୍ଟି କରିଛି । ଗଣ୍ଡଟି ବେଶ ପ୍ରଶାନ୍ତ, ଗମ୍ଭୀର ଓ ଧ୍ୟାନମଗ୍ନ ଋଷି ପରି ଆକାଶକୁ ଅନାଇ ରହିଛି । ଯେତେବେଳେ ସୂର୍ଯ୍ୟ ପାହାଡ଼ କୋଳରେ ଲୁଚି ଯାଆନ୍ତି, ତାଙ୍କର ସୁନେଲି କିରଣ ପଡ଼ି ପାଣି ଚକ୍ ଚକ୍ କରୁଥାଏ ସେତେବେଳେ କିଶୋର କିଶୋରୀଙ୍କର ନିଭୃତ ମିଳନ ହୁଏ ସେଇଠି । ଦିହେଁ ଯାକ ହାତ ଧରାଧରି ହୋଇ ଦଉଡ଼ନ୍ତି । କେତେବେଳେ ପାଣିରେ ପହଁରନ୍ତି ଓ ବୁଡ଼ନ୍ତି । ଥକିଗଲେ କୂଳରେ ଆସି ବସନ୍ତି । କିଶୋର ରଚନା କରିଥାଏ ଗୋଟିଏ ଛୋଟ କୁଡ଼ିଆ ତାଳପତ୍ର ଦେଇ । ସେଇଠି ସେମାନେ ବିଶ୍ରାମ କରନ୍ତି । କିଶୋର ଆଣିଥାଏ ଫଳ, କିଶୋରୀ ଆଣିଥାଏ ଦୁଧ । ଯେତେବେଳେ ଭୋକ ଲାଗେ ସେଇତକ ଖାଇ ପୁଣି ଦଉଡ଼ି ଯାଆନ୍ତି ବଣ ଆଡ଼କୁ କିଶୋର ଫୁଲ ଆଣି କିଶୋରୀର ଗଭାରେ ସଜେଇ ଦିଏ ଆଉ ତା'ର ନାଲି ଟୁହୁ ଟୁହୁ ଓଠରେ ଚୁମାଟିଏ ଆଙ୍କିଦିଏ । ସେତେବେଳେ କିଶୋରୀ ଲାଜରେ ଲାଲ ପଡ଼ିଯାଏ ଓ ବୁଦା ଆଢୁଆଳକୁ ଦୌଡ଼ିଯାଇ କିଶୋର ଉପରକୁ ମୁଠେ ଫୁଲ ଫିଙ୍ଗି ଦିଏ । କିଶୋର ତାକୁ ଗୋଡ଼ାଏ ସେ ପାଣି ଭିତରକୁ ପଶି ଯାଇ ପାଣି ଛାଟେ । କିଶୋର ଧରିବାକୁ ଗଲେ ସେ ପହଁରି ଖସିଯାଏ ମଝିଗଣ୍ଡକୁ । କିଶୋର ତା' ପଛେ ପଛେ ପହଁରେ । କିଶୋରୀ ତାକୁ ଦେଖି ଦିଏ ବୁଡ଼ । କିଶୋର ବି ତା' ପଛେ ପଛେ ।

ତା' ପରେ ଦିହେଁ ଯାକ ଏକାଠି ଉଠନ୍ତି—କିଶୋର ସେତେବେଳକୁ ଥକି ଯାଇ ଥାଏ; କିଶୋରୀ ତାକୁ ଧରି ଧରି ଆଣି କୂଳରେ ପହଞ୍ଚାଏ । ସେତେବେଳକୁ ସନ୍ଧ୍ୟା ହୋଇ ଯାଇ ଥାଏ— ଯେଝା ଘରକୁ ଯେଝେ ଯାଆନ୍ତି । ଏଇ ହେଲା ତାଙ୍କର ନିତି ଦିନର ଖେଳ । ତାଙ୍କର ଖେଳର ସାକ୍ଷୀ ହୁଅନ୍ତି ନୀଳ ଆକାଶ, ପାହାଡ଼ ଜଙ୍ଗଲ, ବଣ, ବୁଦା ସେଇ ଗଣ୍ଡର ଉନ୍ମୁକ୍ତ ବକ୍ଷ, ଆଉ ସାକ୍ଷୀରହେ ନିର୍ଜନତା ।

ଜାଗାଟା ଏତେ ନିର୍ଜନ ଯେ ସେ ଆଡ଼କୁ ଜନସମାଗମ ନାହିଁ କହିଲେ ଚଳେ । ଗଣ୍ଡର ଶଯ୍ୟାଟି ବନ୍ଧୁର ଓ ପାହାଡ଼ିଆ … [illegible] … ଟେରଲୀ ଭୁଲରେ ମଧ୍ୟ ସେ ଗଣ୍ଡକୁ ମାଛ ଧରି… ନାହିଁ ।

କିଶୋର କିଶୋରୀଙ୍କର ଘର ଗଣ୍ଡର ବିପରୀତ ଦିଗରେ ଦେଖା ଯା… ତା ଦୁଇଟି ଛୋଟ ଗାଁରେ । କିଶୋରର ବାପ ମା' ଅଛନ୍ତି—କିଶୋରୀର କେବଳ ମା'—ରୁଗ୍ଣା ଓ ଶଯ୍ୟାଶାୟିନୀ କିଶୋରୀକୁ ସବୁ କାମ ଦାମ କରିବାକୁ ହୁଏ । ଫୁରସତ ପାଏ ସୂର୍ଯ୍ୟ ମା କୋଳକୁ ଗଲା ବେଳକୁ—ସେତେବେଳେ ସେ ଦୌଡ଼ି ଆସେ ସେଇ ନଈ କୂଳକୁ କିଶୋର ମିଳନ ପାଇଁ ।

ସେଦିନ କିଶୋରୀର ଜନ୍ମଦିନ । କିଶୋର ଆଣିଛି ତାକୁ ଉପହାର ଦେବାପାଇଁ ଗୋଟିଏ ପ୍ରସ୍ତର ନିର୍ମିତ ନଗ୍ନ ବାଳିକା ମୂର୍ତ୍ତି । ମୂର୍ତ୍ତିଟି କଳାକାର ଏମିତି ଗଢ଼ିଛି ଯେ ତାର ପ୍ରତ୍ୟେକ ଅଙ୍ଗର ସୌଷ୍ଠବ ଫୁଟି ଉଠୁଛି ଓ ଜଣା ହେଉଛି ଯେପରି ଜୀବନ୍ତ । କିଶୋରୀ ମଧ୍ୟ ଆସିଛି ସୁସଜ୍ଜିତା ହୋଇ—କିଶୋର ପାଇଁ ଆଣିଛି ତା' ର ସ୍ୱହସ୍ତ ରଚିତ ଫୁଲର ହାରଟିଏ । ଫୁଲମାଳଟି ପିନ୍ଧାଇ ଦେଇ କିଶୋରୀ କିଶୋର ପାଖକୁ ଲାଗି ଠିଆ ହେଲା ପ୍ରତିଦାନ ଆଶାରେ । କିଶୋର ତାକୁ କୁଣ୍ଢାଇ ଆଣି ତା' ଓଠରେ ସବୁ ଚୁମାଟିଏ ଆଙ୍କି ଦେଇ କହିଲା—"ଦେଖୁନୁ ତୋ ପାଇଁ କେଡ଼େ ସୁନ୍ଦର ମୂର୍ତ୍ତିଟିଏ ଆଣିଛି ।

"ଇସ୍, ସୁନ୍ଦର ନା ?"

"ତୁମକେ ମନେ ଭାରି ସୁନ୍ଦର, ନା ?"

କିଶୋରୀ ଅଭିମାନରେ ମୁହଁଟି ବୁଲାଇ ନେଇ ପଳେଇବାକୁ ଚାହିଁଲା କିଶୋର ତାକୁ ଜୋରରେ ଭିଡ଼ିଧରି କହିଲା "ନା, କିଶୋରୀ, ତୋର ଏ ରୂପ ଓ ଅଙ୍ଗ ଲାବଣ୍ୟ ଆଗରେ ଏ ନିର୍ଜୀବ ପ୍ରସ୍ତର ମୂର୍ତ୍ତି କିଛି ନୁହେଁ କିନ୍ତୁ ତୋର ବାହ୍ୟ ଆଡ଼ମ୍ବର ତୋର ପ୍ରକୃତ ରୂପକୁ ଢାଙ୍କି ରଖିଛି । ଦେଖିବୁ ତୁ କେଡ଼େ ସୁନ୍ଦର ?

ଏତିକି କହି କିଶୋର ତାକୁ ବିବସନା କରିବାକୁ ଲାଗିଲା—କିଶୋରୀ ଆପତ୍ତି କଲାନାହିଁ କେବଳ ଲାଜରେ ଲଟେଇ ପଡ଼ିଲା ତା' ଉପରକୁ । କିଶୋର ମଧ୍ୟ ନିଜକୁ ପ୍ରକାଶ କଲା ପ୍ରକୃତିର ନଗ୍ନ ଆବରଣ ପିନ୍ଧି । ତା' ପରେ ଦି'ଜଣ ବୁଲିଲେ ଗଣ୍ଡ କୂଳକୁ, ଗଣ୍ଡ ଜଳରେ ନିଜର ପ୍ରତିବିମ୍ବ

Digitized by srujanika@gmail.com

# ପ୍ରିୟାଙ୍କ ସହିତ ସମ୍ବାଦ

ଶ୍ରୀ ଗୌର ମୋହନ ପ୍ରଧାନ

ଅଇ ଅଇ ପ୍ରାଣ ସହି,
ସାମ୍ୟର ଗାନ ଗାଇ'
'ଅମର ଚଟଣ' ପୁରୁଷ ରମଣୀ
କିଛି ଭେଦାଭେଦ ନାହିଁ ।
ଶୁଧୁ କୌପୀନ ମୋର, ତୁମର ଶାଢ଼ୀ,
ତୁମ ମୁଖେ ନାହିଁ ମୋ ନଣ ଦାଢ଼ି;
ତୁମ ବକ୍ଷେ ସୁଧା ସନ୍ତାନ ପାଇଁ,
ମୋର ତା' ନାହିଁ,
ଶୁଧୁ ଯା' ଏହି,
ତା' ନ ହେଲେ ପ୍ରାଣ ସହି,
କିଛି ଭେଦା ଭେଦ ନାହିଁ ।
ଶୁଧୁ ପୁରୁଷ କଠିନ ରମଣୀ କୋମଳା,
ମୁହିଁ ମରୁ ପ୍ରିୟେ ! ତୁମେ ସୁଶ୍ୟାମଳା;
ପୁରୁଷ ନିର୍ମମ ପ୍ରକୃତି ମାୟା,
ସୂର୍ଯ୍ୟ ସନ୍ତାପି ଶୀତଳ ଛାୟା;
ତା' ନ ହେଲେ ପ୍ରାଣସହି,
ଛଲେ ଭେଦା ଭେଦ ନାହିଁ ।
ବାହାରେ ଏ ଜୀବ ଜଗତ ଦେଖ ,
ମୟୂର ମୟୂରୀ ଛବିଟି ଲେଖ;
ମୃଗ-ଶୃଙ୍ଗ ଦେଖ ମୃଗୀର ନାହିଁ;
ଷଣ୍ଢ ଲଟ୍ଅଳ ଦୋହାଳୀ ଗାଇ;
ତା' ନ ହେଲେ ପ୍ରାଣ ସହି
କିଛି ପାର୍ଥକ୍ୟ ନାହିଁ ।
ଖାଲି ପୃଥକ ଗଠନ ସ୍ୱଭାବ-ଗୁଣେ,
ଦେଶେ ଦେଶେ ନାମେ ପୃଥକ, ଶୁଣେ;
ଚାଛୁ ପାରେ ଚଯ୍ଯ ଅଚହ୍ନା ଗୁହିଁ,
ଅସ୍ତିର ଅସ୍ତିର, ମାଇ ଯେ ମାଈ;
ତା' ନ ହେଲେ ପ୍ରାଣ ସହି,
ଛଲେ ପାର୍ଥକ୍ୟ ନାହିଁ ।
ପୁତ୍ର, ଭ୍ରାତା, ପତି, ପିତାର ସାଜେ,
କର୍ମ କ୍ଷେତ୍ର ପୁରୁଷ ରାଜେ;
ଭଗ୍ନୀର ସେବା ଜନନୀର ସ୍ନେହ,
ପତ୍ନୀର ପ୍ରେମ ଧରେ ନାରୀ ଦେହ;
ତା' ନ ହେଲେ ପ୍ରାଣ ସହି
ଛଲେତ ପ୍ରଭେଦ ନାହିଁ ।
ବ୍ୟଙ୍ଗ ନୁହେଁ ସତ୍ୟ, ଶୁଣ, ମୁ ତୁମେ,
ସମ ଆବଶ୍ୟକ ଏ ସୃଷ୍ଟି ଭୂମେ;
ଅର୍ଦ୍ଧାଙ୍ଗ ଉଭୟେ ପ୍ରକୃତ, ମାନେ;
ଏକ ବିନା ଅନ୍ୟ ଅପୂର୍ଣ୍ଣ,—ଜାଣେ;
ତଥାପି ଥାଏ କେବଳ ଏହି,
ତାପ 'ସ୍ତ୍ରୀ' ତୁମେ 'ପୁରୁଷ' ମୁହିଁ;
ଶୁଧୁ ଯା ଏହି,
ତା' ନ ହେଲେ ପ୍ରାଣ ସହି;
ଅମାରି ଚଟେଣ' କିଛି, ପାର୍ଥକ୍ୟ ନାହିଁ ।

Digitized by srujanika@gmail.com

# କାଳିଆ କଳାପ ଗାଲ୍ପାଗାଲ୍ପା

ସଂଗ୍ରାହକ—ଦେବ ମହାପାତ୍ର

ଆପଣଙ୍କର କୁକୁରଟି ବେଶ୍ ପ୍ରଭୁଭକ୍ତ"

"ତା ଅବଶ୍ୟ ସତ, ମୁଁ ତାକୁ ପାଞ୍ଚଥର ବିକୀ କରି ସାରିଲିଣି କିନ୍ତୁ ପ୍ରତିଥର ସେ ମୋ ପାଖକୁ ଫେରି ଆସିଛି ।"

× × +

"ତମ ବାବୁଙ୍କ କାନକୁ ଶୁଭୁ ନ ଥିଲା—କଣ ଔଷଧ ପତ୍ର କଲେ ?"

"ନାହିଁ, ସେ ଠିକ୍ କରିଛନ୍ତି ଝିଅମାନେ ହାରମୋନିଅମ ଶିଖି ସାରିଲା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ।"

+ + +

ମାଜିଷ୍ଟ୍ରେଟ—ଆପଣଙ୍କ ବୟସ କେତେ ?

ମହିଳା—ଏକୋଇଶ ବର୍ଷ ଆଉ କେତେ ମାସ ।

ମାଜିଷ୍ଟ୍ରେଟ— କେତେମାସ ଠିକ୍ କୁହନ୍ତୁ । ଜାଣିଛନ୍ତି ତ ଆପଣ ବର୍ତ୍ତମାନ ହଲପ କରିଛନ୍ତି ।

ମହିଳା—ଶହେ କୋଡ଼ିଏ ମାସ ।

+ + +

ବାପା—କିନ୍ତୁ, ପୁଅ ଉପରେ ଏଇ ବହିଟା ତ ମିଳିଛି ଗଣିତ ପାଇଁ ଏବଂ ଏଥିରେ ତ ଅନ୍ୟ ଗୋଟିଏ ପିଲାର ନାଆଁ ଲେଖା ହୋଇଛି —ତୁ କହୁଥିଲୁ ନା କି ଯେ ତୁ ଏଇଟା ପାଇଛୁ କସରତ୍ ପାଇଁ ?

ପୁଅ—ହଁ ମୁଁ ଏଇ ବହିପାଇଁ ସେ ପିଲାକୁମାର ପରାସ୍ତ କରିଥିଲି ।

+ × +

ମାଜିଷ୍ଟ୍ରେଟ—ତୁ କହୁଚୁ ତୁ ତାକୁ ଖୁବ୍ ଥର ଥର କରି ଛୁରି ଦେଇଥିଲୁ କିନ୍ତୁ ସେ କହୁଛି ଯେ ତୁ ତାକୁ ଲୁଅଡ଼େ ଖୁବ ନିର୍ଘାତିଆ ମାଡ଼ ମାରିଥିଲୁ ତ !!

ଦୋଷୀ—ମହିଳା ବାଧାରେ ତାର ଚେତା ବୁଡ଼ି ଯାଇଥିଲା ସେ ଏତେକଥା ଜାଣିଲା କେମିତି ?

+ + +

"ଯାଅ ଯାଅରେ ତତେ କିଏ କେୟାର କରୁଚି, ତୁଟା ତ ଗୋଟାଏ ପୋଷ୍ୟ ପୁତ୍ର, ତୋ ବାପା ମାଆ ତୋର ନିଜର ନୁହନ୍ତି ।"

"ତତେ ବା କିଏ କେୟାର କରୁଛି ? ମୋ ବାପା ମା ମତେ ବାଛିକରି ଆଣିଛନ୍ତି, ତୋ ଭଳିଆ ଯେମିତି ମିଳିଲା ସେମିତି ନୁହଁ ।"

---

( କାହାଣୀ ୭୪ ପୃଷ୍ଠା ଉତ୍ତରୁ )

ହେଲା ସମସ୍ତଙ୍କୁ ଚୁପ୍ କରିଦେଇ ଗୃପୁଡ଼ାଏ ଲେଖାଏ ମାରି । ତା ବାପାଙ୍କ ପାଖକୁ ଯାଇ ତାଙ୍କ ଛାତି ଉପରେ ଲେଟି ପଡ଼ି କହିଲା "ଏମାନେ ଯାହା କହୁଛନ୍ତି ଆପଣ କଣ ବିଶ୍ୱାସ କରୁଛନ୍ତି । ମୁଁ କ'ଣ ଦୋଷୀ"—ବାପା କହିଲେ, "ନା, ଦୋଷୀ ହୋଇ ପାରୁ ନାହିଁ । ତୁ ପରା ତାକୁ ପ୍ରକୃତରେ ଭଲ ପାଉଥିଲୁ । ଆଉ ସେ ବି ତୋତେ । ତୁ ମୋ ଆଖିରେ ଦୋଷୀ ନୁହେଁ । ମଣିଷ ସିନା ଆଇନ ତୋତେ ଦୋଷୀ କହିପାରେ । ଭଗବାନଙ୍କ ଅଦାଲତରେ ତୋତେ କେହି ଦୋଷୀ କହି ପାରିବେ ନାହିଁ । ସେଠି ଭଲ ପାଇବାଟା ଦୋଷ ନୁହେଁ ।"

କିଶୋର କିଛିକ୍ଷଣ ଭାବିଲା, ତା'ର ହୃଦୟରେ ସମସ୍ତ ଶକ୍ତି ସଞ୍ଚୟ କରି କିଶୋରକୁ ନିଜର କୋଳରେ ଧରିଲା ଶେଷ ଥର ପାଇଁ ତା ମୁହଁକୁ ଅନେଇଲା, ଚିତାଙ୍କ ଅଡ଼କୁ କରୁଣ ଦୃଷ୍ଟି ପକାଇ ଡେଇଁଲା ସେହି ଗଭୀର ଅତଳ ଗର୍ଭକୁ । କେହି ତାକୁ ଅଟକାଇବାକୁ ସାହସ କଲେ ନାହିଁ । କେବଳ ପାଣିରେ ପଡିବାର ଶବ୍ଦ—ସବୁ ଶେଷ—ଲକ୍ଷ୍ମୀ ସ୍ୱରର ଦକ୍ଷାଯୁକ୍ତ ସେତେବେଳକୁ ଅକାଶରେ ବହୁଥିଲା । ଏଇ ହେଲା ତାଙ୍କର ସଲିଳ ସମାଧି ।

---

✲ H. A. Manhood ଙ୍କର Beauty Under Water ନାମକ ଛୋଟ ଗଳ୍ପର ଛାୟାରେ ଲିଖିତ ।

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ ✻

## ( ମଡାର୍ଣ୍ଣ ଚମ୍ପୂ )

**କାନ୍ତ-କବି ବିରଚିତ**

### ( ହ )

ହଅ ହାମାର, ଏତ ପ୍ରାନେର ଧନ ଗୋ
ହଁ—ହଁ କରି ହସି ଦେଲେ ଦଶଇ ରଦନ
ହରାଉଛୁ ହୃଦୁର ବନ୍ଧାନ ଗୋ ॥ ୧ ।
ହାଡ଼ପୁଟି ଚାହାଣି ଗୋଟିଁ ଗୋଟି ଶୋଭାବନ
ହଗୁଲାଏ ହୃଦର ବନ୍ଧନ ଗୋ ॥ ୨ ॥
ହୁଲାପରି କୁହୁଅନ୍ତୁ ଯୁଗଳ ନୟନ,
ହୁଙ୍କୁଡ଼ି ଖାଉଛୁ ଘନ ଘନ ଗୋ ॥ ୩ ॥
ହଲି ହଲି ହେଁଠା ଡୁଲେ ଗ୍ଲଲଇ ବହନ
ହଜଯାଏ ଯୁବତୀ ଜୀବନ ଗୋ ॥ ୪ ॥
ହାବୁଡ଼ ପଡ଼ିବ କାଲେ ମନ ଛନ ଛନ,
ହେଣ୍ଡି ମାର୍ ଧାଉଛୁ ଯେସନ ଗୋ ॥ ୫ ॥
ହୁକୁମ ହୋଇଲେ ଧରି ଏ ଯୁବା ରତନ
ହାଜର କରନ୍ତୁ ଏହାଯଣି ଗୋ ॥ ୬ ॥

ହେ ସଖି ଏ ଯୁବା ପୁଙ୍ଗବର ଅପାଙ୍ଗ ଦୃଷ୍ଟି ସୁନ୍ଦରୀମାନଙ୍କର ବକ୍ଷରେ ଅନଙ୍ଗରଙ୍ଗ ଲେହ୍ରୀତା ଜାତ କରୁଛି ଓ କଳା କଳିଜାରେ ଛୁରି ଚଳାଇ ଦେଉଛି । ଖୋଲା ନୟନର ଚେର ଗୃହିଣୀରେ ତ ସମସ୍ତେ ମୋହିତ ହୋଇଗଲେଣି, ସେଥିରେ ପୁଣି ଲଳିତ ସ୍ୱରରେ ସୁସୁରି ମାରିବାକୁ କହୁଛି କାହିଁ ମ ? ଏତେ ଏତେ ଦାନ୍ତ ବାହାରି ଥିବାରୁ ଓଷ୍ଠ କୁଞ୍ଚିତ କରି ସୁସୁରି ମାରିବାକୁ କେତେ ବାଧା ହେଉ ନ ଥିବ ।

ଓହୋ ଏହାଙ୍କର ସୁସୁରି ନାଦ ଶ୍ରବଣ କରି କାଳ ଭେକ ନୀରବ ହେଲେଣି, ରେଳ ମଟର ସ୍ଥଗିତ ହେଲେଣି, ପଥର ପାଣି ହେଲାଣି ଓ ପାଣି ପଥର ହେଲାଣି ।


## ମଶାରି



ଖୁବ ମଜବୁତ୍ ତିଆରି, ଦୀର୍ଘକାଳ ସ୍ଥାୟୀ ଧଳା ନେଟ କନାରେ ତିଆରି ଓ ସ୍ୱର-କଣରେ ଯଥେଷ୍ଟ କନା ଭୁଆଁ ହୋଇ ଥାଏ—

| ଲମ୍ବ | ଓସାର | ଉଚ୍ଚତା | ଦାମ | ଉତ୍କୃଷ୍ଟ |
|---|---|---|---|---|
| ୬ ଫୁଟ | ୩।୰ ଫୁଟ | ୩।୰ ଫୁଟ | ଟ ୩୯— | ଟ ୪୯ |
| ୬ ,, | ୪ ,, | ୪ ,, | ଟ ୪୯— | ଟ ୫୯ |
| ୬। ,, | ୪। ,, | ୪। ,, | ଟ ୫୬/— | ଟ ୬୯ |
| ୭ ,, | ୫ ,, | ୫ ,, | ଟ ୬୯— | ଟ ୭୯ |
| ୭। ,, | ୬ ,, | ୬ ,, | ଟ ୬୯— | ଟ ୮୯/ |

ଗୋଟିଏ ମଣିବ୍ୟାଗ ବିନା ମୂଲ୍ୟରେ ଦିଆ ଯାଏ—ପ୍ୟାକିଂ ଓ ପୋଷ୍ଟେଜ ସକାଶେ ଟ ୦।୰/

ତିନୋଟି ଅଡ଼ର ଏକ ସାଙ୍ଗରେ ନେଲେ ପ୍ୟାକିଂ ପୋଷ୍ଟେଜ ଲାଗେ ନାହିଁ ।

**AMERICAN TRADING CO.**
**Post Box No. 12204 HATKHOLA**
**CALCUTTA (D)**



✻ Reproduction in part or full is strictly prohibited.



Digitized by srujanika@gmail.com

## [illegible]

**ସୋହ୍‌ରାବ୍‌ରୋସ୍ତମ୍**—ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ବାରିପଦା। ପ୍ରସିଦ୍ଧ ଇଂରାଜି କବିତାର ପଦ୍ୟାନୁବାଦ। ଏକ ବିଦେଶୀ ଭାଷାରୁ ପଦ୍ୟରେ ଅନୁବାଦ କରିବା କାଠିନର ପାଠ। ପରମାନନ୍ଦ ବାବୁ ସେ କାମରେ କେତେଦୂର କୃତକାର୍ଯ୍ୟ ହୋଇଛନ୍ତି ତାହା ବହୁ ଖଣ୍ଡରେ ନ ପଢ଼ିଲେ କହି ଯିବ ନାହିଁ; ସୋହ୍‌ରାବରୋସ୍ତମର ଆଖ୍ୟାୟିକା ଯେପରି ରୋମାଞ୍ଚକର ସେହିପରି ଶିକ୍ଷାପ୍ରଦ। ଏପରି ଅନୁବାଦ ଦ୍ୱାରା ଓଡ଼ିଆ ଭାଷାକୁ ସମୃଦ୍ଧ କରିଥିବାରୁ ଅମ୍ଭେମାନେ ଆଚାର୍ଯ୍ୟମହାଶୟଙ୍କୁ ଧନ୍ୟବାଦ ଦେଉଛୁଁ।

ପରମାନନ୍ଦ ବାବୁ ଉତ୍କଳର ଜଣେ ସୁନାମ ପ୍ରସିଦ୍ଧ ପ୍ରତ୍ନତାତ୍ତ୍ୱିକ। ତାଙ୍କ ଅନ୍ତରରେ ଯେ କାବ୍ୟରସର ଏପରି ବିଳାସ ବୈଭବ ଅଛି, ତାହା ଜାଣି ଅମ୍ଭେମାନେ ଅତ୍ୟନ୍ତ ଖୁସି। ଆଶା କରୁଁ ଇଟା, ମାଟି, ପଥର ମଧ୍ୟରୁ ସେ ମଧୁର ରସ ବଟାଇ ଅମ୍ଭମାନଙ୍କୁ ମଧ୍ୟେ ମଧ୍ୟେ ଚଖାଇବାକୁ କୁଣ୍ଠିତ ହେବେ ନାହିଁ।

ବାରିପଦା ଷ୍ଟୋର୍ସ ପ୍ରେସରେ ଛପା—ସୁନ୍ଦର।

**ପ୍ରିୟା**—ଶ୍ରୀ ସଚ୍ଚିଦାନନ୍ଦ ଦାସ। ଅସୁରେଶ୍ୱର ବାସନ୍ତୀ ନବଳେଖକର ପ୍ରଥମ ଅବଦାନ। ଡିମାଇ ବାର ପେଜି ପୃ ୩୨ ଷ୍ଠା ମୂଲ୍ୟ—ଆଠଅଣା। ପୁରୀ କମଳା ପ୍ରେସରେ ଛପା।

ଆଜିକାଲିର କାଗଜଦର ଓ ବହିପୁର ଉପାଦେୟତା ଦୃଷ୍ଟିରେ ମୂଲ୍ୟ ବେଶୀ ହୋଇ ନାହିଁ।

ପ୍ରିୟାରେ କେତେ ଗୁଡ଼ିଏ ଖଣ୍ଡ କବିତା ଅଛି। କବିତା ଗୁଡ଼ିକ ପାଠ କରି ଅମ୍ଭେମାନେ ଭାରି ପରିତୃପ୍ତ ହୋଇଛୁ। ସବୁ କବିତାରେ ଗୋଟିଏ ନୂତନତ୍ୱର ଆଭା ବିଦ୍ୟମାନ। ଛନ୍ଦ ନୂତନ, ଭାବ ନୂତନ, ଭାଷା ନୂତନ—ଅଥଚ ଏପରି ଦରଦ ଭରା ଯେ ଅନ୍ତରର ବୀଣାତାରରେ ତାର ପ୍ରତିଧ୍ୱନି ବାଜିଉଠେ। କହୁଅଣା ଧରି ଅସେ ଏହି ତରୁଣ କବିଙ୍କୁ 'ସ୍ୱାଗତ' କଣାଉଛୁ।

**ଭଞ୍ଜଭୂମି**—କାବ୍ୟ—ଶ୍ରୀ ପ୍ରସନ୍ନ କୁମାର ଶତପଥୀ—ଡିମାଇ ପେ ୧୨ ଜ ୫୧ ପୃଷ୍ଠା—ମୂଲ୍ୟ ଚାରିଅଣା।

କାବ୍ୟଟି ଚିଲିକା ଅନୁକରଣରେ ସେହି ବାର ଅକ୍ଷର ଛନ୍ଦରେ ରଚିତ। ଭାଷା ପ୍ରାଞ୍ଜଳ ଓ ମଧୁର। ସ୍ଥାନେ ସ୍ଥାନେ ରଚନା କୌଶଳ ଏତେ ସୁନ୍ଦର ଯେ ରାଧାନାଥଙ୍କ ଲେଖାବୋଲି ଭ୍ରମ ହୁଏ। ଉପମା ଗୁଡ଼ିକ ମଧ୍ୟ ମନୋହର। ପ୍ରକୃତି ବର୍ଣ୍ଣନା ସୂକ୍ଷ୍ମ ଓ ଦରଦ ଭରା। ନୀରସ ଐତିହାସିକ ତଥ୍ୟକୁ ମଧ୍ୟ କବି ଚତୁରତାର ସହିତ ସଂଯୁକ୍ତ କରିବାର ଚେଷ୍ଟା କରିଛନ୍ତି। କବିଙ୍କୁ ଅମ୍ଭେମାନେ ସ୍ୱାଗତ ସମ୍ଭାଷଣ ଜଣାଉଛୁଁ। ତାଙ୍କର ଲେଖନୀ ନିଷ୍ଫଳ ନ ରହୁ!

**ମାଲେରିଆ**—ଡା. ଗୋପାଳ ଚନ୍ଦ୍ର ପଟ୍ଟନାୟକ ଡିମାଇ ପେ ୮ ଜି ପୃ ୪୮ ଷ୍ଠା—ମୂଲ୍ୟ ଆଠଅଣା।

ଆମ ଦେଶରେ ପ୍ରତିବର୍ଷ ମାଲେରିଆରେ ଯେତେ ଲୋକ ମରୁଛନ୍ତି, ଯୁଦ୍ଧରେ ବି ଏତେ ମରୁ ନଥିବେ। ତା ଛଡ଼ା ମାଲେରିଆ ଲୋକଙ୍କ ଜୀବନୀଶକ୍ତିକୁ ଏପରି ଖାଇ ଯାଉଛି ଯେ ଜାତି ବିପନ୍ନ, ବିସନ୍ନ, ଦୁର୍ବଳ ହୋଇପଡ଼ି କ୍ରମେ ବିଲୋପ ଆଡ଼କୁ ଗତି କରୁଛି। ଅଥଚ ଏହାର ଗୁରୁତ୍ୱ ଲୋକେ ପ୍ରକୃଷ୍ଟ ଭାବରେ ଉପଲବ୍ଧି କରୁ ନାହାନ୍ତି କି ତାର ଉଚିତ୍ ପ୍ରତିକାର ବି ହେବାକୁ ନାହିଁ।

ଗୋପାଳ ବାବୁ ଏ ସମୟରେ ଏହି ପୁସ୍ତକ ପ୍ରକାଶ କରି ଦେଶ ଓ ଜାତିର ପ୍ରଭୂତ ସେବା ଓ ଉପକାର କରିଛନ୍ତି। ଏ ବହିଟିର ବିଶେଷତ୍ୱ ଏହି ଯେ ଏଥିରେ ବିଜ୍ଞାନ ଜଡ଼ିତ କ୍ଲିଷ୍ଟ ଭାଷା ନାହିଁ କି ଡାକ୍ତରି ପୁସ୍ତକ ଭାବରେ ଲେଖା ହୋଇ ନାହିଁ। ଅଜାଣନ୍ତା ସାଧାରଣ ଗୃହସ୍ଥ ବୁଝିବାଭଳି ଢଙ୍ଗରେ ଲେଖା ହୋଇ ଥିବାରୁ ସମସ୍ତେ ଖୁସି ହୋଇ ଏହା ପଢ଼ି ପାରିବେ ଓ ବିଶେଷତଃ ଗୃହିଣୀମାନେ ଏହା ପଢ଼ି, ଜାଣି ଘରୋଇ ଭାବରେ ଲୋକଙ୍କର ସେବା ଶୁଶ୍ରୂଷା କରି ପାରିବେ। ଏ ପୁସ୍ତକରୁ ଖଣ୍ଡିଏ ଖଣ୍ଡିଏ ପ୍ରତ୍ୟେକ ଗୃହରେ ରହିବା ଅବଶ୍ୟକ।

Digitized by srujanika@gmail.com

# ହରିବୋ ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ —**

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ତନୁ ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଉତ୍କଳର ମଧ୍ୟସ୍ଥଳୀରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଙ୍କ ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

## ଆମେ ନାଗବନ୍ଧୁ ପରା !

ଟିକି ପିଲା ବୋଲି ଅଳପ ନ ମଣ
ଆମେ ନାଗବନ୍ଧୁ ପରା,
ଆଉ କିଛି ଦିନେ ଆମର ପ୍ରତାପେ
ଥରହର ହେବ ଧରା ।୧।

ମହିମ ପତାକା ମଣିଷପଣେ ହୋଇ
ଉଜ୍ଜ୍ୱଳ କରିବୁ ମହୀ,
ସଭିଙ୍କ ପରି ଆମ ଗୁଣ, ଯଶ
ଚଉଦିଗେ ଯିବ ବହି ।୨।

ବିଦ୍ୟା ବାରିଧିର ଗଭୀର ଗର୍ଭରେ
ପଶିବୁଁ ସାହସ ଧରି,
ଜ୍ଞାନ-ମଣି-ମୁକ୍ତା ଯତନେ ସାଉଣ୍ଟି
ରଖିବୁଁ ସମ୍ବଳ କରି ।୩।

ନ୍ୟାୟ, ନୀତି ମାର୍ଗେ ଚାଲିବୁଁ ସତତ
କଣ୍ଟକ ହେଉ ସେ ଯେତେ,
ସତ୍ୟ, ଅହିଂସାକୁ ଜାବୁଡ଼ି ଧରିବୁଁ
ଡର ନ ରଖିବୁଁ ଚିତ୍ତେ ।୪।

ଯୀଶୁ, ମହମ୍ମଦ, କୃଷ୍ଣ, ରାମଚନ୍ଦ୍ର
ଏମାନେ ତ ଥିଲେ ସାନ,
ଦିନେ ହୋଇ ବଡ଼ ହେଲେଣି ଅମର
ସାଧି ସାଧୁ କର୍ମମାନ ।୫।

ଆମର ଦେଶର ବାର ବରଷର
ବାଳୁତ ଧରମା ପରା,
ସାତ ତାଳ ପାଣି ଭିତରେ ପଶିଲା
କୋଣାର୍କ ଦେଉଳ ତୋଳା ।୬।

କେତେ ଛୋଟ ପିଲା ସେ ବାଜି ରାଉତ
ଦେଶ ପ୍ରେମେ ହୋଇ ବାଇ,
ଗୁଳି ଆଗେ ଛାତି ଦେଲା ତ ପତାଇ
ମରଣେ ଡରିଲା ନାହିଁ ।୭।

ଆମେ ସେ ଦେଶରେ ଜନମ ଲଭିଛୁ
ହୋଇପାରୁଁ ଡରକୁଳା ?
ଦେଶ, ଦଶ ହିତେ ସଁପିବୁଁ ଜୀବନ
ଆମେ ନାଗବନ୍ଧୁ ପରା ! ।୮।

ଶ୍ରୀ ସୁରେଶଚନ୍ଦ୍ର ମହାନ୍ତି
ନ ୪୬୩ ମ୍ବର ନାଗ ।

---

## ପୁରସ୍କାର ଘୋଷଣା

'ଜଗର' ୬ମ ବର୍ଷ ୧୮ ସଂଖ୍ୟାରେ ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି ନାଗ ଓ ନାଗୁଣୀଙ୍କ ପାଇଁ ଯେଉଁ ପୁରସ୍କାର ଘୋଷଣା କରିଥିଲେ ତାର ଫଳାଫଳ ନିମ୍ନରେ ଦିଆଗଲା। ବିଷୟ ଥିଲା—"ବଡ଼ ହେଲେ ମୁଁ କ'ଣ ହେବି ?"

୧ମ ପୁରସ୍କାର—(ନାଗୁଣୀଙ୍କ ପାଇଁ) ଶ୍ରୀମତୀ ସରସ୍ୱତୀ ଦେଈ (ନଂ ୪୮୬ ନାଗ) ଟ ୩ ୧

୨ୟ ପୁରସ୍କାର—(ନାଗଙ୍କ ପାଇଁ) ଶ୍ରୀମାନ ଲକ୍ଷେନ୍ଦୁ ମୋହନ ଦାସ (୪୫ ନଂ ନାଗ)—ଟ ୩୧

Digitized by srujanika@gmail.com

REG. No. P. 441. THE DAGARO—16. 8. 1944.


ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରାଚୀନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚର୍ମ, ସର୍ବାଙ୍ଗରେ ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ **ଅମ୍ଭର** ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଟ ୮୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଳ୍ପରେ ଆରୋଗ୍ୟ ହୁଏ । ଏକ ଶିଶି ଟ ୨୲ଙ୍କା ମାତ୍ର ଟ ୨ ୲ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦାଚାର୍ଯ୍ୟ

ଆଲମଚାନ୍ଦ ବଜାର, କଟକ

## କଲକଲା ସ୍ୱାସ୍ଥ୍ୟ ନିବାସ

କୁଷ୍ଠ ରୋଗୀଙ୍କ ସେବା ପାଇଁ କଲକଲାରେ ଏହି ସ୍ୱାସ୍ଥ୍ୟ ନିବାସ ଖୋଲା ହୋଇଅଛି । **ବଇରି** ରେଲ ଷ୍ଟେସନ ଠାରୁ ୭ ମାଇଲ ପଶ୍ଚିମକୁ କଲକଲା । ସେଠାରେ ରହିବାର ଏବଂ ଚିକିତ୍ସାର ବନ୍ଦୋବସ୍ତ ହୋଇ ଅଛି । ସ୍ୱାସ୍ଥ୍ୟପ୍ରଦ ସ୍ଥାନ । ନିମ୍ନ ଠିକଣାରେ ପତ୍ର ବ୍ୟବହାର କରନ୍ତୁ ।

**ଲକ୍ଷ୍ମୀନାରାୟଣ ସାହୁ**

ଭାରତ ସେବକ ସମିତି କଟକ ।



ସମ୍ପାଦକ
**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସମ୍ପାଦକ
**ଶ୍ରୀ ବ୍ରଜମୋହନ ଦାସ**

Printed & published by G. C. Mahapatra at the Gopinath Press, Bhadrak. 1944.

ବାର୍ଷିକ ତିନି ଟଙ୍କା ଆଠଅଣା ରାଜସଂସ୍କରଣ ବାର୍ଷିକ ପାଞ୍ଚଟଙ୍କା


Digitized by srujanika@gmail.com

୮ମ ବର୍ଷ ଭାଦ୍ର—ପ୍ରଥମାର୍ଦ୍ଧ ୭ମ ସଂଖ୍ୟା




Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲି:—

**ହେଡ଼ ଅଫିସ— କଲିକତା ।**

**ଶାଖା ଅଫିସମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଙ୍ଗଲପୁର, ମିତ୍ରଗଞ୍ଜ ।

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା

(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା । ଅଫିସମାନ ଖୋଲ ଯାଉଛି)

ମେନେଜିଂ ଡରେକ୍ଟର—

ନଇଦିଲ୍ଲି, ନାଗପୁର । **ସ୍ୱା—ପି. ଏନ୍: ରାୟ ଚଉଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ୯ ଜମା ଦେଲେ—ବ ୪ ର୍ଥ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।

## କୁବେର ବ୍ୟାଙ୍କ ଲି:

ହେଡ଼ ଅଫିସ——କଲିକତା

**ଶାଖା ଅଫିସ ମାନ:** —

ଢାକା, କାଲିମ୍ପଙ୍ଗ୍, ସିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

**୧୬ ତାରିଖ ନଭେମ୍ବର ୧୯୪୩ ରେ**
**ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତ ପ୍ରକାର ବ୍ୟାଙ୍କିଂ କାର୍ଯ୍ୟ ନିର୍ବାହ ହୁଏ ।
ଜାଜପୁର ଶାଖା ଶୀଘ୍ର ଖୋଲଯିବ ।

**ଏସ୍. କେ: ଚକ୍ରବର୍ତ୍ତୀ**
ମାନେଜିଂ ଡାଇରେକଟର

Digitized by srujanika@gmail.com

## ବିଲୁଆ ବିଗ୍ରର

ଜଣେ ସନ୍ୟାସୀ କୁଆଡ଼େ ଭବିଷ୍ୟତ ବାଣୀ କହିଛନ୍ତି କି ଯୁଦ୍ଧ ଶେଷ ହେବ ଆସନ୍ତା ଅକ୍ଟୋବର ତା ୨୪ ରଖରେ । ଏଥି ପୂର୍ବରୁ ଅନେକେ ଅନେକ ପ୍ରକାର ଆନ୍ଦାଜ ଭବିଷ୍ୟତ ବାଣୀ କରିଛନ୍ତି ସତ, ମାତ୍ର ଏପରି ଠିକ୍ ଠୋକ ଭାବରେ ଦିନ ଦେଇ କେହି କହି ନ ଥିଲେ ।

କଥାଟାବି ମନକୁ ଆସୁଛି । କାରଣ ଜର୍ମାନୀକୁ ମିତ୍ରପକ୍ଷ ଯେପରି ଘୁଞ୍ଚାଉଛନ୍ତି ଯେପରି ଗଡ଼ୁଛନ୍ତି ଓ ଜର୍ମାନୀ ଯେପରି ହଟି ହଟି ପଳେଇଛି, ସେଥିରେ ଦୁଇମାସ କଣ, ଦୁଇ ସପ୍ତାହରେ ବି ଶେଷ ହୋଇଯିବା ଆଶ୍ଚର୍ଯ୍ୟ ନୁହେଁ । ଜାହାର ହାରତା ଜଟଳରେ ଆମର କଷ୍ଟ ଭୋଗିବା ଚିନ୍ତାର ନ ଥିଲେବି ଯୁଦ୍ଧ ଆମକୁ ବାଘ ଖାଇବାଠାରୁ ବାଘ ଶୋଷାରିବାର ଫଳଟା ଯେପରି ହାଡ଼େ ହାଡ଼େ ବଢେଇ ଦେଲାଣି, ସେଥିରେ ଏହାର ଆଶୁ ନିବୃତ୍ତିଟାହି ଆମର ଏକାନ୍ତ ବାଞ୍ଛନୀୟ ହୋଇ ପଡ଼ିଛି ।

\+ × +

ଆମ ରଜା ଯେ ଲଢ଼େଇ ଜିଣିବେ ଏଥିରେ ଆଉ ସନ୍ଦେହ କଣ ଅଛି ? ଏ ଜିଣିବାରେ ଭାରତ ଯେତେ ଲହୁ ଦେଇଛି ତାର ଇନାମ କଣ ପାଇବ ସେଇଟା ଏକା ଭାବିବାର କଥା । ଶୁଣା ଯାଉଛି, କୁଆଡ଼େ ଆମେରିକା ପ୍ରେସିଡେଣ୍ଟ ରୁଜଭେଲ୍ଟ ସାହେବ ଭାରତୀୟ ସମସ୍ୟା ସମାଧାନ ପାଇଁ ବ୍ୟସ୍ତ ହୋଇ ପଡିଛନ୍ତି ଓ ସେହି ବିଷୟ ନେଇ ଚର୍ଚ୍ଚିଲଙ୍କ ସାଙ୍ଗରେ ବୈଠକ କରିବେ । ଷ୍ଟାଲିନ ବି ସେଥିରେ ଯୋଗ ଦେଇ ପାରନ୍ତି । ଆପେ ଯେ ଅପାରିଲା, ମଉସାର ବଳ ଉପରେ ନିର୍ଭର କରିବା ଛଡ଼ା ତାର ଆଉ ଉପାୟ କଣ ! ଆମର ବି ସେଇ ଅବସ୍ଥା ହୋଇଛି ।

\+ × +

ଗାନ୍ଧି—ଜିନା ଭେଟରୁ କଣ ଗୋଟାଏ ଅପୂର୍ବ ଜିନିଷ ବାହାରିବ ବୋଲି ଲୋକଙ୍କୁ କଦ ନାହିଁ କି ଖବରକାଗଜଙ୍କୁ ଫୁରସତ ନାହିଁ । ପର୍ବତର ଦହଲ ଲଗିଲା ପରି ( Mountain in labour ) ଯାହା ଆଡ଼ମ୍ବର ଓ ପ୍ରଶଂସା ଚାଲିଛି ସେଥିରେ 'ମୂଷିକ ପ୍ରସବ' ( Produce a mouse ) ଛଡ଼ା ଆଉ ଅଧିକା କିଛି ହେଲାପରି ଦେଖା ଯାଉ ନାହିଁ । ଅତଏବ ଯେଉଁମାନେ ହସ୍ତୀ ଗର୍ଭରୁ କୌଣସି ବଡ଼ଟା ଧ୍ୱନିର ଆଶା କରି ନାକ କାନ ଡେରି ରହିଛନ୍ତି ସେମାନେ ଗୋଟାଏ କ୍ଷୁଦ୍ର "ଫସ୍" ପାଇଁ ପ୍ରସ୍ତୁତ ଥାଆନ୍ତୁ ।

× × ×

ବ୍ରିଟିସ ସରକାରଙ୍କ ନୂଆଟା ବାଣୀ "କ୍ରିପସ ପ୍ରସ୍ତାବ ବଡ଼ା ହୋଇ ରହିଛି" ( Cripis Offer still stands ) ଆଉ ଗାନ୍ଧିଜୀଙ୍କ ମତ ଯେ ଦୁଇବର୍ଷ ଆଗର ଦୁନିଆ ବହୁତ ବଦଳି ଗଲାଣି ଓ ୧୯୪୪ ସାଲ ୧୯୪୨ ନୁହେଁ । ଏପରି ଅବସ୍ଥାରେ ଆଉ ଅଗଷ୍ଟ ପ୍ରସ୍ତାବ ବା "ଭାରତ ଛାଡ଼" ବୋଲିର ଉପଯୋଗିତା ଆଉ ରହିଲା କାହିଁ ? ଗାନ୍ଧିଜୀ ସେଇ ହିସାବରେ ଏବେକାଇଣ ପାହାଚ ତଳକୁ ଖସି ଆସିଲେଣି । ଆଉ ତାଙ୍କ ଗୋଟାଏ ପାଇଁ ଅଟକୁଛି କାହିଁକି ? ଆଉଥରେ 'ହିମାଳୟଭୁଲ' କହି ଦେଇ କ୍ରିପସ୍ ଦାନକୁ ହାତ ପତାଇ ନବାରେ ବାଧାଟା କଣ ? ପୁଣିଥରେ ଦେଖା ଯାଉନା । ମହାତ କ୍ଷଣ କ୍ଷଣକେ ଆନ ।

× × ×

ମହାତ୍ମା ଗାନ୍ଧି ସିଦ୍ଧ ଯୋଗୀ ପୁରୁଷ । ଆଗରେ ପଢ଼ିଲେ ଲର୍ଡ ଇର୍ ୱଇନଙ୍କ ଭଳି ଜଣା ସାହେବଙ୍କୁ ଅଭିଭୂତ କରି ବାଟେଇ ନେବା କଠିନ ହୋଇ ନ ପାରେ । ମାତ୍ର ସେତିକିରେ ଯଦି ଅଡ଼୍ ଓ ଭୁକ୍ତା ହେବେ କଥା ନ ଥିଲା । ଏହା ପଛକୁ ଅବନତ ଜାତି ସମସ୍ୟା, ଦେଶୀୟ ରାଜ୍ୟ ସମସ୍ୟା ପ୍ରଭୃତି ଆଉରି ହଜାରେ କଣ୍ଟା ମୁଣ୍ଡ ଟେକି ଯେ ନ ରହିଛି ତାହା କିଏ ଜାଣେ ! ସେ ସବୁକୁ ପାରି ହୋଇ ମନ ମୁତାବକ ସ୍ୱାଧୀନତା ପାଇବା କାଠିକର ପାଠ । ଏଥିରେ କେବଳ ଗୋରାଙ୍କୁ ମନ ମାରି ଖପରାରେ ଖାଇବା ହେଉଛି ସିନା ! ଏଣେ କର୍ଦ୍ଦୋଷୀ ଲୋକ ଗୁଡ଼ାକ ଜେଲ ଭିତରେ ସଢ଼ୁଛନ୍ତି । ଅବସ୍ଥା ଦେଖି ବ୍ୟବସ୍ଥା କରିବା ପକ୍କା ବଣିଆ ଗାନ୍ଧିବୁଢ଼ାର ମଗଜରେ କଣ ପଶୁ ନଥିବ !

\+ + +

ଗାନ୍ଧିଜୀ ଯଦି ଅଗଷ୍ଟ ପ୍ରସ୍ତାବରୁ ମୂଳରୁ ଖସି ନ ଥାନ୍ତେ ତେବେ ବା ଆମେ ତାଙ୍କର ନୀତିଟା ବୁଝି ପାରନ୍ତୁ । ଏଇଭଳି ଏ ଯେଉଁ ପଛଘୁଞ୍ଚା ନୀତି ଚାଲିଛି ତାହାର ଅର୍ଥ ପାଇବା ଆମ ଭଳିଆ ମଳ ମୁଣ୍ଡିଆଙ୍କ ପକ୍ଷେ ଯାଉସି ଭଲମ । ଫୁଲ ଦଶି

Digitized by srujanika@gmail.com

ଘୁଷି ଯାଇ କେତେ ବାଟରେ ରହିବ ତାହା ହୁଏତ ଗାନ୍ଧିଜୀବ ଏଇଯିଣି ଜାଣନ୍ତି ନାହିଁ । ଅଜ ଲୋକେ ଜାଣିବେ କପର ! ଏଇଥି ପାଇଁ ଅମର ଭୟ ହେଉଛି,— କମଳ ଖୋଜୁଁ ଖୋଜୁଁ ସବୁ କଙ୍କାଳ ହୋଇ ନ ଯାଏ !

\+ + +

ବର୍ତ୍ତମାନର ସଫା କହି ଦେଲେଣି ଯୁଦ୍ଧ ଥିବା ଯାକେ କିଛି ହୋଇ ପାରିବ ନାହିଁ ବୋଲି, ଅଜ ସେଥି ପାଇଁ ଏତେ ଖୋଲା ଡାଉ ହେବାର ଲାଭଟା ଯେ କଣ ତାହା ମା କାଳୀଙ୍କୁ ଏକା ଗୋଚର । ଜମୁନା ଯାନଙ୍କ ବୁଦ୍ଧିଟାରେ ଏତେ ଅଡ଼ମ୍ବର କରି ବୁଝିବାର ଦେଖି ମନେ ହେଉଛି— ନଥିଲା ବଣିଆ କକଟରେ ବସି—

ଗରମଟା ବରଜାସ୍ତୁ ରଖିବା ପାଇଁ ଯଦି କିଛି ଗୋଟାଏ କରିବା ଦରକାର ହୁଏ, ତେବେ ହେଉଥାଉ—

\+ × +

କାଗଜ କଣ୍ଟ୍ରୋଲ ହେଲା ଦିନଠାରୁ ବାଲେଶ୍ୱର ଜିଲ୍ଲା ଭିତରେ ଅତି ସାମାନ୍ୟ କିଛି ଯାହା ପଡ଼ୁଥିଲା ତାହା ବାଲେଶ୍ୱର ସଦରରେ ମୂଷାଙ୍କୁ ନଅଣ୍ଡ ହୋଇଗଲା । ଭଦ୍ରକ ବିଚରା ଶୋଇଲା ପୁଅ ହୋଇ ଏ ଯାଏ କାନ ମୁଣ୍ଡ ଅଜି ସେ ରହିଛି । ଦୋଷ ବା କାହାକୁ ଦେବୁଁ—ଭାଗ୍ୟକୁ ଆଦର ରହିବା ଛଡ଼ା ଉପାୟ କଣ ?

କାହାକୁ କହିବୁଁ କିଏ ନେବ ଦୁଃଖ,
ଯାହାକୁ କହିଲେ ମୋଡ଼ିଦିଏ ମୁଖ ।

\+ × +

ଦେଶରେ ମାଛର ଅଭାବ କପରି ପଡ଼ିଛି ଓ ତାର ଦାମ କପରି ଚଢ଼ିଛି ତାହା ସମସ୍ତେ ହାଡ଼େ ହାଡ଼େ ବୁଝୁଛନ୍ତି । ଦେଶରେ ମାଛ ଚାଷ ବଢ଼ାଇବା ପାଇଁ ସର୍କାର ଗୋଟାଏ ବିଭାଗ ଖୋଲି ମାଛ କାହାର ବିକିବାର ବ୍ୟବସ୍ଥା କରିଛନ୍ତି ସତ, କିନ୍ତୁ ତାର ସୁବିଧା ପାଉଛନ୍ତି କେତେ ଜଣ ? ମଫସଲରେ ଯେତେ ପୋଖରୀ ଚଢ଼ିଆ ବାଁଝ ହୋଇ ରହିଛି ଏବଂ ଲୋକେ ଯେଉଁର ମାଛ ପାଇଁ ଅକ୍ଳାନ୍ତ ବ୍ୟାକୁଳ ହେଉଛନ୍ତି ସରକାର ଯଦି ପ୍ରତି ଥାନା ବା ସବ୍‌ଡିଭିଜନ ହେଡ୍‌କ୍ୱାର୍ଟରରେ ଜାହାର ବା ପହଣା ଯୋଗାଇବାର ବ୍ୟବସ୍ଥା କରନ୍ତେ ତେବେ ଲୋକେ ଅଧିକା ଖରଚ ଓ ଦାମ ଦେଇ ତାହା କିଣି ନଅନ୍ତେ । ଆଶାକରୁଁ ଡେଭେଲପମେଣ୍ଟ ଅଫିସର ଏଥିପ୍ରତି କୃପା ଦୃଷ୍ଟି ଦେବେ ।

× × ×

ଏଗ୍ରିକଲଚରାଲ ବିଭାଗର କର୍ମଚାରୀମାନେ "ଗ୍ରୋ ମୋର ଫୁଡ୍" ପାଇଁ ଅଣିଆ ଅଡ଼ିଆ ଲାଗି ପଡ଼ିଥିଲା ପରି ଦେଖା ଯାଉଛି । କିନ୍ତୁ ଏଥିପାଇଁ ଯେଉଁ ବିହନ ଯୋଗାଣର ବ୍ୟବସ୍ଥା ଅଛି ତାହା ଫଳରେ Grow more ଠାରୁ eat more ହୋଇ ଯାଉଛି କେଣି । ଅସମୟରେ ବିହନ ପାଇ ଲୋକେ ତାକୁ ଖାଇ ଯାଉଛନ୍ତି ।

ରସାୟନିକ ସାର ମିଳୁ ନାହିଁ । ପିଡିଆ ଦୁଷ୍ପ୍ରାପ୍ୟ । ଏଥିପାଇଁ ସରକାର ବହୁତ ପିଡ଼ିଆ ଆଣାଇ ବଣ୍ଟି କରିବେ ବୋଲି ଲେଖା ଯାଉଛି । ମାତ୍ର ପିଡ଼ିଆର ଦେଖା ଦର୍ଶନ ନାହିଁ । ଅଖୁ ଫସଲ ସରିଲେ ପିଡିଆ ଆସିବ ହୁଏତ ।

ଗତବର୍ଷ ଆଳୁ ବିହନ ସରକାର ଯାହା ଯୋଗାଇ ଥିଲେ ତାହାର ଦୋଷରୁ ଆଳୁ ଫସଲ ନଷ୍ଟ ହୋଇଗଲା । ଏଥର ଆଶାକରୁଁ ସେ ଭୁଲ ପୁଣି ହେବ ନାହିଁ ।

❊ ❊ ❊

'ଘଇତା ପଛକେ ମରୁ—ସଉତୁଣୀ ରାଣ୍ଡ ହେଉ' ବୋଲି ଯେଉଁମାନେ ପାରଳାଙ୍କୁ ମଝି ନଈରେ ପକାଇ ଦେଇଥିଲେ, ଶୁଣା ଯାଉଛି ସେମାନଙ୍କ ମଧ୍ୟରୁ ଅନେକ ଅନୁତାପ କରି ପ୍ରାୟଶ୍ଚିତ୍ତ କରିବାକୁ କବୁଲ କଲେଣି । ଏଥିରୁ ଯଦି ପୁଣି 'ଜନପ୍ରିୟ' ଓ 'ଲୋକ ପଛନ୍ଧି' ମନ୍ତ୍ରୀମଣ୍ଡଳଟାଏ ପୁଣି ମଶାଣି ଚେଇଁ ଉଠେ, ତେବେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କାରଣ ଓଡ଼ିଶା ଅଜଗୁବ ( miracle ) ର ମୁଲକ । ଏଥର କିନ୍ତୁ ତିନି ବଦଳରେ ତିରିଶ ମନ୍ତ୍ରୀ ଦେଖିଲେ ଆମେ ଖୁସି ହେବୁଁ । ଗରିବ ଓଡ଼ିଶା ଅନ୍ତତଃ ଏ କାଳ ମହୁରଗଟା କଅଁଶିହି ଏତେକ ଦେଇ ପାରିବ କିଛିଦିନ ।

× × ×

Digitized by srujanika@gmail.com

ମଜାକଥା .....

ମତାର୍ତ୍ତ -

# ତାଳ ବେତାଳ ଗଳ୍ପ

( ଲକ୍ଷ୍ମୀକାନ୍ତ )

ତାଳବେତାଳ କହିଲେ,

ହେ ମହାରାଜ, ଆପଣ ପୁରୁଣାକାଳିଆ ଲୋକ ହେଲେ ମଧ୍ୟ ବିଦ୍ୱାନ, ନୀତିଜ୍ଞ ଓ ବହୁଦର୍ଶୀ । ସେଥିପାଇଁ ପଚାରୁଛି 'ଲଭ' (love) ନାମକ ଏକ ଅନିର୍ବଚନୀୟ ସୂକ୍ଷ୍ମ ପଦାର୍ଥର ଏକାଳରେ ଯେ ଆମଦାନି ହୋଇଛି, ତାହା ସମ୍ବନ୍ଧରେ ଶ୍ରୀମନ୍ତଙ୍କ କିଛି ପରିଗମ ଅଛି କି ?

ରାଜା ବିକ୍ରମାଦିତ୍ୟ କହିଲେ, "ହେ ତାଳବେତାଳ, ଲଭ୍ ମୁଁ ଜାଣେ । ଆମ ସେକାଳରେ ମଧ୍ୟ ତାହା ବିଦ୍ୟମାନ ଥିଲା, ମାତ୍ର ଅନ୍ୟ ନାମରେ ଏବଂ ଏତେ ବ୍ୟାପକ ଭାବରେ ନୁହେଁ । ସେତେବେଳେ ଏହା କେବଳ ଯୁବକ ଯୁବତୀଙ୍କ ଭିତରେ ଆବଦ୍ଧ ଥିଲା; ମାତ୍ର ବର୍ତ୍ତମାନ ଶିଶୁ ଓ ବୃଦ୍ଧଗଣ ଏହାର ଅଧିକ ଉପାସକ । ଅନ୍ତୁର ମଧ୍ୟ ବିଜ୍ଞାନ ପ୍ରଗତିରେ ଏହା ସମଜାତୀୟ ବ୍ୟକ୍ତିଙ୍କ ମଧ୍ୟରେ ( ଅର୍ଥାତ୍ ପୁରୁଷ-ପୁରୁଷ ଓ ନାରୀ-ନାରୀ ମଧ୍ୟରେ ) ଏବେ ପ୍ରାଦୁର୍ଭୂତ ହେଉଅଛି ଏବଂ ବିଦ୍ୟାମନ୍ଦିର ମାନଙ୍କରେ ପ୍ରଖର ଗତିରେ ସଞ୍ଚରିତ ହେବାର ଦେଖା ଯାଉଅଛି ।

ତାଳବେତାଳ କହିଲେ, "ମହାରାଜ ଏବେ ଗୋଟିଏ କାହାଣୀ ଶୁଣିବାକୁ ଆଜ୍ଞା ହେଉ ।

ଏକଦା କଲେଜ ନାମରେ ପ୍ରଗତିଶୀଳ ଏକ ଉଚ୍ଚ ପ୍ରାସାଦ ମଧ୍ୟରେ ସତ୍ୟ ଓ ମୁନା ବୋଲି ଦୁଇଟି ଯୁବକ ଯୁବତୀ ବିଦ୍ୟାଧ୍ୟୟନ କାର୍ଯ୍ୟରେ ସାହଚର୍ଯ୍ୟ କରୁଥିଲେ । ଆଶ୍ଚର୍ଯ୍ୟ ହେବେନାହିଁ—ଏକ ସଙ୍ଗରେ ନାରୀ ଓ ନର ନାମକ ସଂପୂର୍ଣ୍ଣ ବିରୁଦ୍ଧ ଜାତିର ଜୀବ କିପରି ନିଷ୍କାମ ହୋଇ ରହୁଥିଲେ । ଆଧୁନିକ ଯୁଗରେ ମନୀଷୀଗଣ ଏହା ବୈଧ ଓ ଜୀବନ ଗଠନରେ ପୁଷ୍ଟିକର ବୋଲି କହିବାରୁ ନିମ୍ନଠାରୁ ଉଚ୍ଚଯାଏ ସମସ୍ତ ବିଦ୍ୟାଳୟରେ ନରନାରୀଙ୍କୁ ସମ୍ମିଳିତ ଓ ସହଶିକ୍ଷା ଦିଆଯାଉଅଛି । ନାରୀ ମୁଖ ଦର୍ଶନ ବିବର୍ଜନ ମାନସିକତା ଏବେ ଅତି ବର୍ବର, ଅନୁନ୍ନତ ପୁରୁଣାକାଳିଆ ଭାବ ବୋଲି ଦୂର କରି ଦିଆ ହୋଇଅଛି । ଯେଉଁ ଲଭ love ମାନବ ଜୀବନର ସର୍ବାଧିକ ପରିଗୃହୀତ ଶକ୍ତି ତା'ର ପ୍ରଥମ ଶିକ୍ଷା ଦିଆ ହେଉଛି ସ୍କୁଲମାନଙ୍କରେ । ପିଲାଏ ଶ୍ୱାନ-ଶାବକ-ପ୍ରେମ ( puppy love )-ପ୍ରଥମେ ଶିକ୍ଷା କରୁଛନ୍ତି ସହବିହାର ଦ୍ୱାରା । ଗୀତାରେ କହିଛି—ସଙ୍ଗାତ୍ କାମଃ ପ୍ରଜାୟତେ ।

ହଁ, ସତ୍ୟ ଓ ମୁନା କ୍ଲାସରେ ଚମ୍ପୁ ଚମ୍ପୁ ଲଭର ଉପାସନା ଆରାଧନା କରିବାକୁ ଲାଗିଲେ । ଆଗେ ଆଗରେ ଅ[illegible] ଭାବ ବିନିମୟ ଚାଲିଲା । ପୂର୍ବକାଳରେ ଆଖିରୁ କଟାକ୍ଷ ବାଣ ବିକ୍ଷେପ କରୁଥିଲା ଓ ଧାରି ଦେଉଥିଲା । ଏବେ ପ୍ରେମା-ରୂପ କଠିନ ବସ୍ତୁର ଇତରବଳ ପାଇ ଆଖି ବନ୍ଧ ବା ହାର୍ଣ୍ଣି ପାରୁନାହିଁ । କେବଳ ଗୁଣୁଣୀରେ କାହାଣୀ ଚାଲିଛି ।

ଆଗେ ପ୍ରେମିକମାନେ ଅଳତା, କଜ୍ଜଳ ବା ରକ୍ତ ବାହାର କରି କାଗଜ ମୁନରେ ଚିଠାଉ ଲେଖୁଥିଲେ, ଏବଂ ଦୂତ ଦୂତୀ ଲୋଡ଼ା ପଡ଼ୁଥିଲେ । ଏବେ କିନ୍ତୁ ସ୍ୱରକଲମ ଓ ଡାକଘର ପ୍ରଭାବରୁ ସେ ବିଷୟରେ କିଛି ଦରକାର ନାହିଁ ।

ସତ୍ୟ ଓ ମୁନାଙ୍କ ମଧ୍ୟରେ ଲଭ୍ ବଢ଼ିବାକୁ ଲାଗିଲା । ସେମାନେ ହଳପ କରିନେଲେ ଯେପରି ହେଉ ସ୍ୱାମୀ ସ୍ତ୍ରୀ ରୂପେ ଚିରବନ୍ଧନରେ ଆବଦ୍ଧ ହେବେ ।

ମାତ୍ର ସେଥିରେ ଗୋଟିଏ ପ୍ରଧାନ ବାଧା ଥିଲା । ସତ୍ୟ ଥିଲା ବଙ୍ଗାଳୀ ବ୍ରାହ୍ମଣର ପୁଅ ଓ ମୁନା ଥିଲା ଓଡ଼ିଆ କରଣ ଘର ଝିଅ । ଅନ୍ତର୍ଜାତୀୟ ବିବାହ ପାଇଁ ତ ଦେଶ ବା ସମାଜ ପ୍ରସ୍ତୁତ ନ ଥିଲା । ଗୁରୁଅତେ ଏପରି ବାଧା ଉଠିଲା ଯେ ତାଙ୍କ ବିବାହ ହେବା ଅସମ୍ଭବ ହୋଇ ପଡ଼ିଲା । ତେଣୁ ଦୁହେଁ ସିଭିଲ ମ୍ୟାରେଜ କରିବା ପାଇଁ ମନସ୍ଥ କଲେ । ଏ କଥା ଛପି ରହିଲା ନାହିଁ । ଉଭୟଙ୍କ ବାପ ମା ଶୁଣିଲେ । ଦୁହିଙ୍କର କଲେଜ ପଢ଼ା ରହିତ ହେଲା । ମୁନାର ବାହାରକୁ ଯିବା ଆସିବା ବନ୍ଦ ହୋଇଗଲା ।

ଦୁଇ କରଣ ଲଭର ତନ୍ତୁ ଚିଠି ପତ୍ର ଦ୍ୱାରା ସ୍ଥିର କରିନେଲେ ଯେ ଦୁହେଁ ଏକସାଙ୍ଗରେ ଗାଢ଼ ଆଲିଙ୍ଗନ ବଦ୍ଧ ହୋଇ ନଈରେ ବୁଡ଼ି ମରିବେ । ଜୀବନରେ ଯାହା ହୋଇ ନ ପାରିଲା ମରଣରେ ତାହା ଅକ୍ଷୟ ହୋଇଯିବ । ସେଥିରେ ବାଧା ଦେବାର କେହି କାହାର ନାହିଁ ।

ନିର୍ଦ୍ଧାରିତ ବେଳରେ ଦୁହେଁ ନଈ କୂଳରେ ଉପସ୍ଥିତ । ଏତେଦିନ ବିରହର ରୁଦ୍ଧ ଆବେଗ ଗୁଡ଼ିକ ବାହାର କରୁଁ କରୁଁ ଅନେକ ସମୟ କଟିଗଲା । ଜହ୍ନ ଉଠ । କୂଳ ଉଜ୍ଜ୍ୱଳା

Digitized by srujanika@gmail.com

ନଈ ଚନ୍ଦ୍ର କିରଣରେ ଝଲସି ଉଠୁଛି । ଏହାଠାରୁ ବଳି ଭଲ ରୋମାଞ୍ଚକର ( romantic ) ମୁହୂର୍ତ୍ତ ଜୀବନରେ ଆଉ କଣ ଥାଇ ପାରେ !

ସତ୍ୟ କହିଲା, "ମୁନା, ଡାର୍ଲିଂ, ବେଳ ହୋଇଗଲା ଅମର, ଚାଲ । ଏଇ ଶୁଭ ମୁହୂର୍ତ୍ତରେ ଆମ ଲଭକୁ ଚିର ଅମୃତମୟ କରି ଦେବା ।"

"ହଁ, ଚାଲ" ବୋଲି କହି ମୁନା ବାହାରିଲା ।

ନଈ ଅଢ଼ରେ ଠିଆ ହୋଇ ମୁନା କହିଲା, "ଡିଅ ।"

ସତ୍ୟ କହିଲା, "ଦୁହେଁ ଧରାଧରି କଣ୍ଢାକଣ୍ଢି ହୋଇ ଡେଇଁବା ଚାଲ !"

"ତୁମେ ପହଁରି ଜାଣ ?" ମୁନା ପଚାରିଲା ।

"ନାହିଁ ।" ସତ୍ୟ କହିଲା ।

"ତେବେ ଦୁହେଁ ଏକାସାଙ୍ଗରେ ବୁଡ଼ିବା ।"

"କେହି ବି ଦେଖିବେ ନାହିଁ, କେହି ଜାଣିବେ ନାହିଁ; ଏକା ଏଇ ଚନ୍ଦ୍ର ଛଡ଼ା ।"

"ସେଇ ଅମର ଲଭର ସାକ୍ଷୀ ।"

"ହଉ, ଆଉ ଡେରି କଣ ? ଆସ ।"

"ତମେ ଡେଇଁ ନା ।"

"ଆଉ ତମେ ?"

"ମୁଁ ପଛେ ଡେଇଁବି ।"

"ତେବେ ସାଙ୍ଗରେ ଡେଇଁବା କଥା ହେଲାନି ।"

"ଲଭ୍ କଣ ? ଫ୍ରି ଲଭ୍‌ରେ ବାଧ୍ୟ ବାଧକତାଟା ମହତ୍ତ୍ୱ ନୁହେଁ ତ !"

"ହଉ ତୁମେ ଆଗେ ଯା ।"

"ନାଇଁ, ତମେ ଯା—ମୁଁ ତା ପଛେ ।"

ଏଇପରି ଜଣେ ଆଗେ ଡେଇଁବ ଆଉ ଜଣେ ପଛେ ଡେଇଁବ ବୋଲି କଥା ଛିଡ଼ିଲା ନାହିଁ । ରାତି ପାହିଗଲା । ଯେଝା ଘରକୁ ସେଝା ଫେରି ଆସିଲେ ।

ଏବେ ମହାରାଜ କହନ୍ତୁ ଏହାର କାରଣ କଣ ?

ରାଜା ବିକ୍ରମାଦିତ୍ୟ କହିଲେ—"ହେ ତାଳବେତାଳ, ତୁମେମାନେ ମୋତେ ଗୋଟିଏ ଅତି ଜଟିଳ ପ୍ରଶ୍ନ ପଚାରିଛ । ମାତ୍ର ମୁଁ ତାର ଉତ୍ତର ଦେବି ।"

ମୁନା ଭାବିଲା ଯେ ସତ୍ୟ ଡେଇଁ ପଡିଲେ ସେ ଲେଉଟି ଆସିବ ଓ ଚିର କୁମାରୀ ରହି ସତ୍ୟର ସ୍ମୃତିକୁ ପୂଜା କରିବ । ତା ମତରେ ଏଇ ଚିର ବିରହ ବେଦନା ଉପଭୋଗ ଜନିତ ଆତ୍ମତ୍ୟାଗରେହିଁ ଲଭର ମହତ୍ତ୍ୱ ।

ପୁଣି ସତ୍ୟ ଭାବିଲା, ମୁନା ବୁଡ଼ିମଲେ ସେ ଏକା ଫେରି ଯିବ ଓ ଉଦ୍‌ଭ୍ରାନ୍ତ ହୋଇ ରାତି ରାତି ଦୁଃଖ ଫେସନର ଗଦ୍ୟ କବିତା ଲେଖିବ । ଏଇଥିରେ କରିବ ମୁନାର ସ୍ମୃତି ପୂଜା ।

ତାଳବେତାଳ ରାଜାଙ୍କୁ ସାଧୁବାଦ ଦେଇ ଶିଂଶୁପା ବୃକ୍ଷରେ ଲଗ୍ନ ହେଲେ ।

——*——

## କୁତକୁତୁ

"କାହିଁକି କାନ୍ଦୁଚୁରେ ପୁଅ ?"

"ମତେ ଧୁନ ଗୁଧୁଡ଼ାଏ ପକେଇଲା ।"

"ତୁ ତାକୁ ଗୁଧୁଡ଼ାଟାଏ ପକେଇଲୁ ନାହିଁ କାହିଁକି ?"

"ତା ହେଲେ ପୁଣି ତାର ପାଳି ପଡ଼ିବ ସେଇଯୋଗୁ"

× + +

ଶିକ୍ଷକ—କାଲି ସ୍କୁଲ୍ କ୍ଲାସରେ ତୋ ଗୋଡରେ ବେଣ୍ଡେଜ ବନ୍ଧା ହୋଇଥିଲା ଆଜି ଦେଖୁଚି ତୋ ହାତରେ-କଥା କଣ ?

ଛାତ୍ର—ସାର୍ ମୋ ବାପା ଫାଷ୍ଟଏଡ୍ ଶିଖୁଚନ୍ତି

+ + +

ମେଘୁ ମନଦୁଃଖରେ ବସିଥିଲା । ଧୀରୁ ଆସି ପଚାରିଲା, "କଣ ହେଇଚି କି ତୋର ?

ମେଘୁ—କାଲି ସଭାରେ ଅନାମ ମତେ ମିଛୁଆ ବୋଲି କହିଲା ।

ଧୀରୁ—ଏଇ କଥାକୁ ଏତେ ଦୁଃଖ କରୁଚୁ ? କିଛି କାରଣ ନଥାଇ ମିଛୁଆ କହିବାଟା ତ ଆଜିକାଲି ଖୁବ ସାଧାରଣ କଥା !

ମେଘୁ—କିନ୍ତୁ ସିଏ ପ୍ରମାଣ କରି ଦେଲା ଯେ !

Digitized by srujanika@gmail.com

କାହାଣୀ......

# "ଶେଷ ଉତ୍ତର"

ଲେଖକ—ଶରତ୍‌କାନ୍ତ ଭୂୟାଁ

**ବାରଟା** ବାଜିବାକୁ ଦଶ ମିନିଟ ବାକି । ସାନ ଡାକ୍ତରଖାନାଟି, ରୋଗୀ କମ୍.........ବଡ଼ ଜୋର ଦିନକୁ ୮, ୧୦ × × . ସାଙ୍ଗ ନାହିଁ, ସାଥୀ ନାହିଁ ନୀରବ, ନୀରସ ସାହାରା ମରୁଦ୍ୟାନ, ତଥାପି ଗ୍ରହଣ କରିଛି —ପୁଣି ମନୁଷ୍ୟର ଜୀବନ ନେଇ ଖେଳ ଅମରେ ।

"Health Magazine"ଟା ଉପରେ ପୁଣି ଥରେ ଆଖି ବୁଲାଇ ନେଲି ।

"ଡାକ୍ତର ବାବୁ ଔଷଧ ଟିକିଏ ଦେବେ !"

ବାଳିକା କଣ୍ଠର ମିନତିଭରା ସ୍ୱରରେ ଏ କେତୋଟି ପଦ କଥା ମୋ କାନରେ ବାଜିଲାପରି ପ୍ରାଣରେ ଅନୁଭବ କଲି ଗୋଟାଏ ପୁଲକ । ଅପଲ ଯୌବନା ବାଳିକାଟିଏ । ବେଣୀର ରିବନ୍‌ଟାକୁ ବାଁ ହାତର ଚାରି ଅଙ୍ଗୁଳିରେ ଗୁଡ଼ାଇ ଗୁଡ଼ାଇ କହିଲା "କାଲି ଭାରି ଜର" ମୁଁ ପଚାରିଲି 'ନାଁ କଣ'?

ମଂଜୁରାଣୀ.........

ବାଃ ଚମତ୍କାର ନାଁ ତ ? ପ୍ରେସକ୍ରିପସନ ଲେଖି ବସିଲି । ରୋଗୀ କହି ସାରିବା ପୂର୍ବରୁ ପ୍ରେସକ୍ରିପସନଟା ଲେଖା ସରିଥାଏ.........କିନ୍ତୁ ସେଦିନ ସବୁ ଶୁଣିବାକୁ ପଡ଼ିଲା । "ତୁମେ ବସ ମଂଜୁ, ମୁଁ ଔଷଧ ଆଣେଇ ଦଉଛି"

"କମ୍ପାଉଣ୍ଡର ବାବୁ ଏ ଔଷଧଟା ତିଆର କରି ଦିଅନ୍ତୁତ !" କମ୍ପାଉଣ୍ଡର ଆସି ପ୍ରେସକ୍ରିପସନଟା ନେଇଗଲେ ।

ବାଳିକା ବସିଲା । ମୁହଁଟି ତାର ବଇଶାଖୀ ଖରା ଝାଞ୍ଜିରେ ମଉଳା ଗୋଲାପ କଢ଼ିଟି ପରି—ମୁଣ୍ଡର ବାଳ ଗୁଡ଼ାକ ଅଲଗା ହୋଇ ମୁହଁ ଉପରେ ସତେକି ଫଣୀ ପରି ଉଡି ବୁଲୁଛି ।

ମୁଁ ପଚାରିଲି "ଆଜି ମଞ୍ଜୁ; ଜର ବାହିଁକି ହେଲା ।'

ଦାଦା କହିଲେ ଇନ୍‌ସପେକ୍ଟର ଆସିବେ—ଫୁଲ ଆଣିବ ଫୁଲ ଘର ସଜାହେବ; ବାହାରରେ ବୁଲି ବୁଲି ଫୁଲ ସାଉଁଟିଲି—ପାଣିରୁ କଇଁ ଆଣିଲି......ଜର ହେଲା......

କମ୍ପାଉଣ୍ଡର ବାବୁ ଔଷଧ ଦେଇଗଲେ.........ମୁଁ କହିଲି "ଏଇ ନିଅ ଔଷଧ, ଦିନରେ ତିନିପାଳି ଆଉ ମୋଟେ ଜର ହେବନି—ଆଉ ଶୁଣ......ସେପରିକି ମୋଟେ ଖରାରେ ବୁଲିବ ନି ।"

ସେ ଟିକେ ହସିଦେଇ କହିଲା "ନମସ୍ତେ, ମୁଁ କାଲି ଆସିବି ଯେ—"

ମୁଁ ଚାହିଁ ରହିଲି ତା ଗଲା ବାଟକୁ ।

( ୨ )

ଚାରି ବର୍ଷର ବାଳିକା......ଯୌବନର ଭରା ମାଦକତା ତାର ଆସିନି . ...ଗୋଲାପ କଢ଼ିଟିଏ, ତଥାପି ତାର ଗୋଟାଏ ସୌନ୍ଦର୍ଯ୍ୟ ଅଛି—ସନ୍ଧ୍ୟା ପବନରେ ସେ ଦୋହଲି ଉଠେ......ଅଳିଆ ଥିଲା ବେଳେ......ଅଳି ତାକୁ କହେ ଆଉ ବେଶୀ ଦିନ ନାହିଁ ସେ ମାଦକତା ଦେବ ତାର ଅବଶେଷ ଜଗତର ନିୟମ କଢ଼ି ଗୋଲାପ ହେବ......ତା'ର ନାଲି ଟୁକୁ ଟୁକୁ ଅଧର ଉପରେ ଅଳିର ଅଧର ପରଶ ଲାଗିବ...... ତାପରେ ପୁଣି ସେ ଝଡ଼ି ପଡ଼ିବ ତଳେ—ମୁଁ ଆଉ ଆଗକୁ ଭାବି ପାରିଲି ନ 'ମଂଜୁ' ନାଁଟାରେ ଅଛି ଗୋଟାଏ ମାଦକତା +

ତା ପରଦିନ ଠିକ୍ ଦଶଟାବେଳେ ସେ ଆସିଲା । କିନ୍ତୁ ଠିକ୍ ଗୋଟାଏ ପରୀ ପରି ସେ ନିଜକୁ ସଜାଇଛି । ମୁଁ କେବଳ ଚାହିଁ ରହିଲି ତାକୁ...ସେ କହିଲା ନମସ୍ତେ......ମୁଁ ତାର ପ୍ରତ୍ୟୁତ୍ତର ଦେଲି ତାର ଗାଲଟିକୁ ଟିକେ ଟିପି ଦେଇ...... ସେ କହିଲା "ଯାଉଛି ସ୍କୁଲକୁ, ଫେରିଲା ବେଳକୁ ମୋତେ ଗୋଲାପ କଢ଼ି ଦେବେ ତ, ଡାକ୍ତର ବାବୁ !"

ମୁଁ କହିଲି 'ନିଶ୍ଚୟ ...ତେବେ କଢ଼ି ଉପରେ ଏତେ ଶ୍ରଦ୍ଧା କାହିଁକି ? ନିଜେ କଢ଼ି ବୋଲି ନା କଣ !'

ସେ କହିଲା "ଚୁପ୍, ଭାରି ଦୁଷ୍ଟ ତୁମେ ଡାକ୍ତର ବାବୁ ।"

ଏତିକି କହି ଦେଇ ଦୌଡ଼ି ପଳାଇଲା, ଆଉ ମୋତେ ଭାବିବାକୁ ଦେଇଗଲା ଚାରି ବର୍ଷର ବାଳିକାଟି ହୃଦୟର ଅକୁହା କଥା କେତେ......

ଘଣ୍ଟାଟା ବେଳକୁ ବଗିଚାରୁ ସୁନ୍ଦର ପଚିଶଗୋଟା କଢ଼ି ଗୁଡ଼ାଏ ଆଣି ଟେବୁଲ ଉପରେ ସଜାଡ଼ି ରଖିଲି ତା'ରି ପାଇଁ ......ଟିକ୍, ଟିକ୍, ଟିକ୍,......ଘଣ୍ଟାଟା କ୍ଲକ୍ ଚାଲିଛି ଅବିରାମ ଗତିରେ......ଦୁନିଆକୁ ଭ୍ରୂକ୍ଷେପ ନ କରି । ମନ ମୋର ଚେଷ୍ଟା କରୁଛି ତା ସାଥିରେ ଦୌଡ଼ ଦେବାକୁ... କିନ୍ତୁ

Digitized by srujanika@gmail.com

ପାରି ନା । ଯିଏ ପାରିଛି ସେ ହୋଇଛି 'ମାନବ' ଯିଏ ପାରିନି ସେ ହୋଇଛି ନଗଣ୍ୟ...ଦାସ ।

( ୩ )

"ବାବୁ ବୋଉ ଆସ ନହିଁଅ ବୋଉ ମରିଯିବ ।" ମୋ କୋଟା ଉପରେ ମୁଣ୍ଡଟାକୁ ଠୋ କରି ପିଟିଦେଇ ଝିଅଟାରୁ ଟଙ୍କାଟା କାଢ଼ିଦେଇ ତଳେ ଥୋଇଦେଲି... ବଡ଼ ବିରକ୍ତି ଲାଗିଲା...ମଂଜୁ ଅହିବ ଠିକ୍ ୪ଟା ବେଳେ । ମୁଁ କେବେ ଯାଇ ପାରିବି ନାହିଁ—ତା ପରେ ଫିସ୍ ଟଙ୍କାଟାଏ...ମୋତେ ଅପମାନ ନୁହେଁ...ମୋର ଡ଼ିଗ୍ରୀକୁ ଅପମାନ++++ ଠିକ୍ ଏତିକିବେଳେ ପୁଣି କଲେଜର ସ୍ମୃତି । ସାନ ଡାକ୍ତରର ଦାମ ଯେତେବେଳେ ଏମାନେ ଦେଇ ଜାଣି ନାହାନ୍ତି ବଡ଼ର ବା ମର୍ଯ୍ୟାଦା ରଖିବେ କଅଣ ? ମୁଁ ଗୋଡ଼ରେ ତା ମୁଣ୍ଡଟାକୁ ଆଡ଼େଇ ଦେଲି...ସେ କହିଲା ବାବୁ ଘରକୁ ଗଲେ ମୁଁ ଅଧିକ ଟଙ୍କାଟାଏ ଦେବି...ସେତିକି ରଖିଛି ନହିଁଅ ବୋଉର ପଥ୍ୟ ପାଇଁ...ବାବୁ ମୁଁ ବଡ଼ ଗରିବ...ତା ଜୀବନ ରଖ ବାବୁ...ମୋ ନହିଁକୁ ଚାହିଁବା ପାଇଁ କେହି ନାହିଁ ବାବୁ...

ଷ୍ଟେଥସ୍କୋପ୍‌ଟା ବେକରେ ଝୁଲାଇ ଝୁଲାଇ କହିଲି "ଆରେ ଯା ମ ତୋ'ର ପରି ଗରିବ କେତେ ମରୁଛନ୍ତି ଏଇ ଡାକ୍ତରଖାନାରେ ତାର ଖବର ରଖି ଲାଭ......ଏତେ ଚେଷ୍ଟା କରୁଛୁଁ ଆମେ; ବଞ୍ଚୁ ନା...କିଏ ମନା କରୁଛି... ଟଙ୍କାଟାଏ ଦେଇ କେତେ କଥା କହି ଗଲୁଣି ବଦମାସ... ଅସଭ୍ୟ, ମୁଁ ଯାଇ ପାରିବି ନାହିଁ ...ଏଟା ମୋତେ ଅପମାନ ମୋର ସବୁକୁ ଅପମାନ...Get out, 'ରମ' 'ଏ ରାମ'... ଏଟାକୁ ଧକା ଦେଇ ବାହାର କରିଦେ......

"ଡାକ୍ତର ବାବୁ ଆପଣ ସତ କହୁଛନ୍ତି ଯିବେ ନ ?" ଏଏ "ମଂଜୁ" ନଅ ଭୁମ ଫୁଲ ନଅ......

ମଂଜୁ ଟିକେ ମଉଳା ହସ ହସି କହିଲା "ସିମିତି ହେବ ନି" "ହେଉ ମୁଁ ଦଉଡ଼ି ନଅ" କହି ତା ମୁଣ୍ଡଟାକୁ ଟାଣି ଆଣିଲି ମୋ ଛାତି ଉପରକୁ ଆଉ ତା ଖୋସାରେ ଚିକେଇ ଦେଲି ଗୋଟାଏ ଲାଲ ଗୋଲାପ କଢ଼ି......ସେ ଢଳି ପଡ଼ିଲା ମୋ କୋଳ ଉପରକୁ, ପୁଣି ଥରେ ପଚାରିଲା

"ଡାକ୍ତର ବାବୁ ଯିବେ ନା ଆପଣ ଆମ ଘରକୁ ?" ଭୁମ ଘରକୁ ! ନିଶ୍ଚୟ ଯିବି"...ସେ ମୋ ଡାହାଣ ହାତଟି ଧରି ଚାଲିଲା ଆଗେ ଆଗେ...ମୁଁ ଯନ୍ତ୍ର ଚାଳିତ ପରି ଚାଲିଲି ତା ପଛେ ପଛେ......

( ୪ )

ସେଇ ଲୋକଟା ଇଏ...ନହିଁଅ ମା ପାଇଁ ଯିଏ ଯାଇ ଥିଲା..."ବାବୁ ଆସିଗଲେ" ତା ମୁହଁରେ ଫୁଟି ଉଠିଲା ଗୋଟାଏ ହସର ରେଖା......

ମୁଁ କହିଲି "ମଂଜୁ—

ମୋ କଥା ଛଡ଼ାଇନେଇ ମଂଜୁ କହିଲା "ହଁ ଡାକ୍ତର ବାବୁ, ସେ ମୋର ଦାଦା, ... ... ... ମୁଁ କହିପକାଇଲି ଆବେଗରେ......ସତେ ନା;

କିନ୍ତୁ ... ... ସେତେବେଳକୁ ନହିଁଅ ମା'ର ଜୀବନ ବୋଇତ ଚାଲିଥିଲା ... ... ଅଜଣା ରାଇଜର ଧ୍ରୁବତାରାର ସନ୍ଧାନରେ......ମୁଁ କହିଲି hopeless...... ମଂଜୁ ଚାହିଁ-ରହିଲା ମୋ ମୁହଁଆଡ଼େ ।

ଫେରି ଆସିଲି ଘରକୁ × + × ମଂଜୁର କାନ୍ଦ ଦେଖିବାକୁ ମୁଁ ନଥିଲି ସେଠି ।

ଦିନ କେତୋଟି ଯାଇ ଗୋଟାଏ ମାସର ସୃଷ୍ଟି କରିଛି—ମୁଁ କିଂତୁ ମଂଜୁକୁ ଦେଖିନି ...... ଖାଲି ଶୁଣେ ତା ଦେହ ଖରାପ—ମନ ଭିତରେ ଉଠେ ଗୋଟାଏ ଦୁଃଖର କୋହ... ବଡ଼ ବେଦନା ନେଇ ମୁଁ ତାକୁ ଚାପି ଧରେ ।

ହଠାତ୍ ସେ ଲୋକଟି ଆସିଲା ।

କହିଲା ଡାକ୍ତର ବାବୁ—ଶୀଘ୍ର ଆସ, ମଂଜୁ—

ମୁଁ ଆଉ ଶୁଣି ପାରିଲି ନି— ଉଠିଗଲି ପାଗଳଙ୍କ ପରି ।

ମଂଜୁ ଶୋଇଛି ଗୋଟାଏ ଖଟ ଉପରେ—ଆବେଗରେ ତା ହାତ ଦୁଇଟି ଧରି ପକାଇ କହିଲି ମଂଜୁ ମୁଁ ଆସିଛି ।

ସେ ଟିକେ ହସିଲା କେବଳ...ମୁଁ କାନରେ ଷ୍ଟେଥସ୍କୋପ ଲଗାଇ ତାକୁ ଏକଜାମିନ୍ କଲି...ସେ କାଶି ଉଠିଲା ଜୋରରେ... କାଶରେ ଝଲକାଏ ରକ୍ତ...ପୁଣି ଥରେ—ଠିକ୍ ସେଇ ତାଜା ନାଲିଆ ରକ୍ତ, ମୁଣ୍ଡ ଭିତରେ ମୋର ସବୁ ଗୋଳମାଳ ହୋଇଗଲା...ଆଖି ଆଗରେ ମୋର ନାଚି ଉଠିଲା T. B....ଯେଉଁଥିରୁ କେହି କେବେ ଫେରିନି

( ଅବଶିଷ୍ଟାଂଶ ୭ମ ପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com

# କାଳିଆ ବଳଦ ଗଲ୍ପାଗଲ୍ପା

ସଂଗ୍ରାହକ—ଦେବ ମହାପାତ୍ର

ବାପା—ହଁ, ତୁ ଯେତେବେଳେ ମୋ ଭଳି ବଡ ହୋଇ ଯିବୁ ମୁଁ ଯେତେ ରୋଜଗାର କରୁଚି ସେତିକି ରୋଜଗାର କରି ପାରିବୁ ।

ପୁଅ—କିନ୍ତୁ ବାପା ମୋ ଇଚ୍ଛା ହଉଚି ବୋଉ ଯେତେ ଖର୍ଚ୍ଚ କରୁଚି ସେତେ ଖର୍ଚ୍ଚ କରିବା ପାଇଁ ।

\+ × ×

ବୁଲୁ ଟଣ୍ଡିଆ ଦଣ୍ଡିଆ ହୋଇ ଘରକୁ ଲେଉଟିଲା, ବଉ କହିଲା—ପୁଣି ମାଡ଼ ଗୋଳ କରୁଥିଲୁ ? ମୁଁ ସବୁ ଥର କହିଥିଲି ଯେ ଯେଉଁ କେତେବେଳେ ତୋର ରାଗ ହୋଇଯିବ ତେବେ ଏକରୁ ଶହେ ପର୍ଯ୍ୟନ୍ତ ଗଣିବୁ, ତା ପରେ ଯାଇ କିଛି କରିବୁ !

ବୁଲୁ—ହଁ ବୋଉ ଜାଣିଚି କିନ୍ତୁ ଆଉ ସବୁ ପିଲାମାନଙ୍କର ବୋଉ ତାଙ୍କୁ କହିଚନ୍ତି ଏକରୁ ପଚାଶ ଯାଏଁ ଗଣିବା ପାଇଁ । + × ×

ମାନେଜର—ଆପଣଙ୍କର କୌଣସି ପତ୍ରିକାରେ କାର୍ଯ୍ୟ କରିବାର ଅଭିଜ୍ଞତା ଅଛି କି ?

ନବୀନ ଲେଖକ—ନାହିଁ, କିନ୍ତୁ ମୁଁ ଆମ ସ୍କୁଲ ମାଗାଜିନର ସମ୍ପାଦକ ହୋଇ ଥିଲି ।

ମାନେଜର—କଣ କହିବି ମୁଁ ଭାରି ଦୁଃଖିତ ଆମର ସମ୍ପାଦକଟିଏ ଅଛି ।

× + ×

ବନ୍ଧୁ—ତମେ ତମ ଟୁର୍ ଭିତରେ କାଶ୍ମୀର ଯାଇ ଥିଲ ତ ?

ସ୍ତ୍ରୀଲୋକ—(ଯେ ଇଣ୍ଡିଆ ଟୁରରୁ ଫେରିଚନ୍ତି) 'ମୁଁ ଠିକ କହିପାରୁନି, ଜାଣିଚ ତ ଆମ ବାବୁ ସବୁଠି ଟିକେଟ୍ ଖରିଦ୍ କରୁଥିଲେ ।

× × +

---

ମୁଁ କହିଲି ମଂଜୁ......ତୁମକୁ ଯିବାକୁ ଦେବି ନି......ତୁମେ—ମଂଜୁ ଟିକେ ହସି କହିଲା......ମୁଁ ତ ସେଇଆ ଚାହେଁ......ତଥାପି ମୁଁ ଗରିବ, ଡାକ୍ତର ବାବୁ ତମକୁ କଣ ଫିସ ଦେବି ? ସେଦିନ ମୋର ବେଶ୍ ମନେ ଅଛି...ଗରିବ ବୋଲି ମୋର ଦାଦାକୁ ଯାହା କହିଥିଲ ତୁମେ ......ମୁଁ କହିଲି ମଂଜୁ ଭୁଲିଯା, ସେ ଦୁଃଖ.........ମୁଁ ତ ଜାଣି ନ ଥିଲି ସେ ତୁମର ଦାଦା ବୋଲି.........ସେ କହିଲା ନିଶ୍ଚୟ...କେବଳ ସେଇ ତ ଗରିବ ନାହିଁ, ଦୁନିଆରେ ଅନେକ ଅଛନ୍ତି......ଆଜି ତୁମେ ଏଠିକି ଆସିଛ ତୁମ ମଂଜୁ ପାଇଁ...ଗରିବର ସେବା ପାଇଁ ନୁହେଁ......ଆଖିରେ ତାର ଲୁହ...ମୁଁ ରୁମାଲ କାନିରେ ତା ଆଖି ପୋଛିଦେଇ କହିଲି—ଛି କ୍ଷମାକର ମୋତେ ମଂଜୁ... ମୁଁ ପ୍ରତିଜ୍ଞା କରୁଛି...ଗରିବର ସେବାହିଁ ମୋର ଜୀବନର ବ୍ରତ + + +

ସେ ମୋ ହାତ ଦୁଇଟାକୁ ନେଇ ତା ଛାତି ଉପରେ ଭିଡ଼ି ଧରିଲା ଆଉ କହିଲା—ମୁଁ ଯାଉଛି......ମୋତେ ଆଉ ଧରି ପାରିବ ନି—କେବଳ ମୋର ସ୍ମୃତି ନେଇ ତୁମର ପ୍ରତିଜ୍ଞା ପାଳନ କରିଯା—ତୁମ ମଂଜୁର ଶେଷ ଅନୁରୋଧଟା......ସେ କାଶି ଉଠିଲା ଖୁବ ଜୋରରେ...ତା ମୁଣ୍ଡଟି ମୋ କୋଳ ଉପରେ ରଖି ମୁଁ ନେଲି ମୋ ଓଠକୁ ତା ଓଠ ଉପରକୁ......ସେ ହାତରେ ଅଟକାଇ ଦେଇ କହିଲା...ମାରାତ୍ମକ ଏ ଟେମାସିଟା.....ମୁକ୍ତି କଣ—ପୁଣି ସେଇ ରକ୍ତ

ମୁଁ ସେପାଖରେ ତୁମକୁ ଚାହିଁ ବସିଥିବି ଯେ—ବିଦାୟ ଦେବନି, ମୁଁ ଚାଲିଲି ।

ସେ ମୋ ମୁହଁରୁ କ'ଣ ଖୋଜିବାକୁ ଚାହୁଁଥିଲା—ପାରିଲା ନି । ତା ଆଖି ଆପେ ଆପେ ବନ୍ଦ ହୋଇଗଲା । ଦେହ ବରଫ ପରି ଥଣ୍ଡା, ମୁଁ ବସି ରହିଲି ସେଇଠାଏ ପଥରର ମୂର୍ତ୍ତିପରି । ଅନେକ ଆଗରୁ ତାର ଶେଷ ଇଚ୍ଛାଟା ପାଇ ସାରିଥିଲି । × + +

ମୁଁ ଡାକ୍ତର, ତାଙ୍କ ଶେଷ ଉତ୍ତରର କ'ଣ ଉତ୍ତର ଦେଇ ପାରିବି ନି......ମୋ ଆଖି ଆଗରେ ନାଚି ଉଠିଲା Compounding Room ର Poison ଆଲମାରିଟା ବାଃ ଚମତ୍କାର......କେତେ ପ୍ରକାର ବେଶ ହୋଇ ରହିଛି । ମଂଜୁ ମୋର ଚାହିଁ ବସିଥିବ ଜୀବନ ନଦୀର ସେ ପାରିରେ—ପାଗଳଙ୍କ ପରି ଧାଇଁ ଚାଲିଲି କମ୍ପାଉଣ୍ଡିଙ୍ଗ ରୁମ ଭିତରକୁ Poison ଆଲମାରି ପାଖକୁ............ ।

—: End :—

Digitized by srujanika@gmail.com

# ବହି ପତ୍ର

**ଭଞ୍ଜପ୍ରଦୀପ**—(ଦଶହରା ଓ ମକର ସଂଖ୍ୟା)
ଶ୍ରୀ ନବକିଶୋର ଦାସଙ୍କ 'ଗଳ୍ପ-ଉପନ୍ୟାସର ଗତି' ସୁଚିନ୍ତିତ ପ୍ରବନ୍ଧ । ଶ୍ରୀ ଚନ୍ଦ୍ରଧ୍ୱଜ ପ୍ରଧାନଙ୍କ 'କବି ପ୍ରସିଦ୍ଧି' ଗବେଷଣା ମୂଳକ ଲେଖା । ଶ୍ରୀ ପ୍ରଭାସ ଚନ୍ଦ୍ର ବ୍ରହ୍ମାଙ୍କର 'ଅଭିସାର' ଭାବଗର୍ଭକ କବିତା । ଏହା ଛଡ଼ା ଅନ୍ୟାନ୍ୟ ପ୍ରବନ୍ଧ ଓ କବିତା ସୁପାଠ୍ୟ ।

**ଜାଗରଣ**—(ସାହିତ୍ୟ ସପ୍ତାହ ସଂଖ୍ୟା)
ଉତ୍କଳ ସାହିତ୍ୟ ସମାଜ ଦ୍ୱାରା ଅନୁଷ୍ଠିତ ଗତ ସାହିତ୍ୟ ସପ୍ତାହରେ ପଠିତ ପୁରୋଧାମାନଙ୍କ ଭାଷଣ ଏଥିରେ ସ୍ଥାନ ପାଇଛି । ମୂଳରୁ ଶେଷ ଯାଏ ପଢ଼ିଗଲେ ଓଡ଼ିଆ ସାହିତ୍ୟର ଅବସ୍ଥା ଓ ଗତି ସମ୍ବନ୍ଧରେ ବହୁତ ଆଲୁଅ ମିଳେ । କୁମାରୀ ଶୈଳବାଳାଙ୍କ ସୁନ୍ଦର ଚଳନ୍ତି କେବଳ ଏ ସାହିତ୍ୟ-ସପ୍ତାହ ସଂଖ୍ୟାର ଜାତି ମାରି ଦେଇଛି । ଜାଗରଣ ଦେଶର ସାହିତ୍ୟକୁ ନୂଆମାରି ଜଗାଉ ଏତିକି କାମନା ।

**ସହକାର**—୪ର୍ଥ ଓ ୫ମ ସଂଖ୍ୟା ।
ଏହି ଯୁକ୍ତସଂଖ୍ୟାରେ ଗଳ୍ପ, କବିତା, ପ୍ରବନ୍ଧର ମେଳା ବସିଛି । ଶ୍ରୀ ରାଜକିଶୋର ରାୟଙ୍କ, ଗଳ୍ପ 'ଜଂମୀଦାର' ଅର୍ଥିଙ୍କିକ୍ । ଶ୍ରୀ କମଳାକାନ୍ତ ଦାଶଙ୍କ ଗଳ୍ପ 'ମନ ଉଦାର' ମନସ୍ତତ୍ତ୍ୱ କିଂ । ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ 'ଅନୁରକ୍ତ' ଅତି କ୍ଷୁଦ୍ର ହେଲେହେଁ ସୁନ୍ଦର । ଏଇପରି ଛୋଟ ଗଳ୍ପ ଆମର ବି ଲୋଡ଼ା । ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡାଙ୍କ ଗଳ୍ପ 'କଙ୍କାଳର ସ୍ୱପ୍ନ' ଖୁବ ଦରଦ ଦେଇ ଲେଖା ।

କବିତା ମଧ୍ୟରେ ଅନେକ ଉଚ୍ଚଧରଣର କବିତା ଅଛି । ସାହିତ୍ୟ ପରିଷଦର ପ୍ରାଙ୍ଗଣରେ ବସିଥିବା ବାର୍ଷିକ ସମ୍ମିଳନୀର ସଭାପତି ଅଧ୍ୟାପକ ଡା: ହରିନାରାୟଣ ସିଂହଙ୍କ ଅଭିଭାଷଣ ଏହି ସଂଖ୍ୟାର ଶ୍ରେଷ୍ଠ ସମ୍ପଦ । ଏଥିରେ ସେ ଯେଉଁ ଗଭୀର ଜ୍ଞାନ ଓ ମୌଳିକ ଚିନ୍ତାଧାରାର ପରିଚୟ ଦେଇଛନ୍ତି, ତାହା ଅତି ମୂଲ୍ୟବାନ । ବିଦେଶରେ ଥାଇ ଓଡ଼ିଆ ସାହିତ୍ୟ ସହିତ ଘନିଷ୍ଠ ସମ୍ପର୍କ ସେ ଯେ ରକ୍ଷା କରିଛନ୍ତି ଏହା ଉଣା ପ୍ରଶଂସାର କଥା ନୁହେଁ । ତାଙ୍କର ଅଭିଭାଷଣଟି ପାଠ କରିବା କାହାରି ବୃଥାରେ ଯାଇ ନ ପାରେ— ଯେ ପଢ଼ିବ ସେ ନିଶ୍ଚୟ ନିଜକୁ ପୂର୍ବାପେକ୍ଷା ଅଧିକତର ଶକ୍ତିଶାଳୀ ଓ ଉନ୍ନତ ମନେ କରିବ । 'ସହକାର'ର ପ୍ରତିଷ୍ଠା କାଳନ୍ଦୀବାବୁଙ୍କ ସଂଶ୍ରବରେ ବୃଦ୍ଧି ପାଉ ଏହାହିଁ ଆନ୍ତରିକ କାମନା ।

**ଶ୍ରୀମଦ୍ ଭାଗବତ**—(ତୃତୀୟ ସ୍କନ୍ଧ)
ରାୟ ବାହାଦୁର ଶ୍ରୀ ଚିନ୍ତାମଣି ଆଚାର୍ଯ୍ୟ ସଙ୍କଳିତ । ପ୍ରକାଶକ—ଅରୁଣୋଦୟ ପ୍ରେସ, କଟକ ପୃ୬୦୦ଷ୍ଠା— ମୂଲ୍ୟ ୬ ୪ ୯ ।

ଚିନ୍ତାମଣିଙ୍କ ଭାଗବତର ପ୍ରଥମ ଓ ଦ୍ୱିତୀୟ ସ୍କନ୍ଧ ଖଣ୍ଡ ଖଣ୍ଡ ହୋଇ ଆଗରୁ ପ୍ରକାଶିତ ହୋଇ ସାରିଛି । ଯଥା ସମୟରେ ଆମ୍ଭେମାନେ ତାର ଆଲୋଚନା କରିଥିଲୁ । ତୃତୀୟ ଖଣ୍ଡର ମୂଳରେ ଗୋଟିଏ ଅତି ମନୋରମ ଯୁଗଳ ମୂର୍ତ୍ତିର ତ୍ରିବର୍ଣ୍ଣ ମିଶ୍ରିତ ଛବି ଦିଆ ହୋଇଛି । ପରିଶିଷ୍ଟରେ ଦିଆ ହୋଇଥିବା ଭାରତୀୟ ଷଡ଼ଦର୍ଶନର ପୃଥକ ଆଲୋଚନା ଯେତିକି ଉପାଦେୟ ସେହିପରି ସଂକଳକଙ୍କ ଜ୍ଞାନ ଓ ମନୀଷାର ପରିଚାୟକ ।

ଗ୍ରନ୍ଥ ମଧ୍ୟରେ ପୂର୍ବବତ୍ ମୂଳ ସଂସ୍କୃତ ଶ୍ଳୋକ ମାନ ବଡ଼ ବଡ଼ ଅକ୍ଷରରେ ଓଡ଼ିଆ ସରଳାର୍ଥ ସହିତ ମୁଦ୍ରିତ । ଜଗନ୍ନାଥ ଦାସଙ୍କ ଭାଗବତ ପଦାବଳୀ ମୂଳ ସହିତ ମେଳ କରି ସନ୍ନିବେଶିତ ହୋଇ ଗ୍ରନ୍ଥର ଉତ୍କର୍ଷତା ବୃଦ୍ଧି କରିଛି । ପ୍ରତି ଅଧ୍ୟାୟ ଶେଷରେ ସଂକଳକଙ୍କ ପ୍ରଦତ୍ତ ଶବ୍ଦାର୍ଥ ଭାଗବତାମୋଦୀ ମାନଙ୍କର ବହୁତ ସୁବିଧା କରି ଦେଇଛି ।

ଆମ୍ଭେମାନେ ଏହି ବିରାଟ ଧର୍ମଗ୍ରନ୍ଥର ବହୁଳ ପ୍ରଚାର କାମନା କରୁଁ । ଏହି ଅମୂଲ୍ୟ ଗ୍ରନ୍ଥ ପ୍ରତି ପୁସ୍ତକାଳୟ ଓ ପ୍ରତି ଗୃହର ଥାକ ମଣ୍ଡିତ କରୁ ।

---

Digitized by srujanika@gmail.com

# ପ୍ରେମ କଣ୍ଟ୍ରୋଲ୍

ଶ୍ରୀ ଗୋପୀନାଥ ବେହେରା

କଣ୍ଟ୍ରୋଲ୍ ପଡ଼ି ହୋଇଗଲା ଭାଇ
ଦୁନିଆ ଚଳମାନ,
ସସ୍ତା ହେବେ ଦରବ ସବୁ
ହଳଦ, ତେଲ, ପାନ ।୧।

ଗୁଞ୍ଜଲ ସେର ଛଅଣା ହେଲା
ହରଡ଼ ଡାଲି ଚଣା,
ସସ୍ତା ଦରେ ବନ୍ଦୀ ହେଲା
ଏବେ ତ କିରାସିନି ।୨।

ସସ୍ତା ଦରେ ମିଳିଲା ଏବେ
ଷ୍ଟାଣ୍ଡାର୍ଡ଼ ମିଲ ଧୋତି,
ଏଣିକି ଆଉ ଭାବନା କିସ
ଫଳିବ ଦେଶେ ମୋତି ।୩।

ସବୁ ତ ହେଲା କଣ୍ଟ୍ରୋଲ ଏବେ
ସବୁ ତ ହେଲା ଯୁଠ,
ପ୍ରେମଟା କିଆଁ ଏକଲା ପଡ଼ି
ହେଉଛି ଦାଣ୍ଡେ ଲୁଟ ।୪।

କରନ୍ତୁ କାରି ଭାରତ ଲାଟ
ପ୍ରେମ ହେଉ କଣ୍ଟ୍ରୋଲ,
ମଉଅଲଙ୍କ ରଗଟା ମରୁ
କରନ୍ତୁ ଭାଷା ଗୋଲ ।୫।

ଅନ୍‌ମ୍ୟାରେଡ ଯୁବକ ମିଳି
କରନ୍ତୁ ପ୍ରେମ କାର୍ଡ଼,
ମ୍ୟାରେଡ଼ ମ୍ୟାନ ଫାଟକେ ବସି
ବନିଯାଆନ୍ତୁ ଗାର୍ଡ଼ ।୬।

ଅପ୍ ଟୁ ଡେଟ୍ ଗାର୍ଲ ଏବେ
ଛାଡ଼ି ବଜାର ରାଉଣ୍ଡ,
କଣ୍ଟ୍ରୋଲର ନିୟମେ ଚଳି
କରିନା ମ୍ୟାନ୍ ହାଉଣ୍ଡ ।୭।

ଅମଲ ଅଧଲ ଏସେନ୍ସ ସ୍ନୋ
ପାଉଡର ମୁଖେ ମାରି,
କାର୍ଡ଼ ଦେଖି ନିଅ ହେ ପ୍ରେମ
ଭାରତ ଦେଶ ନାରୀ ! ୮।

କାର୍ଡ଼ ନାହିଁ ତ ଯିବାର ତାଙ୍କୁ
ଆଉଟ୍ ସାଇଡ କରି,
ଆପ୍ଲିକେଶନ୍ କରନ୍ତୁ ଶୀଘ୍ର
ଭାରତ ସରକାର ।୯।

ପ୍ରେମ ହେଉ କଣ୍ଟ୍ରୋଲ ଏବେ
ବାନ୍ଧିବୁ ହେ ସତ୍ୟ,
ନାଇଟ ପ୍ରେମ ଛାଡ଼ି ଦେଇଣ
ଡେ କରିବୁ ଯତ୍ନ ।୧୦।

---

ନୋଟିସ

**ଓଡ଼ିଶା ସର୍ଭେ ଟ୍ରେନିଂ ସ୍କୁଲ-ଅସୁରାଳି**

ପୋ: ଅ: ଚେତାର-ବାଲେଶ୍ୱର

ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଓ ଗଡ଼ଜାତ ମାନଙ୍କର ଯେକୌଣସି ସ୍ଥାନରେ ପଚାଶ ଜଣରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଏକତ୍ର ହୋଇ ଜଣାଇଲେ ସେ ସ୍ଥାନକୁ ଶିକ୍ଷକ ଯନ୍ତ୍ରାଦି ସହ ଯାଇ ସର୍ଭେ ଶିକ୍ଷାଦେବେ, ନିୟମାବଳୀ ପାଇଁ ହେଡମାଷ୍ଟରଙ୍କ ନିକଟ ୦୧୯-ର ଡାକଟିକେଟ ପଠାନ୍ତୁ !

Digitized by srujanika@gmail.com

# ଚଟକ ଚନ୍ଦ୍ରହାସ ଚମ୍ପୂ *

( ମଡାର୍ଣ୍ଣ ଚମ୍ପୂ )

କାନ୍ତ-କବି ବିରଚିତ

## ( କ୍ଷ )


କ୍ଷମାନୁକମ୍ପାଧର ହେ ।
କ୍ଷୀର ଶର୍କରା ସଜାଡ଼ି          ପଢ଼ା ଶୁଖୁଆ ବାଟି
କୁଙ୍କି ବାଟିରେ ଚତୁର ହେ ॥
କ୍ଷର ନୋହିବାରୁ ମୁଖ ଦର୍ପଣେ ଋଣି ବଣି,
କ୍ଷୁର ଖେଲ ପରେ ଥର ଥର ଶ୍ରୀଚରଣି,
ର ଅ . ବାହାରଣି, ଶଠ ଶିରାବରଣି,
। କୁଂ
ଝଟ ଝଟ କରତି, ଲଟ ପଟ ଚରଣି,
ଘଟ କାଣି ବରଣି, କଣ୍ଠ ଓଠ ଧାରଣି,
ମଠ ମଠ ନୟନ,
( ଅଟ ) ଦୀନ ଶରଣି ହେ ॥ ୧ ॥
କ୍ଷମତାକୁ ବଳି ଏଥି ବଳାଇଲ ଚିତ୍ତ
ହନୁପରି ଅନୁସରି କବିତ୍ୱର୍ଣ୍ଣ ଗୀତ,
ଅଣା କରିଲ ମନେ, ରସାଳିଆକୁ ଜନେ
ଭାଷା ନାହିଁ ବଦନେ, ଦଶା ଫୁଟିଲ ଆପଣେ,
ହସା ହେବ ଶୁବଚନେ, ମଣା ମୁଣ୍ଡି ଏ ଦୀନେ,
କ୍ଷମ କରୁଣା ଗୁଣେ, ସୁଧୀ, ସୁଜନେ ହେ ॥ ୨ ॥

ଯେଉଁ ଯୁବକ ଫୁଟନେସ୍‌ରେ ଆଧୁନିକ ତରୁଣ କୁଳର ଆଦର୍ଶ ହୋଇ ଅଛନ୍ତି, ଫେସନରେ ବଙ୍ଗାଳି ମାନଙ୍କର ଅନୁକରଣୀୟ ହୋଇ ଅଛନ୍ତି, ଯାହାଙ୍କୁ ଲଭ୍ କରିବା ବିଷୟରେ ନବୀନା ତରୁଣୀଗଣ ମଧ୍ୟରେ ପ୍ରତିଯୋଗିତା ମୂଳକ ଈର୍ଷ୍ୟାର ଉଦୟ ହୁଏ, ସେହି ଚଟକ ଚନ୍ଦ୍ରହାସ ବିଂଶ ଶତାବ୍ଦିର ନବ୍ୟସଭ୍ୟତାର ପ୍ରଗତି ଓ କମଳକୋଶ ଦରେ ସହାୟତା କରି ଜଗତର ମଙ୍ଗଳ ବିଧାନ କରନ୍ତୁ ।

ଅମ୍ଭେ ପୁରୁଣା ଦଳଆ ଏହି ନବ ଯୁଗର ଉଦ୍‌ବୋଧକ ନବୀନ ନବୀନାମାନଙ୍କର ଶରଣାଗତ ହେଉଅଛୁଁ ।

—ସମାପ୍ତ—


## ମଶାରି



ଖୁବ୍ ମଜବୁତ୍ ତିଆରି, ଦୀର୍ଘକାଳସ୍ଥାୟୀ ଧଳା ନେଟ କନାରେ ତିଆରି ଓ ଷ୍ଟ୍ରେ-କଣୀରେ ଯଥେଷ୍ଟ କନା ଲୁଆଁ ହୋଇ ଥାଏ—

| ଲମ୍ବ | ଓସାର | ଉଚ୍ଚତା | ଦାମ | ଉତ୍କୃଷ୍ଟ |
|---|---|---|---|---|
| ୬ ଫୁଟ | ୩।୳ ଫୁଟ | ୩।୳ ଫୁଟ | ଟ ୧୯—ଟ ୪୲ | |
| ୬ ,, | ୪ ,, | ୪ ,, | ଟ ୪୳—ଟ ୫୲ | |
| ୬୳ ,, | ୪୳ ,, | ୪୳ ,, | ଟ ୫୰—ଟ ୬୳ | |
| ୭ ,, | ୫ ,, | ୫ ,, | ଟ ୬୯—ଟ ୭୲ | |
| ୭୳ ,, | ୬ ,, | ୬ ,, | ଟ ୭୯—ଟ ୮୳୰ | |

ଗୋଟିଏ ମଣିବ୍ୟାଗ ବିନା ମୂଲ୍ୟରେ ଦିଆ ଯାଏ—ପ୍ୟାକିଂ ଓ ପୋଷ୍ଟେଜ ସବୁଠାରେ ଟ୦୲୰

ତିନୋଟି ଅର୍ଡ଼ର ଏକ ସାଙ୍ଗରେ ନେଲେ ପ୍ୟାକିଂ ପୋଷ୍ଟେଜ ଲାଗିବ ନାହିଁ ।

AMERICAN TRADING CO.,
Post Box No. 12204 HATKHOLA
CALCUTTA (D)



* Reproduction in part or full is strictly prohibited.

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

ଉଦ୍ଦେଶ୍ୟ—

୧ । ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତ ମନର ବିକାଶ ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନ କରିବା । ୨ । ଜଗତର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

## ଆମ ଦେଶର ଝିଅ

ରାଜ ଜ୍ୟୋତିଷୀ ଏଇ କେତେଦିନ ହେଲା ଆଉ ରାଜ ସଭାକୁ ଯାଉନାହାନ୍ତି । ରାତି ସାରା ଜାଗି ବସି ନକ୍ଷତ୍ରଭରା ଆକାଶ ଆଡ଼କୁ ନିରୀକ୍ଷଣ କରି କରି ଖଡିରେ ରେଖା କାଟୁଛନ୍ତି—ଗଣନା ପରେ ଗଣନା ଚାଲିଛି—ତାପରେ ପୁଣି ହତାଶ ଭାବରେ ମୁଣ୍ଡ ହୁଙ୍କାର ଉଠି ବସି ପଦ ଚାଳନା କରୁଁ କରୁଁ ଅସ୍ପଷ୍ଟ ଭାବରେ କହି ଉଠୁଛନ୍ତି—ହେଲନାହିଁ—ହେଲନାହିଁ । ଏହା ମୁଁ ପାରିବିନି, ମୋର ବିଦ୍ୟାର ବାହାରେ ।

ଏମିତି ଗୋଟିକ ପରେ ଗୋଟିଏ ରାତି କଟିଯାଏ । ପୁତ୍ରବଧୂ ଲକ୍ଷ କରନ୍ତି ଶ୍ୱଶୁରଙ୍କର ଚଞ୍ଚଳତା । ଶେଷରେ ଦିନେ ପଚାରି ବସିଲେ—"କଣ ହେଲନାହିଁ ବାବା ? ମତେ କହନ୍ତୁ ନା !"

"ବଡ଼ ଜଟିଳ ପ୍ରଶ୍ନ ମା, ବଡ଼ କଠିନ......"

"କହନ୍ତୁନା ମୋର ଶୁଣିବାକୁ ଇଚ୍ଛା ହେଉଛି । ସେ କିଭଳି କଅଣ ପ୍ରଶ୍ନ ଯେ ଆପଣଙ୍କ ପରି ଆଚାର୍ଯ୍ୟଙ୍କୁ ଚିନ୍ତିତ କ ?"

'ମହାରାଜା କହିଛନ୍ତି, ଆକାଶରେ କେତେ ତାରା ତାହା ଗଣନା କରି କହିବାକୁ ହେବ ।"

"ଓଃ, ଏଇ ! ଅଚ୍ଛା ମୁଁ କହି ଦେଉଛି ।"

ପୁତ୍ରବଧୂ ଜ୍ୟୋତିଷ ଶାସ୍ତ୍ରରେ ବିଶେଷ ଜ୍ଞାନ, ବାଲ୍ୟ ଏବଂ କୈଶୋରରେ ସମସ୍ତ ଜ୍ୟୋତିଷ ଶାସ୍ତ୍ର ପଢ଼ି ହାସଲ କରିଛନ୍ତି । ଅଳ୍ପକ୍ଷଣ ପରେ ଖଡିରେ ରେଖା ଅଙ୍କି ହିସାବ କରି ଉତ୍ତର ବାହାର କରିଦେଲେ ।

ବରାହ ଆଚାର୍ଯ୍ୟ ବିକ୍ରମାଦିତ୍ୟଙ୍କ ରାଜସଭାକୁ ଯାଇ କହିଲେ—"ଆପଣଙ୍କ ପ୍ରଶ୍ନର ଉତ୍ତର ମିଳିଛି ମହାରାଜ !"

ମହାରାଜା ଶୁଣି ସାରି ପ୍ରଶ୍ନ କଲେ—"ଆପଣଙ୍କର ସମାଧାନ ଯେ ଠିକ୍ ସେ କଥା ବିଚାର କରିବା ପରି ଜ୍ଞାନ ଆମ୍ଭମାନଙ୍କର ନାହିଁ । ସେଥିପାଇଁ ପଚାରୁଛି, କାହା ଉପରେ ନିର୍ଭର କରି ଆପଣ ଏହି ଗଣନା କଲେ ?"

ଆଚାର୍ଯ୍ୟ କହିଲେ, "ଏହି ଗଣନା ମୋର ଜ୍ଞାନର ମଧ୍ୟ ବାହାରେ ମହାରାଜ । ମୁଁ ଯେତେବେଳେ ତିନି ରାତି ଭିତରେ ମଧ୍ୟ ଏହାର ସମାଧାନ କରି ପାରିଲି ନାହିଁ । ମୋର ପୁତ୍ରବଧୂ ଶ୍ରୀମତୀ ଖନା ଏହାର ମୀମାଂସା କରିଛନ୍ତି ।"

ମହାରାଜା ଖନାର ବିଦ୍ୟାର ପରିଚୟ ପାଇ କହିଲେ—"ଏପରି ଏକ ରତ୍ନକୁ ଆପଣ ଘର ଭିତରେ ବନ୍ଦ କରି ଲୁଚାଇ ରଖିଛନ୍ତି ? ବରାହ ଆଚାର୍ଯ୍ୟ ! କାଲିଠାରୁ ଶ୍ରୀମତୀ ଖନାର ଆସନ ହେବ ଏହି ରାଜସଭାରେ । ସେ ପରେ ତ ହେବେ ଏହି ରାଜସଭାର ଦଶମ ରତ୍ନ ସ୍ୱରୂପ ।"

କୁଳବଧୂ ଆସି ବସିବେ ରାଜସଭାରେ ? ବରାହ ପୁତ୍ରକୁ ଆଦେଶ କଲେ—"ଖନାର ଜିହ୍ୱା କାଟି ପକାଅ । ବାକ୍ ଶକ୍ତି ନଥିଲେ ରାଜସଭାକୁ ଯିବାର ଆଉ କୌଣସି ପ୍ରୟୋଜନ ହେବନାହିଁ ।" ଖନା ମଧ୍ୟ ଏଥିପାଇଁ ପ୍ରସ୍ତୁତ ଥିଲେ । ମିହିର କାଟି କହିବା ଆଗରୁ କହିଲେ—"ମୁଁ ସବୁ ଜାଣେ, ଗଣନା କରି ଦେଖିଛି, ଏହା ହିଁ ମୋର ଅଦୃଷ୍ଟ ।"

ମିହିର ଜିହ୍ୱା କାଟି ପକାଇଲେ । ଯାତନାରେ ଖନା ଚେତନା ହରାଇଲେ । ରକ୍ତ ସ୍ରୋତ ଆଉ ବନ୍ଦ ହେଲନାହିଁ କି ଖନା ଆଉ ଆଖି ଫିଟାଇଲେ ନାହିଁ ।

ଭାରତର ଏକ ଶ୍ରେଷ୍ଠା ବିଦୁଷୀ ସମାଜ ନିକଟରେ ଅଜ୍ଞ ବନ୍ଦୀ ଥିଲେ । ତାପରେ କେତେ ଯୁଗ ବିତି ଗଲାଣି କିନ୍ତୁ ଖନା ମରି ସୁଦ୍ଧା ଏପର୍ଯ୍ୟନ୍ତ ଅମର ହୋଇ ରହିଛନ୍ତି ।

ସଂଗ୍ରାହକ:—ଶ୍ରୀ ବସନ୍ତ ପାଳ (ନ ୪୦ ପୁରୁଣା ନାଗ

—*—

Digitized by srujanika@gmail.com

REG. No. P. 441. THE DAGARO—1. 9. 1944.


ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନିକ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଚର୍ମ ବା ବିକୃତ ବର୍ଣ୍ଣ, ହସ୍ତାଙ୍ଗୁଳି ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବନ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ଜନେ ଜନେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଚର୍ମ ପ୍ରଭୃତି ଅଙ୍ଗରେ ଆରୋଗ୍ୟ ହୁଏ । ଏକ ଶିଶି ୫୨ଟଙ୍କା ମାତ୍ର ୫ ୨ଟଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ

ଆଲମଚାନ୍ଦ ବଜାର, କଟକ

## କଲକଲା ସ୍ୱାସ୍ଥ୍ୟ ନିବାସ

କୁଷ୍ଠ ରୋଗୀଙ୍କ ସେବା ପାଇଁ କଲକଲାରେ ଏହି ସ୍ୱାସ୍ଥ୍ୟ ନିବାସ ଖୋଲା ହୋଇଅଛି । **ବଇରି** ରେଲ ଷ୍ଟେସନ ଠାରୁ ୭ ମାଇଲ ପଶ୍ଚିମକୁ କଲକଲା । ସେଠାରେ ରହିବାର ଏବଂ ଚିକିତ୍ସାର ବନ୍ଦୋବସ୍ତ ହୋଇ ଅଛି । ସ୍ୱାସ୍ଥ୍ୟପ୍ରଦ ସ୍ଥାନ । ନିମ୍ନ ଠିକଣାରେ ପତ୍ର ବ୍ୟବହାର କରନ୍ତୁ ।

ଲକ୍ଷ୍ମୀନାରାୟଣ ସାହୁ

ଭାରତ ସେବକ ସମିତି କଟକ ।



ସମ୍ପାଦକ
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ପରିଚାଳନା ସମ୍ପାଦକ
ଶ୍ରୀ ବ୍ରଜମୋହନ ଦାସ

Printed & published by G. C. Mahapatra at the Gopinath Press, Bhadrak. 1944.

ବାର୍ଷିକ ତିନି ଟଙ୍କା ଆଠଅଣା — ରାଜସଂସ୍କରଣ ବାର୍ଷିକ ପାଞ୍ଚଟଙ୍କା


Digitized by srujanika@gmail.com

୮ମ ବର୍ଷ ଭାଦ୍ର— ଦ୍ୱିତୀୟାର୍ଦ୍ଧ ୮ମ ସଂଖ୍ୟା




Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

# ପାଇଓନିଅର କମର୍ସିଏଲ୍ ବ୍ୟାଙ୍କ ଲି:—

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡ଼ି, ଜୟନଗର, ମଜଲପୁର, ମିତ୍ରଗଞ୍ଜ ।

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାଡ଼ି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା

(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା । ଅଫିସମାନ ଖୋଲ ଯାଉଛି)

ମେନେଜିଂ ଡିରେକ୍ଟର—

ନଇଦିଲ୍ଲି, ନାଗପୁର ।

**ସ୍ୱା—ପି. ଏନ୍: ରାୟ ଚଉଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ୮ ଜମା ଦେଲେ—ବ ୪ ର୍ଷ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।

---

# କୁବେର ବ୍ୟାଙ୍କ ଲି:

**ହେଡ଼ ଅଫିସ——କଲିକତା**

**ଶାଖା ଅଫିସ ମାନ:** —

ଢାକା, କାଲିମ୍ପଙ୍ଗ୍, ସିଲିଗୁଡ଼ି, ବୋଗା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

**୧୬ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତପ୍ରକାର ବ୍ୟାଙ୍କ କାମ କରାଯାଇ ଥାଏ ।

ଜାଜପୁର ଶାଖା ଶୀଘ୍ର ଖୋଲଯିବ ।

**ଏସ୍. କେ: ଚକ୍ରବର୍ତ୍ତୀ**

ମାନେଜିଂ ଡାଇରେକ୍ଟର

Digitized by srujanika@gmail.com

# ବିଲୁଆବିଗୁର

ଅମେରିକା ରାଷ୍ଟ୍ରପତି ରୁଜଭେଲ୍ଟଙ୍କ ଖାସ ପ୍ରତିନିଧି ଫିଲିପ ସାହେବଙ୍କ ଭାରତ ସମ୍ବନ୍ଧରେ ରିପୋର୍ଟ ଓ ତାଙ୍କର ଏଠୁ ତଡ଼ା ଖାଇବା ପେନ ଗୁରଅଡ୍ଡ ଅଙ୍କା ଲଭମ ଟେ[illegible] ଚାଞ୍ଚଲ୍ୟ ଜମିଉଠି କଳ୍ପନା ବିଳାସୀମାନଙ୍କୁ ଖାଦ୍ୟ ଯୋଗାଇ ଦେଉଛି । ମାତ୍ର ଏପରି ସବୁ କ୍ଷଣିକ ଦମକା ପବନ ଉପରେ ନିର୍ଭର କରି ନାହାରେ ତେଲ ଦେଇ ଶୋଇ ରହିବାର ମନୋବୃତ୍ତି ଯେ ଭାରତୀୟଙ୍କର ଉଭେଇ ଗଲାଣି ତାହା ହୁଏତ ଅନେକେ ଜାଣି ପାରୁ ନଥିବେ । ଏ ସବୁ ଯେତେ ହେଲେ ଅପଣା ଭାଇ ଭାଇଙ୍କ ଭିତରେ ଘରେଇ ବେପାର । ଏଥିରେ ତୁମ ଅମ ଭଳିଆ ବାହାର ଲୋକଙ୍କର ଯାଏ ଅସେ କେତେ !

\+ × +

ଗାନ୍ଧି ଜିନ୍ନା ଭେଟରେ ଭୂତ ଚମକିତ ଲୋକଙ୍କୁ ଗ୍ରାସି ଦେଲା ପରି ଜଣା ପଡ଼ୁଛି । ନୂଆ ବଡ଼ଲାଟଙ୍କ ଗାରେଡ଼ି ମନ୍ତ୍ର ପରେ ମୁଁ ବା ସେ ଭୂତ ଯେ ଛାଡ଼ ନାହିଁ ଏଇଟାଇ ଆଶ୍ଚର୍ଯ୍ୟ ଲାଗୁଛି । ଏ ଭେଟକୁ ଗୋଟାଏ ଲୌକିକତା ଖାତିରରେ ବନ୍ଧୁ ମିଳନ ବୋଲି ନ ଧରି ଯେଉଁମାନେ ଏଥିରେ ରାଜନୈତିକ ଗୁରୁତ୍ୱ ଆରୋପ କରୁଛନ୍ତି ସେମାନେ ଯେପରି ବୋକା, ଯେଉଁମାନେ ତାର ପ୍ରତିବାଦ କରି ଗୁରୁତ୍ୱ ବଢ଼ାଉଛନ୍ତି, ସେମାନେ ତତୋଧିକ ବେକୁବ ବୋଲି ମନେ ହୁଏ । ଗାନ୍ଧିଜୀ ଓ ଜିନ୍ନା ସାହେବ ଦୁହିଁଙ୍କୁ ଦୁହେଁ ଏଇଯିଣି ବେକାର । ଏ ଭେଟଟା କିଛି ନ କରୁ ପଛକେ ଦୁଇଜଣ ଯାକଙ୍କୁ ଅନ୍ତତଃ କିଛିଦିନ କାଳକ୍ଷେପଣ ସୁବିଧା ଦେଇ ପାରିବ ତ । ଏ କଥାଟିରେ ସେତିକି କ ସହଜେ ମିଳେ ! ନାଆଁଟା ପଡ଼ିଥିଲେ ହେଲେ ଲୋକେ ପାସୋରି ଯିବେ ନାହିଁ ।

\+ + +

ପାକିସ୍ଥାନ ପଛକୁ ଶିଖିସ୍ଥାନ ଅସିତ ମୁଣ୍ଡିଆ ମାରୁଥିଲା । ଏବେ ପୁଣି ହରିଜନ ନେତା ଅମ୍ବେଦକାର ସଫା କହି-ଦେଲେଣି କି ଭାରତର ଅସ୍ପୃଶ୍ୟମାନେ ହିନ୍ଦୁସ୍ଥାନ ହେଉ ବା ପାକିସ୍ଥାନ ହେଉ, କେଉଁଥିରେ ରହି ପାରିବେ ନାହିଁ । ଅର୍ଥାତ୍ ତାଙ୍କ ପାଇଁ ଅଉ ଗୋଟାଏ 'ସ୍ଥାନ' ଲୋଡ଼ା । ସେଇଟା କଣ ସ୍ଥାନ ବୋଲି ନାଆଁ ଦିଆ ଯିବ ଓ ତାହା କେଉଁଠି ଅସ୍ଥାନ ମଡ଼ିବ ତାହା ସେ କହି ନାହାନ୍ତି । ମଣ୍ଟାଙ୍କ ଭଳି 'ଟେନ୍ତା' କରୁଥିବେ ଅବା । ଅମେ କହୁଁ କି ସ୍ଥାନର ଅଭାବ ଯେତେ-ବେଳେ, ରାଞ୍ଚିରେ ଥିବା ପାଗଳସ୍ଥାନକୁ ବଢ଼ାଇ ଦେଲେ ଚଳନ୍ତା ନାହିଁ କି ?

\+ × +

ଓଡ଼ିଆଙ୍କ ଜୁଜୁମା ଚୁନ୍ନୁମା ବୋଲି ଯେ ଏତେ ହସ ପକାଇଛନ୍ତି, କଂଗ୍ରେସ ଯେ ଏତେ ମହାଭାରତୀୟ ଭାବ ଶିଖାଇ ଥିଲେ, ସବୁ କଣ ପାଶୋରି ଦେଲେ ? ବାରବରଷର ତପ ଶୁଖୁଆ ପେଡ଼ାରେ ଗଲା ? ପର ପାଇଁ ଆତ୍ମଦାନ କରିବା ଓଡ଼ିଆ ଜାତିର ଚିରନ୍ତନ ଧର୍ମ । ପରୋପକାର କରି ସ୍ୱର୍ଗକୁ ଯିବାର ବାଟ କାଟିବା ଓଡ଼ିଆର ମନ୍ତ୍ର । ଏଥି ପାଇଁ ଏତେ ଦୁଃଖ କାହିଁକି ଭଲା ?

ଧରିବାକୁ ଗଲେ ଜୟପୁର ତ ମାନ୍ଦ୍ରାଜରେ ଥିଲା । ଗୋଟାଏ କଲମ ଗାରରେ ବାହାରି ଅସିଛି । ସେଇପରି ପୁଣି ମାନ୍ଦ୍ରାଜକୁ ଗଲେ ଅଟକାଇବ କିଏ ? ଅଉ ତ ସେତେବେଳେ ଜୁଜୁମା ଅମର ବୋଲି କହି ପାରିବ ନାହିଁ । ଅତଏବ ପାଟି ମୁଣ୍ଡ କର ନା—ଓଡ଼ିଆର ଯେ ପୈତୃକ ସମ୍ପଦ—ବନ୍ୟା ଦୁର୍ଭିକ୍ଷ—ଅଉ ସ୍ୱୋପାର୍ଜିତ ବସ୍ତୁ ସରେଇ କଳିଆ—ତାକୁଇ ନେଇ ଆରାମରେ ଥା ।

\+ + +

ଗୁନ୍ଦବାଲି ମାଇନର ସ୍କୁଲ ହେଡ଼ମାଷ୍ଟରଙ୍କ ଠାରୁ ଇଂରାଜରେ ଖଣ୍ଡିଏ ଦୀର୍ଘ ପତ୍ର ପାଇ ଧନ୍ୟବାଦ ଦେଉଛୁଁ । ସେ ମହୋଦୟ ଲେଖିଛନ୍ତି କି, ଗୁନ୍ଦବାଲିର ପୋଷ୍ଟ ଅଫିସର ଜଣେ ଜନହିତୈଷୀ, ସ୍କୁଲ ପ୍ରେମିକ, ବଦାନ୍ୟ, ଅମାୟିକ, ବନ୍ଧୁଶୀଳ; ସାଧୁ ଓ କର୍ମକୁଶଳ ବ୍ୟକ୍ତି ଅଟନ୍ତି । ତାଙ୍କର ଅଉ ଗୋଟିଏ ସଦ୍‌ଗୁଣ ହେଡ଼ମାଷ୍ଟର ମହୋଦୟ ଲେଖିବାକୁ ଭୁଲି ଯାଇଛନ୍ତି ବୋଧହୁଏ । ଶୁଣୁଛୁ ସେ ମଧ୍ୟ ଶିକ୍ଷାନୁରାଗୀ ବ୍ୟକ୍ତି ଓ ଗୁନ୍ଦବାଲି ମାଇନର ସ୍କୁଲରେ ପ୍ରେସିଡେଣ୍ଟ ଥାଇ

Digitized by srujanika@gmail.com

ଶିକ୍ଷା ପ୍ରଭୃତି ବିଭାଗରେ ବହୁତ କାମ କରିଛନ୍ତି । ଏପରି ଗୋଟିଏ 'ଗୁନ୍ଦ' ସମୁଦ୍ରକୂଳିଆ 'ଡାଲି'ରେ ଲୁଚି ରହିଥିଲେ ଆମର ଦୃଷ୍ଟି ବାହାରେ—ସେଇଟା ଆମର ଦୁର୍ଭାଗ୍ୟ,

ହେଡ଼ମାଷ୍ଟର ସାହେବ ପୁଣି କହୁଛନ୍ତି କି ଗୁନ୍ଦବାଲି ଥାନାର ଘରେ ଘରେ ତାଙ୍କ ନାମ କୀର୍ତ୍ତନ ହେଉଛି । (ସେ ନାମ ଧରି ଅଷ୍ଟ ପ୍ରହର ହେଉଛି କି ନାହିଁ ତାହା ଲେଖି ନାହାନ୍ତି ।) ଯାହା ହେଉ ଅଫିସର ମହୋଦୟଙ୍କ ମହିମା ପଦାରେ ପକାଇ ହେଡ଼ମାଷ୍ଟର ମହାଶୟ ଦେଶର ବହୁତ ଉପକାର ସଙ୍ଗେ ସଙ୍ଗେ ଆମର ବି ଆଖି ଫିଟାଇ ଦେଇଛନ୍ତି । ଏପରି ଜଣେ ଅସାଧାରଣ ବ୍ୟକ୍ତିଙ୍କୁ ଗୁନ୍ଦବାଲି ପରି କ୍ଷୁଦ୍ର ପୋର୍ଟରେ ନ ରଖି କୌଣସି ଗୋଟାଏ ବଡ଼ ପୋର୍ଟକୁ ପଠାଇବା ସରକାରଙ୍କର କର୍ତ୍ତବ୍ୟ । ତାହାହେଲେ ତାଙ୍କ ପ୍ରତିଭାର ବହୁଳ ବିକାଶ ହୋଇ ପାରନ୍ତା । ଆଶାକରୁଁ ଗୁନ୍ଦବାଲି ଲୋକେ ଏତିକି ସ୍ୱାର୍ଥତ୍ୟାଗ କରିବାକୁ କୁଣ୍ଠିତ ହେବେନାହିଁ । ଆଣ୍ଡାମାନ ଦ୍ୱୀପ ଶୀଘ୍ର ଜାପାନଠାରୁ ଉଦ୍ଧାର ହେବା ମାତ୍ରେ ସେଠା ପାଇଁ ତ ଜଣେ ଧୁରନ୍ଧର ପୋର୍ଟ ଅଫିସର ଲୋଡ଼ା ହେବ ନିଶ୍ଚୟ !

\+ \+ \+

ଇତି ମଧ୍ୟରେ ଆମେ ଗୁନ୍ଦବାଲିରୁ ଏକାଧିକ ଚିଠି ପାଇଛୁଁ—ଅଫିସର ମହୋଦୟଙ୍କ ସମ୍ବନ୍ଧରେ । ସେ ସବୁ ନାଳୁଆ ଘାଣ୍ଟି ହାତ ଗନ୍ଧିଆ କରିବାର ଇଚ୍ଛା ଆମର ନାହିଁ । ଆମର ବିଶ୍ୱାସ ସରକାର ଓ ଜିଲ୍ଲା କର୍ତ୍ତାଗଣ କାନରେ ତୁଳା ଦେଇ ନ ଥିବେ ।

× × ×

ଆମର ପ୍ରିୟ ସହଯୋଗୀ 'ମୁକ୍ତଯୁଦ୍ଧ' ତାଙ୍କର ଗତ ତା ୨୯ ରିଖ ପ୍ରକାଶର ଖବର ବିଚାରରେ ଆମ ସାଙ୍ଗରେ ଟିକିଏ ବକ୍‌ଟାପରି କରିଛନ୍ତି । ଆମେ ଏଥିପାଇଁ ରସିକ ବନ୍ଧୁବରଙ୍କୁ ସ୍ୱାଗତ ଜଣାଉଛୁଁ ।

ଗାନ୍ଧିଜୀ ଅଗଷ୍ଟ ପ୍ରସ୍ତାବରୁ ପଛଘୁଞ୍ଚୁ ଦେଇଛନ୍ତି ବୋଲି ନିଜେ ସ୍ୱୀକାର କରିଛନ୍ତି । କାରଣ ସେ କହିଛନ୍ତି ୧୯୪୪କୁ ୧୯୪୨ର ବେଳ ଗଡ଼ିଗଲାଣି । ଅବଶ୍ୟ ଏଇଟା ତାଙ୍କର strategic move କିବା Glorious retreart ହେଲେ ହୋଇ ପାରେ । କିନ୍ତୁ ସେ ଯେ ନିରେଳ ପଶ୍ଚାତ୍‌ଧାବନ କରିଛନ୍ତି ଏହା ସ୍ୱୀକୃତ । ସବୁ କଥାକୁ ଖେଳିବାସରେ ନେଇ କଥା କହିବା 'ଡଗର'ର ସ୍ୱଭାବ; ଟିକିଏ ରଙ୍ଗ ବ୍ୟଙ୍ଗ କରିବା ଭିତରେ ଅଭିସନ୍ଧି ଅଛି ବୋଲି ଯଦି କିଏ ଆମର ଅନୁମାନ କରନ୍ତି, ତେବେ ସେ ବେରସିକ ବୋଲି ଆମର ବି ସନ୍ଦେହ ହେବାର କଥା ।

ହିନ୍ଦୁ ମୁସଲମାନ ମିଳନକୁ କିଏ ବା ମୁଖ ନ ପାଏ ? କିନ୍ତୁ ବଡ଼ଲାଟଙ୍କ କଥାରୁ ଯାହା ବୁଝାଯାଉଛି, ସେଥିରେ ଏଥିରେ କି ଅଣୁ ମୂଲ୍ୟ ବା କେତେ ? ତହିଁକି, ଗାନ୍ଧି ଜିନ୍ନା କଣ୍ଟାକଣ୍ଟିରେ ଯଦି ପ୍ରକୃତ ମିଳନ ହୋଇ ପାରନ୍ତା, ତେବେ ତ କଥା ନ ଥିଲା । ସେଥିପାଇଁ 'ଡଗର' ଗୋବଟୋବ ହବ କଥା କହି ଦେଇଛି ।

ମୁକ୍ତଯୁଦ୍ଧ ଯେ ଗାନ୍ଧିଙ୍କ ଚଷମା ନାଇ ସବୁ କଥା ଦେଖିବାକୁ ଆରମ୍ଭ କଲେଣି ଏହା ଜାଣି ଆମର ଆନନ୍ଦ ହେଉଛି ଓ ମନେ ହେଉଛି ସେଦିନ ଆଉ କେତେ ବାକି !

---

## ଡଗର ବିଜ୍ଞାପନ

ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଦୁଆଲି ସଂଖ୍ୟା 'ଡଗର' ପ୍ରକାଶ ପାଇବ । ତାହା ଆକାରରେ ବଡ଼ ହେବ ଓ ଦାମ ଟ ୦ ।୵ ହେବ । ଅମ୍ଭର ରେଜେଷ୍ଟରଭୁକ୍ତ ଗ୍ରାହକମାନଙ୍କୁ ଅଧିକା ଦେବାକୁ ପଡ଼ିବ ନାହିଁ । ଏଜେଣ୍ଟମାନଙ୍କୁ ସେମାନଙ୍କର ଅର୍ଡ଼ର ବେଳ ଥାଉଁ ଥାଉଁ ଦେବାକୁ ଅନୁରୋଧ କରୁଛୁଁ ।

ଯେଉଁମାନଙ୍କର ଏଜେଣ୍ଟମାନଙ୍କଠାରୁ ପାଇବାର ସୁବିଧା ନାହିଁ ସେମାନେ ଆମ ଅଫିସକୁ ଟ ୦ ।୵ ର ଡାକ ଟିକେଟ ପଠାଇଲେ ଖଣ୍ଡିଏ ଦୁଆଲି ସଂଖ୍ୟା ଡଗର ପାଇପାରିବେ ।

—ପରିଚାଳନା

Digitized by srujanika@gmail.com

ମଜାଇଥା……

# ବିଫଳ ମୋ ପ୍ରେମର ସାଧନା

## ( Love's labour lost )

ଲେ:—ଧୂର୍ଜ୍ଜଟୀ

**ମୋ** ଅଙ୍ଗ ନରେଭଇବା କଥା—କାହାର ଦେଖିବା ଶୁଣିବା କଥା ନୁହେଁ । ଆପଣ ବିଶ୍ୱାସ କରନ୍ତୁ ବା ନକରନ୍ତୁ ମୁଁ କେବଳ ଲେଖି ଯାଉଛି ମୋ ପରେ ଯେଉଁମାନେ ପ୍ରେମର ସାଧନା ବା ଚର୍ଚ୍ଚା କରିବେ ସେଇମାନଙ୍କ ପାଇଁ । ସେମାନଙ୍କୁ ମୋର ଏତିକି ଅନୁରୋଧ ଯେ ସେମାନେ ଯେପରି ପ୍ରେମ ଜିନିଷଟାକୁ ଖୁବ୍ ଭଲ ଭାବରେ ଗବେଷଣା (research) ନ କରି କାହାରି ପ୍ରେମରେ ପଡ଼ିବେ ନାହିଁ । ସେ ଗବେଷଣା କରିବେ କିମିତି ? କାହାର ପ୍ରେମରେ ପଡି ? ନା ଖାଲି କେତେଗୁଡ଼ିଏ ବହି ପଢ଼ି ? ନା, ମୋ କହିବାର କଥା ଯେଉଁ ପାଏ ବା ପାଏୀକୁ ପ୍ରେମ କରିବେ, ତାକୁ ଭଲ ଭାବରେ ନ ବୁଝି ନ ଚିହ୍ନି ତା ସାଙ୍ଗରେ ପ୍ରେମ କରିବେ ନାହିଁ । ଆମେ ସାଧାରଣତଃ କଣ କରୁଁ ଗୋଟିଏ ଝିଅର ଶାଢ଼ୀ, ବ୍ଲାଉଜ ଫିକା, ତାର ଟଏଲେଟ, ତାର ଗ୍ଲ ଚଳଣ, ତାର କଥା କହିବାର ଭଙ୍ଗୀ, ଟିକିଏ କଥାରେ କାନ୍ଦକାନ୍ଦ ଅଖି—ଏଇସ୍ବା ଦେଖି ଭୁଲିଯାଉ । ଏଇଟା ଆମର ଭୂ

ମୋ କଥା କହୁଛି । ମୁଁ ସେତେବେଳେ ଥାର୍ଡ଼ ଇୟରରେ ପଢ଼ୁଥାଏଁ । ସେଇଠି ମୋର ପରିଚୟ ହେଲା ସୁଧାଂଶୁ ସାଙ୍ଗରେ । ଏକା କଲେଜରେ ପଢ଼ୁ କିନ୍ତୁ ସେ ଫୋର୍ଥ ଇୟରରେ । ପ୍ରଥମେ ସେ ମୋର ସାହିତ୍ୟିକ ବନ୍ଧୁ, ତାପରେ ଅନ୍ତରଙ୍ଗ ବନ୍ଧୁ ହେଲା । ସାହିତ୍ୟର ଦୁଇଛକିଟା ପ୍ରତିଫଳିତ ହେଲା ଅନ୍ତର ମୁକୁରରେ ।

ଆମେ ଦୁଇଜଣ ବସି ବସି ସାହିତ୍ୟ ଚର୍ଚ୍ଚା କରୁ । ବିଶ୍ୱ ସାହିତ୍ୟ ଓ ବିଶେଷତଃ ରବୀନ୍ଦ୍ର ଓ ଶରତ ସାହିତ୍ୟ । ସୁଧାଂଶୁ କହେ "ଓଡ଼ିଆ ସାହିତ୍ୟରେ ପଢ଼ିଲା ଭଳି ଜିନିଷ କିଛି ନାହିଁ—ଯାହା କିଛି ଅଛି ସେ ପୁରୁଣା । ସେ ପୁରୁଣାକୁ ଆମେ ଆଉ କେତେଦିନ ଧରି ବସିଥିବା । ଆଉ ଆଜିକାଲିକା ଲେଖକ ଯାହା ଲେଖୁଛନ୍ତି ସେ ସବୁ ଗୁଡ଼ାକ trash ।" ମୁଁ ବି ହଁ ମାରେ କିନ୍ତୁ ସାହିତ୍ୟ ଜିନିଷଟାକୁ ବୁଝେ କମ୍ ।

ଯେଉଁଦିନ ସୁଧାଂଶୁ ମୋତେ ବୁଝେଇ ଦେଲା ଯେ ମେଳ କରିବାକୁ ହେଲେ ସାହିତ୍ୟ ଜାଣିବା ନିହାତି ଦରକାର । ସେଇଦିନୁ ମୋର ଜିଦ୍ ବସିଲା ସେ କଳାଟା ହାସଲ କରିବା ପାଇଁ । ଏ ଦୁନିଆରେ ଯେତେ ସାହିତ୍ୟିକ ଓ ଲେଖକ ଅଛନ୍ତି ତାଙ୍କ ପ୍ରତି ମୋ ମନରେ କାହିଁକି କେଜାଣି ଇର୍ଷା ଭାବ ଜାଗି ଉଠିଲା । ବନ୍ଧୁଙ୍କ ପ୍ରେରଣାରେ "ଚୟନିକା ଓ ସଂଞ୍ଚୟିତା" କେତେ ଖଣ୍ଡି ରବୀନ୍ଦ୍ର ରଚନାବଳୀ ଓ ଶରତ ଗ୍ରନ୍ଥାବଳୀ କିଣିଲି । ଚୟନିକାରୁ କବିତା ଗୁଡ଼ାକ ବୁଝେ ବା ନ ବୁଝେ ଅଗ ମୁଖସ୍ଥ କଲି ଟିଅଙ୍କ ଭଳିଆ । ମୁଁ ଏତିକି ଲକ୍ଷ କରି ଦେଖିଛି ସୁଧାଂଶୁ ଯେତେବେଳେ ରବୀନ୍ଦ୍ର କବିତା ଆବୃତ୍ତି କରେ ତା ମୁହଁରେ ଯେମିତି ଭାବ ବା Expression ଫୁଟି ଉଠେ, କାହିଁ ମୋର ତ ସେମିତି ହୁଏ ନାହିଁ । ମୁଁ ଅନେକ ଥର ଅଇନା ପାଖରେ ଛିଡ଼ା ହୋଇ କବିତା ଆବୃତ୍ତି କରିଛି ଓ ଦେଖିଛି ଚେହେରାଟା ଦେଖାଯାଏ ଯେମିତି କୁଇନାଇନ୍ ମିକ୍ଷ୍ଚର ଖାଇଲା ଭଳିଆ । ଯାହାହେଉ ମୋ ସାଧନାରୁ ମୁଁ ବିରତ ହେଲିନାହିଁ ।

ମୁଁ ସୁଧାଂଶୁ ସାଙ୍ଗରେ ତାଙ୍କ ଘରକୁ ଯାଏ । ସେଠି ମଧ୍ୟ ସାହିତ୍ୟ ଚର୍ଚ୍ଚା ହୁଏ ବେଳେବେଳେ । ତାଙ୍କ ଘରେ ଅନେକ ଥର ଖାଇଛି—ସୁଧାଂଶୁର ଦି ଭଉଣୀ ମୀରା ଓ ଧୀରା ସାଙ୍ଗରେ ତାସ ଖେଳିଛି ଓ କେତେଥର ପଢ଼ା ବତେଇ ଦେଇଛି । ସୁଧାଂଶୁର ବାପ ଓ ମା ବଡ଼ ଅମାୟିକ ପ୍ରକୃତିର ଲୋକ ଓ ଦୁଗତି ପନ୍ଥି । ସେମାନେ ଝିଅ ପୁଅଙ୍କର ଅବାଧ ମିଳାମିଶାଟାକୁ ଦୁନିଆ ଲୋକଙ୍କ ଭଳିଆ ଖରାପ ଅଖିରେ ଦେଖନ୍ତି ନାହିଁ ।

ଏହା ଭିତରେ ତାଙ୍କ ଘର ସାଙ୍ଗରେ ମୋର ଘନିଷ୍ଠତା ଜମି ଉଠିଛି । ସୁଧାଂଶୁ ଥାଉ ନ ଥାଉ ମୁଁ ଯାଏ ସେ ଝିଅଙ୍କ ସାଙ୍ଗରେ ଗପ କରେ ଚାଲିଆସେ । କାହିଁକି କେଜାଣି ଗୋଟିଏ ଅଜଣା ମୁହୂର୍ତ୍ତରେ ମୀରାକୁ ଭଲ ପାଇଗଲି । ସେ ମୋତେ ଭଲ ପାଉଥିଲା କି ନା ମୁଁ ସେକଥା କହି ପାରିବିନି । କିନ୍ତୁ ସେ ପୋଜ୍ କରୁଥିଲା ଭଲ ପାଇଲା ଭଳିଆ । ମୀରାଟା ଦେଖିବାକୁ ଯଦିଓ ସେତେ ସୁନ୍ଦର ନୁହେଁ ତେବେ ଅସୁନ୍ଦର ମୋଟେ ନୁହେଁ—ଅଳ୍ପ ଉଚ୍ଚ—ହାତ ଗୋଡ଼ ଗୁଡିକ ଛୋଟ ଛୋଟ—ଇଂରାଜୀରେ ଯାହାକୁ କହନ୍ତି Pretty & lovely ଅଉ ବେଶ ଚଞ୍ଚଳ, ଚତୁର । ବୟସ ୧୭ । ୧୮ ହେବ କିନ୍ତୁ ଧୀରା ଯଦିଓ ସୁନ୍ଦର ନୁହେଁ ବେଶ ଶାନ୍ତ ଶିଷ୍ଟ ଟିକିଏ

Digitized by srujanika@gmail.com

ବୟସ ବୃଦ୍ଧି ଥିଲା ଭଲଅ ଜଣା ପଡ଼େ । ବୟସ ୧୯ । ୧୮ ହେବ ।

ଏହା ଭିତରେ କେତେଦିନ କଟି ଯାଇଛି । ସୁଧାଂଶୁ ବାବୁ ଏ ପାଖ କରି ଯାଇଛନ୍ତି ପାଟନାକୁ ଏମ୍. ଏ. ପଢ଼ିବାକୁ । ମୋତେ ମୌକା ମିଳିଗଲା । ମୁଁ ଏବେ ଏଠିକି ଯାଏ ରାତି ନ'ଟା ପରେ । ସାଢ଼େ ଦଶ ଏଗାରଟା ପର୍ଯ୍ୟନ୍ତ ଗପ ହୁଏ । ଅନେକ ଚର୍ଚ୍ଚା ହୁଏ ସାହିତ୍ୟ । ଧୀରା ଆମ ପାଖରେ ବସିଥାଏ, ମନ ହେଲେ ପଳାଏ । ମୀରା ମୋତେ ଆଉ ସଂକୋଚ କରେ ନାହିଁ । ମୋ ପାଖରେ ବସେ । ସମୟ ସମୟରେ ତାର ପରଶ ମୋ ଦେହ ଓ ମନରେ ଶିହରଣ ଆଣିଦିଏ । ମୁଁ ମନେ ମନେ ଠିକ୍ କରିଥାଏ ଏହି କବିତାରେ ମୀରାକୁ ପ୍ରେମ କଣ ଶିଖେଇବି । (I Shall infuse into her the spirit of love through these poems)

ଦିନେ କହିଲି "ମୀରା, ପ୍ରେମ କଣ ବୁଝ ?"
ସେ ମୋ ମୁହଁକୁ ବଲ ବଲ କରି ଅନେଇଲା ।
"ଭଲ ପାଇବା ମାନେ ପ୍ରେମ ।"
ତେବେ ବି ସେ ନିରୁତ୍ତର ।

"ମୁଁ ବୁଝିଛି ମୀରା ! ତମେ ମତେ ଭଲ ପାଅ । ତମେ ତାହା ପ୍ରକାଶ କରି ପାରୁନାହଁ । ବୁଝିଲି ଯେଉଁଠି ଗମ୍ଭୀର ଭାଷା ସେଠି ମୂକ ।" ମୀରା ହଠାତ୍ ହସି ଦେଲା ଓ କହିଲା, "ମୁଁ କେବଳ ସୁନ୍ଦରକୁ ଭଲ ପାଏଁ ।"

"ମୀରା ! ରହସ୍ୟମୟୀ ମୀରା ! ତମେ କଣ, ସମସ୍ତେ ତ ସୌନ୍ଦର୍ଯ୍ୟକୁ ଭଲ ପାନ୍ତି । ତମେ ଯେ ସୁନ୍ଦର ତମକୁ ତ ସେହି ଭଳି ଭଲ ପାଇବ ।" ଆବୃତ୍ତି କଲି ରବୀନ୍ଦ୍ର କବିତା ଜାଣେନା ଏପ୍ରୋପ୍ରିଏଟ୍ କି ନା ।

"ଏଇ ଯେ ସୌନ୍ଦର୍ଯ୍ୟ ଲାଗି ପାଗଳ ଭୁବନ,
ଫୁଟନ୍ତ ଅଧର ପ୍ରାନ୍ତେ ହାସିର ବିଳାସ
ଲାବଣ୍ୟ ତରଙ୍ଗ ଭଙ୍ଗ ଗଭୀର ଉଚ୍ଛ୍ୱାସ
ଯୌବନ ଲଳିତ ଲତା ବାହୁର ବନ୍ଧନ
ଏସବୁ ତୋ ତୋମାରେ ଘିରେ ଅଛେ ଅନୁକ୍ଷଣ,
ତୁମି କି ପେଯେଛ ନିଜେ ସୌନ୍ଦର୍ଯ୍ୟ ଆଭାସ ?
ମଧୁରତେ ପୂର୍ଣ ଯାରେ କରିଯ୍ଛା ସୃଜନ
ବୁଝିତେ ପାର କି ନିଜ ମଧୁ ଆଲିଙ୍ଗନ ?

× + ×

ଏଇ ଅଯଥା ପ୍ରଶଂସା ଶୁଣି ମୀରା ତରଳିଗଲା—କିଏ ନ ତରଳିବ । ଯଥ ଦେବତା କାଠ ପଥରର ତାଙ୍କୁ ବି ପଦ ଟେକ ଟାକ କହିଲେ ସେମାନେ ବର ଦେଇ ପକାନ୍ତି—ମୀରା ତ ମଣିଷ ।

"ମୀରା ! ତମେ ଏ ଶାଢ଼ୀଟି ପିନ୍ଧିଲେ ଠିକ୍ ସବୁଜ ପରୀଟି ଭଳିଅ ଦେଖା ଯାଅ । ତମର ସୌନ୍ଦର୍ଯ୍ୟ ଜ୍ଞାନ ଓ Choice of colours ପ୍ରଶଂସା ଯୋଗ୍ୟ । ଦେଖ, ପ୍ରକୃତି କେମିତି ନିଜକୁ ସଜେଇଛି ସବୁଜ ରଙ୍ଗ ଦେଇ । ସବୁଜ ରଙ୍ଗଟା ତମକୁ ଚମତ୍କାର ମାନୁଛି ।

ମୀରା ମୋର ଏଇ ସ୍ତୁତିବାକ୍ୟ ଶୁଣି ଖୁବ୍ blush କରୁଥାଏ । କିଛି କହି ପାରୁ ନଥାଏ ।

\+ × +

ତହିଁ ଆର ଦିନ ରାତି ୯ଟା ପରେ । ମୁଁ ଗଲାବେଳକୁ ମୀରା ଓ ଧୀରା ବସିଛନ୍ତି । ମୀରା ସେଇ ସବୁଜ ଶାଢ଼ୀ ଖଣ୍ଡ ପିନ୍ଧିଛି । ଭାବିଲି ନିଶ୍ଚୟ ଔଷଧଟା କାମ କରିଛି । ମୀରା ନିଶ୍ଚୟ ମୋତେ ଭଲ ପାଇ ସାରିଲାଣି, ତା ନହେଲେ ସେଇ ଶାଢ଼ୀଟା ପୁଣି ଆଜି ପିନ୍ଧିଥାନ୍ତା । ମୁଁ ପଚାରିବାରେ ଧୀରା କହିଲା "ଆଇଲେ ରବୀନ୍ଦ୍ର ନାଥଙ୍କ ଭକ୍ତ"—ମୀରା ହୋ ହୋ ହୋଇ ହସି ଉଠିଲା । ଧୀରା ଠାରୁ ଏ ଟାଇଟଲଟି ପାଇ ମନେ ମନେ ଗର୍ବ ଅନୁଭବ କଲି ମୁଁ । ଭାବିଲି ମୀରା ତାକୁ ଏକଥା ନିଶ୍ଚୟ କହିଚି ତା ନହେଲେ ଧୀରା ଏତେଟିକି ଟିଲ ତା'ର ଏତେ ବୁଦ୍ଧି କା ! ମୀରା ତାର ମନର ଭାବ ପ୍ରକାଶ କରୁଛି ଧୀରାକୁ ମଧ୍ୟବର୍ତ୍ତିନୀ କରି ।

ମୀରା ଆଜ ଆଗ କଥା ଆରମ୍ଭ କଲା ମୁଁ କିଛି କହିବା ପୂର୍ବରୁ "ଆପଣଙ୍କ ରବୀନ୍ଦ୍ର କବିତା ଚର୍ଚ୍ଚା କେତେଦୂର ଗଲା ?"

"ମୀରା ! ରବୀନ୍ଦ୍ର କବିତା ଥରେ ଧରିଲେ ତାକୁ ଛାଡ଼ି ହୁଏ ନାହିଁ । ମୁଁ ଯେତେ ଥର ପଢ଼ୁଚି ମୋତେ ପ୍ରତିଥର ନୂଆପରି ଲାଗୁଛି । ବୁଝିଲି ସେହିଦିନ ଗୋଟିଏ କବିତା ପଢ଼ୁଥିଲି ସେଥିରୁ ଦି ଲାଇନ ମନେ ଅଛି—

Digitized by srujanika@gmail.com

“ଓଇ ଉଦ୍‌ଖାନ ତବ ଅମି ଭୁଲୋବ ସି ।
ଏ ପ୍ରାଣ ତୋମାର ଦେଖେ ହୟେଛେ ଉଦାସୀ
ଝିଗିରେତେ ଝଲମଲ ଢଳ ଢଳ ଫୁଲ
ଫୁଟେ ପଡ଼େ ଥରେ ଥରେ ଯୌବନ ଜବାଣି ।

× + ×

ଓଇ ଦେଖ ଖାନ ବୁକେ ଝୁଲେ ନେବ ଚାଲ!,
ପଞ୍ଚଦଶ ବସନ୍ତେର ଏକଗାଛ ମାଳା ।”

ମୀର୍ ହଠାଏ ହସି ଦେଲା—ଧୀର୍ କହିଲା “ବ୍ରେଭ୍ରେ ରବନ୍ଦ୍ରନାଥଙ୍କ ବସ୍ତୁ”

‘ଟ୍ରୁପକର ଧୀର୍’ ମୀର୍ ଏତକ କହି ଢ'ଣ ତା କାନ ପାଖରେ କହିଦେଲା ଧୀର୍ ଉଠି ଚାଲିଗଲା ।

ମୁଁ କହିଲି ମୀର୍ !

“ଭଲେ ବାସ କି ନା ବାସ    ବୁଝିତେ ପାରିନେ
ତାଇ ଭାଲେ ଥାକି,
ତାଇ ତବ ମୁଖ ପାନେ    ରଖିଯାଛି ମେଲି
ସର୍ବଗ୍ରାସୀ ଅଁଖି ।
ତାଇ ସାରା ରାତି ଦିନ    ଶ୍ରାନ୍ତ ତୃପ୍ତି ନିଦ୍ରାହୀନ
କରିତେଛି ପାନ,
ଯତଟୁକୁ ହାସି ପାଇ    ଯତଟୁକୁ କଥା
ଯତଟୁକୁ ଗାନ ।

+ × + +

ମୀର୍ କହିଲା, “ସେଇ କବିତାର ଶେଷ ଲାଇନଟା ମନେ ଅଛି ତ ?”

‘ଜୀବନେର କି କି ଅଛେ,    ପ୍ରେମ ନହେ ଫାଁକି
ପ୍ରାଣ୍ ନହେ ଖେଲ ।’

ମୋର ଅଭିଜ୍ଞ ନଥିଲା ମୀର୍ ବି ରବନ୍ଦ୍ର କବିତା ପଢ଼େ । ମୁଁ ହଠାଏ ଅପ୍ରସ୍ତୁତ ହୋଇ ପଡ଼ିଲି । ତେବେ tactfully manage କରି ନେଇ କହିଲି—

ଆକାଶେର ଦୁଇ ଦିକ୍ ହତେ
ଦୁଇଖାନି ମେଘ ଏଲ ଭେସେ,
ଦୁଇଖାନି ଦିଶାହାରା ମେଘ—
କେ ଜାନେ ଏସେଛେ କୋଥା ହତେ !
ସହସା ଥାମିଲ ଥମକିଯା
ଆକାଶେର ମାଝଖାନେ ଏସେ,
ଦୋହାଁ ପାନେ ଚାହିଲ ଦୁଜନେ
ଚତୁର୍ଥୀର ଚାନ୍ଦେର ଆଲୋତେ ।

+ × × +

ଦୋହାଁର ପରଶ ଲୟେ ଦୋହେଁ
ଭେସେ ଗେଲ, କହିଲ ନା କଥା,
ଫେଲେ ଗେଲ ସନ୍ଧ୍ୟାର କାହିନୀ,
ଲୟେ ଗେଲ ଉଷାର ବାରତା ।”

“ମୀର୍ ! ଏ ଦୁନିଆରେ କୌଣସି ଜିନିଷ ଚିର ନୁହେଁ—ଆମର ଏ କ୍ଷଣିକ ମିଳନ ଟା' କୁ—ସ୍ମୃତିମୟ ଓ ମଙ୍ଗଳମୟ ନ କରିବା କାହିଁକି ଆମେ ଭବିଷ୍ୟତ କଥା ବା ଗତ କଥା ଭାବିବା କାହିଁକି ?”

“ଆପଣଙ୍କର ଏଇ “କ୍ଷଣିକ ମିଳନ” କଥାଟା ଗୋଟେ ସାମୟିକ ଉତ୍ତେଜନା ନୁହେଁ କି ? ଆପଣ ପ୍ରେମର ବିକୃତ କରୁ ନାହାନ୍ତି କି ? ପ୍ରତ୍ୟେକ ଜିନିଷର ଭଲ ଓ ଖରାପ ଦୁ'ଟା ପାଖ ଅଛି—ଆପଣ ଭଲ ପାଖଟାକୁ ମୋଟେ ଦେଖୁ ନାହାନ୍ତି ବା ଦେଖି ନ ଦେଖିଲା ଭଳି ବ୍ୟବହାର କରୁଛନ୍ତି । ମଣିଷ ଜୀବନର ପବିତ୍ରତାଟାକୁ ରକ୍ଷା କରିବା କର୍ତ୍ତବ୍ୟ ନୁହେଁକି ? ସେଇ ରବି ଠାକୁର ଆପଣଙ୍କର କହିଯାଇଛନ୍ତି:—

“ମିଛେ ହାସି ମିଛେ ବାଂଶି ମିଛେ ଏ ଯୌବନ,
ମିଛେ ଏଇ ଦରଶେର ପରଶେର ଖେଳା ।
ଚେୟେ ଦେଖୋ, ପବିତ୍ର ଏ ମାନବ ଜୀବନ,
କେ ଇହାରେ ଅକାତରେ କରେ ଅବହେଳା ।

× + ×

ଏ ନହେ ଖେଳାର ଧନ, ଯୌବନେର ଆଶ,
ବଲେନା ଇହାର କାନେ ଆବେଶେର ବାଣୀ ।
ନହେ ନହେ ଏ ତୋମାର ବାସନାର ବାସ,
ତୋମାର କ୍ଷୁଧାର ମାଝେ ଆନିଓ ନା ଟାନି ।”

“ତୁମେ ଭୁଲ ବୁଝୁଛ ମୀର୍—ମୁଁ ତ ଜୀବନର ପବିତ୍ରତା ନଷ୍ଟ କରି ଦବାକୁ ଚାହୁଁ ନାହିଁ—ପ୍ରେମ ତ ସବୁବେଳେ ପବିତ୍ର । ମୁଁ କହୁଛି ସୁଖ କାହାର ପାଇଁ ଅପେକ୍ଷା କରି ରହେ ନାହିଁ । ଯେ ସମୟ ହଠାତ୍ ସୁଖ ଆସୁଛି ସେତେବେ ଆମେ ଉପଭୋଗ ନ କରିବା କାହିଁକି ? ସେଇ ରବୀନ୍ଦ୍ରନାଥ ତ କହିଛନ୍ତି—

ସୁଖେର ତାହାର ବେଣି ଏକଦଣ୍ଡ କାଳ

( ଅବଶିଷ୍ଟାଂଶ ୭ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

## କାହାଣୀ……

## "ଫୁଲ ଓ କଢ଼"

ଲେଖକ— ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି

**ଆଜି** ଭଲ ଲଗୁ ନାହିଁ ।

ଖରାଦିନ ଦ୍ୱିପହରର ଧୂମୁଧୁମିଆ ଗରମ । ସିଟେଇ କରି କରି ହାତ ଓ ଅଙ୍ଗ କ୍ଳାନ୍ତ, ଅବସନ୍ନ । ଆଖିପତା ମୁଦି ଆସୁଛି ।

ଦଶ ବର୍ଷର ଅଲଅଲ ବାଳିକା ନରୁ ଘର ଭିତରକୁ ପଶି ଆସିଲା ।

'ଅପା ! କଣ କରୁ କହୁନ ? ଗୋଟେ ଭଲ ଖବର ଦେବି ।'

କମଳାର ତନ୍ଦ୍ରା ଭାଙ୍ଗିଗଲା । କହିଲା – 'କଣ କହୁନୁ ?

'କଣ କରୁ କହିସାର ଆଗ ।'

'କଣ ଆଉ ଦେବ ? ଅଚ୍ଛା—ତତେ ଗୋଟେ ଭଲ ଫୁଲ ଶିଖେଇ ଦେବି ।'

'ସେଥିରୁ ମତେ କଣ ମିଳିବ ?'

'ଆଉ କଣ ? ହଉ, ବିସ୍କୁଟ ଦଶଟା ଦେବି ।'

'ମୁଁ କଣ ଛୁଆ ହେଇ ଯାଉଚି, ମତେ ବହଲଉ କରୁ ?

କମଳା ଉପାୟାନ୍ତର ନ ଦେଖି ମୁହଁଟା ବୁଲେଇ ନେଇ କହିଲା—'ତେବେ ମୁଁ ଜାଣେନା । ମୋର ଶୁଣିବାର ଦରକାର ନାହିଁ ।'

ନରୁ ଦୁଆର ପାଖକୁ ଆଗେଇ ଯାଇ କହିଲା—'ଯାଉଚି ଅପା !'

କମଳା ତା କଡ଼କୁ ଉଠି ଯାଇ ହାତ ଦୁଇଟି ଧରି ପକାଇ କହିଲା—'ମୁନା ଭଉଣୀଟା ପରା । କହ । ଆଜ ଏକ୍ଜିବିସନ ଦେଖିବାକୁ ଗଲେ, ଭଲ ଜିନିଷଟାଏ କିଣି ଦେବି ।'

'ଆଜ ବାବା ଭଉଜକୁ କହୁଥିଲେ, ତୋ ବାହାଘର ଜାଲନ୍ଧରର ଉକିଲଙ୍କ ସାଙ୍ଗରେ………'

'ଅଃ ! କରିବାକୁ କେହି ମିଳିଲେ ନାହିଁ ? ଯାଉଚୁନା !'

ନରୁ କାନ୍ଦ କାନ୍ଦ ପଳେଇଲା ।

କମଳା ଆକାଶ ପାତାଳ ଭାବିବାରେ ଲାଗିଲା । ତାକୁ ଏବେ ଷୋଳ ବର୍ଷ । ସବୁଜ ଘାସ ଉପରେ ଶୀତ ଦିନର ସକାଳର କାକର ଟୋପା ପରି ଯୌବନଶ୍ରୀ ତାର ଢଳ ଢଳ । ବାହାର ଦୁନିଆଁର ସ୍ପର୍ଶ ଲଭିବାକୁ ମନ ବ୍ୟଗ୍ର ହେଇ ଉଠେ ।

ଆଖିରେ ମୁହଁ ତଳକୁ ପୋତି ବସି ରହିଲା ।

× × ×

କମଳା ଦାମ୍ପତ୍ୟ ଜୀବନର ଚତୁର୍ଥ ବର୍ଷରେ ପଦାର୍ପଣ କରିଛି ।

ନିର୍ମଳା ଛଅ ମାସ ହେବ ବଢ଼ିଛି ।

ତା ପାଇଁ ବର ଖୋଜା ଲାଗିଛି ।

❊ ❊ ❊

---

( ମଜାକଥା ପାଞ୍ଚ ପୃଷ୍ଠା ଉତ୍ତାରୁ )

ଧରିତ୍ରୀ ରଖିଲେ ସୁଖ ଦୁଃଖ ହୃଦୟେ ଉଠେ,
ଯତକ୍ଷଣ୍ ଅଛେ ତତକ୍ଷଣ୍ ରହୋ-
ଯତ୍କିଞ୍ଚୁ ଅଛେ ତତ୍କିଞ୍ଚୁ ଲଓ ।
ମିଳନର ପ୍ରାତଃକାଲେ ଯତଟୁକୁ ଦେଏଛିଲେ
ତୃପ୍ତିର ସନ୍ଧ୍ୟାୟ ତା'ର ବେଶୀ ଆର
କରୋନା ଆଶା ।

\+ × ×

ମୀରା ଚୁପ୍ ରହିଲା—ମୁଁ ଭାବିଲି ମୁଁ ହେଲି ଦିଗ୍ବିଜୟୀ—ମୀରା ଯେତେବେଳେ ୧୭ ବର୍ଷର ବାଳିକା ସେ କଣ ଯୁକ୍ତିରେ ମୋ ସାଙ୍ଗେ ପାରନ୍ତା – ମୁଁ କହିଲି ମୀରା-

ପ୍ରତି ଅଙ୍ଗ କାନ୍ଦେ ତବ ପ୍ରତି ଅଙ୍ଗ ତରେ ।"
ପ୍ରାଣେର ମିଳନ ମାଗେ ଦେହେର ମିଳନ
ହୃଦୟେ ଆଚ୍ଛନ୍ନ ଦେହ ହୃଦୟେର ଭରେ ।
ମୂରଛି ପଡ଼ିତେ ଚାୟ ତବ ଦେହ ପରେ ।
ତୋମାର ନୟନ ପାନେ ଧାଇଛେ ନୟନ
ଅଧର ମରିତେ ଚାୟ ତୋମାର ଅଧରେ ।"

ହୁଇଟ ମୀରା – କିଭଳି ମୀରା ଗୋଟିଏ ଚୁମା – Just a kiss and I die—ମୁଁ ଏତିକି କହି ମୀରାକୁ ଧରିବାକୁ ଯାଉଛି – ମୀରାର ଚପଲର ବହିଥାଏ ଅପତ୍ତି ନଂଲା ପର । ଧୀରେ କେତେବେଳେ ଆସି ମୋ ପଛରେ ହାଜର ହେଲାଣି ମୋତେ ମାଲୁମ ନାହିଁ । ମୁଁ କେବଳ ଅନୁଭବ କଲି ପଟ୍ ଭେଲଭେଟ୍ ଚଟିର ମୃଦୁ ପରଶ ଓ ଆଉ ଧୀରେ ଶିଲ ଶିଲ କରି ହସି କହୁଛି – A kiss from my slippers and you die.

❊ ❊ ❊

Digitized by srujanika@gmail.com

## କାହାଣୀ .....

# ପାଗଳୀ

ଲେଖିକା :- କୁମାରୀ ନୈନିବାଳା

ଦିନ ଅଇଜା ତାଳ-ପତ୍ର-ଛାଟି ଛପରାଟିକୁ ଅଜ ଝିଙ୍କାଏ ଭିତରକୁ ଠେଲି ସେଉନ୍ତି ଧୀରେ ଧୀରେ ଆଗକୁ ଅଗ୍ରସର ହେଲା । ପଛକୁ ବାରମ୍ବାର ଚାହିଁ ସେ ଆଗକୁ ପାଦ ପକାଉ ଥାଏ । ଗୋଟାଏ ଅଜଣା ଆଶଙ୍କାରେ ବୁକ ତାର ଦପ୍ ଦପ୍ ପଡ଼ୁଥାଏ । ତା'ପରେ ଦୁଆରର ଅମ୍ବ, କରମଙ୍ଗା ଗଛକୁ ଚାହିଁ ଅତୀତର କେତେ ମଧୁ ସ୍ମୃତି ତା' ବୁକୁ ତଳେ ଭରି ଦଉଥାଏ କୋହ । ଅଠବର୍ଷ ପରେ ଏ ଭୂଇଁରେ ଆଜି ସେ ନୂଆ କରି ପାଦ ପକାଇଲା । ଦଶବରଷରୁ ବେଶି ହବ, ଦିନେ କେତେ ସରାଗ-ମୁଖରେ ସେ ଏ ଗଛ ଦୁଇଟିକୁ ନିଜ ହାତରେ ଏଠି ପୋତିଥିଲା ।........ ପବନରେ ତାଳ ପତ୍ର ହଲାଇ ସେ ଯେପରି ନିଜ ପାଖକୁ ଆହ୍ୱାନ କରୁଛନ୍ତି...... ସେଉନ୍ତିକୁ ।

ଅଖି ପୋଛି ସେଉନ୍ତି ଭିତରେ ପଶିଲା । ପାଞ୍ଚ ଛ' ହାତ ଲମ୍ବ ଓସାର ଛୋଟ ଘରଟିଏ । କହିଁ କାନ୍ଥ ଛିଞ୍ଚିକଣା ତା ବୁକୁରେ ଯେପରି ବାଜନ । ଧୂଳି ସର ସର—ଅଳଅ—ଅସନା—ସେଇ ଘରେ ଖଣ୍ଡେ ଛିଣ୍ଡା କନ୍ଥା ଉପରେ ଶୋଇଛି ତାର ଧନ ।

ଆଗେ—ସେଉନ୍ତି ଯେତେବେଳେ ଏ ଘରର ଘରଣୀ ହୋଇଥିଲା, ଏ ଛୋଟ ଘର ଖଣ୍ଡିକରେ ଗାଈ ବନ୍ଧା ହେଉଥିଲା । ଆର ପାଖ ଘରେ ସେମାନେ ରହୁଥିଲେ । ଆଉ ଖୋଲିଏ ଘର ଥିଲା ଏ ପାଖକୁ । ସେ ଘରେ ଚଳା ବାସ ହେଉଥିଲା । ସେ ଘର ଭାଙ୍ଗି ଗଲାଣି ଆଜି । ଭଙ୍ଗା କାନ୍ଥ ଖଣ୍ଡିକ କେବଳ ମୁକ୍ତ ଗଗନକୁ ଚାହିଁ ହାହା-କାର କରୁଛି ।

ସେଉନ୍ତି ବୁକଭରା କୋହରେ ଜଗୁଆକୁ ନିଜର ବୁକୁ ଉପରେ ଟେକି ଧରିଲା । ଜଗୁଆ ଜରରେ ଅଜ୍ଞାନ । ସେଉନ୍ତି ଆଖିରୁ ଧାର ଧାର ଲୁହ ଜଗୁଆର ମୁହଁ ଭିଜି ଗଲାଣି—ତଥାପି ତାର ଜ୍ଞାନ ହବାକୁ ନାହିଁ......

ସେଉନ୍ତି ଦୀର୍ଘନିଃଶ୍ୱାସ ପକାଇ ଜଗୁଆର ମୁହଁ ଉପରେ ଲୋଟି ପଡ଼ିଥିବା ବାଳ ଗୁଡ଼ାକୁ ସଜାଡ଼ିଲା ବୁକୁର କୋହ ଯେତିକି ସେ କମାଇବାକୁ ଚେଷ୍ଟା କଲା—ସେତିକି ବେଶି ତା' ଆଖିରୁ ଅଶ୍ରୁ ଧାର ଛୁଟିଲା । ଘରେ ଆଉ କେହି ନାହିଁ । ନେତ କି ମୁକୁଆ କେହି ଚୋଯଣ୍ଡିଏ ଘରେ ନାହାନ୍ତି ।

ବାପ ମା'ଙ୍କର ସେ ଗୋଟିଏ ବୋଲି ଝିଅ ଥିଲା—ଅତି ସରାଗରେ ତେଣୁପାଇଁ ସେଉନ୍ତି ବୋଲି ଡାକୁଥିଲେ ତାକୁ । ସମସ୍ତଙ୍କ ପରି ଯେଉଁଦିନ ସେ ସଂସାର-ପଥର ଯାତ୍ରୀ ହେଲା ବାପ ମା' ତା'ର ତାଙ୍କର ଜନ୍ମକୁ ଚାହିଁ ଉଦ୍‌ବେଗ କରିଥିଲେ ।

ଶାଶୁ ଶଶୁର ତାର କେହି ନ ଥିଲେ । ମୁକୁଆ ଆଉ ସେ--ଏହି କ୍ଷୁଦ୍ର ସଂସାରଟିକୁ ଚଳାଇବାକୁ ସେଉନ୍ତି କେତେ ପଛଘୁଞ୍ଚା ଦେଇନ—ପ୍ରାଣପଣେ ଲାଗି ସେ ସ୍ୱାମୀର ସେବା କରିଛି । ତଥାପି ମୁକୁଆକୁ ସନ୍ତୋଷ କରି ପାରିନ । ମୁକୁଆ ଅକାରଣରେ ତାକୁ ମାରେ—ଗାଳି ଦିଏ—ସେଉନ୍ତି ସବୁ ସହୁ ଥାଏ ।

ଏମିତି ଚାରିବରଷ କଟିଗଲା—ସେତେବେଳକୁ ଜଗୁଆ ଦୁଇ ବରଷର । କାନ୍ଦି କାନ୍ଦି ସେଉନ୍ତିର ଆଖିରୁ ଲୁହ ଝରି-ଗଲା—ସହି ସହି ଛାତି ପଥର ପାଲଟିଲା—ତଥାପି ମୁକୁଆ ଅନ୍ତରରେ ଦୟା ହେଲନାହିଁ । ସେଦିନ—କି ଗୋଟାଏ ଛିଅଳରେ ସଂସାରର ସବୁ ମାୟା ମମତା ଛୁଟାଇ ସେଉନ୍ତି ହେଲା ପଥର ଭିକାରୁଣୀ । ଜଗୁଆଟିର କାନ୍ଦ ଏବା ପଛକୁ ତାର ଗୋଡ଼ ଦୁଇଟାକୁ ଟାଣୁଥିଲା । ସେଉନ୍ତି ତାର ପୋଡ଼ା କରମକୁ ଚାହିଁ ଭୁଲିଗଲା ସବୁ ।

\+ + + +

କିନ୍ତୁ ତା ବୁକୁର କୋହ ଯେତିକି କମାଇବାକୁ ସେ ଚେଷ୍ଟା କରେ—ସେତିକି ବେଶି ହୋଇ ଉଠେ । ଜୀବନର ସବୁ କଥା ଯେତେବେଳେ ତାର ଅନ୍ତରଟାକୁ ଘାଣ୍ଟି ପକାଏ ସେ କେବଳ ଅଶ୍ରୁ ଗଡ଼ାଇ ଶାନ୍ତି ପାଏ ।

ତା' ପରେ—ମୁକୁଆ ନେତକୁ ବିବାହ ହେଲା । ସେଉନ୍ତି ଶୁଣିଲା—ସବୁ ଶୁଣିଲା—ତା' ପ୍ରାଣରେ ଜଗୁଆଟିର କଥା—। ସାବତ ମା' ହେଲେକି—ଛାତିର ତା'ର ପାଷାଣରେ ଗଢ଼ା ନୁହେଁ—ଶିଶୁ ସେ—ବୟସ ଚାରିସାଟି ଯାଉ—ତାକୁ କଅଣ ସତେ ସେ ଅନାଦର କରୁଥିବ......

—ଏମିତି—ଏମିତି ଆଠ ବରଷ କଟିଗଲା—ତଥାପି ତା' ସ୍ୱାନ ଜୀବନଟା ଉପରେ ମୃତ୍ୟୁ ଦେବତାର ନଜର ପଡ଼ିଲା ନାହିଁ କି ଅତୀତର ମାୟା ମମତା ତା' ବୁକୁ ଉପୁର ଲିଭିଲା ନାହିଁ । ସେ ଆଉ ସମ୍ଭାଳି ପାରିଲା ନାହିଁ—ଯେତେବେଳେ ଶୁଣିଲା—ଜଗୁଆ ତାର ମୃତ୍ୟୁ ଶଯ୍ୟାରେ । ମୁକୁଆ କି ନେତ ତାକୁ ପଚାରୁ ନାହାନ୍ତି ।

Digitized by srujanika@gmail.com

ଅଖିରୁ ଲୁହ ଟପ ଟପ—ଅଂଗରେ ମାନ ଅପମାନକୁ ପଛରେ ପକାଇ ସେ ପୁଣି ଚାଲିଲା—ପଥକୁ ଗୋଡ଼ାଇ।

ମୁଣ୍ଡର କଣ୍ଟୁଆ ବାଳ ଫୁରୁ ଫୁରୁ ଉଡ଼ୁଛି—ଚିକ୍କଣ କଳା ଖଣ୍ଡକ ଛିଣ୍ଡା କନାଠାରୁ ମଇଳା—ସେଇରଣ୍ଡ ତୋଳି ଦେହ ଚହ୍ନି ପାରିବେ ନାହିଁ—ସେତିକି ମୁହଁର ରୂପ କଳା ବାଠ—ସେ ହସ ହସ ମୁହଁରେ ଚିହ୍ନାର ଏକୁ ଗନ୍ଧ—। ସଧବାର ଚିହ୍ନ—ହାତରେ ତାର ରେଶମୀ ବାଡ ଦ' ପଟ—

କେତେ ବେଳକେ ଜଗୁଆ ମୁହଁଟେକ ଚାହିଁଲା—ସେଇରଣ୍ଡ ତାକୁ ବୁକୁ ଉପରେ ଚାପିଧରି କହିଲା—"ବାପ, ଡରନା। କୋଇପଡ଼ ମୋ' କୋଳରେ।"

କମ୍ପିତ କଣ୍ଠରେ ଜଗୁଆ ଚିତ୍କାର କରିଲା—"ଇ—ଲେ—ମା—ଲେ। ମତେ ଡାଆଣୀ ଖାଇ ଗଲା—।"

"ନାଇଁ ବାପ, ମୁଁ ଡାଆଣୀ ନହଁ—ତୋ, ମା'।"

ସେଇରଣ୍ଡ ଯେତେ ବୁଝାଇଲା—ଅରଗ କଲା—ଜଗୁଆ ଯମା ବୁଝିଲା ନାହିଁ। କହିଲା—"ମୋ' ମା' ମରିଛି—ତୁ ଡାଆଣୀ ଅଉଛୁ ମତେ ଖାଇବୁ। ଖାଇଯା'—ତୋ' ପେଟ ପୁରିଯାଉ—ସାନ ମା' ଅଉ ବାପା ରହନ୍ତୁ ଶାନ୍ତିରେ।

ଜଗୁଆ କହି କହି ହୋଇ ବାନ୍ଧ ଉଠିଲା। ପିଲା ଲୋକ। ବାପମା'ଙ୍କ ଅବହେଳାରେ ତା' ମନରେ କେତେ ଦୁଃଖ। ସେ ଜାଣିଛି—ତା' ନିଜ ମା' ମରିଛି।

—ସେଇରଣ୍ଡର ଅଖିରୁ ଲୁହ ଧାର ଧାର ହୋଇ ବହିବାକୁ ଲାଗିଲା। ବୁକୁ ଉପରେ ଜଗୁଆକୁ ଚିମିଡ଼ି ଯାକି ଧରି ଥାଏ।

ମା' ବୋଲି ଜଗୁଆ ଚିହ୍ନୁନି। ଦୁଇ ବରଷରୁ ତ ମା'କୁ ଦେଖିନି—ଚିହ୍ନିବ ବା କେମିତି। ସେ ଦୋଷତ ତାର ନୁହେଁ—ସେଇରଣ୍ଡର—ସେଇରଣ୍ଡ ନିଜେ ନିଜ ଧନକୁ ଫିଙ୍ଗି ଦେଇଛି—କୋଳରୁ। ସେ ତ ଚି—ନ୍ତା।

ସୂର୍ଯ୍ୟ ଦେବତା ସେତେ ବେଳକୁ ପ୍ରଭାତ ବଧୂଙ୍କୁ ଅଲିଙ୍ଗନ କଲେଣି। ଗୋଧୂଳିର ସୁନା ଅଲୋକ ଧରଣୀର ବୁକୁ ଉପରେ ବିଛେଇ ହୋଇ ପଡ଼ିଛି। ବାହାରେ ଉଡ଼ୁ ଲତା ସବୁ ପବନରେ ତାଳମୟ ହଲଇ ନାଚୁଛନ୍ତି—ସମୀରଣ କଲି କଲି ହୋଇ ଯାଉଁଛି।

ସେଇରଣ୍ଡ ଭାବିଲା—ଜଗୁଆକୁ ତା' ସାଥୀରେ ବୁଝାଇ ନେଇଯିବ—ଅହା! ଧନଟି ତାର କେତେ ଅବହେଳା ହଉଛି—

କିନ୍ତୁ ନେଇ ପାରିବତ? ପଥର ଭିକାରଣୀର ପୁଣି ମାୟା!! କେମିତି କେତେ ଜଣ ସେ ଭିକ ମାଗିଛି—ତାର ସୀମା ନାହିଁ।

ହଠାତ୍ ତାଳ—ପତ୍ର—ଡାହିଁଟା ମେଲି ଦେଇ ଗଲା—ଜଣେ ଦୀର୍ଘବାହୁ ପୁରୁଷ ଘର ଭିତରକୁ ପୁଣି ପଶି ଆସିଲା ଜଗୁଆ ଚିତ୍କାର କରି କହିଲା—"ବାପା! ଏ ଡାଆଣୀଟା ମତେ ଖାଇଯିବ—

ସେ ତା' ବାପକୁ କୁଣ୍ଢାଇ ପକାଇବ ବୋଲି କର ପ୍ରସାରିଲା—

"ଖାଇ ଯାଆନ୍ତା କ ଡାଆଣୀ ତତେ—ମୁଁ ପରା ଶାନ୍ତି ପାଆନ୍ତି—"ମୂଳିଆ ରାଗରେ ଗମ ଗମ ହୋଇ କହିଲା—ଜଗୁଆକୁ ଭିକାରଣୀ କୋଳରୁ ଛଡ଼ାଇ ନେଇ।

"ତୁ ଭିକାରୁଣୀଟା—ଏ ଘରେ ପାଦ ପକାଇବାକୁ କିଏ ହୁକୁମ୍ ଦେଲା ତତେ?" ସେଇରଣ୍ଡ ଉପରେ ବାଠ ପାଳିଆ ଖଣ୍ଡକରେ ଦ'' ପାହାର ବସିଲା—। ମୂଳିଆ ମଦଖାଏ—ଅଖି ତାର ଦିଶୁଥିଲା—ମନ୍ଦାର ଫୁଲ ପରି। କିଣ୍ଣ ଭାବ ଶୁନ୍ୟଥିଲା।

—ସେଇରଣ୍ଡକୁ ସେ ଚିହ୍ନି ପାରିଲା ନାହିଁ କେଜାଣି!

ସେଇରଣ୍ଡ କିଛି ନକହି ଧୀରେ—ଧୀରେ ଘରୁ ବାହାରି ଆସିଲା—ବାହାରେ ଛୁଆ ଗୁଡ଼ାଏ ଛ'ଟାଙ୍କୁ ଦେଖି ପାଗଲୀଟାଏ ବୋଲି କହି ଦଉଡ଼ି ପଳାଇଲେ—ଘରକୁ।

---


## ଓଡ଼ିଶା ମଣ୍ଟେସୋରୀ ଟ୍ରେନିଂ ସ୍କୁଲ

ଫାର୍ଷ

### ଅସୁରାଲି

ପୋଃ ବୋଠାର ଜିଃ ବାଲେଶ୍ୱର

ପଲ୍ଲୀ ଅଞ୍ଚଳରେ ସ୍ୱଳ୍ପ ବ୍ୟୟରେ ଭାରତ ଗଭର୍ଣ୍ଣମେଣ୍ଟଙ୍କ ମେନ୍‌ଏଲ ମତେ ସର୍ବେ ଶିକ୍ଷା ତଥା ଦେଶର ବେକାର ସମସ୍ୟା ଓ ଦରିଦ୍ରତାର ଅତ୍ୟାଚାରରୁ ଯୁବକମାନଙ୍କର ମୁକ୍ତି ପ୍ରଦାନ ପାଇଁ ଏହି ସର୍ବେ ସ୍କୁଲ ସର୍ବଦା ଗମ୍ଭୀର ଉଦ୍ୟମ ପରେ ଓଡ଼ିଶାର ନାନା ସ୍ଥାନରେ କ୍ୟାମ୍ପ ଖୋଲି ଶିକ୍ଷା ଦେଇ ଆସୁଅଛି। ବର୍ତ୍ତମାନ ଏହାର ଏକ ଶାଖା ସ୍କୁଲ ଉତ୍କଳ ନୂଆବଜାରରେ ସ୍ଥାପନ କରା ଯାଇଅଛି।

ଯେଉଁ ଅଧ୍ୟକ୍ଷମାନଙ୍କର ସ୍କୁଲର ସବ ମୋଟ ଦେଢ଼ ଟ ୧୬ ଦେଇ ଲାଗି ବନ୍ଦବସ୍ତର ମୁହରି ଅମିନ, କାନୁନ୍‌ଗୋ ଓ ଇନ୍‌ସ ଟ୍‌ରର ହେବାକୁ ଅଭିଳାଷ ଥାଏ, ତେବେ ବିଶେଷ ବିଜ୍ଞାପନ ପାଇଁ ଟିକେଟ ସହ ଓ କହି ଦେଇ ପଠାନ୍ତୁ।


Digitized by srujanika@gmail.com

ମଜାକବିତା

# ମ୍ୟାଟ୍ରିକ୍ କେରିଅର୍

ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡା

ମ୍ୟାଟ୍ରିକ୍ କେରିଅର୍ ଛନୋଟି ବର୍ଷ
କଟିଗଲା ମୋର ଫୁର୍ତ୍ତିମାର,
ଏଲଜେବ୍ରାର ଫର୍ମୁଲା ଗୋଟେ
ହୋଇ ନାହିଁ ଦିନେ ମୁଣ୍ଡରେ ଧାର ।
କେଜାଣି କାହିଁକି ହିଷ୍ଟ୍ରି ନାଆଁଟା
ଶୁଣିଲେ ଜୋରରେ ପଡଇ ଛିଙ୍କ,
କିଏ ଘୋଷିପାରେ ପୁରୁଣାକଥାକୁ
ଜାଗିରହେ ସାରା ଜାଡ଼ୁଆ ରାତି ।
ଜ୍ୟୋଗ୍ରାଫିରତ "ଜି" ଅକ୍ଷରଟା
ଜାଣି ନାହିଁ, ଶୁଣି ହୋଇବେ କାବା,
ଜ୍ୟାମେଟ୍ରି ପିରିଅଡ ଆସଇଯେବେଟି
ମନେ ମନେ ଭାବେ ମଲିଲି ବାବା ।
ସଂସ୍କୃତ ଗୋଟାଏ ବିଷମ ପାଠ
ଯେତେ ପଢ଼ିଲେ ସେ ଆଇତ୍ତ ନୁହେଁ,
ସଂସ୍କୃତ ପଣ୍ଡିତ ଗାଜିଦା ବାଧା
ସହି ସହି ପିଠି ପଥର ହୁଏ ।
ଇଂରେଜୀରେ ମୋର ଦଖଲ ଥିଲା
ଫୋ, ଫା, କରି ଦିଅଇ ବକ୍କ,
ହୋଇଥିଲେ ମଧ୍ୟ ଗ୍ରାଜୁଏଟ୍ ଟାଏ
ଫୁଟାଣିରେ ମୋର ରହଇ ଶଙ୍କି ।
ଟିଉସନ୍ ମାଷ୍ଟର 'ଛବିଲ୍' ବାବୁ
ଛୁଆଇଁ ଦିଅନ୍ତି କାଉଁରୀ କାଠି,
ବିନା ପରିଶ୍ରମେ ବରଷେ ଶେଷେ
କ୍ଲାସ୍‌ପରେ କ୍ଲାସ୍ ଗଲଇ ଉଠି ।
(ମାତ୍ର) ମେଟ୍ରିକ୍‌ର ଏହାଶେଷ ବରଷଟି
ଏଥିରେ ତାଙ୍କର ନାହିଁତ ହାତ,
କାଉଁରୀ କାଠିକି ଦେବାକୁ ଝମ ସେ
ଇଉନିଭରସିଟି ସାର୍ଟିଫିକେଟ ?
ଶିକ୍ଷକଙ୍କ ଆଶ୍ରା ଦେଲିମୁଁ ଛାଡିଯେ
ଧ୍ୟାନ କଲି ଯାଇ "ଚଧର ଚୂଡ଼"*
ସୋମବାର ଦିନ ଅଟୁଆ ଟୋଇଣ
ସେବିଲି କରିଣ ଭକତି ଦୃଢ଼ ।
ଯାଚିଲି ଶଙ୍କରେ କନକଛତ୍ର
କରିଯିବ ଯେବେ ମ୍ୟାଟ୍ରିକ ପାସ ;
କପିଲାସ ବାସୀ ଟଳିଯିବେ ନିଶ୍ଚେ
ଏ କଥାରେ ମୋର ଦୃଢ଼ ବିଶ୍ୱାସ ।
ଦେଖୁ ଦେଖୁ ଆସି ପରୀକ୍ଷା ଭେଟିଟା
ଟ୍ରାମ୍ ଗଢରେ ହେଲି ହାଜିର,
କୋଶ୍ଚ୍ୟାନ୍ ଯାକତ ବିଷମକଡା
ଦେଇ ମୁଁ ଆସିଲି ବ୍ଲାଙ୍କ୍ ପେପର ।
ଥିଲା କିନ୍ତୁ ମୋର ଟାଣୁଆ ଆଶା
ମ୍ୟାଟ୍ରିକ୍ ପାସ୍ ଟା ହାତରେ ଥୁଆ,
ବଣିଆ ନିକଟେ କନକ ଛତ୍ର
ବାକି ଅଛି ଖାଲି ବରାଦ ଦିଆ ।
ଓଲଟାଉଁ ଦିନେ ସମାଜ ପୃଷ୍ଠା
ପ୍ରବେଶିକା ଫଳ ହୋଇଛି ଛପା,
ହାଲିଆ ହେଲି ମୋ ନାଆଁ ଖୋଜି ଖୋଜି
ନପାଇଣ ଶେଷେ ହୋଇଲି ଖପା ।
ଚପରାସି ଠାରୁ ହାକିମ ଯାକେଟି
କିଏ ସେ କଉଁଠି ନଖାଏ ଲାଞ୍ଚ,
ପଥର ଦେବତା ହେଲେ ବୋଲି ଏବା
ମୋହର ବେଳକୁ ଏତିକ ପାଞ୍ଚ ।

---

* ବୌଦ୍ଧଗଡ଼ର ପ୍ରସିଦ୍ଧ ମହାଦେବ

Digitized by srujanika@gmail.com

# କାଳିଆ ବଳଦ ଗଳ୍ପାଗଳ୍ପ ।

ସଂଗ୍ରାହକ—ଶ୍ରୀମାନ୍

ଯୁବକ—( ପ୍ରଣୟିନୀ ପ୍ରତି ) ଏକ ସନ୍ଧ୍ୟା ଠା ରେଣ ମଜଲିସରେ କଟେଇ ଯାଉଛି । ମୁଁ ଆଜି ୪ ଖଣ୍ଡ ସିନେମା ଟିକଟ କିଣି ଆଣିଛି ।

ପ୍ରଣୟିନୀ—ଗୁରୁଖଣ୍ଡ କଣ ହେବ, ଦୁଖଣ୍ଡ ହେଇ ଥିଲେ ଚଳିଥାନ୍ତା ।

ଯୁବକ—ଦୁଖଣ୍ଡ ତମ ବାପା ବୋଉଙ୍କ ପାଇଁ । ଆଉ ଦୁଖଣ୍ଡ ତମ ଛୋଟ ଭାଇ ଓ ଭଉଣୀଙ୍କ ପାଇଁ— ।

\+ \+ \+

ଜଣେ ଭଦ୍ର ଲୋକ ଜଣେ ଡାକ୍ତରଙ୍କ ପାଖକୁ ଯାଇ କହିଲେ "ଡାକ୍ତର ବାବୁ, ମୋତେ ଏମିତି କିଛି ଔଷଧ ଦିଅନ୍ତୁ ଯାହାକୁ ଖାଇଲେ ମୋର ଏ ଟେରିମି କଥା ଭୁଲି ଯିବ ।" ଡାକ୍ତର ସେଠୁ କୁଇନାଇନ୍, କାଷ୍ଟର ଅଏଲ, ଇପ୍‌ସମ ସଲ୍ଟ ଓ ଓ୍ୟାରମ୍ ଉଡ଼ ସବୁକୁ ମିଶାଇ ପାନେ ଦେଲେ । ଭଦ୍ରଲୋକଟି ସେ ପାନକ ଖାଇ ସପ୍ତାହେ ପର୍ଯ୍ୟନ୍ତ ସେହି ଔଷଧର ବଚକଟିଆ ଗୁଣ ଛଡ଼ା ଅନ୍ୟ କିଛି କଥା ଭାବି ପାରି ନ ଥିଲେ । \+ \+ \+

ମାଆ—( ଅଧୂଢ଼ା କନ୍ୟାକୁ ) ତୁ ତାକୁ ବାହାହେବାକୁ ମନ କରୁଛୁ ଯେ, ତା ପାଖରେ କିଛି ଟଙ୍କା କଉଡ଼ି ଅଛି ତ ?

ଝିଅ—କାହିଁକି ନାହିଁ ମ ? ହେଇ ଦେଖୁନୁ ସେ କେମିତିଆ ମୁନ୍ଦି ମଟେ ଉପହାର ଦେଇଛନ୍ତି ।

ମାଆ—ହଁ ଯେ, ମୋର କହିବା କଥା ହଉଚି ବାକି କିଛି ଅଛି ତ ? ×

# ନିବେଦନ

P. E. N ଅନୁଷ୍ଠାନର ବମ୍ବେଠାରେ ଥିବା ଭାରତୀୟ ଶାଖା ଏକ ଅନ୍ତର୍ଜାତିକ ସଂସ୍ଥା । ଭାରତୀୟ ବିଭିନ୍ନ ସାହିତ୍ୟର ଗତିବିଧି ବିଷୟରେ ପରିଚୟ ଦେବା ପାଇଁ ଏବଂ ସାହିତ୍ୟ ଭିତରେ ଅନ୍ତର୍ଜାତିକ ସହଯୋଗ ଏବଂ ଐକ୍ୟ ସ୍ଥାପିତ କରିବା ପାଇଁ ଭାରତୀୟ P. E. N ଶାଖା ଉଦ୍ଦିଷ୍ଟ । ଭାରତୀୟ P. E. N ଶାଖା ତରଫରୁ The Indian P. E. N ନାମରେ ଏକ ମାସିକ ମୁଖପତ୍ର ବାହାରେ । The Indian P. E. N ପତ୍ରିକାର ବାର୍ଷିକ ମୂଲ୍ୟ ଟ ୫୲ ଏବଂ ଯେ କୌଣସି ବ୍ୟକ୍ତି ଏହାର ଗ୍ରାହକ ହୋଇ ପାରନ୍ତି । P. E. N ପତ୍ରିକାରେ ଭାରତୀୟ ବିଭିନ୍ନ ସାହିତ୍ୟରେ ଅନୁଷ୍ଠିତ ସାହିତ୍ୟିକ ଉତ୍ସବ, ସଭା, ପୁରସ୍କାର ଏବଂ ନୂତନ ପ୍ରକାଶିତ ପୁସ୍ତକ ପ୍ରଭୃତିର ପରିଚୟ ଏବଂ ଆଲୋଚନା ବାହାରେ । ଓଡ଼ିଶାର ଯେଉଁ ପ୍ରକାଶକ ଏବଂ ଲେଖକମାନେ ନିଜର ସଦ୍ୟ ପ୍ରକାଶିତ ପୁସ୍ତକମାନଙ୍କର ଆଲୋଚନା ଏବଂ ପରିଚୟ ଅନ୍ତର୍ଜାତିକ କ୍ଷେତ୍ରରେ କରାଇବାକୁ ଚାହାନ୍ତି, ସେମାନେ The Indian P. E. N, "Aryasangha" 22—Narayan Dabhalkar Road, Malbar Hill, Bombay ଠିକଣାରେ ନିଜର ପ୍ରକାଶିତ ପୁସ୍ତକର ଦୁଇଟି କପି ପଠାଇ P. E. N ପତ୍ରିକାରେ ସେ ସବୁର ଆଲୋଚନା ମାଗିବାକୁ ଅନୁରୋଧ । ଆଶାକରୁଯାଏ ଓଡ଼ିଶାର ଲେଖକ ଏବଂ ପ୍ରକାଶକମାନେ ନିଜର ପ୍ରକାଶିତ ପୁସ୍ତକ ପ୍ରଭୃତି ଆଲୋଚନାର୍ଥେ P. E. N ପତ୍ରିକାକୁ ପଠାଇ ନିଜର ଜାତୀୟ ସାହିତ୍ୟର ଗୌରବ ବୃଦ୍ଧି କରିବେ । P. E. N ପତ୍ରିକାରେ ଆଲୋଚନାର୍ଥେ ପ୍ରକାଶକ ଓ ଲେଖକମାନେ ନିମ୍ନ ଠିକଣାକୁ ମଧ୍ୟ ପୁସ୍ତକ ପଠାଇ ପାରନ୍ତି ।

ଶ୍ରୀ ରଜନୀକାନ୍ତ ଦାସ
P. O. Ambikapur
Surguja State, (E. S. A)
Via:—Kharsia, B. N. R ( C. P. )

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି

## —ନାଗବର୍ଗ—

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ—**

୧ । ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଶରୀର ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଜଗତର ମଧ୍ୟସ୍ଥତାରେ ପତ୍ରବନ୍ଧୁତ୍ୱ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

### ଦେଶ ପ୍ରୀତି

ଧର୍ମତଃ ମୁହିଁ ଶପଥ କରୁଛି
ମନର କଥା ସେ ମନ ଯା' ଜାଣୁଛି
ଜନ୍ମଭୂମି ମାଗୋ, ସେବାରେ ତୋର
ଢାଳିଦେବି ମନଃପ୍ରାଣ
—ସଂସାରର ତୁଚ୍ଛ ଯଶପାଇଁ ନୁହେଁ,—
ଲୋଡ଼େ ନା ମୁଁ ଯଶମାନ ।

ଦେଶ ପ୍ରୀତି ପାଇଁ ଜନ୍ମଭୂମି ପାଇଁ
ସର୍ବକାର୍ଯ୍ୟ ଛାଡ଼ି ଅକୁଣ୍ଠିତେ ଯାଇ
ପ୍ରାଣମୁଣ୍ଡା ଦେବି, ପ୍ରଫୁଲ୍ଲ ହୃଦୟେ
ସେଥିରେ ମନ ମୋ ଖୁସି
ଦେଶ-ପ୍ରୀତି ପାଇଁ ନାହିଁ ମନେଭୟ,
ନାହିଁ ଦ୍ୱିଧା, ଦ୍ୱନ୍ଦ୍ୱରାଶି ।

ଥୋଇପାରେ ଶିର ଯଜ୍ଞବେଦୀପରେ
ଥାଇ ସ୍ନେହଭକ୍ତି ପ୍ରୀତି ଏକାଧାରେ
କଟିଗଲେ ଶିର ଦେଶ ପାଇଁ ମୋର,
ସରିବନି' ହୃଦବଳ
ହସି ହସି ମୁଁ ଯେ ଦେବି ପ୍ରାଣବଳି,
ନ ଥିବ ନୟନେ ଜଳ ।

ସେହିତ ମୋହର ଯୋଗ୍ୟ ପୁରସ୍କାର,
ସେହିତ ପ୍ରକୃତ ମୂଲ୍ୟ
ଅଛି କି ଜଗତେ ଅମୂଲ୍ୟ ସମ୍ପଦ,
ରତନ ବା ତାହାତୁଲ୍ୟ ।

ଶ୍ରୀ ନରେନ୍ଦ୍ର ମୋହନ ବେହେରା ନଂ ୫୧୭ ନାଗ

### ଦୁଃଖରେ ସୁଖ

ଅଲୋକେ ଧରଣୀ—ବକ୍ଷ କିଛି
ଉଦ୍ଭାସିତ ନ କରନ୍ତି ରବି ।
ରହେନି ଜୀବନେ ଚିର ହୋଇ
ଯଉବନ—ମଧୁମୟ ଛବି ।
ଜୀବନ—ଉତ୍ସବ ପାଶେ ପୁଣି
ମରଣର ଦାରୁଣ ଆଘାତ,
ବିଧିର ବିଧାନ ଜାଣିଛତ
ଦୁଃଖେ ସୁଖେ ସୃଷ୍ଟି ଅତ ଯାତ ।
ସୁଖ ପାଇଁ ତୁମପ୍ରାଣେ କିଛି
ଲାଗେ ଆଶା ହୁଏ ବ୍ୟଗ୍ରତର,
ଦୁଃଖେ ଅଲଗିବା ପାଇଁ କିଆଁ
କହ ପୁଣି ହୁଏ ପଛଭର ?

× + +
+ × +

ଅନ୍ଧକାରେ ହସେ ବୋଲି ତାରା
ଧଣେ ସତେ କେତେ ମନୋରମ,
ଅନ୍ଧକାରେ ହସି—ହସାଇବ
ଜଗତକୁ, ଶଶୀର ଧରମ ;
ନଚାଗଇ କେତେଟି ସେନେହ
ସେଥିଲାଗି ପରାଣେ ତା' ପାଇଁ,
ଦୁଃଖ—ଅନ୍ଧକାରେ—ଚାଲହସି
ଶତୟୁର ବନ୍ଦାପନା ଗାଇ

କୁମାରୀ ଶୈଳବାଳା ନଂ ୧୩ ନାଗବର୍ଗ

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚିହ୍ନ, ହସ୍ତାଙ୍ଗୀଙ୍କ ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ **ଅମୃତ** ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫ ୮ ୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ୫୨ଟଙ୍କା ମାତ୍ର ୫ ୨ ଟଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦାଚାର୍ଯ୍ୟ

ଅଲମଗଡ଼ ବଜାର, କଟକ

## କଲିକତା ସ୍ୱାସ୍ଥ୍ୟ ନିବାସ

କୁଷ୍ଠ ରୋଗୀଙ୍କ ସେବା ପାଇଁ କଲିକତାରେ ଏହି ସ୍ୱାସ୍ଥ୍ୟ ନିବାସ ଖୋଲା ହୋଇଅଛି । **ବଉରି** ରେଲ ଷ୍ଟେସନ ଠାରୁ ୭ ମାଇଲ ପଶ୍ଚିମକୁ କଲିକତା । ସେଠାରେ ରହିବାର ଏବଂ ଚିକିତ୍ସାର ବନ୍ଦୋବସ୍ତ ହୋଇ ଅଛି । ସ୍ୱାସ୍ଥ୍ୟପ୍ରଦ ସ୍ଥାନ । ନିମ୍ନ ଠିକଣାରେ ପତ୍ର ବ୍ୟବହାର କରନ୍ତୁ ।

**ଲକ୍ଷ୍ମୀନାରାୟଣ ସାହୁ**

ଭାରତ ସେବକ ସମିତି କଟକ ।



ସମ୍ପାଦକ
**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସମ୍ପାଦକ
**ଶ୍ରୀ ରାଈମୋହନ ଦାସ**

Printed & published by G. C. Mahapatra at the Gopinath Press, Bhadrak. 1944.

ବାର୍ଷିକ ତିନି ଟଙ୍କା ଆଠଅଣା   ରାଜସଂସ୍କରଣ ବାର୍ଷିକ ପାଞ୍ଚଟଙ୍କା


Digitized by srujanika@gmail.com

୮ମ ବର୍ଷ—୯ମ ସଂଖ୍ୟା

ଆଶ୍ୱିନ—ପ୍ରଥମାର୍ଦ୍ଧ

# ଗାନ୍ଧି-ଜୟନ୍ତୀ ସଂଖ୍ୟା



ହେ ବିଶ୍ୱପୂଜ୍ୟ ମହାମାନବ ! ଆପଣଙ୍କର ଷଷ୍ଠ ସପ୍ତତି ତମ ଜନ୍ମ ବାର୍ଷିକରେ "ଡଗର" ଆଜ ସଭକ୍ତି ପ୍ରଣିପାତ କରୁଛି ଓ ତାର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ସମ୍ପାଦକ
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ପରିଚାଳନା ସମ୍ପାଦକ
ଶ୍ରୀ ବ୍ରଜମୋହନ ଦାସ

Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

# ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲି:—

**ହେଡ଼ ଅଫିସ— କଲିକତା ।**

**ଶାଖା** ୧୪ — ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଣ୍ଡ୍ରିରଡି, ଜୟନଗର, ମଙ୍ଗଲପୁର, ମିତ୍ରଗଞ୍ଜ ।

**ନବପ୍ରତିଷ୍ଠିତ ଶାଖା — ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାଡ଼ି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା
(କଟକ, ବାଲେଶ୍ୱର, ବ୍ରହ୍ମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲ ଯାଉଛି)

ମେନେଜିଂ ଡିରେକ୍ଟର—

ନୂଆଦିଲ୍ଲୀ, ନାଗପୁର ।

**ସ୍ୱା — ପି. ଏନ୍: ରାୟ୍ ଚୌଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସିକ ଟ ୨ ଜମା ଦେଲେ—ବ ୪ ର୍ଥ ପରେ ଓ ୫ମ ବର୍ଷ ଶେଷରେ ଟ ୧୭୦ ଟଙ୍କା ପାଇବେ ।

# କୁବେର ବ୍ୟାଙ୍କ ଲି:

ହେଡ଼ ଅଫିସ—କଲିକତା

**ଶାଖା ଅଫିସ ମାନ:** —

ଢାକା, କାଲିମ୍ପଙ୍ଗ୍, ସିଲିଗୁଡ଼ି, ବୋଗା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

**୧୬ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତ ପ୍ରକାର ବ୍ୟାଙ୍କିଂ କାର୍ଯ୍ୟ କରାଯାଏ ।
ଜାଜପୁର ଶାଖା ଶୀଘ୍ର ଖୋଲାଯିବ ।

**ଏସ୍. କେ: ଚକ୍ରବର୍ତ୍ତୀ**

ମ୍ୟାନେଜିଂ ଡାଇରେକ୍ଟର


Digitized by srujanika@gmail.com



# ଯୁଗାବତାର

ଦୁଷ୍କୃତ ବିନାଶ, ସନ୍ଥଜନ ପରିତ୍ରାଣ
କାରଣେ ଧରଣୀରେ ଅବତର ମହାପ୍ରାଣ,
ସ୍ୱର୍ଗର ବାରତା ଘେନି, ଆସିଛ ଦେବଦୂତ
ପୁଣ୍ୟଭୂମି ଭାରତକୁ କରିଅଛ ମୁକ୍ତ;
ଧର୍ମସଂସ୍ଥାପନ ପାଇଁ ଯୁଗେ ଯୁଗେ ନହିଁ
ଅବତର ଯୋଗୀ ଶକ୍ତି ଉଲ୍ଲାସିଛି ମହୀ ।

ସବ୍ୟସାଚୀ ! କରିଅଛ ସ୍ତମ୍ଭିତ ଜଗତ,
ଲଭିଛ ତପସ୍ୟାବଳେ ଅସ୍ତ୍ର ପାଶୁପତ;
ଅଜେୟ 'ଅହିଂସା' ବାଣୀ—ମହାଶକ୍ତିଧର
ଛାଡ଼ିଲ ଶର ସମ୍ମୋହନ କଲ୍ୟାଣୀ ବିତର ।

ଭାରତର ଯେତେ ଦୁଃଖ, ଯେତେକ ବେଦନା,
ଯେତେକ ଆକାଂକ୍ଷା, ଆଶା, କର୍ମ ଓ ସାଧନା,
ଯେତେ ଭୂତ, ଭବିଷ୍ୟତ, ଯେତେକ ଅତୀତ
ପୁଞ୍ଜ ହୋଇ ତୁମଠାରେ ହେଲ ରୂପାୟିତ ।

'ବିପଦ' ପାରନ୍ତି କରି ଗତିକୁ ବିକଳ,
'ଭୀତି' ହରି ନାହିଁ ତବ ହୃଦୟର ବଳ,
ତୁମ୍ଭଙ୍କ କଳ୍ପନା ସୀମା କେବେହେଁ 'ହତାଶା';
ନୁହେକ 'ବ୍ୟର୍ଥତା' ଭୀରୁକାପୁରୁଷ ଭାଷା !

ଜାଣିନ ନିଃସଙ୍ଗ କର୍ମ ନାହିଁ ପରାଜୟ,
ରଖିଛ ବିଶ୍ୱରେ ଯେଣୁ ଜୀବନ୍ତ ପ୍ରତ୍ୟୟ ।

ହେ ମୋହନ, କି ମୋହନ ମନ୍ତ୍ର ଦେଲ ଗୁଣି,
ଭାରତର ବକ୍ଷେ ଦେଲ ଅଗ୍ନିଶିଖା ଜାଳି !
ଜଗାଇଲ କୋଟି ପ୍ରାଣେ ନବ ଉନ୍ମାଦନା,
ଦେଖିଲ ଜଲିୟାନ୍ ଦେଶ ତନ୍ତ୍ର ଉଦ୍ଦୀପନା !

ତୁମର ସାଧନା ଫଳେ ଆସିହ ଭଗୀରଥ,
ପ୍ରେମ ମନ୍ଦାକିନୀ ଧାରା ପ୍ଲାବିଲା ଭାରତ,
ହିମାଳୟୁଁ କୁମାରିକା ଅଖଣ୍ଡ ମଣ୍ଡଳେ
ମହା ମୁକ୍ତି ମନ୍ତ୍ର ଜପି ଉଠିଲ ଉଚ୍ଛଳେ,
ସ୍ୱାଧୀନତା ଶୃଙ୍ଗେ ତାର ମନ୍ଦ୍ର ପ୍ରତିଧ୍ୱନି
ପୃଥ୍ୱୀରେ ଉଠିଲ ଗର୍ଜି ବିଦ୍ରୋହ ଅଶନି !

ଶାଶ୍ୱତ ମାନବ ଧର୍ମ ଆଚରି ଆପଣେ,
ଶିଖାଇଲ ମାନବର ଆଦର୍ଶ ଜୀବନେ;
ସତ୍ୟର ମହିମା ଆପେ କରିଣ ପରୀକ୍ଷା,
ଜଗତ ଜନଙ୍କୁ ଦେଲ ସେହି ମନ୍ତ୍ର ଦୀକ୍ଷା ।

ବିଚ୍ଛୁରିଲ ଦଶ ଦିଶେ ସତ୍ୟର ଆଲୋକ,
ଆନନ୍ଦିତ ଉଠିଲ ପୂରି ଦ୍ୟୁଲୋକ, ଭୂଲୋକ,
ହିଂସା, ଦ୍ୱେଷ, ତାପ କ୍ଳିଷ୍ଟ ମାନବ ସନ୍ତାନ
ଲଭିଲ ପରମ ଶାନ୍ତି କରି ତହିଁ ସ୍ନାନ ।

ହେ ମହର୍ଷି, ଜଗଦ୍‌ଗୁରୁ ହେ ମହାମାନବ
ସହସ୍ର ପ୍ରଣତି ମୋର ଶ୍ରୀଚରଣେ ଥିବ ।

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

Digitized by srujanika@gmail.com

# ଗାନ୍ଧୀବାଦର ମଣି-ମୁକ୍ତା

[ ଗାନ୍ଧୀବାଦ ଏବଂ ଗାନ୍ଧୀ ସିଦ୍ଧାନ୍ତ ବିଷୟରେ ସାଧାରଣଙ୍କ ଜ୍ଞାନ ଅତ୍ୟନ୍ତ ସୀମିତ । ଗାନ୍ଧୀବାଦର ଅନ୍ତର୍ଗତ ବିଭିନ୍ନ ସିଦ୍ଧାନ୍ତ ଏବଂ ବିଭିନ୍ନ ଦୃଷ୍ଟିକୋଣରେ ଓଡ଼ିଆ ପାଠକଙ୍କୁ ପରିଚିତ କରାଇବା ଏହି ସଂଗ୍ରହର ଉଦ୍ଦେଶ୍ୟ ]

ସଂକଳନକର୍ତ୍ତା—**ରଜନୀକାନ୍ତ ଦାସ**

**ସତ୍ୟ—**

"ସତ୍ୟ କହିବା ଏବଂ କରିବା ମୋର ସ୍ୱଭାବ ତୁଲ୍ୟ ହୋଇଯାଇଛି । କିନ୍ତୁ ମୁଁ, ଯେଉଁ ସତ୍ୟକୁ ମୁଁ ପରୋକ୍ଷ ଭାବରେ ଜାଣୁଛି, ତାକୁ ପାଳନ କରୁଥିବାର ଦାବୀ ମୁଁ ନିଜେ ମଧ୍ୟ କରି ପାରିବି ନାହିଁ । ମୋ ଦ୍ୱାରା ଅଜାଣତରେ ଅତ୍ୟୁକ୍ତି ମଧ୍ୟ ହୋଇ ଯାଇଛି । ସେ ସବୁରେ ଅସତ୍ୟର ଛାୟା ଅଛି, ଏବଂ ସତ୍ୟର କଷୋଟୀରେ ତାକୁ ପରୀକ୍ଷା ମଧ୍ୟ କରାଯାଇ ନ ପାରେ । ଯାହାର ଜୀବନ ସତ୍ୟମୟ, ସେ ଶୁଦ୍ଧ ସ୍ଫଟିକ ମଣି ତୁଲ୍ୟ ହୋଇଯାଏ । ତାପାଖରେ ଅସତ୍ୟ ମୁହୂର୍ତ୍ତକ ପାଇଁ ସୁଦ୍ଧା ତିଷ୍ଠି ପାରିବ ନାହିଁ । ସତ୍ୟାଚରଣୀକୁ କେହି ଧୋକା ଦେଇ ପାରିବ ନାହିଁ—କାରଣ ତା ପାଖରେ ମିଥ୍ୟା କହିବାର ମଧ୍ୟ ଶକ୍ତି ଆସିବ ନାହିଁ । ସଂସାରରେ ସବୁଠାରୁ ବଳି କଠିନ ବ୍ରତ ହେଉଛି ସତ୍ୟ ପାଳନ......"

**ଅହିଂସା**—ଅହିଂସା ଏକ ମହାବ୍ରତ । ଖଣ୍ଡାଧାରରେ ଚାଲିବାଠାରୁ ବି ଅହିଂସା କଠିନ । ଦେହଧାରୀ ପକ୍ଷେ ତାକୁ ଷୋଳଅଣା ପାଳନ କରି ପାରିବା ଅସମ୍ଭବ । ଅହିଂସା ପାଳନ ପାଇଁ ଘୋର ତପସ୍ୟା ଏବଂ ସାଧନା ଆବଶ୍ୟକ । ସାଧନାର ଅର୍ଥ ଏଠାରେ ତ୍ୟାଗ ଏବଂ ଜ୍ଞାନ କୁହାଯିବା ଉଚିତ । × ×

"ବାସ୍ତବରେ ସତ୍ୟର ପରେ ଅହିଂସାହିଁ ଦୁନିଆରେ ସବୁଠାରୁ ବଳ ସକ୍ରିୟ ଶକ୍ତି । ଅହିଂସାର କଦାପି ବିଫଳତା ନାହିଁ । ହିଂସା କେବଳ ବାହାରକୁ ସଫଳ ଦିଶାପଡ଼େ ।

+ × + ×

"ଶସ୍ତ୍ରୀକରଣ ଆୟୋଜନରେ ସାମିଲ ହେବା, ହିନ୍ଦୁସ୍ଥାନ ପାଇଁ ଆତ୍ମଘାତ କରିବା ସଙ୍ଗେ ସମାନ । ଭାରତ ଯଦି ଅହିଂସାକୁ ଭୁଲିଯାଏ, ତେବେ ସଂସାରର ଅନ୍ତିମ ଆଶା ହୃଦୟରେ କାଳକୋଳ ହୋଇଯିବ । × + +

"ଯେଉଁଠାରେ କେବଳ ହିଂସା ଏବଂ ଭୀରୁତା ଉଭୟ ଭିତରୁ ଗୋଟିଏ ଜିନିଷ ବାଛିବାକୁ ପଡ଼ିବ, ମୁଁ ପାଇ ହିଂସାକୁ ଆଦର କରିନେବି ।" × + ×

"ଅହିଂସାର ଲକ୍ଷଣ ହେଉଛି ସିଧା ହିଂସା ମୁହଁରେ ଦଉଡ଼ିଯିବା ।"

**ଅଧ୍ୟାତ୍ମ୍ୟବାଦ**—"ଈଶ୍ୱର ନିଶ୍ଚୟ ଜଣେ । ସେ ଅଗମ୍ୟ, ଅଗୋଚର ଏବଂ ମାନବଜାତିର ବହୁ ଅଂଶ ପାଇଁ ଅଜ୍ଞାତ । ସେ ସର୍ବବ୍ୟାପୀ । ଈଶ୍ୱର ଆଖି ନ ଥାଇ ଦେଖନ୍ତି, କାନ ନଥାଇ ଶୁଣନ୍ତି । ସେ ନିରାକାର ଏବଂ ଅଭେଦ । ସେ ଅଜନ୍ମା—ତାଙ୍କର ମାତା ନାହିଁ ପିତା ନାହିଁ, ସନ୍ତାନ ମଧ୍ୟ ନାହାନ୍ତି । ତେବେ ବି ସେ ପିତା, ମାତା, ପତ୍ନୀ ଏବଂ ସନ୍ତାନ ରୂପରେ ପୂଜା ଗ୍ରହଣ କରନ୍ତି । ଏତେଦୂର କି ସେ କାଷ୍ଠ ଏବଂ ପାଷାଣ ରୂପରେ ମଧ୍ୟ ପୂଜା ଗ୍ରହଣ କରନ୍ତି । ଯଦିଓ ସେ ପ୍ରକୃତରେ କାଷ୍ଠ ନୁହଁନ୍ତି, ବା ପାଷାଣ ନୁହଁନ୍ତି । ସେ ହାତରେ ଧରା ଦିଅନ୍ତି ନାହିଁ, ଆଙ୍ଗୁଠି ଅଗରେ ବିଜୁଳି ପରି ଉଭେଇଯାଆନ୍ତି । ଯଦି ଆମେ ତାଙ୍କୁ ବୁଝି ନ ପା, ତେବେ ଆମର ଦୁଃଖ ନିକଟରେ ସେ ମିଳିବ । କିନ୍ତୁ ଯଦି ଆମେ ତାଙ୍କର ସର୍ବବ୍ୟାପକତାକୁ ଅନୁଭବ କରି ପାରିବା ନାହିଁ, ତେବେ ସର୍ବଦା ସେ ଆମଠାରୁ ଦୂରରେ ।"

**ସାଧନା**—"ମୋତେ ସନ୍ନ୍ୟାସୀ କହିବା ଭୁଲ୍ କଥା । ମୋର ଜୀବନର ନିୟାମକ ଆଦର୍ଶ ସମଗ୍ର ମାନବଜାତିକୁ ଗ୍ରହଣ କରିବାର ଆଧାର ଉପରେ ପ୍ରତିଷ୍ଠିତ । ମୁଁ ସେ ସବୁକୁ ଧୀରେ ଧୀରେ ପାଇଗଲି ଓ ମୋର ଜୀବନ ବିକଶିତ ହେବାକୁ ଲାଗିଲା । × + ×

"ମୋର ତ ସେଥିରେ ତିଳେ ମାତ୍ର ସନ୍ଦେହ ନାହିଁ ଯେ ମୁଁ ଯାହା ହୋଇ ପାରିଛି, ପ୍ରତ୍ୟେକ ପୁରୁଷ ଓ ସ୍ତ୍ରୀ ମଧ୍ୟ ସେପରି ହୋଇ ପାରିବେ । ଉପାୟ ହେଉଛି କେବଳ ସେହିପରି

Digitized by srujanika@gmail.com

ଚେଷ୍ଟା, ଆଶା ଏବଂ ଶ୍ରଦ୍ଧାରେ ଗୃହୀତ । ଶ୍ରଦ୍ଧାହୀନ କାର୍ଯ୍ୟ ଅତଳ ନଦୀର ଗଭୀରତା ଜାଣିବାକୁ ଚେଷ୍ଟା କରିବା ଭଳି ଉଦ୍ୟୋଗ ।"

**ଧର୍ମ**—"ମୋ ବିଚାରରେ ଧର୍ମ କହିଲାମାତ୍ରେ, ଅର୍ଥନୀତି ଏବଂ ରାଜନୀତି ପ୍ରଭୃତିର ସମାବେଶ ଆସିଯାଉଛି । ଯେଉଁ ଧର୍ମ ଶୁଦ୍ଧ ଅର୍ଥର ବିରୋଧୀ, ସେ ଧର୍ମ ନୁହେଁ । ଶୁଦ୍ଧ ରାଜନୀତିର ବିରୋଧୀ ଧର୍ମ ନୁହେଁ । ଧର୍ମ ରହିତ ଅର୍ଥ ପରିତ୍ୟାଜ୍ୟ । ଧର୍ମ ରହିତ ରାଜସତ୍ତା ରାକ୍ଷସୀ । ଅର୍ଥ ପ୍ରଭୃତିରୁ ଅଲଗା ଧର୍ମ ନାମକ କୌଣସି ବସ୍ତୁ ନାହିଁ । ବ୍ୟକ୍ତି ଅଥବା ସମାଜ ଧର୍ମରେ ଜୀବିତ ରହନ୍ତି ଏବଂ ଅଧର୍ମରେ ନଷ୍ଟ ହୋଇଯାନ୍ତି । ସତ୍ୟର ଅବଲମ୍ବନରେ କରାଯିବା ଅର୍ଥ ସଂଗ୍ରହ ଏବଂ ବ୍ୟାପାର, ପ୍ରଜାର ପୋଷଣ ସଙ୍ଗେ ସମାନ । ସତ୍ୟାସତ୍ୟର ବିଚାର ରହିତ ବ୍ୟାପାର ଏବଂ ଅର୍ଥସଂଗ୍ରହ ପ୍ରଜାର ବିନାଶ ସାଧନ କରେ ।"

**କଳା ଏବଂ ସାହିତ୍ୟ**—"ସର୍ବୋତ୍କୃଷ୍ଟ କଳା ବ୍ୟକ୍ତିଭୋଗ୍ୟ ନ ହୋଇ ସର୍ବଭୋଗ୍ୟ ହେବ ଏବଂ କଳା ଯେବେ ବାହ୍ୟ ଅଳଙ୍କାରରୁ ଅଧିକରୁ ଅଧିକ ମୁକ୍ତ ହୋଇ ପାରିବ, ତେବେ ତାହା ସର୍ବଭୋଗ୍ୟ ହୋଇ ପାରିବ । ଏଭଳି ନିର୍ଦ୍ଦୋଷ ସର୍ବଭୋଗ୍ୟ କଳାରେ ମଣିଷର ଆଧ୍ୟାତ୍ମିକ ବିକାଶ ପାଇଁ ଯଥେଷ୍ଟ ସ୍ଥାନ ଅଛି ।" × × ×

"ମୋର ଲକ୍ଷ୍ୟ ସର୍ବଦା ଲୋକ କଲ୍ୟାଣ । କଳା ମୋ ପାଖରେ ସେହି ଅଂଶ ପର୍ଯ୍ୟନ୍ତ ସ୍ୱୀକାର୍ଯ୍ୟ, ଯେଉଁ ପର୍ଯ୍ୟନ୍ତ ତାହା ଲୋକକଲ୍ୟାଣ ଏବଂ ମଙ୍ଗଳକାରୀ । ମୁଁ କଳାକୁ ଇଉରୋପୀୟ ଦୃଷ୍ଟିରେ ଦେଖି ପାରିବି ନାହିଁ ... × + ×

"କବି ଯେଉଁ ଗ୍ରନ୍ଥକୁ ରଚନା କରେ, ତାର ପ୍ରତ୍ୟେକ ଅର୍ଥକୁ କଳ୍ପନା କରେ ନାହିଁ । କାବ୍ୟର ବିଶେଷତ୍ୱ ଏହି ଯେ, ସେ କବିଠାରୁ ବି ଅନେକ ଅଂଶରେ ବଡ଼ ହୋଇ ପଡ଼େ । ଯେଉଁ ସତ୍ୟକୁ କବି ତନ୍ମୟତାରେ ଉଚ୍ଚାରଣ କରିଛି, ସେ ସତ୍ୟ ସର୍ବଦା ତାର ଜୀବନରେ ଦେଖିବାକୁ ମିଳିବ, ଏପରି କୌଣସି କାରଣ ନାହିଁ । + + +

"ଆମର ଅନ୍ତରସ୍ଥ ସୁପ୍ତ ଭାବନାକୁ ଜାଗ୍ରତ କରିବାର ଶକ୍ତି ଯାହାର ଅଛି, ସେ ହେଉଛି କବି ।" + + +

"କୌଣସି ଦେଶ ଏବଂ କୌଣସି ଭାଷା କଦର୍ଯ୍ୟ ସାହିତ୍ୟରୁ ମୁକ୍ତ ନୁହେଁ । ଯେତେଦିନଯାଏ ଦୁନିଆରେ ସ୍ୱାର୍ଥୀ ଏବଂ ବ୍ୟଭିଚାରର ପ୍ରୟୋଗ କରୁଥିବା ଲୋକେ ରହିବେ ସେତେଦିନଯାଏ କଦର୍ଯ୍ୟ ସାହିତ୍ୟ ବି ସୃଷ୍ଟି ରହିବ । କିନ୍ତୁ ଯେତେବେଳେ ଏଭଳି ଖରାପ ସାହିତ୍ୟର ପ୍ରଚାର ସବୁଠାରୁ ଭଲି ଉତ୍କୃଷ୍ଟ କୁହା ହେଉଥିବା କୌଣସି ପତ୍ରିକା ଦ୍ୱାରା ମିଳିବ, ସେତେବେଳେ ତାର ଭୟଙ୍କର ସ୍ୱରୂପ ଦେଖିବାକୁ ହେବ ।"

**ରାଜନୀତି**—"ମୋ ଦୃଷ୍ଟିରେ ରାଜନୈତିକସତ୍ତା ଆମର ଆଦର୍ଶ ନ ହେବା ଉଚିତ । ଯେଉଁ ଉପାୟର ପରିଣାମରେ ଜୀବନର ପ୍ରତ୍ୟେକ ବିଭାଗରେ ଉନ୍ନତି କରିବାର କ୍ଷମତା ଲୋକମାନଙ୍କ ହାତକୁ ଆସିଯାଏ, ସେ ସବୁରେ ରାଜନୈତିକ ସତ୍ତା ଏକ । ରାଷ୍ଟ୍ରର ପ୍ରତିନିଧିମାନଙ୍କ ଦ୍ୱାରା ରାଷ୍ଟ୍ରୀୟ ଜୀବନକୁ ନିୟମିତ କରିବାର ଅପରନାମ, ରାଜନୈତିକ ସତ୍ତା । ଯଦି ରାଷ୍ଟ୍ରୀୟ ଜୀବନ ଏତେଦୂର ଉନ୍ନତ ଏବଂ ପୂର୍ଣ୍ଣ ହୋଇଯାଏ ଯେ ତାହା ସ୍ୱନିୟନ୍ତ୍ରିତ ହୋଇପାରିବ, ତେବେ ଶାସନ ସତ୍ତାର ଆବଶ୍ୟକ ନାହିଁ । ତାହା ଏକ ସୁସଂସ୍କୃତ ଅରାଜକତାର ଅବସ୍ଥା କୁହାଯାଇ ପାରିବ । ସେଥିରେ ପ୍ରତ୍ୟେକ ବ୍ୟକ୍ତି ନିଜର ଶାସକ ହେବ । ସେ ନିଜର ନିୟନ୍ତ୍ରଣ ନିଜେ ଏପରି ଭାବରେ କରିବ ଯେ, ତାହା ତାର ପଡ଼ୋଶୀର ସ୍ୱାର୍ଥରେ ବାଧକ ହେବନାହିଁ । ଆଦର୍ଶ ସ୍ଥିତିରେ ରାଜ୍ୟ-ସଂସ୍ଥା ରହିବ ନାହିଁ ତ, ରାଜନୈତିକ ସତ୍ତା କେଉଁଠାରୁ ଆସିବ ?" + + + ×

"ପ୍ରକୃତ କଥା ହେଉଛି; ଅହିଂସାର ପୂଜାରୀ—'ଅଧିକ ସଂଖ୍ୟକ ଲୋକଙ୍କର ଅଧିକରୁ ଅଧିକ ସୁଖ'—ଶୀର୍ଷକ ଉପଯୋଗୀତାବାଦୀ ସିଦ୍ଧାନ୍ତକୁ ସ୍ୱୀକାର କରେନାହିଁ । ସେ ତ ସବୁଠାରୁ ବଳି ଅଧିକରୁ ଅଧିକ ହିତ ପାଇଁ ଚେଷ୍ଟା କରିବ ଏବଂ ନିଜର ଲକ୍ଷ୍ୟ ପ୍ରାପ୍ତି ପାଇଁ ମରି ପାରିବ । 'ସେ ଅନ୍ୟକୁ' ଜୀଇଁବା ପାଇଁ ନିଜେ ମରିବାକୁ ସର୍ବଦା ତତ୍ପର ରହିବ । ଏହି ପ୍ରକାର ମରିବାରେ ସେ ଅପରର ନୁହେଁ, ଖୋଦ୍ ନିଜର ମଧ୍ୟ ସେବା କରି ପାରିବ । ସବୁଠାରୁ ସର୍ବୋଚ୍ଚ ହିତରେ ସବୁଠାରୁ ଅଧିକ ଲୋକଙ୍କର ହିତ ତ ଆସି ଯାଉଛି । ସେଥିଲାଗି କୌଣସି ସୀମାଯାଏ ସେ ଉପଯୋଗୀତାବାଦୀ ସହଯାତ୍ରୀ ବରଂଚ ରହନ୍ତି । କିନ୍ତୁ ଏପରି ଏକ ଦିନ ଆସିବ, ଯେଉଁଦିନ ସେ ଦୁଇ ସିଦ୍ଧାନ୍ତ ଭିତରୁ ଗୋଟିଏ ଅପରଟିକୁ

Digitized by srujanika@gmail.com

ନିଶ୍ଚୟ ପରିତ୍ୟାଗ କରିଦିବ—ଖାଲି ସେତିକି ନୁହେଁ ଏକ ଅପରର ବିରୁଦ୍ଧ ଦିଗରେ ମଧ୍ୟ ଯାଇ ପାରିବ ।

ଉପଯୋଗିତାବାଦୀ ସିଦ୍ଧାନ୍ତରେ ସ୍ୱୟଂ ନିଜର ଆହୁତି ଦେଇ ଦେବାର ଅବକାଶ ଆଦୌ ନାହିଁ । କିନ୍ତୁ ବ୍ରହ୍ମବାଦୀ ନିଜର ମଧ୍ୟ ବଳିଦାନ କରିପାରେ ।"

× + + ×

"ସମାନତାହିଁ ଯଥେଷ୍ଟ ସବୁ ସମ୍ପତ୍ତି ପ୍ରଦାନ କରାଯାଉ, ଏହା ମୁଁ ମଧ୍ୟ ମାନୁଛି ଏବଂ ଗହୁଁଛି । ପାର୍ଥକ୍ୟ ଏତିକି ଯେ ସେମାନେ କହନ୍ତି ଆମେ ସମସ୍ତେ ଏକା ସାଙ୍ଗରେ ମିଳି ଏହି କାର୍ଯ୍ୟ ଆରମ୍ଭ କରିବା । ମୁଁ କହୁଛି, ନିଜର ବ୍ୟକ୍ତିଗତ ଆଗ୍ରହରେ ଏହି କାର୍ଯ୍ୟର ଆରମ୍ଭ ଅନ୍ତଶାଙ୍ଗି କରି ଦେବା ଉଚିତ । ଯଦି ଆମର ସେପରି ଶ୍ରଦ୍ଧା ଥାଏ, ତେବେ ସର୍ବପ୍ରଥମେ ଆମେ ନିଜର ସମ୍ପତ୍ତିକୁ ସମାଜ ହାତରେ ଅର୍ପଣ କରିଦେବା । ଗୋଟିଏ କାଣି କଉଡ଼ି ପର୍ଯ୍ୟନ୍ତ ଯେତେବେଳେ ଯାଏ କେହି ନିଜ ହାତରେ ରଖିନେବ, ସେପର୍ଯ୍ୟନ୍ତ ସେ ସମାଜବାଦୀ ହୋଇ ପାରିବ ନାହିଁ ।"

**ଚରଖା**—"ଚରଖା ଶ୍ରେଷ୍ଠାର ଲଉଡ଼ି—ଏବଂ ତାର ସହାୟକ, ଭୋକିଲା ପାଟିକୁ ପାଣି ଦେବାର ଉପାୟ ନିର୍ଦ୍ଧନ ସ୍ତ୍ରୀର ସତୀତ୍ୱ ରକ୍ଷା କରିବାର ଦୁର୍ଗ ସ୍ୱରୂପ ଅଟେ ।"

**ହିନ୍ଦୁ—ମୁସ୍ଲିମ୍ ସମସ୍ୟା**—"ଭାରତ ବର୍ଷ ପକ୍ଷୀ ତୁଲ୍ୟ । ହିନ୍ଦୁ ମୁସଲମାନ ତାର ଦୁଇ ଡେଣା । ଆଜି ସେହି ଦୁଇ ଡେଣା ପଙ୍ଗୁ ହୋଇ ଗଲେଣି ଏବଂ ପକ୍ଷୀ ବାୟୁରେ ଉଡ଼ି ସ୍ୱତନ୍ତ୍ରତାର ଆରୋଗ୍ୟପ୍ରଦ ଏବଂ ଶୁଦ୍ଧ ବାୟୁ ସେବନରେ ଅସମର୍ଥ ହୋଇ ପଡ଼ିଛି ।"

× × ×

"ହିନ୍ଦୁ ଧର୍ମର ଗୋଟିଏ ନାମ ଉଦାରତା ଏବଂ ଇସଲାମ ଧର୍ମର ନାମ ଶାରୀରିକ ବଳ ପ୍ରୟୋଗ ହୋଇଛି ।"

**ସ୍ତ୍ରୀ ଜାତି ଏବଂ ସ୍ତ୍ରୀ ସମସ୍ୟା**—

"ସ୍ତ୍ରୀ କିଏ ? ସାକ୍ଷାତ ତ୍ୟାଗର ମୂର୍ତ୍ତି ! ଯଦି କୌଣସି ସ୍ତ୍ରୀ ଷୋଳଅଣା ମନ ଦେଇ କୌଣସି କାର୍ଯ୍ୟରେ ଲାଗିଯାଏ, ତେବେ ସେ ପାହାଡ଼କୁ ମଧ୍ୟ ହଲାଇ ଦେଇ ପାରେ ।"

× × + ×

"ସ୍ତ୍ରୀ ପୁରୁଷର ଗୋଲାମ ନୁହେଁ । ସେ ପୁରୁଷର ଅର୍ଦ୍ଧାଙ୍ଗିନୀ ଏବଂ ସହଧର୍ମିଣୀ । ତାକୁ ମିତ୍ର ବୋଲି ଭାବିବା ଉଚିତ ।"

**ଯୁଦ୍ଧ ଏବଂ ଇଉରୋପୀୟ ସଭ୍ୟତା**—

"ଇଉରୋପ ଗୃହବନିଆ ଦୁନିଆଦାରୀ ଜୀବନ ପାଇଁ ନିଜର ଆତ୍ମାକୁ ବିକି ଦେଇ ସାରିଛି । ମ୍ୟୁନିକ୍‌ଠାରେ ଇଉରୋପକୁ ଯେଉଁ ଶାନ୍ତି ପ୍ରାପ୍ତ ହୋଇଥିଲା, ତାହା କେବଳ ହିଂସାର ବିଜୟ ଥିଲା । ବର୍ତ୍ତମାନ ସେହି ଶାନ୍ତି ଲଙ୍ଗରେ ହିଂସାର ପରାଜୟ ହେଲା । ମୁଁ କହି ରଖୁଛି ଯେ, ନିଜର ଶତ୍ରୁ ସାଥିରେ ଲଢ଼ି ମରିବା ଯଦି ବାହାଦୁରି କୁହାଯାଏ, ଯେପରିକି ସାଧାରଣତଃ ଭାବନ୍ତି, ତେବେ ନିଜର ଶତ୍ରୁ ସାଥିରେ ଲଢ଼ିବା ପାଇଁ ଅସ୍ୱୀକାର କରି ଦେଇ ତାର ଆଗରେ ମୁଣ୍ଡ ତଳକୁ ନ ନୁଆଇବାହିଁ ମଧ୍ୟ ବାହାଦୁରି । ଯେଉଁଠାରେ ଉଭୟ ଉପାୟରେ ମୃତ୍ୟୁ ସୁନିଶ୍ଚିତ, ତେବେ ଶତ୍ରୁ ପ୍ରତି ହୃଦୟରେ ବିଦ୍ୱେଷ ଭାବ ନରଖି—ତାର ଆଗରେ ଖୋଲା ଛାତିରେ ମୃତ୍ୟୁ ବରଣ କରିବା କଣ ବିଶେଷ ଶ୍ରେୟଃ ନୁହେଁ ?"

**ଗାନ୍ଧୀବାଦ ସମ୍ବନ୍ଧରେ ଗାନ୍ଧୀଜୀଙ୍କ ସ୍ୱମତ**—

"ଯଦି ଗାନ୍ଧିବାଦରେ ଅସତ୍ୟର ଲେଶ ମାତ୍ର ଥାଏ, ତେବେ ତାହା ନିଶ୍ଚୟ ଧ୍ୱଂସ ପାଇଯିବା ଉଚିତ । ଯଦି ସେଥିରେ ସତ୍ୟ ଥାଏ, ତେବେ ତାର ବିନାଶ ପାଇଁ ଲକ୍ଷ ଏବଂ କୋଟି ହାତ ମୁଠା ଉଠିଲେ ମଧ୍ୟ ତାହା ନଷ୍ଟ ହୋଇ ପାରିବ ନାହିଁ ।"

+ × + ×

"ଯଦି ଗାନ୍ଧୀବାଦ ସାମ୍ପ୍ରଦାୟିକତାର ଅନ୍ୟ ନାମ ହୋଇଥାଏ, ତେବେ ତାହାକୁ ନଷ୍ଟ କରି ଦେବା ଉଚିତ । ମରିବା ପରେ ଯଦି ମୋତେ ଜଣାଯାଏ ଯେ ମୁଁ ଯେଉଁ ବିଷୟରେ ନିର୍ଦ୍ଦେଶ କରିଥିଲି ତାହା କ୍ରମେ ପରିବର୍ତ୍ତିତ ହୋଇ ସାମ୍ପ୍ରଦାୟିକ ରୂପ ଗ୍ରହଣ କରିଛି, ତେବେ ମୋର ଆତ୍ମାକୁ ଗଭୀର ଆଘାତ କରିବ । ଆମକୁ ତ ନୀରବରେ କାମ କରିବାକୁ ହେବ । କେହି ଏକଥା ନକହନ୍ତୁ ଯେ "ମୁଁ ଗାନ୍ଧୀର ଅନୁଯାୟୀ ।" କାରଣ ମୁଁ ଜାଣୁଛି ଯେ ମୁଁ ନିଜେ ନିଜର ଯଥେଷ୍ଟ ଅପୂର୍ଣ୍ଣ ଅନୁଯାୟୀ ରହିଛି ।"

——*——

Digitized by srujanika@gmail.com

# ଗାନ୍ଧି ସ୍ମାରକୀ

ଶ୍ରୀମତି ସରଳା ଦେବୀ ଏମ୍: ଏଲ୍:ଏ:

ପ୍ରତି ମହାପୁରୁଷଙ୍କ ଠାରେ ଯେଉଁ କୃଷ୍ଟି ତାଙ୍କର ଅଜନ୍ନ ସହଜରେ ହୋଇ ଆସିଥାଏ, ତାହାର ମୂର୍ତ୍ତି ବିକାଶ ଦେଖାଯାଏ ମହାପୁରୁଷ ମାନଙ୍କ ଜୀବନର ମଧ୍ୟାହ୍ନ କାଳରେ ।—ଦୟା, କ୍ଷମା, ଅହିଂସା, ତିତିକ୍ଷା, ବୈରାଗ୍ୟ, ଶାନ୍ତି, ସତ୍ୟ, ଅପ୍ରତିଗ୍ରହ, ନମ୍ରତା, ଭକ୍ତି, ନିଷ୍ଠା, ସହିଷ୍ଣୁତା, କର୍ମପ୍ରବଣତା ପ୍ରଭୃତି ମହତ୍ ଗୁଣ ଗୁଡିକ ହେଉଛି ମହାତ୍ମାଗଣଙ୍କ ଆଚରିତ ଆଦର୍ଶ ଜୀବନର ଅଳଂକାର ମଣି । ଏହି ଅଳଂକାର ମାନ ଜୀବନର କର୍ମପ୍ରବାହକୁ ସୁନ୍ଦର ସୁଷ୍ଠୁ ସମ୍ପନ୍ନ କରି ବିଶ୍ୱଜଗତର ପରମ କଲ୍ୟାଣ ସାଧନ କରିଥାଏ । ଆଜି ଏହି ଭୂଷଣମାନ ଯେଉଁ ମହାତ୍ମା ମାନଙ୍କ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି, ସେମାନଙ୍କୁହିଁ ଭାରତବର୍ଷରେ ମହାତ୍ମା ଆଖ୍ୟା ମିଳଇ । ଏହି ଉପରୋକ୍ତ ସମସ୍ତ ଗୁଣଗୁଡ଼ିକର ଆଧାର ରୂପେ ଯଦି ବର୍ତ୍ତମାନ ବିଶ୍ୱରେ ଅନ୍ୱେଷଣ କାହାରିକୁ ଖୋଜୁଁ, ଆଜି ଦୂର ଦେଶକୁ ଆଖି ନ ବୁଲାଉଁ ଆମରି ଦେଶରେ ଦେଖିବେ ମହାତ୍ମାଗାନ୍ଧୀ । ମନୁଷ୍ୟ ଚରିତ୍ର ଯେଉଁ ପୂର୍ଣ୍ଣତା ପାଇଁ ଆତ୍ମଶୋଧନ କଲେ ନିଜ ସହିତ ସଂଗ୍ରାମ କରି ଆସିଛି, ତାହାର ପ୍ରତୀକ ହେଉଛନ୍ତି ସେହି ବ୍ୟକ୍ତି ଯେ ସମସ୍ତ ଜୀବନ ଧରି ଆଦର୍ଶକୁ ଆଚରଣରେ ଅନୁକୃତି କରି ଆସିଛନ୍ତି ଏବଂ ତାଙ୍କ ଆଦର୍ଶ ଓ କର୍ମର ସାମଞ୍ଜସ୍ୟ ନିଜ ଜୀବନରେ ଏହି ବର୍ତ୍ତମାନ ଧୂଳି ଧୂସରିତ ବିଶ୍ୱର ରାଜପଥରେ ଦେଖାଇ ଦେଇ ଆସିଛନ୍ତି । ଜୀବନରେ ନିଜର ସତ୍ୟ ବିଶ୍ୱାସ ସହିତରେ ଗୂଳି ତାଙ୍କୁ କରିବାକୁ ହେଉଛି ସତ୍ୟର ଅଭିଜ୍ଞତା ଆହରଣ ତା Experiments with Trnth. ଜୀବନରେ ଉପଲବ୍ଧ ସତ୍ୟଗୁଡ଼ିକ ଯେତେବେଳେ ଲୋକ ସାଧାରଣଙ୍କ ନିକଟରେ ପହଞ୍ଚି ଯାଉଛି ସେତେବେଳେ ଦୁର୍ବଳ ଜନତା ଗ୍ରହଣ କରିଛନ୍ତି ତାଙ୍କ ଆଦର୍ଶର ବାହ୍ୟରୂପ ଯଥା—ଜେଲଯିବା, ଖଦଡ଼ ପିନ୍ଧିବା ଓ ସୂତାକାଟିବା ବା ଲୁଣ ଭାଙ୍ଗିବା—କିନ୍ତୁ ଅନ୍ତରରେ କିଏ କେତେ ସମ୍ବନ୍ଧ ତାହା ସେହି ଗ୍ରହୀତା ଲୋକ ସଂପର ଜାଣନ୍ତି । କିନ୍ତୁ ଇତିହାସ ଏହାର ତାଲିକା ଦେବ ଭବିଷ୍ୟତରେ । ଏତେବେ ଭାରତରେ ଯଦି କୌଣସି ମହାତ୍ମା ଦଳିତ, ପିଷ୍ଟ, ନିଷ୍ପେଷିତ ଜାତି ମନରେ ସ୍ୱାଭିମାନ ଜାତୀୟତା ବୋଧର ଭାବ ଆଣି ଦେଇ ଶତାବ୍ଦୀ ଚର୍ଚ୍ଚିତ ଶଯ୍ୟାରୁ ଉଠାଇ ଦୃଢ଼ପଥରେ ସେହି ଅଗଣିତ ଜନତାଙ୍କ ଚିତ୍ତ ସ୍ପନ୍ଦିତ କରାଇ ଦେଇ ପାରିଥାନ୍ତି, ତେବେ ସେ ମହାତ୍ମା ଗାନ୍ଧୀ । ଯୁଗ ସଞ୍ଚିତ ଅନ୍ଧକାର କୋଠରୀ ଭିତରେ ଯେଉଁ ମୂକ ଜାତି ଅବଗୁଣ୍ଠନର ଅନ୍ତରାଳରେ ସଢ଼ି ଯାଉ ଥିଲା, ଯାହାର ଆତ୍ମ ଚେତନାର ପ୍ରଥମ ସ୍ପର୍ଶ ତାକୁ ଚଞ୍ଚଳିତ ନିର୍ମୋହିତ ସ୍ପନ୍ଦିତ କରି ପାରି ନ ଥିଲା—ବିଂଶ ଶତାବ୍ଦୀର ପ୍ରଥମ ଭାଗରେ, ତାହା କେବଳ ଅସାଧ୍ୟ ସାଧନ ଭଳି ବସ୍ତୁ ହୋଇ ଉଦ୍ଦୀପ୍ତ ଜାତି ଓ ହରିଜନ ଓ କୃଷକ ଶ୍ରେଣୀଙ୍କ ମନରେ ଅଯଥା ଆତଙ୍କ ସୃଷ୍ଟି କରି ଧନଗତ ପାପ ଅର୍ଜ୍ଜନ କରଉଥିଲା । ପ୍ରଥମେ ସେହି କାରାଶୃଙ୍ଖଳକୁ ଝଙ୍କ ଝଙ୍କ ଭାଙ୍ଗି ଦେଇ ମୁକ୍ତିର ଆସ୍ୱାଦ କଳ୍ପନାରେ ଏବଂ ବାସ୍ତବରେ ପତିତ ଜାତିକୁ ଆଣି ଦେଇଥିଲେ ମହାତ୍ମା ଗାନ୍ଧୀ । ତାଙ୍କର ଜୀବନର ଦର୍ଶନର ସ୍ଥାନ, ଭାବ କାଳର ଐତିହାସିକ ଶତାବ୍ଦି ପରେ ନିର୍ଣ୍ଣିତ କରିବ ସତ୍ୟ, କିନ୍ତୁ ବର୍ତ୍ତମାନ ସେ ଯେ ସତ୍ୟତାର ଅବଦାନ ଭାରତବର୍ଷକୁ ଦେଇଛନ୍ତି, ତାହାର ତୁଳନା ବର୍ତ୍ତମାନ ହେବା ଅସମ୍ଭବ । ପୃଂଶୀ ବିଷୟରେ ଯେତେ ଲୋକ ବିଦ୍ରୋହ କରିଛନ୍ତି ସବୁଠୁଁ ସଭ୍ୟରେ ଓ ଉଚ୍ଚରେ ବୋଲି ଗଣିବାକୁ ହେଲେ ଆମ ଗାନ୍ଧିଜୀଙ୍କୁହିଁ ଭାରତ ପ୍ରଥମେ ସେହି ଶ୍ରେଣୀରେ ନିର୍ଦ୍ଦେଶ କରିବା କଥା । "He is a greatest revolution ist in the present Century"

ନାଗ ଜାତିର ସେ ଯେତେବେଳେ ନିଦ୍ରା ଭଙ୍ଗ କରି ତାକୁ ଗୋଟିଏ ଅପରୂପ ବ୍ୟକ୍ତି ଓ ରାଷ୍ଟ୍ର ଚେତନାର ପରିମଣ୍ଡଳରେ ଥୋଇଲେ, ସେତେବେଳେ ନାଗ ଜାତିର ଅନୁବର୍ତ୍ତନ କରିବାର ପରିପୂର୍ତ୍ତି ଅଧିକାର ଦୈବକ୍ରମେ ମିଳିଗଲା ।

Digitized by srujanika@gmail.com

କେବଳ ଏହି ଗୋଟିଏ କାମ କରି ଯଦି ଆଉ କିଛି ମହତ୍ କାର୍ଯ୍ୟ ସେ କରି ନ ଥାନ୍ତେ ତଥାପି ସେ ତାଙ୍କର ମୂସଭ୍ୟ କାର୍ଯ୍ୟ ଓ ସଂସ୍କୃତ ରୁଚିର ପରିଚୟ ଦେଇ ପାରିଛନ୍ତି ବୋଲି କେବଳ ସେହି କାରଣରୁ ଆଗାମୀ ୫୦ ହଜାର ବର୍ଷ ପର୍ଯ୍ୟନ୍ତ ସେହି ଅମର ନେତା, ମହାତ୍ମା ହୋଇ ରହିପାରନ୍ତେ । ନାରୀ ଜାତିକୁ ସେ ଯେ ଅତି ସମ୍ମାନ କରୁଥିଲେ । ତାଙ୍କ ଜୀବନୀରେ ଲିଖିତ ତାଙ୍କର ଅସାଧାରଣ ସହିଷ୍ଣୁତା ଓ ମାତୃଭକ୍ତି ହିଁ ତାହାର ପ୍ରକୃତ ପରିଚାୟକ । ମୂକ ମୁଖରେ ଅମୃତର ବାଣୀ ଫୁଟାଇଛନ୍ତି ସେ, ବଧିର କାନରେ ଶୁଣାଇଛନ୍ତି ଦେଶାତ୍ମ ବୋଧର ପାଞ୍ଚଜନ୍ୟ । ସେ ପାଞ୍ଚଜନ୍ୟ ୩୫ କୋଟି ୪୦ କୋଟି ଲୋକଙ୍କୁ ଜଡ଼ତାର ସ୍ପନ୍ଦନ ଦେଇଛି—ସେ ଧରି ଜାତି କର୍ଣ୍ଣ ରସାୟନ ଭଳି ତାକୁ ପାନ କରିଛି ଆନନ୍ଦରେ—ସହସା ତାର ଜ୍ଞାନଚକ୍ଷୁ ଖୋଲି ଯାଇଛି, ଦେଖୁଛି ଦୂରରେ ବସନ୍ତର ଉଷାର ଶୁଭ୍ର ଆଲୋକ—ପକ୍ଷୀ କଣ୍ଠରେ ଆଗମନୀ ସଙ୍ଗୀତ । ତାଙ୍କର ଜନ୍ମ ତିଥିରେ ମୁଁ ତାଙ୍କର ଭକ୍ତଜନଙ୍କୁ ନିବେଦନ କରୁଛି କେବଳ ଏତିକି ପ୍ରତିଦିନ ତାଙ୍କର ଲିଖିତ ହିନ୍ଦି, ଗୁଜରାଟି ବା English ର "Gandhi Series" ପାଠ କରିବାକୁ । ଏହି ପୁସ୍ତକ ଗୁଡ଼ିକର ନାମ 'To the women' 'To the Studeuts' 'To the Princess and their People,' ଇତ୍ୟାଦି ତାଙ୍କର ଲିଖିତ ବହିଗୁଡ଼ିକ । ଏହି ବହି ଯେଉଁମାନେ ପାଠ କରିବେ, ଆଲୋଚନା କରିବେ ଓ ଧାରଣା କରିବେ, ସେମାନଙ୍କ ନିକଟରେ ଏହି ପୁସ୍ତକର ଅବଦାନ ଭଗବତ କୋରାନ ବାଇବେଲଠୁଁ ଅଧିକ ମୂଲ୍ୟବାନ ବୋଧ ହେବ । ଏହି ପୁସ୍ତକ ଲିଖିତ ହୋଇଛି ଭାରତର ଉତ୍ତର ସାଧକ ତରୁଣ ତରୁଣୀଙ୍କ ପାଇଁ । ଏତିକି ତାଙ୍କୁ ସ୍ମରଣ କରି ନିବେଦନ କରୁଛି ମୋର ଭକ୍ତି ; ଯେ କି ମୋତେ ଗଡ୍ଡଳିକା ପ୍ରବାହରୁ ତାଙ୍କର ପ୍ରେରଣାରେ ଅନ୍ୟ ପଥ ଆବିଷ୍କାର କରିବାକୁ ଟାଣି ନେଇଛନ୍ତି ଓ ମଣିଷ ଜୀବନର ନୂଆ ଅର୍ଥ, ନୂଆ ଆଦର୍ଶ. ସ୍ୱାଧୀନତାର ମୂଲ୍ୟ ସମ୍ବନ୍ଧେ ତରୁଣଙ୍କୁ ଚେତନା ଦେଇଛନ୍ତି ।

ନାରୀଜାତି ସମ୍ବନ୍ଧରେ ସେ "To the women" ବୋଲି ଯେ ବହିଟି ଲେଖିଛନ୍ତି ସେଥିରେ ସମାଜର, ପୃଥିବୀର ପ୍ରାୟ ଅନେକ ସମସ୍ୟାର ସେ ସମାଧାନ କରି ଯାଇଛନ୍ତି । ଗୋଟିଏ ପାଖରେ ସେ ନାରୀ ପ୍ରକୃତିକୁ ଯେ କେତେ ସମ୍ମାନ କରନ୍ତି ଓ ନାରୀର ସହିଷ୍ଣୁତା ଓ ସନ୍ତାନପ୍ରେମ ଯେ ତାଙ୍କ ଭଳି ବ୍ୟକ୍ତି ପକ୍ଷରେ କେତେ ବଡ଼ ଈର୍ଷାର ବସ୍ତୁ ହୋଇପାରେ, ତାହା ଲେଖିଛନ୍ତି—

"My good nurse in the Sasson Hospital, Poona, as I was lying on a sickbed years ago, told me the story of a woman who refused to take Chloroform, because she would not risk the life of the babe she was carrying, she had to undergo a painful operation. The only anaesthetic she had was her love for the babe, to save whom no suffering was too great. Let not women who can count such heroine among them' ever despise their sex or depelore that they were not born men. The Contemplation of that heroine, often makes me envy woman the status that is her's, if she only knew."

ନା ବିଦେଶୀ ରାଜଶକ୍ତିର ଅନ୍ୟାୟ ଅତ୍ୟାଚାର, ନା ହିନ୍ଦୁ ସମାଜର କୁସଂସ୍କାର, କୁପ୍ରଥା ଓ ଅନ୍ୟାନ୍ୟ ଅଧର୍ମ, ନା ମନୁଷ୍ୟତ୍ୱର ହୀନତା, ସମସ୍ତଙ୍କ ସମସ୍ୟାର ସମାଧାନ ହୋଇଛି ତାଙ୍କ ବାଣୀ ଓ କାର୍ଯ୍ୟରେ । ଭାରତରେ ସେ ସର୍ବମାନବର ବନ୍ଧୁ, ପୃଥିବୀର ଶାନ୍ତିର ଅଗ୍ରଦୂତ—ଦରିଦ୍ର ନିଃସ୍ୱର ଏକମାତ୍ର ଆଶ୍ରୟ ସ୍ତମ୍ଭ । ତାଙ୍କର ନାରୀର ଅଧିକାର ମନୁଷ୍ୟତାର ଅଧିକାର ! ଏହି ଅଧିକାରରେ ସମସ୍ତଙ୍କର ଭାଗ ରହିଛି ।

—— ❊ ——

## କଟକର 'ଡଗର' ଏଜେଣ୍ଟ—

କଟକବାସୀ ଭାଇ ମାନେ ସ୍ଥାନୀୟ ଏଜେଣ୍ଟ "ଷ୍ଟାଣ୍ଡାର୍ଡ ବୁକ୍ ମାର୍ଟ, ବାଲୁବଜାର, କଟକଙ୍କ ଠାରୁ ଏବେ ଏଣିକି ସୁବିଧାରେ 'ଡଗର' ପାଇ ପାରିବେ । ଦଅଲ ସଂଖ୍ୟା ପାଇଁ ସେହିଠାରେ ଅର୍ଡର ଦିଅନ୍ତୁ ।

Digitized by srujanika@gmail.com

## ବିଲୁ ଆବିଗ୍ରର... ,

ହେ ମହାମାନବ, ଆଜି ଆପଣଙ୍କ ଶୁଭ ଜନ୍ମଦିବସରେ ଆମ୍ଭେମାନେ ଆପଣଙ୍କୁ ଶୁଭ ଅଭିବାଦନ କରି ଆପଣଙ୍କ ପ୍ରତି ଆମ୍ଭମାନଙ୍କର ଶ୍ରଦ୍ଧା ଭକ୍ତିର ଅର୍ଘ୍ୟ ଅର୍ପଣ କରୁଛୁଁ ।

ଆପଣ କେବଳ ଭାରତବାସୀର ହୃଦୟ ଦେବତା ନୁହନ୍ତି—ଭାରତୀୟର ଦୁଃଖ, ଦୁର୍ଭାଗ୍ୟ, ଆଶା, ଆକାଂକ୍ଷାର ପ୍ରତିମୂର୍ତ୍ତି ନୁହନ୍ତି—ଆପଣ ଅହିଂସା ପ୍ରୀତିର ପ୍ରତୀକ—ବିଶ୍ୱଶାନ୍ତିର ଯୁଗାବତାର ।

ଆଜି ଏ ଶୁଭ ଦିନରେ ଆମ୍ଭମାନଙ୍କ ସଭକ୍ତି ପ୍ରଣିପାତ ଗ୍ରହଣ କରନ୍ତୁ ! ଦୀର୍ଘ ବ୭୬ର୍ଷ କାଳ ଆପଣ ଜଗତର ମହାନାୟକ ଅଧାତ୍ମ୍ୟର ସହିତ ଯୁଦ୍ଧ କରିଆସୁଅଛନ୍ତି । ସେ ସମରର ଅବସାନ ନିକଟ-ତର ହେଲାଣି । ଆପଣ ଆଉ କିଛିକାଳ ମର୍ତ୍ତ୍ୟକଳେବର ଧାରଣ କରି ଏ ଜଗତରେ ଅବସ୍ଥାନ କରନ୍ତୁ ଓ ସ୍ୱାଧୀନତାର ବିଜୟସ୍ତମ୍ଭ ରୋପଣ କରି ଯାଆନ୍ତୁ ଏତିକି ଭାରତବାସୀର ପ୍ରାଣର ଆଶା ।

ଆଜିକାର ଏହି ଶୁଭ ଜନ୍ମଦିନ ମଙ୍ଗଳ ସମ୍ଭାର ବହନ କରି ଦୀର୍ଘକାଳ ବର୍ଷକୁ ବର୍ଷ ଫେରି ଆସୁ-ଥାଉ ଏତିକି ମାତ୍ର ଭଗବାନଙ୍କଠାରେ ପ୍ରାର୍ଥନା ।

ଶ୍ରୀ ଶୁଭମସ୍ତୁ— ଶ୍ରୀ ଶୁଭମସ୍ତୁ— ଶ୍ରୀ ଶ୍ରୀ ସର୍ବଶୁଭ ମସ୍ତୁ—

ଗାନ୍ଧି-ଜିନା ମିଳଣିରୁ ଗୋଟାଏ ଜାଣିର 'ଫସ୍' ହେବ ବୋଲି ଅମେ ଯାହା ଆଗରୁ ଜାଣିଥିଲୁ, ଏବେ ତାହା ଶୁଂଘି ଲୋକଙ୍କ ଦଳ ଦୂର ହୋଇଗଲା ତ ? ଏ ଅନାଟନ ବା କଣ୍ଟ୍ରୋଲ ବଜାରରେ ଖବରକାଗଜବାଲାଙ୍କୁ ଗୋଟାଏ ବଡ଼ ଖୋରାକ ମିଳି ଯାଇଥିଲା କିଛିଦିନ , ଏଇକ୍ଷଣି ସେମାନେ ଦୂଅ କିଛି ଗୋଟାଏ ଅନସାଟରେ ରହିଲେ ।

\+ + × +

ଗାନ୍ଧିଜୀ ଓ ଜିନା ସାହେବ ଉଭୟେ ସଭ୍ୟ ଶିକ୍ଷିତ ଲୋକ । ମନ କଥା କଣ୍ଠର ଉପରକୁ ଟିକଣା ଦେଖାଇବା ହେଉଛି କୁଅଡ଼େ ଶିକ୍ଷା ଓ ଭଦ୍ରତାର ଲକ୍ଷଣ । ସେଥିପାଇଁ ଦୁହିଙ୍କ ମତାମତ ମଧ୍ୟରେ ସମୁଦ୍ରର ବ୍ୟବଧାନ ଅଛି ବୋଲି ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଉଭୟେ ପୁଣି ମନଟେକିଆ କଥା କହୁ-ଛନ୍ତି କି—ଅମର କଥାଭାଷା ପୁଣି ବ ଗୁଲପ ରେ ।

ପ୍ରଥମ କଥା, ଶୁଲବାରେ ମଜା ନାହିଁ—ଯେବେ ଶୁଲିବ ଶୁଲ ଥା—ଏକା ପଥ ଅସୀମ, ଅନନ୍ତ ! ବେଳେବେଳେ ଅବଲୁପ୍ତ ହେମାଲ ଧରିପିବ, ଦୁହେଁଯାକ ପୁଣି ମିଳିଣି ବସାଇ ଟିକିଏ ଗରମାଗରମ କରି ଦେବ । ସେଥିରେ ଉଭୟ ପକ୍ଷର ଲାଭ ।

\+ + + +

ଶତ୍ରୁ ମନ ରଖା କଥା କହି ଓ ପିଠି ଆଉଁସି ବଶ କରି-ଜେତାର ବାତ୍ୟାବାରେ ଗାନ୍ଧିଜୀ ସିଦ୍ଧହସ୍ତ ବୋଲି ସୁନାମ ଅର୍ଜନ କରିଛନ୍ତି । କିନ୍ତୁ ତାଙ୍କର କମିଅ ଜନାବ ଜିନ୍ନାଙ୍କଠାରେ କାଟଣ କଲାନାହିଁ । ଜିନ୍ନା ସାହେବ ଆଗରୁ ନଓରୋଜ କବଚ ଧାରଣ କରି ଗାନ୍ଧିଙ୍କୁ ଭେଟିଥିଲେ ପରା ?

ଗାନ୍ଧିଜୀ ଜିନ୍ନାଙ୍କୁ ଯେତେ କାଇଦା ଅଜମ୍, ଜନାବ କହିଲେ ପଛକେ ଜିନ୍ନା ତାଙ୍କୁ କେବେ ହେଲେ ମହାତ୍ମା ବୋଲି ଭୁଲରେ ଧରୁ ନାହାନ୍ତି । ବରଂ ଏତେ କଡ଼ା ତେଲ ମେଣ୍ଢାବାଳ ହେବା ଉତ୍ତାରୁ ମଧ୍ୟ ସେ କହିଲେଣି କି ଗାନ୍ଧି ଯାହା କହୁଛନ୍ତି ସେଥିରେ ତାଙ୍କ ପାକିସ୍ଥାନର କୌଶଳରେ ଟାଇ ସମାଧି ହୋଇ ଯାଇଥାଆନ୍ତା । ଏହା ପରେ ସୁଦ୍ଧା ଗାନ୍ଧିଜୀ ଆଶା ପୋଷୁଛନ୍ତି କି ଦିନେ ହେଲେ ସେ ଜିନ୍ନାଙ୍କୁ ବାଗେଇ ନେବେ । ମାତ୍ର ଜିନ୍ନା ତାଙ୍କ ଖାପଟରେ ପଡ଼ିବା ପାଇଁ ହୁସିଆର ଅଛନ୍ତି ଯେ ! + + × ×

Digitized by srujanika@gmail.com

# ମଜାକଥା .....

## ବ୍ୟାକ୍ ଗ୍ରାଉଣ୍ଡ ମ୍ୟୁଜିକ୍

ଲେଖକ:—ବେମୋଟିଫୁଲ୍

କୋଇଲ, ଦର ପୋଡ଼ା କାଠ, ଭଙ୍ଗା ଇଟା, ଅମ୍ଳ ଟାକୁଆ । କଣ କହିଲେ ? ନା, ନା, ମିଉଜିୟମ୍ ପିସ୍ ନୁହେଁ—ମୁଁ ବୈଜ୍ଞାନିକ ନୁହେଁ, କମ୍ବା ଭୂତତ୍ତ୍ୱ, ପ୍ରତ୍ନତତ୍ତ୍ୱ କୌଣସିତତ୍ତ୍ୱବିତ୍ ନୁହେଁ । ଦ୍ରବ୍ୟଗୁଣ ଆଲୋଚନା କରେନ । ଅବର୍ଜନା ସଂଗ୍ରହ ? ଛି—ଆପଣ କଣ ଯେ କହୁଚନ୍ତି ! ଆପଣଙ୍କ ମତରେ ପାଗଳମାନଙ୍କହିଁ କେବଳ ଏମିତିଆ ଜିନିଷ ଟେବୁଲରେ ସଜାଇ ରଖନ୍ତି । ମୋଟ ଉପରେ ମୁଁ ଯାହା ଜାଣିଚି ଆପଣ କେବେ ପ୍ରେମରେ ପଡ଼ି ନାହାନ୍ତି । ଶିଉଳି—ରୁ । ଆପଣ ଚଉଳ ଟାଣି ନଥିଲୁ । ମୁଁ କହୁଚି । ସିଗାରେଟ୍ ! ଅଚ୍ଛା ଦଅନ୍ତୁ । ଧନ୍ୟବାଦ ।

ଆଜ କାଲି କେବେ କେବେ ଶିଉଳି ଦେଖିଲେ ହସେ—ମତେ ଥଟ୍ଟା କରେ । ଡିଆସିଲିଟା ହଉନାହିଁ ଆଉ, ଦଅନ୍ତୁ ମୁଁ ଲଗଉଚି—ଧନ୍ୟବାଦ । ଶିଉଳି ଥଟ୍ଟା କରି କହେ ବାଃ ରେ ପ୍ରେମିକ, ତମକୁ ଆଉ କିଛି ମିଳିଲାନି, ଏଇ ଦରପୋଡ଼ା କାଠ କୋଇଲାକୁ ସାଇତି ରଖିଚ ଏତେ ଯତ୍ନରେ ? ଉତ୍ତରରେ ମୁଁ କହେ "ଏଇ କୋଇଲା ଭିତରୁ ମୁଁ ଖଣ୍ଡେ ହୀରା ପାଇଚି ଯେ !" ଶିଉଳି ହସେ ମୋ ନାକଟା ଟାଣି ନଏ, ଗୋଡ଼ଟା ମାଡ଼ିଦିଏ ଆଉ ଜଙ୍ଘଟା ଚିମୁଟି ପକାଏ ଖୁସିରେ ।

ଶିଉଳିକୁ ମୁଁ ଜାଣିଲି ସମ୍ବଲପୁରରେ । ମୋ ବସାକୁ ଲାଗିକରି ତାଙ୍କ ଘର । ସିଏ ଆଉ ତାର ସ୍ୱାମୀ । ହଁ ଆପଣ ପହିଲେ ଶୁଣନ୍ତୁ । ତାର ସ୍ୱାମୀ ସେମିତି ମିଳାପୀ ନୁହନ୍ତି । ସୁନ୍ଦରୀମାନଙ୍କର ସ୍ୱାମୀମାନେ ସାଧାରଣତଃ ଯେମିତି ହୋଇ ଥାଆନ୍ତି—ସେମିତିଆ । କଣ ଗୋଟାଏ ଟୁରିଂ ଚାକିରି କରନ୍ତି । ମାସକରେ ପନ୍ଦରଦିନ ଘରୁ ଅନୁପସ୍ଥିତ । ଗୋଟାଏ ପିଲା ଧରି ନେଇ ଶିଉଳି ରହେ ଏକା । ମୁଁ ମୋର ବାରନ୍ଦାକୁ ଆସିଲେ ଶିଉଳିକୁ ଦେଖିପାରେ—ସେ ଘରେ କଣ କରୁଚି ସବୁ ଦିଶେ ମତେ । ତା ଭଳିଆ ଝିଅଟିଏ ଦେଖିବାକୁ ମିଳିଲେ ଆଖି ଫେରେଇ ନେଇ ହେବନି ସହଜରେ, ସେଇ ଯୋଗୁଁ ଘରେ ଥିବା ଟିକ ମତେ ଏତେ ଗରମ ହୁଏ ମୁଁ ଘରଭିତରେ ଜମା ରହି ପାରେନି, ବାରନ୍ଦାରେ ବସା ଉଠା କରେ । ଶିଉଳି ଆଗରେ ମୋ ଆଖି ଯଦି କେବେ ମିଶିଗଲା ମୁଁ ଫେରେଇ ନିଏଁ ମୋ ଆଖି—ଜାଣନ୍ତି ତ ଭଦ୍ରତା ।

ଶିଉଳି ଏକୁଟିଆ ରହି ରହି ହୁଏତ ବିରକ୍ତ ହୋଇ ପଡ଼େ, ମୋ ସାଥିରେ ହେଲମେଳ ହେବାକୁ ଇଚ୍ଛା କରେ ମୁଁ କିନ୍ତୁ ବେଶି ପ୍ରଶ୍ରୟ ଦିଏନି—ପର ସ୍ତ୍ରୀ ଯେତେ ହେଲେ ।

ଆମ ଭିତରେ ଘନିଷ୍ଠତା ଯଦି କୁହାଯାଏ ସେଇଟା ଆରମ୍ଭ ହୋଇଥିଲା ଶିଉଳିର ପୁଅ ହିରୁ ଟିକିଏ ବଡ଼ ହୋଇ ଯିବାର ପରେ ପରେ । ଶିଉଳି ହିରୁକୁ କାଖେଇ ହୁଏତ ଠିଆ ହୋଇଚି, ହିରୁ ମତେ ଚାହିଁ, ତାର ଟିକି ହାତ ଠାରି ଡାକେ ଆଉ ମୁଁ ବି ହାତ ହଲେଇ ଦିଏଁ । ହିରୁ ଖୁସି ହୋଇ ମାଆ କୋଳରେ ମୁହଁ ଲଚେଇ ଦିଏ—ମାଆ ମୋ ଆଡ଼କୁ ଟିକିଏ ଅନେଇ ହସେ—ମୁଁ ବି ହସିଦିଏଁ ସମର୍ଥନ କଲାପରି ।

ହିରୁକୁ କେନ୍ଦ୍ର କରି ଶିଉଳି ସାଥିରେ ବେଶ୍ ଗୋଟାଏ ଆତ୍ମୀୟତା ଜମି ଉଠିଲା—ହିରୁ ସାଙ୍ଗରେ ଖଣ୍ଡି ଖଣ୍ଡି କଥା ହଉ ହଉ ଶିଉଳି ସାଙ୍ଗରେ ହୁଏ ଅନେକ କଥା । ଶିଉଳିର କେତେ ଆଗ୍ରହ ! ମନ ଖୋଲି କଥା ହେବା ପାଇଁ ସତେ ଯେମିତି ତାର ଦମ ଅଟକି ରହିଥିଲା ଏତେଦିନ ।

ହିରୁ ପାଇଁ ଯୋଉଦିନ ମୁଁ ଗୋଟାଏ ଉଲ୍‌ର କଣ୍ଢେଇ କିଣି ଆଣିଥିଲି, ଶିଉଳି ହିରୁ ତରଫରୁ ମତେ ଧନ୍ୟବାଦ୍ ଜଣେଇ କହିଲା "କାହିଁକି ଏତେ ଖର୍ଚ୍ଚ କରିବାକୁ ଗଲେଟି !" ଉତ୍ତରରେ ମୁଁ "ନାଇଁ ଅଁ... ହଁ..." ଧରଣର କେତେଟା ଅବୋଧ୍ୟ ଅନୁନାସିକ ଶବ୍ଦ ଉଚ୍ଚାରଣ କରି ମୋର ବିନମ୍ରତା ପ୍ରକାଶ କରିଥିଲି । ଅନେକ ରାତିଯାଏ ସେଦିନ ଆମେ ଠିଆ ହୋଇ ଗପ କରିଚୁ । ହିରୁ ଶୋଇ ପଡ଼ିଲା, ମୁଁ କହିଲି "ଯାଆନ୍ତୁ ଆଜ୍ଞା ହିରୁକୁ ଶୋଇ ପକେଇବେ ।"

"ଯାଉଚି, ତମେ ଆଜ୍ଞା ଆଜ୍ଞା କେତେ କହୁଚ !—ଶିଉଳି ମୁରୁକି ହସି ମତେ ଟିକିଏ ପେଲି ଦେଇ ଚାଲିଗଲା—ମୁଁ ନିର୍ବାକ ହୋଇ ଠିଆ ହୋଇ ରହିଲି । ମୋର ନିଶ୍ୱାସ ରହି ଗଲାପରି ଲାଗିଲା ଆଉ ଛାତି ଭିତରେ ସେ କି ଧକ୍ ଧକ୍ ! ଶିଉଳି ମତେ ଭଲ ପାଏ ! ! ସେ ମତେ ଏମିତି ଅର୍ଥପୂର୍ଣ୍ଣ-ଭାବରେ ପେଲି ଦେଲା କାହିଁକି ? ଦୁର୍ବଳତା ମୋ ଆଗରେ ପ୍ରକାଶ କଲା କି ? ନା—ନା ଏଇ ଅସମ୍ଭବ—ହୋଇ ପାରେ ନା—ମୁଁ ଏପରି ସମ୍ବନ୍ଧ ବାନ୍ଧିବାକୁ ଦେବିନି ସେ ପର ସ୍ତ୍ରୀ—ଆଉ ଭଣକର—ମୁଁ ଏତେ ନୀଚ ହୋଇ ପାରିବିନି । ଘଣ୍ଟାଏ ପର୍ଯ୍ୟନ୍ତ ଦାଣ୍ଡ ଚୌକିରେ ପଡ଼ି ମୁଁ ଛଟ-

Digitized by srujanika@gmail.com

ପଣ ହେଲି, ଘରେ ଆସି ବିଛଣା ଧରିଲି କିନ୍ତୁ ମୁଣ୍ଡ ଭିତରେ ଝଡ଼ ବହୁଥିଲା ବେଳେ ନିଦ କଣ ସହଜରେ ହୁଏ !!

ମୁଁ ପୁଣି ବାଣ୍ଡକୁ ଉଠି ଆସିଲି—ଅନ୍ଧାରରେ ଶିଉଳି ଘର ପିଣ୍ଡା ଉପରେ ସେ କିଏ ଠିଆ ହୋଇଛି ? "ହେ ଏଇ, ଶୁଣ" ମୁଁ ଡାକିଲି ନମ୍ର ସ୍ୱରରେ । କଳା ନାସ ମୂର୍ତ୍ତିଟା ମୋ ପାଖକୁ ଲାଗି ଆସିଲା । କଥା କହିବା ପାଇଁ ବେଳ ନ ଥିଲା । ମୁଁ ସେଇ ମୂର୍ତ୍ତିଟାକୁ କୋଳେଇ କରି ଟେକି ନେଇ ଆସିଲି ମୋର 'ଘର ଭିତରକୁ । କବାଟ କିଳିଦେଲି ଭିତରୁ । ତା ପରେ ଆମେ ଦୁହେଁ ଦୁହିଁଙ୍କି ନବୀଡ଼ ଭାବେ କୋଳ ଧରିଥିଲୁ—ଆମର ମୁହଁରେ କଥା ନ ଥିଲା—ଓଠରେ ଓଠ ମିଶି ଯାଇଥିଲା ଯେ ।

ଶେଷରେ ଶିଉଳି ଯେତେବେଳେ ବୁନ ବୁନ ଅନୁରୋଧ କରିଥିଲା "ଛାଡ଼, ଯାଉଛି ପୁଅ ଉଠିବ" ମୁଁ ପଚାରି ଥିଲି "କାଲି ଆସିବତ ?" ଉତ୍ତରରେ ସେ ମୋର ନାକଟା ଓପାଡ଼ି ଦବାକୁ ବସିଥିଲା ।

ତା ପରଦିନ ସକାଳେ ମୋର ନିଦ ଭାଙ୍ଗିଲା ଯେତେବେଳେ ସୂର୍ଯ୍ୟଅଡ଼ ମତେ ଇନ୍ଦ୍ରଧନୁ ପରି ରଙ୍ଗିନ୍ ଦିଶିଲା । ମୁଁ ହାଇମାରି ଉଠିଲି । ଗାଧୋଇବା ପାଇଁ ତାଡ ଅଡ଼କୁ ଚାଲିବେଳକୁ ତାଇ କିଏ ବାଜିଲା ମୋ ପିଠିରେ ଖଣ୍ଡେ ଢେଲା—ମୁଁ ଚମକି ପଡ଼ି ମୁହଁ ବୁଲେଇ ଚାହିଁଲି—ଶିଉଳି କେତେବେଳୁ ଉଠିଛି—ହାଂଡିଶାଳ ଘରେ ଥାଇ ଅପେକ୍ଷା କରୁଥିଲା ମୁଁ କେତେବେଳେ ବାହାରିବି । ମୁଁ ତା ଅଡ଼େ ଅନେଇ ହସିଲି, ଅଧି ଅଳରେ ଲ ଚଗଲି ସିଏ । ସେଦିନ ଶିଉଳି କେତେ ଲାଜ କରୁଛି । ସରମରେ ଅନେଇ ପାରୁ ନଥାଏ । ମୋର କିନ୍ତୁ ସଙ୍କୋଚ ଭାଙ୍ଗି ଯାଇ ଥାଏ—ଆମେ ଦୁହେଁ ଦୁହିଙ୍କି ଭଲ ପାଉ, ଦୁହେଁ ଦୁହିଙ୍କି ଚାହୁଁ—ଏଇ ତ ପ୍ରେମ ! ହୁଏତ ସେ ବିବାହିତା, ଯାନ୍ତୁ କଣ ? ଫର୍କଣ୍ଡିତା ଘୁଞ୍ଚି ଯାଇଥାଏ ମୋ ମନରୁ । ମୁଁ ବେଶ ସାହସର ସହିତ ଅନେଇ ପାରୁଥାଏ ଶିଉଳି ଅଡ଼େ ।

ସଞ୍ଜବେଳେ ପୁଣି ଆମର ଭେଟ ହୋଇଥିଲା ଯେତେବେଳେ, ଆମ ଭିତରେ ବେଶି କଥା ହୋଇନ ଥି । ଶିଉଳି ମୋର ହାତ ଚିପି ଧରିଥିଲା ତା ହାତରେ, ମୁଁ ତାର ଓଠ ଚିପି ଧରିଥିଲି ମୋ ଓଠରେ ।

ତାପରେ ସବୁଦିନେ ଶିଉଳି ଆସୁଥିଲା—ରାତି ଅଧରେ ସୂର୍ଯ୍ୟଅଡ଼ ଶୂନଶାନ ହେଲା ବେଳେ ଶିଉଳି ଆସୁଥିଲା—ମୁଁ ବାଣ୍ଡ ଦରଜା ଖୋଲି ରଖୁଥିଲି, ଗଡ଼ କରି ଟିକିଏ ଅଉଥରକ୍ ହଉଥିଲା ଆଉ ଶିଉଳି ଭୂପ କରି ମୋ ଉପରେ ଅଜାଡ଼ି ପଡ଼ୁଥିଲା ।

ସକାଳେ ମୁଁ ବାହାରକୁ ବାହାରୁଥିଲି ଯେତେବେଳେ ମୋ ଦାନ୍ତରେ, ମୁଣ୍ଡରେ ଅଠି ବାଜୁଥିଲା ଏଇ ବୋଇଲା ଏଇ ଦରପୋଡ଼ା କାଠ, ଏଇ ଅମ୍ବଟାକୁଅ ଅଉ ଏଇ ଭଙ୍ଗା ଇଟା ଗୁଡମର୍ଣ୍ଣିଂ କଲାଉଳଅ । ଶିଉଳି, ମୋର ପ୍ରିୟା ଅଲକ୍ଷରେ ଥାଇ ମୋର ଗତିବିଧି ଲକ୍ଷ କରୁଛି ଜାଣି ମୁଁ ଚୁପ୍ ଖୁସି ହଉଥିଲି । ମୁଁ ସେଇ ବୋଇଲା, ଅମ୍ବଟାକୁଅ, ଦରପୋଡ଼ା କାଠ, ଭଙ୍ଗା ଇଟା ସାଙ୍ଗିକି ନେଇ ଆସୁଥିଲି ଅଉ ଟେବୁଲ ଉପରେ ସଜାଇ ରଖୁଥିଲି—ପ୍ରିୟାର ଉପହାର ଭାବି । ଆମର ମିଳନ ଆମର ପ୍ରେମ ଚଢ଼ି ଚାଲିଥିଲା. ଶିଉଳିର ସ୍ୱାମୀ କେହି ଅଛି ମୁଁ ଏକବାରେ ପାଶୋରି ପକେଇଥିଲି । ମତେ ଲାଗୁଥିଲା ଯେମିତି ଆମେ ଦୁହେଁ ଦୁହିଙ୍କ ପାଇଁ ଗଢ଼ା—ଶିଉଳିର ବିବାହ ଯେମିତି ଗୋଟାଏ ମସ୍ତବଡ଼ ଭୁଲ ।

ଶିଉଳି ମତେ କେତେ ଭଲ ପାଉଥିଲା ! ମତେ ପାଇଲେ ତାକୁ ଆନନ୍ଦ ଲାଗୁଥିଲା ଯେମିତି ତାକୁ ପାଇଲେ ମତେ ଲାଗେ । ମୋର ନାକଟା ଟାଣି ଦବ, ଗୋଡ଼ଟା ମାଡି ଦବ, ଚୁଟିଟା ଚୁମ୍ଟି ଦବ, ହାତଟା ଚିପି ଦବ, ଯେତେଇ ହବ, ବମ୍ଭ ଓ ଦବ—ସେ ବଦଳାଇ ଜମା ଚୁ—ଦୁଷ୍ଟାମି ତାର ଢଙ୍ଗ ଆଉ ଅଭିମାନ ତାର ଥିଥିଲା । ଥରେ ଥରେ ହିନ୍ଦୁକ୍ ସ୍ୱରର ଜମା କରି ସେ ଗାତରେ ବୁଲି ବାହାରୁଥିଲା ମୋ ସାଙ୍ଗରେ । ଆମେ ଦୁହେଁରେ ଦହ ଲଗେଇ ଥରଥର ହେଉ ଯାଉଥିଲୁ—ବ୍ରୁକ୍ସ ହିଲ, ବୁଢ଼ାରଜା ପାହାଡ଼, ନନ୍ଦନକାନନ, ରେଲ ଷ୍ଟେସନ କେତେ ବୁଲିଛୁ—ଜମା କଣ ଆମେ ଜାଣୁ ନଥିଲୁ । ଶିଉଳି କେତେ କଥା କହେ ! ତାର ସ୍ୱାମୀ କଥା ପଡ଼ିଲେ ସେ ରଗି ଉଠୁଥିଲା । ତାର ସ୍ୱାମୀ ତାକୁ ମାରନ୍ତି, ସେଇ ଯୋଗୁ ତାର ଏତେ ରାଗ ! ଶିଉଳି ଥରେ ଥରେ ଆଶଙ୍କାରେ ଥରି ଉଠୁଥିଲା, ଆମର ଦୁଣ୍ଟ୍ରୁ କଥା ଯଦି ଜଣା ପଡ଼େ ! ମୁଁ ତାକୁ ଅଭୟ ଦଉଥିଲି—ଆଉ ସେଇ କଥାଇ ଠିକ୍ ହେଲା ।

ଥରେ ତାର ସ୍ୱାମୀ କସ୍ତୁରୁ ଫେରି ବୋଉଡ଼ କଣ ଶୁଣିଲେ ଶିଉଳିକୁ ମାରି ମାରି ଦରମରା କରିବା ଉପରେ । ଶିଉଳି

Digitized by srujanika@gmail.com

ସହି ପାରିଲି ନ—ହିରୁକୁ ବାଡେଇ ମୋ ଘର ଭିତରକୁ ପଶି ଆସିଲା । ତାପରେ ବାଣ୍ଡ ହୁଅନ୍ତୁ ମୋତେ ଧକ୍କା ମାରିଲେ ବି କବାଟ ବନ୍ଦ । ତାର ସ୍ୱାମୀ ସାଇପଡିଶା ଜମା କରି ମୋ ଦାଣ୍ଡରେ ଏମିତି ହାଟ ଚମେଇ ଦେଲେ—ସେ ପାଟି, ସେ ଗର୍ଜନ, ସେ ଗାଳି—ମୁଁ ଯଦି ସେତେବେଳେ ଦାଣ୍ଡକୁ ବାହାରି ଥାଆନ୍ତି ମୋ ଦେହ ଧୂଳିରେ ଚଟିଯାଇ ଥାଆନ୍ତା । ଶେଷକୁ ପୋଲିସ ଇନ୍ସପେକ୍ଟରଙ୍କ ଆସିବା ଦ୍ୱାରା ମୁଁ ଦରଜା ଖୋଲିଲି ବାଧ୍ୟ ହୋଇ । ଗୋଟାଏ ମିଟିଂ ବସିଲା । ଶିଉଳି ସ୍ପଷ୍ଟ ଜଣାଇଦେଲା ଯେ ସେ ତା ସ୍ୱାମୀ ପାଖରେ ରହିବାକୁ ଚାହେଁନି ସେ ମୋ ପାଖରେ ରହିବ ।

ତାର ସ୍ୱାମୀ ଯେପରି ସହଜରେ ଏ କଥାରେ ରାଜି ହୋଇଗଲେ ଜଣାପଡ଼ିଲା ଯେ କୋର୍ଟକୁ ନ ଯାଇ କମ୍ପା ଶିଉଳିର ଭରଣପୋଷଣ ପାଇଁ ଖର୍ଚ୍ଚ ନ ଦେଇ ଶିଉଳିକୁ ଛାଡ଼ପତ୍ର ଦେବା ପାଇଁ ସେ ଇଚ୍ଛା କରି ଏପରି ଚାଲ୍ ଚଳେଇ ଥିଲେ ।

ତାପରେ ହିରୁ, ଶିଉଳି ଜିଦ୍ କଲା ହିରୁକୁ ଆପଣା ପାଖରେ ରଖିବ ବୋଲି । ମୋତେ ପଚାରିଗଲା ଯେତେବେଳେ ମୁଁ ମୋର ଜୀବନର ମୂଲ୍ୟ ବଢ଼ାଇ ଦେଇ କହିଥିଲି ଯେ "ମୁଁ ଶିଉଳି ଏବଂ ତାର ପୁଅ ଦୁହିଁଙ୍କି ଗ୍ରହଣ କରିବାକୁ ରାଜି ଅଛି"—ଶିଉଳିର ପୁଅ ହେଲେ କଣ ମୋ ପୁଅ ହେଲା ନହେଁ ?

ସମସ୍ତ ନିଷ୍ପତ୍ତି ହୋଇଗଲା—ଶିଉଳି ଆଉ ମୋତେ ସମ୍ବଲପୁରରେ ମୁଣ୍ଡ ଟେକି ଚଲିବା ପାଇଁ ଥାନ ନ ଥିଲା—ହିରୁକୁ ନେଇ ଆମେ ବାହାରି ପଡ଼ିଲୁ । ଦୁଇ ତିନି ବର୍ଷ ଭିତରେ ବିଭିନ୍ନ ସହରରେ ଘୂରି ଘୂରି ଏଇ କଟକ ଫେରି ଆସିଛୁ । ହିରୁ ଟିକିଏ ବଡ଼ ହୋଇ ଯାଇଛି କିନ୍ତୁ ତାର ମିଜାଜ ତାର ମାଆ ପରି ହୋଇଛି—ଟଣା, ଓଟର୍, ପୋପଡ଼ା, ଜାମୁଡ଼ା ଜାମୁଡ଼ି—ଏତେ ଦୁଷ୍ଟ ହୋଇଛି କହିହେବନି, ସବୁବେଳେ ତାର ନୂଆ ନୂଆ କିଛି ଦୁଷ୍ଟାମି ।

"ଏଇ ଅଛି ଶିଉଳି—ଆସ ଆସ ମୁଁ ତମକୁ ଭଦ୍ରଲୋକଙ୍କ ସାଙ୍ଗରେ ଚିହ୍ନା କରେଇ ଦିଏଁ । ଯାଙ୍କ କଥା ମୁଁ ତମକୁ ସେଦିନ କହୁଥିଲି ।"

ଶିଉଳି—ଆଉ ମୋ କଥା ତମେ ଯାଙ୍କୁ ଅବା ଯାହା କହୁଥିଲ ଆଉ ସବୁ ମୁଁ ସବୁ ଶୁଣିଛି—ଦେଖନ୍ତୁ ମହାଶୟ ଆପଣ ଲାଜ କରନ୍ତୁ ନ, ଆଉ ଯେଉଁ ଦିନ ଦରକାର କରନ୍ତୁ—ଆପଣ ଧୈର୍ଯ୍ୟ ଧରି ଯାଙ୍କ ମିଛକଥା ଶୁଣୁଛନ୍ତି ସେଥିପାଇଁ ମୋ ପକ୍ଷରୁ ଧନ୍ୟବାଦ ।

ମୁଁ—ମିଛକଥା ବୋଲି କହୁଛ ଶିଉଳି ? ଦେଖିଲ ଏଇ ବୋଇଲ, ଏଇ ଭଙ୍ଗା ଇଟା, ଏଇ ଦରପୋଡ଼ା କାଠ ଆଉ ଏଇ ଅସ୍ଥିଟାଳ ।

ଶିଉଳି—ହିରୁର କାମ ଇଏ—ଆଜି ଖରାବେଳେ ଏଇ ଘରେ ଖେଳୁଥିଲା । ପୁଅ ଯଦି ଭଲ କାମ କଲା ସିଏ ତୁମର, ଆଉ ପୁଅ ଯଦି ଦୁଷ୍ଟାମି କଲା ସିଏ ମୋର ! ଆଉ ସେଥିପାଇଁ କୋଉ ନା କୋଉ ଟୁରିଂ ଅଫିସର କଳ୍ପନା କରି—ଛି, କେତେ ଅସଭ୍ୟ ତମେ !

ମୁଁ—ବାସ୍ତବ ଜୀବନରେ ସେମାନଙ୍କ ନାହିଁ ମ୍ୟା ବୋଲି କଳ୍ପନାରେ ବି ସେମାନଙ୍କୁ ରହିବନି ବୋଲି କହୁଛ ତମେ ?

ଶିଉଳି—ନିଜ ଅନ୍ୟ ଜଣକ ସାମନାରେ ଆପଣାର ସ୍ତ୍ରୀର ଚରିତ୍ରରେ କଳଙ୍କ ଲଗାଇ—ଛି—

ମୁଁ—ଅନ୍ୟ କିଏ କାହିଁ ଏଠି ଶିଉଳି ? ଏ ତ 'ଝଙ୍କାର' ପାଇଁ ଗୋଟିଏ ଗପ କହୁ ହେ ମୋ ନାୟିକା ତମେ ସେମିତି ଝାଙ୍ଗି ନଥିଲ, ଅରେ ଯାଃ ପୋଟକାଟା ଚକଟି ପକେଇଲି ।

---

## [illegible]

### ଅସୁରାଳି

ପୋଃ ବେଠାର ଜିଃ ବାଲେଶ୍ୱର

ପଲ୍ଲୀ ଅଞ୍ଚଳରେ ସ୍କୁଲ ବ୍ୟବସ୍ଥାରେ ଭାରତ ଗଭର୍ଣ୍ଣମେଣ୍ଟଙ୍କ ମେନୁଏଲ ମତେ ସତର୍ଗ ଶିକ୍ଷା ତଥା ଦେଶର ବେକାର ସମସ୍ୟା ଓ ଦରିଦ୍ରତାର ଝଞ୍ଜାବାତରୁ ଯୁବକମାନଙ୍କର ମୁକ୍ତି ପ୍ରଦାନ ପାଇଁ ଏହି ସତର୍ଗ ସ୍କୁଲ ସର୍ବଦା ଗଭୀର ଉଦ୍ୟମ ସହ ଓଡ଼ିଶାର ନାନା ସ୍ଥାନରେ କ୍ୟାମ୍ପ ଖୋଲି ଶିକ୍ଷା ଦେଇ ଆସୁଅଛି । ବର୍ତ୍ତମାନ ଏହାର ଏକ ଶାଖା ସ୍କୁଲ ଉଦ୍ଭବ ନୂଆବଜାରରେ ସ୍ଥାପନ କରି ଯାଇଅଛି ।

ଯଦି ଆପଣମାନଙ୍କର ସ୍କୁଲର ସବ ମୋଟ ଦେଇ ଟ ୧୫ ଦେଇ ଲଗୀ ବନ୍ଦବସ୍ତର ମୁଦସ ଅମୀନ, କାନୁନ୍‌ଗୋ ଓ ଇନ୍‌ସପେକ୍ଟର ହେବାକୁ ଅଭିଳାଷ ଥାଏ, ତେବେ ବିଶେଷ ବିଜ୍ଞାପନ ପାଇଁ ନେଇପାର ଜବାବକାର୍ଡ ପଠାନ୍ତୁ ।

Digitized by srujanika@gmail.com

# ହାଲିଆ ବଳଦ ଗଳ୍ପଗାଳ୍ପ

ସଂଗ୍ରାହକ—ଶ୍ରୀମାନ୍

ଏକ ରାଜା ତାଙ୍କ ରାଜ୍ୟର ସବୁ ବିବାହିତ ପୁରୁଷଙ୍କୁ ଡକାଇ କହିଲେ—ଯେଉଁମାନେ ନିଜ ସ୍ତ୍ରୀମାନଙ୍କର ଆଜ୍ଞାକାରୀ ସେମାନେ ଏକ ଦଗରେ ଠିଆ ହୁଅ, ଆଉ ଯେଉଁ ମାନେ ସ୍ୱାଧୀନ ଅର୍ଥାତ ସ୍ତ୍ରୀଙ୍କୁ ଡରନ୍ତିନାହିଁ; ସେମାନେ ଅପର ଦଗରେ ଠିଆ ହୁଅ ।

ଯେତେ ଲୋକ ସେଠି ଥିଲେ ସମସ୍ତେ ଏକ ଦଗକୁ ଚାଲି ଗଲେ । କେବଳ ଗୋଟିଏ ବାଙ୍ଗରା ଲୋକ ଅନ୍ୟ ଦଗରେ ଠିଆ ହେଲା ।

ରାଜା କହିଲେ—ମୋ ରାଜ୍ୟ ଭିତରେ ତୁମେ ଏକା ଜଣେ ତୁମ ସ୍ତ୍ରୀକୁ ଡର ନାହିଁ ଓ ତାର ଆଜ୍ଞାବହ ନୁହ ? ଏହା କପରି ହେଲା ?

ସେ କହିଲା—ମହିମା, ମୁଁ ଆସିବା ବେଳେ ମୋ ସ୍ତ୍ରୀ ତାଗିଦ୍ କରି କହିଛି ଯେ—ସମସ୍ତେ ଯେଉଁ ଆଡ଼େ ଠିଆ ହେବେ ତୁ ସେଆଡ଼େ ଠିଆ ହବୁ ନାହିଁ । ହୁକୁମ ନ ମାନିବି କପରି !

× × ×

ମାଜିଷ୍ଟ୍ରେଟ—ମୁଁ ବର୍ତ୍ତମାନ ଯେମିତି ଭାବରେ ବର୍ଣ୍ଣନା କଲି ତୁ ବୋଧହୁଏ ସେହି ଉପାୟରେ ଡକାଏତି କରିଥିଲୁ ?

ଡକାଏତ—ନାହିଁ ହଜୁର, ସେମିତି ନୁହେଁ, ତେବେ ଭବିଷ୍ୟତରେ ନିଶ୍ଚୟ ଆପଣଙ୍କର ଉପାୟଟା ବ୍ୟବହାର କରିବି ।

× × ×

ସ୍ତ୍ରୀ—ଦେଖ ଦେଖ ସେ କାହା ଚିଠି, କୌଣସି ଝିଅ ହାତ ଲେଖା ଜଣାଯାଉଛି । ସେ ଚିଠି ପଢ଼ି ତମ ମୁହଁ କାହିଁକି ଏମିତି ଶୁଖିଲା ଦେଖା ଯାଉଛି ?

ସ୍ୱାମୀ—ଏ ତମରି ଚିଠି । ତମ ପ୍ରିୟ ସଖି ରମା ଲେଖିଛି ତମ ମିଡ଼ଲିଚଣ୍ଡୁ ଚନ୍ଦ୍ରମୋହନଙ୍କ କଥା ।

+ × +

ଜଣେ ପ୍ରଗତିବାଦୀ ତାଂଚରୀ ପ୍ରଚାରିକା ବନିତାଙ୍କ ସହିତ ଗଳ୍ପ କରୁ କରୁ କହୁଥିଲେ "ଶିକ୍ଷା ହେଉଛି ମଣିଷର ଶ୍ରେଷ୍ଠ ସମ୍ପଦ, ଅତେବ ତମ ମା ଆମ ପିଲା ପିଲାଙ୍କ ଶିକ୍ଷା ପାଇଁ ଆମର ସମସ୍ତ ସୁଖ ସ୍ୱାଚ୍ଛନ୍ଦ ବଳି ଦେବା ଉଚିତ । ତମେ ଜାଣିଥିବ ମୋ ପୁଅକୁ କଲେଜକୁ ପଠାଇବା ପାଇଁ ମୋତେ ପଢ଼ଣା ଘରୁ ନୌକର କରିବାକୁ ପଡ଼ିଥିଲା ।" ସ୍ତ୍ରୀ ଲୋକଟି କହିଲେ "ହଁ, କିନ୍ତୁ ମୋର ସ୍ୱାମୀଙ୍କର ସେହିପରି କରିବାକୁ ଇଚ୍ଛା—କିନ୍ତୁ ଏ ଅଡ଼େ ଯେ ଅଇନର ଭୟ ରହିଛି ।"

---

## ଜରୁରୀ ବିଜ୍ଞାପନ

ଆସନ୍ତା ସଂଖ୍ୟା "ଦିଅଲି" ସଂଖ୍ୟା ହେବ । ତାହା ଆକାରରେ ବଡ଼ ହେବ ଓ ଦାମ ୦।୵ ହେବ । ଅସୁର ରେଜେଷ୍ଟ୍ରିଭୁକ୍ତ ଗ୍ରାହକମାନଙ୍କୁ ଅଧିକା ଦେବାକୁ ପଡ଼ିବ ନାହିଁ । ଏଜେଣ୍ଟମାନଙ୍କୁ ସେମାନଙ୍କର ଅର୍ଡ଼ର ଜଲଦି ଥାଉଁ ଥାଉଁ ଦେବାକୁ ଅନୁରୋଧ କରୁଛୁ ।

ଯେଉଁମାନଙ୍କର ଏଜେଣ୍ଟମାନଙ୍କଠାରୁ ପାଇବାର ସୁବିଧା ନାହିଁ ସେମାନେ ଆମ ଅଫିସକୁ ୦।୵ ର ଡାକ ଟିକଟ ପଠାଇଲେ ଗୋଟିଏ ଦିଅଲି ସଂଖ୍ୟା ଘରେ ପାଇପାରିବେ ।

—ଡଗୁଲଦା

Digitized by srujanika@gmail.com

ମହାକବିତା —

## କେରାଣୀ ଜୀବନ

ଶ୍ରୀ ଦେବେନ୍ଦ୍ରନାଥ ମହାନ୍ତି

ଅଭିଶପ୍ତ ମେ ମେ କେରାଣୀ ଜୀବନ ଧରାରେ,
କଏଦୀ ... କଚେରୀ ଦୁର୍ଗ କାରାରେ;
ସଂସାରେ ଜାଣନ୍ତି କେତେବଅ ତାକୁ ସେମାନେ ଗୋ,
(କିନ୍ତୁ) କେରାଣୀ ଜାଣଇ ଦୁଃଖ ଭିତରେ
କଠର ଦହଇ ଦଗ୍ଧ ଗୋ । ୧ ।

ଚାପେ ଲୁଗା ପିନ୍ଧି ଯୋଚ ଧାଙ୍କଳାଅ,
ସଭିଏ ଜାଣନ୍ତି ବାବୁ କହାଇଅ,
ମାନ, କେରାଣୀକୁ ଦେଖା ଭକ୍ତ ଅନୁଭୂତ ଜୀବନେ,
ପେଣ୍ଡି ଫାଇଲ କ୍ଲାଅର ଭରିବ
ଦେଖାଦିଏ ରାତ୍ର ସପନେ । ୨ ।

ଯେବେ ଯାଇ ଦେଖେ ଫାଇଲ ଉପରେ ମାଲଲ,
ବରଷଏ ସେ ସେ ... ଲୋକଙ୍କଠୁଁ ଶାଇଲା,
ସତର ହାକିମ ଅଠର ଘଣ୍ଟା ଦାଉ ଗୋ,
ସହୁ ସହୁ ଅଳ୍ପ ସରସ-ଜୀବନ
ଜୀବନେ ପାଇବ କାହୁଁ ଗୋ । ୩ ।

ବିଜ ହାକିମଙ୍କ ଉଆମ ସୁଅର ଚାଲି,
ତିଆରିଥାଏ ତା'ର ଜୀବନ ନଖୋଲି,
ତା ପଛରେ ପୁଣି ପ୍ରୋହେଡ଼ିଂ ଅଛି ଗୁହ୍ମୀ ଗୋ,
କେରାଣୀର ଜୀବନେ ସୁଖ ଅନୁଭୂତ କାହିଁଗୋ । ୪ ।

ବରଷେ ଛ'ମାସେ ଖୁସି ହୋଇ ବାବୁ
କହିଦେଲେ ଯେବେ "yes"
ଜୀବନେ ତାହାର ରହିଯାଉ ସେତକ
ଚିହ୍ନାଭର ଯେ ଶେଷ,

## ବାଡ଼ୁଅ-ପୁଅ

ଶ୍ରୀ ଯୁଗଳ ଚରଣ ଦାସ

କଶୋର ବୃକ୍ଷ ପରେ ଶାଉଁଳ ହାଡ଼ ଝୁରି,
ଦେଖିଛି କାଏ କାହୁଁ କେଜାଣି ନୁହେଁ କହ ।
କଅଁଳ ଅଙ୍ଗରେ ମାଧୁରୀ-ଭରା ଧରା,
ଅଳନ୍ତାମଣ୍ଡ ଥିଲ ଅଖିଳ ହୃଦ ଭରା ।
ବାଡ଼ୁଅ ପୁଅ ଅଜ ସପନ ରଚେ ଶତ,
କାଉଁଳ ହାଡ଼ ବାଜ ଭେଳିକ ଲଗିଛି ତ !

\+ × + +

ଉଚ୍ଛନ୍ନ ହୋଇ ଯେତେ ସପନ ପୁରେ ଧାଏଁ
ଭାବନା ସାଗରରେ କା'ସଙ୍ଗେ କଥା କୁହେ ।
ଛଇଳୀ ଛନ ଛନ, ଅଧରେ ଦର ହାସ,
ହୃଅଇ ଭନ ଭନ ଗୋପନ ପ୍ରେମ ଭାଷ,
ସପନ କଳପନା, ସପନେ ଯାଏ ହଜ,
କ ଭୂତ ଲଗିଛି କି ! ବାଡ଼ୁଅ ପୁଅ ଅଜ
ବାଇଆ ପର ହୋଇ ରହିଛି କାହିଁ ମଜ ?

---

ଅନୁଭାବ କରେ ପୂର୍ବ ଜନ୍ମର କରମ,
ତା ସାଥି ଦରପୋଷି, ସେ ଅଜ କେରାଣୀ
ଜାଣି ତାକୁ ଦାଢ଼େ ସରମ,
ମାନ, ପେଟ ଗୁଣତ୍ରକ ରଖିଛୁ ତା'କୁ
କଚେରୀର ଦୁର୍ଗ କାରାରେ,
ଅଭିଶପ୍ତ ସେ ଯେ କେରାଣୀ ଜୀବନ ଧରାରେ ।୫।

Digitized by srujanika@gmail.com

# ହରେଙ୍କ ଗୋବିନ୍ଦ ... ମାଳି

## —ନାଗବର୍ଗ—

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ—**

୧ । ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତ ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଉଗରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

## — କୃଷୀ —

କୃଷୀ, କୃଷୀ, କୃଷୀ,
ପୂରୁବାକାଶେ ରଙ୍ଗ ଝଳେଇଣି ସୂର୍ଯ୍ୟ ଦେବତା ଆସି,
ଚଢ଼େଇ ତାହା ଗଲାଣି କହି,
ଉଠରେ କୃଷୀ ମୂଲିଆ ଭାଇ;
ସୂଦୂର ବଳେ ପିଠିରେ ପଡ଼ୁ ଉଠ ଅଳସ ନାଶି,
କୃଷୀ, କୃଷୀ, କୃଷୀ । ୧ ।

କୃଷୀ, କୃଷୀ, କୃଷୀ,
ଖରା, ବରଷା, ଶୀତ, କାକର ଅନାଦେ କାଟୁ ହସି,
ମନରେ ତୋର ନଥାଏ ଦୁଃଖ,
ଦୁଃଖ ତୋ ବନ୍ଧୁ, ମଣୁ ତୁ ସୁଖ,
ସାରା ଦିବସ କଟାଇ ଦେଉ ବିଲ ମଝିରେ ବସି,
କୃଷୀ, କୃଷୀ, କୃଷୀ । ୨ ।

କୃଷୀ, କୃଷୀ, କୃଷୀ,
କାଳ ସମାନ ନିଏ ତୋହର ଦେହୁ ରକତ ଶୋଷି,
ମୁଣ୍ଡ ଝାଳକୁ ଭୂଇଁରେ ମାରୁ,
ହାଡ଼ ଭାଙ୍ଗି ତୁ ଶରମ ସାରୁ,
ପ୍ରଳୟ ବନ୍ୟା ଦେଇଯାଏ ତୋ ଗଳେ କଷଣ ଫାସି,
କୃଷୀ, କୃଷୀ, କୃଷୀ । ୩ ।

କୃଷୀ, କୃଷୀ, କୃଷୀ,
କେତେ ସୁନେଲି ସ୍ୱପନ ତୋର ନିମିଷେ ଯାଏ ଭାସି,
ଭେଟି, ଟିକସ, ଖଜଣା, କର,
ସାହୁ, ମହାଜନ ଅତ୍ୟାଚାର,
ମାଟି କୋଳରେ ଦେବତା ତୁରେ ସହୁଛୁ ସବୁ ହସି,
କୃଷୀ, କୃଷୀ, କୃଷୀ । ୪ ।

ଚାଷୀ, ଚାଷୀ, ଚାଷୀ,
ସହିବା ଶକ୍ତି ଯା'ଠାରେ ଅଛି ତ କହନ୍ତି ଋଷି,
ହିଂସା, ଦ୍ୱେଷ, କପଟ, ଛନ୍ଦ,
ଜଗତେ ଯେତେ ଅଛନ୍ତି ମନ୍ଦ,
ତୋହରଠାରେ ସେ ପଶନ୍ତୁ, ତେଣୁ ନପାରେ ପଶି,
ଚାଷୀ, ଚାଷୀ, ଚାଷୀ । ୫ ।

ଚାଷୀ, ଚାଷୀ, ଚାଷୀ,
ତୋଠାରୁ ବଳି ସୁଖୀ କେ ଅଛି, ଜଗତ ନାଚେ ବସି,
ତୁହି ଜଗତ ପୋଷଣାଧାର,
ତୋ ପଦେ ମୋର ଏହି ଗୁହାରୀ,
ତୋ ସାଥେ ଯିଏ ବଇରୀ ହେଲା
ଦେଖା ତୋ ଲଙ୍ଗଳ ଅସି,
ଚାଷୀ, ଚାଷୀ ଚାଷୀ । ୬ ।

ଶ୍ରୀ ନାରାୟଣଚନ୍ଦ୍ର ନାୟକ (୪୨୫ ନଂ ନାଗ)

## ନୂଆ ନାଗବର୍ଗଙ୍କ ନାମ

୫୩୨ । ଶ୍ରୀ ମହିଧର ଦେଓ, C/o A. P. Sing Deo. P. O. Seraikella. । ୫୩୩ । ଶ୍ରୀ ଚନ୍ଦ୍ରଶେଖର ଦାସ, Balasore Zilla School । ୫୩୪ । Kalandi Ch. Misra (ଅଗଣନ ସଭ୍ୟ) Gibson H. E. School. Class XI. Keonjhargarh, (E. S. A.) । ୫୩୫ । ଶ୍ରୀ ସୁନ୍ଦର ମୋହନ ରାଉତ (ଅଗଣନ ସଭ୍ୟ) ଯୋରେ ହାଇସ୍କୁଲ Class IX. ପୋ: ଯୋରେ, ଜି: ବାଲେଶ୍ୱର । ୫୩୬ । କୁମାରୀ ... , ଅଗଣନ (ସଭ୍ୟ) C/o ବାବୁ ...ଦେବ ଦାସ Labour Bureau. Tisco, Jamshedpur

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର    ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନଜ୍ଞଙ୍କ ପ୍ରଣାଳୀ ଦ୍ୱାରା ପ୍ରସ୍ତୁତ ହୋଇଅଛି। ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ। ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚର୍ମ, ହସ୍ତାଙ୍ଗୁଳିରେ ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରାଶୟବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ। ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ। ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ। ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଟ ୮ ୲। **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ **ଆରୋଗ୍ୟ** ହୁଏ। ଏକ ଶିଶି ଟ୨୲ଙ୍କା ମାତ୍ର ଟ ୨ ୲ଙ୍କା ମାତ୍ର।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦାଚାର୍ଯ୍ୟ

ଆଲମଚାନ୍ଦ ବଜାର, କଟକ

## କଳକଳା ସ୍ୱାସ୍ଥ୍ୟ ନିବାସ

କୁଷ୍ଠ ରୋଗୀଙ୍କ ସେବା ପାଇଁ କଳକଳାରେ ଏହି ସ୍ୱାସ୍ଥ୍ୟ ନିବାସ ଖୋଲା ହୋଇଅଛି। **ବଇରି** ରେଲ ଷ୍ଟେସନ ଠାରୁ ୭ ମାଇଲ ପଶ୍ଚିମକୁ କଳକଳା। ସେଠାରେ ରହିବାର ଏବଂ ଚିକିତ୍ସାର ବନ୍ଦୋବସ୍ତ ହୋଇ ଅଛି। ସ୍ୱାସ୍ଥ୍ୟପ୍ରଦ ସ୍ଥାନ। ନିମ୍ନ ଠିକଣାରେ ପତ୍ର ବ୍ୟବହାର କରନ୍ତୁ।

**ଲକ୍ଷ୍ମୀନାରାୟଣ ସାହୁ**

ଭାରତ ସେବକ ସମିତି କଟକ।

Printed & published by G. C. Mahapatra at the Gopinath Press, Bhadrak. 1944.

ବାର୍ଷିକ ତିନି ଟଙ୍କା ଆଠଅଣା    ରାଜସଂସ୍କରଣ ବାର୍ଷିକ ପାଞ୍ଚଟଙ୍କା

Digitized by srujanika@gmail.com

ଆଶ୍ୱିନ ଦ୍ୱିତୀୟାର୍ଦ୍ଧ ଓ କାର୍ତ୍ତିକ ପ୍ରଥମାର୍ଦ୍ଧ




ସମ୍ପାଦକ
**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ପରିଚାଳନା ସଂ
**ଶ୍ରୀ ବ୍ରଜମୋହ**

Digitized by srujanika@gmail.com

*A PROGRESSIVE NATIONAL BANK WITH FULL CLEARING FACILITIES*

# KUVER BANK
## *LIMITED*

Head Office:— 3 & 4, HARE STREET, CALCUTTA.

— CALCUTTA BRANCHES —

BURRABAZAR, SHYAMBAZAR & SOUTH CALCUTTA.

— OTHER BRANCHES —

Dacca, Santipur, Sutragarh, Ranaghat, Krishnagar, Howrah, Bally, Belur, Tarakeswar, Kalimpong, Siliguri, Darjeeling, Rajshahi, Bogra, Bankura, Balasore, Bhadrak, Jhargram, Chandanbazar, Gidni, Bagerhat and Sildah (Pay Office).

*TRANSACTS ALL SORTS OF BANKING BUSINESS.*

Phone :— CAL. 611.

Mg. Director :— Mr. S. K. CHAKRAVORTY.

---

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ୍ ବ୍ୟାଙ୍କ ଲିଃ:—

ହେଡ୍ ଅଫିସ— କଲିକତା

ଶାଖା ଅଫିସ୍‌ମାନ— ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା ନାରାୟଣଗଞ୍ଜ, ସାତ୍‌କ୍ଷିରା, ଇନ୍ଦ୍ରରଡ଼େ, ଜୟନଗର, ମଜଲପୁର, ମିତ୍ରଗଞ୍ଜ ।

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ ।**

(...ନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, ଢୋଲାଘାଟ, ବାଙ୍କୁଡ଼ା, ...ର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ...ଡ଼, ବାଲେଶ୍ୱର, ବର୍ଦ୍ଧମାନପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲ ଯାଉଛି)

...ନୂଆଦିଲ୍ଲୀ, ନାଗପୁର ।

ମେନେଜିଂ ଡିରେକ୍ଟର— ସ୍ୱା—ପି. ଏନ୍: ରାୟ ଚଉଧୁରୀ ।

...ଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ୯ ଜମା ଦେଲେ—ବ ୪ ର୍ଥ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।

Digitized by srujanika@gmail.com

# ଦିପାଳୀ

ତମିସ୍ରାର କାରାକୋଳେ, ଅଗ୍ନିକ ସହୃଦ ଜନ୍ମ—
ଯୁଗାନ୍ତ ସଂଦେଶ…
ଯୁଗ ଯୁଗ 'ଧର୍ମ' ଆଉ 'କର୍ମ'ର ବନ୍ଧନେ ଯାହା,
କ୍ଷୀଣ କାପୁରୁଷ—
ଆଜି ତାର ଉଦ୍ଧାର ତୂର୍ଯ୍ୟର ଘୋଷା, ଜନ୍ମ ଲଭେ,
ଭ୍ରୂଣ ଶତ ଶତ,
'ଶୃଙ୍ଖଳା'ର ଭିତ୍ତି ଉଠାଇ ଥିବ, ଭବିଷ୍ୟରେ ଥରେ—
ଭଣ୍ଡ ପୁରୋହିତ… !!
ଆଲୋକର ସିଂହ ନାଦ, ପାରୁଛ କି ଶୁଣି—
ମୌନାବତୀ ।
ତମିସ୍ରାର ଜଡ଼ତା ପ୍ରାଚୀର ଲଙ୍ଘି, ବହ୍ନି ଆସେ,
ବିଜୟ ସଂହିତ,
ଦୀପ ତବ ଜାଳିଦିଅ, କେଶୁ ତାର—
ହେବା ପାଇଁ ମଗ୍ନ,
ଆଲୋକରେ ଆଲୋକ ସଂଘର୍ଷ ହେଉ—
ବିଦ୍ୟୁତର ଜନ୍ମ !!
ବାଣୀର ମନ୍ଦିରେ ଆଜି କ୍ଷୁଧା ବଢ଼େ ତା'ର—
ଅପେକ୍ଷିତ,
'ଧର୍ମ' ଆଉ 'କର୍ମ'ର ବନ୍ଧନେ ଯାହା—
ସଙ୍କୁଚିତ—
ଜାଳିଦିଅ ଦୀପ, ନୂଆ ଓ ଶତ—
ସମୁଦ୍ଘାଟନ,
ଜୀବନର ସବୁରସ, 'ଏବୁ ଜୀବନର ହେତୁ'—
ମୃତ୍ତିକାରେ ମିଳୁ ଚେତନ !

ରଜନୀକାନ୍ତ ଦାସ

Digitized by srujanika@gmail.com

# ବିଲୁଆ ବିଚାର

'ଜୁଜୁମା' ଭୂତଟା କେତେକ ଓଡ଼ିଆଙ୍କୁ ଅଜଣା ନାହିଁ । ଜୟପୁର ଟ୍ରକ୍ସ ଉଦ୍ଧ ହେଲେ, ମିଃ ସାହେବ ଏତେ ମନରଖା କଥା କହିଲେ, କେତେକ ଲଣ୍ଡିଛ ସେଇ ଜୁଜୁମା—ଜୁଜୁମା ।

ଓଡ଼ିଆ ଗରିବ ଦେଶ ଏହା ଜଣା କଥା । ଏତେମବ ଚିରକାଳ ଦୁନିଆ ଦୁଆରେ ସେଇ ଗୁହାରି କରି ଆସିଛି । ଅଜି ଓଡ଼ିଆ ଗରିବ ବୋଲି ଜୁଜୁମାରେ କୋଟି କୋଟି ଟଙ୍କା ଖରଚ କରି ପାରିବ ନାହିଁ ବୋଲି ଜାଣି, ମିଃ ସାହେବ ମାନ୍ଦ୍ରାଜ ହାତକୁ ସେ କାମ ଟେକି ଦେଲେ ବୋଲି ଏତେ-ବେଳେ ଭୂମ ପେଟ ବଥଉଛି କାହିଁକି ଭଲା ? ଘରେ ବସି ବଡ଼ା ଗଣ୍ଡାଏ ଯଦି ପୋଲରେ ମିଳିଯାଏ କେତେ ମନ୍ଦ କଣ ! ଅଲମ୍ଭ ଓଡ଼ିଆର ସେଇଆ ଗୁହାନ୍ତି ।

+ × ×

ମିଃଙ୍କ କଥାରୁ ଅନୁମାନ ହେଉଛି ଯେ ଓଡ଼ିଶା ସରକାର ଦୁଅଳଆ—ଅଉ ମାନ୍ଦ୍ରାଜ ସରକାର ନଉଦ ବେହେଲା । ଯଦି ସେକଥା ଠିକ୍ ହୁଏ, ତେବେ କୌଣସି କମ୍ପାନୀ ହାତରେ ଜୁଜୁମା ଟେଣ୍ଡର ଛାଡ଼ିଦେଲେ ତ କିଛି ଅସୁବିଧା ରହନ୍ତା ନାହିଁ । ଧରିଯାଉ ଯଦି ମାନ୍ଦ୍ରାଜର ଜୁଜୁମାର ସେବା ନେଲୁ, ତେବେ କେନ୍ଦ୍ର ସରକାରଙ୍କ ତରଫରୁ ଜୁଜୁମା କାମଟା ମୁଖ୍ୟରୂପେ ଇନ୍ତଜାମ ହୋଇପାରେ । ତାହାହେଲେ କାହାରି କିଛି ଆପତ୍ତି ରହନ୍ତା ନାହିଁ । କେନ୍ଦ୍ର ସରକାର କାହାର କେତେ ଭାଗ ତାହା ନିରୂପଣ କରି ଦିଅନ୍ତେ । ସେଭାଗରେ ଓଡ଼ିଶାର ଭାଗ ଅଧିକରୁ କେବେ କଣା ହୁଅନ୍ତା ନାହିଁ । ଓଡ଼ିଶା ପଣ୍ଡିତଙ୍କ ଦେଶ ଯେତେବେଳେ— 'ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତଃ' ନୀତିଟା ଖାଟି ଯାଆନ୍ତା ।

× + +

ଓଡ଼ିଶା ସରକାର ଯେଉଁ ଅଧିକା ଜଣେ 'ଉପଦେଷ୍ଟା' adviser ଆଣିଛନ୍ତି ତାଙ୍କର ପ୍ରଧାନ କାମ ଜଣାପଡ଼ୁଛି ଦେଶର ସର୍ବାଙ୍ଗୀନ ଉନ୍ନତି କରିବା । ଗୋଖଲ ସାହେବ ଏ ପୁଣ୍ୟ ଭୂମିରେ ଗୋଡ଼ ଦେଲାମାତ୍ରେ ସେ କାମରେ ଲାଗି ପଡ଼ିଲେଣି । ଯୋଜନାମାନ ତିଆରି ଆରମ୍ଭ ହୋଇଗଲାଣି । ଉପଦେଷ୍ଟା ମହାଶୟ ଥରେ ସ୍ୱର୍ଗଧାମ କରି ଆସିବା ପରେ ନୂଆ ବୃହତ ଯୋଜନା କରି ବସିବେ ।

କାଗଜ କଲମରେ ଯୋଜନା ମୁସାବିଦା କରିବା ହେଉ ... ଅସଲି କାମରେ ଯୋଗିବା ବେଳକୁ ଯେତେ ... 'ହୋଇ' ଡୁବୁଛି 'ମୋଡ଼' ) ଯୋଜନାର ଯେଉଁ ଖେଳ ଆମେ ଦେଖି ଆସିଲୁଁ ଓ ଏବେବି ଦେଖୁଛୁଁ, ଏ ଯେ ନଜା ଯଦି ସେଇଭଳିଆ ହୁଏ ତେବେ ଯୋଜକ ଗଣ ଅସ୍ତ୍ରର ପେଟ ଭାହାର କରିବେ ଓ ଗାଲ ଉପରେ ଗାଲ ଚଢ଼ାଇବେ ସିନା ! ସେଥିପାଇଁ ଆଗରୁ କହି ରଖୁଛୁଁ—ସାଧୁ ସାବଧାନ ।

+ × +

ଆସନ୍ତା ବର୍ଷର ଅଳୁ ଫସଲ ପାଇଁ ସରକାର ବହୁତ ବିହନ ଅଳୁ ଆମଦାନି କରି କେନ୍ଦ୍ରସ୍ଥାନ ମାନଙ୍କରେ ରଖାଇ ଦେବାର ଲଗାଇ ଦେଲେଣି । ଏଥିରୁ ଜଣାଯାଉଛି ଏବର୍ଷ ଓଡ଼ିଶାରେ ଅଳୁ ଗଛଟା ବହୁତ ବହୁତ ପରିମାଣରେ ବଢ଼ି ଯିବ, ଯେପରିକି ଆସନ୍ତା ବର୍ଷ ଯଦି ଅଭାବ ଅନାଟନ ପଡ଼େ ଓଡ଼ିଆ ଲୋକେ 'ଅଳୁ' ଖାଇ ଯିବେ ।

ଅସିଥିବା ବିହନ ଅଳୁର ଅଧିକାଂଶ ପଚା ଓ ସଢ଼ା— ଅଥଚ ସରକାର ଭଲ ବିହନ ବାଛି ଆଣିଛନ୍ତି ବୋଲି କହନ୍ତି । ଆମେ ଏଥିରୁ ବୁଝୁଛୁଁ ଯେ ବୋଧହୁଏ ବୈଜ୍ଞାନିକ ଗବେଷଣା ଦ୍ୱାରା ସରକାର ବୁଝିପାରିଛନ୍ତି କି ସଢ଼ା ଅଳୁ ଲଗାଇଲେ ଫସଲ ଭଲ ହୁଏ । କାରଣ ଏହି ସଢ଼ା ଅଂଶଟା ସାରର କାମ କରି ଶୀଘ୍ର ଶୀଘ୍ର ଗଛକୁ ରସ ପ୍ରଦାନ କରିବ ଏବଂ ସାର କିଣିବାରୁ ଖର୍ଚ୍ଚରୁ କୃଷୀମାନଙ୍କୁ ରକ୍ଷା କରିବ । ଅତଏବ ହେ ଅଳୁଆ କୃଷୀକୁଳ,

ସକଳେ କର ଅଳୁ ଚାଷ,
'ଅଳୁ' ଖାଇବାକୁ ଯଦି ଥାଏ ଆଶ ।

+ × +

କୃଷିର ଉନ୍ନତି ସମ୍ବନ୍ଧରେ ଆମ ସରକାରଙ୍କ ଉଦ୍‌ଯୋଗ ଓ ତତ୍ପରତା ପ୍ରଶଂସନୀୟ ସନ୍ଦେହ ନାହିଁ । ସ୍ଥାନେ ସ୍ଥାନେ ଏମୋନିୟା ସାର ରଖାଇ ତାହା ଶସ୍ତା ଦରରେ କୃଷୀ ମାନଙ୍କୁ ବିକ୍ରୀ କରିବାର ବନ୍ଦୋବସ୍ତ କରିଦେଇ ସରକାର ଦେଶର ବହୁ ଉପକାର ସାଧନ କରିଛନ୍ତି । ଅଉ ମଧ୍ୟ ଏ କାମଟା ଏଗ୍ରିକଲଚର ବିଭାଗର କର୍ମଚାରୀଙ୍କ ହାତରେ ରହି ଥିବାରୁ ଲୋକଙ୍କର ଅଧିକ ସୁବିଧା ହୋଇଛି । କାରଣ ଏହି ଖତ ବା ସାର କିସ ଗଛର କିପରି ଥିବ ଗଢ଼ରେ ଉପଯୁକ୍ତ ହୋଇ ପାରିବ ତାହା ଆପଣା ଉପରେ ପରୀକ୍ଷା ମୂଳକ ପ୍ରୟୋଗକରି ପ୍ରମାଣଦ୍ୱାରା ଦେଖାଇ ଦେବା ପାଇଁ ସରକାର ଅନୁମତି ଦେଲେ ଅଧିକା ସୁବିଧା ହୁଅନ୍ତା ।

+ + +

Digitized by srujanika@gmail.com

ବାଲେଶ୍ୱର ଯୋଗାଣ ବିଭାଗର କର୍ମତତ୍ପରତା ଦେଖିବାକୁ ହେଲେ ଥରେ ଯିବାକୁ ବାଲେଶ୍ୱର ବାସୀଙ୍କର ସୁବିଧାର ଅନ୍ତ ନାହିଁ । ଶୁଣାଯାଏ ସେଠାର ବାଲେଶ୍ୱର ସହରର ଜଣେ ମାରୁଆଡ଼ି ବହୁତ ଅଳ୍ପ ଅଟା ଗୋଦାମ ସାତ ରଖିଥିଲେ । ମାତ୍ର ଯୋଗାଣ ବିଭାଗର ଯୋଗ୍ୟ ଅଫିସରରୁ ବଳ ଟିକ୍ ନ ହେବାରୁ ବନ୍ଦ କରି ପାରିଲେ ନାହିଁ । ଫଳରେ ପ୍ରଚୁର ଗନ୍ଧକ ଯାନ ବାଷ୍ପ ( Sulphurated Hydrogen ) ଉଦ୍‌ଗତ ହୋଇ ଅନ୍ୟଯୋଗ ଏଠାର ମନୁଷ୍ୟଙ୍କ ଯେ ନିକଟିପାଳନ୍ତି ତାଙ୍କର ମହଳୋଗାଣ ପଠାଇବାକୁ ବାଧ ହେଲେ । ଯୋଗାଣ ବିଭାଗର ବର୍ତ୍ତମାନ ଦେଶର ମଙ୍ଗଳ କାମନ୍ତେ ଏପରି କରୁଥିବେ ବୋଲି ଆମର ବିଶ୍ୱାସ—କାରଣ ଏହି ଗ୍ୟାସ ଦ୍ୱାରା ମଶା ନଚାଉଛ ହୁଏ ଓ ଅଳ୍ପ ପରୁଦ୍ଧୁ କମ୍ ବଷ୍ଟ ସାର ଛଅର ହୋଇଯାଏ ।

× × × +

ଖବର ମିଳିଛି ଯେ ନିକଟରେ ବାଲେଶ୍ୱର କଲ୍ଲାବୋର୍ଡ଼ ଅଫିସ୍ ମଧ୍ୟରୁ ଅନେକ ଗୁଡ଼ାଏ ନୋଟ୍ ଗଏବ୍ ହୋଇଛି । ସେଥିପାଇଁ କୁଆଡ଼େ ଧର ପଗଡ଼ ଲଗି ଗଲାଣି । ଆମ ବିଶ୍ୱାସରେ ନୋଟ୍ ପରି ପଦାର୍ଥ ଗୋଦାମରେ ଜମା ହୋଇ ରହିବା ଉଚିତ ନୁହେଁ । ଯାହା ତାହା ଯାଉଥାଏ ତାହା ଏ କାଗଜ ମହର୍ଘ ଦିନରେ ନିରକ୍ଷରତା ଦୂରୀକରଣ କରୁଛ ନାହିଁ କି ?

ଶୂନ୍ୟ ଶୂନ୍ୟ ଉଡ଼ିବାର ଭ୍ରାନ୍ତମତ ତାମସା ବାଲେଶ୍ୱରରେ ବହୁତ ଶୁଣାଯାଉଛି । କିଛିଦିନ ଆଗରୁ ଜଲ୍ଲା ବୋର୍ଡ଼ରୁ ଟାଇପ ମେସିନ ଟ୍ରଙ୍କ ବଣ ଉଡ଼ିଥିଲା । ପୁଣି କୁଆଡ଼େ ନାଜର ଖାନାର ଭଲ୍ୟୁମ ହୋଇଥିବା ଥଳି ମଧ୍ୟରୁ ମାଲ ଉଡ଼ି ଯାଇଛି । ଓଷ୍ଠାଙ୍କ ହାତରେ ଥିବା ବେଙ୍ଗ କାଇଁ ଯେ ହାଡ଼ ପାଲଟି ଗଲାକ ?

\+ + + +

ଓଡ଼ିଶାକୁ ଅନେକେ ମତ୍ସ୍ୟ ଦେଶ ବୋଲି କଥା କହିଥାନ୍ତି । ସେଥିଯୋଗୁଁ ମାଛ ଖାଇବା ଓଡ଼ିଆଙ୍କ ପକ୍ଷେ ଅଧର୍ମ ନୁହେଁ । ପୁଣି କେଣେ ମାଛ ଖାଉଥିବା ହେତୁ ଓଡ଼ିଆମାନେ ପ୍ରବଳ ଏପରି ବୀର ହୋଇ ପାରିଥିଲେ ଓ ଗଙ୍ଗା ଗୋଦାବରୀ ଜୟ କରିଥିଲେ ପରା । ଏବେ ଯେ ଜାପାନୀମାନେ ଏତେ ଲଢ଼ୁଅଛନ୍ତି ଧରୁଛନ୍ତି ତାହା ବୋଧହୁଏ କେଣେ ମାଛ ଖାଇବା ହେତୁ ।

ଏଣୁ ଦେଶି ଶୁଣି ଆମ ସରକାର ଓଡ଼ିଆଙ୍କୁ କେଣେ ମାଛ ଖୁଆଇବା ପାଇଁ ତତ୍ପର ହୋଇ ଉଠିଛନ୍ତି । ପଟ ମାଛ ବିଭାଗକୁ ଭଲ କରି ଗଢ଼ିବାର ଯତ୍ନ ହେଉଥିବାର ଜଣାଯାଏ । ଅଳ୍ପ ଗୁପ୍ତ ସାଙ୍ଗେ ସାଙ୍ଗେ ମାଛ ସୁପ କରି ଓଡ଼ିଆ 'ମାଛର ଝୋଳ'ର ଉଦ୍ଦେଶ୍ୟ କରି ପଡ଼ାନ୍ତି ଅଗ । ଭାବ କଥା ଥାଉ ମଛକୁ ।

\+ × × +

ସ୍ୱାଧୀନ ପରିଷ୍ଠୀ ଦଳର ମାଲିକ ଓ ଗଳ ସାଦେଇକ ମୂଳରୁ ବି ନେହରୁ ଶରଣ ନେଇ ରହିଛନ୍ତି । ବର୍ତ୍ତମାନ ଇଂରେଜ ଓ ଆମେରିକା ପ୍ରାନ୍ତରୁ ଜର୍ମାନୀକୁ ଘଉ ଦେଇଲଣି । ତଥାପି ଜଗଲ ବେକାରୀ କାହିଁକି ଅଟି ମନ ମନ ଭାବୁଛନ୍ତି କି "ଜତାପଛଅମାନେ ଆମକୁ ସ୍ପର୍ଶ ନାହାନ୍ତି ।"

ଯେ କର୍ମ୍ମାଚ୍ୟା କରେ ସେ ଯୋଗଦେହେଲେ ତ ଉଦ୍ଧାର । ଉଦ୍ଧାରର ଯେତିକି ପ୍ରାପ୍ୟ ତାହାଠୁ ଅଧିକ ଆଶା କରିବା ତା ପକ୍ଷରେ ବୋକାମି ନୁହେଁ କି ? ନାଗରା ଜୋତକୁ ଭଳ ମୁଣ୍ଡେ ଦିଆଯାଏ । କେହି କେବେ ତାକୁ ଘର କରି ଦବାକୁ ଅପେକ୍ଷ ? ଯତ ଅଟେ. ମାଗିଲେ ଅପେ ନାହିଁ—ଅପଣା ଗରଜରେ ଅଟେ ।

ଆମ ଦେଶର ଲୋକେ, ଯେଉଁମାନେ କର୍ତ୍ତାଙ୍କ ଉପରେ ଏତ୍ତିରଲିଅ ମାନ ମାଗୁଛନ୍ତି, ତାଙ୍କର ଏ ବୁଝିବା ଉଚିତ ଏକଥା ଏବଂ ଯୁଦ୍ଧଟା ସରିବା ଯାଏ ହିଁ ଏମନ ମାରି ରହିବା ଶ୍ରେୟ । କାରଣ ସମାପ୍ତାହିଅ ବେଳରେ ଏସବୁ ଛୋଟ ଛୋଟ କଥାକୁ ନଜର ଦେବାର ଫୁରସତ କାହାର ନାହିଁ । ଜର୍ମାନ ତ ହାରିବା ଉପରେ । ଜେଷ୍ଠ ଜାପାନର ପାଳି । ଜାପାନର କାମ ସାରି ଦେବା ପରେ ଆମ କଥା ବୁଝା ହେବ ଯିନା । ସେତେବେଳକୁ ଦେଖିବ ଇଂରେଜ ତାଙ୍କର ଜବାବ କପରି ସତ୍ତା । ଅଭି ଥୋଡ଼ା ଇନ୍ତଜାର କରୁ ।

× × + ×

## କଟକର 'ଡଗର' ଏଜେଣ୍ଟ—

କଟକବାସୀ ଭାଇ ମାନେ ଦ୍ଧୀନଙ୍କ ଏଜେଣ୍ଟ "ଗ୍ରାଣ୍ଟ୍ ବୁକ୍ ମାର୍ଟ, ବାଲୁବଜାର, କଟକ"ଙ୍କ ଠାରୁ ଏବେ ଏଣିକି ସୁବିଧାରେ 'ଡଗର' ପାଇ ପାରିବେ ।

Digitized by srujanika@gmail.com

# ସମର୍ଥିତ ପ୍ରତ୍ୟୁତ୍ତର

ଲେଖକ—ସାହିତ୍ୟ ସମ୍ରାଟ କଳାପ୍ରପନ୍ନ ମହାରାଜ ସାର ଶ୍ରୀ ଶ୍ରୀ ଶ୍ରୀ ବିକ୍ରମ ଦେବ ବର୍ମା

ଜୟପୁର ଗଡ଼ର ପୁସ୍ତକାଗାରରେ "ପ୍ରଶ୍ନମାଳା" ନାମକ ଗୋଟିଏ ପୁସ୍ତକ ସଂସ୍କୃତ ଭାଷାରେ ରଚିତ ଏବଂ ସଂକ୍ଷିପ୍ତ। ତାହା ମହାକବି କାଳିଦାସ ବିରଚିତ "ରଘୁବଂଶ"ର ବିମର୍ଶନ। ତତ୍ପ୍ରଣେତା କୃଷ୍ଣଦେବ ସିଂହ। ସେ ପୁସ୍ତକରେ ରଘୁବଂଶର ନାନ୍ଦୀ ଶ୍ଳୋକ ବିତର୍କିତ ହୋଇ, କଥିତ ହୋଇଅଛି ଯେ "ପିତରୌ" ବୋଇଲା ପରେ "ସମ୍ପୃକ୍ତୌ" ବୋଲିବା ସମପ୍ରପୁନରୁକ୍ତତ୍ୱରୂପ ଦୋଷ; ଏବଂ ବାକ୍ ଏବଂ ଅର୍ଥ ଅନିତ୍ୟ ହୋଇଥିବାରୁ ସେ ଦୁଇ ନିତ୍ୟ ହୋଇ ଥିବା ପାର୍ବତୀ ପରମେଶ୍ୱରଙ୍କ ସହ ଉପମିତ ହେବା ଅନୁଚିତ ବୋଲି କୁହାଯାଇ "ଏ ଦୋଷଦ୍ୱୟ କୌଣସି ଟୀକାକାରର ନୟନ ଗୋଚର ହୋଇ-ନାହିଁ" ବୋଲି ମଧ୍ୟ ଲିଖିତ ହୋଇଅଛି।

ପ୍ରଥମ ଶଙ୍କାର ସମର୍ଥନ:— "ପିତରୌ" ବୋଲିଲେ ମାତା ଏବଂ ପିତା। ଅତଏବ ଜଗତଃ ପିତରୌ" ବୋଲିଲେ ପାର୍ବତୀ ଏବଂ ପରମେଶ୍ୱର। କିନ୍ତୁ ମହାକବି ଭିନ୍ନରୂପ ପାର୍ବତୀ ପରମେଶ୍ୱରଙ୍କୁ ଉଦ୍ଦେଶ୍ୟ ନ କରି ଅର୍ଦ୍ଧନାରୀଶ୍ୱର ରୂପକୁ ମାତ୍ର ଉଦ୍ଦେଶ୍ୟ କରି ନିଜ ଅଭିପ୍ରାୟ ସମସ୍ତଙ୍କୁ ବୁଝାଇବା ପାଇଁ "ସମ୍ପୃକ୍ତୌ" ପଦ ପ୍ରୟୋଗ କରିବା ଅତ୍ୟନ୍ତ ସମଞ୍ଜସ ଏବଂ ନିର୍ଦ୍ଦୋଷ।

ଦ୍ୱିତୀୟ ଶଙ୍କାର ସମର୍ଥନ:— ବେଦ ନିତ୍ୟ ହୋଇଥିବାରୁ ତନ୍ମୟ ବାଗର୍ଥ ନିତ୍ୟ। ଅତଏବ ସେ ଦୁଇ ନିତ୍ୟ ହେବା ପାର୍ବତୀ ପରମେଶ୍ୱରଙ୍କ ସହ ଉପମିତ ହେବା ଅନୁଚିତ ନୁହେଁ। ବେଦର ନିତ୍ୟତ୍ୱକୁ ନ ମାନି ବାଗର୍ଥ ଅନିତ୍ୟ ବୋଇଲେ, ନାମରୂପ ବିଶିଷ୍ଟ ପାର୍ବତୀ ପରମେଶ୍ୱର ମଧ୍ୟ ଅନିତ୍ୟ; ତଦନ୍ତର୍ଗତ ହେବା ଅସ୍ୱୀମାନ ମିଥ୍ୟା। ଅନିତ୍ୟ ପଦାର୍ଥ ଅନିତ୍ୟ ପଦାର୍ଥ ସହ ଉପମିତ ହେବା ଅନୁଚିତ ନୁହେଁ। ଯେଉଁ ବିଧରେ ଭାବିଲେ ମଧ୍ୟ ମହାକବି ପ୍ରଦତ୍ତ ଉପମାନୋପମେୟ ନିର୍ଦ୍ଦୋଷ ଏବଂ ସମଞ୍ଜସ। ଶଙ୍କା ଜାତ ହେବା କାରଣ ଶୂନ୍ୟ ହୋଇ ଥିବାରୁ ତାହା ଟୀକାକାରଙ୍କ ହୃଦୟରେ ଜନ୍ମିଲା ନାହିଁ। ଇତି।

---

( ବିଲ୍ପ ବଗ୍ଗର )

'ଅମ୍ବା' ବୋଲି ଗୋଟିଏ ବସ୍ତୁ ବୈଜ୍ଞାନିକ ପଦାର୍ଥ ଅଛି କି ନାହିଁ ତାହା କେହି ଜାଣନ୍ତି ନାହିଁ। ଆମ୍ବ-ଅମ୍ବା ବୋଲି ସମସ୍ତେ କହନ୍ତି, କିନ୍ତୁ ତାହା କଉଳ କଦାପି କେହି ଦେଖି ନାହାନ୍ତି। ଥରେ ମାତ୍ର ଜଣେ ଦେଖି ପାରିଥିଲେ ବୋଲି ପୁରାଣରେ ଶୁଣାଅଛି। ସେ ହେଉଛନ୍ତି ସାବିତ୍ରୀ। ଯମରାଜା ଯେତେବେଳେ ସତ୍ୟବାନଙ୍କ ଦେହରୁ ତାଙ୍କ ଅମ୍ବାକୁ ଟାଣି ନେଉଥିଲେ, ସାବିତ୍ରୀ ସେହି 'ଅଙ୍ଗୁଷ୍ଠ ମାତ୍ର' ପୁରୁଷଙ୍କୁ ଦେଖି ପକାଇ ତାଙ୍କ ପଛେ ପଛେ ଗୋଡ଼ାଇଥିଲେ।

ଏବେ ଆମେରିକାର ଜଣେ ହୋନ୍ ବ୍ୟକ୍ତି ପରୀକ୍ଷା କରି ଜାଣିଛନ୍ତି ଯେ ଅମ୍ବା ବୋଲି ଯାହାକୁ କହନ୍ତି, ତାର ଗୋଟିଏ ଓଜନ ଅଛି। ପୁଣି ସେ ମାପି ଦେଖିଛନ୍ତି ଯେ, ତାର ଓଜନ ଅଢ଼େଇ ଅଉନ୍ସ। ଏକଥା ସାଙ୍ଗରେ ଆମ 'ଅଙ୍ଗୁଷ୍ଠ ମାତ୍ର' କଥା ମିଳି ଯାଉଛି ପରା!

ମଣିଷର ଠିକ ମରିବା ଆଗରୁ ତାକୁ ଓଜନ କରି ପୁଣି ମରିବା ପରେ ପରେ ଓଜନ କରିବାରେ କଥାଟା ଧରାପଡ଼ିଛି। ଦେହଟାକୁ ଯେପରି ମାପି ଦିଆହୁଏ, ଅଙ୍କି ଦେଇହୁଏ, ଓଜନ କରିଯାଏ, ଏଣିକି ହୁଏତ ଅମ୍ବାକୁ ବି ସେପରି କରି ହେବ। ଆଉ ତାହା କରିବା ସହଜ ଓ ଖର୍ଚ୍ଚ କମ ପଡ଼ିବ ମଧ୍ୟ। କେବଳ କଥା ହେଉଛି—ଧରି ପାରିବେ ହୁଏ। ଯଦି ଧରି ପଡ଼େ, ତେବେ ତାକୁ ରଖିଦେଲେ 'ମଣିଷ ମରି ପାରିବ ନାହିଁ' କିମ୍ବା ଅନାମଲା ମଣିଷ ବା ମଲା ଜୀବଜନ୍ତୁ ଦେହରେ ମଣିଷ ଅମ୍ବାକୁ ପୂରାଇ ଦେଲେ ସେ ପୁଣି ଜୀଇ ଉଠିବ ଓ ମଣିଷ ପରି ବ୍ୟବହାର କରିପାରିବ।

× + × ×

Digitized by srujanika@gmail.com

# ଗୋଟିଏ ରାତିର ସାଥୀ

ଲେଖକ:—ଶରତ୍‌ଚନ୍ଦ୍ର ମୁଖର୍ଜି

ବାଙ୍କେଶ୍ୱର ସହରର ସଦର ରାସ୍ତାରେ ଘରଟି—ପଛେ ଦେଖି ବୋଲି ବର୍ ଚଳାଉଛନ୍ତିର ଟିଏ । ଦୁଆରେ କାଷ୍ଠଫଳକରେ ଉତ୍କୀର୍ଣ୍ଣ ମିସ୍ ବୀଣା ମହାପାତ୍ର, ଏମ୍. ବି. ବି. ଏସ ( ଫାଷ୍ଟ୍ ) ଓ. ପି. ଏର୍, ଗୋଲ୍ଡ୍ ମେଡାଲିଷ୍ଟ ଲେଖା । ରାଜିଲ ଲୋକେ ନେମ୍‌ପ୍ଲେଟ୍‌କୁ ଅବା ଭବ ହୋଇ ଦେଖନ୍ତି ସିନା, ଯାହା ଦୁଷ୍ଟ ଲୋକେ ଦେଖନ୍ତି ଅନ୍ୟ ଦୃଷ୍ଟିରେ । କେତେ ଦୁଷ୍ଟ ନଯୁବା ତ ସେ ବାଟ ଦେଇ ଗଲାବେଳେ ନାସ୍ତିକାଙ୍କର ଖାଲି ପଣନ୍ତ ଧାନଟି ଦେଖିବା ପାଇଁ ସାଗ୍ରହ ଦୃଷ୍ଟି ପକାଏ, ତାହାର ହିସାବ ନାହିଁ । କେତେ ଅଠା ପାଟିଆ ଟୋକା ଗୀତବି ଗାଆନ୍ତି, ସିଟି ବଜାନ୍ତି, ତାଳିବି ମାରନ୍ତି, ମାତ୍ର ସେ ମୃଗଳ ହରିଣ ଲୋଚନ ସହଜେ ଦେଖା ଯାଏ ନାହିଁ । ବୀଣା ଅମର ଦେହ ଭଳି ନୟନ-ବାଣ ହାଣିବା ଶ୍ରେଣୀର ନୁହେଁ—ତାହାର ଦୃଷ୍ଟି ଉଦ୍ଧ୍ୱରେ—କଲ୍ପଲୋକର ପାଖାପାଖି । ସେ ଦୃଷ୍ଟିରେ ଅଠା ପାଟିଆ ବଜାର ଟୋକାଙ୍କ ଦୂରର—ତୁଚ୍ଛ ଅସୀମ ପାଖର ନୁହେଁ ।

କଳ୍ପନାର ରଙ୍ଗିନ ଚଷମା ଦେଇ କଏ ଯେ ଅନ୍ତେବାସିନୀର କେତେ ରୂପ କଳ୍ପନା କରେ—କଏ ଭାବେ ମୁକ୍ତକେଶୀ ମୂର୍ତ୍ତିରୁ ବଶ ନା ହୋଇଥବେ, କଏ ଭାବେ ଦେବଗଧା ମୃଗନୟନୀ—କଏ ଭାବେ ଷୋଡ଼ଶୀ ଗୋଲାପ ଗୋଷ୍ଠ ତ କଏ ଭାବେ ତନ୍ୱୀ ରଜନୀଗନ୍ଧା ସ୍ୱରୂପା । ଗଣର ଲେଖକ କଲମ ଟେକଇ ଚେଷ୍ଟ ପୋଷେ—ଦେଶୁଣା ଯାକ ଅନ ସ୍ୱାଧୀନା ଶିକ୍ଷିତାଙ୍କ ଲକେନ୍ଦ୍ରମାନେର ଭଗ—ଲେଖି ଯାଉଥିଲେ ମଧ୍ୟ ଲେଖନୀ ପାଉ ରଖି ଯାଉନାହିଁ । ଅତଏବ ବୀଣାର ଯଥାର୍ଥ ରୂପ ବର୍ଣ୍ଣନାରୁ ବିରତ ହେବା ବୁଦ୍ଧିମାନର କାର୍ଯ୍ୟ । ବୀଣା ଯଦି ମିଶନ୍ ଜନାନା ହାସପାତାଳର ଲେଡି ଡାକ୍ତର ହୋଇଥାଆର ତାଇ, ମେଟ୍ରନର, ଦେଶୀ ସମସ୍ତେ ବୀଣାକୁ ଶିଖର୍-ଦର୍ଶନା, ଅପଦ୍ମହସ୍ତାଧରବସ୍ତୀ, ତମାଲତାଳବନରାଜିତଣା, କାମ୍ୟ ବର୍ଣ୍ଣା, ଅପ୍ରିୟବାଦିନୀ ମେମ୍ ସାହେବ ବୋଲି ଯେ କହନ୍ତି, ସେଥିପାଇଁ ତ ଆଉ ଅଟମ ଦାୟୀ ନୁହେଁ । ଲୋକବୁଡ଼ାକ ହଠାତ୍—ପଇଜନା ପରଚର୍ଚ୍ଚା ତାଙ୍କ କରିଥ ଚେଷ୍ଟା ଭଳି ମୂଷିକ ଲାଗେ । ଆମକୁ ସେ ସବୁ ପିଠା ।

ଥୋଡେ ଶିଥିଳ କେବେ ଭାବନ୍ତି, ବୀଣା ଗର୍ବିଣୀ, କାରଣ ବୀଣା ସେମାନଙ୍କ ନାନାବିଧ ପ୍ରେମନିବେଦନର କୌଣସି ଉତ୍ତର ଦିଏ । ଗଦ୍ୟ ପଦ୍ୟ ମଧ୍ୟ ପତ୍ରଧାରାର ଉତ୍ତର ତ ଦିଏନା—ଯଦି ବା ଦିଏ, କହେ ପ୍ରେମ ପ୍ରବାହ ପାଇଁ ଅନ୍ୟ ପଥ ଦେଖ । ସମରେନ୍ଦ୍ର ତାହାର ବାଲ୍ୟ ସଖା । କସିହସି ସମରେନ୍ଦ୍ର କହେ "ଦେଖ ତ, ମୁଁ କଣ ଅନାବାଦ ମାହାଲ କି ? ଏ କର୍ଣ୍ଣଙ୍କ ଲୋକବୁଡ଼ାକ—।" ଶୁଣାରେ

ଆଉ କଥା ତାର ଶେଷ ହୁଏନା । ସମର ମଧ୍ୟ ବହୁ ଦୂର ଗ୍ରାମକୁ ନିଜର ଅଙ୍ଗ ଦ'ଟାକୁ ନେଇଯାଏ । ବୀଣା କହେ 'ତୁମେ ଚୁପ୍ ହୋଇ ରହିଲ ଯେ ।" ସମର ଜବାବ ଦିଏ "ଶୁଣୁଛି ।" ବୀଣା ପୁଣି ପଚାରେ, 'କଣ ଶୁଣୁଛ ?' ସମର କହେ, "ଏଇ ଅନାବାଦ ମାହାଲ ଉପମାଟା କଥା ।"

ବୀଣାର ବକୁଳ କଳା ଅଙ୍ଗ ଦ'ଟା କୌତୁକରେ ନାଚି ଉଠେ—ସେ କହେ "କବେନ୍ଦ୍ର ସମରେନ୍ଦ୍ରଙ୍କୁ ଉପମାଟା ଭଲ ଲାଗିଲା ନାହିଁ ପରା ।" ସଡ଼କ ଉପରେ ବେଢ଼ିଆ ବଜାର ଟୋକାଙ୍କ ଗୀତ "ତେରେ ଲିଏ କୌନ୍ ମେରେ କଷ୍ଟ କରତାହୁଁ" ଶୁଣାଯାଏ ଉଠେ—କଥୋପକଥନରେ ବାଧା ପଡ଼େ । କେତେ ସଞ୍ଜ କେତେ ସକାଳ ଯେ ଏମିତି କଟି ଯାଏ । ତଥାପି ବୀଣା ସର୍ବଦା ମ୍ଳାନମୁଖୀ । ହାସପାତାଳରେ ଥାଇ ଓଟାର କୌଣସି ମତେ ଦୈନନ୍ଦିନ କାମତକ ଚଳାଇ ନିଏ—ତା'ପରେ ବିଛଣା ଧରେ, ଆଉ ମନେ ମନେ କାନ୍ଦେ । କେତେଥର ଭଟି ଅଇନା ସାମନାରେ ନିଜର ଚେହେରା ଦେଖି ଆଉ ମନେ ମନେ ବୈକୁଣ୍ଠନାଥ ପଟ୍ଟନାୟକଙ୍କର ଆମର ପଂକ୍ତି କେତେଥର ବୋହରାଏ—ଯୌବନ ମଉଳିଲା ଆଜ ସନ୍ଧ୍ୟାରେ । ଯେଉଁଦିନ ଅସୁସ୍ଥ ବେଶୀ ଅସହ୍ୟ ହୁଏ ସେଦିନ ବିଛଣାରେ ପଡ଼ି କରି କରି କାନ୍ଦେ । ସେଦିନ ଭୋଜନ, ପ୍ରସାଧନ, ନିଦ୍ରା, ଉପନ୍ୟାସ ପାଠ ସବୁ ବନ୍ଦ—ଖାଲି କାନ୍ଦଣା । ବୋଉସମା ବୁଢ଼ୀ ପିଲାଦିନୁ ତାକୁ ମଣିଷ କରିଛି—ଏ କୋହ ବୁଢ଼ୀର ଅସହ୍ୟ ହୁଏ । ବୁଢ଼ୀ ଉଠିଯାଇ ସମରବାବୁଙ୍କୁ ଡାକିଦିଏ କହେ,

Digitized by srujanika@gmail.com

“ତୁମ୍ଭେ ବୋଧେ ଭଲ ନାହିଁ—ସ୍ୱର ।” ସମର ଚଞ୍ଚଳ ଅତି ଦୁଃଖର ମୁହଁରେ ଡାକେ, “ବୀଣା ଘରେ ଅଛ ?”—ଯେମିତିକ ସମର କିଛି ଜାଣେ ନା । ତୁମ୍ଭ ଅର୍ଥାତ୍ ବୀଣା ଚଞ୍ଚଳ ଉଠି ମଣିଷ ଦାନରେ ମୁହଁଟାକୁ ଉଗଡ଼ ଉଗଡ଼ ପୋଛି ପକାଏ—ଅଭଦ୍ରତାର ବେଦେଶ, ଲୋଚନ ଶତ ଲକ୍ଷ୍ମେ ମଧ୍ୟ ମୁହଁଟିକ ମ୍ଳାନତର । “ବସ ମୁଁ ଆସୁଛି—” ବୋଲି ଅନ୍ତରାଳକୁ ଉଚ୍ଛ୍ୱାସରେ କହିଦେଇ ସାଥିଅ ଘରକୁ ଚଳିଯାଏ, ମୁହଁଟାକୁ ସାବୁନ ପାଣିରେ ଧୋଇ ପକାଏ, ଗାଲ ଦୁଇଟାରେ ପାଉଡର ହଳକାଏ ଘଷିଦିଏ, ଶାଢ଼ୀ ଖଣ୍ଡିକ ବଦଳାଇ ଦେଇ ବାହାରି ଘରେ ପହଞ୍ଚିଯାଇ ହସ ହସ ମୁହଁରେ ପଶ୍ନରେ “ବହୁଦିନ୍ କର ହଠାତ୍ ଅବଶ୍ଚ ମନେ ପଡ଼ିଲ ଯେ ।”

ଏଇ ଦିନକର କଥା । ସେ ଦିନ ବୀଣାର ମନଟା ଖରାପ୍ ଲାଗୁଥିବା ଥିଲ—ଏବେ ଲାଗୁଥିବା ଯେ ସମର ଆସିଲ ହୁଏତ ଆଜ ଏ ଶିମ୍ରିଛିଲା ଟେଲିଦ ଓ ଜଗନ ଉଡ଼ ଠିକ୍ ତାହାର ଦୁଆରେ ପହଞ୍ଚିବ । କିନ୍ତୁ ତାହାତ ହେବାର ନୁହେଁ । ପାଠୋଇ ବିଷ ଯେ—ଠିକ୍ ଯେଉଁଠି ଦୁଃଖବିକ, ସେଇଠି ବଇବେ କପର ? ସମର କହିଲ, “ସତରେ, ମୁଁ ବୁଝି ପାରେ ନା । ଏଇ ଯେ ଯୁଗ ଯୁଗ ଧରି ଆମେ ଶିକ୍ଷିତ ପୁରୁଷ ଜାତି ନାରୀକ ସାଙ୍ଗରେ ଜିଅକୁ ବାହା ହୋଇ ଘର ସଂସାର କଲୁ—ଆମେ ତ ବେଶ କହିପାରୁ ଜିଅଙ୍କର ଠିକ ଆମର ଭଳି ବିଦ୍ୟା ଥିବା ଦରକାର, ଅର୍ଥ ଥିବା ଦରକାର ସମ୍ଭବ ଠିକ୍ ଆମରିଭଳି ବା ଆମଠୁଁ ଅଧିକ ଉଚ୍ଚ ପଦସ୍ଥା ହୋଇଥିବା ଦରକାର । ଆମେ ନାରୀ ଖୋଜୁଥିଲୁ, ନାରୀ ପାଉଛୁ ଆଉ ମୁଁଗରେ ଜୀବନ ବିତାଉଛୁ, ମାତ୍ର ତୁମେ ଏ ଶିକ୍ଷିତା ଜିଅ ତ ବିଦେଶୀ ବାଃ ଧଳଚ ବଦଳ । ସ୍ୱାମୀ ଯେ କେବଳ ତୁମର ଭଳି ଶିକ୍ଷିତ ହୋଇଥିବେ ତାହା ନୁହେଁ—ଭଲ ସ୍ୱନରଥିବ, ଉଚ୍ଚପଦସ୍ଥ ହୋଇଥିବ ଯଦ୍ୱାରା ତୁମେ ଜୀବନଟାକୁ ଉଚ୍ଚକଟରେ ବସି ବେଲସରେ ରହି ଓ ଅନାୟାସରେ ଖାଇ ପାରିବ । ନାହିଁ କି, ଅର୍ଥ ଆଉ ଉଚ୍ଚପଦ ନଥିଲେ କଣ ଦାମ୍ପତ୍ୟ ଜୀବନର ଅନ୍ତର୍ନିହିତ ସୁଖର ମୂଲ୍ୟ କେବଳ ଲକ୍ଷେ ଟଙ୍କା ନୁହେଁ ? ଯେ ବସ୍ତୁର ସବୁ ଦିଗରୁ ଯୋଗ୍ୟ ହୋଇ ମଧ୍ୟ ଭଲ ସ୍ୱନର ନ ପାଇଲ, ସେଇଟା କଣ ତାର ଦୋଷ ? ଭଲ ସ୍ୱନରର ସଂଖ୍ୟା ବା କେତେ ଆଉ ତାହା ମିଳେ ବା କେଉଁଠାରୁ ?”

ଦାଲିବା କେଉଁଠା କ୍ରମଶଃ ଲଘୁ ହୋଇ ଆସିଲା—ସମରର ମୁଖରେ କରୁଣ ଅଶ୍ରୁ । ଉଚ୍ଚଶିକ୍ଷିତ ସଚ୍ଚରିତ୍ର ବଳିଷ୍ଠ ଯୁବା ସେ—ଭଲ ସ୍ୱନର ନ ପାଇ ଯେ ବାଧ୍ୟହୋଇ ନିଜଗ୍ରାମ ସ୍କୁଲରେ ମାଷ୍ଟର ହେବ, ସେଇଟାତ ସତକୁ ସତ ତାର ଦୋଷ ନୁହେଁ । ବାଧ୍ୟହୋଇ ବମ୍ବନ୍ଧାରେ କେବଳ ବଡ଼ ଘରର ଯେ ଶିକ୍ଷିତାଙ୍କିଅଙ୍କ ଅଟିକର ସଂଭୂର ମାପକାଠି ହେଉ ସେ ତାହା ସହିବ କପର ? ସେ ବୀଣାକୁ ଅପାଠ କରି କହିଲ, “ଗୋଟାଏ ଅଭିସ ଓ ଦାମ୍ପତ୍ୟମନ୍ଦ ଜୀବନ ପଛରୁ ଜୀବନଯନ୍ତ୍ରଣା ଠାରୁ ତୁମ୍ଭମାନଙ୍କ ପାଖରେ ବଡ଼ ହେଲା, ବୀଣା ?”

ଏଇ ଯଉଥରେ ହୃଦୟର ଦଥ ପଛରେ ପାଠୋଇ ବିଷବ କଥାରେ ଦୃଢ଼ତ ଦର ଏକଜ ପୁଅ ଜନ୍ମ ନହିଁ ବ ଜାଣ ? ନାହିଁ । ସାମାନ୍ୟ କଥାରେ ହେମନେ [illegible] ଦାଂଶାରର ଅବତାରଣା କରିବା କଲୁ । ବୀଣା କହିଲ, “ତାଃ ମୁଁ ଖଟି ଖଟି ରୋଜଗାର କରିବ ଆଉ ସେ ପଡ଼ିଶୁଣା କରି ବସି ଖାଇବ ? ବ ଲଜ୍ଜାର କଥା । ଲୋକେ କଣ କହିବେ ?” ସମର ସେ ଦିନ ଦାମ୍ପତ୍ୟ ସମସ୍ୟାର ଖ—ଜବାବ ଦେଲା “ଏଇ ଯେ ଯୁଗ ଯୁଗ ଧରି ତୁମେ ସବୁ ବସି ଖାଇଲ—ନାରୀ ଜାତିର ଏ ଲଜ୍ଜା ତ ଶିକ୍ଷିତା ସମାଜରେ କେହି ଉଲ୍ଲେଖ କରେ ନା ଆଉ । ବୀଣା ଦେଖିଲା ସମର ରାଗିଛି—ତାହାର ପଞ୍ଜିବଟା ଉକଟା ଚଞ୍ଚଳା—କହିଲ, “ଶୁଣ ବାବୁ, ସୁଧା ପିଅନ୍ତୁ ଥଣ୍ଡା ହୋଇଯିବ । ମୁଁ ଆଉ ତୋହର ମା ଠାରୁ ଗାଳି ଶୁଣି ପାରିବ ନାହିଁ ।” ସମର ସୁଧା ପିଇଲ ସିନା—କିନ୍ତୁ ମନରେ ତାର ପ୍ରଫୁଲ୍ଲତା ଆସିଲ ନାହିଁ—ମନ ତାହାର ସୁଧାପାଣି ପରି ସମସ୍ତ ଶୀତଳ ନାହିଁ [illegible] ଭିକ୍ତ ହୋଇ ରହିଲ ସେ ଦିନ । କିନ୍ତୁ ଏ ଅସ୍ପୃଶ୍ୟ ସମରର ସାମାନ୍ୟ ଜବାବ ବୀଣା ସତକୁ ସତ ଭଲ କରେ—ଯେଉଁ ଦାମ୍ପତ୍ୟବଣ୍ଟୀର କଣ୍ଟ ଜନାଦରେ ତନଦା [illegible] ପାତାଳର ଖାଲି ବୋଠାବାଡ଼ ନୁହେଁ, ଦୁଧା ପାଦସଟି ପର୍ଯ୍ୟନ୍ତ ଦେଖ, ସେଇ ଉଣଟଣ୍ଟୀ ସମର ପାଖରେ ମୁଖାନ୍ତୁଷ । ତଥାପି ସେ ସମର ଘରେ ଦେଖା କାନ୍ଦେ ନାହିଁ, କାନ୍ଦେ ନାହିଁ, କାନ୍ଦେ ନାହିଁ । ମିଶନ ସ୍କୁଲର ଖାଟିଏ ଟଙ୍କା ବେତନ ହେଉଛି ସ୍କୁଲ ମାଷ୍ଟର ସମର ? ଛି, ଛି, ଲୋକେ କଣ କହିବେ—ବୀଣା ଏଭଳି ଶିକ୍ଷିତା ଜିଅ ହୋଇ ଶେଷରେ—ଲୋକେ କଣ କହିବେ, ସେ କଥାର ତାର ଭୁଲେ ବୀଣା ଅତି କଲ୍ପନାକର ଦୂର ଅବାଶକୁ ସୃଷ୍ଟି ଟାଏ—କିନ୍ତୁ ସେ [illegible] ଅପରୂପ ରାଜକୁମାର ଖସି ପଡ଼ୁ ବା ନପଡ଼ୁ ନିତାନ୍ତ ବମରର କବ'ପଃ ବା ଅଭିଶପ୍ତ ସର୍ଜନଟାଏ ଯେ ଖସି ପଡ଼ିବ ଏ ସ୍ୱପ୍ନରେ ବୀଣାର କୌଣସି ସନ୍ଦେହ ନ ଥାଏ । “ଯଉବନ ଫୁଲ ମଉଳିବ ଅନ୍ତ ସନ୍ଧ୍ୟାରେ”—ନା, ତେବେ ନା ହେବ । ରୁଜ୍, ପାଉଡର, ଲିପଷ୍ଟିକ୍ ଆଉ ଜର୍ଜେଟ୍ ଶାଢ଼ୀ ମଧ୍ୟରେ କେବେ ବଣ-ରାଣୀ ଅସତ୍ୟ ହେବ—କେବେ ସନ୍ଧ୍ୟାରେ ଯଉବନ ଫୁଲ ଫୁଟିର ରହିବ ବୀଣାପାଣି । ଶନୈ ପନ୍ଥାଃ ଶନୈ କନ୍ଥାଃ ଶନୈ ପର୍ବତ ଲଂଘନମ୍ । ଡରବର କଣ ଅର୍ଥ?

ଗୋଟିଏ ମା ବିଦ୍ୟାଧରପୁରର ନିତାନ୍ତ ଜନଟ ମଫସଲ ତୁଟୀ । “ପଅଣରେ ବ୍ରତ୍ଯ ଦରେ କରେଇଛ ଏକ ସନ୍ୟାସୀ

Digitized by srujanika@gmail.com

ହିମାଦ୍ରିର ଛାତିରେ ତୁଷାରମଣ୍ଡ ଛଳିଆଟିଏ—''ଏ ରହସ୍ୟ ତାକୁ ଅଜଣା । ତା ଭିତର ଜୀବନର ଯନ୍ତ୍ରଣା ବୋଧେ ନ ବୁଝିଣ ବୋଧେ ଜଣେ ନାତୁଣୀ ବୁଢ଼ୀର କୋଳ ଅଲିଅ କରି ପଚାରିଲେ—ଜୀବନର ଏ ମୃତ୍ୟୁ କଣ ଯେ କେଉଁ ନାହିଁ ? ବୀଣା ଅଜ ଜୀବନ ଭୁଲିଛି ତ ତା ପାଖରେ ସମାନ—ସେ ଅଜ କେବେ ସହିବ । ସୁନ୍ଦର ସୁନ୍ଦର ବୀଣାର ଜନ୍ମ କେବେ ବୋଝ ଉଭୟର ପାଖ ପାଖି ହେବାକୁ ଯାଇଛି—କୋଉଁ ଅଚିହ୍ନା କେତେ ଅଜ ଯେ କୋଉଁ ଦାଗରେ ବୀଣାକୁ ସମର୍ପି ଦେଇ ନିଶ୍ଚିନ୍ତ ହେବ କେବେ ? ବୀଣାର ମନଭାଙ୍ଗା ସେଦିନ ହଠାତ୍ ଅପେକ୍ଷାକୃତ ଅଧିକା କେତେ ବୁଢ଼ୀ ଧରି ବସିଲେ, କହିଲେ ''ଝିଅ ଏମିତି ଅଜ ରୂପ୍ ହୋଇ ବଢ଼ିବାର ଠିକ ନୁହଁନାହିଁ ।'' ବୀଣା ହସି ପଚାରିଲା, ''କଣ କରିବା ଦେଇକି ?'' ଅଜ ବୁଢ଼ୀର ମୁହଁକୁ ଆଖି ଟାଳି ଚାହିଁବାକୁ ଲାଗିଲା । ବୁଢ଼ୀ କହିଲେ, ''ତୋର ଏ ଖେଳ ମୋତେ ଭଲ ଲାଗେନାହିଁ । କୋଉଁ ଅଚିହ୍ନା ହେବେ ?'' ବୀଣା କହିଲା ''ତୋର ଯାଇ ବାଟ ବହୁତ ଝିଅ, ତାକୁ ଜବାପାଇଁ ଖାଲି କୋଉଁ ଖୁଞ୍ଚି ବସିଛନ୍ତି ।'' ବୁଢ଼ୀ ସରଳ ହୋଇ କହିଲେ ''ଏ କଥା'' ଅଜ ଉଠି ଗୁଣୁଗୁଣିଲେ । ରାତି ଚିଲ୍କାଏ ଅଧି ଘରର ପଞ୍ଚ ଜଣ ହେଲେ ବୀଣା ଝରକାରେ ପଡ଼ି କହି କହି ହୋଇ ଯାଉଥିଲା ଅଜ ତାହାର ସମସ୍ତ ଦେହ ଯୌବନରେ ଉଚ୍ଛୁଳି । ବୁଢ଼ୀ ବୀଣାର ଦେହ ମୁହଁ ଅଣ୍ଡାଳି ଦେଲେ, ଜରୁଆ ଅଣି ଝାଳ ପୋଛି ଦେଲେ ଅଜ ପଙ୍ଖାଖଣ୍ଡେ ଧରି ବିଞ୍ଚିବାକୁ ବସିଲେ । ମାତୃତ୍ୱର ଅଜ୍ଞାତ କୁହୁକ ଦେଖିଲା ମାତାର ଅନ୍ତର ଧାଇଁ ଶିଥିଳ ହୋଇ ଆସିଲା—ତନ୍ଦ୍ରାରେ ବଳିଷ୍ଠ ବାହୁର ସ୍ଥାନ ଅଧିକାର କଲା ଶାନ୍ତି ମାଲତୀଫୁଲର କମନୀୟତାର । ହଠାତ୍ ପରେ ବୀଣା ମାଲତୀଫୁଲର କୋଳରେ ମସ୍ତକ ସ୍ଥାପନ କରି ନିଦରେ ପଡ଼ି ରହିଲା ଅନାଗତ ପଥରର ପଥ ଖୋଜି—କଳ୍ପନା କଲା ତାହାର ଭବିଷ୍ୟତ ଗୃହସ୍ଥାଳୀର ଚିତ୍ରପଟ ଛବି—କଳ୍ପନା କଲା, ସେ ଏକ ପ୍ରଶସ୍ତ ବକ୍ଷ ଉପରେ ତାର ଜୀବନ ମନର ମୁଖଛବି—ନୟନ ଶୀତଳ ସୁପ୍ତ ଚକ୍ଷୁରେ ଅନ୍ୟ ଜଣକର ଅଶ୍ରୁ ଚୁମ୍ବନ, ଅଜ ପରେ, ଯୌବନ ପରେ ବର୍ଷ ବର୍ଷରେ ଦେଖି ଶିଶୁ କଣ୍ଠର ମା ମା ଡାକର ଝଙ୍କାର । ସେ ମୁଗ୍ଧ, ସେ ଦେବଭୋଗ୍ୟ ମୁଗ୍ଧ—''ନାହିଁରେ କଳ୍ପନା ତାର ଏ ଜଗତ ।'' କଳ୍ପନାର କଲ୍ଲୋଳ ବୀଣାକୁ ବାସ୍ତବ ଜଗତ ଦୁଃଖର ଦେଲା—ସଙ୍ଗୀତପ୍ରିୟା ବୀଣା ଗାଇ ଉଠିଲା, ''ମୋର ଏଇ ପଥରହିଁ ବାଟରେ ଅନନ୍ତ ।''

ଯୌବନ କନ୍ଦି ଅଭିଥିରେ ଅଜାଣ ପାଦ ପଡ଼ୁଛି—ବୀଣା ଜୀବନର ନବୋନ୍ମେଷ । ମୁଗ୍ଧ ପୁଣି ଅଣୀଳ ଅପୂର୍ବ ସ୍ୱପ୍ନ—ବୀଣା ସ୍ୱପ୍ନ ଦେଖୁଛି । ବାଟବାଟର ସ୍ମୃତି ପ୍ରବାହରେ ଜୀବନ ପ୍ରିୟତମ ଅନାଗତ ସ୍ୱାମୀଙ୍କ ସହର ଚଳଚ୍ଚିତ୍ର—ପ୍ରିୟସ୍ପର୍ଶରେ ପ୍ରଭ ପ୍ରେମଦୂତ ପୂର୍ବରେ ତା'ର—ତାର ଶିର ଏମିତିରେ ଅନନ୍ତ ପ୍ରତୀକ୍ଷା—ବାଟରେ ସ୍ମୃତି ଉତ୍ସାହରେ ପ୍ରିୟତମର ଉଦ୍ଦେଶ୍ୟ । ଏପରି ସମୟରେ ଦ୍ୱାରେ ଏକ ଉପଢୌକନ ହେଲା । କେ ଜଣେ ତାହାକୁ କହିଲା, ''ତେଣୁ ଭାଉଜ ସେଣୁ ଭାଉଜ, ଶୀଘ୍ର ଆସନ୍ତୁ—ପେଣ୍ଟର ବାବୁଙ୍କ ଘରେ ପୂଜା—'' ନବିବାର ହୋଇ ବୀଣା ଉଠିଲା ଅଜ ଚିତ୍ର ଜଣ ପାଉଁରେ ଉଠି ବସିଲା । ତନ୍ଦ୍ରା ଅଳସ ପାଖ ଥାଏ ଅଜ ବୀଣାର ମନରେ ଦୃଢ଼ ଆଶଙ୍କା ଜାଗି ରହିଥାଏ—ବୀଣା ଭାବୁଥାଏ—ଏ ସୌନ୍ଦର୍ଯ୍ୟ ଏ ଦେହ—ଅନ୍ତରର ଏହାର ବୋଝ ଉତ୍ତର ହେବ ଅଜ ଦେବାର ପ୍ରିୟତମର ହାତ ଯେ ସମସ୍ତଙ୍କ ଚକ୍ଷୁରେ—ଏ ମୁକ୍ତି ଯେ । ତଥାପି ପେଣ୍ଟର ବାବୁଙ୍କ ଘରର ପୂଜା ଯେ ଯାଇ ଦେଖିଲା, ସେଥିରେ ତାହାର ସ୍ୱପ୍ନ ଭାଙ୍ଗିଗଲା । ଦେଖିଲା ପେଣ୍ଟର ବାବୁଙ୍କ ସନ୍ତାନର ଜନ୍ମ ଅଷ୍ଟମୀ ବା ଜନ୍ମତିଥି ଉତ୍ସବ—ଅଥଚ ପେଣ୍ଟର ପତ୍ନୀଙ୍କ ଚକ୍ଷୁର ଲୋଭ କର୍ଣ୍ଣକୁ ଦେଖା ନୁହେଁ । ମହାଳଗରେ ଦୁଆ ଗୁଆର ପାଣି, ଘରେ କେତେ ଲୋକର ଶାଢ଼ୀ ଓ ପାଟପଣତ, କେତେ ବାସ ଶାଢ଼ୀ, ଅଥଚ ଲୁହର ଝର୍ଣ୍ଣା । ରେବତୀର ହୋ ଅନ୍ତର୍ଗର୍ଭରେ—ମୂକଶିଶୁର ସଙ୍କେତ ଯେ ମୁଗ୍ଧତା ସେ ତାର ପାଇ ନାହିଁ । ସ୍ୱର ଅଜ ଏ ମମତା—ପରଶ୍ରୀ ଅଧିକାରୀ ହେବା ପଦାର୍ଥରେ ପୂର୍ଣ୍ଣ । କୁସମାନଙ୍କର ହେଁ ଗୁ—ଦମ୍ପତିଙ୍କର ଅପଥ୍ୟ ତାତ୍ପର୍ଯ୍ୟ—ସନ୍ତାନ ପୋଷଣ ଦୂରେଇ ରହ ରହି । ରେବତୀ ଯନ୍ତ୍ରଣାରେ କାତର—ସେ ଉତ୍ସବରେ ମଧ୍ୟ ଯୋଗାଏ ଦେହ ଦର୍ପର କୁସ ତା' ଚକ୍ଷୁରେ ଅଶ୍ରୁ ଲୋତକ । ଅଥ ବକ୍ଷରେ ଯେ କୁଣ୍ଠାକୁ ସେଠାରୁ ଯାଏ ସ୍ଥାନାନ୍ତର ହେଲା । ଅନ୍ତ ବକ୍ଷରେ ରେବତୀର ବନ୍ଧୁ ପ୍ରତାରଣାର ପଦାର୍ପଣ ତାହାର ଦରଦ ପରଶକୁ ବଡ ବାଟରେ ପଦ୍ମଧାର କଲା—ଏବଂ ଅନ୍ତ ବକ୍ଷରେ ଅଦୃଶ୍ୟବାଦ୍ୟ ପଦାର୍ଥମାନ ଏବଂ ଦର ଲୁଚିଗଲା ସେଗୀ ସେଠାରେ । ପରନ୍ତୁ ଏକ ଉଚ୍ଚ ସେଠ ତାହାର ବାଟରେ ଏକ ଭଦ୍ର ଅଧଃ ଅଧ ଶୂନ୍ୟ ଦେଲେ ଗିଲା—ଏହା ଭାରତର ସାମ୍ରାଜ୍ୟ କଲ୍ ନାହିଁଲେ ନାହିଁ ।

ପରନ୍ତୁ ଏ ଚେଷ୍ଟା କଲା ବୀଣା—ରେବତୀ ଯେପରି ତାର ସବୁ ଜୀବନ ସାଥୀ, ଠିକ୍ ସେପରି ଭାବରେ ତାର ସେବା କଲା, ତଥାପି ଲୋକେ କେହି ହେଲେ ନାହିଁ । ବନ୍ଧୁତ୍ୱ ତାର ଉଦ୍ଧାର ହେବ ମାତୃତ୍ୱର ଅପତ୍ୟ ଚେତନା ସହ ପାଇଲା ନାହିଁ । ରେବତୀ ଯେତେବେଳେ ବୁଝିଲେ ଯେ ଜଗତର ଅସ୍ତା କର୍ମ, ଜଗ ବାଟର ମୁହଁ ଗଢ଼ି ଘୋଷି ବୀଣା ସାମନାରେ ଉଠିଦେଲେ । କହିଲେ, ''ଜଗେ ଜଗାର ହଉ—ତୁ ଯେବ ମୋର ପିଲାଛୁଆଙ୍କୁ ଦେଖିବ ଏବେ ? କିଏ ସହିବ ସ୍ୱାମୀ—ସପତ୍ନୀ ଅଣି ମୋର ଶିର

Digitized by srujanika@gmail.com

କ୍ଷୁଧକର ସର୍ବନାଶ କରନ୍ତେ ।" ମୁହୂର୍ତ୍ତକ ଯାହାର ଏ ମାୟା-ଚକ୍ଷ ଖଣ୍ଡ ବୁଝିଲି, ମନେ ମନେ କହିଲି—"ଏହାହିଁ ବାସ୍ତବ୍ୟ ଜୀବନ—ହାୟ, ହାୟ ! ମୁଁ ମୂର୍ଖ ମୁଁ—ମୃଗତୃଷ୍ଣାକୁ ମୃଗତୃଷ୍ଣା ବୋଲି ବୁଝି ପାରୁ ନଥିଲି ।" ଷଣ୍ଡା ଖଣ୍ଡକ ପଥର ଭଳି ସମସ୍ତଙ୍କୁ କହିଦେଲି—ଏଣ୍ଡା ନାହିଁ—ସବୁ ଶେଷ ହେଲା ହେଉ ଜୀବନର ଶେଷ ହୋଇପାରେ । ସେଦିନ ସ୍ୱାମୀଙ୍କୁ ପାଖକୁ ଡକାଇ ବାରମ୍ବାର ଅନୁରୋଧ କଲେ—ସପତ୍ନୀ ଯେପରି ଟିକେ ସହେ ନ ପଡ଼େ । ତୁମମାନେ ବିଚାର କର ବାକ କାଟିଲେ । ବଡ଼ ହୋଇଥିବା ଦେହୁ ବାହୁରେ ମୁଣ୍ଡ ଦେଇ ଦେଇ ଉଲ୍ଲାନ୍ତ ହେଲା । ବାନ୍ଧ କାଟିଲେ—"ତୁମେ ସବୁ ଯାଉଛ—ଆମକୁ ଭଟସର ଦେଇ ଚାଲିଯାଉଛ, ମା ଗୋ !" ରୋଗକ୍ଳିଷ୍ଟ କଳେବର ସ୍ୱାମୀ ଅର୍ଦ୍ଧମୃତ ପରି ବସି ରହିଲେ ଦୂରରେ—ଶାଶୁ ଆସି ବୀଣାରେ କହିଲେ, "ବାପା, କାନ୍ଦୁଛ କାହିଁକି ? ଏହା ଭଗବାନଙ୍କ ବିଧାନ—ତୋର ତ ବନ୍ଧୁ ରକ୍ଷକ ବ ହୋଇନାହିଁ—ମୁଁ ଥାଉଁ ଥାଉଁ ଏ ଘର କଣ ଶୂନ୍ୟ ହେବ ?" ଆଉ ପରକ୍ଷଣରେ ବହୁ ପାଖକୁ ଯାଇ କହିଲେ—"ମା, ହରି ନାମ କର—ହରି ନାମ—ହରେର୍ନାମ—ହରେର୍ନାମ—ହରେର୍ନାମୈବ କେବଳମ୍—କଳୌ ନାସ୍ତ୍ୟେବ, ନାସ୍ତ୍ୟେବ, ନାସ୍ତ୍ୟେବ ଗତିରନ୍ୟଥା—ବୁଝିଲୁ ମା ?" ଶାଶୁ ଉଗାଳନ୍ତ ଆଉ ତୁଳସୀଦଳ ଆଣି ବହୁ ମୁହଁରେ ଦେଲେ, କହିଲେ—"ମା ମୋର ଅହିଅ ସ୍ତ୍ରୀ—ପୁଅ କଟେଣି ପଚ୍ଛ ବୋଲେ ଦୁର୍ଗ ଧାମକୁ ଗଲେ । ଆରେ ଏ ସବୁ ଅଛମ—ଶଙ୍ଖଟା ଆଣ ।" ବୀଣା ଏ ଉଦ୍ଘାଟନ ଦେଖୁଥାଏ ଆଉ ମୁମୂର୍ଷୁ ଇନ୍‌ଜେକ୍‌ସନ୍ ଦେଇ ରୋଗିଣୀର ଯନ୍ତ୍ରଣା ଲଘୁ କରିବାକୁ ଚେଷ୍ଟା କରୁଥାଏ । ସେ କି ଯନ୍ତ୍ରଣା—ସର୍ବାଙ୍ଗରେ ମୃତ୍ୟୁର କାଳିମା ଲେପି ହୋଇଥାଏ ସେ । କି ଅସହ୍ୟ କଷ୍ଟ—ଏଣିକି ବୀଣା ପାଖରେ ବହୁ ଅଭିଜ୍ଞତା ଲାଭ କରି ମଧ୍ୟ ଖାଣ ସେଦିନ ଅଚେତନ ହୋଇ ପାରିଲା ନାହିଁ । ତାର କରୁଣ ଅଶ୍ରୁ ଧାରେ ଚକ୍ଷୁରେ ଭରି ଆସିଲା । ବୁଝିଥାରୁ ଜୁଳୁ ଜୁଳୁ ହେଉଛି—ପେଟର ଗୃହିଣୀଙ୍କର ଆଖି ବୋଲାରେ ନବ୍ୟରେ ଦୁଇ ଆଖିଲାଣି—ବାହାରେ ଅଟଳ ଜଳରେ ଝଣାଇ ସଂଗ-କଳ୍ପନା ଧୂଳି ସାରିଲାଣି । ଯାହାର ଅନ୍ତ ପର ବୀଣା କହିଲା—"ଏ ଧାମକୁ ଯାଇ ଟିକେ ଶାନ୍ତିରେ ରହ, ରଞ୍ଜଣା । ଗୋଟାଏ ରାତିରେ ଅନେକ ଶିକ୍ଷା ଦେଲା ।"

ଶୀର୍ଣ୍ଣ ଦେହମନ୍ଦ ଅର୍ଦ୍ଧମୃତ ଶିଶୁଟିକୁ ବକ୍ଷ ବକ୍ଷରେ ମୁଣ୍ଡ ରଖି ଅମାବାସ୍ୟା କୋଳରେ ନେଇ ବୀଣା ଯେତେବେଳେ ଘରକୁ ଫେରିଲା, ସେତେବେଳେ ବେଳ ଦଶଟା ବାଜିଲାଣି । କ୍ଳାନ୍ତି ଥିଲା ତାର ସର୍ବାଙ୍ଗରେ କିନ୍ତୁ ମନରେ ଥିଲା ସରସତା । ବାଟୋଇ ଖାଇ ଗୋଟେ ମା'କୁ ସ୍ୱପ୍ନ ଦେଲା, "ଆଜି ତ ଯାଇ ଟିକେ ସମର ବାବୁଙ୍କ । ଖୁବ ଉଡ଼ଚାଉ, ଗତ ବରଷ ।" ଗୋଟିଏ ମା ବୀଣାର ପ୍ରଫୁଲ୍ଲ ମନ ଦେଖି ଖୁସି ହେଲ । ଉତ୍ତରଣରୁ କଟକ ଯାଇ ସମରକୁ ଧରି ଆସିଲା । ସମର ଆସି ଦେଖିଲା, ବୀଣା ଅଧ୍ୟକ୍ଷ ମାତାଙ୍କର ପ୍ରଫୁଲ୍ଲ । ସାତସବୁ ମଧ୍ୟ ଟିକେ ବେଣୀ ମାଥାରେ କରି—ଶାଢ଼ୀଟା ଏବଦମ୍ ଦୁଧ ଧଳା ହେବ ବର୍ଣ୍ଣ । ସମର ହସି ହସି ପଚାରିଲା—"ସମସ୍ତଙ୍କର ଆଜି ଏ ଉଣବଣିଆ ବେଶ କାହିଁକି ?"

ବୀଣା କହିଲା, "ଆଜି ସମରରେ ତୁମକୁ ଗୋଟିଏ ପଥ ଖୋଲି ପ୍ରମାଣିତ କରିବା ପାଇଁ । ଦେଖ ସମର, ତୁମେ ତ କବି ମଣି—ଗୋଟିଏ ଓଲେ ବୋଲ । କଣ ତୁମେ ସେଦିନ ବାସ୍ତବ୍ୟ ଜୀବନର ଅନ୍ତର୍ନିହିତ ମୂଳର ମୂଲ୍ୟ ଲବ୍ଧ ହେବା ବୋଲି କହୁଥିଲ ? ଶୁଣ ।"

ବୀଣା ତାର ଗତ ରାତିର ସାଥୀଙ୍କର କଥା ଅନର୍ଗଳ ବକିଗଲା । ସାଥୀଠୁଁ କି ଶିକ୍ଷା ପାଇଲା, ତା ମଧ୍ୟ କହିଲା । ସମର ବାଟ ପରି ବସି ଶୁଣୁଥାଏ—ବୀଣା ଶେଷ କଲା, କହିଲା—"ତୁମେ ଗୋଟିଏ କପଟ ଗଳ୍ପ—ଚନ୍ଦ୍ରଲୋକରେ ସବୁବେଳେ ବିଚରଣ କରୁଥାଅ—ଏହି ଜାଣ ନା—କପଟ ଗଳ୍ପ । କହ, ଶୁ ପିଅ ।"

ସୁ ବିଆକଟା ସାମନାରେ ରଖି ଦେଲ ବୀଣା ଲକ୍ଷ କଲା ସମର ଗୁମ୍ ହୋଇ ବସି ରହିଛି—ଓଠ ଫୁଲେଇ କହିଲା—"ବାପ୍‌ରେ ବାପ, କଥା କଥାରେ ରାଗ । ଅଚ୍ଛା, ଗୁଡ଼ା ପିଇବ ନାହିଁ ତ ଗୋଟାଏ ଗୀତ ଶୁଣ ।" ଏହା କହି ଗ୍ରାମୋଫୋନରେ ଗୋଟାଏ ରେକର୍ଡ଼ ବଜାଇବାକୁ ବସିଲା । ରେକର୍ଡ଼ରୁ କର୍କଶ କଣ୍ଠସ୍ୱର ବାହାରିଲା—

"ପ୍ରାଣସଙ୍ଗିନୀରେ ନେଶାନନ୍ଦ ମନର
ଏହି ଲୁଚେଇ ଥିବେ ପର........"

ଆଉ ଠିକ୍ ଏହି ସମୟରେ ଗୋଟାଏ ନାମର ଭାଇ ଭର୍ଣ୍ଣ ବେଡ଼ାଣି ଉଡ଼ି ଆସି ସେମାନଙ୍କ ବସିବା ଘରର ଠିକ୍ ଦୁଆର ମୁହଁରେ ହୋକାର କରିବାକୁ ଲାଗିଲେ—କରୁର, କରୁର—କରୁରି—। ସେହିଦିନ ଧଳା ଦଶଲ । ଘରେ ଘରର ପ୍ରଦୀପ ଜଳୁଥିଲା କିନ୍ତୁ ସମରର ମନ ଅନ୍ଧକାର ରହିଲା । ଭେଣଥି ଗୋଟାଏ ବଜାର ହୋଟା ସହିତ ଦେଇ ଗୀତ ଗାଇ ଗୁଲିଲା—

"ଏ ଦୁନିଆ ବଡ଼ା ଦୁନିଆ
ବଗାଡ଼ା ଦ୍ୟାପ୍ନ କାଥ ଦେସ—
ଘର ଘରମେଁ ଉଜଥିଲ ଦ୍ୟାପ୍ନ,
ମେରେ ଘରମେଁ ଅନ୍ଧେର......"

Digitized by srujanika@gmail.com




ଅଜା ଯାଉଥିଲେ  ଟାଇଗ୍ରେସ ଦେଖି
ଗୁଡ଼ି ବାଜିଗଲା ଦଣ୍ଡ,
ଭୋକ ଲାଗେ ପେଟ  କଅଁ କଅଁ ଡାକେ
ଦେହ ହେଲା କମ୍ପମାନ୍ ।
କିଣି ଖାଇବାକୁ  ପଇସା ନ ଥିଲା
ଖାଲି ହୋଇଥିଲା ହାତ,
ଭରବର ହୋଇ  ଧାଇଁଲେ ଘରକୁ
ରନ୍ଧା ହୋଇଥିବ ଭାତ ।

ଘରେ ଅଛି ଆଈ—  ଦେଖନ୍ତି ଅନ୍ଧାର
ହୋଇଛି ଘରଟା ଯାକ,
କେହି ନ ଶୁଣିଲେ;  ଚିତ୍କାରରେ ଅଜା
ଯେତେ କଲେ ଡାକହାକ ।
ଶେଷେ ଅଜା ଘରେ—  ଅଣ୍ଡାଳି ଅଣ୍ଡାଳି
ଘୁଞ୍ଚୁଡ଼ ଶବଦ ବାଟେ,
କବାଟରେ ଅଟକି  ଶୋଇଥିବା ଆଈ
ଗୋଡ଼ ପକାଇଲେ ଧରି ।
ଝଡ଼ ପଡ଼ କିନା  ନାଦ ବାଜିଲାରେ
ଉଠିଲେ ହାଉଳି ଖାଇ,

"ଚୋର—ଚୋର" ବୋଲି  ଅଜାଙ୍କୁ କୁଣ୍ଢାଇ
ଜାବୁଡ଼ି ଧରିଲେ ଆଈ ।
"ଚୋର ନୁହେଁ" ବୋଲି  ଯେତେ ରଡ଼ି କଲେ
ଅଜା କଲେ ଛଡ଼ାମଡ଼ା,
ଆଈ ନ ଛାଡ଼ନ୍ତି  ଶେଷେ ଦୁହେଁ ଯାକ
ଲାଗିଗଲେ ଗଡ଼ାପଡ଼ା ।
ଚୋର ଡାକ ଶୁଣି  ଆଇଲେ ଯେ ଧାଇଁ
ସାହି ଲୋକ ଥିଲେ ଯେତେ,

ଟର୍ଚ୍ଚ ଲାଇଟ୍ ଜାଳି  ଦେଖିଲେ ଯେ ଯାଇ
ଅନ୍ଧାରେ ଗୋଟା ଚୋର ।


ଆଖିଆ ଅଗଣାରେ  ଭାରିକା ହୋଇଣ
ଦେଖି ଦେଖନ୍ତି ଗୁଡ଼ି,
ଅଜା ଆଈ ଲାଗି—  ଚାନ୍ଦ ଅଧାରୁ
ଚୋର ଫୋଟ କେହି ନାହିଁ ।
ନାକ ସଫା ଦେଖିଣ  ସାଇଲୋକ ଯାକ
ଫେରିଗଲେ ହସି ହସି,
ଅଜା ଆଈ ଦୁହେଁ  ଛଡ଼ାଛଡ଼ି ହୋଇ
ଲାଜ ହୋଇ ଥାଆନ୍ତି ବସି ।

କେତେବେଳ ପରେ  ଚିନ୍ତା ଫିଟି ଯାଏ
ପଚାରିଲେ ଚାହିଁଲେ ଆଈ,
ଆଈ—"ଏ ବୁଢ଼ା ବୟସରେ  ଚଢ଼ାଇଲ ଅଭି
ସେ ମୁହଁରୁ ଲାଜ ନାହିଁ ?"

ଅଜା—"ଆଁ, ଛି ଭୂତ  ମାଇପି ଗୁଡ଼ାକ
ଏତିକା ଜଉଆ ବୁଦ୍ଧି,
ଆଉ ଟିକିକରେ  କେହୁ ଜଣେ ହେବେ
ହେଲ ଯାଉଥାନ୍ତି ଝୁଣି ।
ଯାହା ହୋଇଗଲା  ହୋଇ ତ ଗଲାଣି
ଗଲା କଥା ଯେ ଗଲା ଯେ,
ଏତ ବଢ଼ି ଏବେ  ଭୋକ ଲାଗେ ପେଟ
ହେଉଛି ଯେ ଧାଇଁ ଧାଇଁ ।"

ଆଈ—"ଅନ୍ଧାରରେ ଭାତ  ବ ଏବେ ରନ୍ଧିବ
ଦେଖେ ନାହିଁ କାହିଁକି,

Digitized by srujanika@gmail.com




କେନ ପେଲ୍ଲ ଫଙ୍କେ   କଦଳେ ବୁଲୁଛି
ଦଶୋଧିଅ ପେଟ ଫିକ ।”

ଅଜ—“ଭଣ୍ଡାଲ କଣ୍ଟ୍ରୋଲ—   ଛୋଟ ଗୁଡ଼ାକ
କଣ୍ଟ୍ରୋଲ ଜାଣିବ କାହୁଁ,
ନ ବୁଝି ନ ସୁଝି   କାହିଁ ଚଳି ଯାଉ
ହେଉଥିବ ହୁଡ଼ ହୁଡ଼ !”

ଅଣ୍ଡି—“ତୁମକୁଇ ଏକା   କଣ୍ଟ୍ରୋଲ୍ ହେଉଛି
ଗାଆଁ ଯାକ ଲୋକେ ଧୁଣି,
ଚିନି, କିରୋସିନ୍,   ଗହମ, କୋଇଲା
ନାହିଁ ଅପୁରନ୍ତ କିଣି ।

ଅଜ—“ଏଇ ବରଷରେ   କେଣିକି ଗଲେ
ଏ. ଆର୍. ପି. ଗାଡ଼ି ଭରି,
ଭଜନ, ପୁରିଛ   ମୁଠା ମୁଠା ହେବା
ଅଉ ମାଲ ମିଳେ ଫାଉ ।

ଅଣ୍ଡି—“ତୁମ ହାତ ଗୋଡ଼େ   ଦମ୍ଭ ଲାଗିଛି କି
ଯାଉନାହଁ ସେଠାକୁ,
ଘୁଞ୍ଚିରେ ଆମ   ଧନ ହୋଇଯାନ୍ତା
ନ ରହନ୍ତା ଝିଙ୍କି ଝିଙ୍କି ।

ଅଜା—“ବୁଢ଼ା ଯେ ହେଲଣି   ବାଳ ପାଚିଲାଣି
ହେଉଥାନ୍ତୁ ହେଉ ନାହିଁ,
ସେଠିକି ଯିବା ତ   ଲୋକ ହସା କଥା
ହସିଣି ଦେବେ ଉଡ଼ାଇ ।”

ଅଣ୍ଡି—“ଏଇ କଥାଟା ତ !   ଯଦି କେ ଗୁହ୍ମିଲେ
ହେଇଯିବ ଟଙ୍କା ଠୋକା,
ଆଗରେ ଦେଖିଲେ   ବୁଢ଼ା ଶାଗ ବୋଲି
କହିଦେବ କେଉଁ ବୋକା !”

ଏମିତି ହେଲଣି   ଅଜା ବୋଉପଟେ
ଉପରୁ ପେଟ ଫାଟେ,
ଯତ୍ନ କରିବାର   କାଳିକା କହିବେ
ଅଗ ବଢ଼ି ଯାଉ ପନ୍ଥ ।

କେଉଁ ସକାଳରୁ   ଅଜା ଉଠିଯାଇ
ମେଘେ ହାଣ୍ଡି କଲା ଆଣି,
ଜଡ଼ା ତେଲ ଦେଇ   ଅଜାଙ୍କ ଦାଢ଼ିକୁ
ଲଗାଇଲେ ନଣ୍ଡିମାଣି ।

(ଅବଶିଷ୍ଟାଂଶ ୧୬ ପୃଷ୍ଠାରେ ଦେଖନ୍ତୁ)

Digitized by srujanika@gmail.com

# ବୀର ପୂଜା ନାଁ ପୀର ପୂଜା

ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ

ଆମ ଦେଶଟା ମାନ୍ଧାତାଙ୍କ ଅମଳରୁ ପୂଜାରେ ଧୁରନ୍ଧର, ସେଥିପାଇଁ ତ ଆମ ଦେଶରେ ଦୁର୍ଗାପୂଜା, ଦଶପୀଠ ପୂଜା, କୋଠ ପୂଜା, ଗଣେଶ ପୂଜା, ସରସ୍ୱତୀ ପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା, କାର୍ତ୍ତିକ ପୂଜା, ଜଗଦ୍ଧାତ୍ରୀ ପୂଜା (ଭାଙ୍ଗ ପାଳ) ଏହିପରି କେତେ କେତେ ପୂଜା ଅଛି । କିନ୍ତୁ ଏ ସବୁ ପୂଜାର ବିଶେଷତ୍ୱ ଏହି ଯେ ଏ ସବୁ ପୂଜାରେ ନୈବେଦ୍ୟ ଦେବମାନଙ୍କୁ ଅର୍ପଣ କରାଯାଏ ସେମାନେ ଏହା ଛୁଅନ୍ତି ନାହିଁ । ନୈବେଦ୍ୟ ସାମଗ୍ରୀ ସବୁ ସେମାନଙ୍କ ଆଗରେ ରଖାଯାଏ । ମାତ୍ର ପୂଜକ ସେମାନଙ୍କ ନାମରେ ମନ୍ତ୍ର ବୋଲି ନୈବେଦ୍ୟ ଦ୍ରବ୍ୟମାନଙ୍କୁ 'ପାଣି ଛଡ଼ାଇ' ଦେଇ ଆପେ ସେ ସବୁ ଦ୍ରବ୍ୟର ସଦ୍‌ବ୍ୟବହାର କରନ୍ତି ଓ ଏକର ପ୍ରାପ୍ୟ 'ବେଣ୍ଟ' କାଢ଼ି ନେଇ ପରେ ଯାହା ବଳେ ତାହା ଯଜମାନଙ୍କ ପାଇଁ ଛାଡ଼ି ଯାଆନ୍ତି । ଅଚ୍ଛା ଭଲ, ଯେବେ ପ୍ରକୃତ ଦେବତା ନୈବେଦ୍ୟ ଖାଇ ପାରୁଥାନ୍ତେ, ତେବେ ତାଙ୍କୁ ଏ ସବୁ ନୈବେଦ୍ୟ ଦିଆଯାଇ ଥାଆନ୍ତା କି ? ଯାହାହେଉ ସବୁ ପୂଜା କରାଯାଏ ତାଙ୍କର ପାଟି ନାହିଁ, କି ପେଟ ନାହିଁ । ଏସବୁ ତ ନିର୍ଜୀବ ମୂର୍ତ୍ତିମାନଙ୍କ କଥା । ଅଚ୍ଛା, ସଜୀବମାନଙ୍କ କଥା ଦେଖାଯାଉ । ଆମ କାଳିଦାସ କହିଗଲେ "ପ୍ରତିବଧ୍ନାତି ଶ୍ରେୟଃ ପୂଜ୍ୟ ପୂଜାବ୍ୟତିକ୍ରମଃ" ଅର୍ଥାତ୍ ପୂଜ୍ୟ ବ୍ୟକ୍ତିଙ୍କ ପୂଜାର ବ୍ୟତିକ୍ରମ କଲେ ବ୍ୟତିକ୍ରମକାରୀ ବ୍ୟକ୍ତିଙ୍କର ଶ୍ରେୟଃ (ମଙ୍ଗଳ) ରେ ବାଧା ଘଟେ । ଏଥିପାଇଁ ଲୋକେ ସାଧାରଣ ସମ୍ଭ୍ରମ କରି ଦେଶର ମଙ୍ଗଳକାରୀ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଗଦ ଗଦ ଧନ୍ୟବାଦ ନୈବେଦ୍ୟ ଆଣି ଜମା କରି ଦିଅନ୍ତି ଓ ପୂଜକ ନୈବେଦ୍ୟ ସାମଗ୍ରୀକୁ 'ପାଣି ଛଡ଼ାଇ' ତାଳି ମାରିବା ଭଳି ଧନ୍ୟବାଦ ଲୁଟିବ ପ୍ରସ୍ତାବକାରୀ ସଜ୍ଜନମାନଙ୍କ କରତାଳି ଦ୍ୱାରା ପୂଜ୍ୟ ବ୍ୟକ୍ତିଙ୍କୁ ଭେଟ କରାଯାଏ । ଏ ସବୁ ନୈବେଦ୍ୟ ପାଇଁ କିଛି ଖର୍ଚ୍ଚ ଲେଖା ହୁଏନାହିଁ । ବସ୍ତୁତଃ କୌଣସି ଲୋକ ହିତକାରୀ ବ୍ୟକ୍ତି ମଲେ ତାଙ୍କ ମରଣ ଦାବି ବଡ଼ ସ୍ମୃତି ସଭାରେ ଭେଳ ଦେବା ତମାମ ଉତ୍ସବ ପଡ଼େ । କିନ୍ତୁ ଏଥିରେ କାହାକୁ କିଛି ଦେବାକୁ ପଡ଼େନାହିଁ । ଏ ସବୁ ପୂଜ୍ୟବ୍ୟକ୍ତିଙ୍କ ପୂଜାର ବିଶେଷତ୍ୱ ଏହି ଯେ, ଏ ମହାପୁରୁଷମାନେ ରକ୍ତ ମାଂସ ଦେହ ଧରି ପୃଥିବୀରେ ଯେତେ ଦିନ ରହିଥିବା ଯାଏ, ତାଙ୍କର କେହି ଖୋଜ କରନ୍ତି ନାହିଁ । ସେ ଖାଇବାକୁ ନ ପାଇ ଉପାସ ରହନ୍ତି, ଦୁଃଖ ଭୋଗ କରୁଛନ୍ତି କି, ମୁଣ୍ଡ ଟେକିବା କରୁଛନ୍ତି ତାଙ୍କ ଜୀବନଯାତ୍ରା ଚାଲୁଛି କି ନାହିଁ ଏ କଥାର ଖୋଜ ଖବର ନିଅନ୍ତି ନାହିଁ । କାରଣ ଜୀଅନ୍ତା ଲୋକଙ୍କ ଦୁଃଖରେ ଏ ସବୁ ଲୋକେ ଯେବେ ପଡ଼ିଲେ ତାଙ୍କୁ ଯୋଗାଇବାକୁ ପଡ଼େ । କିନ୍ତୁ ସେ ଜୀବନ ଛାଡ଼ି ଅନନ୍ତ ଧାମରେ ପହଞ୍ଚିଗଲେ । ତାଙ୍କର ନାମ କରି ଗୀତ, ଚିଠି ଲେଖି ଦେଲା, ତାଙ୍କ ଜୀବନୀ ଲେଖି ଗଲା, ତାଙ୍କ ମନ୍ଦିର କରି ଲଗି ତାହା କହିବା ହୁଏନାହିଁ । ସେହିପରି ତେଣୁ ଆଜି ତାଙ୍କ ପୂଜାର ବ୍ୟବସ୍ଥା କରି ଦେଶରେ ସର୍ବତ୍ର ପୂଜା ନାମ ବୁଝାଯାଏ ଓ ଦେଖାଯାଏ ଯେ ପଢ଼ାଯାଏ ଯେ ଦେଶବାସୀମାନେ ବୀର ପୂଜା କରି ଆପଣ ଧନ୍ୟ ହେଲେ ଓ ଦେଶକୁ ଏକଦମ୍ ଏଭରେଷ୍ଟରେ ଚଢ଼ାଇ ସ୍ୱର୍ଗକୁ ଉଠାଇ ନେଇଗଲେ । ବଙ୍ଗ ସାହିତ୍ୟର ଅମିତାକ୍ଷର ଛନ୍ଦର ପ୍ରବର୍ତ୍ତକ ଓ ଆଧୁନିକ ବଙ୍ଗୀୟ ସାହିତ୍ୟର ମନ୍ତ୍ରଗୁରୁ, ମେଘନାଦ ବଧ କାବ୍ୟର ରଚୟିତା ମାଇକେଲ ମଧୁସୂଦନ ଦତ୍ତଙ୍କ ଜୀବନ ଚରିତ ଏହି କେତେ ଦିନ ପୂର୍ବେ ପଢ଼ିଥିଲି । ତାଙ୍କର ଅମିତବ୍ୟୟିତା ଉଚ୍ଛୃଙ୍ଖଳତା, ତେବେ ପ୍ରତିଭାଜନିତା ଆଉ ସୁଖ ଦୁଃଖରେ ଦୋଷ ନଥିଲା । ସେ ଏଥର କଥାକୁ ଦେଖାଇଥିଲେ ଯେ ବାଙ୍ଗାଳୀମାନେ ତାଙ୍କର ଓ ତାଙ୍କ ସ୍ତ୍ରୀ ମେମ୍ ସାହେବଙ୍କର ପ୍ରାଣରକ୍ଷା କରିବା ଦରକାର । ଏମନ୍ତ କି ତାଙ୍କର ଓ ତାଙ୍କ ସ୍ତ୍ରୀଙ୍କ ପଥ୍ୟର ସଂସ୍ଥାନ କରିବା ପାଇଁ ତାଙ୍କର ଅର୍ଥାଭାବ ଘଟିଥିଲା । ଅବଶ୍ୟ କେତେକ ବନ୍ଧୁ କେ, ତାଙ୍କୁ କେତେକ ଅର୍ଥ ସାହାଯ୍ୟ କରୁଥିଲେ ଓ କରିଥିଲେ । କିନ୍ତୁ ଦେଶ ଓ ଜାତି ତାଙ୍କ ଦୁରବସ୍ଥାରେ ତାଙ୍କ ପାଇଁ କିଛି କରି ନ ଥିଲେ । କିନ୍ତୁ ତାଙ୍କର ମୃତ୍ୟୁ ସମ୍ବାଦ ପ୍ରକାଶ ହେବା ସଙ୍ଗେ ସଙ୍ଗେ ଶୋକସଭା, ସ୍ମୃତି ସଭା, ସ୍ମୃତିରକ୍ଷା ଉଦ୍ୟମରେ ବଙ୍ଗଦେଶ ରହିଲା ନାହିଁ । ଏହା ହେଲା ଆମ ଦେଶରେ ବୀର ପୂଜାର ନମୁନା । କଥା ଅଛି— "ଜୀଇଥିଲେ ନ ଦେଲା ଭାତ, ମଲାରୁ ଦେଲା ଘିଅ ।" ଯେଉଁ କଥା ଆମ ପାଖରେ ଦେଖାଯାଏ ତାହା ଆମେ 'କେନ୍ଦ୍ରୀୟ'ରେ ଶୁଣିଥିଲେ, ସେହିପରି ଏହିକଥା କହିଲେ ଆମେ ଗାଉଥିଲୁ ଯେ ଅହୋ ! ଆମର ଦେଶପ୍ରେମର 'ମାଠିଆ ବଢ଼ିଗଲା ।" ଫଳତଃ ଆମ ଆଜି ଆମର ବଡ଼ ଲୋକଙ୍କର ଦେଖୁଅଛୁ ଯେ

"ଜୀବନ୍ତେ ଦେହେଲେ ଶ୍ରେଷ୍ଠ କରନ୍ତି,

ମୃତ୍ୟୁ ପରେ ପୂଜେ ଲୋକେ"

ହଂସା ହଂସମୟୂରକୋକିଳ ବକାଃ
କାକେ ବୁ ମୂର୍ଖୀଭତଃ
ମାଧବେ ନଗର ଜମ୍ମଃ, ସମଦୁନା ବନ୍ଧୁର୍ଭିବାର୍ଦ୍ଦାସଙ୍ଗଃ;
ଏଷା ଯତ୍ର ବଲୁରଣା ଚ ଗଙ୍ଗୌ,
ଦେବଃ । ତନ୍ନୋ ଜମଃ ।"

ଏ ସଂସ୍କୃତ ଶ୍ଳୋକର ଅମ ଓଡ଼ିଆ ଲୋକେ କବ୍ଲିତ
ଭାବରେ ଜମା କରିଯାଇ ପାରେ ।

"ଦେଶର ଦେବେ ଅନୁ ଘର ଯହିଁ ଦୁଣା,
ମୃତ୍ତି ଶାଳାଦ୍ୱାରେ ଯହିଁ ଧୁଅଇ ପାକନା;
ହଂସ ମୟୂର କୋକିଳ ସୁଅନ୍ତି କବଂଳ,
ଅଦର ତାର ଦୁଅର ହେବ ଯହିଁ ଭଂଗ;
ଧାନ୍ଦ କେଳିଙ୍ଗର ଯହିଁ ଯେ ଶୁଏ ଗୋ
କୋ ବଳ୍ଲର ଏବେ ଭୂଷ ଶୁଏ ଗୋ;
ଯହିଁ ଗୁଣଙ୍କର ଦୁଃଖ ଏସନ ଦେଉର,
ସେ ଦେଶକୁ ବରୁଣ ମୁଁ ଜେଷେ ନମସ୍କାର ।"

ମୁଁ ନ୍ୟୋ ବଡ଼ ସନ୍ତାନଙ୍କ ପୁତ୍ତୁଧରେ କେଉଁ ଦିନ ନ ଥିଲେ । ଏଥିପାଇଁ ଏ ଦେଶମା ଦେଖି ଅନ୍ୟମାନେ ଜାତ ହାଞ୍ଚ ହାଞ୍ଚ କରନ୍ତି ନାହିଁ । ଅତଏବ କଥାର ନେଉଛୁ ଧୀରେ ଧୀରେ ଶ୍ରୋତାଙ୍କୁ ଓ ଏ ଶ୍ଳୋକର ମର୍ମ ସଙ୍ଗେ ଅମ ଦେଶର ମହାପୁରୁଷମାନଙ୍କ ବର୍ଣ୍ଣନା ମିଳିଯିବା କରନ୍ତୁ । ଗାଉନ୍ତା ଲେଖକ ଯେତେ ପ୍ରଶଂସା କରିବା ତେବେ ଅନେକ ଗଉର ଢାଳୁଛି ମନ ଦଶ ପନ୍ଦରରେ ଗଡ଼ିଗଡ଼ାଇ ଦେବାବେଳେ ସେ ଯେତେ ହେବ ଶବ୍ଦରେ ଭଡ଼ ମଠ ଢାଳିବେ ଦାଣ୍ଡ କେତେ । (ଅର୍ଥାତ୍ ଅଜ ଅନ୍ନ ମୁକବର କେତେ) ଅମକୁ ଜଣା କରନ୍ତେ । କେଉଁ ସେ ମନ୍ଦ ପଥର ତା ଉପରେ ଢାଳାଇ ଢାଳାଇ ସାଧାରଣ ଦେଶରେ ଧାନଂବାଦ ଦେଇ ମୁଣ୍ଡି ଝାଡ଼ା ହେଲେ ଦେଶଭକ୍ତର ଖାଇ ଦେଶର ବାହୁବଳ ଅନେ ପାଇ-ଥିଲେ । ଅଟେ ଅମ ଚୋପଶିକୁ ବାଣ୍ଡି ବାଣ୍ଡିବାଏ ଦେଖ ଅଧିକ ନାହିଁ । ଏଣୁ ଅମ ରାଜତରେ ବଢ଼ନ୍ତି ଖାଉଗୁଡ଼ା । ଏପରି ଗଭୀରମୂର୍ତ୍ତିରେ ଖାଉଗୁଡ଼ା ବଳବାନଙ୍କ ଗୁରୁତ୍ୱାକୀନ୍ତୁ ଅମର ଜୁହାର ।

---

(ଅଜାଙ୍କ ଏ. ଆଇ. ପି. ୯ ପୃଷ୍ଠା ଦେଖନ୍ତୁ)

ନିଜ ମୁଣ୍ଡ କାଳି ସାନ ସାନ କରି
କାନ୍ଥରେ ନେଇ କାଟି,
ଅଜା ତାଙ୍କ ମୁଣ୍ଡ ଦେଲେ ଅଠ ମଠ
ନୋଶିଦେଲେ ପଞ୍ଚପାଟି ।
ଛଳା ମନ ମତି କେତେ କାଳ ମୁଣ୍ଡ
କଲ କାଳା ନଶି ତେଜି,
ଦେଖିଲେ ଶାମୁଖ କହ ବୋପା ପୁଣି
ଅଜାଙ୍କୁ କହିବ ବୁଢ଼ା ?

ଏ. ଆର. ପି.ରେ ଯାଇ ଡାକର ହେଲେ
ଅଜା ହୋଇ ତତ୍ପରେ,
ଦେଖିଲ ମାତ୍ରକେ 'ହୁର୍ଁ ଯୁଃ' ବୋଲି
କହି ଦେଲେ ଅଫିସରେ,

ମୁ ଗର ହୋଇ ଟିକିଲି ଅଜାଙ୍କୁ
ଦେଇ ପି, ଜମ, ବେଲ୍ଟ, ଯୋତା ।
ଏହା ବାଦେ ପୁଣି ମାସକୁ ମାସ ଯେ
ତେଇଶ ଟଙ୍କାର ହିସା ।

ଯେତିକି ଠେଲି ସିଲ୍ଟାର ତଳେ
ସିଗରେଟ ଟାଣି ଟାଣି,
ଧନିକୁ ଟେରିଲେ ଖୁସି ହୋଇ ଅଜା
ଧରନ୍ତି ମିଲିଟାରୀ ଠାଣି ।

ଅଜାଙ୍କ ଉପରେ ନଜର ପଡ଼ନ୍ତେ
ଅଧା ହୋଇଗଲେ କାକା,
ଅଜାରଛେ ଅଜା ତୁଣ୍ଡରୁ ବାହାରି
ପଡ଼ିଲା—"ଇଏଲ୍ ମୋ ବାବା !"

Digitized by srujanika@gmail.com

'ଡଗର'—



ଖଣ୍ଡ-ଛଇ

ଫଟୋ—ଦେବ ମହାପାତ୍ର

Digitized by srujanika@gmail.com



ଶିଳ୍ପୀ—ଶ୍ରୀ ଗୋପାଳ ଚରଣ କାନୁନଗୋ

( ଏଇ ସୁନ୍ଦର ଛବିଟି ମତେ ଦେଇଥିଲେ ଓଡ଼ିଶାର ପ୍ରସିଦ୍ଧ ଚିତ୍ରଶିଳ୍ପୀ ଶ୍ରୀ ଗୋପାଳ ଚରଣ କାନୁନଗୋ—ମୁଁ 'ଡଗର'ର ପାଠକ ପାଠିକାଙ୍କୁ ଦଉଚି ଦିଆଲି ଭେଟି। —ଦେ. ମ, )

Digitized by srujanika@gmail.com

# ତିନୋଟି କବିତା

—ସଚି ରାଉତରାୟ

## ୧ । କେଶ

ରାତ୍ରି ହେଲା ଶେଷ,
ଶଯ୍ୟା ପର ଅଛେ ଯୋଟି ଘନ କୃଷ୍ଣ, ଦୀର୍ଘ, ନୀଳ କେଶ ।
କୋମଳ, କୁଟିଳ, କାନ୍ତ ଚିନ୍ତାହୀନ, ନିଷ୍ଠୁର ଚକ୍ରର
ଭୟଙ୍କର ନିର୍ଲଜ୍ଜ ମୃତ୍ୟୁର
ଶୋଣିତ ନିଶାଣୀ,
ଏ କେଶର ପାଣ୍ଡୁଲିପି ତଳେ ବାଜେ ପ୍ରେତର ବିଷାଣ ।

କରୁଣ, କୁଂଚିତ, ଚୂର୍ଣ୍ଣ, ଏଇ ରୁକ୍ଷ କେଶର ଶ୍ରାବଣ
ଧରଣୀରେ ଆଣେ ତନ୍ଦ୍ରା, ଚେତେ ମନେ ସ୍ୱୟମ୍ଭୂ—ସପନ ।
ମୃତ୍ତିକାର ଲୋମ-କୂପେ ଭରି ଦିଏ ଅଙ୍କୁର—ହିଲ୍ଲୋଳ,
ଏଇ ଶୁଭ୍ର, ସଫଳ କୁଂତଳ···।
ଦୂର କରେ ଅରାଜକ ରଜନୀର ଅଂକ······
ମୃତ୍ୟୁ ପରେ ଅଛେ ଯୋଟି ମୋହମୟ ଅନ୍ତର୍ଯ୍ୟ ଅଳକ ।

ଶ୍ୟାମଳ, ସର୍ପିଳ, ଶ୍ଲଥ ଏଇ କ୍ଷିପ୍ର କେଶର ବନ୍ୟାରେ
ହସ୍ତିନାର ସ୍ୱର୍ଣ୍ଣ- ଚୂଡ଼ା, ଇନ୍ଦ୍ର-ନୀଳ ମହମ ମିନାରେ
ଭସାଇ କେ ନିଏ କାହିଁ ? ମରଣର ତୀକ୍ଷ୍ଣ ଅଟ୍ଟହାସ—
ଭଂଗା ଗଢ଼ା ମଧ୍ୟେ ରଚେ ଆଜ ଏକ ବିରାଟ, ସମାସ ।
ଦୁଃଶାସନ !
ସାବଧାନ !
ରାତ୍ରି ହେଲା ଶେଷ
ସର୍ପ ସମ ଅଛେ ଯୋଟି ବେଣୀମୁକ୍ତ
ଘନ, କୃଷ୍ଣ କେଶ ।

Digitized by srujanika@gmail.com

## ୨ । ତୁମର ଧୂସର କଣ୍ଠ !

ତୁମର ଧୂସର କଣ୍ଠ ! ତୁମର ଧୂସର କଣ୍ଠ !

ଅଦୂରେ ଲାସ୍‌କଣ୍ଠା ଘରେ ବାଦୁଡ଼ିର ଭୟାର୍ତ୍ତ ଡେଣାର କଂପନ,
ନଗରୀର ଲାଞ୍ଛିତ ସ୍ନାୟୁରେ ସାଇରେନ୍‌ର ବିଷାକ୍ତ ଚିତ୍କାର,
ଏଇ ଅର୍ଥହୀନ ଅନ୍ଧ ଅବସାଦ ଭିତରେ ହରିଣ୍ ରାତର ଉନ୍ମାଦନା···
ତୁମର ଧୂସର କଣ୍ଠ ! ତୁମର ଧୂସର କଣ୍ଠ !

ଅଶ୍ରଦ୍ଧ-ଘରର ଫିକା ସିମେଣ୍ଟ ପଲସ୍ତରା ଉପରେ
କଂକ୍ରିଟ ଶିଉଳିର ଲଳିତ ତେଜ,
ଧୀରେ, ଧୀରେ,···ଧୀର—ପଦ କ୍ଷେପର କରୁଣ ମୂର୍ଚ୍ଛନା ହାଣ··· ।
ବାହାରେ ଗାଙ୍ଗେୟ ଉପତ୍ୟକାର କିଶୋରୀ—ଶ୍ୟାମଲତା,
ତିସ୍ତା, ମେଘନା, ପଦ୍ମାର ତୀରେ ତୀରେ
ସନ୍ତ୍ର, ଚପଳ ଯୁବତୀ ହରିଣୀର ଆଖିରେ ଆଖିରେ
ଲଗିଚି ଆଜ ସ୍ୱଚ୍ଛ ମେଘର ତେଜ,
ତୁମର ଶୁଭ୍ର ନଖର ପାଲିସ୍ !!

ଶାନ୍ତ ସବୁଜ, ଧାନଖେତକୁ ଦେଖ
କେଉଁ ଅଦମ ଅନ୍ଧବର୍, ଅନ୍ଧକାରର ମେଖଳା—
ସେଇ ଶ୍ୟାମଳ ଶସ୍ୟ-ଦ୍ୱୀପ ଉପରେ ବାହାନାଏ ତାର ତରୀ,
କେଉଁ ଇସ୍ପାତୀ ପୁଷ୍ପକର ମାତଲି ?
କ୍ଳାନ୍ତ, କରୁଣ ପ୍ରସୂତୀର ଆଖିର ଛାୟାରେ
ରାଜଧାନୀର ତନ୍ଦ୍ରା ;
ତୁମର ଧୂସର କଣ୍ଠ ! ତୁମର ଧୂସର କଣ୍ଠ !!

---

## ୩ । ଅଦିମୀ

ହେ ଅଦମୀ ! ମାତୃରୂପିଣୀ,
. ଖୋଲ, ଖୋଲ ନୂତନ ଅଖିର ଦୃଷ୍ଟି,
ହେମନ୍ତର ଅପୂର୍ବ ସକାଳ
ସବୁଜ ଖରାର କଣ୍ଠେ ଭୂଷିତ

Digitized by srujanika@gmail.com

ହିମାଚଳ
ମାଗେ ଯୁଗଳ-ସୃଷ୍ଟି ।
ପଶ୍ଚିମର ଦ୍ୱାର ଖୋଲା, ବଦ୍ଧବାୟୁ,
ଛିନ୍ନ ସ୍ନାୟୁ, ଅଜ କାହିଁ ଗଲା—
ନୂତନ ମନର କୃଷ୍ଟି ?

ହେ ଆଦମୀ ! ସ୍ୱଭୂମି
ଶସ୍ୟ-ସମ୍ଭବ,
ଝଡ଼-ଚୁମ୍ବି,
ହେଲା ଇତି
କକ୍ଷ-ଭ୍ରଷ୍ଟ ପୁରାତନ ସୂର୍ଯ୍ୟର ଜ୍ୟାମିତି ।
ଖୋଲ, ଖୋଲ, ନୂତନ ଆଖିର ଦୃଷ୍ଟି
ଡାକେ ଉଦାର ସୃଷ୍ଟି ।
ଡାକେ ବିଶ୍ୱ
ନିସ୍ୱ
ଶୃଙ୍ଖଳମୁକ୍ତ ।
ଡାକେ ଅଚ୍ଛୁତ, ଅନାଦୃତ
ସର୍ବହରା,
ଧରା,
ଜାଗ, ଜାଗ ।

Digitized by srujanika@gmail.com

# ଚିହ୍ନା ବାବୁ

ଶ୍ରୀ ବ୍ରଜକିଶୋର ବାପୁ

ମୁଣ୍ଡ ଉପରୁ ପଲୁଙ୍ଗ ଅଳ ମିହିଦାନାର ପସରା—କାଠବାକ୍ସ—ତଳେ ଥୋଇ ହଳଧର କପାଳ ଉପରୁ ଝାଳ ପୋଛି ଡାକିଲା—'ସୀତା'

ଗଳି ଭିତର ବସ୍ତି । ଦୁଇପଟ ନର୍ଦ୍ଦମାର ପୂତି ଅବର୍ଜନା । ପାଉଁଶ ଗଦା ପାଖେ ବଇଡ଼ଚୁଅର ଶବ, ଗୋଟାଏ ଛିଣ୍ଡା ହୋଲେଇ, ଭଗ୍ନାବଶେଷ ମାଟି ପିଣ୍ଡା ଉପରେ ଅଷ୍ଟାବକ୍ର ଭାବରେ ଜାକିଜୁକି ହୋଇ ବସିଥିବା ଶ୍ୱାସରୋଗୀ ବୁଢ଼ା—ଏ ପ୍ରତ୍ୟେକ ପଦାର୍ଥ ଉପରେ ହଳଧର ଆଖି ପକାଇ ଶେଷରେ ଡାକିଲା—'ସୀତା'

ଘରର ଦ୍ୱାର ଅପ୍ରଶସ୍ତ । ତଥାପି ବାହାରଅଳୁ ଦେଖିଲେ ଘରର ଉପକରଣ ସହଜରେ ଆଖିରେ ପଡ଼େ । ଚଟାଣ ଉପରେ ହଳଦିଆ ଗର ଗର ହେଁସ ଖଣ୍ଡେ, ତା ଉପରେ ଛିଟକନାର ତକିଆ—ତେଲାକ୍ତ । କାନ୍ଥଖୁଣ୍ଟ ଉପରେ ଲମ୍ବ ପାଖେ ପାଖେ ବାଉ ବଣ୍ଡିଲ; ଛୋଟ ଦର୍ପଣଟିଏ, ତା ପାଖେ ପାନିଆ ।

ସେହି ସଂକୀର୍ଣ୍ଣ ଦ୍ୱାରପଥ ଦେଇ ଗୋଟିଏ ତରୁଣୀ ବାହାରି ଆସି ହଳଧର ପାଖେ ଛିଡ଼ା ହେବା ପୂର୍ବରୁ ଅସଂଯତ ଦେହ ଲତାକୁ ଦୋହଲେଇ ଦୋହଲେଇ କହିଲା—

'କି ଚାଟ୍ ଅଳି ଆଣିଛୁରେ ?'

ହଳଧର ପଣସ ପଣ ଠୋଲରେ ପଲୁଙ୍ଗ ଦ'ଟା ବାନ୍ଧି ବାନ୍ଧି କହିଲା—

'ସୀତା ଅଳି ତ ନୂଆ ନୁହେଁ, ସବୁଦିନ ଯାହା ଆଣେ...।'

'ହଉ ଦେ, କଅଣ କହୁଥିଲୁକି ଅଳି ଏ ସବୁ ଦରକାର ହବନି ।'

ସୀତା ଆଖିର ବିଦ୍ୟୁତ୍ ଯେପରି ହଳଧରକୁ ଛୁଇଁ ପାରିଲା ନାହିଁ । ରହସ୍ୟ କରି ସେ ଚେତାଇଦେଲା ।

'ତା ମାନେ ଗରାଖ କମୁଛି; ଅଉ କହନା, ସୀତା ପୁଣି ଗରାଖ ଛାଡ଼ି ରହିବ ?'

ସୀତା ହଠାତ୍ ଅନ୍ୟମନସ୍କ ହୋଇ ପଡ଼ିଲା । ତାହା କ୍ଷଣ ମାତ୍ର । କହିଲା—

'ଆଇଁରେ, ମସ୍ତବଡ଼ ଗରାଖ ମିଳିଛି, ହେଲେ କାଅଣ ହେବ ସେ ଠାଠ୍ ଫାଠ୍ ହୁଏନି ।'

ହଳଧର ମୁଣ୍ଡ ଉପରକୁ ପସରା ଟେକିଲା । ବୁଢ଼ାଟି ଝୁଁ ଝୁଁ ଇଁ ଥର କାଶି ମେଞ୍ଚାଏ ଖଙ୍କାର ଗଲ୍ ଗଲ୍ କରି ଛାଡ଼ିଦେଲା ପିଣ୍ଡା ତଳକୁ ।

ନର୍ଦ୍ଦମା ଭିତରୁ ଯେଉଁ ବାୟୁ ପ୍ରବାହ ଉଠି ସମୁଦାୟ ଗଳିଟିକୁ ପୂତିଗନ୍ଧରେ ବୁଡ଼ାଇ ଦେଲା ସେହି ବାୟୁହିଲ୍ଲୋଳରେ ସୀତାର ଚୂର୍ଣ୍ଣ କୁନ୍ତଳ ଗୋଟିଏ ଦୁଇ ଉଡ଼ିଲା ଧୀରେ । ହଳଧର ଗୁହାଁ ଉହୁଥିଲା ବୋଧହୁଏ ସୀତାର ଆଖିର କଜଳକୁ; ପାନରଙ୍ଗାକ୍ତ ଅଧର ଧୂଳିଟିକୁ ତାର ।

'ଆରେ ହଳଧର, ପଚ୍ଚିଲୁନାଇ କିଏ ସେ ମସ୍ତବଡ଼ ଗରାଖ ବୋଲି ।' ସୀତାର ଏ କଥାରେ ହଳଧରର ତନ୍ଦ୍ରା ଭାଙ୍ଗିଗଲା । କହିଲା—'କିଏ ପଚ୍ଚରିବ ? ପରର ବେଉସା ପର ଜାଣେ । ହଁ କେତେହେଲ ଅଳିକୁ ମିଶେଇ ।'

'ତୁ କହ'

ହଳଧର ହିସାବକଲା ଅଙ୍ଗୁଠି ଗଣି ।

'ଚଉଦ ପଇସା'

'ଉଁ ହୁଁ ଭୁଲ କଲୁ ହଳଧର ।'

'କେମିତି ?'

'ଜମା ଦ ପଇସା ମୋ ଉପରେ । ରହ କହୁଛି । ତୋ ମୁଁଅ କହିଗଲା ସେ ଥରକ ମାଗଣା; ମୁଁ କିଏ ଛାଡ଼ିବିରେ ? କଉଁଠି ଅଳିଆ ଟିକିଏ କୋଉରରେ ଜଳୁଥିଲା, ଝରକା ବାଟେ ତାକୁ ଦେଖିଲା ଦାଣ୍ଡରେ ଅଳିଆ ପଡ଼ୁଛି । ସେହି ପାଠରେ ସେ ମତେ ଚମକି ଦେଲା । ତା ପରେ ସୁଅଙ୍ଗୀଅ କଥା ଦ' ପଦ ମୋ ମୁହଁରୁ । ମାତ୍ର ସେ ଭାବିଲା ମାଗଣା । ସେ ବାବତକୁ ଉନଅଣା କହିଗଲା ବୁଝିଲୁ ?'

ଅଣିଏ ସଂଜର ଅନ୍ଧକାର ଚଣ୍ଡିଆ ଭୂତ ଛିଣ୍ଡା

Digitized by srujanika@gmail.com

ହୋଟେଲଟାକୁ ଫେର୍ ଖବର୍ କଲ ଓ ଦାନ୍ତ ଗଡଉଇ ନେଇ ପଡେଇଦେଲା ପଞ୍ଚାଶଟି ନାଲ ଭିତରକୁ ..

ହଲଧର ଡାକିଲା—'ସୀତା'

'କହନ୍ତୁ'

'ତମ ଅଛ ?'

ସୀତା ନୀରବ । ଗଳିମୁଣ୍ଡରୁ ଗୋଟିଏ ଲଙ୍ଗଳା ପିଲା ପେଟ ଠାଏ କୁହୁର ଉପରେ ଘୋଡା ଚଢ଼େ ପାଣିକରୁଥାଏ । ସେଠିକି ଯାହା ଶବ୍ଦ, ତାଳିଟି ଶୁନ୍‌ଶାନ ।

ହଲଧରର ଆଖି ଭିତରୁ ଅଶ୍ରୁ କଣାଟିଏ ଢଳିପଡିଲା । 'ସୀତ, ବଡ କଷ୍ଟରେ ଏ' ପଇସା ମୁଁ ନେଉଛି । ତୁ ଆଜ କାହାକୁ ଦେବେ, ମୁଁ ଏଠିକି ଆଜ କି ଆସିବିନା ।'

ସୀତା ଚାହିଁଲା । 'ଅନ୍ତର୍ଦାହର ସହାଣୀ ସେ । ଗୋଧୂଳିର ନିଳୋଷ୍ଣ ବାୟୁ ଧୀରେ ବହୁଥାଏ । 'ଆଉ ତ ଆସିବନି, ତୋ ମନ୍ଦ ଓଡ଼ ଗହଣ ଗୃହ ହୁଏଁନି, କହନ୍ତୁ, କହିଲୁ ସେ କିଏ' କହି ହଲଧର ଅଣ୍ଟାରୁ ଟାଣିଲା ଧୂଆଁପନ କାଢ଼ି ଜିଭରେ ଥୋଇଲା ।

'ମୋ ବାପ'

'କିଏ ବାପ ?' ହଲଧରର ଆଖି କପାଳକୁ ଟେକି ହୋଇଗଲା ।

'ଟିକଣାରୁ ଘରକୁ କି ? ସପ୍ତାହେ ଯେ ଗଲା, ସେ ମଦ ଛାଡ଼ି ଖୁଲିବନି । ଦିନେ ସେ ଖଣ୍ଡା ଘିଅ ଘିଅ କରି—ଥଣ୍ଡା ପାଣି ଚାଖ...ଡୋଲଗୀ ଅନ୍ତର ବାପେ—ତାକି ଡାକ ପେଟ ଭଲ ଫେରି କରି ନେଇଥିଲା । ଚେଥିରେ ଚଳିବ କେତେଦିନ ? ଏ' ଅଣ୍ଟାରେ କଣା ପୂରେଉଇ ସେ ନିଗନ୍ତ ଗଲା, ଅମଳାଠ । ଦିନେ ସକାଳୁ ଦେଖିଲ ସେ ନାହିଁ ।'

'ସେଉଠୁ ?'

'ତାକୁ ଠାରିଲା; ଗୁଡ଼ ଖାଇଲା, ଅଫିମ କଣା ଧାଇଲା, ଏଇବ ଶୁଣ ସ; ଦେଖେ ଚାଲ ଗଲ ଫର କିମିଛ କାଢ଼ୁଛୁ ।' ପିଣ୍ଡାକୁ ଅନା । ଦଦନରେ ବୁଢ଼ା ହୋଇ ବସିଛି ।'

ହଲଧର ଚାହିଁଲି । ପିଣ୍ଡା ଉପରେ ସେଇ ବୁଢ଼ାଟା ବୁଝୁଛି, ଶ୍ୱାସରୋଗୀ ।

କିଏ ଜଣେ ଗଳି ମୁଣ୍ଡରୁ ଗୋଟାଏ ବଡ଼ ଟାଣି ଗାଇ ଗାଇ ଆସିଲା—

'ସଜନୀ ଖୋଲ୍ କିବାଡ'

ଆଶ୍ୱିନର ଘନାନ୍ଧକାର ଭିତରେ ସୀତା ବନନ୍ଦନୀ ହଲ ଛଇଲ୍ୟେର ଲୋକଟି ଆଡ଼େ ଖଣ୍ଡାପାଇଁ ଦୃଷ୍ଟିପକାଇ କହିଲା—

'ହଲଧର, ପ୍ରେମ, ଝଟ୍‌କେ ଦେ,- ଗୃହପଞ୍ଚାର ମିଛିଦାନା । ମିଛିଦାନା ସେ ଭଲପାଏ, ପକ୍ଷେ ଗୃହ ସେ ହୁଏନି ।'

ହଲଧର ମୁଖ୍ୟରୁ ସେବ୍ୟ ମୂର୍ତ୍ତି ଉଭୁରାଇ

ଗଳିମୁଣ୍ଡକୁ ଚାହିଁ ପଚାରିଲା—

'ସେ କିଏ ?'

'ଚିହ୍ନାବାବୁ'

---

## କୁତୁକୁତୁ

ଅଫିସ ମେନେଜର—ତମେ ଏତେ ଡେରି କରି ଅଫିସକୁ ଆସିଲ ?

କିରାଣୀ—ମୁଁ କଣ କରିବି ମୁଁ ଆଜି ୨ ଟଙ୍କା ଷ୍ଟେସନରେ ଗୋଟିଏ ବିଜ୍ଞାପନ ଦେଖିଲି । ସେଥିରେ ଲେଖାଥିଲା—"କ୍ରମେ ଅନେକ ଯାତ୍ରା କରିବା କି ? (Must you travel ?," ଏହା ପ୍ରଶ୍ନଟିର ସମାଧାନ କରୁ କରୁ ମୋର ଗାଡ଼ି ଛାଡ଼ି ଦେଲା ମୁଁ ଅଫିସରେ ଆସିଲି

\+ + + +

ସ୍ୱାମୀ—ହଁ, "ମୋନ ଲୁଣ୍ଡି ଓ କୁମାରୀ" ବହି ଖଣ୍ଡିକ ମୀନାକୁ ପଢ଼ିବାକୁ ଦେଉଛ ?

ସ୍ତ୍ରୀ—ଦେଇଥିଲି । କିନ୍ତୁ ସେ ସେଥିରେ ତା'ର ନିଜର ଆଉ କେତେଗୁଡ଼ିଏ ମତାମତ ଲେଖି ସଂପାଦକଙ୍କ ପାଖକୁ ପଠାଇ ଦେଇଛି ।

× + × ×

Digitized by srujanika@gmail.com

# ବ୍ୟଙ୍ଗ ଚିତ୍ର

ଲେ:—ଗୋପାଳ କାନୁନ୍‌ଗୋ, ବି: ଏ:

ଜୀବନରେ ହାସ୍ୟ, ଅଶ୍ରୁ, ସୁଖ, ଦୁଃଖର ଭିଡ଼ । ସାହିତ୍ୟ ଓ ଚାରୁକଳାରେ ଯେପରି ଜୀବନର ପୂର୍ଣ୍ଣ ବିକାଶ କମନୀୟ କାର୍ଯ୍ୟ, ସେହି ପ୍ରକୃତ [illegible] ଚିତ୍ରକଳାରେ ମଧ୍ୟ ସେହିପରି ହାସ୍ୟରସର ପ୍ରୟୋଜନ ଅଛି । ମାତ୍ର ପ୍ରସିଦ୍ଧ ଚିତ୍ରକର ମାନଙ୍କରେ ଶିଳ୍ପୀ ହାସ୍ୟରସର ଉଦ୍ଦୀପନା ଜନ୍ମାଇବା ନିମନ୍ତେ ଯତ୍ନ କରିଥିବା ପରି ମନେ ହୁଏ ନାହିଁ । କେବଳ ଏ ସମ୍ପର୍କରେ ପ୍ରଖ୍ୟାତନାମା ଫରାସୀ ଶିଳ୍ପୀ ଗଦ୍ଧା ଓ ବଙ୍ଗୀୟ ଶିଳ୍ପୀ ଗଗନେନ୍ଦ୍ରଙ୍କ ନାମହିଁ ସର୍ବପ୍ରଥମେ ମନେ ପଡ଼େ । ଯାହାହେଉ, ଜୀବନରେ ହାସ୍ୟ ରସର ପ୍ରୟୋଜନକୁ କେହି ଅସ୍ୱୀକାର କରି ପାରିବନାହିଁ । ଜୀବନରେ ଜଡ଼ ଓ ଚେତନା ମଧ୍ୟରେ ଚାଲିଥିବା ଦ୍ୱନ୍ଦ୍ୱ ଏପରି ଅସାମଞ୍ଜସ୍ୟ ସୃଷ୍ଟି କରେ, ଯାହା ଦେଖିଲାମାତ୍ରେ ଅଥବା ଶୁଣିଲା କ୍ଷଣି, ହାସ୍ୟ ସମ୍ବରଣ ନ କରି ରହି ହୁଏ-ନାହିଁ । ଅନ୍ଧ ଦେଖିପାରେ ନାହିଁ । ଛେନା କଥା କହିପାରେନା, କିନ୍ତୁ ଦୃଷ୍ଟିଶକ୍ତିର ଜଡ଼ତ୍ୱକୁ ଅନ୍ଧ ସମ୍ପୂର୍ଣ୍ଣ ସ୍ୱୀକାର କରି ନେଇଛି ଅଥଚ ଛେନାର ବାକ୍‌ଶକ୍ତି କହିବାର ଜଡ଼ତ୍ୱକୁ ମନ ନାହିଁ । ଅନ୍ଧର ଦୁର୍ବଳତାରେ ଅଛି କରୁଣା ସେଥିପାଇଁ ଅନ୍ଧକୁ ଦେଖି ଆମେ ହାସ୍ୟ ସମ୍ବରଣ ନ କରି ବରଂ ସମବେଦନା ଜ୍ଞାପନ କରୁ କିନ୍ତୁ ଛେନାର ବାକ୍ୟ ଯନ୍ତ୍ରର ଅସାମଞ୍ଜସ୍ୟ ଦେଖି ଆମେ ନ ହସି ରହି ପାରୁନା । ଚିତ୍ର କଳାରେ ମଧ୍ୟ ଏହିଭଳି ଅସାମଞ୍ଜସ୍ୟ ( inconsistency ) କିମ୍ବା ଅତ୍ୟୁକ୍ତିକତା ବା ଅତିରଞ୍ଜନ (Exaggeration) -ହାସ୍ୟ ରସ ସୃଷ୍ଟି କରିଥାଏ । ଏହାକୁ ଆମେ ଇଂରେଜୀରେ କହୁଁ Cartoon ବା Caricature ଏ ଦୁଇଟି ଶବ୍ଦ ଅନ୍ୟାନ୍ୟ ଇଂରେଜୀ ଶବ୍ଦ ପରି ଅର୍ଥାତ୍ ବେଞ୍ଚ ଓ ଟ୍ରଙ୍କ ପରି ଆମ୍ଭ ଦେଶୀୟ ଶବ୍ଦର ଅନ୍ତର୍ଭୁକ୍ତ ହେଲାଣି

ବ୍ୟଙ୍ଗଚିତ୍ର, ଚିତ୍ର କଳାରେ ଏକପ୍ରକାର ରେଖା ବା ବର୍ଣ୍ଣ ଚିତ୍ର, ଯହିଁରେ ଲୋକର ରୂପ ଓ ଅଙ୍ଗ ପ୍ରତ୍ୟଙ୍ଗରେ ଦୃଷ୍ଟ ବିଶିଷ୍ଟ ଭାବ ଓ ଭଙ୍ଗୀକୁ ଅସାମଞ୍ଜସ୍ୟ ଓ ଅତିରଞ୍ଜନର ମଧ୍ୟ ଦେଇ ଶିଳ୍ପୀ ଏପରି ସହଜ, ସରଳ ଓ ସଂକ୍ଷେପ ଭାବରେ ପ୍ରକଟ କରନ୍ତି ଯାହା ସେହି ଲୋକର ବ୍ୟକ୍ତିତ୍ୱକୁ ଓ ବୈଶିଷ୍ଟ୍ୟ ସ୍ପଷ୍ଟ ଭାବରେ ସୂଚାଇ ଦିଏ ଏବଂ ସଙ୍ଗେ ସଙ୍ଗେ ଦର୍ଶକ ମନରେ ହାସ୍ୟ ରସର ଉଦ୍ରେକ କରାଏ । ଚେହେରା ଓ ମନୁଷ୍ୟର ବିଶିଷ୍ଟ ଗୁଣ, ରେଖା ଓ ବର୍ଣ୍ଣ ସାହାଯ୍ୟରେ ସୁନ୍ଦର ଢଙ୍ଗରେ ଫୁଟି ଉଠେ । ଶିଳ୍ପୀ ପ୍ରଥମେ ଜଣେ ବିଶିଷ୍ଟ ଲୋକର ବିଶେଷତା ଖୋଜି ବୁଝିବା ଉଚିତ ଯେ—"ସାଧାରଣ ଲୋକ-ଠାରୁ ଏ ଲୋକର ପାର୍ଥକ୍ୟ କେଉଁଠାରେ ?" ଯେଉଁ ପାର୍ଥକ୍ୟ ହିଁ ସାଧାରଣଙ୍କଠାରୁ ଏହାକୁ ଅଲଗା କରେ—ସେହି ଅଙ୍ଗ ବା [illegible] ଚେଷ୍ଟାର ଯେଉଁ ଚରିତ୍ର ସମାବେଶର ଅତ୍ୟଧିକତା ହୁଏ ତାହା ନିର୍ଦ୍ଦେଶ କରିବା ମାତ୍ରେ ଦର୍ଶକର ହାସ୍ୟରସ ଉଛୁଳି ଉଠେ । ଲୋକଟିର ମୁଖ ମଣ୍ଡଳରେ ଗାମ୍ଭୀର୍ଯ୍ୟ, କୁଟିଳତା ପ୍ରବଣତା, ଲାଳିତ୍ୟ ଅଥବା ସରଳତା ପ୍ରଭୃତି ଗୁଣର ପ୍ରତି-ଫଳନ ମଧ୍ୟରୁ କେଉଁଟି ବିଶେଷ ଭାବରେ ପ୍ରକଟିତ ତାହା ହିଁ ଶିଳ୍ପୀ ସାବଧାନତା ସହିତ ଲକ୍ଷ୍ୟ କରିବେ ଏବଂ ଠିକ୍ ଯେତିକି ଦରକାର ସେତିକି ପ୍ରକାଶ କରିବା ନିମନ୍ତେ ରେଖା ବା ବର୍ଣ୍ଣ ପ୍ରୟୋଗ ଦ୍ୱାରା ନିଜର ନୈପୁଣ୍ୟର ପରିଚୟ ଦେବେ । ଶିଳ୍ପୀଙ୍କର ଏଭଳି ସୂକ୍ଷ୍ମ ଦୃଷ୍ଟି ନ ହେଲେ କିମ୍ବା ସେ ଜୀବନରେ ସରସତା ଅନୁଭବ କରିବାର ସୁଯୋଗ ପାଇ ନ ଥିଲେ ବ୍ୟଙ୍ଗଚିତ୍ର କରିବା ତାଙ୍କ ପକ୍ଷରେ ସହଜ ହେବ-ନାହିଁ । ବ୍ୟକ୍ତି ବିଶେଷଙ୍କ ବ୍ୟଙ୍ଗ ଚିତ୍ରରେ ପ୍ରକାଶ କରିବାକୁ ହେଲେ ସୌହାର୍ଦ୍ଦ୍ୟ ଏବଂ ବ୍ୟକ୍ତିତ୍ୱର ସ୍ପର୍ଶ ନ ଦେଲେ କିମ୍ବା ତାଙ୍କର ଅଙ୍ଗର ବ୍ୟବହାରରୁ ହାସ୍ୟରସର ଉପାଦାନ ସଂଗ୍ରହ ନ କରି ପାରିଲେ ଚିତ୍ରର ମର୍ଯ୍ୟାଦା ନଷ୍ଟ ହେବ ଏବଂ ଶିଳ୍ପୀଙ୍କର ଅପାରଗତାର ପରିଚୟ ମିଳିବ ।

ସାମାଜିକ, ରାଜନୈତିକ ଓ ଧର୍ମ ସଂକ୍ରାନ୍ତୀୟ ବହୁତ ଘଟଣା ଏ ଯୁଗରେ ବହୁଳ ଭାବରେ ଘଟିଯାଉଛି । ଏ ସବୁକୁ ଗଭୀର ଭାବରେ ଲକ୍ଷ କରି ତହିଁରୁ ହାସ୍ୟରସର ଉପାଦାନ ସଂଗ୍ରହ କରିବା ବଡ଼ ସହଜ କଥା ନୁହେଁ । ପାଶ୍ଚାତ୍ୟ ସଭ୍ୟ ଦେଶମାନଙ୍କରେ ସକଳ ପ୍ରକାର ଜନହିତ-କର କାର୍ଯ୍ୟ ପଛରେ ବ୍ୟକ୍ତି ବିଶେଷର ଚେଷ୍ଟା ବର୍ତ୍ତମାନ—ତେଣୁ ତାହା ମଧ୍ୟରେ ସାମାନ୍ୟ ଭୁଲ, ଅନ୍ୟାୟ, ଦୁର୍ବଳତା ବା ଅଭିନବ ବ୍ୟଭିଚାର ଥିଲେ ତାହାଙ୍କୁ ବେଶ୍ ଭଲ ଏପରି ବ୍ୟଙ୍ଗ ଓ ବିଦ୍ରୂପ କରାଯାଏ ଯଦ୍ୱାରା ଜନନାୟକ ମାନେ ବଡ଼ ସାବଧାନ ଭାବରେ ଓ ନିଷ୍ପାପ ଭାବରେ କାର୍ଯ୍ୟ କରିବାକୁ ବାଧ୍ୟ ହୁଅନ୍ତି । ସେଥିପାଇଁ କୁସଂସ୍କାର ବିରୁଦ୍ଧରେ ସାହିତ୍ୟ ପରି ଏହା ମଧ୍ୟ ବର୍ତ୍ତମାନ ଜଗତରେ ଏକ ପ୍ରଧାନ ଅସ୍ତ୍ର କହିଲେ ବାହୁଲ୍ୟ ହେବନାହିଁ । କିନ୍ତୁ ଏ ଦେଶରେ ଚିତ୍ରର ଆଦର ଦେଖିଲେ ବ୍ୟଙ୍ଗ ଚିତ୍ରର ଆଦର ସହଜରେ ବୁଝିହେବ । କେହି କାହାର କଥାକୁ କର୍ଣ୍ଣପାତ ନ କରି ଯେଝା ବାଟେ ସେ ଯାଉ ଚାଲିଛି—ଏ ଦେଶର ଏହି ଜଡ଼ତା ଓ ସ୍ୱାର୍ଥପରତା ଦେଖିବାକୁ [illegible] ଲୋକେ [illegible]

Digitized by srujanika@gmail.com

କଦାପି ମୂର୍ତ୍ତବର ହେବନାହିଁ । ଏ ଦେଶର ବ୍ୟଙ୍ଗଚିତ୍ର ଯଦ୍ୱା ସାମୟିକ ଦେଖାଯାଏ ତହିଁରେ ଶକ୍ତି, ନ୍ୟାୟ, ସାମଞ୍ଜସ୍ୟ ଖୁବ୍ ଅଳ୍ପ ଦେଖିବାକୁ ମିଳେ । ବ୍ୟଙ୍ଗଚିତ୍ର ପରିକଳ୍ପନାକୁ ସ୍ୱତନ୍ତ୍ର ପ୍ରକାଶ ଭଙ୍ଗୀ ବୋଲି ଏ ଦେଶରେ ଏପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ—କିମ୍ବା ବ୍ୟଙ୍ଗଚିତ୍ର ଦ୍ୱାରା କୌଣସି ଚିତ୍ରକର ଯଶୋପାର୍ଜନ କରିବାକୁ ସମର୍ଥ ହୋଇ ନାହାନ୍ତି ।

ଅବଶ୍ୟ ଏକଥା ମାନି ନେବାକୁ ହେବ ଯେ ଦୁର୍ବଳ ଦେଖାଇବା ବ୍ୟଙ୍ଗ ଚିତ୍ରର ଏକମାତ୍ର ଉଦ୍ଦେଶ୍ୟ ନୁହେଁ । ଏପରି ଉଦ୍ଦେଶ୍ୟ ଘେନି କାର୍ଯ୍ୟ କଲେ ଏହା ପ୍ରକୃତ କଳାର ଅନ୍ତର୍ଗତ ହୋଇ ପାରିବ ନାହିଁ । ମନୁଷ୍ୟ ଯେ ସବୁଠାରୁ ଶ୍ରେଷ୍ଠ ପ୍ରାଣୀ ଏକଥା ଯୋଗୁଁ ଶିଳ୍ପୀ ଭୁଲି ନ ଯାନ୍ତି । ମନୁଷ୍ୟ ନିଜର ଦୁର୍ବଳତା ବଶତଃ ଅନେକ ଭୁଲ ଓ ଭ୍ରାନ୍ତି କରି ପକାଏ । ଏହି ଦୁର୍ବଳତାକୁ ତାକୁ ନ୍ୟାୟ ପଥରେ ଚାଳିତ କରିବା ପାଇଁ ଯେଉଁ ଚିତ୍ର ରଚନା କଲେ ଉଦ୍ଦେଶ୍ୟ ସାଧିତ ହେବ ତଦପେକ୍ଷା ବେଶି ଦୂର ଯିବା ଉଚିତ ନୁହେଁ । ସଂସ୍କାରକମାନଙ୍କ ପରି ଶିଳ୍ପୀ ତୂଳୀ ସାହାଯ୍ୟରେ ସମାଜର ଆବର୍ଜନା ଦୂର କରିବେ ଏବଂ ସରସ ମନର ହାସ୍ୟରସ ପୂର୍ଣ୍ଣ ଚିତ୍ର ରଚନା କରି ଅପର ମନରେ ଆନନ୍ଦ ସଞ୍ଚାର କରିବେ । ଅଧିକନ୍ତୁ ନିଜର ବୁଦ୍ଧିବଳରେ ନାନା ବକ୍ର ଘଟଣାକୁ ବେଛି କରି ସାଙ୍କେତିକ ରେଖା ଓ ସ୍ୱଳ୍ପ ରୂପ ଯୋଜନା ଦ୍ୱାରା a touch of satire or snigger, ଅଦ୍ଭୁତ ସ୍ପର୍ଶ ଦେଇ ସାଧାରଣଙ୍କର ନୟନ, କଠୋର ଓ କଣ୍ଟକ ପୂର୍ଣ୍ଣ ଚିନ୍ତା ଜୀବନରେ ହାସ୍ୟରସ ସଞ୍ଚାର କରିଦେବ ଏଥିନିମନ୍ତେ ନିର୍ଭୀକତା ଏକାନ୍ତ ପ୍ରୟୋଜନ । ଯେକୌଣସି ଦୃଷ୍ଟାନ୍ତ ନେଇ ନିର୍ଭୀକ ଭାବରେ ବ୍ୟଙ୍ଗଚିତ୍ର ଦ୍ୱାରା ରସ ସୃଷ୍ଟି କରିବାରେ ସେ ଯେପରି ପଶ୍ଚାତ୍‌ପଦ ନ ହୁଅନ୍ତି । ଅବଶ୍ୟ କେହି କେହି ଉଚ୍ଚପଦସ୍ଥ ବ୍ୟକ୍ତି ଏଥିରେ ବିରକ୍ତ ହୋଇ ପାରନ୍ତି ମାତ୍ର ସେମାନଙ୍କର ମନେରଖିବା ଉଚିତ ଯେ—True dignity cannot be injured by satire, and false dignity may well be stripped from any one, especially him who is in high position." ଅତ୍ୟନ୍ତବକ୍ରତା ମଧ୍ୟରୁ ହାସ୍ୟ ରସର ଉତ୍ପତ୍ତି । କୌଣସି ବିଶିଷ୍ଟ ସ୍ଥାନରେ ଅସାଧାରଣତ୍ୱ ନିଦର୍ଶନ କରିବା ଦ୍ୱାରା ହାସ୍ୟରସ-ଉଦ୍ରେକ ହୁଏ । "ଅଙ୍କା ଅଙ୍କ" ଚିତ୍ରରେ ଉକ୍ତଙ୍କର ସ୍ଥୂଳ ଅଙ୍ଗଯଷ୍ଟି ଓ ନାସାର ଦୀର୍ଘତା, ଓ ତାଙ୍କର ଗୁଲ୍ଫ ଚାଳଣରେ ବିକୃତ ଭଙ୍ଗୀହିଁ ବିଦ୍ରୂପ ବା ବ୍ୟଙ୍ଗର ଉପକରଣ । ମାମଲତ୍‌କାରମାନଙ୍କର ରୂପ କଳ୍ପନା କଲାବେଳେ ଆମ ଆଖି ଆଗରେ କେଉଁ ଚିତ୍ର ପ୍ରତିଫଳିତ ହୁଏ ? ବୋଧେ କିମ୍ବା ସହରର ଏକ ବିଶିଷ୍ଟ ଅଞ୍ଚଳରେ ଏପରି ଉଚ୍ଚ ଉଚ୍ଚ ଗେଞ୍ଜି, ପେଣ୍ଟ—କଳା କୋଟ ବା ଫତେଇଥାଏ ଲୋକ ଥାନ୍ତି ଯେଉଁମାନଙ୍କ ପରାମର୍ଶ ସାଧାରଣ କ୍ଷେତ୍ରରେ ନିଆଯାଇଥାଏ । ଏପରି ଲୋକେ ପ୍ରାୟଶଃ କଦାଚିତ୍ ଏବଂ ସବୁପ୍ରକାର ଆମୋଦ ପ୍ରମୋଦ ଓ ସାମାଜିକ ସମ୍ମିଳନୀରେ ପୃଷ୍ଠପୋଷକ କିମ୍ବା ସଭାପତି । ଏହି ପ୍ରକାରର ଲୋକେ ସାଧାରଣତଃ ଅତୀତ ଓ ବର୍ତ୍ତମାନ କାଳର ମଧ୍ୟବର୍ତ୍ତୀ ଏପରି ସାମଞ୍ଜସ୍ୟହୀନ କାର୍ଯ୍ୟ କରନ୍ତି—ଫଳରେ ହୋଇ କରିଚିରୁ ଉଠି ଯାଇ ପୁନର୍ବାର ଆସନ ଗ୍ରହଣ କରିବାକୁ ଯିବାବେଳେ ଶୂନ୍ୟ କଟକା ଖାନ୍ତି ଯାହା ଦେଖିଲେ ସମସ୍ତେ ନ ହସି ରହି ପାରନ୍ତି ନାହିଁ—ମାତ୍ର ଲୋକେ କେଉଁ ଠାରେ କିମ୍ବା ଠୋ ଠୋ ହସି ପାରନ୍ତି ନାହିଁ । ଏହା ଆମର ଏକ ଶ୍ରେଣୀର ଲୋକ । ସେ ଦୂରଦର୍ଶୀ—ମାତ୍ର ଅଧିକାଂଶ କାର୍ଯ୍ୟରେ ତାଙ୍କର ଅଦୂରଦର୍ଶିତାର ପରିଚୟ ମିଳେ । ସେ ହୁଏତ ମାତ୍ର ତେଜସ୍ୱୀର ମଧ୍ୟରେ ତାଙ୍କର କର୍ତ୍ତବ୍ୟର ସୀମା ନାହିଁ । ସେ ହୁଏ ଗମ୍ଭୀର—ମାତ୍ର ଲୋକମାନେ ତାଙ୍କୁ ଥଟ୍ଟା କଲାବେଳେ ସେ ଗାମ୍ଭୀର୍ଯ୍ୟକୁ ଅନିଚ୍ଛା ସତ୍ତ୍ୱେ ହସି ପକାନ୍ତି । ସେ ନୀତିକମାତ୍ର—ହଅଲରେ ଭାବିଲା ବାଣ ଦେଖିଲେ ଯାଇ ଫଟ ତଳେ ତାଙ୍କର ମୁକ୍ତପାର ସ୍ଥୂଳ ବପୁକୁ ଅନାୟାସରେ ଦୂରରୁ ଅନୁଭବ କରିବାକୁ ଚେଷ୍ଟା କରନ୍ତି । ବିଲାତର ବିଖ୍ୟାତ ପତ୍ରିକା "Punch" ରେ John Bull କିମ୍ବା ଚାର୍ଚ୍ଚିଲ ଚେମ୍ବରଲେନଙ୍କୁ ଏପରି ବିଷ୍ଣୁ ଭାବରେ ଚିତ୍ରିତ କରାଯାଇ ଜନସାଧାରଣଙ୍କୁ ପ୍ରଚୁର ଆନନ୍ଦ ବିତରଣ କରାଯାଇଛି । ଆମେରିକାର ବିଖ୍ୟାତ ପତ୍ରିକା 'Literary digest ' ରେ Father Abraham. ଙ୍କୁ ଏପରି ଭାବରେ ନାନା ବିଦ୍ରୂପ ସଜ୍ଜା କରି ଜନସାଧାରଣଙ୍କ ହୃଦୟ ଜିତିଛନ୍ତି । ହିଟଲର, ରୁଜଭେଲ୍ଟ, ଲଏଡ଼ଜର୍ଜ, ହିଟଲର, ମୁସୋଲିନି ପ୍ରଭୃତି ବହୁ ବିଶିଷ୍ଟ ଜନନାୟକ ବ୍ୟଙ୍ଗ, ବିଦ୍ରୂପରୁ ଅବ୍ୟାହତି ପାଇ ପାରି ନାହାନ୍ତି ।

ଆମ ଦେଶର ପତ୍ର ପତ୍ରିକାରେ ସାମୟିକ ବ୍ୟଙ୍ଗଚିତ୍ର ମୁଦ୍ରିତ ହୋଇଥାଏ । "Illustrated Weekly", "Hindu" Bombay Chronicle, Amrit Bazar, H. Standard, ଶଙ୍କରାଚାର୍ଯ୍ୟ ଟି, ରବିବାରର ଲଟି, ଓଗର ଓ ନଥ ପୁଷ୍ପା, ପ୍ରଭୃତି ପତ୍ରିକାମାନଙ୍କରେ ବେଳେବେଳେ ଅବସ୍ଥାନୁସାରେ ନାନାପ୍ରକାର ବ୍ୟଙ୍ଗଚିତ୍ର ପ୍ରକାଶନ ପ୍ରହଣ କରିଥାଏ ।

କିନ୍ତୁ ଆମ୍ଭର ଓଡ଼ିଆ ପତ୍ରିକାର ଶିଳ୍ପୀ ପିସିଏଲଙ୍କର "ଝଙ୍କାର"ରେ ଅନେ ସଂଖ୍ୟାରେ ଯେଉଁ ପରିଚୟ ପାଇଁ ଅନ୍ୟତ୍ର ସେପରି ମିଳେ ନାହିଁ । ଇଂରେଜ କବି କହିଅଛନ୍ତି Example is dangerous than precept" ଯେଉଁ ଉକ୍ତି ବାହାରିବନ—ତାହା ଆମର

ଟେମ୍ପରାର । ସେଥିରେ ସାଧାରଣଙ୍କର ଯେଉଁ ନଷ୍ଟ ତାହାର ବ୍ୟକ୍ତିଗତ ମଧ୍ୟ ହାସ୍ୟ ସୃଷ୍ଟିର ପ୍ରଧାନ ହେତୁ ହୋଇଛି । Example is better than precept—ଯାହା ବଢ଼ନ୍ତି 'ଘୁଷୁଡ଼ା' ଏହି ନୀତିର କାର୍ଯ୍ୟରେ ପରିଣତ କଲେ ତେବେ ଯେଉଁ ଅବଳ ପାଉଡ଼େ—ତାହା ଜାତିର ଜୀବନରୁ ଏକ ଅଶାନ୍ତି ସଙ୍କଟରୁ ଉଦ୍ଧାର କରି ସତ୍ୟ କଳ୍ପ ସମ୍ମୁଖରେ ତାଙ୍କର ଚେଷ୍ଟା କେତେ ଦୂର ପର୍ଯ୍ୟନ୍ତ ଫଳବତୀ ହୋଇ ରହିଥିବ ଏଥିରେ ସନ୍ଦେହ ନାହିଁ । ଇଂଲଣ୍ଡର ବ୍ୟଙ୍ଗଚିତ୍ରର ପ୍ରସିଦ୍ଧ ଶିଳ୍ପୀ (Lawson Wood) ଲସନ୍ ଉଡ୍‌ଙ୍କ ହାସ୍ୟ-ରସାତ୍ମକ ଚିତ୍ରଗୁଡିକ ପୃଥିବୀରେ ଅଦ୍ୱିତୀୟ କହିଲେ ଅତ୍ୟୁକ୍ତି ହେବନାହିଁ । ବ୍ୟଙ୍ଗଚିତ୍ର ଯେ କେବଳ ସାମାଜିକ ଓ ରାଜନୈତିକ ବୈଷମ୍ୟକୁ କେନ୍ଦ୍ର କରି ସୃଷ୍ଟି ହୁଏ ତାହା Lawson Wood ଅପ୍ରମାଣ କରି ଦେଇଛନ୍ତି—ପ୍ରାଣୀ ଜଗତର ବହୁ ବ୍ୟଙ୍ଗଚିତ୍ର ରଚନା କରି । ଇତର ପ୍ରାଣୀ-ମାନଙ୍କ ମଧ୍ୟରେ ଏପରି ଭଙ୍ଗୀ ଅଛି ଯାହା ହାସ୍ୟ ଉଦ୍ଦୀପକ—ଓ ଆମୋଦ ଦାୟକ, ସାହିତ୍ୟ କ୍ଷେତ୍ରରେ ଯଦୁମଣିଙ୍କ ନାମ ଉଲ୍ଲେଖଯୋଗ୍ୟ । ଯଦୁମଣିଙ୍କ ବୁଦ୍ଧିର ଚାତୁର୍ଯ୍ୟ, ତତ୍‌କାଳୀନ ରାଜବୁଦ୍ଧିର ହୀନତା ସୂଚକ ହେବାରୁ ତାଙ୍କର କବିତା ଏତେ ହାସ୍ୟରସାତ୍ମକ । ବର୍ତ୍ତମାନ ଯୁଗରେ ଆମ ଦେଶରେ ଭୂଷାକୋଷର ରଚୟିତା ପ୍ରହରାଜ ମହାଶୟ, ଏବଂ 'ଡଗର'ର ସମ୍ପାଦକ ଲକ୍ଷ୍ମୀକାନ୍ତ ବାବୁ ଓ 'ନଅଁଦୁଣ୍ଡା'ର ସମ୍ପାଦକ ଗୋଦାବରୀଶ ମହାପାତ୍ର ବ୍ୟଙ୍ଗ, ବିଦ୍ରୂପ ଓ ହାସ୍ୟରସ ବିତରଣ କରି ଜନସାଧାରଣଙ୍କୁ ମୁଗ୍ଧ କରି ପାରିଛନ୍ତି । ବଙ୍ଗୀୟ ସାହିତ୍ୟିକ ଈଶ୍ୱର ଗୁପ୍ତ (ବିଦ୍ୟାସାଗର ଯୁଗର) ଆଧୁନିକ ସଜନୀକାନ୍ତ, ପ୍ରମଥ ଚୌଧୁରୀ, ଟେଙ୍କଚାନ୍ଦ ଠାକୁର ରଚୟିତା ଦେବେନ୍ଦ୍ର ବସୁ, ଇନ୍ଦ୍ର ନାଥ ଠାକୁର ହାସ୍ୟରସାତ୍ମକ ନାନାବିଧ ମନୋଜ୍ଞ ପ୍ରଧାନ ସାହିତ୍ୟ ସୃଷ୍ଟି କରି ଯାଇଛନ୍ତି । ଏବଂ ଇଂରେଜ ଲେଖକ Wood House, S. Leacock, ଓ 'ପଞ୍ଚ' ପତ୍ର ହାସ୍ୟ-ରସର ନିପୁଣ ସ୍ରଷ୍ଟା ବୋଲି, G. B. S. ସାମାଜିକ, ଓ ରାଜନୈତିକ ବୈଷମ୍ୟର ଯେଉଁ ବ୍ୟଙ୍ଗଚିତ୍ର ରଚନା କରି-ଯାଇଛନ୍ତି ତାହା ଅମର ନୁହେଁ କି ?

ସମାଜର ଅବନତି ବା Stagnation ଓ ନୈତିକତାକୁ ସଚଳ, ନିର୍ମଳ କରିବା ପାଇଁ କିମ୍ବା ସଂସ୍କାରଚ୍ଛଳ ନାନା-ପ୍ରକାର ବିକୃତ ମନୋଭାବକୁ ଆଘାତ କରିବା ପାଇଁ ଯୁଗେ ଯୁଗେ, ଧର୍ମ ପ୍ରଚାରକଙ୍କ ପରି କବି ଓ ଶିଳ୍ପୀ, କଲମ ଓ ତୁଳୀ ଧାରଣ କରିଥାନ୍ତି । ତେଣୁ ସେମାନଙ୍କ ଉପରେ ରାଜଶକ୍ତିର କୋପ ପଡ଼ିବା ସ୍ୱାଭାବିକ । କିନ୍ତୁ ନିର୍ଭୀକ ହୃଦୟରେ ସେମାନେ ନ୍ୟାୟ ପଥ ଅନୁସରଣ କରିବା ମଙ୍ଗଳପ୍ରଦ ବୋଲି ଭାବି ଦେଇଥାନ୍ତି । କାରଣ ସେମାନେ ଜାଣନ୍ତି Truth will never be drowned in sea of blood—ସେମାନ-ଙ୍କର ଏହି ନୀତି ଅପାତଦୃଷ୍ଟିରେ, ହାସ୍ୟ ବା ବିଦ୍ରୂପ ଅର୍ଥରେ ବୁଝି ଓ ବିରକ୍ତିକର ବୋଧହେଲେ ମଧ୍ୟ ବର୍ତ୍ତମାନର ଜନସାଧାରଣ ଯେ ତାଙ୍କ ନିକଟରେ ଋଣୀ ରହିବେ ଏଥିରେ ସନ୍ଦେହ ନାହିଁ । ଭବିଷ୍ୟତ ଐତିହାସିକ ମଧ୍ୟ ଏହି ଶିଳ୍ପୀ ଓ ଲେଖକ ମାନଙ୍କର ଏହି ସାଧୁ ଉଦ୍ୟମକୁ ଅଳଙ୍କୃତ ପ୍ରଶଂସା କରିବ । ତା ନ ହୋଇଥିଲେ, ନେପୋଲିଅନ୍ ଓ ଘନ୍ତ୍ୟା, ରୁଷୋ, ଭଲଟେୟାରଙ୍କ ଦ୍ରଷ୍ଟାଙ୍କୁ ଆଜଯାଏ କେହି ମନେ ରଖି ନ ଥାନ୍ତେ ।

——✻——


# ଓଡ଼ିଶା ମାଟ୍ରିକ୍ ଟ୍ରେନିଂ ସ୍କୁଲ
ଫାର୍ଚ୍ଚ

## ଅନୁଗୁଳି

ଟିଚାଃ ଚୌଧୁରୀ କଃ ବାଲେଶ୍ୱର

ପଲ୍ଲୀ ଅଞ୍ଚଳରେ ସ୍ୱଳ୍ପ ବ୍ୟୟରେ ଭାରତ ଗଭର୍ଣ୍ଣମେଣ୍ଟଙ୍କ ମେନୁଏଲ ମତେ ସର୍ଭେ ଶିକ୍ଷା ତଥା ଦେଶର ବେକାର ସମସ୍ୟା ଓ ଦାରିଦ୍ର୍ୟତାର କଷାଘାତରୁ ଯୁବକମାନଙ୍କର ମୁକ୍ତି ପ୍ରଦାନ ପାଇଁ ଏହି ସର୍ଭେ ସ୍କୁଲ ସର୍ବଦା ଗଭୀର ଉଦ୍ୟମ ସହ ଓଡ଼ିଶାର ନାନା ସ୍ଥାନରେ କ୍ୟାମ୍ପ ଖୋଲି ଶିକ୍ଷା ଦେଇ ଆସୁଅଛି । ବର୍ତ୍ତମାନ ଏହାର ଏକ ଶାଖା ସ୍କୁଲ ଉତ୍କଳ ନୂଆବଜାରରେ ସ୍ଥାପନ କରାଯାଇଅଛି ।

ଯଦି ଆପଣମାନଙ୍କର ସ୍କୁଲର ସବୁ ମୋଟ ଦେୟ ଟ ୧୫ ଦେଇ ଭଳି ବନ୍ଦୋବସ୍ତର ମୁଦଲ ଆମୀନ, କାନୁନ୍‌ଗୋ ଓ ଇନ୍‌ସ୍‌ପେକ୍ଟର ହେବାକୁ ଅଭିଳାଷ ଥାଏ, ତେବେ ବିଶେଷ ବିଜ୍ଞାପନ ପାଇଁ ଟିକଟସହ ଭାଇଟିଙ୍କୁ ପଠାନ୍ତୁ ।

ତରୁଣ କଥାକାର **ଲକ୍ଷ୍ମୀନାରାୟଣଙ୍କର**

ନୈବେଦ୍ୟ

ପାର୍ଲାମେଣ୍ଟ

ଉଡ଼ନ୍ତା ବୋମା

ରାସ୍ତାର ଧୂଳି

ଗୌରବ (ଏକାଙ୍କିକା)

ପଢ଼ିଛନ୍ତି କି ?

—ଦିଆଲିରୁ ଶୁଭେଚ୍ଛା—


Digitized by srujanika@gmail.com

# କପିବର ହନୁମନ୍ତ ନକଲ ନବୀସ



କପିବର ହନୁମନ୍ତଙ୍କ ରଚିତ ଚିତ୍ର ଚନ୍ଦ୍ରହାସ ଚମ୍ପୂ ପଢ଼ିଲେ କପିବରଙ୍କର ଉଦାତ୍ତ ହୃଦୟତାର ପରିଚୟ ମିଳେ ।

ଆଜିକାଲି ଯେତେବେଳେ ଭାରତରେ ହିନ୍ଦୁସ୍ଥାନ, ପାକିସ୍ଥାନ, ଶିଖସ୍ଥାନ, ଦ୍ରାବିଡ଼ସ୍ଥାନ ପ୍ରଭୃତି ଭିନ୍ନ ସ୍ଥାନରେ ଦେଶ ଖଣ୍ଡ ଖଣ୍ଡ ହେବାକୁ ବସିଛି, କପିବର ସେତେବେଳେ କପିସ୍ଥାନ ମାଗିନାହାନ୍ତି ବରଂ ତାଙ୍କର ରଚନାରେ ନିଜର ସ୍ୱାର୍ଥ ଅର୍ଥାତ୍ ବାନରକୁଳଙ୍କ ତୁଳନାରେ ଅନ୍ୟାନ୍ୟ ଜୀବଜନ୍ତୁମାନେ ଅଧିକ ସ୍ଥାନ ପାଇ ଅଛନ୍ତି । (ଧୂଷୁର, ଗଣ୍ଡ, ନେଉଳ, ଛେଳି, ଠେକୁଆ, ଶାର୍ଦ୍ଦୁଳ, ଦନ୍ତାହାତୀ, ବଳଦା, ପେଚା, ମାଛ, ମଶକ ପ୍ରଭୃତିର ବହୁଳ ଉଲ୍ଲେଖ ଦ୍ରଷ୍ଟବ୍ୟ)

କପିବରଙ୍କର ଏଇ ଜୀବପ୍ରେମ, ଜନ୍ତୁପ୍ରେମ, ପଶୁପକ୍ଷୀ ପ୍ରେମ ଏବଂ କୀଟ ପତଙ୍ଗ ପ୍ରେମ ପାଇଁ ଆମେ ତାଙ୍କୁ ସମ୍ମାନ ଜଣାଉଛୁ ।

ଆଧୁନିକ ଆଧୁନିକାଙ୍କ ତରଫରୁ ମୁଁ କପିବରଙ୍କୁ ଗୋଟିଏ ପ୍ରଶ୍ନ ପଚାରିବାକୁ ଚାହେଁ । ସେ ଆଧୁନିକ ଆଧୁନିକାଙ୍କ ବେଳରେ ଲାଙ୍ଗୁଡ଼ ଛାଡ଼ିଯାଇଛନ୍ତି କାହିଁ ? ତାଙ୍କ ଲାଙ୍ଗୁଡ଼ ତାଙ୍କ ପାଖରେ ରହିଲା—ଏପରି ଲାଙ୍ଗୁଡ଼ ଲୁଚାଇବା ଦ୍ୱାରା ଆମେ ଆଧୁନିକ ଆଧୁନିକାମାନେ ବୁଝିପାରୁନୁ ଯେ ସେ ଆମକୁ ଏକାଠି ମିଳେଇ ଦବାକୁ ଚାହାଁନ୍ତି ନା ଆମ ଭିତ୍ତି ଖସିଦବାକୁ ଚାହାଁନ୍ତି ?—କପିବର ସଦୁତ୍ତର ଦେବେ କି ?

—ଦେବ ମହାପାତ୍ର

(ପର ପୃଷ୍ଠାରେ କପିବରଙ୍କ ବୈଶିଷ୍ଟ୍ୟ ପଢ଼ନ୍ତୁ)

Digitized by srujanika@gmail.com

# କପିବରଙ୍କ କୈଫିୟତ

କପିବର'ଙ୍କର ଏହି ଟାମନି ଆପଣଙ୍କଠାରୁ ପାଇ ଅପ୍ୟାୟିତ ହେଲି । କପିବରଙ୍କୁ କେବେ ଆଖିରେ ନ ଦେଖି କେବଳ ତାଙ୍କ 'ପ୍ରେମାମୃତ'ରୁ ଯେଉଁ ପୌରାଣିକ ପ୍ରତିକୃତି କଳ୍ପନାରେ ଗଢ଼ି ତୁଳିକାରେ ରୂପଦାନ କରି ପାରୁଛନ୍ତି ସେଥିରେ ଆପଣଙ୍କ ରସଗ୍ରାହିତାଠାରୁ ରସିକତା ଅଧିକ ପରିସ୍ଫୁଟ ।

ଯେଉଁ ପ୍ରଶ୍ନଟି ପଚାରିଛନ୍ତି ତାର ଉତ୍ତର ମୁଁ ଦେଉଛି—

ପ୍ରଶ୍ନ ହେଉଛି— ଅଧୁନିକ ଅଧୁନିକାଙ୍କ ବେକରେ ଲାଙ୍ଗୁଡ଼ ଗୁଡ଼ାଉଛନ୍ତି କାହିଁ ? ଏପରି ଲାଙ୍ଗୁଡ଼ ଗୁଡ଼ାଇବା ଦ୍ୱାରା ଆପଣ ଅଧୁନିକ ଅଧୁନିକାଙ୍କୁ ଏକାଠି ମିଳାଇ ଦବାକୁ ଚାହାନ୍ତି, ନା ଆମ ତଣ୍ଟି ଚିପି ଦବାକୁ ଚାହାନ୍ତି ?

ଏହି ପ୍ରଶ୍ନରେହିଁ ଆପଣ ଅଧୁନିକ ହୋଇ ସ୍ୱୀକାର କରୁଛନ୍ତି କି ଅଧୁନିକ ଓ ଅଧୁନିକା ଏକାଠି ମିଳିତ ହୁଅନ୍ତି । ଏହା ମାନିବା ଆପଣଙ୍କ ଅଭିପ୍ରେତ ନ ଥିଲେ ସୁଦ୍ଧା, ଅଜାଣତରେ ସେହି କଥାଟା ବାହାରି ପଡ଼ୁଛି । "The modern Juliet has more than a score of Romeos" ଆପ୍ତବାକ୍ୟଟା ଶୁଣିଥିବେ । "ଲାଜ" ଆଧୁନିକମାନଙ୍କ ଆଦର୍ଶ ନୁହେଁ । Flirting କରି ଭିନ୍ନ ଭିନ୍ନ ପୁଷ୍ପରୁ ମଧୁ ଆହରଣ କରିବା ଯେପରି ଅଧୁନିକ ଭ୍ରମର ଚାହାନ୍ତି—ଅଧୁନିକା ପୁଷ୍ପ ବି ସେହିପରି ଚାହାନ୍ତି ନିତ୍ୟ ନୂତନ ଅଳି ସଙ୍ଗମ ।

ଶୁଣିଥିବେ ଆମର ପୂର୍ବପୁରୁଷ କପିବର ବାଳୀ ରାବଣ ବେକରେ ଥରେ ଲାଙ୍ଗୁଡ଼ ଗୁଡ଼ାଇ ସାତ ସମୁଦ୍ରରେ ବୁଡ଼ାଇଥିଲେ । ରାବଣ ବି ଜଣେ ଊଣା ରସିକ ପୁରୁଷ ନ ଥିଲେ । ବର୍ତ୍ତମାନ କପିବରଙ୍କ ଉଦ୍ଦେଶ୍ୟ ଅଧୁନିକ ଅଧୁନିକାଙ୍କ ବେକରେ ଲାଙ୍ଗୁଡ଼ ଗୁଡ଼ାଇ ତାଙ୍କୁ ଏକାଠି ପ୍ରେମାମୃତ ସିନ୍ଧୁରେ ବୁଡ଼ାଇ ରସ ଖୋଜିବା ଓ ସେହି ସମ୍ଭୋଗରୁ କିଛି ଲାଭ ଉଠାଇ ଆପେ ଉପଭୋଗ କରିବା । ଏଣୁ ଆପଣଙ୍କ ଜରିଆରେ ସମସ୍ତ ଅଧୁନିକ ଅଧୁନିକାଙ୍କୁ କପିବରଙ୍କର ଅନୁରୋଧ ଯେ, ଲାଙ୍ଗୁଡ଼ ଗୁଡ଼ାରେ ତ୍ରସ୍ତ, ବ୍ୟସ୍ତ ନ ହୋଇ ଏହି ଲାଙ୍ଗୁଡ଼କୁ 'ଫୁଲମାଳ' ରୂପେ ଗ୍ରହଣ କରିବେ । ଇତି ।

କପିବର ହନୁମନ୍ତ


## କୁବେର ବ୍ୟାଙ୍କ ଲିଃ

ହେଡ଼ ଅଫିସ—କଲିକତା

**ଶାଖା ଅଫିସ ମାନ: —**

ଢାକା, କାଲିମ୍ପଙ୍ଗ୍, ସିଲିଗୁଡ଼ି, ବୋଗ୍ରା, ରାଜସାହି, ବାଲି, କୃଷ୍ଣନଗର, ଶାନ୍ତିପୁର, ତାରକେଶ୍ୱର, ରାଣୀଘାଟ, ବଡ଼ବଜାର ।

**୧୬ ତାରିଖ ନଭେମ୍ବର ୧୯୪୩ ରେ ଭଦ୍ରକ ଶାଖା ଖୋଲା ହୋଇଅଛି ।**

ସମସ୍ତପ୍ରକାର ବ୍ୟାଙ୍କିଂ କାର୍ଯ୍ୟ ନିର୍ବାହ ହୁଏ ।
ଜାଜପୁର ଶାଖା ଶୀଘ୍ର ଖୋଲିବ ।

**ଏସ୍. କେ: ଚକ୍ରବର୍ତ୍ତୀ**
ମ୍ୟାନେଜିଂ ଡାଇରେକ୍ଟର


Digitized by srujanika@gmail.com



# କନ୍ୟା ଲୋଡ଼ା

ଲେଖକ—
**ଦେବ ମହାପାତ୍ର**

ମାନନୀୟ 'ଡଗର' ସମ୍ପାଦକ ମହୋଦୟ
ସମୀପେଷୁ—

ଆପଣଙ୍କୁ ଗୋଟିଏ ଗଭୀର ଅନୁରୋଧ କରିବାକୁ ମନ ହେଉଛି, ଆଶାକରେ ରଖିବେ। କହନ୍ତୁ ରଖିବେ କେତେ ଯାଇ କହିବି। ରଖିବେ ଠିକ?

କଥାଟା ଆପଣା ମୁହଁରୁ କହିବାକୁ ଟିକିଏ ଲାଜ ଲାଗୁଛି—କଥାଟିର ଅଛି ଅଂଶର ପୁଅ ମୁହଁରେ ଲାଜ। ମୁଁ ଯାହା ଜାଣେ ମୁହଁ ନ ଫିଟିଲେ ଚିରଦିନ ଅଜ୍ଞ ରହିବାକୁ ପଡ଼େ।

ମୁଁ ବାହାହେବାକୁ ମନ କରିଛି ଆଉ ମୋ ପାଇଁ ଗୋଟିଏ କନ୍ୟା ଲୋଡ଼ା। ମୋ ଇଚ୍ଛା ଆପଣଙ୍କ ପତ୍ରିକାରେ ଗୋଟିଏ ବିଜ୍ଞାପନ ଦେବି। ବିଜ୍ଞାପନ ଦେଲେ ମନଲାଖି ଝିଅଟିଏ ପାଇପାରିବି ବୋଲି ଖୁବ୍ ଆଶା—ବିଜ୍ଞାପନରେ କଣ ଲେଖାଯିବ ସେଇକଥା ଭାବୁ ଭାବୁ ଅଡୁଆରେ ପଡ଼ିଯାଉଛି। ମାନେ ମନଲାଖି ଝିଅ କହିଲେ ମୁଁ ଯାହା ଭାବୁଛି ସେ କଥାଗୁଡ଼ାକ ବିଜ୍ଞାପନରେ ଲେଖି ହେବନି କାରଣ ବିଜ୍ଞାପନରେ ଯେମିତି ଗୁମ୍ଫନରେ ଲେଖା ଯାଇଥାଏ ତା ଭିତରେ ମୋ ମନ କଥା ଗୁଡ଼ାକ ପୂରେଇ ପାରୁନି—ଆପଣଙ୍କୁ ଅନୁରୋଧ ଆପଣ ମୋ କଥାଗୁଡ଼ାକ ଦୟାକରି ଶୁଣନ୍ତୁ ଆଉ ଗୋଟିଏ ବିଜ୍ଞାପନ ଲେଖି ଦିଅନ୍ତୁ।

ମୁଁ ଆପଣଙ୍କୁ କେତେ ଦିନରୁ କହିବି କହିବି ହୋଇ ଭାବିଲିଣି କିନ୍ତୁ ପାରୁଥିଲି ନାହିଁ। ଆଜି ସକାଳେ ଯୌବନ ଲଗା ଦେଇ ଯାଉଛି। ଯୌବନ ଲଗା ଦେବା ଦିନ ବାହାଘର କଥା କେମିତି ମନେ ପଡ଼େ ଜାଣନ୍ତି ତ!

ବର୍ଷକରେ ଥରେ ଅଧେ ବନ୍ଧୁଣୀ ଦେଇ କହିଲା ଝରକାବାକୁ ପଡ଼େ ଆଉ ସେଇ ଦୁଃଖରେ ମୁଁ ବାହା ହେବାକୁ ଭାବୁଛି ସେକଥା ନୁହେଁ। ସେ କଣ୍ଠ ମଧୁରପ୍ରିୟ ହେଉ ଗଳ୍ପ—ମୁଁ କହୁଛି ତୋଠାରୁ ସୁନ୍ଦର ପାଇଁ। ମୁଁ ବୋଲି ଯୌବନ ଆଜ ଦିନ ପ୍ରଥମ ଲଗା ଦେଇଛି ମୋ ତୋଠାରୁ ସୁନ୍ଦର ଅନୁଭବ ହେବା ଶୁଣ କୌଣସି ନୂଆ କଥା ନୁହେଁ। କେତେ ମୁଁ ତୋଠାରୁ ଅନୁଭବ ଅନୁଭବ କରି ପାରୁ ନ ଥିଲି ତାର କାରଣ ହୁଏତ ମୋ ଦେହ ପାଖରେ ଯେଉଁ ବ୍ୟକ୍ତିତ୍ୱ ଥିଲା ତାକୁ ହାତ ବାନ୍ଧି ଦେଇପାରି ନଥିଲି। କିନ୍ତୁ ବ୍ୟକ୍ତିତ୍ୱ ଯେତେବେଳେ ବ୍ୟକ୍ତିତ୍ୱ ଦିଏ ତ ଆଉ ସିଙ୍ଗ ତୋଠାରୁ କଣ୍ଠ ଦିପ ତୋଠାରୁ ହେଉଛି, ଅଠ-କାଠ ବାଉଁଶ ଖାଲି ତା ଉପରେ ଏବେ ଉପଭୋଗ ସମ୍ଭବ ହେଉଛି



Digitized by srujanika@gmail.com

ସହିତ ! ତାଙ୍କ ନାମଟି ଉଠାଇଲେ ତେଣିକି କଥାଟିରେ ପଡ଼ିଲେ ମୁଁ ଖୋଜି ଖୋଜି ଥକିଗଲେ—ତା ଛଡ଼ା ମିଳିଲେ ବି ସିଏ ଅଳ୍ପ ଟୋକା ନାମକୁ ଲଗେଇ ରଖନ୍ତି ।

ଆଜି ଟେବୁଲ ଉପରେ ଥିବା ଦରଦାମ ଦେଖି ମୁଁ ହାତ-ଗୋଡ଼ା ଛାଡ଼ି ଦେଇଥା ନାହିଁ । ସତରେ ମାସିକ ପତ୍ରିକାଟିଏ ଚାଳିବା ଠିକଣା, ଚିଠିଟିଏ, ଟେଲିଗ୍ରାମ ଟିକଟିଏ, ରେଜିଷ୍ଟ୍ରି ଚିଠିଟିଏ କିଛି ନା କିଛି ଗୋଟିଏ ହାତ ପାଖରେ ମିଳିଯିବ ନାମଟିରେ କେତେକ ଦାମରେ । ଅଥବା ତାହା ଉଠିବ ପଛପାଖ—ଲେଖକ ଟେବୁଲ ଅଣ୍ଡରଲାଇନ୍ କରି ଦେଲେ ଟେବେଲ ଉପରେ ଦେଖିଲେ ଧଳା, ଗାଢ଼ା ନେଳେଇ, ମାର୍ବଲ ରଙ୍ଗ କେତେବେଳେ ହୋଇ ନାମରେ ଲଗି ଯାଉଛି । ସେ ପୁଣି ଛୁଆ ପିଲାଙ୍କୁ ଅଭି ବ'ଳିଆରେ ଉଡ଼-ଲାଗି ଦେଖିଲେ କେଉ ପୁଣି ଶ୍ରେଣୀର ଶ୍ରେଣୀର ନାମରେ ଲଗାଏ କେତେଥର ହାତର ଟେକେଇବା କରନ୍ତି । ଯଣ୍ଡୋଃ ମୀଠି ଯେପରି ହେଉଛି ! ଅଜବାକୁ ମିନିବସ୍ଟିଏ ଦେଖିବା ପାଇଁ ସହଜ ହେଉଛି—ମୁଁ ସେଇଥିପାଇଁ ଭାବୁଛି ତାଙ୍କ-ଭଳିଆ । ତାଙ୍କ ଉପରେ ଏ ଭାର ଦେଇ ବାନ୍ଧି କେମା ବାପ ମା ଯେତେବେଳେ ବାପ ମା, ମନେଇଥିଲେ ମର୍ଯ୍ୟାଦା । ମୋ ମନ ଲାଗି ହିଁ ଥିଲା ପାଇବେ କି ? ନାହିଁ । ସେ ତାଙ୍କ ମନ ଲାଗି ନିଅ ପାଇବେ । ମୁଁ ଅଳ୍ପ ମନେ କରନ୍ତି ତାଙ୍କ ଯେପରିକି ତାଙ୍କ ଟେବୁଲ ପଢ଼ନ୍ତି, ଭାଲି ଗୋଟିଏ ମଣ୍ଡପିଆ ନିଅ ଘରକୁ ଆସିଲେ ତାଙ୍କୁ ଖଣ୍ଡିଏ ଲାଇବ୍ରେରୀର ଇନ୍‌ସାଇକ୍ଲୋପେଡ଼ିଆ ଥଲ ଦେଖା ଗୋଟିଏ ପାଇଥାଗୋରସ ଥିଓରେମ୍ ଉପରେ ଦେଖା Decline & fall of Roman Empire ପୁସ୍ତକରେ କଣ ଲାଗେ ତୋଳି ଦେଇ ଦେଉଥିଲେ ଦେଖା ୧୭୨ ଖ୍ରୀଷ୍ଟାବ୍ଦରେ କଣ ହୋଇଥିଲା ଯାହା ପଢ଼ିବାକୁ ଦେଖା ଇଂରେଜୀର ଗଣ୍ଡାଗୋଳ, ଜେନେ, ସଂସ୍କୃତି ସମ୍ବନ୍ଧରେ ଯାହା ପ୍ରଶ୍ନ କରିବୁଏ ଦେଖା Etymology, Hagiology, Biology, Anthropology, Neurology, Physiology, Morphology, Tectology ଇତ୍ୟାଦି ଇତ୍ୟାଦି 'ologies' ବନ୍ଧାଇ ଦେବନ୍ତି ଯାହା ପଢ଼ିବୁ ତେବେ ସେ ଭଲ କଥା ଦଉ କରନ୍ତି ? ସେମିତି ଧାଂଗା ହେଉ ବଳି ଇତ୍ୟାଦି ଦେଖା ଅଳ୍ପବୟସ ଯାହା ବହି ଜଣାଥାଏ ତେବେ ଚନ୍ଦ୍ରଗୁପ୍ତ ଓ ମୌର୍ଯ୍ୟ ଶାସନକାଳ ପୁସ୍ତକରେ କଣ ଲେଖିବ, ଶୁଭଙ୍କର, ଜଣେମିଳ ଇତ୍ୟାଦି କହିବ, ପ୍ରତାପରୁଦ୍ର ଉପରେ କଣ ଲେଖିବ । ମୁଁ କହୁଛି ସେମାନେ ଜାଣିବେ କୋଉ ନାମକୁ ? ନାହିଁ ପ୍ରତାପରୁଦ୍ର ନାହିଁ William the Conquror !! ଭୁଲିଗଲେ ଦିନ ବଦଳି ଗଲାଣି । ତାଙ୍କ ପିଏ ନୂଆ ଥିଲା ଅତି ପ୍ରିୟ ପୁସ୍ତକ । ଗୋଟିଏ ଉଦାହରଣ ଦେଉଛି କେତେ ବର୍ଷ ଆଗରୁ ଟୋକାମାନେ ଖୋଜୁଥିଲେ ଯେ ଆମ ପାଇଁ ଏମନ୍ତ କଣଥିଟିଏ କେଉଁଠା ମିଳିବ କହିଲ ଯାଇଛ—ଯୋଉ



ନିଅ ଯେପରି ଟେକ୍ନୀ ରହିଲ ଯାଉଛି ତା' ମୂଲ୍ୟ ଯେତେ କେଣି ହୋଇଯାଇଥିଲା । ମନେ କରନ୍ତୁ ସିଏ ବର୍ଷେ ହେଲ ଯାଉଛି ତାଙ୍କ ତାଙ୍କ ଆଖିକୁ ଯାହା ବାଣୀ କଣ ଟୋକା ଇଚ୍ଛା କରୁଥିଲେ ସିଏ ବର୍ଷ ଯାଉଛି ତା ଟେଲ୍ ପରୁଣ ଜଣ—ସେମିତି ସିଏ ଜଗତ ତମାମ ହେଲ ହେଉଛି ତାଙ୍କ ତାଙ୍କୁ ଦେବା ପାଇଁ ସାରା ଭାରତରେ ପ୍ରତିଭାଶାଳୀ ଯୁବକ ମାନଙ୍କ ଭିତରେ ହେଲ ପଡ଼ି ଯାଇଥିଲା । ସେତେବେଳର ଅବସ୍ଥା ଏଇ କିମ ସେତେବେଳେ ଯାହା ଗୋଟିଏ ନିଅ ପଢ଼ିଥିଲେ ତା ଜର୍ମାନରେ ହାତ ଦେଖିଲ ବୋମାଟିଏ ପଡ଼ିଲ ଦେଲ ଦେଖା ସାବ୍‌ମେରିନଟିଏ ଭୂଷି କରି ଦେଲା ତେତେ ତାର ଯୋଗ୍ୟତା ବଢ଼ି ଯାଉଥିଲା । ଯେମିତି ନିଅ ତାଙ୍କ ହେଲା ଟିକାଏ ଅପଣାକୁ ଧନ୍ୟ ଧନ୍ୟ କରୁଥିଲେ କହନ୍ତୁ ଅଜବାକୁ ସେକଥା ନାହିଁ ? ସେ ଦିନ ଜମାଇ ଗୋଟିଏ ସାଙ୍ଗ ତାଙ୍କ ହେଲି ସାଙ୍ଗଙ୍କ ଅତ୍ୟନ୍ତ ଅଳ୍ପ ପ୍ରଗତିଶୀଳ—ମଧ୍ୟବିତ୍ତ ଘର ଶିକ୍ଷିତ ନୂଆ ସ୍ତ୍ରୀ କୁ ନିଗୁଡ଼ିଲ "ଡ଼ିୟରେଷ୍ଟ, ତମେ ବେତର ହେଲ ଯାଉଛ ! ତମେ କେତେଜଣ ଲେଖ ଜୁନ ଜଣଛ !" ଡ଼ିୟରେଷ୍ଟ କଥାରେ ଦେଲେ ମୁଁ ଜଣେକ ଟେବେ ଧଳା କରି ବଡ଼ାଟ ମେଲ କରି ପଢ଼ି କରି ଯେଉଁରୁ ତାଙ୍କର ପଠେଇଥିଲେ । ମୋ ସାଙ୍ଗ ମଧ୍ୟବିତ୍ତ ଏବେ ଏବେ ବଢ଼ୁଛନ୍ତି । ଅଣ୍ଡିଲ ପୁଅ ଜାଉଳରେ ଏବେ ଏବେ ମଧ୍ୟବିତ୍ତ ଜଣଙ୍କ ଠାଇଁ ଧନମାନଙ୍କ କଥା ଅଜ କଣ ଥାଇ ପାରେ ? ମୁଁ ସେଇ ଯୋଗୁ କହୁଛି କେତେଟା ଅମର ଅତ୍ୟନ୍ତ ମନୋଜ୍ଞ ସଂଗୀତ ଗାଇ ଗାଇବାଟା ହେବ ଭଲ ।

ମୁଁ ଏଥର ଘରକୁ ଯାଇଥିଲି । ମୋ ବୋଉ କହିଲା "ଏଁ ଅତେ ଥାଉଁ ଥାଉଁ ବୁ ଅପେ ଅପେ ବନ୍ଧୁ ଦେଖିବୁ ସେ କଥା ହେଉ ପାରିବେ । ତୋ କହିଲ ଉଚିତ ନିଅ କଣ ମିଳିବେନ ! ମୁଁ ତୋ ପାଇଁ କନ୍ୟାଟିଏ ଦେଖିଛି—ମୁକୁନ୍ଦବାବୁଙ୍କ ଝିଅଟି କଲେଜରେ ପଢ଼ୁଛି ଭାରି ଗୁଣବତୀ ମିଳ୍" ମୋ ବୋଉର ବିଶେଷ ଅନୁରୋଧରେ ମୁଁ ଦିନେ ତୋତେ ଦେଖିବାକୁ ଯାଇଥିଲି, ଏଇଥି ପାଇଁ ଯେ ଦେଖିବା ମୋ ବୋଉ କେମିତି ବୋହୂଟିଏ ବାଛିଛି ।" ମୁଁ ମୋ ସାଙ୍ଗ ଭୁବନ ବାବୁଙ୍କୁ ସାଙ୍ଗରେ ନେଇ ଯାଇ ଥାଏଁ । ବୋହୂଙ୍କ

Digitized by srujanika@gmail.com



ବେଶୀ ହେଲା । ଝିଅଙ୍କ ଦଳଭିତରେ ଖୁବ ସ୍ମାର୍ଟ—ତା ଆଡ଼େ ଅନେଇଲେ ତେଣିକି ମୋର ମନେହେଲା ଆଜି ମୁଁ ଝିଅ ହୋଇଥିଲେ ! ଅବଶ୍ୟ ଝିଅ ହେଉଥିଲି, ବୋଧହୁଏ ବେଣୀ ଟିକ ଟୋଲି ଓଲଟା କରି ମାରି ଟିକ୍କଣ ହୋଇ ଝିଅର ହୋଇଥିଲି କିନ୍ତୁ ତା ଆଗରେ ମନେ ଲାଗିଲା ଯେମିତି ମୋ ଦାଢ଼ି ସାଲୁ ଚାଲୁ ହଉଚି—ଯୋଡ଼ ଲୁଗା ଓଁଚ ପଞ୍ଜାବୀ ସେ ଦିନ ବାଢ଼ି ଖିଅ ଯାଇଥିଲି କିନ୍ତୁ ମନେ ଜଣା ପଡ଼ିଲା ଯେ ଆମ ଯୋଗୀଙ୍କ ଏବେ ଦିନ ଯେମିତି ଗାଲ ଠକେଇ ଅଛିଟି ମୋ କହିବାର କଥା ଯେ ସେ ଝିଅ ଯେମିତି ସୁନ୍ଦର ସେମିତି ପରିଷ୍କାର ପରିଚ୍ଛନ୍ନ । ମୋର ବେଶ ମନକୁ ପାଇଲା । ମୁଁ କେତେ ଗୁଡ଼ାଏ ପ୍ରଶ୍ନ ଯିବିନେଇ ଯାଇଥିଲି—ଇତିହାସ, ବିଜ୍ଞାନ, ଗଣିତ, ସ୍ୱାସ୍ଥ୍ୟରକ୍ଷା ଇତ୍ୟାଦିରୁ ପଚାରିଲି ସେ ସବୁ ଠିକ ଉତ୍ତର ଦେଇ ଦେଲା—ଯାହା ପଚାରିଲି ତା ଉତ୍ତର ଦେଲା । ଆଉ ଯାହା ନ ପଚାରିଲି ତା ଉତ୍ତର । ତା ପରେ ମୁଁ କେତୋଟା ଢେଙ୍କେନାଲ ଦରଜାରୁ ପ୍ରଶ୍ନ ପଚାରିଲି । ପ୍ରଶ୍ନ ଗୁଡ଼ାକ ଏମିତିଆ ଯେ ତମେ କ ଟେଲ ଲଗାଅ ? ତମେ ନୀଳ ପୋଷାକ ଭଲ ପାଅ କି ? ତମେ କେତେ ଥର ଜଣେରେ ସିନେମା ଦେଖି ଯାଅ ? ତମ ଓଠ ଏତେ ନାଲି ହୋଇଛି କାହିଁ ପ୍ରଭୃତି । ତାର ଉତ୍ତର ସେ ଯାହା ଦେଲା ଆପଣଙ୍କ କେଖିଲେ ଜଣିଅ ନିଶ୍ଚୟ ଚେତେ ମୋଟ ଉପରେ ମୋର ବନିଅଛ ପସନ୍ଦ ହେଲା ଏବଂ ମୁଁ ରାଜିଅଛି ବୋଲି କହିବା ପରିଠେ ତ୍ରିବେଦୀବାବୁ ମୋ କାନରେ ଗୋଟାଏ କଥା କହିଦେଲେ । ମୁଁ କହିଲି "ସତେଇତ" । ତା ପରେ ସେଇ ଝିଅଟିକି କହିଲି ଯେ "ତମେ ଏଇ ଯେଉଁ ସାର୍ଟ ବା ବ୍ଲାଉଜ ବା ଯାହା କିଛି ପିନ୍ଧିଛ ସେଇଟା ବଦଳାଇ ଆଉ ଗୋଟାଏ ଛୋଟ ହାତ୍ତାଲି ବ୍ଲାଉଜ ପିନ୍ଧିଆସ ।"

ସେ ମୁହଁକୁ କଟମଟ କରି ଅନେଇ କହିଲା "କାହିଁକି"

ମୁଁ କହିଲି—ମୁଁ ତମ ବାହୁଣି ଦେଖିବି ।

ସେ—'ତା ହୋଇ ପାରିବ ନା ।'

ମୁଁ—'କହୁବ କାହିଁକି !'

ସେ—'ବାହୁଣୀ ଦେଖିବାର ଆପଣଙ୍କର କିଛି ଅଧିକାର ନାହିଁ ।'

ମୁଁ ବାନ୍ଧ ଦେଖାଇ ହେଁ ହେଁ କରି ହସିଲି । ଅଧିକାର ନାହିଁ !! ଆମର ବାପ ଅଜାମାନେ ବୋହୂ ଦେଖିବାକୁ ଗଲବେଳେ ତାକୁ ବସାଇ ଉଠାଇ, ଚଲାଇ, ନଚାଇ, 100 yds race, high jump, long jump ପ୍ରଭୃତି କେତେ ରକମର ପରୀକ୍ଷା ନଉଥିଲେ ଆଉ ଆଜି ଏ କଲେଜରେ ପଢ଼ିଲେ ବୋଲି ସ୍ନାନ ବାହୁଣୀ ବି ଦେଖିବାର ଅଧିକାର ଆମର ନାହିଁ !! ମୁଁ କହିଲି—ଆମ ତ୍ରିବେଦୀ ବାବୁ କହନ୍ତି ଯେ ପୁରାତନ ହେବା ବ୍ଲାଉଜ ଯୋଗୁମାନେ ପିନ୍ଧନ୍ତି ଭାଷିବ ଯେ ସେମାନେ ତାଙ୍କ ବାହୁଣୀରେ ଟିକା କୁଟେଇ-ଛନ୍ତି—ଏ କାଳରେ ଯୋଉଁବେଳେ ସ୍ୱାମୀ ସ୍ତ୍ରୀ ଯୁବକ ଯୁବତୀମାନେ ହାତରେ ହାତ ଧରି ଧରି ବୁଲି ବାହାରିଲେ ଯେଉଁମାନେ ଟିକା କୁଟେଇଛନ୍ତି, ସେମାନେ ଲାଜରେ କାରଣ ସମସ୍ତେ ତାଙ୍କ ଟିକା ଦେଖି ଥଟ୍ଟା କରନ୍ତି । ସେଇ ଯୋଗୁ ଟିକା କୁଟେଇ ମୂଳ ଆଧୁନିକା ହେଉ ପଦାକୁ ବାହାରିବା ପାଇଁ ଏଇ ପୁରାତନ ବ୍ଲାଉଜ ଫେସନ ବାହାରିଛି ; ମନେ ହଉଚି ଯେମିତି ସତ । "ବାହୁଣୀ ନ ଦେଖିବା ଯାଏ ମୁଁ କିଛି କହିବିନି ସେ କହିଲା—"ନ କହିଲ ନାହିଁ ।" ତା ପରେ କଥାରୁ ପାଞ୍ଚ କଥା ହେଉଗଲା । ଚୋଟ ରାଗରେ ତମ୍ ତମ୍ ହୋଇ ତ୍ରିବେଦୀ ବାବୁ ମୋ ମୁହଁକୁ ଅନେଇଲେ ମୁଁ ତାଙ୍କ ମୁହଁକୁ । ସେ ଚୋଟ ଗୋଡ଼ରେ ଚପଲ ପିନ୍ଧିଥିଲେ—ଦାଣ୍ଡ ଦରଜା ବି ଖୋଲିଥିଲା—ଚଟକ ମାଡ଼ୁଚି ବୋଲି କହି ଆମେ ଦୁହିଙ୍କେ ଦୁହେଁ ବାହାରି ଆସିଲୁ । ସେ ବାହାଘର କଥା ସେଇଠି ରହିଲା—ସେଇ ଦିନଠୁ ବାହାଘର କଥାଟା ମୁଁ ନିଜ ହାତକୁ ନେଇ ଅଛିଟି । ମାନେ ପ୍ରେମ କରିବା କଥା ଭାବୁଛି ।

ପ୍ରେମ କରି ଯେ ବାହା ହେବ ସେକଥା ତ ଜୀବନରେ ହେଲା ନା—ଟିଭିଣରେ ଝିଅର କଥା କହିବାକୁ ରୁମ୍ସ୍ ନାହିଁ ଦିଅ ନାହାନ୍ତି—ଯଦିବା ବାହା ସହିତ ପରିଚୟ ହେଲା ତେବେ ବର୍ଷେ ଛ' ମାସ ଯାଏ ଖାଲି "ନମସ୍କାର" "ନମସ୍କାର" କହିବା ବ୍ୟତୀତ ଆଉ କେତେ କହି ହୁଏନା । ମୁଁ ଥରେ ଆମ ସାଇର ଜଣେକୁ କହିଥିଲି "ଆଲୋ ତମେ ମତେ ବାହାହେବୁ !" ସେ ଜବାବ ଦେଲା ତମକୁ ବାହାହେବା ଠାରୁ "ହେ ମୋର ପ୍ରଭୁ" କରିବା ହେଉ ଭଲ । ମୋ ପକ୍ଷରେ ପ୍ରେମ କରି ବାହାହେବା କଥା ମିଛ—ବିଜ୍ଞାପନ ବ୍ୟତୀତ ଅନ୍ୟ ଉପାୟ ନାହିଁ—ବର୍ତ୍ତମାନ ବିଜ୍ଞାପନରେ ବି ଗଲେଣିହିବ ! ମୋ ପାଇଁ କପଡ଼ କନିଅ କେଉଁଠି ? ବାହା ହେବା ପାଇଁ ଅନେକ ଝିଅ ଅଛନ୍ତି କିନ୍ତୁ ଆମେ ବାହା ହେବରେ ମାଳ ପକେଇବାକୁ ଶୁଣୁ ! ଆଧୁନିକ ଯୁବକର କପଡ଼ କନିଅ କେଉଁଠା ? କପର ?

ଆମେ କେବଳ କନିଅ କହିଲେ ଭୁଲ ଯାଇନ ଆମେ ତାର ରୂପ ଗୁଣ ଯୋଗ୍ୟତା ସବୁ ଚିନ୍ତା କରୁ । ପ୍ରଥମେ ଦେଖନ୍ତୁ ବୟସ । ବୟସ କେତେ ହୋଇଥିବା ଉଚିତ । ଆଜିକାଲି ଝିଅମାନେ ଯେମିତି ବୟସ ଚୋରା କରି କହୁଛନ୍ତି ଏବଂ ବୁଢ଼ୀ ବରବୁଢ଼ାମାନେ ଯେମିତି ଚୋଟ ସାଜି ପାଉଛନ୍ତି

Digitized by srujanika@gmail.com

ମୁଁ ଚାହୁଁଛି ବଧୂଟିର ବୟସ ୪୦ ବର୍ଷରୁ କମ ହୋଇଥିଲେ ଭଲ । ତେବେ ଯଦି ଯୌବନ ଦେଖି ମିଳୁଛି କନ୍ୟା ଜଣଙ୍କ ପାଖରେ ବେଶି ଟଙ୍କା ଅଛି ତେବେ ବୟସ ଯେତେ ହେଉ ତାର ପରୁଆ କିଛି ନାହିଁ । ମନେ କରନ୍ତୁ ଜଣକ ପାଖରେ ଟ ୧୦,୦୦୦ ଟଙ୍କା ଅଛି, ସେମିତି ହେଲେ ବୟସ ଯେତେ ବେଶି ହେଉଥିବ ସେତେ ଭଲ । ସେ ଯଦି ଟେରି କୁଜି, କାଣୀ, ଛୋଟ ହୋଇଥାଏ ତେବେ ମଧ୍ୟ କିଛି ଯାଏ ନାହିଁ ।




ଦାନ୍ତ—ଦେଖାଇବା ପାଇଁ ଥିଲେ ଭଲ । ଯଦି ସବୁ ଗୁଡ଼ାକ ପଡ଼ିଯାଇ ଥାଏ ଏବଂ ନକଲି ଦାନ୍ତ ବସାଇ ଥାଏ, ତେବେ ତା ଭିତରେ ଦେଖାଇବା ପାଇଁ ସୁନା ଦାନ୍ତ ଯଦି ଥାଏ ତେବେ ମୁଁ ପସନ୍ଦ କରିବି ।

ଆଖି—ଆଖିରେ ଯଦି କମ୍ ଦୃଷ୍ଟି ହୋଇଥାଏ ତେବେ ଭଲ କଥା କାରଣ ମୋ ଚେହେରା ସେମିତି କିଛି ସୁନ୍ଦର ନୁହେଁ ।

ବାଳ—ମୁଣ୍ଡରେ ବାଳ କିଛି ଥାଉ, ତେବେ ଟଙ୍କା ଯଦି ବହୁତ ଥାଏ ଲାଣ୍ଡି ହୋଇଥିଲେ ବି କିଛି ଯାଏ ନାହିଁ ।

ଅସଲ କଥା ହେଉଛି ଟଙ୍କାଟା ବେଶୀ ଦରକାର । ଯୌବନଟା ଯେତେ ବେଶି ହେବ ମୋ ପକ୍ଷରେ ସେତେ ଭଲ । ମନେ କରନ୍ତୁ ଯଦି ଟଙ୍କା ମିଳିବାର ଆଶା ନାହିଁ ତେବେ ସେ ରୂପରେ ରମ୍ଭା, ତିଲୋତ୍ତମା କିମ୍ବା ହେଲେନ୍ ମଧ୍ୟ ନାହିଁ ମୋ ପାଇଁ ବାହାଘର ହେବା ଅଚଳ ।

ବିଦ୍ୟା—ଯଦି ଟଙ୍କା ନଥାଏ ତେବେ ବିଦ୍ୟାଟା ଦରକାର—ତା ହେଲେ ଯଦି ନର୍ସିଂ, ମିଡ୍‌ୱାଇଫେରି, ଷ୍ଟେନୋଗ୍ରାଫି, ଟାଇପରାଇଟିଂ କିଛି ଜାଣିଥାଏ ବା ଟ୍ରେନିଂ ନେଇ ଥାଏ ତେବେ ଅଧିକ ଭଲ କଥା—ତା ହେଲେ ମୁଁ ତାକୁ ଚାକିରୀ କୋଉ କାମରେ ଲଗାଇ ଦେବି—ତା ପରେ ବଜାର ହାଟ, ଘର ଚଳାଇବା ପାଇଁ ଟଙ୍କା ସଞ୍ଚୟ କରିବାକୁ ତାକୁ ସୁବିଧା ହେବ ।

ମୁଁ କହୁଛି ସିଏ ଯଦି ମଟର ଡ୍ରାଇଭିଂ ଜାଣିଥାଏ ଆଉ ସ୍ୱାମୀ ପ୍ରତି ସ୍ନେହ, ଶ୍ୱଶୁରଙ୍କୁ କଣ୍ଟ୍ରୋଲ କରି ପାରୁଥାଏ ତା ହେଲେ ସେଇଟା ଅଧିକା ଗୁଣ ବୋଲି ବିବେଚନା କରିବି—ହଁ' ବୋଲି ମୁଁ କହୁଛି ଯେ ଅଧିକା ତା କେଉଁ ଗୁଣ—ଅଧିକା ସାଇକେଲ ଚଳାଇବ । କଥା ମଧ୍ୟ ସ୍ପଷ୍ଟ ଭାବରେ କହିବ—ଗୀତ ଗାଇବାକୁ ଗଲେ ଅଧିକା ଗାଇ ପାରୁଥିବ ଦ୍ୱାରି ହୋଇ ପାରୁଥିବ—ବାସନକୁସନ ମାଜି ପାରୁଥିବ ଘର ଲିପା ପୋଛା କରି ପାରୁଥିବ, ବାଡ଼ି ବଗିଚାରେ ପାଣି ଦେଇ ପାରୁଥିବ—ଏସବୁ ଗୁଣ ସବୁ ଲୋଡ଼ା । ତେବେ କେତେବେଳେ କୋଉ କଥା କିଏ କହିବ—

ଆପଣ ମୋ ମନ କଥାଟି ଅଳ୍ପ ବହୁତ ଜାଣି ପାରିବେଣି, ବର୍ତ୍ତମାନ ବିଜ୍ଞାପନଟିଏ ଦେଇ ଦିଅନ୍ତୁ—ବିଜ୍ଞାପନ ଦେଖି ମୋ ଯୌବନ ପତ୍ନୀ ମିଳିଯିବ ଆଉ ସେଥିପାଇଁ ଆପଣ କିଛି ମନେ କରିବେ ନିଶ୍ଚୟ । ଅଳ୍ପ ଅଳ୍ପ ଦେଉଛି ! ନମସ୍କାର । ଝଙ୍କାରରେ ବିଜ୍ଞାପନ ଦେଖିବା ଆଶା ରହିଲି ।

ଆପଣଙ୍କର
ଦେବ ମହାପାତ୍ର

ଦେବବାବୁ,

ତମ ଚିଠି ପାଇଲି—ତମ ଚିଠି ପଢ଼ି ମୁଁ ଯାହା ଜାଣୁଛି ତମର କନ୍ୟା ତ ଲୋଡ଼ା ନୁହେଁ ତମର ଝିଅଟିଏ ଲୋଡ଼ା । ତମେ ଶୀଘ୍ର ସୁସ୍ଥ ହୁଅନ୍ତୁ ବାପ ।

ତମର
ଝଂ ସଂ

—— ❋ ——

## କୁତୁକୁତୁ

ମାଜିଷ୍ଟ୍ରେଟ—ତମେ କୌଣସି ସନ୍ଦେହଜନକ ଲୋକଙ୍କୁ ସେଠାରେ ଦେଖିଥିଲ କି ?

କନେଷ୍ଟବଲ—ହଁ ମୁଁ ଜଣକୁ ରାତି ଅଧରେ ରାମବାବୁଙ୍କ ଘର ପାଖରେ ଦେଖିଥିଲି । ମୁଁ ତାକୁ ପଚାରିବାରୁ ସେ କହିଲା "ମୋର ଏଠାରେ କୌଣସି କାମ ନାହିଁ ସତ, କିନ୍ତୁ ମୁଁ ଏଠାରେ ଗୋଟିଏ ବ୍ୟାଙ୍କ ଖୋଲିବି ବୋଲି ଇଚ୍ଛା କରୁଛି ।

ମାଜିଷ୍ଟ୍ରେଟ—ହଁ ସେଠାରେ ସେ ଗୋଟିଏ ବ୍ୟାଙ୍କ ଖୋଲିଥିଲା ଓ ପରେ ରାମବାବୁଙ୍କ ଘରୁ ୧୦,୦୦୦ ହଜାର ଟଙ୍କା ଚୋରି କରିଥିଲା ।

କନେଷ୍ଟବଲ—ଯାହାହେଉ ସେ ଚୋର ହୋଇ ପାରେ କିନ୍ତୁ ସତୁଆ ।

\+ × +

Digitized by srujanika@gmail.com

କବିତା—

# ସୈନିକର ବିଦାୟ

"ରହିବୁ ପଥ ଚାହିଁ ବାନ୍ଧବ ! ମୋର"

ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ, ବି: ଏଲ୍:

( ଗୋଟିଏ ରୁଷିଆ ଯୁଦ୍ଧ କବିତାର ଛାୟା )

ନାଟି ଦବଯ ପତ୍ରନ୍ତ ଶ୍ୱେତ ଅଧର,
ରହିବୁ ପଥ ଚାହିଁ ବାନ୍ଧବ ! ମୋର
ଧୂସର ଧାନ୍ଧିବୁ ଆଶା,
ଫେରିବା ମୁକୁର ମୁଁ ଚପଳ-ଦୂତା ! ୧ ।

ଝଡ଼ ଝଡ଼ ବରଷା ତୁଳ ସମାନ,
ପଡ଼ି ମଥିଲେ ଭୁଦ ନୋହିବୁ ଛନ୍ନ,
ଜାଡ଼-ବାଧା ସହିବୁ
ନିଦାଘ-ତାପେ ସନ୍ତାପିତ ନୋହିବୁ । ୨ ।

ବରଷ ପରେ ଗଡ଼ିଯିବ ବରଷ,
ମୋ ଠାଉଁ ଜାତି-ଜନ ହେବେ ନିରାଶ;
ବାରତା ମୋ ନ ପାଇ,
ଭୁଲିବେ, ବୃଥା ଖାଲି ମୋ ପଥ ଚାହିଁ । ୩ ।

ମୋ ଧମ ଦୂରତେ ସୈନିକ-ଜନ,
ଚିନ୍ତା ବମ୍ଭ୍ରତ-ଜାଲେ ହେବେ ମଗନ;
ଜାଣ ଆଶା ତୋରେ,
ଚୋଅର ପଥ ଚାହିଁ ଥିବୁ ତୁ ମୋର । ୪ ।

ଫେରନ୍ତି, ରହିଥିବୁ ମୋ ପଥ ଚାହିଁ,
ପାରିବୁ ନାହିଁ ରଣ. ପାଇଲେ ଦେଖି;
* ଚାଟା ପାଇବା ଖ୍ୟାତି,
ଅପରଙ୍କର; ତୋର ହୃଦେ ସୁମତି । ୫ ।

ମୋ ଜନନୀ, ମୋ ସୁତ ଲେଖକା ତାଲି,
କାନ୍ଦିବେ ଜାର ଅଜ ନାହିଁ ମୁଁ ବୋଲି;
ମୋର ବନ୍ଧୁ ଦେଶତ,
ନିଭାଇ ଦେବେ ହୃଦ୍ ଅଗ୍ନିର ବଭ । ୬ ।

ବସି ଏକାଠି ଯେବେ ମୋର ବାନ୍ଧବ,
ପକାଇ ମୂର୍ଚ୍ଛିବେ ନୟନୁଁ ନୀର;
ତୋତେ ରାଣୀ ମୋ ଧନ,
ଲୋତକେ ନ ଧୋଇବୁ କେବେହେଁ ନୟନ । ୭ ।

ରହିବୁ ପଥ ଚାହିଁ ଅସିବ ଦିନେ,
ଲଟାଇ କାଳି ମରଣର ନୟନେ;
ଯେବେ ଶ୍ୱେତ ଚକିତ,
ଭାବିବେ ସର୍ବେ "ଜୟ ! ଏ ଅଲୌକିକ !" ୮ ।

ନ ପାରିଲେ ହେ ଧନ ! ମୋ ପଥ ଚାହିଁ,
ଯେ-ବେଳ-ମୋଦେ ଭାଗୀ ହେବେ କିପାଇଁ
ତୋର ଅଶାର ଡୋର,
ଅଣିବ ଯେବେ ମୋତେର କଲ୍ପ ତୋର । ୯ ।

ତୋ ଆଶା-କବଚ ମୋ ପ୍ରାଣ ରଖିବା,
ଅନ ସହିତେ କିପାଁ ବୁଝିବେ ଅବା;
ଏକା ଆଶାସ୍ଥାନ,
ଅତେଜୀ ଦେବତାର ଅଂଶ-ଦାନ । ୧୦ ।

ଯେ ଦାନେ ଚରବଣୀ ଏକା ତୁ ହୋଇ,
ଗତ ଦାହିଶ ପଛିକୁ ବେଦକୁ ପକାଇ;
ଯେହୁ ଜୀବନ ଜୀବରେ,
ଫଳ ତା ଭୋଗ୍ୟ ସିନା ତୁ ଅଛ ତାର ।। ୧୧ ।

* ରଚା ପାଇବା = ହକ୍‌ଦାର ହେବା ( ଏଠାରେ ପ୍ରଶଂସା ଯୋଗ୍ୟ )

Digitized by srujanika@gmail.com

# ନବୀନର ପ୍ରାଚୀନ ପୂଜା

ଶ୍ରୀମତୀ ସରଳା ଦେବୀ

ଆଧୁନିକ ସାହିତ୍ୟିକମାନଙ୍କର ନିତ୍ୟ ଅଭିଯୋଗ ଯେ ଆମ୍ଭେମାନେ ପୁରାତନ ସାହିତ୍ୟର ସଂକୀର୍ଣ୍ଣତା ଭିତରେ ଆଧୁନିକ ସାହିତ୍ୟର ଅବଦାନ ଦେବା ସବୁ ଦିଗରୁ ସମ୍ଭବ ନୁହେଁ । ପୁରାତନ ସାହିତ୍ୟରେ ଗଦ୍ୟର ସ୍ଥାନ ନ ଥିଲା, ଥିଲା କାବ୍ୟ, ଛନ୍ଦ, ଚୌପଦୀ—କବିତାମୟ । ସେଥିଯୋଗୁ ଯେଉଁମାନେ ଆଧୁନିକ ଜଗତର ବାତାବରଣକୁ ଆଧୁନିକ ସାହିତ୍ୟର ମୁକୁରରେ ପ୍ରତିଫଳିତ କରିବାକୁ ରାସ୍ତା ଖୋଜନ୍ତି, ସେମାନେ ପୁରାତନରୁ ପାଆନ୍ତି ନାହିଁ ଜୀବନର ପ୍ରେରଣା—ଯାନ୍ତ୍ରିକ ନିତ୍ୟ ପ୍ରବାହମାନ ଦ୍ୱନ୍ଦ୍ୱ ସଂଘର୍ଷମୟ ଜୀବନର ବାସ୍ତବମୟ ପ୍ରେରଣା । ତାହା ପୁରାତନରେ ନାହିଁ । ଅବଶ୍ୟ ଗଦ୍ୟ ସାହିତ୍ୟ ଦିଗରୁ ଏକଥାର ଯଥାର୍ଥତା କେତେକ ପରିମାଣରେ ଥାଇପାରେ, କିନ୍ତୁ କାବ୍ୟ କବିତା କଥାରୁ କହିଲେ ଏଥିରେ ସତ୍ୟର ଅପଳାପ ପରିଦୃଷ୍ଟ ହୁଏ । ପ୍ରାଚୀନ ଭଞ୍ଜ, ଦୀନକୃଷ୍ଣ, ଗୋପାଳକୃଷ୍ଣ, ବଳିଖଣ୍ଡିଆ, ଶାରଳାଦାସ, ଜଗନ୍ନାଥ ଦାସ ଓ ବଳରାମ ଦାସ, ପିଣ୍ଡିକ ଶ୍ରୀଚନ୍ଦନ ପ୍ରମୁଖ କବିମାନେ ଯାହା ଲେଖିଯାଇଛନ୍ତି, ଯେଉଁ ଭାବ ଓ ଭାଷାର ସର୍ବତୋମୁଖୀ ସମ୍ପଦ ଥୋଇ ଯାଇଛନ୍ତି, ତାହାର ଉପାଦେୟତା ବିଷୟରେ ଆମ୍ଭେମାନେ କିଛି କହିବା ବାହୁଲ୍ୟ ମାତ୍ର । କିନ୍ତୁ ନବୀନ ସାହିତ୍ୟିକ ଓ କବିମାନେ (ଏହି ପୁସ୍ତକମାନ) ସେମାନଙ୍କର କାବ୍ୟ କବିତାର ଉପାଦାନ ନିମନ୍ତେ ଏହି ସବୁ ଗ୍ରନ୍ଥମାନଙ୍କରୁ କିଛି ପାଆନ୍ତି ନାହିଁ ବୋଲି ଦୁଃଖ କରି ଖୋଜିବାକୁ ଯାଆନ୍ତି ବଙ୍ଗଳା ଓ ଇଂରାଜୀ କାବ୍ୟ କବିତାରୁ ଭାବ ଅପହରଣ ପାଇଁ । ଏହାଠାରୁ ବଳି ଶୋଚନୀୟ ବ୍ୟାପାର ଆଉ ଜାତୀୟ ସାହିତ୍ୟ କ୍ଷେତ୍ରରେ କଣ ଘଟିପାରେ ? ଓଡ଼ିଆ ଖାଣ୍ଟି ଓଡ଼ିଆରେ ଚିନ୍ତା କରିବ, ଖାଣ୍ଟି ଓଡ଼ିଆରେ କଥା କହିବ, ତା' ଭିତରେ ଖାଣ୍ଟି ଓଡ଼ିଆର ରୂପରେଖା କିନ୍ତୁ ଏହାର ଆଧୁନିକ କବିତାକାରମାନଙ୍କ ରଚନା କିପରି ପରିଦୃଷ୍ଟ ହୁଏ ? ଏଥିରେ ଆମ୍ଭେମାନେ ଯେ କେତେ ଦରିଦ୍ର ନାନା ଦିଗରୁ ହୋଇ ପଡ଼ିଲୁଣି ତାହାର ଆଭାସ ଆମ୍ଭେମାନେ ପାଉଁ । "ଲୁଚେକ" "ଚଟକ"—"ଚୁପି ଚୁପି" "ସାଥୀ" "ରାତି" "ସାଥୀ" "ଖୁକା" କେତେ ଶବ୍ଦର ନୂଆ ଆମଦାନୀ ହୋଇ ଯାଉଛି କାବ୍ୟ ସାହିତ୍ୟରେ ଗଲା ୧୦।୧୨ ବର୍ଷ ଭିତରେ । ଆଉ ଏହି ନୂତନ ଶବ୍ଦ ସମ୍ଭାରେ ଆମ ଓଡ଼ିଆ କବିତାର ପ୍ରାଣକୁ, ରୂପକୁ କରିଛି ଦଗ୍ଧ, ଯେପରି ଭାରତୀୟ କବିପ୍ରେୟସୀଙ୍କୁ ନାୟିକାଙ୍କୁ ପିନ୍ଧାଇଛି ଶାଢ଼ୀ, ବ୍ଲାଉଜ ସ୍ଥାନରେ ସ୍କର୍ଟ, ଗାଉନ ଓ ଆପ୍ରନ୍ ଲଗାଇଦେଲା ପରି । ବନ୍ଧୁଲି ଅଧରରେ ଲିପଷ୍ଟିକର ରକ୍ତିମତା, କେତକୀ ଦେହର ପ୍ରାକୃତିକ ମଧୁରିମାକୁ ଲେପ୍ତ କରି ତାହାର ସ୍ଥାନ ଅଧିକାର କରିଛି ବିଲାତର ପାଉଡର ପାକେଟର କାଲିଫର୍ଣ୍ଣିଆ ପପି ଓ ରାଇମେନ୍ସ ଲେଭେଣ୍ଡରର କୃତ୍ରିମ କଟୁ ଉଗ୍ର ଗନ୍ଧ । ଏ ଦୁର୍ଦ୍ଦଶା ଆଜି ଆମର କାବ୍ୟ ଜଗତରେ ଘଟିଛି । ଘଟିଛି କାହିଁକି ? ଘଟିଛି କବି ପ୍ରାଣର ନିଃସ୍ୱତା ନେଇ ଯେତିକି ନୁହେଁ, ସେତିକି ତାହାର ଏକାନ୍ତ ଯତ୍ନ ଓ ଅଧ୍ୟବସାୟଗତ ସାଧନାର ଅଭାବ ନିମନ୍ତେ । ଏହିଠାରେ ଗୋଟିଏ କଥା ଉଠିପାରେ ଯେ ପ୍ରବୀଣମାନେ ରାଧାକୃଷ୍ଣଙ୍କୁ ନାୟକ ନାୟିକା କରି କେବଳ ପ୍ରେମ ଜଗତର କଥା କହିଛନ୍ତି, କିନ୍ତୁ ଆଧୁନିକ କବି ଜୀବନର ନାନା ଭାବ ଧାରା ଚିତ୍ର ଅଙ୍କିବ ତାହାକୁ ସମ୍ବଳ କରି—ଚିତ୍ର ଅଙ୍କିବ କିଣ ସେହି ଭାଷା ଓ ଭାବ ଉଠେଇ ? ଆଉ କଣ ଆଧୁନିକର ଅଗେଇବା ଉଚିତ ନୁହେଁ ? କିନ୍ତୁ ମୋର ମନେ ହୁଏ ଆମର ଉତ୍କଳର ପ୍ରାଚୀନ କବିମାନେ ଅଳଙ୍କାର ଶାସ୍ତ୍ର ବନ୍ଧନରେ ବନ୍ଦୀ ହୋଇ ନବରସ ବନ୍ଧନରେ ବନ୍ଦୀ ହୋଇ କେଉଁଠି କାବ୍ୟ ଲେଖି ନାହାନ୍ତି । ସେମାନଙ୍କର ରସ ଅନ୍ତରସକୁ କେବଳ ମୂଳ କରି ନାହିଁ । ଭାବର ସ୍ରୋତ ସେମାନଙ୍କର ସୀମା ଚିହ୍ନ ନ ଥିଲା । ଭାବ ବର୍ଣ୍ଣନାର ପ୍ରାଚୁର୍ଯ୍ୟ ତହିଁରେ ପ୍ରାଧାନ୍ୟପ୍ରାପ୍ତ ଥିଲା । ପୁଣି ଯେଉଁମାନେ ଏ ଯୁଗରେ କବିତା ଲେଖୁଛନ୍ତି ବା କାବ୍ୟ କରୁଛନ୍ତି ସେମାନେ ଯେ ପ୍ରେମକୁ ଦୂରରେ ପିଙ୍ଗୁଛନ୍ତି ତା ନୁହେଁ । ଧର୍ମ, ପ୍ରେମ, କାମ, କ୍ରୋଧ, ତ୍ୟାଗ, ପ୍ରକୃତି ବର୍ଣ୍ଣନା ସମସ୍ତ ବିଷୟ ପ୍ରାଚୀନମାନଙ୍କ ଭଳି ସେମାନେ ମଧ୍ୟ କାବ୍ୟର କଥାବସ୍ତୁ ରୂପରେ ଗ୍ରହଣ କରିଛନ୍ତି । କିନ୍ତୁ ଓଡ଼ିଆ କାବ୍ୟ କବିତାର ଏ ବିକୃତି ଆସୁଛି କେବଳ ଆମର ଆଧୁନିକ କବିମାନେ ଓଡ଼ିଆ ଭାଷା, ଓଡ଼ିଆ ପ୍ରାଚୀନମାନଙ୍କର ଲେଖା ଚର୍ଚ୍ଚା କରୁ ନଥିବାରୁ ସଂସ୍କୃତ ସାହିତ୍ୟର ଧାର ଧାରୁନାହାନ୍ତି ବୋଲି । ପ୍ରାଚୀନ ଭାରତୀୟ କବିମାନଙ୍କର ଚିନ୍ତାଧାରା ଓଡ଼ିଆ କବିରେ ଅନୁଶୀଳନ କରିବାର ଧୈର୍ଯ୍ୟ ଓ ସେଥିପାଇଁ ସକ୍ରିୟ ଚେଷ୍ଟା ନାହିଁ ବୋଲି । ଏ ବିପଦରୁ ଉଦ୍ଧାର ହେବା ପାଇଁ ପ୍ରତ୍ୟେକ ସାହିତ୍ୟିକ ପ୍ରାଣ ପଣ କରି ଲାଗିବା ଉଚିତ ।

ଏତ ଗଲା କାବ୍ୟ କବିତାର ଭାଷା, ଗଠନ, ଅଳଙ୍କାର ଆଦି ସମ୍ବନ୍ଧରେ । ଆମ କବିମାନେ ଏବେ ଓଡ଼ିଆ କାବ୍ୟ କବିତାର ମୂଳ ପୁଞ୍ଜି ଠିକ କରି ପାରୁନାହାନ୍ତି । ନୂଆ ଛନ୍ଦ, ନୂଆ ସୁର ପାଇଁ ସିନେମା ବାଜା କନ୍‌ସର୍ଟ, ସିନେମା ଗୀତ, ବଙ୍ଗ କବିତା ଛନ୍ଦ ଆଦିର ସାହାଯ୍ୟତା ଗ୍ରହଣ କରନ୍ତି । କାରଣ ମନକୁ ଝଟ୍‌କିନ୍ ଟେକ୍ ଧରିବ । କିନ୍ତୁ ହାୟ ! ଆମର

Digitized by srujanika@gmail.com

କବିତା——

# ଜୁଜୁ-ମା

ଲେଖକ:—ଶ୍ରୀ——

ଜୁଜୁମା ଜୁଜୁମା ତୁମ୍ଭ ପଢ଼ୁଅଛ
 ଜାଣିଛ କେହୁ ତା' ନାଆଁ ?
ମୁଁ କହୁଛି ସେ ତ "ଜୁଜୁ-ମା" ନୁହଇ
 "ଜଜୁ-ମା" ଜଜ୍ରଙ୍କ ମାଆ ।
'ଗଙ୍ଗା ଟେଜତମ' ସଭିଏଁ କହନ୍ତି
 "ଓଡ଼ିଆସେ ଦାତା ନେହିଁ",
ହରିଶ୍ଚନ୍ଦ୍ର ରାଜା, ଓଡ଼ିଆ ଥିଲେଟି !
 ସେକଥା ଜାଣିଛ କେହୁ ?
ନିଜ ଦାତା ପଣ ଦେଖାଇ ହବାକୁ
 ,ଦେଲେ ସେ ଭାର୍ଯ୍ୟା, ପୁଅ,
ଭୂମେରେ ଓଡ଼ିଆ ହମ୍ବାଲ ହେଉଛି
 ତାଙ୍କ ମୁଅ ନାତି ନୁହଁ ?
ଗୋରୁ ଦାନ କରି, ମଇଁଷି କଟରା
 ଦେଇଥିଲ କାଳମାଟି,
ସେଥିଯୋଗୁଁ ଅଛି ମୁଣ୍ଡ କଟା ହୋଇ
 ପାକୁ ଘାକୁ କର ପାଟି ।
ଯେ ଯାହା ମାଗିଛି, ତାକୁ ଦେଇଅଛ
 ଦେଖାଇଛ ବଶୁ-ପ୍ରୀତି
ଆପଣାଠୁଁ ପର—ପଡ଼ୋଶୀକୁ ପ୍ରେମ
 କରିବା ଓଡ଼ିଆ ରୀତି ।
ଓଡ଼ିଶା ଦେଶରୁ ଏହୁ ନୀତିଟାକୁ
 ଶିଖିଥିଲେ ଯୀଶୁଖ୍ରୀଷ୍ଟ,
ଓଡ଼ିଆ ଠାକୁର 'ଜଗନ୍ନାଥେ' ହେଲେ
 ହେଥିପାଇଁ ତୁମ ଇଷ୍ଟ ।
ଅନ୍ନଦାନ କରି, ସେହି ପୁଣ୍ୟ ବଳେ
 ବଞ୍ଚିବ ଓଡ଼ିଆ ଜାତି,
ଉପାସରେ ମରୁ ପଛକେ, ରହିବ
 ଯୁଗେ ଯୁଗେ ତାର ଖ୍ୟାତି ।
ଆପଣା ମାଆକୁ ପରକୁ ଦେଇଛ
 "ଜଙ୍ଗଲ୍ ବାଆଁ ବାଆଁ",
ଏତେ କଥାଟାଏ କରି ନଥିଲେ କି
 ଅରଜନ୍ତୁ ଏତେ ନାଆଁ !
ଅନ୍ଧ ହେଲୁକରେ ଓଡ଼ିଆ, ଏପାଇଁ
 ଓଜର କରୁଛୁ ଆଜି,
ଜାଣିଛୁନା ! ଏହା ମୁହଁରେ ଧରିଲେ
 ରହିବକି ପୁଣ୍ୟ ଭଜି ?
ଭଲେ ତୁ ଜାଣିଛୁ ଅଟଇ ଓଡ଼ିଶା
 ପୂର୍ବ ବଇଷିମ ଦେଶ,
ସବୁ ଦେଇ ସାରି, ଭିକ ମାଗିବାଟା
 ତୋହର ଧରମ ଶେଷ ।
"ଜୁଜୁମା, ଜୁଜୁମା" ବୋଲି ତୁ ବୋବାଳି
 ବାକୁଲ ହେଉଛୁ କିଆଁ,
ମୁଣ୍ଡ ତ ଯାଇଛି—ଗୋଡ଼ କଟିଗଲେ
 ଗଣ୍ଡିରେ ମାରିବୁ ଡିଆଁ !

---

( ପୂର୍ବପୃଷ୍ଠା ଶେଷରୁ )

ଅଳଙ୍କାର ଶାସ୍ତ୍ରର କର୍ତ୍ତା ବିଶ୍ୱନାଥଙ୍କ ସାହିତ୍ୟ ଦର୍ପଣ ପରି ଭାରତର ସବୁଠି ଓ ୟୁରୋପରେ କି ପଢ଼ାହୁଏ ? ଅଳଙ୍କାର ଶାସ୍ତ୍ରର କର୍ତ୍ତା ପରି ଓଡ଼ିଆ ! ପୁଣି ଆମରି ଛାନ୍ଦ ବନ୍ଧ ପୃଥିବୀର ଅନ୍ୟ କେଉଁଠି ଦୃଷ୍ଟ ହୁଏନା ? ଆମର ରାଗ ରାଗିଣୀ, ନୃତ୍ୟ, ତାନର ଅନ୍ତ ନାହିଁ । ଏହି ଛନ୍ଦ, ରାଗ ରାଗିଣୀ ଭଙ୍ଗି କରି ଛନ୍ଦଶାଳୀ ଓଡ଼ିଆ କବି ଯେ ଗୀତି ଓଡ଼ିଆ lyric ବା ଗୀତିକା ଲେଖି ପାରନ୍ତେ ନାହିଁ । କବିର ଗଭୀର ଚେଷ୍ଟା, ଅସୀମ କଳ୍ପନାଶକ୍ତି ଓ ଅପରିମେୟ ସୌନ୍ଦର୍ଯ୍ୟ-ବୋଧ ଓ ତତ୍ତ୍ୱରେ ଅଭିଜ୍ଞ ରସବୋଧ ନ ଥିଲେ ଏ ସବୁ ଚେଷ୍ଟା ସମ୍ଭବ ନୁହେଁ । ଆମ ଜାତିର ମନ ଯେ ପତିତ ହୋଇ ପଥର ଭଳି ଥଣ୍ଡା ଓ ମୃତ ରହିଛି । ତହିଁରେ ସ୍ପନ୍ଦନ ବା ଚେତନା ନାହିଁ, ଏହା କଣ ପ୍ରମାଣ ସାପେକ୍ଷ ? ଇଂରେଜ ଛନ୍ଦ ଓ କବିତାର ତର୍ଜମା ବା ବଙ୍ଗଳାର ତର୍ଜମା ହୁଏତାହୁ କେହି ନ ଜାଣିଲେ ମଧ୍ୟ ତାହା ଭିତରେ ବଙ୍ଗାଳୀୟତାର ଘନ ଏତେ ବାହି ହୋଇ ପଡ଼େ ଯେ ତାହାର ବାସନା ଲୋଚାଏ ପୁଷ୍ପ ବି ରହିବ ନାହିଁ । ଏକଥା ଆମେ ମନେ ରଖିବା ଉଚିତ । × + + +

**ଉପନ୍ୟାସ ଗୋଟା ଗୋଟା ନ୍ୟାୟ ଶୀଘ୍ର ଉପରେ ଛବି** ଫୁଟନ୍ତି ଭଳି ଆମ ଦେଶରେ ଏବେ ଫୁଟି ପଡ଼ୁଛି । କଳେବର ବୃଦ୍ଧି ବା କଥା ବୃଦ୍ଧିରେ ସମାଜ ବା ଦେଶ ସଂସ୍କାର ହୁଏ । ଅର୍ଥ ହୁଏନାହିଁ ଏକଥା ଆମର ଲେଖକମାନେ ମନେ ରଖନ୍ତି ନାହିଁ ବୋଲି Production ସଂଖ୍ୟାରେହିଁ ବଢ଼େଇ କରନ୍ତି । ଯାହାହେଉ ଆଉ ଏକ କଥା ଆଜିକି mass litrature ବା ଗଣସାହିତ୍ୟ ନାଁରେ—"ଅଟଳ ମୁକୁଟ ଶୋଇବା—ତୁ ତ ମୁକୁଟ ମୁଁ ତ ମୁକୁଟ କେଁସ ବାହିଁ ପାଇଁ ଧୋଇବା ।" ଏଇ ଶ୍ରେଣୀର ଲଗତମାଳୀ ଓ ଭାଷା ଯୋଗିତ ଏବଂ ଜଣାନ ଭାଜକ ଥଟାରେ ଅଶ୍ଳୀଳ ଶବ୍ଦର ବ୍ୟବହାର କରିବା, ମଶାଣୀରେ, ପୋଖରୀ କୂଳରେ 'ଚନ୍ଦ୍ରା', 'ନାକୀ', 'ମୁନୀ'ଙ୍କ ମୁହଁରେ କର୍ତ୍ତୃତ୍ୱ ଚରିତ୍ର ନାଟକର ବଟେଇବାକୁ ଦେଇ ପୁଣି ଦେଇ କହାଇବା । ଏ ଜାତିର ଦାଗର ମେଟାଇବାର ଅବଳ ଅସାର୍ଥକ ଚେଷ୍ଟା ପୁଣି ଅସ୍ୱାଭାବିକ ପରିସ୍ଥିତି ଓ ଅସ୍ୱାଭାବିକ ଚରିତ୍ର ଦେଶ ଅପର ହସ୍ତରେ ଘଟାଇ ପ୍ରୟାସ କରି ଓଡ଼ିଆର ଅଧା ମୂର୍ଖାମି ଓ ପୁରୁଷ ଭୀରୁତା ଦେଖାଇ ପାରିଯାଆ କରିବାର ପ୍ରବୃତ୍ତି । ଏ ସମୟରେ ଆମ ପ୍ରାଚୀନ ଗଦ୍ୟାଦର୍ଶକୁ ନ ଦେଖି ସ୍ୱାଧୀନ ଭାବରେ ଅଧିକ ପରିସ୍ଥିତି ଓ ତାହା ପଃ କୁମିବା ଆମ ଔପନ୍ୟାସିକ ଛାପର କରିବାର ଅତି ଅବଶ୍ୟକ ଅଟେ ।

Digitized by srujanika@gmail.com

# ଗୋଳମାଳିଆ କଥା

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ

ଆଜକାଲି କେତେଗୁଡ଼ିଏ କଥା ବାହାରିଛି ଯାହାର କ ଅର୍ଥ ଠିକ୍ ବୁଝି ହୁଏନାହିଁ । ସୋସିଏଲିଷ୍ଟ କିଏ, ଆଉ କମ୍ୟୁନିଷ୍ଟ କିଏ ? ଏକଥା ବୁଝିବା ବାଟରେ ପାଠ । ଅଥଚ ଅଧିକାଂଶ ଏ ବିଷୟରେ ଚୂପ ରହିଛନ୍ତି ।

କମ୍ୟୁନିଷ୍ଟ ବିଦ୍ରୋହ ଚାହେଁ । ସେ ବିଦ୍ରୋହ ରକ୍ତ ନଦୀର ବିଦ୍ରୋହ । ସେ ଯୁଦ୍ଧ ଚାହେଁ, ମାରପିଟ ଚାହେଁ । ସେ କହେ, ବିନା ମାରପିଟରେ "ପ୍ରୋଲିଟେରିଏଟ୍" (Proletariat) ବା ଶ୍ରମିକ, ଖାଣ୍ଟି ଶ୍ରମିକ ହାତକୁ କ୍ଷମତା ଆସିବ ନାହିଁ ।

ସୋସିଏଲିଷ୍ଟ ଏହିଠାରେ ନା କରେ । ସେ କହେ ନା; ମାରପିଟ୍ ଯୁଦ୍ଧ ନ କରି ଆସ୍ତେ ଆସ୍ତେ ସମସ୍ତ କ୍ଷମତା ଜନସାଧାରଣ ହାତକୁ ଆସିଯିବ ଅର୍ଥାତ୍ ଷ୍ଟେଟ ହାତକୁ ଆସିଯିବ । ଜନ ସାଧାରଣ କହିଲେ ଶ୍ରେଣୀ ବିଭାଗ ନାହିଁ । ଧନିକ ଶ୍ରମିକ ଭେଦ ନାହିଁ । ଯଥା—ରେଳୱେ, ଟେଲିଫୋନ, ଟେଲିଗ୍ରାଫ, ଜାହାଜ କାରଖାନା, ମୋଟର କାରଖାନା, ଲୁହା କାରଖାନା—ଏ ସବୁକୁ "ସୋସିଏଲାଇଜ୍" ବା ସମାଜଗତ ବା ସମଷ୍ଟିର ସଂପତ୍ତି କରିଦେବ । ସୁତରାଂ ବିଦ୍ରୋହର ପ୍ରୟୋଜନ ନାହିଁ—ଯେଉଁ ବିଦ୍ରୋହରେ କି ରକ୍ତପାତ, ଯୁଦ୍ଧ ହେବ । ରକ୍ତହୀନ ବିଦ୍ରୋହ ହୋଇପାରେ କିମ୍ବା ଫେବିୟାନ୍ ସୋସିଏଲିଷ୍ଟ ଭଳିଆ କ୍ରମେ କ୍ରମେ ହେଉଁ ହେଉଁ ହୋଇଯିବ ହୋଇପାରେ ।

ମୁଁ ବୁଝିପାରେ ନାହିଁ "ଫେସିଜମ୍" ବୋଲି ଆଜ ଯାହାକୁ ନିନ୍ଦା କରାଯାଉଛି ତାହାର ଭିତରେ ତ "କମ୍ୟୁନିଜମ୍" "ନାଜିଜମ୍" ମଧ୍ୟ ଲୁଚିଅଛି । ଇଟାଲି, ଜର୍ମାନୀ, ରୁସିଆ, ଜାପାନ ସବୁ ଏକ ଗୋଷ୍ଠୀର ଲୋକ ମନେହୁଏ । କେବଳ ତାରତମ୍ୟ ଏପ୍ଲିକେସନ (application) ବା ବିନିଯୋଗରେ । କମ୍ୟୁନିଜମ୍‌ର ଲକ୍ଷ୍ୟହିଁ ପ୍ରଧାନ କଥା । ସେହି ଲକ୍ଷ୍ୟକୁ ପାଇବାକୁ ହେଲେ ଉପାୟ ଯାହା ଯେପରି ଦରକାର ହେବ ପ୍ରୟୋଗ କରିବାରେ ଆପତ୍ତି ନାହିଁ । କିନ୍ତୁ ନୈତିକ ଦିଗରୁ ଏହା ଘୋର ଆପତ୍ତିଜନକ ନୁହେଁ କି ? ନୈତିକ ବୋଲି ଗୋଟିଏ ଜିନିଷ ନାହିଁ ବୋଲି ହୁଏତ "କମ୍ୟୁନିଷ୍ଟ" କହିବେ ମାତ୍ର ତାହା ଅଗ୍ରାହ୍ୟ । ଅଧ୍ୟାତ୍ମିକତାକୁ ଏକାବେଳକେ ଏଡ଼ି ଦେବା, ତୁଚ୍ଛ କରିବା ମସ୍ତବଡ଼ ମିଥ୍ୟା ।

ଯାହାହେଉ ଆଜିର ରୁଷିଆ ହେଉଛି U. S. S. R. ଅର୍ଥାତ୍ ୟୁନିୟନ ଅଫ୍ ସୋସିଏଲିଷ୍ଟ ସୋଭିଏଟ୍ ରୁଷିଆ । ଏହା ସୋସିଏଲିଷ୍ଟ । ଏହା କମ୍ୟୁନିଷ୍ଟ ବୋଲି କୁହାଯାଉ ନାହିଁ । ତେବେ ଲକ୍ଷ୍ୟ ପଥରେ ଗତି କରୁଁ କରୁଁ ଭାରତ ଯେପରି ମତଭ୍ରଷ୍ଟ ଗତିଭ୍ରଷ୍ଟ ହେଉଛି—କାହିଁ ତାହାର ଅହିଂସା ? ସୋସିଏଲିଷ୍ଟ ସୋଭିଏଟ୍ ରୁଷିଆ ମଧ୍ୟ ସେହିପରି ମହାଯୁଦ୍ଧରେ ଲଢ଼ିଛି । ଅଥଚ ଦେଖିବାକୁ ଗଲେ ମୂଳତଃ "ଗାନ୍ଧି" ଏବଂ "ସୋସିଏଲିଷ୍ଟ" ଦୁହେଁ "ପ୍ୟାସିଫିଷ୍ଟ" ବା ଶାନ୍ତିବାଦୀ ଏବଂ ରକ୍ତଯୁଦ୍ଧ ବିରୋଧୀ ।

ଧୂର୍ତ୍ତ ଜର୍ମାନର "ନାଜିଜମ୍" ବା "ନ୍ୟାସନେଲ ସୋସିଏଲିଜମ୍" National Socialism) ଏକ ଅଦ୍ଭୁତ ସୋସିଏଲିଜମ୍ ବା ସମାଜତନ୍ତ୍ର ବାଦ । ଯୀଶୁଖ୍ରୀଷ୍ଟ ଜଣେ 'ସୋସିଏଲିଷ୍ଟ" ବା ସମାଜବାଦୀ କିନ୍ତୁ ତାଙ୍କର ସମାଜବାଦରେ ରକ୍ତ ନାହିଁ, ହିଂସା ନାହିଁ । ଗାନ୍ଧୀ ମଧ୍ୟ ଜଣେ "ସୋସିଏଲିଷ୍ଟ" ବା ସମାଜବାଦୀ ଏବଂ ତାଙ୍କର ସମାଜବାଦରେ ମଧ୍ୟ ରକ୍ତପାତର କଥା ନାହିଁ, ହିଂସା ନାହିଁ । କିନ୍ତୁ ଗାନ୍ଧୀ ମଧ୍ୟ ଭାରତର ସ୍ୱାଧୀନତା ଲାଭ ପାଇଁ ଅହିଂସାକୁ ମୂଳ କରି କେତେବେଳେ କଣ କହୁଛନ୍ତି ତ ବୁଝା ଯାଉନାହିଁ । ସମଗ୍ର ଜାତି ଯଦି armed ବା ସଶସ୍ତ୍ର ହେବାକୁ ଚାହେଁ ତାହାହେଲେ ସେଥିରେ ନା କରି ପାରୁ ନାହାନ୍ତି । ସ୍ୱରାଜ ପାଇଁ ସେ ବ୍ୟସ୍ତ । ସେଥିପାଇଁ ସେ ସମୟ ସମୟରେ କହି ପକାଉଛନ୍ତି—"ହିଂସା ବା ଅହିଂସା, କିନ୍ତୁ ଭୀରୁତା ଅତି ଘୃଣ୍ୟ ! ମୁଁ ଲୋକଙ୍କୁ ଭୀରୁ ହେବାକୁ ଚାହେଁନାହିଁ । ଅହିଂସା ଭାବରେ ସାହସୀ ନ ହୋଇ ପାରନ୍ତେ, ହିଂସା ପ୍ରଣୋଦିତ ହୋଇ ସାହସୀ ଏବେ ହୁଅନ୍ତୁ । ଆଉ ଉପାୟାନ୍ତର କଣ ? କିନ୍ତୁ ଭୀରୁ ହୁଅନାହିଁ ।"

ଏ ସବୁ ବଡ଼ ଗୋଳମାଳିଆ କଥା । ସବୁ ଠିକ୍ ଠିକ୍ ବୁଝି ହୁଏ ନାହିଁ ।


---

## କୁଟୁକୁଟୁ

ଜଣେ ପ୍ରଧାନ ସେନାପତି ଯୁଦ୍ଧରେ ଜୟୀ ହୋଇ ନିର୍ମମ ଭାବରେ ହତ୍ୟା କରିବାକୁ ଲାଗିଲେ, ତାଙ୍କର ସେନା ନାୟକମାନେ ଆସି କହିଲେ "ଆପଣ ଏ ଅଯଥା ରକ୍ତପାତ କମାନ୍ତୁ ଏ ବଡ଼ ଅନ୍ୟାୟ ହେଉଛି !

ତହିଁ ଅରଦ୍ଧନ ସେନାପତି ତାଙ୍କ ସେନା ନାୟକମାନଙ୍କୁ ଡାକି କହିଲେ "ମୁଁ ତମମାନଙ୍କ କଥା ରକ୍ଷା କରୁଛି—ଆଉ ରକ୍ତପାତ କରିନାହୁଁ ଆଜି ୧୦ଟି ଜୀଅନ୍ତା ମଣିଷ ମାଟିରେ ପୋତି ପକାଉଛୁ ।

Digitized by srujanika@gmail.com




## ନାଗଙ୍କ କଲମରୁ

ସ୍ନେହର ଭାଇ ଓ ଭଉଣୀ ମାନେ !

ନମସ୍କାର । ସେ ଦିନ ଶ୍ରୀମତୀ ବିଜୟ ଲକ୍ଷ୍ମୀ ପଣ୍ଡିତ ମ୍ଯାକ୍ମିଲାନ୍ କଲେଜରେ ବର୍ତ୍ତମାନ ଯୁଗର ଶିକ୍ଷା ଓ ଛାତ୍ର ଛାତ୍ରୀ ମାନଙ୍କର କର୍ତ୍ତବ୍ୟ ବିଷୟରେ ଯେଉଁ କେତୋଟି କଥା କହିଥିଲେ ତାର ଉପାଦେୟତା ଦୃଷ୍ଟିରୁ ସେଥିରେ ଗୋଟିଏ ମାଳଗୁନ୍ଥି ତୁମମାନଙ୍କୁ ଉପହାର ଦେବାକୁ ମୁଁ ଦୁଃସାହସ କରୁଛି । ଗ୍ରହଣ କଲେ ସୁଖୀ ହେବ ।

ଶ୍ରୀମତୀ ବିଜୟ ଲକ୍ଷ୍ମୀ ପଣ୍ଡିତ କହିଲେ "ବର୍ତ୍ତମାନର ଧ୍ୱଂସ ଉପରେ ନୂତନ ପୃଥିବୀ ଗଢ଼ିବା ପାଇଁ ଅନ୍ୟାନ୍ୟ ଦେଶ ମାନଙ୍କର ପରି ଭାରତ ଆଗରେ ଗୋଟାଏ ବଡ଼ କର୍ତ୍ତବ୍ୟ ପଡ଼ି ରହିଛି । କିନ୍ତୁ ଯେଉଁ ଦେଶର ଅଧିବାସୀମାନେ ନିଜେ ସ୍ୱାଧୀନ ନୁହନ୍ତି ସେମାନେ ଅନ୍ୟମାନଙ୍କ ପାଇଁ ଯେ କ'ଣ କରିପାରିବେ ତାହା ଭାବିବାର କଥା । ସେଥିପାଇଁ ଯେଉଁ ସତ୍ୟାଗ୍ରହୀମାନେ 'Down with Facism' ବୋଲି ଚିତ୍କାର କରିଥିଲେ ସେମାନେ ବର୍ତ୍ତମାନ ଜେଲ କୋଣରେ ସଢ଼ୁଛନ୍ତି ଅଥଚ ଯେଉଁମାନେ ଜାପାନର ବଡ଼େଇ କରୁଥିଲେ ସେମାନେ ଅତି ସମ୍ମାନର ସହିତ ଆସନରେ ।

ଶିକ୍ଷାରେ ଉଦ୍ଦେଶ୍ୟ:—ଭାରତର ଅତୀତ ଇତିହାସ ବିଷାଦପୂର୍ଣ୍ଣ ( Full of tragedies ) କିନ୍ତୁ ବର୍ତ୍ତମାନ ସେ ଯେଉଁ ବିପଦ ପୂର୍ଣ୍ଣ ଯୁଗଭିତରେ ପାଦ ପକାଇ ଚାଲିଛି ସେପରି କେବେ ତ ଭାଗ୍ୟରେ ଘଟି ନ ଥିଲା । ସେଥିପାଇଁ ଦେଶର ପ୍ରାଣ ବାଳକ ବା ବାଳିକା, ଯାହାଙ୍କ ଉପରେ ଭବିଷ୍ୟତ ନିର୍ଭର କରେ, ବୁଝନ୍ତୁ ଯେ ଯେଉଁ ସବୁ ସମସ୍ୟାର ସେମାନେ ସମ୍ମୁଖୀନ ହେବାକୁ ଯାଉଛନ୍ତି ତାହା କିପରି ସମାଧାନ କରାଯିବ ଓ ଯୁଦ୍ଧ ଯୋଗୁଁ ବର୍ତ୍ତମାନ ଯୁଗର ଭଗ୍ନାବଶେଷରୁ କିପରି ନୂତନ ପୃଥିବୀ ଗଢ଼ା ଯିବ । ଭାରତର ଅତୀତ ଯୁଗର ଛାତ୍ର ଛାତ୍ରୀମାନେ ନୂତନ ଧରଣରେ ନୂତନ ପୃଥିବୀ ଗଢ଼ିବାର କଳ୍ପନା କରି ନଥିଲେ । ସେମାନଙ୍କର ଆତ୍ମରକ୍ଷଣର ଜ୍ଞାନ ଥିଲା (Sense of security) । ଯେଉଁ ପରିବର୍ତ୍ତନର ଚିନ୍ତାଧାରା ସେମାନେ କଳ୍ପନା କରିଥିଲେ ସେ ଗୁଡ଼ିକ ବର୍ତ୍ତମାନ ଯୁଗର ସମସ୍ୟା ତୁଳନାରେ ଅତି ଅଳ୍ପ ଆୟାସ ସାପେକ୍ଷ ଥିଲା ! ସେଥିପାଇଁ ସେମାନେ ଯେଉଁ ଶିକ୍ଷା ପାଉଥିଲେ ସେ ଶିକ୍ଷା ସେମାନଙ୍କୁ କେବଳ ନିଜ ଦଳ ଭିତରେ "ରକ୍ଷଣ" କରିପାରୁଥିଲା । କିନ୍ତୁ ବର୍ତ୍ତମାନ ପରି ସମଗ୍ର ବିଶ୍ୱର ଅର୍ଥନୈତିକ ବିଷୟ ଭାବିବାକୁ ହେଉ ନ ଥିଲା । ବର୍ତ୍ତମାନ ପୃଥିବୀ ଶିଖିଲାଣି ଯେ ସେ ପ୍ରକାର ଆତ୍ମରକ୍ଷଣଗତ ଶିକ୍ଷା କେବଳ ଧୂମସମ୍ଭ । ସେଥିପାଇଁ ଭାରତୀୟ ଛାତ୍ରମାନଙ୍କ ପାଇଁ ଯେଉଁ ଶିକ୍ଷା ଆବଶ୍ୟକ ତାହା ମୁଁ ( ବିଜୟ ଲକ୍ଷ୍ମୀ ପଣ୍ଡିତ ) ଯେଉଁ ସମୟରେ ସ୍କୁଲରେ ଛାତ୍ରୀ ଥିଲି ଏବଂ ଯେଉଁ ଶିକ୍ଷା ଯଥେଷ୍ଟ ବୋଲି ସେତେବେଳେ ବିବେଚିତ ହେଉଥିଲା ତାହାଠାରୁ ସମ୍ପୂର୍ଣ୍ଣ ପୃଥକ । ଆଜି ଯଦି ବାଳକ ବାଳିକା ଉଭୟ ଜାତୀୟ ଜୀବନର ପ୍ରତ୍ୟେକ ସ୍ତରରେ କାନ୍ଧକୁ କାନ୍ଧ ମିଳାଇ ଅଗ୍ରସର ନ ହୁଅନ୍ତି ତାହାହେଲେ ଭବିଷ୍ୟତ ଭାରତର ସ୍ୱରୂପ କଳ୍ପନା କରି ହେବ ନାହିଁ । ମୁଁ ବିଶ୍ୱାସ କରୁଛି ସେଥିପାଇଁ କେବଳ ଭାରତ ଗତ ଯୁଗମାନଙ୍କରେ ଇଚ୍ଛାନୁରୂପ ଅଗ୍ରସର ହୋଇ ପାରିନାହିଁ, କେବଳ ଆମ୍ଭମାନଙ୍କର ବାଳକ ବାଳିକା ମାନେ ଯୁଦ୍ଧ ସେତେ ଆଗରେ ପାଟିକୁ ପାଶୋରି ଛିଡ଼ା ହୋଇ ପାରିନାହାନ୍ତି ବୋଲି ।

Digitized by srujanika@gmail.com

ବାଳକା ମାନଙ୍କର ଶିକ୍ଷା:—ଦେଶର ବାଳକା ମାନଙ୍କର ଶିକ୍ଷା ଦୁଇ ପ୍ରକାର ହେବା ଉଚିତ। ପ୍ରଥମତଃ ସେମାନେ ନିଜ ଘରଟିକୁ ସୁଖ ଶାନ୍ତିମୟ ସ୍ୱାଧୀନତାର ଗୋଟିଏ ଗୋଟିଏ ମନ୍ଦିର କରି ଗଢ଼ି ଉଠାଇବେ। ପୁଣି ତାହାର ଭିତରୁ ଗୋଟିଏ ଗୋଟିଏ ଲଢ଼ୁଆ ସୈନ୍ୟ ଗଢ଼ି ସ୍ୱାଧୀନତାର ସମ୍ମୁଖ ଯୁଦ୍ଧ କ୍ଷେତ୍ରକୁ ପଠାଇବେ। ଦ୍ୱିତୀୟତଃ ସେମାନେ ଘର କୋଣରେ ଅନ୍ଧାର ଭିତରେ ନ ସଡ଼ି ବାହାରର ଆଲୋକକୁ ଆସିବେ ଏବଂ ଦେଶ କାମରେ ପୁରୁଷ-ମାନଙ୍କୁ ସାହାଯ୍ୟ କରିବେ। କଂଗ୍ରେସ ଗୋଟିଏ ନିୟମ ଗଢ଼ିଛି ଯେ ସ୍ତ୍ରୀ ଲୋକ ବୋଲି ଅବହେଳା ନ କରି ସେମାନଙ୍କୁ ସବୁ କର୍ମ କ୍ଷେତ୍ରରେ ସୁବିଧା ଦିଆଯିବ। ଏହି ସୁବିଧା ଯୋଗୁହିଁ କେବଳ ମୁଁ ଯୁକ୍ତ ପ୍ରଦେଶର ମନ୍ତ୍ରୀ ପଦ ପାଇଥିଲି।

ପୁଣି ତୁମମାନଙ୍କ ମନରେ ମୋ ଠାରୁ ବର୍ତ୍ତମାନ ଭାରତର ସମସ୍ୟା ବିଷୟରେ କିଛି ଶୁଣିବାକୁ ସ୍ୱତଃ ଆଗ୍ରହ ଜାତ ହେଉଥିବ। ମୁଁ କହେଁ କୌଣସି ଘଟଣା ସମ୍ବନ୍ଧରେ ଜାଣିବା ଯେଉଁ ଲୋକ ଆଗରୁ ଦେଖିଛି ସେ ଆଗକୁ ଯାଉଛି ତାହା ଲକ୍ଷ୍ୟ କରିବା ଦରକାର। ସମସ୍ତ ସମୟରେ ମଧ୍ୟ ସେଗୁଡ଼ିକ ତଳ ଉପର କରି ଖେଳେଇ ଦେଖିବା ଦରକାର। ଯୁଦ୍ଧ ପରେ କ'ଣ ହେବ ସେ ବିଷୟରେ ଅନେକ ଲୋକ ଯୁକ୍ତି ତର୍କ କରୁଛନ୍ତି। ସେମାନଙ୍କ କଥାରୁ ମୁଁ ବୁଝିଛି ଯେ "ଯୁଦ୍ଧ ପର ସଂସ୍କୃତି" (Post war Reconstruction) ର ଅର୍ଥ ବୁଝିବା ସେମାନେ ଜାଣନ୍ତି ନାହିଁ। ସେମାନେ ଇଉରୋପକୁ ମୂଳକରି ସମଗ୍ର ପୃଥିବୀର ଯେ ଭବିଷ୍ୟତ କଣ ତାହା ସ୍ଥିର କରୁଥିଲେ। ସେଥିରେ ଭାରତ କଥା ମଧ୍ୟ ଉଠୁଥିଲା। କିନ୍ତୁ ଏହି ସବୁ କଥା ଅର୍ଥ ଶୂନ୍ୟ ଏବଂ ଭୁଲ ଧାରଣା ଉପରେ ପ୍ରତିଷ୍ଠିତ। କାରଣ ସେମାନେ ପୁରାତନ ପୃଥିବୀର ଗଠନ ନୂତନ ଆକାରରେ ପର କଳ୍ପନା କରୁଥିଲେ। ଯଦି ପ୍ରକୃତରେ ନୂତନ ପୃଥିବୀ ଗଢ଼ାଯାଏ ତେବେ ପୁରାତନ ପୃଥିବୀର ଗନ୍ଧ ମଧ୍ୟ ସେଠାରେ ରହିବ ନାହିଁ। ଯଦି ପୁରାତନ ଧାରଣା ଉପରେ ନୂତନ ପୃଥିବୀ ଗଢ଼ାଯାଏ ତେବେ ବର୍ତ୍ତମାନ ତାର ଯେପରି ଧ୍ୱଂସ ହେଉଛି ଠିକ୍ ସେହିପରି ତାର ପୁନଃ ପାତ ହେବ। ସୁତରାଂ ନୂତନ ପୃଥିବୀ ଗଢ଼ିବା ପାଇଁ, ନୂତନ ଆଲୋକ, ନୂତନ ଧାରଣା ଓ ନୂତନ ପନ୍ଥା ଦରକାର। ସେହି ନୂତନ ଗଠନରେ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଲୋକଙ୍କୁ ସ୍ୱାଧୀନତା ଦିଆଯିବ। ଭାରତୀୟ ଛାତ୍ରମାନେ ଜାତୀୟ ସଙ୍ଗୀତ ଗାଇବାରେ ପଟୁ। କିନ୍ତୁ ବର୍ତ୍ତମାନ ସେ ଯୁଗ ଯାଇଛି। ଖାଲି ଚିତ୍କାର କଲେ କିଛି ଫଳ ହେବ ନାହିଁ। ବର୍ତ୍ତମାନ ସେମାନଙ୍କୁ ସେହି ଜାତୀୟ ସଙ୍ଗୀତ-ଉଦ୍ଦେଶ୍ୟକୁ କାର୍ଯ୍ୟରେ ପରିଣତ କରିବାକୁ ହେବ। ଯଦି ଭାରତୀୟ ଛାତ୍ରମାନେ ତାହା କରିବାକୁ ସମର୍ଥ ହୋଇ ପାରନ୍ତି ତେବେ ନୂତନ ପୃଥିବୀ ପ୍ରକୃତରେ ଉଠି ଆସିବ। ଭାରତୀୟ ଛାତ୍ରମାନଙ୍କ ଉପରେ ଏବଂ ସେମାନଙ୍କର ଦେଶ ସେବାର ଇଚ୍ଛା ଉପରେ ମୋର ବିଶ୍ୱାସ ଅଛି କିନ୍ତୁ ଏହି ପଞ୍ଚାୟତନ୍ତ୍ର, ନ୍ୟାୟତନ୍ତ୍ର ଯାହାକିଛି ହେଉ ଯଦି ଛାତ୍ରମାନେ ତାକୁ କାର୍ଯ୍ୟରେ ପରିଣତ ନ କରନ୍ତି ତେବେ ତାର ମୂଲ୍ୟ କିଛି ନୁହେଁ। ଭାରତର ଭବିଷ୍ୟତ ଉଜ୍ଜ୍ୱଳମୟ ପୁଣି କଣ୍ଟକାକୀର୍ଣ୍ଣ। ଭାରତର ସମସ୍ୟା କେବଳ କେତେ ଶତ ଲୋକଙ୍କର ବା କେତେ ଶତ ଏକର ଭୂମିରେ ଆବଦ୍ଧ ନୁହେଁ। ଏହା ଗୋଟାଏ ମହାଦେଶ ପରି। ଆମ୍ଭେମାନେ ଦେଖୁଛୁଁ ଯେ ଅତୀତ ଯୁଗରେ ଭାରତ ଖୁବ୍ ବଡ଼ ବଡ଼ ସମସ୍ୟାର ସମ୍ମୁଖୀନ ହୋଇଛି ଓ ତାକୁ ସମାଧାନ କରିଛି। ଆମ୍ଭମାନଙ୍କର ଅତୀତ ଇତିହାସ ଗୌରବପୂର୍ଣ୍ଣ। ଏହି ଅତୀତ ଗୌରବକୁ ନେଇ ଆମ୍ଭେମାନେ ଗୋଟାଏ ନୂତନ ପୃଥିବୀ ଗଢ଼ିବୁଁ। ନୂତନ ପୃଥିବୀ ଗଢ଼ିବା ପାଇଁ ଶିକ୍ଷାକୁ ଗୋଟାଏ ପ୍ରକାର ପାହାଚ ବୋଲି ମନେ କରିବାକୁ ହେବ।

ଭାରତଠାରୁ ଶିକ୍ଷଣୀୟ ବିଷୟ:—ଭାରତଠାରୁ ଗୋଟାଏ ବଡ଼ ଶିକ୍ଷା ପୃଥିବୀର ପାଇବାକୁ ଅଛି। କିନ୍ତୁ ଆମ୍ଭେମାନେ ଆଜି ସ୍ୱାଧୀନ ନୋହୁଁ। ସେ ହେତୁ ପଛରେ ପଡ଼ି ରହିଛୁ। ସୁତରାଂ ଆମ୍ଭେମାନେ ଯେତେ ଚିତ୍କାର କଲେ ସୁଦ୍ଧା ଆମ ଚିତ୍କାର କେହି ଶୁଣି ପାରୁ-ନାହିଁ ଏବଂ ଏହା ମଧ୍ୟ ହେବାର କଥା। ଯେପର୍ଯ୍ୟନ୍ତ ଭାରତ ସ୍ୱାଧୀନ ନ ହୋଇଛି, ଯେପର୍ଯ୍ୟନ୍ତ ପାଶ୍ଚାତ୍ୟ ଦେଶମାନଙ୍କ ମନରେ ଭାରତଠାରୁ କିଛି ଶିଖିବାର ଧାରଣା ନ ଆସିଛି, ଯେପର୍ଯ୍ୟନ୍ତ ପ୍ରାଚ୍ୟ ପାଶ୍ଚାତ୍ୟ ଉଭୟ ଦେଶ ନୂତନ ପୃଥିବୀ ଗଢ଼ିବାକୁ ଏକସଙ୍ଗରେ

Digitized by srujanika@gmail.com

ନ ବାହାରନ୍ତି ସେପର୍ଯ୍ୟନ୍ତ ପାଶ୍ଚାତ୍ୟ ଦେଶ ପକ୍ଷରେ ନୂତନ ପୃଥିବୀ ଗଢ଼ିବା ଏକ ଅସମ୍ଭବ ମାତ୍ର । ଯେ ପର୍ଯ୍ୟନ୍ତ ଭାରତ ସ୍ୱାଧୀନ ନ ହୋଇଛି ସେ ପର୍ଯ୍ୟନ୍ତ ଅଖଣ୍ଡ ପୃଥିବୀ ଗଢ଼ିବା ଏକ କଳ୍ପନା କେବଳ । ଏଥିପାଇଁ ମୁଁ ଜାତୀୟ ଯୁଦ୍ଧରେ ନିଜକୁ ଏତେ ପରିମାଣରେ ବୁଡ଼ାଇ ରଖିଛି । ବିଶ୍ୱଜାତୀୟତାରେ ମୋର ପୂର୍ଣ୍ଣ ବିଶ୍ୱାସ ଅଛି । କାରଣ ଆଧୁନିକ ଯୁଗରେ କେବଳ ଜାତୀୟତା ( Nationalism ) ଦ୍ୱାରା ମଣିଷ ସଂକୀର୍ଣ୍ଣମନା ହୋଇଯାଏ । କିନ୍ତୁ ଯେଉଁ ଦେଶର ଲୋକେ ନିଜେ ସ୍ୱାଧୀନ ନୁହନ୍ତି ସେମାନେ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ପାରିବେ ନାହିଁ । ସେଥିପାଇଁ ମୁଁ ଯଦିଓ ବିଶ୍ୱଜାତୀୟତାରେ (Internationalism) ବିଶ୍ୱାସ କରେଁ, ମୁଁ ଚାହେଁ ତୁମେମାନେ ଜାତୀୟତାରେ ବିଶ୍ୱାସ କର । ଯେ ପର୍ଯ୍ୟନ୍ତ ଆମ୍ଭେମାନେ ସ୍ୱାଧୀନ ନୋହୁଁ ସେପର୍ଯ୍ୟନ୍ତ ଆମ୍ଭେମାନେ ସହଯୋଗିତା ଅଣା କରି ପାରିବା ନାହିଁ ଏବଂ ଆମ୍ଭମାନଙ୍କ ଭିତରେ ଯେଉଁ ସାରବସ୍ତୁ ଲୁଚି ରହିଛି ତାହା ଦୁନିଆକୁ ଦେଖାଇ ପାରିବା ନାହିଁ । ଯେପର୍ଯ୍ୟନ୍ତ ପୃଥିବୀର ଏକପଞ୍ଚମାଂଶ ଲୋକେ ସ୍ୱାଧୀନ ନୁହନ୍ତି ସେପର୍ଯ୍ୟନ୍ତ ଅଖଣ୍ଡ ପୃଥିବୀ ପ୍ରାଚ୍ୟ ପାଶ୍ଚାତ୍ୟ ଉଭୟ କ୍ଷେତ୍ରରେ ଗଢ଼ିବା ଅସମ୍ଭବ । ଭାରତର ସ୍ୱାଧୀନତା ଦ୍ୱାରାହିଁ ପୃଥିବୀର ସବୁ ଦେଶର ନିର୍ଯ୍ୟାତିତ ଜାତିମାନଙ୍କର ସ୍ୱାଧୀନତା ଆସିବ । ମୁଁ ଭାବୁଛି ଯେ ଭାରତର ପୃଥିବୀକୁ ଗୋଟାଏ ବଡ଼ ଦାନ ଦେବାକୁ ଅଛି ଏବଂ ନୂତନ ପୃଥିବୀ ଗଢ଼ିବାରେ ଭାରତର ସର୍ବାପେକ୍ଷା ଅଧିକ ଦାବୀ ଓ କାର୍ଯ୍ୟ ଅଛି ।”

ଶ୍ରୀମତୀ ସରସ୍ୱତୀ ଦେଈ ।

---

## ନୂଆ ନାଗବନ୍ଧୁଙ୍କ ନାମ

୪୩୭ । ଶ୍ରୀମାନ ରଘୁନାଥ ଦାସ, C/o ବାସୁଦେବ ଦାସ ( ଅଗ୍ରଜ ସହିତ ) Lobour bureau, Tisco, Jamshedpur । ୪୩୮ । ଶ୍ରୀମତୀ ମନୋରମା ଦେଈ, C/o ଶ୍ରୀ ହରି ମହାନ୍ତି, Vill—ଦୁର୍ଗାପୁର, ବେତନଟୀ, ମୟୂରଭଞ୍ଜ ଷ୍ଟେଟ । ୪୩୯ । ଶ୍ରୀ ଦେବେନ୍ଦ୍ର ନାଥ ପଟ୍ଟନାୟକ, (ଅଗ୍ରଜ) P. O, Rairangpur, Via— Tatanagar, Mayurbhanj State. । ୪୪୦ । ଶ୍ରୀ ସଦାଶିବ ବେହେରା Class XI. ମହାରାଜ ହାଇସ୍କୁଲ, ପୋ: ସୋନପୁର ରାଜ, ସୋନପୁର ଷ୍ଟେଟ । ୪୪୧ । ଶ୍ରୀ ଋଷିକେଶ ବର୍ମା, Class XI ମହାରାଜ ହାଇସ୍କୁଲ, ପୋ: ସୋନପୁର ରାଜ, ସୋନପୁର ଷ୍ଟେଟ । ୪୪୨ । ଶ୍ରୀ ଗିରିଧାରୀ ସାହୁ, ଗ୍ରା: କୁମାର ଟାଙ୍ଗା, ପୋ: ଅ: ଅଳ, ଜି: କଟକ । ୪୪୩ । ଶ୍ରୀ ବୈଷ୍ଣବ ଚରଣ ପଲେଇ, ଗ୍ରା: କୁମାର ଟାଙ୍ଗା, ପୋ: ଅ: ଅଳ, ଜି: କଟକ । ୪୪୪ । ଶ୍ରୀ ଚୈତନ୍ୟ ଚନ୍ଦ୍ର ମଲ୍ଲିକ, ଗ୍ରାମ—ରଘୁନାଥପୁର ପୋ: ଅ: ଚାନ୍ଦବାଲି ଜି: କଟକ । ୪୪୫ । ଶ୍ରୀ ଚିତ୍ତରଞ୍ଜନ ଦାସ, ( ଅଗ୍ରଜ ସହିତ ) C/o Sj. B. Das. M. L. A. (Central) Das Lane. P. O. Chandinichauk, Cuttack. । ୪୪୬ । ଶ୍ରୀ ନରେନ୍ଦ୍ର କୁମାର ମହାପାତ୍ର, (ଅଗ୍ରଜ ସହିତ) 63, East Hostel, R. College. P. O. Chauliagunj, Cuttack. । ୪୪୭ । କୁମାର ବ୍ରଜବିହାରୀ, 52. East Hostel. R. College. Cuttack. । ୪୪୮ । ଶ୍ରୀ ଜଗନ୍ନାଥ ଦୟାଳ, 52. East Hostel R. College. Cuttack. । ୪୪୯ । ଶ୍ରୀ ଶରତ ଚନ୍ଦ୍ର ରକ୍ଷିତ, 52. East Hostel. R. College, Cuttack. । ୪୫୦ । ଶ୍ରୀ ଜଗବନ୍ଧୁ ମିଶ୍ର, Class VIII. M. N. M. E. School. Patamundai, Cuttack.

(କ୍ରମଶଃ ବାହାରିବ)

### ନାଗବନ୍ଧୁ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ବାର୍ଷିକ ମୂଲ୍ୟ ୧୦ / ଆଜୀବନ ମୂଲ୍ୟ ୧୦୪ ର ଡାକ ଟିକଟ ପଠାଇଲି ।

ତୁମ ସ୍ନେହର ନାତି/ନାତୁଣୀ

ଶ୍ରୀ ________________

ଠିକଣା ________________

ତାରିଖ

( ସାଦା କାଗଜରେ ଏହାର ନକଲ କରି ପଠାଇଲେ ଚଳିବ )

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ଦ୍ୱାରା ନାନାପ୍ରକାର ଛିଦ୍ର ବା ବର୍ଣ୍ଣର ଚକ୍ତା, ହସ୍ତାଙ୍ଗର ଜ୍ୱାଳା ଶରୀରର ଅବସାଦ, ସୂଚିବିଦ୍ଧବତ୍ ବେଦନା, ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୧ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛିଦ୍ର ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ୫୨ଟଙ୍କା ମାତ୍ର ୫ ୨ ଟଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଗ୍ରଗଣ୍ୟ**

ଆଲମଗଞ୍ଜ ବଜାର, କଟକ

## କନକନା ସ୍ୱାସ୍ଥ୍ୟ ନିବାସ

କୁଷ୍ଠ ରୋଗୀଙ୍କ ସେବା ପାଇଁ କନକନାରେ ଏହି ସ୍ୱାସ୍ଥ୍ୟ ନିବାସ ଖୋଲା ହୋଇଅଛି । **ବଉରି** ରେଲ ଷ୍ଟେସନ ଠାରୁ ୭ ମାଇଲ ପଶ୍ଚିମକୁ କନକନା । ଏ ସ୍ଥାନରେ ରହିବାର ଏବଂ ଚିକିତ୍ସାର ବନ୍ଦୋବସ୍ତ ହୋଇଅଛି । ସ୍ୱାସ୍ଥ୍ୟପ୍ରଦ ସ୍ଥାନ । ନିମ୍ନ ଠିକଣାରେ ପତ୍ର ବ୍ୟବହାର କରନ୍ତୁ ।

**ଲକ୍ଷ୍ମୀନାରାୟଣ ସାହୁ**

ଭାରତ ସେବକ ସମିତି କଟକ ।

Printed & published by G. C. Mahapatra at the Gopinath Press, Bhadrak. 1944.

ବାର୍ଷିକ ତିନି ଟଙ୍କା ଆଠଅଣା     ରାଜସଂସ୍କରଣ ବାର୍ଷିକ ପାଞ୍ଚଟଙ୍କା

Digitized by srujanika@gmail.com

କାର୍ତ୍ତିକ ଦ୍ୱିତୀୟାର୍ଦ୍ଧ ଓ ମାର୍ଗଶୀର ପ୍ରଥମାର୍ଦ୍ଧ




Digitized by srujanika@gmail.com

REG. No. P. 441.

THE DAGARO—1. 11. 1944

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପଦ୍ଧତି ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବର୍ଣ୍ଣିତ ଚକ୍ତା, ହସ୍ତାଙ୍ଗୁଳି ଜ୍ୱାଳା ଶାରୀରିକ ଅବସାଦ, ସୂଚିବେଧବତ୍ ବେଦନା, ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ଜାଣି ପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫ ୮ ୧ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ବଡ଼ ଶିଶି ୫ ୨ଟଙ୍କା ମାତ୍ର ୫ ୧ଟଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ**

ଆଲମଗଞ୍ଜ ବଜାର, କଟକ

## କଳକଳା ସ୍ୱାସ୍ଥ୍ୟ ନିବାସ

କୁଷ୍ଠ ରୋଗୀଙ୍କ ସେବା ପାଇଁ କଳକଳାରେ ଏହି ସ୍ୱାସ୍ଥ୍ୟ ନିବାସ ଖୋଲା ହୋଇଅଛି । **ବଇରି** ରେଳ ଷ୍ଟେସନ ଠାରୁ ୭ ମାଇଲ ପଶ୍ଚିମକୁ ଜାଜିଙ୍ଗଳା । ସେଠାରେ ଚିକିତ୍ସାର ଏବଂ ରହିବାର ବନ୍ଦୋବସ୍ତ ହୋଇ ଅଛି । ସ୍ୱାସ୍ଥ୍ୟପ୍ରଦ ସ୍ଥାନ । ନିମ୍ନ ଠିକଣାରେ ପତ୍ର ବ୍ୟବହାର କରନ୍ତୁ ।

**ଲକ୍ଷ୍ମୀନାରାୟଣ ସାହୁ**

ଭାରତ ସେବକ ସମିତି କଟକ ।

Printed & published by G. C. Mahapatra at the Gopinath Press, Bhadrak. 1944.

ବାର୍ଷିକ ତିନି ଟଙ୍କା ଆଠଅଣା    ରାଜସଂସ୍କରଣ ବାର୍ଷିକ ପାଞ୍ଚଟଙ୍କା

Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାଇଓନିଅର କମର୍ସିଏଲ ବ୍ୟାଙ୍କ ଲି:—

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସ୍‌ମାନ**— ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ଯାତ୍ରାବାଡ଼ି, ଇଶ୍ୱରଦି, ଜୟନଗର, ମଜଲପୁର, ମୈମନସିଂହ

| **ନବପ୍ରତିଷ୍ଠିତ ଶାଖା – ଭଦ୍ରକ ।** |
|---|

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାଡ଼ି, ଗୋମୋ, ରଘୁନାଥପୁର, କାନପୁର ରୋଡ଼, ପାଟନା, (କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲ ଯାଉଛି)

ମ୍ୟାନେଜିଂ ଡାଇରେକ୍ଟର—

ନୂଆଦିଲ୍ଲୀ, ନାଗପୁର ।  **ସ୍ୱା—ପି. ଏନ୍: ରାୟ୍ ଚୌଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ଜମା ଦେଲେ—ବ ୪ର୍ଥ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ମିଳିବ ।

---

## 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜୀ ମାସର ତା ୧ ରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩ ୰ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କଠାରୁ ଖଣ୍ଡିଏ 'ଡଗର' ଦୁଇଅଣା ଦେଇ ପାଇପାରିବେ ।

୪ । 'ଡଗର' ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ, 'ଡଗର' ପୋଃ ଭଦ୍ରକ ( B. N: R. )"ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକଟିକଟ ନ ଥିଲେ କବିତା, ପ୍ରବନ୍ଧ ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

Digitized by srujanika@gmail.com

# ହୁକା ହୁକା ହୁଆ

## ( ବିଲୁଆ ବିଚାର )

କଲିକତାର 'ଦେଶ' ନାମକ ସାପ୍ତାହିକ ବଙ୍ଗଳା କାଗଜ, ଉତ୍କଳ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ସମ୍ଭବରେ ସିଂହ ସାହେବଙ୍କ ବକ୍ତୃତାର ଆଲୋଚନା କରିବାକୁ ଯାଇ ବଡ଼ ଦୁଃଖ କରିଛନ୍ତି କି— ସିଂହ ସାହେବ ଏତେ କଥା କହିଲେ ମାତ୍ର ଉତ୍କଳ ସଂସ୍କୃତିକୁ ବଙ୍ଗଳର କି ବିରାଟ ଅବଦାନ ରହିଛି କହିଲେ ନାହିଁ ।"

ଏହି ପ୍ରସଙ୍ଗରେ 'ଦେଶ' ଶ୍ରୀଚୈତନ୍ୟଙ୍କର ନାମୋଲ୍ଲେଖ କରିଛନ୍ତି ।

'ଦେଶ' ସମ୍ପାଦକ ଦେଶ ପ୍ରୀତିରେ ପଡ଼ି ଭୁଲିଗଲେ କି ଚୈତନ୍ୟ ଅର୍ଥାତ୍ ବିଶ୍ୱମ୍ଭର ମିଶ୍ରଙ୍କ ପ୍ରପିତାମହ ଯାଜପୁରରୁ ଉଠି ଯାଇ ଏହିପରି ସହସ୍ର ସହସ୍ର ଉତ୍କଳୀୟଙ୍କ ପରି ବଙ୍ଗରେ ଉପନିବେଶ ସ୍ଥାପନ କରିଥିଲେ । ଏହି ସବୁ ଓଡ଼ିଆଙ୍କର ଅବଦାନ ଫଳରେ ବଙ୍ଗର ସଭ୍ୟତା ।

\+ \+ \+

ଏହା ଛଡ଼ା ଚୈତନ୍ୟ ଦେବ ଓଡ଼ିଶାକୁ ନ ଆସି ବଙ୍ଗରେ ରହିଥିଲେ ଆଜି ଗୌଡ଼ୀୟ ବୈଷ୍ଣବ ଧର୍ମର ନାମ ମୁଦ୍ଧା କେହି ଜାଣି ନ ଥାନ୍ତା । ଏହା ତ ପ୍ରମାଣିତ କଥା । କଳିଙ୍ଗ ସଭ୍ୟତା ଦିନରେ ବଙ୍ଗ ଥିଲା ତିମିରେ । ଗଜପତି ଗୌଡ଼େଶ୍ୱରଙ୍କ ଅମଳରେ ବଙ୍ଗ ପଠାଣ ପଦାନତ । କେତେବେଳେ ସେ ବଙ୍ଗ ଓଡ଼ିଶାକୁ କଣ ଦେଲା ତାହା 'ଦେଶ'ଙ୍କୁ ଜଣା ।

ଆମେ କିନ୍ତୁ ଏତିକି ମାନୁଛୁଁ ଯେ ଇଂରେଜ ଅମଳରେ ବଙ୍ଗାଳି ବାବୁମାନେ ଆସି ବାଲିକଟା, ପଞ୍ଜାବି ଟିକା, ସନ୍ଦେଶ ରସଗୋଲା, କାଲିଆ, ଛେଚକି ଶିଖାଇଛନ୍ତି । ଓଡ଼ିଆ ସେ ଋଣ ପରିଶୋଧ କରିବାକୁ ପଛଉ ନାହାନ୍ତି । ଅନ୍ତତଃ ଓଡ଼ିଆ ଗୃହର—ପୂର୍ବାଞ୍ଚ ମୁସଲମାନ ଗଣ୍ଡୁ ବଙ୍ଗ ଦେଶରେ ରହି ପ୍ରଜା-ସଂଖ୍ୟା ବୃଦ୍ଧି କରିବାରେ ବଙ୍ଗାଳି ହିନ୍ଦୁଙ୍କୁ ସାହାଯ୍ୟ କରୁ ନାହାନ୍ତି କି ?

\+ × +

ପାଟନା ବିଶ୍ୱବିଦ୍ୟାଳୟ ଅମଳରେ 'ଓଡ଼ିଆ ସାହିତ୍ୟ' ଗୋଟିଏ ଅବଶ୍ୟ ପାଠ୍ୟ ବିଷୟ ଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟ ତାହା ଆଇ, ଏ, ବି, ଏ, ରୁ ଉଠାଇ ଦେଇଥିବାରୁ ଦେଶର ବହୁତ ଜାଣିବା ଶୁଣିବା ଲୋକେ ବ୍ୟଥିତ ହେବେଣି ଓ ସେ ବ୍ୟଥା ବଦନ ବ୍ୟାଦାନ ଦ୍ୱାରା ବ୍ୟାପ୍ତ କଲେଣି ।

ବଡ଼ ଦୁଃଖର କଥା—ସେମାନେ ଏତିକି ବୁଝୁ ନାହାନ୍ତି ଯେ ଓଡ଼ିଆଟା ଓଡ଼ିଆଙ୍କର ମାତୃଭାଷା—ମା ପେଟରୁ ଶିଖାଯାଏ । ତା ପାଇଁ ପଇସା ଓ ସମୟ ଅପଚୟ କରି ଶିଖିବା କି ଦରକାର ! ଆଉ କଲେଜ ପରେ ଏମ ମାଟ୍ରିକ ମାଇନର ପ୍ରଭୃତିରୁ ଉଠାଇ ଦେବା ବି ଉଚିତ । କେବଳ ପ୍ରାଇମେରିରେ ଅକ୍ଷରଟା ଚିହ୍ନିବା ମାତ୍ରେ ଭାଷାଟା ଆପେ ଆପେ ଗଜେଇ ଉଠିବ । ଯଦି ବଡ଼ ବଡ଼ ସାହିତ୍ୟ ଜାଣିବାକୁ ହୁଏ ତାହା ଘରେ ବସି ପଢ଼ି ହେବ । ଏ ସବୁ କଥା ଭଲ ଭାବେ ଚିନ୍ତା କରି ବାଣୀ ପୁତ୍ରଗଣ ( Senate members ) ଏ କାମ କରିଛନ୍ତି ।

ଏଥି ଭିତରେ ଆଉ ଟିକିଏ ମଜାର ରହସ୍ୟ ବି ଥାଇ ପାରେ । ଭାରତମୟ ଏକ ରାଷ୍ଟ୍ରଭାଷା ଚଳାଇବାର ଏହାକୁ ପ୍ରାଥମିକ ଉଦ୍ୟମ ରୂପେ ସେନେଟର ଷଡ଼ କଣ ?

× + ×

ମଧ୍ୟପ୍ରଦେଶର ଭୂତପୂର୍ବ ପ୍ରଧାନ ମନ୍ତ୍ରୀ ଖାରେ ଜଣେ ବିତାଡ଼ିତ କଂଗ୍ରେସବାଲା । ସେ ଏଇମିତି ଭାରତ ସରକାରଙ୍କ ଉପନିବେଶ ମନ୍ତ୍ରୀ ହୋଇ ଏକ ଚମକପ୍ରଦ କାମ ଦ୍ୱାରା ଭାରତର ମାନ ମହତ ବଢ଼ାଇ ଦେଇଛନ୍ତି । ତାଙ୍କରି ଦ୍ୱାରା ଏକ ନୂଆ ଆଇନ ପାସ ହୋଇଗଲା ଯେ ଦକ୍ଷିଣ ଆଫ୍ରିକା ସରକାର ଭାରତବାସୀଙ୍କୁ ଯେପରି କଳଙ୍କ ବଟକର ବ୍ୟବହାର କରୁଛନ୍ତି ଭାରତବର୍ଷ ସେଠା ଲୋକଙ୍କ ସେହିପରି ଅଦଳ-ବଦଳ ବ୍ୟବହାର କରିବ । ଏହା ଦେଖି ଆମ ମନ କହେ ମୋଟ ହୋଇ ଯିବାର କଥା । ମନେ ହେଉଛି କଂଗ୍ରେସରୁ ତଡ଼ାଖିଆ ଲୋକେ ବି ବଡ଼ ବଡ଼ ପାଇଁଟି କରି ପାରନ୍ତି ସୁବିଧା ପାଇଲେ । ଆମ ଓଡ଼ିଶାର କଂଗ୍ରେସ ତଡ଼ାଖିଆ ପଂଡିତଙ୍କ ନଡ଼ାଖିଆ ଦେଖିଲେ ମନେହୁଏ ତାଙ୍କର ଯୋଡ଼ାଏ ଯୋଡ଼ାଏ ଶିଙ୍ଗ ଥିଲେ ଏବେ ସେ କଣ ଛାଡ଼ନ୍ତେ ଭଲେ !

\+ + × ×

ଉଡ଼ୁମା ସେନ ଓଡ଼ିଶା ଓ ମାନ୍ଦ୍ରାଜ ସରକାରଙ୍କ ମଧ୍ୟରେ ଯେଉଁ ଭଦା ଓଟର ଲଗିଛି ତହିଁରେ ଓଡ଼ିଶା ତରଫରୁ

Digitized by srujanika@gmail.com

ଓକିଲଙ୍କ ବଦଳରେ ନମଟନ୍ତ ମାନ୍ଦ୍ରାଜ ଅଫିସର ଶ୍ରୀ ଗୋବିନ୍ଦନ ନାୟାର ନିଯୁକ୍ତ ହୋଇଛନ୍ତି । ଏକପକ୍ଷରେ ଅପଣାର ଜାତି ଓ ଦେଶ, ଅପର ପକ୍ଷରେ ନମକ ଓ ନମୃତ ।

ଏଥିପାଇଁ ନାୟାର ସାହେବଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବା ଅନୁଚିତ ବୋଲି ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଜନମତ ଉଚ୍ଛୁଳି ଉଠୁଛି ।

ଆମେ କିନ୍ତୁ ଏଥିରେ ଅସଙ୍ଗତ କିଛି ଦେଖିପାରୁ ନାହୁଁ । ଚିରକାଳ ଓଡ଼ିଆଙ୍କ ଘର ପରଲୋକେ କରି ଆସିଛନ୍ତି । କାଲି ବଙ୍ଗାଳି କରୁଥିଲେ, ଆଜି ନୋହିଲେ ତେଲଙ୍ଗା କଲେ । ଏଥିରେ ଦୋଷଟା ରହିଲା କେଉଁଠି ?

× + × +

ଏହାର ଅନ୍ୟର ଅଭିଜ୍ଞରଣା ପ୍ରମାଣ ମିଳିଗଲାଣି ଆଜି ଏବେ ଥାନରେ । ନାୟାର ସାହେବ ଥିଲେ ଓଡ଼ିଶାର ବୋର୍ଡ଼ର କମିସନର । ତାଙ୍କର ଛାଡ଼ିବା ଅବସରରେ ଯେ ରହିଲେ ସେ ବି ଜଣେ ତେଲଙ୍ଗା । ବୋଧହୁଏ ସେ କାମ ପାଇଁ ଯୋଗ୍ୟ ଲୋକମାନେ ଓଡ଼ିଆ ମିଳି ନଥିବେ, କିମ୍ବା ଓଡ଼ିଆରେ ସୁବେଦ ବ୍ୟକ୍ତି ଗାନ୍ଧିରେ ଗାନ୍ଧୀ ରଙ୍ଗା ଗୁଣ୍ଡଙ୍କ ବୁଦ୍ଧି ପ୍ରବଳ ବୋଲି କାଏମ ରହିବ । ଏଥିପାଇଁ ଅବୁଝ ଓଡ଼ିଆଙ୍କର ଗାଳିଦାକୁ ହେବା ବୃଥା ।

× + × ×

ଗାନ୍ଧୀ ଗାରୁ ମହଲ୍ଲର ଦେବତାତ୍ତ୍ୱର ଗାନ୍ଧିରେ ବହିବା ପରେ ଉତ୍କଳ ଭାରତୀଙ୍କ ବେଦଭୂମି ରଞ୍ଜପୀଠ ଧ୍ୱମସଇକୁ ପ୍ରଥମେ ମୂହୂର୍ତ୍ତି ପକାଇ ଅଛନ୍ତି । ଶୁଣାଯାଏ ସେଠା ଓଡ଼ିଆ ମହାର ମେନେଜରଙ୍କ ବରଖାସ୍ତ କରି ଜଣେ ବୃଦ୍ଧ ଗୁରୁପାଣି-ଙ୍କୁ ସେ ସ୍ଥାନରେ ଅସ୍ଥାନା ଭିଡ଼ାଇଲେଣି । ସେ କଅଣ ତାଙ୍କର ଆତ୍ମୀୟ । ଏଥିପାଇଁ ସେ ଅଞ୍ଚଳର ଓଡ଼ିଆମାନଙ୍କ ମଧ୍ୟରେ ଭୀଷଣ ଉଦ୍‌ବେଗ ଓ ପ୍ରତିବାଦ ଆରମ୍ଭ ହୋଇଛି ।

ଆମେ କହୁଁ—ଆତ୍ମୀୟବାତ୍ସଲ୍ୟ ବା ସ୍ୱଜାତି ପ୍ରୀତି କେବେ ହେଲେ ଦୋଷ ବୋଲି ଧରାଯାଏ ନାହିଁ । ଏଣୁ ଏଥିରେ ଗାନ୍ଧୀ ଗାରୁଙ୍କର କସୁର ଅଛି କାହିଁ ? ଓଡ଼ିଶାଟା ତ ଚିରଦିନ ପରଦେଶୀଙ୍କ ସେଭୂମି । କାଲି ବଙ୍ଗାଳିଙ୍କର ଥିଲା—ଆଜି ତେଲେଙ୍ଗାଙ୍କର ହେଲା । ଏଥିରେ ଘାବେଇବାର ହେବାର କଣ ଅଛି ?

× × ×

ଚେଲ ବାହାରେ ଥିବା ବଡ଼ବଡ଼ିଆ କଂଗ୍ରେସବାଲାଙ୍କର ଗୋଟାଏ "କର୍ତ୍ତବ୍ୟବୋଧିନୀ" ସଭା ସେଦିନ କଟକ ସ୍ୱାମୀଜୀଙ୍କ କଂସପୁରରେ ହୋଇଗଲା । ଜିଲାବୋର୍ଡ଼ ନିର୍ବାଚନର ଆସନ୍ତା ଶ୍ରେଣ ଲେଭେଲରେ କଂଗ୍ରେସ ତରଫ ଟିକା ହେବେ ନାହିଁ ବୋଲି ସଭାରେ ସ୍ଥିର ହେବାରୁ ଅନେକେ ମନ ଊଣା କରିଥିବାର ଜଣାଯାଏ । ଥଣ୍ଡା ପଡ଼ିଯାଇଥିବାରୁ ମଜ-ଲିସ୍‌ଟା ଟିକିଏ ସରଗରମ ହୋଇ ଉଠିଥାନ୍ତା ହେଲେ । ଯେଉଁମାନେ ଲଢ଼ିବ ଓ ଜିତିବ ବଡ଼ାଇବାର ଦଣ୍ଡ ବୋଲି କଂଗ୍ରେସକୁ ମନେ କରନ୍ତି, ତାଙ୍କର ଅସନ୍ତୋଷ ହେବାର କଥା । ତାଙ୍କୁ ଆମେ ସାନ୍ତ୍ୱନା ଦେଉଛୁଁ କି ଚିରଦିନ ହୋଇ ଗ୍ରୋ-ମୋର-ଫୁଡ ବା ଅଧିକରିବା ପାଇଁ ସଭାରେ ଲାଗି ଯାଇ ସବୁର ଧରି ରହନ୍ତୁ । ମେଓ୍ୱା ଫଳିବ ।

+ + + +

ଖବର ମିଳିଛି ଯେ ଜାପାନୀମାନେ ବ୍ରହ୍ମଦେଶରେ ପଲ ପଲ ମାଙ୍କଡ଼ଙ୍କୁ ଧରି ରଣବିଦ୍ୟା ଶିକ୍ଷା ଦେଉଛନ୍ତି । ଗଛ ପତ୍ର ଭିତରେ ଲୁଚି ରହି ଓ ଗଛ ଉପରେ ଚଢ଼ି ଶତ୍ରୁ ଉପରକୁ ହାତବୋମା ପୋପାଡ଼ିବେ ।

ସେଭୁବନ ବାନ୍ଧିବା ଓ ଗନ୍ଧମାର୍ଦନ ଟେକିବାଟା ଶିଖା ହେଉଛି କି ନାହିଁ ତାହା ଜଣାନାହିଁ । ଶୁଣାଯାଏ ଜାପାନୀ-ମାନେ ମର୍କଟ ଜାତିର ବଂଶଧର—ସୁତରାଂ ସ୍ୱଜାତି ପ୍ରୀତି ହେବା ଅସ୍ୱାଭାବିକ ନୁହେଁ ।

+ + × +

ପରିଜା ସାହେବ ଓ ଗୋଦାବରୀଶ ପଣ୍ଡିତଙ୍କ ଭିତରେ ଭେଟ କରେଇ ଲାଗିଥିଲା, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପଦ ନିମନ୍ତେ । ଶେଷରେ ପରିଜା ସାହେବଙ୍କ ମୁଣ୍ଡରେ ଶାଢ଼ୀ ବନ୍ଧା ହୋଇଗଲା । ପଣ୍ଡିତେ କେତେ କଷ୍ଟକଣାରେ ବାନ୍ଧି ଚଢ଼ି—ନଣନ୍ଦକୁ ଜଳକା ହୋଇ ରହିଯିବାର ଦେଖି ପଦ୍ମ-ନାଭଙ୍କ ଗୀତମାଳି ମନେ ପଡ଼ୁଛି—

ବୋଝ ବୋହି ମଲି ଗୋଦବରୀ ତନ୍ତ୍ରୀ,
ମାରି ନେଇଗଲା ପର ମାହାନ୍ତ୍ରୀ ।
ହଇହେ ! ଦଳ ଛାଡ଼ିଲ କିଏ—କଳ ଖାଇଲା କିଏ !

+ + × +

Digitized by srujanika@gmail.com

# ପ୍ରେମ ଓ ପ୍ରୟୋଜନ

ଲେଖକ:—ପ୍ରିୟଦର୍ଶୀ

"ଖାଇବା, ପିଇବା, ହସିବା, ମରିବା, ଯେମିତି ମଣିଷର ନିତାନ୍ତ ପ୍ରୟୋଜନ, ପ୍ରେମ କରିବା ଠିକ୍ ସେମିତି । ଏ କଥା ପୀତାମ୍ବର ଉପଲବ୍ଧି କଲେ ଶଶ୍ରାଏ ଚୁଆ ପିଲାର ବାପ ହୋଇ ସାରିବା ପରେ । ଅବଶ୍ୟ ଚୁଆ ପିଲାର ବାପ ହେବାଟା ତା'ର ଦୋଷ ନୁହେଁ କାରଣ ବାପା ଠିକ ଏ କମ ବୟସରେ ବାହା କରେଇ ଦେଇଥିଲେ ବୋଲି... । ବୟସ ତାର ତିରିଶରୁ ଉପର ହେଇ ନାହିଁ । ପାଠକ ପାଠିକାଗଣ ! ଆପଣମାନେ ପୀତାମ୍ବର କିଏ ଜାଣିବାକୁ ଚାହାନ୍ତି କି ? ଜାଣି, ଆପଣମାନଙ୍କର କିଛି ଲାଭ ନାହିଁ ତା ଛଡ଼ା 'ଡଗର' ସମ୍ପାଦକ ଆମମାନଙ୍କୁ ସାବଧାନ କରେଇ ଦେଇଛନ୍ତି ଯେ ଗଳ୍ପ ଲେଖିଲା ବେଳେ ନାୟକ ସମ୍ବନ୍ଧରେ ଏଣୁ ତେଣୁ ବହେ ଲେଖି କାଗଜ ପୂରାଇବା ଅନାବଶ୍ୟକ । ନାୟକ କିଏ ? ତା ବାପ ନା କଣ ? ତା ବାପର ସମ୍ପତ୍ତି, କୋଠା ବାଡ଼ି ଅଛି କି ନା ? ନାୟିକା କି ରୂପର ଝିଅ ? କେତେ ଦରମା ପାଏ ? ସେ ସୁନ୍ଦର କି ଅସୁନ୍ଦର ? ଏ ସବୁ ବିଷୟରେ ଲେଖିବା ମାନେ ଏ ମହର୍ଘ ଯୁଗରେ କାଗଜ କାଳିର ଶ୍ରାଦ୍ଧ ଛଡ଼ା କିଛି ନୁହେ—ଆହୁରି ପୁଣି 'ଡଗର' ସମ୍ପାଦକଙ୍କ ମତରେ ଆଧୁନିକ ଗଳ୍ପ ଲେଖାର ଧାରା ( technique ) ହୋଇଛି ଯେତିକି ଦରକାର ସେତିକି ଲେଖିବ—ଏଣୁ ତେଣୁ ବାଜେ ଗପ ପୂରାଇବ ନାହିଁ, କି କୌଣସି ଉପକ୍ରମଣିକା ବା ଉପସଂହାରର ପ୍ରୟୋଜନ ନାହିଁ ।

× + + ×

ପୀତାମ୍ବର ଯେତେବେଳେ ପ୍ରେମ ରୂପ ସତ୍ୟର ଉପଲବ୍ଧି କଲେ ସେତେବେଳେ ବନ୍ଧୁ ଦିଗମ୍ବର ଆସି ହେଲେ ଅବତୀର୍ଣ୍ଣ । ମଣି କାଞ୍ଚନର ସଂଯୋଗ ହେଲା ।

ପୀତାମ୍ବର କହିଲେ "ଦିଗମ୍ବର ! ଏକ ପତ୍ନୀବ୍ରତ ଜୀବନରେ ଅସହ୍ୟ ହେଉଛି—ଯଦି ଓ ଅନ୍ୟ ପତ୍ନୀ ଗ୍ରହଣ କରିବାର ବାସନା ନାହିଁ, ତେବେ କୌଣସି କୁମାରୀ ସାଙ୍ଗରେ ପ୍ରେମ କରି ପାରିଲେ କ୍ଷତି କଣ ?"

ଦିଗମ୍ବର ତାଙ୍କର ପିନ୍ସ ନେଜ୍ ( Pince nez ) ମଧ୍ୟ ଦେଇ ସମସ୍ତ ଦୃଷ୍ଟି ତାଙ୍କୁ କେନ୍ଦ୍ରୀଭୂତ କରି ଗୁରୁ ଗମ୍ଭୀର ନାଦରେ କହିଲେ "ନିଶ୍ଚୟ, ନିଶ୍ଚୟ ମଣିଷର ପ୍ରକୃତି ହେଉଛି ବହୁ ପ୍ରେମଦା ପରିବୃତ ହେବା । ରବଟଙ୍କ ଟେର ଯୋଗୁ ମହାଦେବ (ମଦନାନନ୍ଦ ମୋଦକ) କର ସାଙ୍ଗରେ ଦେଇଥିଲେ । ଇଂରାଜୀରେ କଥା ଅଛି—Man is by nature Polygamous. ।" କୌଣସି କୁମାରୀ ସାଙ୍ଗରେ ପ୍ରେମ କରିବାଟା ଅଯୁକ୍ତିକର ବା ଅସଙ୍ଗତ ହେବନି ନାହିଁ । ତା ଛଡ଼ା ତମେ ପ୍ରୟୋଜନ ବୋଧରେ ପ୍ରେମ କରିବାକୁ ଯାଉଛ, କାହାରି ଉପରେ ପଡ଼ି ତ ପ୍ରେମ କରିବାକୁ ଯାଉନ । ପ୍ରେମ କରିବାଟା ଆମର ଜନ୍ମଗତ ଅଧିକାର । ତମେ ବାହା ହୋଇଛ ବୋଲି ଯେ ଆଉ ଜଣକୁ ଭଲ ପାଇବ ନାହିଁ ତା'ର କିଛି ମାନେ ନାହିଁ । "A flower cannot blossom without sunshine, and a man can no live without love" ଏଇମିତିଆ ଆମ ସଂସ୍କୃତରେ କେତେ ଆପ୍ତ ବାକ୍ୟ ଅଛି ଯେ କହି ହେବନି ସରିବ ନାହିଁ—ଆମ ଶାସ୍ତ୍ର ପୁରାଣରେ ତ ଉଦାହରଣ ଢେର ପଣ—"

ବନ୍ଧୁବରଙ୍କ ଉତ୍ସାହ ବାଣୀ ଶୁଣି ପୀତାମ୍ବର ଟିକେ ଆଶ୍ୱାସ ପାଇଲେ ଓ କହିଲେ "ବନ୍ଧୁ ତୁମେ ହିଁ ମୋର ଏଇ ଅଭିଯାନର ହେବ ପଥ ପ୍ରଦର୍ଶକ । ମୁଁ ଭାବୁଛି ତୁମର ସତ୍ ପରାମର୍ଶ ଓ ସହଯୋଗରେ ମୁଁ ସଫଳ କାମ ହୋଇ ପାରିବ ।"

Digitized by srujanika@gmail.com

ଦିଗମ୍ବର କହିଲେ "But your wife"

"ଆରେ wife ଯା—ଯା She is a fool. Rather she will be helpful in our campaign."

"That's O. K. ମୋର ସେତିକି ଡର ଥିଲା—ସ୍ତ୍ରୀ ଜାଣିବ କି ନା, ବାଟରେ ବଡ଼ କଥା।"

"ଆରେ ନା, ନା, ସେମିତି କିଛି ନାହିଁ, ତେବେ ଗୋଟିଏ କଥା—ଆମେ ଆମ ଘରେ, କଥାବାର୍ତ୍ତା ହେଉଥିବେଳେ ଇଂରାଜୀରେ ହିଁ ଏ କଥାବାର୍ତ୍ତା ହେଲେ ସିଏ ବୁଝିବ ଅଳ୍ପ।"

"ଆଚ୍ଛା ତମର ଲକ୍ଷ୍ୟ ବସ୍ତୁଟି କିଏ ଶୁଣେ?"

"ଏଇ ତାଙ୍କ ଘର ଝିଅ ଅଳକା—ଆମ ପଡ଼ୋଶୀ। ଏଇ ବାଟେ ସ୍ତ୍ରୀ'ଙ୍କ ଘରକୁ ମଝିରେ ମଝିରେ ଯିବା ଆସିବା କରେ।

"ବେଶ, ବେଶ, ପଡ଼ୋଶୀ ଘରେ ତ ଭଲ ପାଇବା ଆରମ୍ଭ ହୁଏ—ବାଇବେଲରେ କହିଛି "Love thy neighbour first" ଏଠି ଏତେ ପାଖରେ ଛାଡି ଦେଇ ତମେ କଣ ବଜାରର ସାଇକଲ ଚେନ ସ୍କୁଲ ଗାର୍ଲଙ୍କ ପଛରେ। ଏ ଧୁବକୁ ଛାଡ଼ି ଅଧୁବରେ—।"

"ତେବେ କଥା କ'ଣ କି ମୁଁ ବିବାହିତ—ଆଉ She mightrefuse me.

"ତମେ ବିବାହିତ। ସେଇଟା ତ ଗୋଟିଏ ତମର Passport. ତମ ଉପରେ ସନ୍ଦେହ କେହି କରି ପାରିବେ ନାହିଁ। ତମର ଘର ଭିତରେ ଅବାଧ ଗତିବିଧି ହେବ—ତମେ ଭାବୁଛ ସେ ଆଉ କାହା ପ୍ରେମରେ—।—ସେଥିରେ ତମର ଯାଏ ଆସେ କଣ? ତମେ ମଡର୍ଣ୍ଣ ଗାର୍ଲଙ୍କ ମନୋବୃତ୍ତି ବୁଝିନାହଁ ପରା? ସେମାନେ ଗୋଟିଏ ଫୁଲରୁ ଫୁଲକୁ ଉଡ଼ନ୍ତି ଯେମିତି ଭ୍ରମର ବୁଲନ୍ତି। ଏ କଥା ପରା ଗାନ୍ଧୀମହାତ୍ମାଙ୍କ ଭଳିଆ ଲୋକ କହିଛନ୍ତି......ତମେ ଟିକିଏ tactful ହେଲେ ହେଲା—You will come out with flying colours.

ପୀତାମ୍ବର ଦୃଢ଼ ଆବେଗର ସହିତ କହିଲେ you are my true friend—ଏତେ ଦିନ ପରେ ବନ୍ଧୁଟିଏ ପାଇଲି ଏବେ। ବର୍ତ୍ତମାନ କେମିତି କଣ କଲେ ମୁଁ ତାକୁ ପାଇବି?

"ପ୍ରଥମେ ମୋତେ ତମେ କହ ସେ ଗାର୍ଲ ବିଷୟରେ କ'ଣ ଜାଣ? ତାର ମୁଣ୍ଡରୁ ଗୋଡ଼ ଯାଏଁ ଚାଲିଚଳଣି, ରୁଚି, ଭାବ, ତାଙ୍କ ଘରର ଇତିହାସ ଇତ୍ୟାଦି ଇତ୍ୟାଦି କଣ ତମକୁ ମାଲୁମ?"

ପୀତାମ୍ବରଙ୍କୁ ଯେତେ ଯାହା ମାଲୁମ ଥିଲା ସେ ତାହା ସବୁ ଜଲଦି ଜଲଦି କହି ପକାଇଲା।

ଦିଗମ୍ବର ସମସ୍ତ ଶୁଣିସାରି ବେଶ୍ ଗମ୍ଭୀର ହୋଇ କହିଲେ "ଏ କ୍ଷେତ୍ରରେ ଅଧ୍ୟବସାୟ ଲୋଡ଼ା, ଅର୍ଥାତ୍ ଇଂରାଜୀ ଯାହାକୁ କହନ୍ତି Perseverence. ଆଉ କାର୍ଯ୍ୟଟା ମଧ୍ୟ ସମୟ ସାପେକ୍ଷ—ତମେ ଏତେ ତର ତର ହେଲେ ଚଳିବ ନାହିଁ—ତା' ହେଲେ you will upset every thing. ଏଇ ଧର ତମେ ତମ ନାୟିକାଙ୍କ ଘରକୁ ସନ୍ଧ୍ୟାବେଳେ ବୁଲିବାକୁ ଯାଇଛ। ଯାଇ ଦେଖିଲ ତମ ନାୟିକା ପଠନରତ। ତମେ କଣ କଣ କରିବ?

"ମୁଁ ଫେରି ଆସିବି।"

"ତା ହେଲେ ତମ ଦେଇ କିଛି ହେବ ନାହିଁ ଦେଖୁଛି। ଆରେ ସେଠି ତାଙ୍କ ବାରଣ୍ଡାରେ ଖଣ୍ଡେ ବେଞ୍ଚ କମ୍ବା ଚୌକି ଟାଣି ଆଣି ଘଣ୍ଟାଏ ବା ଦଶଟା ପର୍ଯ୍ୟନ୍ତ ଚୁପ କରି ବସି ଥିବ। ଏହାଦ୍ୱାରା ତମ ନାୟିକାଙ୍କ ମନରେ ଗଭୀର ପ୍ରେମର ରସ ସଞ୍ଚାର ହେବ। ତାଙ୍କ ଘର ଲୋକଙ୍କ ମନରେ ଦୟା ଉପୁଜିବ। ବାଟ ଚାଲିଗଲା ଲୋକଙ୍କ ମନରେ ସହାନୁଭୂତି ହେବ। ଏଇଠି ଲୋଡ଼ା Patience. କଷ୍ଟ ସହିବ ନାହିଁ ତ କୃଷ୍ଣ ମିଳିବ କେମିତି?

ହଁ ମନେରଖ, ଇଂରେଜୀରେ ଗୋଟିଏ କଥା ଅଛି—If you want to love a girl love her dog first.

"କିନ୍ତୁ ତାଙ୍କର ଯେ କୁକୁର ନାହିଁ?"

"ଆରେ ଯା—ବୁଝିଲେ ସବୁ dog କହିଲେ କେବଳ କୁକୁରକୁ ବୁଝାଏ ପରା, ଆଉ କାହାରିକୁ ନୁହେଁ? କଥାରେ ଅଛି ଘରର କୁକୁର ଏବଂ ସେମାନେ ପ୍ରଥମେ ତମକୁ ଦେଖିଲେ ଭେଉ ଭେଉ କରି ଉଠନ୍ତି—ତାଙ୍କ ପିଠିରେ ହାତ ବୁଲାଇଲେ ଅଇଁସି ଦେଲେ କାମ ସରିଲା—ଆଉ ବେଳେ ବେଳେ ସେମାନଙ୍କୁ small tips. ବେଶ କାମ ଆଦାୟ ହୁଏ ସେମାନଙ୍କ ଦ୍ୱାରା।

"ହଁ ତମ ସ୍ତ୍ରୀଙ୍କୁ ପଠାଅ ତାଙ୍କ ଘରକୁ ବନ୍ଧୁତା ସ୍ଥାପନ କରିବା ପାଇଁ—ତମେ ମଧ୍ୟ ଯାଇ କୌଣସି କାରଣରୁ ପରିଚିତ ହୁଅ ନାୟିକାର ପିତାଙ୍କ ସାଙ୍ଗରେ। ତାପରେ—"

"ଅଚ୍ଛା ନାୟିକାଙ୍କ ପିତାଙ୍କ ସାଙ୍ଗରେ ପରିଚିତ ହୋଇ ସାରିଲି ପରେ—?"

Digitized by srujanika@gmail.com

"ଅଗ୍ର ଟେଲକ ତମେ —ସବୁ ମାଷ୍ଟ କରିବ ଦେଖୁଛି" ଯଉଟିଡ ହୋଇ ସାରିବା ପରେ ତାଙ୍କ ସାଙ୍ଗରେ ଗପ କରିବ ଯୁବ ସ୍ୱାସ୍ଥ୍ୟ, ଭାରତୀୟ ରାଜନୀତି, ଅଜି କାଲି ଦୁନିଅର ହାଲ ଚାଲ; ଖବରକାଗଜ ପଢ଼ିବା ବାହାନାରେ ତାଙ୍କ ଘରକୁ ଯିବ ତାଙ୍କର ଚିନିକୁପନ, ଅଟାକୁପନ ଦରକାର ଥିଲେ ଆଣି ଯୋଗାଇବ ନାୟିକାଙ୍କର ଭାଇ ବାପ ବା କେହି ଅତ୍ମୀୟ କୁଆଡ଼େ ଗଲେ ତାଙ୍କୁ ଛାଡ଼ିବାକୁ ଷ୍ଟେସନକୁ ଯିବ—ଗାଡ଼ୀରେ ଅଜି କାଲି ଭିଡ଼ ସମୟରେ ତାଙ୍କର ବସିବାର ସୁବିଧା କରିଦେବ—ଏପରିକି ଦରକାର ପଡ଼ିଲେ ତାଙ୍କ ଦୋକାନରୁ ଜିନିଷ ଯଥା ସ୍ଥାନରେ ରଖିଦେବ, ସେ କେବେ ଫେରୁଛନ୍ତି ତା' ଖବର ରଖିଥିବ—ପୁଣି ପାଟେସନ୍ ଅଣିବାକୁ ମଧ୍ୟ ଯିବ । ମୁଁ ତମକୁ ଏତେ ଖଡ଼ ଧରି ଶିଖେଇ ପାରିବି ନାହିଁ । ଏହି ପରି ସବୁ ଛୋଟ ଛୋଟ କଥାରେ ମହିଳାଙ୍କୁ oblige କରି ରଖାଯାଏ

"ହଁ ଏ ସବୁ କଥାତ ମୁଁ ଯେପରି ହେଉ ଚଳେଇ ନେଇଁବା ଅଗ୍ର ନାୟିକାଙ୍କ ସାଙ୍ଗରେ ଘନିଷ୍ଠ ହେଲା ପରେ କଣ କରିବାକୁ ହେବ ?"

"ଠିକ୍ କଥା—ଏଇଟାବଡ଼ important ଓ୍ୟାସିଂଟନ ଅରଭିଂ କହିଯାଉଛନ୍ତି... ... ...

A woman is more considerate in her affairs of love than a man; because love is more the study and business of her life. ନାରୀ ପ୍ରେମ ବିଷୟରେ ଖୁବ୍ ବିଚାର କାମ କରେ —କାରଣ ଏଥିରେ ତା'ର ଜୀବନର ଅନେକ ସମସ୍ୟା ନିର୍ଭର କରେ । ଏଇଠି ଖୁବ୍ ସାବଧାନ ହେବାକୁ ହେବ । ନଚେତ୍ you will get a kick. ଖୁବ୍ ସ୍ମାର୍ଟ ହେବା ଦରକାର । ହଁ କିଛି ଇଂରାଜି କବିତା ପ୍ରେମ ସମ୍ବନ୍ଧୀୟ, ଶେଲି, କିଟସ୍ ବାଇରନ୍ ଅଉ ରବିନ୍ଦ୍ରନାଥଙ୍କ କବିତା ମୁଖସ୍ଥ କରି ପକାଅ । ଅଉ ତମେ ଏଯାଏଁ ପ୍ରତିଦିନ ବ୍ୟାୟାମ କରୁଛ ତାକୁ ଛାଡ଼ । ବ୍ୟାୟାମ ଦ୍ୱାରା ଶରୀର ଶକ୍ତ ହେବ ସତ—କିନ୍ତୁ ମୁହଁର ଶ୍ରୀ ନଷ୍ଟ ହୋଇ ଯାଏ । ସେଇ ସମୟଟାରେ ବରଂ କବିତା ମୁଖସ୍ଥ କର । ଅଉ ଏମିତି ଗୁଡ଼େ ଯୁକ୍ତି ଶିଖ ଯଦ୍ୱାରା କି ତମେ ଭଲ ଭାବରେ ତମର ନାୟିକାଙ୍କୁ ବୁଝେଇ ଦେବ ପ୍ରେମ କରିବାର ପ୍ରତ୍ୟାଖ୍ୟାନ, ସେଟା ଅନ୍ୟାୟ ବା ପାପ ନୁହଁ, ସେଥିରେ ସମସ୍ତଙ୍କର ସମାନ ଅଧିକାର କି ବୃଦ୍ଧ, କି ଯୁବକ, କି ବିବାହିତ କି ଅବିବାହିତ ଏହିପରି ଏହିପରି । ଅଗ୍ର କହିଲ ଭଲ ସିଏ ଯଦି ଅଉ କାହା ସାଙ୍ଗରେ ପ୍ରେମ କରୁଥାଏ ତା ହେଲେ କ'ଣ କରିବ ?"

"ତା'ର ପ୍ରେମିକକୁ ନିନ୍ଦା କରିବ, ଯେତେ ମିଛ ସତ ସବୁ ଯୁଟେଇ କହିବ ।"

"ତା ହେଲେ ତମର ଠିକ ସେତିକି ବେଳେ ବାଉଁଶ ବାଜଗଲ ବୋଲି ଭାବିବ—ଅଉ ବେଶୀଦୂର ଅଗେଇବାକୁ ହେବ ନାହିଁ—କାନ ମୁଣ୍ଡ ଅଉଁସି ଘରକୁ ଅହିବ ।—ଅବେର ତା' ନୁହେଁ ପ୍ରଥମେ ପ୍ରଥମେ ତାର ପ୍ରଶଂସା କରିବ । ଏମିତିକି ଯଦି ପାର ଅବେର ଦି'ଥର ତା ସାଙ୍ଗରେ ତାଙ୍କ ଘରକୁ ଯିବ । ନିଜର ଖୁବ ଅନ୍ତରଙ୍ଗ ବନ୍ଧୁ ବୋଲି ପରିଚୟ ଦେବ । ତା ପରେ ସମସ୍ତ ଉଣ୍ଡି ତମର ଘନିଷ୍ଠତା ଟିକିଏ ଜମି ଅସିଲେ ତମର ତଥା କଥିତ ବନ୍ଧୁର ଅଳ୍ପେ ଅଳ୍ପେ ନିନ୍ଦା କରିବ । ଏଇ ଧର—"ହଁ ଅମୁକ ବାବୁଙ୍କ ନାଁରେ ଏମିତି ଗୋଟେ କ'ଣ ଶୁଣା ଯାଉଛି—ମୁଁ କିନ୍ତୁ ବିଶ୍ୱାସ କରୁ ନାହିଁ—ଅଉ ଯେଉଁ ଗୁଜବଟାକୁ ହିପସ୍ ଦେଇ ରଖିଥିବ ସିଏ ଯେମିତି ତମ କଥା, ତମେ ଅନ୍ୟମନସ୍କ ଥିଲାବେଳେ ବା ଅନ୍ୟ କଥା ବାର୍ତ୍ତା ହେଉଥିଲା ବେଳେ ସେଇ କଥା ପକାଏ । ଅଉ ତମେ ଦେଖେଇ ହେଲା ଭଳିଆ କହିବ ସେଗୁଡ଼ାକ remour (ଗୁଜବ) ଓ କଥାଟାକୁ ଉଡ଼େଇ ଦେବ । ତମର ଯେମିତି ସେଥିରେ କିଛି interest ନାହିଁ—ସେଇଠି ଦେଖିବ ତମ ନାୟିକା ବେଶି interested ହେଉ ପଡ଼ୁଛି । ଏଇଟା ହେଲା ମନସ୍ତତ୍ତ୍ୱ—ଯାହାକୁ କହନ୍ତି Psychology ପ୍ରଭୃତି କଥାରେ ତମେ ତମ ନାୟିକାର ମନର ଭାବ ବୁଝି କାମ କଲେ ଠିକ୍ ତମ ଲକ୍ଷ ପହଞ୍ଚି ପାରିବ ।"

ପୀତାମ୍ବର କହିଲେ "ଏ ସବୁତ ହେଲା—ବର୍ତ୍ତମାନ ଚାଲ ବୁଲିଲା ବୁଲିଲା ତାଙ୍କ ଘର ଅଡ଼େ ।"

"ମୋର କିଛି ଅପତ୍ତି ନାହିଁ—ଶୁଭସ୍ୟ ଶିଘ୍ରଂ ।"

ଦୁହିଁଙ୍କ ବେଶ୍ ଫିଟ୍ ଫାଟ୍ ହୋଇ ବାହାରି ପଡ଼ିଲେ । ଘରୁ ବାହାରିଲା ବେଳକୁ ବଡ଼ଗଟାଏ ଛିଙ୍କ ହେଲା......ତାଙ୍କ ଦୁଆରେ ଅସି ଦେଖନ୍ତି ସଷ୍ଟାଙ୍ଗମା ଦ୍ୱାରରେ ଦଣ୍ଡାୟମାନା

( ଅବଶିଷ୍ଟାଂଶ ପର ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# କୁତ୍‌କୁତ୍‌

ସଂଗ୍ରାହକ:—ଶ୍ରୀମାନ

ଦୁଇ ବନ୍ଧୁ ହୋଟେଲରେ ଖାଇଲା ବେଳେ କଥାବାର୍ତ୍ତା ହେଉଥିଲେ—ଜଣେ କହିଲେ ସମ୍ପ୍ରତି ରବି ବାବୁଙ୍କ ଝିଅକୁ ବାହା ହେଲି,—ଭାରି କପାଳିଆ ଏକା, ସେ ଝିଅ ନାଚି ଜାଣେ, ଗାଇ ଜାଣେ, ବଜାଇ ଜାଣେ, ପହଁରି ଜାଣେ ଶୀକାର କରି ପାରେ, ସବୁ ରକମର Sport (ଖେଳ) ଜାଣେ, ଅନ୍ୟ ଜଣକ କହିଲେ—"ହଁ ସମର ଓ ସେ ଝିଅ ସାଙ୍ଗରେ ବାହା ଘରଟା ଭାରି ସୁଖପ୍ରଦ । (successful) ହୋଇଥିବ କାହିଁକନା ସମରବି ଜଲ ବନ୍ଧି ଜାଣେ । + ×

ଜଣେ ଯୁବକ ଜଣେ କୁମାରୀଙ୍କ ସହିତ ପ୍ରେମ କରୁଥିଲେ । କୁମାରୀ ତାଙ୍କୁ ବାହା ହବାକୁ ରାଜି ନ ହେବାରୁ ସେ କହିଲେ "ତମେ କିପରି ଯୁବକ ବାହା ହବାକୁ ଚାହଁ ?"

କୁମାରୀ କହିଲେ "ମୁଁ ଯାହାକୁ ବାହା ହେବି ସେ ଖୁବ୍ ଚତୁର ଚାଳ ହୋଇଥିବେ । କଷ୍ଟ ସହି ପାରୁଥିବେ ଓ ପୃଥିବୀରେ ସମସ୍ତେ ତାଙ୍କୁ ପ୍ରଶଂସା କରୁଥିବେ ।" ଯୁବକ କିଛୁକ୍ଷଣ ଭାବି କହିଲେ "ତମେ ଠିକ୍ ଏ ଢେର ଭଲ—ଏମିତିଆ ଲୋକଟାକୁ ଶ୍ରୀମତୀ ଚର୍ଚ୍ଚିଲ ( Mrs. churchill ) ମାଡ଼ ନେଇଛନ୍ତି ।

+ × +

ଶିକ୍ଷକ—ଦେଖ, ବର୍ତ୍ତମାନ ତମମାନଙ୍କ ଭିତରୁ କେହି କହି ପାରିବକି ରଜାଙ୍କ ଠାରୁ ବଡ଼ କିଏ ?

ବୁଲୁ—ଆଜ୍ଞା ହଁ ।

ଶିକ୍ଷକ—କିଏ ?

ବୁଲୁ—ଆଜ୍ଞା ଟୀକା ।

+ × +

( ମଜାକଥା ପୂର୍ବ ପୃଷ୍ଠା ଉତ୍ତାରୁ )

ଗୃହିଣୀ । ସେ ଏମାନଙ୍କୁ ଦେଖି ବାଟ ଓଗାଳି ଠିଆ ହୋଇ କହିଲେ "କିଏ ହେ ?"

ପୀତାମ୍ବର ମୁଣ୍ଡ କୁଣ୍ଡାଇ କୁଣ୍ଡାଇ କହିଲେ "ନା, ଟିକିଏ ଭୁଲ ହୋଇଛି—ଅଉ ଟିକିଏ ପ୍ରୟୋଜନ ମଧ୍ୟ ଅଛି ।"

"ହଁ ମୁଁ ସବୁ ଶୁଣିଛି ଯେ—ତମ ବନ୍ଧୁଙ୍କ ପ୍ରେମ ଚିଠି ଆଉ ତମର ପ୍ରୟୋଜନ—ସବୁ ଛଡ଼େଇଦେବି ଏଇଥରେ ।"

ଦିଗମ୍ବର ଏ ଅବସ୍ଥା ଦେଖି ସମ୍ମାନର ସହିତ ପୃଷ୍ଠ ପ୍ରଦର୍ଶନ କଲେ । ପଛରୁ ଖାଲି ତାଙ୍କୁ ଏତିକି ଶୁଣାଗଲା "ଅଉଦିନେ ଏଠିକି ଆସିଲେ..... ।" ପୀତାମ୍ବର 'ଗୁଡ଼ବାଇ' ଟି ଭଲଅ ତାଙ୍କ ସ୍ତ୍ରୀଙ୍କ ପଣତ କାନରେ ବନ୍ଧା ହେଲା ।


## ଓଡ଼ିଶା ମାର୍କେଣ୍ଟାଇଲ ସ୍କୁଲ

### ଅସୁରାଳି

ପୋଃ କୋଠାର ଜିଃ ବାଲେଶ୍ୱର

ପଲ୍ଲୀ ଅଞ୍ଚଳରେ ସ୍ୱଳ୍ପ ବ୍ୟୟରେ ଭାରତ ଗଭର୍ଣ୍ଣମେଣ୍ଟଙ୍କ ମେନୁଏଲ ମତେ ସର୍ଭେ ଶିକ୍ଷା ତଥା ଦେଶର ବେକାର ସମସ୍ୟା ଓ ଦରିଦ୍ରତାର ତୀବ୍ର କଷାଘାତରୁ ଯୁବକମାନଙ୍କର ମୁକ୍ତି ପ୍ରଦାନ ପାଇଁ ଏହି ସର୍ଭେ ସ୍କୁଲ ସର୍ବଦା ଗଭୀର ଉଦ୍ୟମ ସହ ଓଡ଼ିଶାର ନାନା ସ୍ଥାନରେ କ୍ୟାମ୍ପ ଖୋଲି ଶିକ୍ଷା ଦେଇ ଆସୁଅଛି । ବର୍ତ୍ତମାନ ଏହାର ଏକ ଶାଖା ସ୍କୁଲ ଭଦ୍ରକ ନୂଆବଜାରରେ ସ୍ଥାପନ କରାଯାଇଅଛି ।

ଯଦି ଆପଣମାନଙ୍କର ସ୍କୁଲର ସର୍ବ ମୋଟ ଦେୟ ଟ ୧୫ ଦେଇ ଭଗୀ ବନ୍ଦବସ୍ତର ମୁହରୀ ଅମୀନ, କାନୁନ୍‌ଗୋ ଓ ଇନ୍‌ସପେକ୍ଟର ହେବାକୁ ଅଭିଳାଷ ଥାଏ, ତେବେ ବିଶେଷ ବିଜ୍ଞାପନ ପାଇଁ ତିନିପଇସାର ଡାକଟିକଟ ପଠାନ୍ତୁ ।


Digitized by srujanika@gmail.com

କାହାଣୀ—

# ଉପଢୌକନ

ଲକ୍ଷ୍ମୀନାରାୟଣ ମହାନ୍ତି

ଏକ—

ପାଂଶୁଳ ନୀଳ ଆକାଶ !

ସ୍ୱଚ୍ଛସ୍ନିଗ୍ଧ ଶ୍ୟାମଳ ପ୍ରାନ୍ତର ସବୁଜ-ସ୍ପର୍ଶରେ ରଂଜିତ ।

ମଣିଷ ମରିଯାଏ ସତ, କିନ୍ତୁ ତା ଆତ୍ମା, ମମତା ଓ ମୋହ ଛାଡି ପାରେନା ନାହିଁ । ବୃଥାରେ ଖୋଜି ବୁଲେ ରକ୍ତ-ଅନ୍ତସ୍ଥ-ଭୁକ୍ତ ପ୍ରିୟ ଜନଙ୍କ ବିରହୀ ଆତ୍ମା !

ପିଞ୍ଜରେ ବସ ଆଖିରୁ ଲୁହ ଢାଳେ ! ଧରା ପାରେ, କିନ୍ତୁ ଭୁଲିପାରେ ନା । ପଥହରା ଆତ୍ମାର ଅନୁସନ୍ଧିତ୍ସୁ ହୋଇ ସୁଶ୍ୟାମଳା ପୃଥିବୀ, ସୁନୀଳ ଆକାଶ, ସଫେନୋଚ୍ଛଳ ସାଗରର ସୁନ୍ଦରିମା ପ୍ରଦର୍ଶନ କରି ସେ ମନ ଭୁଲାଏ ।

ଫୁଲ ଝଡ଼େ, ପୁଣି ନୂଆ ଦିନରେ ଫୁଟେ ।

ତା'ର ମର୍ମରେ ଝଡ଼ ଝଞ୍ଜାର କଶାଘାତ ସହି ଭବିତବ୍ୟର ନିର୍ମମ ପ୍ରହାର ଆଶା ବାନ୍ଧି ସେ ବଞ୍ଚି ରହେ ।

ବୈଚିତ୍ର୍ୟ !

\+ × + × +

ସେଦିନ ଝିପି ଝିପି ମେଘ ଝରୁଥିଲା । ଘରର ଛାଞ୍ଚିଆ ସଜଳ ହୋଇ ଉଠିଲା ।

ପଡିଶାଙ୍କ ବଗିଚାରୁ ଯୂଇର ସୁଗନ୍ଧ ଅନ୍ତର୍ମାଦ ଭରି ଆସୁଥାଏ । ବୃଷ୍ଟିର ଶବ୍ଦ ମନଟାକୁ ଉଦ୍‌ଭ୍ରାନ୍ତ କରି ଦେଉଥାଏ । ଏମିତି ବେଳେ କେତେ ବାଜେ କଥା ମୋ ମନକୁ ଆସୁଥାଏ । କିନ୍ତୁ କିଛି ସ୍ପଷ୍ଟ ମନେ ପଡ଼ୁ ନଥାଏ । ମନ ଯେ କଉଠି ଅଛି କିଛି ବୁଝି ପାରୁ ନଥାଏ ।

ମଞ୍ଜୁ ଓ ମୁଁ ଦୁହେଁ ଦୁଇଟା ଚୌକିରେ ବସିଥାଉଁ । ଦୁହେଁ ମୂକ ।

ନୀରବତା ଭଙ୍ଗ କରି ମଞ୍ଜୁ ଆଗେ କହିଲା—"ଲତାର ଘରୁ ପଳାଇବା କଥା ଜାଣ ?"

ମୁଁ ଅନ୍ୟମନସ୍କ ଭାବରେ ହିଁ ହାଏ ମାରିଲି ।

"ଆମ ଦେଶରେ ତାର କଦର ଯୁରୋପର ଜୋଆନ୍ ଅଫ୍ ଆର୍କ ଠାରୁ ତ କୌଣସି ଗୁଣରେ କମ୍ ନୁହେଁ ।"

"କିନ୍ତୁ ସମାଜ ?"

"ରଖ ତୁମର ସମାଜ । ସମାଜ କଣ କୌଣସି ଲୋକ ଯେ ତା ନାଲି ଆଖିର କଟାକ୍ଷପାତ ନ ମାନି ଚଳିବାକୁ ପଡ଼ିବ ?"

"ମନ ଭିତରେ ତୁମେ ତାକୁ ନ ମାନି ପାର । କିନ୍ତୁ ପ୍ରକାଶ୍ୟରେ ତାକୁ ଲଙ୍ଘନ କରିବାର ଶକ୍ତି ତୁମର ଅଛି ?"

ସମାଜ ଥିଲେ ତ ତାକୁ ଲଙ୍ଘନ କରିବ । ସମାଜ ଯେ ଅଦୌ ନାହିଁ ।"

"କଣ କହୁଛ ମଞ୍ଜୁ ? ସମାଜ ନାହିଁ ?"

ଠିକ୍ କହୁଛି । କେଉଁଠି ଅଛି ତୁମ ସମାଜ ଦେଖାଇବାର ମତେ ଟିକିଏ ଦେଖେଇ ଦେଲେ । ସମାଜ କଣ ଅଛି ଛକଡ଼ି ବାବୁଙ୍କ ପରି ଧନୀକଙ୍କର ସେଇ ଗନ୍ତାଘରେ, ନା ବୁଢ଼ା ପଣ୍ଡିତଙ୍କ ନାସ ଦାନିରେ ? ସମାଜକୁ ଚିହ୍ନିବାର କଟିଲ ମଗଜ । କେଉଁଠି ଥିଲା ତୁମ ସମାଜ, ଯେତେବେଳେ ନୀଳମାଧବ ବାବୁ ନେମ୍ ବାନ୍ଧା ହୋଇ ପରଦେଶରୁ

Digitized by srujanika@gmail.com

ଆସିଲେ, ସେଇ ନିଷ୍ଠୁର ସମାଜ କଲୁ ପ୍ରବଞ୍ଚ ହେଲା ହେବଲ ଏଇ ହୃଦୟହୀନା ଲତାର ଅଦୃଷ୍ଟରେ । 'ନୁହେଁ ?'

ମୋର ଆଉ ଜବାବ ଦେବାର କିଛି ନଥିଲା । ତେଣୁ ମୁଁ ଚୁପ କରି ବସି ରହିଲି· ଅଟେ ବିସ୍ମିତ ଓ ଅଟେ ସ୍ତମ୍ଭିତ ହୋଇ ।

ପ୍ରଥମ ପ୍ରେମ !

ମୋର ସେଇ ପ୍ରେମର ସୂତ୍ରପାତ ।

ମଞ୍ଜୁର ପ୍ରାଣସ୍ପର୍ଶୀ ବାଣୀରେ ମୁଁ ଗନ୍ଧ ବିଧୁର ହୋଇ ଉଠିଥିଲି ।

—*—

—ଦୁଇ—

ପରୀକ୍ଷା ଦେଇ ସାରି ମଞ୍ଜୁ ଘରକୁ ଚାଲି ଯାଇଛି ।

ଜ୍ୟୈଷ୍ଠର ଗୋଟିଏ ଉତ୍ତପ୍ତ ଅପରାହ୍ନ । ସାରା ଦିନର ରୌଦ୍ରଦାହନ ଲୀଳାର ଶେଷରେ ଫେରାଇ ଆସିଛି ଏକ ସ୍ତିମିତ ଅବସାଦ । ଦକ୍ଷିଣରୁ ପବନ ବହୁଛି ମନ୍ଦ ମନ୍ଦ, ଠିକ୍ ବାସର-ଶଯ୍ୟାରେ ଲଜ୍ଜାନମ୍ରା ତରୁଣୀ ବଧୂ କାନରେ ଫୁସ୍ ଫୁସ୍ କଥା କହିଲା ପରି । ଉଦାସ ଗ୍ରୀଷ୍ମ-ଦେବତା ଅମନ୍ଥର ଆଳସ୍ୟରେ ତାର ପ୍ରିୟା ସ୍ପର୍ଶସୁଖ ଉପଭୋଗ କରୁଛନ୍ତି ।

ମୁଁ ବୈକାଳିକ ଚା-ପାନରତ । ଚାକର ଆସି ଚିଠିଗୁଡ଼ା ବଢ଼ାଇ ଦେଲା । ପ୍ରଥମେ ଗଣ୍ଡିଏ ଚିଠି ଖୋଲି ପଢ଼ିଲି ।

"ପ୍ରାଣାଧିକ ଅଶୋକ ଭାଇ ମୋର,

ତୁମ ସ୍ନେହ-ଶ୍ରଦ୍ଧା-ସୌହାର୍ଦ୍ଦ୍ୟ-ବିଜଡ଼ିତ ପତ୍ରଟି ପାଇ ନିଜକୁ ଧନ୍ୟ ମଣିଲି । ଯେତେଥର ପଢ଼ୁଛି ନୂଆ ଲାଗି ଯାଉଛି । ଭାବୁଛି ସତେ ଯେମିତି ମୁଁ ତୁମ ପାଖରେ କଥା ବାର୍ତ୍ତା କରୁଛି ।

ସତ କହୁଛି, ତୁମକୁ ଛାଡ଼ି ମୁଁ ଏଠି ଏକା ଟିକେ ହେଲେ ରହି ପାରୁନାହିଁ । ଆଦୌ ମନ ଲାଗୁନାହିଁ । ଏ କଥା ଶୁଣି ତୁମେ ହୁଏତ ହସରେ ଉଡ଼ାଇ ଦେଉଥିବ । କାରଣ ତୁମ ପରି ନିଷ୍ଠୁର, ନିର୍ଦ୍ଦୟ ଓ ନିର୍ମମ କପଟ ବୁଝିବ ମୋ ଯାତନା କଣ ?

ମୋ ରାଣ, ଭାଇଙ୍କୁ କହି ମତେ ନେଇ ଯାଅ । ଭାଇ କଣ କହୁଛନ୍ତି ଜାଣ ?—ଏଇ ମାଘରେ ! ମତେ ଭାରି ଲାଜ ମାଡ଼ୁଛି । ସମସ୍ତ ସମସ୍ତରେ ମୋର ମନେହୁଏ, ନବ-ବଧୂର ଲଜ୍ଜା ଭଣ୍ଡାର ସମ୍ବଳ ମୁଁ କାହିଁକି ଟିକିଏ ହେଲେ ରଖିଲି ନାହିଁ । ତୁମକୁ କାହିଁକି ଅକାତରେ ଅର୍ପଣ କଲି ମୋର ସମସ୍ତ ମାନ, ସମ୍ଭ୍ରମ ଓ ଗୋପନୀୟତା ?

ହଁ, ଆଉ ଗୋଟିଏ କଥା । କେଇ ଦିନ ହେଲାଣି—ନା, ଥାଉ । ପରେ କହିବି ।

ଏଠି ରହିବାକୁ ଆଉ ଆଦୌ ଭଲ ଲାଗୁନାହିଁ । ଶୀଘ୍ର ନେଇଯିବ । ଶେଷରେ ମୋର ଆନ୍ତରିକ ଭଲପାଇବା ଗ୍ରହଣ କରିବ । ସବୁ ଭଲ । ଆଜି ବିଦାୟ ନେଲି । ଇତି

ତୁମରି ସେଇ—"ମଞ୍ଜୁ"

ଚିଠିଟି ପଢ଼ି ସାରି ଛୋଟ ନିଶ୍ୱାସଟିଏ ମାରିଲି ।

ତା ପରେ ଥଣ୍ଡା ଚା'ତକ ଢକ ଢକ କରି ପିଇଦେଲି ।

—*—

—ତିନି—

ଆଷାଢ଼ ସନ୍ଧ୍ୟା । ଅନ୍ଧକାର ଅଶ୍ରାନ୍ତ ବୃଷ୍ଟି ହେତୁ ଗାଢ଼ତମ ହୋଇ ଉଠିଛି । ସକାଳୁ ଏକ ବର୍ଷାର ବିରାମ ନାହିଁ । ଝମ୍ ଝମ୍ ଶବ୍ଦରେ ଉନ୍ମାଦ ନୃତ୍ୟ ଚାଲିଛି ନବ ବର୍ଷାର । ପୂର୍ବ ଦିଗରୁ କ୍ରମାଗତ ଥଣ୍ଡା ପବନ ବହୁଛି, ଦାମ୍ପତ୍ୟକ୍ଷୁଣ୍ଣ ନିଃଶ୍ୱାସର ଅତ୍ୟଚ୍ଛ୍ୱସିତତା ପରି ।

ମଞ୍ଜୁ ଓ ତା ଭାଇ ତାଙ୍କ ପଢ଼ା ଘରେ ବସି ଗପ କରୁଥିଲେ । ତାଙ୍କ ବାପା ଭିତରକୁ ପଶି ଆସିଲେ । ଉଦ୍‌ବେଗ ବ୍ୟାକୁଳ ।

କିଛିକ୍ଷଣ ବସିଲେ ପରେ ନିସ୍ତବ୍ଧତା ଭାଙ୍ଗିଲା—"ମା, କଣ କଲୁ ?"

ପରିଷ୍କାର କଣ୍ଠରେ ଜବାବ ଆସିଲା—"ନା ।"

"କଣ, ନା ?"

"ନା ।"

"କାହିଁକି ? କାହିଁ ପାଇଁ ତୋର ଏ ଅବାଧ୍ୟତା ?"

"ଜଣକୁ କଥା ଦେଇ ସାରିଛି ।"

"କୌଣସି ମୂଲ୍ୟ ନାହିଁ ସେ କଥାର । ତା ଛଡ଼ା ବାପମାଆଙ୍କ ବର୍ତ୍ତମାନରେ ତୁ କିଏ କଥା ଦବୁ ? କାହିଁକି ବା ଦବୁ ? କଲେଜରେ ତୋତେ ଲେଖା ହୋଇଥିଲା ପଢ଼ିବା ଲାଗି, ନା ନିଜର ବର ବାଛିବା ଲାଗି ? ଭଲ ଗଣ୍ଡ ଝିଅ ସେ ସବୁ ଅମାନିଆ କଥା ଛାଡ଼ି ଦେ ।"

"ମୁଁ ଆଉ କାହାରିକୁ ବିବାହ କରି ପାରିବି ନାହିଁ ।"

Digitized by srujanika@gmail.com

"ଏଁ, ଫେର ସେଇ କଥା ? ଦୂର୍ ହୋଇଯା ମୋ ଆଗରୁ । ଯାଉଛୁ ନା ।"

"ଯାଉଛି ।"

ଦ୍ରୁତ ବେଗରେ ମଞ୍ଜୁ ଘରୁ ବାହାରିଗଲା ।

ଶଶୀବାବୁ ଅସହ୍ୟ ରାଗରେ ପଦେ ମୁଦ୍ଧା କଥା କହିଲେ ନାହିଁ ।

—ଚାରି—

ଏଥର ମଞ୍ଜୁ ଏକା, ସମ୍ପୂର୍ଣ୍ଣ ଏକା । ସେ କୌଣସି ମହାପଥ-ଯାତ୍ରୀର ପଥିକ । ଏଠା କଣ ସେ ଆଶା କରିଥିଲା ? ପ୍ରତାରଣା ପ୍ରବଞ୍ଚନା ଓ ଛଳନା ମଧ୍ୟରେ ତା ପ୍ରେମ କଣ ଆଶ୍ରୟ-ପ୍ରାର୍ଥିନୀ ହେବ ? ତା ଠାରୁ ଅନାହାରରେ ରାସ୍ତା କଡ଼ରେ ମରିବା ଶତଗୁଣେ ଶ୍ରେୟସ୍କର ।

ଅନବରତ ବୃଷ୍ଟି । ରାସ୍ତା ଘାଟ ସବୁ ଜଳମୟ ।

ରାତି ପ୍ରାୟ ଏଗାରଟା ।

ବୃଷ୍ଟିସ୍ନାତ ବଡ଼ରାସ୍ତା ଅନ୍ଧକାରରେ ଜନବିରଳ ପଥ ବହୁଦୂର ପ୍ରସାରିତ । କ୍ୱଚିତ୍ କେଉଁ ଜଣେ ଦି'ଜଣ ଲୋକ ଯାତାୟାତ କରୁଛନ୍ତି । ଥଣ୍ଡା ପବନ ବହୁଛି । ପୋଷାକ ଭିଜିରେ ଗଛତଳେ ବସି ବସି ମଞ୍ଜୁକୁ ଶୀତ ଲାଗିଲା । ଏକ ଅପରିସୀମ ଅସହାୟତା ଓ ଅନୁଶୋଚନାରେ ତା ଦୁଇ ଆଖିରୁ ଟପ୍ ଟପ୍ କରି ପାଣି ଗଡ଼ିବାକୁ ଲାଗିଲା ।

ଏତେ ବେଳେ ବେଳେ ମଞ୍ଜୁ ତାର ବର୍ତ୍ତମାନ ପରିସ୍ଥିତି ଉପଲବ୍ଧି କରି ପାରିଲା । ବାପାଙ୍କ ସାଙ୍ଗରେ ଝଗଡ଼ା କରି ସେ ଗୃହତ୍ୟାଗ କରିଛି । ମୋ ସହିତ ଜୀବନ-ଯାତ୍ରା ନିର୍ବାହ କରିବା ଥିଲା ତାର ମଧୁମୟ ସ୍ୱପ୍ନ ।

କିନ୍ତୁ ଆଜି ପରିସ୍ଥିତି କଣ ? ମୋ ଘରର ପଡ଼ୋଶୀ କହେ ଯେ ମୁଁ ଦୁଇଦିନ ହେଲା କୁଆଡ଼େ ବାହାରି ଯାଇଛି ।

ଅକସ୍ମାତ ମଞ୍ଜୁ କାନ୍ଦି ପକାଇଲା ।

ସେଇ ନିର୍ଜନ ସ୍ଥାନରେ କେହି ନଥିଲେ ।

ଗଛର ପତ୍ରରୁ ଟପ୍ ଟପ୍ ହୋଇ ପାଣି ଝରୁଥିଲା । ମଝିରେ ମଝିରେ ବେଙ୍ଗମାନଙ୍କ ଟ୍ୱାଁ ଟ୍ୱାଁ ଶବ୍ଦ କାନକୁ ଶୁଭୁଥିଲା ।

ଦୂରରେ ବଜ୍ରଗର୍ଜ୍ଜନର ଘୋର ଆବାଜ ।

ନିର୍ମମ ନିୟତି, ମେଘ-ଢଙ୍କା ଆଷାଢ଼ ରଜନୀ ଓ ଧାବମାନ ଅନନ୍ତ କାଳ ଛଡ଼ା ମଞ୍ଜୁର ଅନ୍ୟ କେହି ପ୍ରତ୍ୟକ୍ଷ-ଦର୍ଶୀ ନଥିଲେ ।

ମଞ୍ଜୁ ତାର ଲଜ୍ଜା, ସମ୍ଭ୍ରମ, ଦୁର୍ଲଭ ପ୍ରେମ, ସମସ୍ତ ସତ୍ତ୍ୱା ଓ ଗୋପନତା ମୋ ପାଦ ତଳେ ଦୁଇ ହାତରେ ଧୂଳି ପରି ନୈବେଦ୍ୟ ପ୍ରଦାନ କରିଥିଲା । କିନ୍ତୁ ତାର ପ୍ରତିଦାନ ?

କଏ ତାକୁ ଆଜି ଆଶ୍ରୟ ଦେବ ?

ପୁଣି ମଞ୍ଜୁ ଶିହରି ଉଠିଲା ।

କି ଅଜଣାରେ ସେ ବଞ୍ଚିବ ? ତା ପାଇଁ ଅଛି କେବଳ ତୁଷାର-ଶୀତଳ ମୃତ୍ୟୁ ।

ସେ ପୁଣି ଭାବିବାକୁ ଲାଗିଲା । ଯେଉଁ ସୁନ୍ଦର ଶିଶୁ, ପିତା ମାତାଙ୍କର ନିବିଡ଼-ଆନନ୍ଦ-ମିଳନରେ ଯା'ର ଅସ୍ତିତ୍ୱର ବିକାଶ, ତା ଦେହରେ ବର୍ତ୍ତମାନ, ତାକୁ ହତ୍ୟା କରିବାର ତାର କି ଅଧିକାର ଅଛି ?

କାହିଁକି ବା ନାହିଁ ? ସେ ଯେପରି ମୋର ସନ୍ତାନ; ମଞ୍ଜୁର ମଧ୍ୟ । ତାର ଶୁଭ୍ରସୁନ୍ଦର ମଞ୍ଜୁକୁ ଦେଖିବାକୁ ପଡ଼ିବ । ଏଇ ପ୍ରବଞ୍ଚନା, ଶଠତା ଓ କୁଅଭ୍ୟାସମୟ ଜଗତର ଦୃଷ୍ଟି ତା ମୂର୍ତ୍ତିରେ ପଡ଼ିବା ଆଗରୁ ମଞ୍ଜୁ, କାହିଁକି ତାକୁ ଗର୍ଭର ଅନ୍ଧକାରରୁ ମୃତ୍ୟୁର ଅନ୍ଧକାରକୁ ନେଇ ନ ଯିବ ?

ମଞ୍ଜୁ ଉଚ୍ଚାରଣ କଲା—ହଁ, ସେଇଆ' ହେବ ।

ଅଭିଭୂତ ହୋଇ ମଞ୍ଜୁ ଉଠି ଛିଡ଼ା ହେଲା । ଧୀରେ ଧୀରେ ପୋଖରୀ ନିକଟକୁ ଗଲା । ଅଳ୍ପ ଅଳ୍ପ ପାଣିରେ ପଶିଲା ।

ଅଛ ଛକଏ ଅଗଣ୍ୟ ଗଭୀର ଚିରକାଳ ତାର ପାତାଳ-ପୁରୀ । ଦୁଇ ହାତ ଯୋଡ଼ି କାହାକୁ ପ୍ରଣାମ କରି ମଞ୍ଜୁ ବୁଡ଼ିଗଲା ।

କିନ୍ତୁ ଅଦୃଷ୍ଟର ଇଙ୍ଗିତ ସମ୍ପୂର୍ଣ୍ଣ ପୃଥକ !

—ପାଞ୍ଚ—

କ୍ରମାଗତ ସାତଦିନ ପ୍ରାୟ ଅଧିକାଂଶ ଖବର କାଗଜରେ ମଞ୍ଜୁର ଅକସ୍ମାତ୍ ନିରୁଦ୍ଦେଶ ବିଷୟ ପ୍ରକାଶ ପାଇଲା ।

ବହୁଅଡ଼ିକୁ ଲୋକ ପଠା ହେଲେ ।

ମୁଁ ମଧ୍ୟ ନିଜେ ବହୁ ବିଜ୍ଞାପନ ପ୍ରଚାର କରି ତାକୁ ବହୁଅଡ଼େ ଖୋଜିଲି ।

କିନ୍ତୁ ସବୁ ବ୍ୟର୍ଥ ହେଲା ।

ସଂସାରରୁ ବିଦାୟ ଗ୍ରହଣ କରିବାର ଅବ୍ୟବହିତ ପୂର୍ବରୁ ମଞ୍ଜୁ ମୋତେ ଜଣାଇଥିଲା—ମୋର ଯାହା କିଛି ଥିଲା ସମସ୍ତ ତୁମକୁ ଅର୍ପଣ କରିଛି । କିନ୍ତୁ ତାର ବିନିମୟରେ କିଛି ଲାଭ କରି ନାହିଁ । ଆଜି ଆମ ଦୁହିଙ୍କ ଜୀବନରେ

Digitized by srujanika@gmail.com

ଏତେ ଡେରି ହୋଇ ଯାଇଛି ଯେ କିଛି କହି ହେବ ନାହିଁ ।

ଅଜ ଅବଚାହିତ ଜୀବନରେ ତାହା ଅକ୍ଷରେ ଅକ୍ଷରେ ହୃଦୟଙ୍ଗମ କରୁଛି ।

ଦୁଇ ପରିଚେତ କି ସୁନ୍ଦର, ମନୋରମ !

—ତିନି—

ସେଦିନ ମୁଁ ଏବଂ ମୋ ଘରର ନର୍ସୀନା ଜଣେ ବନ୍ଧୁଙ୍କୁ ଗାଡ଼ିରେ ଚଢ଼ାଇ ଦେବାଲାଗି କଟକ ଷ୍ଟେସନକୁ ଯାଇଥିଲୁଁ ।

ଗାଡ଼ି ଆସିବାକୁ ଡେରିଥାଏ । ମୁଁ ମୁସାଫିର ଖାନାରେ ବସି ଚନ୍ଦ୍ରମଣୀ ଦାସଙ୍କ ଅଧୁନିକ ଉପନ୍ୟାସ "ଧରାସ୍ୱର୍ଗ" ତନ୍ମୟ-ଚିତ୍ତରେ ପଢ଼ିବାରେ ଲାଗିଥାଏଁ । ଏ ଭିତରେ ଗାଡ଼ି କେତେବେଳେ ଆସି ଗଲାଣି ମତେ ଖିଆଲ ନାହିଁ ।

ହଠାତ୍ ନର୍ସୀନାର "ବାବୁ ! ଦୌଡ଼ ଆସ" ରେ ମୋର ସ୍ୱପ୍ନ ଭାଙ୍ଗିଗଲା, ଦୌଡ଼ିଗଲି । ସେ ମତେ ଗୋଟିଏ ଇଣ୍ଟର କ୍ଲାସ ଡବା ଅଡ଼ିକୁ ଅଙ୍ଗୁଳି ନିର୍ଦ୍ଦେଶ କରିଦେଲା ।

ଦିଗ୍‌ବିଦିଗ ଜ୍ଞାନଶୂନ୍ୟ ହୋଇ ଚିତ୍କାର କରୁଁ କରୁଁ ଏକା ଦୌଡ଼ାରେ ମୁଁ ଯାଇ ସେହି ଡବା ପାଖରେ ଉପସ୍ଥିତ ହେଲି ।

ଏଁ ମଞ୍ଜୁ ! ସତେ ?

ଆଖିକୁ ମୋର ବିଶ୍ୱାସ କରି ପାରିଲି ନାହିଁ ।

ପାଟିରୁ ବାହାରି ପଡ଼ିଲା—"ମଞ୍ଜୁ ! ତୁମେ ବଞ୍ଚିଛ !"

ମତେ ଦେଖି ପାରି ତା ହାତରୁ ବାଟ ଗିଲାସଟା ତଳେ ଖସି ପଡ଼ିଲା ! ନିଷ୍ପଲକ ନେତ୍ରରେ କିଛିକ୍ଷଣ ମୋ ଅଡ଼ିକୁ ଚାହିଁ ଜୋରରେ କାନ୍ଦି ଉଠିଲା ।

"ମଞ୍ଜୁ ! ମୁଁ ତୁମ ଅଶୋକ । ମତେ ଚିହ୍ନିଲ ନାହିଁ ? କେଉଁଠି ଥିଲ ଏତେଦିନ ? ତୁମେ ବଞ୍ଚିଛ ? ମୁଁ ତୁମକୁ କେତେ ଖୋଜିଛି, ମଞ୍ଜୁ !"

ମଞ୍ଜୁ କିଛି ନ କହି କାନ୍ଦୁଥିଲା । ମୁଁ ତ କାନ୍ଦି ପକାଇଲି ।

ଗାଡ଼ି ଉପରକୁ ଉଠି ଯାଇ ମୁଁ ତା ନରମ ହାତ ଦୁଇଟି ଧରି ପକାଇଲି ଓ କହିଲି—"ଛି ମଞ୍ଜୁ ! କାନ୍ଦନାହିଁ । ମୋ କଥା ଟିକିଏ ଶୁଣ । ମୋ ସାଙ୍ଗରେ କଥା କହିବ ନାହିଁ ? ମୋ ଉପରେ ଅଭିମାନ ନାହିଁ ? ମୋ ଅପରାଧର କଣ କ୍ଷମା ନାହିଁ ? ଜାଣିଥିଲି ମୋର ପ୍ରାଣଭରା ଶ୍ରଦ୍ଧା ଓ ପ୍ରୀତି ବ୍ୟର୍ଥ ହେବ ନାହିଁ ।"

ତା ଗାଲ ଦେଇ ଟପ୍ ଟପ୍ କରି ଲୁହ ମୋ ହାତଉପରେ ଝରି ପଡ଼ୁଥାଏ ।

ମଞ୍ଜୁ କେତେବେଳେ କହିଲା—"ଅଶୋକ ଭାଇ !"

"ହଁ, ଅଶୋକ ଭାଇ ! ମତେ ଏକା ଛାଡ଼ିଦେଇ ତୁମେ କୁଆଡ଼େ ପଳାଇ ଥିଲ ?"

ବେଞ୍ଚରେ ଜାପାନୀ କଣ୍ଢେଇ ପରି ଶିଶୁଟିଏ ଶୋଇଥିଲା । ମଞ୍ଜୁ ତାର ଅଡ଼ିକୁ ଅଙ୍ଗୁଳି ଦେଖାଇ ଦେଲା । ମୁଁ ଉନ୍ମାଦ ପରି ପିଲାଟିକୁ କୋଳକୁ ନେଇ ଅସଂଖ୍ୟ ଚୁମ୍ବନରେ ତାର ସାରା ଶରୀର ଭରି ଦେଲି । କାନ୍ଦି କାନ୍ଦି କହିଲି—ଏଁ ପୁଅ, ମୋ ପୁଅ ।

ଏତିକିବେଳେ ଜଣେ ଭଦ୍ରଲୋକ ଚଳଶିଆ ଦୁଲାଟିଏ ଧରି ଘଟଣା ସ୍ଥଳରେ ଉପସ୍ଥିତ ହେଲେ ଏବଂ ବୋକାଙ୍କ ପରି ଛିଡ଼ା ହୋଇ ରହିଲେ ।

ମଞ୍ଜୁ ତାଙ୍କୁ କହିଲା—"ଏ ଅଶୋକ ଭାଇ !"

ବାଃ, ଖୁବ ଦାୟିତ୍ୱଜ୍ଞାନତ ଆପଣଙ୍କର ? ସ୍ତ୍ରୀ ପୁଅକୁ ଅନ୍ୟ ସ୍ଥାନରେ ଛାଡ଼ିଦେଇ ନାହିଁତ ଚାଲି ଯେତେ ଆପଣତ ବେଶ ଘୁଙ୍ଗୁଡ଼ି ମାରୁଛନ୍ତି ? ଭାଗ୍ୟକୁ ମୁଁ ସେଠିକି ପାର୍ଶ୍ୱ ବାଟେ ଆସୁଥିଲି । ତା ନ ହେଲେ କି କାଣ୍ଡ ଯେ ଘଟିଥାନ୍ତା ।"

ମୁଁ ହାତ ଯୋଡ଼ି କହିଲି—"ଆପଣଙ୍କ ଦୟା କେବେହେଁ ପାଶୋରି ପାରିବ ନାହିଁ ।"

"ଆଉ ଡେରି କାହିଁକି ? ତଳକୁ ଆସ । ମୁଁ ଜିନିଷ ପତ୍ର ଓହ୍ଲାଇ ଦେଉଛି ।"

ମୁଁ ପୁଅକୁ କାଖେଇ ମଞ୍ଜୁକୁ ଡାକିଲି । ସେ ମନ୍ତ୍ରମୁଗ୍ଧ ସରୀସୃପ ପରି ମୋ ପଛରେ ଆସିଲା ।

ଶଚୀନ୍ଦ୍ର ବାବୁ ଜିନିଷ ପତ୍ର ତଳକୁ ଓହ୍ଲାଇ ଦେଲେ ।

ଦ୍ୱିତୀୟ ଘଣ୍ଟା ବାଜିଲା ।

ଶଚୀନ୍ଦ୍ର ବାବୁ ମୋତେ କହିଲେ—"କିଛି ମନେ କରିବେ ନାହିଁ । ମତେ ଯେ କୌଣସି ମତେ ଆଜି ଯିବାକୁ ହେବ । ଫେରିଲା ବେଳକୁ ଆପଣଙ୍କ ନିମନ୍ତ୍ରଣଟା ରକ୍ଷା କରିବ ।"

"ହଉ, ଆପଣଙ୍କ ଇଚ୍ଛା ।"

"ଅଚ୍ଛା, ନମସ୍କାର ।"

( ଅବଶିଷ୍ଟାଂଶ ୧୪ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ବହିପତ୍ର

**ଭଞ୍ଜପ୍ରଦୀପ—ଚୈତ୍ର ଓ ଆଷାଢ଼, ୧୩୫୧**

ଅଧ୍ୟାପକ ବିପିନ ବିହାରୀଙ୍କ 'ସାହିତ୍ୟରେ ଦର୍ଶନ" ପ୍ରବନ୍ଧ ମନ୍ଦ ନୁହେଁ ।

ଶ୍ରୀ ଶଶୀଭୂଷଣ ରାୟଙ୍କ 'ନାସ୍ତି-ନୟନ-ପ୍ରଭା' ଚିନ୍ତାଶୀଳ ପ୍ରବନ୍ଧ ।

ଶ୍ରୀ କେଦାରନାଥ ମହାପାତ୍ରଙ୍କର 'ତ୍ରିକଳିଙ୍ଗର ପରିଚୟ' ଗବେଷଣା ପୂର୍ଣ୍ଣ ।

ଧୂର୍ଜଟୀଙ୍କ "ଅନ୍ତିମ ଅନୁରୋଧ" ମୋପାସା ଲେଖାର ଅନୁବାଦ ଭଲ ହୋଇଛି ।

ଶ୍ରୀ ଗୋପାଳ ପ୍ରହରାଜଙ୍କ ଧାରାବାହିକ 'ଦୁନିଆ ଗୀତଏ" ଉପାଦେୟ ।

ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳଙ୍କର "ଆଧୁନିକ ଓଡ଼ିଆ ସାହିତ୍ୟର କେତୋଟି ବିଭାଗ" ସୁଚିନ୍ତିତ ଲେଖା ।

**ଜାଗରଣ—୧୯୪୪ ଜୁଲାଇ, ଅଗଷ୍ଟ**

ସାହିତ୍ୟ ସମାଜର ଗତ ସାହିତ୍ୟ-ସପ୍ତାହ ଉତ୍ସବରେ ପଠିତ ଅନେକଗୁଡ଼ିଏ ପ୍ରବନ୍ଧ ଓ କବିତା ଏ ସଂଖ୍ୟାର ଶୋଭା ବର୍ଦ୍ଧନ କରିଛି । ତନ୍ମଧ୍ୟରୁ ଶ୍ରୀ କୃପାସିନ୍ଧୁ ନରେନ୍ଦ୍ର ଦେବଙ୍କ 'କାନ୍ତ ସାହିତ୍ୟ', ଶ୍ରୀ ଅଶ୍ୱିନୀକୁମାର ଘୋଷଙ୍କ "ନାଟ୍ୟସାହିତ୍ୟ", ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜଙ୍କ "ଗଣସାହିତ୍ୟ" ଲେଖାଗୁଡ଼ିକ ଉଲ୍ଲେଖ ଯୋଗ୍ୟ ।

ଶ୍ରୀମତୀ ସରଳାଦେବୀଙ୍କ 'ଆମ ଜାତୀୟ ଜୀବନରେ କଳା ଓ ସଂସ୍କୃତିର ପ୍ରଭାବ' ପାଠକଙ୍କ ଚିତ୍ତ ଉପରେ ପ୍ରଭାବ ବିସ୍ତାର କରୁଛି ।

**ସହକାର—ଷଷ୍ଠ ଓ ସପ୍ତମ ସଂଖ୍ୟା ।**

ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳଙ୍କ ବକ୍ତୃତାର ସାରାଂଶ "ଆଧୁନିକ ଓଡ଼ିଆ ସାହିତ୍ୟର କେତୋଟି ବିଭାଗ" ଭଞ୍ଜପ୍ରଦୀପରେ ମଧ୍ୟ ପ୍ରକାଶିତ ହୋଇଛି । ଏହି ସୁନ୍ଦର ଲେଖାଟିର ବହୁଳ ପ୍ରଚାର ବାଞ୍ଛନୀୟ । ହରିଶବାବୁ ଓଡ଼ିଶା ବାହାରେ ଓଡ଼ିଆ ସାହିତ୍ୟର ନାଁଅ ପହଞ୍ଚାଇଥିବାରୁ ଓଡ଼ିଆ ଜାତି ତାଙ୍କଠାରେ କୃତଜ୍ଞ ।

ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ଟିକିକଥା 'ଗୁପ୍ତଚର' ଭଲ ହୋଇଛି । ସେ ଏଇଭଳିଆ ଟିକି ଗଳ୍ପ ଲେଖନ୍ତୁ । ଏହାଛଡ଼ା ଯୁଗ ସେଇୟା ଚାହୁଁଛି । Brevity is wit.

ଶ୍ରୀ ରାଜକିଶୋର ରାୟଙ୍କ କ୍ଷୁଦ୍ର ଗଳ୍ପ 'ଜଣିପଦ୍ମ'ଟି ସୁନ୍ଦର ।

ଶ୍ରୀ ରାଧାମୋହନ ପଢ଼ିଙ୍କ ଓଡ଼ିଶା "ସ୍ଥାପତ୍ୟରେ ଅଶ୍ଳୀଳ ମୂର୍ତ୍ତିକଳା" ପ୍ରବନ୍ଧ ଗୋଟିଏ ବଡ଼ ଜଟିଳ ପ୍ରଶ୍ନ ଦେଇ ଆଲୋଚନା । ଏ ସମ୍ବନ୍ଧରେ ଅଧିକ ଆଲୋଚନା ପ୍ରୟୋଜନ ।

ଅଧ୍ୟାପକ ବାନାମ୍ବର ଆଚାର୍ଯ୍ୟଙ୍କ "ପ୍ରାଚୀନ ଓଡ଼ିଆ ପଦ୍ୟରେ ଅଲଙ୍କାର" ପାଣ୍ଡିତ୍ୟପୂର୍ଣ୍ଣ ପ୍ରବନ୍ଧ ।

ଶ୍ରୀମତୀ ନିର୍ମଳା ଦେବୀଙ୍କର କବିତା "ଅଚିହ୍ନା ଅତିଥି" କବିତାଟି ପଢ଼ିଲେ ହୃଦୟ ସ୍ନିଗ୍ଧ ହୋଇଯାଏ । ଭାଷା, ଭାବ, ଛନ୍ଦ ସବୁଥିରେ କବିତାଟି ସର୍ବାଙ୍ଗ ସୁନ୍ଦର । ଏଇଭଳି କବିତା ଯେ କୌଣସି ସାହିତ୍ୟର ଗୌରବ ବୃଦ୍ଧି କରିବ ।

---

"ଡୁଡୁମା ଜଳପ୍ରପାତ ଓ ଓଡ଼ିଶା ସରକାର" ନାମକ ଖଣ୍ଡିଏ କ୍ଷୁଦ୍ର ପୁସ୍ତିକା ଉପହାର ପାଇ ଆମ୍ଭେମାନେ ଆନନ୍ଦ ପ୍ରକାଶ କରୁଛୁ । ବାହିନୀ ସଭ୍ୟ ଓ ସାମ୍ବାଦିକ ଶ୍ରୀ ଘନଶ୍ୟାମ ନାୟକ ଏହାର ଲେଖକ । ଡୁଡୁମା ଯିବା ଦ୍ୱାରା ଚିରକାଳକୁ ଓଡ଼ିଶାର କି ଭୀଷଣ କ୍ଷତି ହେଉଛି ତାହା ସେ ପ୍ରାଣସ୍ପର୍ଶୀ ଓ ଆବେଗମୟୀ ଭାଷାରେ ଦେଖାଇଛନ୍ତି । ଡୁଡୁମା ସମ୍ବନ୍ଧରେ ଏ ପୁସ୍ତିକା ପ୍ରବଳ ଜନମତ ସଂଗଠନ କରି ଘୋର ପ୍ରତିବାଦର ସହାୟତା କରୁ ଏତିକି କାମନା ।

Digitized by srujanika@gmail.com

କବିତା .....

# ଅରୁନ୍ଧତୀ

— ଶଚି ରାଉତରାୟ —

( ଅରୁନ୍ଧତୀ ଉପାଖ୍ୟାନ ପୁସ୍ତକରେ କଣ ମୁଁ ତାହା ପୁରଣାପଢ଼ି ଜାଣିବାର ଅବକାଶ ପାଇ ନାହିଁ । ମାତ୍ର ମୋର ମୃତା ମାଆଙ୍କଠାରୁ ପିଲାଦିନେ ଶୁଣିଥିଲି;— ଅରୁନ୍ଧତୀ ଚଣ୍ଡାଳ କନ୍ୟା । ସେ ପାରମ୍ପରିକ ସ୍ୱରୂପ ଧାନ ନବାନ୍ନବେଳେ ଗୋଟିଏ ଧାନ ଦୈବାତ୍ ଗଉଣୀରୁ ତଳେ ପଡ଼ିଯାଇ ଗଛ ହୋଇ ଯାଏ ଏବଂ ପରେ ତାହାରୁ ଅସଂଖ୍ୟ ଧାନର ଗଛ ଉତ୍ପନ୍ନ ହୁଅନ୍ତି । ପୃଥିବୀରେ ଦୁର୍ଭିକ୍ଷ ପଡ଼ିଲା ବେଳେ ସେ ତାର ସଯତ୍ନ ସଞ୍ଚିତ ଧାନ ମନୁଷ୍ୟଙ୍କୁ ଦାନ କରି ବ୍ରାହ୍ମଣ ବଶିଷ୍ଠ ମହର୍ଷିଙ୍କର ପତ୍ନୀ ହେବାର ଯୋଗ୍ୟତା ଅର୍ଜନ କରେ । ଏବଂ ନକ୍ଷତ୍ର ଲୋକରେ ସପ୍ତର୍ଷି ମଣ୍ଡଳ ମଧ୍ୟରେ ପତି ବଶିଷ୍ଠଙ୍କ ପାଖରେ ନିରବଚ୍ଛିନ୍ନ ସ୍ଥାନ ପାଏ ।

ଅତୀତପ୍ରବାସୀ ସଂସ୍କାର ମୁଖୀ ( Reformist ) ମନୋଭାବଠାରୁ ( ଇଲିଅଟ୍ ଓ୍ୱାର୍କ ଟ୍ରେଡ଼ ) ଅମୂଳ ପରିବର୍ତ୍ତନ— ପଞ୍ଚପାଣ୍ଡ ବିପ୍ଳବାତ୍ମକ ସଂଗ୍ରାମର ଐତିହାସିକ ଗୁରୁତ୍ୱ ଏବଂ ଗୌରବ ଦେଖାଇବା ପାଇଁ ମୁଁ ଏହି ପ୍ରାଚୀନ ଉପାଖ୍ୟାନର ସଂସ୍କୃତି ଏବଂ ତାହାର ରୂପକ ଅର୍ଥ ବ୍ୟବହାର କରିଛି । ଛନ୍ଦର ବସ୍ତୁ ଏବଂ ରୂପକ ସାହାଯ୍ୟରେ ବକ୍ତବ୍ୟ ନିବେଦନ । ସାଙ୍କେତିକ ଏବଂ ଐତିହ୍ୟ-ବ୍ୟଞ୍ଜକ ପ୍ରକାଶଭଙ୍ଗୀ, ଏବଂ ଉପମା ପରିବର୍ତ୍ତରେ allegory ର ବ୍ୟବହାର ଦୃଷ୍ଟିରୁ ଏହି କବିତାର ଅଙ୍ଗିକ ତଥା ରସ ଗ୍ରହଣ କରିବାକୁ ନିବେଦନ—

ମୋଟ ଉପରେ ଏଥିରେ ଉପମା ନାହିଁ—allegory ଅଛି । Techique ଅଧୁନିକ ଇଂରାଜୀ ଇଉରୋପୀୟ କବିତାର model ରେ ଲେଖା —ଯଥା, Symbolism, Surprise in Rhythm, Scientific approach, and inter pretation and a traditional synthesis and out look and new verse-forms.—ଲେଖକ)

ଧାନର ନଗ୍ନାଙ୍ଗୀ ଅଣ, ଅଣ ଅରୁନ୍ଧତୀ
ଧାନର ଯୌବନ ଅଣ ଦେଶେ,
ଯକ୍ଷ୍ମ ହଉ ହାହାକାର, କରୁଣ ଅଂଧାର
ନବାନ୍ନର ପୂର୍ବରାତ୍ରି ଶେଷେ ।

କଂକାଳ ମୁମୂର୍ଷ ପୃଥ୍ୱୀ କୋମଳ ତ୍ୱକ୍,
ତାହାର ଉଦ୍ଭିଦ-ଅଙ୍ଗ ଡାକୁ କାଲୁ ପ୍ରବାସୀ ଆଲୋକ,
ଖେଳେ ଖେଳେ ବାଜୁ ପୁଣି ଫସଲର ପଦ୍ମଶତ ଶ୍ଳୋକ
ମଙ୍ଗଳ ଅଷ୍ଟକ ।
କ୍ଷୁଧାର୍ତ୍ତ କାତର ମୁଖେ ଦିଅ, ଦିଅ, କଣାଏ ତଣ୍ଡୁଳ,
ନନ୍ଦିନୀ—ରମଣୀ ,
ଅଥବା ଦିଅ ନା ,
ତୁମରି ସ୍ୱମରୁ
ମୃତ୍ତିକାର ଶୁଷ୍କ ସ୍ନାୟୁ, ନୀଳ ମୃଣ୍ମୀ ଶୋଣିତ-ଅତୁଳ ।

ଫେରି ଆସୁ ରକ୍ତବାନ ଉଷାର ଅଶ୍ୱିନୀ
ତୁମ ଦାନେ ମୃଣ୍ମାଳୀ— ବିଭ୍ରାନ୍ତି,
ଅଥବା ନ ଫେରୁ ।

ତନ୍ଦ୍ରାର କର୍ଦ୍ଦମ ତଳେ,...ମୃତ୍ତିକାର ଘୃଣା ଶତ, ପୁଞ୍ଜ
ତୁମର ପ୍ରାସାଦ ଚୂଡ଼ା, ଅଜ୍ଞାତେ ଗଠିତ ଗମ୍ବୁଜ
ପାରିବ କି ଡାକି ?
ଯକ୍ଷ...ମିଛ...ଗଚ୍ଛ ଜାଲ ଫାଙ୍କି !
ମୃତଶିଶୁ—ପୃଥିବୀର ଅଶ୍ରୁ
ଘୋଡ଼ାର ଚାଖିବ ନାହିଁ ବୁଭୁକ୍ଷାର କଷ୍ଟୁରୀ ଜହ୍ନୁ
ଲକ୍ଷ ଧାନ୍ୟ , ଧରା,
ତୁମର ନାମରେ ମଂନ୍ତ୍ର ଶଙ୍ଖ ଅପହାୟୁ
ହେ କଳ୍ପିତ ମମତା ପ୍ରତିଭା !!

( ସଂକ୍ଷିପ୍ତାଂଶ ପତ୍ର ପୃଷ୍ଠା ଶେଷ ଦେଖନ୍ତୁ)

❊ ଅନ୍ନା— ବେଦରେ ବର୍ଣ୍ଣିତ ଉଦାର ଅଧିଷ୍ଠାତା ଦେବତା ।

Digitized by srujanika@gmail.com

ମଜାକବିତା..........

# ରୁମାଲ୍ ପ୍ରେୟସୀ

ଶ୍ରୀ ଗୌରଚନ୍ଦ୍ର ମହାପାତ୍ର

ଅୟି ପ୍ରେୟସି ମମ
ନ ଲାଗନ୍ତୁ ମୋତେ ଯାବ ଦୁନିଆଁରେ
ଜଣେ ହେଲେ ତୁମ ସମ ।
ତୁମର ପରଶେ ତଣ୍ଟିରେ ମୋର,
ଗୁଞ୍ଜର ଉଠେ କେତେ ନୂଆ ସ୍ୱର
ବେଖାଲର ପ୍ରାଣେ ଉଠେ କେତେ ଢେଉ
'ବେକାର ହେଲେ ବି, ଓଦା ଆଶା ଦେଉ
ପେଟରେ ପଡ଼ିଲେ ନ ପଡ଼ୁ ମୋ' ଦାନା
ତୁମ୍ଭ ଥିଲେ ପାଶେ ଉଡ଼େ ଯଶବାନା
ତବ ଗୁଣ ଅନୁପମ
ଖଟା, ଅଟା, ହତଭାଗା ଏ ଜୀବର
ଘେନ ଗୋ ଟୀଡି-ପ୍ରଣାମ । ୧ ।

ଭଗବାନ ଠାରୁ ଭକ୍ତ ବଡ଼ ଯଥା
ପ୍ରେମିକାଙ୍କୁ ଚଳେ ତୋର ମଧୁରତା,
ତୋ ଅଙ୍ଗେ ଫୁଟିଲ, ଚାନ୍ଦ ତ ଫୁଲ
ରହିଛି ନେହୁନେ ଜାଣେ କେ ତା' ମୂଲ
ଫୁଲ ନୁହେଁ ସେତ 'ଫୁଲ ଶର' ପ୍ରାୟ
ଖୁଂଚାଉ ଭରେ ବିରହୀ ହୃଦୟ
ଆହା ମୋ ସଫେଦ୍ ରାଣୀ
ଯୁଗେ ଯୁଗେ ତୁମେ ହୁଅ ଗରବିଣୀ
ଘେନ ମୋର ଗୃହବାଣୀ । ୨ ।

ଏକୁଟିଆ ଯେବେ ବସିଥାଏ ମୁହିଁ
କେତେ ଭାବ ଫୁଟେ ତବ ମୁଖ ଚୁହିଁ
ଏରୋପ୍ଲେନ୍ ପରି ଘୂରି ବୁଲେ ମନ
ଦେଖଇ ମୁଁ କେତେ ସୁନେଲି ସପନ,
ବେଳେବେଳେ ମୋର ମନ ଯାଏ ହୋଇ
ତୋ' ଦେହେ ଗୋଟିଏ ଚୁମ୍ବନ ଦେଇ
ପକାନ୍ତି ସଙ୍କୋଚରେ ଗଣ୍ଠି
ପ୍ୟାକିଂ କରଣ ଭି: ପି: ଯୋଗେ
ପ୍ରିୟାଙ୍କୁ ଦିଅନ୍ତି ଭେଟି । ୩ ।

ପ୍ରିୟା ପାଶେ ଯାଇ କହନ୍ତୁ ମୋ କଥା
ଛାତି ପରି କେତେ ବୁକେ ଉଠେ ବ୍ୟଥା
ଦୁଲ୍ ଫୁଲ ଜାନ ପାଉ ପ୍ରାଣ-ଅନ୍ତ
ଶୁଣନ୍ତେ ମୋ ଦୁଃଖ ତନ୍ମୟ ହୋଇ
ଥମ ଥମ କରି ନେଫେଡ଼ା ବଦନ
ସବେଗ ପକାନ୍ତେ ତୋ' ପରେ ଚରଣ
ଅସନ୍ତୁ ତୁ ତହୁଁ ଫେରି
ବକ୍ଷରେ 'ଠାକୁର' କମଳ ଚରଣ
ପରଶ ରେଣୁଟି ଧରି । ୪ ।

ଅକର୍ମା ଭାଗ୍ୟକୁ ଏ. ଆର. ପି. ଗୃହକର,
ଅବା ବନ୍ଦୀ ଜନ 'ପାରୋଲ' ଛୁଟି ପରି,
ରେସନ ଟିକଟ୍ ପାଇଲେ ଯେସନ,
କୁଲିର ଉଠଇ ଫୋକଲର ପ୍ରାଣ,
ତେସନେ ମୁଁ ତୋତେ ପାଇ ଜିବି ଗଲି
ଚନ୍ଦ୍ରକୁ ବାମନ ପାଇଗଲା ଭଳି
ପ୍ରିୟା ଦେଇଛ ଘେନି
ବିରହ-ଜ୍ୱରର ଉପଶମ ପାଇଁ
କହିବି ସିଙ୍କୋନା ପାଣି । ୫ ।

'ଲଳିତା'ର ସମ ଗୋ ରୁମାଲି ବାଳା
ନ ଗାଇବୁ ମୋର ପାଇଁ ପ୍ରେମଲୀଳା

Digitized by srujanika@gmail.com

ଚହୁଁଥିବୁ ପଦ୍ମେ ପ୍ରିୟା ପଦ ଚିହ୍ନ
ଧାନ ଛେଳି ଚୁମ୍ବୁ ଥିବ ସେହି ସ୍ଥାନ
ମୁହୂର୍ତ୍ତେ ଚେତନା ମୁଁ ନ କରି ଅନ୍ତର
ସାଙ୍କେତିକ ଚିତ୍ର-ଅଙ୍କନ ଭିତର
[illegible] ଯିବ ଅବହେଳେ
ସଜଳ ଦୃଗାଞ୍ଚଳେ ନିଷ୍ଫଳ ମୋହର
ସେ ଥାନେ ଟୋପ୍ପିବ ଲୁହ ଝରି ।
ତୋ ପ୍ରେମବାହୁଡ଼ା ଗୋ ଭୁଲି ନା ଅଳି !

ଅନ୍ତିମେ ତୋ ପଦେ ଏତିକି ମୋ ଅଳି
ଯେଉଁ ପ୍ରିୟା-ପାଦ-ପଦ୍ମ ଗନ୍ଧ ପାଇଁ
ଗାଇଚାଲ ଲୋକେ ମୋଠି [illegible]
ଯୋ ଠିଆ-ନାଟିକା ଚେଷ ହେବ ଅବଶ
ସଦା ଷେବୁ ଥାଉ ତୋ ସ୍ନେହାଙ୍କ ପାଖେ
ଭୁଲି ଯାଇଁ ଅଳି ଭଳି
ବେଦନାର କଟଣି ଅଦେଖା ଦୁଃଖଣି
ମୋ ମଗଜୁ ଦେଇ ଫେଲ । ୭ ।

---

( କାହାଣୀ ୧୦ପୃଷ୍ଠା ଉତ୍ତାରୁ )

ଗାଡ଼ି ଛାଡ଼ିବାର ଶେଷ ଘଣ୍ଟା ବାଜିଲା । ଗାଡ଼ି ଚଳିଲା ।

ମଞ୍ଜୁ ଉଦ୍‌ଭ୍ରାନ୍ତ ପରି ସେ ଅଡ଼କୁ ଅନାଇ ମନେ ଘୁହିଁଲା ।

ତା ପରେ ମୋ ପଦ ଧୂଳି ମଥାରେ ମାରି ସେ କହିଲା —"ବେଶୀ କହିବାକୁ ସମୟ ନାହିଁ । ତୁମ ପୁଅ ଏବେ ଦଜ ଯାଏ ମୋ ପାଖରେ ଥିଲା । ଆଜି ତୁମ ହାତରେ ସମର୍ପଣ କରି ମୁଁ ସେ ଦାୟିତ୍ୱରୁ ମୁକ୍ତ । ମୋ ଉପରେ ତୁମର କୌଣସି ଦାବୀ ନାହିଁ । ସେ ଦିନ ତ ମୋତେ ପ୍ରାଣ ଦାନ କରିଥିଲ । ତାଙ୍କ ହାତରେ ଯାଉଛି । ବିଦାୟ !"

"ମଞ୍ଜୁ ! ଏସବୁ କଣ କହୁଛ ?"

ମୁଁ ତ [illegible] ।

ଗାଡ଼ି ଗୁଳିଚାଲି ଅରମ୍ଭ କଲାଣି, ତା ହାତ ମୋ ହାତରୁ ଖସିକି ନେଇ ଆଖି ପାଖରେ ଦୌଡ଼ଯାଇ ମଞ୍ଜୁ ଗାଡ଼ିରେ ବସି ପଡ଼ିଲା । ମୁଁ ଭ୍ରମିତ ହୋଇ ପିଛକୁ ଚେଇଁ ନେଇ ମଞ୍ଜୁକୁ ଧରିବାକୁ କିଛି ବାଟ ଦୌଡ଼ିଗଲି । କିନ୍ତୁ ଗାଡ଼ି ସେତେବେଳକୁ ଜୋରରେ ଚାଲିଲାଣି ।

ପୁଅକୁ ପାଖକୁ କରି କାନ୍ଦୁଥାଏ ।

ଗାଡ଼ି ସମ୍ମୁଖରେ ଦୂରେ ଚାଲି ଚାଲି ଯାଉଥାଏ, ନିସ୍ତବ୍ଧ ଓ ଚଳନ୍ତ ଗାଡ଼ିରେ ମୁଁ ସେଇଆଡ଼କୁ ଅନାଇ ରହିଲି ।

ଦେଖୁଥାଏ ଦୁଇଟି ଲୋତକ ଭରା ଆଖି ।

କେତେବେଳେବେ ଆପେ ଆପେ ପାଟିରୁ ବାହାରିଗଲା—'ମଞ୍ଜୁ !'

—❊—

---

## କୁତୁକୁତୁ

ସ୍ତ୍ରୀ—ତମକୁ ବାହା ହେବା ଆଗରୁ ମୁଁ ଯେଉଁମାନଙ୍କୁ ବାହାହେବାକୁ ମନ କରିଥିଲି ସେମାନେ ସମସ୍ତେ କେତେ ବଡ଼ ଲୋକ ହୋଇ ଗଲେଣି ।

ସ୍ୱାମୀ—ହିଁ ଠିକ୍ କଥା ସେମାନେ ବଡ଼ଲୋକ ହୋଇ ପାରିଛନ୍ତି ତମକୁ ବାହା ହୋଇ ନାହାନ୍ତି ବୋଲି ।

\+ × +

Digitized by srujanika@gmail.com

( ଅନୁବୃତ୍ତି ୧୨ ପୃଷ୍ଠା ଉତ୍ତରୁ )

ହେ ଏକକ, ନିର୍ଜନ ବେଦନା !
ତୁମରି ସତ୍ତାର କେନ୍ଦ୍ର ଘୂରି ଧାରେ ସମାଜ-ଚେତନା,
କାଟି ଯାଇଛି ସୀମା-ବୃତ୍ତ, ପରିଧି-ମଣ୍ଡଳ;
ବ୍ୟକ୍ତିଗତ ତୁମ ଅଶ୍ରୁ-ଜଳ
ତୁମରି କେବଳ,—
ତୁହିଁ ନାହିଁ ସମାଜର' ସହମର୍ମିତା—ମନ
ତେବେ କହ କାହିଁ ପାଇଁ ଏ ବେଦନା-ଏଇ ପ୍ରହସନ
ଏ ସହାନୁଭୂତି ?
ତାଗ୍ରୁପିତ ହେ ଶୁଭ୍ର ମିନତି !

ନଭିଅ ନପୃନ୍ତୁ ତନ୍ତ୍ରୀ ! ଏଇ ମହାଦାନର ଗୌରବ
ଅନ୍ଧକାର ସାଗରେ ସମ୍ଭବ
କେବେ କି ସାଲିସ୍ ?
କମ୍ପିତ ଦକ୍ଷିଣ ହାତୁ ଖସି ପଡ଼ୁ ମୁଣ୍ଡ—
ଭିକ୍ଷା ପାତ୍ରର ପାଲଣ୍ ।

ଭିକ୍ଷା ନୁହେଁ, ନୁହେଁ ଦାନ, ଶୁଣ ଶୁଣ ଆକାଶ ବାଳିକା
ସଂଗ୍ରାମର ମଣିଷର ଶେଷ ଶିକ୍ଷା, ସର୍ବଶେଷ ଶିକ୍ଷା ।
ଶତାବ୍ଦୀର ଅତଗ୍ରସ୍ତ ପରୀକ୍ଷା ।
ହେ ନକ୍ଷତ୍ର-ନାରୀ ! ସେଇ ତାର ଶେଷ ପରିଚୟ,
ଧାନର ଯୌବନ ଅଣ୍ ତେବେ ଅଜ ଦେବେଶ
ସଂଗ୍ରାମର ପ୍ରଥମ ବିସ୍ମୟ ।

---

## କୁତ୍‌କୁତ୍‌

ସନାତନ ଡାକ୍ତରଙ୍କୁ ଜଣେ ବୃଦ୍ଧ ବଧିର ବ୍ୟକ୍ତି ତାଙ୍କର ଯୁବତୀ ସ୍ତ୍ରୀର ଚିକିତ୍ସା ପାଇଁ ଡାକିଲେ। ଡାକ୍ତର ତାଙ୍କ ସ୍ତ୍ରୀଙ୍କୁ ପରୀକ୍ଷା କରି କହିଲେ "ତମ ସ୍ତ୍ରୀ ଗର୍ଭବତୀ"

ଧୀର ବ୍ୟକ୍ତି ଶୁଣି ନ ପାରି ପଚାରିଲେ "କଣ ?"

ଡାକ୍ତର ଚିଡ଼ିଯାଇ କହିଲେ "ତମ ସ୍ତ୍ରୀର ଗର୍ଭ ସଞ୍ଚାର ହୋଇଛି ।"

ଧୀର ବ୍ୟକ୍ତିଟି ଡାକ୍ତରଙ୍କ ପାଖକୁ ଘୁଞ୍ଚି ଯାଇ କହିଲେ "ଏଁ"

ଡାକ୍ତର ଚିତ୍କାର କରି କହିଲେ "ତମ ସ୍ତ୍ରୀ ପେଟରେ ଗୋଟେ ପିଲା ଅଛି"

ବଧିର ଲୋକଟି କହିଲା "ଇଏ ଅଉ ଗୋଟେ ନୂଆ କଥା କଣ ? ମୁଁ ତ ଏଥିରେ ଅଣ୍ଟ ମିନ୍ନିତ ହେଉ ନାହିଁ -" ଡାକ୍ତର ଏବେ ସୁବଠା ଦଅ ହୋଇଛନ୍ତି ।

× × ×

ଯୁବକ—ପ୍ରିୟେ ! ତମେ କ'ଣ ମୋର ନାଶ ଦେଖିବାଟାକୁ ପସନ୍ଦ କର ନାହିଁ ?

ଯୁବତୀ—ନା, ପ୍ରିୟ ! ତମ ଓ ମୋ ଭିତରେ କେତେକ ତଫାତ୍ ମୁଁ ପସନ୍ଦ କରେ ନାହିଁ ।

---

**କାନ୍ତ-କବିଙ୍କ**
ଅମର ଲେଖନୀ ପ୍ରସୂତ
"ଓମାର ଖୈୟାମ"ର ଅନୁବାଦ
ଓଡ଼ିଆ ସାହିତ୍ୟରେ ଏକ ନୂତନ
ଅବଦାନ—
**କେବେ ବାହାରିବ ଟାକି ରହନ୍ତୁ !**

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

ଉଦ୍ଦେଶ୍ୟ — (୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ତଥା ମନର ବିକାଶ ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନ କରିବା । ୨। ନଗରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

## ବିଦାୟ—ଅର୍ଘ୍ୟ

(୧)

ଫୁଟିଉଠି ଥିଲା ହୃଦୟ-କୋରକ
ତବ ମଧୁ ପରଶରେ
ଝରି ପଡ଼ିବକି ସେଇ କଳି ସାଥୀ
ତବ ସ୍ୱର୍ଣ୍ଣ ବନ୍ଧନରେ ।

(୨)

ତୁମରି ଆହ୍ୱାନେ ଜାଗି ଉଠିଥିଲା
ଆମରି ଏ ସୁପ୍ତ ପ୍ରାଣ
ତୁମ ସାହଚର୍ଯ୍ୟ ଆଣିଥିଲା ମନେ
କେତେ ନୂଆ ଜାଗରଣ ।

(୩)

ଯିବ ଯେବେ ସାଥୀ ଦୂରେ ସ୍ୱପ୍ନ ପୁରେ
ଦେଶ ଦଶ ସେବା କରି
ମନେ ରଖିଥିବ ବାଲ୍ୟ ସ୍ମୃତି ତବ
ନ ଦେବ ମନୁଁ ପାଶୋରି ।

(୪)

ସବୁ ଯଦି ସାଥୀ ଲୀନ ହେବ ଆଜି
ଅତୀତ କାଳ ଗହ୍ୱରେ
ସ୍ନେହତପ୍ତ ଆମ ବୁଡ଼ାଇ ଦେବନି
ବିସ୍ମୃତିର ପାରାବାରେ ।

(୫)

ଦୂରେ ବା ନିକଟେ ଥାଅ ନା ହେ ସାଥୀ
ତୁମ ପଦେ ଏ ମିନତି
ସତ୍ୟ ଧର୍ମ ପଥେ ଯାଅ ଚଳି ନିତି
ହୃଦୟରେ ଲଭ ଶାନ୍ତି ।

ଶ୍ରୀ ମତୀ ଅନୁପମା କର

—※—

## ପତିତା

କେଉଁ ଯୁଗ ଅଭିଶପ୍ତା ନାରୀ ଶିରୋମଣି
ଲିଭାଇ ଦେଇଛୁ କିଆଁ ସୀମନ୍ତ ସିନ୍ଦୂର
ଅଥବା କି ନବ ପଥେ ଥିଲୁ ତୁ ଅଗ୍ରଣୀ
ସାଧିଛୁ ପୈଶାଚ ବୃତ୍ତି ମହାକାଳ କ୍ରୂର
ଜୀବନ ଯୌବନ ହସ୍ତେ ହତ୍ୟା ହେଲା ପରେ
ଲିଭିଛି ଜ୍ୱଳନ୍ତ ଶିଖା ଅଜାଣ ଯେ ଫିକା
ଭ୍ରମକି ଏ ଉଦ୍ଧୁଲ ସ୍ଥିର ନୁହେ କରୁ
ଅଥବା ଏ ପରିଣାମ ବଧିର ପରୀକ୍ଷା !
ଜ୍ୱଳନ୍ତ ସ୍ଫଟିକ ସମ ଦିଶେ ଜଳ, ଜଳ,
ମାନସ ମନ୍ଦିର ମଧ୍ୟେ ଦେବ ଦରଶନ
ଲଭନା' ଲଭନା' ନାରୀ, ଦାବୀ ତୁମ ହକ୍
ପାଇନା ଥିଲେ କି ନାରୀ! ପ୍ରିୟର ମିଳନ ?

Digitized by srujanika@gmail.com

ବାଜୁଛୁ ତୁମରି ପାଇଁ ଅରତୀର ଘଣ୍ଟା
ଖୋଲିଛୁ ମନ୍ଦିର ଦ୍ୱାର ତୁମ ଆଗମନେ
ଲଭିନା ତଥାପି ଦେବ ଦରଶନ ଯଥା—
କିଫଳ ମିଳିବ ବୃଥା ଚନ୍ଦ୍ରା ପରଶନେ ?

ଶ୍ରୀ ଗୋପୀନାଥ ବେହେରା
ନଂ୬୭ମ୍ବର ନାଗ (ପୁରାତନ ସଭ୍ୟ)

—※—

## ସ୍ୱପନେ

ଚନ୍ଦନ-ଗନ୍ଧ ଭରେ        ମଳୟ ଉନମତ୍ତ ହୋଇଲା,
କୁସୁମ-ବନେ ବୁଲି        ମଧୁପ ମଧୁ-ଗୀତି ଗାଇଲା,
ତେବେ ଗୋ କାହିଁ ଏତେ
                କୋଇଲି ହଉ କାହ ଉଚ୍ଛଳ—,
ଶ୍ୟାମଳ ଧରା-ବୁକେ        କି ତୋର ମଧୁମୟ-କୂଜନ ?
ବସନ୍ତ ମଧୁ-ପର୍ବେ        ବଜାଇ ମଧୁଝର ଝଙ୍କାର,
ନଭର ଧରା-ବୁକେ        କାକଳି-ଅଶ୍ରୁ ଢାଳି ସଞ୍ଚାର,
ବସନ୍ତ ମଧୁ-ପର୍ବେ        ସାଜିଛି ମଧୁମୟୀ ଧରଣୀ,
କୋଇଲି କେଉଁ ସ୍ୱପ୍ନେ
                ମଗନା ଅବେଳେ ତୁ କାହିଁକି ?

×        +        ×

...ଆସିବେ ଋତୁରାଜ    ଏବେ ତୁ କୁହଁ ଆଉ ଅକୁଳ,
ଏ କିଶଳୟ-କୁଞ୍ଜେ        ସୁବାସ ଭରିଦେବ ବକୁଳ,
ମଳୟାନିଳ ଧରା—    ବୁକେ ଗୋ' ଭରିଦେବ ଉଲ୍ଲାସ,
ବସନ୍ତ ମଧୁ-ପର୍ବେ        ଗାଇବୁ ଗୀତି ଭୂଲି ପରାଣ ।

କୁମାରୀ ଶୈଳବାଳା  ନଂ୧୭ମ୍ବର ନାଗ

—※—

## ଭ୍ରମ ସଂଶୋଧନ ।

୫୪୦ ନଂ ଶ୍ରୀ ସଦାଶିବ ସେଠୀ ୫୪୧ ନଂ ଶ୍ରୀ ଭରଦ୍ୱାଜ କର୍ମୀ ଓ ୫୪୭ ନଂ କୁମାରୀ ସେବକାସୀ ଏମାନେ ସମସ୍ତେ ଅଜୀବନ ସଭ୍ୟ । ଭୁଲକ୍ରମେ ଛପା ହୋଇ ପାରିନାହିଁ ।        ଉ: ସଂ:

## ନୂଆ ନାଗଙ୍କ ନାମ ।

୫୫୧ । ଶ୍ରୀ ବୈକୁଣ୍ଠନାଥ ରଥ (ଅଜୀବନସଭ୍ୟ) 1st year Arts. Balasore College. ୫୫୨ । ଭଗୀରଥି ପାଣ୍ଡବ ନଂ ୧୨ କ୍ଲାଇଭଷ୍ଟ୍ରିଟ, କଲିକତା । ୫୫୩ । ଶ୍ରୀ ବୀରକିଶୋର ବେହେରା [ଅଜୀବନ ସଭ୍ୟ] C/o. Govt. Laboratory Tatanagar. ( B. N. Ry ) ୫୫୪ । ଶ୍ରୀ ଗଜେନ୍ଦ୍ରନାଥ ଦାଶ, ୧୧ଶ ଶ୍ରେଣୀ ବାଲିକୁଦା ହାଇସ୍କୁଲ, ପୋ: ବାଲିକୁଦା ଜି: କଟକ । ୫୫୫। ଶ୍ରୀ ପରଶୁରାମ ପଣ୍ଡାଣୀ, ୯ମ ଶ୍ରେଣୀ ବଲାଙ୍ଗିର, ପୃଥ୍ୱୀରାଜ ହାଇସ୍କୁଲ ପୋ: ବଲାଙ୍ଗିର— ପାଟଣାଷ୍ଟେଟ । ୫୫୬ । ଶ୍ରୀ ଶଙ୍କର ପ୍ରସାଦ ପୁରୋହିତ ୧ମ ଶ୍ରେଣୀ (ଚ) ବଲାଙ୍ଗିର ପୃଥ୍ୱୀରାଜ ହାଇସ୍କୁଲ ପୋ: ବଲାଙ୍ଗିର ପାଟଣା ଷ୍ଟେଟ । ୫୫୭ । ଶ୍ରୀ ଚକ୍ରଧର ରାଉତ ମୁଃ । ମଣିନାଥପୁର ପୋଃ କୋଦଣ୍ଡପୁର ଜିଃ ବାଲେଶ୍ୱର । ୫୫୮ । ଶ୍ରୀ ରବୀନ୍ଦ୍ର କୁମାର ଷଡ଼ଙ୍ଗୀ, ଜଗନ୍ନାଥ ଖୁଣ୍ଟା, ପୋଃ କୁଳିଅଣା, ମୟୂରଭଞ୍ଜଷ୍ଟେଟ ।

---

## କଟକର ‘ଉଗର’ ଏଜେଣ୍ଟ—

କଟକବାସୀ ଗ୍ରାହକ ମାନେ ସ୍ଥାନୀୟ ଏଜେଣ୍ଟ “ଷ୍ଟାଣ୍ଡାର୍ଡ ବୁକ୍ ମାର୍ଟ, ବାଲୁବଜାର, କଟକଙ୍କ ଠାରୁ ଏବେ ଏଣିକି ସୁବିଧାରେ ‘ଉଗର’ ପାଇ ପାରିବେ ।

Digitized by srujanika@gmail.com

REG. No. P. 441.

THE DAGARO—1. 12. 1944

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନକ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚକ୍ଷୁ, ହସ୍ତାଙ୍ଗୀଙ୍କ ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କଣ୍ଠର ଶୁଷ୍କତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ **ଅମୃତ** ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫ ୮ ୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର **ଛଉ** ପ୍ରଭୃତି ଅଚିରେ **ଆରୋଗ୍ୟ** ହୁଏ । ଏକ ଶିଶି ୫୨ ଟଙ୍କା ମାତ୍ର ୫ ୨ ଟଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ

ଆଲମଚାନ୍ଦ ବଜାର, କଟକ

## କଲକଲା ସ୍ୱାସ୍ଥ୍ୟ ନିବାସ

କୁଷ୍ଠ ରୋଗୀଙ୍କ ସେବା ପାଇଁ କଲକଲାରେ ଏହି ସ୍ୱାସ୍ଥ୍ୟ ନିବାସ ଖୋଲା ହୋଇଅଛି । **ବଇରି** ରେଲ ଷ୍ଟେସନ ଠାରୁ ୭ ମାଇଲ ପଶ୍ଚିମକୁ କଲକଲା । ସେଠାରେ ରହିବାର ଏବଂ ଚିକିତ୍ସାର ବନ୍ଦୋବସ୍ତ ହୋଇ ଅଛି । ସ୍ୱାସ୍ଥ୍ୟପ୍ରଦ ସ୍ଥାନ । ନିମ୍ନ ଠିକଣାରେ ପତ୍ର ବ୍ୟବହାର କରନ୍ତୁ ।

**ଲକ୍ଷ୍ମୀନାରାୟଣ ସାହୁ**

ଭାରତ ସେବକ ସମିତି କଟକ ।

Printed & published by G. C. Mahapatra at the Gopinath Press, Bhadrak. 1944.

ବାର୍ଷିକ ତିନି ଟଙ୍କା ଆଠଅଣା     ରାଜସଂସ୍କରଣ ବାର୍ଷିକ ପାଞ୍ଚଟଙ୍କା

Digitized by srujanika@gmail.com

୮ମ ବର୍ଷ ମାର୍ଗଶୀର ଦ୍ୱିତୀୟାଙ୍କ — ୧ [illegible]ଶ ସଂଖ୍ୟା ।




Digitized by srujanika@gmail.com

ବ୍ୟବହାୟ୍ ଓ ସଞ୍ଚୟ୍ର ସୁଯୋଗ

# ପାୟୋନିଅର୍ କମର୍ସିଏଲ୍ ବ୍ୟାଙ୍କ୍ ଲି:—

ହେଡ୍ ଅଫିସ— କଲିକତା

**ଶାଖା ଅଫିସ୍‌ମାନ**— ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମୈତ୍ରଗଞ୍ଜ

| ନବପ୍ରତିଷ୍ଠିତ ଶାଖା—ଭଦ୍ରକ । |
|---|

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, ରେଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଡିପାହାଡ଼, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା,

(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଲଠାରେ ଶୀଘ୍ର ଶାଖା ଅଫିସମାନ ଖୋଲ ଯାଉଛି)

ମେନେଜିଂ ଡିରେକ୍ଟର—

ନଇଦଲ୍ଲି, ନାଗପୁର । **ସ୍ୱା—ପି. ଏନ୍: ରାୟ୍ ଚଉଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫ ୪ ୯ ଜମା ଦେଲେ—ବ ୪ ର୍ଷ ପରେ ଓ ୫ମ ବାର୍ଷ ଶେଷରେ ୫ ୨୬୦ ଙ୍କା ପାଇବେ ।

---

## 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜୀ ମାସର ତା ୧ ରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷ ଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩ ୴ ଓ ଷଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କଠାରୁ ଖଣ୍ଡିଏ 'ଡଗର' ଦୁଇଅଣା ଦେଇ ପାଇପାରିବେ ।

୪ । 'ଡଗର' ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ, 'ଡଗର' ପୋଃ ଭଦ୍ରକ ( B. N: R. )"ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକଟିକଟ ନ ଥିଲେ କବିତା, ପ୍ରବନ୍ଧ ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---

ସମ୍ପାଦକ;—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ପରିଚାଳନା ସମ୍ପାଦକ ;—ଶ୍ରୀ ବ୍ରଜମୋହନ ଦାସ

Digitized by srujanika@gmail.com

# ହୁକାହୁକା ହୁଆ

## ( ବିଲୁଆ ବିଗୁର )

ସମ୍ପ୍ରତି ଭାରତୀୟ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନେ ସମ୍ମେଳନ ମୋଟେନ ସଭାରେ ସରକାରଙ୍କୁ ଯେତେ ଯେତେ ପ୍ରଶ୍ନ ପଚାରିଲେ, ସରକାର ତରଫରୁ ଅଧିକାଂଶ ପ୍ରଶ୍ନର ଉତ୍ତର ଦେଲେ—"ଜାଣନ୍ତି ନାହିଁ ।" 'ହଁ' କିମ୍ବା 'ନା' କହିବାଠାରୁ "ଜାଣେନାହିଁ" କହିବା ସବୁଠାରୁ ନିରାପଦ । ଏ ଯୁଦ୍ଧ ବେଳରେ ଇଂରେଜ ଯେତେବେଳେ ସବୁଠାରୁ ବୁଦ୍ଧିମାନଙ୍କ କାମ, ସରକାର "ଜାଣନ୍ତି ନାହିଁ" କହିବା ଦ୍ୱାରା ବୁଦ୍ଧିର ପରିଚୟ ଦେଇଅଛନ୍ତି ଏବଂ ଯେଉଁ ସାମ୍ବାଦିକମାନେ "ଜାଣି" ଏସବୁ ପ୍ରଶ୍ନ ପଚାରିଥିଲେ ସେହିମାନେହିଁ ନିର୍ବୋଧ ।

\+ + + +

ଶୁଣାଯାଉଛି ଓଡ଼ିଶା ସରକାର ଏ ବର୍ଷକୁ ପ୍ରଦେଶରୁ ଲକ୍ଷେ ମହଣ ମୁଗ ବାହାରି ଯିବା ପାଇଁ ଅନୁମତି ଦେଇଛନ୍ତି । ଏଥିରେ ସରକାରଙ୍କର ଦୟା ଓ ବିବେଚନା ଶକ୍ତିର ପରିଚୟ ଯଥେଷ୍ଟ ମିଳୁଛି । କାରଣ, ଭାତ ଯାହାଙ୍କୁ ଦିଆଗଲା, ଡାଲି ନ ଦେଲେ ସେମାନେ କଣ ଶୋଷରୁ ଗାଈ ଯେ ବୁଚ୍ଛା ଭାତ ଖାଅନ୍ତେ । ଅଉ ଯେଉଁ ଓଡ଼ିଆ ଲୋକେ ଲୁଣ ଟିକା ମାରି ଭାତ ଖାଆନ୍ତି ଓ କାମ ନିମିତ୍ତରେ ଡାଲିଭାତ କରନ୍ତି, ତାଙ୍କର ତ ଏ କାଳ ମହରଗ ଦିନରେ ଡାଲିଟା ହେବଙ୍କ- ବାର ଅଧିକା (Superfluous) ପୁଣି ଯାହାକୁ ସେ ଭାତ ବି ନ ମିଳେ, ତାର ଡାଲିରେ କି ଲୋଡ଼ା ?

\+ × × +

ସେଦିନ ବଙ୍ଗଲାଟ ଭବନରେ ବଙ୍ଗଲାଟଙ୍କ ନେତୃତ୍ୱରେ ପଞ୍ଚପ୍ରଦେଶ ଲାଟ ସମ୍ମିଳନୀ ହୋଇଗଲା । ଏଥିରେ ଯୋଗ ଦେଇଥିଲେ ବଙ୍ଗ, ବିହାର, ଓଡ଼ିଶା, ଆସାମ ଓ ଯୁକ୍ତପ୍ରଦେଶ ମୁଖ୍ୟମାନେ । ଆମ ଲାଟ ଆସି ସାମ୍ବାଦିକ ସମ୍ମିଳନୀରେ ଉକ୍ତ ସମ୍ମିଳନୀର କାର୍ଯ୍ୟାବଳୀର କେତେକ ସୂଚନା ଦେଇଛନ୍ତି । ବଙ୍ଗଲାଟ ଯେଉଁ ସବୁ ସୁବିଧା ଓ ସୁଯୋଗ ଦେବେ ବୋଲି ଆଶା ଦେଇଛନ୍ତି ତାହା ମଧ୍ୟ କହିଛନ୍ତି, ଯଥା ତାଙ୍କର ଅନାବନ ସମୟରେ ଧାନ, ଚାଉଳ ଯୋଗାଇବେ; ସେ ଏବେ ଆମକୁ ଅନ୍ନ ଯୋଗାଣ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେଇତକ ଆମର ଚେର । ଆମର ତ ଚାଉଳର ଅଭାବ ନାହିଁ । ଥିଲା ତରକାରିର ଅଭାବ । 'ଅନ୍ନ' ପାଇଲେ ଆମର ସେ ଅଭାବଟା ରହିବନାହିଁ ଯେ !

ବାକି ରହିଲା ପୋଷେ ତେଲ—ସେଥିପ୍ରତି ବିହାର ଲାଟ ସୁଦୃଷ୍ଟି ଦେଲେ ବେଶ ଆରାମରେ ଘୁଙ୍ଗୁଡ଼ି ମାରନ୍ତୁ ।

\+ + × ×

ଓଡ଼ିଶା ସରକାରଙ୍କ ଘରୋଇ ପରାମର୍ଶଦାତା ମାଉଣ୍ଡ ସାହେବ ଗଲା ୧୧ ତାରିଖ ଦିନ ଭଦ୍ରକ ବିଜେ କରିଥିଲେ । ସ୍ଥାନୀୟ ସ୍କୁଲ ହଲରେ ଗୋଟିଏ ମିଟିଂ କରାଯାଇ ସେଠାରେ ଏସ୍: ଡି: ଓ: ମହୋଦୟ ତାଙ୍କୁ ୭୫୦ ଟଙ୍କାର ଗୋଟିଏ ଥଳି ଭଦ୍ରକବାସୀଙ୍କ ତରଫରୁ ଭେଟିଥିଲେ । ପରାମର୍ଶଦାତା ମଜାକର ଆମର ଦାତା ପଣିଆକୁ ପ୍ରଶଂସା କରି ଆମକୁ ସପ୍ତମ ସ୍ୱର୍ଗକୁ ଟେକ ଦେଇଗଲେ । ବଡ଼ ବଡ଼ିଆଙ୍କ ମିଠା କଥା ଏପରି ଶୁଣିଲେ ଆମ ଛାତି ଫୁଲେ ମୋଟ ହୋଇଯାଏ । —କଣ୍ଟ୍ରୋଲ ଯୁଗରେ ଆମର ଅଭାବ କ'ଣ ଯେ ?

× + +

ଭଦ୍ରକ କୋ-ଅପରେଟିଭ ଷ୍ଟୋର ଗୋଟିଏ ସାଧାରଣ ଅନୁଷ୍ଠାନ ବୋଲି ଆମକୁ ଜଣାଥିଲା କିନ୍ତୁ ଗତ ଦିନରୁ ଜଣା ପଡ଼ୁଛି ତାହା ପରିଚାଳକମାନଙ୍କର ନିଜସ୍ୱ ବୋଲି । ଆମେ ଖବର ପାଉଛୁଁ ଅନେକ ଜିନିଷ ବ୍ଲାକ୍ ବଜାର ( Black market ) କୁ ଯାଉଛି । ଏହା ଯଦି ସତ ହୋଇଥାଏ, ଆମେ ଏଠା ସପ୍ଲାଇ ଡିପାର୍ଟମେଣ୍ଟକୁ ଦୋଷ ଦେବା । ସେମାନଙ୍କର ଶିଥିଳତାରୁ ହିଁ ଏପରି ଘଟୁଥିବ । ସେମାନେ ଯଦି ମଝିରେ ମଝିରେ ଆସି ଚେକ୍ କରୁଥିଲେ ଏପରି ହୁଅନ୍ତା କି ? ଷ୍ଟୋର ହେବାର ଅନେକ ଦିନ ହୋଇଗଲା, ତାର ହିସାବ, କିତାବ ଲାଭଲାଭ ଏପର୍ଯ୍ୟନ୍ତ ସାଧାରଣଙ୍କ ଆଗରେ ଉପସ୍ଥାପିତ କରି ହୋଇନାହିଁ କାହିଁକି ?

\+ × × ×

Digitized by srujanika@gmail.com

ଆମ ନିଜ ସଂବାଦଦାତା ଚାଟକଣ୍ଢରୁ ଖବର ଦେଉଛନ୍ତି କି ସ୍କୁଲର ମ୍ୟାଟ୍ରିକୁଲେସନ ଶ୍ରେଣୀ ବାଳକଙ୍କ ବ୍ୟବହାରରେ ଶିକ୍ଷକମାନେ ଭାରୀ ଅସନ୍ତୁଷ୍ଟ । ଏପରିକି ସମୟ ସମୟରେ ସେ ଲୋକଙ୍କ ସାଙ୍ଗରେ ଝଗଡ଼ା କଲେଣି ଭଳି ବ୍ୟବହାର କରୁଛନ୍ତି । ଏଥିରେ ଆଶ୍ଚର୍ଯ୍ୟ କଣ ଅଛି ? ତାଙ୍କ ଉପରେ ଯେଉଁ ନାମଲେଖା ନିଜ ହାତ ହୋଇଛି ସେଥିରେ ମର୍ଯ୍ୟାଦାର ମାନ ଭଙ୍ଗ ହେବାର କଥା । ତାଛଡ଼ା ଚାଟକଣ୍ଢର ଜଳବାୟୁ ଓ ଅବହାୱା ବୋଧହୁଏ ତାଙ୍କ ବୁଦ୍ଧିକୁ ଶୋଧ ହେଉନାହିଁ । କାହିଁକି ନା ସେ ରହିବାର ଦିବସରେ ବାସ କରୁଥିଲାବେଳେ ଏହି ଚାଟକଣ୍ଢର ଅର୍ଥ ତାଙ୍କର ମିଜାଜ ବିଗଡ଼ିଥିଲା ବୋଲି ଶୁଣାଯାଏ । ଆମ ମତରେ ଓଡ଼ିଶା ସରକାର ଯଦି ତାଙ୍କୁ କଲ୍ଲା ପଠାଇ ଦେଇ ତହିଁରେ ସାହାଯ୍ୟ କରନ୍ତେ— ତା'ହେଲେ ବାହାର କଥା କହିବାର ନ ଥାନ୍ତା ।

\+ × ×

ଭାରତ ବାସୀ ଚିରକାଳ ଦୈବ ବିଶ୍ୱାସୀ । ସେମାନେ ଯଥେଷ୍ଟ କଥାକୁ ପାସୋରି ଦେଉଥିଲେ ସେହି ନିର୍ଯ୍ୟାସ କଥାକୁ ଡେରିଟାଇଲ ଦେଇ ଓ୍ୱାଭେଲ ସାହେବ ଆମକୁ ଅମଳ ନଦେଇ ବାହାରି ବଡ଼ାଇ ଦେଇଛନ୍ତି । କେବଳ ଉପାୟ ରହିଛି କଥା କଷ୍ଟ ପାଇବା ଯେଉଁ ଏ ଧାରଣା ଦେଇ ଅଧ୍ୟା ପଡ଼ିବାକୁ ହେବ ସେପରି ପଞ୍ଚାୟ କହି ଦେଉଥିଲେ ଆମର ଅଭ୍ୟାସ ଦଳ ନ ଥାନ୍ତା । ବଜା ହାର ବୃତ୍ତାନ୍ତରେ ଏ ତର ତା ହୁକୁମ ମିଳି ଯାଇ ସାରିଲାଣି । ଖାଲି ତା ନିଅଦରା ଯାତ୍ରା ସରି ନାହିଁ । ତାଙ୍କ କଥାରୁ ଜଣା ପଡ଼େ, ଯୁକ୍ତ ସହିବା ପରଛ ପରଛ ସେ ଧନ ଅର୍ପିବ । ପୁଣି କେଉଁଠି ଦେଣି ସାର ଦେବା ପାଇଁ ଭାରତବାସୀ ଲାଗି ପ୍ରସ୍ତୁତ ଏବେ ।

"ସ୍ୱାର୍ଥରେ ମିଳଇ କଷ୍ଟ, ତର୍କ ହେତୁର ।"

\+ + +

## ✓ ଚିନ୍ତାମଣି ସ୍ମୃତି

ସ୍ୱର୍ଗୀୟ କବିବର ଚିନ୍ତାମଣିଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ 'ଡଗର' ତା'ର ଭକ୍ତି ଓ ଶ୍ରଦ୍ଧାର ପୁଷ୍ପାଞ୍ଜଳି ଅର୍ପଣ କରୁଛି ।

ଆମ ବଡ଼ଲାଟ ଲର୍ଡ ଓ୍ୱାଭେଲ ଜଣେ ବିଖ୍ୟାତ ରଣ ବିଶାରଦ ବୋଲି ଜଣାଥିଲ । ତାହା ପରେ ଯେତେବେଳେ ଭାରତର ବଡ଼ଲାଟ ଗାଦୀ ତାଙ୍କ ମୁଣ୍ଡରେ ବସା ହେଲା, ଲୋକେ ଭାବିଲେ ଯେ ସେ ଜଣେ ବଡ଼ ରାଜନୀତିଜ୍ଞ । ତହିଁ ଉତ୍ତାରୁ ଜଣା ପଡ଼ିଲା କି ସେ ଜଣେ ଲେଖକ ଓ ଗ୍ରନ୍ଥକାର । ଏବେ କଲିକତାର ରୋଟାରୀ କ୍ଲବ ସଭାରେ ତାଙ୍କର ଭାଷଣ ଶୁଣି ପୁଣି ଜଣା ଯାଉଛି କି ଲର୍ଡ ମହୋଦୟ ଖାଲି ଏତିକି ନୁହନ୍ତି—ଏକାଧାରରେ ଜଣେ ଡାକ୍ତର, ଓ ଗୁଣିଆ ।

ଭାରତର ରୋଗ ଓ ତାର ପ୍ରତିକାର ବତାଇବାକୁ ଯାଇ ସେ କହିଛନ୍ତି କି 'ପାକସ୍ଥାନ" ଅପ୍ରେସନରେ ଏ ରୋଗ ଭଲ ହବ ନାହିଁ—'ସତ୍ୟାଗ୍ରହ' ରୂପୀ ପାଞ୍ଚନ ବା 'ଭାରତଛାଡ଼' ରୂପୀ ବଟିକାରେ ଭଲ ହେବ ନାହିଁ । ଏଥିକୁ ଲୋଡ଼ା— ଭଲ ପାଣି, ପବନ, ଅଲ୍ପ ଓ ଭଲ ଖାଦ୍ୟ କେବଳ 'ବିଶ୍ୱାସ'ରେ ଇଂରେଜ ଜାତିର ସଦୁଦ୍ଦେଶ୍ୟରେ ପ୍ରତ୍ୟୟ ରଖିଲେହିଁ ଏ ରୋଗ ଦୂର ହୋଇଯିବ ।

× × ×

ଓଡ଼ିଶାର ତ ନିଜର ବିଶ୍ୱବିଦ୍ୟାଳୟ ନ ଥିଲା ମାତ୍ର ଦେଶାନ୍ତରରେ କୌଣସି ଓଡ଼ିଆ ଏପରିକି ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟରୁ ଅନାରସ "ଡକ୍ଟର" ଉପାଧି ପାଇ ନ ଥିଲେ । ଏବେ ଏତେ ଦିନକେ ଶାହା ହେଲା ଏହା ଜଣା ଯାଉଛି ବୋଲି ଭାଗ୍ୟକୁ । ବିହାର ବିଦ୍ୟା ପୀଠର କୁଳପତି ସିଂହ ସାହେବଙ୍କୁ ଓଡ଼ିଶା ଯେଉଁ ସମ୍ମାନ ଦେଖାଇଲା, ସେ ଋଣ ବିହାର ପରିଶୋଧ କରି ଦେଇଛି ଆମ ପରିଜା ସାହେବଙ୍କୁ D. Sc. ଉପାଧିରେ ଭୂଷିତ କରି । କେବଳ ଦୁଃଖ ରହି ଯାଉଛି ଏତିକି ଓଡ଼ିଶାରେ Doctor ଉପାଧି ପାଇବା ଭଳି ଯୋଗ୍ୟ ବ୍ୟକ୍ତି କଣ ଜଣେ ମାତ୍ର ? D. Sc. ନ ହେଲା ତ ନାହିଁ—D. Sex. ଉପାଧି ପାଇଁ ଅନ୍ୟ କେହି ହେଲେ ତ ମିଳି ପାରନ୍ତା । ଖାଲି ଚାହାଁରେ ଗ୍ରାହକର ଅଭାବ ।

**କାନ୍ତ-କବିଙ୍କ**
ଅମର ଲେଖନୀ ପ୍ରସୂତ
"ଓମାର ଖୈୟାମ"ର ଅନୁବାଦ
ଓଡ଼ିଆ ସାହିତ୍ୟରେ ଏକ ନୂତନ ଅବଦାନ—
**କେବେ ବାହାରିବ ଟାକି ରହନ୍ତୁ !**

Digitized by srujanika@gmail.com

# ବଚନ ରକ୍ଷା

ଲେଖକ:—ଲକ୍ଷ୍ମୀକାନ୍ତ

ବୀର କିଶୋର ଶେଷ ସ୍ଥିର କଲା—ଆତ୍ମହତ୍ୟା କରିବ ।

ଆତ୍ମହତ୍ୟା ନ କରି ତାର ଆଉ ଉପାୟ ନଥିଲା । ସେଥିପାଇଁ ସେ ଅନେକ ମୁଣ୍ଡ ଖଟାଇ ଭାବିଚିନ୍ତି ସାର କରି ପକାଇଲା ।

ଏତେଦିନ ହେଲା ମନଟା ତାର ପଙ୍କ ଗୋଳେଇ ଘାଣ୍ଟି ହଉଥିଲା, ଅନ୍ତରଟା ଯଉ ଜଳଜଳ କରୁଥିଲା ଏଇଟା ସ୍ଥିର କରି ସାରିଲା ପରେ ସେ ସବୁ ବିଲକୁଲ ଢୋହଲ ହୋଇଗଲା । ସେ ଅନେକ ଦିନ ପରେ କପାଳ ଗୋଟାଏ ଅବସର ଆଶ୍ୱାସ ପାଇଲା ।

ସେ ଦିନ ସେ କବାଟ ଛିଳି ବସି ଗୋଟାଏ ବଡ଼ ଚିଠି ଲେଖି ପକାଇଲା; ଓ ଚିଠି ଖଣ୍ଡ ପକେଟରେ ପୂରାଇ ଚାଲିଲା ନଈ କୂଳକୁ ।

ନିଶବଦ ରାତି । ଚାରିଆଡ଼େ ଅନ୍ଧାର । ହୁ-ହୁ ପବନ ବହୁଚି । ହୁ-ହୁ ହୋଇ ନଈ ସୁଅ ବହି ଚାଲିଚି । ଆକାଶରେ ଅସୁମାରି ତାରା ମିଟି ମିଟି ହୋଇ ଚାହିଁଛନ୍ତି ।

ସେ ଚାରିଆଡ଼କୁ ଥରେ ଚାହିଁ ଦେଖିଲା । ବୀରକିଶୋର ଥିଲା ଜଣେ ତରୁଣ କବି । ସେ ପିଲାବେଳୁ ଅନେକ କବିତା ଲେଖିଛି । ଗୋଟାଏ ଖାତା ପୂରି ଯାଇ ଆଉ ଗୋଟାଏ ଖାତା ଅଧା ଅଧି ହୋଇ ଯାଇଛି । କେତେଥର କେତେ କବିତା ସେ ପତ୍ର ପତ୍ରିକାକୁ ପଠାଇଛି ! ଗୋଟାଏ ଯୋଡ଼ାଏ ବି ସେଥିରୁ ଛପା ହୋଇ ଥିବାର ଦେଖିନି ।

ଅଥଚ ଏ ମରଣକୁ ଅମୃତମୟ କରି ନଥାଇ କବିର ଭାବ ହଠାତ୍ ତା ଚିଦାକାଶରେ ଫିରତ ଉଠିଲା । ସେ ବିଚରା ଓ ଭାବମୁଗ୍ଧ ପ୍ରକୃତି ଠାରୁ ବିଦାୟ ନେବାକୁ ମନ କଲା ମରିବା ପୂର୍ବରୁ ଥରେ । ବଡ଼ ବଡ଼ କରି କଣ କହି ଆକାଶ, ବତାସ, ନଦୀ, ତାରା,—ଏମାନଙ୍କୁ ବିଦାୟ ବାଣୀ ଶୁଣାଇଲା— ଗଦ୍ୟ କବିତାରେ । ସେ ବେଳରେ ପଦ ପଦ ମିଳାଇ କବିତା ରଚନା କରିବାର ମାନସିକତା ବା ଫୁରସତ୍ ତାର ନଥିଲା ।

ବିଦାୟ ସମ୍ଭାଷଣ ସାରି, ଆଉ ବାକି କଣ ରହିଗଲା ବୋଲି ଟିକିଏ ମନେ ମନେ ଦଣ୍ଡେ ହେଲା । କିଛି ମନେ ପଡ଼ିଲା ନାହିଁ । ସବୁ ଗୋଳମାଳିଆ ହୋଇଗଲା ।

ମୃତ୍ୟୁ ଯାତ୍ରା ଆଗରୁ ତାର ବ୍ରେନ୍ ଏହିପରି ହୋଇଯାଏ ପରା ! କଥାଟା ମନେ ପଡ଼ିବା ମାତ୍ର ତାର ଛାତି ଧଡ଼କିନା ଦୁଲୁକି ଉଠିଲା । ତତକ୍ଷଣାତ୍ ସେ ଏ ଦୁର୍ବଳତାଟାକୁ ଝାଡ଼ି ଦେଇ ଠିଆ ହୋଇଗଲା । ବୀର ପରି ମରିବ ସେ !

ଚିଠିଟାର କଥା ମନେ ପଡ଼ିଗଲା । ଚିଠି ରହିଛି କମିଜ ପକେଟରେ । କମିଜ ଦେହରେ ରଖି ନଇକୁ ଡେଇଁଲେ ଚିଠିଟା କି ଆଉ ରହିବ ? ଲୋକ ଯେ ପାଇବ ସେ ଚିଠି ପଢ଼ି ପାରିବ ନାହିଁ । ତାର ପରିଚୟ ବା ପାଇବ କାହୁଁ—ବା ସେ ଯେଉଁ ଉଚ୍ଚ ଆଦର୍ଶ ନେଇ ମରିବାକୁ ଯାଉଛି ତାହା ବା ଜଗତ ଜାଣିବ କେମିତି !

କମିଜଟା ଦେହରୁ କାଢ଼ି ସେ ତଳେ ଥୋଇଲା । ଉଅନ୍—ଟୁ—.........

ହଠାତ୍ କିଏ ପଛରୁ ଡାକିଲା—'କିଏ ସେ ?'

ଛିଟ୍ କନା, ଚମକି ପଡ଼ି ବୀରକିଶୋର ପଛକୁ ଚାହିଁଲା ।......

"ତମେ କିଏ ?"

ଅଗନ୍ତୁକ ପାଖରେ ପହଞ୍ଚି ଯାଇଥିଲା ସେତେବେଳକୁ । ଅଗନ୍ତୁକ କହିଲା—"ତମେ ଏ ଅନ୍ଧାର ରାତିରେ ଏଠି କଣ କରିବାକୁ ଆସିଛ !"

"ତମେ ବା ଆସିଚ ଏପରି ସ୍ଥାନକୁ ଏତେବେଳେ କି ଉଦ୍ଦେଶ୍ୟରେ ।"

"ଆଗ ତୁମେ କହିଯାଅ ।"

Digitized by srujanika@gmail.com

ଗୀରକିଶୋର କହିଲା—ଏ ବେଳରେ ମିଛ କଥା କହିବା ମହାପାପ । ମୁଁ ଅଭିନୟ ଆତ୍ମହତ୍ୟା କରିବା ପାଇଁ, ଆଉ ତମେ ?

ଆଗନ୍ତୁକ କହିଲା—ଇତରଭଦ୍ର କାହିଁକି, ମୁଁ ବି ଅଭିନ—

ଗୀରକିଶୋର ଆଗନ୍ତୁକକୁ କୁଣ୍ଢାଇ ପକାଇଲା କହିଲା—"ଆଉ ଏ ଶ୍ରେଷ୍ଠ ମୁହୂର୍ତ୍ତରେ ଅମର ବୁହିଙ୍କ ରେଃ ! ମରଣର ସାଥି! ନୁହେଁ?"

"ଅଛ ଠିକ୍ । ତେବେ ଚାଲ ଟିକିଏ ଏହି ଶେଷ ମୁହୂର୍ତ୍ତଟା ସ୍ମରଣୀୟ କରିଦେବା । ଆଉ ତ ସମୟ ନାହିଁ ।"

ଦୁହେଁ ଉଲ୍ଲାସିତ ହୋଇ ବସିଲେ ।

ଗୀରକିଶୋର କହିଲା—"ତମେ ଭଲ ମରୁଛ କାହିଁକି ଦୁଃଖରେ?

"ତମେ କହି ସାର ମୁଁ କହିବି"

ଗୀର—ମତଲବଟାରେ ସୁଖ ନାହିଁ ଭାଇ । ସବୁର ଗଣ୍ଡିଏ କରିଛି ଯେ, ପେଟକୁ ଅନ୍ନ ନାହିଁ ଏ କଣ୍ଟ୍ରୋଲିଅ ଯୁଗରେ । ସେଥିରେ ଦୟାରସ ଯେ କରିବ ତାର ବି ଗୁରୁତ୍ୱ ନାହିଁ, ମୂଳକ ଭାର ତପା ଓ ହୁସିଆର । ଯଉଁ ଗାର୍ଲଟିକୁ ମୁଁ ଭଲ ପାଏ,ତାକୁ ସାମାନ୍ୟ ଉପହାରଟାଏ ଦବାକୁ ବି ସମ୍ବଳ ନାହିଁ । ଏଇ ଗୋଟାଏ ସେଣ୍ଟ ବା ଖେଦ ସାବୁନ ।

ଏଇ 'have-not' ସର୍ବହରାଙ୍କର ବିନାଶ ସାଧନା ନିମନ୍ତେ ମୁଁ ଜୀବନ ଦାନ କରୁଛି । ଏବେ ତମ କଥା କୁହ ।

"ମୋର ବି ସେଇ ଗାର୍ଲ । ଯାହାକୁ ଭଲ ପାଏ ସେ ହାତରେ ଅମଠ ବମ୍, ବାପା ଜିଦ ଧରି ବସିଛନ୍ତି ସେଠି ବାହା ସର ହବ ନାହିଁ । ମୋର ଏତିକି ସ୍ୱାଧୀନତା ନାହିଁ ଯେ ମୁଁ ଆପଣା ଇଚ୍ଛାରେ ବାହା ହେଇ ଯିବି । ଏଇ ପରାଧୀନତାର ବିରୁଦ୍ଧରେ ବିଦ୍ରୋହ କରି ମୁଁ ପ୍ରାଣ ଦଉଛି ।"

"ହେଲା Passive resistence."

"ମୋର ବି ସତ୍ୟାଗ୍ରହ ।"

"ତେବେ କଣ ଏକା ସାଙ୍ଗରେ ନଈରେ ପଡିବା ?"

"ତାହା ହେଲେ ଧରି ପରି ହୋଇ ବୁଡିଯିବା ଯେ !"

"ଆଉ କଣ ?"

"ଉଦ୍ଦେଶ୍ୟ ଗୋଟେଇ ଯିବ ।"

"ମୁଁ ଚିଠି ଲେଖି ରଖିଛି ।"

"ମୁଁ ବି ଲେଖି ଆଣିଛି ।"

"ତେବେ ଉଠ ।"

"ହଁ—ଉଠିବା ।"

କିଛିକ୍ଷଣ ଗଲା । ଦୁହେଁ ନୀରବ ।

ଗୀରକିଶୋର କହିଲା—"ତୁମ ନାଆଁଟା ପଚାରିବାକୁ ଭୁଲିଗଲି ।"

"ମୋ ନା" 'ଶଚୀ'

"ମୋ ନା' 'ଗୀର ।'

ପୁଣି କିଛି ସମୟ ବିତିଲା ।

"ଶଚୀ ଏବେ ଉଠ ।"

ଶଚୀ ନୀରବ ।

"ତେବେ ମୁଁ ଯାଉଛି ଆସେ !"

'ନା, ଆଉ ଟିକିଏ ବସ, ଗୋଟାଏ କଥା ଅଛି ।"

"କଣ ?"

"ମୋର କାହିଁକି ମରିବାର ଇଚ୍ଛାଟା କମିଯାଉଚି ଗୀର?"

"ଅଚ୍ଛେ ମୁଁ ବି ଠିକ ସେଇ ରକମର ଗୋଟାଏ କଣ ଅନୁଭବ କରୁଚି ।"

"କାହିଁକି କହି ପାରିବ ?"

"ବୋଧହୁଏ ସମ ଦୁଃଖୀ ପାଇ ଉଭୟର ଉଦ୍ୟମଟା ଥଣ୍ଡା ପଡିଗଲା ।"

ତେବେ ଚାଲ ଫେରିଯିବା ।"

"କିନ୍ତୁ ସେଟା ଭୀରୁତା, କାପୁରୁଷତା ହେବ ।"

"ଅଚ୍ଛା ତେବେ ଏଟା Post-pone ( ମୁଲତବି ) କରିଯାଉ ।"

"ମୁଁ ବି ସେଇଆ ଭାବୁଚି ।"

"ପୁଣି ତେବେ କେବେ ?"

"ବର୍ଷକ ପରେ ଠିକ୍ ଆଜି ଦିନ ।"

"ଆଜି କେଉଁ ଦିନ ?"

"ଚୈତ୍ର ଅମାବସ୍ୟା ଆଜି ।"

"ତେବେ ଏଇ କଥା ରହିଲା; ଆସନ୍ତା ବର୍ଷ ଚୈତ୍ର ଅମାବସ୍ୟା ଦିନ ଆମେ ଦୁଇଜଣ ଏଇଠି, ଏହାଠି......

'ନିଶ୍ଚୟ by jove"

"ମୋର ବି ନିଶ୍ଚୟ by honour."

"ତେବେ ବିଦାୟ ।"

Digitized by srujanika@gmail.com

"ବିଦାୟ"

ଦୁହେଁ ଦୁହିଁଙ୍କୁ ନମସ୍କାର କରି ଦୁଇଆଡ଼କୁ ଚାଲିଗଲେ ଓ ଅନ୍ଧାରରେ ଅଦୃଶ୍ୟ ହୋଇଗଲେ ।

+ × +

+ × +

ବୀର ଭାବିଲା—ଆଉ କେତେଦିନ ମାତ୍ର । ଜୀବନଟା ଯାକ ତ ଧର୍ମ କର୍ମ କିଛି କରି ହୋଇ ନାହିଁ । ଏଇ ଶେଷ ବର୍ଜିତ ନ ହେଲେ କିଛି ଅରଜ ନଥ ଯାଉ । ଏହା ଭାବି ସେ ମୁନିବର ତହବିଲ ବାକ୍ସ ଭାଙ୍ଗିଲା ଓ ଯାହା ପାଇଲା ତାକୁ ଧରି ଚାଲିଗଲା ସିଧା ପୁରୀଧାମ । ସେଠି ତୀର୍ଥବାସ, ସମୁଦ୍ର ସ୍ନାନ ଓ ଜଗନ୍ନାଥ ଦର୍ଶନ କରି ବର୍ଷକ ଭିତରେ ଯେପରି ପୂର୍ବ ଜୀବନର ପୁଣ୍ୟ ଉଠେଇ ନେବ ।

ଶଚୀ ବଡ଼ ଲୋକର ଝିଅ । ସେ ତାର ମା'ଙ୍କ ବାକ୍ସରୁ ଗହଣା ଗୁଡ଼ିକ ବାନ୍ଧି ଟିକେଟ କାଟିଲା କଲିକତା । ସେ ଠିକ କଲା କି ଆଉ ମୋଟେ ଚାରିଟା ମାସ ବାକି— ଛଅଣ ପଁଷଠି ଦିନ । ଏଇ ଦିନ କେଇଟା ମନକୁ ଫୁର୍ତ୍ତିରେ କଟେଇ ଦେବ ସେ । ତା ପରେ ତ ସବୁ ଶୂନ୍ୟ !

× × +

ଦେଖୁଁ ଦେଖୁଁ ଚାରିଟା ମାସ ପାଣି ପରି ବୋହି ଚାଲିଗଲା ଲୁଥଟେ । ଏତେ ଅଳ୍ପ କାଳ ଭିତରେ ବୀରର ଧର୍ମ ଅର୍ଜନ ପୂରା ହୋଇ ପାରିଲା ନାହିଁ କି ଶଚୀର ମଉଜମଜା ବି ଶେଷ ହେଲା ନାହିଁ ।

କିନ୍ତୁ ଆପଣା ଭିତରେ କଥାଟା ରହିଥିଲେ ବା ଗୋଟାଏ କଥା ହୁଅନ୍ତା । ଆଉ ଜଣକ ଆଗରେ ବଚନ ଦିଆ ହୋଇଛି ଯେ ! ପ୍ରାଣ ଦେଇ ମଧ୍ୟ ସେ ବଚନ ରକ୍ଷା କରିବାକୁ ହେବ ତ ! ତା ନୋହିଲେ ମଣିଷ କଣ ! ମରଦ ପୁଅର ବଚନ ହଉଛି ବଡ଼ ।

ଆଜି ଅମାବାସ୍ୟା । ସେଇ ଅନ୍ଧାର, ସେଇ ସୁ ସୁ ପବନ, ସେଇ ହୁ ହୁ ନଈ ସୁଅ । ସେଇ ଆକାଶରେ ସେଇ ତାରା । ଦୁଇଜଣ ପୁଣି ସେଇଠି ଆସି ମୁହାଁ ମୁହିଁ ହୋଇ ଛିଡ଼ା ହେଲେ ।

ବୀର—"କିଏ ଶଚୀ"

ଶଚୀ—"ହଁ—କିଏ ବୀରବାବୁ ?"

ବୀର—"ଆଉ ପୁଣି କିଏ ଭାବୁଛ !"

ଶଚୀ—"ନା ସେଇ କଥା କହୁଥିଲି । ତମେ ଆସିଛ ତେବେ ।"

ବୀର—"ଆଉ ତମେ କଣ ଆସି ନାହଁ କି ?"

ଶଚୀ—"ମୁଁ—ମୁଁ—ବଚନ ରକ୍ଷା କରିବା ପାଇଁ ଆସିଛି ଭାଇ ।"

ବୀର—"ଆଉ ମୁଁ କଣ ଆଉ କିଛି ପାଇଁ ଆସିଛି ମଣୁଛ ?"

ଶଚୀ—"ତା କହୁନାହିଁ ଯେ;...ତେବେ..."

ବୀର—"ତେବେ କଣ ? କହି ପକାଅ ନା ।"

ଶଚୀ—"ମୁଁ କ୍ଷମା ମାଗିବାକୁ ଆସିଛି ଜାଣୁଛ ହେଲେ ।"

ବୀର—"ମୁଁ କଣ ଖାଲି କ୍ଷମା ଦେବାକୁ ଆସିଛି ଭାବୁଛ ? ମୋର କଥା କହିବାର ପଡ଼ିଛି ।"

ଶଚୀ—"ମୁଁ ଆଉ ଆତ୍ମହତ୍ୟା କରି ପାରିବି ନାହିଁ । ଆତ୍ମହତ୍ୟାଟା ମହାପାପ ।"

ବୀର—"ମୋ ପକ୍ଷରେ କଣ ମହା ପୁଣ୍ୟ ବୋଲି ତମେ କହୁଛ ?"

ଶଚୀ—"ନାଇଁ ଯେ ମୋର କଣ ହେଲାକି—ପରିସ୍ଥିତିଟା ବଦଳି ଯାଇଛି ।"

ବୀର—"ମୋର ବାତାବରଣଟାବି ଓଲଟି ଯାଇଛି ।"

ଶଚୀ—"କଣ କହିଲ ତେବେ ।"

ବୀର—"ମୁଁ ଚାଲି ଏ କେଇଟାଯାକ ତୀର୍ଥ ବାସ । ସେଠି ପୁଣି ଗୋଟାଏ ନୂଆ ପ୍ରେମରେ ଗଲି ପଡ଼ି । ବିଭା ହେବାର କଥା ବାର୍ତ୍ତା ସବୁ ଠିକ ଠାକ । କନିଆ ଘର ସହିତ । କେବଳ ମୁଁ ସେଠି ଜବାବ ଦେବାଟା ବାକି ରଖିଲି ଏଠିକା ବଚନଟା ରହିଛି ବୋଲି ।"

ଶଚୀ—"ମୁଁ ରହିଗଲି କଲିକତାରେ । ଥିଏଟର ସିନେମା ଘୋଡ଼ଦୌଡ଼, ହୋଟେଲ ବୁଲିବାରେ କଟେଇ ଦେଲି ଚାରିଟା ମାସ । ହଠାତ୍ ଖବର ପାଇଲି ବାପା ମରିଗଲେ । ବାଧ୍ୟ ହୋଇ ଘରକୁ ଆସିବାକୁ ପଡ଼ିଲା । ଏଇକ୍ଷଣି ଆଉ ମୋର ସେଠି ବାହା ହେବାରେ ବାଧା ଦେବାକୁ କେହି ନାହିଁ । ବୁଝିଲଟି କି ?"

ବୀର—ତାହାହେଲେ ତମେ ଆତ୍ମହତ୍ୟା କରିବ ନାହିଁ ?

ଶଚୀ—ଆଉ ତମେ ବା କେମିତି କରିବ ?

( ଅବଶିଷ୍ଟାଂଶ ୧ମ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ରଜନୀ-ଗନ୍ଧା

କୁମାର ଶ୍ରୀବତ୍ସ ନାୟକ

ପୌଷରାତ୍ରିର ଦ୍ୱିପ୍ରହର ।......ପଦାରେ ଭୀଷଣ ଶୀତର ଅଭିଯାନ ଖୋଲା ଝର୍କାର ଅର୍ଦ୍ଧମୁକ୍ତ ପର୍ଦ୍ଦା ଭିତର ଦେଇ କୃଷ୍ଣ ଚତୁର୍ଥୀ ଚନ୍ଦ୍ରର ଧୂସର ଆଲୋକ ଘରଭିତରେ ଅପୂର୍ବ ଚମତ୍କାର ଛବିର ସୃଷ୍ଟି କରୁଛି ।......

ଦୂରଅଡ଼େ ଗଭୀର ନୀରବତା । ତାହାରି ଦିଗନ୍ତ ବିସ୍ତାରି ପ୍ରାନ୍ତର, ଜୋଛନା ଆଉ କାକର ସ୍ନାତ ନଗରୀର ବୁକୁତଳେ କେତେବେଳେ କ୍ୱଚିତ ଗୋଟାଏ ଦୁଇଟା ବୁଲା କୁକୁରଙ୍କର ଚିତ୍କାର ଶୁଭୁଛି ।.........

ଅଦୂର ଷ୍ଟେସନରେ ଗୁଡ଼ସ୍ ଟ୍ରେନ୍‌ର ଭୀଷଣ ଆର୍ତ୍ତନାଦ......ତାହାର ଶବ୍ଦ ଯେମିତି କିଏ ଚାପି ଧରିଛି ।......ଦୂରଅଡ଼େ ଏକ ଅସ୍ୱଚ୍ଛତାର ଲଗ୍ନ......ଗଭୀର ତନ୍ଦ୍ରାର ମାଦକତା ।......

କଡ଼ଲେଉଟାଇ ମୋ ପାଖକୁ ଲାଗି ଆସି ସୁଷମା ଅଭିମାନ କଲା, "ଉଃ, ଯୋଉ ଶୀତ । ତମ ଭଳି ମଣିଷଙ୍କୁ କାହିଁ ଜିନିଷ ଲାଗି କହିବ ଯେ ! ପାଞ୍ଚଦିନ ହେଲା କହି କହି ଗୋଟେ ଆଲୁଅନ୍ ଆଣି ଦେଲ ଯେ ଗୋଟାଏ ନିହାତି ଖରାପ ଜିନିଷ । ଟିକିଏ ପସନ୍ଦ ଥିଲେ......"

ସୁଷମା କଣ୍ଠ କଣ୍ଠ ରହିଗଲା ।...ଏତେ ବାଛି ବାଛି ଭଲ ଜିନିଷଟାଏ ଉପହାର ଦେଇ ଆଣିଲି ଯେ ତା ସୁଷମାର ମନୋନୀତ ହେଲାନି ! ଗଭୀର ବ୍ୟଥାଭରା କଣ୍ଠରେ ଟିକିଏ ଦୂରେଇ ହୋଇ ଶୋଇ ଅଭିମାନର ସୁରରେ କହିଲି, "ହଁ, ସୁଷୁ ! ଯେଉଁ ଲୋକଟାର ପସନ୍ଦ ବା ରୁଚିବୃତ୍ତି ଟିକିଏ ନାହିଁ......ତାକୁ ତମେ ତମର ଜିନିଷ ଲାଗି ଫରମାସ କାହିଁ ଦିଅ ଯେ !..."

ଉଦ୍‌ବେଗଭରା କଣ୍ଠରେ ସୁଷମା ମୋ' ପାଖକୁ ଆଉ ଟିକିଏ ଲାଗି ଆସି ତା'ର ଗୋଟିଏ ହାତ ମୋ' ଛାତି ଉପରେ ରଖି କହିଲା, "ହେଇ, ରାଗିଗଲ ! ଏତିକି ଦୁଷ୍ଟ ଯେ...ନା, ତମ ସାଙ୍ଗରେ ପାରିହେବ ନାହିଁ ।" ସୁଷମାର କଣ୍ଠ ସ୍ନେହ, ସହାନୁଭୂତି ଓ ସାନ୍ତ୍ୱନାରେ ଭରା ।

ଗଭୀର ସ୍ନେହରେ ସୁଷମାକୁ କୋଳକୁ ଟାଣି ଆଣି ତା'ର କପୋଳ ଗାଲରେ ଗଭୀର ଭାବରେ ଏକ ଚୁମା ଅଙ୍କିଦେଲି । କୃତ୍ରିମ କୋପର ସୁରରେ ମୁହଁରେ ହାତ ବୁଲାଇ ବୁଲାଇ ସୁଷମା କହିଲା, "ଉଃ ! ଦୁଷ୍ଟ !!"

ରସିକତା କରି କହିଲି, "ଅଚ୍ଛା, ଏଇଟା କ'ଣ ସତେ ମୋର ଦୁଷ୍ଟାମି ?" ଉଚ୍ଛଳର ସୁପାହସର ସୂଚନା ପାଇ ସୁଷମା ରାଗି ଉଠି କହିଲା, "ପାଜିଲ୍ !"

ଖିଲ୍ ଖିଲ୍ ହସି ଉଠିଲି । ସୁଷମା ଅଭିମାନରେ ମୁହଁ ବୁଲାଇ ଶୋଇଲା ।

\+ + × ×

ଦୂରରେ କଟାଯାଉ ବଲ ଭିତରୁ ଝିଙ୍କାରୀର ଝାଁ ଝାଁ ଶବ୍ଦ ତାହାର ଅଳସ ପବନ ଦେହରେ କମ୍ପିତ ଗତିରେ ଭାସି ଆସୁଥିଲା । ପାଖ ନିମଗଛରେ ଦୁଇଟା ଘୁମନ୍ତ ପକ୍ଷୀ ନଡ଼ବାଡ଼ ହୋଇ ଡେଣା ଝାଡ଼ି ଉଠିଲେ ।...

ସୁଷମାର ଦେହ ଉପରେ ଡାହାଣ ହାତଟି ରଖି ଧୀର କଣ୍ଠରେ ଡାକିଲି, "ସୁଷୁ !...ସୁଷୁମ !" ଉତ୍ତର ଦେଲାନି ।

ବାହାରର ଚନ୍ଦ୍ର ସେତେବେଳକୁ ଝରକାର ପର୍ଦ୍ଦା ଉପର ଦେଇ ସୁଷମାର ଚମ୍ପକଗଣ୍ଡ ଉପରେ ଅବାରିତ ଚୁମ୍ବନ ଅଙ୍କି ଦେଉଥିଲା । ମୁଖଶ୍ରୀରେ ତାର ଏକ ଅପୂର୍ବ ଅଳସ ସୁପ୍ତିଭାବ ! ଧଳା ଅଲୁଅନର ଶୁଭ୍ରତାରେ ନାକ ଉପରର ମୋତି ଚକ୍ ଚକ୍ କରି ଉଠୁଥିଲା ।

ସୁଷମାର ତୁଳିକଳ୍ପ ଦେହରେ କୋମଳ ଭାବରେ ଅଙ୍ଗୁଳି ଚଳାଇ ଚଳାଇ ଡାକିଲି, "ରାଗିଲ ସୁଷୁ ?"

Digitized by srujanika@gmail.com

ଅର୍ଦ୍ଧକଣ୍ଠରେ ସୁଷମା ଉତ୍ତର ଦେଲା—"ହଁ ।" ସ୍ୱରରେ ଉଦାରତା ଓ ଅଭିମାନ ଭରା । ଗୋଟାଏ ଲୁପ୍ତପ୍ରାୟ ଛବିକୁ ଖୋଜିବା ଲାଗି ସେ ଯେପରି ବାହାରର ଚୈତ୍ରିକ ନିବସ୍ତ ଭିତରେ ଅନାଇ ରହିଥିଲା ।......

କିଛିକ୍ଷଣ ଗମ୍ଭୀର ନୀରବତା ।...ସୁଷମା ଏଇପରି କେତେବେଳେ କେତେବେଳେ ସାମାନ୍ୟ କଥାରେ ଗମ୍ଭୀର ହୋଇପଡ଼େ ।...... ଏପର୍ଯ୍ୟନ୍ତ ତା ର କାରଣ ବୁଝିବାକୁ ଚେଷ୍ଟା କରି ପାରିନି । ବିବାହ ପରର ବାଧର ଷଣ୍ଠୋଷ୍ଣିହିଁ ଯେ ମୋତେ ତା'ର ପ୍ରାଣର କରିଦେଇଛି । ଯୌବନର ସର୍ବସ୍ୱ ଅର୍ଘ୍ୟ ରୂପରେ ମୋ'ର ପାଦତଳେ ଅଜାଡି ଦେଇଛି । ତଥାପି ତା'କୁ ବୁଝି ପାରିନି......ଏଇ ବୁଝି ନ ପାରିବାଟିକ ହିଁ ଆମ ଜୀବନ ଭିତରେ ଅନ୍ତରର ଭୟ ।...

ସୁଷମା ବଡ଼ ନେଇଁଠାଇଲା । ଗମ୍ଭୀର ଦୀର୍ଘଶ୍ୱାସ ତାର ଆସି ମୋର ଗାଲରେ ବାଜିଲା ।...ଧୀର କଣ୍ଠରେ କହିଲି, "ନିଦ ଲାଗୁନି ?" ଘୋଡ଼ଚାଦରଟା ଲୁଗାଟା ଆଉ ଟିକିଏ ଦେହ ଉପରକୁ ଟାଣି ନେଇ ସିଧା ହୋଇ ଶୋଇ ଶୋଇ ସୁଷମା ଉତ୍ତର ଦେଲା, "ହଁ, ଭାରି ଅଣ୍ଟ ପୋଡିଲାଣି ।"......

ଦୂର ଆକାଶର ଜ୍ୟୋତ୍ସ୍ନାଧୂଆ ପବନ ତଳେ ସାଥୀଛଡ଼ା ଗୋଟିଏ ଟିଟ୍ଟିଭର କରୁଣସ୍ୱର ଭାସିଆସିଲା ।...ବାହାରର କାବର ଏକ ହାର କୁହୁଡ଼ିର ସୃଷ୍ଟି କରୁଥିଲା । ଝରକା ଭିତର ଦେଇ ପୌଷ ରଜନୀର ଶିରଶିରି ପବନ ମନ୍ଥର ସଙ୍ଗୀତ ଶୁଣାଉଥିଲା ।...

ସୁଷମା ମୋର ପାଖକୁ ଲାଗି ଆସି ଧୀରକଣ୍ଠରେ କହିଲା, "ଉଃ, ଭାରି ଥଣ୍ଡା ।" ...ମୋ' ଦେହର ରେଜେଇଟା ତା' ଦେହରେ ଘୋଡ଼ାଇ ଦେଇ ତା'ର କପାଳ ଉପରେ ଓଠଟା ଭିଡ଼ ଦେଇ କହିଲି—'ହୁଁ ।'

× + + +

ଜହ୍ନଟା ପଶ୍ଚିମ ବାଡ଼ର ଝରକାଠିଁ ନଇଁ ପଡ଼ିଲାଣି । କେତେ ରାତି ହେବ କହିପାରିବିନି । ସୁଷମାର ନିଦ୍ରିତ ଅସଂଯତ ଚନ୍ଦ୍ରଲତାଟିକୁ ଘୋଡ଼ାଇ ଦେଉଁ ଦେଉଁ ହଠାତ୍ ଝରକା ତଳୁ କରୁଣ କଣ୍ଠରେ କିଏ କହି ଉଠିଲା—"ଉଃ, ମା'ଗୋ !"

କାନ ଡେରିଲି । ଗୋଟାଏ ସ୍ତ୍ରୀ ଲୋକର କଣ୍ଠ ଭଳି ଶୁଭିଲା । ଭାବିନେଲି ବୋଧହୁଏ ଏଇ.ନିଆଁ, ବୁଲୁବୁଲିଙ୍କରୁ ଗୋଟାଏ କିଏ ।...କି' ଯାଏ ଆସେ ସେଥିରୁ ? ଶୋଇଲି ।

ପୁଣି ସେଇ କରୁଣ ଶବ୍ଦ, "ଉଃ, ମାଗୋ ! ପିଲାଟି ମରି-ଯିବ ମା' !" କଣ୍ଠରେ ତା'ର ସାହାଯ୍ୟ ଭିକ୍ଷାର ନିବେଦନ । ...ଶୀତର ଦାଉରେ ବୋଧହୁଏ ତା'ର ପାଟି ଗଣ୍ଠି ବାନ୍ଧି ଯାଉଥିଲା ।......

ନିଦ ବାଉଳାରେ ସୁଷମା କଣ୍ଠଲଗିଥାଇ ଶୋଇଲା । ତଳଖଞ୍ଜାରୁ ଗୁରୁବର ଦାନା ଡାକିଲା—"କିଏରେ—ରାତି ଅଧଟାରେ ପାଟି କରୁଚୁ ! ପଳା ଯା'...ନଇଲେ......।" ସ୍ୱରରେ ତା'ର ନିଦ୍ରା-ଭଙ୍ଗଜନିତ ଗଭୀର ଅସନ୍ତୋଷ ।

କରୁଣ କଣ୍ଠକୁ ଅଧିକ କରୁଣ କରି ଯୁବତୀଟି କହିଲା—"କିଛି ଖାଇନି ତିନିଦିନ ହେଲା ବାବୁ ! ପିଲାଟିକୁ ନଅଦିନ ହେଲା ଭାରି ଜର । ଦେହଟା ବୁଡ଼ିଗଲାଣି ବାବୁ !"...

ଏଇ କଥାଟିକ ଭାରି କରୁଣ କଣ୍ଠରେ କହିଗଲା ସେ । ଭୋକର ଦାଉରେ ଓ ଶୀତ ରାତିର ଦାଉରେ ବୋଧହୁଏ ସେ ସେଇଠି ଲଥିକିନା ବସି ପଡ଼ିଲା । ରୋଗଣା ପିଲାଟି ତାର ସ୍ୱରରେ ଚିତ୍କାର କରି ଉଠିଲା ।

ଆଖିରୁ ମୋର ଅଜାଣତରେ ଲୁହ ଝରି ଆସିଲା । ଦୁଇ ମାସ ତଳେ ମୋ'ର ପ୍ରାଣର ଭଉଣୀ ରେବତୀ ଏଇମିତି ନଅଦିନର ଜରରେ ଆଖି ବୁଜି ଦେଇଚି । ଜୀବନର ଶେଷ ଶଯ୍ୟାରେ ପଚାରିଚି—"ଅପା, ମୋ ଭାଇ ଆସିଚି ?" କିନ୍ତୁ ଭାଇ ତାର ଯାଇପାରିନି । ଦୂର ପ୍ରବାସର ଏଇ କକ୍ଷରେ ଗଭୀର ଶାନ୍ତିରେ ନିଦ ଯାଉଥିଲି ବେଳରେହିଁ...ପାହାନ୍ତି ପହରର ଫୁଙ୍କଥ ତାର ଦେହରେ ତା'ର ଶେଷ ଅସ୍ଥି ମିଶି ଯାଇଚି । ଆଖିରୁ ଟପ ଟପ ଲୁହ ଦୁଇଟୋପା ଝରିପଡ଼ିଲା ।

ପିଲାଟି କୁହାଇ କୁହାଇ କାନ୍ଦି ଉଠିଲା । ତଳଘରୁ ଅସମ୍ଭାଳ ଦାନା ଗମ୍ଭୀର ଗର୍ଜନ କରି ଧାଇଁ ଆସିଲା । "ଯାଉଚୁ ନା ଦେଖିବୁ ?"......

ଝରକା ପାଖକୁ ଆସି କଠୋର ସ୍ୱରରେ ଡାକିଲି—"ଦାନା !"...ଦାନା ଶଙ୍କିଯାଇ ଧୀରେ ଧୀରେ ଘୁଞ୍ଚିଗଲା । ପାହାନ୍ତା ପହରର ଶୀତଳ ଜହ୍ନ ଲୁହଧୂଆ ଆକାଶ ଭିତର ଦେଇ ସପା ଝରକା ଉପରେ ଝରି ପଡ଼ୁଥିଲା । ସେଇ ଅଳ୍ପ ଆଲୁଅରେ ସ୍ପଷ୍ଟ ଦେଖିଲି ମଳିନ ଜୀର୍ଣ୍ଣବସ୍ତ୍ରାବୃତା ଅର୍ଦ୍ଧନଗ୍ନା ଗୋଟିଏ ଯୁବତୀ । ମୁମୂର୍ଷୁ ପିଲାଟିକୁ କୋଳରେ ଜାକି ଧରି ପଡିଯାଇଚି ।......

Digitized by srujanika@gmail.com

ଯୁବତୀଟି କହିଲା—"ପିଲାଟି ମରିଯିବ ବାବୁ ! ଭୁଖ ଉଉ···ଛନଛନ ହେଲା ପାଟିରେ କିଛି ପଡ଼ନି ।···ମରିଯିବ ବାବୁ !"······

ଉତ୍ତର ନଦେଇ ଖାଲି ଅନାଇ ରହିଲି । ବରଫର୍ଣ୍ଣରେ ଚମକ ଚାହିଁଲି ସୁଷମା ଖଟରୁ ଉଠିଆସି ମୋର କାନ୍ଧରେ ହାତଟିଏ ରଖି ପଚାରିଲା "କିଏ ସେ ?" ଉଦାସ କଣ୍ଠରେ କହିଲି "ଗୋଟାଏ ଭିକାରୁଣୀ ।" ସୁଷମା ମୋର କଥାରେ ଉଙ୍କିମାରି ଚମକିଲା ପରି କହି ଉଠିଲା, 'ଉଃ, ମା'ଲୋ ! ଏ ଶୀତଟାରେ ଏମିତି ପଡ଼ିଚି କମିତି ଲୋ ! କ'ଣ ହେଉଚି ତା'ର ?"

ବଡ଼ ଜଳନ୍ତ ପାଖରେ ଥିବା ଗୋଟାଏ କୁସନ୍ ଚେୟାର ଉପରେ ବସି ପଡ଼ିଲି । ଘରର ସୁରସ୍ ହସି ସୁଷମା ବ୍ୟଗ୍ର, ଉଦ୍‌ବିଗ୍ନ ଭାବରେ ମତେ ହଲାଇ ଦେଇ ପଚାରିଲା "ହେଃ ! ତମକୁ ଶୁଭୁନେଇଁ ନା କଅଣ ମ ? ଓଃ ତା'ର ପିଲାଟି !" କହି ସୁଷମା କବାଟ ଖୋଲି ପଦାକୁ ଦଉଡ଼ି ଚାଲିଗଲା ।······

ଝରକା ଭିତରୁ କେବଳ ନିର୍ବାକ ଭାବରେ ଅନେଇ ରହିଲି ।

ପଦାର ଶୀତ ଓ କାକରରେ ପିଲାଟା ତା'ର ପୁଣି ଉଣ୍ଡ ହେଇ ପଡ଼ି ରହିଥିଲା । ଜହ୍ନ ଆଲୁଅରେ ତା'ର ଶୀର୍ଣ୍ଣ ରକ୍ତ ହୀନ ଦେହ, ଓ ଭିକାରୁଣୀଟିର ଅର୍ଦ୍ଧନଗ୍ନ ପଞ୍ଜରା ହାଡ଼ ବାରି ହେଇ ଦିଶୁଥିଲା ।

ତା' ପାଖକୁ ଯାଇ ସୁଷମା ଡାକିଲା "ଏ' କ'ଣ ହେଇଚିଲେ ତୋ'ର ? ଏଠିଟାରେ ଏମିତି କାହିଁ ପଡ଼ିଚୁ ?" ତା' କଣ୍ଠରେ ସହାନୁଭୂତି ଭରା ।

ସୁଷମାର ସହାନୁଭୂତିଭରା ଡାକରେ ଭିଖାରୁଣୀଟି ତା'ର ଗୋଡ଼ତଳେ ପଡ଼ି ଯାଇ କହିଲା "ରକ୍ଷାକର ମା ।" ପିଲାଟି ମରିଯିବ । ଛନଛନ ହେଲା ପେଟରେ କିଛି ପଡ଼ିନି । ସେ ପୁଣି ଢଳି ପଡ଼ିଲା ।······

ବ୍ୟଗ୍ରକଣ୍ଠରେ ସୁଷମା ଡାକିଲା, "ଖଗା, ଖଗା ମ !"

ଖଗା ଆସି ହାଜର ହେଲା । ସୁଷମା କହିଲା, "ଚଳ ଘରଟା ଖାଲି ଅଛି ? ଯା' ଝଟ୍ ସେଇଟା ଫିଟାଇ ଦେଇଆ ! ଗୋଟାଏ ବିଛଣା ପାରିଦବୁ ।"

ଖଗା ଚାଲିଯାଇ ଆସି ସାରିବା ପରେ ତାକୁ ସେଠି ସ୍ତ୍ରୀ ଲୋକକୁ ଧରିନେବାକୁ ସୁଷମା ଆଦେଶ ଦେଲା । ଥତମତ ଖାଇ ଥରି ଥରି କଣ୍ଠରେ ଖଗା କହିଲା, "ମା' ସେଇଟା...।"

ଗର୍ଜିଉଠି ସୁଷମା କହିଲା, "ଗଧେକ !" ତା ପରେ ସେ ନିଜେ ତାକୁ ଯେ କୌଣସି ମତେ ଧରାଧରି କରି ସେଇ ଘର ଆଡ଼କୁ ନେଇଗଲା । ମୁଗ୍ଧ, ନିର୍ବାକ ଚିତ୍ତରେ ଅନାଇ ରହିଲି ।

କେତେକ କ୍ଷଣ କଟିଗଲା । ସୁଷମା ବ୍ୟଗ୍ରପଦରେ ଧାଇଁ ଆସି ମୁହଁବେସ୍ ଫିଟାଉ ଫିଟାଉ ପଚାରିଲା "ଥର୍ମୋମିଟର ଟା କାହିଁକି ?"

ଧୀର କଣ୍ଠରେ ଅଥଚ ଉଦାସ ସୁରରେ କହିଲି, "ଲୁଗା ତଳେ ଥିବ !"

ସୁଷମା ବ୍ୟଗ୍ରପଦରେ ଜିନିଷଟା ଧରି ବାହାରି ଯାଉ ଯାଉ ଡାକିଲା' "ସୁପ୍ରି !" ଥିରଭାବରେଁ ମୋ କଥାର ଉତ୍ତର ଦେଇ ସେ କହିଲା "ଟିକିଏ ରୁହ; ଏଇ ଆସୁଚି" କଣ୍ଠରେ ତା'ର ଅର୍ଦ୍ଧ ତା···ରଜ୍ଜନ ଆଲୁଅରେ ଦେଖିଲି ଆଖି ଦୁଇଟି ତା'ର ଲୁହରେ ଛଳ ଛଳ ।

ସୁଷମା ଆସିଲା ନାହିଁ । ତଳଘରେ ସାମାନ୍ୟ କଥାବାର୍ତ୍ତାର କ୍ଷୀଣ ଶବ୍ଦ ଆସି କାନରେ ବାଜୁଥାଏ । ଗମ୍ଭୀର ଭାବରେ ଚେୟାର ଉପରୁ ଉଠି ଆସି ଖଟ ଉପରେ ଶୋଇଲି ।

ତଳଘରୁ ସୁଷମାର ପାଟି ଶୁଭୁଥିଲା, "କାନ୍ଦିନା ଟିକ ଶିଇବେ ବାପା !" ଅନାଗତ ସୁପ୍ତ ମାତୃତ୍ୱର ମୋହ ବୋଧ ହୁଏ ସେତେବେଳେ ସୁଷମାର ମୁଖଶ୍ରୀରେ ଫୁଟି ଉଠୁଥିଲା ।······

ଝରକା ଆର ପାଖରେ ନିମ ଗଛଟା ଉପରେ କୁଆଡ଼ୁ ପକ୍ଷୀ ଗୁଡ଼ାକ ଗୋଳମାଳ ଆରମ୍ଭ କରି ଦେଲେ । କୁହୁଡ଼ିଟା ତଳ ଭାବରେ ଜମାଟ ବାନ୍ଧି ଆସୁଥାଏ । ପୂର୍ବ ପାଖରେ ଝରକା ବାଟେ ଆଗାମୀ ଉଷାର ସୂଚନା ଦେଇ ଅସ୍ପଷ୍ଟ ଆଲୋକ ରେଖା ଫୁଟି ଉଠୁଥିଲା । ଶୀତ ଦିନ ସକାଳର ଶିରଶିର ପବନ ଦେହ ଓ ମନ ଭିତରେ ଏକ ଅବ୍ୟକ୍ତ ବେଦନାର ବଖାଣ ବଜାଉ ଥିଲା......ହସ ଲୁହ...ଭୁଖ ଶଙ୍କିତ ।

ପାଖରେ ସୁଷମାର ଜାଗା ଖାଲି । ଖଟ ଉପରୁ ଉଠି ଦେଖିଲି ସୁଷମା ପୂର୍ବ କଥାର ସେଇ ଝରକା ପାଖରେ ସେଇ ଅସ୍ପଷ୍ଟ ଶୀତଳ ଆଲୋକରେ ବସି ରହିଛି । ଦୃଷ୍ଟି ତାର ଉଦାସ ଅଥଚ ଗମ୍ଭୀର ।

( ଅବଶିଷ୍ଟାଂଶ ୧୧ଶ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# କାଳିଆ ବଳଦ ଗଳ୍ପ ଗଳ୍ପ

ସଂଗ୍ରାହକ:—ଦେବ ମହାପାତ୍ର

ମୋର ଗୋଟିଏ ସାଙ୍ଗର କେତେ ଦିନ ହେଲାଣି ନଜରେ ପଡ଼ି ଯାଉଛି। ଦିନେ ସେ ଗୋଟିଏ ଅପରିଚିତା ଯୁବତୀଙ୍କୁ ଭେଟିଲା ସିଏ ହଠାତ୍ ଯୁବକୁ ନମସ୍କାର କଲା।

କିନ୍ତୁ ପରେ ଯୁବତୀଟି ନିଜର ଭୁଲ ବୁଝି ପାରି କହିଲା, "କ୍ଷମା କରିବେ, ମୁଁ ଅପଣଙ୍କୁ ଯେତେବେଳେ ପ୍ରଥମ ଦେଖିଲି ମୋର ମନେ ହେଲା ଯେମିତି ଅପଣ ମୋର ଦୁଇଟି ପିଲାଙ୍କ ବାପ ବୋଲି"

ମୋର ସାଙ୍ଗ ଏପର୍ଯ୍ୟନ୍ତ ଜାଣେନା ଯେ ସେ ଯୁବତୀଟି ଏଠାକାର ସ୍କୁଲ ମାଷ୍ଟରାଣୀ।

\+ × +

"ମୁଁ ତମ ହାତରେ ଚୁମା ଦେଇ ପାରେ କି ?"

"କାହିଁକି ନା ? ମୋ ଓଠରେ କଣ ହୋଇଛି କି?"

\+ + ×

ପଢ଼ିଲେ ପ୍ରେମ କଲା ବେଳକୁ ଟୋକା କହୁଥିଲା ଟୋକି ଶୁଣୁଥିଲା, ବିବାହ ପରେ ଟୋକି କହିଲା ଟୋକା ଶୁଣିଲା ତାପରେ ଦୁହେଁଯାକ କହିଲେ ସାଇ ପଡ଼ିଶା ଶୁଣିଲେ।

\+ + +

ଡାକ୍ତର—କଣ ହେଲା ! ମୁଁ ତ ଏପର୍ଯ୍ୟନ୍ତ ତମ ଦାନ୍ତରେ ହାତ ଛୁଇଁ ନି !

ରୋଗୀ—ନାହିଁ କିନ୍ତୁ ଅପଣ ମୋ ଫୋଟକା ଟା ଉପରେ ଛିଡ଼ା ହୋଇଛନ୍ତି।

× + ×

ଡାଏତ—ଟଙ୍କା ଟଙ୍କା ନା ତୋ ଜୀବନ ?

ପଦନ—ମୋ ଜୀବନ ନେଇ ଯାଅ—ଟଙ୍କାତକ ମୁଁ ମୋ ବୁଢ଼ାକାଳ ପାଇଁ ରଖିଛି।

÷ + +

ଯୁବକ—"ମୁଁ ତମକୁ ଚୁମା ଦେଲା ବେଳେ ମତେ ଲାଗୁଛି ଯେମିତି କି ମୁଁ ସ୍ୱର୍ଗରେ ଅଛି"

ଯୁବତୀ—ସେଇଠି କେତେ ସମୟ ରହୁଥାଅ— ବାପା ଉଅଡ଼େ ଅସୁଚନ୍ତି।

\+ + +

"ଲିଲି କୁଆଡ଼େ ବାହା ହେଲାଣି ଶୁଣିଲି, ଶେଷକୁ କାହାକୁ ଠିକ କଲା ?"

"ତାର ତ ରମେଶ ସାଙ୍ଗରେ ଚାଲିଥିଲା କିନ୍ତୁ ସେ ସୁରେଶକୁ ବାହା ହେଲା କାହିଁକି ନା ତା ହେଲେ ସିଏ ଅପଣା ଘରକୁ ଘର ସମ୍ଭାଳି ପାରିବ ଅଉ ଫୁରସତରେ ମହେଶ ସାଙ୍ଗରେ ସମୟ କଟେଇ ପାରିବ।

---

( ମଜାକଥା ୫ମ ପୃଷ୍ଠା ଉତ୍ତରୁ )

ବୀର—ମୋତେ କରିବାକୁହିଁ ପଡ଼ିବ, ଯଦି ତମେ କର। ବଚନ ଦେଉଛି।

ଶଚୀ—ମୁଁ ବି ବାଧ ହୋଇ କରିବି ଯଦି ତମେ କରୁଛ ମୋର ବି ତ ବଚନ।

ବୀର—ମୋତେ ତମେ ମାଫ୍ କରିବାକୁ ରାଜି ?

ଶଚୀ—ତମେ ଅଗେ କହିସାର ମୋତେ କ୍ଷମାଦେବାକୁ ଅପତ୍ତି ଅଛି କି ତମର ?

ବୀର—ବିଲକୁଲ୍ "ନା"। ଅଉ ତମର ?

ଶଚୀ—ମୋର ଜବାବ୍ "ହଁ"

—*—

Digitized by srujanika@gmail.com

# ଏ. ଆର. ପି.

ଶ୍ରୀ କୁବେର ଦଳାଇ ।

**ଓ୍ୟାଣ୍ଟେଡ —**

ଗୋଟା ଗୋଟା ହୋଇ ଚାମ ଖାଲି ଅଛି
ବସିଚ ଛଏ ଦେ ଅସ;
ଯୁଦ୍ଧ ଥାଉଁ ଥାଉଁ ଦରଖାସ୍ତ ପଠା
ବେକାର — ବଇର ନାଶ ।

**କ୍ୱାଲିଫିକେସନସ୍ —**

କଳା ମଚ ମଚ ଦେହ ହୋଇ ଥିବ
ଦେଖି ମାଡୁଥିବ ଡର;
ଅନ୍ଧାରକୁ ଚାହିଁ ବାଟ ଚାଲୁ ଥିବ
ଦୁମ୍ ଦୁମ୍ ଛର ଛର;
ବାଡ଼ ଡିଇଁବାରେ ପାରେଗଡା ଥିବ,
ପାନ ଖୋଲଥିବ ଓଠ;
ବାଟୋଇ ପାଦକୁ କୁଦ ପାରୁଥିବ
ଚାଲି ପାଉଁ ଯାଉଁ ବାଟେ;
ଡାଏସ ଖେଳରେ ପାଏସ ଯାର ଯେ'
ବସିଛ ପଣରେ ଯୋଦ୍ଧା
ବୁଢ଼ା ବେଙ୍ଗ ସ୍ୱରେ ଗୀତ ଗାଇ' ଦନେ
ଅଣି ପାରବ ଯେ ବାଧା;
ଅନ୍ଧାର ବଜେରେ ଅଭିଅସ ଯାର
ଗଟି ଥାନ ସବୁ ଜାଣି;
ଲଜ ଭୟ ଯାର ଧୋବା ଘରେ ଥୁଅ
ସିଂହ ପଣ ଯା'ର ଠାଣି
ମାଗେଣା ପୋଷାକ ଦେନ ରାତ ଢ଼ାଙ୍କି
ବଜାରରେ ପାରେ ବୁଲି
ଘୁଅଣ୍ଟେ ଟିକିଏ ବୁଲି ପଣ ପାରେ
ବେଶ ଦେଖାଇବ ବୋଲି;
ପାନ ବିଡ଼ି ଅଜ ଗୁଡ଼ାଖୁ ଦୋକାନୀ —
ଦଳଙ୍କୁ ପାରେ ଯେ ପୋଷି;
ଢେଶ ସାଜବାର ଦନକେ ଗୋଟିଏ
ପାନିଅ ପାରଇ ନାଶି;
ପିଅଣ୍ଟ ଚିହ୍ନାରେ 'ଡିଗେର ବାଙ୍କ ଯେ'
ପୁଞ୍ଜିରେ ଡ଼ିପ୍ଲୋମା ଧାଇଁ;
ନିରକ୍ଷର ବୋଲି ଯାଟିଫିକେଟ ଯେ
ଧଏ, ବାଆଁ ଟିପ ମାରି;
ବ୍ୟବହାର ଯାର ଗୋଠୁ ପର ପୁଣି
ମେଣ୍ଢା ପର ଯାର ମେଳ
ଅସ ଯେଉ ମାନେ ଧାଇଁ, ଜଡ଼ି ହୁଅ
ଏ. ଅର. ପି.ରେ ଠୁଳ ।

# କେସ ପୂର୍ଣ୍ଣି ଦେଶ । [illegible]

ଉତ୍ତର ଆଫ୍ରିକାର ମରୁଭୂମିର ନିକଟବର୍ତ୍ତୀ ଅଞ୍ଚଳରେ Gadames ନାମରେ ଗୋଟିଏ ଛୋଟ ବୃଷ୍ଟିହୀନ ସହର ଅଛି । ଏହାର ଲୋକସଂଖ୍ୟା ମାତ୍ର ୨୦୦୦ । ଏହି ସହରର ଆଶ୍ଚର୍ଯ୍ୟ ବ୍ୟାପାର ହେଉଛି, ଏହି ସହରରେ ଗତ ୯୦ ବର୍ଷ ମଧ୍ୟରେ ଆଦୌ ବୃଷ୍ଟି ହୋଇ ନାହିଁ; ହୋଇଥିଲେ ଲୋକମାନଙ୍କ ଅତ୍ୟନ୍ତ ଅସୁବିଧା ହୋଇଥାନ୍ତା, କାରଣ ଏଠିକାର ସମସ୍ତ ଘରବାଡ଼ି ମୃତ୍ତିକା ନିର୍ମିତ ଏବଂ ସମସ୍ତ ଆବାସସ୍ଥଳ ଖୋଲା ଛାତ ଥାଏ । ଏଠିକାର ଘରର ପ୍ରଥମ ତାଲାଟି ମାଟି ତଳେ ( under ground ) । ଆବହାୱା ଯେତେବେଳେ ଖୁବ୍ ଗରମ ହୁଏ ସେତେବେଳେ ଲୋକମାନେ ଏହି ତଳ ତାଲାରେ ଆରାମରେ ରହନ୍ତି । × ×

## ସବୁଠାରୁ ଛୋଟ ଘଡ଼ି ।

ନିଉୟର୍କରେ ଅନ୍ତର୍ଜାତିକ ଏକଜିବିସନ୍‌ରେ ଅନେକ ଅଦ୍ଭୁତ ଜିନିଷ ଲୋକମାନଙ୍କୁ ଦେଖା ହୋଇଥିଲା । ପୃଥିବୀର ସବୁଠାରୁ ଛୋଟ ଘଡ଼ିଟିକୁ ସେଠାକୁ ଯାଇଥିଲା । ଏହି ଘଡ଼ିର ଦୈର୍ଘ୍ୟ "୪" ( ୧/୨ ଇଞ୍ଚ ) ଏବଂ ପ୍ରସ୍ଥ "୨" ( ୧/୧ ଇଞ୍ଚ ) ୭୨ଟା ସ୍କ୍ରୁ ଦ୍ୱାରା ଏହି ଘଡ଼ି ନିର୍ମିତ ହୋଇଛି; ଏହାର ଦାମ ୧୨୬୦ ଟଙ୍କା ଏବଂ ଏହା ନିର୍ମାଣ କରିବାକୁ ପ୍ରାୟ ୬ ମାସ ଲାଗିଛି । ଏହି ଘଡ଼ିର ଚାକିଟି ଗୋଟିଏ ମଶିମାର ଆଖିର ମଣି ଅପେକ୍ଷାକୃତ ଛୋଟ ଏବଂ ଆକାର ପ୍ରାୟ ସେହି ରକମ ।

× + ×

( କାହାଣୀ ୮ମ ପୃଷ୍ଠା ପରଠାରୁ )

ପାଖକୁ ଯାଇ ସୁଷମାର ପଛଆଡ଼େ ଛିଡ଼ା ହୋଇ ତା'ର ସୁକୋମଳ ମୁଣ୍ଡଟିକୁ ଦୁଇ ହାତରେ ଟେକିଧରି ସ୍ନେହସିକ୍ତ କଣ୍ଠରେ ଡାକିଲି, "ସୁଷୁ! ଅନ୍ଧାରରେ ଏମିତି ବେଳେବେଳେ ଏଠି ବସିଛ ?"......

ସୁଷମା କିଛି କହିଲା ନା । ନୀରବ ଭାବରେ ଗୋଟିଏ ଦୀର୍ଘଶ୍ୱାସ ପକାଇ ସେ ଖାଲି କହିଲା, "ନାଁ...!" ହାତରେ ଦୁଇଟୋପା ଲୁହ ତା'ର ସ୍ୱଚ୍ଛ ଗଣ୍ଡଦେଇ ଝରି ପଡ଼ିଲା ।...

ବ୍ୟଗ୍ରହୋଇ କହିଲି, "ଏଁ, ତମେ କାନ୍ଦୁଛ ? କ'ଣ ହେଲା ତମର ? ସେ ସ୍ତ୍ରୀ ଲୋକ କଥା କ'ଣ ବୁଝିଲ ? ତା'ର ଫେଲ୍‌ଟି ?"

ଧୀର କଣ୍ଠରେ ଅଶ୍ରୁରୁଦ୍ଧ ଲୁହ ପୋଛି ସେ କହିଲା— "ଭଲ ଅଛି ।"

ଦୂର ଦିଗନ୍ତ କୋଳରେ ଗୋଟିଏ ଆଲୋକରେଖା ଫୁଟି ଉଠିଥିଲା । ସୁଷମା ସେଇଆଡ଼େ ନିବଦ୍ଧ ଭାବରେ ଅନାଇ ରହି କ'ଣ ଭାବୁଥିଲା । ସେଇ ଅଥା ଛଇ ଅଥା ଆଲୁଅରେ ସୁଷମାର ବେଦନାର କାହିଁଣ ଅବସ୍ଥାର କରୁଁ କରୁଁ ଦେଖିଲି ଚରଣ ଟଙ୍କା ଦେଇ ଆଣିଥିବା ସୁଷମାର ସେଇ ଅଲଅଙ୍କ,

ଜଳ ସଭେ ଶୋଇଥିବା ଭିଖାରିଣୀ ଯୁବତୀର ନିଜ ପିଲାଟିର ଶୋଷ ବର୍ଜନ କରୁଛ ।.........

## [illegible]

### ଅସୁବିଧା

ଶ୍ରୀ ବୋଧାର କୁ ଭାଲଭିର

ପଲ୍ଲୀ ଅଞ୍ଚଳରେ ସ୍କୁଲ ବ୍ୟସ୍ତରେ ଭାରତ ଗଭର୍ଣ୍ଣମେଣ୍ଟଙ୍କ ମେନୁଏଲ ମତେ ସର୍ବୋ ଶିକ୍ଷା ତଥା ଦେଶର ବେକାର ସମାସ୍ୟା ଓ ଦରିଦ୍ରତାର କବଳରୁ ଯୁବକମାନଙ୍କର ମୁକ୍ତି ପ୍ରଦାନ ପାଇଁ ଅବ ସର୍ବୋ ପ୍ରତି ସର୍ବଦା ଗମ୍ଭୀର ଉଦ୍ୟମ ସହ ଓଡ଼ିଶାର ନା ନା ସ୍ଥାନରେ ବ୍ୟାଙ୍କ ଖୋଲି ଶିକ୍ଷା ଦେଇ ଆସୁଅଛି । ବର୍ତ୍ତମାନ ଏହାର ଏକ ଶାଖା ସ୍କୁଲ ଉଦ୍ରକ ନୂଆବଜାରରେ ସ୍ଥାପନ କରା ଯାଇଅଛି ।

ଯଦି ଆପଣମାନଙ୍କର ସ୍କୁଲର ସବ ମୋଟ ଦେଖି ଟ ୧୫ ଦେଇ ଛାତ୍ରୀ ବଦଳରେ ମୁଦଣ ଅମୀନ, କାନୁନ୍‌ଗୋ ଓ ଇନସ ପେକ୍ଟର ହେବାକୁ ଅଭିଳାଷ ଥାଏ, ତେବେ ବିଶେଷ ବିଜ୍ଞାପନ ପାଇଁ ଜନପଇସାର ଡାକ ଟିକଟ ପଠାନ୍ତୁ ।

Digitized by srujanika@gmail.com

# ହରିଙ୍କ ଗୋବିନ୍ଦ ବନମାଳୀ

## —ନାଗବନ୍ଧୁ—

(୧୮ ବର୍ଷରୁ ନ୍ୟୁନ ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ—**

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ତନୁ ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ନଗରର ମଧ୍ୟସ୍ଥତାରେ ପତ୍ରବନ୍ଧୁତ୍ୱ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରିବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

## ଚିତ୍ର ତାରକା ସାବୁ

ନାଗ ଭାଇଭଉଣୀମାନେ,

ନମସ୍ତେ। ଆପଣମାନେ ଚିତ୍ରତାରକା ସାବୁ-ନାମ ଶୁଣିଥିବେ। କେହି କେହି ମଧ୍ୟ ତାଙ୍କର ଛବି ଦେଖିଥିବେ। ସେ ହେଉଛନ୍ତି ପ୍ରଥମ ଭାରତୀୟ, ଯେ କି ବିଦେଶୀ ଭାଷାରେ ଚଳଚିତ୍ର ଜଗତରେ ସମ୍ମାନର ଉଚ୍ଚ ଶିଖରକୁ ଯାଇ ପାରିଛନ୍ତି। ତାଙ୍କ ଛଡ଼ା ଏପର୍ଯ୍ୟନ୍ତ ଅନ୍ୟ କୌଣସି ଭାରତୀୟ ଚିତ୍ର ତାରକା ବିଲାତରେ କିମ୍ବା ଆମେରିକାର ହଲିଉଡ୍‌ରେ ଅଭିନୟ କରିବାର ସୌଭାଗ୍ୟ ଲାଭ କରି ନାହାନ୍ତି।

ତାଙ୍କ ଜୀବନୀ ପ୍ରଣିଧାନ କଲେ ଜଣାଯାଏ ସେ ଖୁବ୍ ଛୋଟରୁ ବଡ଼ ହୋଇଛନ୍ତି ଓ ନହାତ୍ ଅଶିକ୍ଷିତ ହୋଇ ମଧ୍ୟ ନିଜ ଚେଷ୍ଟାରେ ଶିକ୍ଷାଲାଭ କରି ଆଜି ସେ ଶିକ୍ଷିତ ସମାଜର ଜଣେ ହୋଇ ପାରିଛନ୍ତି। ଚଳଚିତ୍ର ଜଗତରେ ତାଙ୍କର ପ୍ରିୟ ନାମ Sabu the Elephant boy ଅର୍ଥାତ୍ ମାହୁନ୍ତ ପିଲା ସାବୁ।

ସାବୁ ଦସ୍ତଗିର ୧୯୨୪ ମସିହାରେ ମହୀଶୂର ନାଗର ହକାଣ୍ଟୁ କାରାପୁର ଜଙ୍ଗଲରେ ଗୋଟିଏ ଛୋଟ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ପିତା ମହୀଶୂର ମହାରାଜାଙ୍କର ହାତୀ ମାହୁନ୍ତ ଥିଲେ। ସାବୁ ଶୈଶବାବସ୍ଥାରେ ଚାଲି ଶିଖିବା ଦିନରୁ ସେ ତାଙ୍କ ପିତାଙ୍କ ସାଙ୍ଗରେ ହାତୀ ପାଖରେ ନିର୍ଭୟରେ ଚାଲି ବୁଲି ପାରୁଥିଲେ ଓ ଚଢ଼ି ପାରୁଥିଲେ। ଏପରିକି ସେ ହାତୀକୁ ପାଣି ପିଆଇବାକୁ ଓ ବୁଲେଇବାକୁ ନେଇ ଯାଉଥିଲେ।

ବିଖ୍ୟାତ ଚଳଚିତ୍ର ନିର୍ମାତା ଆଲେକ୍‌ଜାଣ୍ଡାର କର୍ଡାଙ୍କର ଫିଲ୍ମ ଡିରେକ୍ଟର ରବର୍ଟ ଫ୍ଲାହାର୍ଟି (Robert Flaharty) ଯେତେବେଳେ ଭାରତକୁ ଆସି "Elephant boy"ର ଚିତ୍ର ଗ୍ରହଣ କରିବା ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ସ୍ଥାନରେ ବୁଲୁଥିଲେ, ସେତେବେଳେ ତାଙ୍କ ନଜର ସାବୁଙ୍କ ଉପରେ ପଡ଼ିଲା—ସାବୁଙ୍କର ହସ୍ତୀ ଚାଳନାର ଦକ୍ଷତା ଦେଖି ତାଙ୍କୁ "Elephant boy" ଛବିର ଗୋଟିଏ ଭୂମିକା ପରୀକ୍ଷା ସ୍ୱରୂପ ଦେଲେ। ସେଥିରେ ସାବୁ ଖୁବ୍ ସଫଳତା ସହିତ ଅଭିନୟ କରିଥିବାରୁ ଡିରେକ୍ଟର ତାଙ୍କୁ ଓ ତାଙ୍କ ଭାଇ ସେକିଙ୍କୁ ସାଙ୍ଗରେ ବିଲାତ ନେଇଗଲେ ସେଠାରେ ଶିକ୍ଷା ଦେବାକୁ। ବିଲାତରେ ଇଂରାଜୀ ଶିକ୍ଷା ସଙ୍ଗେ ସଙ୍ଗେ ସେ ଅଭିନେତା ହେବାର ମଧ୍ୟ ଶିକ୍ଷା ପାଇଲେ। ସାବୁଙ୍କର ଦ୍ୱିତୀୟ ଛବି "Drums" ମଧ୍ୟ ଖୁବ୍ ସମାଦର ଲାଭ କରିଥିଲା। ସେ ୧୯୩୮ ମସିହାରେ ପ୍ରଥମେ ଆମେରିକା ଗଲେ। ସେଠାରେ ସେ ପ୍ରଧାନ ପ୍ରଧାନ

Digitized by srujanika@gmail.com

ସ୍ଥାନ ବୁଲି ଓ ହଲିଉଡ୍‌ରେ ବହୁ ଅଧିକ ଅଭିଜ୍ଞତା ଅର୍ଜନ କଲେ । ତାପରେ ସେ ତାଙ୍କର ନୂଆ ଛବି "Thief of Bagdad" ପାଇଁ ବିଲାତକୁ ଫେରି ଆସିଲେ । ଏହି ଛବିର କାର୍ଯ୍ୟ ଶେଷ ନ ହେଉଣୁ ଜର୍ମାନୀର ବିମାନ ଆକ୍ରମଣ ଇଂଲଣ୍ଡ ଉପରେ ଆରମ୍ଭ ହେଲା । ଆଲେକ୍‌ଜାଣ୍ଡାର କର୍ଡା ତାଙ୍କର ଷ୍ଟୁଡିଓର ସମସ୍ତ କର୍ମଚାରୀ ଓ ତାରକାମାନଙ୍କୁ ନେଇ ହଲିଉଡ଼କୁ ଗଲେ । ସେଠାରେ ଉକ୍ତ ଛବିର କାର୍ଯ୍ୟ ଶେଷ ହେବା ପରେ "Jungle Book" ନାମରେ ଅନ୍ୟ ଖଣ୍ଡିଏ ଛବିରେ ଅଭିନୟ କରିଥିଲେ । ତାପରେ ସାବୁ ସେଠାକାର ବିଖ୍ୟାତ ଇଉନିଭର୍ସାଲ ଷ୍ଟୁଡିଓଙ୍କ ସହ ଚୁକ୍ତିବଦ୍ଧ ହୋଇ "Arabian Nights" ଏବଂ "White Savage" ନାମକ ଦୁଇଖଣ୍ଡ ଛବିରେ ଅଭିନୟ କରି କୃତିତ୍ୱର ପରିଚୟ ଦେଇଥିଲେ । ଏହି ଛବିରେ ତାଙ୍କୁ ଜନ୍‌ହଲ ଓ ମାରିଆ ମଣ୍ଟେଜ୍‌ଙ୍କ ସହ ଅଭିନୟ କରିବାକୁ ପଡ଼ିଥିଲା ।

ଯେତେବେଳେ ଯୁକ୍ତପ୍ରଦେଶ ଆମେରିକା ଯୁଦ୍ଧରେ ପ୍ରବେଶ କଲା, ସାବୁ ମଧ୍ୟ ଆମେରିକା ସୈନ୍ୟବାହିନୀରେ ସ୍ୱଇଚ୍ଛାରେ ଯୋଗ ଦେଲେ । କିଛିଦିନ ଯାଏଁ ସେ କାଲିଫର୍ଣ୍ଣିଆର ଅଶ୍ୱାରୋହୀ ସେନାରେ କାମ କରିଥିଲେ ବର୍ତ୍ତମାନ ସେ ଯୁକ୍ତପ୍ରଦେଶ ବୋମାରୁ ବାହିନୀର ବନ୍ଧୁକଧାରୀ (gunner) ହୋଇ ଜଣେ କର୍ପୋରାଲ ଶ୍ରେଣୀଭୁକ୍ତ ହୋଇଅଛନ୍ତି । ସେ ଏଥିଭିତରେ ୪ ଥର ଜାପାନ ବିରୁଦ୍ଧରେ ବୋମା ଅଭିଯାନରେ ଯୋଗ ଦେଇଛନ୍ତି ବୋଲି ଖବର ମିଳିଛି ଓ ଖଣ୍ଡେ ଜାପାନୀ ଉଡ଼ାଜାହାଜ ଗୁଳି କରି ଖସାଇ ପକାଇଛନ୍ତି ବୋଲି ସମ୍ମାନିତ ହୋଇଛନ୍ତି ।

ତାଙ୍କ ଭାଇ ସୈକ୍ ଯେ କି ସାବୁଙ୍କର ମାନେଜର ଭାବରେ କାମ କରୁଥିଲେ, କାଲିଫର୍ଣ୍ଣିଆର କୌଣସି ଯୁଦ୍ଧ ସରଞ୍ଜାମ ତିଆରି କାରଖାନାରେ କାମ କରୁଛନ୍ତି । ସେ ଜଣେ ମାର୍କିନ ମହିଳାଙ୍କୁ ବିବାହ କରିଛନ୍ତି ।

ସାବୁ ଯୁଦ୍ଧରେ ଯୋଗ ଦେବା ପୂର୍ବରୁ ଶିକ୍ଷା ଦିଗରେ ମଧ୍ୟ ମନଯୋଗ ଦେଇଥିଲେ ଏବଂ ହାଇସ୍କୁଲ୍ ଡିପ୍ଲୋମା ପାଶ କରିଥିଲେ । ତାଙ୍କର ଗୁଳିଚଳଣ, ପୋଷାକପରି ଦେଖିଲେ ତାଙ୍କୁ ମାର୍କିନ ବୋଲି ସନ୍ଦେହ ହୁଏ । ତାଙ୍କ ପାଇଁ ଯେ ଉଜ୍ଜ୍ୱଳ ଭବିଷ୍ୟତ ପଡ଼ିରହିଛି ଏକଥା ନିଶ୍ଚିତ । ଏହି ଭାରତୀୟ ଶିଶୁ ତାରକାଙ୍କର ଦୀର୍ଘଜୀବନ ଓ ଉତ୍ତରୋତ୍ତର ଉନ୍ନତି କାମନା କରି ରହିଲି । *

ଶ୍ରୀମାନ ଲକ୍ଷ୍ମୀଧର ( ଡଂ ନାଗ )

* ଏହି ଜୀବନୀଟି ଅମୃତବଜାର ପତ୍ରିକାରୁ ସଂଗୃହୀତ ।

## ଗପ କିନ୍ତୁ ସତ

ସେତେବେଳେ ୧୮୯୩ ସାଲ । ଏହିସମୟରେ ହେଲା ବ୍ରେଜିଲ୍‌ରେ ଘୋର ରାଷ୍ଟ୍ରବିପ୍ଳବ । ଶତ୍ରୁର ପ୍ରଚଣ୍ଡ କର୍ମମ ଆକ୍ରମଣରୁ ନଗରରକ୍ଷା ଅତୀବ ଅସମ୍ଭବ ହୋଇପଡ଼ିଲା । ପ୍ରଧାନ ସେନାପତି ତାଙ୍କର ଅଧିନସ୍ଥ ସେନାନାୟକମାନଙ୍କୁ ଡାକି କହିଲେ, "ଆମ୍ଭମାନଙ୍କ ମଧ୍ୟରେ କେଉଁ ସେନାପତି ମାତ୍ର ୫୦ ଜଣ ସୈନ୍ୟ ନେଇ ଶତ୍ରୁକୁ ଆକ୍ରମଣ କରିପାରେ ? ଏପରି ସାହସୀ ଯଦି କେହି ଥାଏ ତେବେ ଅଗ୍ରସର ହୁଅ ।" ପ୍ରଧାନ ସେନା ନାୟକଙ୍କର କଥା ଶୁଣି ସମସ୍ତେ ଚକିତ ହୋଇପଡ଼ିଲେ । ଅବଶେଷରେ ଜଣେ ଭାରତୀୟ ଯୁବକ ଉଠି କହିଲେ, "ମୁଁ ପ୍ରସ୍ତୁତ ଅଛି ।"

ବୀର ଯୁବକ କ୍ଷିପ୍ର ସିଂହ ପରି ଶତ୍ରୁ ମଧ୍ୟିକୁ ଡେଇଁ ପଡ଼ି ଭୀମ ବେଗରେ ଶତ୍ରୁ ସେନା ଧ୍ୱଂସ କରିବାକୁ ଲାଗିଲା । ସେ ଭୀଷଣ ଆକ୍ରମଣ ଶତ୍ରୁମାନେ ସହ୍ୟ କରି ନପାରି ପଶ୍ଚାତ୍ ପଳାୟନ କଲେ । ଯୁବକ ଶତ୍ରୁର ଅନେକ କମାଣ ଅଧିକାର କଲା । ଅନେକ ଗୋଲନ୍ଦାଜ ବନ୍ଦୀ ହେଲେ ତା ହାତରେ । ଏଇ ଯୁବକର ଅସୀମ ବୀରତ୍ୱରେ ସମଗ୍ର ଭାରତ ଗୌରବାନ୍ୱିତ । ଭାରତମାତାର ଏଇ ବୀର ସନ୍ତାନ କିଏ ଜାଣ ? କର୍ଣ୍ଣେଲ ସୁରେଶଚନ୍ଦ୍ର ବିଶ୍ୱାସ ।

ଶ୍ରୀ ସୁରେନ୍ଦ୍ରମୋହନ ଦାସ ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନକ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ଦିନରୁ ନାନାପ୍ରକାର ଛଉ ବା ବିକୃତ ଚକ୍ରା, ଅଙ୍ଗାଙ୍ଗିକ ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ଜଣେ ଜଣେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ୫୨ଙ୍କା ମାତ୍ର ୫ ୨ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ**

ଅଲମଚାନ୍ଦ ବଜାର, କଟକ

---

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନର ନାରୀ ଲୋକ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରେଲୋ ବ୍ୟବହାର କଲେ ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃହତ୍ ଓ ରକ୍ତ ପ୍ଲୀହା, ଯକୃତ, ମାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଆଧୁନିକ ଜଗତରେ **"ପାଇରେଲୋ"** ( ରେଜିଷ୍ଟାର୍ଡ ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି । ମୂଲ୍ୟ:—୫୨୵୦ ( ପ୍ରତି ଶିଶି )

**'ଅନନ୍ତ ରସ ସାଲସା'**—ଅଭୂତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।

ହେଡ୍‌ଅଫିସ—ମେସାର୍ସ ଚନ୍ଦ୍ରଲୋକ ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍ କଲିକତା ।

ପ୍ରାପ୍ତିସ୍ଥାନ:—ମନମୋହନ ବୁକ୍‌ସପ୍

ନଂ ୧୩୭ । ୨ ବହୁବଜାର ଷ୍ଟ୍ରିଟ, କଲିକତା, ଓ ମନମୋହନ ପ୍ରେସ, କଟକ ।


---

Printed & published by G. C. Mahapatra at the Gopinath Press, Bhadrak. 1944.

ବାର୍ଷିକ ଚିନ ଟଙ୍କା ଆଠଅଣା ରାଜହଂସ୍ତରଣ ବାର୍ଷିକ ପାଞ୍ଚଟଙ୍କା

Digitized by srujanika@gmail.com

୮ମ ବର୍ଷ - ପୌଷ ପ୍ରଥମାର୍ଦ୍ଧ—୧୬ଶ ସଂଖ୍ୟା




Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

# ପାଇଓନିଅର କମର୍ସିଏଲ୍ ବ୍ୟାଙ୍କ ଲି:—

**ହେଡ୍ ଅଫିସ— କଲିକତା**

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା
ନାରାୟଣଗଞ୍ଜ, ସାତୁରିଆ, ଇଶ୍ବରଡି, ଜୟନଗର, ମଙ୍ଗଲପୁର, ମୈତ୍ରଗଞ୍ଜ

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଳ, କୋଲଘାଟ, ବାଙ୍କୁଡ଼ା,
ବିଷ୍ଣୁପୁର, ଝାଣ୍ଟିପାହାଡ଼ି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା,
(କଟକ, ବାଲେଶ୍ବର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲ ଯାଉଛି)

ମେନେଜିଂ ଡିରେକ୍ଟର—

ନାଜଦଲି, ନାଗପୁର । **ସ୍ବା—ପି. ଏନ୍: ରାୟ୍ ଚଉଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ୧ ଜମା ଦେଲେ—ବ ୪ ର୍ଥ ପରେ ଓ ୫ମ ବର୍ଷ ଶେଷରେ
ଟ ୨୭୦ ଙ୍କା ପାଇବେ ।

---

# 'ଉଗର' ନିୟମାବଳୀ

୧ । 'ଉଗର' ପ୍ରତି ଇଂରାଜି ମାସର ତା ୧ ରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷଠାରୁ 'ଉଗର'ର ପରିବର୍ତ୍ତିତ ମୂଲ୍ୟ ଡାକରେ ବାର୍ଷିକ ଟ ୩ ୧ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କଠାରୁ ଖଣ୍ଡିଏ 'ଉଗର' ଦୁଇଅଣା ଦେଇ ମିଳିପାରିବେ ।

୪ । 'ଉଗର' ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ, 'ଉଗର' ପୋଃ ଭଦ୍ରକ ( B. N: R. )"ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକଟିକଟ ନ ଥିଲେ କବିତା, ପ୍ରବନ୍ଧ ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---

ସମ୍ପାଦକ;—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର** ପରିଚାଳନା ସମ୍ପାଦକ ;—**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

# ହୁକା ହୁକା ହୁଆ

## ( ବିଲଆ ବିଗୁର )

( ଆମ ସଂପାଦକ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଅଢ଼େଇ ବର୍ଷରୁ ଅଧିକ କାଳ ବ୍ରହ୍ମପୁର ଜେଲରେ ଅଟକବନ୍ଦୀ ରୂପେ ରହି ବିନା ସର୍ତ୍ତରେ ଡିସେମ୍ବର ୩୧ ତାରିଖରେ ଖଲାସ ହୋଇଛନ୍ତି । ଜେଲରେ ରହି ତାଙ୍କ ସ୍ୱାସ୍ଥ୍ୟହାନି ଘଟିଛି । ସେ କୌଣସି ସ୍ୱାସ୍ଥ୍ୟକର ସ୍ଥାନକୁ ଯାଇ କିଛି ସମୟ କଟେଇବାକୁ ମନସ୍ଥ କରିଛନ୍ତି । ଆମ୍ଭେମାନେ ତାଙ୍କୁ ସ୍ୱାଗତ ଜଣାଉଛୁ ।)

ପୁରୁଣା କଥାଟାଏ ବୁଢ଼ା ବୁଢ଼ୀ ଲୋକେ କହନ୍ତି— "ହରିଲବେଳ ଅଟଙ୍କ ଛୁଇଁଲେଇଲ ବେଳକୁ ନ ଥାଏ ।" ହୋଇଛି ସେହିପରି ଲଢ଼େଇର ସମାରୋହ ସମୟରେ ଯେତେବେଳେ ଜର୍ମାନ ହୁମୁ ହୁମୁ ହୋଇ ଅଟ୍ଟହାସ ମାରୁଥାଏ, ରୁଜଭେଲ୍ଟ ଓ ଚର୍ଚ୍ଚିଲ, ଗଡ଼ିତା ପୁରୁଷ ଦୁହେଁ ମିଳି ଆଟଲାଣ୍ଟିକ ସାଗରର ଏକ ନିଭୃତ କୋଣରେ ଏକ ମନୋହର ଜାହାଜର ନିଭୃତ କକ୍ଷ ମଧ୍ୟରେ ବସି ଜଗତକୁ ଏକ ମହାମନ୍ତ୍ରର ଦୈବବାଣୀ ଶୁଣାଇଥିଲେ ଯେ—ଏହି ଯୁଦ୍ଧର ଫଳରେ ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତ ମାନବ ସାମ୍ୟ ଓ ସ୍ୱାଧୀନତା ଅମୃତର ସ୍ୱାଦ ପାଇବେ—ଆଜି ସେହି ବିଖ୍ୟାତ ଆଟଲାଣ୍ଟିକ ଚାର୍ଟର ଗୋଟାଏ ଆକାଶ କୁସୁମ ବୋଲି ଜଣାପଡ଼ୁଛି ।

ଯାହା କହନ୍ତି— "ବାହା ସରିଲେ ବେଦୀ ମୁହଁ ପୋଡ଼ା ହୁଏ" ବୋଲି କଥାଟା ଠିକ୍ ହେଲା ।

\+ \+ × ×

ଇଂରେଜ ସରକାର ଓ ଆମେରିକା ସରକାର ଦୁହେଁ ଯୁଦ୍ଧ ନିନାଦରେ ଏହି ଘୋଷଣା କରିଥିଲେ । ଭାରତ ପ୍ରତି ଏହା ଖଟିବ କି ନାହିଁ ବୋଲି ପଚାରିବାରୁ ଚର୍ଚ୍ଚିଲ ନାହିଁ କଲେ ମାତ୍ର ଆମେରିକା ହଁ କଲେ । ଏବେ ଚର୍ଚ୍ଚିଲ ଦୁହେଁ, ସ୍ୱୟଂ ରୁଜଭେଲ୍ଟ ବୋଲି କହୁଛନ୍ତି କି— "ଆଟଲାଣ୍ଟିକ ଚାର୍ଟର ନାମକ ବନ୍ଧନୀର ଅସ୍ତିତ୍ୱ ମାତ୍ର ନାହିଁ ।" ଏଭଳି କଥା କହିବାର ଏବେ ବେଳ ଆସିଛି ମିତ୍ରଶକ୍ତିମାନଙ୍କର । ଯେଉଁମାନେ ଆଟଲାଣ୍ଟିକ ମନ୍ତ୍ରପାଠର ଏହି ନିର୍ବାଣ ସମ୍ବାଦରେ ବ୍ୟଥିତ ହେଉଥିବେ, ତାଙ୍କୁ ଆମର ଏତିକି ସାନ୍ତ୍ୱନା ଯେ—ଆଟଲାଣ୍ଟିକ ଚାର୍ଟର ନଷ୍ଟ ଓ ଭ୍ରଷ୍ଟ ସତ୍ୟ, ମାତ୍ର ତାହା ପ୍ରିନ୍ସ ଅଫ୍ ୱେଲସ ଜାହାଜର କକ୍ଷ ମୃତ ହୋଇ ରହିଛି । ଯୁଦ୍ଧାନ୍ତେ ଏ ଜାହାଜ ଯେତେବେଳେ ଭାରତ ମହାସାଗର ଗର୍ଭରୁ ଉତ୍ତୋଳିତ ହେବ, ସେତେବେଳେ ଏହି ଜଗଦ୍ଘୋଷର ଦଲିଲର ପୁନରୁଦ୍ଧାର ନ ହୋଇ ଯିବ କିଏ କହିବ ? ଅଜ ଢଙ୍ଗରେ ଅମର ବା କଣ ? ବେଳ ପାଇଲେ କାହିଁର କି ଲାଭ ?

\+ \+ \+ \+

ପାଟନାର ଜଣେ ଭଦ୍ରଲୋକ ବନ୍ଧୁକ ଲାଇସେନ୍ସ ପାଇଁ ଦରଖାସ୍ତ କରିଥିଲେ । ଲାଇସେନ୍ସ କିରାଣି ତାଙ୍କୁ କହିଲେ କି ଆପଣ ଟ ୧୦୦ କାର ଯୁଦ୍ଧଋଣ କିଣିଲେ ଲାଇସେନ୍ସ ମିଳିବ । ଏହାପରେ ଭଦ୍ରଲୋକ କିରାଣିଙ୍କ ନାମରେ "ଲାଞ୍ଚ ମାଗିବା" ଅଭିଯୋଗ କରି ନାଲିସ କଲେ । ମାତ୍ର କୋର୍ଟରେ ଘଟଣା ସତ୍ୟ ହେଲେ ମଧ୍ୟ ଏହା 'ଲାଞ୍ଚ ମାଗିବା' ନୁହେଁ ବୋଲି ଧାର୍ଯ୍ୟ ହେଲା । ଏ ମୋକଦ୍ଦମାର ଅପିଲ ହେଲା ହାଇକୋର୍ଟରେ । ବର୍ତ୍ତମାନ ହାଇକୋର୍ଟ ରାୟ ଦେଇଛନ୍ତି କି ଆପଣା ସ୍ୱାର୍ଥ ସିଦ୍ଧି ପାଇଁ ନ ହେଲେ ମଧ୍ୟ, ଏପରି ମାଗିବାର ଅର୍ଥ ଲାଞ୍ଚ ଅଟେ । ଅତଏବ କିରାଣିଙ୍କୁ ଲାଞ୍ଚ ମାଗିବା ଅପରାଧରେ ଦୋଷୀ କରାଯିବ ।

କଥାଟା ଶୁଣି ଖାଲି ଶଙ୍କା ନୁହେଁ, ଓଲଟ ବଡ଼ ଦରବାର ହାକିମ ହୁକୁମା "ଦେବା ଦେବା" କହୁଥିବେ ! କେତେ ପ୍ରକାର ବଜାର ଓ ବ୍ୟବସାୟ କୌଶଳରେ ଯୁଦ୍ଧ ଋଣମାନ ଯେ ଆଦାୟ ହୋଇଛି ତାହା କିଏ କହି ପାରିବ ! ଗୋଟାଏ ଢଗ ଅଛି—"ପଟେଇ ପଶିଲୁ ମାଉସୀ ଘରେ, ମାଉସୀ ମାଇଲା ଝାଂପଡ଼ରେ ।"

\+ \+ \+ ×

ଜବାହରଲାଲଙ୍କ ଭଉଣୀ ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ ସେପରିରେ ଆମେରିକା ଯାଇଛନ୍ତି । ସେଠି ଏକ ସଭାରେ ସେ

Digitized by srujanika@gmail.com

କହୁଛନ୍ତି କି, ଆମ ଆମ ଭିତରେ ମିଳାମିଶା ହେଉ ପାରୁ-ନାହିଁ ଏହା ଇଂରେଜଙ୍କ ଲାଗି । ଆମେ କହୁଁ, ପର ମୁଣ୍ଡରେ ଦୋଷ ଲଦିବା ଦୁର୍ବଳ ଲୋକର କାମ ।

ସେ ପୁଣି କହୁଛନ୍ତି କି—ଏହି ଯୁଦ୍ଧ ସରିଲେ, ତାହାର ଫଳ ସ୍ୱରୂପ ଭାରତର ମୁକ୍ତି ଆପେ ଆପେ ଆସିଯିବ । ସ୍ୱୟଂ ଲକ୍ଷ୍ମୀ ଯେତେବେଳେ କହିଲେଣି ଏକଥା, ଆମର ଆଉ ଚିନ୍ତା କରିବାର କାରଣ ନାହିଁ । ଆମେ ଭାରତବାସୀ ସେଇଆ ତ ଚାହୁଁ । ଆମେ ଦିନ ରାତି ହୋଇ ନାକରେ ତେଲ ଦେଇ ଘଁ କରି ଶୋଇଥିବା କି, ଆମ ପାଟିରେ ଘିଅ ମହୁ ଝରିଯିବ । ଏଡ଼େ ସୁରୁଖୁରୁରେ ଯଦି ଅମୃତ ଫଳଟା ପୋଲ ପୋଲରେ ଆମକୁ ମିଳିଯାଏ, ତେବେ ବୃଥାଟାରେ ଘାଣ୍ଟି ହେବା କାହିଁକି ? ଅତଏବ ମିଛରେ ସତ୍ୟାଗ୍ରହ, ଉପବାସ, ସୂତାକଟା, ଗ୍ରାମ ସଂଗଠନ ପ୍ରଭୃତିରେ ନମାତ, ହେ ଭାରତବାସୀ, କମ୍ବଳରେ ଶୋଇପଡ଼ । କାଳ ପୂରିଲେ ମୁକ୍ତି ଆପେ ଆପେ ଆସିଯିବ । ତାଡ଼ ହୁଡ଼ିରେ ଲୋଡ଼ାନାହିଁ ।

× × + +

ସବୁରି ମୁହଁରେ ଗୋଟାଏ ପ୍ରଶ୍ନ—ଯୁଦ୍ଧ କେବେ ସରିବ ? ଏଥିରୁ ଜଣା ଯାଉଛି ଏତେ ବାଧିଲାଣି ଯେ, ଲୋକେ ତାର ଖତମ ଚାହୁଁଛନ୍ତି ଅତି ଶୀଘ୍ର । ମାତ୍ର କଥାଟା ଯେପରି ଉପରକୁ ମାଲୁମ ହେଉଛି, ଭିତରେ ଭିତରେ କଣ ସେଇଆ ? ଆମ ମତରେ ହୁଏ, ଦଳ ଭିତରେ ଯୁଦ୍ଧର ଅବସାନ କେହି ଲୋଡ଼ୁ ନାହାନ୍ତି । କାରଣ, ଯାହା କେବେ ଆଖି ଦେଖି ନଥିଲି, କାନ ଶୁଣି ନଥିଲି, ତାହା ସବୁ ଲୋକେ ଦେଖିଲେ ଶୁଣିଲେ । ଯାନ ନମିଳୁ ପଛକେ, ଧନ ଯେ ହାଉଜାଉ ହୋଇ ହାଉଆରେ ଉଡ଼ୁଛି, ଏକଥା କେହି ଅସ୍ୱୀକାର କରିବ ନାହିଁ । ଖାଲି ଲୁଟି ନେଲେ ହେଲା । ଏହି ଯେଉଁ ଯୁଦ୍ଧୋତ୍ତର ପରିକଳ୍ପନା ବା ପ୍ରଯୋଜନା ଆମ ଦେଶରେ ହେବାକୁ ବସିଛି, ଏଇଟା ଯୁଦ୍ଧର ଫଳ ନୁହେଁ ତ କଣ ? ଏଥି ପାଇଁ ଝୁଣ୍ଡ ଯାହା କହୁ ପଛକେ, ମନ କହୁଛି—ଲଢ଼ାଇ ଜାରି ରହୁ ।

\+ × +

ବିଗତ କେତେମାସ ହେଲା ମିତ୍ରପକ୍ଷ ଜର୍ମାନୀକୁ ତଡ଼ି ନେଇ ତାର ଗାତ ଭିତରେ ପୂରାଇ ଦେଇଥିଲେ । ଗାତ ମୁହଁରେ ଥାଇ ବାନ୍ତି କରୁଛି ସେ ଆତ୍ମରକ୍ଷା ମୂଳକ ସଂଗ୍ରାମ କରୁଥିଲା । ଏବେ ହଠାତ୍ ଗାତରୁ ବାହାରି ପୁଣି ଜର୍ମାନ ମିତ୍ର ବାହିନୀଙ୍କୁ ଠେଲି ବେଲଜିୟମ ଭିତରକୁ ମାଡ଼ି ଯାଉଛି ।

ଆମ ପକ୍ଷରେ ଏଇଟା ଶୁଭ କଥା ଯେ ଏଥିରେ ଯୁଦ୍ଧଟା ଶୀଘ୍ର ଶେଷ ହେବାର ଆଶା ଦେଖା ଯାଉଛି । କାରଣ ଶିକାର ଗାତ ଭିତରେ ପଶି ଆତ୍ମରକ୍ଷା କରୁଥିଲେ ତାକୁ ଖତମ କରିବାକୁ ସମୟ ଲାଗେ । ସେ ଯେତେବେଳେ ବାହାରି ପଡ଼ିଲାଣି, ଏଥିରୁ ଜଣା ଯାଉଛି ଏହା ତାର ମରଣ କାମୁଡ଼ା । ଯେପରି ହେଉ ଯୁଦ୍ଧ ସରିବାଟାହିଁ ଆମର ଲୋଡ଼ା ।

\+ + +

ଭାରତ ମନ୍ତ୍ରୀ ଆମେରି ସାହେବ ଏବେ କହୁଛନ୍ତି କି— "ଯେଉଁମାନଙ୍କୁ ଜେଲରେ ଅଟକ କରି ରଖା ହୋଇଛି, ତାଙ୍କ କାର୍ଯ୍ୟକଳାପକୁ ଭାରତର ଲୋକେ ପସନ୍ଦ କରନ୍ତି ନାହିଁ ।"

ଏହି ଭାରତ ଲୋକେ "କେଉଁମାନେ ସେଇଟା ଆମେରି ସାହେବ ଫିଟେଇ କହିଥିଲେ ଭଲ ହୋଇ ଥାଆନ୍ତା ଓ ଆମକୁ ମୁଣ୍ଡ ଖେଳାଇ ଅନୁମାନ କରିବାକୁ ପଡ଼ନ୍ତା ନାହିଁ; ପାଠକ-ଗଣ କହି ପାରିବେ କି ?—ଜାତୀୟ ଯୁଦ୍ଧ ସାହାଯ୍ୟ ନା ଏ, ଆଇ, ସି ?

× + ×

ଭାରତର ସବୁ ରାଜନୈତିକ ଦଳ ଓ ଭିନ୍ନ ଜାତି ମଧ୍ୟରେ ଏକତା ଆଣିବା କାରଣ ସାର ତେଜ ବାହାଦୂର ସପ୍ରୁ ଏକ ଅଦଳୀୟ ସମ୍ମିଳନୀ କରୁଛନ୍ତି । ସେମାନେ ସବୁ ଜାତିର, ସବୁ ମତର ନେତାମାନଙ୍କୁ ଡକାଇ ତାଙ୍କ କଥା ଶୁଣିବେ ଓ ବିଚାର କରି ସବୁରି ଗ୍ରହଣ ଯୋଗ୍ୟ ଗୋଟିଏ ସାଲିସ ନିଷ୍ପତ୍ତି କରିବେ ।

ଭାରତର ସବୁ ଦଳ ଏଥିରେ ସହାନୁଭୂତି କରିବାର ଜବାବ ଦେଇଛନ୍ତି । ଏକା ଜନାବ ଜିନ୍ନା ସାହେବ ସାଫ କହି ଦେଲେଣି କି ଏ ସମ୍ମିଳନୀକୁ ସେ ମାନନ୍ତି ନାହିଁ ଓ ଦେଖା ସାକ୍ଷାତ କରିବାକୁ ନାରାଜ ।

ଏଥିରୁ ଏତିକି ଜଣାଗଲା ଯେ ଭାରତୀୟ ନେତାମାନଙ୍କ ମଧ୍ୟରେ ଜଣେ ହେଲେ ଗୋଲ୍ ଦଳର ବ୍ୟକ୍ତି ଅଛନ୍ତି ।

× × ×

Digitized by srujanika@gmail.com

କାହାଣୀ ......

# ଗୋଟିଏ ନିଚ୍ଛାଟ ରାତି

—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ନିଛାଟ ରାତି । ଏକୁଟିଆ । ଆଖି ବୁଜିଦିଏଁ । ତାକେଁ—ଏ ଏକୁଟିଆ ଜୀବନର ନିଘଞ୍ଚ ସତ କଥାକୁ ଆଉ କେହି ଜଣେ ଆସି ଚିହ୍ନି ନ ଦେଉ ଯାଉ । ମଣିଷର ପ୍ରବୃତ୍ତି, ସେ ଧରୁଥିଲେ ସତଟାକୁ ଘୋଡ଼େଇ ରଖେ । ରକ୍ତରେ ଯାଏଁର ଭୟ ଦେଖାଏ । ଶୁଖିଲା ଗଛକୁ ଭୂତ ବୋଲି ଡରେ । ସେ ଲୁଗା ପିନ୍ଧେ—ପୋଷାକ ପରିଚ୍ଛଦ—ଖାଲି ତାର ନଗ୍ନ ସତ୍ୟଟାକୁ ଲୁଚେଇ ରଖିବା ପାଇଁ । ଏଇଟା ସଭ୍ୟତା—ଏଇଟା ଶିକ୍ଷା ଆଉ ତମେ ଆମେ ଯାହାକୁ ଆଦର୍ଶ ବୋଲି ପାଳିବା କହୁଚେଁ, ସେଇଟା ବି ଏମିତି ଗୋଟାଏ ନଗ୍ନତାର ଆବରଣ ।

ମା' ଠାରୁ ସ୍ତ୍ରୀ ବଡ଼ ହୋଇଯାଏ—କିନ୍ତୁ ମଣିଷ ତାର ଆତ୍ମାର ଏଇ ସତ୍ୟକୁ ଢାଙ୍କି ରଖିବା ପାଇଁ ମା'କୁ ଚେଷ୍ଟା କରି ବଡ଼ କରି ରଖେ ।

ମଣିଷର ଏଇ ଆତ୍ମପ୍ରତାରଣାର ଅର୍ଥ କ'ଣ ? ତୁ କହି ପାରିବୁ ? ତୁ ଭାବିଛୁ ? ମୁଁ ତାହା ପାରେ ନାହିଁ । ଏଇ ନିରନ୍ଧ୍ର ଅନ୍ଧାର ଭିତରେ ମୁଁ ନିଜେ ନିଜକୁ ଦେଖି ପାରୁ ନାହିଁ । ବେଳେ ବେଳେ କଳ୍ପନା କରେଁ, ତୁ ଆସି ବସିଛୁ ମୋ ପାଖରେ । ମୋ କୋଳରେ ମଥା ଦେଲୁ । କହିଲୁ, ମଥାରେ ତୋର ବେଦନା । ମୁଁ ହାତ ଦେଲି । ମୁଁ ତୋର ଦେହକୁ ଛୁଇଁଲି । ମନେହେଲା ମୋର ଶିରାପ୍ରଶିରାରେ ସ୍ରୋତ ଖେଳିଗଲା କି ଅଉ ! ମୁଁ କାହିଁକି ଆଜି ଦୁଇଟା ଅନୁଭବ କରୁଛି ?

ପୁଣି ସେଇ ନିଛାଟ ରାତିଟା କୁହେ । ସେ କହେ—ନା, ତୁ ମୁଁ ଏକ ! ତୁ ମୋର ଦେହକୁ ଛୁଇଁଛୁ ସତ, କିନ୍ତୁ ସେ ରୋମାଞ୍ଚନ, ସେ ଅନୁଭୂତି ତୋର, ମୋର ନୁହେଁ ।

ମନ ହୁଏ ତୋର ଅଧର ପାଖକୁ ଅଧର ନେବି । ଏକାନ୍ତରେ ଏକ ହୋଇଯିବି । ସତ୍ୟକୁ ସତ୍ୟ ରୂପରେ ପ୍ରକୃତ ରୂପରେ ଦେଖିବି—ଥରେ ଦେଖିବି । କିନ୍ତୁ ଅନୁମତି ମିଳେ ନାହିଁ—ସେଇଠି ପୁଣି ନିଜକୁ ଚାହିଁ ଦେଖେଁ—ଦୂର ହୋଇଗଲି !

ସେଇ ପ୍ରଶ୍ନ—'ତମେ ମୋତେ ପ୍ରକୃତ ଭଲ ପାଇ ପାରିବ ?' ଭଲ ଭାବରେ ଭଲ ପାଇ ପାରିବ ?

ହୋଇପାରେ ଭଲ ପାଇବାଟାଇ ପାପ । ଭଲପାଇବାଟା ଗୋଟାଏ ପ୍ରକାର । ପାଣି ଶକ୍ତ ହେଲେ ବରଫ ହୁଏ—ପାଣି ରହେ ନାହିଁ । ଭଲ ପାଇବା ଯେତେବେଳଯାଏଁ ଭଲ ପାଇବା ହୋଇ ରହିବ ସେତେବେଳଯାଏଁ ତାକୁ ଭଲ ପାଇବା ଛଡ଼ା ଆଉ କ'ଣ କହିବ ? ସେ ପାପ ହୋଇଥିଲେ ସବୁବେଳେ ପାପ, ଧର୍ମ ହୋଇଥିଲେ ସବୁବେଳେ ଧର୍ମ ।

ଏଇ ନିଛାଟ ରାତି । ନିଜକୁ ନିଜେ ମୁଁ ଦେଖୁଛି—ପରଖୁଛି ।

ଏଇ ନିଛାଟ ରାତି—ସେଠି ତୁ ଆଉ ମୋତେ ଦୂରର ଅନୁଭୂତି ଦେବାକୁ !

ସେଇ ନିଛାଟ ରାତିରେ—ଆମେ ଦୁହେଁ ଛଡ଼ା ଛଡ଼ା ହୋଇ ଯିବା । ତୁ ମୋତେ ଯେମିତି ପାଇବାକୁ ଆଶା କରୁଛୁ, ମୁଁ ତୋ ଆଗରେ ସେମିତି ରହି ପାରୁନାହିଁ । ମୁଁ ତୋତେ ଯେମିତି ପାଇବାକୁ ଜୋର କରୁଛି ସେଇଟା ତୋ ପକ୍ଷରେ ଅନ୍ୟାୟ ଅଧର୍ମ । ଏଇ ନିଛାଟ ରାତି ପରି ଗୋଟାଏ ନୁହେଁ—ଭଲ ପାଇବାଟାର କେତେବେଳେ ନ୍ୟାୟ ଆଉ କେତେବେଳେ ଅନ୍ୟାୟ । ମୁଁ ତାର ସୀମା ନିର୍ଦ୍ଧାରଣ କରି ପାରୁନାହିଁ । ମୋର ସେଇଠି ହେଉଛି ଭୁଲ । ମୁଁ ସେଥିପାଇଁ ଧରି ନେଉଛି,

( ଅବଶିଷ୍ଟାଂଶ ୧୧ ପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com

# ବର ବଛା

ଲେଖିକା—**ଆଧୁନିକା**

ମାନନୀୟ 'ଡଗର' ସଂପାଦକ ମହୋଦୟ

ସମୀପେଷୁ—

ଆପଣଙ୍କ ଏପ୍ରିଲ୍ ସଂଖ୍ୟା 'ଡଗର'ରେ ଦେବ ମହାପାତ୍ରଙ୍କ ଲିଖିତ "କନିଅ ଲୋଡ଼ା" ଗପଟି ପଢ଼ିଲି। ତାହାଙ୍କ ଦେଢ଼କାଣି ଦୁଃଖାନ୍ତ ଲେଖି ଦେବାକୁ ମନ ହେଲା। ଆଜିକାଲି ଟୋକା ଗୁଡ଼ାଙ୍କୁ ଯେମିତି ସ୍ତ୍ରୀ ନିର୍ବାଚନ କରିବା ପାଇଁ ସ୍ୱାଧୀନତା ଦିଆଯାଇଛି, ସେମିତି ଆମକୁ ଯଦି ସ୍ୱାମୀ ବାଛିବା ପାଇଁ ସ୍ୱାଧୀନତା ଦିଆ ଯାଇଥାନ୍ତା ତା'ହେଲେ ଆମେ ଶତକଡ଼ା ୯୦ ଜଣଙ୍କୁ ରିଜେକ୍ଟ କରନ୍ତୁ। ଆପଣମାନେ ସମ୍ପାଦକ, ଲେଖକ, ସମାଜ ସଂସ୍କାରକ ସମସ୍ତେ ମିଳି ଆମ ବିରୁଦ୍ଧରେ କଲମ ଚଳେଇଛନ୍ତି ଓ ଚଳଉଛନ୍ତି। ସଭା ସମିତିରେ ବକ୍ତୃତା ଛାଟି କହିଛନ୍ତି ଓ କହୁଛନ୍ତି, ଯେ ଆମେ ଯେଉଁ ଟିକିଏ ସ୍ୱାଧୀନତା ଆପଣମାନଙ୍କ ଦୟାରୁ ପାଇଛୁଁ ତା'ର ଘୋର ଅପବ୍ୟବହାର କରୁଛୁଁ। ତା'ଦ୍ୱାରା ଆପଣମାନେ କାହାର କ୍ଷତି କରୁଛନ୍ତି ବୁଝି ପାରୁଛନ୍ତି ତ ?

ସେଦିନ ଆମେ କେତେ ଜଣ ଭଉଣୀ ଲେଡିଜ୍ କମନ ରୁମ୍‌ରେ ବସି ଆପଣଙ୍କ 'ଡଗର' ପଢ଼ି ତାର "କନିଅ ଲୋଡ଼ା" ବିଷୟରେ ଡିସ୍‌କସନ କରୁଥିଲୁ। ଜଣେ ଭଉଣୀ କହିଲେ, "ମ୍ୟା'ଙ୍କର କନିଅ ଲୋଡ଼ା ନୁହେଁ ଯେ ମ୍ୟାଙ୍କ ପାଇଁ ଲୋଡ଼ା ହସବନ।" ଅନ୍ୟଜଣେ ଭଉଣୀ କହିଲେ ଯେ, "ଭଦ୍ରଲୋକ ଯଦି ବ୍ଲାଉଜ ଖୋଲି ହାତ ଦେଖେଇବାକୁ କହିଥାନ୍ତେ, ମୁଁ ହୋଇଥିଲେ କଷି ଦେଇଥାନ୍ତି ଏମିତି ଚାପୁଡ଼ାଟାଏ ଯେ, ସେ'ଟା ଦାନ୍ତ ଝଡ଼େଇ ଦେଇଥାନ୍ତା।" ତୃତୀୟ ଭଉଣୀଟି ସମ୍ଭାଳି ନପାରି କହିଲେ, "ତମେ ସବୁ ଭୁଲ କରୁଛ, ଏମିତି ପଇସାର ପିଲଗୁଡ଼ାକ ଭାରି ଭଲ ଅର୍ଥାତ୍ obedient। ଏମାନେ ସିନା ବାଣ୍ଡରେ, ଘାଟରେ, ଲେଖାରେ, କବିତାରେ ଏମିତି ପାଟି ଫିଟି କରନ୍ତି—କିନ୍ତୁ ଘରେ ଭାରି 'ଗୁଡ଼ବୟ୍' ହୋଇଥାନ୍ତି। ଏମାନଙ୍କପାଇଁ ଲୋଡ଼ା ଆମର ନୟନର କଟାକ୍ଷ। ମଝିରେ ମଝିରେ ଏମାନଙ୍କୁ ଫ୍ଲିଟ୍ କରିବା ପାଇଁ କିଛିଏ ପ୍ଲାଟଂ ଦରକାର। ସବୁ କାମ ଏମାନଙ୍କଦ୍ୱାରା କରେଇ ନେଇ ହବ—ଜୁଅ ଟପ୍—ଫାଂଡି ଧୂଅଯିବ।

× × × +

ସମ୍ପାଦକ ମହାଶୟ! ଆପଣମାନେ ଆମକୁ ଦୁର୍ନାମ ଦିଅନ୍ତି ଯେ ଆମେ ଆଧୁନିକାଙ୍କ ଗୋଟିଏ ଜୁଲିଏଟ୍ ହୋଇ ଡଜନେ ରୋମିଓ ଗୋଟାଉ। ଆପଣମାନେ ଏଇଠି କେତେ ଭୁଲ ନ କରନ୍ତି ? ଆମେ ପ୍ରେମଟାକୁ ଗେମ ( Game ) ହିସାବରେ ନେଉଁ। ବ୍ୟାଡ଼ମିଣ୍ଟନ, କ୍ୟାରମ ଭଳିଆ ସେ ବି ଗୋଟାଏ ଖେଳ। ମଣିଷର ତ କିଛିଏ ଫୂର୍ତ୍ତି କରିବା ଦରକାର। ପ୍ରେମ କରିବାଟାକୁ ଆମେ ନେଉଁ ଫୂର୍ତ୍ତି ହିସାବରେ, ଆପଣମାନେ ଠିକ୍ ଏଇଠି କରନ୍ତି ଓଲଟା। ପୁରୁଷ ଯଦି କୌଣସି ଝିଅ ପ୍ରେମରେ ପଡ଼ିଲେ ତ ସେ ତାକୁ ନିଜସ୍ୱ କରିବାକୁ ଚାହେଁ। ଏମିତି କି ବାହା ନ ହୋଇ ଛାଡ଼େ ନାହିଁ। କିନ୍ତୁ ବାହାହେବା ଓ ପ୍ରେମ କରିବା ଦୁ'ଟା ଅଲଗା ଜିନିଷ। ପ୍ରେମପାଇଁ ପ୍ରେମ କର—ଅର୍ଥାତ୍, "Love for love's Sake", ଆଉ ବାହାହେବା—ସେଟା ତ ଖାଣ୍ଟି ବିଜନେସ୍। ଅଚ୍ଛା ଆପଣ କହନ୍ତୁ ତ, ଯାହାକୁ ପ୍ରେମ କରିବେ ତା'କୁ ପୁଣି ବାହାହେବେ କେମିତି—ଆଉ ଯାହାକୁ ବାହା ହେବେ ତାକୁ ବା ପ୍ରେମ କରିବେ କେମିତି ? ମାଇକିନିଅ ଝିଅ ହୋଇ ଆମେ ଏକଥା ଭାବି ପାରୁନାହୁଁ। ସେଦିନ

Digitized by srujanika@gmail.com

ଅନ୍ୟର ଘର ଅସିଥିଲ ଅମ ହସ୍ପିଟାଲ ବମନ ରୁମକୁ । ଅନ୍ୟ ସାଙ୍ଗରେ ଅଟମ ଗଲୁ ତାଙ୍କୁ ଦେଖିବାକୁ । ପିଲାଟିର ବୈଷ୍ଟ୍ ମାଇଟଅ ମାଇଟଅ ଭ୍ରବ । ଅମକୁ ଭ୍ରବ ଭଲ ଲାଗିଲା—ଚେହେରାଟି ମଧ୍ୟ ବେଶ ଗୁଲୁଗୁଲିଆ—ଭଲ ପାଇବା ଭଳିଆ ଝିଅଟିଏ ଏବା । ଶୁଣିଲୁ ଏ: ଅରୁ: ଦିନରେ କ’ଣ ଘୁରେ କରେ—ଦରମା ଶହେ ଟଙ୍କା ପର୍ଯ୍ୟନ୍ତ ପାଏ । ମନଟା ସମସ୍ତ-ଙ୍କର ଫଟା ହୋଇଗଲା । ଅହା ହା ! ଅନ୍ୟଟି ବୟସ ବି ହୁଏତ ନ ପାଇବ ? କମା ଗତହେଁଟା ଟଙ୍କାରେ କେମିତି କ’ଣ କରିବ ବୟସ !

ତା’ବୋଲି ଅପଣ ଭାବିବେନି ଅମର ବାହା ହେବାକୁ ମନ ନଥାଏ । ବାହାହେବାଟା ଅନେକମାନଙ୍କର ଯେତେ ଦରକାର ନ ହୋଇ ପାରେ, କିନ୍ତୁ ଅମର ସବୁଠୁ ବେଶୀ ଦରକାର । ପ୍ରେମ କରିବାର ଗୋଟିଏ ବୟସ ଅଛି । ସେ ବୟସଟା ପାର ହୋଇଗଲେ ଅମେ ବାହା ଉପରେ ଟାଣିବୁ । ନହେଲେ ବେଳକୁ ଅମକୁ ସ୍ୱାମୀର ସଂସାର ନେଇ ରହିବାକୁ ପଡ଼ିବ । ଅତଏବ ବିବାହଟା ଅମମାନଙ୍କ ପକ୍ଷରେ ଅବଶ୍ୟ କର୍ତ୍ତବ୍ୟ । ତା’ଛଡ଼ା, ଅନେକ ମାଉସୀ ଝିଅ, ସାଙ୍ଗଝିଅଟା ହୋଇ କେମିତି ରହିବୁ କହନ୍ତୁ ତ ? ପାଖରେ ପୁରୁଷଟିଏ ନ ଥିଲେ ଦରକାର ଅନେକ—ଅନ ଅସୁବିଧା ଦରକାର, ଭାଇ ସମ୍ଭବଟା ନାହିଁ; ଏଥିସକୁ ସ୍ୱତନ୍ତ୍ର ଲାଭିଲ କରିବା ପାଇଁ ସ୍ୱାମୀଟିଏ ନିହାତି ପ୍ରୟୋଜନ । ବାପ ଭାଇ—ହିଏ ଯେତେବେଳେ ବାପ ଭାଇ ନା, ସେମାନଙ୍କ ଉପରେ କେତିକି ଯୋର ଖଟିବନା ? ଏଇ ଧରନ୍ତୁ ଗୋଟିଏ କଥା—ସହର ବାଉଁଟେ ବୁଲିଯିବା ଦରକାର ପଡ଼ିଲା, ଘର ନିଗିଡ଼ ନିଏ ଯାଉ ବୁଲିଥିଲୁ ଥା’ନ୍ତି, ତାଙ୍କର ନୀମା ନତ ନିଏ ! ଅପଣ କହିବେ ସ୍ୱକର । ଚାକରକୁ ବିଶ୍ୱାସ କରି ଅପଣ ଘରେ, ଝିଅଟିଙ୍କୁ ତା ନିମାରେ ଛାଡ଼ି ଦେଇ ପାରିବେନ ତ ? ନମା ସାଙ୍ଗ ଲଜ ସେ..ନ ବାହା ହୋଇ ଯାଇଛି । ଟେ କେଉଁ ପତ୍ରିକାରେ ତାର ସମସ୍ତ କହୁଛି । ସ୍ୱାମୀ ତାର ବେଶ ରୋଜଗାରିଆ—ମାଟ୍ରିକ ଅଫିସରେ କ’ଣ ବଡ଼ ଚାକିରୀ କରନ୍ତି । ରବିବାର ଓ ଛୁଟି ଦିନମାନଙ୍କରେ ସେ ସ୍ୱାମୀଙ୍କ ସାଙ୍ଗରେ ତା’ ପୁଅଙ୍କୁ ନମା କରି ଦେଇ ଯାଏ ତା’ ସ୍ୱାମୀଙ୍କର ବନ୍ଧୁମାନଙ୍କ ସଙ୍ଗରେ ସିନେମା ଦେଖି, ପାର୍କକୁ ବୁଲିବାକୁ । ଫେବରେ ଉଛି ୯ଟା ୧୦ଟା । ସ୍ୱାମୀଟି ତା’ର ବେଶ୍ ମଣିଷ । ଧରନ୍ତ ହେଲେ ଭଁ କି ଚୁଁ ପାଟି ଫିଟେଇ ନାହାନ୍ତି । ପହିଲୁ ହେଲେ ମଟର ନେଇ ବୋଉଡ଼ ସ୍ୱାମୀଙ୍କ ଅଫିସକୁ ଦରମା ଅଣିବା ପାଇଁ । ପୁରୁଷ ଲୋକ, ଟଙ୍କା ହାତରେ ପଡ଼ିଲେ ହାତ, ଘୋଡ଼ା ଜଣିବାକୁ ମନ ବଳାନ୍ତି । ଇଲି ସେ ସବୁକୁ କଣ୍ଟ୍ରୋଲ କରିଥାଏ । ସ୍ୱାମୀଙ୍କ ତାର ଟ୍ରେଡ଼ ଭଲ ମଣିଷ କହନ୍ତୁ ତ ? ଏଇପରି ସ୍ୱାମୀ ଭାଗ୍ୟରେ ଥିଲେ ମିଳେ ।

× × + +

ମୁଁ ଏଥର ଛୁଟିରେ ଘରକୁ ଯାଇଥିଲି । ବାବା ମୋ ଆଗରୁ ଚିଠି ପାଇ ହଷ୍ଟେଲ ପତ୍ର କଥାବାର୍ତ୍ତାରୁ ବେଶ୍ ବୁଝି ପାରିଲି ଯେ ମୋ ବାହାଘର କଥା ଲାଗିଛି । ତହେଁ କଥାବାର୍ତ୍ତା ହୁଅ ହୁଅ ମୁଁ ଥିବାବେଳେ କହିଲେ ଯେ ବିଧ୍ୱାର ବାବୁଙ୍କ ପୁଅ ଜଗଦୀଶ ସାଙ୍ଗରେ ମୋର ପ୍ରସ୍ତାବ ଚାଲିଛି, ସବୁ ପ୍ରାୟ ଠିକ ହୋଇ ଗଲାଣି କେବଳ ସେମାନେ ମୋତେ ଦେଖିଲେ ସମସ୍ତ ପକ୍କା ହେବ । ମୁଁ ଯାଇ ବାପାଙ୍କ ପାଖରେ ଏହା ବିରୁଦ୍ଧରେ protest କଲି । "ସେ ନାହିଁ ବ ମୋତେ ଦେଖି ପସନ୍ଦ କରିବେ ମୁଁ ନାହିଁ ବ ତାଙ୍କୁ ଦେଖି, ତାଙ୍କୁ ଭଲ ମନ୍ଦ ନ ପଚାରି ପାରିବ ଓ ତାଙ୍କୁ ସ୍ୱାମୀ ବୋଲି ଗ୍ରହଣ କରିବି କି ନା ମୋର ମତାମତ ଦ୍ୟକ୍ତ କରିଥିବ ?" ବାପା କହିଲେ ଅମ ସମାଜ ଏତେ ଅଗରଇ ନାହିଁ ଯେ ଅମ ଝିଏ ତାଙ୍କର ନିଜ ମତାମତ ଦେବେ । ହେଉ ସେ ବାଳର ଝିଅ । ମୋ କଥା ଶୁଣି ଅବାକ୍ । ବୋଉ ତାକୁ ଥଣ୍ଡା କରୁଥାନ୍ତି "ହଉ ଦେଖିବ ଯେ—ଜଗଦୀଶ ବାବୁ ଅସନ୍ତୁ, ତାଙ୍କୁ ଦେଖିବେ ପାଇଁକୁ କଥା ବାହାରତ ନାହିଁ ।" ମୁଁ କହିଲି "ହଉ ଦେଖିଲି ହେଲେ ଦେଖିବ ।" ଦିନେ ଜଗଦୀଶ ବାବୁ ତାଙ୍କ ବନ୍ଧୁଙ୍କ ସହ ଅସିଲେ ଅମ ଘରକୁ । ଅମ ଘର ସମସ୍ତେ ସେମାନଙ୍କ ଚର୍ଚ୍ଚାରେ ଲାଗି ଥାଆନ୍ତି । ମୁଁ ଖାଲି ଅନାଇ ରହି ଥାଏଁ ନେହ ମନ୍ତ୍ରର୍ଗ୍ଗିକୁ ଯେତେବେଳେ ଉପରେ ମୋ ସାଙ୍ଗରେ କଥାବାର୍ତ୍ତା ହେବେ । ସେତ ଶୁଣ ହେଉ ବା ଅଶୁଣ ହେଉ ମନ୍ତ୍ରର୍ଗ୍ଗିକୁ ଅଟିଲି । ମୁଁ ସିଧା ସଲଖ ଯାଇ ନମସ୍କାରଟିଏ ପକାଇ ଟେବୁଲ ପାଖରେ ଠିଆ ହୋଇ ଏଟା ସେଟା ଟେବୁଲ ଉପରୁ ଉଠାଇ ଥାଏଁ ତାଙ୍କ ନିଜଏ ଦେଖି ପୁଣି ରଖି ଦେଉ ଥାଏଁ । ମୁଁ mark କରୁଥାଏଁ ହୂଉ ବନ୍ଧୁଙ୍କ ଭିତରେ ବେଶ୍ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । କାହାର ପାଟିରୁ କଥା ବାହାରୁ ନଥାଏ—ଇଏ ତାକୁ ଚିପୁ ଥାଏ—ସିଏ ତାକୁ ଚିପୁ

Digitized by srujanika@gmail.com

ଥାଏ । ଶେଷରେ ଭଗବାନ ବାବୁଙ୍କ ବନ୍ଧୁ କହିଲେ—"ଆପଣ କଣ ପଢ଼ୁଛନ୍ତି ?" ମୁଁ କହିଲି "ସେକେଣ୍ଡ ଇୟାର ରେ ପଢ଼େ ।" ତା ପରେ କେତେକ୍ଷଣ ନୀରବ । ପୁଣି ପ୍ରଶ୍ନ ହେଲା "ଆପଣ ଗୀତ ବୋଲି ଜାଣନ୍ତି ନିଶ୍ଚୟ, କିନ୍ତୁ ନାଚ ଜାଣନ୍ତି କି ?"

ମୁଁ—ନାଚ ଜାଣେ ନାହିଁ, କିନ୍ତୁ ନଚେଇ ଜାଣେ ।

ସେ—ତା' ମାନେ ?—

ମୁଁ—ତା ମାନେ ଖୁବ ସହଜ । ନାଚିବା ଯେମିତି ଗୋଟେ କଳା ନଚେଇବା ସେମିତି ଗୋଟେ କଳା । ଆମ ଆଧୁନିକା ଝିଅ ସବୁ ଏଇ ନଚେଇବା କଳାଟାକୁ ବେଶୀ ଶିଖୁ ।

ସେ—ଆପଣଙ୍କ କଥା ଅବୋଧ୍ୟ । ଟିକିଏ ଖୋଲି କରି କହନ୍ତୁ ।

ମୁଁ—ଆପଣଙ୍କ ଭଳିଆ ତଥା କଥିତ ଶିକ୍ଷିତମାନଙ୍କ ମୁଣ୍ଡରେ ଏମିତି ଗୋବର ଭର୍ତ୍ତି ବୋଲି ମୁଁ ଜାଣି ନଥିଲି ।

ଭଗବାନ ବାବୁ ଏ ଅପ୍ରୀତିକର ବାଦାନୁବାଦ ବନ୍ଦ କରି ଦେଇ କହିଲେ "ଅଚ୍ଛା ତମେ କଣ ଭଲ ପାଅ ।"

ମୁଁ—ସବୁ ଜିନିଷ ଭଲ ପାଏଁ କେବଳ ଆପଣମାନଙ୍କର ଏଇ ବେଇଜ୍ଜତିଟାକୁ ଭଲ ପାଏ ନାହିଁ ।

ସେ—ବେଇଜ୍ଜତି !—

ମୁଁ—ହିଁ ବେଇଜ୍ଜତି ନୁହେଁ ତ କଣ ? ଆପଣମାନେ ଶିକ୍ଷିତ ସଭ୍ୟ ବୋଲେଇ ହଉଛନ୍ତି । ଜଣେ ଶିକ୍ଷିତା ଝିଅ ସାଙ୍ଗରେ ଏଠି ୧୦ ମିନିଟ୍ ଧରି ଗପସପ କଲେଣି ତାଙ୍କୁ ଟିକିଏ ବସିବାକୁ କହୁ ନାହାନ୍ତି । ତା'ଛଡ଼ା ସବୁଠୁ ବଡ଼ ବେଇଜ୍ଜତି ହଉଛି ଆପଣମାନଙ୍କର ଏଇ ଜିନିଷ ଦେଖିବା । ଆମେ ଝିଅ ସବୁ କ'ଣ ମାଛ ଶୁଖୁଆ ହୋଇଛୁଁ ଯେ ଆମକୁ ଦେଖି, ବାଛି କିଣିବେ ?

ଭଦ୍ରଲୋକ ଦୁଇଜଣ କିଛି ନ କହି ମାନେ ମାନେ ଉଠି ପଡ଼ି ଚାଲିଗଲେ । ବାପା ମୋ ଉପରେ ବିରକ୍ତ ହେଲେ—ଆଉ ଘରେ ନମସ୍କାର । ମୁଁ ପଳେଇ ଆସି କଲେଜ join କଲି । ମୋ ସାଙ୍ଗ ଝିଅଙ୍କ ଆଗରେ ଯେମିତି ସବୁ କଥା କହିଲି ସମସ୍ତେ ଶୁଣି ବାହାବା ଦେଲେ ।

ଆମ କଲେଜର ସବୁ ଝିଅ ମିଳି ଗୋଟେ କମିଟି ଗଢ଼ିଛୁଁ । ସେଦିନ ଆମ କମିଟିରେ 'କନିଆ ଦେଖା' ବିଷୟ ଚର୍ଚ୍ଚା ହେଉଥିବାବେଳେ ଏହି ପ୍ରସ୍ତାବମାନ ଗୃହୀତ ହେଲା ଓ ଆପଣଙ୍କ ଜରିଆରେ ତାହା ପ୍ରକାଶ ପାଇଁ ଦିଆଗଲା । ପ୍ରସ୍ତାବଗୁଡିକ ଏହିପରି:—

୧ । ସରକାରଙ୍କ ଯୁଦ୍ଧୋତ୍ତର ପରିକଳ୍ପନାରେ ବର ବାଛିବା ପାଇଁ ସ୍ତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଉ ।

୨ । ଏଇ ବର ବାଛିବା ବିଷୟରେ ବାପ ମା'ଙ୍କର ଅଧିକାର ସମ୍ପୂର୍ଣ୍ଣ ଲୋପ ପାଉ ।

୩ । ଏକ ନୂତନ ଦଣ୍ଡବିଧି ଅଇନ ଗଢ଼ାଯାଉ ଯଦ୍ୱାରା ଜଣେ ବାଳିକାର ମନୋନୀତ ବର ତାକୁ ବାହାହବାକୁ ଅମଙ୍ଗ ହେଲେ ଦଣ୍ଡନୀୟ ହେବେ ।

ଉପରୋକ୍ତ ଗଲା ପ୍ରସ୍ତାବ । କେମିତିକା ବର ହେଲେ ଆମେ ବାହା ହବୁ ଜାଣନ୍ତି ତ—ଧରନ୍ତୁ ବୟସ—ବୟସ ଯଦି ୪୦।୫୦ ହୋଇଥାଏ ସେଥିରେ କିଛି କ୍ଷତି ନାହିଁ । ଯଦି ତାଙ୍କର ବ୍ୟାଙ୍କ ବାଲାନ୍ସ କୋଡ଼ିଏ, ପଚିଶ ହଜାର ଥାଏ ଓ ମାସିକ ରୋଜଗାର ଃ୩୦୦୲ ହଉଥାଏ । ଯଦି ବ୍ୟାଙ୍କ ବାଲାନ୍ସ ନଥାଏ ତା'ହେଲେ ବୟସ କମ୍ ହେବା ଦରକାର । ଯଥା କୋଡ଼ିଏଠୁଁ ତିରିଶ ଭିତରେ ଆଉ ମାସିକ ରୋଜଗାର ଅନ୍ତତଃ ଃ୨୦୦୲ ହେବା ଦରକାର । ତା' ତଳକୁ ହେଲେ ସେମାନେ ସବୁ underconsideration ରେ ରହିବେ ।

ଚେହେରା ଓ ସ୍ୱାସ୍ଥ୍ୟ:—ମୋଟ ଉପରେ ଚେହେରା ଓ ସ୍ୱାସ୍ଥ୍ୟ ଭଲ ଥିବା ଦରକାର । ତେବେ ସ୍ୱାସ୍ଥ୍ୟଟା ହେଉଛି ପ୍ରାଥମିକ ଜିନିଷ । ଯଦି ଉଭୟ ଭଲ ନଥାଏ ତେବେ ମାସିକ ରୋଜଗାର ଅନ୍ତତଃ ଃ୫୦୦୲ରୁ କମ ହେଲେ ସେ ଅନୁପଯୁକ୍ତ ବୋଲି ବିବେଚିତ ହେବେ ।

ମନୋବୃତ୍ତି:—(Temperament) କବି ବା ଲେଖକ ଭାବାପନ୍ନ ହେଲେ ଖୁବ ଭଲ । କାରଣ ଏ ଭଳିଆ ଲୋକ ସାଧାରଣତଃ ଖୁବ ଭାବପ୍ରବଣ ହୋଇଥାନ୍ତି ଓ ସବୁବେଳେ ସେମାନଙ୍କର ସ୍ତ୍ରୀମାନଙ୍କର କଥା ମାନି ଚଳନ୍ତି ।

ଶିକ୍ଷା—ଆଇ: ଏ:, ବି: ଏ:, ଏମ୍: ଏ:, ମାଟ୍ରିକୁଲେସନ ଯାହା କିଛି ଇଂରାଜୀ ଶିକ୍ଷା ଥିଲେ ହେଲା । କେବଳ ଭଲ ଭାବରେ ଇଂରାଜୀ କହି ବୋଲି ପାରୁଥିବେ ଓ ସାଧାରଣ ଜ୍ଞାନ

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ ଦେଖନ୍ତୁ)

Digitized by srujanika@gmail.com

**କବିତା............**

# ବିଶ୍ୱାମିତ୍ର

ଲେଖକ—**ନାରଦ**

( ବିଶ୍ୱାମିତ୍ର ଉପାଖ୍ୟାନ ପ୍ରକୃତରେ କଣ ମୁଁ ତାହା ପୁରାଣ ପଢ଼ି ଜାଣିବାର ଅବକାଶ ପାଇନାହିଁ । ଜଣେ ଟୋଲ ପଣ୍ଡିତଙ୍କଠାରୁ ଶୁଣିଲି—ବିଶ୍ୱାମିତ୍ର ଋଷି ଥିଲେ । ବ୍ରହ୍ମା ଯେତେବେଳେ ସତ୍ୟଶିବ ସୁନ୍ଦରର ସୃଷ୍ଟି କଲେ ସେତେବେଳେ ବିଶ୍ୱାମିତ୍ର ଦେଖିଲେ ଯେ ଅକର୍ମା, ଅସାଧନା ଓ ଅଧିକସାମ୍ପ୍ରଦାୟିକ ଓ ନିରୋଳାସବ ସ୍ଥାନ ବ୍ରହ୍ମାଙ୍କ ସୃଷ୍ଟିରେ ନାହିଁ । ତେଣୁ ସେ ବ୍ରହ୍ମାଙ୍କ ବିରୁଦ୍ଧରେ ଏକ ଅଭିଯାନ ଚଳାଇ ନୂଆ ସୃଷ୍ଟିର ପରିକଳ୍ପନା କଲେ । ବ୍ରହ୍ମାଙ୍କ ମଣିଷ ବିଶ୍ୱାମିତ୍ରଙ୍କ ହାତରେ ହେଲା ତିନିଅଣ୍ଟିଆ ନଡ଼ିଆ, ବର୍ଷା ହେଲା ବନ୍ୟା, ପାଣି ଉପରେ ପଡ଼ିଲା ଘର, ଆଦର୍ଶ ମଣିଷ ହେଲେ ତ୍ରିଶଙ୍କୁ, ଯାନ ହେଲା ଗାଡ଼ୁଗା । ବନାବର୍ଣ୍ଣଜାତ ଗାଡ଼ୁଗା ହେଲା ପୃଥିବୀର ମୂଳମନ୍ତ୍ର, ଦାଅ ହେଲା ମୁଖ୍ୟଅସ୍ତ୍ର । ଅକର୍ମଣ୍ୟଙ୍କ Causeର Champion ଭାବେ ବିଶ୍ୱାମିତ୍ର ବାହ୍ମଣତ୍ୱ ଲାଭ କଲେ । ଅଧୁନା ଏ ଦେଶରେ ଏକ ଅଷ୍ଟାଭକ୍ତ ଦୁଷ୍ଟମନ ପ୍ରଜାକରୂପେ ମଧ୍ୟ ବଞ୍ଚିଛନ୍ତି ।

ବ୍ରହ୍ମାଙ୍କ relief work ବା ସର୍ଜ୍ଜନା-ବର୍ଜ୍ଜନର ପଞ୍ଚପାଟି ନ ହୋଇ ବିଶ୍ୱାମିତ୍ର ବିଦ୍ରୋହାତ୍ମକ ସଂଗ୍ରାମର ଗୌରବ ଓ ଗୁରୁତ୍ୱ ଦେଖାଇ ଉପଦ୍ରବାତ୍ମକ ଅପକୀର୍ତ୍ତି ଅର୍ଜ୍ଜନ କରିଥିବାରୁ ମୁଁ ଏହି ଅପାଂକ୍ତିକାର ପଟ୍ଟଭୂମି ଓ ତାହାର ରୂପକ ଅଭ ବ୍ୟବହାର କରିଛି । ଛନ୍ଦର ବୈଚିତ୍ର୍ୟମା ଓ ବିରୂପକ ସାହାଯ୍ୟରେ ବକ୍ତବ୍ୟ ନିବେଦନ । ସାଙ୍କେତିକ ଭ୍ରମ ଓ ଅଭୁତ-ବ୍ୟଞ୍ଜକ ଦ୍ରୋଣଭଙ୍ଗୀ ଏବଂ ଉପମା ପରିବର୍ତ୍ତରେ ଅବବୋଧ ଶବ୍ଦବିନ୍ୟାସ ଓ ପ୍ରକାଶର ବ୍ୟବହାର ଦୃଷ୍ଟିରୁ କବିତାର ଅଂଶିକ ରସ ଗ୍ରହଣ କରିବାକୁ ନିବେଦନ ।

ମୋଟ ଉପରେ ଏଥିରେ କଥା ନାହିଁ । Technique ଅଧୁନାକ କବିତାର ଅନୁକରଣରେ modelରେ ଲେଖା । ଯଥା:—anachronism, Discordant concord, gynaecological approach and interpolation and traditional antithesis and blackout and no Verse forms—ଲେଖକ )

ବହୁ ଶତାବ୍ଦୀ ଅଣ ଅଣ ବିଶ୍ୱାମିତ୍ର
ଯୌନିପ୍ରଥା ବ୍ୟାପୁ ଦେଶେ ଦେଶେ
ସତ୍ୟଶିବ ସୁନ୍ଦରର ଉଲଙ୍ଗ କଙ୍କାଳ
ନାଚୁ ରଙ୍ଗେ ଅଲଜୁକ ବେଶେ ।

ଲଲିତ ଲଲିତା ମୁକ୍ତ ଫାଶିଆ ପଲିତ ଭୂଇଁ
ବିନ୍ଦୁ ଅଲ୍ପ ନାହିଁ, ହୋଇ Blackout
ନଗରେ ନଗରେ ଶୁଭୁ ସାଇରେନ୍‌ର ଘଡ଼ଘଡ଼ି ସେ
ବିପଦ ସଙ୍କେତ । .....

ଭୁଜ ଓ କାଜଳ କଣ୍ଠ ତାଳଦାଅ ବାଜୁଛି ହାଣ୍ଡିଆ
ମହୋତ୍ସବ ବ୍ରହ୍ମ ଋଷି,
ଧନ୍ୱୀର ଦରବାର-ଅଣି ଖାଲି ଛୁଟି ଉଦ୍ଧାର ଅଲେଇ

ଖେଳେ ଖେଳେ ବଢ଼ୁ ଆଜି ଅଂଶୁମନ୍ତୁ ବାଳୁଙ୍କାର
ଘଡ଼ିଭି ରାଗିଣୀ ଶବ୍ଦ
ଯୋଗିନୀଅଙ୍ଗ ମୃତ ସଞ୍ଜୀବନୀ
ଅଥବା ନ ତାଳ
ଅଥବା ତାଥ ଥଥ ନାଚ
ପିଇ ପିଇ ମଦ୍ୟ
ଯେତେ ତାଳ ହେଉ ଅସ୍ମା ନୂଆ ଓଁକାରର
ସୋମରସ ।

ରଙ୍ଗିନ ବାସ୍ନାବଧୂ ଜିନ୍ଦୁ ଘର ଘର କଟିମୁଁଳ ରଥେ
ଭୂମି ଗୋଟିଏ ନଦୀ ବାନ୍ଧୁ ପାଞ୍ଚୁ ଗୁଣ୍ଡାଳର ବେଶ
ଅଥବା ଫିରିଙ୍ଗି ।

Digitized by srujanika@gmail.com

"ଅବର ସଜ୍ଜିତ ଯୋନି ପ୍ରସବ ବ୍ୟଥାରେ ଗଡ଼ିଲେ ଫାଟି
ଅବର ସଜ୍ଜିତ ସ୍ତନ ଭୂମି ଲଗି ଫିକ୍କା ହେଲେ ମାଟି" *୧
ତୁମର ବାପର ଗୀତ ଶୌଣ୍ଡିକ ବ୍ୟଞ୍ଜନ
ଛନ୍ଦର ବନ୍ଧୁର ତଥା କବିତା ଆଙ୍ଗିକ
ପାରିବ ତ ତାଙ୍କ ?
ମିଛ—ମିଛ—ସବୁ ଖାଲି ଫାଙ୍କି
ଅକାଲ ଜନ୍ମିତ ଶିଶୁ, ପୃଥିବୀର ବୋହେମିଆଙ୍କି
ଯୁଗ ଯୁଗ ଧରି ପ୍ରସରିଛି ଯେଉଁ ବଂଶ ନୀହାର ଭୂମିରେ
ଶିଳ୍ପୀର ମନ୍ତ୍ରପନ୍ଥ ତହିଁ ଅପଭ୍ରଂଶ
ଅଟେ ଆଧୁନିକ ଯୁଗ ଅଶ୍ଳୀଳ ପ୍ରଚ୍ଛଦ ।

ଦେହ ବ୍ୟାପକ ଦୁର୍ବୋଧ ବେଦନା
ତୁମର ସଭ୍ୟ କେନ୍ଦ୍ର ଗୃହଧାରେ ସଂସ୍କୃତର ଘାଟ
ଚଲ୍ଲିନାହିଁ, ବେଢିଅଛି hawthorn କଣ୍ଟା
ବ୍ୟକ୍ତିଗତ ଭ୍ରମର ଗରଳ
ତୁମର ଚେତନା
ମକ୍ଷିନାହିଁ ସମାଜର ସରସ୍ୱତୀ ସ୍ରୋତେ
ଢେଉରେ ଜନ୍ମ ଛାଡ଼ିପାରି ଏ ବିଳାପ—ଏ ଯୁଅଙ୍ଗ
ଏ ଫାରଗ
କଣ୍ଟାୟିତ ଦେହ ଶୁଭ୍ର ମଞ୍ଜରୀ ।

ସମୁଦ୍ର ସମୁଦ୍ର ଉଷି ଯୌବନର ସ୍ରୋତ
ନାଗର ଚରଣ ଶମେ ଚେତନ କି କାଲିପ୍ *୨
କମ୍ପିତ କମଣ୍ଡଳୁ ତବ ଖସିପଡ଼ୁ ବୃଦ୍ଧଯୋଗୀ
Cobraର ଫାଲସ୍ ।

---

(ମଜାକଥା ୭ମ ପୃଷ୍ଠା ପରରୁ)

୫ ଘୋଡାରେ out book ମଧ୍ୟ ଥିବା ଦରକାର । ସିନେମା
୬ Sexology ବିଷୟରେ ବିଶେଷ ଜ୍ଞାନ ଥିବା ଦରକାର ।

ରୋଜଗାର:—ଏଥିପାଇଁ ସବୁ କ୍ୱାଲିଫିକେସନଠାରୁ ବଡ଼ । ଯଦି ଜଣକର ରୋଜଗାର ୫୦୦ରୁ ଉପର ତାହେଲେ ତା'ର ଅନ୍ୟ ସବୁ ଗୁଣପ୍ରତି ବିଶେଷ ଦୃଷ୍ଟି ଦିଆଯିବ ନାହିଁ । ସେ ଚୋର, ଅସତ୍ ହେଉ, ଗୁଣ୍ଡାର ବର ହେଉ, ବ୍ୟବସାୟ କର ହେଉ, ଯାହାର ମାସିକ ରୋଜଗାର ୫ ୨୦୦ ରୁ କମ ତାଙ୍କୁ ଗ୍ରାହ୍ୟ କରାଯିବ ନାହିଁ । ଭଲରକମ ଟଙ୍କା ରୋଜଗାର କରୁଥିବା ଲୋକଙ୍କ ବର୍ତ୍ତମାନ କୌଣସି ସହରରେ ଘୋଡ଼ା-ଥିବ ଯେଉଁଠାରେ କ ରୋଜ ଅନ୍ତତଃ ସିନେମା ହାଉସ ଥିବ ଓ ସାନ୍ଧ୍ୟ ବିହାର ପାଇଁ ପାର୍କ ବା ନିର୍ଜନ ଜାଗା ଥିବ ।

ବି: ଦ୍ର:—ପ୍ରକାଶ ଥାଉକି ଯଦି କୌଣସି ଲୋକ ସମ୍ପ୍ରତି ଉପର୍ଯ୍ୟୁକ୍ତମାନଙ୍କରେ ଗୁଣରେ ହେବ ୧୦୦ରେ । (ଉତ୍ତୀର୍ଣ୍ଣ ହେବ) ନମ୍ବର ପାଉଥାନ୍ତି ତାଙ୍କ ଅନ୍ୟର ସହିତ ଗ୍ରହଣ କରାଯିବ କେବଳ ଯଦି କୌଣସି ମେମ୍ବର ଏ: ଏମ୍: ଡି:ରେ ଗୁଣର ହାର ୫ ୨୦୦ ( ନମ୍ବର ପାଉଥାନ୍ତି ତାଙ୍କୁ underconsi-derationରେ ମଧ୍ୟ ରଖାଯିବ ନାହିଁ ।

——*——

## କୁତୁକୁତୁ

ପିଅ—କିନ୍ତୁ ମା ମିଏ କହୁଥିଲେ ସେ ସେ ମତେ ପ୍ରେମ କରନ୍ତି ।

ମା ଅ—ସବୁ ମଣିଷ ସେୟା କହନ୍ତି ।

ପିଅ—କିନ୍ତୁ ମତେ କହନ୍ତି ନାହିଁ ।

× × + +

"ତୁ ଆଉ ତୋ ଭଉଣୀ ଜାଆଁଳା—ନୁହେଁ କି ?"

"ହଁ ଜାଆଁଳା ହେବାର କଥା ହେଉଥିଲୁ କିନ୍ତୁ ଅନ୍ତତଃ ମିଏ ନପାଠ ଆଠବର୍ଷ ନେଲା ।"

---

* ୧—ପଣ୍ଡି ଭକ୍ତଙ୍କ ଚିନ୍ତାମଣି ମୃତ୍ୟୁରେ ଲିଖିତ କବିତା ଦ୍ରଷ୍ଟବ୍ୟ
* ୨—ବଙ୍ଗଳା ଶବ୍ଦ, ଓଡ଼ିଆରେ ଡକାଅ ।

Digitized by srujanika@gmail.com

# ବହିପତ୍ର

## ସହକାର—ଅଷ୍ଟମ ଓ ନବମ ସଂଖ୍ୟା

ଏହି ଯୁଗ୍ମ ସଂଖ୍ୟାରେ ଶ୍ରୀ ଦୀନବନ୍ଧୁ ମହାପାତ୍ରଙ୍କ "ସମର, ସଭ୍ୟତା ଓ ସାହିତ୍ୟ" ଉଲ୍ଲେଖ ଯୋଗ୍ୟ ଚିନ୍ତାଶୀଳ ପ୍ରବନ୍ଧ ।

"ନର କଙ୍କାଳ" ଗଳ୍ପଟିର ଉଦ୍ଦେଶ୍ୟ ମହତ୍ ମାତ୍ର କ୍ଷୁଦ୍ର ଗଳ୍ପର କଳା କୌଶଳ ଏଥିରେ ନାହିଁ । ବିଷୟ ବସ୍ତୁର ନୂତନତ୍ୱ ହେତୁ ପଠନ ଯୋଗ୍ୟ ।

କାଳିନ୍ଦୀ ବାବୁଙ୍କ—"ଭାରତ ! ଆସିବ ଫେରି" ଜାତୀୟ ଭାବୋଦ୍ଦୀପକ କବିତା ।

ଶ୍ରୀ ପ୍ରାଣକୃଷ୍ଣ ସାମଲ ତାଙ୍କ ପ୍ରବନ୍ଧରେ କଟକ କଲେଜ ବାରଣ୍ଡାରେ ଥିବା ଭଙ୍ଗା ମୂର୍ତ୍ତିଟିକୁ କୋଣାର୍କର ହୃତ ପ୍ରଧାନ ଦେବମୂର୍ତ୍ତି ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି । ପ୍ରମାଣଠାରୁ କଳ୍ପନା ଅଧିକ ।

ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ "ସେଣ୍ଟ୍ରି" ଗଳ୍ପ ଭଲ ହୋଇଛି କହିବାକୁ ହେବ ।

ଶ୍ରୀ ଜଳନ୍ଧର ଦେବଙ୍କ "ଭାରତୀୟ ସାହିତ୍ୟର ଅଭିବ୍ୟକ୍ତି ଓ ଗତି" ପ୍ରବନ୍ଧରେ ଜାଣିବାର କଥା ଅଛି ।

କବି ବୈକୁଣ୍ଠ ନାଥଙ୍କ ପଦ୍ୟ "ଶ୍ରମିକର ଈଶ୍ୱର ଚିନ୍ତା"ରେ ନୂଆ ଭାବ କିଛି ମିଳିଲା ନାହିଁ ।

ଶ୍ରୀ ରାଜକିଶୋର ରାୟଙ୍କ ଗଳ୍ପ "ତେଲ ଲୁଣର ସଂସାର" ଅତି ସୁନ୍ଦର ଓ ଆର୍ଟିଷ୍ଟିକ କ୍ଷୁଦ୍ର ଗଳ୍ପ । ଏପରି ମନୋହର କଥା କେବଳ ତାଙ୍କରି କଲମରୁ ହିଁ ସମ୍ଭବ ।

ଶ୍ରୀ ସୁରେନ୍ଦ୍ରନାଥ ମହାନ୍ତି "ଭାରତୀୟ ନୃତ୍ୟକଳା" ସମ୍ବନ୍ଧରେ ଅନେକ କଥା ଲେଖିଛନ୍ତି ଯାହା ଜାଣିବାର କଥା ।

## ଜାଗରଣ—ଦ୍ୱିତୀୟ ବର୍ଷ, ସେପ୍ଟେମ୍ବର, ନଭେମ୍ବର

ଉତ୍କଳ ସାହିତ୍ୟ ସମାଜର ମୁଖ ପତ୍ରରେ ଓଡ଼ିଆ ମାସର ନାମ ନ ଦେଇ ଇଂରାଜୀ ମାସ ଦେବା ଟିକିଏ ଅଦ୍ଭୁତ ଓ ଅସୁନ୍ଦର ଲାଗିଲା । ଦେଶକର୍ମୀ ସମ୍ପାଦକଙ୍କ ସୁନଜର ଏଥିପ୍ରତି ଆକର୍ଷଣ କରୁଛୁଁ ।

ଜାଗରଣର ଏହି ସଂଖ୍ୟାଟିକୁ ଶିଳ୍ପକଳା ସଂଖ୍ୟା କହିଲେ ଚଳେ । କାରଣ ଏଥିରେ ଶିଳ୍ପ ଓ କଳାର ଆଲୋଚନା ସମଧିକ ଭାବରେ ହୋଇଛି ।

ଶ୍ରୀ ବଞ୍ଛାଦଚରଣ ପଟ୍ଟନାୟକଙ୍କ ଅନୁବାଦ କବିତା "ଲୋତକାଭିଷେକ" ଖୁବ୍ ଭଲ ହୋଇଛି । ଅନୁବାଦ କରିବାରେ ବଞ୍ଛାଧ ବାବୁଙ୍କ ହାତ ସବୁବେଳେ ସ୍ୱଚ୍ଛନ୍ଦ ।

ଶ୍ରୀ ଉପେନ୍ଦ୍ର କିଶୋର ଦାସଙ୍କ ପ୍ରବନ୍ଧ "ଲଳିତକଳା" ମୌଳିକ ଚିନ୍ତାଧାରାରେ ଉଦ୍ଭାସିତ । ସେ ନିଜେ ଜଣେ ମୌଳିକ ଶିଳ୍ପୀ । ତାଙ୍କ ଅନ୍ତରର ଗଭୀର କଥା ଏହି ପ୍ରବନ୍ଧରେ ପରିସ୍ଫୁଟ ।

ପ୍ରସିଦ୍ଧ କଳାକାର ଶ୍ରୀ ବ. ବର୍ମାଙ୍କ ଭାଷଣରୁ ଜାଣିବାର ବିଷୟ ଯେତିକି ଅଛି, ଭାବିବାର କଥା ତହିଁରୁ ଅଧିକ ।

ଶ୍ରୀମତୀ ସରଳା ଦେବୀଙ୍କ ଦୀର୍ଘ ପ୍ରବନ୍ଧ "ଜୀବନ ଉପରେ କଳା ଓ ସଂସ୍କୃତିର ପ୍ରଭାବ"ର ଶେଷ ଅଂଶ ଏଥିରେ ବାହାରିଛି । କଳାପ୍ରଧାନ ଓଡ଼ିଆ ଜୀବନରେ କଳାର ଅବମାନନା ଓ ଅବହେଳା ଦେଖି କଳାକୁଶଳା ଲେଖିକା ବ୍ୟଥିତା ହେବା ସ୍ୱାଭାବିକ । ଏହି ଦୁର୍ଗତି ପାଇଁ ନାରୀଜାତି ଯେ ଦାୟୀ ଏକଥା ସତ୍ୟ ହେଲେ ବି ପୁରୁଷର ଭାଗ କିଛି ଊଣା ନୁହେଁ । କାଳର ପ୍ରଚଣ୍ଡ ପ୍ରବାହରେ ଓଡ଼ିଆ ଭାସି ଯାଇ ବୁଡ଼ିଯିବାକୁ ବସିଲାଣି । ଏହିପରି ଲେଖାଦ୍ୱାରା ଯଦି ଆମର ଆଖି ଖୋଲେ ତେବେ ଜାତିର ସମୂହ କଲ୍ୟାଣ । ସରଳା ଦେବୀଙ୍କ କଲମ ଓ କର ଏହା ସାଧିତ କରୁ ଏତିକି ଆଶା ।

---

Digitized by srujanika@gmail.com

**ମଜା କବିତା ........**

# ମଡର୍ଣ୍ଣ ଯୁଗର ନାରୀ

ଲେଖକ — ଶ୍ରୀ ଗୋପୀନାଥ ବେହେରା

ମଡର୍ଣ୍ଣ ଯୁଗର ନାରୀ
ତୁମର ବିହୁଟେନ ପୁରୁଷ ଜାତିଠା
କେତେ ଯେ ହେଲଣି ଧାଇଁ !
ସାରିଲଣି ସବୁ ସାଜଟା ଚଳି
ଛାଡ଼ିଲଣି ଲଜ୍ଜା ମଳୟ ପଳ
ଲେକ ଦେଖାଣିଅ କେବଳ ବଧୂଟି
ହାଡ଼ ହେବ ଖଣ୍ଡ ଗୁଡ଼ ।
ମଡର୍ଣ୍ଣ ଯୁଗର ନାରୀ !

ମଡର୍ଣ୍ଣ ଯୁଗର ପ୍ରିୟା
ତୁମର କୋମଳ ଗୋଲାପି ଗଣ୍ଡ
ଦରଦ ପରସ ଦିଅ,
ପ୍ରେମିକ ମନଟା ନେଇଛ କିଣି
ମନ୍ତ୍ରର ଘୁଙ୍ଗୁଠା ହାତରେ ଦେଇ
ତୁମ ଶୋଭା ପାଇଁ ନାଚ ଖଞ୍ଜ ସଜ
କରିଛ ଜଗଇ ହିଅ;
ମଡର୍ଣ୍ଣ ଯୁଗର ପ୍ରିୟା ।

ମଡର୍ଣ୍ଣ ଯୁଗର ସତୀ
ଜରଜେଟ୍ ଶାଢ଼ୀ ବ୍ଲାଉଜ୍ ତୁମର
ଖୋଲେ ନବ ପିରତି;
ହାଇହିଲ୍ ଯୋତା ପାଦେ ଠକ୍ ଠକ୍
'ଅଜନ୍ତା ସ୍ନୋ' ରେ ମୁଖେ ସବୁ ବେଳ
ଛଳ ଛଳ ଆଖି ତୁମେ ଭାବ ଦୁଷ୍ଟ.
ଯୁଗଳ ମିଳନ ଯତି
ମଡର୍ଣ୍ଣ ଯୁଗର ସତୀ ।

ମଡର୍ଣ୍ଣ ଯୁଗର ତନ୍ବୀ
ହାତ ଖଇଚକ୍ର ରହିଲେ କେବଳ
ପଢେଉ ଭିତରେ ମନ
ସିନେମା ରାଜକ ଘରୁ ଯିବା ନାହି
ରଚିବା ନୂହିଁଙ୍କ ଅଣ୍ଟୁଡ଼ା ଚିରଣି
ଓଅର୍ ଟେଏଟେଟି ବାଧ ବୋଝାଇ
ପରଶି ବାଜିବା ଯାନ ।
ମଡର୍ଣ୍ଣ ଯୁଗର ତନ୍ବୀ ।

ମଡର୍ଣ୍ଣ ଯୁଗର ନାରୀ
ସକ୍ ସକ୍ ଆଖି ନାକ ଭର୍ଣ୍ଣ କର୍ଣ୍ଣ
ବୁହାଇଛ ଧାରା ଟାଣ
କାମନା କଶୋଗ୍ନି ନେହାର ପ୍ରବଣି
ଘୁଞ୍ଚିବ ଝଟାରେ ତୁମ କଣ୍ଠା
ଯୁଦ୍ଧ ଦାଉ ଘୁଞ୍ଚି ପଳାଇଲ ପଛେ
ତୁମ ଭ୍ରଂଶ ହେବ ଭୁଷା
ମଡର୍ଣ୍ଣ ଯୁଗର ନାରୀ ।

ମଡର୍ଣ୍ଣ ଯୁଗର ବଧୂ
ତୁମର ପାଇଁ ତ ହାତେ ଲମ୍ବ ଦାଢ଼ୀ
ଲାଗିଲଣି ଆମ ଛତା ।
ଯେତେ ଅଲଗିଲ୍ ତଥାପି ଜଣା
ତଥାପି ପ୍ରିୟା ମୋ ନୁହେଁ ଝଞ୍ଜଣି
ଶେଷେ ଆଜ ଭଲ ଗୀତ ଗାଇଲ
ମଥା ଗୋଳେଇ ହେଲି ଭାଇ;
ମଡର୍ଣ୍ଣ ଯୁଗର ବଧୂ

Digitized by srujanika@gmail.com

# ହାଓ୍ୱାର ଖବର

( ଏହି ଖବର ଗୁଡ଼ିକ ଦେଶର ଦୂଷିତ ବାୟୁରୁ ସଂଗୃହୀତ ହୋଇ ଶୋଧନ ଯନ୍ତ୍ରରେ ପରିବେଷିତ ହେଲା । ଏହାର ଜନ୍ମ ହାଓ୍ୱାରେ ହୋଇଥିବାରୁ ପାଠକଗଣ ଏହାକୁ ହାଲୁକା ଭାବରେ ଗିଳି ହାଓ୍ୱାଇ ଭାବେ ନିସ୍ତାପନ କରିବେ । )

କଣ୍ଠ ପଣ୍ଡିତଙ୍କ ଦାଢ଼ି ବ୍ରୁଶ ମିଉଜିୟମ ( ଯାଦୁକୋଠି ) ମଗାଇ ଥିବାରୁ ପଣ୍ଡିତେ ମହା ବ୍ୟସ୍ତରେ ପଡ଼ିଛନ୍ତି କାରଣ କଟକର ଭଣ୍ଡାରୀମାନେ ଏହା କପଟରେ ଧର୍ମଘଟ କରିଛନ୍ତି ।

ସତ ସତକା 'ସ୍ୱାମୀ' ହେବା ପାଇଁ ପିଯୁ ବନ୍ଧୁଗଣ ସ୍ୱାମୀ ସଚ୍ଚିଦାନନ୍ଦ ଦାସଙ୍କ ଉପରେ ଲାଗିଛନ୍ତି । ମାତ୍ର ରାଜଭୋଗର ଦାମ ବଢ଼ି ଯାଇ ଥିବାରୁ ସ୍ୱାମୀଜୀ ତାହାଙ୍କ ଦଳକୁ ନାରାଜ ।

ଶେଷେ ଏକଜଣ ଅବିବାହିତ ଯୁବକ ଓଡ଼ିଶାର ଶିକ୍ଷା ବିଭାଗ ଡାଇରେକ୍ଟରର ପଦପାଇଁ ଅବୈତନିକ ଭାବେ ପ୍ରାର୍ଥୀ ହୋଇ ଅଛନ୍ତି; କିନ୍ତୁ ତାହାର ମୁଣ୍ଡରେ "ଚୁନ୍ଦ" ନ ଥିବାରୁ ସବୁ ଦରଖାସ୍ତ ଅଗ୍ରାହ୍ୟ ହୋଇଛି ।

ଭଦ୍ରକ ଏସ. ଡି. ଓ ଦୋକାନ ଖୋଲାଇ ଦେଉଳ ଢୋଲାଇ ନା ପକେଇଛନ୍ତି । ଅସଲ କାମଟା ବାକି ରହିଗଲା ବାହାରେ—

ପାଢ଼ୀ ସାହେବଙ୍କ କାର୍ଯ୍ୟ କାଳ ବାଲେଶ୍ୱରରୁ ପୂରିଗଲେ ସେ ଅସ୍କା ଚିନି କାରଖାନାର ସୁପରିଣ୍ଟେଣ୍ଡେଣ୍ଟ ହୋଇ ଯିବେ ବୋଲି କର୍ତ୍ତୃପକ୍ଷ ବିଚାର କରୁଛନ୍ତି ।

ଉତ୍ତର ବାଲେଶ୍ୱରର ହାତୀଗଡ଼ ଉପନିବେଶର ନୂଆ କରି "ହଲିଉଡ୍" ( Hollywood ) ନାମକରଣ ହୋଇଅଛି ଓ ଅବସର ବିନୋଦନ ସକାଶେ ଜିଲ୍ଲାର ବଡ଼ ବଡ଼ଅମାନେ ସେଠାକୁ ଚେଷ୍ଟା କରୁଛନ୍ତି ।

ଭୂତ ଏସେମ୍ବ୍ଲି ସ୍ପିକର ( କଥକ ) ମୁକୁନ୍ଦ ବାବୁଙ୍କ କଥା କହିବା ବନ୍ଦ ହେବାରୁ ମୁହଁରେ ଭୁଣ୍ଡି ଲଗାଇ କୁଳଙ୍ଗ ପାଖରେ ହଳିଆ ହେବାର ମନସ୍ଥ କରିଛନ୍ତି ।

ଚାନ୍ଦବାଲିର ପୋର୍ଟ ଅଫିସରଙ୍କୁ ନୂଆ କରି ଅନାରେରି ମାଜିଷ୍ଟ୍ରେଟ କ୍ଷମତା ଦିଆ ଯାଇଛି । ଶୁଣାଯାଏ ଜିଲ୍ଲା ତମାମ୍ ଗସ୍ତ କରି ପଞ୍ଚ ଆଇନ ମକଦ୍ଦମାମାନ ବିଚାର କରିବେ ବୋଲି ତାଙ୍କୁ କ୍ଷମତା ଦିଆଯିବ ।

ବଦହଜମ ହେବାରୁ ଡାକ୍ତରମାନେ ଗାନ୍ଧିଜୀଙ୍କୁ ସପ୍ତାହ ଉପାସ କରିବାକୁ ଉପଦେଶ ଦେଇଥିଲେ । ମାତ୍ର ଦେଖାଗଲା ଯେ ତାଙ୍କର ମାନସିକ ବଦହଜମ ହୋଇଅଛି । ତେଣୁ ସେ 'ମାନସିକ' ଉପାସ କରିବେ । × × ×

ଆଜିକାଲି ଓଡ଼ିଶାରେ ସର୍ବାଧିକ ମାଲ୍ୟପାର ଲେଢ଼ା ପଡ଼ି ଥିବାରୁ ଯୁଦ୍ଧୋତ୍ତର ପରିକଳ୍ପନାରେ ଗୁଡ଼ାଏ ନୂଆ ତେଲ କଳ ( Oil mill ) ବସାଇବାର ଯୋଜନା ହେଉ ଅଛି । ଏଥର ଓଡ଼ିଆମାନେ ସସ୍ତା ଓ ସୁବିଧାରେ ନାକରେ ତେଲ ଦେବା, ତଳିପାରେ ତେଲ ଦେବା ଓ ହାତ ଚକଣ କରି ପାରିବେ ।

---

( ବାରୁଣୀ ଙ୍ଘ୍ରି ଟୁଷ୍ଟା ଭକ୍ତାରୁ )

ତଳ ପାଇବାଟା ଅନ୍ୟାୟ । ନିଛାଟ ରାତି ନିଛାଟ । ତାର ନିଛାଟିଆ ନ ଭାଙ୍ଗିଲା ଯାଏଁ ସେ ସେଇ ନିଛାଟ ହୋଇ ରହିବ

ଏଇ ନିଛାଟି ରାତିର ମୋତେ ଛାଡି ଦେବାକୁ ହେବ—ନାଁ । —ନିଛାଟ ରାତି ମୋତେ ଖଣ୍ଡ ଖଣ୍ଡ କରିଦିବ । ମୁଁ ଏଇ ଛାତି ଉପରେ ତାର ଅତ୍ୟାଚାର ସହିବି । ସେଇ ମୋର ଭାଗ୍ୟ ।

ଖାଲି ଟୋକିଏ କଥା ଭାବୁଛି—ରାତି ଯାଉଛି— ସମସ୍ତେ ଯାଉଛନ୍ତି ! ମୁଁ କ'ଣ କରିବି ? ମୁଁ ଭୁଲିଗଲି—ଭୁଲିଗଲି —ମୋ ପ୍ରତି କାହାର କିଛିଏ ହେଲେ ଦୟା ନାହିଁ । ମୋ ପାଇଁ କେହି ହେଲେ ସାନ୍ତ୍ୱନାର ଅର୍ଘ୍ୟ ବଢ଼ାଉ ନାହିଁ ? ତା ହେଲେ, ମୋତେ କେହି ଭଲ ପାଉ ନାହିଁ ।

ଅଛି ମୁଁ ?

ଏଇ ନିଛାଟ ରାତିରେ ମୁଁ କେବଳ ମୁଁ—ନିଛାଟ !

—※—

Digitized by srujanika@gmail.com

# ଛୁଆଙ୍କ ଗୋବିନ୍ଦ ବନମାଳି

## —ନାଗବନ୍ଧୁ—

ଉଦ୍ଦେଶ୍ୟ — (୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଦେହ ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଉପରର ମଧ୍ୟସ୍ଥତାରେ ପତ୍ରବନ୍ଧୁମନ୍ତ୍ର ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

### ୧୯୪୫

ନବବର୍ଷ ନବବର୍ଷ ! ଆସିଛ ହେ ମଧୁର ଲଗନେ
ଉଦିତ ତୂଳରେ ଚିହ୍ନି ଅବତର ଉତ୍କଳ ଗଗନେ ।
ଅଛି ଯେତେ କୁହେଳିକା ଉତ୍କଳର ଗଗନ ଆଚ୍ଛାଦି
ତୀବ୍ର ତେଜେ ଦିଅ ଦହି ଅନ୍ତରୀକ୍ଷେ ଯେମନ୍ତ ସେ ସମାଧି
ଉତ୍କଳୀୟ ପ୍ରାଣେ ପ୍ରାଣେ ଅଛି ଯେତେ ଗୁପ୍ତ ଆବିଳତା
ଜଳନ୍ତେ ଅନଳ ଶିଖା ଭସ୍ମୀଭୂତ ହେଉ ତାର ସତ୍ତା
ଉତ୍କଳ ସମାଜ ନେତେ ଘୋଟିଛି ଯେ ଅଜ୍ଞାନ ତିମିର
ଜ୍ଞାନର ପ୍ରଦୀପ ଜାଳି କର ତାରେ ପ୍ରଦୀପ୍ତ ଉଜ୍ଜ୍ୱଳ । ୨ ।

ନବବର୍ଷ ନବବର୍ଷ ! ଉତ୍କଳର ସନ୍ତାନ ସକଳ
କାଳର କରାଳ ଗ୍ରାସେ ନିଷ୍ପେଷିତ ନିର୍ଜୀବ ଦୁର୍ବଳ
ସୁପ୍ତ ଶକ୍ତି ଜାଗରଣେ ଭୂମି ଶକ୍ତି ଦାନ ଦିଅ ଭର
ମୁକ୍ତି ମନ୍ତ୍ର ଦିଅ କର୍ଣ୍ଣେ ଜାଗିଉଠୁ ସୁପ୍ତ କେଶରୀ । ୩ ।

ଅତୀତରେ ଅଛି ଯେତେ ପ୍ରବଞ୍ଚନା ମିଥ୍ୟା ଓ ଶଠତା
ସମାଜର ଚିତ୍ତ ପ୍ରଦେଶରେ ବହେ ଯେଉଁ ବିଷମ କଟୁତା
ଭାଇ ଓ ଭଉଣୀ ପ୍ରାଣେ ସୁପ୍ତ ଏବେ ଘୃଣ୍ୟ ଭେଦଭାବ
ଆଶୀର୍ବାଦେ ଲୁପ୍ତ ହେଉ ଉତ୍କଳୀୟ ସକଳ । ୪ ।

ଝଞ୍ଜା ବେଗେ ବହି ଯାଉ ଉତ୍କଳର ପଙ୍କିଳ ଶକ୍ତି
ଉତ୍ସାହରେ ଅଭିମୁଖେ ନୂତନ ନୂତନ ଗତିର ଯୁକ୍ତି
ନବବର୍ଷ ହେଉ ଏହା ଉତ୍କଳୀୟ "ନାଗବନ୍ଧୁ" ପଣ
"ଖୋଜିଅଣୁ ତାହାର ରତନ ବଳ ନେଉ ନଡ଼ୁ ବା
ମରଣ" । ୫

ଶ୍ରୀ ରାମଚନ୍ଦ୍ର ପାଢ଼ୀ

---

### — ବଡ଼ ହେଲେ ମୁହିଁ —

ଗ୍ରୀଷ୍ମ ଜ୍ୟୋତ୍ସ୍ନାଲୋକ ଯଥା ଚାଲିଲେ ତାଙ୍କ
ଶୀତଳ ପରଶ ତା'ର ଅଙ୍ଗେ ଦେଲା ମାଖି,
ଆକାଶର ନୀଳ ଜଳେ ଭାସି ଆସେ ଚନ୍ଦ୍ର
ଜୋଛନାର ଢେଉପରେ ଖେଳେ ମନ୍ଦମନ୍ଦ ।
'ମେଘକାଇ' ଫୁଲେ ଧୀରେ ନୀଳ ବେଣୀ ହଲାଇ
ଜ୍ୟୋସ୍ନା ଖେଳେ ବେଣୀପରେ ଲୁଚା କରି ମଜାଇ ।
ଛୁଟି ଛୁଟି ସମୀରଣ ଟାଣି ଦେଲେ ବେଣୀକୁ
ଜୋଛନା କହେ ଯତ୍ନେ ଥାଇ 'ଆରେ କିଏ ତୁ?'
ପାଣ୍ଡୁରଙ୍ଗୀ ସମ ବେନି ପର୍ବତ ଶିଖର
ଜାଗିଛନ୍ତି ଦେବି ପାଶେ 'ଖଞ୍ଜକାଇ' ଗୀତ,
ନୂତନ ସୈନିକ ମୁହିଁ ହତାଶ ସାରଥୀ
ପଥ ମୋର ଅନ୍ଧକାର ସଦାୟୁ ଆଗତ । ୩ ।
ଅଲ ବଳା ଦଶେ ନାହିଁ ନିଜଠାରେ ମୁହିଁ
ଆଶା ମୋର ସବୁ ସିନା ନାଇଅଛୁ ଧୋଇ ।
କିବା ଆଶା ବାନ୍ଧି ଏହି ଅନ୍ଧ ସଂସାରରେ
ମେଲିଣି ଦିଅ ହେ ସ୍ରଷ୍ଟା ମୃତ୍ୟୁ ପର ପାରେ । ୪ ।

Digitized by srujanika@gmail.com

"ଉଠ ବତ୍ସ! ପୂର୍ଣ୍ଣ ହେବ ତୁମ୍ଭ ଚିର ଆଶା
ନ ହୁଅ ବିମୁଖ ଅବା ନ ହୁଅ ହତାଶା ।
ଯେଉଁଠାରେ ବସିଥିବ, କେଉଁ କାଚ କଥା
ଦୂରେ ଦେଖ ଭାସି ଆସେ କି କର୍ତ୍ତବ୍ୟ ଗାଥା
ନୁହେଁ ଏହା ଅତୀତର ସ୍ୱାର୍ଥର ସାମଗ୍ରୀ
ସେ ଜାଲ ଛିଣ୍ଡାଇ ବୀର ଆଜ ହେ ବାହାର
ଦେଶ ଭକ୍ତ ପ୍ରାଣେ ମିଶି ଗଢ଼ ଏକ ପ୍ରାଣ
ଏକ ହୋଇ ଗଢ଼ି ଯାଅ କର୍ତ୍ତବ୍ୟର ଧଜ । ୫ ।
ଦୂରେ ଦେଖ, ଏହା ଯେଉଁ ଦଶେ ମୁକ୍ତିସ୍ତମ୍ଭ
ଅଲେଖର, ତାଙ୍କ ସ୍ୱାର୍ଥ ବଳିଦାନେ ତୁମ୍ଭ ।
ଏକପ୍ରାଣ ଶକ୍ତିମୟେ ଲକ୍ଷ ପ୍ରାଣ ଧାଇ
ସଂଜୀବିତ କରି ପାରେ ଯଦି ଅଛେ ବୀର !
ପଛ ଦିଅ ଦେଇ ଦେଖ ନାହିଁ ସ୍ୱାର୍ଥ ମୃତ୍ୟୁ,
ପଡ଼ିଛ ଏ ଜାତି ତବ ମୃତ୍ୟୁ ମୁଖୁଁ ବର୍ତ୍ତି ।
"ଆଶୀର୍ବାଦ କର ଦେବ ! କନ୍ୟାକୁ ତୁମ୍ଭର,
ତୁମ୍ଭ ଆଶାପଥେ ମାଗେ ! ହେବ ଅଗ୍ରସର ।"
ଲୁଚିଗଲା ଛାୟା ସେହି ନଭତଳ ଗର୍ଭେ,
ଭାଙ୍ଗିଗଲା ସ୍ୱପ୍ନ ମୋର ତାହାର ଗୌରବେ ।
ଅନ୍ତର ଅନ୍ଧାର ଦୂରେ ଗଲା ଅପସରି,
ଜାଣି ଅନ୍ତେ ଆସେ ଯଥା ରବି ଖେଳ ହୋଇ ।
ଆଶା ମୋର ଜାଗି ଉଠେ ଜୀବନ ପ୍ରଦୀପେ,
ବଳ ବୋଲି ଗଢ଼ିବାକୁ ଜଗତ ଆଲୋକେ ।
ଦେଶ ପାଇଁ, ଦଶ ପାଇଁ ଜୀବନ ସମର୍ପି,
ତାଙ୍କର ସେବାରେ ମୋର ପ୍ରାଣ ଯାଉ ଯୋଡ଼ି ।

କୁମାରୀ ବିନୋଦିନୀ ପଟ୍ଟନାୟକ
(୩୦ ନଂ ନାଗ)

—— ——

## —ଭଗ୍ନ ହୃଦୟ—

ଗାଇବି ବୋଲି କେତେ ଭାବିଛି ତବ ଗାନ
ଝଙ୍କୃତ କି ଅଜଣା ଅଶଙ୍କାରେ
ଗାଇ ପାରେ ନାହିଁ କେ ଯେବେ କଣ୍ଠ ରୁନ୍ଧି
ସରମେ ମରମେ ମୁଁ ମରେରେ
ବୀଣାଧରି, ଅଙ୍ଗୁଳି ଚାଳନ କାଳେ କିଏ
ଛିଣ୍ଡାଇ ଦିଏ ବୀଣା ତାର
ତୁମରି ନାମ ଗାନେ ଶତବାଧା କେ ଆଣେ
ଯାଚେ ନା କହେ କେ ହୃଦର
ଲେଖିବି ବୋଲି ଯେବେ କବିତା ତୁମ୍ଭ ନାମେ
ବସେ ମୁଁ ହାତେ ଧରି କଲମ
କଳନା ଅକାଶେ ମୋ ଭୁଲାଏ ଛନ୍ଦ କିଏ
ଅଙ୍ଗେ ମୋ ଖେଳାଏ କେ କମ୍ପନ ।
ତବ ସୁନ୍ଦର ଛବି ଆଙ୍କିବି ବୋଲି ଭାବି
ଯେବେ ମୁଁ ତୁଳି ଧରି ଆଙ୍କଇ
ହାତ ମୋ ଯାଏ ଥରି ତୁଳିଟି ଯାଏ ପଡ଼ି
ବିରସ ମନେ ତହୁଁ ଫେରଇ
ସବୁଠୁଁ ବାଧା ପାଇଁ ଉଦ୍‌ବିଗ୍ନେ ଆସେ ଧାଇଁ
ଶାନ୍ତିର କାନେ କାନେ କହେ
ଗାଅଲେ ପ୍ରୀୟ ଶାନ୍ତି ଗାଅ ନାମ ତାହାର
ଯାକୁ ମୁଁ ନିତି ଚିତ୍ତେ ଧ୍ୟାଏ
ଶାନ୍ତି ଦିଏ ଉତ୍ତର ତୁ ଯାକୁ ନିତି ଝୁରୁ
ସେ କିଗୋ ତୋହ ପାଇଁ ଝୁରେ
ସରମେ ନଏଁ ମଥା ମୁଖୁଁ ନ ଫୁଟେ କଥା
"ଭଗ୍ନହୃଦୟେ" ତହୁଁ ଫେରେ ।

ଶ୍ରୀ ଶୁକଦେବ ବ୍ରହ୍ମା

---

**କାନ୍ତ-କବିଙ୍କ**
ଅମର ଲେଖନୀ ପ୍ରସୂତ
"ଓମାର ଖୈୟାମ"ର ଅନୁବାଦ

ଓଡ଼ିଆ ସାହିତ୍ୟରେ ଏକ ନୂତନ ଅବଦାନ—
**କେବେ ବାହାରିବ ଟାକି ରହନ୍ତୁ !**

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର     ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପ୍ରଣାଳୀ ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ରକ୍ତ ଦୂଷିତ ହେଲେ ନାନାପ୍ରକାର ଛଳି ବା ବିକୃତ ଚର୍ମ, ସର୍ବାଙ୍ଗରେ ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବନ୍ଧ ଦୁର୍ବଳତା, ଆଳସ୍ୟ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଳି ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ୫୲୧୲ଙ୍କା ମାତ୍ର ୫ ୨୲ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ**

ଆଲମଚାନ୍ଦ ବଜାର, କଟକ

---

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନର ନାରୀ ଲୋକ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରେକ୍ସ ବ୍ୟବହାର କଲେ ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃଦ୍ଧତ୍ ଓ ଯକୃତ ପ୍ଲୀହା, ଯକୃତ, ମାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଆଜି ଜଗତରେ **"ପେରିବେଲା"** ( ରେଜିଷ୍ଟାର୍ଡ଼ ) ସର୍ବଶ୍ରେଷ୍ଠ ମହୌଷଧ ... ପ୍ରମାଣିତ ହୋଇଅଛି । ମୂଲ୍ୟ:—୫୨୲୵ ( ପ୍ରତି ବୋତଲ )

**'ଅନନ୍ତ ରସ ସାଲସା'**—ଅଦ୍ଭୁତ ରକ୍ତ ବୃଦ୍ଧି ... ବୀର୍ଯ୍ୟ ... ମହୌଷଧ ।

ହେଡ୍‌ଅଫିସ —ମେସର୍ସ ହେମଚନ୍ଦ୍ର ଫାର୍ମେସି, ନଂ ୧୧୫, ...

ପ୍ରାପ୍ତିସ୍ଥାନ:—ମନମୋହନ ବୁକ୍‌ସପ୍

ନଂ ୧୩୭ । ୨ ହେମବଜାର ଷ୍ଟ୍ରିଟ, କଲିକତା, ଓ ମନ ...


---

Printed & published by G. C. Mahapatra at the Gopinath ... 1944.

ବାର୍ଷିକ ତିନ ଟଙ୍କା ଆଠଅଣା          ରାଜହଂସ୍କରଣ ବାର୍ଷିକ ... ଟଙ୍କା

Digitized by srujanika@gmail.com

୮ମ ବର୍ଷ – ପୌଷ ଦ୍ୱିତୀୟାଙ୍କ ଓ ମାଘ ପ୍ରଥମାଙ୍କ – ୧୭, ୧୮ ସଂଖ୍ୟା




Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲିଃ:—

ହେଡ୍ ଅଫିସ— କଲିକତା

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼
ନାରାୟଣଗଞ୍ଜ, ସାତ୍‌କ୍ରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମୈତ୍ରଗଞ୍ଜ

**ନବପ୍ରତିଷ୍ଠିତ ଶାଖା - ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା,
ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା,
(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫି· ମାନ ଖୋଲାଯାଉଛି)

ମେନେଜିଂ ଡିରେକ୍ଟର—

ନୟାଦିଲ୍ଲୀ, ନାଗପୁର । **ସ୍ୱା—ପି. ଏନ୍: ରାୟ୍ ଚଉଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସିକ ଟ ୫ ୯ ଜମା ଦେଲେ—ବ ୪ର୍ଥ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।

## 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜୀ ମାସର ତା ୧ ରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୬ମ ବର୍ଷଠାରୁ 'ଡଗର'ର ପରିବର୍ତ୍ତିତ ମୂଲ୍ୟ ଡାକରେ ବାର୍ଷିକ ଟ ୩ ୴ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କଠାରୁ ଖଣ୍ଡିଏ 'ଡଗର' ଦୁଇଅଣା ଦେଇ ପାଇପାରିବେ ।

୪ । 'ଡଗର' ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ, 'ଡଗର' ପୋଃ ଭଦ୍ରକ ( B. N: R. )"ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକଟିକଟ ନ ଥିଲେ କବିତା, ପ୍ରବନ୍ଧ ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

ସମ୍ପାଦକ;—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର** ପରିଚାଳନା ସମ୍ପାଦକ ;—**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

# ହୁକା ହୁକା ହୁଆ

## ( ବିଲୁଆ ବିଗ୍ରହ )

କାଗଜ ଅଭାବରୁ ଯୁଗ୍ମ ସଂଖ୍ୟା ପ୍ରକାଶ କରିବାକୁ ବାଧ୍ୟ ହେଲୁଁ । ବାଲେଶ୍ୱର ଜିଲ୍ଲାକୁ ୧୯୪୮ ସାଲପାଇଁ ୨୪ ଟନ କାଗଜ ମିଳିବାର କଥା – କିନ୍ତୁ ମିଳିଛି ୬ ଟନ । ଆମ ଭାଗ ପଡ଼ିଛି ଦଶ ରିମ । ଯୋଗାଣ ବିଭାଗ କର୍ତ୍ତାମାନଙ୍କ ପାଖରେ ହାରି ଗୁହାରି ଲଗାଇଛୁ । ଆଶାକରୁଁ ସୁଫଳ ଫଳିବ । କଲିକତାରୁ ଟେଲିଗ୍ରାଫ୍ ଯୋଗେ ୨ ରିମ ୪ ରିମ ଏମିତି କାଗଜ ଯାହା ମିଳୁଥିଲା ତାହା ବନ୍ଦ, ବଙ୍ଗ ସରକାରଙ୍କ ଦୟାରୁ । ଏହିସବୁ ଅସୁବିଧାର ସମ୍ମୁଖୀନ ହୋଇ "ଉତ୍କଳର" ଯୁଗ୍ମ ସଂଖ୍ୟା ବାଧ୍ୟ ହୋଇ ପ୍ରକାଶ କଲୁଁ ।

ନିଖିଳ ଭାରତ ଗଣସମ୍ମିଳନୀ କଲିକତାରେ ହୋଇଗଲା । ଗଣତନ୍ତ୍ରର ଯେଉଁ ପାଞ୍ଚଟା ଲୁହିଆ ଅଭିଳାଷ ବନି ଚଢ଼ିଥିଲା ଏ ସମ୍ମିଳନୀରେ ସେଇ କର୍ମନିଷ୍ଠ ଦଳଙ୍କର ବାହସାଷ୍ଟ ହୋଇଥିଲା । ଯେଉଁମାନେ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମକୁ ପଞ୍ଚମ ବାହିନୀର ଅପକର୍ମ ବୋଲି ଚିଲ୍ଲେଇ ଚିଲ୍ଲେଇ କରୁଥିଲେ, ଅଉ କଂଗ୍ରେସର ଅନୁପସ୍ଥିତିରେ ସରକାରଙ୍କ ପାଖିଁ ପାଇ ଦେଶରେ ଚେଚେଇଲ ଉଠୁଥିଲେ, ଗାନ୍ଧିଜୀଙ୍କ ଗଳାସପରେ ସେମାନେ ଏଇ ଲଢ଼ିଙ୍କ ଛବିଛାୟା ତଳେ ଛାତବଙ୍କ ଭଳି ଅଶ୍ରୁ ଢେଳି ଥିଲେ । କିନ୍ତୁ ଗତ ସମ୍ମିଳନୀରେ ଲଢ଼ମାନେ ଏ ଯୁଦ୍ଧକୁ ଗଣଯୁଦ୍ଧ ନୁହେଁ ବୋଲି ଘୋଷଣା କରିଦେବା ଫଳରେ କୋଳ ମୁଣ୍ଡରେ ଲୁଣ ଦେଲା ପରି ମୁଣ୍ଡ ମୋଡ଼ି ରହିଛନ୍ତି । ଏଥର ମାର୍କ୍ସଏଲ ପାଖରେ କି ଝଟପଟ ଦେବେ ?

× + ×

ଗୋଟାଏ ପୁରୁଣା କଥା ଅଛି—"ଛନ୍ଦରେ ଯାଇ ଓଡ଼ିଆ ଘର ଗଲା ।" ମଧୁବାବୁଙ୍କ ପ୍ରତିଷ୍ଠିତ ଓଡ଼ିଆର ଏକମାତ୍ର ଓ ସର୍ବ ପ୍ରଧାନ ଜାତୀୟ ମେଳା "ଉତ୍କଳ ସମ୍ମିଳନୀ" ଅନେକ ବେଳରେ ବର୍ଷ ହେଲା ବନ୍ଦ ହୋଇଯାଇ ଥିଲା । ବହ୍ମପୁରର କେତେକ ଦେଶହିତୈଷୀଙ୍କ ଉଦ୍ୟମରେ ତାର ୩୪ଶ ଅଧିବେଶନ ସେହିଠାରେ ହୋଇ ଯାଇଛି । ତୁଳନା ପେଦ ଘଟନାର ଅଭିବାକୁ ନୂଆ ବର୍ଷ ସମ୍ମୁଖ ବ୍ୟକ୍ତିମାନଙ୍କର ଚେଷ୍ଟା ବଳିଲା ବୋଲି ଆମର ବିଶ୍ୱାସ । ଯାହା ହେଉ ମୃତ ଉତ୍କଳ ସମ୍ମିଳନୀକୁ ଯେଉଁମାନେ ପୁନର୍ଜୀବନ ଦାନ କଲେ ସେମାନଙ୍କଠାରେ ଓଡ଼ିଆ ଜାତି ଋଣୀ ରହିଲା ।

+ × +

ବିଚ୍ଛିନ୍ନ ଉତ୍କଳର ଏକୀକରଣର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଉତ୍କଳର ଭାଷା, କୃଷ୍ଟି, ସଭ୍ୟତା, ଓ ସାମାଜିକ ଐକ୍ୟର ସଂରକ୍ଷଣ ଓ ସମୃଦ୍ଧି ନିମନ୍ତେ ଏହି ଉତ୍କଳସମ୍ମିଳନୀର ଜନ୍ମ । ଏଥିରେ ପ୍ରକାଶ୍ୟ ରାଜନୀତି ନଥିଲା ବୋଲି ଗଡ଼ଜାତ ରଜା, ମୋଗଲବନ୍ଦୀ ଜମିଦାର, ଉପାଧିଧାରୀ, ସରକାରୀ ଅଫିସର ପ୍ରଭୃତି ସମସ୍ତେ ଯୋଗ ଦେଉଥିଲେ । ପରେ ଯେଉଁ ଦିନ ଠାରୁ ଏଥିରେ ଉଗ୍ର ରାଜନୀତି ପଶିଲା, ସେମାନେ ଅଲଗା ହୋଇଗଲେ ଓ କ୍ରମେ ସମ୍ମିଳନୀର ଅସ୍ତି ଶେଷ ହୋଇଗଲା । ସେହି ଗନ୍ଧ ରହି ଯାଇଛି ବୋଲି ଏବେମଧ୍ୟ ଅନେକ ଏଥିରେ ଯୋଗଦେଇ ପାରୁ ନାହାନ୍ତି । ଯାହାକୁ ଡାହାଣୀ ଲାଗିଥାଏ ତାକୁ ତ ଦିନ ଦ୍ୱିପହରେ ଭୂତ ଦିଶେ ।

+ × +

ଯୁଦ୍ଧ ଦିନ ବଳି ଚୀନର ଅବସ୍ଥା ଦାରୁଣ୍ୟ ହେଉଛି । ଶତ୍ରୁ ଘରଅଗଣାରେ ପଶିଛନ୍ତି । ଦେଶର ଖାଦ୍ୟ ସ୍ଥିତି ଶୋଚନୀୟ ହେଲାଣି । ଏଥିରେ ସୁନା ଯୋଗାଡ଼ର ମାଲିକ ମାନଙ୍କ ବାଣିଜ୍ୟିକ ଜବାବ ଦେଉଛନ୍ତି କି—"ଯୁଦ୍ଧ ନସରୁ ସରୁ ପଛରେ, ଅବସ୍ଥା ନିଜେ ମୁଦ୍ରଣରା ମାଲିକ ଶାସନ କ୍ଷମତା ଲୋକ ପ୍ରତିନିଧିମାନଙ୍କ ହାତରେ ଛାଡ଼ ଦିଆ ହେବ ।"

Digitized by srujanika@gmail.com

କିନ୍ତୁ ଆମ ମାଲିକମାନେ ବରାବର ଯୁଦ୍ଧର ଦୁହାଇ ଦେଇ ଭାରତରେ ଗଣଶାସନ ବନ୍ଦ କରି ରଖିଛନ୍ତି ଓ ଯୁଦ୍ଧ ନ ସରିଲେ ଏହା ବନ୍ଦ ହେବନାହିଁ ବୋଲି ସଫା ସଫା କହି ଦେଇଛନ୍ତି । ଏଥିରୁ ଜଣା ପଡ଼ୁଛି ଯେପରି ଯୁଦ୍ଧଟା ଚୀନ ଠାରୁ ଭାରତରେ ଅଧିକ ଘମାଘୋଟିଆ ହୋଇ ଲାଗିଛି— ତାହା ନୋହିଲେ କର୍ତ୍ତାମାନଙ୍କୁ ଫୁରସତ ନ ମିଳନ୍ତା କିମିତି ?

\+ × + ×

ଅନେକେ ଅନୁମାନ କରୁଛନ୍ତି କି କଂଗ୍ରେସ ନେତା ଶ୍ରୀ ଭୁଲାଭାଇ ଦେଶାଇ ବଡ଼ଲାଟଙ୍କ ସଙ୍ଗେ ସାକ୍ଷାତ କରି ଜେଲରେ ଥିବା ବଡ଼ ବଡ଼ ନେତାଙ୍କ ସହିତ ସାକ୍ଷାତ କରିବା ଖବର ଭିତରେ କିଛି ଗୋଟାଏ ରହସ୍ୟ ଅଛି । ସମ୍ଭବତଃ ଶୀଘ୍ର ବଡ଼ ନେତାମାନେ ଖଲାସ ହୋଇଯିବେ ଓ ସରକାର ଓ କଂଗ୍ରେସ ମଧ୍ୟରେ ଗୋଟାଏ ମିଳାମିଶା ହୋଇଯିବ ।

ବର୍ଷ ବର୍ଷ ଧରି ଏହିପରି ଅନୁମାନ, କଳ୍ପନା ଉପରେ ନିର୍ଭର କରି କରି ଲୋକଙ୍କ ବିଶ୍ୱାସ ତ ପାଣି ପାଚି ଗଲାଣି । ତଥାପି ଆମକୁ ବିଶ୍ୱାସ କରି ଯାଇ ରହିବାକୁ ହେବ— କାରଣ ତାହା ଛଡ଼ା ଆମର ଉପାୟନ୍ତର ନାହିଁ । ବଡ଼ଲାଟ ବଡ଼ଦିନ ବକ୍ତୃତାରେ ଏହି ବିଶ୍ୱାସ ଘରକୁ ଟାଳି ଦେଇଛନ୍ତି ।

× + ×

ଭୂତ କଂଗ୍ରେସ ନେତା ଓ ମଧ୍ୟ ପ୍ରଦେଶର ପାଟମନ୍ତ୍ରୀ ଖାରେଙ୍କ ସାହେବ—ଯେକି ବର୍ତ୍ତମାନ ଭାରତ ସରକାରଙ୍କ ଉପନିବେଶ ମନ୍ତ୍ରୀ ହୋଇଛନ୍ତି—ଏବେ ଗୋଟିଏ ବଡ଼ ମଜାର କଥା କହିଛନ୍ତି । ସେ କହିଛନ୍ତି କି— "କଂଗ୍ରେସ ଶାସନ ଚଳାଇବା ପାଇଁ ମାଗିବାମାତ୍ରେ ମୁଁ ମୋର ଗଦିର ଛାଡ଼ି କଂଗ୍ରେସକୁ ବାଟ ଛାଡ଼ି ଦେବି । କାରଣ ମୁଁ ବି ମନ ପ୍ରାଣରେ ଜଣେ କଂଗ୍ରେସ ବାଲା ।"

ଏ ଭଳି କଥା ଆଉ ସବୁ ଲୋକଙ୍କୁ ନୂଆ ଲାଗୁଥିବ—ମାତ୍ର ଆମ ଓଡ଼ିଆଙ୍କ ପକ୍ଷେ ଅତି ପୁରୁଣା ଚାଲି । ଆମ ଓଡ଼ିଶା ପଣ୍ଡିତ ମନ୍ତ୍ରୀ ଥରେ ଠିକ ଏହି କଥା କହିଥିଲେ । ଖାରେ ସାହେବଙ୍କର ଏହିଟା ଚର୍ବିତ ଚର୍ବଣ ମାତ୍ର ।

\+ + +

ଆଜିକାଲି ସରକାର ଯେପରି ବେପରୁଆ ଭାବରେ ଅଟକ ବନ୍ଦୀଙ୍କୁ ଖଲାସ କରି ଦେଉଛନ୍ତି, ସେଥିରୁ ଜଣା ଯାଉଛି ସରକାର ଆଉ କଂଗ୍ରେସିଙ୍କୁ ଭୟ କରୁ ନାହାନ୍ତି । ହୁଏତ ଇତି ମଧ୍ୟରେ ସରକାରଙ୍କ ଶକ୍ତି ଏତେ ବଢ଼ି ଯାଇଛି ଯେ ନଉଟୁଣା କଂଗ୍ରେସ ଲୋକେ ତାଙ୍କର କିଛି ଅନିଷ୍ଟ କରି ପାରିବେ ନାହିଁ ବୋଲି ସରକାରଙ୍କର ବିଶ୍ୱାସ—କିମ୍ବା ଅଟକ ବନ୍ଦୀମାନେ ଜେଲ ଡାଲିଭାତ ଖାଇ ଖାଇ ଏପରି ମୁସ୍ତି, ଅଲସୁଆ ଓ ନାମର୍ଦ୍ଦା ପାଲଟି ଗଲେଣି ଯେ ସେମାନେ ସରକାରଙ୍କର କିଛି କରି ପାରିବେ ନାହିଁ ବୋଲି ସରକାର ଜାଣି ନେଲେଣି । ଯାହା ହୋଇଥାଉ, ସରକାରଙ୍କର ଏ ବିଷୟର ଦ୍ୱାରା ଅନେକଙ୍କ ଛାତି ଦକ ଦକ ଦୁଣା ହୋଇଗଲେ ମଧ୍ୟ ଆମର ଡର ହେଉଛି କାଳେ ଦେଶର ଅନ୍ନ ସମସ୍ୟା ବଢ଼ି ପାରିବ । କାରଣ ଏମାନେ ମାମୁଁଘର ପୋଲା ଭାତ ଖାଉ ଏବେ ତ ବୋପା ମା'ଙ୍କ ଅନ୍ନ ଧ୍ୱଂସ କରିବେ ।

\+ × +

ଲୋକଙ୍କର ସବୁଠାରୁ ବଡ଼ ଚିନ୍ତା—ଯୁଦ୍ଧ କେବେ ସରିବ । ଯୁଦ୍ଧ ହେବାରୁ ଯେ ଅଭାବରେ ଘାଣ୍ଟି ହେଉଛି, ସେ ଠାକୁରଙ୍କୁ ଡାକୁଛି—ଯୁଦ୍ଧ କେବେ ସରିବ । ଯୁଦ୍ଧ ଯାହାକୁ ଲାଭ ଉଠାଇ ବଡ଼ଲୋକ କରି ଦେଉଛି, ସେ ବି ଆତଙ୍କରେ କହୁଛି—ଯୁଦ୍ଧ କେବେ ସରିବ !

ଏ ପକ୍ଷର ଚର୍ଚ୍ଚାକାର ଚର୍ଚ୍ଚିଲ କହିଛନ୍ତି କି ଏଣୁ ୧୯୪୫ ଯେ ଆସି ପ୍ରବେଶ ହେଲା, ଏଥି ଭିତରେ ମିତ୍ର ପକ୍ଷର ଜୟ ହୋଇ ଯୁଦ୍ଧ ସରିବ । ପୁଣି ଅରି ପକ୍ଷର ଦାଲଦାର ହିଟଲର କହିଛନ୍ତି—ଯଦି ଆମର ଜୟ ହୁଏ ତେବେ ୧୯୪୫, ନୋହିଲେ ୧୯୪୭ରେ ଯୁଦ୍ଧ ସରିବ ।

ହିଟଲରଙ୍କ କଥାରୁ ବୁଝା ଯାଉଛି ଯେ ତାଙ୍କର ଜିତାପଟ ହେବାରେ ସନ୍ଦେହ ହେଲାଣି ଓ ସେ କୌଣସି ପ୍ରକାରେ ଚର୍ଚ୍ଚିଲଙ୍କୁ ମିଛୁଆ କରି ଦେବା ପାଇଁ ଯୁଦ୍ଧଟାକୁ ୧୯୪୭ ଯାଏ ଠେଲି ନେବେ ଓ ସେତେବେଳେ ହାରି ଅଟଣାର ଜବାବ ରକ୍ଷା କରିବେ ।

ଏଣୁ ମିତ୍ର ପକ୍ଷର ଉଚିତ ହେଉଛି ୧୯୪୭ ଯାଏ ସମ୍ଭାଳି ହୋଇ ରହି ଯିବା । ତାହାହେଲେ ହିଟଲର ଅପଣାର କଥା ରଖିବା ପାଇଁ ଅଟେ ଅଟେ ହାରିବେ ।

\+ × +

Digitized by srujanika@gmail.com

# "ଅହେଗୋ, ଦୀର୍ଘ ଈ"

—ଶ୍ରୀ ଦେବ ମହାପାତ୍ର

କାହାଣୀ ଯୁଗର କଥା—ଗୁରୁ ସଙ୍ଗାତ ଶିକାରକୁ ଯାଉଛନ୍ତି। ରାତିରେ ଜଙ୍ଗଲରେ ପହରା ଦେଲେ। ପ୍ରଥମ ପହରରେ ସାଧବ ପୁଅ ଥିଲା ଫୁଲ ମନୁଷ୍ୟ ହାଡ଼ଗୁଡ଼ାଏ ଖଞ୍ଜି ଦେଲେ ଏମିତି। ଦ୍ୱିତୀୟ ପହରରେ କୋଟୁଆଳ ପୁଅ ହାଡ଼ଗୁଡ଼ାକ ପୂର୍ଣ୍ଣ ମନୁଷ୍ୟର ରକ୍ତ ମାଂସ ଲଗେଇ ଦେଲେ ସେଥିରେ। ତା ପରେ ମନ୍ତ୍ରୀ ପୁଅ ଚମ ଲଗେଇଲେ ଆଉ ଶେଷରେ ରାଜାପୁଅ ଜୀବନଦାନ କରି ଦେଖନ୍ତି ଯେ ଗୋଟିଏ ଅପୂର୍ବ ସୁନ୍ଦରୀ କନ୍ୟା, ଆଃ, ତାଙ୍କ ଖୁସି କହିଲେ ନସରେ !!

ଆମର ଏ ଯୁଗରେ ସେହି ରୀତିରେ ଗୋଟିଏ ସୁନ୍ଦରୀ ସୃଷ୍ଟି ଗଢ଼ା ଯାଉଛି, ତା ନାଆଁ "ଗାୟତ୍ରୀ"। ଆପଣ "ଗାୟତ୍ରୀ"କୁ ଜାଣନ୍ତି ? ନିଶ୍ଚୟ ଜାଣିଥିବେ। ଆମର ଓଡ଼ିଆ ଭାଷାର ଏକାଳର ସବୁଠୁ ବଡ଼ ଆଉ ବଢ଼ିଆ ନଭେଲ ହେଲା "ଗାୟତ୍ରୀ"। ଆମର ଏ ଯୁଗର ସବୁ ବଡ଼ ବଡ଼ ସାହିତ୍ୟିକ ସାହିତ୍ୟିକାମାନେ କଡ଼ିଟି ଗୁନ୍ଥା କରି ଲେଖିଛନ୍ତି—ଫଳତଃ ଜିନିଷଟି ଖୁବ୍ ଭଲ ହୋଇଛି।

ଉପନ୍ୟାସରେ ଅନେକ ନୂଆ କଥା ରହିଛି—ଏମିତି ଗୋଟାଏ ଗୋଟାଏ କଥା ଅଛି ପଢ଼ିଲେ ଖାଲି "ୟଃ" କରିବ ଆଉ ମନ କହି ଉଠିବ "ଅହା, କି ସୁନ୍ଦର"। ମୁଁ ଗୋଟାଏ ତାହାରି ଉଦାହରଣ ଦେଉଛି। ଆପଣ ପଢ଼ିଥିବେ ଶେଷ ଆଡ଼କୁ ଗୋଟାଏ ଥାନରେ ନାୟିକା ତାଙ୍କ ସାଥୀଙ୍କି କହୁଚନ୍ତି "ହଇହେ "ଅ"—" ସାଥୀ କହୁଚନ୍ତି "ହଇହେ "ଅ"।" ସେମାନେ ନାଆଁ ଧରି ଧରି ହୋଇ ତାଙ୍କୁ ନାହାନ୍ତି "ଅ" "ଅ" ବୋଲି ସ୍ୱରବର୍ଣ୍ଣରେ ଡକା ଡକି ହଉଚନ୍ତି। ମୁଁ ପଚାରୁଚି ଆଉ ଅଧିକ ସୁନ୍ଦର କଣ ହୋଇ ପାରେ ! ଆମେ ଜାଣିବାରେ, ଯୋଉଠି ରକ୍ତ ସମ୍ବନ୍ଧ ଥାଏନି କିନ୍ତୁ ମାଇପେ ବନ୍ଧୁତା ସ୍ଥାପନ କରିବାକୁ ଚାହାନ୍ତି ସେମାନେ ମହାପ୍ରସାଦ ତୁଳସୀ ପ୍ରଭୃତି ସାକ୍ଷୀ ରଖି "ମହାପ୍ରସାଦ" "ତୁଳସୀ" ପ୍ରଭୃତି ଡାକନ୍ତି। ସେମିତି ଆପଣା ଆପଣା ଭିତରେ ଫୁଲ, ବଉଳ, ମକର, ଗୋଲାପ, ଓପଳା, ଅରଡ଼ା ଚନ୍ଦ, ସଙ୍ଗାତ, ଗଙ୍ଗାଜଳ, ପ୍ରଭୃତି ବସିବା ଆମେ ଶୁଣିଚେ କିନ୍ତୁ "ଅ" "ଅ" ଖୁବ୍ ନୂଆ କଥା ନୁହେଁକି ?

ଆପଣ କହି ପାରନ୍ତି ଯେ ଏଥିରେ ନୂଆ କଥା କଣ ରହିଲା, ଆମର ଅଙ୍କ ଶାସ୍ତ୍ରରେ ଏପରି ନାଆଁର ଉଲ୍ଲେଖ ତ କେତେ ପୂର୍ବରୁ ରହିଛି ଯଥା—"'କ' ଓ 'ଖ' ଦୁହେଁ ୨୪ ଦିନରେ ଯେତେ ବେତନ ପାଆନ୍ତି 'କ' ଏକା ୪୦ ଦିନରେ ତାହା ପାଏ, ତାହାହେଲେ 'ଖ' କେତେ ଦିନରେ ସେହି ବେତନ ପାଇବ ?" କିମ୍ବା 'କ' ପାଖରେ ୫ଟି ଲେମ୍ବୁ ଖ ପାଖରେ କ ଅପେକ୍ଷା ୫ଟି ଅଧିକ ଓ ଗ ପାଖରେ କେବଳ ୧୦ଟି ଲେମ୍ବୁ ଅଛି ତେବେ ସେମାନଙ୍କ ପାଖରେ ମୋଟ କେତେ ଲେମ୍ବୁ ଅଛି ?" ଇତ୍ୟାଦି ଇତ୍ୟାଦି।

ମୁଁ ମାନୁଚି ଆପଣ ଯାହା କହୁଛନ୍ତି ଠିକ୍, କିନ୍ତୁ ଶାସ୍ତ୍ର କଥା ଅଲଗାକି କେତେଜଣ ମାନୁଚନ୍ତି କହନ୍ତୁ ? ଶାସ୍ତ୍ରରେ ଏପରି ନାଆଁର ଉଲ୍ଲେଖ ଥିଲେ ସୁଦ୍ଧା ଆମେ ପିଲାମାନଙ୍କର ନାଆଁ ରାମ, ଗୋବିନ୍ଦ, ବନମାଳୀ ପ୍ରଭୃତି ଦେଉ, ଖାଲି ସ୍ୱର ଅକ୍ଷରର ନାଆଁ ଦେଉନୁ ଏବଂ ଅକ୍ଷରର ନାଆଁ ପୁସ୍ତକଗତ ବିଦ୍ୟା ପରି କେବଳ ପୁସ୍ତକରେ ରହିଛି କିନ୍ତୁ ଏ ଯୁଗରେ ଏବେ ଅକ୍ଷରର ନାଆଁ ଯେ କେତେ ଅବଶ୍ୟକ ତାହା

Digitized by srujanika@gmail.com

ସାଧାରଣ ଲୋକେ ବୁଝି ନାହାନ୍ତି ଏପର୍ଯ୍ୟନ୍ତ । ସାଧାରଣ ଲୋକେ ବୁଝନ୍ତୁ ଏଥିପାଇଁ ବାସନ୍ତୀ କହିଲେ ଇଙ୍ଗିତ ଦିଆ ଯାଇଛି ।

ଆପଣା ଭିତରେ 'ଅ' 'ଅ' ଚରିତ୍ରଦ୍ୱାରା ଲେଖକ ଯେ କେତେକ ଗମ୍ଭୀର କଥାର ସୂଚନା ଦେଇଛନ୍ତି ତାହା ବୁଝିବା ଲୋକ ଯିଏ ସିଏ ବୁଝିବ । ନାଆଁ ସଂକ୍ଷେପ କରିବା ହେଲା ଏ ଯୁଗର ଷ୍ଟାଇଲ ଯୋଉଟାକୁ କହନ୍ତି ପ୍ରଗତି । ଉଦାହରଣ ସ୍ୱରୂପ ରବୀନ୍ଦ୍ର ନାଥ ଠାକୁର ଯେମିତି "ରବି ଠାକୁର" ହୋଇଛନ୍ତି, ଲକ୍ଷ୍ମୀକାନ୍ତ ମହାପାତ୍ର "ଯେମିତି ଲ: ମ:" ହୋଇଛନ୍ତି, ସଚ୍ଚିଦାନନ୍ଦ ରାଉତରାୟ ଯେମିତି "ସଚ୍ଚି ରାଉତ" ହୋଇଛନ୍ତି । ତଦ୍ୱାରା ନାଆଁଟା ଚଟ୍ କରି ଲେଖା ଯାଇ ପାରିବ, ଚଟ୍ କରି କୁହାଯାଇ ପାରିବ, ଚଟ୍ କରି ମନେରଖା ଯାଇ ପାରିବ—ଟାଇମ୍ ଇକନମି ସାରିବାରେ ହେଉଛି ପ୍ରଗତି । ତା ଛଡ଼ା ନାଆଁ ଗୁଡ଼ାକ ଯେତେ ସାନ ହେବ ସେତେ ମିଠା —ଅନ୍ୟ ମାନଙ୍କ କାନକୁ ନ ଲାଗେ ପରି ନିଜ କାନକୁ ମଧୁର । ବାପ ମା'ଆମାନେ ନାଆଁଟାକୁ କେତେ ଲମ୍ବା କରି ଦେଇଥିଲେ, ପିଲା ଏତେ ନାଆଁଟାକୁ ଘୋଷାରି ଘୋଷାରି ଅଣାଏତ ହୋଇ ପଡ଼ିବାରୁ ଏବିଦ କାଟି କୁଟି ସଂକ୍ଷିପ୍ତ କରି କହନ୍ତି—ତା ନାଆଁ ପ୍ରଗତି । ପ୍ରଗତି ଦ୍ୱାରା ପାଞ୍ଚ ଅକ୍ଷରର ନାଆଁ ଦୁଇ ଅକ୍ଷରର ହେଲା, ସେଥିରୁ ତିନ ଅକ୍ଷର ତା ପରେ ହେବା ଅକ୍ଷର କଟି (ଅକ ଶାୟ ବାହାରେ) ଏକ ଅକ୍ଷରର ବ୍ୟବହାର ନଥିଲା । ବାସନ୍ତୀରେ ଲେଖକ ଅନ୍ତର ପାଦେ ଆଗେଇ ଯାଇ ଏକ ଅକ୍ଷର ନାଆଁ ପ୍ରଚଳନ କରିଛନ୍ତି—'ଅ' ଆଉ 'ଅ' । ତାର ଅର୍ଥ ପ୍ରଗତିର ଚରମ ସୀମାରେ ପହଞ୍ଚିଛନ୍ତି । ତା ଠାରୁ ଅଧିକ ଆଗେଇ ହୋଇ ପାରିବନି କାରଣ ତା ହେଲେ ଅକ୍ଷର ବିଲ୍କୁଲ ଶୂନ୍ୟ କରି ଦେଇ ଦେଇ କରିବାକୁ ପଡ଼ିବ । ନାମ ସଂକ୍ଷିପ୍ତ କରି ଏକ ଅକ୍ଷରରେ ପ୍ରକାଶ କରିବା ବିଷୟରେ ମୁଁ ଲେଖକଙ୍କ ସହିତ ଏକମତ । ନ ହେବ କାହିଁକି ? ମନେ କରନ୍ତୁ ରାମ, ଗୋବିନ୍ଦ ପ୍ରଭୃତି ଯେତେ ନାଆଁ ଅଛି, ଆମେ ଜାଣିବାରେ ସେଇ ନାଆଁର ଅନେକ ଲୋକଙ୍କର ଅଛି ଏପରିକି ଗୋଟାଏ ଗାଁରେ ସାତଟା 'ରାମ' ପାଞ୍ଚଟା ଗୋବିନ୍ଦ ବାହାରି ପାରନ୍ତି । ଲେଖକଙ୍କର ଉଦ୍ଦେଶ୍ୟ ହେଉଛି ନାଆଁଟା 'ରାମ' କାହିଁକି ଦିଆଯିବ 'ଅ' କାହିଁକି ଦିଆ ନହେବ ? 'ରାମ' କହିଲେ ଯେମିତି ତାର ସାଙ୍ଗ ଭାଇ ରାମମାନେ ତାକୁ ଚାହିଁବେ, 'ଅ' କହିଲେ ସେମିତି ଚାହିଁବେ, ସେଇଥିପାଇଁ ଅକ୍ଷର ଗୁଡ଼ାକ ବଢ଼ାଇବା ଅନାବଶ୍ୟକ । ତେବେ ସେଥିରେ ଯଦି ଅସୁବିଧା ହୁଏ ତେବେ ବଳଦରେ ଯେମିତି ପ୍ରଥମ ହେନ୍ଦଲ, ଦ୍ୱିତୀୟ ହେନ୍ଦଲ ହୋଇ ରଜାଙ୍କ ନାଆଁ ପଡ଼ୁଛି ସେମିତି ପ୍ରଥମ 'ଅ' ଦ୍ୱିତୀୟ 'ଅ' ପ୍ରଭୃତି କରିଦେଲେ ଚଳିବ । ମୋର ମନେ ହେଉଛି ଆମେ ଯେମିତି ପ୍ରଗତି କରି ଚାଲିଛୁ ଏକ ଅକ୍ଷରର ନାଆଁ ହେବା ପାଇଁ ଆଉ ବେଶୀ ଡେରି ନାହିଁ । ଦଶ ବର୍ଷ ଭିତରେ ଲୋକେ ତାର ପ୍ରୟୋଜନତା ଉପଲବ୍ଧି କରି ପାରିବେ । ଏବଂ ପରବର୍ତ୍ତୀ ଗଳ୍ପ ହୋଇଯିବ—ଆମେ ବର୍ତ୍ତମାନ ଆଶା, ଉଷା, ରମା, ଶୋଭା, କହିଲେ ଯେଉଁ ଝିଅମାନଙ୍କୁ ବୁଝୁଁ ସେତେବେଳେ ଅ, ଉ ର, ଶୋ କହିଲେ ସେମାନଙ୍କୁ ବୁଝିବା ସେଇପରି ପୁରୁଷମାନଙ୍କ ଭିତରେ ମଧୁ, ଯଦୁ, ଶ୍ୟାମ ଗୋବିନ୍ଦଙ୍କୁ 'ମ' 'ଯ' 'ଶ୍ୟା' 'ଗୋ' କହିଲେ ବୁଝିବା । ତେବେ ସେତେବେଳେ ସମ୍ଭବତଃ ସ୍ତ୍ରୀ ଲୋକଙ୍କର ନାଆଁ କୋମଳ ରଖିବା ଉଦ୍ଦେଶ୍ୟରେ ସ୍ୱରବର୍ଣ୍ଣରୁ ଦିଆଯିବ—ଅ, ଆ, ଇ, ଈ ପ୍ରଭୃତି ଓ ପୁରୁଷମାନଙ୍କ ନାଆଁ ବ୍ୟଞ୍ଜନ ବର୍ଣ୍ଣରୁ । ପୂର୍ବରୁ ବଶିଷ୍ଠ, ଭରଦ୍ୱାଜ, କଶ୍ୟପ ପ୍ରଭୃତିଙ୍କ ବଂଶାବଳୀ ପରି କ, ଖ, ଗ, ଘ ଗୋଟିଏ ଗୋଟିଏ ଗୋଷ୍ଠୀ ହେବ । 'କ' ସହିତ ଯଦି 'ଅ'ର ବିବାହ ହୁଏ ତେବେ ତାଙ୍କ ପୁଅ ନାଆଁ ହେବ 'କ' ଝିଅ ନାଆଁ 'କା ଖା 'ଙ' । ଗୁରୁ, ଲଘୁ, କର୍କଶ କୋମଳ, ଦୃଷ୍ଟିରେ ଅକ୍ଷରର ଭାଗ ନିରୂପିତ ହେବ ଏବଂ ସେଇ ଅନୁସାରେ ନାମ କରଣ ହେବ । ( ଏ ବିଷୟରେ ମୁଁ ସମାଜର କର୍ତ୍ତା, ସମାଜର ଅଭିଜ୍ଞ କାନୁନ୍ ପ୍ରଣୟନକାରୀଙ୍କର ଦୃଷ୍ଟି ଆକର୍ଷଣ କରୁଛି ସେମାନେ ଯେପରି ଉଚିତ ଭାବରେ ଠିକ୍ କରନ୍ତୁ )

ହଁ, ସେତେବେଳେ 'କ' 'ଚ' 'ଟ' 'ତ' 'ପ' ପ୍ରଭୃତି ଟୋକାମାନେ ଝିଅଙ୍କର 'ଈ' 'ଋ' 'ଌ' 'ଲ' ଭଳିଆ କଅଁଳିଆ ନାଆଁ ଶୁଣିଲେ କେତେଭଳି ପଡ଼ୁଥିବେ— ହେବ୍ ତୁମ ହେଉଛି କହିବେ "'ଈ' ଅଃ କି ମିଠା ନାଆଁଟିଏ !" ସେତେବେଳକର ସାମାଜିକ ଚିତ୍ରରୁ ମୁଁ କିଛିଏ ଆଭାସ ଦେଉଛି—

'ଥ' ଟୁଲ ଉପରେ ବସି ପିଠା କରୁଛି । 'ଅ' 'ଇ' ର ମୁଣ୍ଡ ଖେଳ ଦେଉଛି । 'ବ'ଟା ଭାରି ଘଉଡ଼ିଆ ଟୋକା । ବିଲେଇ ପାଣି ନେଇ 'ଅ' ଉପରକୁ ଛାଟିଲା । 'ଅ' କହିଲା

Digitized by srujanika@gmail.com

'ହେ ଅ, କହୁଛି ହବଏ 'କ' ଙ୍କ ମତେ ଭୟ ଲାଗୁଛି'' । 'ଥ' କହିଲା ଆଇଥା ମୁଁ 'ଠିଆ' ଲେଖିବାକୁ ଦେଇ ଯାଉଛି' ଏତିକି ବେଳେ ଦାଣ୍ଡରୁ ଡାକ ଶୁଭିଲା ''ହେ, 'ଅ' 'ଆ' 'ଇ' ଙ୍କ ଅଟେଣ୍ଡ ଗଲାନ, କବାଟ ଫିଟାଅ'' । ''ଆ'' କହିଲା ଦେ 'ଇ' ଗଲୁ ଦେଖିଲୁ ଦାଣ୍ଡରେ କଏ ଅଛି । 'ଇ' ଯାଉ ପଡ଼ ହୋଇ ବାହାରିଗଲା କବାଟ ଫିଟେଇ ଦବାକୁ କବାଟ ଫିଟେଇ ସ୍ୟାଣ୍ଡ ପାଇଁକଲା ''ଅ, ଲୋ'' ଋ, ୠ, ଏ, ଐ, ଓ, ଔ ଅମ ଘଣ୍ଟା ବୁଲି ଅଛିଚନ୍ତି । 'ଅ' ତାଇଟା ତୁଲିରୁ ଓହ୍ଲାଇ ଦେଇ ଉଠିଥିଲା । 'ଆ' ତେଲ ହାତଟା ଧୋଇ ପକେଇଲା । 'ଇ' ସତରଞ୍ଜି ପାରିଦେଲା । 'ଅ' କହିଲା ''ଅପୂର୍ବ ବଳ'' ଅଇ ସମସ୍ତଙ୍କୁ ପରସ୍ପ କୁଶଳ ପଚାରିଲେ । ସବୁ ମାଇପେ ବସିଲେ ''ଅ'' ପାନ ଭାଙ୍ଗି ବସିଲା । ତା ପରେ କଥାରୁ କଥା, ମାଇପିଙ୍କ କଥା ଜାଣନ୍ତି ତ ! ''ଅ'' କହିଲା ''ଏ'' ତ କାହିଁକି ଅମକୁ ଧନେ ହେଲେ ମନେ ପକାଉ ନ ଥିଲେ ।'' 'ଏ' କହିଲେ, ''କେମିତି ଅସିବିଲେ ଝିଅ, ଛୁଆ ପିଲାଙ୍କ ନେଇକରି ଜାଣିନୁ । ଇସ୍କୁଲ ଛୁଟି ଥିଲା ଯେ ଅମ 'ହେ', 'ହୈ', 'ହୋ', 'ହୌ' ସଭିଏଁ ଘରେ ଥିଲେ—ଅଉ ତାଙ୍କ ନାଆଁ ଯେମିତି ଗୁଣ ବି ସେମିତି—ଦିନ ଯାକ ହୋ ହୋ ହୈ ହୈ କରି ଗଳାବଳ କରି ପକାଉଥିଲେ ଅଜ ତାଙ୍କ ଇସ୍କୁଲ ଫିଟିଛି । 'ଙ୍କ' 'ଦ୍ୱ'ଙ୍କ ଏ ବର୍ଷ ବଡ ବଡ ପରୀକ୍ଷା ।

''ଔ'' ସମସ୍ତଙ୍କଠୁ ଭଲ ମନ୍ଦ ବୁଝି ବସିଲା—'ଓ' କୁ ପଚାରିଲା 'ତମ ନୂଆ ପୁଅଟି କେମିତି ହେଉଛି ।'

'ଓ' କହିଲା—''ଅସିବ ବେଳେ ଦେଖିଥି, ମୁଁ ଦାଇ ପାଖରେ ଛାଡ଼ି ଦେଇ ଅସିଛି, ଅମ 'ଶ' 'ଙ'ଙ୍କ ଭଳି ହେଉଛି ।

''ତା' ନାଆଁ କଣ ରଖିଛ ?''

''ତା' ନାଆଁ ''ସ'' ଦବାକୁ ତା ବାପାଙ୍କର ଇଚ୍ଛା ।''

''ତମ ବାବୁଙ୍କ ପସନ୍ଦ ଖୁବ ଭଲ—''ଶ', 'ଷ', 'ସ'—ଖାସା ହେବ ।'' 'ଋ' କହିଲା 'ହଇହେ 'ଅ' ଶୁଣିଚ ଅମ 'ଝ' ର ବାହାଘର ଠିକଣା ହୋଇ ଯାଇଛି । 'ଝ' କହିଲା ''ତୋର ହଉ, ମୋର କାହିଁକି ହବ !''

'ଅ' 'ଆ' 'ଇ' ଏକା ସାଙ୍ଗରେ ପଚାରିଲେ—'କୋଉଠିମ'

''ଋ'' କହିଲା—''ଯ'' ବାବୁଙ୍କ ପୁଅ ଯିଏ କଲେଜରେ ପଢ଼ୁଛି ତାରି ସାଙ୍ଗରେ ।''

''କୋଉ 'ଯ' ବାବୁ ମ ? ଦୀର୍ଘ 'ଈ' ବାବୁ ନା ଅନ୍ତ୍ୟସ୍ଥ 'ଯ' ବାବୁ ? ''ଅନ୍ତ୍ୟସ୍ଥ 'ଯ' ବାବୁ—'ମ' ବାବୁଙ୍କ ଭାଇ । ତା ନାଆଁ କଣଟି ? କଣଟି ଲୋ 'ଝ' ? 'ଯା' ନା ଯାଃ ?''

''ମୁଁ ଜାଣେନ ଯା''

ସମସ୍ତେ ହସି ପକେଇଲେ । ''ଅ'' ପଚାରିଲା ''ଏ'' ତମେ ଗୁଣ୍ଡି ଖାଉଛ ? ଚାଲ ଲୋ 'ଇ' ଘର ଭିତରୁ ଗୁଣ୍ଡି ଡୋଲଟା ନେଇ ଅସିବୁ । 'ଇ' ଉଠିଗଲା ଅଣିବା ପାଇଁ । ଦୁଷ୍ଟ 'ଙ'ଟା ଗୁଅ କାଛରେ 'ଅ' ପିଠିରେ ବେଷ୍ଟିଦେଲା। 'ଅ' କହିଲା ''ଉଃ'

''ଇ'' ପେଇ ପଡି କହିଲା ''ମଲେ କାହିଁକି କି ?''

''କାହିଁବା''—ତା ପରେ ଲାଗିଲା ହସ ।

ଇତ୍ୟାଦି ଇତ୍ୟାଦି ।

ବେଶ ଲାଗୁଛି । କଣ କହୁଛନ୍ତି ? ଚାଲନ୍ତୁ ଅମେ ସେଇ ମୂହୂର୍ତ୍ତରେ ପ୍ରତୀକ୍ଷାରେ ଗୁହଁ ବସିବା ।

—❊—

**କାନ୍ତ-କବିଙ୍କ**

ଅମର ଲେଖନୀ ପ୍ରସୂତ

''ଓମାର ଖୈୟାମ''ର ଅନୁବାଦ

ଓଡ଼ିଆ ସାହିତ୍ୟରେ ଏକ ନୂତନ ଅବଦାନ—

**କେବେ ବାହାରିବ ଚାହିଁ ରହନ୍ତୁ !**

## କଟକର 'ଡଗର' ଏଜେଣ୍ଟ—

କଟକବାସୀ ଛାତ୍ର ମାନେ ସ୍ଥାନୀୟ ଏଜେଣ୍ଟ ''ଷ୍ଟାଣ୍ଡାର୍ଡ ବୁକ୍ ମାର୍ଟ, ବାଲୁବଜାର, କଟକଙ୍କ ଠାରୁ ଏବେ ଏଣିକି ସୁବିଧାରେ 'ଡଗର' ପାଇ ପାରିବେ ।

Digitized by srujanika@gmail.com

# ବାସ୍ତବ ଓ କଳ୍ପନା

ଲେଖକ: କୁମାର ବଂଶୀଧର ଭୂୟାଁ

ସିଏ ଶିକ୍ଷିତା ତରୁଣୀ । ଅଧୁନାବାନ୍ଧ । ସ୍ୱାମୀ ତାର ମାଜିକ୍ । ଦଶଟାରେ ସ୍ୱାମୀ ଅଫିସ ଚାଲିଗଲେ ତା ଆଗରେ ଗୋଟାଏ ଲମ୍ବା ଦ୍ୱିପହର । କଟେଇବା କଥା ଯେ ଏତେ ଗୁଡାଏ ମୁହୂର୍ତ୍ତ । କେତେବେଳେ ସେ ଚିତ୍ରଧର ସମସ୍ତ ମହତ ପଢ଼ି ଯାଏ, ନଚେତ୍ ଅଳସ ଦେହଟାକୁ କୋମଳ ଶଯ୍ୟା ଉପରେ ଫିଙ୍ଗିଦେଇ ଆଖିବୁଜି ଦିଏ ସମସ୍ତ ନିର୍ଲିପ୍ତତାରେ ବିବ୍ରତ ହୋଇ । ମୁହୂର୍ତ୍ତ ଗୁଡ଼ାକ ବୁଦ୍‌ବୁଦ ପରି ଶୂନ୍ୟତାରେ ମିଳାଇ ଯାଏ ତାର ଅଲକ୍ଷରେ । ସିଏ ସେତେବେଳେ ଥାଏ ଠିକ୍ ପୃଥିବୀ ଓ ଆକାଶର ମଧ୍ୟସ୍ଥ ସ୍ଥଳରେ ·

ଆଜି ବି ସ୍ୱାମୀ ତାର ଅଫିସ ଚାଲିଗଲା ପରେ ସେ ଆଖି ମେଲାଇ ଧରିଲା । ଫୁଲଦାନୀରୁ ଗୋଲାପଟିଏ ଆଣି ଏକା ନିଶ୍ୱାସରେ ତା ଦେହ ଗୁଡ଼ାକ ପିଇଦେଲା । ତା ସ୍ନାୟୁତନ୍ତ୍ରୀ ଝଂକୃତ ହୋଇ ଉଠିଲା ନବ ବସନ୍ତରେ ପ୍ରକୃତି ମାତି ଉଠିଲା ପରି । ତା ପରେ ଟେବୁଲ୍ ଉପରୁ ପତ୍ରିକାଟିଏ ଆଣି କାହାଣୀଟିଏ ପଢ଼ି ବସିଲା । କାହାଣୀର ନାଁ ଦେଖିବା ଦରକାର ନାହିଁ କି ଲେଖକର ନାଁରେ ବି ଯାଏ ଆସେ ନା । ତାର ଦରକାର ଗୋଟାଏ ଉତ୍ତମ କାହାଣୀ । କେବଳ ସମୟର ସାମାନ୍ୟ ସ୍ରୋତରେ ସେ ନିଜ ଅଳସ ଦେହଟାକୁ ଭସେଇ ନେବାକୁ ଚାହେଁ ·····

"ଦକ୍ଷିଣ ବସନ୍ତ ଗଲଣି···ତେବେ ବି ମୁଁ ତାର ମଧୁର ଆଗମନ ପ୍ରତୀକ୍ଷାରେ ରହିଛି । ତାର ମୁଖରେ ଯିଏ ମୋ ଜୀବନ-ବୀଣାକୁ ଝଂକୃତ କରି ଦେଇଥିଲା ତାର କୋମଳ ଅଙ୍ଗୁଳିର ବିଦ୍ୟୁତ ସ୍ପର୍ଶରେ, ଯିଏ କି କେବେ ଏତେ ବଡ଼ ସତ୍ୟଟାକୁ ଫାଙ୍କି ଦେଇପାରେ, ଆଜି ବି ମୋ ହୃଦୟପୁରରେ ସେଇ ଛନ୍ଦ ଗୁମୁରି ଉଠି ମୋତେ ସାନ୍ତ୍ୱନା ଦିଏ, "ସେ ଦିନେ ଆସିବ···ସେ ଆସିବ·····"

ନିରୁପମା ପଢ଼ିବାକୁ ଲାଗିଲା । କାହାଣୀଟି ବେଶ ଆବେଗ-ପୂର୍ଣ୍ଣ । ନାୟକ ଜଣେ କବି···ନାୟିକା ଯିଏ ସେ ଜଣେ ବଡ଼ ଲୋକର ଝିଅ । କବି ତାକୁ ଥରେ କଳ୍ପନାରେ ଦର୍ଶନ କରୁ କରୁ ସେ ତାକୁ ବାସ୍ତବ ରୂପରେ ଦେଖା ଦେଇଥିଲା । ତାପରେ ପୁରୁଷ ଓ ନାରୀର ଚିରନ୍ତନ ଖେଳ ଆରମ୍ଭ ହୋଇଛି । ପୁରୁଷ ନାରୀକୁ ପାଇଛି । ନାରୀ ବି ପୁରୁଷର ଟାଣୁଆ ବୁକୁରେ ନିଜର ଅସ୍ତିତ୍ୱ ହଜେଇ ନେଇଛି ଲାଳିତ୍ୟ ଛନ୍ଦରେ·····। ତେବେ ବି ତା ଭିତରେ ଗୋଟାଏ 'କିନ୍ତୁ' ରହିଯାଏ । ଅସ୍ପଷ୍ଟ ଅସ୍ପଷ୍ଟ ସେ କିନ୍ତୁଟା ବ୍ୟବଧାନ ରୂପରେ ରୂପାନ୍ତରିତ ହୋଇ ତା ଭିତରେ ଦେଖାଯାଏ ଗୋଟାଏ ଶାଶ୍ୱତ ପିପାସା·····। ଶତାବ୍ଦୀର ତେଜ ପୁରୁଷ ଓ ନାରୀକୁ ଉପରେ ନେଇ ସୃଜେ ଅସୀମ ହୋଇଲା, ତେବେ ବି ସେ ପିପାସାରେ ପରିତୃପ୍ତି ଆସେନା ।

କବି ସେଦିନ କହିଥିଲା, "ନିରୁ ! ତୁ ମୋର କଳ୍ପନା— ମୁଁ ମୂର୍ଖ ଦରିଦ୍ର କବି, ତୋର ପ୍ରେରଣାରେ ଆଜି ମୁଁ ନିଜକୁ ହରେଇ ଦେଇଛି ତୋ ପ୍ରେମରେ—ରାଣୀଟି ମୋର; ମୋ ଜୀବନର ମେରୁଦଣ୍ଡରେ କେବେ ଆଘାତ କରିବୁନି । ମୋ ହୃଦ ଯେମିତି ତୋର ରୂପ ମାଧୁର୍ଯ୍ୟରେ ଆତ୍ମହରା ହୋଇ ଆଗେଇ ଚାଲିଥାଏ ନିତ୍ୟ ନୂତନ କାବ୍ୟ ରଚନା କରି । ସେ ସବୁ ତୋର ଦାନ ନିରୁ·····ପୃଥିବୀର ଧୂଳି କଣା ଉପରେ ତୋର ପଦ ଚିହ୍ନ ଅଙ୍କିତ ହେବ ଯୁଗ ଯୁଗ ଧରି ।

Digitized by srujanika@gmail.com

ତୁ ମୋର କେବଳ ଅନ୍ତର ନୋହୁଁ । ତୁ ମୋ କାବ୍ୟରେ ସୃଷ୍ଟିର ପ୍ରଳୟ ପର୍ଯ୍ୟନ୍ତ ରହିଥିବୁ ମାନସୀ ହୋଇ—

ନିରୂପମାର ପ୍ରାଣ ଉନ୍ମଦି ଉଠିଲା । ତାର ତରୁଣୀ ମନ ଚାହିଁଲା କବିର ହୃଦୟ ଛନ୍ଦରେ ମିଶିଯିବା ପାଇଁ । ସେ ପଢ଼ିବାକୁ ଲଗିଲା କୌତୂହଳୀ ହୋଇ । ତାର ଉତ୍ତରରେ ନିରୁ ସେଦିନ ଦୁଇଟି ଉଷ୍ଣ ଅଶ୍ରୁଟୋପା ମୋ ପାଦରେ ଗଡ଼େଇ ପକେଇଥିଲା ଉଚ୍ଛୁଳା ପ୍ରେମର ଅର୍ଘ୍ୟ ସ୍ୱରୂପ ।

ତାପରେ ଠିକ୍ ଗୋଟିଏ ବସନ୍ତର ତଫାତ୍······ଆଜି ପିଚ୍ ରୋଡ଼ରେ ଅସଂଖ୍ୟ ମଟର ଛୁଟିଛି ପ୍ରତ୍ୟେକଟି ନୂଆ ନୂଆ ରୂପରେ ସଜ୍ଜିତ ହୋଇ । ମୁଁ ଗୋଟି ଗୋଟି ମଟର ପାର ହୋଇ ଆଗେଇ ଚାଲିଲି । ସାମ୍‌ନା ମଟରଟିର ଦେହ ଯାକ ଫୁଲମୟ । ସହରର ନାମୀ ଓକିଲଙ୍କ ପୁଅର ବାହାଘର । ମଟର ଗୁଡ଼ାକ ବେଶ ମନ୍ଥର ଗତିରେ ଚାଲିଥାନ୍ତି । ମୁଁ ଆଗ ଛକରେ ସାମନା ମଟର ଅଗ ଦେଇ ଚାଲି ଗଲାବେଳେ ମୋ ଦୃଷ୍ଟି ବରକନ୍ୟାଙ୍କ ଦୃଷ୍ଟିରେ ଥରେ ମାତ୍ର ମିଶିଛି···କିଏ ? ନିରୁପମା ?······

"ନିରୁପମା ?" ହୃଦୟର ସ୍ନାୟୁତନ୍ତ୍ରୀ ଗୁଡ଼ାକ ବିଦ୍ୟୁତ ସ୍ପର୍ଶରେ ନାଚି ଉଠିଲା । ସେ ଭୟରେ ଆଖି ବୁଜିଦେଲା କ୍ଷଣିକ ପାଇଁ । ଏ କ'ଣ ଏ ସବୁ ଯେ ମୋର ଜୀବନର ଇତିହାସ ସଙ୍ଗେ ପାଦ ପକେଇ ଚାଲିଛି । ନାହିଁବାର ନାଁ ମୋର ନାଁ······ମୁଁ କ'ଣ କେବେ କାର ମାନସୀ ଥିଲି ? କିଏ ସେ ? ମୋର ପାଇଁ ସେ ରାତି ରାତି ବସି କାବ୍ୟ ରଚନା କରିଛି······ଆଜି ମୁଁ ପାଷାଣୀ······

ନିରୂପମା ଏପର୍ଯ୍ୟନ୍ତ ଗଳ୍ପ କିମ୍ବା ଲେଖକର ନାଁ ବି ଦେଖିନି । ସେ ଉପରକୁ ଅନେଇଦେଲା ମାତ୍ର ଦେଖିଲା ବଡ଼ ବଡ଼ ଅକ୍ଷରରେ ଲେଖା "ମାନସୀ ।" ଲେଖକ—ଶ୍ରୀ ରବି ମହାପାତ୍ର । କିଏ ରବି—ଏ କ'ଣ ସେଇ ରବି ? ଏ କ'ଣ ସେଇ ତରୁଣ କବି ରବିନ୍ଦ୍ର ? ଯାହା କାବ୍ୟର ଚିରନ୍ତନ ମାନସୀ ମୁଁ ନିରୁ ?

ତା ପରେ ସେ ପଢ଼ିଲା କାହାଣୀ ଶେଷରେ ଆଉ ଗୋଟିଏ ପାରାଗ୍ରାଫ୍‌ରେ ଲେଖା ଗୁଟିଏ ଧାଡ଼ି······'ସେ ଚାଲିଗଲା କିନ୍ତୁ ସେ ନିଠୁର ପ୍ରିୟା ଏ ଗରିବ କବିକୁ ଯେ କି କଠୋର ବ୍ୟଥା ଦେଇ ଯାଇଛି ତାହା ସେ ବୁଝି ପାରିଲାନି । ନିରୁ ! ମୋର କାହାର ନାହିଁବା······ମୋର ମାନସୀ ନିରୁ······ତୁ କ'ଣ ସତରେ କି ଜଇ ରହିଛୁ ଏଇ [illegible] ଧରଣୀରେ······କେତେ ବସନ୍ତ ଯାଉଛି, କିନ୍ତୁ ତେବେ ବି ମୁଁ ଆଜି ଯେ ଅନ୍ତସାର ରଚିଛି ଏ ସବୁ କ'ଣ ଏଇପରି ଧୂଳି ପତ୍ର ଝରି ପଡ଼ିଲା ପରି ବ୍ୟର୍ଥ······

ନା—ନା ମୁଁ ଯିବି । ଦରିଦ୍ର କବି ଜୀବନକୁ ମୁଁ ଏପରି ବ୍ୟର୍ଥ କରି ଦେବି ନି, ମୁଁ ତାର ମାନସୀ, ସେ ମତେ ଚାହେଁ, ମୁଁ ଯିବି । ସେ ଉଠି ବସିଲା । ହୃଦୟ ଭିତରେ ତାର ମହାସାଗରର ଯୁଦ୍ଧ ଚାଲିଥାଏ । ଓଃ ବଡ଼ ଶୋଷ······ନା—ନା ସେ ଏତିକି କରି ପାରିବନି ? ମୁଁ ନିଶ୍ଚୟ ଯିବି କବିଙ୍କୁ ମୋର ଦରକାର । ଫୋନ୍ କରି ପ୍ରେସ୍‌ରୁ କବିଙ୍କ ଠିକଣା ସଂଗ୍ରହ କଲା । ତା ପରେ ଡ୍ରାଇଭରକୁ ଡାକି କହିଲା ତା ନିର୍ଦ୍ଦେଶମତେ ମୋଟର ଚଲାଇବା ପାଇଁ······

ଶେଷରେ ଗୋଟାଏ ଅସନା ଗଳି ଭିତରେ ମଟର ପଶିଲା । କେତୋଟି ଏକ ମହଲା ଦୋମହଲା ଘର ପାର ହୋଇ ଯାଇ ଗୋଟାଏ ପୁରୁଣା ଇଟା ଘର ଆଗରେ ଛିଡ଼ା ହେଲା । ନିରୁପମା ମଟରରୁ ଓହ୍ଲାଇ ପଡ଼ିଲା । ତାଁ ହାତରେ ହାଣ୍ଡ ବ୍ୟାଗ୍ ଆଉ ପଦିକାଟା । ଖାଇବା ହାତରେ ଶାଢ଼ୀର କଣଟାକୁ ବୁଲେଇ ଆଣି ଦେହରେ ଜଡ଼େଇ ଧରିଛି ଘର ଆଗରେ ୪ । ୫ ଟି ପିଲା ଖେଳୁଛନ୍ତି । ସେ ପଚାରିଲା "ହେ ! କବି ରବି ମହାପାତ୍ରଙ୍କ ଏଇ ଘର ? ତାଙ୍କ ମଧ୍ୟରୁ ଗୋଟିଏ ୬ । ୭ ବର୍ଷର ପିଲାଟିଏ ଆସି କହିଲା, "କିଏ ବାପା ? ନିରୁପମା ପିଲାକଥାକୁ କର୍ଣ୍ଣପାତ ନକରି ପାହାଚ ଉପରେ ଉଠିଲା । ଦୁଆର ମୁହଁ ପାଖରେ କଅଁଳ ସ୍ୱରରେ ଡାକିଲା, ରବି ବାବୁ, ରବି ବାବୁ—

ଉତ୍ତର ନାହିଁ······ । ଏମିତି ୪ । ୫ ଥର ଡାକିଲା ପରେ ପାଖ ଝରକା ଦେଇ କାର ଗୋଟିଏ ତିକ୍ତ ମାଇପି କଣ୍ଠ ସ୍ୱର ଶୁଣାଗଲା "ମଲା ଛତର ଖାଇ ଗୁଡ଼ାକୁ ଟିକିଏ ହେଲେ ନିଦ ନାହିଁ ? ଯେତେବେଳେ ଦେଖିବ ପଲ ପଲ ହୋଇ ଗାଲି ଏଇ ଦୁଆର ମୁହଁରେ ହାଜର—ମଧୁଆରେ କହି ଦେ ବାପା ନାହାନ୍ତି ।"

ଏତିକିରେ ନିରୁପମାର ପାଦ ପଛକୁ ଘୁଞ୍ଚିଗଲା । ସେ ପାହାଚ ଦେଇ ଫେରିଲାବେଳେ ତା ହାତରୁ ବ୍ୟାଗ୍ ଆଉ ପଦିକାଟି ଖସି ପଡ଼ିଲା ତାର ଅଲକ୍ଷରେ । ଟିକିଟି

( ଅବଶିଷ୍ଟାଂଶ ୮ମ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ଆଧୁନିକ କବିତ୍ୱ

ଶ୍ରୀ ବିକ୍ରମଦେବ ବର୍ମା

ଶିଷ୍ୟ—ଆଜ୍ଞେ ! କବିତ୍ୱର ଅନେକ ସାମଗ୍ରୀ ଥିଲେହେଁ ଆଧୁନିକ କବିତ୍ୱରେ ସେଗୁଡ଼ିକ ଶୂନ୍ୟ । ତତ୍କାରଣ କଅଣ ?

ଗୁରୁ—କବିତ୍ୱର ସାମଗ୍ରୀ ଗୁଡ଼ିକ ଅନ୍ୟ ପରିସ୍ଥାନ ଗତ । ଆଚ୍ଛା, କହତ—କେଉଁ କେଉଁ ସାମଗ୍ରୀ ଶୂନ୍ୟ ?

ଶି—ସନ୍ଦର୍ଭ ଶୁଦ୍ଧି ?

ଗୁ—ଶୁଦ୍ଧି ସୂତକର ଏବଂ ମୃତକର ପରେ ଘଟେ ।

ଶି—ଛନ୍ଦ ?

ଗୁ—କପଟୀର ହୃଦୟରେ ବିଦ୍ୟମାନ ।

ଶି—ସନ୍ଧି ?

ଗୁ—ଯୁଦ୍ଧରେ ହାରି ଜିତା ଜଣା ନୋହିଲେ ତାହା ଘଟେ ।

ଶି—ଶୈଳୀ ?

ଗୁ—ସେ ଠର ଧରାଧିକାରୀ ।

ଶି—ଶଯ୍ୟା ?

ଗୁ—ଶୟନାଗାରକୁ ଗଲା ।

ଶି—ଗତି ?

ଗୁ—ଲେହରେ ଦେଖାଯାଏ ।

ଶି—ପାକ ?

ଗୁ—ରୋଷଘରେ ।

ଶି—ସଂସ୍କାର ?

ଗୁ—ଖୋଷା ଖୋଷିବା ଆଗରେ ଘଟେ ।

ଶି—ସମାସ ?

ଗୁ—ମାଳପ ଭ୍ରାନ୍ତ ଚାଡ଼ିଲେ, ନିତ୍ୟ କର୍ମ-କରଣରେ ତାହା ଦେଖାଦିଏ ।

ଶି—ଅଳଙ୍କାର ?

ଗୁ—ସ୍ୱନାର ଦୋଲରେ, ପଣ୍ୟଂର ଏବଂ ଧନୀ ଗୃହରେ । ମାତ୍ର ସେଗୁଡ଼ିକ ନବ୍ୟ ସଭ୍ୟାଙ୍କ ଦ୍ୱାରା ମଧ୍ୟ ପରିତ୍ୟକ୍ତ ।

ଶି—ରସ ?

ଗୁ—ରସ ( ପାରଦ ) ବୈଦ୍ୟ ହସ୍ତଗତ । ଏକ ଥର ରସ ଖାଇବା ବ୍ୟକ୍ତି ରସିକ, ନଅଥର ରସ ଖାଇବା ବ୍ୟକ୍ତି ନବ ରସ ରସିକ ।

ଶି—ଅରମ୍ଭର ସୃଷ୍ଟି ଅନ୍ତ୍ୟରେ ଥାଏ ନାହିଁ କାହିଁକି ?

ଗୁ—ତାହା ମୂଷିକ ଲାଙ୍ଗୁଳକୁ ଗଲା କାରଣରୁ ।

—*—

## କୁତୁକୁତୁ

"ପୁଣି ଆଜ ଗୋଟାଏ ନୂଆ ଶାଢ଼ୀ—ଏଥି ପାଇଁ ପଇସା ଦେଉଛ କିଏ ?"

"ସେ କଥା ତମକୁ ଜଣା—ତମଚନ୍ଦ୍ରାଭକ ତମ ପାଇଁ ମୁଁ ଭରିବି, ସେଥିପାଇଁ ମୁଁ ତମ ହାତ ଧରି ନଥିଲି ।" × + +

"ସେ ଅରଘରେ ଯେଉଁ ଲୋକଟି ଅଛି ସିଏ କାହା ସାଥିରେ କଥା କହୁଛି କି ?

"ଆପଣା ସାଥିରେ ଅପେ"

"କିନ୍ତୁ ସେ ଏତେଖାଏଁ ପାଠି କରୁଛି କଥ"

"ସେଇ ତାଲ କଥା ! + ×

( କାହାଣୀ ୭ମ ପୃଷ୍ଠା ଉତ୍ତାରୁ )

ଯାଇଁ ଅସି କହିଲା, "ଚୋଉ କହଲ—" ନିରୂପମା ଅଉ ଶୁଣି ପାରିଲାନି । ଚେଯ ଅସି ମୋଟରରେ ଉଠିଲା । ପିଲଟି ପୁଣି ଦଉଡ଼ ଅସି କହିଲା, 'ମହ'.........ନିରୂପମା ପିଲ ହାତରୁ ବ୍ୟାଗ୍ ଅଉ ପର୍ସ କାଢ଼ା ନେଇଗଲା ବେଳେ ତା ଦୃଷ୍ଟି ପଡ଼ିବା ଝିଅଙ୍କ ପରଦା ଟେକ ଗୋଟାଏ ଗୁଣା ବସିଛି ଚିହ୍ନା, ଧଳା ହଳଦ ମିଶା ପିନ୍ଧୁଲା ମୁଖା ଉଙ୍କି ମାରୁଛ......ଏ କିଏ ? ପିନ୍ଧୁଲା ମୁହଁରେବ ଶବ୍ଦ ପର ହସ—

ଗାଢ଼ ପ୍ରୀଲନା ପୁଣି ଝିଡ଼ରେ । ନିରୂପମା ଭାବିଲା, କାହାଣୀ ହିଁ କାହାଣୀ.........କଳ୍ପନା କି କେବେ ବାସ୍ତବ ହୋଇ ପାରେ, ଓଃ......। ସେ ପର୍ସ କାର ପର୍ଦ୍ଦାଟାକୁ ଟାଣି ଟାଣି କରି ତଳ ପକାଇଲା ।

—*—

Digitized by srujanika@gmail.com

## ମଜାକଥା......

# କଳକଳପାଟିଆ ଭଦ୍ରଲୋକ

ଲେଖକ:—ଉଦୟନାଥ ଷଡ଼ଙ୍ଗୀ

ହୁଜୁର ମହିମା, ଶ୍ରୀଛମୁଙ୍କ ଶ୍ରୀ ଚପଳ ଚମ୍ପାକୁ ମୋର କୋଟି କୋଟି ଜୁହାର । ମୁଁ ଅଜ ଗୋଟାଏ ମୋର ପେଟ ଭିତରର କଥା ଶ୍ରୀଛମୁଙ୍କ ଆଗରେ ଗୁପଚୁପରେ ଖୋଲି ଦେବ ବୋଲି ଭାବୁଛି, ଶ୍ରୀଛମୁଙ୍କ ବ୍ୟତୀତ ଏ କଥାଟା ଆଉ କେହି ଜାଣିବା ଉଚିତ ନୁହେଁ । ବିଶେଷତଃ ଆଜକାଲିକାର ଟୋକା ଟୋକୀ ଯେପରି ଏହାର ସୁରାକ୍ ଟିକିଏ ହେଲେ ନ ପାନ୍ତି । ତେଣୁ ବିନୀତ ଅନୁରୋଧ ଶ୍ରୀଛମୁ ଏହା ଶ୍ରୀଛମୁଙ୍କ 'ଡଗର' ମାରଫତ ଛପାଇ ଦେଲେ କଥାଟା ବିଲକୁଲ ଛପି ରହିଯିବ ।

ଆଜକାଲି ରେଳଯାତ୍ରାଟା ଯେ କେମିତି ମୁସ୍କିଲ, ତାହା କେବଳ ଅନୁଭବୀ ଜାଣନ୍ତି । ହଠାତ୍ ଦରକାର ପଡିବାରୁ ମୁଁ ରେଳରେ ପୁରୀ ଯିବା ପାଇଁ ବାହାରିଲି । ଦରକାରଟା କଣ କି ?—ଗୃହିଣୀ ବାହାଘର ପାଇଁ ପୁରୀ ଅର୍ଥାତ୍ ତାଙ୍କ ଭାଇ ଘରକୁ ଯାଇଥାଆନ୍ତି । ଏହା ବୋଲି ଭାବିବେ ନାହିଁ ଯେ ବାହାଘରଟା ମୋ ଗୃହିଣୀଙ୍କର, ତାଙ୍କ ଭାଇଙ୍କର ବାହା । ଗୃହିଣୀଙ୍କ ଅନୁପସ୍ଥିତିରେ ମୋ ଘରଟା ଏକାବେଳକେ ଅନ୍ଧାର । ତେଣୁ ତାଙ୍କୁ ଯାଇ ଶୀଘ୍ର ମୋର ଆଣିବାର କଥା ।

ପାଞ୍ଜିରେ ଅମୃତ ବେଳା ଦେଖି ଲଗେଜଟା ଦାନ୍ତେ ପୁଡ଼ା କରି ଷ୍ଟେସନକୁ ଆସିଲି । ଷ୍ଟେସନରେ ଆସି ଦେଖିଲି ଜାପାନର ବର୍ମା ଦଖଲ ଆୟୋଜନ । ମୋ ଆଖି ଖୋସି ହୋଇଗଲା; ମହିଷ ତ ନୁହନ୍ତି—ଯେମିତି ବର୍ଦ୍ଧାକେ ପଡିଆରେ ଦୂବଘାସ ଉଠିଛି ।

ଯାହାହେଉ କଲେବଲେ ଟିକେଟଟାଏ କଲି; କିନ୍ତୁ ଗାଡିରେ ବସିବି କିପରି ? ବହୁତ ଗାଳିମନ୍ଦ, ଧକ୍କା ଦେଇ ଠେଲି ଖାଇ ଏଡବା ସେଡବା ହେଇ ହେଇ ଦେଖିଲି ଗୋଟାଏ ସେକେଣ୍ଡକ୍ଲାସ ଡବା ପାଖରେ କେତୋଏ ଭିଡ଼ । ସେଟି ହୋଇଛି କଣ କି—ଜଣେ ମହନ୍ତ ଗାଡିରେ ଚଢ଼ିବା କଥା, ଦୁଆର ତ ବନ୍ଦ, ଡବା ଭିତରେ ତିଳ (ମରହଟିଆ ଉପମା) ପକାଇବାକୁ ବି ଜାଗା ନାହିଁ । ଟିକାଟାଏ କଳା ପୋଟେଇ ନେଇ ଷ୍ଟେସନର ଦୁଇଜଣ କୁଲି ମହନ୍ତଙ୍କୁ ବହୁତ କଷ୍ଟରେ ଟେକି ଉଠାଇ ଝରକା ବାଟେ ପକାଇ ଦେବାକୁ ଚେଷ୍ଟା କରୁଛନ୍ତି; ତେଣେ ଡବାରୁ ଗୁଡ଼ାଏ ଲୋକ ମାରମୁହାଁ ହୋଇ ତାଙ୍କୁ ପଦାକୁ ଠେଲିବାରେ ଲାଗିଛନ୍ତି । ମହନ୍ତଙ୍କ ଥାନ୍ତଲ ପେଟ ବି ସେ ଝରକାରେ ଗଳୁନାହିଁ । ତଳ ଉପର ଗୁପା ପାଇ ମହନ୍ତଙ୍କ ମହନ୍ତଲୀଳା ସମ୍ବରଣ ହେବା ଉପକ୍ରମ । ଦୁଇଟା ଗୋଡ଼ ଆଉ ମୁଣ୍ଡ ଗାଡ଼ି ଭିତରେ, ପିଣ୍ଡ ସମେତ ପେଟଟା ରହିଛି ବାହାରେ । ତଳ ଉପର ଦୁଇ ଦଳ ଲୋକ ଗାଳି ଗୁଲଜ ଲଗେଇ ସେଠାରେ ହାଟ ବସେଇଛନ୍ତି ।

ମୁଁ ଦେଖିଲି ଏ ସୁଯୋଗ ଛାଡିବାର ନୁହେଁ । ତଳୁ ପାଟି କରି ମହନ୍ତଙ୍କୁ ଠେଲି ଠେଲି କରିବାରେ ଲାଗିଗଲି । ପ୍ରକୃତରେ କଲି କଣ କି, ମହନ୍ତଙ୍କ କଛ ଭିତରେ ହାତ ପୁରାଇ ତାଙ୍କୁ ତଳକୁ ଟାଣିବାକୁ ଲାଗିଲି । ଉପର ଠେଲା ଆଉ ମୋ ଟଣା ପାଇ ମହନ୍ତ ମହାରାଜ କୁଣ୍ଡା ବସ୍ତା ପଡିଲା ପରି ଦଡ଼ାଭୁସ କରି ତଳେ ପଡିଗଲେ । ମୁଁ ଆଖି ପିଛୁଳାକେ ତାଙ୍କ ଥନ୍ତଲ ପେଟ ଉପରେ ଭରି ଦେଇ ଗାଡି ଭିତରକୁ ଡେଇଁ ପଡ଼ିଲି । ସମସ୍ତେ ଗୋଳମାଳରେ ଏତେ ବ୍ୟସ୍ତ ଥିଲେ ଯେ, ମୋତେ କେହି ବାଧା ଦେଇ ପାରିଲେ ନାହିଁ । ଆଉ ଯେ ଗାଡିରେ ଚଢ଼ିବାକୁ ବସିଲା, ମୁଁ ଡବାରେ ଥିବା ଲୋକଙ୍କ ସାଙ୍ଗରେ ମିଶି ତାକୁ ଧକ୍କା ଦେବାରେ ଲାଗିଗଲି ।

ଯାହାହେଉ ଗାଡି ଭିତରକୁ ଆସିଲି । ଜଣେ ଛଣ୍ଡକାଟ୍ ଭଦ୍ରଲୋକଙ୍କୁ ଟିକିଏ ଜାଗା ଦେବା ପାଇଁ ବହୁତ ପାକଳା ପାକଳି କଲି । ମୁହୂର୍ତ୍ତକ ଭିତରେ ତାଙ୍କ ସହିତ ଦୋସ୍ତି କରିଗଲି । ଛପ ଚିକ୍କଣ ଚେହେରା, କେଶ ତେଢ଼ାଢ଼ାଙ୍କୁ ବଢ଼ି ଲୋକ ପରି ଜଣା ପଡ଼ୁଥାନ୍ତି । "ଆପଣ ଭାରି ସୁନ୍ଦର, ଆପଣଙ୍କ ସିଗାରେଟ ଖାଇବା ଠାଣି ତ କେବେତାଏ ଶୋଭା ପାଇବେ ନାହିଁ । ଅଚ୍ଛା, ସିଗାରେଟ ଧୂଆଁ ତ ଏ ଡବା ମହକାଇ ଦେଉଛି । ଆପଣଙ୍କ ଗୁହାଣୀରେ ସାରା ଦୁନିଆ ବଶ ହୋଇଯିବ ।"—ଏମିତି ଗୁଡ଼ାଏ ଟେକାଟେକ କରି କହିବାରୁ ଦୋସ୍ତଙ୍କ ମିଜାଜ ଖୁସ୍ ହୋଇଗଲା । ସେ ପାଖରେ ମୋତେ ବସେଇ ସିଗାରେଟ ଉପରେ ସିଗାରେଟ ଦେବାକୁ ଲାଗିଲେ । ଗପ ସପରେ ଦୁହେଁ ମସ୍‌ଗୁଲ୍ ରହିଗଲୁ ।

ଗାଡ଼ି ଆସି କଟକ ଷ୍ଟେସନରେ ପହଞ୍ଚିଲା । ସେଠି ମଧ୍ୟ ସେମିତି ଟଣାଓଟରା । ଗାଡ଼ି ଛାଡିଲାବେଳକୁ ଦେଖାଗଲା ଗୋଟିଏ

Digitized by srujanika@gmail.com

ଚାଲିବା । ନାହିଁ ନାହିଁ ସ୍ତ୍ରୀ ଲୋକ ଶାଢ଼ୀ ଭିତରେ ହୁଡ଼ିଛନ୍ତି । ଅଳିଆଳିଆ ପଟୋର ଟେଷ୍ଟ; ଯେମିତି ଟୁଆ ପାଉଡ଼ର ବୋଳା ମୁହଁ, ଲିପ୍‌ଷ୍ଟିକ୍ ମିଶା ଓଠ, ଭ୍ୟାନିଟି ବ୍ୟାଗ ଓ ବହି ଧରା ହାତ, ପଞ୍ଚୁଲେଖ ଚପଲ ଲଗା ପାଦ । ଟେଲେବି ଗାଡ଼ିରେ ଚଢ଼ିଲେବେଳେ ବାଁ ଦେଇ ଚପଲଟା ଲୁଅଡ଼ି ଗଲା ପଡ଼ିବ, ଓଡ଼ାଣ ହାତର ମୁନା ବାଟ ପଟକୁ ଦେଇ ଟାଣି ନେଇଛି । ବାଟ ତ ଗଲା ଗଲା, କିନ୍ତୁ ଚପଲ ଲୁଚି ତାଙ୍କ ମନର ଦୁଃଖ ସହି ଥିଲୁ ନଥାଏ ।

ମୋ ଦୋସ୍ତଙ୍କର ଏହି କଟକରେ ରହିବାର କଥା କିନ୍ତୁ ବୋଧହୁଏ ବାହାର ତାଙ୍କର ଉଦ୍ୟମ କିଛି ଦେଖିଲି ନାହିଁ । ମହିଳାଙ୍କ ଦର୍ଶନରେ ଦୋସ୍ତ ଯେପରି ତାଙ୍କ ପ୍ରୋଗ୍ରାମ (ଆଉ କିଛି ଦେଖିଲେ ନାହିଁ) ବଦଳାଇ ଦେଇଛନ୍ତି । ମୁଁ ଦେଖିଲି ସେ ବଡ଼ ବେଚିଡ଼ି ମଧ୍ୟ ହୋଇ ଉଠିଛନ୍ତି । ବସିଲେଇ ବସିଲେଇ ମୋ ହୃଦୟ ଠାଣିରେ ଗୁହଁବା, ମନକୁ ମନ ମୁରୁକି ହସା ଦେବା, ସିଗାରେଟ ଧୂଆଁରେ ମୁହଁ ଅନ୍ଧାର କରି ପକାଇବା ହେଲା ତାଙ୍କ କାର୍ଯ୍ୟ । ବାସ୍ତବରେ ସେ ଯେଉଁ ଗ୍ଲୁହାଣୀ—ସତେ ଅବା ସେ ଦେହଟାଯାକ ଆଖି ବାଟେ ପିଇଯିବେ ।

ମୁଁ ମହିଳାଙ୍କ ଆଡ଼କୁ ଆଖି ପକାଇଲି । ସେ ବି ତ କମ ନୁହନ୍ତି । ଉଚାଟରେ ଏଣେ ତେଣେ, କିନ୍ତୁ ସମସ୍ତଙ୍କୁ ଛାଡ଼ି ତାଙ୍କ ଆଖି ମୋ ଦୋସ୍ତଙ୍କ ଉପରେ । ଦୋସ୍ତଙ୍କ ଉପରେ ନୁହେଁ ତ ତାଙ୍କ କୋଟ ପ୍ୟାଣ୍ଟ, ତାଙ୍କ ସିଗାରେଟ ଟିଅ ଠାଣି, ତାଙ୍କ ସୁନା ଚଶମା, ତାଙ୍କ ମୁଣ୍ଡ ଟେରି ଉପରେ । ମୁଁ ତାଙ୍କ ପାଖରେ ବିଦ୍ୟମାନ, କିନ୍ତୁ ମୋତେ ଟିକିଏ ହେଲେ ନଜର ନାହିଁ । ହେଲେ ଏବେ ମୋ ବାଳ ଧଳା, କିନ୍ତୁ ମୁଁ ତ ପୁରୁଷ ପୁଅ, ଛାତି ବାଳଟା ଖଣ୍ଡିଆ, ସେଥିରେ ଯାଏ ଆସେ କଣ ? ହେଉ ଦୋସ୍ତଙ୍କ ଭାଗ୍ୟକୁ ହିଂସା କରିବାର ନୁହେଁ ।

ପାଞ୍ଚ ହାତ ଦୂରରେ ରହି ମଣିଷ ସାଗରରେ ଭାବିବୁଡ଼ି ଗାଈ ଗାଈ ମୋ ଦୋସ୍ତ ଆଉ ସେ ମହିଳା କଣ୍ଟୁସ୍ତି ପ୍ରେମରେ ପଡ଼ିଗଲେ ବୋଲି ମୁଁ ଠିକ କରି ନେଲି । ଏ ସୁଯୋଗ ମୋର ହାତଛଡ଼ା କରିବାର ନୁହେଁ । ଦୋସ୍ତଙ୍କୁ ଧାଆଁସା ଦେଇ ବହୁତ କଷ୍ଟରେ ଠେଲିଠେଲି କରି ଯାଇ ମହିଳାଙ୍କ ପାଖରେ ପହଞ୍ଚିଲି । 'ସ୍ତ୍ରୀ ଲୋକ ଅଗ' ଏହି ନୀତିରେ ଭୁଲି ଜଣେ ଭଦ୍ରଲୋକ ତାଙ୍କ ବସିବାକୁ ଜାଗା ଛାଡ଼ି ଦେଇ ଠିଆ ହୋଇଛନ୍ତି । ମହିଳା ଆରାମରେ ବସି ଗତ ସଂଖ୍ୟା 'ଝଙ୍କାର' ପିଠାଇ ଏକ ମନ ଏକ ଧ୍ୟାନରେ ଦେଖୁଛନ୍ତି । କଣ ଲେଖା ନ ହେଲେ କେହି କେବେ ଏତେ ମନ ଦେଇ ପଢ଼ିବାକୁ ମୁଁ ଜାଣେନାହିଁ । ମୁଁ ଉଙ୍କି ମାରି ଦେଖିଲି 'ରଙ୍ଗ ବେରଙ୍ଗ' ଗପଟା ନେଇ ସେ ଚିନ୍ତି ।

ଅଜକାଲିକା ରୀତି ଅନୁସାରେ ମୁଁ ଗୋଟିଏ ଗ୍ଲେଟଷ୍ଟ (ଆର୍ଯ୍ୟ ପ୍ରଥା କେବେ ଯେପରି ଭ୍ରଷ୍ଟ ନ ହୁଏ) ନମସ୍କାର ପକାଇ କଥାବାର୍ତ୍ତା ଆରମ୍ଭ କରିଦେଲି । ଚିଲିକାଠାରୁ ଢେଙ୍କାନାଳ ପର୍ଯ୍ୟନ୍ତ ଅର୍ଥାତ୍ କଟକରେ ଚିଙ୍କିଆଟା ରୁଜଲର ଅଦ୍ଭୁତଠାରୁ ନନ ସାହେବଙ୍କ ଜେଲ ଯିବା ପର୍ଯ୍ୟନ୍ତ ଓ ଆମ ଗାଁର ହେଟା ମାଛଧରାଠାରୁ ନାଜରେଥରେ ହିଟଲର ମାରିବା ପର୍ଯ୍ୟନ୍ତ ସବୁ ପଡ଼ିଗଲା । ଦେଖିଲି ମହିଳା ଭାରି ସ୍ମାର୍ଟ, ବହୁତ ବିଷୟ ଜାଣନ୍ତି । ରାଜନୀତି, ଧର୍ମନୀତି, ଅର୍ଥନୀତି, ସ୍ୱାର୍ଥନୀତି କୌଣସିଟି ତାଙ୍କୁ ଅମାଲୁମ ନାହିଁ । ନାଁଟା ପଚାରିବାରୁ ଉତ୍ତର ଦେଲେ, "ମୋ ନାଁ କି ? ମୋ ନାଁ ଶ୍ରୀମତୀ ପୁରାତନକା ।"

ମୋ ମୁହଁର ଭଙ୍ଗୀ କଣ ହେଲା କେଜାଣି, ସେ ସାଙ୍ଗେ ସାଙ୍ଗେ ପୁଣି କହି ଉଠିଲେ—"ପୁରାତନକା ଶବ୍ଦଟା ଶୁଣି ଆପଣ ନାକ ଟେକୁଛନ୍ତି । ଆପଣ ସେ କାଳର ଲୋକ, ଆପଣ ତ ଗାର୍ଲସ୍କୁଲ ସୀମା ମାଡ଼ି ନାହାନ୍ତି, ଆପଣ ଏହାର ମର୍ଯ୍ୟାଦା ବୁଝିବେ କିଅଁ ?" ଗାର୍ଲସ୍କୁଲ କଥା ଶୁଣି କେଜାଣି କାହିଁକି ମୋ ସର୍ବାଙ୍ଗରେ ଥରେ ଅଜାଣତରେ ମୋ ଆଖି ବୁଲିଗଲା । "ମୋର ବାପ ମା ଅବଶ୍ୟ ଗୋଟାଏ ନାଁ ଦେଇଥିଲେ, 'ମୁଁ କିନ୍ତୁ ଏହି ନାଁଟା ମୋ ପାଇଁ ବାଛି ନେଇଛି । ଆମର ନିଜର ଯାହା ଦରକାର, ତାହା ବାଛି ନେବାର ପୂରା କ୍ଷମତା ଆମର ଅଛି । ଆମେ ଆପଣଙ୍କ ଅଣ୍ଟା ବାଡ଼ରେ ଗୁଲିବୁ ନାହିଁ କି ଆପଣଙ୍କ ଯୌବନ-ଦଉଡ଼ିରେ ବାନ୍ଧି ହେବୁ ନାହିଁ—ଏହା ଆମର ମତ ।"

ମୁଁ ମୁଣ୍ଡ ପଛଆଡ଼ର ଟେଣା ବାଗଟା କୁଣ୍ଡାଇ କୁଣ୍ଡାଇ ହିଁଚ ହିଁଚ ମାଇଲି ।

ପୁଣି ପ୍ରଶ୍ନ ହେଲା—"ସେ ଯେଉଁ ଭଦ୍ରଲୋକଙ୍କ ପାଖରେ ଆପଣ ବସିଥିଲେ, ସେ କିଏ କି ?"

ମୁଁ ଏଥର ହିଁ ତ ଖୋଲିଲି । କହି ପକାଇଲି—"ଆପଣ ତାଙ୍କୁ ଚିହ୍ନନ୍ତି ନାହିଁ ? ସେ ହେଉଛନ୍ତି ପରମାନନ୍ଦ ଅପାଶ

Digitized by srujanika@gmail.com

ବିଦେଶରେ ବଡ଼ ଚାକିରି କରନ୍ତି । ଦରମା ବର୍ତ୍ତମାନ ଟ ୭୫୦ ( ତାହାହେଲେ ମିଳିବ ଅଉ ଟ ୨୫୦ ( ଅଧିକା । ପୁଣି ପୁଅ ଝିଅ କଥା ତ ଅଛି ।"

"ତାହାହେଲେ ସେ କଣ ବାହା ହେଇ ନାହାନ୍ତି ? ଅଜଯାଏ ବାହାଁକ ବାଡ଼ୁଅ ରହିଛନ୍ତି ?" ସାଙ୍ଗେ ସାଙ୍ଗେ ପ୍ରଶ୍ନ ହେଲି ।

ତାଙ୍କ ପାଇଁ ଉପଯୁକ୍ତ ପାତ୍ରୀ ମିଳିଲେ ତ ? ଆମ ଦେଶରେ ସେମିତି ଫରୱାର୍ଡ଼ ଝିଅ ( ବମ୍ବୋଜଟର ଫରୱାର୍ଡ଼ ବ୍ଲକ ନୁହେଁ ମାମୁଘର ଦର୍ଶନ ) ପାତ୍ରୀ କାହାନ୍ତି ? ଏତେ ବଡ଼ ସମ୍ଭ୍ରାନ୍ତ ଲୋକ, ପୁଣି ବାପା ରଖିଯାଇଛନ୍ତି ଅଗାଧ ସମ୍ପତ୍ତି—" କଥାଟା ଏମିତି ଅଧା କରି କହି ମୁଁ ବଙ୍କେଇ ବଙ୍କେଇ ମହିଳାଙ୍କ ଆଖି ଓ ମୁହଁର ଭାବଭଙ୍ଗୀ ଠଉରି କରି ନେଉଥାଏଁ ।

ସେ ବିଚାରୀ ସେଇଠି ଧରା ପଡ଼ିଗଲେ । 'ପୁରାତନବା' ତାପରେ ନିଜର ଧନ ସମ୍ପତ୍ତି, ବିଦ୍ୟା ବୁଦ୍ଧି ସବୁର ପ୍ରଶଂସା କରିବାରେ ଶତଗୁଣ ହୋଇ ଉଠିଲେ । ତାଙ୍କ ବାପା ଖୁବ୍ ବଡ଼ ଜମୀଦାର ଓ ମହାଜନ । ସେ ମଲାବେଳକୁ ୫୦ ହଜାର ନଗଦ ଟଙ୍କା ବ୍ୟାଙ୍କରେ ରଖିଯାଇଛନ୍ତି । ମସ୍ତ ବଡ଼ ଜମିଦାରୀ ତ ମଫସଲରେ ପଡ଼ିଛି । (କେହି ଗୋଟାଇବାକୁ ଯେପରି ନ ଯାଏ ) ସେ ସବୁର ମାଲିକ ଏବେ ସେହି । ଏଇ ଲାଗେ ବୁଢ଼ୀମା ବ୍ୟତୀତ ତାଙ୍କର ଆଉ କେହି ନାହାନ୍ତି । ବୁଢ଼ୀମାଙ୍କର ଇଚ୍ଛା, ଗୋଟିଏ ଉପଯୁକ୍ତ ପାତ୍ର ପାଇଲେ ଘରଜୁଆଁଇ କରି ରଖିବେ । ମା'ଏ ମହିଲା ସେଥିରେ ଏପର୍ଯ୍ୟନ୍ତ ରାଜି ହୋଇ ନାହାନ୍ତି—ଇତ୍ୟାଦି ।

ମୁଁ କଥାଟା ବାଗେଇ ନେଇ କହିଲି, "ଆପଣଙ୍କର ଯଦି ଆପତ୍ତି ନଥାଏ, ତେବେ ମୁଁ ମାଳବବାବୁଙ୍କ ପାଖରେ ବିଭାଘର ପ୍ରସ୍ତାବଟା ଉଠାନ୍ତି । ମୁଁ ଦେଖୁଛି ତାଙ୍କର ଯେପରି ଆପଣ ଉପଯୁକ୍ତା, ସେ ସେହିପରି ଆପଣଙ୍କର ଉପଯୁକ୍ତ । ଘରିଅଟିଙ୍କ ନଥି ଟିଉ କରି ଦଉ ନେଲିପରି ଅପଣଙ୍କ ମିଳନଟା ଚନ୍ଦନା ଯୋଡ଼ ହୋଇ ଯାଆନ୍ତା ।"

ଉତ୍ତର ମିଳିଲା—"କଥା କଣ କି, ମୋର ଏପରି ବାନ୍ଧି ହୋଇ ରହିବାକୁ ଆଦୌ ଇଚ୍ଛା ନାହିଁ । ଏ ସ୍ୱାଧୀନ ଯୁଗରେ ସେ ସବୁ ମଧ ଶୋଭା ପାଏନାହିଁ । ଯାହାହେଉ, ଆପଣଙ୍କ ଭଳି ଜଣେ ବଶିଷ୍ଟ ଭଦ୍ରବ୍ୟକ୍ତି, ମୋର ଏତେଦିନର ପରିଚିତ (ଅଧଘଣ୍ଟାକରୁ ନିଶ୍ଚୟ କମ) ବନ୍ଧୁ ଯେତେବେଳେ କହୁଛନ୍ତି, ମୁଁ ସେଥିରୁ ବାହାରି ଯିବା ଠିକ୍ ନୁହେଁ । କଥା ଅଛି ପରା 'ବୃଦ୍ଧସ୍ୟ ବଚନଂ ଗ୍ରାହ୍ୟ ।"

ଏ ବୟସଙ୍କ ଚଟକଣା ଖେଳି, ଏଂଟର ମୋ ମୁହଁ ଉଙ୍ଗା ପଡ଼ିଗଲା ।

ମୁଁ ବୋଖାଲ ପରି ଚରିକରି ପଚାରିଲି—"ତେବେ ଜାଣିଟା ?"

ଉନ୍ନମିଶ୍ରିଅର ବୋମା ଫୁଟିଲା ପରି ଜବାବ ମିଳିଲା—ଏ ସାମ୍ୟବାଦ ଯୁଗରେ ଆମ ଭିତରେ ପାର୍ଥକ୍ୟ ନାହିଁ ।

ମୁଁ କହି ଉଠିଲି—"ଠିକ୍ ଠିକ୍, ଆମେ ଦେବୀ ମଧ ପୂରା କମ୍ୟୁନିଷ୍ଟ, ତୁହିଁ ଭଲ ତ ପ୍ରଯୋଜନ ।" × ×

ସମ୍ପାଦକ ମହାଶୟ ଏହାପରେ କଣ କପରି ହେଲା, ସେ ସବୁ କହିଲେ ଆପଣଙ୍କ ଧୈର୍ଯ୍ୟ ରହିବ ନାହିଁ ।

ଗାଡ଼ି ପୁରୀରେ ପହଞ୍ଚିଲା । ମୁଁ ହାତରୁ ଟ ୦୫/୯ ଖର୍ଚ୍ଚ କରି ପୂଜାମାଳ ଧୂପ ଧୂଣା ଦୁଧ୍ୟାଳ ଧର୍ମଶାଳାରେ ଦୁହିଙ୍କ ବିଛଣା କରିଦେଲି । ମୁଁ ହେଲି ଚାକର, ଏଠାରେ ହେଲି କନ୍ୟାପିତା ଓ ବରପିତା, ପୁରୋହିତ, ଭଣ୍ଡାରୀ, ଭଣ୍ଡାରୁଣୀ, ଶଙ୍ଖ ଫୁଙ୍କିବା ଲୋକ ଓ ହୁଳହୁଳି ଦେବା ବାଲି ।

ମୋର ଏ ଅଯାଚିତ ପରିଶ୍ରମ ଓ ସ୍ୱାର୍ଥତ୍ୟାଗରେ ସନ୍ତୁଷ୍ଟ ହୋଇ ଶ୍ରୀମତୀ ପୁରାତନବା ଦୁଧ ଯୋଡ଼ା ପାଟ ଯୋଡ଼ ଆଉ ଶ୍ରୀଯୁକ୍ତ ମାଳବ ବାବୁ ଟ ୨୦୦ (ର ଗୋଟାଏ ଚେକ ସୁବିଧା ହେଲେ ଦେବେ ବୋଲି ଅଙ୍ଗୀକାର କଲେ । ଦୟା କରି ମୁଁ ଯେପରି ତାହା ଗ୍ରହଣ କରେ, ସେଥିପାଇଁ ବହୁତ ଅନୁରୋଧ ମଧ କଲେ । ମୁଁ ପୁରୀରୁ ମୋ ଗୃହିଣୀଙ୍କ ଘର ଗାଁକୁ ଫେରିଲି ।

ତାହାପରର ଦୁଇ ମାସ ପରେ । ଦୁଇଶହ ଟଙ୍କାର ଚେକ ଆଶାରେ ମୁଁ କଟକ ଗଲି । ମାଳବ ବାବୁଙ୍କ ଠିକଣାରେ ପହଞ୍ଚି ଶୁଣିଲି ସେ ମାସେ ହେଲା ହାସପାତାଳରେ ପଡ଼ିଛନ୍ତି । ଦେଖା କରିବା ପାଇଁ ସେଠାକୁ ଗଲି ମଧ । ମୋତେ ଦେଖି ରାଗରେ ଗମ ଗମ ହୋଇ ସେ କହି ଉଠିଲେ— 'କଳଙ୍କମାଡ଼ିଆ ଲୋକଟାକ ଅଛିରେ ।"

ତାଙ୍କ ସହିତ କଥାବାର୍ତ୍ତାରୁ ସାର ମିଳିଲା—ଶ୍ରୀମତୀ 'ପୁରାତନବା'ଙ୍କର ଅବସ୍ଥା ଛ ଗଣ୍ଡା ଦଶ କଉଡ଼ି । ଜମିଦାରୀ ଟଙ୍କା ପଇସା ସବୁ ଫାଙ୍କି ଏ ସବୁ ଧନ ସମ୍ପତ୍ତି ନପାଇ ମାଳବ ବାବୁ ତାଙ୍କ ଗାଲ ଗୁଲକ କରିବାରୁ ସେ ରାଗରେ ମାଳବ ବାବୁଙ୍କ ଉପରେ ଭରଣପୋଷଣ ଦିଗଲ କୋର୍ଟରେ ମକଦ୍ଦମା ଦାୟର କରିଥିବାରୁ ସମ୍ପ୍ରତି ହେ ବାଲି ହସ୍ପିଟାଲରେ ପଡ଼ି ରହିଛନ୍ତି ।

ନିରାଶରେ ସେଠାରୁ ଫେରିଲି । ବାଟରେ ହଠାତ୍ ଶ୍ରୀମତୀ 'ପୁରାତନବା'ଙ୍କ ସହିତ ଦେଖା ହେଲା । ସେ ମଧ ରାଗରେ ମାର ନମାର ହୋଇ ମୋ ଉପରକୁ ମାଡ଼ ଆସି କହିଲେ—

Digitized by srujanika@gmail.com

"ତୁମେ ତ ଖୁବ୍ ବଡ଼ଲୋକ ପାଣ୍ଡିଅ ଭଳି ଲେଖ, ମାନବ ବାବୁଙ୍କ ଦରମା ୫୨୫, ଏ, ଅର୍, ପି,ର ଯେ ଜଣେ ମେମ୍ବର ! ତୁମେ ମୋତେ ଭୁଲାଇ ଏତେ ବିପଦରେ ପକାଇ ଦେଲ କିନା ! ମୁଁ ତୁମକୁ ପୁଲିସରେ ଦେବି।" ସତେ ଯେପରି ପୁଲିସ ତାଙ୍କ ହାତ ତଳେ ଅଛନ୍ତି ?

ମୋର ଟଙ୍କା ଫେରା ଯାଉଥିଲା, ପାଞ୍ଚ ଯୋଡ଼ା ଶାଢ଼ୀ ତ ଗଲା। ତାଛଡ଼ା ପୁଣି ଖର୍ଚ୍ଚ କରିଛି ୫୦୩/୧। ଏହା କ ଦେଖ ସତେ ? ମୁଁ ତ ରଚି ଯାଇ କହିଲି, "ଆପଣ ମିଛରେ କାହିଁକି ବଢ଼ାଇ କରି କହିଲେ ଯେ ମୋର ଏତେ ଜମିଦାରୀ ବ୍ୟାଙ୍କରେ ଏତେ ଟଙ୍କା ?

ଶ୍ରୀମତୀ ଦବିଗଲେ। ଟିକିଏ ମୁରୁକି ହସ ହସି କହିଲେ "ଆପଣଙ୍କ ପରି ଠକ ଦୁନିଆରେ ନାହିଁ। ମୋ ନାଁ ସତରେ କଣ 'ସୁରଭନକା ?' ମୋ ନାଁ 'ଅଧୁନିକା' ଭଲ ବର ବାଛିବାକୁ ଯାଇ ଏପରି ଲୋକ ହାତରେ ପଡ଼ିବି, ଏହା ମୋଟେ ଭାବି ନଥିଲି।"

ମୁଁ କିଛି ନ ଜାଣିଲା ପରି କହିଲି, "ଓଃ, ଆପଣ ତେବେ 'ଡଗର'ରେ ବର ବାଛିବାକୁ ଯାଇଥିଲେ। କିନ୍ତୁ ମନେ ରଖନ୍ତୁ ଆପଣ ମୋଠାରୁ ଢେର ବେଶୀ ଠକ। ମାନବ ଅଗ୍ରାୱାଲଙ୍କ ନାଁ କଣ ଜାଣନ୍ତି ?—ଦେବ ମହାପାତ୍ର, ଯେ ବିଜ୍ଞାପନ ଲେଖିଥିଲେ।

ମହିଳାଙ୍କ ମୁହଁ କଳା ପଡ଼ିଗଲା। ଗୋଟାଏ ଗଳି ଭିତରେ ସେ ତରତର ହୋଇ ପଶିଗଲେ।

ପୁଣି ରବିବାର ପରେ କଟକରେ ଦେଖା। ଦେବବାବୁ ଓ ଅଧୁନିକା ବକ୍ସରେ ବସି ସିନେମା ଦେଖି ଯାଇଛନ୍ତି। ଦୁହେଁ ଗପରେ ଦୁହିଁଙ୍କ ମୁହଁରେ ହସ ଉଛୁଳି ପଡ଼ୁଛି। ମୋତେ ଦେଖି ନ ଦେଖିଲା ପରି ମୁହଁ ବୁଲେଇ ଦେଲେ। ଗୋଟାଏ ନମସ୍କାରର ପାତ୍ର ବି ମୁଁ ହେଲି ନାହିଁ।

ସମ୍ପାଦକ ମହାଶୟ, କହୁଛି, ପାଞ୍ଚ ଯୋଡ଼ା ପାଇଁ ମୁଁ ଯେତେ ବ୍ୟସ୍ତ ନୁହେଁ ଟ ୨୦୦ ପାଇଁ ମୋ ଗୃହିଣୀ ଅତି ବ୍ୟସ୍ତ। ସେଥିରେ କାଅଁଳ ତାଙ୍କର ଅଳଙ୍କାର ଗଢ଼ାଯିବ। ଆପଣ ଯଦି ତାହା ଅଦାୟ କରିଦେଇ ପାରିବେ, ତେବେ ନିଶ୍ଚୟ ସେଥିରୁ ଆପଣଙ୍କ କମିଶନ ପାଇବେ।

—*—


# କବିତା ପ୍ରତିଯୋଗିତା

ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ ଶ୍ରୀଯୁକ୍ତ କ୍ଷୀରୋଦ ଚନ୍ଦ୍ର ପାଲଙ୍କ ଲିଖିତ "କ ଖ ଟ ତ ପ" ପୁସ୍ତିକାର ପ୍ରଚ୍ଛଦ ପଟ ସମ୍ବନ୍ଧରେ ଯେ କେହି ଶ୍ରେଷ୍ଠ କବିତା ଲେଖିବେ ନଗଦ ଟ ୨୦ ଙ୍କା ଓ ପରବର୍ତ୍ତୀ ଜଣେ ଲେଖକଙ୍କୁ ବର୍ଷକ ପାଇଁ "ଡଗର" ପୁରସ୍କାର ସ୍ୱରୂପ ଦିଆଯିବ। ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ଆନୁସଙ୍ଗିକ ଖର୍ଚ୍ଚ ନିମିତ୍ତ ପ୍ରତ୍ୟେକଙ୍କୁ ଟ ୧୫ ଙ୍କା ଦେବାକୁ ପଡ଼ିବ। ଟଙ୍କା ପଠାଇଲା ମାତ୍ରେ ଲେଖିବାର ସୁବିଧା ନିମିତ୍ତ ଛବି ସହ ଖଣ୍ଡିଏ "କ ଖ ଟ ତ ପ" ଓ ତାହା ସଙ୍ଗେ ଅଧିକା ଖଣ୍ଡିଏ "କୃଷ୍ଣ କୁମାରୀ" ଡାକ ଯୋଗେ ପଠାଇ ଦିଆଯିବ। ପୁରସ୍କାର ବିବେଚନାର ଭାର ବାରିପଦା ସାହିତ୍ୟ ସମାଜ ଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ଟଙ୍କା ପଠାଇବ ଓ କବିତା ପଠାଇବ। କବିତା ପଠାଇବାର ଶେଷ ତାରିଖ ଫେବୃଆରୀ ତା ୨୮ ରିଖ। ପ୍ରାପ୍ତ କବିତା ଗୁଡ଼ିକ ଆଶାନୁରୂପ ନ ହେଲେ ପୁରସ୍କାର ଦିଆଯିବ ନାହିଁ ଓ ଟଙ୍କା ଫେରସ୍ତ ଦିଆ ଯିବ।

କବିତା ଓ ଟଙ୍କା ପଠାଇବା ଠିକଣା।
ପୁସ୍ତକ ଭଣ୍ଡାର, ବାରିପଦା—ମୟୂରଭଞ୍ଜ।


Digitized by srujanika@gmail.com

ମଜା କବିତା.........

# ଅଫିସ ଜୀବନ

ଲେଖକ — ଶ୍ରୀ ନିରଞ୍ଜନ ତ୍ରିପାଠୀ

ଦେଖ ବୀଣାପାଣି କେଉଁ ପାପ ଫଳେ
ମଣ୍ଡିଲି ଅଫିସ ମୁଁ ଏ କରମ ମେଳେ ।
ଅଫିସର ପୁଣି ସିନିୟର ସବୁ
ହେଡ କ୍ଲାର୍କ ଆଦି କେତେ କେତେ ବାବୁ
କରି ରହିଛନ୍ତି ମୋ ମଥା ଉପରେ
କାମୁଟେ ପୋଦକ ଲ୍ଲଷ ମଜା ଥରେ ।
ଦେଖ ହେ ! ଭର ହେଲେ ପାଣ —
ଏ ଦୁସ୍ତର ଭାର
ମନ ମୋର ରହୁ ନାହିଁ ।
ଏହାଠାରୁ ଭଲ ନିଷ୍ଠୁର ଜୀବନ
ଅଛି ଆଉ କହ କାହିଁ ?
ଏତକରେ ଭଲ ପାଉଥାନ୍ତା ମେଷ,
ମଣିଷ ଜନମ ମାଗନ୍ତା ନିଶ୍ଚୟ ।
(କିନ୍ତୁ) ଅଫିସରେ ଏହା ମୋ ଭାଗ୍ୟ ଜୀବନ
ସ୍ୱପ୍ନ ମୋହ ପ୍ରଭାତ ସାନ୍ଧ୍ୟ ସମୀରଣ
ହୃଦୟ ମୋହର ଶୁଷ୍କ ହା ହା ଭାବ
ନଥି କବିତା ସଙ୍ଗେ ମୋର ଭାବ ଗତି
ବସନ୍ତ ମଳୟ ନାରୀ ରୂପ ଛବି
ଏଠି କେବେ ମିଳେ ନାହିଁ,
ଏହାଠାରୁ ବଳି ନିଷ୍ଠୁର ଜୀବନ
ଅଛି ଆଉ କହ କାହିଁ ?
ବୈଶାଖର ଝଞ୍ଜା ବହେ ହୁଉ ହୁଉ
ଅନ୍ତରେ ମୋ ଜଳେ ଚିତା ହୁହୁ ହୁହୁ,
ହାଣେ ମୋ ଅନ୍ତର ମେଲିଲ କଟାକ୍ଷ
କେତେ ଦିନ ଆଉ ସହିବି ଏ କଷ୍ଟ ?
ଅଫିସରଙ୍କର ନାଲି ନାଲି ଆଖି
ହେଡ୍ କ୍ଲାର୍କ ଗୃହାନ୍ତି ନିତି ଚାଙ୍କି ଚାଙ୍କି
ସବୁ ଦେଖି ମଧ୍ୟ ମନେ ଦମ୍ଭ ଧରି
ସ୍ଥିର କରେ ମୋର ଚିତ୍ତ,
ଆଖି ଆଗେ ଯେବେ ନାଚି ଯାଏ ମୋର
ପତ୍ନୀଙ୍କ ଧନର ଚିତ୍ର ।
ଦେଖ ବୀଣାପାଣି କେଉଁ ପାପ ଫଳେ
ଅଫିସ ଲାଇଫ୍ ଗଢ଼ିଲ ଏ ଛଳେ —
ପଣ୍ଡିତ ବିଚାର ନଥି ତୋ ସଙ୍ଗ
ଝଗଡ଼ାର ସେ ନିତି କେତେ ରଙ୍ଗେ
ଟାଇପ୍ ମେସିନର 'ଠକ ଠାକ୍' ଗୀତ
ଶୁଣି ଥାଏ ଭବେଁ ଅଭିଶପ୍ତ ଚିତ୍ତ
ଡ୍ରାଇ ଏ ଅଫିସ ମରୁଭୂମି ଏହା
ସାହାରାର ରୂପାନ୍ତର—
ବୈଶାଖ ଝଞ୍ଜା ପରି ନିତି ବହେ
ଭଲ ପଙ୍ଗା ଫର ଫର ।
ବାବୁ ହେ ! ଜନ୍ମ ଦିଅ ମୋତେ ଅଭିଶାପ ତୁମ୍ଭ
ଫେରାଇ ନେବ କି ନାହିଁ,
ଏହାଠାରୁ ବଳି ନିଷ୍ଠୁର ଜୀବନ
ଅଛି ଆଉ କହ କାହିଁ ?

Digitized by srujanika@gmail.com

# କାଳିଆ ବଳଦ ଗାଲ୍ପା ଗାଲ୍ପା

ସଂଗ୍ରାହକ:—**ଦେବ ମହାପାତ୍ର**

(କନ୍ଧମାଳରୁ ଟେଲିଗ୍ରାମ)—"ମନୁ ମୃତ ବାଘ ଶୀଘ୍ର ।"

(ସ୍ତ୍ରୀ ପାଖରୁ ଉତ୍ତର)—"ତାଙ୍କୁ ଘରକୁ ପଠାଅ ।"

(କେତେଦିନ ପରେ ସ୍ତ୍ରୀଙ୍କ ପାଖରୁ କନ୍ଧମାଳକୁ ଟେଲିଗ୍ରାମ)—"ଭୁଲ୍ ଲେବଲ ବାଘ ବାକ୍ସରେ ।"

(କନ୍ଧମାଳରୁ ଉତ୍ତର)—"ଭୁଲ ମୋଟେ ନୁହେଁ ମନୁ ବାଘ ପେଟରେ ।"

\+ + + +

"ମତେ ଦଶଟା ଟଙ୍କା ଉଧାର ଦେଇ ପାରିବେକି ?"

"ହଁ ପହଞ୍ଚିଲେ ମୁଁ କଲିକତାରୁ ଫେରିଆସେ ।"

"ମୁଁ ଜାଣି ନ ଥିଲି ଆପଣ କଲିକତା ଯାଉଛନ୍ତି ।"

"ମୁଁ ପ୍ରକୃତରେ ଯାଉନାହିଁ ।"

\+ + + +

ଶିକ୍ଷକ—ଜଣେ ଯଦି ୧୮୯୧ରେ ଜନ୍ମ ଗ୍ରହଣ କରିଛି ତାର ବର୍ତ୍ତମାନର ବୟସ କେତେ ହବ ।

ଛାତ୍ର—ସାର୍, ସିଏ ସ୍ତ୍ରୀ ନା ପୁରୁଷ ?

× + × ×

"ମୁଁ ଯେତେବେଳେ ହସ୍‌ପିଟାଲରେ ପଡ଼ିଥିଲି ମୋର ସାଙ୍ଗମାନେ ଭିଡ଼ ଜମେଇ ମତେ ଦେଖିବାକୁ ଆସୁଥିଲେ ।"

"ତେବେ ତମର ସାଙ୍ଗମାନେ ଖୁବ୍ ଭଲ"

"ହଁ, ଆଉ ମୋର ନର୍ସଟି ମଧ୍ୟ ଦେଖିବାକୁ ଥିଲା ବଢ଼ିଆ ।" + + ×

ସ୍ତ୍ରୀ—କାଲି ରାତିରେ ତମେ କୋଉଠି ଥିଲ କି ?

ସ୍ୱାମୀ—ଇଏ ମିଛ କଥା—କିଏ କହୁଥିଲା ତମକୁ ? ଚିଛି—କୁଆ ମିଛ ।

× × × ×

ବାପ—ମୁଁ ଭାବୁଛି ଆଉବର୍ଷ ବେଳକୁ ସବୁ କାମ ଦାମ ଟୋକା ଉପରେ ଛାଡ଼ି ଦେଇ ମୁଁ କାମରୁ ଛୁଟି ନେବି ।

ପୁଅ—ଏତେ ଚଞ୍ଚଳ କାହିଁକି ହେଉଛ, ତମେ ଆହୁରି କେଇ ବର୍ଷ ଚଳାଅ, ତା ପରେ ଦୁହେଁଯାକ ଏକା ସାଙ୍ଗରେ ଛୁଟି ନେବା ।

---


## ଓଡ଼ିଶା ମାଡେଲ ଟ୍ରେନିଂ ସ୍କୁଲ

ଅସୁରାଳି

ପୋଃ କୋଠାର ଜିଃ ବାଲେଶ୍ୱର

ପଲ୍ଲୀ ଅଞ୍ଚଳରେ ସ୍ୱଳ୍ପ ବ୍ୟୟରେ ଭାରତ ଗଭର୍ଣ୍ଣମେଣ୍ଟଙ୍କ ମେନୁଏଲ ମତେ ସର୍ଭେ ଶିକ୍ଷା ତଥା ଦେଶର ବେକାର ସମସ୍ୟା ଓ ଦରିଦ୍ରତାର ଚକ୍ରବାତ୍ୟାରୁ ଯୁବକମାନଙ୍କର ମୁକ୍ତି ପ୍ରଦାନ ପାଇଁ ଥିବ ସର୍ଭେ ସ୍କୁଲ ସର୍ବଦା ଗଭୀର ଉଦ୍ୟମ ସହ ଓଡ଼ିଶାର ନାନା ସ୍ଥାନରେ ବ୍ୟାପକ ଭାବେ ଶିକ୍ଷା ଦେଇ ଆସୁଅଛି । ବର୍ତ୍ତମାନ ଏହାର ଏକ ଶାଖା ସ୍କୁଲ ଭଦ୍ରକ ନୂଆବଜାରରେ ସ୍ଥାପନ କରା ଯାଇଅଛି ।

ଯଦି ଆପଣମାନଙ୍କର ସ୍କୁଲର ସର୍ଭେ ମୋଟ ଦେୟ ଟ ୧୫ ଦେଇ ଡ୍ରଇଁ ବନ୍ଦବସ୍ତର ମୁହରିର ଅମିନ, କାନୁନ୍‌ଗୋ ଓ ଇନ୍‌ସପେକ୍ଟର ହେବାକୁ ଅଭିଳାଷ ଥାଏ, ତେବେ ବିଶେଷ ବିଜ୍ଞାପନ ପାଇଁ ଦଶପଇସାର ଡାକ ଟିକଟ ପଠାନ୍ତୁ,


Digitized by srujanika@gmail.com

# କିସ ପୃଣି ଦେଖା ନଯାଏ

## ବାରହଜାର ବର୍ଷର ଗଛ

ପୃଥିବୀ ମଧ୍ୟରେ ସବୁଠାରୁ ବୁଢ଼ା ଗଛ ଅଛି ଅଷ୍ଟ୍ରେଲିଆର କୁଇନ୍‌ସଲ୍ୟାଣ୍ଡରେ । ଏହି ବୃକ୍ଷଟି ଠିକ୍ ଯେ କେବେ ଜନ୍ମିଛି ତାହା କେହି ସଠିକ କହି ପାରନ୍ତି ନାହିଁ । ସେଠାର ଲୋକ ପରମ୍ପରାରେ ବୃଦ୍ଧମାନଙ୍କ ମୁହଁରୁ ଏହିକଥା ଶୁଣି ଆସୁଛି ଯେ ଏହାର ବୟସ ଅକଳନୀୟ, ଏହାକୁ କେହି କେବେ ଜନ୍ମିବାକୁ ଦେଖି ନାହାନ୍ତି ।

ବୈଜ୍ଞାନିକମାନଙ୍କ ପାଖରେ କିନ୍ତୁ କିଛି ଅଜ୍ଞାତ ରହେ ନାହିଁ । କିଛିଦିନ ପୂର୍ବରୁ ଜାର୍ମାନୀର ଜଣେ ଉଦ୍‌ଭିଦତତ୍ତ୍ୱବିତ୍ ପ୍ରମାଣ କରି ଦେଖାଇଛନ୍ତି ଯେ ଏହାର ବୟସ ୧୨୦୦୦ ବର୍ଷରୁ କିଛି ବେଶୀ ।

## ଆଳୁରୁ କାଚ ତିଆରି ।

ଦୀର୍ଘ ଗୁଡ଼ିଏ ବର୍ଷ ଅନୁସନ୍ଧାନର ଫଳରେ ସମ୍ପ୍ରତି ରସାୟନ ଶାସ୍ତ୍ରବିଦ୍‌ମାନେ ଆଳୁର ଶ୍ୱେତସାରରୁ ଏକ ପ୍ରକାର ସ୍ୱଚ୍ଛ କାଚ ଜାତୀୟ ଦ୍ରବ୍ୟ ପ୍ରସ୍ତୁତ କରିଛନ୍ତି । ଏହି ଦ୍ରବ୍ୟଟିର ନାମ 'Anras glass.' ଏହାର ସ୍ୱଚ୍ଛତା ଅନେକ କ୍ଷେତ୍ରରେ ସାଧାରଣ କାଚ ଅପେକ୍ଷାର ଢେର ବେଶୀ ହୁଏ ଏବଂ ଏଗୁଡ଼ିକ ଭାଙ୍ଗେ ନାହିଁ । ସାଧାରଣ କାଚ ଯେଉଁ ପରିମାଣ ଉତ୍ତାପ ସହ୍ୟ କରେ, ତା ଅପେକ୍ଷା ଢେର ବେଶୀ ଉତ୍ତାପ ସହ୍ୟ କରି ପାରେ । ଏହି କାଚ ଗୁଡ଼ିକ ବିଭିନ୍ନ ବିଷୟର ବୈଦ୍ୟୁତିକ କାମରେ ଏହି କାଚ ବିଶେଷ ଉପକାରରେ ଆସିବ ।

## ଫଳରୁ ମଖନ

ଆଫ୍ରିକାର ଫେଞ୍ଚ ନାମକ ସ୍ଥାନରେ "ଶୀଆ" ଗଛ ନାମରେ ଏକ ରକମ ଗଛର ଫଳରୁ ପ୍ରଚୁର ମଖନ ତିଆରି ହେବାର ସମ୍ବାଦ ମିଳିଛି ଏବଂ ଏହି ମଖନ ସ୍ୱାଦ ଓ ଗନ୍ଧରେ ଦୁଧ ମଖନ ଅପେକ୍ଷା କୌଣସି ଅଂଶରେ କମ ନୁହେଁ ବରଂ ବେଶୀ ଉପାଦେୟ ଓ ସୁଗନ୍ଧ ଯୁକ୍ତ । କିନ୍ତୁ ଉପାଦାନଗତ ଭାବରେ ଦୁଧର ମଖନ ସାଙ୍ଗରେ ଏହାର ପାର୍ଥକ୍ୟ କେତେ ତାହା ଅଦ୍ୟାପି ସ୍ଥିର ହୋଇ ନାହିଁ ।

## ସବୁଠାରୁ ବଡ଼ ପୋକ

ପୃଥିବୀର ସବୁଠାରୁ ବଡ଼ ପୋକର ନାମ 'ମ୍ୟାଗାସ୍‌କୋଲାଇଡ଼୍ ।' ଏମାନେ ଅଷ୍ଟ୍ରେଲିଆ ବାସୀ ଏବଂ ଲମ୍ବାରେ ପ୍ରାୟ ସାଢ଼େ ପାଞ୍ଚ ହାତ । ବର୍ତ୍ତମାନ ଏମାନଙ୍କ ସଂଖ୍ୟା ଯଦିଓ ଖୁବ୍ କମି ଆସିଲାଣି ତଥାପି ମଝିରେ ମଝିରେ ଦକ୍ଷିଣ ଗିପ୍‌ସ୍‌ଲ୍ୟାଣ୍ଡର ଶେଷ ଭିକ୍ଟୋରିଆର ଗ୍ରୀଷ୍ମାଞ୍ଚଳକୁ ୨୧୪ ହାତ ପୋକ ଯାତାୟାତ କରିବାର ଦେଖା ଯାଇଛି ।

## ସ୍ୱସ୍ତିକା ପୋଡି ସ୍ୱସ୍ତି ବୋଧ

ଭୂତପୂର୍ବ ଜାର୍ମାନ ଡାକ୍ତର ଜଇଲହେଲମଙ୍କ ପାଖକୁ ଜାର୍ମାନୀରୁ କୌଣସି ପତ୍ର ଆସିଲେ ପ୍ରଥମେ ଷ୍ଟାମ୍ପଟି ପୋଡ଼ି ତା ପରେ ସେ ଚିଠି ତାଙ୍କ ହାତରେ ଦିଆ ହେଉଥିଲା । ତା ନ ହେଲେ ଡାକ ଟିକଟ ଉପରେ ହିଟଲର ପ୍ରଦତ୍ତ ସ୍ୱସ୍ତିକା ଚିହ୍ନ ତାଙ୍କୁ ଭୀଷଣ ଭାବରେ ଉଦ୍‌ବିଗ୍ନ କରୁଥିଲା ଏବଂ ମାନସିକ କଷ୍ଟର କାରଣ ହେଉଥିଲା ।

Digitized by srujanika@gmail.com

## ଭୂଏଁକୋ ଗୋବିନ୍ଦ ବନମାଳି

— ଜାଗବନ୍ଧୁ —

(୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ —**

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତ ମନର ବିକାଶ ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନ କରିବା। ୨। ଉତ୍କଳର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରିବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

## ମହର୍ଷି ରୋମାଁ ରୋଲାଁ

ସ୍ନେହର ଜାଗ ଭାଇ ଓ ଭଉଣୀମାନେ,

ନମସ୍କାର। ଆପଣମାନେ ପୃଥିବୀ ବିଖ୍ୟାତ ଲେଖକ ମନୀଷୀ ରୋମାଁ ରୋଲାଁଙ୍କ ନାମ ଶୁଣିଥିବେ। ସେ ଆଜ ଇହଜଗତରେ ନାହାନ୍ତି। ସେ ଗତ ଡିସେମ୍ବର ୩୦ ତାରିଖ ଶନିବାର ରାତିରେ ଫ୍ରାନ୍ସ ଅନ୍ତର୍ଗତ ଭିଧୁନ ଜିଲ୍ଲାର ଭେଜେଲ ନାମକ ସ୍ଥାନରେ ପରଲୋକ ଗମନ କରିଅଛନ୍ତି। ମୃତ୍ୟୁ ସମୟରେ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ମହର୍ଷି ରୋଲାଁ ପ୍ରବନ୍ଧକାର, ଐତିହାସିକ ଓ ଅଧ୍ୟାପକ ଥିଲେ। ପୃଥିବୀରେ ଶାନ୍ତି ଚେଷ୍ଟା କରିବା ତାଙ୍କ ଜୀବନର ଲକ୍ଷ୍ୟ ଥିଲା। ସେ ୧୮୬୬ ସାଲ ୨୯ ତାରିଖ ଜାନୁୟାରୀ ଦିନ ବାର୍ଗାଣ୍ଡିର କ୍ଲାମୋସି ସହରରେ ଜନ୍ମଗ୍ରହଣ କରିଥିଲେ। ପ୍ୟାରିସ୍‌ରେ ତାଙ୍କର ଛାତ୍ର ଜୀବନ ଅତିବାହିତ ହୋଇଥିଲା। ୧୮୯୫ ଖ୍ରୀଷ୍ଟାବ୍ଦରେ ସେ ସାହିତ୍ୟରେ ଡକ୍ଟର ଉପାଧି ଲାଭ କରିଥିଲେ। ତାପରେ ସେ ୧୫ ବର୍ଷକାଳ ଇତିହାସ ଓ ସଙ୍ଗୀତ ବିଦ୍ୟାର ଅଧ୍ୟାପକ କାମ କରିଥିଲେ। ଗତ ଇଉରୋପୀୟ ମହାଯୁଦ୍ଧ ଆରମ୍ଭ ହେବା ସମୟରେ ସେ ସୁଇଜରଲ୍ୟାଣ୍ଡରେ ଆଶ୍ରୟ ଗ୍ରହଣ କରି ରେଡ଼କ୍ରସ କାର୍ଯ୍ୟରେ ବ୍ରତୀ ହୋଇଥିଲେ। ସେ ସୁଇଜରଲ୍ୟାଣ୍ଡରେ ରହି ବିଶ୍ୱଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପାଇଁ ଆତ୍ମ ନିୟୋଗ କରିଥିଲେ। ଏହି ପ୍ରଚେଷ୍ଟା ମୂଳରେ ଥିଲା ତାଙ୍କର ଆଦର୍ଶର ପ୍ରେରଣା! ଫଳରେ ସେ ଜର୍ମାନ ଓ ଫରାସି ଦାନବଙ୍କର ଶତ୍ରୁର ପାତ୍ର ହୋଇଥିଲେ ଓ ଉଭୟ ଜାତିର ଆଧ୍ୟାତ୍ମ ଯୋଗସୂତ୍ର ପ୍ରତିଷ୍ଠାରେ ସାହାଯ୍ୟ କରିଥିଲେ। ତାଙ୍କର ଅଦ୍ଭୁତ ସୃଜନୀ ଶକ୍ତି ଓ ତାଙ୍କୁ ପୃଥିବୀରେ ବଡ଼ କରି ଦେଇଥିଲା। ଟଲଷ୍ଟୟଙ୍କ ଭଳିଆ ତାଙ୍କର ମଧ୍ୟ ଦୃଢ଼ ବିଶ୍ୱାସ ଥିଲା ଯେ ଶିଳ୍ପ ଓ ସାହିତ୍ୟ ସାଧନାର ଚରମ ଉଦ୍ଦେଶ୍ୟ ହେଉଛି ନିର୍ଯ୍ୟାତିତ ଓ ନିପୀଡ଼ିତ ମାନବ ସମାଜର ଦୁଃଖ ଭାର ଲାଘବ କରିବା। ଔପନ୍ୟାସିକ ହିସାବରେ ସେ ବିଶ୍ୱବିଖ୍ୟାତ ହେଲେ ଓ ୧୯୧୬ ଖ୍ରୀଷ୍ଟାବ୍ଦରେ ନୋବେଲ ପୁରସ୍କାର ଲାଭ କରି। ସେ ସାଧାରଣ ଶ୍ରେଣୀ ପାଠକମାନଙ୍କ ପାଇଁ ଉପନ୍ୟାସ ଲେଖିନାହାନ୍ତି। ଦାର୍ଶନିକ ତତ୍ତ୍ୱ ପୂର୍ଣ୍ଣ ମାନବ ଜୀବନର ଗୂଢ଼ତମ ରହସ୍ୟ ବିଶ୍ଳେଷଣ କରି ଏକ ମହତ୍ତର ସତ୍ୟର ସନ୍ଧାନ ଦେଇଛନ୍ତି ତାଙ୍କ ବିରାଟ ଉପନ୍ୟାସ "ଜାଁ କ୍ରିସ୍ତଫ୍" ବା 'ଜନ କ୍ରିଷ୍ଟଫର'ରେ। ୧୯୦୪ରୁ ୧୯୧୨ ସାଲ ପର୍ଯ୍ୟନ୍ତ ଏହି ଉପନ୍ୟାସ ଖଣ୍ଡିକ ଧାରାବାହିକ ରୂପେ ଗୋଟିଏ ମାସିକ ପତ୍ରିକାରେ ପ୍ରକାଶ ପାଇଥିଲା ଓ ପୁସ୍ତକ ଖଣ୍ଡିକ ୧୦ ଖଣ୍ଡରେ ସମାପ୍ତ ହୋଇଥିଲା ଏବଂ ଏହି ପୁସ୍ତକ ଲେଖି ସେ ନୋବେଲ

Digitized by srujanika@gmail.com

ପୁରସ୍କାର ପାଇଥିଲେ । ଏହି ପୁସ୍ତକଟି ବିଭିନ୍ନ ଇଉରୋପୀୟ ଭାଷାରେ ଅନୁଦିତ ହୋଇଛି ।

ସେ ଭାରତ ବନ୍ଧୁ ଥିଲେ । କଷି ଭାରତର ଅଧ୍ୟାତ୍ମ ସାଧନା ପ୍ରତି ଆକୃଷ୍ଟ ହୋଇ ଭାରତକୁ ଅତି ଶ୍ରଦ୍ଧା ଚକ୍ଷୁରେ ଦେଖୁଥିଲେ । ଇଉରୋପରେ ବିଶ୍ୱକବି ରବୀନ୍ଦ୍ର ନାଥଙ୍କ ସହିତ ଯେତେବେଳେ ସାକ୍ଷାତ ହୋଇଥିଲା, ସେତେବେଳେ ରବୀନ୍ଦ୍ରନାଥ ତାଙ୍କୁ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ରଚିତ ଚିନ୍ତା ସମୂହ ପଢ଼ିବାକୁ ଉପଦେଶ ଦେଇଥିଲେ । ରୋଲାଁ ରାମକୃଷ୍ଣ ଗ୍ରନ୍ଥମାନ ପଢ଼ି ତାଙ୍କର ଜୀବନୀ ଲେଖିଥିଲେ ଓ ୧୯୨୩ ସାଲରେ ମହାତ୍ମା ଗାନ୍ଧୀଙ୍କର ଜୀବନୀ ପ୍ରକାଶ କଲେ । ଶ୍ରୀ ଅରବିନ୍ଦର ସାଧନା ପ୍ରତି ମଧ୍ୟ ସେ ବିଶେଷ ଆକୃଷ୍ଟ ହୋଇଥିଲେ । ଭାରତୀୟ ସମାଜରେ ତାଙ୍କର ଆଦର ଖୁବ୍ ହେଲା ଓ ଭାରତବନ୍ଧୁ ରୂପେ ପରିଗଣିତ ହେଲେ ।

ଗତ ୧୯[illegible]୩ ସାଲରେ ମଧ୍ୟ ତାଙ୍କର ମୃତ୍ୟୁ ଜର୍ମାନ ଫୌଜ ଦ୍ୱାରା ମିଥ୍ୟା ପ୍ରଚାରିତ ହୋଇଥିଲା । ମହର୍ଷି ରୋଲାଁ ପୃଥିବୀ ଶାନ୍ତି ଚେଷ୍ଟାର ଅଗ୍ରଦୂତ ଥିଲେ । ତାଙ୍କର ତିରୋଧାନ ଦ୍ୱାରା ପୃଥିବୀର ବିଶେଷ କ୍ଷତି ହୋଇଛି । ମହାତ୍ମାଙ୍କର ଅମର ଆତ୍ମା ପ୍ରତି ସଭକ୍ତି ପ୍ରଣାମ କରି ରହିଲି । ଇତି । *

ଶ୍ରୀମାନ୍ ପାର୍ଥସାରଥି

—*—

* ଜୀବନୀଟି ବିଭିନ୍ନ ପତ୍ର ପତ୍ରିକାରୁ ସଂଗୃହୀତ

## ଜାଣିକି ? ( ସଂଗୃହୀତ )

୧ । ପୃଥିବୀରେ ଯେତେ ପ୍ରକାର ଭାଷା ଅଛି ତାହା ମଧ୍ୟରେ ସଂସ୍କୃତର ଅକ୍ଷର ସଂଖ୍ୟା ସବୁଠାରୁ ବେଶୀ ।

୨ । ଭାରତରେ ମୋଟ ୪୦୪୭୭ ମାଇଲ ରେଲପଥ ଅଛି ।

୩ । ବ୍ରିଟିଶ ଭାରତରେ ମୋଟ ଜଳନୌପଯୋଗୀ ରାଜପଥ ଅଛି ୩ (ତିନି) ଲକ୍ଷ ମାଇଲ ।

୪ । ପରୀକ୍ଷା ଦ୍ୱାରା ସ୍ଥିରୀକୃତ ହୋଇଛି ଯେ ସମୁଦ୍ରର ସମସ୍ତ ଜଳ ଶୁଷ୍କ କରି ବର୍ଗାକାରରେ ପରିଣତ କରିଲେ ଯେଉଁ ପରିମାଣ ଲବଣ ଅବଶିଷ୍ଟ ରହିବ ତାହାଦ୍ୱାରା ୫୦ ଲକ୍ଷ ବର୍ଗ ମାଇଲ ପରିମିତ ସ୍ଥାନ ୧ ମାଇଲ ଉଚ୍ଚ କରି ପୂର୍ଣ୍ଣ କରାଯାଇ ପାରିବ ।

୫ । ଆମେରିକାର ବ୍ରୁକଲିନରେ ଗୋଟିଏ କ୍ଲବ ଅଛି, ତାର ନାମ 'ବାଲ୍‌ଡହେଡ୍ କ୍ଲବ ।' ଏହି କ୍ଲବର ବିଶେଷତ୍ୱ ହେଉଛି ଯେ ମଥା ଚନ୍ଦା ନ ହେବା ପର୍ଯ୍ୟନ୍ତ କେହି ଏହି କ୍ଲବରସଭ୍ୟ ହୋଇ ପାରିବେ ନାହିଁ ।

୬ । ନେପୋଲିୟାନଙ୍କୁ ଥରେ ଗୋଟିଏ ଅଙ୍କ କରିବାକୁ ଦିଆଯାଇ ଥିଲା, ନେପୋଲିୟନ୍ କୋଢ଼ି ଏରେ ୭୨ ଘଣ୍ଟା ନିଜ କକ୍ଷରେ ଅବଦ୍ଧ ରହି ଉକ୍ତ ଅଙ୍କ ସଠିକ କରିଥିଲେ ।

୭ । ରୋମର କାଟାକୋମ୍ବସ୍ ନାମକ ସମାଧି ସ୍ଥାନ ପୃଥିବୀରେ ସର୍ବବୃହତ୍ ଅଟେ । ଏଠାରେ ୬୦୦,୦୦୦ ଲୋକଙ୍କର କବର ଅଛି ।

୮ । ପୃଥିବୀରେ ଜାହାଜ ନିର୍ମାଣର ବୃହତ୍ତମ ବନ୍ଦର କିଏ ?— "ଫିଲାଡେଲଫିଆ ।"

୯ । ପୃଥିବୀର ଚାରି ଭାଗରୁ ତିନି ଭାଗ ପେଟ୍ରୋଲ କେଉଁ ରାଜ୍ୟର ଖଣିରୁ ମିଳେ ? — 'ଆମେରିକା'

୧୦ । ପୃଥିବୀ ମଧ୍ୟରେ ବୃହତ୍ତମ ମାନଚିତ୍ର କେଉଁଠି ଏବଂ କେତେ ବଡ଼ ?— ରୋମନଗରରେ । ମାନଚିତ୍ର ଦୈର୍ଘ୍ୟ ୨୦ ହାତ ଲମ୍ବା ଏବଂ ୨୦ ହାତ ଚଉଡ଼ା । ଏହା ତିଆରି କରିବାକୁ ୪ ଲକ୍ଷ ଟଙ୍କା ଖରଚ ହୋଇଛି ।

—ଶ୍ରୀ ଲାଲ୍‌ଚନ୍ଦ୍ର ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର    ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରାଚୀନ ରସାୟନିକ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିଲେ ଚର୍ମରୁ ନାନାପ୍ରକାର ଛଟ ବା ବିକୃତ ଚିହ୍ନ, ସର୍ବାଙ୍ଗୀଣ ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରାଶୟଜନିତ ଯନ୍ତ୍ରଣା, ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ଅଙ୍ଗେ ଅଙ୍ଗେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫ ୮୲ । ଭ୍ରାମରୀ ତେଲ ଏହା ଦେହରେ ମାଲିସ୍ କଲେ କ୍ଷତ ଚିହ୍ନ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ୫୧୲ଙ୍କା ମାତ୍ର ୫ ୨ ଟଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ

ଆଲମଚାନ୍ଦ ବଜାର, କଟକ

---

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନର ନାରୀ ରୋଗ ସଞ୍ଚାର କରୁଛି । ଡାକ୍ତରମାନେ ଉଚ୍ଚକଣ୍ଠ ପାଇରେକ୍ସ ବ୍ୟବହାର କଲେ ଯେ କୌଣସି ପ୍ରକାର ପାଲାଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃହତ୍ ଓ ଲିଭର, ପ୍ଲୀହା, ଯକୃତ, ମ୍ୟାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇଞ୍ଜେକ୍ସନରେ ନିରାମୟ କରିବାକୁ ଅଦ୍ୱିତୀୟ ଜଗତରେ "ପାଇରେକ୍ସା" ( ରେଜିଷ୍ଟାର୍ଡ ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି । ମୂଲ୍ୟ:—୫୨୲୵ ( ପ୍ରତି ଶିଶି )

'ଅନନ୍ତ ରସ ସାଲସା'—ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।

ହେଡ୍ ଅଫିସ—ମେସର୍ସ ହେବକାର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍, କଲିକତା ।

ପ୍ରାପ୍ତିସ୍ଥାନ:— ମନମୋହନ ବୁକ୍‌ଶପ୍

ନଂ ୧୩୭ । ୨ ହେବକାର ଷ୍ଟ୍ରିଟ୍, କଲିକତା, ଓ ମନମୋହନ ପ୍ରେସ, କଟକ ।


---

Printed & published by G. C. Mahapatra at the Gopinath Press, Bhadrak. 1945.

ବାର୍ଷିକ ତିନ ଟଙ୍କା ଆଠଅଣା    ବିଜ୍ଞାପନ ହାର ବାର୍ଷିକ ପାଞ୍ଚଟଙ୍କା

digitized by srujanika@gmail.com

୮ମ ବର୍ଷ - ଫାଲ୍ଗୁନ ପ୍ରଥମାର୍ଦ୍ଧ — ୧୯ଶ ସଂଖ୍ୟା




Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାଓ୍ୱନିଅର କମର୍ସିଏଲ ବ୍ୟାଙ୍କ ଲି:—

**ହେଡ୍ ଅଫିସ— କଲିକତା**

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ ନାରାୟଣଗଞ୍ଜ, ଯାତୁରିଆ, ଇଶ୍ୱରଦି, ଜୟନଗର, ମଙ୍ଗଲପୁର, ମୈତ୍ରଗଞ୍ଜ

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, [illegible]ଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାଡ଼ି, ଗୋମୋ, ରଘୁନାଥପୁର, ଜା[illegible] ରୋଡ଼, ପାଟନା,
(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା [illegible] ଖୋଲା ଯାଉଛି)

ମେନେଜିଂ ଡି[illegible]

କଳଦଳି ନାଗପୁର। **ସ୍ୱା—ପି. ଏନ୍: ରାୟ [illegible]ରୀ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ—ମାସିକ ୧ ୫ ୧ ଜମା ଦେଲେ—ବ ୪ ର୍ଥ [illegible] ବର୍ଷ ଶେଷରେ
୧ ୨୭୦ ଙ୍କା ପାଇବେ।

---

## 'ଜଗର' ନିୟମାବଳୀ

୧। 'ଜଗର' ପ୍ରତି ଇଂରାଜି ମାସର ତା ୧ ରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ।

୨। ୬ମ ବର୍ଷ ଠାରୁ 'ଜଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩ ୍ ଓ ଷାଣ୍ମାସିକ ଟ ୨ ଙ୍କା।

୩। ଏଜେଣ୍ଟମାନଙ୍କଠାରୁ ଖଣ୍ଡିଏ 'ଜଗର' ଦୁଇଅଣା ଦେଇ ପାଇପାରିବେ।

୪। 'ଜଗର' ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ, 'ଜଗର' ପୋ: ଭଦ୍ରକ ( B. N: R. )"ଙ୍କ ଠାରୁ ପଠାଇବାକୁ ହେବ। **ଉପଯୁକ୍ତ ଡାକଟିକଟ** ନ ଥିଲେ କବିତା, ପ୍ରବନ୍ଧ ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ।

---

ସମ୍ପାଦକ—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**; ପରିଚାଳନା ସମ୍ପାଦକ ;—**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

# ହୁକା ହୁକା ହୁଆ

## ବିଲୁଆ ବିଚାର

ଟେଲିଂ ସାର୍ଟିଫିକେଟ ବିକ୍ରି ସମ୍ବନ୍ଧରେ ଯେଉଁ ଅତ୍ୟାଚାର ହେଉଛି ସେ ସମ୍ବନ୍ଧରେ କେନ୍ଦ୍ର ଏସେମ୍ବ୍ଲିରେ ଏକ ମୁଲତବୀ ପ୍ରସ୍ତାବ ଆସିଥିଲା । ସଭ୍ୟମାନଙ୍କ ବକ୍ତୃତାରୁ ଯାହା ଜଣା ଯାଉଛି ସେଥିରୁ ଆମେ ଅତ୍ୟାଚାର କପରି ହେଲା ବୁଝି ପାରୁ ନାହୁଁ । ଅଗୁରଟା ସିନା ଅଛି ହେଲେ ଅତ୍ୟାଚାର ହେବ । ଅଳ୍ପ ଅଳ୍ପ ଖଟ୍ ମିଠ୍, ଭଳି ସାମାନ୍ୟ 'ନମକ୍ ମିର୍ଚ୍ଚ' ପକାଇ ଟିକିଏ ସ୍ବାଦୁପାର୍ଶ୍ୱ ବା ଉପମା କମ୍ବା ଡୁଲ୍ମୁସ ପାଟରେ ତିଆରି କରିଦେଲେ ସେଟାତ ଭଲ ଅସ୍ବର ହେଉଥିବ— ଅତ୍ୟାଚାର କଅଣ କମିଛି ? ଧର ପିଲା ପ୍ରତି ଦଶଟଙ୍କା ଯୁବ ସ୍ବାଧୀ ବା ଟେଲିଂ ସାର୍ଟିଫିକେଟ ନକିଣିଲେ ଛୁଆ ଉନ୍ନତରେ ପାଠ ପଢ଼ି ପାରିବ ନାହିଁ । ଏଥିରେ ଅତ୍ୟାଚାର ହେଲା କେଉଁଠି ? ଏଟାତ ବାଧ୍ୟତାମୂଳକ ଶିକ୍ଷାକାମ । ଇନ୍‌ସ୍ପେକ୍ଟରମାନଙ୍କ କମ୍ପାନୀମାନେତ ଏଇ ବାଧ୍ୟତାମୂଳକ ଶିକ୍ଷାକାମ ପାଇଁ ... କରନ୍ତି । ଆମ ସରକାର ଟିକିଏ ବିଜ୍ଞାପନରେ କୋହଳ କଲେ ତାଙ୍କୁ ଏମନ୍ତ ଦୁର୍ନ୍ନାମ ଦେବା କଣ ଉଚିତ ? ପୁଣି ବନ୍ଦ କଥାରେ ଲୋକମାନଙ୍କଠୁଁ ୨୦୦ରୁ ୫୦୦ ଯାଏ ଟଙ୍କା ନେଇ ଲାଇସେନ୍ସ ଦେବା କଥା । ଅରେ ତାରୁ ବନ୍ଦୁକଟା ଗୋଟେ ରାଜଅସ୍ତ୍ର । ତାକୁ ଦିଏ ଯିଏ ସେ ଗୋଟାଏ ସମ୍ମାନ ଦେଉଛି ଉଚିତ । ଆଗରୁ ଅସ୍ତ୍ରର ପୂଜାରୀଙ୍କି ଦକ୍ଷିଣା ଦେଉଥିଲେ । ଆଜକାଲି ହମେ ହୁକୁମାନ୍ତି ବନ୍ଦୁକଟେ ବା ଦିଅ ଦେଲେ ଯାହାକରି ଦକ୍ଷିଣା ସ୍ୱରୂପ ଯଦି ଦିଆଯାଏ କ୍ଷତି କଣ ? ପୁଣି ବେଦ ଅଛି ବେଳେ ପିଟିଲେ ପଶୁବଳି ଦିଏ । ଏମିତି ଟଙ୍କା ଦେଇଥିଲେ ଯେଉଁ ପ୍ରାଣୀ ବନ୍ଦୁକରେ ବଧ ହୁଏ ସେ ସ୍ୱର୍ଗକୁ ଯାଏ ଓ ତେଣୁ ହତ୍ୟାକାରୀର ପାପ ଲାଗେ ନାହିଁ । ଆମ ଓଡ଼ିଶାରେ 'ଜଗତ' ସମ୍ପାଦକଙ୍କୁ ତନା ଶିଖରରେ ଅଟକ ବନ୍ଦୀ କରି ରଖାଗଲା । ସେ ଅପରାଧ କ'ଣ ଏତ ସମ୍ପାଦକଙ୍କର ? ତାଙ୍କ ପୋଷଣ ବାପାଙ୍କର ଅଛି ଗୋଟିଏ ପୁଅ ହେଲେ ହିସାବରେ ସେ ସମ୍ପାଦକଙ୍କର ବାପ । ଉଭୟ ସଂପର୍କ ଯୋଗଦେଲେ ଅଛି ତାଙ୍କ ବନ୍ଦୁକଟାବ ବାଜ୍ୟାପ୍ତି ହୋଇଗଲା । କିନ୍ତୁ ସେ ଯଦି ଓଡ଼ିଆର ବାପ ୨୦୦ ଟଙ୍କାର କିଣିଥାନ୍ତେ ତେବେ ହଜମ୍ମା ହୁଅନ୍ତା କଅଣ ? ଯୁକ୍ତ ପ୍ରଦେଶରେ ଓ୍ୱାର ଟଙ୍କା ଅଦାୟ କରିବା ପାଇଁ ଜଣକ ମୁଣ୍ଡ ତଳକୁ ଗୋଡ଼ି ଉପରକୁ କରି 'ମୁରୁଗୀ ବନେଇ' ଛାଡ଼ିଦେଲେ । ସେଥିରେ କ୍ଷତିଟାବା ହେଲା କଣ ? ରାମ ପକ୍ଷୀ ହେବାର ସୌଭାଗ୍ୟ ପୁଣି ସର-କାର ହାକିମଙ୍କ ପେଟରେ ଗଲେ ବୈକୁଣ୍ଠ ବାସ । ଶେଷରୁ ଲଜ୍ଜା ଯାଉଛି ଯାହାଙ୍କର ଟ ୧୯ ଟିକସ ତାଙ୍କୁ ୨୦ ଟଙ୍କାର ଟେଲିଂ ସାର୍ଟିଫିକେଟ ଜବରଦସ୍ତି ଦିଆ ଯାଉଛି । ଫଳରେ ତାଙ୍କ ଦର କୋଡ଼ିଏ ଗୁଣ ବଢ଼ି ଗଲାଛି । କ୍ଷତି କ'ଣ ? ଆମ ଓଡ଼ିଶାରେ ଆମେ ଶୁଣୁଛୁଁ ଜଣେ ଲୋକ ଦଶ ଟଙ୍କାର କିଣି ନପାରିଲେ ଦଶ ପାଞ୍ଚଜଣ କିଣି ଜଣକ ନାଁରେ ସାର୍ଟି-ଫିକେଟ ନେଉଛନ୍ତି । ତାହା କମ୍ପାନୀ ପଣ୍ଡ ଗ୍ରାମରେ ବ ତ କର୍ତ୍ତା ଅଭାବରେ ଗୋଟାଏ ଯଥାସମ୍ଭବ କମିଲରେ । ଯେଉଁ ପ୍ରକାରେ ପାଞ୍ଚଜଣଙ୍କ ପାଇଁ ଜଣେ କଷ୍ଟକର ବୋଝଟା ବୋହିନେଲେ ପାଞ୍ଚଜଣଙ୍କୁ ହାଲୁକା ! ଏ ସବୁ ବିଷୟକୁ ବିଚାର ନକରି କେନ୍ଦ୍ର ଏସେମ୍ବ୍ଲିରେ ପାଟି ଛାଟି କରିବାଟା ଆମ ମତରେ ଅନ୍ୟାୟ । ଆମର ମନେହୁଏ ସେଠିକା ସଭ୍ୟ ସ୍ବଭାବ ...ଥିଅ । ଘରେ ମାଈପଙ୍କ ସାଙ୍ଗରେ କଳି କରି ନପାରି ସଭାରେ ବାଣ୍ଡ ଲୋକଙ୍କ ସାଙ୍ଗରେ କଣ୍ଠା ବାଡ଼ରେ ଚୁଞ୍ଚ ଲଗେଇ ଗୋଳି କରୁଛନ୍ତି ।

+ × +

ଯୁଦ୍ଧ ମନ୍ତ୍ରୀ ଫୋନ୍ ବୋଲି ଗୋଟେ ଅନୁଷ୍ଠାନ ଅଛି । ମନେ ପଡ଼ୁଛି ଓଡ଼ିଶାରେ ଜଣେ ପଣ୍ଡିତ ନାମଧାରୀ ବେଶ୍ ନାମ କମେଇ ଯାଉଛନ୍ତି ସେଥିରେ । ଏବେ କେନ୍ଦ୍ର ଏସେମ୍ବ୍ଲିରେ ଏଇ ଯୁଦ୍ଧ ସାହାଯ୍ୟ ବା National War Frontର ଗୁମର ଖୋଲି ହୋଇ ପଡ଼ୁଛି । ଜଣେ ସଭ୍ୟ କହିଲେ ଏଥିରେ କେତେକ ଖାଲି ଯୋ ହୁକୁମିଆ ଲୋକ ଅଛନ୍ତି । ଅଉ ଟଙ୍କା ଓ ଦୁର୍ନୀତି କେବଳ ବନ୍ଧୁ ଖବରକାଗଜ (ଯଥା ସତ୍ୟ-ସମାଚାର ନବଭାରତ ଆଦି)କୁ ଓ ସରକାରଙ୍କ ବନ୍ଧୁ-ଧାରକମାନଙ୍କୁ ଦିଆଯାଏ । ଅଉ ଜଣେ କହିଲେ ଯେ ସରକାରି

Digitized by srujanika@gmail.com

ଦୁଃଖ ଦୈନ୍ୟ ଅଗରେ ସୈନ୍ୟ ଛାଉଣୀରେ ଯୁଦ୍ଧ ଚାନ୍ଦାଦ୍ୟକୁ ଦେବାଇ ଲୋକଙ୍କୁ ପ୍ରଲୋଭିତ କରିବା ପାଇଁ ମଧ୍ୟ ଏଠାରେ କବିତା ଓ ଗୀତମାନ ରଚନା କରଯାଇ ପ୍ରଚାରିତ ହୁଏ। ଏପରି ନାନା କଥା ଆରମ୍ଭ ହେବା ବେଳେ ସରକାରୀ କର୍ମଚାରୀ ଜଣେ ଉଠି କହିଲେ—ଆରେ, ଭଲ ଜାଣିଛି ଯୁଦ୍ଧ ସାମୁଖ୍ୟ କରନ୍ତେ ଲୋକ ବୁଝାବ ହେବାର ହୋଇ ଦେଶରେ ତଣ୍ଡଗୋଳ କରିଥାନ୍ତି, ନୈର ବାଃପାର କରି ଥାନ୍ତି—ସେବୋଟେଜ୍ (ପଛଅଢ଼ ଜେବା ଦେବା) କରି ଥାନ୍ତି। ଏ ସବୁ ବିପଦରୁ ସରକାର ଯେ ଅମ୍ଭମାନଙ୍କୁ ରକ୍ଷା କରିଛନ୍ତି ସେଥିପାଇଁ ତାଙ୍କୁ ଧନ୍ୟ ଧନ୍ୟ କହି। ଚାଇନିଜ ଅଟମ ମଧ୍ୟ ଏହି ମତ ସମର୍ଥନ କରି ଶରର ଚୋଷଣ କରୁ। ଅଇବନ୍ଧ ସମସ୍ତ ପାଇଥିବେ ଯେ ଅସୁର ବଢ଼ିଥାନ୍ତେ। ଏହି ସାମୁଖ୍ୟ ଫଳରେ ଭାଳ ଯୁକ୍ତି ନୀଳକଣ୍ଠଙ୍କ ପରି କେତେ କାଳିକଣ୍ଠଙ୍କ ସତ୍ୟ ରୂପ ପ୍ରକାଶ ପାଇ ଯାଉଛି, କେତେ ଲୋକ ମୁଖ ବନ୍ଦୀ ହୋଇ ଯୁଅଙ୍କ କରିବାର ସୁବିଧା ପାଇ ଯାଇଛନ୍ତି, ସ୍ୱଣବ୍ୟକ୍ତିର ପରଥଦେକୁ କେନ୍ଦ୍ରବଦ ନାଟକୀୟତାର କାର୍ଯ୍ୟରେ ପରିଣତ କରିବାର ସୁଯୋଗ ଓ ସୁବିଧା ପାଇଛନ୍ତି, ହେଡନର ତୃପ୍ତିଙ୍କ କାଳରୁ ମୁଦର କାଳକ ପ୍ରୀତି ନାଃ ଗୋଃପୁଅ ଅଦର ବସ୍ତାଭରେ କେଶ୍ ଅନଦାନଦର ହୋଇ ପାରୁଛି, ନାୟକନେତାମାନଙ୍କୁ କଥା କହିବାର ଅଭ୍ୟାସ ଓ ଲୁଣ୍ଠଗଲ ମାରିବାର ସୁବିଧା ହେଉଛି, ଯୋ ହୁକୁମ ମାନେ ସମାଜ ଚକ୍ଷୁରେ ଯେତେ ଘୃଣ୍ୟ ହେଲେ ମଧ୍ୟ ସେମାନଙ୍କୁ ଗୋଃାଏ ସମ୍ମାନଜନକ ଅସନ ମିଳିଛି। ଅମ୍ଭେମାନେ ଏହି ସଭ୍ୟଙ୍କ ମତକୁ ଅବଶ୍ୟ ସମର୍ଥନ କରୁ।

× + ×

ଗତର ମିଳନି କଲିକତାରେ ଯୋଗସୂତ୍ର ଅଫିସରଙ୍କର (Liaison Officer) କାର୍ଯ୍ୟକାଳ ପୂର୍ଣ୍ଣ ଯାଇଥିବାରୁ ଓଡ଼ିଶା ସରକାର ତାଙ୍କ ସହିତ ଯୋଗସୂତ୍ର ଛିନ୍ନ କରି ଦେଇଛନ୍ତି। ସେ ଯୋଗସୂତ୍ର ବଜାୟ ରଖିବା ଲାଗି କେତେକ ପ୍ରବାସୀ ଓଡ଼ିଆ ଭାଇମାନଙ୍କର ଦସ୍ତଖତ ସଂଗ୍ରହ କରି ଏକ ମିଳିତ ଉଦ୍ୟମ କରୁଛନ୍ତି। ମିଳିତ ଉଦ୍ୟମକୁ ସମ୍ଭାଳିବା ଲାଗି ମିଳିତ ମନ୍ତ୍ରୀ ମଣ୍ଡଳ ନାହାନ୍ତି। ସେ ଲକ୍ଷ୍ମ ନାହାନ୍ତି କି ସେକାଳ ମଥୁରା •ବି ନାହିଁ—କୁଥାଃାରେ ଚମ୍ପୁ ଲୁଟି ଲଇ କଣ ? ମାନେ ମାନେ ସଇକୁ ଫେରିଅସ।

ଏଠାର କୌଣସି ମଃର ଏସୋସିଏସନ ହୃଟେଃଂଭ ମୋଃର ଯାତ୍ରୀଙ୍କଠାରୁ କେତେ କେତେ ଯୁଝ ଭଡ଼ା ଅଦାୟ କରୁଛନ୍ତି। ସେଥିପାଇଁ ସେ କୌଣସି ରସିଦ ବା ଟିକେଟ ପର୍ଯ୍ୟନ୍ତ ଦଅନ୍ତି ନାହିଁ। ଅଜ ଟେଲିଅ ମୁଣ୍ଡ ଦେଖିଲେ ତାଙ୍କ ଭଡ଼ା ମାଗନ୍ତି ନାହିଁ। ଅଜି କେହି ଯଦି ବିନା ରସିଦରେ ଭଡ଼ା ଦେବାକୁ ନାମଙ୍ଗ ହୁଅନ୍ତି ତାଙ୍କୁ ଡ୍ରାଇଭର କଣ୍ଡକ୍ଟର ଓ ଟେଣ୍ଡ ମେର ଭାଡ଼ି ତାରି ଶୁଣାଯାଏ। ମୋଃର ଏସୋସିଏସନର ମାଲିକମାନେ ବା କର୍ତ୍ତା ଯେ ଜଣେ ଯୁଝ ଉଦ୍ୟମର ବଡ଼ ପଣ୍ଡା, ତା'ର ପ୍ରମାଣ ଏଥିରୁ କିଃ ସାହେବଙ୍କ ଗ୍ ଦେଇଥିବାରୁ ଜଣା ପଡ଼ିଲା। ଶ୍ରୀ ପାଇଲ ଏଚ୍, ଡି, ଓ, ସାହେବ ସେହି କର୍ତ୍ତାଙ୍କୁ କ୍ଷମତା ( outhorise ) ଦେଇଛନ୍ତି ଏହିପରି ଭଡ଼ା ଉଠେଇବାକୁ। ଅମର କିନ୍ତୁ ଏକଥା ମନକୁ ଆସେ ନାହିଁ। ଅଚ୍ଛା ଉକ୍ତ ଏସୋସିଏସନ ଯାହା ଭଡ଼ା ଉଠାନ୍ତି, ସେଥିରୁ କେତେ ସରକାରଙ୍କୁ ଦଅନ୍ତି ବା କେତେ ନିଜ ପାଇଁ ରଖନ୍ତି ତା'ର କୌଣସି ହିସାବ ଦୋବ ଅଛି ? ଯୁଝ ନାମରେ ଏପରି ଲୁଟରେ ଅଦାୟ କରିବାଃ ନ୍ୟାୟ ବା ଅନ୍ୟାୟ ଏବିଷୟ ଏଚ୍: ଡି: ଓ: ବା ଜିଲାର କର୍ତ୍ତା ସର୍ବସାଧାରଣଙ୍କୁ ଜଣାଇବେ କି ?

## ଓଡ଼ିଶା ସର୍ଭେ ଟ୍ରେନିଂ ସ୍କୁଲ୍

## ଅସୁରାଲି

ଗୋ: ବଦୋରା ନଃ ବାଲେଶ୍ୱର

ପଲ୍ଲୀ ଅଞ୍ଚଳରେ ସ୍କୁଲ ଚ୍ୟାଲେଞ୍ଜ ଭାରତ ଗଭର୍ଣ୍ଣମେଣ୍ଟଙ୍କ ମେନୁଏଲ ମତେ ସର୍ଭେ ଶିକ୍ଷା ତଥା ଦେଶର ବେକାର ସମସ୍ୟା ଓ ଦରିଦ୍ରତାର ଦୁର୍ବିସହ ଘାତରୁ ଯୁବକମାନଙ୍କର ମୁକ୍ତି ପ୍ରଦାନ ପାଇଁ ଏହି ସର୍ଭେ ସ୍କୁଲ ସର୍ବଦା ଗମ୍ଭୀର ଉଦ୍ୟମ ସହ ଓଡ଼ିଶାର ନା ନା ସ୍ଥାନରେ ବ୍ୟାପ୍ତ ଭୋଲ ଶିକ୍ଷା ଦେଇ ଆସୁଅଛି। ବର୍ତ୍ତମାନ ଏହାର ଏକ ଶାଖା ସ୍କୁଲ ଭଦ୍ରକ ନୂଆବଜାରରେ ସ୍ଥାପନ କରାଯାଇଅଛି।

ଯଦି ଆପଣମାନଙ୍କର ସ୍କୁଲର ସବ ମୋଃ ବେକ୍ସ ୫) ଦେଇ ଭାବୀ ବନ୍ଦୋବସ୍ତର ସୁଦକ୍ଷ ଆମିନ, କାନୁନଗୋ ଓ ଇନସ୍ପେକ୍ଟର ହେବାକୁ ଅଭିଳାଷ ଥାଏ, ତେବେ ବିସ୍ତୃତ ବିଜ୍ଞାପନ ପାଇଁ ଟିକଟ ସହ ଆବେଦନ କରନ୍ତୁ।

Digitized by srujanika@gmail.com

# ଖବର ଅନ୍ତର

ଷ୍ଟେଟ୍ ଡର୍ଣ୍ଣ ପ୍ରାଟେଷ୍ଟା ଚର୍ଚ୍ଚିଲଙ୍କୁ ରୁଷ ବିରୁଦ୍ଧରେ ଯୁଦ୍ଧର ଥିଲେ । ଚର୍ଚ୍ଚିଲ ନାସ୍ତି କହିଲେ ।—ଷଗଲ୍ଲ ବଡ଼ାଯାଇ ରହିଲା ।

ଲଡ଼ାଇ ଲମ୍ବା କରାଇବା ପାଇଁ ଏକ ପ୍ରକାର 'ପାଣି' ଯୋଗାଇବାରେ ଷ୍ଟେଟ୍ ଡ୍ରେଟେଜଙ୍କ ଠକ ଦେଉଥିବା କଥା ଶୁଣିବା ଧର ଚେଷ୍ଟ ।—୫୦° ଷାଠ୍ୟ ସମାଚାରରେ ?

ରୁଷ, ମାର୍କିନ ଓ ବ୍ରିଟେନ୍‌ର ମିଶନ୍ ମିଳନ ଗୁପ୍ତଚରଙ୍କର ଉପକୂଳରେ ହୋଇଗଲା ।—କାଳୀଦାହ ଧୂମକେତୁ ?

ଶୁଣାଯାଏ ମିଶନ୍ ମିଳନର ଫଳକୁ ଉଦଯାର ନାହିଁ ବୋଲି ଫ୍ରାନ୍ସର ଷୋର—ଜର୍ମାନ ସଂଘର୍ଷରେ ସଙ୍ଗୀତ ନଷ୍ଟ ହୋଇ ଯାଉଛି ।

ଦକ୍ଷିଣ ଆଫ୍ରିକାର ଭାରତ ହୋଷ୍ଟ ବ୍ୟବସ୍ଥାର ପ୍ରତି-କାରରେ ଭାରତ ସରକାର ଅଜ୍ଞାତ ଅର୍ଥନୈତିକ ବହିଷ୍କାର ଆଲୋଚନା କରୁଛନ୍ତି ।—ସେ ଦିଗରେ ବର୍ତ୍ତ। ଭାରତ ଆମେରିକାର ପଗଡ଼ି ଚିଲ ହୋଇ ଯାଉଛି, ବୋଧହୁଏ ଦକ୍ଷିଣ ଆଫ୍ରିକାର ମୁଣ୍ଡ ଟେକ ହୋଇଥିବାରୁ ଦୁଃଖ କର ଉଚିତାକୁ ଉତ୍ତର ।

ମୌଲାନା ଆଜାଦ ଜେଲରେ ୪୧ ପାଉଣ୍ଡ ଓଜନ ଯାଇଛନ୍ତି । ଲର୍ଡ୍ ଓ୍ୟାଭେଲ ୪୧ ପାଉଣ୍ଡ ବଢ଼ିଛନ୍ତି କି ?

ଶାନ୍ତି ବମାବାଜା ପ୍ରଭୁ ଯିଶୁ ଖ୍ରୀଷ୍ଟଙ୍କ ଉପଦେଶାମୃତ ଗ୍ରନ୍ଥ କେଟିଛନ୍ତି—ଚର୍ଚ୍ଚିଲଙ୍କ ଅଳ୍ପ ଗାଳିଟା ବହୁ ବଡ଼ ବାଜୁଥିଲା ।

ଇଂଲଣ୍ଡରେ ଷ୍ଟ୍ରାଟସ୍ଫୋର୍ଡର ବିଶପ୍ ରୁଷିଆ ହାତରେ ଡନ୍‌ହିଲ୍ ପଡ଼ୀର ଦୁର୍ଗନ୍ଧ ଦେଖି ରୁଷିଆକୁ ଜର୍ମାନ ସହିତ ତୁଳନା କରିଲଃ ଅଭିଶପ୍ତ ନିନ୍ଦା କରିଛନ୍ତି । ଏ ତୁଳନାରେ ବା ବିଶପ୍ ଜଣେ ଯେ ଠାକୁର ଖାଇ ଠାକୁର ଝୁଲି ଗାଇ ବସିଛନ୍ତି ସେ କଥା ମନେ ନାହିଁ ପଡ଼ୁ ।

ଭାରତ ସରକାର ବାହାରର ମିଶନ ଓ ପରଦର୍ଶନକାରୀ ମାନଙ୍କ ପାଇଁ ଗଲବର୍ଷ ସାତେ ଅଠଲକ୍ଷ ଟଙ୍କା ଖରଚ କରି ଛନ୍ତି ।—ଭାରତ ଅତିଥି ପରାୟଣ ଦେଶ ବୋଲି ସୁନାମ ପ୍ରମାଣିତ ହୋଇଛି ।

ଭାରତରୁ ଗଲବର୍ଷ ୧୭୨ ଲକ୍ଷ ଟଙ୍କା ଯାଇଥିଲେ ।—ଏବର-ଷ୍ଟ୍ୟାଣ୍ଡ ବାଙ୍କନ୍ଥିଲର ସଙ୍ଗ୍ୟଙ୍କ ଅନୁପାତରେ ।

ଅଷ୍ଟେଲ ଅବସ ହେନ୍ଦ୍ର ଘଉଡାଯୁ ଦା ଶ୍ରମିକ ସଂସଦ ଲଣ୍ଡନ ଅଧିବେଶନରେ ବ୍ରିଟିଶ ସାମ୍ରାଜ୍ୟବାଦୀ ସରକାର ସରକାର ଶାସନାଧୀନ ମୁକ୍ତ ଦେଶମାନଙ୍କୁ ଏ ସଭାରେ ଯୋଗ ଦେବାପାଇଁ ନିମନ୍ତ୍ରଣ କରିଥିବା ନାହିଁ ବୋଲି ପ୍ରସ୍ତାବ ଗୃହିତ ହୋଇଛି । ଏବଂ ଜର୍ମାନ ଶାନ୍ତିର ଉଦ୍ଦେଶ୍ୟ ସମ୍ବନ୍ଧରେ ପର୍ଯ୍ୟାଲୋଚନା କରିଛନ୍ତି ।—ଏହି ମିଳିତ ଜାତିର ଏମେଷ୍ଟ ସଙ୍ଘ ବା ଶ୍ରମିକ ସଙ୍ଘ ସେ ବିଷୟରେ ନିରପେକ୍ଷ ମତ ଦେବାର ଭାର ପ୍ରଭୁ ଚର୍ଚ୍ଚିଲଙ୍କ ଉପରେ ଛାଡ଼ିଦେଇ ଯାଉଛି—ଶେଷ ବାଘର ଧନ ହେବ ।

ଉକ୍ତ ଅଧିବେଶନରେ ଶତ ଜାତିର ଶ୍ରମିକସଙ୍ଘକୁ ଆମନ୍ତ୍ରଣ କରିବା ପାଇଁ ମଧ୍ୟ ସ୍ଥିର ହୋଇଛି—ଘର ଶତ୍ରୁର ମଙ୍ଗଳ ।

ସୀମାନ୍ତର ପଠାଣ ଗ୍ରାମମାନଙ୍କ ଉପରେ ଉପରୁ ବୋମା ପାତ ସମ୍ବନ୍ଧରେ ଅସେମ୍ବ୍ଲିରେ ଏକ ମୁଲତବି ପ୍ରସ୍ତାବ ଉପସ୍ଥାପିତ ନାକଚ କରିଦେଇଛନ୍ତି—ଅବେ ସଭ, ଅପାତ ମନ୍ତ୍ରୀ ପ୍ରଶ୍ନ ।

ମୁକ୍ତ ପ୍ରଦେଶର ଅବର୍ମୀ ଏସେମ୍ବ୍ଲିର ଚକରେ ଦଳସ ପାଇବା ପତ୍ରରେ ପୁରୁଷୋତ୍ତମ ଦାସ ଟାଣ୍ଡନ ପୁଣି ୧୬୯ ବସନ୍ତ ଭିତରେ ହୋଇଛନ୍ତି ।—ଅଭିଜ୍ଞ ବକ୍ତା (speaker) ପାଇଛନ୍ତି ।

ଟୋରୀ ଉଚ୍ଚଶ୍ରେଣୀ ଭରସାରେ କୌଣସି ମିଳିତ ଓ ପ୍ରୋଗ୍ରେସ ଯୋଗଦେଇ ପାରିବେ ନାହିଁ ବୋଲି ସରକାର ଅବେଶ ହୋଇଛି ।—ତାର ପରିଷଦ ମାଳଫୀ ସହ. ମାଳଫୀ ମାନେ ଦ ଫାରୁକରେ ।

ବ୍ରିଟେନ ପାର୍ଲିମେଣ୍ଟର ସଭ 'କି' ସନ୍'ଙ୍କ କଥାନୁସାରେ ଗ୍ରୀସରେ ଭାରତୀୟ ବନ୍ଦୀମାନଙ୍କ ଅର୍ଥନୈତିକ କର ଦେଇ ଓ ଗଣ୍ଡାଏ ଟାଙ୍ଗିରେ ଚାଳିଚ ନାହିଁ ଯାଉଥିଲେ ।—ଗୋଲାମଙ୍କ କାହିଁ ଏହି ?

ବଣ୍ଡଧାରମାନଙ୍କର ବୈଣ୍ଠକେଶନ ( Standing committee of chamber of princes ) ରେ ସ୍ଥିର ହୋଇଛି ଯେ ପୂର୍ବ ଅଭିମାନ ତ୍ୟାଗ, ତେଲ୍ ପାଇଁ କଳକୁ ଏବେ ଭଙ୍ଗାଇଲେ ଦେଖି, କୌଣସି ପ୍ରତିବାଦ ନ କରି ଧୀର ସ୍ଥିରରେ ସମ୍ରାଟଙ୍କ ପ୍ରତିନିଧି (ବଡ଼ଲାଟ) ଙ୍କଠାରେ ଶରଣ ପଶିବେ—
—କ୍ଷ୍ୟାମ ବଡ଼ା ଅଜ ବଗ ନାହିଁ କରି ପ୍ରିୟସଙ୍ଗ ।

ପୋଲଣ୍ଡର ଲବ୍‌ଲିନ ସରକାର ରୁଷିଆର କୋଳ ଭିତରୁ ବୋଲି ବ୍ରିଟିଶ ଟ୍ରେଡ୍‌ୟୁନିୟନ ନେତା କହିଛନ୍ତି—

Digitized by srujanika@gmail.com

ଛଲ୍ଲଣୀ କହନ୍ତି, "କୁଷ୍ଠରେ ଚଡ଼ା ଗାଣ୍ଡିରେ ଦଣା ।"

ଗ୍ରୀସର ଇଲସ (E. L. A. S.) ମାନେ ସରକାରଙ୍କ ସହିତ ସନ୍ଧିନାମା କରି ବ୍ରିଟିଶଙ୍କୁ ଅସ୍ତ୍ର ଶସ୍ତ୍ର ଦେବେ ବୋଲି ସ୍ଥିର କରିଛନ୍ତି—ନଥିଲାବେଳେ ନାକୁଣୀ ଯୋଉଁ ।

ବମ୍ବେ ସରକାର 'ହେରାଲ୍ଡ' ଉପରେ ଯେଉଁ ଅମାନତ ଦାବି କରିଥିଲେ ହାଇକୋର୍ଟ ତାହା ରଦ କରି ଦେଇଛନ୍ତି ।—ଥୁକ୍କଲ ଛେପକୁ ଚାଟିଲ କଥା ।

ଦକ୍ଷିଣ ଆଫ୍ରିକା ବିରୁଦ୍ଧରେ ଅର୍ଥନୈତିକ ବହିଷ୍କାର ଚଳାଇବା ଅପରାଧରେ ଆସେମ୍ବ୍ଲିରେ ସରକାର ବିରୁଦ୍ଧରେ ମୁଲତବି ପ୍ରସ୍ତାବ ପାସ ହୋଇଗଲା ।—ବଢ଼ିଆ ଟିପି ।

ସାମ୍ରାଜ୍ୟବାଦୀ ଦଳ ବଡ଼ ବଡ଼ କଥା କହୁଛନ୍ତି ବୋଲି ଝିଙ୍ଗଟୋଗାଲାଣ୍ଡସ ଅଣ୍ଡା ଯୋଗାଣ କରନ୍ତି ।—ପର୍ବତ ପ୍ରସବ କରିବା କଥା ସମସ୍ତଙ୍କୁ ଜଣା ।

ବର୍ମା ଭାରତରୁ ପୃଥକ ହେବା ପରେ ବର୍ମାରୁ ଭାରତୀୟ ବହିଷ୍କାର ହେବ ବୋଲି ସମ୍ବାଦ ଶୁଣାଯାଏ ।—ମନ ଘଞ୍ଚା, ଦାମ ସରିଲେ ଦେଢ଼ଗଣ୍ଡା ।

ଶୁଣାଯାଏ ଇନ୍ଦୋରର ମହାରାଣୀ ଯେଉଁ ପୋଷ୍ଟ ହିଅନ ତାଙ୍କୁ ତାଙ୍କ ପ୍ରେମିକାଙ୍କଠାରୁ ପ୍ରେମ ଚିଠି ଆଣି ଦେଉଥିଲା ଅରକ୍ଷେତ୍ରରେ ତାକୁଇ ବିବାହ କଲେ ।—ଇଷ୍ଟଠାରୁ ଇଷ୍ଟ ଦୂତ ପ୍ରିୟତର ।

ଗୋବେଲସ ଘୋଷଣା କରିଛନ୍ତି ଯେ ଜର୍ମାନ ଜାତିର ଯନ୍ତ୍ରଣା ଚରମ ସୀମାରେ ପହୁଞ୍ଚିଛି ।—ମଲେ ନ ଦିଲ୍ଲ ପରି ଏହା ମାପରେ ପୀଡ଼ ଯାଏନାହିଁ ।

ପୂର୍ବରେ ଏକ ପାକିସ୍ତାନ ସଂଘ ଗଢ଼ା ହେଉଛି—ଅପୂର୍ବ ଝୁରିଗଲ ।

ପାରସ୍ୟ ରାଜ୍ୟ ଏବେ ଜାପାନ ଅକ୍ଷଶକ୍ତି ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଛି ।—ହାତରୁ କ'ଣ ପଡ଼ୁଛି କି ?

ବଙ୍ଗଳାର ନାସ୍ତି ନୀତି ( denial policy ) କରି ସରକାର ଛଅ କୋଟି ଟଙ୍କା ଦେଉଛନ୍ତି ବୋଲି କେନ୍ଦ୍ର ସଭାରେ ଅଭିଯୋଗ ଉଠିଲା ।—ଗୋବିନ୍ଦଙ୍କ ମାଲ ଗୋବିନ୍ଦ ହୁଣ୍ଡାରେ ଯାଉଥିବ ।

ଇଂଲଣ୍ଡ ଶ୍ରମିକ ସଂଘ ଭାରତ ସମ୍ବନ୍ଧରେ ଚର୍ଚ୍ଚିଲଙ୍କ ସଙ୍ଗେ କଥା ବାର୍ତ୍ତା କରିବା ପାଇଁ ଏକ ପ୍ରତିନିଧିଦଳ (deputation) ପଠାଉଛନ୍ତି ।—ଭାତ ହାଣ୍ଡି ହୋଇ ମାଉସୀ, ଗୁଣିଆ ହୋଇ ଝାଡ଼େ ।

ଇଂଲଣ୍ଡ ଶ୍ରମିକ ନେତା କହନ୍ତି—ଏବେଭଳି ଭାବ ଭାରତୀୟ ନେତା ଜେଲରେ ପଡ଼ି ରହିବା ଇଂଲଣ୍ଡର ବଡ଼ ଅପମାନ ।—ଏତା ଲଜ୍ଜାଂ ପରିତ୍ୟଜ୍ୟ ତ୍ରିଲୋକ ବିଜୟୀ କଥା ସେ ଭୁଲି ଯାଇଛନ୍ତି ।

ଭେଲଜୀୟମର ପିଅରଲୋ ସରକାର ପଦତ୍ୟାଗରେ ଉଦ୍ୟତ ହେବାରୁ ଓ ଏଡ଼ଲିରେ ନୂଆ ପ୍ରଧାନ ମନ୍ତ୍ରୀ ହେଲେ । ଚର୍ଚ୍ଚିଲଙ୍କ ହାତରୁ ଏକ ଏକ ହୋଇ ଖସିଲା—ଭରସା ଏହା ଅଟେ ନାହିଁ ।

ଅସାମୀ ଭାରତକୁ ଅମୁଛନ୍ତି । ଶୁଣାଯାଏ ଭାରତ ସରକାର ଏଥିର ଜିଲା ମାଜିଷ୍ଟ୍ରେଟଙ୍କୁ ମିଲିଟାରୀ ଉପାଧି ଦେବେ ।

ଜାପାନର ଯୋଦ୍ଧାଏ ନିଷ୍ଠୁର ଉତ୍ତାଳତାର ଭାବରେ କହିଲେ ଦୁନିଆ ବୋମା ମାରି ଦେଇ ଯାଉଛି ।—କିଛି କ୍ଷତି ହୋଇନାହିଁ ।—କୁଅପାଡ଼ ।

ଧର୍ମ କଲୁ ନିଜକୁ ନିଜ କାନରେ ଚର୍ଚ୍ଚିଲଙ୍କ କର୍ମଚାରୀମାନେ ଏବା ତାହାକୁ କ୍ଷୁଧି ପଡ଼ିବାରୁ ସେମାନେ ଅପଚୟ ପାଉଛନ୍ତି । ଚର୍ଚ୍ଚିଲ ଗର୍ଜନ ।—ଯାହାକୁ ରଖିବେ ଅନନ୍ତ ।

ପରେ ନିଜର ବାଲେଶ୍ୱର ମ୍ୟୁନିସିପାଲିଟିରେ ଇଲେକ୍ସନ ଝଗଡ଼ା ମାଦାର ହେବେ ।—ବାଲେଶ୍ୱର ଭୂଷାଙ୍କ ସ୍ନାନ ପାଇବାକୁ ବେଶି ନାହିଁ ।

---

## ଛାତ୍ର ସମ୍ମିଳନୀ

ମାର୍ଚ୍ଚ ୩୧ ତାରିଖ ଓ ଅପ୍ରେଲ ପହିଲା ଦୁଇଦିନ ଧରି ଭଦ୍ରକରେ ବାଲେଶ୍ୱର ଜିଲ୍ଲାର ଛାତ୍ର ସମ୍ମିଳନୀର ପଞ୍ଚମ ଅଧିବେଶନ ଅନୁଷ୍ଠିତ ହେବ । ବହୁ ସଂଖ୍ୟାରେ ଛାତ୍ର, ଛାତ୍ରୀମାନେ ଯୋଗ ଦେଇ ସମ୍ମିଳନୀକୁ ସଫଳ କରନ୍ତୁ ଓ ସଙ୍ଗୀତ, ପ୍ରବନ୍ଧ ବକ୍ତୃତା, ଖେଳ ପ୍ରଭୃତି ପ୍ରତିଯୋଗିତାରେ ଯୋଗଦାନ କରନ୍ତୁ ।

ସମ୍ମିଳନୀର ସଭାପତି ହେବା ପାଇଁ ଅଭ୍ୟର୍ଥନା ସମିତି ଶ୍ରୀଯୁକ୍ତ ବିଶ୍ୱନାଥ ଦାସ, ଭୂତପୂର୍ବ କଂଗ୍ରେସ ମନ୍ତ୍ରୀଙ୍କୁ ନିର୍ବାଚନ କରିଛି । ଡେଲିଗେଟ୍ ଫି ୫୧୧ କରି ରଖାଯାଇଛି ।

ଶ୍ରୀ ବଳରାମ ସାହୁ
ଅଭ୍ୟର୍ଥନା ସମିତି ସମ୍ପାଦକ

Digitized by srujanika@gmail.com

# ପୁସି ।

ଲେଖକ:— ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

**ମୋର ଅନ୍ୟ କିଛି ଗୁଣ ଥାଉ ନ ଥାଉ, ପଶୁ ପକ୍ଷୀଙ୍କ ଶବ୍ଦ ଅବିକଳ ଅନୁକରଣ କରି ବୋବାଇବା ଗୁଣଟା ମୁଁ ହାସଲ କରିଥିଲି ପୂରା ଷୋଳପଣ । ସେଥି କାରଣରୁ ପିଲାଦିନେ ସ୍କୁଲରେ ପଢ଼ିବା ସମୟରେ ସାଙ୍ଗସାଥୀ ତଥା ଶିକ୍ଷକମାନଙ୍କଠାରୁ ଆରମ୍ଭ କରି କର୍ମ କ୍ଷେତ୍ରରେ ସହକର୍ମୀ ତଥା ଉପରିସ୍ଥ ହାକିମ ବିଶେଷତଃ ସେମାନଙ୍କ ଅନ୍ଦର ମହଲରେ ମୋର ଆଦର ଥିଲା ସବୁଠାରୁ ବେଶୀ । ଘୋଡ଼ା, ହାତୀ, ବିଲୁଆ, ବିଲେଇ, ମାଙ୍କଡ଼, କୁକୁର, କୁଆ ଶୁଆ ଇତ୍ୟାଦି ସବୁ ଜନ୍ତୁଙ୍କ ଶବ୍ଦ ମୁଁ ଖୁବ୍ ନିପୁଣତାର ସହିତ ଅନୁକରଣ କରି ବୋବାଇ ପାରୁଥିଲି, ସେଥିପାଇଁ ଅନେକଙ୍କର ହିଂସାର ପାତ୍ର ମଧ୍ୟ ହୋଇ ପଡ଼ିଥିଲି ।**

ପଢ଼ିବା ସମୟରେ ଆଇ. ସି. ଏସ. ଠାରୁ ଆରମ୍ଭ କରି ପୁଲିସ ସବ୍‌ଇନ୍‌ସପେକ୍ଟର ପର୍ଯ୍ୟନ୍ତ ଗୃହରଥ ହେବାର ସ୍ୱପ୍ନ ଦେଖି ଦେଖି କଳ୍ପନାରେ ବିଭୋର ଥିଲେ ମଧ୍ୟ ୟୁନିଭରସିଟିର ମାଟ୍ରିକ୍ୟୁଲେସନ ମେଘନାଦ ପାଚେରି ମୂଳରେ ଯେତେବେଳେ ମୁହଁମାଡ଼ି ଅଟକି ପଡ଼ିଲି, ସେତେବେଳେ ଜାଣିଲି ଯେ ମୋର ଜରସମନ କେବଳ ପନ୍ଦରଟି ଟଙ୍କା ସେହି ପନ୍ଦର ଟଙ୍କା ଆଶାରେ ଘୂରି ଘୂରି ବହୁତ କଷ୍ଟରେ ଯାଇ ଟାଟା ନଗରରେ ଶ୍ରୀମତୀଙ୍କ ବଡ଼ ଭାଇଙ୍କ ସୁପାରିଶରେ ( ଭଗବାନ ତାଙ୍କୁ ଦୀର୍ଘାୟୁ କରନ୍ତୁ ) ଟିକିଏ ସ୍ଥାନ ପାଇଲି । ସେତେବେଳେ ଶ୍ରୀମତୀଙ୍କ ଭାଗ୍ୟକୁ ଆଉ ମୋର ସ୍ୱପ୍ନ-ବିଳାସକୁ ଧନ୍ୟବାଦ ନ ଦେଇ ରହି ପାରିଲି ନାହିଁ ।

ମୋର ବିଭାଘର ହୋଇ ଯାଇଛି ପ୍ରାୟ ପାଞ୍ଚବର୍ଷ ହେବ । ଏହା ମଧ୍ୟରେ ଶ୍ରୀମତୀ ଅଶାନ୍ତ (ମୋର ସହଧର୍ମିଣୀ)ଙ୍କ ସହିତ ମୁଁ ନିବିଡ଼ ପ୍ରେମ ବନ୍ଧନରେ ଛନ୍ଦା ଛନ୍ଦି ହୋଇ ପଡ଼ିଛି । ଅଶାନ୍ତ ନାଁ ଶୁଣି ନାକ ଟେକିବା ଦରକାର ନାହିଁ । ଅବଶ୍ୟ ଗୋଟାଏ ଅତି ମଧୁର ମୃଦୁ ରୁଚିକର କର୍ଣ୍ଣ ଶ୍ରୁତିକର ଉପନ୍ୟାସିଆ ନାଁ ତାଙ୍କର ଅଛି । ସେ କଥାରେ ଯେତେବେଳେ ନିତାନ୍ତ ପିଲା ସେତେବେଳେ ମୋ ବଡ଼ବନ୍ଧୁ ଅର୍ଥାତ୍ ତାଙ୍କ ବଡ଼ଭାଇ ସ୍ୱର ମାଷ୍ଟରେ ଜଣେ କବି, ଲେଖକ ଆଉ ଦାର୍ଶନିକ । ଏହାଙ୍କ ଅନବରତ କ୍ରନ୍ଦନରେ ତାଙ୍କ କବିତା ଲେଖିବା ଓ ଚିନ୍ତା କରିବାରେ ବାଧା ପଡ଼ିବାରୁ ସେ ଶାନ୍ତ ନହୋଇ ବିରକ୍ତ ହୋଇ ଅଶାନ୍ତ ନାମଟା ଦେଇଥିଲେ । ସହର ମାନଙ୍କରେ ଗଉଡ଼ କବିତା ବୁଝିବା ପାଣି ଟପିବା ପରେ ତାଙ୍କ ଅଶାନ୍ତ ନାମରେ ଅସଲ ନାମଟା ଲୁଚି ଗଲା ଏବଂ ସେ ଅଶାନ୍ତ, କବି ଓ ଦାର୍ଶନିକଙ୍କୁ ଶାନ୍ତି ଦେଇ ନ ଥିଲେ ମଧ୍ୟ ମୋ ଶାନ୍ତିର ଚିର ସହଚର ହୋଇଛନ୍ତି ।

ପାଞ୍ଚବର୍ଷ ହେଲା ଆମ ଦାମ୍ପତ୍ୟ ଜୀବନ ଗଢ଼ି ଉଠିଲା ପରେ ମଧୁର ଭାବରେ ବିତି ଆସିଥିଲେ ମଧ୍ୟ ମନ ଭିତରେ ଗୋଟାଏ ଖେଦ ରହି ଯାଇଛି । ଏତେ ନିବିଡ଼ ପ୍ରେମର ଫଳ ଏପର୍ଯ୍ୟନ୍ତ କିଛି ମିଳିଲା ନାହିଁ । ଗୋଟିଏ ଗୁଲୁଗୁଲିଆ, ଫୁଲକୋବିଆ ଗୋଲ ଗଲ ଗଲ୍ ମିଳି ପାଇବା ପାଇଁ ଶ୍ରୀମତୀ ଯେପରି ବ୍ୟସ୍ତ ହୋଇ ଉଠିଲେ ମୁଁ ବି ସେମିତି ଅଥୟ ହୋଇ ପଡ଼ିଲି । ସବୁଠାରୁ ବେଶୀ ବିଚଳିତ ହୋଇ ପଡ଼ିଲେ ଭାଉଜବୋଉ ।

ଯାହା ହେଉ, ମୋର ପ୍ରବଳ ଆକାଂକ୍ଷା, ଶ୍ରୀମତୀଙ୍କ ଏକାନ୍ତ ଇଚ୍ଛା ପରିଶେଷରେ ଭାଉଜବୋଉଙ୍କ ବିଶେଷ ଉଦ୍ୟମ ଫଳରେ ନିପଟ ମଫସଲ ଗାଁରୁ ଶ୍ରୀମତୀଙ୍କୁ ମୁଁ ବାସା କ୍ୱାର୍ଟରକୁ ଆଣିଛି; ଏ ସୁନ୍ଦର ଲମ୍ବା ଚଉଡ଼ା ସହରରେ ଲମ୍ବାପରି ନୀରସ କର୍ମମୟ ଜୀବନରେ ମୋର ସରସତା ଉଚ୍ଛୁଳି ଉଠିଛି । ଝରକା ପାଖ ପାଚେରି ସେପଟ ଅତି କ୍ଷୁଦ୍ର ଅଗଣାଟିରେ ଏବେ ଦୂବ ହୋଇ ଉଠିଛି ସଜା-ସଜା, ଘରଟିକୁ ଚନ୍ଦନ-ଚାନ୍ଦନ କରି ତୋଳିଛନ୍ତି ।

ଏକାନ୍ତ ମିଳନର ଅବସରରେ କେତେ କେତେ ମଧୁମୟ ସ୍ୱପନ ବୁଣିଗଲା । ତା ପରେ ମୋ ଅନୁପସ୍ଥିତି ସମସ୍ୟାଟା ଶ୍ରୀମତୀଙ୍କୁ ବେଶି ବାଧିଲା । ମୋର ଅଫିସ ସମୟ ଦଶଟାରୁ ପାଞ୍ଚଟା । ସେ ବେଳତକ ସେ କଟାଇବେ କିପରି ? ଶେଷରେ ଅନ୍ୟ ଉପାୟ ନ ପାଇ ସେ ବୁଷଡ଼ୁକୁ ସଂଗ୍ରହ କରିନେଲେ

Digitized by srujanika@gmail.com

ଭାବେର ଜଣକ ସାଥୀ—ତାହା ଅଉ କେଉ ନୁହେଁ, ଗୋଟିଏ ଲୁଗା ମଇ ଧଳା ଓ ନରମ ପୁଷିଛୁଆ ।

ପ୍ରଥମ ଦିନ ପୁଷି ଛୁଆଟିକୁ ଦେଖି ମୋର ମଧ୍ୟ ଆନନ୍ଦ ଘର ଧରିଲା ନାହିଁ । ଅତି ଶରଧାରେ ଭଉଣୀମାନେ ତାକୁ ଯତ୍ନରେ ପୋଷିଥାନ୍ତି । ମୋର ଯହିଁ ସାମାନ୍ୟ ଦରମାରେ ମୋ ପାଇଁ ଦୁଧ କିଣାଯିବା ଅସମ୍ଭବ; ମାତ୍ର ପୁଷି ପାଇଁ ଦୁଧ ପ୍ରତିଦିନ ନିଆଯାଏ ଡେଲା । ସେଥିରେ ମୁଁ କୁପିତରେ ସନ୍ଦିଗ୍ଧ ହେଲି । ଖାଇ ବସିଲାବେଳେ ତରକାରିରୁ ମାଛତକ ତା ଭାଗରେ ପଡ଼ିଲା; ମୁଁ ହସିହସିରେ ଶ୍ରୀମତୀଙ୍କ ଆଗରେ ଅନୁଯୋଗ କରି ତାହା ଦେଖାଇଲି ! ସବୁବେଳେ ଶ୍ରୀମତୀଙ୍କ କୋଳରୁ ମୋ କୋଳ ହେଉଥିବାରୁ ସେହି ଅଳ୍ପେକ ଦୁଲଲୀର ପାଦ ଦ୍ୱିତୀୟ ଉଠିଲା ଜାଗେ ।

ସାମାନ୍ୟ ପୁଷିଛୁଆଟା ଯେ ମୋର ଏତେଖିଏ ବଡ଼ ଗୋଟାଏ ଶତ୍ରୁ ହୋଇ ଉଠିବ, ତା ମୁଁ ସେତେବେଳେ କଳ୍ପନା କରି ନଥିଲି । କେମ ଦେଖିଲି ଶ୍ରୀମତୀଙ୍କ ସ୍ନେହ ଶ୍ରଦ୍ଧା ମୋ ଠାରୁ ଦେଉଟଇ କମି କମି ଆସୁଛି, ସେ ସ୍ଥାନ ଅଧିକାର କରି ବସୁଛି ସେଇ ପୁଷିଛୁଆଟା । ଏଥିରେ କେଉଁ ସ୍ୱାମୀର ଦେହ ସହେ ?

ଆଜିକାଲି ଶ୍ରୀମତୀଙ୍କ ଭାବ ଭଙ୍ଗୀ ଏକାବେଳକେ ଭିନ୍ନ । ମୁଁ ଅଫିସରୁ ଆସିଲେ ମୋ ଆଉ ହସି ହସି ଦୁଆରେ ଛିଡ଼ାରୁ ମୋତେ ପାଛୋଟି ନଅନ୍ତି ନାହିଁ । ମୁଁ ଖଟ ଉପରେ ବସି ଗାମୁଛାରେ ଦୀର୍ଘ ନିଶ୍ୱାସ ଛାଡ଼ୁଥିବା ମାତ୍ରେ ମୁହଁରୁ ମେ ଆଉ ଆସି ଛାତିରୁ ଜାମା ଟୋପି ଦୁଗ ଫିଟାଇ ନିଅନ୍ତି ନାହିଁ କି ଗୋଡ଼ରୁ ଚପଲ କାଢ଼ି ନିଅନ୍ତି ନାହିଁ । ଶୀତଦିନ ସକାଳେ ମୁଁ ଜାଣି ଶୁଣି ଅନ୍ୟମନସ୍କ ହୋଇ ବସିଲେ ମଧ୍ୟ, ସେ ଆଉ ତାଙ୍କ ଦେହଉପରର ଅଣ୍ଡା ହାତ ଆଣି ମୋ ନାକ ଓଠର ଗାଲରେ ଲଗାଇ ହସି ଉଠନ୍ତି ନାହିଁ କି ରବିବାର ଦିନ ଚୋବାଚୋବାମ ପାଇଁ ଅଳ ଅଳ କରନ୍ତି ନାହିଁ । ମୁଁ ତ ଏ କଥା ଅଭି-ଯୋଗ କରି ପାରିବ ନାହିଁ । ତଥାପି ଦିନେକର ବାଟେକର ଗୋଟାଏ କଥା ଭାବରେ ଦେବାକୁ ଦେଲେ, ସେ କୋମା ପାଇଲା ପରି କହି ଉଠନ୍ତି "ତୁମକୁ କଣ ଦିଶୁ ନାହିଁ ? ମୁଁ ପର ଲୋକକୁ ଦୁଧ ପିଆଉଛି । ସେ ବଡ଼ ଦୁଷ୍ଟ ହେଲଣି ।" କିନ୍ତୁ ଆଉ କେହି ନୁହେଁ—ସେହି ପୁଷିଛୁଆ ।

ଶ୍ରୀମତୀଙ୍କ ଏ ଖାପଛଡ଼ା ଚାଲିଚଳଣ, ଏ ଢଙ୍ଗ ଢଙ୍ଗ କେମ ବଡ଼ ଅସହ୍ୟ ହୋଇ ଉଠିଲା । ସବୁ ରାଗ ଯାଇ ପଡ଼ିଲା, ସେହି ଅଲକ୍ଷଣା ପୁଷିଟା ଉପରେ—ଯେପରିକି ସେ ମୋର ଗୋଟାଏ ଅତି ବଡ଼ ଶିକାର । ମାତ୍ର ଶ୍ରୀମତୀଙ୍କ ଉପରେ ସବୁ କ୍ରୋଧ ଯାଇ ପଡ଼ିବାକୁ ଲାଗିଲା ।

କିନ୍ତୁ ସହିବାର ଗୋଟାଏ ସୀମା ଅଛି ? ସେଦିନ ଅଫିସ ବେଳ ଉଚ୍ଚୁର ହୋଇ ଯିବାରୁ ମୁଁ ତରବର ହୋଇ ଗଣ୍ଡାଏ ଭାତ ଜଳ ଗ୍ରାସ ଖାଇ ବସିଛି, ଦେଖି ଟିକିଏ ପଖା କରି ଦେଇ ଦାଣ୍ଡକୁ ଚାଲି ରାଗରେ ମନେ ମନେ କହୁଛି ଶ୍ରୀମତୀ ଶୁଣିବାରେ ଏକାବେଳକେ ରାଗିତ ହୋଇପଡ଼ି କୃତ୍ରିମ କୋପରେ କହିବାକୁ ଲାଗିଲେ, "ଏ ପାଜି କୁକୁରକୁ ଆଉ ସମ୍ଭାଳି ହେବ ନାହିଁ । ଆଜି ହାଣ୍ଡି ଭାଙ୍ଗି ସବୁ ମାଛ ଯାକ ଖାଇ ଦେଇଛି ।" ସେତେବେଳେ ମୋର ସର୍ବାଙ୍ଗ ଜଳି ଉଠିଲା । ଏତେକତ ମାଛ ତରକାରି ନାହିଁ, ସେଥିରେ ପୁଣି ଗୁରୁ ପାଞ୍ଚ ପଇସାର ହାଣ୍ଡିଟିଏ ବି ଗଲା । ମୁଁ ଖୁବ ରାଗି ଯାଉଛି, ଶ୍ରୀମତୀ ତାହା ଜାଣି ମଧ୍ୟ ଦେଖାରେ ନ ଜାଣିଲା ପରି ରହିଲେ । ତାହା ମୋତେ ବେଶି ଅସହ୍ୟ ବୋଧ ହେଲା; ମୁଁ ଦରଣ୍ଡିଆ ହୋଇ ଉଠି ଆସିଲି ।

ଅଫିସରୁ ଫେରି ଦେଖିଲି ସ୍ତ୍ରୀ' ହୋଇ ନାହିଁ । ବହୁତ ବେଳ ଗଲା । ମୁଁ ରାଗରେ କାନ୍ଥ ବାଡ଼କୁ ମୁହଁ କହିଲି ପରି କହିଲି—'ମଣିଷ ଘରେ ଏତେ ଆସିଲି ଯେ ଟିକିଏ ସ୍ତ୍ରୀ' ପୁଷ ଦେଖି ନାହିଁ । ତେବେ ଆଉ ଘରକୁ ଆସି ଲାଭ କଣ ?

ସେପାଖରୁ ଯେଉଁପରି କିଏ ତାହାକୁ କହିଲା ପରି ଶୁଣା-ଗଲା—"ଦୁଧ ତ କୁକୁର ଖାଇଗଲା ସ୍ତ୍ରୀ ହେବ କେମିତି ?"

ଶ୍ରୀମତୀ ଓ ମୋ ମଧ୍ୟରେ ଘଟିମତ ଗୋଟାଏ ମସ୍ତବଡ଼ ପାଚେରୀ ଠିଆ ହୋଇ ଗଲା ସେଇ ପୁଷିଛୁଆଟା ଲାଗି । ଦୁହିଁଙ୍କ ମଧ୍ୟରେ ସିଧା ସଳଖ କଥାବାର୍ତ୍ତା ବନ୍ଦ । ମୁଁ ଉଗ୍ରଭିଗ ହେଲି ବେଳେକୁ ସେ ଭମ ଭମ ହୋଇ ଉଠନ୍ତି । ମୁଁ ଦିନେ କୁ ମୁହଁ କଲେ ତାଙ୍କ ମୁହଁ ପଶ୍ଚିମକୁ ହୋଇଯାଏ । ତଥାପି ପୁଷି ପ୍ରେମ ତାଙ୍କର ଗଲାନାହିଁ । ମୋର ଯେ ପୁଷି ପ୍ରତି ଯେତିକି ରାଗ ବଢ଼ିବାକୁ ଲାଗିଲା ତାଙ୍କର ତା ପ୍ରତି ସେତିକି ଶ୍ରଦ୍ଧା ପ୍ରବଳ ହୋଇ ଉଠିଲା । ମୋତେ ଚିଡ଼ାଇବା ପାଇଁ ସେ ମୋ ଆଗରେ ତାକୁ ବେଶି ଖେଳ କରିବାକୁ ଲାଗିଲେ, ବେଶି ମାଛ ଦୁଧ ଖାଇବାକୁ ଦେଲେ, ମୁଁ କେବଳ ଅନ୍ତରରେ ପୋଡ଼ି ଜଳି ହୋଇ ଛଟ ପଟ ହେଉଥାଏଁ ।

Digitized by srujanika@gmail.com

ଶେଷକୁ ଆଉ ସମ୍ଭାଳି ପାରିଲି ନାହିଁ; ପୁଷି ଝିଅଟା ମୋର ଦୁଇ ଆଖିର କଣ୍ଟା ହୋଇ ଉଠିଲା। ଦିନେ ସକାଳୁ ଉଠି ମନେ ମନେ ଠିକ କଲି, ଯେ କୌଣସି ପ୍ରକାରେ ହେଉ ଅଜ ପୁଷିଟାକୁ ଏଠାରୁ ବିଦା କରିବି, ମୋ ପ୍ରେମ ପଥରୁ କଣ୍ଟା ଉପାଡି ପକାଇବି।

ସେଦିନ ରବିବାର ଅଫିସ ବନ୍ଦ। ଦିନଯାକ ଘରେ ବସିରହି ମୁଁ ବହୁତ ଫାନ୍ଦ ଫିକର କଲି; ମାତ୍ର କୌଣସି ଉପାୟରେ ତା ସମ୍ଭବ ହୋଇ ପାରିଲା ନାହିଁ। ଶ୍ରୀମତୀ କପରି ଜାଣିଗଲେ କି ଜାଣେ? ସେ ପୁଷିଟାକୁ ଗୋଡ଼େ ଗୋଡ଼େ ଜଗି ରହିଲେ।

କ୍ରମେ ସନ୍ଧ୍ୟା ହେଲା। ମୁଁ ଭାବିଲି ରାତିରେ ଶ୍ରୀମତୀ ଶୋଇ ପଡ଼ିଲେ ପୁଷିକୁ ନେଇ ମୁଁ ଏ ପଟା ପାର କରିଦେଇ ଆସିବି। ମନ କଥା ମନେ ଥାଏ। ଏଣୁ ତେଣୁ ଗଣ୍ଡାଏ ଖାଇ ମୁଁ ବିଛଣାର ଗୋଟାଏ କଡ଼ରେ ଚୁପ ହୋଇ ଶୋଇ ପଡ଼ିଲି।

ଶ୍ରୀମତୀଙ୍କ ସାଙ୍ଗରେ ଅପତ୍ତି ହେଲା ଦିନୁ ଆମ ବିଛଣା ମଝିରେ ଗୋଟାଏ ବଡ଼ ମାଣ୍ଡି ବନ୍ଧ ଦିଆଯାଏ। ସେ ଦିନ ମଧ୍ୟ ସେ ବନ୍ଧ ଦେଇ ଅର ପାଖରେ ଶ୍ରୀମତୀ ଆସି ଶୋଇଲେ। ମୁଁ ମଝିରେ ଧନ୍ଦିମାରି ଗାଢ଼ ନିଦରେ ଶୋଇବାର ଛଳନା କରୁଥାଏଁ।

ଚେଁହାଣି ନାହିଁକି ଶ୍ରୀମତୀ ସେଦିନ ଶୋଇବା ଆଗରୁ ପୁଷିକୁ ଆଣି ଖଟ ଗୋଡ଼ରେ ଗୋଟାଏ ଲମ୍ବା ଦଉଡ଼ିରେ ବାନ୍ଧି ପକାଇଲେ। ମୋ କାର୍ଯ୍ୟର ସୁଗମ ହେଲା ବୋଲି ମୁଁ ମନେ ମନେ ଖୁସି ହେଉଥାଏଁ।

ରାତି ଖୁବ୍ ବେଶି ହେଲା। ଶ୍ରୀମତୀ ନିଦରେ ଶୋଇ ବେଶ୍ ଘୁଙ୍ଗୁଡ଼ି ମାରିଲେ। ମୁଁ ଅସ୍ତେ ଖଟ ଉପରୁ ଓହ୍ଲାଇଲି ଘୁରିଅନ୍ଧ ଘନ ଅନ୍ଧକାର। ପୁଷି କେଉଁଠି ଅଛି, ଜାଣିବା ମୁସ୍କିଲ। ମୁଁ ଥିର ହୋଇ ଖଟତଳକୁ ଆସି ପୁଷିକୁ ଧରିବା ଇଚ୍ଛାରେ ଡକାଇଲି—'ମ୍ୟାଉଁ, ମ୍ୟାଉଁ'। ଠିକ୍ ସେହି ସମୟରେ ମୋ ମୁଣ୍ଡ ଉପରେ ଅଜବ ଶବ୍ଦ ଆସିଲା—'ମିଅଉଁ ମିଅଉଁ'। ମୁଁ ଖୁସି ହୋଇଗଲି। ପୁଷିକୁ ଧରିବା ପାଇଁ ତା ଶବ୍ଦ ବାରି ଖଟତଳେ ହାମୁଡ଼େଇ ହାମୁଡ଼େଇ ଆଗକୁ ଗଲି, ହାତରେ କରଣ୍ଡିଲି, ମାତ୍ର ପୁଷିକୁ ନପାଇ ପୁଣି ଶବ୍ଦ କଲି 'ମ୍ୟାଉଁ—ମିଅଉଁ'। ତେଣୁ ମଧ୍ୟ 'ମିଅଁଉ, ମିଅଁଉ' ଶବ୍ଦ ମୋ ପାଖକୁ ଲାଗି ଲାଗି ଆସିଲା ପରି ଜଣାଗଲା।

ଅଗକୁ ଯାଉ ଯାଉ ହଠାତ୍ ମୋ ମୁଣ୍ଡ ଟାଇ କରି ମିଶି ହୋଇଗଲା। ମୁଁ ଓଃ ବୋଲି କହି ଚମକି ଉଠିଲି ତେଣିକି ତେଣୁ ପ୍ରତିଧ୍ୱନି ଆସିଲା 'ଉଃ'। ମୁଁ କିଛି ବୁଝି ପାରିଲି ନାହିଁ। ଖଟତଳୁ ଉଠିଆସି ସୁଇଚ ଟିପି ଦେବାରୁ ଘର ଭିତରେ ଅଲୁଅ ଖେଳିଗଲା, ଦେଖିଲି ପୁଷିଝିଅ ଅରାମରେ ଖଟ ଉପରେ ସ୍ୱାବଯୁବ ଶୋଇ ଉଷୁମ ଖାଉଛି। ଖଟତଳୁ ଶ୍ରୀମତୀ ଅଶେଇରବା ଅବସ୍ଥାରୁ ତରତର ହୋଇ ଉଠିବସିବାକୁ ଚେଷ୍ଟା କରୁ କରୁ ତାଙ୍କ ମୁଣ୍ଡଟା ଆଉଥରେ ଖଟ ଗୋଡ଼ରେ ମିଶି ହୋଇଗଲା। ମୁଁ ଅନନ୍ୟୋପାୟ ହୋଇ ତାଙ୍କୁ ଦୁଇ ହାତରେ କୁଣ୍ଢାଇ ଖଟତଳୁ ଉପରକୁ ନେଇ ଆସିଲି।

ସେହିଦିନୁ ମାନ ଅଭିମାନ ତୁଟି ଯାଇଛି। ପୁଷିଝିଅ ଅଛି, କିନ୍ତୁ ମୋର ତା ପ୍ରତି ଆଉ ରାଗ ନାହିଁ। ଶ୍ରୀମତୀଙ୍କର ମଧ୍ୟ ମୋ ପ୍ରତି ଥିବା ପୂର୍ବ ଶ୍ରଦ୍ଧା ଓ ପ୍ରେମରେ କିଛି ଅନ୍ତର ଲାଗିଲା ପରି ମୋତେ ଜଣା ପଡ଼ୁ ନାହିଁ। ମୋଟ ଉପରେ ଆମ ମଝିରେ ଠିଆ ହୋଇଥିବା ପାଚେରିଟା ଭାଙ୍ଗି ପଡ଼ିଛି। ଅଜିକାଲି ବିଛଣା ମଝିରେ ଅଉ ମାଣ୍ଡି ଦିଆଯାଏ ନାହିଁ।

ଦିନେ ଶ୍ରୀମତୀଙ୍କୁ ଖେଳୁଥିବା ହୋଇ ସେ ଦିନର ରାତି କଥା ପଚାରିଲି। ସେ କହିଲେ—ନିଅଁ ଲଗା ପୁଷିଟା ଲାଗି ମୋତେ ଏତେ ଦଣ୍ଡ ମିଳିଲା। ଖଟତଳେ ସେ ମ୍ୟାଉଁ ମ୍ୟାଉଁ ଡାକୁଥିବା ଶୁଣି ମୋର ଭୟ ହେଲା। ମୁଁ ଭାବିଲି ତା ପାଟିରେ ଭୁମ ନାଦ ଲାଗିଯିବ, ଭୁତମ ଉଠି ମୋତେ ଖାଇ ଦେବ ଓଟକ୍ରଳ ତାକୁ ପିଟିବ। ତାକୁ ଧରିଆଣି ରୁନ୍ଧିବ ବୋଲି ଶୁଆଇ ପକାଇବି ବୋଲି ଖଟତଳକୁ ଓହ୍ଲାଇ ଗଲି; ମାତ୍ର ତାକୁ ଅନ୍ଧାରରେ ପାଇଲି ନାହିଁ। ମିଅଁଉ ମିଅଁଉ ଡାକାଇଲେ ସେ ପାଖକୁ ଆସିବ ଭାବି ଖଟତଳେ ଗୁରୁଣ୍ଡି ଗୁରୁଣ୍ଡି ଡାକାଇଲି। ତେଣୁ ଶବ୍ଦ ଆସିଲା ସତ, ମାତ୍ର ପୁଷିତ ଖଟ ଉପରେ ଶୋଇଥିଲା; ତେବେ ଆଉ ସେମିତି ଡାକୁଥିଲା, ମୁଁ କିଛି ଜାଣି ପାରିଲି ନାହିଁ।'

ପନ୍ଦର ଦିନ ଯାଏ ଶ୍ରୀମତୀଙ୍କ ମୁଣ୍ଡ ଦରଜ ହୋଇଥିଲା ବୋଲି ସେ କହୁଥିଲେ। ମୋ ମୁଣ୍ଡ ବଥା କରୁଥିଲେ ମଧ୍ୟ ମୁଁ ସେ କଥା ତାଙ୍କୁ ଜାଣିବାକୁ ଦେଇ ନାହିଁ।

Digitized by srujanika@gmail.com

# "କିଛି ନୁହେଁ"

ଲେଖକ—ଶ୍ରୀ ନିରଞ୍ଜନ ତ୍ରିପାଠୀ

ଶାରଦର ଜ୍ୟୋତ୍ସ୍ନା ପୃଥିବୀ ବକ୍ଷରେ ମେଲି ଦେଇଥାଏ ଶୁଭ୍ର ଆସ୍ତରଣ ।

ମୁକ୍ତି ତାର ଯୌବନରେ ଢଳ ଢଳ । ସାରା ଅଙ୍ଗରେ ଖେଳୁଥାଏ ସୌନ୍ଦର୍ଯ୍ୟର ଲହରୀ । ଶରତର ସୁଶୀତଳ ପବନର ପରଶରେ ତାର ସମସ୍ତ ଦେହଟା କମ୍ପି ଉଠେ—ମଦନାର ସ୍ପର୍ଶ ପାଇଁ । ଛାତିଟା କରି ଉଠେ—ଦପ୍ ଦପ୍ । ଆକୁଳ ନୟନରେ ଅନାଇ ରହେ ମଦନାର ଆସିବା ବାଟକୁ ।

ମଦନା ଆସେ ।

ଘର ଆଗ ବରଗଛରେ କପୋତ କପୋତୀ ଦୁହେଁ ଆନନ୍ଦରେ କେତେ ଯୁଗର କେତେ ଗପ ସପ ଗପି ଚାଲିଥାଆନ୍ତି ସେଇ ବସା ଖଣ୍ଡକରେ ।

ଅଭିମାନ କରି ଜମି କହେ "ଏତେ ବେଳଯାଏ କଣ କରୁଥିଲ ?"......ମଦନା ଜମିକୁ ବୁକୁ ଉପରକୁ ଟାଣିନିଏ । ଗାଢ଼ ଆଲିଙ୍ଗନ ଭିତରେ ଥାଇ ଜମି ଭାବେ ଦୁନିଆଁଟା କି ସ୍ୱପ୍ନମୟ ! ମଦନା କହେ "ମୁଁ ତୋତେ ଭୁଲି ପାରିବି ନା ଜମି"

ଜମିର ଅଧର ଯୋଡ଼କରେ ଦେଖାଦିଏ ତୃପ୍ତିର ହସ । ହସ ହସ ମୁହଁଟା ତାର ଆକାଶର ଚନ୍ଦ୍ର ସଙ୍ଗେ ଅଡ଼ି କରେ ।

ସମସ୍ତ ଜାଣି ହସୁଥା ପବନଟା ନିସର ପତ୍ରର ହୋଇ ସେମାନଙ୍କୁ ଛୁଇଁ ଦେଇ ଚାଲିଯାଏ—ନୀଳ ଚିଲିକାର ଅତଳ ଗର୍ଭକୁ ।

ସେ ଦିନ ଯାଇଛି ।

ଦୁଇଟି ଜୀବନ-ବୋଇତ ମୁଗ୍ଧ ସାଗରରେ ଭାସୁଥିଲା ସେ ଦିନେ—ହଠାତ୍ ଆସିଲା......ଅକାଳ ଝଡ଼ ତୋଫାନ । ଅଚାନକରେ ବାତ୍ୟା ଆସି ଉଠିଲା । ଚତୁର୍ଦ୍ଦିଗରେ ଶୁଣାଗଲା ହା—ହା—କାର । ତା'ପରେ ସତବର୍ଣ୍ଣ ଅନାହାରର ଦୃଷ୍ଟି ।

ବରଗଛର ଛୋଟ ବସା ଖଣ୍ଡିକ ବତାସର ଦାଉ ସହି ନପାରି ଝଡ଼ି ପଡ଼ିଲା । କପୋତ କପୋତୀ ଦୁହେଁ ଉଡ଼ିଗଲେ କେଉଁ ଅଜଣା ରାଇଜକୁ—ତାଙ୍କର ବରଷାଏ ଚଳିବା ଠାରୁ ବିଦାୟ ନେଇ ।

ମାଟି ଦରଆଣି ବୋଇତ ଯୋଡ଼ିକ ହେଲା ପଥହରା । ନିୟତିର ବତାସ ସେମାନଙ୍କୁ ଉଡ଼ାଇ ନେଲା—ଏଣେ ତେଣେ ।

ପେଟର ଦାଉ ସହି ନପାରି ଦିନେ ମଦନା ଜମିକୁ ଛାଡ଼ି ଚାଲିଗଲା । ତା ପରେ ପରେ ଜମି ମଧ୍ୟ ଛାଡ଼ିଲା ତାର ଛୋଟ କୁଡ଼ିଆ ଖଣ୍ଡିକ ।

ଏକା ପଡ଼ି ରହିଲା ଚିଲିକା—ତାର ନୀଳ ଜଳରାଶିକୁ ସଙ୍ଗରେ ନେଇ ।

\+ + ×

ଜମିର ଜୀବନ ବୋଇତ ଏଣେ ତେଣେ ଘୂରି ଘୂରି ଆଜି କୂଳ ପାଇଛି । ସେ ଜମିଦାର ମାନ୍ଧାତା ବାବୁଙ୍କର ଆଶ୍ରିତା । ଅଳ୍ପଦିନ ମଧ୍ୟରେ ତାର ପୂର୍ବ ସୌନ୍ଦର୍ଯ୍ୟ ଫେରି ପାଇଛି । ଆଜି ମଧ୍ୟ ତାର ତୃଷିତ ଅଧର ଯୋଡ଼ିକ କେବେ କେବେ କମ୍ପି ଉଠେ—କାହାର ଠାରୁ ମଧୁର ଚୁମ୍ବନଟାଏ ପାଇବା ଆଶାରେ । ଆଖି ଆଗରେ ନାଚେ ମଦନାର ମୂର୍ତ୍ତି । ପୁରୁଷ ଜୀବନ ଚିରଦିନ ବୈଚିତ୍ର୍ୟ ଖୋଜି ବୁଲେ ।

ମଦନା ?—ସେ ତାକୁ ଏତେ ଭଲ ପାଉଥିଲା—ସେ ତାକୁ ମଧ୍ୟ ଦିନେ ଅଚାନକ ଛାଡ଼ି ଦେଇ ଚାଲିଗଲା । ପୁରୁଷ, ନିଷ୍ଠୁର

( କାହାଣୀ ଅବଶିଷ୍ଟାଂଶ ୧୦ମ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

## (କଟକର ମଧୁଋତୁ)

—ଶ୍ରୀ ରମାନନ୍ଦ ସାହୁ

ଓଡ଼ିଶାର ରାଜଧାନୀ କଟକ ସହରେ,
ମଧୁଋତୁ ଆସିଅଛି ବର୍ଷକ ପରେ ।
ରାଜ୍ୟର ଏହି ଐତିହାସିକ ସ୍ଥାନ—
—ଏପରି କଟକେ ବସନ୍ତର ଅଭିଯାନ ।
ଏଇ ଧୂଳିରେ—ଭାସି ଆସେ ଦକ୍ଷିଣା ମଳୟ,
ନର୍ଦ୍ଦମା-ସୁବାସ ବାହୁ, କରନ୍ତି ଅଥୟ ।
ଚାଲି ଆଜି ରାଜପଥ ପୁଣି ଘରେ ଘରେ,
ଅସରନ୍ତି ସେ ମଳୟ-ସଉଗନ୍ଧ ହରେ ।
ଦ୍ୱିତଳ ପିଣ୍ଡାରେ ବସି ହୃମାଳୀ-ମାଳିନୀ,
ନଭେଲ୍ ପାଠିକା କେହୁ ଚଷମା ଧାରଣୀ ।
ନାସାରେ ରୁମାଲ ଦେଇ ମ୍ୟୁନସିପାଲଟିର,
ଶ୍ରାଦ୍ଧ ଅୟୋଜନ କରେ ତାଙ୍କ ସ୍ନେହ ଗିର ।
ବେଗେ ପୁଣି ଏଇ ଆସେ ଦକ୍ଷିଣା ପବନ,
ନାଲି ସଡ଼କର ଧୂଳି ମନ୍ଥଣ ମନ୍ଥଣ ।
ବନ୍ଧ ଆଖି ତାଲେ ଅନ୍ଧା ଆଶିଷର ଧାର,
ବରଷା ସମାନ ପଥିକର ଅଙ୍ଗ ସାର ।
ଦ୍ୱିଚକ୍ର ଯାନ୍ତୁଁ ଓହ୍ଲାଇ କଲେଜ ଛାତ୍ର,
ଝାଡ଼ୁ ଝାଡ଼ୁ ଅପଶାର ପୋଷାକ ଓ ଗାତ୍ର ।
ନାସିକା କୁଞ୍ଚିତ କରି କାହାର ଉଦ୍ଦେଶେ (?)
ଷଟେମ ଅଧ୍ୱୀପୁ ସମ୍ବୋଧନ କରେ ଶେଷେ ।
ଏ ନାଳ ଧବଳ ଅସି ବାଳାଗୁନ ପଥ,
ନଶାଉ ବଉଣା ପରେ କ୍ରମେ ଅଗ୍ରସରେ ।
ମୋର ଶତ୍ରେ ଏ ମଳୟ ପରଶ ଯେ ଲାଗି,
ସ୍ୱପ୍ନ କବିତ୍ୱ ନାହୁଁ ଉଠିଲ ମୋ ଜାଗି ।
ପିକ ପ୍ରତିନିଧି ପରେ ଏଇ କାକ ଦଳ,
ଛାତ ପରେ ତାନ୍ତୁଛନ୍ତି ସଙ୍ଗୀତର ସ୍ୱର ।

ସେ ସଙ୍ଗୀତ ସୁଧା ପିଇ ମୁହିଁ ଅମ୍ଳହର,
ତେଣୁ ମୋ କବିତା ସ୍ୱରେ ଅସରନ୍ତି ପଣ ।
ଗଳିରେ ଗଳିରେ ପଶୁ ନର୍ଦ୍ଦମା ଜଳେ,
ମଶା ଓ ମାଛିର ପ୍ରେମଗୀତ ପ୍ରୀତିଭୋଜନେ ।
ଏ ମଧୁର ଦିନେ ଜନ୍ତୁର-ମିଳନ-ରସ,
କୀଟ-ଜୀବାଣୁର ଅଧରେ ପ୍ରେମର ହାସ ।
ଘରେ ଘରେ ଆଜି ଆସିଛି 'ବସନ୍ତ ମାତା',
ମଧୁଋତୁ ସାଥେ ପଠାଇଛି ତା'ରେ ଧାତା ।
ପୁରରେ ପୁରରେ ତା' ଶୁଭ ମଙ୍ଗଳ ବାଜେ,
ମୃତ୍ୟୁ ତା' ସାଥେ ତାଣ୍ଡବ ବେଶେ ରାଜେ ।
ଏଇ ମଧୁଋତୁ କଟକର ପ୍ରାଣେ ପ୍ରାଣେ,
ଭରିଦିଏ ଆଜି ଶିହରଣ ଗାନେ ଗାନେ ।
ପଞ୍ଚଶ ବରଷ ଷୋଡ଼ଶୀର ଶତେ ଆଶା—
ଯୌବନ-ଭୋଗ,—ଅଧୀର ଅବ୍ୟକ୍ତ ଭାଷା !
ଚିଲଡ୍ରେନ୍ସ ପାର୍କ ଚଉକଠେ ଶିଶୁ ଦଳେ,
ଦକ୍ଷିଣା ମଳୟ ପିଇ ତହିଁ କୋଳାହଳେ—
କ୍ରୀଡ଼ା ଅବକାଶେ, ଶିଶୁ ଆଜି ସ୍ୱାସ୍ଥ୍ୟବାନ,
ତେଣୁ ତାଙ୍କ କଣ୍ଠେ ଅବୁଝା ପୁଲକ ଗାନ ।
ସୌଖିନ ତରୁଣ ତନ୍ୱୀ ତରୁଣୀ ସାଥେ,
ରକ୍ସାରେ ବସି ଏପରି ବସନ୍ତ ରାତେ,
କାଠଯୋଡ଼ୀ କୂଳ ମଳୟ ସେବନ କରେ,
ଅନ୍ତରେ ନବ ପୀରତି-ସ୍ପରଣା ସତତ ସ୍ୱରେ ।
ଏ ମଧୁଋତୁରେ କଟକ ଉଠିଛି ମାତି,
ମୁହିଁ କାହିଁ ବନ୍ଧୁ ବସିଲେ କାଟିବି ରାତି ?
ତେଣୁ ଏଇ କବି ଦନ୍ତୁରା କଲମ ଗାରେ,
ବସିଲି 'କଟକେ ମଧୁଋତୁ' ଲେଖିବାରେ ।

Digitized by srujanika@gmail.com

# କାକୈଆ ବଳକ ଗଲ୍ପ ଗଲ୍ପ

ସଂଗ୍ରାହକ—ଶ୍ରୀ ———

ଥରେ କ୍ଲାସ୍‌ରେ ଜଣେ ଇଂରେଜ ମହିଳା ଟେଣି ପ୍ରସାଧନରେ ବହୁତ ପଇସା ବ୍ୟୟ କରି ଛାତ୍ରୀମାନଙ୍କୁ ପଚାରିଲେ 'ମୋର ବୟସ କେତେ ବୋଲି ମନେ ହେଉଛି ?'

ଛାତ୍ରୀଜଣ—(ମହିଳାଙ୍କ ମୁଣ୍ଡରୁ ଗୋଡ ପର୍ଯ୍ୟନ୍ତ ନିରୀକ୍ଷଣ କରି) ଆପଣ ଦାନ୍ତ ଗୋଟି ଗଣିଲେ ମୁଁ କହିବି ୧୮, ଆପ କୁଞ୍ଚୁ କୁଞ୍ଚିଆ ବାଳ ଦେଖି ମନେ ହେଉଛି ୧୯, ଅଉ ଆପଣଙ୍କ ଚିଙ୍କୁରୁ ମନେ ହେଉଛି ୨୪।"

ମହିଳାଟି ଟେଳାଏ ଖୁସି ହୋଇ କହିଲେ "ଧନ୍ୟବାଦ ଝିଅଟି ସୂକ୍ଷ୍ମ ଠିକ କେତେ ବୟସ ହୋଇ ଭାବୁଛନ୍ତି ?"

ଛାତ୍ରୀଜଣ—ଠିକ ଯୋଗ କରିବ ଦେଖନ୍ତୁ ୧୮, ୧୯, ଅଉ ୨୪ ମିଶେଇ ଦିଅ ଉତ୍ତର ହେଉଛି ୬୧।

+ + +

ମୁଁ ଅଭ୍ୟାସ କରିଛି ଯେ ବିବାହଟା ଗୋଟାଏ ପାଠଶାଳା ପରି ଅଜ ପ୍ରେମ ହେଉଛି ଅନ୍ଧ।

"ଓ, ଅନ୍ଧଙ୍କ ପାଇଁ ପାଠଶାଳା !"

+ + +

"କେଉଁ ଜଣ ଭ୍ରମର ମୁଁ ଗୁଲାବ ନୁହେଁ ?"

"ନାହିଁ, ଚମେଲି ମହକ ହିଅ ଗୃହକ ଙ୍କ ଦେଖିକା ମୂର୍ଖାମି ନାହିଁ।"

+ × +

ସ୍ତ୍ରୀ—ମୁଁ ଯେତେବେଳେ ଭ୍ରାନ୍ତି ଦର୍ଶନ ପଢେ ବିଟଣା ତୁମକୁ ଦେଖିବ ମନେ ବାଧ ପାଉଛି।

ସ୍ୱାମୀ—ଓ ଏଇକଥା, ମୁଁ ଭାବିଥିଲା ଯଦି ଭା ହେଇ ପାରିବ ନା।

× + ×

ଗ୍ରେଡ—ହଜୁର ଏ ମନେପାଉ ଡାଉଣ ଦଣ୍ଡାର ଦିଅ ଯାଉ, କାହିଁକି ନା ମୋ ଓକିଲ ଅଚିନ୍ତା ଖୁବ ବ୍ୟସ୍ତ ଅଛନ୍ତି।

ମାଜିଷ୍ଟ୍ରେଟ—ଆଉରି ଏଠାରେତ ବହୁତ ସାକ୍ଷୀ ଉପସ୍ଥିତ ଅଛନ୍ତି ଯେଉଁମାନେ ତମେ ଗ୍ରେଡ଼ କରୁଥିବା ଦେଖିଛନ୍ତି, ତୋ ଓକିଲ ତୋ ସପକ୍ଷରେ ଅଧିକ କ'ଣ କହିବେ ?

ଗ୍ରେଡ—ମୁଁ ବି ସେଇକଥା ଜାଣିବାକୁ ଉତ୍ସୁକ ଅଛି।

---

( ବାଙ୍ଗାଳୀ କଥା ସୂତ୍ର ଉଦ୍ଧୃତ )

ପୁରୁଷ—ଜାତିର ମର୍ଯ୍ୟାଦା ଯୁବେଦନା—ପ୍ରାଣ ଝୋଞ୍ଚି ଭଲ ପାଇ ଜାଣେ ନା। ମୁଁ ଗୃହେ ବୈଭବ। ବୈଚଧର୍ଯ୍ୟ ତା ଅତଳକୁ ଚଳାଏ। ଅସମ୍ଭବ ଭାର ତରଙ୍ଗ। ବନ୍ଧୁ ନାରୀ ............?

ଭମିର ନୟନ କୋଣରେ ଦେଖାଦେଲ—ଭୂବହୁଦା ଅଶ୍ରୁ।

ହୃଦୟ ମଧ୍ୟରେ ଅନୁଭବ କଲ ମହନାର ସହଣ।

ଜମିଦାରଙ୍କର ଏକମାତ୍ର ଅସନ୍ତଯୌବନା ଝିଅ—ମାଆ ମଞ୍ଚପରୁ ଲଡ ଲଡ ଅଧେ ଭମିକୁ ଡାକର ଦେଇ କହିଲା—"କଣ ହବୁଛୁ ଏମିତ ?"

ହୃଦୟ ମଧ୍ୟରେ ଅମିଲ ଗୋଟାଏ ଚମକ। ପାଖଭଳରେ ଅଚିନ୍ତା ଲଜ୍ଜ ଯୋଗ—ପର୍ଦ ନଥାଇବାଏ ଘରର ଲେ କହିଲା—"କିଛି—ନୁହେଁ।"

—※—

Digitized by srujanika@gmail.com

# ହରିଙ୍କି ଗୋବିନ୍ଦ ବନମାଳି

## — ନାଗବଗ —

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

ଉଦ୍ଦେଶ୍ୟ -

୧ । ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚରିତ୍ର ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଜଗତର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

### ଫଗୁଣ ଆସିଛି ଆଜି

ଫଗୁଣ ଅସିଛି ଅଜି
ସଜାଡ଼େ [illegible]  ଭରି ତରୁ ବଲ୍ଲୀ
[illegible] ପିନ୍ଧିଛି ସାଜି,
ଋତୁରାଜ-କୋଳେ  ହସୁଛି ଧରଣୀ
କି ମୋହନ — ବେଶ ସାଜି,
ଫଗୁଣ ଅସିଛି ଅଜି ।
ଝରୁଛି ବଉଳ ମଧୁ,
ଗନ୍ଧବହ-କୋଳେ  କି ସୁଖ ଆବେଶେ
ଧାଇଁ ଉଠେ ଫୁଲ ବଧୂ,
ଘାଣେ ତାର ଅଳି  କରୁଛି କି ଅଳି
କଣ୍ଠ ତାର ଭରି ମଧୁ,
ଝରୁଛି ବଉଳ ମଧୁ ।
ଗାଉଛି କୋଇଲି ଗାନ
ରସାଳ-କୁଞ୍ଜେ  ରସାଳ-ସୁକଣ୍ଠୀ
— ବସନ୍ତର ଅଭିଯାନ —
ଗାଅ ମଧୁକଣ୍ଠେ  "ବିଜୟୀ ବସନ୍ତ"
ଭୁଲି ବ୍ୟଥା ଅଭିମାନ ।"
ଗାଉଛି କୋଇଲି ଗାନ ।
ଫଗୁଣ ଅସିଛି ଅଜି
କୁସୁମିତା ଧରା—  ବକ୍ଷ ମଧୁ ଭରା
ଆନନ୍ଦ—ବିପଞ୍ଚି ବାଜି—
ଉଠେ ପ୍ରାଣେ ପ୍ରାଣେ  ଧନ୍ୟ କବି ତୁମ୍ଭ
ସୁନ୍ଦର ରଚନା ରାଜି
ଫଗୁଣ ଅସିଛି ଅଜି ।

—କୁମାରୀ ଶୈଳବାଳା

---

### ନୂଆ ନାଗବଗଙ୍କ ନାମ

ଶ୍ରୀମାନ ରାଜେନ୍ଦ୍ର ନାଥ ପରିଡ଼ା (ଅଜୀବନସଭ୍ୟ) ରେଭେନ୍ସା କଲେଜ, ଇଷ୍ଟହଷ୍ଟେଲ କଟକ । ୫୬୦ ଶ୍ରୀ ଶମ୍ଭୁ ପ୍ରସାଦ ଗୁରୁ, ମହାରାଜା ହାଇସ୍କୁଲ, ପୋଃ ସୋନପୁରରାଜ, ସୋନପୁର ଷ୍ଟେଟ । ୫୬୧ । ଶ୍ରୀମତୀ ସୁପ୍ରଭା ଦେବୀ, ନାରୀ ସଦନ, ପୋଃ ଓ ଜିଃ ବାଲେଶ୍ୱର । ୫୬୨ । ଶ୍ରୀ ମାଧବାନନ୍ଦ ଦଣ୍ଡପାଟ, ୮ମ ଶ୍ରେଣୀ (ଘ) ବାରିପଦା ହାଇସ୍କୁଲ, ପୋଃ ବାରିପଦା, ମୟୁରଭଞ୍ଜ ଷ୍ଟେଟ । ୫୬୩ । ଶ୍ରୀ ଲକ୍ଷ୍ମଣ କୁମାର ଗିରି । ୯ମ ଶ୍ରେଣୀ (କ) ବାରିପଦା ହାଇସ୍କୁଲ । ୫୬୪ । ଶ୍ରୀ ସାତକଡ଼ି ଚନ୍ଦ୍ର ହୋତା, ୧୦ମ ଶ୍ରେଣୀ (ଗ) ବାରିପଦା ହାଇସ୍କୁଲ । ୫୬୫ । ଶ୍ରୀ ନରେନ୍ଦ୍ର ନାଥ ମିଶ୍ର ୧୦ମ ଶ୍ରେଣୀ (ଖ) ବାରିପଦା ହାଇସ୍କୁଲ । ୫୬୬ । ଶ୍ରୀ ଗଣେଶ ଚନ୍ଦ୍ର ପାଣିଗ୍ରାହୀ, ୭ମ ଶ୍ରେଣୀ କରଞ୍ଜିଆ ଏମ: ଇ: ସ୍କୁଲ ପୋଃ କରଞ୍ଜିଆ—ମୟୁରଭଞ୍ଜ ଷ୍ଟେଟ । ୫୬୭ । ଶ୍ରୀ ଅର୍ଦ୍ଧବାଣ ତ୍ରିପାଠୀ, ଅବସର ବିନୋଦନ ସାହିତ୍ୟସମିତି, ପୋଃ ବଲାଙ୍ଗିର, ପାଟଣା ଷ୍ଟେଟ

( କ୍ରମଶଃ )

Digitized by srujanika@gmail.com

REG. No. P. 441.    THE DAGARO—1. 3. 1945.

ବାତରକ୍ତ ଓ କୁଷ୍ଠର    ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାସିକାର ଛିଦ୍ର ବା ବିକୃତ ଚକ୍ଷୁ, ସର୍ବାଙ୍ଗେ ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛିଦ୍ର ପ୍ରଭୃତି ଅତିରେ ଆରୋଗ୍ୟ ହୁଏ । ଏକ ଶିଶି ଟ ୨୲ଙ୍କା ମାତ୍ର ଟ ୨୲ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ

ଆଲମଚାନ୍ଦ ବଜାର, କଟକ

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନରନାରୀ ଶେଷ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରେକ୍ସ ବ୍ୟବହାର କଲେ ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃହତ୍ ଓ କ୍ରେ ପ୍ଲୀହା, ଯକୃତ, ମାଲେରିଆ ଇତ୍ୟାଦି ସର୍ବପ୍ରକାର ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଅଧୁନାତନ ଜଗତରେ "ପାଇରେକ୍ସ" ( ରେଜିଷ୍ଟାର୍ଡ଼ ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି ।
ମୂଲ୍ୟ:—ଟ ୧୲୵ ( ପ୍ରତି ଶିଶି )

**'ଅନନ୍ତ ରସ ସାଲସା'**—ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।

ହେଡ୍‌ଅଫିସ୍—ମେସାର୍ସ ବହୁବଜାର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍, କଲିକତା ।

ପ୍ରାପ୍ତିସ୍ଥାନ:—ମନମୋହନ ବୁକ୍‌ସପ୍


ନଂ ୧୩୭ । ୨ ବହୁବଜାର ଷ୍ଟ୍ରିଟ୍, କଲିକତା, ଓ ମନମୋହନ ପ୍ରେସ, କଟକ ।

Printed & published by G. C. Mahapatra at the Gopinath Press, Bhadrak. 1945.

ବାର୍ଷିକ ତିନିଟଙ୍କା ଅଠଅଣା    ରାଜସଂସ୍କରଣ ବାର୍ଷିକ ପାଞ୍ଚ ଟଙ୍କା

Digitized by srujanika@gmail.com

୮ମ ବର୍ଷ—ଫାଲ୍‌ଗୁନ ଦ୍ୱିତୀୟାର୍ଦ୍ଧ—୨୨୮ ସଂଖ୍ୟା




Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଏଲ କମ୍ପାନୀ ଲି:—

ହେଡ଼ ଅଫିସ— କଲିକତା

ଶାଖା ଅଫିସମାନ—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା
ବ୍ରାହ୍ମଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମୈତ୍ରଗଞ୍ଜ

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା,
ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା,
(ଧେଙ୍କାନାଳ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲା ଯାଉଛି)

ମେନେଜିଂ ଡିରେକ୍ଟର—

ନାଜିରହାଟି ନାଗପୁର ।  **ସ୍ୱା—ପି. ଏନ୍: ରାୟ ଚୌଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ୯ ଜମା ଦେଲେ—ବ ୪ ର୍ଥ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।


---

# 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ତା ୧ ରଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩ ୷ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କଠାରୁ ଖଣ୍ଡିଏ 'ଡଗର' ଦୁଇଅଣା ଦେଇ ପାଇପାରିବେ ।

୪ । 'ଡଗର' ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ, 'ଡଗର' ପୋଃ ଭଦ୍ରକ ( B. N: R. )"ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକଟିକଟ ନ ଥିଲେ କବିତା, ପ୍ରବନ୍ଧ ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---


ସମ୍ପାଦକ—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର;**  ପରିଚାଳନା ସମ୍ପାଦକ ;—**ଶ୍ରୀ ମଦନମୋହନ ଦାସ**



Digitized by srujanika@gmail.com

# —›( ହୁକାହୁକା ହୁଆ )‹—

## ( ବିଲୁଆ ବିଗୁର )

ନୂଆ ହିନ୍ଦୁ ଆଇନର ଅଦଳବଦଳ ପାଇଁ ଭାରତ କମିଟି ସବୁ ରାଜ୍ୟମାନଙ୍କ ବୁଲି ସାକ୍ଷି ନେଉଛନ୍ତି। ନେବାର କଥା। ମାଇପିଲାଙ୍କ ଅଧିକାର ଦେବା ପାଇଁ ତ ଏ ଆଇନ। ମାଇପେ ଯେତେବେଳେ କରନ୍ତି ସେତେବେଳେ ଅଗ୍ରିମ ସାକ୍ଷୀ ଦେଇ କରନ୍ତି। ତେଣୁ ସବୁ କଥାରେ ସାକ୍ଷ୍ୟ ଦରକାର।

ଏ ନୂଆ ହିନ୍ଦୁ ଆଇନ ସମ୍ବନ୍ଧରେ ଅନେକ ଲୋକ ଦେଖା ଯାଉଛନ୍ତି। ସେମାନଙ୍କ ଧାରଣାରେ ହିନ୍ଦୁ ରମଣୀ ଓ ଗଙ୍ଗାନୁଷଙ୍ଗର ବେଣୀ କାଟିବାର ହୁଏ ବୋଲି ଆମେ ଶୁଣି ପାରୁଛୁ। ସାନ ସେଇଟା ନଷ୍ଟ ହେଉଛି କହନ୍ତି? ସେଥିପାଇଁ ଭାବିଲେ ଚଳିବ ନାହିଁ। ନୂଆ ଆଇନ ହେଲେ ଏ ଭାଗ ଅଜଣା ହୋଇଯିବ। ସମ୍ପତ୍ତି ସବୁ ଭଉଣୀଙ୍କ ଭିତରେ ବଣ୍ଟା ହେଲେ ଘରେ ଘରେ ତ କାମ ଚଳିଯିବ, ପର ଘରକୁ ଗୃହିଣୀ ହୋଇ ଯିବେ କାହିଁକି? କେବଳ ଭଉଣୀ ଜନମ ହେଲେ ଅନ୍ୟ କାହାର ଦୁଧ ଖାଇଲେ ହେଲା। ଅବଶ୍ୟ ଆମେ ଏହାଦ୍ୱାରା ମୁସଲମାନଙ୍କ ଉପହାସ କରୁନାହିଁ। କେବଳ ହିନ୍ଦୁ ମୁସଲମାନ ଏକତା ଦୃଷ୍ଟିରୁ ଏତେ ବଡ଼ ଗୋଟାଏ ଅସ୍ତ୍ର ତ ହାତକୁ ଆସିଯିବ, ସେଇ କଥା ଆମକୁ ଭାବିବାକୁ ପଡ଼ୁଛି।

+ × + ×

ବଙ୍ଗ ଆସେମ୍ବ୍ଲି ପ୍ରଶ୍ନୋତ୍ତରରୁ ଜଣାଯାଏ ଯେ ଢାକାରେ କେତେକ ଗୋରା ସୈନ୍ୟ କୌଣସି ଭଦ୍ରଲୋକ ଘରେ ପଶି ସ୍ତ୍ରୀ ଓ ବନ୍ଧୁଙ୍କ ଉପରେ ଜବରଦସ୍ତି କ'ଣ ସବୁ କଲେ। ପୁଲିସ ଆସି ସେ ଦୃଶ୍ୟ ସ୍ଥଳରେ ଠିଆ ହୋଇ କହିଲେ ସ୍ମରଂ ସ୍ମରଂ ହରିଶ୍ଚନ୍ଦ୍ରଂ ଦାରୁଭୂତ ମୁରାରି ହୋଇ। ଅହାହା ଗୋରାମାନଙ୍କର କ ଦୋଷ। ଏହିଭଳି କଥା ଯଦି ରହିଥାଏ ତେବେ ଅଚିରେ ଭାରତର କଳା ଜାତି ଗୋରା ହୋଇଯିବେ। ସେତେବେଳେ ଆଉ ଭାରତୀୟମାନେ କଳା ବୋଲି ପୃଥିବୀରେ ଘୃଣ୍ୟ ହୋଇ ରହିବେ ନାହିଁ। ଅଧିକନ୍ତୁ ଗତ ଦୁର୍ଭିକ୍ଷରେ ଯେଉଁ ଜନକ୍ଷୟ ଘଟିଛି ତାହା ପୂରାପୂରି ପୂରଣ ହୋଇଯିବ। ସମସ୍ତେ ଆଜ ଏକ ସ୍ୱରରେ ଗାଅ— ଜୟ ଆମାଦେର ଗ୍ୟାରିସନ—କଳା ଗୋରା ମଧୁର ମିଳନ! ଆମ ମିଳିଟାରି ଲୋକଙ୍କ କଥା ତାଙ୍କ ଭାଇମାନଙ୍କର ଜାଣିବା ସହିତ (?) ଏ ସମ୍ପ୍ରୀତି ହିନ୍ଦୁ ସ୍ପର୍ଶ କରିବ କେଉଁ ଆଶା। ମିଲିଟାରି ମାମଲତ!

× × + +

ଦୃଢ଼ଚିତ୍ତରେ ମଣିଷ ଲେଖକ ବର୍ଣ୍ଣାର୍ଡ ଶ' କହନ୍ତି— "ମ୍ୟାନ୍‌କାଇଣ୍ଡ ଯୋଡ଼ିଏ ଚଷ ଗଡ଼ ଜାଲ ବିଶ୍ୱାସ କରିବାର ନୁହେଁ। ଆମେ ସବୁ ରାଜନୀତିର କଥା ଯେତେ ଉଚ୍ଚ, ଆମେ ମନ ଚିନ୍ତା ସେ ହେଉନାହିଁ। ମାର୍ଶାଲ ଷ୍ଟାଲିନ୍ ଜଣେ କମ୍ୟୁନିଷ୍ଟ। ସେ ଭଲ କରି ଜାଣନ୍ତି ଆଗର ଦୁଇପକ୍ଷ (ଇଂଲଣ୍ଡ ଓ ଆମେରିକା) ଉଣ୍ଣା ପର୍ଯ୍ୟନ୍ତ ପାରିବାଦ—ସାଧାରଣ ଧନରେ ବ୍ୟକ୍ତିଗତ ଭେଜସା ଓ କର୍ତ୍ତବ୍ୟ, ତା ସାଙ୍ଗକୁ ପୁଣି ଚୋଖିଏ କେତେଗୁଡ଼ାଏ ଅଙ୍କ ଦେଖାଇ, ଭାଠ ବକଣ ବୃଦ୍ଧିତା, ଏକପ୍ରକାର ଚତୁରତା ଏବଂ ଜନତଂତ୍ର ଶତାର୍ଦ୍ଧିର ଯାବତ ବେକାରିଆ କଥା ସବୁ ଅଛି। ତଥାପି ଷ୍ଟାଲିନ ତାଙ୍କ ସହିତ ମନ ମତେଇ ପାରିଛନ୍ତି। ମଣିଷ ନ ହେଲେ ଏହିତ କରନ୍ତି! ତ୍ରିକୁଟରେ ମ୍ୟାନ୍‌ଚେଷ୍ଟରରେ କ'ଣ କ'ଣ ଘଟିଥିଲା ମୋର ଜାଣିବାକୁ ଇଚ୍ଛା। ଷ୍ଟାଲିନ୍ ଯେତେବେଳେ ନିଜର ସ୍ମୃତିଗ୍ରନ୍ଥ ସଂକଳନ କରିବେ ସେତେବେଳେ ସେକଥା ନିଶ୍ଚୟ ପଢ଼ାରେ ମିଳିଯିବ। କିନ୍ତୁ ସେତେବେଳକୁ ମୁଁ ବଞ୍ଚି ନ ଥିବି।"

ଆମର ଗୋଟିଏ ଭାଗ ମନେ ପଡ଼ୁଛି—କିସ ପୁଣି ଦେଖା ନଯାଏ ଜାଇଥିଲେ ଜବରେ। କିନ୍ତୁ ଏତିକି ଦୁଃଖ ହେଉଛି 'ଶ' ସାହେବ ଦେଖିଲେ ଭୂତ ହୋଇ ଦେଖିବେ। ସେ ସିନା ମରିକରି ଭୂତ ହେବେ। କିନ୍ତୁ ଷ୍ଟାଲିନ ଯେତେବେଳେ ତାଙ୍କ ସ୍ମୃତିପଟା ଖୋଲିବେ ସେତେବେଳେ ସେ ଯଥାର୍ଥ ଭୂତ ହୋଇ ବାହାରିବେ। ଅରବୀ ଗଳ୍ପ ମାଳାର ପୁରୁଷ ଆଉ ଗୁଳ ପଶଙ୍କ ପର ଯେତେବେଳେ ଟେଲି ଗ୍ରୁପେଲ୍‌ଟ ଷ୍ଟାଲିନ ଗୋଟିଏ ବନ୍ଧୁକୁ ଭଲ ପାଇବେ ସେତେବେଳେ ଦେଖିବେ ଚଉହୃଦୀରେ ଦେବ। ସେତେବେଳେକାର

କଥାଟା ଅମ ରାଜନୈତିକ ବାଳକଙ୍କ ପାଇଁ ବେଶ୍ ମନ-ରଞ୍ଜକ ହେବ।

\+ + × +

କେତେଦିନ ପୂର୍ବରୁ ଶୁଣାଗଲା ସାମ୍ୟବାଦ ସାମ୍ରାଜ୍ୟ ବିରୋଧୀ ରୁଷିଆର ସରକାରୀ କାଗଜ ପ୍ରଭଦା ରୁମାନିଆ ମନ୍ତ୍ରୀ ରାଟେଓସ୍କୁଙ୍କ ତୀବ୍ର ଗାଳିଗୁଲଜ କରୁଛନ୍ତି। ସେ କୁଆଡ଼େ ଏ ମାତ୍ରା ସଂସାରରେ ପଡ଼ି ବହୁ କଷ୍ଟ ପାଉଥିଲେ। ଏବେ ଖବରରୁ ଜଣାଯାଏ ଯେ ମନ୍ତ୍ରୀମାନେ ଇସ୍ତଫା ଦେଇଛନ୍ତି। ବୈଷ୍ଣବ ବରାଡ଼ ତାଙ୍କୁ ଏଥର କାଶୀ ଦର୍ଶନ କରେଇବେ। ତେଣେ ରୁମାନିଆରେ ରୁଷ ସାମରିକ ସରକାର ଚାଲିଲା। ଏଥିରେ ସାମ୍ରାଜ୍ୟବାଦର ଗନ୍ଧନାହିଁ। ଏଟା ଜର୍ମାନ ନାଜିମିଶ ଅଙ୍ଗାର—ଜ୍ୱଳନ୍ତା ଉମ୍ବ ଫଳ ହେଲା ପର।

\+ + × +

ସଭାଧିପତି ଶ୍ରୀ ଚିଆଙ୍ଗକାଇ ଜଣାଇଛନ୍ତି ଯେ କମ୍ୟୁନିଷ୍ଟମାନଙ୍କୁ ଅମ ଦରବାରରେ ରହିବାକୁ ଡାକିଲୁ। ଭବିଷ୍ୟତରେ ତାଙ୍କ ଦଳ କାଏମ ରହିବ ବୋଲି କହିଲୁ କିନ୍ତୁ ଏ ସମୟରେ ତାଙ୍କର ଅଲଗା ସୈନ୍ୟ ନ ରଖି ଅମ ସୈନ୍ୟ ସାଙ୍ଗରେ ମିଶେଇ ଦିଅନ୍ତୁ ଅଉ ତାର ସେନାପତି ପଟେଲ ଅମେରିକାବାସୀ ହୁଅନ୍ତୁ। ତଥାପି ସେମାନେ ଶୁଣୁ ନାହାନ୍ତି। କମ୍ୟୁନିଷ୍ଟମାନେ କୁଆଡ଼େ କହୁଛନ୍ତି ଯେ କୁମିଂଟାଂ ବା ଚିଆଙ୍ଗଦଳ ଏକଛତ୍ର ଶାସନ ଚଳାଉଛନ୍ତି—ଅମେ ତାଙ୍କ ସାଙ୍ଗରେ ଯୋଗ ଦେବୁ ନାହିଁ। ଯୁଦ୍ଧ ବେଳରେ ସବୁଦଳ ମିଳି ମିଶି ଯୁଦ୍ଧ କରିବାର କଥା। ଷ୍ଟାଲିନ ଇଂଲଣ୍ଡ ସାଙ୍ଗରେ ମିଶି ପାରନ୍ତି, କିନ୍ତୁ ଚୀନର କମ୍ୟୁନିଷ୍ଟ ତାଙ୍କ ଗୁରୁଙ୍କଠୁଁ ଅଗର ବାଟ ବା ଦେଖାଇ ଚିଆଙ୍ଗ ତାଡ଼ନାରେ ଲଢ଼ିଚନ୍ତି। ପୁଣି ଅମ ଭାରତ କମ୍ୟୁନିଷ୍ଟମାନେ ପୃଥିବୀର ସବୁଠାରୁ ହୀନ ସାର୍ବଭୌମ ସାମ୍ରାଜ୍ୟବାଦ ଘୋର ସରକାରଙ୍କ ଅଣ୍ଟା ଗୁନ୍ଥୁଚନ୍ତି ଓ ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ପ୍ରାଣ ଦେଇଚନ୍ତି ସେମାନଙ୍କୁ ପର ପଇସାରେ ଚଳି ଖାଇ ଦେଶଦ୍ରୋହୀ ବୋଲି ଚିତ୍କାର କରୁଛନ୍ତି। ମାର୍କସ କୁଆଡ଼େ କହିଚନ୍ତି ଯେ ପରିସ୍ଥିତି ଯାଗା ଦେଖି ବଦଳି ଯାଇ ପାରେ। ମିଛଟା ଯଦି ସବୁଆଡ଼େ ଏତା ହୁଏ ସେଟା ଅସଲ ବୋଲାଏ। ବାସ୍ତବିକ ସ୍ୱାର୍ଥ ମଣିହେବୁ ବଣ ନ କରେ। ସ୍ୱାର୍ଥ ସାଧନେ ସର୍ବଦିକି—କମ୍ୟୁନିଷ୍ଟଙ୍କ ମହାବାକ୍ୟ।

× × × +

କେନ୍ଦ୍ର ସୁବିଲ୍ଲ ଅବଗତ ହେଲୁଁ ଯେ ବାଲେଶ୍ୱର ମୁନସିପାଲଟି ପାଇଁ ଯେଉଁ ୭ ଜଣ ସଭ୍ୟଙ୍କ ନାମ କଲେକ୍ଟର ସାହେବ ମନୋନୟନ ପାଇଁ ପଠାଇଛନ୍ତି, ସେମାନେ ଅ-ଓଡ଼ିଆ। ଏଥିରେ ବାଲେଶ୍ୱର ବାସୀଙ୍କର ଦୁଃଖ ବା ଅସନ୍ତୋଷ କରିବାର କ'ଣ ଅଛି। ସେମାନେ ଅ-ଓଡ଼ିଆ ହୋଇ ପାରନ୍ତି କିନ୍ତୁ ଅ-ବାଲେଶ୍ୱରୀ ତ ନୁହନ୍ତି। ସେମାନଙ୍କର ସେମିତି କେତେ ଗୁଣ ଥିବ ଯାହାକି ଅମ ଗୁଣୀ କଲେକ୍ଟର ସାହେବ ଚିହ୍ନି ପାରିଛନ୍ତି। ତାଛଡ଼ା ଓଡ଼ିଆ ଓଡ଼ିଆ ବୋଲି ସବୁବେଳେ ଚିଲ୍ଲାଇବା ସଂକୀର୍ଣ୍ଣ ପ୍ରାଦେଶିକତା (narrow provincialism)ର ପରିଚୟ ଦିଏ। ବର୍ତ୍ତମାନ ବାଲେଶ୍ୱରବାସୀଏ 'ଭାରତମାତାଙ୍କର ଏକ ସନ୍ତାନ'ର ଭାବ ନିଜ ମନରେ ଅଣନ୍ତୁ—ଦେଖିବେ ସବୁ ଜ୍ୱାଳା ଭୁଲିଯିବେ। ଅଉ ଥରେ କହନ୍ତୁ—"ଜୟ ରାଧେଶ୍ୟାମ କି ଜୟ!"

\+ + + ×

୧୮ଶ ସଂଖ୍ୟା ଡଗର (ମାଘ ଦ୍ୱିତୀୟାର୍ଦ୍ଧ) ପ୍ରକାଶ ପାଇଥିବା ବାଲେଶ୍ୱରରେ ଲୁଗା ଅବାଧ ବିକ୍ରି (Free sale) ବିଷୟରେ ଜନ ସମିତି (Peoples' Association) ଯେ ଲେଖିପଠାଇଥିଲେ ତାହା ମିଥ୍ୟାବୋଲି ଜନ ସମିତିର ସଭାପତି ଜଣେଇଛନ୍ତି। ଜଣେଇଁ ସେ ଏହାର ଅବାଧ ବିକ୍ରିର ପ୍ରତିବାଦ କରିଛନ୍ତି। ଜନସମିତି ନାଁରେ ଏପରି କାହିଁକି ମିଥ୍ୟା ପ୍ରଚାର କରିବାର କାରଣ କଣ? ସେମାନେ ଯୋଗାଣ ବିଭାଗର ଘୋଲ ପୁରଣ ପଦାରେ ପକେଇ ଦେଉଛନ୍ତି? ଅମେ ଯୋଗାଣ ବିଭାଗର ଜଣେ ଦାୟିତ୍ୱଶୀଳ ଅଫିସରଙ୍କ ମୁହଁରୁ ଏକଥା ଶୁଣିଥିଲୁବୋଲି ଲେଖିଥିଲୁଁ। ଅମର ବୁଝିବା ଉଚିତଥିଲା ଯେ ଯୋଗାଣ ବିଭାଗ ଲୋକଙ୍କ କଥାରେ ସତ୍ୟତା କେତେ! ଅମେ ସେଥିପାଇଁ ଜନସମିତି ସଭାପତିଙ୍କ ପାଖରେ ଦୁଃଖ ପ୍ରକାଶ କରୁଛୁଁ।

× + + +

Digitized by srujanika@gmail.com

**ମଜାକଥା—**

# ଆତ୍ମହତ୍ୟା

ଲେଖକ:— ନି: ମ:

"ବନ୍ଧୁ, ଅତ୍ମହତ୍ୟା କରନାହିଁ ।"

"ବିବାହ କରିବା ଅତ୍ମହତ୍ୟା ନୁହେଁ, ବିଶେଷତଃ ଲଳନାଙ୍କୁ ବିବାହ କରିବା ବରଂ ଅତ୍ମପ୍ରସାଦ ଲଭ ।"

"ବିବାହ କରିବା ଅର୍ଥ ଅତ୍ମହତ୍ୟା, ବିଶେଷ ଭାବରେ ଲଳନା କିମ୍ବା ଲଳନା ପରି ଶିକ୍ଷିତାଙ୍କୁ ବିବାହ କରିବା ଅର୍ଥ ନିଜ ଗଳାରେ ଛୁରୀ ଦେଇ ଜଟେଇ ହୋଇ ମରିବା ।

ବନ୍ଧୁ ମୋର ଯେତେ କହିଲେ ମୁଁ ଶୁଣିଲି ନାହିଁ । ମୋର ସେ ଠାଏ ବିବାହ କଳ୍ପନା ଥିଲା । ମୁଁ ଜାଣେ ଶିକ୍ଷିତା ଝିଅଗୁଡ଼ାକ ବଡ଼ ବ୍ୟୟସାଧ୍ୟ । ସ୍ନୋ, ଶାଢ଼ୀ ଦଉଁ ଦଉ ପେଟକୁ ଅଣ୍ଟିବ ନାହିଁ । ପୁଣି ଗୃହିଣୀ ହେବା ମା ହେବା ତାଙ୍କ ପକ୍ଷରେ ଅସମ୍ଭବ—ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଡୋମେଷ୍ଟିକ୍ ସାଇନ୍ସ ନେଇ ପାଠ ଯେତେ ପଢ଼ନ୍ତୁ ପଛେ ଛନ୍ତୁ ସବୁଦିନେ ସବୁସମୟରେ ବ୍ୟତିକ୍ରମ ଜଗତରେ ମୋର ଶ୍ରେଣୀ ଭରସା । ଯାହାକୁ କହନ୍ତି ଏକ୍‌ସେପ୍‌ସନ । ଶତକଡ଼ା ୯୯ ଜଣପରୁ ବାଦବାକୀଟା ଯଦି ମୋ'ର ଭାଗ୍ୟରେ ପଡ଼ିଯାଏ—ନପଡ଼ିବା କାହିଁକି ? ବାସ୍ତବିକ ଜଣେ ଶିକ୍ଷିତା ଯଦି ଗୋଟିଏ ଭଲ ବନ୍ଧୁ ହେଲେ ମୋର ସେ ସ୍ୱନାରେ ସୁହାଗ ନ କହିବା କାହିଁକି ?

ବନ୍ଧୁ କଥା ଅଳ୍ପ କେଇଁଟି ଅଙ୍କରେ ନାହିଁ । କଥା ଅଙ୍କରେ ପଇସା ରୋଜଗାର ଉପରେ । ଲଳନା ବାପା ସବ୍-ଡେପୁଟି ବର ଖୋଜିଲେ । ମୋତେ ଟିକିଏ ସେ ବ୍ୟାକ୍ କରିଥିଲେ କିଁଣ ପ୍ରଭାବଶାଳୀ ସବ୍‌ଡେପୁଟିଟାଏ ପାଇ ନଥାନ୍ତେ ? ଗାର୍ଜନ ଅଫିସରୁ ମାଷ୍ଟର ଗଣେଶ—ସେଠୁ ତଡ଼ା ଖାଇ ଏ: ଆର: ପି: । ଲଳନାର ବାପା ମନା କଲେ—ଦ'ଜଣ ନାମ ଏ: ଆର: ପ: । ଲଳନା କହନ୍ତି—ବହୁ ହେବନାହିଁ । ଦିଗ୍‌ଗଜ ଦୈବ କର୍ତ୍ତବ୍ୟ ସ୍ୱୀକାର—ରଜକ୍ଲଟେଲେକ୍ଟର ।

ମୁଁ ଏ. ଆର୍, ପି, ହେବାର ଛଅ ମାସ ପରେ ଅମିଲ ବଡ଼ ଟଙ୍କା ନେଇ । ଯୁଦ୍ଧ ବଜାରରେ ବହୁତ ଜିନିଷ ଜିନିଷ ବର୍ଣ୍ଣାଣ୍ଡ ମିଳୁଛି । ତାଙ୍କ ଦେହ ଏପାଖ ସେପାଖରେ ଟଙ୍କା ଲୁଚିଟଙ୍କା ହୋଇଯାଉଛି । ମୁଁ ଟଙ୍କା ଖଣ୍ଡେ ଦୁଇଖଣ୍ଡ ହାତରେ ଧରି ରଜାରସ୍ତା ବଜାରେକ ହେବା ଆଶାରେ ଗଲିଲି । ସାଙ୍ଗରେ ଏକମାତ୍ର ସାକ୍ଷୀ ଗଣେଶ ନେପାଳୀ ଛୁରୀ । ସେଇଟା ଏ, ଆର୍, ପି, ହେବାବେଳେ ମୋର ସାହସ ପାଇଁ ଜଣେ କପ୍ତାନ ମୋତେ ଉପହାର ଦେଇଥିଲେ । ସେ ଛୁରୀ ଉପରେ ରୂପାର ବୋଟବମ ହୋଇଛି ଗୋଟିଏ ଶୋଭା । ଭାରି ସୁନ୍ଦର ଦିଶୁଥିଲା ।

ବଲବଟାରେ ଯାଇ ବଡ଼ ବର୍ଣ୍ଣାଣ୍ଡରଙ୍କ ତଳେ ଛୋଟ ବର୍ଣ୍ଣାଣ୍ଡସ କଲି । ଶଳାଏ ଏମିତି ପଣ୍ଟ ହେଇ ଦେଲେ ଯେ ଟିକେ ଟଙ୍କାଟା କମି କମି ପଚିଶ ଟଙ୍କାରେ ପହଞ୍ଚିଲା । ଏତିକ ଟଙ୍କା ନେଇବା କି ବର୍ଣ୍ଣାଣ୍ଡସ କରନ୍ତି । ତଥାପି ଭୁଷ ଶେଷ ବାହାରିଲି ଘୋଡ଼ଦୌଡ଼ି ତା ରେସ୍ ପାଡିଆ । କିନ୍ତୁ ହେଲା ସେଟି ଟ୍ରିକ କରି ଯେତେବେଳେ ଫେରି ଆସିଲି ସେତେବେଳେ ସେଇ ଗୁରୁଖା ଅସ୍ତ୍ରଟିଏ ଏକମାତ୍ର ଭରସା ।

ପାର୍କ ଭିତରେ ବୁଲୁଥାଏଁ । ନୋଟ୍‌ର ଘୁଙ୍ଘୁରବାଜା ଭାଙ୍କ ଭାଙ୍କ ପଡ଼ିଲାଣି ।

"ଏ ଟନୋଟ୍‌ର !" ଡାକିଲି । ସେ ଅଟି ନୋଟ୍‌ର—"ବାବୁ କରେଙ୍ଗ ମଜେଦାର" କହି ଦୁଙ୍ଗା ମୋଡିଲା ।

"ସ୍ୱର ପଇସା" ବୋଲି କହି ପକେଟରେ ହାତ ମାରିଲି ବେଳକୁ ମନିବ୍ୟାଗ୍‌ଟା ପିକ୍‌ପକେଟ ହୋଇଯାଇଛି ।

ନୋଟ୍‌ର ବାଲ ଗାଳି ଦେଇ ନୋଟ୍‌ରେଡଙ୍କ ଅନ୍ଧାରରେ ପକେଇ ଚାଲିଗଲା । ଶୋଭରେ ମୁଁ ବୋଟେ ବଞ୍ଚି ଚ୍ଛିଲି

Digitized by srujanika@gmail.com

ଗଲି । ଗୁରୁଅଣ୍ଡାକୁ ଖୁଣ୍ଟି ଦେଖିଲି କେହି ନାହାନ୍ତି । କିଏ ଉପସ୍ଥିତ ହେଲି । ଏଥିର ଆଉ ଉପାୟ କଣ ? ହଠାତ୍ ମନେ ପଡ଼ିଲା— ଛୁରି କଥା । ସେଟା ସବୁବେଳେ ମୋ ପ୍ୟାଣ୍ଟ ପକେଟରେ ପଡ଼ିଥାଏ । କେହି ଦେଖିଯାଉ ନାହିଁ ତ ! ତରବରରେ ଛୁରି ମୁଣ୍ଡ ଖୋଲି ବାହାର କଲି । ଭିତରେ କେବଳ ସନ୍ଦେହ—ସନ୍ଦେହ—ନୂଆଟାକୁ ସନ୍ଦେହ କରୁଥାଏଁ । ମୁଣ୍ଡ ଭିତରୁ ଉଙ୍କି ଛୁରିଟାକୁ ଦେଖିଯାଉ କେହି ଅଉ ବାଠ ଛୁରିଟାଏ ଘଟିନାହିଁ ତ ? ଚଟ୍‌ପଟ୍ ଛୁରିଟାକୁ କାଢ଼ି ଅଣିଲି । ଟକ୍‌ଟକ୍ ମାଉଙ୍କ ସେ ଅନ୍ଧାରୁଆ ଶୂନ୍ୟ ଭିତରେ । ଠିକ୍ ସେତିକିବେଳେ ଜଣେ କିଏ ଅସି ପଛଅଡ଼ୁ ମୋ ହାତଟାକୁ ଧରି ପକେଇଲା—"ହିଁ—ହିଁ— ଏ କଣ କରୁଛନ୍ତି !!"

ହାତଟା ନରମ କଣ୍ଢେଇ ହୁଡ଼ି । ନରମ କନିଟରେ ପ୍ରହାର କଲେ ଯେମିତି ଲାଗେ ସେଇ ମୋ ଜୀବନର ପ୍ରଥମ ଅନୁଭବ । ଛୁରିଟା ମୋ ହାତରୁ ତା ହାତକୁ ନିରପଦରେ ଚାଲି ଯାଇ-ଥିଲା ।

"ଜାଛନା ।" ମୁଁ ଉତ୍ତର ଦେଲି ।

"କାହିଁକି ? ଆମକୁ ଅପନ ଠକାଇ ପାରୁନାହାନ୍ତି । ଆମି କଡ ମେଟ୍ରୋହ ଅଉ ନେଇ—ଦେଖିତ ପାଇଛେନ୍ ତୋ?"

'ବଡ ମେଟ୍ରୋ' ଯେ ସେ ନୁହେଁ ସେକଥାର ପ୍ରମାଣ ଦେବାକୁ ପାଖରେ ଦ୍ୱିତୀୟ କେହି ନଥିଲେ । ମୋତେ ମାନି-ନେବାକୁ ପଡ଼ିଲା ।

"ନା—ନା—ଏଟା ମୋର ଛୁରି ।"

"ତାତ ଜାନି ! କିନ୍ତୁ କ ବୋଉରଛିଲେନ୍ ବୋଲୁନ ତୋ?"

"କରିବ କ'ଣ ? ଜାଛନା—"

"କିଛୁତ ଏକଟା ଉଦ୍ଦେଶ୍ୟ ଥାକ୍‌ବେ ନିଶ୍ଚୟ ।"

"ମୁଁ ଯାଉଥିଲି ଏହାର ସଦ୍‌ବ୍ୟବହାର କରିବାକୁ ।"

"ନିଶ୍ଚୟ ଏକଟା ଖାରାପ୍ ସଦ୍‌ବ୍ୟବହାର— ଏକ୍‌ଟା ଡାକୁନ୍ କିଛୁ ।"

"ନା—ସେମିତି କିଛି ନୁହେଁ ।"

"ତାହଲେ ମାରିତେ ଯାଛିଲେନ୍ ତୋ ?"

"ନା—ତାହା ନୁହେଁ ।"

"ତାର ମାନେ ଆତ୍ମହତ୍ୟା—"

"ନା—ନା—ତା ବି ନୁହେଁ ।"

"ତବେ ଉଦ୍ଦେଶ୍ୟଟା କି—ଏଖାନେ—ଏକା ?"

"ଉଦ୍ଦେଶ୍ୟ—ପୁରାତନର ଧ୍ୱଂସ ।"

"ତାହଲେ ଆମାର କଥାଇ—"

"ନା ନା ଏଇ କାଗଜଟା ପୁରାତନ—ଯାହାର ଅଡ଼ ମୁଁ ବର୍ଷ ଧରି ଉଦର ପୋଷଣ ପାଇଁ ଯାଉଥିଲି । ଆପଣ ବୁଝିଲେ ମୋତେ ।"

"ବୁଝିଛି—ଆପନ ଅମୁନ୍ ସେଇଜନ୍ୟ ହୋଟେଲେ ।"

"ବାହିଁକ କ'ଣ କରିବ ?"

"ଅଜ ରାତ୍ରିର ମଧ୍ୟ ଆମାର ଏକଟା ପାଇନାର ଘର ।"

"କିନ୍ତୁ ମୋ ପାଖରେ ତ ପଇସା ନାହିଁ ।"

"ସେଇ ଉଦ୍ଦେଶ୍ୟେ ପାଇନାରୁ ଘର—ଶେଷରେର ଅଂଶ ପାଇଏ ଅନେକେ ହବେ । ଏ ଛୁରି ବେବହାର ପ୍ରୟୋଜନ ଥାକବେନା—ଅର ଉଦର ପୋଷଣଓ ହବେ ।"

"କିନ୍ତୁ ଅପଣ ପାରବେ ?"

"ଓ ଆମରା ସବ୍ ପାରି—ଆମରା ଯେ ମଡାର୍ନ ଗାର୍ଲ !"

ଅଗତ୍ୟା ଗଲି । କହିବା ବାହୁଲ୍ୟ ଯେ ସେହିନ ରାତ୍ରିର ଉଦରପୋଷଣ ଅଭିନୟ ପରେ ବାଧ୍ୟ ହୋଇ ବନ୍ଧୁଙ୍କ ପ୍ରସ୍ତାବିତ ଆତ୍ମହତ୍ୟାହିଁ କରିବାକୁ ପଡ଼ିଲା ।

ପାଠକେ ଯଦି ଅତଙ୍କିତ ଥାଆନ୍ତି ତେବେ ଜଣାଇ ଦେଇପାରେ ଯେ ଲଳିତା ଜଣେ ସବ୍‌ଡେପୁଟିଙ୍କ ପତ୍ନୀ ହୋଇ ସାରିଛି ।

—※—

## କଟକର 'ଡଗର' ଏଜେଣ୍ଟ

କଟକବାସୀ ଭାଇମାନେ ସ୍ଥାନୀୟ ଏଜେଣ୍ଟ "ଷ୍ଟାଣ୍ଡାର୍ଡ ବୁକ୍ ମାର୍ଟ, ବାଲୁବଜାର, କଟକଙ୍କ ଠାରୁ ଏବେ ଏଣିକି ଖୁବଶୀଘ୍ର 'ଡଗର' ପାଇ ପାରିବେ ।

Digitized by srujanika@gmail.com

# ମେଘ ଓ ରୌଦ୍ର

ଲେଖକ:—ଶ୍ରୀ ସୁରେନ୍ଦ୍ର ମହାନ୍ତି ।

ସେ ଦଶବର୍ଷ ତଳର କଥା.... ..

ପ୍ରଫୁଲ୍ଲ, ମେସ୍ ଭିତରେ ତାର କାନ୍‌ଭସ୍ ଖଟ ଖଣ୍ଡିକ ଉପରେ ଶୋଇ ଶୋଇ ଭାବୁଥାଏ... ସେ' ଦଶବର୍ଷ ତଳର କଥା । ଜୋର୍‌ରେ ସିଗାରେଟ୍‌ଟା ଯାଉଥାଏ ପୋଡ଼ି ଚୋଡ଼ି, ଆଉ ତା'ର ଧୂଆଁରେ ଭିତରର ପଂଜରାଟା କେମିତି ଦଗ୍ଧ ହୋଇ ଉଠୁଥାଏ । ମେସ୍‌ରେ ସମସ୍ତେ ସେତେବେଳକୁ ଶୋଇପଡ଼ି ଥାନ୍ତି । ରାତି ପ୍ରାୟ ବାରଟାରୁ ଗଡ଼ି ଗଲାଣି, ତଥାପି ଆଖିରେ ନିଦ ନାହିଁ ତାର । ଦଶ ବର୍ଷ ପରେ ଏତେ ନିକଟରେ, ସେ ଶୋଇ ଶୋଇ ଭାବୁଚି ଦଶବର୍ଷ ତଳର କଥା । ଆଜି ବେଳେ ବେଳେ କାନରେ ବାଜୁଚି ଆସି ଘୁମନ୍ତ ସହରର ତନ୍ଦ୍ରାକ୍ଳାନ୍ତ କଳରବ !

ଦଶବର୍ଷ ତଳେ......

ସେ' ଆଉ ବିନୋଦ, ଦୁହିଙ୍କର କଲେଜରେ ସେତେବେଳକୁ ଥାର୍ଡ଼ଇୟାର । ଦୁଅ ନାଁ ନେଇଥାନ୍ତି । କେବଳ ଘଣ୍ଟା ଚାରି ଭିତରେ ପଡ଼, ସେ ଦୁହିଙ୍କ ଭିତରେ ଥିଲା ଗୋଟାଏ ନିବିଡ଼ ଘନିଷ୍ଠତା ! ଦୁହେଁ ବଡ଼ ଗରିବ । ଦୁହିଙ୍କର ଜୀବନରେ ଦାରିଦ୍ର୍ୟର ସେଇ ଅଭିଶାପ, ଅଭାବର ସେଇ ଚିରନ୍ତନ ଅତ୍ୟାଚାର ! ଆଉ ସେଇ ଅଭାବ, ଦାରିଦ୍ର୍ୟହିଁ ସେ ଦୁହିଁଙ୍କର ଘନିଷ୍ଠ, ଅକୃତ୍ରିମ ପରିଚୟକୁ କରିପାରିଥିଲା ଏତେ ନିବିଡ଼ । କଲେଜ ପାଖରୁ ପ୍ରାୟ ୨ । ୩ ମାଇଲ ଦୂରରେ ଗୋଟିଏ ମେସ୍‌ରେ ଥାଆନ୍ତି । ସେ ଦୁହିଁଙ୍କର ଜୀବନରେ ଥିଲା କେତେ ଦୁର୍ଯ୍ୟୋଗ, କେତେ ଦୁର୍ଦ୍ଦିନ । କିନ୍ତୁ ସେମାନେ ମୁଣ୍ଡ ନୁଆଁଇ ସହି ନେଉଥିଲେ ଉପରର ଝଡ଼ । ଜୀବନରେ, ସେ ଦୁହିଙ୍କର ଯେମିତି ଗୋଟାଏ ସ୍ୱପ୍ନ ...ଗୋଟାଏ ଭବିଷ୍ୟତ ସେ ସବୁ ସ୍ୱଚ୍ଛନ୍ଦ, ପରିପୂର୍ଣ୍ଣ ଜୀବନକୁ କେନ୍ଦ୍ର କରି ।

ପ୍ରଫୁଲ୍ଲର ଆଖିରେ ଆନନ୍ଦ ନାଚି ଉଠେ, ଦଶବର୍ଷ ତଳର ସେଇ ମେସ୍‌ର ଗୋଟିଏ କୋଣର ସେଇ ସ୍ଲେଟ ଘରଟି । ଦୁଇଟି ସିଟ୍‌ରେ ଥା'ନ୍ତି ସେ ଦୁଇଜଣ । ଆକାଶ ମେଘର ପଟଳ ତାର ଝିଙ୍ଗାସନ୍‌ରୁ ଟଙ୍କା ନ୍ୟୁମତଳ୍ପୁଟପ ନଟାଇ କେତେଥର ସେ ଦୁହିଁଙ୍କର ମେସ୍‌ରେ ମିଳି ବନ୍ଦ ହୋଇଛି । ସେ ଖଟତଳେ ମୁଣ୍ଡିଆରୁ ଗଳିସେ ପାଣି ମଡ଼ ଗଡ଼ ଉପରେ ତା'ର ଗଡ଼ି ପଡ଼େ । ଛାତ ଉପରେ ତାର ମେଲା ହୋଇ ଯାଉଥାଏ ଦ୍ୱାର ପଡ଼ା ଘରଖଣ୍ଡକ । ଧୂଆଁଳିଆ ଲଣ୍ଠନ୍‌ଟାର ମିଞ୍ଜି ମିଞ୍ଜି ଆଲୁଅ, ଘରର ଚୂନଛଡ଼ା କାନ୍ଥରେ ସୃଷ୍ଟି କରିଯାଇ ଥାଏ ଯେମିତି ଆଲୁଅ ଆଉ ଅନ୍ଧାରର ଗୋଟାଏ ମାୟାପୁରୀ । ଓ ସେ ଛଡ଼ଟା ନଭି ଆସିଥାଏ, ଆଉ ସେ ଉପରକୁ ଚାହିଁ ଭାବୁଥାଏ, ଅନାଗତ ଗୋଟାଏ ଭବିଷ୍ୟତ ଦିନର କଥା ।

ବିନୋଦ, ସେତେବେଳକୁ ହୁଏତ ହଷ୍ଟେଲରୁ ଫେରୁ ଥାଏ । ପ୍ରଫୁଲ୍ଲ ସିଟ୍‌ରେ ବସିପଡ଼ି, ଲଣ୍ଠନ୍‌ଟା ଟିକିଏ ବଢ଼େଇ ଦେଇ ପଚାରେ... ଖାଇଲୁ ?

ପ୍ରଫୁଲ୍ଲ ହସେ...ସେ ହସ୍ତ ମ୍ଳାନ, ଅସ୍ପଷ୍ଟ । ବିନୋଦ ଅନ୍ଧାରରେ ଦେଖି ପାରେ ନା ।

ବିନୋଦ କହେ...ଦୁଃଖ କଣରେ ? ଜୀବନରେ ଯେଉଁମାନେ ବଡ଼ ହୋଇଛନ୍ତି, ସମସ୍ତଙ୍କ ଜୀବନରେ ଥିଲା ଏମିତି କେତେ ଦିନ ! ଜାଣୁ ରାମ୍‌ସେ ମାକ୍‌ଡୋନାଲ୍ଡ, ଜୀବନରେ ତାଙ୍କର ହୁଏତ ଗୋଟାଏ ପଇସା ମିଳୁ ନ ଥିଲା, ସେ ଟଙ୍କାଏ ନ ପାଇ । ଆଜି ଲଣ୍ଡନ୍.......

ପ୍ରଫୁଲ୍ଲ କହେ—ଯେ ଖାଇବାକୁ ନ ପାଏ, ଜୀବନରେ ତାର ଏଇ ସୁଖହିଁ ବଡ଼ ସାନ୍ତ୍ୱନା ବିନୋଦ !

Digitized by srujanika@gmail.com

ବିନୋଦ ଉଠିଯାଇ ଖୋଲା ଦରଜାଟା ବନ୍ଦକରି ଭିତରୁ ଚିଟ୍‌କିଣୀ ଲଗାଇ ଦିଏ। ତା' ପରେ ପକେଟରୁ ଗୁଡ଼ାଏ ନୋଟ୍ ବାହାର କରି ଫିଙ୍ଗିଦିଏ ପ୍ରଫୁଲ୍ଲ ପାଖରେ। କହେ, "ଏ ଗୁଡ଼ା ନିୟମିତ ଭାବରେ ସ୍ୱାସ୍ଥ୍ୟ ଖାତିର ଖର୍ଚ୍ଚ କରିଦେବୁ। ଆଉ ଲେଜିମର ଭିଟାମିନ୍ ପାଉଥିବୁ ଏବେ!"

ତା' ପରେ ଧରେଇ ଦେଇଥାଏ ତୁଚ୍ଛ ଦୋ'ହାତ।

+　　　×　　　+

ଦେଖୁ ଦେଖୁ ମାସରେ କଟି ଯାଇଛି ପ୍ରାୟତ ଅଧିକା ଖୋଲାଏ ବୁଝିଟା ହୋଇଯାଏ। ପର ଛ' ମାସର ଭେକଲ୍ ସେ ଘୁଞ୍ଚ ପରେହିଁ ପ୍ରାୟତ ଲୁଚ ହୋଇ ଉଠେ ହଠାତେ। ଅଭ ଜୀବନରେ ସେପରି ସୁଯୋଗରେ ପ୍ରାୟତ ସେ ଦୁହେଁ ଟେବୁଲର ଖାଇଚନ୍ତି କଟିକି ସାମନା ସେ ସେୟାଗେଟରେ। ବିନୋଦ କହେ—ବର୍ଷରେ ଥରେ ଦୁଇଥର ଏମିତି ନଗୋଲିର ମଜାଟା ଦେଖିବି ଭାଙ୍ଗାଲ ହୋଇଉଠେ।" ସେ ଦିନ ସେ ଦୁହେଁ ହେଟେଲ୍ ବାସ ହେବକୁ କରି ସିନେମା ଦେଖନ୍ତି, ପାଟକୁ ପରେ ପାଟକୁ ସିଗାରେଟ୍ ପୋଡ଼ନ୍ତି, କଲେଜରୁ ମେଡ଼ିକ ପେଗନ୍ତି ଭିକ୍ଷା ଭଳି କରି।

ଏମିତି ସେ ଦୁହିଁଙ୍କର ଜୀବନରେ କଟି ଯାଇଚି ପୂରେଇ ବର୍ଷେ। ତା' ପରେ ବି, ଏ. ପାସ କରିବା ଦିନଠୁ ଯା' ଭିତରେ କଟି ଯାଇଛି ଆଉରି ଛ' ବର୍ଷ।

ତା' ପରେ...

ଆଉ ପ୍ରାୟ ଛ' ବର୍ଷ ପରେ—

ସେ ଦୁହିଁଙ୍କର ଦେଖାହୁଏ ହଠାତ ଅପ୍ରତ୍ୟାଶିତ ଭାବରେ ପ୍ରଫୁଲ୍ଲର ଖୋଲାଏ ଦୁଃଖ ହୋଇଯାଏ ପାଇବାର ଦେଖିଙ୍କ ଷ୍ଟେସନ ପାଖରେ ଜଣେ ଇନ୍‌ସ୍ପେକ୍ଟରଙ୍କ ଘରେ। ତାଙ୍କ ଅଫିସ୍‌ରେ ପ୍ରଫୁଲ୍ଲ ହେଡ୍‌କ୍ଲର୍କ। ତାର ଚାକିରିଟା ବାହାରିଥିଲା ଗୁଡ଼ିଏ ଗୁଡ଼ିଏ କଷ୍ଟ ତାର ପହଞ୍ଚିବା ଆଗରୁ ଚାକିରିର ଅଭିଜ୍ଞତାର କଥା ଦେଇ ସାରିଥିଲେ। ଏଣୁ ସେପରି କାମ ମିଳିଲା ତାକୁ କହିଲା ହେଉ। ତଥାପି ଦୁଃଖ ନାହିଁ ତାର। କାରଣ ଜୀବନରେ ସେହି ଲଢ଼ିବାର ସଂଗ୍ରାମ ଭିତରେ ସେ ଶିଖିଛି ଜୀବନର କୌଣସି ଅବସ୍ଥାରେ ଦୁଃଖ ନ କରିବା ପାଇଁ। କାରଣ ଦୁଃଖ କରି କିଛି ଲାଭ ନାହିଁ!

ଇନ୍‌ସ୍ପେକ୍ଟରଙ୍କ ଘରୁ ଫେରି, କ୍ଲାନ୍ତ ଶ୍ରାନ୍ତ, ଅବସନ୍ନ ଲାଗୁଥାଏ। ଏଣୁ ଅନ୍ୟମନସ୍କ ଭାବରେ ସେ ପଶିଗଲା ଷ୍ଟେସନ ପ୍ଲାଟ୍‌ଫର୍ମରେ ସେଇ ଗୋ' ହୋଟେଲଟା ଭିତରକୁ। ପକେଟ ଅଣ୍ଡାଳି ଦେଖିଲା ଖୋଲାଏ ଟଙ୍କା ଆଉ ଦୁଇଟା ପଇସା ପଡ଼ିଛି, ଧୂ—ଧୂ—ସାହାରାର ଶ୍ୟାମଳ ଓଏସିସ୍ ପରି! କପେ ଚା' ପିଇଲେ ମନ ହୁଏ ଗୁମାନ! ନା—ଅଦର୍କ ସୁଦ୍ଧିଟା ପଇସା ଖର୍ଚ୍ଚ କର କଉ ନାହିଁ ଲାଭ। ଖୋଲାଏ ସିଗାରେଟ୍ ଟାଣି ଅବସନ୍ନ ଭାବରେ ବସି ପଡ଼ିଲା ଗୋଟିଏ ଟେବୁଲ ଉପରେ। ସେତେବେଳକୁ ବି ଖୋଲାଏ ଟ୍ରେନ୍ ଆସିଛି। ପ୍ଲାଟ୍‌ଫର୍ମଟା ଦେଖାଯାଉଥିଲା କୋଳାହଳ ମୁଖର।

ହଠାତ୍ ଜଣେ ମୁହଁମିଛା ଇନ୍‌ସ୍ପେକ୍ଟର ଆସି, କାନ୍ଧରେ ତାର ହାତରଖି ଡାକିଲେ—ହ୍ୱାଟେଲ ଭିତରକୁ।

ପ୍ରଫୁଲ୍ଲ!

ପରିଚିତ କଣ୍ଠ ତଥାପି ଚିହ୍ନି ହେଉନାହିଁ। ଇନ୍‌ସ୍ପେକ୍ଟର ତା' ପାଖରେ ଆଉ ଗୋଟିଏ ଚେୟାର ଉପରେ ବସିପଡ଼ି କହିଲେ—"ଚିହ୍ନି ପାରୁନୁ?"

ପ୍ରଫୁଲ୍ଲ ଟିକେ ସମନ୍ୱୟରେ କହିଲା—'ଓ ବିନୋଦ'! ତା' ପରେ ବିଦ୍ୟା ପଞ୍ଜାବୀର ତଳ ଅଂଶଟା ଲୁଚେଇବା ପାଇଁ ଟେବୁଲ ଉପରେ ପକେଟରୁ ରୁମାଲଟା କାଢ଼ି ଘୋଡ଼ାଇଦେଲା।

ବିନୋଦ କହିଲା—ଅଚ୍ଛା ଥାଉନା! ଦେଖୁଚେ ଦେଶ୍ ଅଲ୍ପ, ଚବନ ଲାଗେ। କିଛା କଣ?

ପ୍ରଫୁଲ୍ଲ ହସିଲା......

କାର୍ତ୍ତିକ ଗଳର ସେଇ ହାଲ...କରୁଣ ହସ।

ବିନୋଦ ହଠାତ୍ ଟେବୁଲ୍ ମାଟେନଜରଟାକୁ କଣ ଅର୍ଡ଼ର ଦେଇ ଆସିଲା। ତା' ପରେ ପ୍ରଫୁଲ୍ଲ ପାଖରେ ବସିପଡ଼ି କହିଲା, "ତୁଁ ଏଠାରେ କଣ ପାଇଁ? ବାସ୍ତବିକ ବଡ଼ Pleasant surprise. We meet after a century

ପ୍ରଫୁଲ୍ଲ କହିଲା......ହଁ ପ୍ରାୟ ଛ' ବର୍ଷ ପରେ! କେମିତି ଅଛୁ?

ବିନୋଦ କହିଲା......ମୋତେ ସେ ଖୋଲାଏ ଇନ୍‌ସ୍ପେକ୍ଟର! ତୋ' କଥା ଆଗକୁ କହନା!

ପ୍ରଫୁଲ୍ଲ କହିଲା......ବିଶେଷ ନାହିଁ କିଛି। ଅର୍ଦ୍ଧମାନ କରିପାରୁଥିବୁ ହୁଏତ। ପୁରୁଣା ଶିକ୍ଷା ଟଙ୍କାର ଗୁଡ଼ୁ

Digitized by srujanika@gmail.com

ବନ୍ଧୁ ଭୁଟା ମୋ' ମୁଣ୍ଡରୁ ଅଉ ଘୁଞ୍ଚିବ ନାହିଁ ଯେମିତି ।

ତା' ପରେ ହସି ଉଠିଲି ବୁବ୍ ଜୋରରେ, ନିଜର ଭଙ୍ଗିବଡ଼ାରେ । ହୋଟେଲ ବଏ ଆସି, ଟେବୁଲ ଉପରେ ସଜାଇ ରଖି ଦେଇଗଲା ଦୁଇଟା ପ୍ଲେଟ୍‌ରେ ପିଆଜ ଭଜା, ଓମଲେଟ୍, ଉଟ୍ଲେଟ୍ ଆଉ ଚାଂଘ ଉଠା ଗ୍ଲ' ବସ୍ !

ବିନୋଦ, କଣ୍ଟାରେ ଖଣ୍ଡେ ଓମ୍ଲେଟ୍ ଖଣ୍ଡାଇ ନେଇ କହିଲା.........ମୋର ଗୋଟାଏ ମସ୍ତ ଇତିହାସ ! ଯେତେବେ to cut a big story short, ବର୍ତ୍ତମାନ କଲିକତାରେ ଗୋଟାଏ ଡେଙ୍ଗନେସ୍ ଫାର୍ମରେ ଅଣ୍ଡର ମେନେଜର ।

ପ୍ରଫୁଲ୍ଲ ନୀରବରେ ଖାଉଥାଏ । ଛ' ବର୍ଷ ପରେ ଅଜର ଏହି ଅବତ୍ର୍ଭିତ ମିଳନରେ ତାର ଯେମିତି ଦୁଃଖ କରିବା ପାଇଁ ଅଛି ବହୁତ କଥା ।

ବିନୋଦ କହିଲା, ତାର ଇତିହାସ । ବି, ଏ, ପାସ କରିବା ପରେ ସେ କେମିତି ବୁଲିଲା ଦୁଇଟା ବର୍ଷ ବେକାର ହୋଇ । ତା'ପରେ ପ୍ରେମ ହେଲା କପର, ଗୋଟାଏ ଅଂଲୋ-ଇଣ୍ଡିଅନ୍ ଯୁବତୀ ସଙ୍ଗରେ । ସେଇ ଅଂଲୋ-ଇଣ୍ଡିଅନ୍ ରୂପସୀ ଦ୍ଵାରା ସେ କପର ପରିଚିତ ହେଲା ବଡ଼ ବଡ଼ ଲୋକ୍‌ରେ. ତା'ପରେ କ୍ରମେ ପରିଚୟ ହେଲା ତାର, ବର୍ତ୍ତମାନ ସେ ଯେଉଁ ଫାର୍ମରେ ଅଛି ସେଇ ଫାର୍ମରେ ବଡ଼ମାନେଜରଙ୍କ ସଙ୍ଗରେ । ତା' ପରେ କ୍ରମେ କ୍ରମେ କପର ସାମାନ୍ୟ କିରାଣୀରୁ ହେଲା ସେଇ ଫାର୍ମର ଅଣ୍ଡର ମାନେଜରରୁ ଇତ୍ୟାଦି ।

ପ୍ରଫୁଲ୍ଲ ସବୁ ଶୁଣୁଥାଏ. ନୀରବରେ ଅଉ ଭାବୁଥାଏ ଜୀବନଟା ତାର କପର ଘଟଣାହୀନ ! ସେଇ ମେସ୍‌ବାସୀ ଏହା କାମିଜ୍ ଆଉ ଛିଣ୍ଡା ଚଟିର ସେଇ ପୁରୁଣା କାହାଣୀ !

ଆର୍ଜିରେ ଲ ଚାଳିଥିଲି......

ବିନୋଦ, ବକଟା ତାର ଝାଡ଼ି, ଦେଇ. ହାତରେ ଘଣ୍ଟା ଦେଖି ଅଧାଟେବେସ୍ ଧରି. ପଶିଗଲା ଗୋଟାଏ ସେଣ୍ଟର କ୍ଲାନ୍ ଡିପାର୍ଟମେଣ୍ଟ ଭିତରକୁ । ପ୍ରଫୁଲ୍ଲର ହାତଟାକୁ ଜୋରରେ ଚାପିଦେଇ ବିଦାୟ କହିଲା.....କଲିକତାରେ ମୋ ସାଙ୍ଗେ ଦେଖା ପାଇଁ ଚେଷ୍ଟା କରିବୁ । ଯୋଉ ଠିକଣା ଦେଇଗଲି ଟିକେ ଲେଖିବୁ । ଅଚ୍ଛା...Cheerio !"

ଟ୍ରେନ୍‌ଟା ଅଟେ ଅଟେ ସ୍ପିଡ୍ ଧାରଣ କରୁଥାଏ ।

ପ୍ରଫୁଲ୍ଲ ଚଳନ୍ତା ଟ୍ରେନ୍‌ରୁ ଦେଖୁଥାଏ ଚଳନ୍ତା ଟ୍ରେନ୍ ଆଡ଼େ ।

ଟ୍ରେନ୍‌ଟା କ୍ରମେ ଅଦୃଶ୍ୟ ହୋଇ ଆସିଲା । ପ୍ରଫୁଲ୍ଲ ସିଗାରେଟ୍‌ଟା ଥରେ ଫିଙ୍ଗିଦେଇ ମୁହଁକୁ ଉପରକୁ...ଆଖିଦେଇ ମେଘହୀନ ଆକାଶ...ସେଠି ଅସୀମ ସନ୍ଧ୍ୟାର ମ୍ଳାନ ଆଲୋକ ।

---

## କୁତୁକୁତୁ

ସ୍ଵାମୀ ସ୍ତ୍ରୀ ଦୁଇଜଣ ଗାର୍ଡ଼ନ୍‌ରେ ବସିଥିଲେ । ଜହ୍ନ ଆଲୁଅ ବିଛୁଡ଼ ହୋଇ ପଡ଼ୁଥାଏ । ଦୁଇଜଣ ଯାକ ଆକାଶକୁ ଅନାଇ ଭାବମଗ୍ନ । ହଠାତ୍ ସ୍ତ୍ରୀ କହିଲେ, "ଦେଖ, ତମ ପାଖରେ ପଇସା ହେଲେ କଣ କରନ୍ତ ?"

ସ୍ଵାମୀ କହିଲେ, "ମୋ ପାଖରେ ପଇସା ହେଲେ ମୁଁ ଦେଶ ଭ୍ରମଣରେ ବାହାରି ପଡ଼ନ୍ତି ।"

ସ୍ତ୍ରୀ ତାଙ୍କର ନରମ ହାତଟି ସ୍ଵାମୀଙ୍କ ହାତରେ ଥୋଇଲେ । ସ୍ଵାମୀ ଭାବପ୍ରବଣ ହୋଇ ଆଖି ବୁଜି ତାଙ୍କର ପରଶ ଅନୁଭବ କଲେ । ଆଖି ଖୋଲିଲା-ବେଳକୁ ଦେଖନ୍ତି ସ୍ତ୍ରୀ ସେଠାରେ ନାହାନ୍ତି ଓ ତାଙ୍କ ହାତରେ ଗୋଟିଏ ଦୋପଇସି ରହିଛି ।

---

## ଓଡ଼ିଶା ସର୍ଭେ ଟ୍ରେନିଂ ସ୍କୁଲ ।

### ଅସୁରାଲି

ଶ୍ରୀ ଯୋଗେନ୍ଦ୍ରନାଥ ରାଜ ଜଳେଶ୍ୱର

ପଲ୍ଲୀ ଅଞ୍ଚଳରେ ସ୍କୁଲ ବ୍ୟସ୍ଥିରେ ଭାରତ ଗଭର୍ଣ୍ଣମେଣ୍ଟଙ୍କ ମେନୁଏଲ ମତେ ସର୍ଭେ ଶିକ୍ଷା ତଥା ଦେଶର ବେକାର ସମାସ୍ୟା ଓ ଦରିଦ୍ରତାର ଷଡ଼ଯନ୍ତ୍ରରୁ ଯୁବକମାନଙ୍କର ମୁକ୍ତି ପ୍ରଦାନ ପାଇଁ ଏହି ସର୍ଭେ ସ୍କୁଲ ସର୍ବଦା ଗନ୍ତାଳ ଉଦ୍ୟମ ସହ ଓଡ଼ିଶାର ନାନା ସ୍ଥାନରେ ବ୍ୟାପ୍ତ ଗୋଲ ଶିକ୍ଷା ଦେଉ ଅଛି । ବର୍ତ୍ତମାନ ଏଠାରେ ଏକ ଶାଖା ସ୍କୁଲ ଲାଇନ ନୂଆବଜାରରେ ସ୍ଥାପନ କରାଯାଇଅଛି ।

ଯାଉ ଅଧ୍ୟକ୍ଷମାନଙ୍କ ନିକଟରେ ଏହି ସ୍କୁଲ ଟ ୧୧ ଦେଇ ଭର୍ତ୍ତି ହେବାକୁ ଅନୁରୋଧ. ଅଧ୍ୟକ୍ଷ ନିକଟରେ ସୂଚନା ପାଇଁ ଟିକଟ ପଠାନ୍ତୁ ।

Digitized by srujanika@gmail.com

ମଜାକବିତା........

# ପ୍ରେମ-ଅର୍ଘ୍ୟ

—ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡା

ଏ ମୋର କୁଞ୍ଜଦ୍ୱାରେ, ଚରଣ ଗୁଳ୍ପ ଠୀରେ
ଝରୁଛି ମୋ ହୃଦୟ ସାଧ ଗୋ,
ତୁମର ପ୍ରେମ ଧାର—ପାଇଁ ମୁଁ ଅମୃତଧାର
ଦୁଃଖଦ ବିରହର ବାଧା ଗୋ,
କନକ ଶତଦଳ ସୁଗନ୍ଧ ପରିମଳ
ଫୁଟୁଗୋ ତବ ପଦ ପରଶେ
ସ୍ୱାଗତଃ ପ୍ରେମ ନବ ବରଷେ।
ମଧୁଚଳିତ ଅତି ମୋହନ ବେଶ ସାଜି
ତୁମରି ସିଂହଦ୍ୱାରେ ଭଜି ଗୋ,
ସୌରଭ ଗୈରବ ଗନ୍ଧ ଗଢ଼ କରିଛି ମନ୍ଦ
ପରଶ ଅଶେଷ ତବ ବକ୍ଷ ଗୋ,
କୁଟିଳ କୁନ୍ତଳ ଦଳିତ କଜ୍ଜଳ
ଭୁଜଙ୍ଗ ବେଣୀ ଦୋଳୁ ଚରଣେ,
ପ୍ରେମିକ ଧାର ହେଉ ମରମେ।
ନୂପୁର ସିଞ୍ଜନ ଭ୍ରୂଲତା ନର୍ତ୍ତନ
ନାହିଁ ଗୋ ନାହିଁ ତାର ତୁଳନା,
ମେନକା, ଇନ୍ଦ୍ରାଣୀ ସପନ ସ୍ୱର ରାଣୀ
ତୁମରେ ତାଙ୍କ ତୁଲା ଅଲଣା,
ଯୌବନ ଜର ଜର ରୁଚିର କୁଚଭାର
ଯତନେ ଅବରଣ ବାସେ ଗୋ,
ବିରହ ଉଭସାର ଘସେ ଗୋ।
ପ୍ରଣୟ ନବଦନେ ବିଅର୍ଥ ଅଭିମାନେ
ନାହିଁକା ପୁଷ୍ପ ନାହିଁ ଫୁଲୁଅ,
ନବୀନ ପ୍ରେମେ ମଣ୍ଡି ତନୁ ଲତିକା ସାଜି
ତୁମରେ ଜଗତକୁ ଭୁଲାଅ,
ତପସୀ ମହେନ୍ଦ୍ରମ; ଲଗିଲେ ସେହି ରମ୍ଭ
ଛାଡ଼ିବ ଲେ ଗିରି ବନ ଗୋ,
ଏଣୁ ମୋ ହୃଦୟ ହୋଇବ ମଧୁମୟ
ବିଜୟୀ ପୁନିଇରର ଜନ୍ମ ଗୋ,
ନଥିବ ବିଛେଦର ଚିନ୍ତା ଗୋ।

Digitized by srujanika@gmail.com

# କାଳିଆ ବଳଦ ଗଲା ଗଲା

ସଂଗ୍ରାହକ—ଶ୍ରୀ ——

ଜଣେ ଯୁବକ ଜଣେ କୁମାରୀ ସାଙ୍ଗରେ ପ୍ରେମ କରୁଥିଲେ। କୁମାରୀଟି ତାଙ୍କୁ ବାରବାର ମନା କରୁଥିଲେ ଯେ ତାଙ୍କ ବାପା ଏମିତି ଟୋକାଙ୍କ ସାଙ୍ଗ ହେବାଟାକୁ ପସନ୍ଦ କରନ୍ତି ନାହିଁ। କିନ୍ତୁ ଯୁବକ ନାଛୋଡ଼ ବନ୍ଦା। ଥରେ ରାତିରେ ସେ ଯୁବକ ଓ କୁମାରୀଟି ତାଙ୍କ ଘର ଖଟ ଉପରେ ବସି ଗପ କରୁଥିଲେ। ଯୁବକଟି କହୁଥିଲେ ଯେ ଆଜି ନିଶ୍ଚୟ ତାଙ୍କ ବାପାଙ୍କୁ ତାଙ୍କୁ ବାହାହେବା ପାଇଁ ପ୍ରସ୍ତାବ କରିବେ। ହଠାତ୍ ବାହାରେ ବାପାଙ୍କ ଆସିବାର ପଦଶବ୍ଦ ଶୁଣାଗଲା। କୁମାରୀଙ୍କ ପିତା ଘରେ ପଶିପାରି ପଚାରିଲେ "ତମେ କିଏ! ତମେ କାହିଁକି ଏଠି?"

ଯୁବକଟି ତାଙ୍କ ରୁଦ୍ରମୂର୍ତ୍ତି ଦେଖି ହଡ଼ବଡ଼େଇ ଯାଇ କହିଲେ "ମୁଁ—ମୁଁ—ମୁଁ ତାଙ୍କର ଭାଇ।"

× + ×

'ଯାହାଙ୍କୁ ଯେ ଲୋକେ ବୀଣାକୁ ଏତେ ଭଲ ଗୀତ ଗାଏ ବୋଲି ପ୍ରଶଂସା କରନ୍ତି—ଶୀଳା ତ ତାଠୁଁ ଢେର ଭଲ ଗାଏ।"

"ହଁ ସତକଥା—କିନ୍ତୁ ବୀଣାର ବାପା ଯେ ଡ଼େଲେକ"

+ × +

ଜଣେ ସୈନିକ ତାଙ୍କ ସେନାପତିଙ୍କ ସମ୍ମୁଖ ଦେଖାକରି କହିଲେ "ମୋତେ ସ୍ପେଶାଲ ଛୁଟି ମଞ୍ଜୁର କରାଯାଉ।" ସେନାପତି ପଚାରିଲେ "କାହିଁକି?" ସେ ସୈନିକଟି ଟିକିଏ ଲଜ୍ଜିତ ହୋଇ କହିଲେ "ମୋର ଜଣେ ମହିଳା ବନ୍ଧୁ ତାଙ୍କ ଚାହାକୁ ନିମନ୍ତ୍ରଣ କରିଛନ୍ତି।" ସେନାପତି କହିଲେ, "ଏଇ କଥା ବୋଲି କି କଥା—ବିବାହ ପରେ ଯେ କୌଣସି ସମୟରେ ତୁମର ମହିଳା ବନ୍ଧୁଙ୍କୁ ଯାଇ ଭେଟିପାର। ବର୍ତ୍ତମାନ କାମର ଭିଡ, ଛୁଟି ମିଳିବ ନାହିଁ।" ସୈନିକ—"ଆଜ୍ଞା, ମୋତେ ଯେ ତାଙ୍କ ବିବାହରେ ବର ହୋଇ ଯିବାପାଇଁ ନିମନ୍ତ୍ରଣ କରିଛନ୍ତି।"

+ + +

୧ମ—ତା'ହେଲେ ତୋ ବାହାଘର ତାଙ୍କ ଝିଅ ସୁଶୀଳା ସଙ୍ଗରେ ଠିକ ହେଲା—ଶୁଣି ଖୁସି ହେଲି ଯେ ତମଘର ତାଙ୍କଘର କଜିଆ ମେଣ୍ଟି ଯାଇଛି।

୨ୟ—ହଁ, ଶେଷରେ ସୁଶୀଳକୁ ବାହାହେବାକୁ ସ୍ଥିରକଲି; କାହିଁକିନା, ଯେତେ ଉପହାର ତାକୁ ଦେଇଛି ସେସବୁ ଆଉ ଫେରି ପାଆନ୍ତି କେମିତି?

+ + +

"ତମେ କେତେ ଦୋହଲି ଯାଇଛ। ତମର କଳା ମଚ ମଚ ବାଳଥିଲା, ସୁନ୍ଦର ସ୍ୱାସ୍ଥ୍ୟଥିଲା, ମୁହଁଟିରେ କି ଶ୍ରୀ ଫୁଟି ଉଠୁଥିଲା— କିନ୍ତୁ ବର୍ତ୍ତମାନ ତମେ ବୁଢା ହୋଇଯାଉଛ. ତମ ସ୍ୱାସ୍ଥ୍ୟ ଭାଙ୍ଗି ପଡିଛି, ତମ ମୁହଁରେ ଆଉ ସେ ଶ୍ରୀ ନାହିଁ—ତମର ଏତେଶୀଘ୍ର ଏ ପରିବର୍ତ୍ତନ ଘଟିଲା କିପରି ପଟ୍ଟନାୟକ ମହାଶୟ!"

"ମୁଁ ତ ପଟ୍ଟନାୟକ ନୁହେଁ।"

"ଅରେ, ତା ହେଲେ ତମେ ତମର ନାଁ ବି ବଦଳେଇ ଦେଇଛ?"

× × ×

Digitized by srujanika@gmail.com

# ବହିପତ୍ର

## ୧୯୪୨—୪୪ରେ ଓଡ଼ିଶା ( Orissa in 1942-44) ଲେଖକ—ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ । ମୂଲ୍ୟ—୮୦ ।

ଲକ୍ଷ୍ମୀନାରାୟଣ ବାବୁଙ୍କ ନିଷ୍ଠାପର ଜନସେବା ଅତୁଳନୀୟ । ସେ ଜୀବନର ଅକ୍ଳାନ୍ତ ଶାରୀରିକ ଓ ମାନସିକ ଶ୍ରମ ବଳ ଅନ୍ତର୍ଦୃଷ୍ଟି ଓଡ଼ିଆଙ୍କର ଦୁଃଖ ମୋଚନ କରିବା ସକାଶେ ନିଜର ଲାଗି ଗଢ଼ିଛନ୍ତି ତାହା ସର୍ବଜନ ବିଦିତ । ତାହା ମଧ୍ୟରେ ସୁଦ୍ଧା ତାଙ୍କର ଲେଖନୀ ଅଟଳ ନାହିଁ । ବିଗତ ଯୁଦ୍ଧ ବର୍ଷର ଓଡ଼ିଶାର ଅବସ୍ଥା ବର୍ଣ୍ଣନା କରି ସେ ଇଂରାଜୀରେ ସଂକ୍ଷିପ୍ତ ପୁସ୍ତିକାଟି ପ୍ରକାଶ କରିଛନ୍ତି । ଏଥିରେ ତାଙ୍କ ଦରଦୀ ପ୍ରାଣର ଆବେଦନମୟୀ ଭାଷା ଫୁଟି ଉଠିଛି । ବିଷୟ ତତ୍ତ୍ୱ ଓ ଅଙ୍କସଂଖ୍ୟା ଯୁକ୍ତିରେ ପୁସ୍ତିକାଟି ପୂର୍ଣ୍ଣ । ଓଡ଼ିଶାରେ ଦୈବଦଣ୍ଡ ପଡ଼ିଥିଲେ ମଧ୍ୟ ସରକାରଙ୍କ ନୀତି ଦୋଷରୁ ଓଡ଼ିଶା ଉପରେ ଦୁର୍ଭିକ୍ଷ ଲାଗିଛି ଓ ଅସଂଖ୍ୟ ଓଡ଼ିଆ ଜୀବନ ପ୍ରାଣ ହରାଇଛନ୍ତି ତାହା ଉଲ୍ଲେଖ କରି ସେ କହିଛନ୍ତି କି—"ଏପରି ସରକାରର ଶାସନ କରିବାକୁ ଅଧିକାର ନାହିଁ । ଏକ ଓଡ଼ିଆର ମର୍ମକାହାଣୀ କାହାରି କାନରେ ପଡ଼ୁ ନାହିଁ ।" ଆମେ ଆଶାକରୁଁ ଲକ୍ଷ୍ମୀନାରାୟଣ ବାବୁଙ୍କର ଏହି ପୁସ୍ତିକା ସରକାର ତଥା ଅପର ପ୍ରଦେଶବାସୀଙ୍କର ଆଖି ଫିଟାଇବ । ଦୁର୍ଭିକ୍ଷର ଚେତନ କରାଇ ସମ୍ପ୍ରତି ପୁସ୍ତିକାର ଉପାଦେୟତା ବଢ଼ାଇଛି ।

## ଭଞ୍ଜପ୍ରଦୀପ — ପୌଷ ୧୩୫୨ ସାଲ

ଅଧ୍ୟାପକ ଗିରିଜାଶଙ୍କରଙ୍କ "ହିନ୍ଦୁ ସଂସ୍କୃତି" ଉପାଦେୟ ପ୍ରବନ୍ଧ । ପରମ୍ପରାଗତ ବୈଦିକ ଭାବଧାରାର ଅଧିକାଂଶ ନେଇ ହିନ୍ଦୁ, ବୌଦ୍ଧ ଓ ପାଶ୍ଚାତ୍ୟ ଭାବର ସଂଘାତରେ ସେ ନିଜ ପଦ ହେବାରୁ ଉପରେ ତାର ଅବାନ୍ତର ସମ୍ପର୍କ ତାହା ଲେଖକ ସୁନ୍ଦର ଭାବରେ ବୁଝାଇଛନ୍ତି ।

ଶ୍ରୀ ବାଳକ ପାଣିଗ୍ରାହୀଙ୍କ ଲିଖିତ ମହାଭାରତର ରାଜନୀତି ପ୍ରବନ୍ଧ ପଢ଼ିଲେ ସେକାଳର ରାଜନୀତି ବିଷୟରେ ଅନେକ ଜ୍ଞାନ ଜନ୍ମେ ଓ ବର୍ତ୍ତମାନ ସହିତ ତାହା ତୁଳନା କରି ଦେଖିବାକୁ ପ୍ରବୃତ୍ତି ହୁଏ ।

ପ୍ରହରାଜେ ଆପଣେ "ହୃଦୟ ସରଣେ" ଲେଖାରେ ଏଥର "ସାପଢେଳ ଅନ୍ଧାର" ବ୍ୟାଖ୍ୟାନ କରିଛନ୍ତି । ମନୋରମ ହୋଇଛି ।

ନିଷ୍ଫଳତା—କବିତା—ଶ୍ରୀ ମାୟାଧର ମାନସିଂହ ।
ନୀଡ଼ ଅନ୍ୱେଷଣ—କବିତା—ଶ୍ରୀ ମନୋହର ନାୟକ । କବିତା ଦୁଇଟି ସୁପାଠ୍ୟ ।

ଶ୍ରୀ ବସନ୍ତ କୁମାର ଶତପଥୀଙ୍କ "ସ୍ୱର୍ଣ୍ଣରେଣୁ" ସମାଲୋଚନାରେ ସୂକ୍ଷ୍ମ ଦୃଷ୍ଟିରେଖାର ପରିଚୟ ମିଳେ ।

ପୃଥିବୀର ପରିଚୟ—ଗଳ୍ପ—ଶ୍ରୀ ଧୂର୍ଜଟୀ । ଗଳ୍ପଟି ଗ୍ରୀସ ଅର୍ଦ୍ଧ ହିସାବରେ ଉଚ୍ଚଧରଣର । ନାମଟି ଏକା ଅଙ୍କଶିଳ୍ପ ଭଳି । ଖାପ ଖାଉନାହିଁ । ଗଳ୍ପ ଦେଲାମାତ୍ରେ ଭୌଗୋଳିକ ବା ବୈଜ୍ଞାନିକ ପ୍ରବନ୍ଧ ବୋଲି ଭ୍ରମ ଜନ୍ମିପାରେ ।

## ସହକାର—୧୦ମ ୧୧ଶ ଓ ୧୨ଶ ସଂଖ୍ୟା

ଜନ୍ମ—କବି ବୈକୁଣ୍ଠନାଥଙ୍କ କ୍ଷୁଦ୍ର କବିତାଟି କୋମଳ ଓ ସୁପାଠ୍ୟ ।

ଶ୍ରୀ ଜଳନ୍ଧର ଦେବଙ୍କ "ଭାରତୀୟ ସାହିତ୍ୟର ଅଭିବ୍ୟକ୍ତି ଓ ଶକ୍ତି" ଶୀର୍ଷକ ଅଭିଭାଷଣ ଶେଷ ହେଲା । ଏଥିରେ ବହୁତ ଜାଣିବାର କଥା ଅଛି ।

ବନଫୁଲଙ୍କ ଗଳ୍ପ—"ଛବିଶ ଜାନୁଆରୀ" ଗୋଟିଏ ନୂଆ ଢଙ୍ଗର ଲେଖା । ଖୁବ୍ ଭଲ ହୋଇଛି ।

ଶ୍ରୀ ଚନ୍ଦ୍ରମୋହନ ବର୍ମା ମନ୍ଦିରମାନଙ୍କରେ ଅଶ୍ଳୀଳ ମୂର୍ତ୍ତି ଥିବାର ହେତୁ ନିର୍ଦ୍ଦେଶ କରିଛନ୍ତି ।

କବି ଅନନ୍ତ ପଟ୍ଟନାୟକଙ୍କ "ବାତ୍ସଲ୍ୟ" କବିତାର ମୂଳଭାବ ଧରିବା କଷ୍ଟକର । ଲେଖାଟି କିନ୍ତୁ ସୁନ୍ଦର ।

ଶ୍ରୀ ଗୋକୁଳଚନ୍ଦ୍ର ଶତପଥୀ "ଓଡ଼ିଆ ଉପନ୍ୟାସ"ରେ ରାମଶଙ୍କରଙ୍କ ବିବାସିନୀର ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଅଛନ୍ତି ।

ପଣ୍ଡିତ ବାନାମ୍ବର ଆଚାର୍ଯ୍ୟଙ୍କ "ଅଳଙ୍କାର" ଉପରେ ପାଣ୍ଡିତ୍ୟପୂର୍ଣ୍ଣ ଲେଖାଟି ଉପାଦେୟ ।

"ପଦ୍ମ ଫୁଟି ଫୁଟି ଯାଉଛି"—ଶ୍ରୀ ରାଜକିଶୋର ରାୟଙ୍କର କ୍ଷୁଦ୍ର ଗଳ୍ପ । ସରସତା ସଙ୍ଗେ ଚିତ୍ରଣ କାରୁଣ୍ୟର ଏକ ଗଳ୍ପଟିକୁ ଉପଭୋଗ୍ୟ କରିଛି ।

ଅଧ୍ୟାପକ ପ୍ରଭାତ ମୁଖାର୍ଜୀଙ୍କ "କାଞ୍ଚିକାବେରୀ କାହାଣୀର ଐତିହାସିକ ମୂଲ୍ୟ" ଗବେଷଣାମୂଳକ ଐତିହାସିକ ପ୍ରବନ୍ଧ । ମାତ୍ର ଅପୂର୍ଣ୍ଣ ପରି ଲାଗେ ।

ସ୍ୱ° ବିଜୟସୁନ୍ଦର ଦାସଙ୍କ ଗୀତ "ରହିବ ତୁମ୍ଭକୁ ରୁହିଁ" ପ୍ରାଣସ୍ପର୍ଶୀ ।

ଶ୍ରୀ କୃଷ୍ଣଚନ୍ଦ୍ର ହୋତା ଗୋଟିଏ ପ୍ରବନ୍ଧରେ ସମ୍ବଲପୁର ଅଞ୍ଚଳ ନୃତ୍ୟ ଗୀତର ବର୍ଣ୍ଣନା କରିଅଛନ୍ତି ।

"ପାକିସ୍ତାନର ଜନ୍ମ" ପ୍ରବନ୍ଧର ଭାଷା ମାଡ଼ିଅଣା ଛାଅଣ ପରି ଲାଗୁଛି । ବିଷୟଟି ଭଲ ହେଲେ ମଧ୍ୟ ପଢ଼ି ଶେଷ କରିବା ପାଇଁ ଧୈର୍ଯ୍ୟ ଲୋଡ଼ା ।

Digitized by srujanika@gmail.com

# ଖବର ଅନ୍ତର

—ଅମେରିକାରେ ଏକ କମିଟି ଟେଷ୍ଟରେ ଜନୈକ ଲକ୍ଷ୍ମୀଙ୍କ ଗ୍ରହଣୀୟ ନିର୍ଦ୍ଦିଷ୍ଟ ଖାଦ୍ୟ ପରୀକ୍ଷାନୁଯାୟୀ ତାଙ୍କ ଉଦରରେ ଖାଦ୍ୟ ଯୋଗାଯାଉଥିଲା—ତାପରେ ତାଙ୍କ ମଳ ପରୀକ୍ଷାରୁ ନିର୍ଦ୍ଦିଷ୍ଟ ଖାଦ୍ୟ ବାହାରିଲା କି ନାହିଁ ଜଣା ଯାଉନାହିଁ ।

—ଲଣ୍ଡନରୁ ଏକ ପର୍ଣ୍ଣିକା ସଂବାଦ ମିଳିଛି ଯେ ଓ୍ୟାଭେଲ ଦେଶୀୟ ପରାମର୍ଶ ବିଷୟରେ ଗୋଟାଏ ବିଶିଷ୍ଟ ସଂବାଦ ପ୍ରକାଶ ପାଇବ—ଅଦ୍ୱୈତ ନା ଦ୍ୱୈତ ?

—ସିନ୍ଧୁ ପ୍ରଦେଶର ଏକ ନିର୍ବାଚନରେ ମନ୍ତ୍ରୀପକ୍ଷ ଜୟଲାଭ କରିଛନ୍ତି । ପ୍ରଦେଶର ମୁସଲିମ୍ ଲିଗ୍ କର୍ମକର୍ତ୍ତାମାନଙ୍କ ଛେଦ ଘଟିଛି । ଜନାବ ସାହେବ ବୋଧହୁଏ ଆନନ୍ଦରେ ନାଚୁଥିବେ—ତାକ୍ ଧିନା ଧିନ୍ ଧିନା !

—ଯୁଦ୍ଧୋତ୍ତର ଯୋଜନାରେ ରୁଷିଆ ଆମେରିକାଠାରୁ କୋଟି କୋଟି ଡୋଲାରର ଯନ୍ତ୍ର ଖରିଦ କରିବ ।—ଅନ୍ତର୍ଜାତୀୟତା ତ ଯାଉଛି ! ଅଉ କ'ଣ ଜାତୀୟତାର ମୂଳରେ ?

—ମାନ୍ଦ୍ରାଜ ହାଇକୋର୍ଟ କହିଛନ୍ତି ଯେ ଗାନ୍ଧି ଫଟୋ ନେଇ ଶୋଭାଯାତ୍ରା କରିବା ପାପ ନୁହେଁ । ଅତଏବ ଉକ୍ତ ଅପରାଧରେ ଦଣ୍ଡିତ କେତେକ ଯୁବକ ଖଲାସ ପାଇଛନ୍ତି । —ଆଉ, ଦେହରେ ଗାନ୍ଧି ଛାପା ମାରିଲେ ବା ନାମାବଳୀ ପିନ୍ଧିଲେ ସରକାର କ'ଣ କରିବେ ?

—କଲିକତାରେ କେତେକ ବିଶିଷ୍ଟ ଧରଣର ମଟର ଯେଉଁ ଦୁର୍ଘଟଣା କରୁଛନ୍ତି, ସରକାର ତାର କୌଣସି ପ୍ରତିକାର କରିପାରୁ ନଥିବାର ପ୍ରତିବାଦ ଦେଇ କେନ୍ଦ୍ର ଆସେମ୍ବ୍ଲିରେ ଏକ ସ୍ଥଗିତ ପ୍ରସ୍ତାବ ଆସୁଛି ।—କଂଗ୍ରେସର ପାଗଳ କୁଳ ଗାଉଁ ଗାଉଁ ।

—ମିତ୍ରପକ୍ଷ କଲିକତାରୁ ଏକ ପ୍ରକାର ଓ୍ୟାଟରପ୍ରୁଫ୍ କାଗଜରେ ସତ୍ୟ ସମାଚାର ଛପାଇ ଜାପାନୀ ସୈନ୍ୟମାନଙ୍କୁ ବାଣ୍ଟୁଛନ୍ତି । ଶୁଣାଯାଏ ଭାରତର ସାମ୍ବାଦିକ ସମ୍ମିଳନୀ ପ୍ରସ୍ତାବ କରିବେ ଯେ ସେମାନଙ୍କୁ ଏକ ଅପମାନ ପ୍ରୁଫ୍, ଓ ମିଥ୍ୟା ପ୍ରୁଫ୍ କାଗଜ ଦେଲେ ସରକାର ଯେତେ ଅପମାନ ଯେତେ ଅସତ୍ୟ ଦେବେ ସେସବୁ ନିଶ୍ଚିନ୍ତରେ ଛପାଯାଇ ପାରିବ ।

—ନିଖିଳ ଭାରତ ମୁସ୍‌ଲିମ୍ ଲିଗ୍‌ର ଆସନ୍ତା ଲାହୋର ଅଧିବେଶନରେ ସଭାପତିତ୍ୱ ପାଇଁ ମାନ୍ଦ୍ରାଜ ପ୍ରାଦେଶିକ ଲିଗ୍ ଜନାବ ସାହେବଙ୍କ ପସନ୍ଦ କରିଛନ୍ତି ।—ମନୀଷ ଯାଇ ପାରନ୍ତି, ମନୀଷ ଆସି ପାରନ୍ତି କିନ୍ତୁ ଜନା ଛେଡ଼ନ ପାଇଁ କୋଳ ଗାଇ କୋଳମଙ୍କି ଫୋଡ଼ିଲେ ।

—ବଙ୍ଗ ପ୍ରାଦେଶିକ ଛାତ୍ର କଂଗ୍ରେସର କାର୍ଯ୍ୟ-କାରୀ କମିଟି ସଭ୍ୟ ଧୀରେନ୍ଦ୍ର ଦ୍ୱାରଠାରେ ଗିରଫ ହେଉଛନ୍ତି ଆପତ୍ତିଜନକ କାଗଜପତ୍ର ରଖିଥିବା ଅପରାଧରେ ।—ଶୁଣାଯାଏ ସେ ପୁଲିସ ଅଫିସର ଜଣକ କେତେକ କନ୍ୟାର ମିତା ବା ଅଭିଭାବକ ।

—ସିନ୍ଧୁ ପ୍ରଦେଶର ମୁସଲମଲିଗ ସଭାପତି ସାହେବଙ୍କ ତାଙ୍କ ପ୍ରତିଦ୍ୱନ୍ଦୀ ଲିଗ୍ ଉଇଫଙ୍କ ପ୍ରଧାନମନ୍ତ୍ରୀ ଗୁଲାମ ହୁସେନ ଅନୁସରଣ କରିଛନ୍ତି । ଅନ୍ତରଙ୍ଗ ପତ୍ରେ ଅନୁସରଣ ଶବ୍ଦ ଅଭିଧାନରେ କି ମିଳୁଛି ।

—ବଙ୍ଗ ସରକାର ରୁଷିଆ ଅବର୍ତ୍ତରେ ସମ୍ମିଳିତ ଚାଷ ପ୍ରେରଣ କରିବା ପାଇଁ କେତେକ କଳହଳ ( କୋଳାହଳ ନୁହେଁ fretor ) ଆଣିଛନ୍ତି । ତା ସଙ୍ଗରେ ସମ୍ମିଳିତ ଗୃହସ୍ୱାମୀ ପାଇଁ ଇଂଲଣ୍ଡ ଓ ଆମେରିକାରୁ କେତେଗୁଡ଼ାଏ ସମ୍ମିଳିତ ଗୃହିଣୀ ( କଳ ଗୃହିଣୀ ହେଲେ ଭଲ ) ଆଣାଇବେ କି ?

—ରାମପକ୍ଷୀ ( କଲିକତା ) ପତ୍ରରେ ଏକପ୍ରକାର ଯନ୍ତ୍ର ତିଆର ହେଉଛି ଯେଉଁଥିରେ ଲୁଗାପଟା ହୋଇ ପାରିବ ।—ଅନ୍ନ ବସ୍ତ୍ର ଇତ୍ୟାଦିର ଦାତା କଳମାତା କଳିଯୁଗରେ ଗୋମାତାଠାରୁ ବଡ଼ ହୋଇ ରହିବେ ।

—ମିଷ୍ଟର ପରିଜା ସାହେବ କଲେଜ ପ୍ରିନ୍ସିପାଲ ଛାଡ଼ି କୃଷି କାର୍ଯ୍ୟର ବିଶିଷ୍ଟ କର୍ମଗୁରୁ ହେଉଛନ୍ତି । ଶୁଣାଯାଏ ସେ ଏଥର ଓଡ଼ିଶା ମାଟିରୁ ଓଡ଼ିଶୀ ଘଣ୍ଟା ଦେବା ପାଇଁ ଗବେଷଣା କରିବେ ।

—ଦୁଃଖର ବିଷୟ ମାନ୍ଧାତା ବେଗ୍ରସର ଏକ୍ଷେନାଥିବ ପୂର୍ଣ୍ଣ ବେଶଣ କରିଛନ୍ତି । ତାଙ୍କର ଅସ୍ୱାସ୍ଥ୍ୟ ସଙ୍ଗତ ହେଉ । ତାଙ୍କ ପରଲୋକରେ କେବଳ ଜଣେ ମାନ୍ଧାତା ଅମଳର ସାଧୁ ଲୋକଙ୍କ ତିରୋଧାନ ହେଲା ।

—ପେନ୍‌ସିଲ୍‌ଭର ଲୁହୁଡ଼ ଷଣ୍ଡରୁ ନଥ ଜ୍ୱାଳା ଉଠ କରୁଛି ।—ପେନସିଲ୍ ଜଳର ଡବ ଷଣ୍ଡରୁ ଶରଜ୍ଜ ଜ୍ୱାଳା ଉଠ କରିବ କି ?

———*———

Digitized by srujanika@gmail.com

# ଫୁଲ୍ଲେ ତୋ ବିଧ ଦନମାଳି

## —ନାଗବନ୍ଧୁ—

**ଉଦ୍ଦେଶ୍ୟ—** (୧୮ ବର୍ଷରୁ ନ୍ୟୁନ ବାଳକ ବାଳିକାମାନଙ୍କ ପାଇଁ)

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଦେହ ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ପତ୍ରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

### "କଙ୍କାଳର-ବାଣୀ"

ହେ ଶ୍ରମିକ ! ଦେଶର ରକ୍ଷକ,
ତୁମର ଭୋକିଲ-ପେଟେ 'କୂଟ-ସମ'
ଜଳିଲେ ଯେଉଁ ଅଗ୍ନି-ପାବକ,
ଲେଲିହାନ ରକ୍ତ-ଜିହ୍ୱା ତୋଳି
ବିଶ୍ୱ-ଚକ୍ରେ ସର୍ବନାଶୀ-କାଳକୂଟ-ବିଷ ଦିଏ ଢାଳି।
ଏହି ଦେଖ ବକ୍ଷେ ଅଙ୍କ ପରେ ତୁମ ଦଳିତ-କଙ୍କାଳ,
ଅନାହାର ଅନାଚାର ସହି, ସହି; ଧନୀଙ୍କର ଦଳ—
ଶୋଷଣ ଓ ସଞ୍ଚୟ ଲାଗିରେ—
ଶକ୍ତ-ବାହୁବଳୀ ସମ, ଦଳି ଗଲେ ତୁମର ଛାତିରେ···
ହାତେ ଧରି ଲୋହିତ କୃପାଣ
ତୁଚ୍ଛ ଅପସ୍ୱାର୍ଥ ଦଗନ୍ତରୁ ଉଠେ ତା (?)ର ଗୁରୁ ଗରଜନ
ବହୁପ ଏ ରକ୍ତଦାନ ନଈ ··
ଶାଣିତ ନଖ ଶୋଷଣର-ଜାଲ
କଟି ହାଇ, ହାଇ !
ଦେଖୁଛ ଏ'ପାଶେ କିଏ ? ହେବ ପରା ତୁମରି ପ୍ରେୟସୀ
ଶିଶୁଟିରେ ଧରିକୋଳେ ସୁକୁମାରୀ 'ଅଳପ-ବୟସୀ
ମଳିନର ଯଉବନ ଫୁଲ୍ଲୁଲା ତା' ଅଙ୍ଗେ ନାହିଁ ବାସ
ସୁରଙ୍ଗ-ଅଧରୁ ଅହା ! ହୋଇଛନ୍ତି ହାସ ପରକାଶ
ସୁକୁମାର ସନ୍ତାନଟି ତାର—
ମାଆର ଶୁଖିଲା ସ୍ତନେ ଲଷି, ଲଷି ମୁଖ ବହୁବାର—
କ୍ରନ୍ଦନରେ ପଡ଼ିଛି ଢଳାଇ—
ମା'ତାର କୋଳରେ ଅହା';
ଉଠିବାକୁ ବେଳ ତା'ର କାହିଁ ?
ନାହିଁ ବର୍ଷା, ନାହିଁ ଶୀତ, ଖରା—
ଦୂରଆର ଦଣ୍ଡେ ହେଲେ ଭୁଲୁଥିବେ
ଏମନ୍ତ କେତେ ବାଟ ଭୁଲି—
ପୁଣି କେତେ ମଣିଷ କଙ୍କାଳ···
ନପାଇଣ ପେଟ, ପାଣି ସହି, ସହି ମଣିଷ କଙ୍କାଳ
ଭୂମିତଳେ ପଡ଼ୁଥିବେ ଲୋଟି
ତାଙ୍କର ପଞ୍ଜର-ତଳେ ଉଦ୍‌ଘାଟିତ ହେଉଥିବ ମାଟି—
ଏହା ପରା ମଣିଷର ଦେଶ ?
ମଣିଷ ଉପରେ ଦେଖ—ମଣିଷର କରୁଣା ଅଶେଷ।
ହେ ଧନିକ ! ଶୁଣିବକି ବାଟେ,
ମହାବୃକ୍ଷେ କାଳକାଳ ଶୋଇ, ଶୋଇ
ଝଂକୃତି ଶେଯରେ
ତୋର ଏ ବିଳାସ ଦ୍ରବ୍ୟ ସୁଦୃଢ଼ ଏ ଦ୍ୱିତଳ-ପ୍ରାସାଦ
ହୋଇଅଛି ମନଲୋଭା କହ ଲଭି କାହାର ପ୍ରସାଦ।
ନୁହେଁକି ସେ, ଶ୍ରମିକ ବା, କୁଲି ?
ତୋହର କୃପାରୁ ଯେହୁ ଭିକ ମାଗେ ବାରଦ୍ୱାର ବୁଲି
କେତେ କାଳ ଶୋଇଥିବ ତୁମେ—
ଶୁଭୁଛିତ ଡାକପାଏ କିଏ ନାଁ
ବହି ଦେହ—ଯାମେ—

Digitized by srujanika@gmail.com

ସେତ ଗଢିଲେ ବାଙ୍କ ଭୁବ-ଧଳ
ରୁଧିର-ପାରଣା-ପାଇଁ ଲେଜ୍‌ହଲେ
ଲୋଡାଧିକ ବଳ—
ଉଗ୍ର-ଚଣ୍ଡୀ କାଳୀଙ୍କ-ମନ୍ଦିରେ—
କଂଙ୍କାଳର ବାଣ୍ଡୀ ଅଛି ସ୍ନେହମଣ
ଦନେ ପୁଣି ପଞ୍ଜର ବନ୍ଧୀରେ ।
ଏତେବେଳେ ଖୋଲ ଭାଇ
ନଜ, ନଜ ଭଣ୍ଡାର ଚ•ଦନ,
ନାନାନାନ୍ଦ ଦଅ ଅନ୍ନ ମୁମୂର୍ଷୁରେ କର ଜଳ ଦାନ
ତୋହର-ଦେଶର-ଭାଇ
ଥିଲେ ବାନ୍ଧି ତୋହର ସଙ୍ଗରେ
ଛଡ଼ାହେବ ବୀରପଣ, କୋହପାଇଁ
ତୋ' ଦେଶର ମୃତ୍ୟୁ ସମୟରେ
ଶେଷ ଏହି କଙ୍କାଳରେ-ବାଣୀ
ମରଣ ଗହ୍ୱରୁ-ଅଛ ଗାଇ-ଉଠେ ଶିଥିଳ ଧମନୀ ।

ଶ୍ରୀ ଚକ୍ରଧର ରାଉତ ।

—※※※—

## ସବୁଜ ସୃଷ୍ଟି ।

ଦୂରେ ସବୁଜ ବନାନୀ ଶୀର୍ଷ ଗ୍ରନ୍ଥେ
ଶତ ସଘନ ତୃଲା ସୁନ୍ଦର ସାଜେ,
ସବୁଜ ସେ ଭୂଇଁ ଲୋଟେ କୁତୁହଳେ,
ପ୍ରାନ୍ତର ପାରେ ଖେଳେ ଗୃହିଣୀ ତଳେ,
ନୀରବ ବଣିଥେ କା' ଗୁଲ୍ମ ମୂଳେ,
ଶୁଭୁଛ କାହାର ସବୁଜ ଗୀତା,
ନବ ଗୃହେ କଥା ଜାଲ ଗମନେ,
ମୁଗ୍ଧ ହେବା ମନ ଅନ୍ତର ନାଶନେ ।
ନାଭର୍ନି ବାତ୍ରେ ତନ୍ଧି ପୂବ ବା ମେଳ,
ସବୁଜ ଦେଖେ ଯାଏ ବୋଲକର ଟୃଳ,
ସବୁଜ ସପନେ ଭାବନା ମୋ ମିଶେ
ଧୂଳିସ୍ପର୍ଶେ ଅଳକାର ସୃଷ୍ଟି କ ସେ ?
ମୋର ଅନ୍ତର ବୀଣା ଉଠେ ଗୁଞ୍ଜର
କେତେ ଅଜଣା ସ୍ୱର ଯାଏ ମର୍ମର,
ଅନନ୍ୟ ସବୁଜ ଉତ୍ସବ ଦୃଷ୍ଟା ଭୂମେ,
ସବୁଜ ଏ ଦୃଷ୍ଟି ଅନ୍ତ ରୂପ ନାମେ,
ଏଅ ତୃଣ ମୋତେ ସବୁଜ ଅମ୍ବର,
ସବୁଜ ମୋ ଦେଶ ହେଉ ମୋ ମନ୍ତ୍ରର ।

ଶ୍ରୀ ଗୀତା ସରସ୍ୱତୀ ଦେଇ !

---

## ନୂଆ ନାଗଙ୍କ ନାମ

। ୪୬୮ । ଶ୍ରୀ ମୁରଲୀଧର ସାହାଣୀ । ୪୬୯ । ଶ୍ରୀ ନନ୍ଦକୁମାର ବହିଦାର । ୪୭୦ । ଶ୍ରୀ ଗିରିଧାରୀ ପଟ୍ଟନାୟକ । ୪୭୧ । ଶ୍ରୀ ଗଉରକୃଷ୍ଣ ମିଶ୍ର । ୪୭୨ । ଶ୍ରୀ ରାମପ୍ରସାଦ ପୁରୋହିତ । ୪୭୩ । ଶ୍ରୀ ଲକ୍ଷ୍ମୀନିଧି ବହିଦାର । ଅବସର ବିନୋଦନ ସାହିତ୍ୟ ସମିତି, ପୋ: ବଲାଙ୍ଗିର, ପାଟଣା ଷ୍ଟେଟ । ୪୭୪ । ଶ୍ରୀ ପୁରୁଷୋତ୍ତମ ତ୍ରିପାଠୀ ବୋଡାର ମଧ୍ୟ ଇଂରାଜୀ ବିଦ୍ୟାଳୟ । ୭ମ ଶ୍ରେଣୀ ପୋ: ବୋଡାର । ଜି: ବାଲେଶ୍ୱର । ୪୭୫ ଶ୍ରୀ ବିଷ୍ଣୁ ପ୍ରସାଦ ହୋତା ଅବସର ବିନୋଦନ ସାହିତ୍ୟ ସମିତି ପୋ: ବଲାଙ୍ଗିର, ପାଟଣା ଷ୍ଟେଟ । ୪୭୬ । ଶ୍ରୀ ନାରାୟଣ ପ୍ରସାଦ ବର୍ମା, ଅବସର ବିନୋଦନ ସାହିତ୍ୟ ସମିତି; ପୋ: ବଲାଙ୍ଗିର, ପାଟଣା ଷ୍ଟେଟ । ୪୭୭ । ଶ୍ରୀ ବେଣୁଧର ମିଶ୍ର ଙ୍କ ଏଡ୍‌ୱାର୍ଡ ହାଇସ୍କୁଲ, ପୋ: କେଉଁଝରଗଡ଼, କେଉଁଝର ଷ୍ଟେଟ । ୪୭୮ । ଶ୍ରୀ ଶାରଦା ଚରଣ ମହାନ୍ତି, 1st. year Science Sambalpur College, P. O. Sambalpur. ୪୭୯ । ଶ୍ରୀଯୁକ୍ତ ବିବେକାନନ୍ଦ ସାହୁ, ପରଗୁଲଣୀ ସେକ୍ରେଟାରୀ ବସନ୍ତ ବିଳାସ ସାହିତ୍ୟ ସମିତି ପୋ: ବଲାଙ୍ଗିର, ପାଟଣା ଷ୍ଟେଟ । ୪୮୦ । ଶ୍ରୀଯୁକ୍ତ ବ୍ରଜବିହାରୀ ବହିଦାର, ଆର୍ଯ୍ୟ ସମାଜ ମନ୍ଦିର, ପୋ: ବଲାଙ୍ଗିର, ପାଟଣା ଷ୍ଟେଟ ।

Digitized by srujanika@gmail.com

REG. No. P. 441.
THE DAGARO—16. 3. 1945.

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରାଚୀନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାସିକାର ଲାଲ ବା ପାଟଳ ବର୍ଣ୍ଣ, ହସ୍ତାଙ୍ଗୁଳି ଜ୍ୱାଳା ଶରୀରର ଅବସାଦ, ସୂଚୀବିଦ୍ଧବତ୍ ବେଦନା ଅଜୀର୍ଣ୍ଣ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଲାଲ ଚକ୍କା ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ୧୲ଙ୍କା ମାତ୍ର ୧ ୲ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

କବିରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ
ଆଲମଚାନ୍ଦ ବଜାର, କଟକ

---

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନର ନାରୀ ଙ୍କ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରେକ୍ସ ବ୍ୟବହାର କଲେ ଯେ କୌଣସି ପ୍ରକାର ପାଲାଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୁଦ୍ଧତ୍ ଓ କ୍ରୋ ପ୍ଲୀହା, ଯକୃତ, ମାଲେରିଆ ଇତ୍ୟାଦି ସର୍ବପ୍ରକାର ଜ୍ୱର ବିନା ଇଞ୍ଜେକସନରେ ନିର୍ମୂଳ କରିବାକୁ ଆଧୁନିକ ଜଗତରେ "ପାଇରେକ୍ସ" (ରେଜିଷ୍ଟାର୍ଡ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି । ମୂଲ୍ୟ:—୨୲୵ (ପ୍ରତି ଶିଶି)

'ଅନନ୍ତ ରସ ସାଲସା'—ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ଜେ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।

ହେଡ୍ ଅଫିସ୍—ମେସାର୍ସ ବହୁବଜାର ଫାର୍ମେସି, ନଂ ୧୧୬, ବହୁବଜାର ଷ୍ଟ୍ରିଟ୍, କଲିକତା ।
ପ୍ରାପ୍ତିସ୍ଥାନ:—ମନମୋହନ ବୁକ୍ ଡିପୋ
ନଂ ୧୩୭ । ୨ ବହୁବଜାର ଷ୍ଟ୍ରିଟ, କଲିକତା, ଓ ମନମୋହନ ପ୍ରେସ, କଟକ ।

---

Printed & published by G. C. Mahapatraat the Gopinath Press, Bhadrak. 1945.

ବାର୍ଷିକ ଚାନ୍ଦା ଅଠଅଣା ଗ୍ରାହକଙ୍କ ବାର୍ଷିକ ଆଠଅଣା

୮ମ ବର୍ଷ-ଚୈତ୍ର ପ୍ରଥମାଙ୍କ—୨୧ଶ ସଂଖ୍ୟା



ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାୟୋନିଅର କମର୍ସିଆଲ ବ୍ୟାଙ୍କ ଲି:—

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଙ୍ଗଲପୁର, ମୈତ୍ରଗଞ୍ଜ

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାଡ଼ି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, (କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲା ଯାଉଛି)

ମେନେଜିଂ ଡିରେକ୍ଟର—

ନୟାଦିଲ୍ଲୀ, ନାଗପୁର । **ସ୍ୱା—ପି. ଏନ୍: ରାୟ ଚୌଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ । ଜମା ଦେଲେ—ବ ୪ ର୍ଥ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।


---

## 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ତା ୧ ରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୬ମ ବର୍ଷଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩ ୲ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କଠାରୁ ଖଣ୍ଡିଏ 'ଡଗର' ଦୁଇଅଣା ଦେଇ ପାଇପାରିବେ ।

୪ । 'ଡଗର' ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ, 'ଡଗର' ପୋ: ଭଦ୍ରକ ( B. N: R. )"ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକଟିକଟ ନ ଥିଲେ କବିତା, ପ୍ରବନ୍ଧ ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---

[illegible]—ଶ୍ରୀ **ନିତ୍ୟାନନ୍ଦ ମହାପାତ୍ର** ପରିଚାଳନା ସମ୍ପାଦକ ;— **ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

# ହୁକାହୁକା ହୁଆ

## ( ବିଲୁଆ ବିଗୁର )

ବଳେଇ ଆଖି ବୁଜି ଦୁଧ ପିଉଥାଏ । ବୋଧ ହୁଏ, ମୋତେ କେହି ଦେଖିପାରୁ ନାହାନ୍ତି । ସେମିତି ଏ ଦେଶର ଏକ ନୂଆଦଳ ସରକାରଙ୍କ ଛାଇ ଛୁଇଁଲେ ମାତ୍ରକେ ଯେ ଦେଖା ଯାଉଛନ୍ତି, ସେମାନେ କହନ୍ତି, ଆଜି ବି ଆମେ ସରକାରଙ୍କ ସାଙ୍ଗରେ କୌଣସି ଗୁପ୍ତ ବନ୍ଦୋବସ୍ତ କରୁନାହୁଁ । ଆମେ ବି କଂଗ୍ରେସ ଭଳି ଏକ ନଈଁଆ ଦଳ । ଖାଲି ବଙ୍ଗା ବିଗ୍ରହରେ ଆମକୁ ଅନ୍ୟାୟରେ ଜେଲରେ ଭରି ଦେଇଥିଲେ ବୋଲି ସିନା ଅନ୍ୟାନ୍ୟ ଦଳବାଦ କରି ଲେଖିଦେଇଥିଲୁଁ ଯେ ଆମେ କଂଗ୍ରେସ ଅଗଷ୍ଟ ପ୍ରସ୍ତାବକୁ ମାନୁନାହିଁ, ଆମେ ଯୁଦ୍ଧରେ ସାହାଯ୍ୟ କରୁ; ତା ବୋଲି କଣ ଆମ କଂଗ୍ରେସ ମାର୍କା ଛୁଟିଯିବ ନା ଆମ ଅହିଂସା ନାଚଟା ସୁଖୁଆ ପୋଡାରେ ରହିଯିବ ! ଆମେ ସେହି ଖାଣ୍ଟି ଗଜାଗେଲି ବା ଭେଜ ତେଲ ଅଜଯାଏ ଅଛୁଁ । ଯାହା ଖାଣ୍ଟିରେ ଲଗିରୁ ମେଣ୍ଢା ବାଳରେ ଲଟିଲା ପରି ଲଗିଥିବୁଁ ।

ସତକୁ ସତ ଏ ଦଳର ଭକ୍ତିକୁ ସୁପ୍ରମାଣିତ କରିବାପାଇଁ ଖୁଣ୍ଟି ମାନ ଓ ସତ୍ୟବାଦୀ ସଂଗ୍ରାମ ଜଳର ଶାନ୍ତିରକ୍ଷାକାରୀ କର୍ତ୍ତୃପକ୍ଷମାନେ ଗତ ଜାନୁୟାରୀ ୨୬ ତାରିଖ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ଆଦେଶ ଜାରି କରିଛନ୍ତି । ସେଥିରେ ସେ କଂଗ୍ରେସବାଲାମାନଙ୍କୁ କୌଣସି ସଭା ସମିତିରେ ଯୋଗଦେବାକୁ ବାରଣ କରି ଶେଷରେ ମନ୍ତବ୍ୟ ପ୍ରକାଶ କରିଛନ୍ତି ଯେ ଭାରତର କମ୍ୟୁନିଷ୍ଟ ପାର୍ଟି କିନ୍ତୁ ଏଭଳି ସଙ୍ଗଠିତ କାର୍ଯ୍ୟ କଲେ କରିପାରନ୍ତି । ଅର୍ଥାତ୍ କମ୍ୟୁନିଷ୍ଟମାନେ ସଭାସମିତି କରିପାରିବେ କିନ୍ତୁ ଗାନ୍ଧିବାଲାଙ୍କୁ ତାହା ମନା । ଏଥିରୁ ଆଉ ଆମକୁ ବେଶୀ କିଛି ବୁଝାଇବାକୁ ପଡ଼ିବ ନାହିଁ । ଦେଶବାସୀ ଜାଣି ନଥିଲେ କିଏ କ'ଣ । ... ଜଏ । ମାଙ୍କଡ଼ ମାରିଲେ ବାହାର ପାପ ହୁଏନାହିଁ ।

\+ \+ \+ \+

ଆମର ଭୂତପୂର୍ବ ପ୍ରଧାନମନ୍ତ୍ରୀ କଂଗ୍ରେସୀ ନେତାଙ୍କ ... ଏବେ ଲମ୍ବା ଚଉଡ଼ା ପର୍ଦ୍ଦାରେ ଏକ ଓଡ଼ିଶା ସରକାରଙ୍କର ସତ୍ୟ ପଣକୁ ଲୋକରେ ପକାଇ ଦେଉଛନ୍ତି । ସରକାର ସବୁଦିନେ ଏହାକୁ ବଳକା ପ୍ରଦେଶ ବୋଲି କହିବାରେ ଲାଗିଛନ୍ତି । ମୁଣ୍ଡପିଛା ୮ ଟଙ୍କା ଭାଗ ପକାଇ ଦେଇ ବାକୀ ତକ ବଳକା କରି ସରକାର ଢେଣ୍ଡି ମାରି ବୁଲୁଛନ୍ତି । ୧୯୪୪ରେ ଏ ଦଶମାସ ଭିତରେ ସାଧାରଣ ମରଣହାର-ଠାରୁ ୨୮୦୦୦ ଲୋକ ବେଶୀ ମରିଛନ୍ତି କହିକି ଜଣେ ଲେଖି ଦେଇ । ତଥାପି ଏ ଦେଶରେ ଅନାହାର ମୃତ୍ୟୁ ନାହିଁ ବୋଲି ସରକାର ଘୋଷଣା କରୁଛନ୍ତି । ବୋଧେ ଆପଣେ ଭୁଲି ଯାଉ-ଛନ୍ତି ଯେ ହିସାବ କିତାବଟା ଯୁଗ ସାଙ୍ଗେ ସାଙ୍ଗେ ବଦଳି ଯାଉଛି । କଂଗ୍ରେସ ମନ୍ତ୍ରୀମଣ୍ଡଳବେଳେ ଯଉଁ ହିସାବ ଥିଲା ଆଜଯାଏ କ'ଣ ସେଇ ହିସାବରେ ଷୋଳଅଣା ମିଳିବା ଉଚିତ ? ତା'ଛଡ଼ା ସରକାର ଦେଖୁଛନ୍ତି ଓଡ଼ିଆମାନେ କମେ କମେ ସାଧନା ବଳରେ ଅନାହାରୀ ପାଲଟି ଯାଉଛନ୍ତି, ଉପବାସରେ ମରି ସ୍ୱର୍ଗସୁଖ ଅନୁଭବ କରୁଛନ୍ତି । କଂଗ୍ରେସ ମନ୍ତ୍ରୀମଣ୍ଡଳ ଲୋକଙ୍କୁ ଏ ସୁବିଧା ଦେଇଥିଲେ କି ?

\+ \+ \+ \+

ଓଡ଼ିଆ ଗୋରୁଙ୍କ ମୁହଁ ବାନ୍ଧି ଛାଡ଼ି ଦେଇଥାନ୍ତି । ସେ ଷଣ୍ଢଟେ ଚରିବୁଲି ଯେମିତି ଖାଏ ଆମ ଗ୍ରାମାଞ୍ଚଳର ମୁହଁରେ ଆଜ ସାମ୍ପ୍ରଦାୟିକତାବାଦୀଙ୍କୁ ମଧ୍ୟ ସେହିମିତି ସ୍ୱାଧୀନତା ଦିଆଯାଉଛି । ସେଦିନ କେନ୍ଦ୍ର ଅସେମ୍ବ୍ଲିରେ କହିବାବେଳକୁ ସରକାରୀ ପକ୍ଷରୁ ମିଷ୍ଟର ଓଲଫ କୋରିଙ୍କ ଡର କହିଲେ ଅଂଶକଲ ବି ନାହିଁ । ସାମ୍ପ୍ରଦାୟିକତା ପ୍ରତିନିଧିମାନେ ତାଙ୍କର ଯା ଇଚ୍ଛା ତା କହିପାରିବେ ବୋଲି ସେ କହନ୍ତି । କିନ୍ତୁ କେତେ କର୍ଣ୍ଣ ତାଙ୍କୁ ଇଂରେଜ ସରକାରଙ୍କ ଭାରତ ଦଳମାନେ ଶୁଣିକି 'ଏଥିରେ ସନ୍ଦେହ ନାହିଁ' ପରି ପାଠ ଘୋଷି ଘୋଷି ଛାଡ଼ୁଛନ୍ତି ଯେତେବେଳେ କହି ଦେଇ- ... ଆଙ୍କି ... ବୋଲି କହିବ ... ରି ସାହସ ହୁଅନ୍ତା ନାହିଁ । ଯାହାହେଉ, ମୁହଁକୁ ଓ ମୁଣ୍ଡ ବୁଡ଼ିକି ଭାରତ ମାର୍କା ... ସମ୍ବାଦ ଯେ ଅଜସ୍ର ... ଲେଖୁଛନ୍ତି ସେଥିରେ ... ତେବେ ଇଚ୍ଛା ... ଯା— ... ପରି ପଡ଼ିଥା । × × +

ପଶ୍ଚିମ ଚରନା ଆକାଶବାଣୀ ଅଶ୍ରାବ୍ୟ ସ୍ଥଳରେ ନାଚପିଲି ମାନଙ୍କ ଉପରେ ଆଦେଶଜାରି ହୋଇଛି। ସେମାନେ ଆକାଶ ସେନାଙ୍କୁ ବେଶୀ ମଦ ପେଇ ଦେବେ ନାହିଁ। କିନ୍ତୁ ହୋଟେଲରେ କାମ କଲା ଭଳିଆ ମଦ ପେଇ ପାରୁଛନ୍ତି କି ନାହିଁ ସେ କଥା ଉହ୍ୟ ରହିଛି। ଦ୍ୱିତୀୟରେ ସେମାନେ ସୈନ୍ୟମାନଙ୍କର ଶାଳୀନତା, ଚରିତ୍ର ଓ ନୀତିକୁ ଆଘାତ କଲା ଭଳିଆ ବ୍ୟବହାର କରିବେ ନାହିଁ। କିନ୍ତୁ ସୈନ୍ୟମାନେ ସେମିତି ବ୍ୟବହାର ତାଙ୍କ ସାଙ୍ଗରେ କଲେ କଣ କରିବା ଉଚିତ ସେଟା ଭିତରେ ରହିଲା। ତୃତୀୟରେ ସେମାନେ ଅଦେଶପ୍ରାଣତା ଦେଖାଇବେ ନାହିଁ। ଏହାର ଅର୍ଥ ଖୁବ୍ ସ୍ପଷ୍ଟ। ଯଦି ଯଦି ଜଣେ ଦେଶପ୍ରାଣ ସୈନ୍ୟ ଜଣେ ନାଚପିଲିକୁ ଟିକିଏ ଦେଶପ୍ରାଣତାରେ ଉଦ୍‌ବୁଦ୍ଧ କରି ଦେଶର ଭବିଷ୍ୟତ ବୀର ସନ୍ତାନ ଉତ୍ପାଦନରେ ସାମାନ୍ୟ ସାହାଯ୍ୟ କରେ ତେବେ ତହିଁରେ ବାଧା ଦେବା କ'ଣ ଅଦେଶପ୍ରାଣତା ନୁହେଁ? ଚତୁର୍ଥରେ ସେମାନେ ଅସଂଯତ ସାଜସଜ୍ଜା ସାଧାରଣରେ ଦେଖେଇବେ ନାହିଁ। ଅର୍ଥାତ୍ ଗୋପନରେ ଘର ଭିତରେ ପଇସା ପାଇଲେ ଦେଖେଇବାରେ କି କ୍ଷତି? ପଞ୍ଚମରେ ମାତାଲ ସୈନ୍ୟଙ୍କ ସାଙ୍ଗରେ ନାଚିବେ ନାହିଁ। ନାଚିଲେ ତାଳ ପଡ଼ିବ ନାହିଁ ଯେ। ସବୁ କାମରେ ଗୋଟିଏ ତାଳ ଦରକାର— ଲେଫ୍‌ଟ୍ ରାଇଟ୍ ଦରକାର। ଷଷ୍ଠରେ ସ୍ପଷ୍ଟ ଓ ୧୮ ଏବଂ ଅଠର ବର୍ଷରୁ କମ ବାଳିକା ସେ କାମ କରି ପାରିବେ ନାହିଁ। ଏଇ ଆଦେଶଟାରେ ଆମର ଦୁଃଖ ରହିଗଲା। ଇଂରାଜୀରେ ଯେ ସୁଆଦିଆ ଷୋହଳ (Sweet sixteen) ବୋଲି କଥା ଅଛି ସେଇଟାର ମିଠା ଏଣିକି ଫିକା ପଡ଼ିଯିବ କିନା!

ସବୁଠାରୁ ମଜା କଥା ଯେ ଏହି ନାଚଲୋକୀଙ୍କର ଗୋଟାଏ ମୁକାମ ବି ଅଛି। ବିଶିଷ୍ଟ ଶ୍ରେଣୀର ନାମ ବୋଲି ଏମାନଙ୍କୁ କୁହାଯାଏ। ସେଥିକି ଶ୍ରମଣ ଆଖ୍ୟା ଦେଲେ ଉପାଧିର ମର୍ଯ୍ୟାଦା କମେନାହିଁ। ପୁଣି ଏମାନଙ୍କର ଶୁଭ୍ରଚିତ୍ର କିମ୍ବା କଳାପକୁ ଅନ୍ତର୍ଜାତୀୟ ବିହରଣ ବୋଲିଯାଏ। ବାସ୍ତବ ଏଭଳି ପୁଣ୍ୟକର୍ମ ପାଇଁ ଇନ୍ଦ୍ରସଭ ସ୍ୱର୍ଗରେ କେଉଁ ସ୍ଥାନ ରିଜର୍ଭ ରଖିଥିବେ କେଜାଣି।

ଏ ସମ୍ବାଦରୁ ଏତିକି ଜଣାପଡ଼ୁଛି ଯେ ସୈନ୍ୟମାନଙ୍କ ପାଇଁ ଏଭଳି ବାଳିକା ଦରକାର ପଡ଼ୁଛନ୍ତି। ଏକଥା ସତ୍ୟ କି ମିଥ୍ୟା ଆମେ ଜାଣୁନାହିଁ। କିନ୍ତୁ ଆମେରିକାର ଇଙ୍କ, ପି, ସମ୍ବାଦଦାତା ଏଭଳି ସମ୍ବାଦ ପ୍ରକାଶ କରିବାରୁ ଅର୍ଥ ଆମ ବୁଝି ପାରୁନାହୁଁ। ଏକଥା ଶୁଣିଲେ ଆମ ଦେଶର ରୁଢ଼ୀ (orthodox) ବାପ ମା ତାଙ୍କ ପୁଅ ଝିଅଙ୍କୁ ଯୁଦ୍ଧ ପାଇଁ ଛାଡ଼ିବେ କି? ଯୁଦ୍ଧରେ ତ ଅନେକ କଥା ଲୁଚେଇ ହୁଏ, ଏକଥାଟା ସତ ହୋଇଥିଲେ କି ଲୁଚେଇ ରଖିବା ଉଚିତ ଥିଲା।

+ × × ×

ଅନେକବାର ସାମ୍ବାଦିକ ଡ୍ରୁ ପିଅରସନଙ୍କୁ ସମସ୍ତେ ଜାଣନ୍ତି। ବ୍ରିଟିଶ ସରକାରଙ୍କ ମାନସମ୍ମାନକୁ ସେ ଯେମିତି ପଦାରେ ପକାଇଛନ୍ତି ଏମିତି କେହି ଆଉ ପୂର୍ବ କେବେ କରି ନଥିଲେ। ଆମେରିକା ଦୂତ ଫିଲିପସ ତାଙ୍କ ସଭାପତି ରୁଜଭେଲ୍ଟଙ୍କୁ ଭାରତ ସମ୍ବନ୍ଧରେ ଯେଉଁ କଡ଼ା ଚିଠି ଦେଇଥିଲେ ତାକୁ ଏ ମହାଶୟ ଧାଡ଼ିରେ ଜାଣିଲା ପରେ ପ୍ରକାଶ କରିଦେଲେ। ବ୍ରିଟିଶ ସରକାରଙ୍କ ଗୁମର ଖୋଲିଲା। କିନ୍ତୁ କଥାଟା ମିଛ ବୋଲି ପ୍ରତିବାଦ କରିବାକୁ ଇଂରେଜ କମ୍ପା ଆମେରିକା ସରକାରଙ୍କର ବଳପ ଘଟିଲା ନାହିଁ। ପରେ ପରେ ପୁଣି ଭାରତ ସରକାର ଫିଲିପସଙ୍କୁ 'ଘରର ଲୋକ ନୁହେଁ' ବୋଲି ଘୋଷଣା କଲେ। ଏ କଥାଟା ମିଛ ବୋଲି ଠାଏ ଠାଏ ପ୍ରତିବାଦ ହେଲା। କିନ୍ତୁ ଏବେ ଜଣାପଡ଼ୁଛି ଯେ ଫିଲିପସ ଏସବୁ କାଗଜ ଦେଖି ମାନେ ମାତେ ହଟିଗଲେ। ସୁତରାଂ ଏ ଡ୍ରୁ ପିଅରସନଙ୍କ କଥା ସବୁବେଳେ ସତ ହେଉଛି। ସେ ଏବେ ପୁଣି ଏକ ଗୁମର ଖୋଲିଛନ୍ତି। ବ୍ରିଟିଶ ସରକାର ସିସିଲି ଦ୍ୱୀପରେ ଆନ୍ଦୋଳନ କରିବା ପାଇଁ ଗୁପ୍ତ ଭାବରେ ଟଙ୍କା ପଇସା ଦେଉଥିଲେ। ସେ ପୁଣି କହନ୍ତି ଗ୍ରୀସରେ ଗୃହ ବିବାଦ ଲଗାଇବା ପାଇଁ ବ୍ରିଟିଶ ସୁନା ବଣ୍ଟା ହେଉଥିବାର ପ୍ରମାଣ ମିଳିଛି। ବ୍ରିଟିଶ ସରକାର, ଆହାହା, ବାସ୍ତବ ପର ପାଇଁ କେତେ ଦୁଃଖ ନ ସହୁଛନ୍ତି—ପର ପାଇଁ ଭାଇ ହୋଇ ଭୁଲୁଥାଇଁ ରେ!

## ସାଧୁ ସାବଧାନ!

ପୂର୍ବ ଚୁକ୍ତିରୁ ଭାରତକୁ ବ୍ରିଟିଶର ଉପ୍ରାପ୍ୟ ହୋଇଥିଲା } ୫୩ କୋଟି ଟଙ୍କା।

ଯୁଦ୍ଧ ଶେଷରେ ୧ମ ବର୍ଷରେ ବ୍ରିଟିଶମାନେ ଅଣାଉଛନ୍ତି ସେ ଟଙ୍କା ବଢ଼ି ବଢ଼ି ହେବ ୮୦ କୋଟି ଟଙ୍କା

ବିଦେଶରୁ ଭାରତର ସାମୁଦ୍ରିକ ଆମଦାନୀ— ୧୯୩୯-୪୦ ରେ—୧୬୫ କୋଟି

ତନ୍ମଧ୍ୟରୁ କେବଳ ବିଲାତରୁ ଆମଦାନୀ— ୯୩ କୋଟି

ଏ କାହାର ଟଙ୍କା? ଏ କାହାର ରକ୍ତ?

Digitized by srujanika@gmail.com

ମଜାକଥା —

# ବିବାହ ଓ ବିପଦ

ଲେଖକ:— **ପ୍ରିୟଦର୍ଶୀ**

ଆପଣ କଣ ବିବାହିତ ? ନାଁ ଅବିବାହିତ ନିଶ୍ଚୟ । ଈଶ୍ୱର ଆପଣଙ୍କୁ ସୁବୁଦ୍ଧି ଦେଇଛନ୍ତି । ଆପଣ ପଚ୍ଛର ଯାଉଛି ଦୁନିଆରେ ସେତେବେଳେ ଶତକଡ଼ା ୯୯. ୯ ଜଣ ବିବାହିତ ମୁଁ ଆନ୍ତରିକ ଆପଣଙ୍କୁ ଉପଦେଶ ଦେଉଛି ବାହା ନ ହେବାକୁ । ଆପଣ ଯଦି ଏଇ ଶତକଡ଼ା ୯୯. ୯ ଜଣଙ୍କର ବିବାହିତ ଜୀବନର ଅବସ୍ଥା ଦେଖନ୍ତେ କେବେ ଯାଇ ମୋତେ ଗାଳି ଦେବେ ସିନା ? ଆପଣ ପ୍ରତ୍ୟେକଙ୍କୁ ଯାଇ ପଚାରନ୍ତୁ statistics ନିଅନ୍ତୁ ଦେଖିବେ ସେଇ ଶତକଡ଼ା ୯୯. ୯ ଜଣ ମୋ ମତ ସପକ୍ଷରେ ଭୋଟ ଦେବେ । ତାଛଡ଼ା ଦୁନିଆରେ ସମସ୍ତେ ବାହା ହେଉଛନ୍ତି ଆପଣ ଯଦି ସେଇଥିପାଇଁ ଡରିବେ ତା ହେଲେ ଦୁନିଆରେ ଜଣେ ହୋଇ ପାରନ୍ତେ କେମିତି ? ଆପଣ ପଚାରି ପାରନ୍ତି ଦୁନିଆ ଚଳିବ କେମିତି ? ଆପଣଙ୍କୁ ସେଥିପାଇଁ ମୁଣ୍ଡ ଘୂରେଇବାକୁ ପଡ଼ିବନାହିଁ । ଦୁନିଆକୁ ଯେ ଭଗବାନ ଗଢ଼ିଛି ଚଳେଇବା ଭାର ତା' ଉପରେ । ଭାଗୀରଥ ଯିଶୁଖ୍ରୀଷ୍ଟ ତ ପୃଥ୍ୱୀ ଜନ୍ମ ହୋଇଥିଲେ ।

ହଁ, ଆପଣ ଯେଉଁ ବାହା ହୋଇନାହାନ୍ତି—ବାହା ହେବାକୁ ମନ ବଳାଉଛନ୍ତି ନିଶ୍ଚୟ ! ଯଉନ୍ତୁ ବୌଣସି ଳିଅ ପ୍ରେମରେ ପଡ଼ିଛନ୍ତି । ତାଙ୍କୁଇ ବାହା ହେବାକୁ ଆପଣଙ୍କର ଇଚ୍ଛା । ସେ ଭୁଲ କେବେ କରିବେ ନାହିଁ । ଆପଣ ଯଦି ତାଙ୍କୁ ବାହା ହେଇ ପଡ଼ିବେ ଅଳ୍ପ ପ୍ରେମ କରିବେ ବାହା ଆଗରେ ? ବସନ୍ତ ସମୟ, ମଳୟ ପବନ, ନୀଳ ଆକାଶ, ସ୍ୱପ୍ନମୟ ରାତ୍ର ସହବାସର ଅପଣଙ୍କର ଭାବୀ ପ୍ରିୟାର ସବୁଜ ଅଞ୍ଚଳ—ଛଳ ଛଳ ଆଖି, ଅଭିମାନଭରା କଥା—ସବୁ ମୃଦୁ ଭାଷାଣୀ—ଏଇ ସବୁ କଥା ଭାବିଲେବେଳକୁ ଆପଣଙ୍କ ମୁଣ୍ଡ ଗରମ ହେଇ ଯାଉଥିବ, ନୁହେଁ ? ଆପଣ ମନରେ ଶୁଣୁଥିବେ ପୃଥ୍ୱୀ ସୁନ୍ଦର, ଗଗନ ସବୁ ସୁନ୍ଦର—ଈଶ୍ୱର ସୁନ୍ଦର, ଆପଣଙ୍କ ପ୍ରିୟା ସୁନ୍ଦର—ସେ ଆପଣଙ୍କ ମନପ୍ରାଣ ନେଇ ଭଲପାଏ—ଆପଣ କେବଳ ସେଇ ସୌନ୍ଦର୍ଯ୍ୟର ପୂଜାରୀ ।

ଆପଣଙ୍କର ଏ ଧାରଣା ଭୁଲ—ନିହାତି ଭୁଲ । ସେ ଯେ ଆପଣଙ୍କୁ ଭୋଳେଇଣ ଲେପାଏ ହୋଇଛି ସେ ମାନେ ନାହିଁ । ଆପଣଙ୍କ ଚିତ୍ତ ଅଧିକ ଦୁର୍ବଳ ତ ଅଛନ୍ତି । ପ୍ରେମଟା ଆପଣଙ୍କର ବୋଧା ବୋଇବାପାଇଁ ଧନ ନୁହେଁ ଯେ ତାକୁ ଏକତ୍ରିଅ ହେବ କରିବେ ଆପଣ ? ତାକୁ ପାଦରେ ପ୍ରେମର ପରସର ଏତେ ସସ୍ତା ନୁହେଁ ଯେ ସେ କେବଳ ତା'ର ଦାନ ଆପଣଙ୍କୁ ଦେବ ଅଉ କାହାକୁ ନୁହେଁ । ସେ ପ୍ରେମକୁ ବ୍ୟାପକ ଅର୍ଥରେ ଗ୍ରହଣ କରେ ଓ ଦାନ କରେ । ଅଚ୍ଛା, ଆପଣ ବାହାହେଇ ପଡ଼ନ୍ତୁ ତ ? ଦେଖିବେ ବାଲ୍ ପୁଣି ସେ ଭଲ ପାଇବାଟା ଯାଇ ରହିବ ଆପଣଙ୍କ ମନିବ୍ୟାଗ୍ ଉପରେ—ପଅଇଦିନ ଦେଖିବେ ସେଥିରୁ ଅଧେ ତ କେବେଠୁ ଭାଗ ବସେଇଛନ୍ତି ଆପଣଙ୍କ ପିଲା ପିଲି । ସେଥିରୁ ଆପଣଙ୍କ ଟ୍ୟୋଙ୍କ ବାଲକନ୍ସ ନିଲ୍ । ଆପଣଙ୍କ ଭାଗ୍ୟରେ ପସ୍ତେଇବା ଛଡ଼ା ଆଉ ନଥିବ ।

ସେକସ୍‌ପିୟରଙ୍କ ଭଳିଆ କବି ଗାଇଛନ୍ତି ।

"Men are April when they woo,

December when they wed."

ଅର୍ଥାତ୍ ପ୍ରେମ କଲାବେଳେ ମଣିଷକୁ ବସନ୍ତକାଳ ପରି ଲାଗେ । ବାହା'ହେଇ ପଡ଼ିଲେ ଶୀତ ସମୟ ଭଳିଆ ଲାଗେ ।

ଆପଣ ଯଦି ସବୁଦିନେ ସୁନ୍ଦରୀଙ୍କ ସବୁ ଦେଖିବାକୁ ଚାହାନ୍ତି, ସବୁଦିନେ ଅଗାଧ ପ୍ରେମ ଭୋଗ କରିବାକୁ ଚାହାନ୍ତି ଓ ତାହାଁ ସଙ୍ଗେ ନିଜକୁ ସବୁଜ ରଖିବାକୁ ଚାହାନ୍ତି ତା'ହେଲେ ବାହାହେବାକୁ ମନ କରନ୍ତୁ ନାହିଁ । ...

ଗପ ଅଛି ଜାଣନ୍ତି ତ ? ଥରେ ଜଣେ ସୁନ୍ଦରୀ ଝିଅ ତାଙ୍କ ଡାକ୍ତରଙ୍କୁ କହିଲେ—"ଅମୁକ ଲୋକଟା ମୋ ପ୍ରେମରେ ପଡ଼ି ଯାଇଛି । ମୋତେ ଏତେ ଭଲ ପାଉଛି ଯେ, ଏଇ କେତେଦିନ ହେଲା ମୋତେ ବାହାର ଉଠେଇ ଦଉନାହିଁ । ତାକୁ ସେଥିରୁ କେମିତି ନିବର୍ତ୍ତାଇବି କହନ୍ତୁ ?"

ଡାକ୍ତର ଉତ୍ତର ଦେଲେ—"ଏ ତ ଅତି ସହଜ କଥା—ତାକୁ ବାହା ହୋଇ ପଡ଼, ତେବେ ସେ ଆଉ ତୋତେ ଭଲ ପାଇବ ନାହିଁ ।"

ଆପଣ କଥାଟାକୁ ହସରେ ଉଡ଼ାଇ ଦେଲେ କେବଳ । ସେ ଝିଅଟିର ଡାକ୍ତର ଯାହା କହିଲେ ତା'ର ପ୍ରତ୍ୟେକ ଅକ୍ଷରଟି ସତ, ଟିକିଏ ଭାବିକରି ଦେଖନ୍ତୁ ତ ?

ଏଇ ଧରନ୍ତୁ ଆପଣ ଜଣେ ଝିଅ ସାଙ୍ଗରେ ପ୍ରେମ କରୁଛନ୍ତି । ଆପଣଙ୍କ ପ୍ରେମ କରିବାଟା ଅନେକ ଦୂର ଆଗେଇ ଗଲାଣି—ଆପଣ ପ୍ରସ୍ତାବ କରି ବସିଲେ ତାଙ୍କୁ ବାହା ହେବାକୁ । ସେ କ'ଣ ସହଜରେ 'ହଁ' ଭରିବ । 'ହଁ' ଏହି ଶବ୍ଦ ପାଟିରୁ ବାହାରିବା ପାଇଁ ଆପଣ ତାକୁ କେତେଥର ସିନେମା ନେଇ ଗଲେଣି, ପାର୍କରେ ବସି କେତେ କଥା ହେଲେଣି, କେତେ ମଧୁର ଚୁମା ଦେଲେଣି । ତାଙ୍କ ଘର ବାରନ୍ଦାରେ ବସି କେତେ ମାନ ଅଭିମାନ ହେଲେଣି, କେତେ କବିତା, ଗଳ୍ପ, ହିତୋପଦେଶ ଶୁଣେଇଲେଣି, କେତେ ଚକୋଲେଟ ଖୁଆଇଲେଣି, କେତେ ଉପହାର ଦେଲେଣି, କେତେ ପ୍ରେମ ପତ୍ର ଲେଖିଲେଣି । ଆପଣ ଯେତେବେଳେ ନାକେଦମ ହେବାକୁ ଯାଉଛନ୍ତି, ସେତେବେଳେ ସେ ଦିନେ ଆସି ଆପଣଙ୍କ ଉପରେ ଲଦେଇ ପଡ଼ି, ମୁହଁଟିକୁ ଆପଣଙ୍କ ଛାତିରେ ଗୁଞ୍ଜି ଦେଇ ଆପଣଙ୍କ ନାକକୁ ଟିକିଏ ଚିପି ଦେଇ, ନଚେତ ଆପଣଙ୍କୁ ଫୁଲାଏ ଚିମୁଟି ଦେଇ, କେତେ ଗେହ୍ଲେଇ ହୋଇ କହିବ "ହଁ"—ଯେଉଁ ଈପ୍ସିତ ଶବ୍ଦଟି ଲାଗି ଆପଣ ଏତେ ଦିନ ଧରି ଏତେ ପରିଶ୍ରମ କରିଥିଲେ । ସେଇ "ହଁ" ପାଇ ଭାବିବେ ଆପଣ ଦୁନିଆ ଭିତରେ ସବୁଠୁ ସୁଖୀ ଲୋକ୍ ଏଥର ଆପଣଙ୍କ ଦୁଃଖ ସରିଲା ନାହିଁ—ବରଂ ଆରମ୍ଭ ହେଲା । ଆପଣ ତାଙ୍କର ବାପ ମା'ଙ୍କର ଅନୁମତି ଖୋଜିବେ । ସେମାନେ ଯଦି ନାରାଜ ହୁଅନ୍ତି ତା'ହେଲେ କେତେ ଉପାସ ପାଣି, କେତେ ତୁକ୍ ଖେଳେଇ ତାଙ୍କୁ ରାଜି କରେଇବାକୁ ହେବ । ସେଠୁ କୌଣସିମତେ ଉଦ୍ଧାରିଗଲେ ହେଲା ଆପଣଙ୍କ ବିବାହ । ଆପଣ ଭାବିବେ ଯେ ଆପଣ ଜୀବନ ଦିଗ୍ବିଜୟ ଲାଭ କରି ଅତିକ୍ରମ କରିଗଲେ ଯେ ଗୋଟେ ବଡ଼ ଯୁଦ୍ଧ ଜିତିଗଲେ । କିନ୍ତୁ ଟିକିଏ ଭାବି ଦେଖନ୍ତୁ, ସେଥି ଆପଣଙ୍କ ବଳି ଦେବାକୁ ପଡ଼ିଲା, ଆପଣଙ୍କର ଜୀବନର ଶ୍ରେଷ୍ଠ ସମ୍ପଦ କୌମାର୍ଯ୍ୟ ବା bachelordom.

ତା'ପରେ ଆପଣଙ୍କର ଦୁଃଖ ଭୋଗିବା । ଆପଣ ଜାଣି ପାରିବେ ଯେ ସବୁ ଲେଖକ ଜନସନ୍ଙ୍କ ମତ ନୁହେଁ ଶେଷରେ ଉପଲବ୍ଧି କରିବେ ଯେ "Wife is not a gift bestowed upon a man to reconcile him to the loss of paradise" ଅର୍ଥାତ୍— ସ୍ତ୍ରୀ ଏମିତି ବସ୍ତୁ ନୁହେଁ ଯେ ସ୍ୱର୍ଗଚ୍ୟୁତ ମନୁଷ୍ୟକୁ ସାନ୍ତ୍ୱନା ଦେଇପାରେ ।

ଆପଣ ଯଦି ବଡ଼ ବଡ଼ ମନୀଷୀମାନଙ୍କର ବିବାହ ବିଷୟରେ ମତ ଲେଖନ୍ତି ଦେଖିବେ ସେମାନେ ସପକ୍ଷରେ କେବେ କହିବେ ନାହିଁ । ଜର୍ଜ ବର୍ଣ୍ଣାଡ଼ ଶ କହନ୍ତି—Marriage is a ghastly public confession of a strictly private intention. Marriage is a contract whereby woman sells herself to a man for the social status of a wife and right to be pensioned in old age. ଅର୍ଥାତ୍ ବିବାହ ହେଉଛି ଗୂଢ଼ ନିଜସ୍ୱ ଅଭିସନ୍ଧିର ନଗ୍ନ ଅମ୍ବ ପ୍ରକାଶ—ବିବାହ ହେଉଛି ଗୋଟେ ଚୁକ୍ତି ଯଦ୍ୱାରା ସ୍ତ୍ରୀ ନିଜକୁ ପୁରୁଷ ପାଖରେ ବିକି କରେ, ସମାଜରେ ପତ୍ନୀ ହିସାବରେ ସ୍ଥାନ ପାଇବା ପାଇଁ ଓ ବୁଢ଼ୀ ବୟସରେ ସ୍ୱାମୀଠାରୁ ଭତ୍ତା ପାଇବା ପାଇଁ । ସେକ୍ସପିୟର କହନ୍ତି—'ଭାଗ୍ୟରେ ଥିଲେ ବିବାହ ଓ ଫାସି କାଠରେ ଝୁଲିବାକୁ ହୁଏ । (Hanging and wiving go by destiny) ବେକନ କହନ୍ତି—'ବିବାହ ସମୁଦ୍ରର କୂଳ ଏପର୍ଯ୍ୟନ୍ତ କୌଣସି ନାବିକ କଳନା କରି ନାହାନ୍ତି । ଯୁବକ ବୋହୂ କଲେ ତା'ର ମନୁଷ୍ୟତ୍ୱ ନଷ୍ଟ ହୋଇଯାଏ । (A young man married is a man that's marred.) ହିଲ କହନ୍ତି—

"Oh, marriage ! marriage !
What a curse is thine
Where hands alone consent
and hearts abhor"

Digitized by srujanika@gmail.com

ଅର୍ଥାତ୍ ବିବାହ ଯେ କି ଅଭିଶାପ ସେଇଟି କେବଳ ବୁଝିବ ମିଳନ ହେବ ଜନ୍ମ ମୃତ୍ୟୁରେ ସ୍ମରଣ ଲାଗିହେବ ।

ଏମିତି ଶହ ଶହ ଅପ୍ରକାଶ୍ୟ ଅଛି ।

ଥରେ ଜଣେ ଇଙ୍ଗରେଜୀୟ ଯୁବକ ତାଙ୍କ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇସାରିଲା ପରେ ତାଙ୍କର ବନ୍ଧୁମାନେ ପଚାରିଲେ, "ତମ ସ୍ତ୍ରୀ ଏତେ ସୁନ୍ଦରୀ, ଏତେ ଗୁଣବତୀ; ତମର ତାଙ୍କର ମନ ନ ମିଳିବାର କାରଣ ?"

ଯୁବକଜଣକ ତାଙ୍କ ଯୋତା ଖୋଲି ଦେଖାଇ କହିଲେ, "ଏ ଯୋତାକୁ ତମେମାନେ ବାହାରୁ ଦେଖୁଛ ବେଶ୍ ଚକ୍‌ଚକ୍ ଦିଶୁଛି—ମାତ୍ର ଭିତରେ କେଉଁଠି ଗୋଟିଏ କଣ୍ଟା ଉଠିଛି, ଯାହାକି ମୁଁ କେବଳ ଅନୁଭବ କରୁଛି ।"

ଏମିତିକା ମହେନ୍ଦ୍ରଙ୍କ ଉକ୍ତି ଲୋକ—ତାଙ୍କୁ ଯେତେବେଳେ ପଚରାଗଲା, ବାହାହେବା ଉଚିତ କି ଅନୁଚିତ—ସେ ଉତ୍ତର ଦେଲେ—ଯାହା କରନା' କାହିଁକି ଅନୁତପ୍ତ ହେବାକୁ ହେବ । ଅମର ଦେଖିବାର କଥା କେଉଁଥିରେ କମ ପସ୍ତେଇବାକୁ ପଡ଼ିବ । ଅପଣ ମୋ ସାଙ୍ଗରେ ନିଶ୍ଚୟ ଏକମତ ହେବେ ଯେ ବିବାହ ନ କରି ।

ଗୋଟିଏ ବଡ଼ କଥା, ନାରୀ ଜୀବନରେ ଅବର୍ଣ୍ଣ ବୋଲି ଗୋଟିଏ କିଛି ଜିନିଷ ନାହିଁ । ସେ ଅବର୍ଣ୍ଣ ବା ଅବର୍ଣ୍ଣବାଦକୁ ଘୃଣା କରି ଜାଣେନାହିଁ । ଅଜ ଯାହାକୁ ସେ ଅବର୍ଣ୍ଣ ବୋଲି ଧରୁଛି, କାଲି ତାକୁ ଛାଡ଼ି ପୁଣି ଅନ୍ୟକୁ ଧରେ । ସେ ଚିନ୍ତା କରିପାରେ ନାହିଁ—ସେ ଭାବୁକ ନୁହେଁ । ସେ କେବଳ—ଅନୁଭବ (Feel) କରିପାରେ । ସେ ପ୍ରଥମେ ଅନୁଭବ କରେ ପରେ ଶେଷରେ ତା ଚିନ୍ତା କରେ । ସେଇଥିପାଇଁ ନାରୀଜାତିଟା ଅପୂର୍ଣ୍ଣ । ଦୁ' ପାଞ୍ଚଜଣ ନାରୀ ଯଦି ଏକାଠି ହୋଇଗଲେ ତ—ସ୍ୱାମୀ ଗପ ଘଣ୍ଟା ଘଣ୍ଟା ଧରି । ଯେତେବେଳେ ସୁଖ ଦୁଃଖର ବେଳ ଗଡ଼ିଯାଇ ସେ କାନ୍ଦ କାନ୍ଦ ହୋଇଯାଇ—ସ୍ୱାମୀ କଚେରୀ ବା ଅଫିସରୁ ଅସି ଶୂନ୍ୟ ମନରେ ବସି ରହିଥାନ୍ତି—ତାଙ୍କ 'ସ୍ତ୍ରୀ' ଜଳଖିଆର ଯୋଗାଡ଼ ପଡ଼ିଛି ନ ହେଉ—ଗପ ଚାଲିଛି । ଏମିତି ନ ହେଲେ ତ ସୁଖକୁ ଦୁଃଖ ବା ସ୍ୱାମୀଙ୍କ ଜମା କରି ଦେଇ, ଦୁଃଖକୁ ବଜାରକୁ ଜଳଖିଆ ପାଇଁ ପଠେଇ ଦେଇ ଗପ ଲଗେଇ ଦେଇଛନ୍ତି । ଅପଣ ଯଦି ସେମାନଙ୍କର ଗପ କିଛି ସମୟ ଶୁଣିବେ ବା ଅନୁସରଣ କରିବେ, ଅପଣ ଦେଖିବେ ସେମାନେ ଯେଉଁଠି ଅରମ୍ଭ କରିଥିଲେ ସେ ଜାଗାରେ ନୁହେଁ, ଯେଉଁଠି ଶେଷ କଲେ ତା' ମାନେ କି କିଛି ନୁହେଁ । ସେମାନେ ଗପ, ହସାହସି ଗପ କରି ଚାଲିଥାନ୍ତି—ଯେଉଁଠି କଥାଟି ଅଧା ପଡ଼ନ୍ତି ତା ଅନ୍ୟ ଗୋଟିଏ ଏମିତି କାମ ପଡ଼ି ଯାହାକି ନ କଲେ ନ ଚଳେ, ସେଇଠି ବନ୍ଦ କରନ୍ତି । ଏମିତିକା ଅପଣ ଯଦି ଟିକିଏ ଦେଖିବେ ତେବେ ତାଙ୍କ ଗପରେ ବାଧା ଦିଅନ୍ତୁ—ଅପଣଙ୍କ ଉପରେ ମନେ ମନେ ଯେଉଁ ବିରକ୍ତ ହୁଅନ୍ତି—ଅଉ ଦୁ' ଚାରିପଦ ଶୁଣେଇ ଦିଅନ୍ତି ମଧ୍ୟ ।

ଥରେ ଜଣେ ତା'ର ନବ ବିବାହିତ ବନ୍ଧୁକୁ ପଚାରିଲା—"ତମ ବିବାହିତ ଜୀବନ କେମିତି ଲାଗୁଛି ?"

ବନ୍ଧୁଟି ଉତ୍ତରରେ କହିଲେ, "ଅଉ କେମିତି ଲାଗୁଛି ପଚାରୁଛ, ପ୍ରେମ କଲାବେଳେ ମୁଁ କହୁଥିଲି ସେ ଶୁଣୁଥିଲେ । ବାହା ହୋଇ ସାରିବା ପରେ ସେ କହୁଥିଲେ ମୁଁ ଶୁଣୁଥିଲି । ବର୍ତ୍ତମାନ ଅମେ ଦୁହେଁ କହୁଛୁଁ ପଡ଼ୋଶୀମାନେ ଶୁଣୁଛନ୍ତି—ଏଇ ହେଲା ବିବାହ ।"

ଗୋଟିଏ ବଡ଼ କଥା—ମୁଁ କହିଲେ ବୋଧହୁଏ ସମସ୍ତ ନାରୀଜାତି ମୋ ବିରୁଦ୍ଧରେ ଅସ୍ତ୍ର ଟେକିବେ । ମାତ୍ର ଏଟା ମୋ ନିଜ କଥା ନୁହେଁ—ଜଣେ ବିଖ୍ୟାତ ଡାକ୍ତର John H. Storkes. କଲମରୁ ବାହାରିଛି—The Old time prostitude is sinking into second place. The new type is the young girl in her late teens hed early twenties......who is determined to have one fling or better. ଅର୍ଥାତ୍ ଅଜ କାଲିର ବାରନାରୀର ସମୟ ଚାଲିଯାଉଛି । ସେ ସ୍ଥାନ ଅଧିକାର କରୁଛି ଅଜକାଲିର ୧୮ଠାରୁ ୨୫ ବର୍ଷର ଝିଅ । ଏ କଥାଟା ଅପ୍ରିୟ ହେଲେ ମଧ୍ୟ ସତ୍ୟ—ଏପରି ସ୍ଥଳରେ ଅପଣ ଯାହାକୁ ବାହା ହେବେ ବା ହେବାକୁ ମନ କରୁଛନ୍ତି ତାକୁ ବିଶ୍ୱାସ କରିବେ କେମିତି ? ଶୁଣିବେ ଅଉ ଗୋଟିଏ କଥା—ଥରେ ଜଣେ ନାରୀ ତାଙ୍କ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ନେଲାବେଳେ କ'ଣ କହିଥିଲେ—

ସ୍ତ୍ରୀ—ତମେ କାହିଁକି ମୋତେ ବିବାହ କରିଥିଲ ?

ସ୍ୱାମୀ—ଯୁଦ୍ଧାର୍ଥେ ନିଯୁକ୍ତ ଚୁର୍ଯ୍ୟା—ଦମାର ସମ୍ପତ୍ତିର ଜଣେ ଉତ୍ତରାଧିକାରୀ ପାଇଁ ।

( ଅବଶିଷ୍ଟାଂଶ ୨ମ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ଚେଙ୍ଗଲା ଫାଂକି

—ବାଇ ମାହାନ୍ତି—

କଟକ ସହରର ନାଗରିକମାନେ ତାଙ୍କ ନାଗର ଚଷ୍ଟା ବଢ଼ାଇ ଦେଉଛନ୍ତି । ଯେବେଠୁ ବାଣୀବାଗ୍ମାଣ ନଡ଼ାକ୍ରିଡ଼ା କଟକ ନଗରରୁ ନୂଆର ଗଳି ଅବକ୍ ମୁଖର କରିଥିଲା ତାହା ଶାନ୍ତ ପଡ଼ିଛି । ଏଠାର ବଶିଷ୍ଟ ସ୍ଥାନମାନଙ୍କରେ ସୁପ୍ରିମ୍ ମାହାତ୍ମ୍ୟ ଗ୍ରୁଅଛି । କିଏ ଚେୟାରମ୍ୟାନ ହେବ ? ଶୁଣା ଯାଉଛି ନାଗରମାନେ ଏଥର ତେଲଙ୍ଗା ବଜାରରୁ ଜଣେ ଚେୟାରମେନ୍ ବାଛିବେ ।

ଶ୍ରୀଯୁକ୍ତ ବିଶ୍ୱନାଥ ଦାସେ ନିତ୍ୟାନନ୍ଦ ଭବନରୁ ପ୍ରେସ-ବାଲଙ୍କୁ ଲମ୍ବା ଚେକ୍ରିଡ଼ା ଝାଡ଼ୁଛନ୍ତି । ଓଡ଼ିଶା ସରକାର ଗଣ୍ଠିରେ ଚେକ୍ସ ପଟକାଇ ଦେଇଛନ୍ତି । ଲଟ ସାହେବ ସେକ୍ରେଟେରିମାନଙ୍କ ସାହସ ଦେଇଛନ୍ତି—ବାଘ ଅଛିଲେ ଡରିବୁ ନାହିଁ ।

ଜେଲଖାନାରେ ଅନ୍ତସ୍ତ୍ରଣବନ୍ଦୀଙ୍କ ଅବସ୍ଥା ଦେଖି ଚିଫ୍ ସେକ୍ରେଟେରୀ ସାହେବ ବିଚାର କରୁଛନ୍ତି । ଶୁଣାଯାଏ ଏ ବିଷୟଟା ସ୍ୱାସ୍ଥ୍ୟ ବିଭାଗର ଅଫିସଙ୍କ ହାତକୁ ଯିବ । କାରଣ ଅନ୍ତସ୍ତ୍ରଣ ବନ୍ଦୀ ଅର୍ଥ ସ୍ୱାସ୍ଥ୍ୟବନ୍ଦୀ । ତାଙ୍କର ଯାହା ସୁବିଧା ଅସୁବିଧା ସବୁ ସ୍ୱାସ୍ଥ୍ୟ କାରଣରୁ । ତେଣୁ ବ୍ରହ୍ମପୁର ଜେଲରୁ ଜଣେ ୮୦୦ ଟଙ୍କିଆ ପୁରୁ ସମସ୍ତଶ୍ରମୀଙ୍କ କାହିଁ ଦିନରେ ପାଞ୍ଚ ଟଙ୍କା କରିବ ଜଣେ ସ୍ୱାସ୍ଥ୍ୟ ସୁପ୍ରିଣ୍ଟଙ୍କ ମୁକରର କରାଯାଉଛି । ଅନ୍ତସ୍ତ୍ରଣ ବନ୍ଦୀଙ୍କ ଘରେ ପଇସା କଉଡ଼ି ଅଭାବ ହେଲେ କି ସେ ସ୍ୱାସ୍ଥ୍ୟ କାରଣରୁ ହୋଇଛି ବୋଲି ରିପୋର୍ଟ ଦିଅଯିବାର ବ୍ୟବସ୍ଥା ହୋଇଛି ! ଅଫିସଙ୍କ ମତରେ ବର୍ତ୍ତମାନ ବ୍ରହ୍ମପୁର ସ୍ୱାସ୍ଥ୍ୟବଣ୍ଟ ଓଡ଼ିଶାର ଚରକ ସୁଶ୍ରୁତ ଓ ସେ ନିଜେ ତାଙ୍କ ଗୁରୁ ଧନ୍ୱନ୍ତରି । ତେଣୁ ଅନ୍ତସ୍ତ୍ରଣଙ୍କ ସବୁ ଦୁଃଖ ଘୁଞ୍ଚିଯିବ । ଗୋଟିଏ ଦ୍ୱିଜନ୍ମେଲ କି ଡାକ୍ତର ଅଗ୍ରୀୟଙ୍କ ଔଷଧ ଦେଖାଇ ଅଙ୍କିଦେଇ ବୋଲି ସ୍ୱାସ୍ଥ୍ୟ ବିଭାଗ ଅଫିସ ନିକଟରେ ଏକ ବିଜ୍ଞାପନ ପ୍ରକାଶ କରିପାରନ୍ତି ।

ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟର ଟେମ୍ପରେଚର ଚଢ଼ୁଛି ଖୁବ୍ ଅଧିକ । ସେଥିପାଇଁ ଜଣେ ବଡ଼ ଡିଭିଜନ୍‌ଙ୍କ ଏ ଜିଲ୍ଲାକୁ ବ୍ରହ୍ମପୁରରୁ ଚାଲାନ ପାସେଞ୍ଜରରେ ଅଣି ଛାଡ଼ି ଦିଆଯାଇଛି । କିନ୍ତୁ ଦୁର୍ଭାଗ୍ୟ କଥା ! ସେ କି ଏଇ ଜିଲ୍ଲାର ଲୋକ । ତେଣୁ ସେ ଜିଲ୍ଲା ବୋର୍ଡ଼ କଣ୍ଟେଷ୍ଟ ତାଙ୍କ ଗାଡ଼ିର କନ୍ଦମାହାନ୍ତି, ମହିଳେ ଲୋକେ କହୁଛନ୍ତି । କଲି-ଜାଇନ ମିଳୁ ନାହିଁ । ଡାକ୍ତରଖାନାରୁ ଔଷଧ ନାହିଁ । ସବୁ-ଅଡ଼େ କେବଳ ବଡ଼େର ଲଟିକ । ଅଥଚ ସବୁ ଥାନା ପରି ବଡ଼ ଥାନାରେ ଜଣେ ହେଲ୍‌ଥ ଇନସ୍‌ପେକ୍ଟର । ସେ କେମନ୍ତେ ପେନ୍‌ସିଲ ଖର୍ଚ୍ଚ କରୁଛନ୍ତି ତେଣେ ରୋଗ ଛଡ଼ିଯାଉଛି ।

ପୁରୀ ସହରରେ ତେଣେ ମାଙ୍କଡ଼ ମାହାଙ୍ଗ; ମହନ୍ତ ଅଞ୍ଜ ମାତାଙ୍କ ସାଙ୍ଗକୁ ନେତେକ କଂଗ୍ରେସ ଧାମଧାର ଲୋକେ ପୁରୀକୁ ପୁଣି ସ୍ୱର୍ଗଦ୍ୱାର କରିବା ପାଇଁ ଠିକ୍ କରିଛନ୍ତି । ଜିଲ୍ଲା ବୋର୍ଡ଼ର ନୂଆ ନିର୍ବାଚନ ହେବା କଥା ଶୁଣି ଅନେକଙ୍କର ନାଳ ଗଡ଼ିଲାଣି । କିନ୍ତୁ ଓଧ ସାଙ୍ଗକୁ ଭୂଅ ବେଶ୍ ହୋଇ ଜଣେ ସାଧୁ ଓ ନିଷ୍ଠ ଲୋକ ପୁଅରେ ପାଣ୍ଡି ହେବାର ଦୁଃଖଟାକୁ ଅନେକ କୌଣସିମତେ ଅନ୍ତର କରିପାରୁ ନାହାନ୍ତି । ଜେଲ ଭିତରୁ ସରକାରଙ୍କ ପ୍ରତିଶ୍ରୁତି ଦେଇଥିବା ପ୍ରାଣନାଥଙ୍କ ସାଙ୍ଗକୁ ଖାଲି ନାଥ ଶବ୍ଦଟା ମେଳ ଅଛି ବୋଲି ଲୋକନାଥ କି ଜୁଅଳରେ ଯୋଡ଼ାହେବେ ନା ?

ସମ୍ବଲପୁରରେ ଗରମ କାଳ ମାଡ଼ ଅସୁଛି । ମହାନଦୀ ବାଲି ତାତି ଉଠୁଛି । ତାସାଙ୍ଗରେ ମହାନଦୀ କୂଳର ଗୃହ ଗନ୍ଧ ଅଣୁପରମାଣୁ ହେଲରୁ ଶୁଣାଯାଏ ଲୋକେ ସେଇ ଅଘ୍ରାଣ ନାକରେ ସହ୍ୟ କରି ଅଜପର ଦଳ ଦଳକୁ ଶୋଭାଯାତ୍ରା କରିଯିବେ । ଅଜପରେ ଦଳ ଛିଅଛି ସରିଲେ ସମ୍ଭବତ କଂଗ୍ରେସର ଭୂତମନ୍ତ୍ରୀ ଦୁବେ ସାହେବ ତାର ଉଦ୍‌ଘାଟନ କରି ପାରନ୍ତି ।

ବ୍ରହ୍ମପୁରରୁ ସ୍ୱରାଜ୍ୟଦଳ ଭିତରେ ପୁଣି ଟଣାଟଣି ଗ୍ରୁଲିଛି । ନବାବର ଗୋଦାବରୀଶ ମହାସ୍ତ୍ରି । ସୀମାନ୍ତରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ହୋଇଛି । ଓଡ଼ିଶା ସ୍ୱରାଜ୍ୟ ଦଳ ୫ ବର୍ଷ ଆଗେ ଯାହା ସତ୍ୟ ଦର୍ଶନ କରିଥିଲେ ଅଜ ସୀମାନ୍ତ କଂଗ୍ରେସ ତାହା ଉପଲବ୍ଧି କରିଛି । ବେଶ୍ୟା ଯଦି ଅଜ କୌଣସି ଗୋଟିଏ ସନ୍ଥକୁ ବୋଉରାଣୀ କହିବାରେ ବା ବୋଉରାଣୀ ହେବାର ଦେଖେ, ସେ କି ଏତେ ଖୁସି ହେଉ ନଥିବ ।

କଲିକତାରେ ଓଡ଼ିଆ ବ୍ରାହ୍ମଣମାନେ ସଭା କରି ଜଣେ ବ୍ରାହ୍ମଣଙ୍କ ସଭାପତି କରିଛନ୍ତି । ବ୍ରାହ୍ମଣ କିନ୍ତୁ ବେଦ ନ ଶୁଣାଇ ଭଙ୍ଗିଲା । ସଭାପତିଙ୍କ ବେଦ ନିତି ଶୁଣାଇଥିଲେ । ସବୁ ଶ୍ରମିକ ଏକଜୁଟ ହେବାକୁ କହିଥିଲେ । ତେଣେ ମେଟ୍ରୋ-ଲୁଜରେ ଏକ ପାଠାଗାର ଖୋଲାଯାଇଛି ।

ମୟୂରଭଞ୍ଜ ରାଜଧାନୀ ବାରିପଦା ନଗରରେ ମହାରାଜାଙ୍କ ସ୍ୱର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଚିହ୍ନ ଅଡ଼ମ୍ବର ହୋଇଯାଇଛି । ମହାରାଜା ଦୁରଦର୍ଶିତା ଦେଖାଇ ଏକ ମହତ୍ୱ ଘୋଷଣା କରି-

Digitized by srujanika@gmail.com

ଛନ୍ତି । ମୟୂରଭଞ୍ଜ ରାଜ୍ୟ ପ୍ରଜାମଣ୍ଡଳରେ ଶାମିଲ ହେବ ବୋଲି ଗଲ୍ପ ବର୍ଣ୍ଣକର୍ତ୍ତା ହେବ ସମସ୍ତେ ଶୁଣୁଛନ୍ତି । କୋଠା ବାଡ ଛାଡ଼ି ହେଉଛି । ତଥାପି ଗଡ଼ଜାତ ମହାରାଜଙ୍କ ଏସେମ୍ବ୍ଲିର ଭଳି ନ ହେଉ ପୁରୁଣା ବାଙ୍ଗର ଗଡ଼ିକ କର୍ଣ୍ଣ ଯାଉଛି ଝୁଲି ପଶରେ । ମହାରାଜା ଏସେମ୍ବ୍ଲିଜାତା ଯୁବକ ଦେଖିଥିବାରୁ ଏ ଅବସ୍ଥା ଘଟିଥାଇପାରେ । କିନ୍ତୁ ରେଳସରସ୍ୱତ ବାହାର ଦେଇ ଜାହାନ୍ତି !

ପ୍ରଜାମଣ୍ଡଳର ସବୁଠାରୁ ବଡ଼ ସମାବେଶ ସହିତ ପାଳିତ ହୋଇଥିଲା ଭେଲିକେଣ୍ଟଙ୍କ ରଂ ଖେଳ । ହୋଲିର କଥା । କଳିଯୁଗର ଦେବତା ସେ । ମହାରାଜା ଜନ୍ମ ବାସରେ ଅଗ ମା କାଳିକେଶ୍ୱରଙ୍କ ପାଖକୁ ଯାଉଥିଲେ ନା ଗୋରା ଦେବତାଙ୍କ ପାଖକୁ ଯାଉଥିଲେ ଖବର ମିଳିନାହିଁ ।

ଇତିମଧ୍ୟରେ ଉତ୍କଳ ସାହିତ୍ୟ ସମାଜର ଭାଗପାଲି ମୁଦଙ୍ଗ ଭଙ୍ଗାଭଙ୍ଗି ଅନ୍ତକୁ ଚାଲି କରିଛି । ଅଥ କର୍ମକର୍ତ୍ତାମାନେ ମୁଖ ଚାହିଁକି ସଭ୍ୟ ଭର୍ତ୍ତି ଉପରେ ଚେତେଶ କରେସେ କର-ଣାପ୍ତ । ଏଭଳି ଅଳିମୁଖ ଚର୍ଚ୍ଚିଆଙ୍କୁ ଅଜ ଉପାୟ କଣ ଅଛି ? ଭଦ୍ରଲୋକଙ୍କର ଏକମାତ୍ର ଅସ୍ତ୍ର ଗୁଣ୍ଡାମି । ମନ୍ତ୍ରୀ ଥିବାବେଳେ ପ୍ରବେଶରେ ଠାବେ ଠାବେ ଗୁଳ ଚଳାଇ ବ୍ରାହ୍ମଣ ପଣ୍ଡିତ ବାଡ଼ୀଖାନ ନଶପୁଚ୍ଛ ବେଗାବାଳସିଂହଙ୍କ ଅପମାନ ମେଣ୍ଟି ନ ଥିଲା । ଗଲ ଦୁର୍ଭିକ୍ଷବେଳେ ସେ ଲକ୍ଷ୍ମୀପୂଜା କରୁଥିଲେ । ଏଥର ଏଙ୍କ ମନ୍ତ୍ରୀରୁ ଯିବା ଦିନରୁ ସରସ୍ୱତୀଙ୍କ ଲଙ୍ଗୁଳି ଧରିବାକୁ ବାହାରିଲେଣି । ଖବରରୁ ବୁଝାପଡ଼େ ସେ ଏଥର ଘରଭଙ୍ଗା ସାହିତ୍ୟିକଙ୍କ ନେତୃତ୍ୱ ନେଇଛନ୍ତି । ରାମଚନ୍ଦ୍ର ଭବନର ଡାଲି ଭାଙ୍ଗି ମଣ୍ଡପ ଉପରେ ସଭାପତି ସାଜିବାର ନାଁ ଭଳି ଢ଼ବ୍ କମ ଲୋକଙ୍କର ଅଛି । ବେକରେ ପଇତା ଥିବା ଓଠରେ ସାଦେଶୀ ପେଷନରେ 'ଇନ୍' 'ଇନ୍' କହିବା ଲୋକଙ୍କ ଛଡ଼ା ଏଭଳି ଦକ୍ଷତା କାହାର ଥାଇପାରେ । ଯାହାହେଉ ସାହିତ୍ୟ ବା' ଦାବୁଡ଼ର ସାହିତ୍ୟ ହେବା ଆଗେ ସାଙ୍ଗେ ସାହିତ୍ୟ ସମାଜରେ ବି ବା' ଦାବୁଡ଼ ଲାଗି ଯାଉଛି ଓ ଉଭରେପ ରାଜନୀତିରେ ବଡ଼ ବଡ଼ ଶତ୍ରୁମାନେ ଗୁଣ୍ଡାମି ଚଳାଉଥିବାବେଳେ ଆମ ସାହିତ୍ୟ ମାଠରେ ବି ଗୁଣ୍ଡାମି ଚାଲିଛି । ତଥାପି ଅନେକ ସମୟରେ ଗୁଣ୍ଡାମାନେ ବି ଦୁର୍ବଳଙ୍କୁ ରକ୍ଷା କରିବାକୁ ଦେଖାଯାଏ—ମଦ ନିଶାରେ ଅନେକ ଭଲ କଥା କହିବାର ଦେଖାଯାଏ । ଯେମିତି ଏ ଚେଲପଣ୍ଡା ସାହିତ୍ୟିକ ମଧ୍ୟ ସାହିତ୍ୟ ପରିଷଦ ଓ ସାହିତ୍ୟ ସମାଜକୁ ଏକ କରିବାର ଘୋଷଣା କରିଛନ୍ତି । ହରିନାମ ପାପୀ ମୁହଁରୁ ବାହାରିଲେ ତାର ମୂଲ କମେନାହିଁ । ଭଲ କଥା ଖରାପ ଲୋକଙ୍କ ମୁହଁରେ ଖରାପ ହୁଏନାହିଁ । ତଥାପି ଅଛାମିଳ ମୁଖରେ ନାରାୟଣ ଡାକ ପରି ଏମାନଙ୍କର ଉଦ୍ଧାର ହେଉ ଏତିକି ପ୍ରାର୍ଥନା ।

ବ୍ରହ୍ମପୁରରେ ମାଜେଷ୍ଟ୍ରେଟ ରୋଗଗ୍ରେମ ହେଲେ ବି ଚୋଟେ ଭଲ କାମ କଲେଣି । ସହରରେ ଖବର ଯେ ବାଣ ବ୍ରୋଥ-ଲାଏ ଖୋଲି ଯାଉଛି । ସାଧାରଣଙ୍କର ଏତିକି ଆଶା, ସେ ଜିଲ୍ଲାରେ ସବୁଠାରେ ବଜାର ଓ ଷ୍ଟେର ଚଳାଇ ଆଗରେ କେତେ କଳାବେପାରୀଙ୍କୁ ଦେବାକୁ ଧଇଦ ତାର ଗୋଟାଏ ନାଇଁଷ୍ଟ୍ରୀ ହୋଇ ଯାଉ ଖବର ଯୋଗାଣବାଲା ଦିଅନ୍ତୁ ତେବେ କୃତାର୍ଥ ହୁଅନ୍ତେଇଁ ।

ଗୋଟାଏ ଚିତ୍ରମସ୍ତା ପଥରମୂର୍ତ୍ତି ଯେଉଁ କଟକ କଲେକ୍ଟ-ରେ ସଂସ୍କୃତି ଗଣ୍ଡଗୋଳ ଲାଗିଗଲା । କିଏ କହିଲେ ସେ କୋଣାର୍କର ଦେବତା, କିଏ କହିଲେ ନାହିଁ । କିନ୍ତୁ ସାଧାରଣ ଲୋକେ କହୁଛନ୍ତି ଶିରେନାସ୍ତି – ଶିରପୀଡ଼ା ?

---

(ମଜାକଥା ୫ମ ପୃଷ୍ଠା ଉତ୍ତାରୁ)

ଉପସ୍ଥିତ ଭଦ୍ରଲୋକ—ତମେ ଡାକ୍ତା ପାଇଛ କି ?

ସ୍ୱାମୀ—ନା—

ଭଦ୍ରଲୋକ—(ସ୍ତ୍ରୀଙ୍କୁ) ତମେ କାହିଁକି ତାହା ହୋଇଥିଲ ?

ସ୍ତ୍ରୀ—ପୁରୁଷର ସାମର୍ଥ୍ୟ ଦ୍ୱାରା ନାରୀ ଜାତିର ଦୁର୍ବଳତାକୁ ଅତିକ୍ରମ କରିବା ପାଇଁ ଓ ସାମାଜିକ ଜୀବନର ଆନନ୍ଦ ଉପଭୋଗ କରିବା ପାଇଁ ବିବାହ କରିଥିଲି ।

ଭଦ୍ରଲୋକ—ତମର ଉଦ୍ଦେଶ୍ୟ ସଫଳ ହୋଇଛି କି ?

ସ୍ତ୍ରୀ—ନାଁ—

ଭଦ୍ରଲୋକ—ତମ ଭିତରେ ବନ୍ଧୁଭାବ ଜାତ ହେବାର କାରଣ ?

ସ୍ତ୍ରୀ—ମୁଁ ତାଙ୍କର ଘୋଡ଼ଦୌଡ଼ରେ ଯୋଗଦେବା, ଶୀକାର କରିବା, ରୂପ ହୋଇ ବସି ରହି ଶିକ୍ଷା କହିବା ଏହିସବୁ ଅଭ୍ୟାସ ସହ୍ୟ କରି ପାରିବି ନାହିଁ ।

ସ୍ୱାମୀ—ମୁଁ ତାଙ୍କର ନାଚିବା, ମଦ ପିଇବା, ଅଧୁକବେଳେ ବକ୍ ବକ୍ ହେବା ପ୍ରଭୃତି ସହ୍ୟ କରି ପାରୁନାହିଁ ।

ସ୍ତ୍ରୀ—ତାହେଲେ ଏମିତି କଷ୍ଟ ଅଛି ଯଦ୍ଦ୍ୱାରା ଆମ ଦୁହିଁଙ୍କର ମତ ମିଳିବ ।

ସ୍ୱାମୀ—ହଁ—ଯାହା ଆମେ ବିଜଣ ଅଲଗା ହୋଇ ରହିବା ।

ସ୍ତ୍ରୀ—ହେଉ, ତାହାହିଁ ହେଉ ।

ମୋଟ କହିବାର କଥା, ଆଗ ମତ ମିଳି ବର ହିଥ. ସାଙ୍ଗରେ ପ୍ରେମ କରୁଥାନ୍ତି, ଅପଣଙ୍କ ସମସ୍ତ ଦୁଃଖ ଦୂର କରି ତଥ ସେଠାରୁ ଖସି ଆସନ୍ତୁ ।

Digitized by srujanika@gmail.com

# ଶୁଣିବାକୁ ସାବଧାନ ହେଉହେ—

ସାରୁ ସ୍ୱଳ୍ପର ସିନ୍ଧ ପ୍ରଦେଶର ନଃ ମାସର ଭିତରେ ଏକଥର ପ୍ରଧାନ ମନ୍ତ୍ରୀ ବଦଳ ହେଉଛନ୍ତି ।—ଏ ଭିତର ନେହେଲେ ବାଙ୍କ ଦାସ ହେବେ ।

ବିହାର ନେତାମାନଙ୍କ ଉପରୁ ଅନୁସନ୍ଧାନ ଅଭ ପ୍ରତ୍ୟା-ହାରିତ ହୋଇବ ।—ଭୂତଲମ୍ବ ଗୁଡିପଳ ।

ସୀମାନ୍ତ ପ୍ରଦେଶର କଂଗ୍ରେସ ନେତା ଖାଁ ସାହେବ ମନ୍ତ୍ରୀ ମଣ୍ଡଳ ଗଢ଼ିଛନ୍ତି ।—ଲୀଗଙ୍କରେ ଶୋକସନ୍ତପ୍ତ ଶ୍ୟାମଳଃ ।

ଯୋଗସୂତ୍ର ଜାମିନବର ସାହାଯ୍ୟ କରିବ ବୋଲି ବ୍ରିଟିଶର ଡାକ୍ତରମାନେ ଦୋଷାରୋପ କରୁଛନ୍ତି ।—ଅନୁ ଆଶ୍ଚର୍ଯ୍ୟ ଯେ ଯୋଗଙ୍କ ସାହାଯ୍ୟ ଦାନରେ ପାର୍ଲାମେଣ୍ଟ ସମର୍ଥ ହୋଇଥିବାବେଳେ ବ୍ରିଟିଶର ବୃଦ୍ଧମାନେ ତାକୁ ଯୋଗ ଅଣି ଉପନ୍ୟାସ କରୁଛନ୍ତି ।

୬୦ ଲକ୍ଷ ପାଉଣ୍ଡର କେନ୍ଦ୍ର ମାଲ ପ୍ରତିବର୍ଷ ଏ ଦେଶକୁ ଅଣିତ ହୋଇ ଓ ଚଳିତ କାରଖାନାମାନ ଏ ଦେଶରେ ବନ୍ଦିତ ହୋଇ ଭୂତଳ ଓ ଚଳିତ ମଧ୍ୟରେ କଥାବାର୍ତ୍ତା ଚଳୁଛି ।—ନମସ୍ତେ ନମସ୍ତେ ମାଗେ ବିଷ୍ଣୁଙ୍କ ଘରଣୀ,

ଅନବସ୍ଥ ଧନଭକ୍ତ ଦଅ ମୋତେ ଅଣି ।

ଏବ ଯୁବକ ଜାଗରର ଶ୍ରେଣୀ ବ୍ରିଟିଶର ଉଦ୍ଧାରୁ ନିଷ୍ଠ ହେବେ ।—ଶ୍ରେଣୀହୀନ ସମାଜ ।

ବଙ୍ଗଳା ସରକାର କଲିକତା କର୍ପୋରେସନକୁ ଭଙ୍ଗ କରିବା ପାଇଁ ଯେଉଁ ଆଦେଶ ଦେଇଥିଲେ, କର୍ପୋରେ-ସନ ତା' ଶିରରେ ପଦାଘାତ କରିଛନ୍ତି ।—ଏଥର ସମାଳ ସମ୍ଭାଳ ।

ଭାରତରେ ଅବସର ପ୍ରାପ୍ତ ଦରମା ହୋଇ ଚାକିରି ନିଷ୍ପତ୍ତି ଅବରୋଧ ହୋଇଛନ୍ତି ।—ଭାରତରେ ଅବସ୍ଥା ବା ସନ୍ତୋଷଜନକ ନହିଁ ।

ଜାପାନର ସୂର୍ଯ୍ୟବଂଶୀ ରାଜବଂଶ ହିରହିତୋଙ୍କ ଯୁବ-ରାଜ ଗୀରୁତୋ ବିବାହ କରିଯିବ ।—କଥା । ଯିମିତି ଗନ୍ଧ ଏ ସ୍ୱଏ—ସୂର୍ଯ୍ୟ ନ ଦେଖନ୍ତୁ !

ଭେଜନରେ ଧୂଳା ଅମେରିକା ରାଜଦୂତ ଘରକୁ ଗଲ-ବେଳେ ଜେନାରଲ ପ୍ରାଙ୍କୋଙ୍କର ସୈନ୍ୟ ଧାମୀ ଉପଦ୍ରବ ହେଇ ଯାଇଛନ୍ତି ।—ମରମେ କଟିଲେ ଧୂପ ନାଚଗଲ ପାଟୋର ।

ଅହମଦ ନଗରର କଂଗ୍ରେସ ନେତାମାନେ ମୁକ୍ତ ହେବେକୁ ପେଉଛନ୍ତି ।—ଚ ପ୍ରଭୁଙ୍କା ଖେଳ ।

ଗୁଜରାଟ କେ ହରିଜନମାନେ ଦାବି କରିଛନ୍ତି—ମୋଗଲ ବାଜାର ଯାଅନ୍ତୁ ।—ଅଳ ଢେଉଟାଏ ବଡ଼ କରନ୍ତୁ । ଯଥା ଗାଈ ବାଜାର ଯାଅନ୍ତୁ—ନେଇ କରି ବଡ଼ ବଡ଼ କରନ୍ତୁ ।

ରମା ଶାମା ମୁହୂର୍ତ୍ତ ଓ ଫିରୁଙ୍ଗୀ ଦୃଶ ଉଦୈ ଘୁଷୁଘାସାନ୍ତ ମଦନ ସାନ ସ୍ମାଙ୍କ ସଦୋଷ ଭାରତ ବିଶେଷ ହୋଇଯିବେ ।—ଶ୍ରୀ ଗୋପାଳ ଗଣେଶାୟ ନମଃ ।

ଚଢୋକ ରାଜ୍ୟର ଜାପାନ ମନ୍ତ୍ରୀମଣ୍ଡଳମାନଙ୍କୁ ଭୁଷିଅ ଦେବାକୁ ହେବନି ।—ସଜନା ଗାଛ ଯା ଯା ବୋଲି କହିବେ ।

ନୂଆ ମାର୍କିନ ସ୍ୱର୍ଣ୍ଣମୁଦ୍ରା ଟ୍ରେଙ୍ଗରେ ଗଲ ହେଲାଣି ।—ମୂଷଳମାନା ଣିନ୍ତରେ ।

ନିଷିଦ୍ଧ ମାଣ୍ଡୁରେ ଅଧିକାର କଲେ ।—ଅଗ୍ରଂ ଧ ରନ୍ତି ଥାଇନ୍ତି ।

କାଶ ଡମସିହାଙ୍କରେ ଜଣେ ବୁମାସ ନର୍ଭ ଅନ୍ଧୁହଥା କରୁଛ ।—କୌଣସି ବିମାର ଡାକ୍ତରଙ୍କ ପ୍ରେମରେ ?

କଲିକତାରେ ବେଆଇନ ଭାବରେ ବସିଥିବା ବେନ୍ଦ୍ରୁ ଲୁଣର କାରଖାନାର ଯୋଗଦାତାମାନଙ୍କୁ ସନ୍ଧ୍ୟ ପଦରୁ ଦାଖଲ କରିଦେଇଛନ୍ତି ସଙ୍ଗପନ୍ତ ସଦଭାବନ ।—ଏବେ-ବେଳକୁ ହେ ମୃଗ ହରିଣ ଅଛ ?

ସନ୍ତାନୀମାନେ ନେହେଦାଗପୁରକୁ ଏକ ପ୍ରଦେଶ ସର୍ତ୍ତ ଭାବ ଦାବି କରନ୍ତି ।—ନୂଆ ଗ୍ରହଙ୍କ ଉଦ୍ଧୃତ ହେଲା ।

ନାଗମାନେ ଶାନ୍ତି ପ୍ରସ୍ତାବ ଦେଇଛନ୍ତି ।—ମିଳନ ଶକ୍ତି ବାନ୍ଧ ମାନୁଛି ।

ସୀମାନ୍ତ ଗାନ୍ଧି ଛୁଟି ପାଇଛନ୍ତି ।—ଖାଁ ସାହେବଙ୍କ ବୋଟି ବୋଟି ଅଜ୍ଞା ।

ଆସାମରେ କଂଗ୍ରେସଦଳ ସାହାଯ୍ୟରେ ନୂଆ ମନ୍ତ୍ରୀ ମଣ୍ଡଳ ଗଢ଼ା ହେଲା ।—ମୁସଲିମ୍ ଲିଗ୍ ଯେତେ ଯେତେ ବୋଝେ ମାଡ଼େ ତାର ଦ୍ୱିଗୁଣ ।

ଲର୍ଡିଙ୍କ ନେତୃତ୍ୱରେ ବିଲାତରୁ ଶ୍ରମିକଦଳ ଏକ ପ୍ରତିନିଧି ଦଳ (deligation) ପଠାଇବେ ।—ଭାରତରେ ତାହାହେବ ।

ଭାରତ ଅବସ୍ଥା ନାମକ ଏକ ରିପୋର୍ଟ ୧୯୬୬ରେ ଇଂଲଣ୍ଡର ଇଣ୍ଡିଆ ଲିଗ୍ ପ୍ରକାଶ କରିଥିଲେ ତାହା ଭାରତକୁ ଅସିବା ମନା ।—ଶମାନ୍ଦ୍ରଣ ଅଶୁଦ୍ଧ ହୋଇଯିବ ।

( ଅବଶିଷ୍ଟାଂଶ ୧୬ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

**ମଜା କବିତା.........**

## →(କଲେଜ୍ ହଷ୍ଟେଲ୍‌ରେ ରାତ୍ରି-ଦ୍ୱିପ୍ରହର)←

—କୁମାର ଶ୍ରୀବତ୍ସ ନାୟକ

ବାହାରେ ଭୀଷଣ ଶୀତ···ଉଠୁଚି ଜଳେ ମାରିଚ ତାରକା
ହେମନ୍ତର ଅର୍ଦ୍ଧଯାମି···ହିମ ଝରେ କି ଅବା କରକା !
ପାନ୍ଥୁର ଧୂମାଳ ଲଣ୍ଠନ···ଦୂରରେ ଶୁଭେ ଝିଂ ଝିଂ ତାନ
ଦୁଇଶତ ଗ୍ଲାନ ଚିତ୍ତ ମୂଳଛାପୁ ଅଙ୍କକ ଯମ
ଗାଦିର ଯୌବନ ଦେହେ ଗଢ଼ିନ୍ତି କଲେଜ ହଷ୍ଟେଲ୍‌ଟା
ମସ୍ତ ଶୂନଶାନ୍ ।
କେଉଁ Room ଏ ଅଲାର୍ମ ବାଜଇ
ପରୀକ୍ଷାର ଭୂତ ସ୍ୱପ୍ନ ଦେଖେ ଶେଷରାତର ଗାଢ଼ ଯୋଗ୍ୟପରୁ
ଚହକାଇ ଉଠଇ ।
ଭାଙ୍ଗେ ନିଦ ଅଳସ ସ ନ   ଘୋଷିଲା ମୁଁ କେଉଁ ଲେଖିଟାଇ
"ଛଡ଼ୋଟା ଏତେ ଯୋରେ ବାଜିଉଠ ନଗଲେ
କଲେଜ୍ ପିଲା ବୋଲି କେହୁ କହିବେ କି ନାହିଁ ?"
ଗୋଲମାଲ ମସ୍ତ ଗୋଲମାଲ,
ଏଥିରେ କି ନିଦ ହୁଏ !! ପରୀକ୍ଷା କି ଏକା ଏହାଙ୍କର ?
ଲ୍ୟାମ୍ପ୍ ଜାଳି ବସିଲି ବିଲକ୍ରେ ···ଦର୍ପଣରେ ଝଲକିଗଲା ମୁହଁ
ବିପଦ ସଙ୍କେତ କିବା ଟ୍ରେନ୍ ସିଗ୍‌ନାଲ୍‌ର ଜଳୁଅଛି ଏ ରକ୍ତ ଆଲୁଅ?
କଲେଜ୍ ପାଚେରୀ ଆରପଟେ······
ବାରନ୍ନ କଙ୍କାଳ ଦଳ ଡେଡେଟା ଜନ୍ତୁ କି'
ମଣା ଶୀତ ଅତ୍ୟାଚାରରେ ହୋଇଛି ଛଟପଟ ?
ମନେ ଉଠେ ସଂସାର ବଦୋହ
ଦୂରେ କଲେଜର ପାଓ୍ୱାରହାଉସ୍ ଯନ୍ତ୍ରାଗାର ଜଗାଉଛି ଚୋହ ।
ଅଦୂର ଷ୍ଟେସନ ଛୁଟେ ଏକ୍ସପ୍ରେସ୍ ଗାଡ଼ି ଦୁଇଟାର
ଚମକିତ କୁକ୍କୁର ଦମ ଥରେ ଥରେ ଭୋଳଇ ନିଦ୍ରାର ।
କ୍ଷୁଧାର୍ତ୍ତ ମୂଷିକ ଦଳ ଅଣ୍ଟାହାଣେ ରାତି ଘ ଭଳାବେ
ଦୁରନ୍ତ ତମସା;···ଜଗୁଛି ବୃହନ୍ନଳା ଡାଳକ ଫଙ୍ଗଲେ ।

Digitized by srujanika@gmail.com

ଶନିଗ୍ରହ ବଷ୍ଟନୀଙ୍କ... ଜଗେ କିବା ଅବେଦ୍ଧ ଶୃଗାଳ
ଶତାବ୍ଦୀର ଜନଗଣ ମ୍ଳାନକଣ୍ଠର ମୌନ ଅହଂକାର
ରୂପଦେଇ ଉଠେ କିବା ଜାର ?
ବଦାପୂ ବନ୍ଧନ ବେଳେ ଦୀର୍ଘଶ୍ୱାସ ଫେଲ...ଏକ୍ସପ୍ରେସ୍ ଷ୍ଟେସନ୍ ଛାଡ଼ଇ ।
ପଡେ଼ ଶୀତ.. ଝରଇ ତୁଷାର...ଟ୍ରେନ ମଡ଼ି ଗ୍ଲୁଏ ଉଦଘାଡ଼
ଏତେଡ଼ ଅଣ୍ଡ୍ରା...ଡନ୍ନେଡ୍ର ଭଙ୍ଗି ଶୁଣେ ଯୁ... ଏନ୍ଟୋ...ମ୍ଳାନ୍ ଛାଡି ।
ଏହାଙ୍କର ଭେଦ କିବା ନାହିଁ ?
ଯାର ବୁକେ ମଥା ରଖି...ଏ ଶୀତ ରାତ୍ରେ ମାତୃମୁଖ
ପଞ୍ଚଦାକୁ ଶୋକ ?
ଟାର୍ଗେଟ୍ ଗତରେ ଛୁଟେ ନଭଯାନ...ଅବିରଳ ଘୂର୍ଣ୍ଣଇ ହୁଂକାର
ପରିଚୟ ଅପମାନେ ଭଂଗେ ଯେତେ ଅଗିତର ହସ୍ତ
ଅଭିମାନୀ କୁଣ୍ଡ ଡଲ୍ଲାର ।
ଗୁଡ୍‌ସ ଟ୍ରେନ୍ କରେ ଆର୍ତ୍ତନାଦ...
ମହାନଗ୍ରୀ ପୋଲପରେ ନକ୍ଷତ୍ରଙ୍କ ଆଜ ଅବକ୍ଷୀଣ ଖୁଣୀଚ ପ୍ରମାଦ ।
କଠକର ଟ୍ରକ୍ ଅଜେ ରିଦ...
ଅତର୍କିତ ଜାପାନର ଆକ୍ରମଣ ଭୟେ ଭୟେ ଲୁଚୁଏ କି ଛାତ ?...
ଜଲ୍ଲଂଫେ ଝଡ଼ଇ ଜଲ୍ମ...ଚମକେ ବିନାଦ୍ର ବର୍ଣ୍ଣୋତ୍ପାଳ
ଘଣ୍ଟେଦେଇ ଗ୍ଲେଡେ ବା ନିଃଶ୍ୱାସ ..
"କେ-ଣ ନେଲା ଅହେମା ଜୁଟିଲ !!"
ଟପ୍ ଟପ୍ ଡେଠ୍ ଠାଏଁ...ଭୋଟ୍‌ର୍ ମ ଟ୍ରକ୍ କି ବୁହା...
ଚ୍ଚିର ବୃଟୀଯ୍ ଯାତମ ବୀଏଭିଗୁଣ୍ଣା କେବ ଭଡ଼ାଦେଇ କହେଛାରେ
"ଡାକେଙ୍କୁ ଠେଲିଙ୍ଗା ବଜାର !!"
ଝର୍କାମେଲ...ଅପେ ଟଣ୍ଡ୍ରା ହାଓ୍ୱା...ବାହାରେ କି ଝରଇ ତୁଷାର
ଏ ନିର୍ଜନ...ଲକ୍ଷ୍ମୀଯୁତ ଲଟେ୍ନ...ଦେଶୁନୀଙ୍କ ଘରେ ଅଭିସାର !!
ବଠାନିକାଲ୍ ଗର୍ଜନ ଭିତରେ...
କ୍ଷେମ୍ବରେ...ନମ୍ର ନେହପାଡେ ଅଜି କି ଦେ ଚ୍ଛେୟୁ ନଡ଼ରେ !!...
ଅରପାରେ ଠାଏଁ ଶ୍ୱାନ - ଶ୍ୱାନ ମାଗ୍ୱ ପଷ୍ଟଠେ ବିଡ଼ାଲେ...
୯ ଲଟ୍ନ କି ଦୋ ଘୋଟିଚାଇ ? ..
ପଞ୍ଚୋତାର ଏ ମହାକାବ୍ୟଲ ନଥ ନ୍ତ୍ରା କି କଲେଜ୍ ମଲେ !!

Digitized by srujanika@gmail.com

ଚଢ଼ିଉଠେ କ୍ରୁଦ୍ଧ ଅନ୍ଧକାର...
ଅପବାଦ ଭୟେ ଘର ଭ୍ରୂଣହତ୍ୟା • ସର୍ଜିତ ଜନ୍ମଯୂଥଳେ
ମୃତ୍ୟୁପାଳେ ଯୌନ ଅହଂକାର ।

ଘଣ୍ଟାବାଜେ ଏକ୍...ଦୁଇ...ତିନ୍
ଟ୍ରେନ୍‌ର ଇଂଜିନ୍ ସମ ଧୂଆଁ ଉଡ଼ାଇ ଲାମ୍ପର କଣ୍ଟ୍ରୋଲ କେରୋସିନ୍ ।
ନିଭିଗଲା ଶୋଇଲା ଅସି ସେୟେ...ଶତାବ୍ଦୀର ଉଭିଉଠ କଳ୍ପନା...
ଭ୍ରୂଣ ଶବ ମସ୍ତିଷ୍କର ଜନମିଲେ ମହା ଢୋକାଧଳେ...
ଭାଙ୍ଗିଦେଲେ ସପନ ରଚନା ।...
ଚଉଦରେ ବ୍ୟସ୍ତଭାର ଛାପ୍ପା...କି ଲଗ୍ନେ ଏ ପ୍ରଣୟ ବା ହେଲ...
ପନ୍ଦରଟା ଦିନ ହେଲା କଟିଗଲା ..ଖଣ୍ଡେ ହେଲେ ଉତ୍ତର ଆସିଲା !!
ଦେଲ ଜଣା ସିଲେ ନାହିଁ ତାଙ୍କୁ...
ସୁଦୂର ପ୍ରବାସୀ ଯାରେ ଦୁଃଖୀଅ ହେଲେ. ଲେଖିବାକୁ !!...
କ୍ଲାସଟେସ୍ଟ୍ ଭଲେ ଅଙ୍କ ଟଙ୍କା...
ଲେଡ଼ିଜ୍ ହୋଷ୍ଟେଲ ପାଖେ ନଥାନ୍ତାକି ଲଖିମୀଛଡ଼ା ନୋଟିସ୍ ବୋର୍ଡଟା ।
ଯେତେ ଗୋଳମାଳ ଖଣି ସବୁ ଏଇ ରେଭେନ୍ସା କଲେଜ୍
ତା'ଠୁଁ ବଳି ଏ ଇଷ୍ଟ ହଷ୍ଟେଲ୍ !! ପୁଣି ଶୁଭେ କଠୋର ଅର୍ଡ଼ର୍ ।...
କମନ୍ ରୁମ୍..ଟେବୁଲ ଉପରେ...ଦୁଇଖଣ୍ଡ ଖବର କାଗଜ...
ଏଥିରେ କି ସରିଗଲା ସବୁ !! ଦେହ୍ନେ ଲଗେ ଏମନ ଦରଜ୍ !!
ଲଇବ୍ରେରୀ ହେଲାକି ମୁମୂର୍ଷୁ !! ଗଲା କାହିଁ ଇନ୍‌ଡୋର ଗେମ୍ସ ?
ମିଉଜିକ୍ ନୀରବ ନିହ୍ୱାତ୍ । ଭଉ: ଏଥି ସବୁ ନନ୍‌ସେନ୍ସ !!!
ସନ୍ଦେହ ଉଠଇ ପୁଣି ମନେ...
କମନ୍‌ରୁମ୍ ବେଆରର ଏ ବଗିଚ୍ଚ କଣେ...ସନ୍ଧ୍ୟାରେ କାସ ପଗୁରଲା
ମାଲୀଙ୍କ ଧାନେ !!
ଆଚ୍ଛା ଏଯେ ବ୍ଲାକକ୍‌ଠା ହେଲା !
ଭୈରବ ରଙ୍କାରେ କାତ ଏ ଚୌକିଦାରର ପଣିଷ୍ଟ ଯା'
ଶୋଇ ନିପାରିଲା !!...
ହେଣା ହାଡ଼ ଅଟେ ନିଦ...ଅଖି ଫାଟେଇ...ଗଇଜେ ଭକୋଳ...
ମୁଖର ମଠର ଧାଏ.. ଏଭିକା'ରେ ? ମସ୍ତ ଗୋଳମାଳ !!!
ତା' ପରେ ନୀରବ ନିଦ ଭୁଲା ସମ ହୁଡ଼ିପଡ଼େ ଅଟେଖେ...
ଗୁମଟ ଗୁ-ଠ ମଠେ ଚନ୍ଦ୍ରାକୀ ଆଦ୍ରବଣୀ ଶାଖେ ।
ଅନ୍ଧକାର ମୋଡ଼ି ମୋଡ଼ି ହୋଇ...
ଉର୍ମ୍ମୀ ବୁକେ ସ୍ୱବା ସନ ଧରଣୀର ପ୍ରାନ୍ତ ଛୁଟିଚେ
ଲେସି ହୋଇ ପଡ଼ିଥିଲା ଶୋଇ ।

Digitized by srujanika@gmail.com

( ଖବର ଅନ୍ତର ୮ମ ପୃଷ୍ଠା ଉତ୍ତାରୁ )

ନିଖିଳ ଭାରତ ଖ୍ରୀଷ୍ଟାନ ସଭା ଭେଦାତ୍ମକ ନିର୍ବାଚନ (separate electorates)କୁ ନିନ୍ଦା କରିଛନ୍ତି ।—ଜିନ୍ଦାବାଦ !

ଭାରତର ଉଦାର ନୈତିକବାଦୀ ନେତାମାନେ ସ୍ଥିର କରିଛନ୍ତି ଯେ ଭାରତକୁ ଔପନିବେଶିକ ସ୍ୱାୟତ୍ତ ଶାସନ ଦିଆଯାଉ ଓ ରାଜନୈତିକ ବନ୍ଦୀଙ୍କୁ ଛାଡ଼ି ଦିଆଯାଉ ।—ଧଳା ପାଣିରେ ଘର ପୋଡ଼େନାହିଁ ।

ଭୂତପୂର୍ବ ସମ୍ରାଟ ଅଷ୍ଟମ ଏଡ୍‌ୱାର୍ଡ୍ ସମ୍ପ୍ରତି ବର୍ମୁଡାରେ ଲାଟ କାର୍ଯ୍ୟକାଳ ପୂରିବା ଆଗରୁ ବାହାମା ଗଭର୍ଣ୍ଣର ପଦ ଇସ୍ତଫା ଦେଇଛନ୍ତି ।—ଦେଲ ସର୍ଷ ବୁଲାକୁ ଟେକ ଉଲାଞ୍ଜକ ।

ବଳଦରେ ଚଢ଼ିଥିବା ହିଟଲରର ପୁଅ ହରେକୃଷ୍ଣ ପାଗଳ ହୋଇ ଯାଇଥିବା ପ୍ରକାଶ ।—ଅଙ୍ଗ ଦୋଷ !

ଫରାସୀ ଇନ୍ଦୋଚୀନ ଆପଣାକୁ ସ୍ୱାଧୀନ ଘୋଷଣା କରିଛି ବୋଲି ଜାପାନୀ ସଂବାଦ ମିଳିଛି ।—ବଗଃ ବାସ୍ତ-ବରେ କାଟେ ଘଡ଼ା ।

ବିହାରରେ କଂଗ୍ରେସ ସରକାର ହୋଇଗଲେ ମୁସ୍ଲିମ ଲିଗ ତୁମୂଳ ଆନ୍ଦୋଳନ କରିବ ବୋଲି ଧମକ ଦିଆଯାଇଛି ।—ଦୁର୍ଗମୁଖ ଅଣ୍ଟିଏ ।

ଜାପାନର ଶାନ୍ତି ପ୍ରସ୍ତାବ ମନ୍ତ୍ର ପଦାକୁ ବାହାରି ପଡ଼ିଛି ବୋଲି ଜାପାନ ସରକାରଙ୍କୁ ହିଟଲର ଗାଳି ଦେଇଛନ୍ତି ।—ଶ୍ୟାମକୁ ଜୁହାର ତା ପ୍ରେମକୁ ଜୁହାର ମା !

ରୁଜଭେଲ୍ଟଙ୍କ ଜବାବ ଉପରେ ଫିଲିପାଇନସ୍‌ର ୧୯୪୬ ଯେଉଁ ସ୍ୱାଧୀନତା ମିଳିବାର ଅଛି, ସେ ସ୍ୱାଧୀନତା କାଳକୁ ଆଉ ଏକ ସତେଜ ଟାଳ ଦେଲେ ଫିଲିପାଇନବାସୀଏ ଆମେରିକାଠାରୁ ବହୁ ସହାନୁଭୂତି ପାଇବେ ବୋଲି ଜଣେ ଆମେରିକା ବକ୍ତବ୍ୟ କହିଛନ୍ତି ।—ନଯିବ ଯମୁନା ଡୋହ ବୁଲେ—

ଭାଇସରାୟ ସାହେବ ଭାରତ ପକ୍ଷାନ୍ତରେ ଚଳନ୍ତ ଷଡ଼-ଯାଇଛନ୍ତି ।—ଭାରତ ସ୍ୱାଧୀନତା କ ...

କଂଗ୍ରେସ କାର୍ଯ୍ୟକାରୀ ସଭ୍ୟମାନେ ... ଅତିଚାରୀ ବିଟିଶ ଭାରତ ଲିଗକ ସଂଘ ... ବୋଲି ଗାନ୍ଧିଜୀ କହିଛନ୍ତି ।—ଚନ୍ଦ୍ର ଅମ ... ଚର୍ଚ୍ଚିଲ ଓ ରୁଜଭେଲ୍ଟ ଆଉ କଥିକଲେଠାଏ ତ ବାହାରେ ଅଛି ।

ଚର୍ଚ୍ଚିଲ ଜର୍ମାନର ରାଇନ ନଦୀ ପାର ହୋଇଛନ୍ତି ।—ତାପ୍ତ ବୈତରଣୀ ।

ଅର୍ଦ୍ଧ ନଗ୍ନ ଦେଶନାୟକଙ୍କର ଶୋଭାଯାତ୍ରା ହୋଇଛି ।—କଳିଯୁଗର ପୁଚ୍ଛ ।

ସିନ୍ଧରେ କଂଗ୍ରେସ ଆସେମ୍ବ୍ଲି ସଭ୍ୟ ମନ୍ତ୍ରୀ ବିରୋଧୀ ଆସନରେ ବସିବେ ।—ଯଥାସ୍ଥାନ ।

ଜର୍ମାନ ସରକାର ବର୍ଲିନ ଛାଡ଼ିଲେ ।—ଅସ୍ତାଚଳରେ ଆଶ୍ରୟ ନେବେ ।

ସରକାରୀ ଇତିହାସର ଉତ୍ତମ ଦୁର୍ଭିକ୍ଷ ଅସୁଖ ।—ଗୋରୁ ଦେବତା ରକ୍ଷା କରିବେ ନା ହଳଦିଆ ଦେବତା ରକ୍ଷା କରିବେ ?

ଚର୍ଚ୍ଚିଲଙ୍କ ଝିଅକୁ ତାଙ୍କ ଜୁଅଇଁ ଛାଡ଼ପତ୍ର ଦେଇଛନ୍ତି ।—ଆମେରିକାନ୍ ଭାରତକୁ ଛାଡ଼ପତ୍ର ଦେଇନାହାନ୍ତି ।

ଉତ୍ତର ପୂର୍ବ ସୀମାନ୍ତରେ ଏକ ଗୋର୍ଖା ସୈନ୍ୟ ଛାଉଣୀ ସବୁଦିନ ପାଇଁ ରଖିବାକୁ ଲର୍ଡ୍ ୱାଭେଲ କେମିତି ପ୍ରସ୍ତାବ କରୁଛନ୍ତି ।—ସ୍ୱାଧୀନତାର ନାମାନ୍ତର ।

ଏଥର ଭାରତ ସରକାରଙ୍କ ୧୯୪୫-୪୬ ବଜେଟ ପ୍ରସ୍ତାବ କେନ୍ଦ୍ର ଆସେମ୍ବ୍ଲିରେ ଦୁଇଥର ହାର ଖାଇଲାଣି ।—ସରକାର ଅଭ୍ୟାସ ଖାଇଛନ୍ତି ।

ଶୁଣାଯାଏ ଲର୍ଡ୍ ୱାଭେଲ ଆଉ ଭାରତ ଫେରିବେ ନାହିଁ ।—ଆଉ ଅଯୋଧ୍ୟା ମୁଖ ନ ଦେଖିବ ।

ବଙ୍ଗଳାର ମନ୍ତ୍ରୀମଣ୍ଡଳ ହାରି ଯାଇଛନ୍ତି ।—ମଞ୍ଚାରୁ ପଡ଼ି ... ମଲା—ବେଣୀକୁ ଦଉଡ଼ି ରଖିଲା ।

କାଜୀ ସାହେବ ୯୩ ଧାରାରେ ବଙ୍ଗ ଶାସନ ଭାର ହାତକୁ ନେଲେ ।—ଯମଦଣ୍ଡ ।

## ପୁଣି ସେଇ ସୁଦର୍ଶନ ଚକ୍ର

"ତମେ ଯଦି ଭୀରୁ ହୁଅ ବା ଉଦ୍ଧାରର ହୋଇ କୌଣସି କାର୍ଯ୍ୟ କର ତେବେ ତମେ ଗାନ୍ଧି ଓ ଖଦଡ଼ର ହତ୍ୟା କରିବା ସଙ୍ଗେ ସଙ୍ଗେ ତାର ସତ୍ୟର ସତ୍ୟାନାଶ ମଧ୍ୟ କରିବ ।"......

"ବିଦେଶୀରୁ ସ୍ୱଦେଶୀକୁ, ମାଞ୍ଚେଷ୍ଟରରୁ ବମ୍ବେ କଳକୁ ... ତମକୁ ଖଣ୍ଡ ଓ ଖଦଡ଼ ପାଖରେ ଛାଡ଼ିଛି ।" ........

... ଓ ଖଦଡ଼ ସୌର ଜଗତ ... ଅଛନ୍ତି । ଅନ୍ୟ ସମସ୍ତ ବସ୍ତ୍ରୀୟ ... କେନ୍ଦ୍ର ... ଘୁରୁଛି ।"........

"ହେ ଖାଦି ସେବକବୃନ୍ଦ, ତମେ ଯଦି ଖାଦି ଆଶ୍ରୟ କର ସୋ ... ଅଥରେ ... ତମର ଦେଶ ମୁକ୍ତି ... ।"

—ଗାନ୍ଧିଜୀ

Digitized by srujanika@gmail.com

# ହରେକୃଷ୍ଣ ଗୋବିନ୍ଦ ବନମାଳୀ

## —ନାଗବନ୍ଧୁ—

(୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

**ଉଦ୍ଦେଶ୍ୟ—**

୧। ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତ ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଡଗରର ମଧ୍ୟସ୍ଥତାରେ ପତ୍ରବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା (୩) ମାତୃଭାଷା ଓ ମାତୃଭୂମିପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

### —ସତ୍ୟ—

ମଙ୍ଗଳମୟ ଦାତା ପରମେଶ୍ୱର;
ସେ ରଚିଛନ୍ତି ଏହି ସୁଖ ସଂସାର।
ତାଙ୍କର ଖେଳ ଖେଳେ ଭବେ ମାନବ,
ଦେଖାଏ ବଡ଼ିମା ତା ବଳ ଗୌରବ।

ସୁନ୍ଦର ସଂସାରଟି ସୁନ୍ଦରେ ଭରା,
ଜନ ଗରବ ଯେତେକ କ୍ଷଣିକ ପରା।
ମିଥ୍ୟା ଗରବ ଅନେ ମାନବ ପ୍ରୀତି,
ଭବେ ଶେଷେ ଲଭଇ ଜନ ଅପ୍ରୀତି।

ଦୁନିଆଁ ଦାଣ୍ଡେ ମିଥ୍ୟା ଲଗାଇ ନିଆଁ,
କରାଏ ମୁହାଁଣିଅଁ ମଦିରା ପିଆ।
ସୁଖ ସମୟେ ଦିଏ ଦୁଃଖ ଯାତନା,
ମିଳନେ ବିଚ୍ଛେଦର ଲଗାଇ ଝଣା।

ଅନନ୍ଦେ ନିରାନନ୍ଦ ଢାଳଇ ପ୍ରାଣେ,
ମିଥ୍ୟା ମାଳଇ ରାଜ୍ୟ କି ଅଭିମାନେ।
ସତ୍ୟ ତ୍ରିକୂଟ ଚଢ଼ି ଲଭଇ ବଡ଼,
ଅସତ୍ୟ ସ୍ଥାନ କାହିଁ ଭୁଲିବ ନର ?

ପାଳଇ ରାଜ୍ୟ ଯିନା ରାଜା ସତ୍ୟରେ,
ଢାଳଇ ଜଳ ଯିନା ବର୍ଷା ସତ୍ୟରେ।
ଲଙ୍ଘଇ ନାହିଁ ସିନ୍ଧୁ ସତ୍ୟକୁ ପାଳି,
ଅସତ୍ୟ ଜଗତରେ ମରଇ ଜାଳି।

ସତ୍ୟର ପ୍ରଭାବରୁ ସାଧ୍ୱୀ ସୀତା,
ଭାରତ ରଖିଗଲେ ଶୋଭଣ କଥା।

ସତ୍ୟେ ବାସୁକି ପାଳେ ମସ୍ତକ ଭୂଇଁ,
ଅସତ୍ୟେ ଚଳିବ କି ସଂସାର ସାର ?
ଧାର୍ମିକ ହରିଶ୍ଚନ୍ଦ୍ର ଅସତ୍ୟ ଦାଣ୍ଡେ,
ସତ୍ୟ ତେଜରେ ଲଭି ଯିବ ସେ ଗୁଣେ।
ଅସତ୍ୟେ କାହିଁ କେହି ରହିଛି ଯଶ,
ସତ୍ୟ ପ୍ରଭାବେ ଦେଖ ସଂସାର ବଶ।

ଅସତ୍ୟ କରି କେତେ ନର ନୃପତି,
ପାଇଛି କେଉଁ ଯଶ କାହିଁ ଅଛନ୍ତି ?
ସତ୍ୟ ବଳରେ ଦେଖ ବଳି ବାମନ,
ଧନ ଜନ ଅର୍ପି ଶେଷେ ଶରଣ।

ଦାନ୍ତ ତନୟ ଦେଇ ତେଜସ୍ୱୀ ବୀର,
ରଖିଛି ଯଶ ଦଧିଶ୍ଚନ୍ଦ୍ର ପ୍ରବୀର।
ଅମର ବୀଣା ଏହି ସତ୍ୟଟି ଭାଇ,
ବଜାଅ ତାହାର ଭବେ ଯାତନା ନାହିଁ।

ଶ୍ରୀ ଗୋପୀନାଥ ବେହେରା
ନଂ ୬୭୨ର ନାଗ

**କଟକର 'ଡଗର' ଏଜେଣ୍ଟ**

କଟକବାସୀ ଭାଇମାନେ ସ୍ଥାନୀୟ ଏଜେଣ୍ଟ "ଷ୍ଟାଣ୍ଡାର୍ଡ ବୁକ୍ ମାର୍ଟ, ବାଲୁବଜାର, କଟକଙ୍କ ଠାରୁ ଏବେ ଏକାକି ମୂଲ୍ୟରେ 'ଡଗର' ପାଇ ପାରିବେ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରଗତଭ ରସାୟନର ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ଦୁଇପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିଲେ ବୁଦବୁଦ ନାନାପ୍ରକାର ଛଲି ବା ବର୍ତ୍ତୁଳ ଚକ୍ର, ସର୍ବାଙ୍ଗରେ ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବିକାର ଚର୍ମ ବେଦନା ଅଜୀର୍ଣ୍ଣ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଲି ପ୍ରଭୃତି ଅତିରେ ଆରୋଗ୍ୟ ହୁଏ । ଏକ ଶିଶି ୫।୦ ଟଙ୍କା ମାତ୍ର ୫ ୨ ଟଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ
ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ
ଆଲମଚାନ୍ଦ ବଜାର, କଟକ

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି କୋଟି ନର ନାରୀ ରୋଗ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରେକ୍ସ ବ୍ୟବହାର କଲେ ଯେ କୌଣସି ପ୍ରକାର ଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃଦ୍ଧି ଓ ରକ୍ତ ପ୍ଲୀହା, ଯକୃତ, ମାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇଞ୍ଜେକ୍ସନରେ ନିରାମୟ କରିବାକୁ ଅଧୁନିକ ଜଗତରେ **"ପାଇରେକ୍ସ"** (ରେଜିଷ୍ଟାର୍ଡ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି । ମୂଲ୍ୟ:—୧୮୵ (ପ୍ରତି ଶିଶି)

**'ଅନନ୍ତ ରସ ପାଚସା'**—ଅଜୀର୍ଣ-ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।

ହେଡ୍ଅଫିସ—ମେସାର୍ସ ବହୁବଜାର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍, କଲିକତା ।
ପ୍ରାପ୍ତିସ୍ଥାନ:—ମନମୋହନ ଷ୍ଟୋର୍ସ୍
ନଂ ୧୩୭।୨ ବହୁବଜାର ଷ୍ଟ୍ରିଟ୍, କଲିକତା, ଓ ... ପ୍ରେସ, କଟକ ।

Printed & published by G. C. Mahapatra at the Gopinath Press, Bhadrak. 1945.

ବାର୍ଷିକ ତିନିଟଙ୍କା ଅଠଅଣା    ରାଜସଂସ୍କରଣ ବାର୍ଷିକ ପାଞ୍ଚ ଟଙ୍କା

Digitized by srujanika@gmail.com

୮ମ ବର୍ଷ—ଚୈତ୍ର ଦ୍ୱିତୀୟାର୍ଦ୍ଧ—୨୨ଶ ସଂଖ୍ୟା




Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

# ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲି :—

ହେଡ଼ ଅଫିସ— କଲିକତା

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଙ୍ଗଲପୁର, ମିତ୍ରଗଞ୍ଜ

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, [illegible], ରଘୁନାଥପୁର, ଜାଜପୁର ରୋଡ଼, ପାଟନା,

(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲ ଯାଉଛି)

ମେନେଜିଂ ଡିରେକ୍ଟର—

ନିଜଦକ୍ଷି, ନାଗପୁର । **ସ୍ୱା—ପି. ଏନ୍‌. ରାୟ ଚଉଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ଲେ ଜମା ଦେଲେ—ବ ୪ ର୍ଷ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।

---

# 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ତା ୧ ରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୬ମ ବର୍ଷ ଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩ ୧ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କଠାରୁ ଖଣ୍ଡିଏ 'ଡଗର' ଦୁଇଅଣା ଦେଇ ପାଇପାରିବେ ।

୪ । 'ଡଗର' ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ, 'ଡଗର' ପୋଃ ଭଦ୍ରକ ( B. N: R. )"ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକଟିକଟ ନ ଥିଲେ କବିତା, ପ୍ରବନ୍ଧ ପ୍ରଭୃତି ଫେରସ୍ତ [illegible] ନାହିଁ ।

---

ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**; ପରିଚାଳନା ସମ୍ପାଦକ ;—**ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

# ହୁକାହୁକା ହୁଆ

## ( ବିଲୁଆ ବିଚାର )

ଶୁଦ୍ଧ ପଡ଼ ଜାଙ୍ଗଲ ସପ୍ତାହ । ଜାଲିଅନାବାଲା ବାଗ୍ର ମଇଦାନ୍ ଗୋଟିଏ ବଧ ପଡ଼ିଆ ଉଦାହରଣ ହେଇ ଆଉ ନାହିଁ । ୧୯୩୮, ୩୨, ୧୯୪୨, ୪୩ରେ ଜାପ୍ୟର ଓଜାପ୍ୟୁଙ୍କ ଚୋପ୍ରେ ଏ ଦେଶରେ ବୁଲ ବୁଲ ସମ୍ଭବତଃ ଇଂଳଣ୍ଡର ରକ୍ତ ବ୍ୟାଙ୍କ ପାଇଁ ରକ୍ତ ସଂଗ୍ରହ କରି ଯାଇଛନ୍ତି । କିନ୍ତୁ ଏଭଳି ରକ୍ତ ସଂଗ୍ରହଣ ନିହାତି ପୁରୁଣା । ଅସଭ୍ୟ ସମାଜର କଥା । ସଭ୍ୟ ପାଶ୍ଚାତ୍ୟାଭିମାନୀ ଇଂରାଜ ସରକାର ନିହାତି ଜବରଦସ୍ତ ନ ହେଲେ ସେଭଳି ଅଗ୍ରକ ଖରାପ ଦେଖିଲା ଭଳି କାମ ପଦାରେ ପକାଇ କରିବାକୁ ନାରାଜ । ଇଂଳଣ୍ଡର ବୈଜ୍ଞାନିକ-ମାନେ ଯେତେ ମାରଣାସ୍ତ୍ର ବାହାର କରୁଛନ୍ତି ଇଂଳଣ୍ଡର ରାଜନୀତିବାଦିମାନେ ତାଙ୍କ ସହିତ ପ୍ରତିଯୋଗିତାରେ ଚାଲି ଯାଇଛନ୍ତି । ବୈଜ୍ଞାନିକଙ୍କ ମାରଣ ପ୍ରଥା ନିତାନ୍ତ ଜଳଗ୍ର ଅସଭ୍ୟ । କିନ୍ତୁ ରାଜନୈତିକଙ୍କ ମାରଣ ପ୍ରଥା Conceiling art ଅବ୍ୟକ୍ତ କଳା ପରି ଭିତରେ ଭିତରେ ରକ୍ତ ସଂଗ୍ରହ କରେ । ଅଗ୍ରକ ଦେଖାଯାଏ ନାହିଁ । ଏବେ କଣ୍ଟ୍ରୋଲରେ ଅର୍ଦ୍ଧାହାରରେ ଯେଉଁ ଲୋକମାନେ ମରୁଛନ୍ତି ତାଙ୍କ ରକ୍ତ କେମିତି ଖଣ୍ଡରେ ଯାଇଁ ଗୋରା ଇଂରାଜଙ୍କ ଦେହକୁ ଲାଲ କରୁ ଦେଉଚି ଏସବୁ କଥା କେହି ଦେଖିପାରୁ ନାହାନ୍ତି । ଅନେକ ଅବଶ୍ୟ ଯୁବ ବୃଦ୍ଧ, ସେଭିଂସ ସାର୍ଟିଫିକେଟ ଅଧ ବୈଧ ଉପାୟକୁ କିଛି ଭରି ପାରୁ ନାହିଁ କିନ୍ତୁ କଣ୍ଟ୍ରୋଲ ଓ କଳା ପୋଟେଟର ଅଙ୍ଗରେ ଯେଉଁ ପଇସା ବୁହା ଚାଲିଛି ଏବଂ ବୈଧ ଉପାୟରେ ଟଙ୍କା ଅଦାୟ ପାଇଁ ଯେତେ ଯେତେ ଅବୈଧ କାରଖାନା ଖୋଲିଛି ସେ ତ ଅସଂଖ୍ୟ ଜାଲିଅନାବାଲା ବାଗ୍ ଛିଅର କରିଦେଇ ଯାଉଛି ପ୍ରତି ଗାଁ ଗାଁରେ । ଆଉ ଚିନ୍ତା କଣ ! ଏଇ ତ ଜାଲିଅନାବାଲାର ଶ୍ରାଦ୍ଧ । ବ୍ରିଟିଶ ସରକାର ଆମକୁ ଏ ଯୁଯୋଗ ଦେଇ ଧନ୍ୟବାଦର ପାତ୍ର ହୋଇଛନ୍ତି । ଗାନ୍ଧିଜୀ ଯେ କହୁଛନ୍ତି, ଆମର ଏକତା . ତ୍ୟାଗ ଓ ସ୍ୱରାଜ୍ୟ ନିକଟରେ ଅଛି, ସେଥିରେ ସନ୍ଦେହ କରିବାର କିଛି ନାହିଁ । କେବଳ ଦୁଃଖ ନ ହେଉଛି କୋ, ମୃତ ଓ ଚଳିଙ୍କ ପାଇଁ । କ ବଡ଼ ପାଣି ହେଇଯାଉଛିଟେ ! + + + +

ବିଶ୍ୱଶାନ୍ତି ସଭାକୁ ଭାରତ ସରକାର ଯେଉଁ କେତେଜଣ ସଭ୍ୟ କରେଇ ପଠେଇଚନ୍ତି ତାଙ୍କ ଭିତରୁ ଫିରୋଜ ଖାଁ ଜଣେ ପୁରୁଣା ଯୋଦ୍ଧା । ଏମା ବିଲାତକୁ ଯାଇଁ ସେ ଭାରତର ପଞ୍ଚାଲୀ ବାପ ପରି ମହିମା ଶୁଣିମା ଖବର ଗୀତ ଗାଇ ଆରମ୍ଭ କଲେ । ସେ କହନ୍ତି ବ୍ରିଟିଶ ଛତ୍ରା ତଳେ ଭାରତ ମହାଶାନ୍ତି ପାଉଛି । ଭାରତ ଏକପ୍ରକାର ଔପନିବେଶିକ ସ୍ୱାୟତ୍ତ ଶାସନ ପାଉଛି— ବ୍ରିଟିଶ ଶାସକମାନଙ୍କର ଅଜ୍ଞାତରେ । ବାସ୍ତବିକ ଫିରୋଜ ମଧ ମନ୍ତ୍ରୀ ହୋଇ ଜନ୍ମ ହୋଇ ପଡ଼ିଛନ୍ତି ତାଙ୍କ ଅଜ୍ଞାତରେ । ଗୋଲାମ ହେଇ ବିଲାତରେ ପହଞ୍ଚିଛନ୍ତି ତାଙ୍କ ଅଜ୍ଞାତରେ । ତାଙ୍କ ପର ଉଠାରେ କେତେ କଥା ହେଇ ଯାଉଥିବ ତାଙ୍କ ଅଜ୍ଞାତରେ । ଭଗବାନ ନିଜେ ଏ ସୃଷ୍ଟି ଚଳଉଛନ୍ତି ନିଜର ଅଜ୍ଞାତରେ ସୃଷ୍ଟିର ଅଜ୍ଞାତରେ ।

ସେହିଭଳି କେନ୍ଦ୍ର ବ୍ୟବସ୍ଥା ସମ୍ବନ୍ଧରେ 'ଓଲଫକୋରେ' କହିଥିଲେ—ଆମେ ଏମାନଙ୍କୁ ସବୁ ସ୍ୱାଧୀନତା ଦେଇଛୁ । ତା ଫିରୋଜଙ୍କ କଥାରୁ ଜଣା ପଡ଼ୁଛି । କେବଳ ତାଙ୍କ ସ୍ୱାମୀ ଓ୍ୟାଭେଲ ବିଲାତରେ ନ ଥିଲେ ତାଙ୍କ ଭାଷା ହିଁ ଏ ଅନ୍ୟ ରୂପ ଧରଥାନ୍ତା । କିନ୍ତୁ ଓ୍ୟାଭେଲ ଯେଉଁ କଥା ଦେଇଛନ୍ତି—

ପାଣି ଦେଲ ମରୁଥରେ,
ଶୁଅଗୀ ବଚନ ସଂଖ୍ୟା ରଖିଥିବୁ ହାତବାନ୍ତ ପଢ଼ୁଅଛେ ।

× + + +

ସାମ୍ପ୍ରତି କମିଟି ତାଙ୍କ ରିପୋର୍ଟ ଦେଇଛନ୍ତି । ପାକିସ୍ଥାନକୁ ସେ ଲକ୍ଷ ଦେଇଛନ୍ତି । ଅଥଚ ଭାରତର ଭବିଷ୍ୟତ ବ୍ୟବସ୍ଥା ମଞ୍ଜୁର ପାଇଁ ଶାସନ କର୍ତ୍ତୃତ୍ୱ ସମ୍ବନ୍ଧରେ ହିନ୍ଦୁ ଓ ଅଂଶ ହେଉଛି ଚଳ ଅବଶ୍ୟକ ହୋଇବ । ଫଳରେ ସମାନ ସମାନ କ୍ଷମତାଧିକାର ପ୍ରାପ୍ତ ହିନ୍ଦୁ ବା ମୁସଲମାନ ଇଚ୍ଛା କଲେ ସମସ୍ତ ଯୋଜନାକୁ ନାମଞ୍ଜୁର କରି ଦେବେ । ତାର ପ୍ରତିକାର କିନ୍ତୁ ଅତି ଭୀଷଣ । ଏପରି ଅଚଳ ଅବସ୍ଥା ହେଲେ ବ୍ରିଟିଶ ସରକାର ତାକ ହିଁ ଗୁରୁତା ଦାନ କେବେ । ସମସ୍ତ ସାମ୍ପ୍ରଦାୟିକ ଭିତରେ ଏକଟା ବଡ଼ ମାରୁହିବ । ତେବେ ମୁସଲ-ମାନମାନଙ୍କୁ ଗାଲ ପାକିସ୍ଥାନ ବାହିନୀ ସମସ୍ତ ଅଧିକାର

Digitized by srujanika@gmail.com

ଦଅଯାଇ ପାରେ । ତାଙ୍କୁ ଭାରତର ନେହେରୁବାଦୀ କରି ଦିଅ ଯାଇ ପାରେ । ଏକ ହାତରେ ମଦ ବୋତଲ ଓ ଅନ୍ୟ ହାତରେ ଅମେଧା ଧରି ସେ ପଛେ ଭାରତକୁ ଶାସନ କରନ୍ତୁ ଚିନ୍ତା ନାହିଁ, କିନ୍ତୁ ବଙ୍ଗ ବୁଦ୍ଧିରେ ଅମେ ବ୍ୟଟେଦ ହାତରେ ଗଳା ଛୁରୀ ଦେବୁ ବୁଦ୍ଧି ହୋଇନାହିଁ । ସାପ୍ରୁ କଣ ଡାକ୍ତରଙ୍କର ଅହିଂସାଟାକୁ ଏଉଟି ପ୍ରୟୋଗ କଲେକି ? ସାପ୍ରୁ କମିଟି ଉପରେ ଯେଉଁମାନେ ଆଶାକରୁଥିଲେ ସେମାନେ ଭାବୁଥିବେ—

“ଅଣି ମୁଁ ପୋଡ଼ିଲି ତାଳ,
ସେଇ ହେଲା ମୋର କାଳ ।

\+ + + +

ଓଡ଼ିଶାରେ ଦୋଳଯାତ୍ରା ମାସେ ଧରି ଚାଲିଲା—ଗୋଟାଏ ପୁନେଇରୁ ଆଉ ଏକ ପୁନେଇ । ଏହା ଭିତରେ କାଗଜ କଣ୍ଟ୍ରୋଲ କଟାକ୍ଷରୁ ନୂଆ ପାଞ୍ଜି ଏ ବର୍ଷ ବଜାରରେ ଛପିଲା ନାହିଁ । ତାହା ଶୁଣି ଆମ ଲୀଗ ସରକାର ତରବର କ ତାଙ୍କ ବର୍ଣ୍ଣୁଥ ପାଞ୍ଜି ପାଠ କରନ୍ତି । ଏଥର ଏ ଦେଶର ଧନାଧିପତି ସ୍ୱୟଂ ଶନିଶ୍ଚର । ତେଣୁ ଅନ୍ନକୁ ବାୟୁ ଚାଲି ଯାଇଛି । ଏ ଶନି ଦୃଷ୍ଟିରେ ସ୍ୱରାଜ୍ୟ ଗଲା ପାରଲା ଖେମଣ୍ଡି ପାରଲା ଜଳା ଭୂଇଁରେ ଲୁଚି ଲୁହ ଗଡ଼ାଉଥିବେ । ଅର୍ଥ ମନ୍ତ୍ରୀ ଗୋଦାବରୀଶଙ୍କ ଅଣ୍ଟା ସରୁଥିବ । ନିଅପୁଅ ପରଦା ଭିତରେ ଗଡ଼ି ବାଉଟା ବଜାଇ ଦଉଥିବେ । ବାକୀ ପ୍ୟାରୀ-ଶଙ୍କର ତାଙ୍କ ପ୍ୟାରୀଙ୍କ ପାଖରେ, ପ୍ରିୟେ ଗୁରୁଶୀଳେ କରୁ-ଥିବେ । କପାଳ ଟିକେ ଭଲରେ ରହିବା କଥା । ଯେବେ ହେଲେ ବାନାଟସାହେବ ଲୀଗ ଅଉ ଅସେମ୍ବ୍ଲି ବସାଉ ନାହାନ୍ତି । ସେଥିପାଇଁ ସେ ଖର୍ଚ୍ଚଘରର ଶୂନ ପଡ଼ିଛି । ‘କାହିଁକେ ବା ହେବ କସ୍ତୁ ଗମନା ଇନ୍ଦ୍ରର ସହିତେ ଛାଡ଼ିବ ?’ ଖାଇଲି ମାଲ୍ କାଢ଼ି ଦିଏ, ପାଇଲି ମାଲ୍ ଛାଡ଼ି ଦିଏ ?

ଯାହାହେଉ ଏଥର ଶାସନଟାକୁ ଭଲ ଭାବରେ ଚଳା-ଇବାପାଇଁ ଚତୁର୍ଥ ଦଶା ଶନିର ବ୍ୟବସ୍ଥା ହୋଇଛି । ଧ୍ୟାନ ଧାରଣା ପାଇଁ ଯୋଗୀମାନେ ଶବାସନର ଆଶ୍ରା ନିଅନ୍ତି । ଓଡ଼ିଶାର ନାନା ସମସ୍ୟା ପ୍ରତି ସରକାର ଧ୍ୟାନ ଦେଇ ନ ପାରୁ ଥିବାରୁ ବୋଧହୁଏ ଏ ବ୍ୟବସ୍ଥା ହୋଇଛି । ଲାଟ ସାହେବ ଏଥିକି କଟକ ନିବାସ ଏବାଟେ ଚଳେ ବର୍ଜନ କରି ପୁରୀରେ ରହନ୍ତୁ ଏବଂ ନେତାଙ୍କର ଗୁଣ୍ଡାଙ୍କ ଟିକିଏ ଭଲ ଭାବରେ ସଂଗଠିତ କରିବା ପାଇଁ ଏକ ନୂଆ ନୋଟ୍ ଅଣନ୍ତୁ । ଜଗନ୍ନାଥଙ୍କ ପାଖରେ ଏକ ମୂର୍ତ୍ତି ମନ୍ଦିର ତଳେ ତାଳକୁ ଲୋକେ ଥାପନା କରନ୍ତେ ।

ବଜେଟ ଲଷ୍ଟରୁରେ ମେଟାଲ୍ଟ ଲୀଗ ଅନେକ ଗୁଡ଼ାଏ ଚେଷ୍ଟା କରିଛନ୍ତି । ସେଥିପାଇଁ ଏ ସରକାରକୁ ତ୍ୟାଗବୀର କହାଗଲେ ଅନ୍ୟାୟ ହେବନାହିଁ । ଭାରତ ସରକାର ଯେଉଁ ଗ୍ରାମୋନ୍ନତି ସାହାଯ୍ୟ ଦେଉଥିଲେ, ଓଡ଼ିଶା ସରକାର ତାକୁ ଛାଡ଼ିଦେଲେ । ଟୋକିଓ ରୋଲ୍ ଲଗାଇଲା. ତାହିଁ ଛାଡ଼ିଗଲା ତିନ ଅଞ୍ଚଳ । ତା ପଛେ ପଛେ କେନ୍ଦ୍ର ସରକାର ବହୁନ କର୍ଣ୍ଣ-ବାକୁ ଯାହା ଦଉଥିଲେ ଓଡ଼ିଶା ସରକାର ଅଲୋପ ତନ୍ତ୍ର ପରହେ କହିଦେଲେ—ଅମେ କଣି ପାରିବୁ ନାହିଁ । ଯେଉଁଥରେ ହାଣ୍ଡିଏ ମଦ । ସେଥିରେ ଜନମ ହୋଇଛି ଏ ପ୍ରବାଦଟା । ବଜାର କରି ଜାଣିଲା ଦେବେ । କିଣିକି ଲୁଣ, ଟେକ ଟାକ ଦେଲେ ପୀଡ଼ାକୁ ଯାଉ । ସେ କରିବେ କ'ଣ ! ଖାଲି ଏତିକି ନୂହେଁ ତନ୍ତୀଙ୍କ ସୁତା ଯୋଗାଇ ଲୁଗା ବୁଣାଇବାର ଯେଉଁ ବ୍ୟବସ୍ଥା ଥିଲା ସେ ଖରଚରୁ କାଟ ହୋଇଛି ।

ଏଗୁଡ଼ାକ ପୁରପୁର ଚେଷ୍ଟା । ଅଉ କେତେ କଥା ଅଧା ଅଧ ଚେଷ୍ଟା ଅଛି । ଏ: ଅଗୁ: ମି: ଉଟିଫିଡ ଟୋଲ ଘୋଷଣା କରି ମଧ୍ୟ ବଜେଟରେ ସିଭିଲ ଡିଫେନ୍ସ ପାଇଁ ଖର୍ଚ୍ଚ ବ୍ୟବସ୍ଥା ରହିଛି । ବୋଧହୁଏ ମୃତ୍ୟୁଞ୍ଜୟ ଉଦ୍ଦେଶ୍ୟରେ ଖରଚ ହେବ ।

ପୁଲିସ ବଜେଟ ଖର୍ଚ୍ଚ ବଢ଼ିଛି । ଅଥଚ ଶିକ୍ଷା ସ୍ୱାସ୍ଥ୍ୟ ଦିଗରେ ବିଶେଷ ଦୃଷ୍ଟି ଦେବାର ପ୍ରୟୋଜନ ହୋଇନାହିଁ । ଦୁର୍ଭିକ୍ଷ ପାଣ୍ଠିରେ ମୋଟେ ୨୫ ହଜାର ଟଙ୍କା ରଖା ଯାଇଛି । ପାଟିଏ କାହାଣ ତେଣ୍ଟୁ ଅଛି ହରିଜନଙ୍କ କଥାଏ ନାହିଁ ।

ସବଶେଷରେ ଓଡ଼ିଶା ସରକାର ଋଣ କରି ଘର ଚଳେଇବାର ସ୍ଥିର କରିଛନ୍ତି । ଅମେ ଏଇଟାକୁ ଖୁବ୍ ପସନ୍ଦ କରୁଁ । କାରଣ ଅମ ଶାସ୍ତ୍ରରେ ଅଛି—ଋଣଂ କୃତ୍ୱା—

ଏ ବଜେଟ ବ୍ୟବସ୍ଥା ସମ୍ବନ୍ଧରେ ଏତେ କହିବାକୁ ଅଛି ଯେ ନ କହିବ ଉଚିତ ମନେ ହେଉନି । କାରଣ, କହି କିଛି ଲାଭ ନାହିଁ । ବୁଢ଼ୀ ଦାସିକ ନାଟ ଶିଖେଇବ କିଏ ନା ଅଳ୍ପ ଓଡ଼ିଶା ସରକାରକୁ ଦାଟ ଦେଖେଇବ କିଏ !

Digitized by srujanika@gmail.com

ମଜାକଥା—

# କି ଥିଲା..... କି ହେଲା ରେ

ଲେଖକ:– **ଉଦୟନାଥ ଷଡ଼ଙ୍ଗୀ**

ସୂର୍ଯ୍ୟ ପଶ୍ଚିମରେ ଉଦୟ ହେବା ଉପମାଟା ନିହାତି ମଜବୁତିଆ—ସେ କଥା ଗୁଡ଼ ଦାଅ-ଯାଉ। ମି. ଚର୍ଚ୍ଚିଲ ପୁଅ ଜଣିକାକୁ ଗାନ୍ଧିଜୀଙ୍କ ପରାମର୍ଶ ନେବା ପାଇଁ ଆସି ସେବା ଗ୍ରାମରେ ଧାରଣା ଦେଇ ପଡ଼ିଛନ୍ତି। ଏ ସମ୍ବାଦରେ ମୁଁ ଯେତେ ବିଚଳିତ ହୋଇ ନଥାନ୍ତି, ତା ଅପେକ୍ଷା ବେଶି ବିଚଳିତ ହୋଇ ପଡ଼ିଲି, ଯେତେବେଳେ ଶୁଣିଲି ଯେ ମୋର ବନ୍ଧୁ କମ୍ରେଡ଼ ଅସୀମ ପାକ ବିବାହ ହେବା ପାଇଁ ସମ୍ମତ ହୋଇଛି। ଏବେ ମୁଁ ଭାବୁଛି, ଅସୀମର ଯେତେ ସହପାଠୀ, ସହ-ଯୋଗୀ, ସହକର୍ମୀ, ସହଧର୍ମୀ, ସହସେବୀ, ସହଅଦେଖୀ ବନ୍ଧୁବାନ୍ଧବ ଥିଲେ—କେହି ହେଲେ ଏ କଥାକୁ ହଠାତ୍ ବିଶ୍ୱାସ କରି ପାରିଲେ ନାହିଁ। ବିଶ୍ୱାସ ନ କରିବାରହିଁ କଥା। କାଇଁବାଅ ଭାଙ୍ଗିବ ପଛକେ ନଇଁବ ନାହିଁ। ମାତ୍ର କାଇଁବାଅ ଭାଙ୍ଗିନାହିଁ, ନଇଁଛି। କମ୍ରେଡ଼ ଅସୀମ ଯେ ଭୀଷ୍ମ ପ୍ରତିଜ୍ଞା କରିଥିଲା, ମୁଁ ଘର ସଂସାର କରିବାକୁ ମନରେ କଳ୍ପନା ସୁଦ୍ଧା କରିବି ନାହିଁ; ଦେଶ ପାଇଁ ମୋର ଜୀବନ ବଳି ଦେବି—ତା ଟଳିଛି। ସେ ରାଜି ହୋଇଛି—ଦେଶ ପାଇଁ ଜୀବନ ବଳି ଦେବା ଲାଗି ନୁହେଁ, ବିବାହ ହେବା ଲାଗି।

ଅବଶ୍ୟ ନିତାନ୍ତ ଶିଶୁ ବେଳର କଥା ମୁଁ କହି ପାରିବି ନାହିଁ। ଯେଉଁମାନେ ଭବିଷ୍ୟତରେ ଅସୀମର ଜୀବନ ଚରିତ ଲେଖିବେ, ସେମାନେ ସେ ସମସ୍ତ କଥା ଅନୁସନ୍ଧାନ କରି ପାରନ୍ତି। କିନ୍ତୁ ଗାଁ ସ୍କୁଲରେ ପଢ଼ିବା ଦିନଠାରୁ ମୁଁ ଜାଣେ ଯେ ଅସୀମ ବଡ଼ ନିର୍ଭୀକ, ସାହସୀ ଓ ଜିଦ୍‌ଖୋର। ସେହି ଅଳ୍ପ ବୟସରେ ମଧ୍ୟ ସେ ସ୍କୁଲ ମାଷ୍ଟରଙ୍କୁ ଅନେକ ଥର ପାଣି ପିଆଇ ଦେଇଛି।

ଥରେ ଗୋଟିଏ ସୁବୁଦ୍ଧି ଛାତ୍ର ମୁନିଟର ହେବାପାଇଁ ମାଷ୍ଟରଙ୍କ ଲାଗି ସବୁ ଅତି ଯତ୍ନରେ ତିଆରି ହୋଇଥିବା ପିଠା ନେଇ ଆସିଥିଲା; ମାଷ୍ଟରଙ୍କ ବେତ ଟିଏ ହେଲେ ଖାଇବାକୁ ନ କରି ସେ ସବୁଯାକ ପିଠା ଅସୀମ ନିଜ ପେଟକୁ ପଠେଇ ଦେଇଥିଲା। ମାଷ୍ଟରଙ୍କ ଟେବୁଲ ଉପରେ ହସ୍ତାକ୍ଷର ଖାତା ଭିତରେ ଇଚ୍ଛା ରହିଥିବା କଲମ ଅସୀମ ନିର୍ବିକାର ଭାବରେ ଅନେକ ସମୟରେ ଟାଣି ନିଇଛି ଥରେ ନାକ ତଳେ ଧୂଆଁ ଛାଡ଼ି ଡାହାକୁ ସେ ନେଇଛି। ବିଶେଷ, ସବୁଠାରୁ ଦୁଷ୍ଟାମିରେ ବୁଢ଼ାଙ୍କ ଟେବୁଲ ପାଇବେ ପାଠ ଅସିବ ନାହିଁ—ଏ ସତ୍ୟ ସମସ୍ତେ ଜାଣିଥିଲେ ସୁଦ୍ଧା ଲୁଚେଇ, କେତେବେଳେ କେମିତି ଜୋର ଜବରଦସ୍ତି କରି ସେ ଭୋଗସବୁ ଖାଇଛି—ତଥାପି ତାର ପାଠ ହୋଇଛି।

ଏହାପରେ ଗାଁ ମାଷ୍ଟର ଅଉ ମା ସରସ୍ୱତୀଙ୍କୁ ଜୁହାର ଦେଇ ସ୍କୁଲରୁ ପାସ କରି କଟକ ପଢ଼ିବାକୁ ଆସିଲା। କଟକରେ ତାର ଆଖି ଖୋଲିଗଲା, କର୍ମପନ୍ଥା ବଢ଼ିଗଲା। ଗ୍ରାମ ପିଲାମାନଙ୍କୁ ଏକଯୁଟ କରି ସେ ହେଲା ତାଙ୍କ ନେତା। ସଭା ସମିତି କରିବା, ସ୍ୱାଧୀନତା ଦିବସରେ ପତାକା ଉଡ଼ାଇବା, ବିଭିନ୍ନ ଅନୁଷ୍ଠାନରେ ସ୍ୱେଚ୍ଛାସେବକ ହେବା, ବଢ଼ି ସମୟରେ ଗାଁ ଗାଁ ବୁଲି ଚୂଡ଼ା ଗୁଡ଼ ବାଣ୍ଟିବା ଇତ୍ୟାଦି ସବୁ କାମରେ ପ୍ରଥମେ ଅସୀମ। ଆମ୍ଭେମାନେ ଯେତେବେଳେ ମାଷ୍ଟରଙ୍କ ତର୍ଜନ ଗର୍ଜନରେ ଡରଥାଉ, ସେତେବେଳେ ସେ ଏପରି ବେପରୁଆ ଜବାବ ଦେଇ ମାଷ୍ଟରଙ୍କୁ ଚକିତ କରିଦିଏ ଯେ, ଆମେ ତାକୁ ମନେ ମନେ ହିଂସା ନ କରି ରହି ପାରୁନାହିଁ। ଗ୍ରାମ ଭିତରେ ସବୁ ଲୋକଙ୍କ ଅପେକ୍ଷା ଅନେକ ମାଷ୍ଟରଙ୍କୁ ସେ ଅପଦସ୍ତ କରେ; ଫଳରେ କେତେଥର ବେଢ଼

Digitized by srujanika@gmail.com

ମାଡ଼ ଖାଇଛି, ନିର୍ଯ୍ୟାତନ ହୋଇଛି, ଜୋରିମାନା ଦେଇଛି; ତଥାପି ସେ ଦବି ନାହିଁ । ସବୁବେଳେ ତାର ଜିଦ୍ ବଢ଼ିଯାଉଛି । ମାଷ୍ଟରମାନେ ମୁଣ୍ଡ ନୁଆଁଇଛନ୍ତି । ବରଂ ସେ ଟିକିଏ ତଳମୁଣ୍ଡା ସୁଦ୍ଧା ହୋଇନାହିଁ ।

କଲେଜରେ ଅସୀମର କାର୍ଯ୍ୟକାରୀ କ୍ଷମତା ଅଧିକ ବଢ଼ିଗଲା । ଦେଶସେବା ଛଡ଼ା ବିଶ୍ୱ ସେବାରେ ସେ ବେଶି ମାତି ଉଠିଲା । ଜାପାନରେ ଭୂମିକମ୍ପ ଦ୍ୱାରା ଲକ୍ଷ ଲକ୍ଷ ଲୋକ ବିପନ୍ନ ହୋଇଚନ୍ତି—ସେଠାକୁ ସାହାଯ୍ୟ ପଠାଇବା ପାଇଁ ଚାନ୍ଦା ଆଦାୟ କରିବା; ଇଂଲଣ୍ଡର ବୈଦେଶିକ ମନ୍ତ୍ରୀ ବ୍ୟୁ-ନିକ୍ସର ଦୁର୍ନାମ କରିଛନ୍ତି—ତାଙ୍କ ନିନ୍ଦା କରି ସଭାରେ ପ୍ରସ୍ତାବ ଗ୍ରହଣ କରିବା; ମୁସୋଲିନୀ ଆବିସିନିଆ ଦଖଲ କରି-ଛନ୍ତି—ତାଙ୍କ ଛିଛି କରି ସମ୍ବାଦପତ୍ରରେ ଲେଖିବା—ଏହିସବୁ ହେଲା ତାର କାମ ।

କଞ୍ଚନ ତନ୍ତ୍ରୀର କଣ୍ଟା ପରି ଏପାଖ ସେପାଖ ହୋଇ ଶେଷକୁ ତାର କାର୍ଯ୍ୟପନ୍ଥା ସ୍ଥିର କରିନେଲା—ସେ କମ୍ୟୁନିଷ୍ଟ ପାଲଟିଗଲା । ନିଜ ନାମ ମୂଳରୁ ଶ୍ରୀ ବା ଶ୍ରୀଯୁକ୍ତ ପରିବର୍ତ୍ତରେ କମ୍ରେଡ଼ ଲଗାଇଲା । କଲେଜ ପ୍ରଫେସର ପ୍ରମାଦ ଗଣିଲେ, ସ୍ୱଦେଶ ଅନୁପ୍ରାଣ ସାଥୀମାନେ ତାକୁ ଭୟ କରି ଦୂରରେ ରହିଲେ; ଅନ୍ୟମାନେ ତାକୁ ଖାତିରୁ କଲେ, ନେତା ବୋଲି ଧରି ନେଲେ ।

ଯେତେବେଳେ ଅସୀମର ନିଶ ଦାଢ଼ି ଉଠିଲା, ସେତେ-ବେଳକୁ ଭାରତର ସ୍ୱାଧୀନତା ଆନ୍ଦୋଳନ ଖୁବ୍ ଜୋର ସୋରରେ ଚାଲିଥାଏ । ସେ ନିଶ ଦାଢ଼ି କାଟିଲା ନାହିଁ, ତା ସାଙ୍ଗକୁ ମୁଣ୍ଡର ବାଳଯାକ ମଧ୍ୟ ଛାଡ଼ି ଦେଲା । ତାର ପ୍ରତିଜ୍ଞା ହେଲା – ଯେ ପର୍ଯ୍ୟନ୍ତ ସାରା ବିଶ୍ୱର ନିଷ୍ପେଷିତ ଶ୍ରେଣୀ ମୂଲିଆ ଧନୀ ଜମିଦାର ମିଲ ମାଲିକଙ୍କ କବଳରୁ ନ ମୁକୁଳିଛନ୍ତି, ସେପର୍ଯ୍ୟନ୍ତ ସେ ଦାଢ଼ି କାଟିବ ନାହିଁ । ଯେ ପର୍ଯ୍ୟନ୍ତ ପୃଥିବୀ ବକ୍ଷରୁ ସାମ୍ରାଜ୍ୟବାଦ ଲୋପ ନ ପାଇଛି, ସେପର୍ଯ୍ୟନ୍ତ ସେ ନିଶ କାଟିବ ନାହିଁ, ଏବଂ ଯେ ପର୍ଯ୍ୟନ୍ତ ଭାରତ ସ୍ୱାଧୀନ ନ ହୋଇଛି, ସେପର୍ଯ୍ୟନ୍ତ ସେ ବାଳ ବଢ଼ାଉଥିବ ।

କଲେଜ ଛାଡ଼ି ଅସୀମ କର୍ମକ୍ଷେତ୍ରରେ ଅବତରଣ କଲା । ତାର ନିର୍ଭୀକ-ସମାଲୋଚନା, ରୋକଠୋକ ଜବାବ ଓ ଅନ୍ୟାନ୍ୟ ଅତ୍ୟାଚାରର ଚିତ୍କାରରେ ପର୍ବତ ପରି ଅଟଳ ହୋଇ ଠିଆ ହେବା ସ୍ୱଭାବ ଯୋଗୁଁ ଜିଲ୍ଲା ହାକିମଠାରୁ ଗାଁ ଚୌକି-ଦାର ପର୍ଯ୍ୟନ୍ତ ପ୍ରମାଦ ଗଣିଲେ । ଫଳରେ ଅସୀମକୁ ନାନା ଲାଞ୍ଛନା, ନାନା ନିର୍ଯ୍ୟାତନ ସହିବାକୁ ପଡ଼ିଲା । ସେ କେତେ-ଥର ଅସହ୍ୟ ବେତମାଡ଼ ଖାଇଲା, କେତେଥର ଜେଲରେ ଘଣା ପେଲିଲା; ତାର ଘରର ସମ୍ପତ୍ତିବାଡ଼ି ନିଲାମ ହେଲା—ତଥାପି ସେ ଟଳିଲା ନାହିଁ । ବରଂ ତାର କର୍ମଶକ୍ତି ବଢ଼ି ଉଠିଲା । ସବ୍‌ଜାନ୍ତା ହାକିମମାନେ ଯେପରି ତାକୁ ଭୟ କଲେ ସବ୍‌କରନ୍ତା ନେତାମାନେ ମଧ୍ୟ ସେହିପରି ଛନିଆ ହେଲେ । ଅସୀମର ତେଜ ଦବିବାର ନୁହେଁ—ଦବିଲା ନାହିଁ ।

ସେହି ଅସୀମର ବିଭାଘର; ପୁଣି କେତେବେଳେ, ନା ଯେତେବେଳେ ପୃଥିବୀରେ ସାମ୍ରାଜ୍ୟବାଦର ପ୍ରାଧାନ୍ୟ ବଢ଼ି ଚାଲିଛି । ସାମ୍ୟବାଦର ଗୁରୁ ରୁଷିଆ ବିପନ୍ନ; ଏଣେ ଗାନ୍ଧି-ଜୀ ପୂର୍ବ ପଶ୍ଚିମକୁ ମୁହଁ ମୋଡ଼ି ଦେଇ ଠିଆ ହୋଇଛନ୍ତି । ଦେଶର ନେତାମାନେ ଜେଲରେ ସଢ଼ୁଛନ୍ତି; ହଜାର ହଜାର ଲୋକ ଖାଇବାକୁ ନ ପାଇ ପୋକ ମାଛି ପରି ମରୁ-ଛନ୍ତି । ଏତିକିବେଳେ ଅସୀମର ବିବାହ—ଏଇଟା କଣ ଅସମ୍ଭବ ନୁହେଁ ?

× + + +

ଅସମ୍ଭବ ବି ଦିନେ ସମ୍ଭବ ହୁଏ । କମ୍ରେଡ଼ ଅସୀମ ସେହି କଠୋର ବ୍ରତ, ଦୁର୍ଦ୍ଧର୍ଷ ଚିନ୍ତା ଓ ସବୁଠାରୁ ବଳି ରୁକ୍ଷ ଚେହେରା ଧରି ବିବାହ ହେବାକୁ ଗଲା । ବୁଢ଼ା ବୁଢ଼ୀମାନେ ନିଶ ଦାଢ଼ି କାଟିବାକୁ ଉପଦେଶ ଦେଲେ; ସାଥୀମାନେ ମୁହଁଟାକୁ ଟିକିଏ ସୁରସ ଓ ନରମ କରିବାକୁ ନିର୍ଦ୍ଦେଶ ଦେଲେ, ବନ୍ଧୁମାନେ ମୁଣ୍ଡରେ ଟିକିଏ ତେଲ ଲଗାଇ ଚିକ୍କଣ କରିବାକୁ ପରାମର୍ଶ ଦେଲେ; ମାତ୍ର ଫଳ କିଛି ହେଲାନାହିଁ । ଅସୀମ ସେହି ତେଜ, ସେହି ଦମ୍ଭ, ସେହି ଏକଜିଦିଆ ସ୍ୱଭାବ ଧରି ନୁଙ୍କୁସ ମୁଣ୍ଡ ବାଳ ଫୁରୁଫୁରୁ ଉଡ଼ାଇ, ମୁହଁରେ କଣ୍ଟକ ସଦୃଶ ଉଠିଥିବା ଜଙ୍ଗଲ ପରି ଦାଢ଼ି ନିଶ ରଖି ପାଲିଙ୍କିରେ ବସିଲା । ତାର ଚିର ଘୃଣ୍ୟ ବ୍ରାହ୍ମଣ ପୁରୋହିତ ଓ ଅବୁଝା ମନ୍ତ୍ରର ସେ ଶରଣ ପଶିଲା । ଦୁଇଦିନ ଖାଡ଼ା ଉପାସରେ ବସି ରହି ସେ ହୋମରେ ସିଝିଲା । ସେତେବେଳେ ସେ ଭୁଲିଗଲା ସିଭିଲ୍ ମ୍ୟାରେଜ ଅଫିସର ଉପରେ ପକ୍ଷପାତ କରି ରୁଲିଂ ଦେଇଛନ୍ତି, ବୁମସେଠୀ ଦୂର ପରସାଦ କେତେ-

Digitized by srujanika@gmail.com

ଦିନ ପାଇଁ ଯାଇ କପଡ଼ ଏଜେଣ୍ଟଠାରୁ ଧକ୍କା ଖାଉଛି, ଅମୁକ ବାହାଘରରେ ମନୁଷ୍ୟଙ୍କ ଉପରେ ଲଟି ଯାଉଛି, ନିର୍ମମ ନମ୍ବରର ହଣ୍ଟରର କପାଳ ଗୁଳିଆ ଚୋଟ ଚିପି ଧରୁଛି ।

ଯାହାହେଉ ବାହାଘର ହୋଇଗଲା । ବରକନ୍ୟା ବିଦା ବେଳେ କନକ ଉଚ୍ଚ ସ୍ୱରରେ ବାପା ବୋଉଙ୍କ ପାଖରେ ବାହୁନି କାନ୍ଦୁଥିଲା—"ମୋତେତ ଯମ ହାତରେ ସମର୍ପି ଦେଉଛ; ଯମ ପୁରକୁ ଠେଲି ଦେଉଛ ।" କନକ ଶିକ୍ଷିତା, ଅଧୁନିକ ବାତାବରଣ ଭିତରେ ସେ ବଢ଼ିଛି । ସେ ଯେ ଉପର ଠାଉରିଆ ଭାବରେ ନ କହି ପ୍ରକୃତ ତା ଅନ୍ତରର କଥା କହୁଛି । ଏହା ବାପା ବୋଉ ଅନୁଭବ କଲେ, ହୃଦୟ ମର୍ମାହତ ହେଲେ ମଧ୍ୟ; ପାଇ ସେତେବେଳକୁ ଅଉ ଉପାୟ ନ ଥିଲା ।

କନକ ତଗତକୁ ଶିକାର କରିବାକୁ ଯାଇ ଯଦି ପଦାରେ ଶୋଇ ଅନ୍ଧକାର ରାତି କଟାଇଲାବେଳେ ଖବର ପାଇବ ଯେ ପାଖ ଅଗରେ ଡେଙ୍କିଠି ବାଘ ଲୁଚି ରହିଛି, ସେତେବେଳେ ତୁମର ଅବସ୍ଥା କଣ ହେବ, ତାହା ଜାଣିବାକୁ ଇଛା ଥିଲେ ଫୁଲଶଯ୍ୟାରେ ଅସୀମ ପାଖରେ ରାତି କଟାଇଥିବା କନକକୁ ପଚାରିଲେ ସ୍ପଷ୍ଟ ବୁଝି ପାରିବ ।

× × × +

ବର୍ଷ ପୂରିନାହିଁ, ଛ' ମାସ ବି ଯାଇନାହିଁ । ମୋଟେ ମାସକ ପରର କଥା । ମୁଁ ଯେତେବେଳେ ଅସୀମକୁ ଦେଖିଲି ସେତେବେଳେ ତାକୁ ଅଦୌ ଚିହ୍ନି ପାରିଲି ନାହିଁ । ମୁହଁ ଗଣ୍ଡଦେଶର ହାଡ଼ଯୋଡ଼ା ଢାଙ୍କିଯାଇ ପର ଚକ୍କଣ ସଫା, ମୁଣ୍ଡ ବାଳ ସିନେମା ଷ୍ଟାରଙ୍କ ଫେସନରେ କଟାଯାଇ ତେଲ ଯୁରୁ ଯୁରୁ, ଓଷ୍ଠ ଦୁଇଟାରେ ସରସତା, ମୁହଁରେ କୋମଳ ଛନଛନିଆ ଭାବ ଫୁଟି ଉଠୁଛି । ତା ହାତରେ ଗଜେନ୍ଦ୍ର ଦାମିକା ଶାଢ଼ୀ, ହାତରେ ଟେନ୍ସା ପାଉଡରର ତେଲ ସାବୁନ ବଣ୍ଡିଲ ।

ମୁଁ ପ୍ରଥମେ ହଠାଏ ଚୋବା ଚକିଗଲି । ସ୍ୱାମୀ ମୂଳଅଙ୍କ ଦୁର୍ଦ୍ଦଶା କମିନାହିଁ, ଭଗତ ସାମ୍ରାଜ୍ୟବାଦ କବଳରୁ ମୁକ୍ତ ହୋଇନାହିଁ ଭାରତ ସ୍ୱାଧୀନ ହୋଇନାହିଁ, ଏ ହେଲା କଣ ?

କେତେକ କଥାବାର୍ତ୍ତା—ଅବଶ୍ୟ କେବଳ ବିବାହର ଓ କନକର ଚାଞ୍ଚଲ୍ୟ କଥା ପରେ ଅସୀମ କହିଲା—ଭାଇ ଲୁଗା ବଜାର କଥା କହନାହିଁ । [illegible] ଚୁଲି ଚୁଲି ବଣ୍ଟି ଖୋସାମଦ୍, ନେହୁରା ମଧ୍ୟ ପରେ ଗୁମାସ୍ତାଙ୍କୁ ଅଠଅଣା କଳାବେପାରୀର ଦେଇ ଏ ଲୁଗା ଖଣ୍ଡକ ପାଇଛି । ପୁଣି ଦାମ କେତେ ଜାଣୁ ?—ଏକାବେଳକେ ପଚିଶି ଟଙ୍କା, କୋଗା ହୋଇଥିବା ଦାମର ତିନିଗୁଣ । ଏତେ ଦାମ ଦେଇ ମଧ୍ୟ କଣ ସହଜରେ ମିଳୁଥିଲା ? ସପ୍ଲାଇ ଇନ୍ସପେକ୍ଟରଙ୍କୁ ଧରି କହୁତ ତାରସାଦା କରିବାକୁ ପଡ଼ିଲା ।

ମୁଁ ଗୁଣିଲି ହଠାତ୍ ଅଣିବାକୁ ଯାଇ ଅଫିସରେ ଅପମାନ ପାଇଥିଲି । ତାର ପ୍ରତିକାର ପାଇଁ ଅସୀମର ଅସ୍ତ୍ର ନେଇ ଦେବାକୁ ବାହୁ ଅବରୁ ଟିକ୍ କରି ରଖିଥିଲି । ମାତ୍ର ଅସୀମର ଏ କଥା ଶୁଣି ମୋ କଥା ମୋ ପେଟରେହିଁ ରହିଗଲା ।

'ଯାଉଛି ଭାଇ, ବିଳମ୍ବ ହୋଇଗଲାଣି" କହି ଅସୀମ ଖୁବ୍ ଦ୍ରୁତଗତିରେ ଘରମୁହାଁ ଗଲା ।

ମୁଁ କଳ୍ପନା ନେତ୍ରରେ ଦେଖିଲି—ଅସୀମର ବୋଉ କନକକୁ ଆଶୀର୍ବାଦ କରି କହୁଛନ୍ତି, କନକ ମୋ ଘରର ଲକ୍ଷ୍ମୀ; ସେ କଣର ହିଂସ୍ରକୁ ପୋଷା ମନାଇ ମୂଷା କରି ପାରିଛି ।

——✲——

[illegible]

## ଅସୁରାଲି

ପୋଃ କୋଠାର ଜିଃ ବାଲେଶ୍ୱର

ପଲ୍ଲୀ ଅଞ୍ଚଳରେ ସ୍ୱଳ୍ପ ବ୍ୟୟରେ ଭାରତ ଗଭର୍ଣ୍ଣମେଣ୍ଟଙ୍କ ମେନୁଏଲ ମତେ ସର୍ବୋ ଶିକ୍ଷା ତଥା ଦେଶର ବେକାର ସମସ୍ୟା ଓ ଦରିଦ୍ରତାର ଶୃଙ୍ଖଳାପାଶରୁ ଯୁବକମାନଙ୍କର ମୁକ୍ତି ପ୍ରଦାନ ପାଇଁ ଥିବ ସର୍ବୋ ସ୍କୁଲ ସର୍ବଦା ଗମ୍ଭୀର ଉଦ୍ୟମ ସହ ଓଡ଼ିଶାର ନା ନା ସ୍ଥାନରେ ବ୍ୟାପ୍ତ ଫୋଲି ଶିକ୍ଷା ଦେଇ ଆସୁଅଛି । ବର୍ତ୍ତମାନ ଏହାର ଏକ ଶାଖା ସ୍କୁଲ ଉଦ୍ଦ ନୃଅବକାରରେ ସ୍ଥାପନ କରି ଯାଉଅଛି ।

ଯଦି ଅତଣମାନଙ୍କର ସ୍କୁଲର ସବ ମୋଟ ଦେଖି ୫ ୧୬ ଦେଇ ଭାରୀ ବନବସ୍ତୁର ମୁଦ୍ରଣ [illegible] ଇନ୍ଦିପେଣ୍ଡେଣ୍ଟରେ [illegible] ବନ୍ଧ୍ୟାପନ ପାଇଁ [illegible] ।

Digitized by srujanika@gmail.com

# ହେଙ୍ଗଲା ପାଂଜି

—ବାଇ ମାହାନ୍ତି—

ବଡ଼ଲାଟ୍ ୱେଭେଲ ଯିବା ସାଙ୍ଗେ ସାଙ୍ଗେ ଭାରତରେ ଶେୟର ବଜାରରେ ଜିନିଷ ଦର ଭାଙ୍ଗି ପଡ଼ୁଛି । ମାଉଣ୍ଟବାଟେନ ବଡ଼ଲାଟ ହୋଇଛନ୍ତି । ଅନ୍ତର୍ଭାରତର ଲେଡ଼ିଲାଟ ହୋଇଛନ୍ତି । ବାର୍ଲାଟ ମନ୍ତ୍ରୀ ହେଉଛନ୍ତି ଓ ଆଉ କେତେକ ଟୋରି ପାର୍ଟିରୁ ଅଧିକ ବଦଳ ହେବା ସମ୍ଭାବନା ।

ସୀମାନ୍ତରେ କଂଗ୍ରେସ ମନ୍ତ୍ରୀରୁ ନେବା ପରେ ପରେ ଭାରତରେ ଘୋଡ଼ା ବଜାରର ଦର ବଢ଼ି ଅସ୍ଥିର ହେଉଛି । ନେହେରୁ, ଦାସ, ବିଶ୍ୱନାଥ ଆଦି ନାମଜାଦା ବଡ଼ା କଂଗ୍ରେସୱାଲା ପରି ଭୁବିରେ ଘୋଡ଼ା ଚଢ଼ିବାକୁ ମନା କରୁଛନ୍ତି । ଦାସେ ନିଜ ଭୁବିରେ ଘାସ କାଟିବାକୁ ତତ୍ପର । ଯେତେ ମୁନସି ରାଜଗୋପାଳାଚାରୀମାନେ ନିଶରେ ତା' ଦେଉଛନ୍ତି । କିନ୍ତୁ କିଛି ଠିଆ ନ ହେଲେ ଗଲା । ଜିନ୍ନାଙ୍କ ଘୋଡ଼ାଚଢ଼ାରେ ମନ ମରି ଯାଇଛି । ପାକିସ୍ଥାନ ତାସଘର ଗୁରୁଅଟ୍ଟେ ଭୁଷୁଡ଼ି ପଡ଼ୁଛି । କେବଳ ହିନ୍ଦୁରେ ଟିକିଏ ଟିକିଏ ଗନ୍ଧ ଅଛି । ଯେପରି ଘଡ଼ିକେ ଘୋଡ଼ା ଛୁଟୁଛି । ତେଣୁ ଜିନ୍ନା ସାହେବ ପୁଣି ଗାନ୍ଧିଙ୍କି ଓ କଂଗ୍ରେସକୁ ଗାଳି ଦେଇ ବ୍ରିଟିଶ ସରକାରଙ୍କୁ ଗଣ୍ଡ ଧମକାଣି ଧମକେଇଛନ୍ତି ।

ଭାରତର ଶେୟର ବଜାର ଉପରେ ବି ବଡ଼ ମାଡ଼ ବସିଛି । କଲିକତାରେ ଇଙ୍ଗା ଦୋକାନସବୁ ଉଜାଡ଼ ହେଉଛନ୍ତି । ଓଡ଼ିଶାରେ ଠାଏ ଠାଏ ଧର ଚାଲିଛି—କିନ୍ତୁ କଲାଣି କାହିଁ କ ଛଡ଼ା କି ଚାଲିଛି । ନିଛନିନ ଚଳେ ଉଦ୍ଭବ 'ଭୂଗର' ଖାପ ଜାଳୁଥିବାବେଳେ ତାରି ତଳେ ଅନ୍ଧାର ମାମଲା ହୋଇଗଲା ବୋଲି ଶୁଣିବ । ପୁଲିସଙ୍କୁ ପ୍ରଶଂସା କରିବା ।

ଉତ୍କଳ ଦେଶରେ ମାଟ୍ରିକୁଲେସନ (Matriclation) ପରୀକ୍ଷାରେ ବିଭ୍ରାଟ ନେଇ ପରିଶେଷେ ଅବସର ପ୍ରାପ୍ତ ଅଧ୍ୟାପକ ଅର୍ତ୍ତବଲ୍ଲଭ ମଧ୍ୟ ଆର୍ତ୍ତନାଦ କରନ୍ତି । ପ୍ରଶ୍ନ ଗୁଡ଼ାକ ବଡ଼ କଡ଼ା । ଅପରିପକ୍ୱ ମସ୍ତିଷ୍କ ବାଳକଙ୍କପାଇଁ ଏହା ଉପଯୁକ୍ତ ନୁହେଁ । ଅଧ୍ୟାପକ ଭୁଲି ଯାଇଛନ୍ତି ବୋଧହୁଏ ଯେ ଅମ ଭାଇସରୟଙ୍କ ଲର୍ଡ କର୍ଜନଙ୍କ ବିଭାଗରେ ପର୍ଯ୍ୟବେକ୍ଷଣ ଓ ପ୍ରୟୋଗ କରି ପରୀକ୍ଷାର ବହୁଦିନ ପୂର୍ବରୁ ବିଦ୍ୟାଳୟ ଛାତ୍ରଙ୍କ ପଢ଼ିଆ ମଥାକୁ ଉଚିଆ କରିବା ପାଇଁ ଏକପ୍ରକାର ନୂଆ ଖଡ଼ ପଠେଇଥିଲେ । ସେ ଗୋବରଜାତୀୟ ଗଡ଼ରୁ କିଛି ଅଂଶ ଦମ୍ଭା କରି ଅର୍ତ୍ତବାବୁ ନେଇ ବ୍ୟବହାର କଲେ ଲକ୍ଷ୍ମୀବନ୍ତ ଟୀକାରେ ବହୁତ କିଛି ଗଜାନ୍ତା ।

ଉତ୍କଳର ସ୍ୱାସ୍ଥ୍ୟଅଟ୍ଟ ମୃତ୍ୟୁ ଉତ୍କଳ ଜନନୀ ମାଳତୀ ହେବା ଶୁଣି ଲାଟ ମାହେନ ଘୁରି ବୁଝି ଦେଇଛନ୍ତି । ସେ ଆଉ କିଛି ଦିନ ପ୍ରଦେଶର ରାଜା ହେବେ । ଏହା ନିହାତ ଲାଟ ନିଅଣ୍ଟିଆ ଧନ୍ଦା ।

ଓଡ଼ିଶାରେ କଂଗ୍ରେସକୁ ନେଇ ବା କଂଗ୍ରେସର ନାନ୍ତୁ ଛାଡ଼ି-ରେ ଗୋଟାଏ ମନ୍ତ୍ରୀମଣ୍ଡଳ ଗଢ଼ିବା ପାଇଁ ଅପଣାକୁ ବଡ଼ କଂଗ୍ରେସ ନେତା ବୋଲି ଉଚ୍ଚାରା ଗଲ କଂଗ୍ରେସ ବିରୋଧୀ ପାରଳା ମନ୍ତ୍ରୀ ମଣ୍ଡଳର ଗୁରୁଗୁଡ଼ା ଶ୍ରୀ ପ୍ୟାରିଶଙ୍କର ଦିଲ୍ଲୀ ପର୍ଯ୍ୟନ୍ତ ଦଉଡ଼ି ଗଲେ । ଗୋଦାବରୀଶ ଦବାକର ଲମ୍ଫ ଝମ୍ପ ଦେଲେ । ଶୁଣାଗଲା ବିଶ୍ୱନାଥ ଦାସେ ସେଥିପାଇଁ ଗାନ୍ଧିଙ୍କି ଲେଖିବେ । ବିଶ୍ୱନାଥ କିନ୍ତୁ ନାହିଁ କରିବା ସତ୍ତ୍ୱେ ଭଗିରଥ ମହାପାତ୍ର ଲୁଅଟ୍ଟେ ଉପରେ ପଢ଼ ମନ୍ତ୍ରୀମଣ୍ଡଳ ଗଢ଼ିବା ଉଚିତ ହେବନାହିଁ ବୋଲି ବିଶ୍ୱନାଥ ଦାସଙ୍କୁ ଏକାନ୍ତରେ କହୁଛନ୍ତି । ଗଞ୍ଜାମ ନେତା ଉମାଚରଣବାବୁ ବି ଏକ ଲମ୍ବା ବାଣୀରେ ମନ୍ତ୍ରୀ ଗଢ଼ା କଥାକୁ ନାପସନ୍ଦ କରି କନ୍ଧ ଭାଷୀ ଅଞ୍ଚଳରେ ପ୍ରଚ୍ଛନ୍ନ ଘଣ୍ଟି ଖୋଳିବାକୁ ଯାଇଛନ୍ତି ।

କଲିକତାରେ ଏକ ଓଡ଼ିଆ କ୍ଲବ ହେବାର ଉଦ୍ୟମ ହେଉଛି । ଓଡ଼ିଆ ସମାଜ, ଉତ୍କଳ ସମାଜ ଆଦିର ଧ୍ୱଂସ ସ୍ତୂପ ଉପରେ । ଏଥିରେ ଓଡ଼ିଆଙ୍କ କୁଣ୍ଡ ଗଲ୍ପମୁଣ୍ଡ ଗଲୁ ଟିକିଏ ମରିବ । ନସ୍ତ ନିର୍ବାଣ ନ ହେଉନ୍ତୁ ।

ରଚନାତ୍ମକ କାର୍ଯ୍ୟର ଗୁରୁତ୍ୱ ବୁଝି କଟକରେ ଏକ କମିଟି ବସିଲା । ଏତେଦିନଯାଏ ଯିଏ ଯେମିତି ଭାବରେ ହେଉ ରଚନାତ୍ମକ କାର୍ଯ୍ୟକ୍ରମକୁ କରୁ ନ କରୁ ତା'ର ନାମରେ କଂଗ୍ରେସୱାଲା ଗାନ୍ଧିଭକ୍ତ ଦେଶସେବୀ ବୋଲି ଆପଣାକୁ ଅନେକ ଚହ୍ଲାଇ ହେଉଥିଲେ । ଏପରିକି ନିହାତି ବକ୍ତୃବାଦୀ, ଯନ୍ତ୍ରବାଦୀ, ହିଂସାବାଦୀ କମ୍ୟୁନିଷ୍ଟମାନେ ବି ଖଦଡ଼ ଉଇଖିମ ପରି ମାଳା ଟପ ଟପ କରିବାକୁ ଛାଡ଼ ନାହାନ୍ତି । କିନ୍ତୁ ଏ ରମାଦେବୀ ବୋଲି ଜଣେ ତାଙ୍କ ସାଙ୍ଗରୁ ଏକ ଦାଢ଼ିଆ ଅର୍ଘ୍ୟ ଅଣି ସମସ୍ତଙ୍କ ଦାନା ମାରି ବସିଲେ । ଯିଏ ଏଇ ରଚନାତ୍ମକ କାର୍ଯ୍ୟ ଯେଉଁ ସଭ୍ୟ ହେବେ ସେମାନେ କେମନ୍ତେ ଆଉ ଆଉ କଥା କରିବା ସାଙ୍ଗରେ, ଗାଁ ବା

Digitized by srujanika@gmail.com

ପଦକୁ ତ ଛାଡ଼ିବେ । ଏପରି ଅନ୍ତଃସ୍ଥ ଯଦି ନଥାନ୍ତା ତେବେ ସଳ୍ପ ସଂଖ୍ୟାରେ ଅଭାବ ହୁଅନ୍ତା ନାହିଁ । କିନ୍ତୁ ଏଥର ଫଳରେ ଲୋକଙ୍କ ମୂର୍ତ୍ତି ମୋହିଲେ । ସଫା କଥାଟା ନ କହି ଅପତ୍ତି ଉଠିଲେ—ଗାନ୍ଧିଜୀଙ୍କ ଅହିଂସା ସମାଜ ବହୁତ ଦୂର କଥା । ପ୍ରଥମ ସୋପାନରୁ ଯାଇପାରିବା ନାହିଁ । କଂଗ୍ରେସ ଗାନ୍ଧିଜୀଙ୍କ ଆଦର୍ଶକୁ ଛାଡ଼ିପାରିନାହିଁ । ପ୍ରଥମେ କଂଗ୍ରେସ ସାଙ୍ଗରେ ଥିବା କିନ୍ତୁ ଗାନ୍ଧିଜୀଙ୍କ ଦୂରରୁ ରହି ଅସ୍ପୃଶ୍ୟ ଭାରତର ମାଳଚକ୍ରକୁ ଜୁହାର କରୁଥିବା । ସେମାନେ ଏପରି ଭୁଲିଗଲେ ଯେ ଗାନ୍ଧିଜୀଙ୍କ କଳ୍ପିତ ସ୍ୱରାଜ ଅହିଂସା ସମାଜଠାରୁ ପୃଥକ୍ ନୁହେଁ । ଯାହାହେଉ ଗୁରୁଅର୍ଥକୁ ବାଃ ଭଗି କଥା କହିବା ଅଜକାଲି ଯୁଗର ରୀତି ।

କୋରାପୁଟରେ ସରକାରୀ ଗୁଞ୍ଜନ ଗୋଦାମ ଖୋଲା ହୋଇଛି । ଏ ଜଳସ ଜଥ ଅଣା କରିବା ପାଇଁ ମାନ୍ଦ୍ରାଜ ଓ ଓଡ଼ିଶା ସରକାରଙ୍କ ଯେତେ ଲୋକ ଅଛି ତା ଭିତରୁ ଓଡ଼ିଆଙ୍କର ଦୁଇଟି । କେବଳ । କେଶୀ ହେଲେ ଓଡ଼ିଆଙ୍କ ନାମ ମାତ୍ରୁଅଡ଼ ବା ଅନ୍ୟ ହୋଇଯିବ ଯେ ।

କୋରାପୁଟ ଦେଶରେ କେତେ ରାଜନୈତିକ ବନ୍ଦୀ ମରିଥିବା ବିଷୟରେ ଯେଉଁ ହିସାବ ସରକାର ଦେଇଥିଲେ ବିଶ୍ୱନାଥ ଦାସେ ତାର ପ୍ରତିବାଦ କରିଛନ୍ତି । କିନ୍ତୁ ଦାସେ ବୁଝିପାରୁ ନାହାନ୍ତି ଯେ ଯମ ପାଖରେ ମଲା ହିସାବଟା ଯେତେ ଠିକ ମିଳିବ ଦେବତା ପାଖରେ ତା ମିଳିବ ନାହିଁ । ତେଣୁ ତାଙ୍କ କଥାକୁ ଲୋକେ ବିଶ୍ୱାସ କରିବେ ନାହିଁ ।

ଏଠା କଲେଜବୋର୍ଡ ଅଧିକ ସଭ୍ୟ ଚଳୁ ସରିଛି । ଯୋଗ୍ୟ ଅଯୋଗ୍ୟ ଉଭୟ ଶ୍ରେଣୀର ଲୋକେ ଅଛନ୍ତି । ଅଯୋଗ୍ୟ ଲୋକେ ସଂଖ୍ୟାନ୍ୟୂନ ହେବାକୁ ପ୍ରସ୍ତୁତ ନଥିଲେ ବୋଲି ଏତେଜଣ ବିଗୁର କରିଛନ୍ତି ।

ଗତମାସ ଭିତରେ ସୋନପୁରରେ ଶିକ୍ଷା ସପ୍ତାହ ଉତ୍ସବ ହୋଇଯାଇଛି । ସଭାସମିତି ସାଂସ୍କୃତିକ ବକ୍ତୃତା, ପ୍ରସ୍ତର, ନାଟକ ଅଭିନୟାଦି ହୋଇଯାଇଛି । ଜଣା ଯାଇନାହିଁ ଲୋକେ କଣ ପଇସାରେ କିଶିଲେ ନା ପଟେ କି ଶିଖିଲେ ।

ସମ୍ବଲପୁର ଜେଲକୁ ଯୁକ୍ତ ମନ୍ଦିରତ ଅସିବାକୁ ଜେଲ ହାଓ୍ୟା ଟିକିଏ ଗରମ ହୋଇଛି । ସମ୍ବଲପୁରର ଟେମ୍ପରେଚର ବି ବଢ଼ିଛି ।

ପୁରୀରେ ପଞ୍ଚଦାରୁ ପଦରେ ପଶିନାହାନ୍ତି ବୋଲି ଖବର ଦେଇଛନ୍ତି । ଭଗବାନ ମଙ୍ଗଳ କରନ୍ତୁ । ଭାବ ବୋଷ୍ଟରୁ ବାଟେ ହଂସ ମଳ ଲେଖା କଥା ହେଲା ।

ଭଦ୍ରକରେ ଦାନେଶ୍ୱର କାଲି ରଥ ସମ୍ମିଳନୀ ହୋଇଛି । ଫେଡେରେସନ ନାମରେ କମ୍ୟୁନିଷ୍ଟମାନେ ଯେଉଁ ଏକ ଚାଞ୍ଚ ଖୋଲିଛନ୍ତି ସେଥିପାଇଁ ତାହାର ପ୍ରଚାର ପାଇଁ କେତେଟି ଅସୁବିଧା କରି ନାହାନ୍ତି । ସଭାରେ ଅନେକଙ୍କ ସାମ୍ପ୍ରତି ଗଣ ଅନ୍ଦୋଳନ ରାଜନୈତିକ ଆନ୍ଦୋଳନ ନୁହେଁ ବୋଲି କହି ଗଣ ଆନ୍ଦୋଳନର ସଫଳତା ସମ୍ବନ୍ଧରେ ଋଷ ବଲେକ ଓ ମେଡିକେଲ ସ୍କୁଲର ଧର୍ମଘଟକୁ ଉଦାହରଣ ଦେଇଥିଲେ । କଂଗ୍ରେସ ତାଙ୍କ ମ୍ୟାରି ଚେଷ୍ଟା କରି କହୁଛି ଯେ ସାମ୍ପ୍ରଦାୟିକ ସମସ୍ୟା ତୃତୀୟ ଶକ୍ତିର ସୃଷ୍ଟି । ତୃତୀୟ ଶକ୍ତି ଇଂରେଜ ସାମ୍ରାଜ୍ୟ ଗ୍ଲାନିଗଲେ ସମସ୍ୟା ଚଳେ ଚଳେ ସମାଧାନ ହୋଇଯିବ । କିନ୍ତୁ କମ୍ୟୁନିଷ୍ଟଙ୍କର ମାଡ୍ଡ଼ାଏଲଡ଼ତି ମଧ୍ୟ 'କଂଗ୍ରେସ ଲିଗ ଏକ ହୁଅ' କଥାଟାକୁ କମ୍ୟୁନିଷ୍ଟକନ୍ୟାମାନେ ପିଲାଙ୍କ ମୁହଁରେ ପୁରେଇ ଦେଇଥିଲେ । ଟମାଟ ଉପରେ ସମ୍ମିଳନୀ ବେଶ୍ ଭଲରେ ହୋଇଗଲା । ଲକ୍ଷ୍ମୀନାରାୟଣ ସାହୁ ଯୁବକରୁ ଦେଖାଇ ସଭାପତିପଦର ଯୋଗ୍ୟତା ତାଙ୍କର ଅଛି ବୋଲି ପ୍ରମାଣ ମଧ୍ୟ କରିଥିଲେ । କେବଳ ଅଗାରଓ୍ୟାଲଙ୍କ ୧୮ଟା ସର୍ତ୍ତ ପଛ ଚଢ଼ାଇବା ପାଇଁ ପାସ୍ ହୋଇଥିଲା ମାତ୍ର ।

ବ୍ରହ୍ମପୁର ଡାକ୍ତରଖାନା ଆଜିକାଲି ଅଭ ଟେଗ୍ରାଲିସ୍ତ ହୋଇଅଛି କି ନାହିଁ ସେ ବିଷୟରେ ଏକ ବଡ଼ ସନ୍ଦେହ ଉଠୁଛି । ବ୍ରହ୍ମପୁର ଜେଲରୁ ଜଣେ ଯୁବକଙ୍କର କର୍ମଚାରୀ ହଠାତ୍ ଚଢ଼ା ଖାଇବା ସମ୍ବନ୍ଧରେ ସେମିତି ନାନା ଗୁଜବ ଉଠିଥିଲା । ଜେଲଖାନାରେ ରାଜନୈତିକ ବନ୍ଦୀମାନେ ଥିଲେ । ତେଣୁ ସରକାରୀ ଗୁଜବଅଙ୍କ ଭିତରେ ରାଜନୀତି ରୋଗଟା ବ୍ୟାପିବା ବିଚିତ୍ର ନୁହେଁ । କିନ୍ତୁ ସେ କୃତଜ୍ଞତା ଡାକ୍ତରଖାନାକୁ କାହିଁକି ସଂକ୍ରମଣ କଲା ! ମେଡିକଲ ଅଫିସର ସମ୍ବନ୍ଧ ଜେଲ ସୁପରିଣ୍ଟେଣ୍ଡେଣ୍ଟ ହୋଇ ଅସିବାବେଳେ ଗୋଟିଏ କମ୍ପା ତଦନ୍ତ ବୌଦ୍ଧିକ ଟୀକା ଦେଇ ନ ଥିଲେ । ରକ୍ଷା ଏତିକି, ଏ ରୋଗଟା କେବଳ ନର୍ସ କଣ୍ଟ ଡାକ୍ତର ଓ ଷ୍ଟୁଡେଣ୍ଟରେ ଥିବା କେତେ ଡାକ୍ତରଙ୍କୁ ଲାଗିଛି । ସେ ରୋଗ ରୋଗୀଙ୍କ ଯାଏଁ ଆସିଲେ ହୁଏତ ଦିନେ କେତେ ଜଣ ନର୍ସ

( ଅବଶିଷ୍ଟାଂଶ ୧୧ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ଶୁଣିବାକୁ ସାବଧାନ ହେଉହେ—

ଗାନ୍ଧିଜୀ ଜିନ୍ନାଙ୍କ ସହିତ ମିଳାମିଶା ନ କଲେ ଖାକସାର ନେତା ତାଙ୍କର ଦଶ ହଜାର ସାମନ୍ତଙ୍କୁ ନେଇ ଗାନ୍ଧି ଦ୍ୱାରରେ ଅନଶନ କରିବେ ।—ଛେଳି ବରତ୍ତୀ ଅସରପାକ ଛାଇ ।

ମୌଲାନା ଆଜାଦଙ୍କୁ ଛାଡି ବାକି ସବୁ କଂଗ୍ରେସ ନେତା ଅହମଦ ନଗରରୁ ସ୍ୱ ସ୍ୱ ପ୍ରଦେଶକୁ ଫେରିଛନ୍ତି ।—ଜିନ୍ନା କହନ୍ତି, ଆଜାଦ୍ ନର୍ଥରେ ହଟିଛନ୍ତି କାରଣ ସେ ଜିନ୍ନାଙ୍କ ପରି ହୁଇସ୍କି ପିଇ ଜାଣନ୍ତି ନାହିଁ ।

ମହାତ୍ମା ଗାନ୍ଧି କସ୍ତୁରବା 'ପାଣ୍ଡି' ନିକଟକୁ ଚାଲି ଯାଇଛନ୍ତି ।—ତାଙ୍କ ଖାଇବା କ୍ଷୀର ପାଇଁ 'ଟେଣ୍ଡୀ'ର ବ୍ୟବସ୍ଥା କି ହେଉଥିବ ।

ସୀମାନ୍ତ ଗାନ୍ଧି ଗାନ୍ଧିଜୀଙ୍କୁ ଭେଟିଲେ ।—ବନ୍ଧୁ ଆ ମିଳିଲ ଘରେ ।

ଭାରତ ସମ୍ବନ୍ଧରେ କଥାବାର୍ତ୍ତା କରିବା ପାଇଁ ବର୍ତ୍ତନ ଦେବାକୁ ବିଲାତ ଶ୍ରମିକ ନେତାମାନେ ୱ୍ୟାଭେଲଙ୍କ ପାଖରେ ଗୁହାରି କରିଥିଲେ । ୱ୍ୟାଭେଲ ମନା କରି ଦେଇଛନ୍ତି ।—ଭୋଳାଭୋଗଟେ ଥାଇ ଗୁହାରି ନ ଶୁଣଇ ।

ଓଡିଶାର ନୂଆ ବଜେଟରେ ଆୟ ଅପେକ୍ଷା ବ୍ୟୟ ଏବର୍ଷ ବଢ଼ିବ ।—ହର, ହର, କଷ୍ଟ ସାହେବ, ଶିବ ଶଙ୍କର, ବମ୍ ଭୋଳ ।

କଂଗ୍ରେସ ପତାକା ଉଡ଼ାଇବାକୁ ମନା କରାରରେ ଅଜ-ଯାଏ କଲିକତାରେ ଅଛି । ଅଛି ବାଲେଶ୍ୱରରେ ମଧ୍ୟ ।—ଏଠା କର୍ତ୍ତା କହ୍ନାଇ ପସ !

ବିଶ୍ୱଶାନ୍ତି ସଭାରେ ରୁଷିଆ ଅଧିକା ଦୁଇଟି ସ୍ଥାନ ଦାବି କରୁଛି ।—ସାମ୍ୟ ଦୃଷ୍ଟିରୁ ।

ଜାପାନୀମାନଙ୍କ ମଧ୍ୟ-କର୍ମୀଙ୍କୁ ଏବେ ବେଳେ ତଡ଼ି ଦିଆ ଯାଉଛି ।—ନିର୍ମୂଳ !

ଇଂଲଣ୍ଡ ଶ୍ରମିକଦଳ ଆସନ୍ତା ନିର୍ବାଚନରେ ସ୍ୱତନ୍ତ୍ର ଲଢ଼ିବେ ।—ଅର୍ଜନ ବେଳକୁ ଗୋଟା—ଭୋଜନ ବେଳକୁ ପଞ୍ଚା ।

ଚଳିତ ବର୍ଷରେ ଯୁଦ୍ଧବୋଝ ଓ ଆସନ୍ତା ବର୍ଷରେ ୭୦ ଟଙ୍କା ଟିକସ ଲୋକଙ୍କୁ ଅଧିକ ବୋଲି ହାଇକୋର୍ଟ କମିଶନ ପ୍ରକାଶ କରିଛନ୍ତି ।—ବେଳକୁ ବେଳ ପ୍ରବଳ ହୋଇଲା ହୋ ଏ କଳି କାଳରେ ।

ଜାପାନ ମୁକ୍ତ ଦଳଙ୍କୁ ବାହାର କରି ଦିଆଗଲା ।—କମ୍ପି ମାତ୍ରି ହେଲ ।

ଆଗ୍ରା ଓ ନାଗପୁର ବନ୍ଦୀମାନଙ୍କ ପ୍ରାଣ ଭିକ୍ଷା ସମ୍ରାଟ ନିଜେ ନାମଞ୍ଜୁର କରିଛନ୍ତି ।—ବୁ ନାଥ ପରମ ଦୟାଳୁ ।

ମଧ୍ୟପ୍ରଦେଶରେ ଅଧିକ ପୁଲିସ ବସାଇବାରେ ୧କୋଟି ଟଙ୍କା ଅତିରିକ୍ତ ଖରଚ ବ୍ୟବସ୍ଥା ହୋଇଛି ।—ଶତ୍ରୁ ଦଳନ ଓ ପ୍ରଜାପାଳନ ।

ସାନଫ୍ରାନ୍ସିସକୋ ଶାନ୍ତି ସଭାରେ ପୋଲଣ୍ଡ ପ୍ରତିନିଧିଙ୍କୁ ପାଇ ରୁଷିଆ ପୋଲଣ୍ଡର ଲୁବ୍ଲିନ୍ ସରକାରକୁ ସମର୍ଥନ କରୁଛନ୍ତି ବନ୍ଦୀ ଇଂଲଣ୍ଡ ଆମେରିକା ନାରାଜ ।—କାଉଁରିଆ କାଠି ନାଇଁ କି ।

ଜାପାନର କୋଇସୋ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଇଛନ୍ତି ଏବଂ ସୁଜୁକି ନୂଆ ମଣ୍ଡଳ ଗଢ଼ିଛନ୍ତି ଭଲ ଯୁଦ୍ଧ ଉଦ୍ୟମ ପାଇଁ ।—ପଟଳନ ପରିଚାୟକେ ।

ରୁଷ ଜାପାନ ସନ୍ଧି ରୁଷ ନାକଚ କରିଛି ।—ମଦ ଘଡ଼ା, କାମ ସରିଲେ ଗଡ଼ଗଡ଼ା ।

ପାଟନାରେ ବନ୍ଧୁକ ଧରଣୀ ଯୁବସ୍ୱଦା ନ ଦେଲେ ବନ୍ଧୁକ ଲାଇସେନ୍ସ ମିଳିବ ନାହିଁ ବୋଲି କହିଥିବା ଅପରାଧରେ ଏକଟଙ୍କା ଜୋରିମାନା ଦଣ୍ଡ ପାଇଛି ।—ଭଲ ସୁବର୍ଣ୍ଣ ଦାନ ।

ଓଡିଶାକୁ ପ୍ରତିମାସ ୧୦୦୦ ହାତ ଲୁଗା ମିଳିବ ।—ବସ୍ତ୍ରାଭାବେ ସୁଖଂ ଦଦ୍ୟାତ୍ ।

ମସ୍କୋରେ ତାଲିମ ପାଇଥିବା କେତେକ ଜର୍ମାନ ବର୍ଲିନରେ ଜର୍ମାନମାନଙ୍କୁ ହିଟଲର ବିରୁଦ୍ଧରେ ଉତ୍ସାହିତ କରିବେ ।—ହିଟଲର ମଲ୍ଲ ପଡେ !

ଜିନ୍ନା ସାହେବ ସାପ୍ରୁ କମିଟି ଉପଦେଶ ଶୁଣି ଅସ୍ଥିର ହେଉଛନ୍ତି ।—ସୀନା (ଛାତି) ଦବି ଯାଉଛି ?

ସ୍ୱାମୀ ସାଙ୍ଗରେ ଲୁଗା ପାଇଁ କଳି କରିବାରୁ ସ୍ତ୍ରୀ ଲୋକଟିଏ ମନ ଦୁଃଖରେ ଦଉଡ଼ି ଲଗେଇ ଦେଇଛି ।—ଦଉଡ଼ି କଙ୍କାଳ ।

ବୈଦ୍ୟନାଥ ଦାସ ଓଡିଆ ଦରିଦ୍ରଙ୍କ ନେଇ ଗାନ୍ଧିଜୀଙ୍କ ସହିତ ଦେଖାଦେଖି କରିଛନ୍ତି ।— ଦରିଦ୍ର ନାରାୟଣ ପ୍ରସନ୍ନ ହିଂସଂ—

( ଅବଶିଷ୍ଟ ... ୧୨ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# କାଳିଆ ବଳଦ ଗାଲ୍ପା ଗାଲ୍ପା

ସଂଗ୍ରାହକ—ଶ୍ରୀ———

ଜଣେ ଭଦ୍ରଲୋକ ପେଟ୍ରୋଲ ଅଭାବରେ ମଟର ଛାଡ଼ି ସାଇକେଲ ଧରିଲେ । ଦିନେ ବଜାରକୁ ଯାଇଥିଲେ କେତେକ ସଉଦା କରିବାକୁ । ସେଠାରୁ ଫେରିଲାବେଳକୁ ବସ୍ ଚଢ଼ି ଘରକୁ ଆସିଲେ । ଘରେ ପହଞ୍ଚିଲାରୁ ସ୍ତ୍ରୀ ତାଙ୍କୁ ମନରେ ପକେଇଦେଲେ ସାଇକେଲ କଥା । ସେ ପୁଣି ବସ୍‌ରେ ବଜାରକୁ ଫେରିଗଲେ । ଯାଇ ଦେଖିଲେ ଯେ ସାଇକେଲଟି ଯଥାସ୍ଥାନରେ ଥୁଆ ହୋଇଛି । ସେ ସେଠାକାର ବାସୀନ୍ଦାଙ୍କର ସାଧୁ ପଣିଆରେ ପ୍ରୀତ ହୋଇ ଗୀର୍ଜାକୁ ଗଲେ । ଗୀର୍ଜାରେ ସେଠାରେ ଗରିବମାନଙ୍କ ପାଇଁ ରଖା ହୋଇଥିବା ବାକ୍ସରେ ଟ ୫ ୧ ଦାନ କଲେ । ଗୀର୍ଜାରୁ ଫେରି ଦେଖନ୍ତି ଯେ ସାଇକେଲଟି ଚୋରି ଯାଇଛି ।

\+ + + +

ଜଣେ ଅସାମୀର ଚୋରି କରିବା ଅପରାଧରେ କୋର୍ଟରେ ବିଚାର ହେଉଥିଲା । ସରକାରୀ ତରଫରୁ କୋର୍ଟବାବୁ ଉଠି ପଚାରିଲେ— "ତମେ ଦୋଷୀ କି ନିର୍ଦ୍ଦୋଷ ?"

ଅସାମୀ ଅତ୍ୟନ୍ତ ଚକିତ ହୋଇ କହିଲେ, "ବଡ଼ ଆଶ୍ଚର୍ଯ୍ୟର କଥା ସେଇ ପ୍ରଶ୍ନର ସମାଧାନ ପାଇଁ ତ ଆମେ ଆଜ ଏଠିକି ଆସିଛୁ—ତା ଆଗରୁ କିପରି କହିବି ।"

\+ + × +

ଜଣେ ମହିଳା ବିକେତା ତାଙ୍କ ଦୋକାନ ମେନେଜରଙ୍କୁ ଯାଇ କହିଲେ, "ମୋତେ ୧୫ ଦିନ ଛୁଟି ମଞ୍ଜୁର କରନ୍ତୁ—ମୋର ସ୍ୱାସ୍ଥ୍ୟ ଫେରି ପାଇବାକୁ ହେବ—ମୋର ସୌନ୍ଦର୍ଯ୍ୟ ମଳିନ ପଡ଼ିବାକୁ ବସିଲାଣି ।"

ମାନେଜର—ତମେ ଏପରି କଥା କାହିଁକି ଭାବୁଛ ?

ମହିଳା ବିକେତା (Sales woman)—ମୁଁ ଆଗରୁ ଗରାଖମାନଙ୍କୁ ଯେତେବେଳେ ଖୁଚୁରା (Change) ଦେଉଥିଲି ସେମାନେ ଗଣୁ ନଥିଲେ—ଆଜିକାଲି ସମସ୍ତେ ଗଣି କରି ନେଉଛନ୍ତି ଓ ମୋ ମୁହଁକୁ କେହି ଅନାଉ ନାହାନ୍ତି ।

× + ×

ଜଣେ ଧନୀଲୋକଙ୍କର କନ୍ୟାକୁ କ୍ଲାସରେ ଦାରିଦ୍ର୍ୟ ବିଷୟରେ ରଚନା ଲେଖିବାକୁ ଦିଆଗଲା । ସେ ଲେଖିଲେ:—

"ଏକ ସହରରେ ଜଣେ ଗରିବ ଝିଅ ଥିଲା । ତା'ର ମା' ଗରିବ, ତା' ବାପ ଗରିବ—ତା' ବଂଶର ସମସ୍ତେ ଗରିବ ଥିଲେ । ତାଙ୍କ ପୂଜାରି ଗରିବ, ତାଙ୍କ ଗୃହକର ଗରିବ, ତାଙ୍କ ଗୃହଯନ୍ତ୍ରୀ ଗରିବ, ତାଙ୍କ ବଗିଚାମାଳୀ ଗରିବ, ଏମିତିକି ତାଙ୍କର ମୋଟର ଡ୍ରାଇଭର ଗରିବ । ଆଉ ଏମିତି କେହି ତାଙ୍କର ବାକି ନଥିଲେ ଯେ କି ଗରିବ ନୁହନ୍ତି ।"

---

## କଟକର 'ତଗର' ଏଜେଣ୍ଟ

କଟକବାସୀ ଆପଣମାନେ ସ୍ଥାନୀୟ ଏଜେଣ୍ଟ "ଷ୍ଟାଣ୍ଡାର୍ଡ ବୁକ୍ ମାର୍ଟ, ବାଲୁବଜାର, କଟକଙ୍କ ଠାରୁ ଏବେ ଏଣିକି ସୁବିଧାରେ 'ତଗର' ଆଦି ପାଇବେ ।

Digitized by srujanika@gmail.com

**ମଜା କବିତା.........**

# ଅଶୀ ଓ ଅଠର

**—ଶ୍ରୀ କୁବେର ଦଲାଇ**

ହାଡ଼ କୋରଡ଼ରୁ ରକତ ଅଖିରେ ଅନାଇ ଅଶୀ,
କହଁ ନ ଅଠରେ ହୃତ-କନ୍ଥ କଥା ଯାଏ ବକେଇ ।
"ଏବେତ ଛାଡ଼ ସାଜ କଙ୍କାଳୀ କାଢ଼ିଲୁ ଡମର ପାଇଁ,
"ପଚୁଣ ଫିକରେ ଧନ ଟଙ୍କ ଜଡ଼ ଜାଣିଲ ନାହିଁ !

"ମୁହଁଠାକୁ ଏବେ ଓଲଟଚ କିଆଁ ନାହିଁକି ଲାଜ
"ପୁରୁଷ ଜନମେ ଶରଧା କରୁନ ରମଣୀ-ସାଜ ?
"ଅଇନାରେ ଏବେ ମୁହଁ ଗୁହଁ ମାଠ ସୁନ୍ଦରପଣ
"ହନ୍ତା ଖଙ୍ଗ ମୁଣ୍ଡେ ମାଇଗୀଙ୍କ ପରି କେଉଁ କାରଣ ?

"ଏବେ ରଙ୍ଗୀ ଅଉ ବେରଙ୍ଗୀ କୁରୁତା ଜଡ଼ାଇ ଅଙ୍ଗେ
"ଘଣ୍ଟାକେ ଫଗକେ ଜୋତା ପିନ୍ଧି ଖେଳ ପଇସା
ସାଙ୍ଗେ
"ଠୋକ୍କି ମୁହଁ ଦେଖି ମାତାଲେ ସାଙ୍ଗ ଯେ
ସୁବାସ ବେଶ
"ଫୁଲ ଭ୍ରମେ ପଡ଼ ଦୂରୁ ପ୍ରଜାପତି ଅସଇ ପାଶ ।

"ସେଦିନ ପାନଆ ଦରପଣ ହାତୁଁ ପାଏନ ଛୁଟି,
"ସ୍ନୋ-ପାଉଡର ଗାଲରେ ଲଭନ୍ତି ନବାକୁ ଉଠି ।
"ପୋଷାକ ପିନ୍ଧାରେ ଘଣ୍ଟା ଘଣ୍ଟା କାଟି ରସିକ ବେଶେ
"ଯାଉଁ ଯାଉଁ ବାଳା ଅଡ଼ ନୟନକେ ନ ଗୁହେଁ
ଲେଶେ ।

"ଚପଳ ସପନେ ଦେହ କଣ୍ଠା ପରି ଗଢ଼ାଇ ଲୋହ,
"କି ଫଳ ? କାହୁଅ ଭିତରକୁ ଗଲେ ଯୋଡ଼କୁ
ଧୂଅ ।"

ଅଠର ଶୁଣି ଏ କଥାତକ ଧୀରେ କହଇ ହସି,
"ନାହିଁ ପର୍ଵ ତୋର ପାଖରେ ଯୁବତୀ ଷୋଳ ବଅସୀ,

"ଥାଅନ୍ତା ଯଦରେ ପାକୁଅ ଦାନ୍ତରେ ଲଗାନ୍ତୁ ଦନ୍ତ
"କାଯୁ୍ତା କଳପରେ କରନ୍ତୁ ଶଙ୍ଖର କୋମଳକାନ୍ତ ।
"କଲମ ବୋଲଣ ଧଳା ବାଳତକ କରନ୍ତୁ କଳା,
"ପେପ୍‌ସ ଖାଇଣ ସଫା କରୁଥାନ୍ତୁ କଫିତ ଗଳା ।

"ତୋ ବୁଢ଼ୀ ଯଦରେ ତୋତେ ଛାଡ଼ ଦନେ
ରସନ୍ତା ଅନେ,
"ଏ ବେଣ୍ଡ ଡ୍ରେସରେ କାଟି ଦଅନ୍ତୁ ତୁ ଅମର
କାନେ ।
"ଥମ କାଳରେ ତ ଅଧୁନିକା ଅଛେ ଠୋକୀଙ୍କ ନାମ
"ଏକ ଭୁଲ ଏହି ଶନ୍ଦେ ରେମିଓଙ୍କୁ କରଇ ପ୍ରେମ ।

"ଏ ପ୍ରେମ ବେପାର ଗୃଳ ଅଛି ଭଇ କଂଫିଟସନେ,
"ପ୍ରେମିକର ଭାଗ୍ୟ ଝୁଲୁଅଛି ଏଇ ନୂଆ ଫେସନେ ।
"କଳା ପୋଡେଇକ ଗଲଣି ବଳ ଏ ଯୌବ ବଜାରେ
"ପ୍ରେମ ରକା ହୁଏ ଠକାକରେ ନୁହେଁ—
ଶନ୍ଦେ ହଜାରେ ।

"ତୋ ଅଶୀ ବୟସୀ ଅଧୁନିକା ଯଦ ଥାଅନ୍ତା ହୋଇ
"ବେଶରେ ଅଠର ଓଃ ! ଖଙ୍କୁ କ୍ଷଣକେ ପାରନ୍ତୁ
ମୋହ ।"

—※—

Digitized by srujanika@gmail.com

(ହେଙ୍ଗଲା ପାଞ୍ଜି ୭୮ ପୃଷ୍ଠା ଉତ୍ତରୁ)

ଆପତ୍ତି କରିବେ ଯେ ଅମୁକ ରୋଗୀଙ୍କ ମଲା ବେଳକୁ ଯମାଟେ ଜାବୁଡ଼ି ଧରିଲା । ତାହା ଦ୍ୱାରା ଯମର ସମ୍ପତ୍ତି ଓ କ୍ଷମତାକୁ ଉପରେ ଅଙ୍କ ଅଛି ତେଣୁ ଅଧମ ଏଣିକି ରୋଗୀ ସେବା କରିବୁ ନାହିଁ । ଶୁଣାଯାଉଛି, ସାନ ଡାକ୍ତରମାନେ ସହରରେ ବହୁତ ବେଶୀ ଲୋକପ୍ରିୟ ହେବାରୁ ବଡ଼ ଡାକ୍ତରମାନଙ୍କ ଚକ୍ଷୁଶୂଳ ହେଉଛନ୍ତି । ବଡ଼ ଡାକ୍ତର ଥାଉଁ ଥାଉଁ ସାନ ଡାକ୍ତର ଲୋକ ପ୍ରିୟ ରୋଗୀ ପ୍ରିୟ ହେବା ବାସ୍ତବିକ ଅନ୍ୟାୟ । ଆମ ଉତ୍କଳର ଅଭିଭାବକଙ୍କ ଶୁଭ ଦୃଷ୍ଟି ତ ଅଛି । ସେ ନୂଆ ଏ ତଦାରଖ କରି ବଡ଼ ଡାକ୍ତରମାନଙ୍କ ମାନ ରକ୍ଷା ପାଇଁ କେତେକ ବିଶେଷ ଆଇନ କରିଦେବା ଉଚିତ । ସେ ତ ନିଜେ ଜଣେ ବଡ଼ ଡାକ୍ତର । ଏହିକି ସବଏସିଷ୍ଟାଣ୍ଟ ସର୍ଜନମାନେ ତାଙ୍କ ଅସ୍ତ୍ରରୁ କମ ହେଉ ସେବକଙ୍କ କମିସନ ବଡ଼ ଡାକ୍ତରମାନଙ୍କୁ ଦେବାର ବିଧାନ କରାଯାଇପାରେ ।

ଇତିମଧ୍ୟରେ ଜଳେଶ୍ୱର ଷ୍ଟେସନରେ ଗୋଟାଏ ଅଭିନୟ ହୋଇଯିବାର ଜନରବ ଶୁଣାଯାଏ । ଜଣେ କଳା ବଡ଼ ସାହେବ ଅଫିସର ଫାଷ୍ଟ କ୍ଲାସ ଡବାରେ ଉଠିଲେ । ସେଠି ଆଗରୁ ଜଣେ ଗୋରା ଚମଡ଼ା ବିଶିଷ୍ଟ ଶ୍ରେଣୀର ଲୋକ ଥିଲେ । ସେ କଳାଙ୍କୁ ବାଟ ନଛାଡ଼ନ୍ତି । କଳା ତାଙ୍କ ନିମକ ସତ୍ତା ସାଟିଫିକେଟ ଦେଖାଇଲେ । ଗୋରା କହିଲେ ଯେତେ ହେଲେ ଅମେ ପ୍ରଭୁ ଜାତି । କହିଲ ତୋ ଗତ୍ର—କିଏ ବଡ଼ । ଗୋରା କହିଲେ, ଷ୍ଟଲ୍, ଷ୍ଟଲ୍, ଗଡ ତୋର ବା'ର ଅଙ୍କ—ଗୋରା ଚମଡ଼ାର ବୋଟି ବୋଟି ଗୋଟି ଅଙ୍କ । କଳା କହିଲେ—ରେକ୍ ରେକ୍ ଗଡ ତୋର ବାର ଅଙ୍କ ନିମକ ସତ୍ତା ଗୋଲାମ କଳା ଜାତିର ଅଙ୍କ । ପରେ ହିଂଗ ନଟଗଟିର ସଂଘର୍ଷ ହେଲା । ଗାଡ଼ି ଛାଡ଼ିବା ପର୍ଯ୍ୟନ୍ତ ଅଧି ପୂର୍ଣ୍ଣ ହାତେ ଅଗକୁ ଗୁଳ-ଥାଏ । ଶେଷରେ ନିଷ୍ପତ୍ତି କଣ ହେଲା, କିଏ ବଡ଼ କିଏ ସାନ ସାବ୍ୟସ୍ତ ହେଲା ଜଣା ନାହିଁ । କିନ୍ତୁ ତାପରେ ବି ଅନେକ କଳା ବଡ଼ ବଡ଼ ପାହ୍ୟାର ଲୋକେ ସାହେବ ପୋଷାକ ପିନ୍ଧି ସାହେବ ହେବାକୁ ଚେଷ୍ଟା କରୁଛନ୍ତି । ଯଦି ସାହେବ ହୋଇଯାନ୍ତି ହୁଏତ ଏ ଅମମାନଙ୍କୁ ରକ୍ଷା ମିଳିଯିବ । କମ୍ବଳର ଲୋମ ପ୍ରାୟ ସାହେବଙ୍କୁ ଗୁହିଁ ଗୁହିଁ ଯଦି ମୁକ୍ତ ହୁଏ । ଭଗବତ କହିଛି—ନିଶ୍ଚଳ ଧ୍ୟାନ ଯଦି ରହେ—ଏକାନ୍ତ ପ୍ରେମ ହୃଦୟେ ଲଭେ—ଜନ୍ମର ସେହି ରୂପ ଧରେ—ଯେପରି କୀଟ ପେଶସ୍କାର ।

କେତେକ କଂଗ୍ରେସ ଏମ୍, ଏଲ୍, ଏ, ଆପଣାକୁ କମ୍ୟୁନିଷ୍ଟ ବୋଲିକି ଯୁବକର ସାହାଯ୍ୟ କରନ୍ତି ବୋଲି ମୁସଲିମ୍ ଲିଗ ପାର୍ଟିର ମନ୍ତ୍ରୀମଣ୍ଡଳରେ ଯୋଗ ଦେବେ, ଡେଲ ଟପ ସହି ଦେଇ ଦେଲେ । ଜଣିକି ମହାପାତ୍ର ସେମାନଙ୍କୁ କଂଗ୍ରେସ ପାର୍ଟିରୁ ବାଦ ଦେଇ କଂଗ୍ରେସ ଅପେକ୍ଷି ଦଳ ସଂଖ୍ୟାନ୍ୟୁନ ବୋଲି ସଚେତ କରିବାରୁ ଜଣେ ଚଳିତ ମନ୍ତ୍ରୀ ବିଚାର କରନ୍ତି ଯେ ତାଙ୍କୁ କଂଗ୍ରେସରୁ କେହି ଅଲଗା କରି ନ ପାରେ । ତାଙ୍କ ମତରେ କଂଗ୍ରେସ ଅପେକ୍ଷିତ ଦଳ ସଂଖ୍ୟା ଗରିଷ୍ଠ । ଦଳ କେବଳ ଏମିତି ଛାଡ଼ ହେଲେ ଛାଡ଼ ହେଲା ବୋଲି ନିଆଯାଏ । ତାଙ୍କ ପଛଆଡ଼େ ଗଣ୍ଡିଟାକୁ ଦେଖାଇ ଦେବା ପାଇଁ ସେ କଂଗ୍ରେସ ନେତା କରଣ ଶଙ୍କର ରାୟ ଏବେ କହିଛନ୍ତି—ଏକଥା ଅତି ସ୍ପଷ୍ଟ—ଲୁଟିଅ ଯୁବକର ଯୋଗ ଦେବା ପରେ କମ୍ୟୁନିଷ୍ଟମାନେ ଏ ଯୁବକୁ ଜନଯୁଦ୍ଧ ବୋଲି କହି ଆସୁଛନ୍ତି—'ଏକଥା ସେ ନିଜେ ମାନୁଛନ୍ତି ମଧ୍ୟ । କଂଗ୍ରେସର ଘୋଷିତ ନୀତିର ଏହା ସ୍ପଷ୍ଟ ବିରୋଧୀ ଏବଂ ଉଦ୍ୟମର ଅପଳାପ । ଯେଉଁ କାରଣରୁ ହେଉ ସେମାନେ ଏହାଦ୍ୱାରା କଂଗ୍ରେସର ବିରୁଦ୍ଧାଚରଣ କରିଛନ୍ତି—ଏକଥା ଅସ୍ୱୀକାର କରି ହେବନାହିଁ । ଦୁଇ ବିଭିନ୍ନ ମତର ଅନୁଗତ ବ୍ୟକ୍ତିକୁ କୌଣସି ନାମୀ ଅନୁଷ୍ଠାନ ଗ୍ରହଣ କରି-ପାରେ ନାହିଁ ! ତଥାପି କମ୍ୟୁନିଷ୍ଟମାନେ କଂଗ୍ରେସ ବାନା ନ ଛାଡ଼ିବାର ଅର୍ଥ କଣ ବୁଝିହେଉ ନାହିଁ ?

---

## ବଡ଼ ମୁହଁରେ—

ଖାଦ୍ୟର ପୂର୍ତ୍ତି ପ୍ରତିଷ୍ଠା ଓ ସାଂପ୍ରଦାୟିକ ଏକତା ତଥା ସ୍ୱରାଜ୍ୟ ବ୍ୟାପକତା ନିକଟରେ ହୋଇଛି ।—(ଗାନ୍ଧିଜୀ)—ସୂର୍ଯ୍ୟର ନିକଟରେ ଅଧିକ ଅନ୍ଧାର ବୋଧହୁଏ ।

ଇତିହାସ ବଡ଼ ବଡ଼ା ଉତ୍ଥାନ ।—ସେଥିପାଇଁ ଅଧମ ଦୁଃଖ ସହିବା—(ଗୋବେଲସ)—ତଥାପି ପାଠ ଶିଖୁନାହିଁ ।

ସଂସଦୀୟ କାର୍ଯ୍ୟକ୍ରମ ଗ୍ରହଣରେ ( Parliamentary pro-grame ) ଭାରତ ସ୍ୱାଧୀନ ହୋଇପାରେ ଏ କଥାକୁ ଭୁଲି ଯିବାକୁ ପଡ଼ିବ —(ଗାନ୍ଧିଜୀ)—କିନ୍ତୁ କିଛି ବୋଝ ଯାଇଛି ଅଟିଛି ମୁଣ୍ଡ ।

ସଂସାରର ଗତି ବଳ ନୁହେଁ ।—(ଜାପାନ ମନ୍ତ୍ରୀ)—ଆଉ ଯେ ଗତି ନାହିଁ ।

ଯୁଦ୍ଧ ବେଗରୁ ଜାତିକୁ ମୁକ୍ତ କରି ନପାରିବା ପାଇଁ ଜାତି ଦାୟୀ—(ଜେନେରାଲ ସାମ୍ନୀ ହେର୍ଜନ)—ଅପ୍ରସ୍ତୁତ !

Digitized by srujanika@gmail.com

# ବଜ୍ର ମୁହଁରେ……

ପାର୍ଲିମେଣ୍ଟ ସଦସ୍ୟ ପ୍ରଫେସର ହଲ୍ କହିଲେ—"ଉପନିବେଶମାନଙ୍କର ଘରୋଇ କଥାରେ ଆମେ ଯେମିତି ହାତ ବଢ଼ାଉନା ଭାରତ ମାମଲାରେ ଠିକ୍ ସେମିତି କରିବା ଉଚିତ।"—ତେଣେ ମାମଲାଟା ଖରାପ ହେଉଥିବ ଯେ!

ସେ ପୁଣି—'ଭାରତର ଅବସ୍ଥା ଜନିତ ଅପରାଧକୁ ସେ ବ୍ରିଟେନ ମୁଣ୍ଡରେ ଲଦି ନ ଦେଉ।'—ବ୍ରିଟେନ ଯେ ସେ ବୋଝ ଦାୟୀ କରି ବହିଛନ୍ତି।

ହିଟଲର କହିଛନ୍ତି—'ଯୁଦ୍ଧର ଶେଷ ଅବଧାନ ମୁଁ ଯାହା କରିବି ସେଥିପାଇଁ ଭଗବାନ ମୋତେ କ୍ଷମା କରନ୍ତୁ।'—ପୁରାଣରେ ଅଛି ଭଗବାନ ସବୁ ପାପକୁ କ୍ଷମା କରନ୍ତି କିନ୍ତୁ ଆତ୍ମହତ୍ୟାକୁ କ୍ଷମା କରନ୍ତି ନାହିଁ।

ଗାନ୍ଧିଜୀ କହନ୍ତି—"ଲୋକ ସେବା କଂଗ୍ରେସଲୋକଙ୍କର ଏକମାତ୍ର ଲକ୍ଷ୍ୟ। ତେଣୁ ନୀରବରେ ଆପଣାର କର୍ତ୍ତବ୍ୟ କରୁ କରୁ ଯେଉଁ ଶବ୍ଦ ଆସିବ ତାକୁ ଖାତିର ନ କରିବା ଅର୍ଥ ହେଉଛି 'କର ବା ମର!'—କିନ୍ତୁ ଲିନଲିଥଗୋ ସରକାର ତାଙ୍କ ତରଫରୁ ଅର୍ଥ କରିଥିଲେ—'ଧର ଓ ମାର।'

ହିଟଲର କହିଛନ୍ତି—"ଯେଉଁମାନେ ଆପଣାକୁ ସାହାଯ୍ୟ କରିବା ପାଇଁ ଦୃଢ଼ପରିକର କେବଳ ସେଇମାନଙ୍କୁ ଭଗବାନ ସାହାଯ୍ୟ କରନ୍ତି।"—ଉଚିତ କଥା, ବ୍ରିଟିଶମାନେ ଭାରତ ଲୋଟି ଦେଇ ଆପଣାକୁ ସାହାଯ୍ୟ କରୁଛନ୍ତି ବୋଲି ସିନା ତାଙ୍କୁ ଭଗବାନ ଏ ଯୁଦ୍ଧରେ ସହାୟ ହେଉଛନ୍ତି। ହିଟଲର ବୋଧେ ଏଥର ଜାଲିତ ସରକାରଙ୍କ ମୁଖପାତ୍ର ହେଲେଣି।

ସେ ପୁଣି—'ଶେଷରେ ସର୍ବବ୍ୟାପୀ ଈଶ୍ୱର ତାଙ୍କ ଆଶୀର୍ବାଦରୁ ଆମକୁ କଦାପି ବଞ୍ଚିତ କରିବେ ନାହିଁ।'—ଈଶ୍ୱର ଏ ଆଶୀର୍ବାଦଟା ଯେଉଁ ସର୍ବନାଶୀ ଯୁଦ୍ଧ ଜିତିବ ଜୟ କାହାର ହେବ?

ଜାପାନ ପ୍ରଧାନ ମନ୍ତ୍ରୀ କାଇସୋ—"ଟୋକିଓ ସହିତ, ଦେବେ ଆମ ପୁଣ୍ୟ ପୀଠରେ ଓହ୍ଲାଇ ପଡ଼ନ୍ତି।"—ପାତାଳ ପୁରୀ ଟଳମଳ।

"କଂଗ୍ରେସ ନେତାମାନଙ୍କୁ ଛାଡ଼ିବାର ତାରିଖ କରୁଥିବ ନାହିଁ।"—(ଆମେରି)—ତାଙ୍କ କାଳ ମୂଷାକଲ ଗୁଡ଼ ଦେବକି?

ଆମେ ଏକ ହେଲେ ଏଇ ଶାସନ ଖସଡ଼ା ତଳେ ଚଳି ସବୁ ପଠାଣି ପ୍ରଦେଶ ଆମ ହାତରେ ରହିବ?—ଜିନା।

କିନ୍ତୁ ତାସ ଘର ଯେ ଭୁଷୁଡ଼ି ପଡ଼ୁଛି।

ଜିନା—"ପାକିସ୍ଥାନ ଆମ ହାତରେ ଅଛି।"—କିନ୍ତୁ ସେ ହାତ ପାଖକୁ ପାଉନାହିଁ।

ଜିନା—"କଂଗ୍ରେସ ତାର ସବୁ ମୂଳନୀତି ଜଳାଞ୍ଜଳି ଦେଇ ସୀମାନ୍ତ ମନ୍ତ୍ରୀତ୍ୱ ଗ୍ରହଣ କଲା।"—କିନ୍ତୁ ମୋ ବୁକରେ ଲାଗୁଛି।

ଜିନା—"କଂଗ୍ରେସ ମନ୍ତ୍ରୀତ୍ୱ ସୀମାନ୍ତ ପ୍ରଦେଶ ଗାଲରେ ଚୂନ କଲା।"—ଜିନାଙ୍କ ମୁହଁରେ ହାଣ୍ଡି କଳା।

"ପାକିସ୍ଥାନ ଗଣଶାନ୍ତିର ପରିପନ୍ଥୀ—" (ପାର୍ଶିନେତା ବାଣ୍ଡ୍ୟା) କିନ୍ତୁ ସାମ୍ରାଜ୍ୟ ଶୃଙ୍ଖଳାର ଅନୁପନ୍ଥୀ।

"ଯୁଦ୍ଧକାଳୀନ କଂଗ୍ରେସ ପ୍ରସ୍ତାବ ସପକ୍ଷରେ ଥିବା ଓଡ଼ିଶା ଆସେମ୍ବ୍ଲି କଂଗ୍ରେସ ସଭ୍ୟମାନଙ୍କ ସଙ୍ଗରେ କମ୍ୟୁନିଷ୍ଟ ହୋଇ ଯାଇଥିବା କଂଗ୍ରେସ ସଭ୍ୟମାନେ ଏକା ଜାଗାରେ ବସି ନ ପାରନ୍ତି।"—(ଭଗିରଥ ମହାପାତ୍ର)

ଲଜ୍ଜା ସରମ ଯାଇ ନାହିଁ, ଅସଜ୍ଞା କହେଁ ସେ ବୋଲାଇ।

—ରଚନାତ୍ମକ କାର୍ଯ୍ୟ ବିନା ରାଜନୈତିକ ସ୍ୱାଧୀନତାରେ ଲାଭ ନାହିଁ।—(ଗାନ୍ଧିଜୀ)—ଲାଭ ୨ ଗଣ୍ଡା ୨ କଡ଼ା।

---

(ଶୁଙ୍ଘିବାକୁ ସାବଧାନ ହେଉ ୮ମ ପୃଷ୍ଠା ଉତ୍ତାରୁ)

ସିଂହଳ ଏଥର ଶଙ୍କା ନାମରେ ଅଭିହିତ ହେବ।—ଲଙ୍କା ଭସ୍ମ ହେଉଥିବ।

ଜର୍ମାନ ବେଙ୍କରେ ୧୦୦ ଟନର ସୁନା ଜବତ ହୋଇଛି। ଖୋଦା ଛପର ଫାଡ଼ିଲେ।

ଶୁଣାଯାଏ ଭାରତ ହାତକୁ ଶାସନ ଦାୟିତ୍ୱ ଦେବା ପାଇଁ ବିଲାତରେ ଓ୍ୟାଭେଲ ସାହେବ ଲଢ଼ୁଛନ୍ତି।—ଜଣା ପଡ଼ିଲା ମା—

ମହାତ୍ମା ଗାନ୍ଧି ମହା ବାଲେଶ୍ୱର ଯିବେ।—ଅଜ୍ 'ଜଗର' ସମ୍ପାଦକ ବାବୁଙ୍କ ଘରରେ।

ନେଫ୍‌ରୋଣାରେ ବ୍ୟାପକ ସଭା ହୋଇଛି।—କମ୍ୟୁନିଷ୍ଟ ମୁଜାଫର ଅହମଦ ସଭାପତି ହୋଇ କଂଗ୍ରେସକୁ ଗାଳି କରିଛନ୍ତି।—ବ୍ରିଟିଶ ସରକାର ପାଣ୍ଠି ପଠେଇ ଦେଇଛନ୍ତି।

ରୁଜଭେଲ୍ଟ ଯମ ମନ୍ଦିର ଗଲେ।—ଚର୍ଚ୍ଚିଲ୍ ସ୍ଥିର-ଭୁମିଛନ୍ତି।

ଋଷ ଜାପାନ ସହିତ ସମ୍ପର୍କ ତୁଟାଇବା—ଶନୈଃପନ୍ଥା।

ଚର୍ଚ୍ଚିଲ ତାଙ୍କ ଯୁଦ୍ଧ ଉଦ୍ଦେଶ୍ୟ ଦେଖିଲେ—ଗୀତାର ଭଗବଦ ବାଣୀ।

ପୋଲଣ୍ଡର ଭୂତପୂର୍ବ ପ୍ରେସିଡେଣ୍ଟ ମୋସ୍କି ରୁଷିଆ ଲୋକେ ହିଂସ୍ରୋଚନ କରି ଦେଉଛନ୍ତି।—ଦୁର୍ବିପାକ।

Digitized by srujanika@gmail.com

# ହରିଙ୍କି ଗୋବିନ୍ଦ ବନମାଳି.........

## ସ୍ୱର୍ଗତ ମନିଷୀ ମନବୋଧ ସାହୁ

ପ୍ରିୟ ନାଗଭାଇ ଭଉଣୀମାନେ,

ଗୋଟିଏ ବଣ ମଲ୍ଲୀର କଥା କହିବି । ୰ ମନବୋଧ ବାବୁଙ୍କୁ କେହି ଜାଣନ୍ତି ନାହିଁ । ୰ମନବୋଧ ବାବୁଙ୍କ ଭଳି ଗୁଣୀ, ବହୁଦର୍ଶୀ ବ୍ୟକ୍ତିର ଗୁଣ ଗୌରବକୁ କେହି ଚିହ୍ନି ପାରି ନାହାନ୍ତି । ସେ ଯାହା କିଛି ଓଡ଼ିଆ ଜାତିକୁ ଦାନ କରି ଯାଇଛନ୍ତି ତାହା ଅପ୍ରକାଶିତ ଥିଲେହେଁ ପ୍ରଣିଧାନର ଯୋଗ୍ୟ ।

ମନିଷୀ ମନବୋଧ ବଲାଙ୍ଗୀରର (ପାଟଣା ଷ୍ଟେଟ ରାଜଧାନୀ) ଅଦୂରବର୍ତ୍ତୀ ଯୋଗୀସର୍ଡା ଗ୍ରାମରେ ୧୮୯୦ ଖ୍ରୀଷ୍ଟାବ୍ଦରେ ଚୈତ୍ର ଶୁକ୍ଳ ଏକାଦଶୀ ମଙ୍ଗଳବାର ଦିନ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବୃଦ୍ଧ ପିତା ବଢ଼େଇ ବୃତ୍ତି ଦ୍ୱାରା ସାଧୁ ଭାବରେ ଜୀବିକା ଅର୍ଜ୍ଜନ କରୁଥିଲେ । ପିତାଙ୍କ ଅଳ୍ପ ଆୟରେ ସେ ପଢ଼ି ପାରିଲେ ନାହିଁ । ତାଙ୍କ ପିତାମହ ମନବୋଧଙ୍କ ପଢ଼ିବା ପାଇଁ ବହିପତ୍ର କିଣି ଦେଉଥିଲେ । ଗ୍ରାମ ଉ: ପ୍ରା: ବିଦ୍ୟାଳୟର ଶିକ୍ଷା ଶେଷ କରି ବଲାଙ୍ଗୀରକୁ ଉଚ୍ଚଶିକ୍ଷା ପାଇଁ ଆସିଥିଲେ । କିନ୍ତୁ ଦାରିଦ୍ର୍ୟ ପଦେ ପଦେ ବିପଦ । ଅର୍ଥ ଅଭାବରୁ ସେ ସ୍କୁଲ ଛାଡ଼ିବା ପାଇଁ ମନସ୍ଥ କରିଥିଲେ । ଭାଗ୍ୟ ହେତୁ ବିଦ୍ୟାଭ୍ୟାସରେ ସେ କୃତିତ୍ୱ ପ୍ରଦର୍ଶନ କରି ମାସିକ ସାମାନ୍ୟ ଛାତ୍ର ବୃତ୍ତି ପାଇଲେ । ତତ୍କାଳୀନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଭବଚନ୍ଦ୍ର ସାଏ ଓ ଶ୍ରୀଯୁକ୍ତ ଗୌରାଙ୍ଗ ଭୋଇ ତାଙ୍କୁ କିଛି କିଛି ଅର୍ଥ ଦାନ କରିଥିଲେ । ସେ ସମୟରେ ବଲାଙ୍ଗୀରରେ ହାଇସ୍କୁଲ ନଥିବାରୁ ବେଶୀ ନପଢ଼ି ଚାକିରି ଖୋଜିବାରେ ଲାଗିଲେ । ସ୍କୁଲ ବିଭାଗରେ ରହିବା ପାଇଁ ତାଙ୍କର ବଳବତୀ ଇଚ୍ଛା ହେଲା । ଏହା ଭାବି ସେ ୧୯୧୧ରେ ବେଙ୍ଗୋମୁଣ୍ଡା ମି: ଇ: ସ୍କୁଲରେ ଶିକ୍ଷକତା କରିଥିଲେ । ୧୯୧୨ ଓ ୧୯୧୩ ଦୁଇବର୍ଷ ଜରସିଂହାରେ ଘରୋଇ ଶିକ୍ଷକରୂପେ କାର୍ଯ୍ୟ କରିଥିଲେ । ଏହି କାଳ ମଧ୍ୟରେ ସେ ନିଜେ ନିଜେ ମଧ୍ୟ ଅଧ୍ୟୟନ କରୁଥିଲେ । ଏହାପରେ ସେ ୧୯୧୩ ସାଲ ନଭେମ୍ବର ମାସରେ ଜରସିଂହା ଜମିଦାରଙ୍କଠାରୁ କିଛି ଅର୍ଥ ସାହାଯ୍ୟ ପାଇ କଟକ ଯାତ୍ରା କଲେ । ସେଠାରେ ପ୍ୟାରୀମୋହନ ଏକାଡେମୀରେ ନିର୍ବାଚନ ପରୀକ୍ଷା ଦେଇ ସେଥିରେ କୃତକାର୍ଯ୍ୟ ହେଲେ ଏବଂ କଲିକତା ବିଶ୍ୱବିଦ୍ୟାଳୟର ମାଟ୍ରିକ୍ୟୁଲେସନ ପରୀକ୍ଷାରେ ୧୯୧୪ ସାଲରେ କୃତିତ୍ୱ ସହ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ ବଲାଙ୍ଗୀରରେ Assistant Subdivisional Accountant Clerkରେ ୧୯୧୪ ରେ ୫୨୫୯ ବେତନରେ ନିଯୁକ୍ତ ହୋଇଥିଲେ । ତାଙ୍କର ମାତୃବିୟୋଗ ଠିକ୍ ଏହିକବେଳେ ଘଟିଥିଲା ଓ ସେ "ମାତୃଭୂମିସ୍ମୃତି" ନାମକ କାବ୍ୟ ଲେଖିଥିଲେ । ବର୍ତ୍ତମାନ ତାହିଁର ପେନସିଲ ଲେଖା ଦେଖିବାକୁ ମିଳେ । ୧୯୧୬ରେ ସେ ପୂର୍ତ୍ତ ବିଭାଗରେ କିରାଣୀ କାର୍ଯ୍ୟ କଲେ । କିରାଣୀ ଜୀବନ ଖଟି ମଧ୍ୟ ସେ ବାଣୀ ଅର୍ଚ୍ଚନାରେ ମନ ପ୍ରାଣ ଢାଳିଥିଲେ ।

୰ ମନବୋଧ ପାଲି ଭାଷା ଶିକ୍ଷା କରି ପାଟଣାର ରାଣୀପୁର ଝରିଆଲର ଶିଳାଲିପି, ଫାଣିତଲ, ଚଳ-ଚକ୍ର, ହେଲ ହେଳ ଓ ଲକ୍ଷ୍ମୀମା ତାମ୍ରଶାସନ ଗୁଡ଼ିକର ପାଠୋଦ୍ଧାର କରିଥିଲେ । 'ସହକାର' ଆଦି କେତେ ସାମୟିକ ପତ୍ରିକାରେ ସେ କେତେ ଲିପି ପ୍ରକାଶ କରିଥିଲେ ।

୧୯୧୭ ସାଲରେ ତାଙ୍କ ମୃତ୍ୟୁ ପରେ ୧୯୩୭ ସାଲରେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱବିଦ୍ ସ୍ୱୟଂ ଉମାପତି ସହିତ ତୁଳନା କରି ସେ ଗୁଡ଼ିକ ଅଭ୍ରାନ୍ତ ଥିବାରୁ ଉଲ୍ଲେଖ କରିଛନ୍ତି ।

୰ ମନିଷୀ ମନବୋଧଙ୍କ ଅବିରାମ ଚେଷ୍ଟା ଦ୍ୱାରା ପାଟଣା ଷ୍ଟେଟରେ ମାତୃସାହିତ୍ୟ ପ୍ରସାର ଲାଭ କରିଥିଲା । ୧୯୧୦ରେ ସେ 'ମାତୃସମାଜ' ନାମକ ଏକ ସାହିତ୍ୟ ସମାଜ ପ୍ରତିଷ୍ଠା କରିଥିଲେ । 'ବୂଲଶ୍ରୀ' ନାମ୍ନୀ ହାତଲେଖା ମାସିକ ପତ୍ରିକା ଏହାର ମୁଖପତ୍ର । ତାଙ୍କ କେତେକ ଲେଖା 'ସହକାର'ରେ ଦେଖିବାକୁ ମିଳେ । ସେ 'ମାତୃଭୂମିସ୍ମୃତି' (କାବ୍ୟ) ବର୍ଷ-ନିର୍ଣ୍ଣୟ, ସମ୍ବଲପୁରୀ ଭାଷାତତ୍ତ୍ୱ, ଉତ୍କଳ ଶବ୍ଦାଭିଧାନ (ସମ୍ବଲପୁରୀ ଭାଷାରେ) ଏବଂ ଅସଂଖ୍ୟ କବିତା ଓ ଗଳ୍ପ ଲେଖି ଯାଇଛନ୍ତି । ତାଙ୍କ ହସ୍ତଲିଖିତ 'ଜ୍ୟୋତିଷୀ-ସହନାମୃତ' ଜ୍ୟୋତିର୍ବିଦ୍ମାନଙ୍କଲାଗି ଗୋଟିଏ ଅମୂଲ୍ୟ ଦାନ । ତହିଁପାଇଁ ଜ୍ୟୋତିର୍ଗଣନ ୬୦୦ ପୃଷ୍ଠାର ପ୍ରକାଣ୍ଡ ଗ୍ରନ୍ଥ ଲେଖିଥିଲେ ।

ବହୁ ଆଗରୁ ଗଣନା କରି ନିଜର ଅକାଳ ମୃତ୍ୟୁ ଜାଣି ପାରିଥିଲେ । ସେ ନିଜ ପୁତ୍ର-କନ୍ୟାମାନଙ୍କୁ ଟୁଅର କରି ଶେଷରେ ୨୫।୨।୧୭ରେ ସାମାନ୍ୟ ଜ୍ୱର ରୋଗରେ ଢଳି ପଡ଼ିଲେ ।

—ଶଙ୍କର ପ୍ରସାଦ ପୁରୋହିତ

Digitized by srujanika@gmail.com

REG. No. P. 441. THE DAGARO—16. 4. 1945.

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରବୀଣ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଳି ବା ଚକ୍କଡ ଚିହ୍ନ, ହସ୍ତାଙ୍ଗୁଳି ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫ ୮ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଳି ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ୫୧୮ଙ୍କା ମାତ୍ର ୫ ୨ ୮ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ**

ଆଲମଚାନ୍ଦ ବଜାର, କଟକ

---

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମ୍ୟାଲେରିଆ କୋଟି କୋଟି ନର ନାରୀ ରୋଜ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରେକ୍ସ ବ୍ୟବହାର କଲେ ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ **ଆରୋଗ୍ୟ** ହୁଏ । ବୃହତ୍ ଓ ଶକ୍ତ ପ୍ଲୀହା, ଯକୃତ, ମ୍ୟାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଆଧୁନିକ ଜଗତରେ **"ପାଇରେକ୍ସ"** ( ରେଜିଷ୍ଟାର୍ଡ ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି ।
ମୂଲ୍ୟ:—୫ ୨୧୮ ( ପ୍ରତି ଶିଶି )

**'ଅନନ୍ତ ରସ ସାଲସା'**—ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।

ହେଡ୍‌ଅଫିସ—ମେସାର୍ସ ବହୁବଜାର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍, କଲିକତା ।

ପ୍ରାପ୍ତିସ୍ଥାନ:—ମନମୋହନ ବୁକ୍‌ସପ୍

ନଂ ୧୩୭ । ୨ ବହୁବଜାର ଷ୍ଟ୍ରିଟ୍, କଲିକତା, ଓ ମନମୋହନ ପ୍ରେସ, କଟକ ।

---

Printed & published by G. C. Mahapatra at the Gopinath Press, Bhadrak. 1945.

ବାର୍ଷିକ ତିନିଟଙ୍କା ଆଠଅଣା ରାଜସଂସ୍କରଣ ବାର୍ଷିକ ପାଞ୍ଚ ଟଙ୍କା

Digitized by srujanika@gmail.com

୮ମ ବର୍ଷ – ବୈଶାଖ ପ୍ରଥମାର୍ଦ୍ଧ – ୨୩ଶ ସଂଖ୍ୟା




Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

# ପାଇଓନିଅର କମର୍ସିଏଲ୍ ବ୍ୟାଙ୍କ ଲି:—

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା ନାରାୟଣଗଞ୍ଜ, ସାତ୍‌ରିଆ, ଇଣ୍ଡିରଡି, ଜୟନଗର, ମଜଲପୁର, ମିତ୍ରଗଞ୍ଜ

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା,

(କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲା ଯାଉଛି)

ମେନେଜିଂ ଡିରେକ୍ଟର—

ନୂଆଦିଲ୍ଲୀ, ନାଗପୁର । **ସ୍ୱା—ପି. ଏନ୍: ରାୟ୍ ଚଉଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ଜମା ଦେଲେ—ବ ୪ ର୍ଷ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।


---

# 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ତା ୧ ରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩ ୟ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କଠାରୁ ଖଣ୍ଡିଏ 'ଡଗର' ଦୁଇଅଣା ଦେଇ ପାଇପାରିବେ ।

୪ । 'ଡଗର' ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ, 'ଡଗର' ପୋଃ ଭଦ୍ରକ ( B. N: R. )"ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକଟିକଟ ନ ଥିଲେ କବିତା, ପ୍ରବନ୍ଧ ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---


ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର; ପରିଚାଳନା ସମ୍ପାଦକ;— ଶ୍ରୀ ବ୍ରଜମୋହନ ଦାସ



Digitized by srujanika@gmail.com

# ହୁକାହୁକା ହୁଆ

## ( ବିଲୁଆ ବିଗୁଲ )

ଜଗତ-ଶାନ୍ତିର ଅକ୍ଷୟବଟ ଅଉ କେଉଁଠି ବଞ୍ଚିପାରିବ ନ ହେଉ, ସେଥିର ବୀଜ ରୋପା ହେଉଛି ନ୍‌ ଫ୍ରିସ୍କୋ ବାରୁଣୀ ମେଳାରେ । ଏଠି ବୁଡ଼ଟାଏ ନ ମାରିଲେ ମୋକ୍ଷ ଲାଭ ହୋଇ ପାରିବ ନାହିଁ ଜାଣି ଅଧିକାଂଶ ଲୋକେ ଚୂଡ଼ା ଗୁଡ଼ ବାନ୍ଧି ଧାଇଁ-ଛନ୍ତି । ନିମନ୍ତ୍ରଣ ନ ମିଳିଲେ ସୁଦ୍ଧା ଆମ ଶ୍ରୀମତୀ ବିଜୟ ଲକ୍ଷ୍ମୀଙ୍କ ପ୍ରୀତିରେ କେଜାଣି, ସତୀ ଦକ୍ଷ ଯଜ୍ଞକୁ ଗଲା ଭଳି ଆପେ ଯାଇ ହାଜର । ତେବେ ମାନିନୀ ଦକ୍ଷ ନନ୍ଦିନୀ ଅପମାନରେ ଜୀବନ ହତ୍ୟା କରିଥିଲେ, ମାତ୍ର ବିଜୟଲକ୍ଷ୍ମୀ ଅପମାନକୁ ଅଗ୍ରାହ୍ୟ କରି ପ୍ରବେଶ ନିଷେଧ ସତ୍ତ୍ୱେ ବାହାରେ ହଲ୍ଲା କରିବାରେ ଲାଗିଛନ୍ତି । ଏ ସମ୍ମିଳନୀରେ ଯେ ତାଙ୍କର ବକ୍ତବ୍ୟ ଅଛି ଓ ଏ ତାମସାକୁ ସେ ଯେ ଗୁରୁତ୍ୱ ଦେଉଛନ୍ତି, ଏହା ଦେଖି କାହାକୁ ତାଜୁବ ନ ଲାଗିବ ! । + ଉଡ଼ା ଖବର ବାହାରିଛି ଯେ ବଡ଼ଲାଟ ୱାଭେଲ ସାହେବଙ୍କର ଭାରତ ସଚିବ ଆମେରୀଙ୍କ ସହିତ ମତ ମିଳୁନାହିଁ—ଭାରତ ପ୍ରଶ୍ନ ସମାଧାନ ବିଷୟରେ । ଅର୍ଥାତ୍ ୱାଭେଲ ଯେତେ ଲଗାମ ଛାଡ଼ିବା ପକ୍ଷରେ, ଆମେରି ସେତିକି ଭିଡ଼ିବା ପକ୍ଷରେ । କିଏ ଜାଣେ ୱାଭେଲ ସାହେବ ଏଥିରେ ଢେର୍ ଅପସୋଷ କରି ହେଉ ବା ମାନ୍ତ ମାରି ହେଉ, ନୌକିରି ଇସ୍ତଫା ଦେବା ଉପରେ । ମିଲିଟାରି ମିଜାଜର ଲୋକ ଯେତେବେଳେ, ସେ ଏହା କରିବା ଆଶ୍ଚର୍ଯ୍ୟ ନୁହେଁ । ଏହାରେ ଛଡ଼ା-ଭିଡ଼ା ଅର୍ଥାତ୍ ନରମ-ଗରମ କରିବା ଯେ ବ୍ରିଟିଶ ସରକାରଙ୍କ ଅଦବ୍ ଏହା ବଳାଗିଦିଆ ଭାରତବାସୀଙ୍କୁ ଅମାଲୁମ ନାହିଁ । ଭାରତ ଶାସନ ଆଇନ ଖସଡ଼ା ଓ ଗୋଲଟେବୁଲ ପାଲି ବେଳରେ ଚର୍ଚ୍ଚିଲଙ୍କର ଓଲଟ ଚଁର ମାଡ଼ କାହାର ବା ମନରେ ନ ଥିବ ! ଓଃ—ଆମ୍ଭ ... ଭଲଟ ବୋଲି ସିନା ଆମ ଲାଗି ଏତେ ଲଢ଼ୁଛନ୍ତି । ଆମ ବୁଦ୍ଧି ଏଥିରେ କାଶ୍ମେ ରେଃ ହୋଇ ଯାଉଛି ସିନା ! କିନ୍ତୁ.....ବଂଶୀର ଘର ପାରି ଯେ !

\+ × + +

ଭାରତର ମୁକ୍ତି ଯେ ଘଟାଇ ଆଣିବ ଏକଥା ସମସ୍ତେ ଏକବାକ୍ୟରେ କହୁଛନ୍ତି । ବିଶେଷତଃ ଜର୍ମାନ ଭୂଷୁଡ଼ି ପଡ଼ିବା ସଂବାଦରେ କଥାଟା ପେଟେଇ ଉଠିଛି, କେବଳ ଅଜ୍ଞାତ ପଡ଼ିଛି—ଆସିବ କୁଆଡ଼ୁ—ପୂର୍ବରୁ ନା ପଶ୍ଚିମରୁ—ଅର୍ଥାତ୍ ବିଲାତି ଲଣ୍ଡନରୁ ନା ଆମେରିକା ଫ୍ରିସ୍କୋରୁ । ଏହି କଥା ଯେଉଁ ଜଗର ସଭ୍ୟ ବଳୁଆମାନଙ୍କ ଭିତରେ ବହୁତ ଦିନର ଖେଞ୍ଚାଖେଞ୍ଚି ବାହ୍ନିବା ମାଡ଼ ହୋଇ ଶେଷରେ ନଖ, ଦନ୍ତାଦି ବାରବାର ହେବାର ଯୋଗାଡ଼ ହୋଇ ଯାଉଛି । କେବଳ ସଭାପତିଙ୍କ ସ୍ୱକୀୟ କ୍ଷମତା ବଳରେ ମୀମାଂସାଟାକୁ ମୁଲତବି ଦିଆ ହୋଇଛି ମାତ୍ର । ଅତେବ ଭାୟା ସବୁର—ସବୁର— ସବୁରକା ଝାଡ଼ମେ ମେଓ୍ୱା ଫଲତା ହୈ ।

× × + +

ପ୍ରଶ୍ନଟା କିନ୍ତୁ ଏତେ ସରଗରମ ହୋଇ ଉଠିଛି ଯେ ମୁଲତବି ଦେବାକୁ ତର ସହୁନାହିଁ କାହାର । କ୍ଷଣ କଣେକ ଥିବ ! ସେଥିପାଇଁ ସମସ୍ତେ ଅଥାଇନ ହୋଇ ପହଞ୍ଚିଲେ ଯାଇ ବାରବୋଲି ପଣ୍ଡିତଙ୍କ ଘରେ । ମାହାପାତ୍ରେ ଗଣ୍ଡ ଥକିତ ହୋଇ ଭାଷିଲେ—"ଏ ଜଗତରେ ଗ୍ରହମାନଙ୍କ ଗତି ବିଧିର ଆନଙ୍କାନ ବା ଠିକଠିକଣା ନ ଥିବାରୁ କିଛି କହି ହେବନାହିଁ ।

ତାହିଁ ବାଲିଆପୋଦା ଅଣ୍ଡା ଧରିବା ଛଡ଼ା ଆଉ ଗତି ନାହିଁ । ସେଠି ବହୁତ ଗୁହାରି କଲା ଉତ୍ତରୁ ପାଗଳ ବାବା ହୁକୁମ ଦେଲେ କି, "ରେ ବାଳୁତଗଣ, ଚିନ୍ତା କରନାହିଁ । ଏ ମୁକ୍ତି ପୂର୍ବ ବା ପଶ୍ଚିମ, ଉତ୍ତର ବା ଦକ୍ଷିଣ କେଉଁଠୁ ଆସିବ ନାହିଁ—ଏହା ଆସିବ ଶୂନ୍ୟମାର୍ଗରୁ—ମୂଳ ଶୂନ୍ୟାକାର ଧରି ।

ବୋଇଲ ପର—

ଶୂନ୍ୟେ ଶୂନ୍ୟ ଶବଦ  କେ ପାଇବ ତାର ଭେଦ<br>
ଅଲେଖ ଶୂନ୍ୟ ମୂଳରେ ଲଗା ଲମ୍ବରେ ।<br>
ଶୂନ୍ୟରୁ କ୍ଷରିବ ସୁଧା  ଅଣାକାରେ ହେବ ଗଦା<br>
ଅତନା ମୂଳ ବନ୍ଦରେ ହୁଅ ଅନ୍ଧରେ ।

× × + +

ନୂଆ ଦିଲ୍ଲୀର ଇନ୍ଦ୍ରପ୍ରସ୍ଥରୁ ଏକ ନୂଆ ଗୀତ ପଦେ ହେଉଛି । ୱାଭେଲ ସାହେବଙ୍କ ନ ଥିଲା ବେଳରେ ତାଙ୍କ ଗଣ୍ଡି ପେଣ୍ଡା ଦେଇ ପଡ଼ିଛି । କିନ୍ତୁ ଘଟଣା ଘୋଡ଼ା ନୁହେଁ କି ଗଣ୍ଡି ନୁହେଁ; ଷ୍ଟାଇଲ—ଦେଶି, ଧ୍ୱନି—ଇଂଲଣ୍ଡ ରା

Digitized by srujanika@gmail.com

ଘୋଡ଼ାଙ୍କ ମିଶ୍ରଣରେ ଯାହା ହବାର କଥା ସେଇଆ ହେଇଛି । ଏତିକି ଆଶ୍ଚର୍ଯ୍ୟ ଯେ ଏ ଦୋନସଲ ଖବର ଓ୍ୟାରସ କେହି ମିଳୁନାହିଁ । ଓ୍ୟାଭେଲଙ୍କ କଳା ସଇସମାନେ କହନ୍ତି ଆମ ଶାଳକୁ ଆସିଲେ କ'ଣ ହେଲା ଏ ତ ସର୍ବସାଧାରଣଙ୍କର । ଆଉ ସର୍ବସାଧାରଣ କହନ୍ତି ଏ ସର୍ବସାଧାରଣରେ ବୁଲୁଥିଲେ କ ହେଲା—ଆମେ ତାକୁ ଜନ୍ମ ଦେଇନାହୁଁ । ଏ ଖଚଟା ଖାଇବାକୁ ନ ପାଇ ହାଲେ ମରିଯିବ ସେଥିପାଇଁ ଦାନା ସଂଗ୍ରହ ଉଦ୍ଦେଶ୍ୟରେ ଇଂଲଣ୍ଡ ଓ ଆମେରିକାରେ ଭେକବର୍ତ୍ତୀଙ୍କ ବ୍ୟବସ୍ଥାର ବନ୍ଦୋବସ୍ତ ଚାଲିଛି । ଶୁଣାଯାଏ ଏଇ ଜାତ ସାଙ୍ଗରେ ଭାରତ ସରକାର ତାଙ୍କ ନୂଆ ଯୁଦ୍ଧୋତ୍ତର ଖେଚଡ଼ା ଶିଳ୍ପ ଯୋଜନାର ବିବାହ ବ୍ୟବସ୍ଥା ମଧ୍ୟ କରୁଛନ୍ତି । ଓ୍ୟାଭେଲ ସାହେବ ଆସି ବିବାହ ଭୋଜରେ ବଳ ଡାଲ୍ଟରେ ଗାଇବେ—

ଦେଶରେ ଭରି ଶୁଖିଲା,
ଅଭିଧାନରେ ଉଆଶ ହେଉଛି ପାଳଧୂଆ ଫୁଲ ମୁଖିଲା ।

× + + +

ବଙ୍ଗଳା ଓଡ଼ିଶାରେ ଅକାଳ ପଡ଼ିଲା ; ଦୋଷ କାହାର ? ଦୋଷ ସେଇ ଦୁର୍ଭିକ୍ଷର । ଦୁର୍ଭିକ୍ଷ କାହିଁକି ପଡ଼ିଲା ? ଲୋକଙ୍କର ଅଇଷ ପୂରିଲା । ଲୋକଙ୍କର ଅଇଷ କାହିଁକି ପୂରିଲା ? ଲୋକେ ସରକାରଙ୍କ ଯୁଦ୍ଧରେ ଯୋଗ ନ ଦେଇ ରାଜଦ୍ରୋହ କଲେ । ଲୋକେ ରାଜଦ୍ରୋହ କାହିଁକି କଲେ ? ବିନାଶ କାଳେ ବିପରୀତ ବୁଦ୍ଧି ।

'ଉଡ଼ହେଡ଼' (କାଠମୁଣ୍ଡ) ଦୁର୍ଭିକ୍ଷ ଜାଞ୍ଚ କମିଟି ଏମିତି ଏକ ଗବେଷଣାପୂର୍ଣ୍ଣ ପ୍ରକୃତ କାରଣ ନଦେଇ ଲେଖିଛନ୍ତି ଯେ ଭାରତ ସରକାରଙ୍କ ଦୂରଦର୍ଶିତା ଅଭାବ, ବଙ୍ଗ ସରକାରଙ୍କ ହେଲା ହେଙ୍ଗଳା ମାର୍କା ମନ୍ତ୍ରୀମଣ୍ଡଳ ସହିତ ନୌକରସାହି ଶାସନ କଳର ଅସହଯୋଗ ଏ ଦୁର୍ଭିକ୍ଷ ପାଇଁ ଦାୟୀ । ଛି ଛି ଛି ଛି—ଉଡ଼ହେଡ଼ ସାହେବ ପ୍ରକୃତରେ ଜଣେ ଉଡ଼ହେଡ଼ ବା କାଠମୁଣ୍ଡିଆ—ନହାତି ଶୁଷ୍କଂ କାଷ୍ଠଂ ତିଷ୍ଠତ୍ୟଗ୍ରେ—ନୀରସ ତରୁବର ବି ନୁହନ୍ତି । ଯାହାହେଉ କମିଶନ ଅନ୍ତତଃ ବ୍ୟକ୍ତି ବିଶେଷ ଉପରେ ଦୋଷ ନ ଗୁପି ବ୍ୟକ୍ତି ବିହୀନ ସରକାରଙ୍କୁ ଦୋଷୀ କରିଛନ୍ତି । ସମସ୍ତଙ୍କ ମୁଣ୍ଡରେ କଡଅ ଭଙ୍ଗା ହେଲା ଅଥଚ କାହାର ମୁଣ୍ଡ ଫାଟିଲା ନାହିଁ । କମିଶନଙ୍କ ରିପୋର୍ଟରେ ଏତିକି ବାହାଦୁରି । ଆମ ମତରେ ଏତିକି ନ ଲେଖିଥିଲେ ବି ଚଳିଥାନ୍ତା । ଅଳକାତରାରେ ଚୂନ ବୋଳି କି ଲାଭ । ପାପୀ ଦେହରେ ପୁଣି କେଉଁ ରୋଗ । ଏ ତ କଳିଯୁଗ—ଏ ଯୁଗରେ ପାପଟା ସବୁ—ଧର୍ମ କୂଳ ଛୁଡ଼ାଏ । ସେଥିପାଇଁ କହିଛି—

ପାପୀ ଚରନ୍ତୁ ସୁକୃତି ଗତାୟୁ,
ଦାତା ଦରିଦ୍ରୋ କୃପଣୋ ଧନାଢ୍ୟ
ଅକୁଳୀନ ରାଜା କୁଳୀନ ଦାସଃ
ଘଟେଦ୍ଧ ତତ୍ତ୍ କାଳେ ବିପରୀତ ବାକ୍ୟଃ ।

× × + +

ଓଡ଼ିଶାରେ ମେଷ ମାସରେ ବାହା ଲଗ୍ନ ଅଛି କି ନାହିଁ ଏ ସମ୍ବନ୍ଧରେ ବହୁତ ଗୋଳ ପରବତ ହେଇଗଲାଣି । ତଥାପି ସାର କିଛି ହେଲନାହିଁ । କାଲି ସେଦିନ ଖଡ଼ଗପୁର ଷ୍ଟେସନରେ ବଡ଼ ଏକ ବରଯାତ୍ରୀ ଦଳ ଦେଖି ଓଡ଼ିଶାରେ ପୁଣି ବାହା ପୁଅଣି ଯୋଗ ଆସିଲାଣି । ଏ ଖଡ଼କପୁର ବରଟି କାଲି ଯେ ବୁଢ଼ା । ତେଣୁ ଏବର୍ଷ କେବଳ ବୁଢ଼ା ବା ପେନ୍‌ସନ୍‌ମାନଙ୍କର ବୟସ ଗଡ଼ି ଯାଉଥିବ ସେଇମାନେ ବାହା ହେବେ । ପୁଣି ଏ ବର ଜଣେ ପଣ୍ଡିତ—ଜଣକର ପଣ୍ଡିତ ହେଉଛନ୍ତି ବା ଶାସ୍ତ୍ରର ପଣ୍ଡିତ ହେଉଛନ୍ତି । ତେଣୁ ଏ ମାସରେ ଯେଉଁମାନେ ବାହା ହେବେ ସେମାନେ ଆଗରୁ ପଣ୍ଡିତ ହେଇଥିବା ଉଚିତ । ଆଉ ଗୋଟିଏ ସର୍ତ୍ତ ବର ପକ୍ଷକୁ ମାନିବାକୁ ହେବ । ଖଡ଼ଗପୁରଠାରେ ବୁଢ଼ା ବରଟିକୁ ଯେଉଁ ଶ୍ରେଣୀର ପୋଷାକୀ ଓ ବେପୋଷାକୀ ଲୋକେ କନ୍ୟାପକ୍ଷ ଲୋକ ହେଇ ପାଶୋର୍ଟ ଦେଇଥିଲେ, ସେଇ ଶ୍ରେଣୀର ଲୋକଙ୍କର ଭଉଣୀ କିମ୍ବା କନ୍ୟାଙ୍କୁ ଏ ସମୟରେ ବାହା ହେବାର ଲଗ୍ନ ଅଛି । ଅନ୍ୟମାନେ ଏ ଲଗ୍ନରେ ବାହାହେବା ନିଷେଧ । + + +

ଅବଧାନେ ପଚାରିଲେ ଭାରତର ରାଜା କିଏ ? ପିଲେ ଉତ୍ତର ଦେଲେ—୬ଷ୍ଠ ସମ୍ରାଟ । ଅବଧାନେ ବେତ ବାଡ଼େଇ କହିଲେ—ଗଦ୍ଦ ର ଏତିକି ଜାଣନାହିଁ ? ଭାରତର ସମ୍ରାଟ ନଧିଆ ପେଠି ଚଉଧୁରୀ । ଏ ସଂବାଦଟା ସତ ହେଉ ବା ମିଛ ହେଉ ଆମର କିନ୍ତୁ ନ ମାନି ଚାରା ନାହିଁ ଯେ ନଧି ସେଠି ଗ୍ରାମରେ ସମ୍ରାଟଙ୍କ ପ୍ରତିନିଧି ଓ ଚଳନ୍ତି ପ୍ରତିମା । କାରଣ ନଧିସେଠି କଥାରେ କେତେ ଲୋକ ଜେଲରେ ହବ୍ୟଅନ୍ନ ଭୁଞ୍ଜୁଛନ୍ତି କେତେ ଅକର୍ମା ଖଲାସ ହୋଇଥିବା କଂଗ୍ରେସ-

(ଅବଶିଷ୍ଟାଂଶ ୧୬ ପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com

ମଜାକଥା—

# ମଧୁଶଯ୍ୟା

ଲେଖକଃ—ଦେବ ମହାପାତ୍ର

( ସାବିତ୍ରୀ ଲେଖୁଛି )

ବଉଳ ଲୋ,

ଆଜି କେତେ ଆନନ୍ଦରେ ମୁଁ ତୋ ପାଖକୁ ଏଇ ଚିଠି ଲେଖିବସିଛି ତୁ ବୁଝି ପାରିବୁନି, ମୁଁ ବୁଝୁଛି । ବଉଳ ଲୋ ଯାହା କହନ୍ତି ବାହା ନହେଲେ ଆଖି ଫିଟେନି ବୋଲି ସତକଥା ଏଇଟା । ଅଚ୍ଛା କହିଲୁ ବଉଳ ଖଟିଏ ଓଡ଼ ମୂଳା, ତାର ଅଧ ତୁଳା ତାର ଅଧ ଧାନ ଆଉ ତାର ଅଧ ପାନ କହିଲେ ତୁ କଣ ବୁଝିବୁ ? କିଛି ବୁଝି ପାରୁ ନ ଥିବୁ—ନୁହେଁ ? ଅଚ୍ଛା କହିଲୁ ଦେଖି ସୁପର ଫସ୍‌ଫେଟ୍ କାହାକୁ କହନ୍ତି ? ଜୀବନରେ ଏତେଟାଚ କଥା ଜାଣିବାର ଅଛି ଶିଖିବାର ଅଛି ତୁ କଳ୍ପନା କରି ପାରିବୁନି ବଉଳ । ମତେ ଲାଗୁଛି ଯେମିତି ମୁଁ ଆଜି ଗୋଟାଏ ନୂଆ ଜୀବନ ପାଇଛି !

କାଲିର ରାତି ଆମ ଦୁହିଙ୍କ ଜୀବନରେ ଗୋଟିଏ ଅଭୁଲା ରାତି—ପହିଲି ରାତି ଫୁଲଶଯ୍ୟା, ମଧୁଶଯ୍ୟା ! ମୋର ପତିଙ୍କ ସଙ୍ଗରେ ମୋର ଭେଟ ହୋଇଥିଲା କାଲି ନୂଆ କରି ଆଉ ପ୍ରଥମ କରି । ସତେତ ବଉଳ ଯାହା କହନ୍ତି ପତି ପରମ ଗୁରୁ, ମୋର ସ୍ୱାମୀ ସେ'ହିଁ—ଠିକ୍ ଗୋଟିଏ ଗୁରୁଜୀ-ଭଳିଆ । ଗଭର୍ଣ୍ଣମେଣ୍ଟ ଏଗ୍ରିକଲ୍‌ଚର ଫାରମରେ ଓଭରସିଅର ହେଲେ କଣ ହେଲା ତାଙ୍କର ଏତେ ଜ୍ଞାନ ! ଠିକ ଯେମିତି ମାଷ୍ଟରଟିଏ !

ରାତିରେ ଭାଉଜମାନେ ମତେ ନେଇ ତାଙ୍କ ଘର ଭିତରକୁ ଠେଲି ଦେଇ କହିଲେ, "ନେ-ଜଗିଥା ବାବୁ ତମ ବାବୁଅଣିକି ନଅ ।" ଆଉ କବାଟଟା ଅଟକେଇ ଦେଲେ—ମତେ ଖୁବ୍ ଲାଜ ମାଡ଼ୁଥାଏ । ସିଏ ବସିଥାଆନ୍ତି ଖଟ ଉପରେ ହାତରେ ଫୁଲଟିଏ ଧରି ଠିକ୍ ଇନ୍ଦ୍ରହାସ କହିଲା ଅବତାର ଭଳିଆ । ଉଠି ଆସି କବାଟରେ ଶିକୁଳି ଦେଇ ଦେଲେ ଆଉ ମତେ ନେଇ ଖଟ ଉପରେ ବସେଇଲେ । ଗୋଟା ମୁହଁ ଥରୁ ଥାଆନ୍ତି ଟିକେ । ସିଏ କାହିଁକି ଥରୁଛନ୍ତି ବୋଲି ମୁଁ ପଚାରିଲି, "ତମ ଦେହ ଭଲ ଅଛି ତ ?" ସିଏ କେତେ କଷ୍ଟରେ କହିଲେ, "ହଁ ।" ତାପରେ ଛେପ ଢୋକ ଗିଳିଲା ଭଳିଆ କହିଲେ, "ଆଜି ଆମର ମଧୁଶଯ୍ୟା ନା ?" ମୁଁ ତ ଜାଣେ ମଧୁଶଯ୍ୟା ବୋଲି ଆଉ ସେ ବି ତ ଜାଣନ୍ତି, କାହିଁକି ପଚାରିଲେ କେଜାଣି, ମୁଁ ସେମିତି ଚୁପ ରହିଲି । ସିଏ ପୁଣି କେତେ ବେଳଯାକେ ଚୁପ ହୋଇ ରହିଲେ ତାପରେ ହଠାତ୍ ମତେ ପଚାରିଲେ, "ତାସ ଖେଳିବା ?" ତାଙ୍କର କେତେ ରୁଚି, ତାସ ଖେଳିଲେ ସମୟ କଟିଯିବ ବୋଲି ବୋଧହୁଏ ସେମିତି ପଚାରିଲେ କିନ୍ତୁ ମତେ ତ ତାସ ଖେଳ ଆସେନା ମୁଁ ସେଇଥିପାଇଁ କହିଲି, "ମୁଁ ଜାଣେନା ତାସ ଖେଳ, ଖାଲି ଦଶ ପଚିଶ ଆଉ ବାଘ ଛେଳି ଖେଳିଜାଣେ ।" ପୁଣି କେତେବେଳକେ ସିଏ ପଚାରିଲେ, "ଆଜି ଆମର ମଧୁଶଯ୍ୟା ନା ?" ମୁଁ ଏଥର ମୁଣ୍ଡ ଟିଙ୍ଗାରି ଦେଲି । ସିଏ ଖୁବ୍ ସାହସ କରି ପଚାରିଲେ, "ମଧୁ କହିଲେ କଣ ବୁଝୁଛ ?" ମୁଁ କହିଲି "ମହୁ" । ସିଏ କହିଲେ, "ମହୁ ଖୁବ୍ ମିଠା ନା ?" ମୁଁ ହଁ ମାରିଲି । ସେଥିରୁ ସିଏ କହିଲେ "ଆଉ କଣ ମିଠା ଲାଗେ କହିଲ ଦେଖି ?" ମୁଁ କଣ ଜାଣିନ ନା, ମୁଁ କହିଦେଲି "ଚିନି ଗୁଡ଼, ଆଖୁ ।" ସିଏ ଖୁବ୍ ଖୁସି ହେଲେ—ତାଙ୍କର ଭୟ ଅଳ୍ପେ ଅଳ୍ପେ ଛାଡ଼ି ଯାଉଥାଏ ଜଣା ପଡ଼ୁଥାଏ । ସିଏ କହିଲେ "ଆଖୁ କେମିତି ରୁଏ ହୁଏ ଜାଣିଛ ?" ମୁଁ ଆଖୁ ଚାଷ କଥା କଣ ଜାଣିଛି ଯେ କହିବି ? ମୁଁ କହିଲି, 'ନା, ଘରେ ତ ପାଠ ପଢ଼ା, ରନ୍ଧାବନ୍ଧା ଆଉ ସିଲେଇ ଶିଖିବାରେ କଟିଲା, ଚାଷବାସ କଥା ମୁଁ ଜମାରୁ ଶିଖିନି ।" ମୁଁ ଅଶିକ୍ଷିତା ହେବୁ ହେଲି ମୁଁ ଶିକ୍ଷିତ ବୋଲି ସିଏ ଜମାରୁ ଦୁଃଖ କଲେନି । ପରେ କହିଲେ

Digitized by srujanika@gmail.com

"ଶୁଣିବ ?" ମୁଁ କହିଲି, "ଅଚ୍ଛା କହ ।" ସିଏ ମୋର ମଥାଟି ନେଇ ତାଙ୍କ କୋଳରେ ରଖିଲେ—ମୋର ସାରା ଦେହରେ ବିଜୁଳି ଖେଳିଗଲା ପରି ଲାଗୁଥାଏ—ମୁଁ ଏଇ ମୁହୂର୍ତ୍ତଟିର କେତେ କଳ୍ପନା କରିଥିଲି, ସ୍ୱାମୀଙ୍କ କୋଳରେ ମଥା ରଖି ଶୋଇଥିବି, ସିଏ ମତେ ଆଦର କରୁଥିବେ, ଆଉ କଥା ଶୁଣାଉଥିବେ, ମୁଁ ଶୁଣୁଥିବି । ସିଏ କହିଲେ, ଏଗ୍ରିକଲଚର ବା କୃଷିବିଦ୍ୟା ଶିଖିବାକୁ ହେଲେ ପ୍ରଥମେ ତିନୋଟି କଥା ଉପରେ ଦୃଷ୍ଟି ଦବାକୁ ହୁଏ ।" "କଣ କଣ ?" ମୁଁ ପଚାରିଲି ଆଗ୍ରହରେ । ସିଏ କହିଲେ, "ପ୍ରଥମ ହେଉଚି ଇମ୍ପ୍ଲିମେଣ୍ଟସ୍, କୋଡ଼ି, ଦାଆ, ଲଙ୍ଗଳ, ମଇ, ବିଦା ପ୍ରଭୃତି ତାର ବ୍ୟବହାର କଣ ଜାଣିବା ଦରକାର ତାପରେ ଦ୍ୱିତୀୟରେ ବଳଦ—"

"ବଳଦ ? ବଳଦଙ୍କ ବିଷୟରେ କଣ ଜାଣିବାକୁ ହୁଏ ?" ମୁଁ ପଚାରିଲି । ବଳଦ କିପରି ହୃଷ୍ଟପୁଷ୍ଟ ହେବ, ତାଙ୍କର କିପରି ଯତ୍ନ ନବାକୁ ହବ ତାଙ୍କୁ କୁଣ୍ଡା, ତୋରାଣି, ଘାସ, କୋଳଥ ପ୍ରଭୃତି କିପରି ଖାଇବାକୁ ଦବାକୁ ହେବ ଇତ୍ୟାଦି କେତେ କଥା ବୁଝେଇ ଦେଲେ ସିଏ । ତାପରେ ସିଏ କହିଲେ ତୃତୀୟ ହେଉଚି ଜମି—ମାଟି କେମିତିଆ ବାଲି ମାଟି ନା ପଙ୍କମାଟି । ପଙ୍କୁଆମାଟିରେ ପଙ୍କ ଶୁଖି ଯାଇ କିପରି ଗଛ ମରିଯାଇ ପାରେ ଆଉ ବାଲି ମାଟିରେ ମାଟି ମିଶାଇ କେମିତି ଉର୍ବର କରିବାକୁ ହୁଏ ଘଣ୍ଟାଏ କାଳ ବୁଝେଇ କହୁଥାଆନ୍ତି—ମୁଁ ତନ୍ମୟ ହୋଇ ଶୁଣୁଥାଏ ।

ତାପରେ ସେ ତାଙ୍କର ମୁହଁ ମୋ ମୁହଁର ଖୁବ୍ ପାଖକୁ ନେଇ ଆସି କହିଲେ ଏଇ ତିନୋଟି ବିଷୟ ଜାଣିବା ପରେ ଗୁପ୍ତ କଥା ଶିଖିବ, ମାଟି କେମିତି ଗୁଣ୍ଡା କରିବ । ତାଙ୍କର ତାତିଲା ନିଶ୍ୱାସ ମୁଁ ଅନୁଭବ କରି ପାରୁଥାଏ ବଉଳ ଲୋ ତୁ ଶୁଣିଲେ ଆଶ୍ଚର୍ଯ୍ୟ ହବୁ ମାଟି ଗୁଣ୍ଡା କରିବା ଏତେ ସହଜ କଥା ନୁହେଁ ଯେ ! କୋଉ ଫସଲ ପାଇଁ ମାଟି କେତେ ଗୁଣ୍ଡା ହବ ତାର ନିୟମ ଅଛି । ଧାନ ପାଇଁ ଯେତେ ହବ, ଆଖୁ ପାଇଁ ତାଠୁ ବେଶି, ମୁଗ ପାଇଁ ତ ମାଟି ପାଉଡର ଭଳିଆ ହବା ଦରକାର । ସିଏ କହିଲେ, "ଖାଟିଏ ଓଡ ମୁଳା, ତାର ଅଧ ବୁଳା, ତାର ଅଧ ଧାନ ଆଉ ତାର ଅଧ ପାନ ।" କେଡ଼େ ସୁନ୍ଦର ଗୀତଟିଏ ମୁଁ ତ ଆଗରୁ କେବେ ଶୁଣି ନଥିଲି । ମୁଁ ତାଙ୍କର ଓଠରେ ଟିକିଏ ହାତ ମାରି ଦେଇ କହିଲି "ଅଚ୍ଛା, ତାପରେ ?"

ସିଏ କହିଲେ—"ମୃତ୍ତିକା ପରେ ଜମିକୁ ଉର୍ବର କରିବା ପାଇଁ ସାର ଦବାକୁ ହୁଏ । ଖତ, ଚିଡ଼ିଆ, ହାଡ଼ଗୁଣ୍ଡି, ଏମୋନିୟମ ସଲଫେଟ୍, ସୁପର ଫସଫେଟ୍ ପ୍ରଭୃତି ବିଦେଶୀ ସାର ଏବଂ ଏବଂ କମ୍ପୋଜ ।"

"କମ୍ପୋଜ କଣ ?" ମୁଁ ତାଙ୍କର ମୁହଁକୁ ଅନେଇ ପଚାରିଲି । ବଉଳ, ତୁ କହିଲୁ ଭଲା କମ୍ପୋଜ କଣ ? ତୁ ଜାଣି ନଥିବୁ—କମ୍ପୋଜ ହେଉଚି ଖୁଅ । ହଁ, ସତେଲୋ ବଉଳ, ତୁ ଶୁଣିଲେ ବିଶ୍ୱାସ କରିବୁନି—କାଲି ସିଏ କେଡ଼େ ସୁନ୍ଦର ବୁଝେଇ ଦଉଥିଲେ. ଏଇ ଘର ଖୁଅ ଯାହାକୁ ଆମେ ଘୃଣା କରୁଚୁ ତାକୁ କେମିତି ମ୍ୟୁନିସିପାଲିଟି ମଇଳା ଗାଡ଼ିରେ ନେଇ ଗୋଟାଏ ଗାତରେ ପୋତନ୍ତି ଆଉ ଦୁଇ ତିନି ମାସ ପରେ ସେଗୁଡ଼ା କେମିତି କମ୍ପୋଜ ହୋଇ ସବୁଠୁ ଭଲ ସାର ହେଉଚି ଆଉ ଆମର ଏତେ ଉପକାରରେ ଆସୁଚି—ସେଇ କଥା—ଭାରି ଇଣ୍ଟରେଷ୍ଟିଂ, ନୁହେଁ ?

"କାଇଁ ଆଖୁଗୁପ୍ତ କଥା ତ କହିଲନ ?" ମୁଁ ତାଙ୍କର ପାପୁଲିଟା ଚିପି ଦେଇ ପଚାରିଲି । ସିଏ ଆଖୁ ଭଳିଆ ମିଠା ସ୍ୱରରେ କହିଲେ—"ଆଖୁର ମଞ୍ଜି ସଂଗ୍ରହ କରିବାଟା ହେଉଚି ବଡ଼ କଥା । ପହିଲେ ଆଖୁଗଛ କାଟି ତିନି ତିନି ପବ ରଖି ଟୁକୁରା ଟୁକୁରା କରି କାଟିଦବ, ଅଗ୍ରିକଲଚରାଲି ନାହିଁ, ତା ପରେ ତାକୁ ଆଣି ଥଣ୍ଡା ଜାଗାରେ ରଖିବ ।"

"ଥଣ୍ଡାରେ କାହିଁକି ରଖିବ ?" ମୁଁ ପ୍ରଶ୍ନ କଲି—ସିଏ କହିଲେ, "ଥଣ୍ଡାରେ ନ ରଖିଲେ ତାର ଆଖିଗୁଡ଼ା ମରିଯିବ ସେଇଯୋଗୁ ଗୋଟାଏ ଥଣ୍ଡା ଜାଗାରେ ଗାତ କରି ମଞ୍ଜିସବୁ ରଖି ତା ଉପରେ କଣ୍ଟା ଦେଇ ଦେବ ଆଉ ପାଣି ଦେବ । ଜମିରେ ସେ ମାଟି ଗୁଣ୍ଡା କରି ଲାଇନ ଲାଇନରେ ଗୋଡ଼ି କରି ଦୁଇ ଦୁଇ ଫୁଟ ଛାଡ଼ି ମଞ୍ଜି ପକେଇବ—ଆଉ ପାଣି ଦେଲେ ପୁଣି ତିନିଦିନ ପରେ ପାଣି ଦବ ଏକୋଇଶ ଦିନରେ ଗଜା ହେଲା—ଛମାସ ଭିତରେ ଆଖୁ ହୋଇଯିବ ।" ସେ ଏତେ ସୁନ୍ଦର ବୁଝଉଥାଆନ୍ତି, ଜାଣିଚୁ ବଉଳ, ଏବର୍ଦ୍ଧ ଆଖୁ ହୋଇଗଲା ତାକୁ କାଟି ଦେଲ, ଶୁଖିଲ ପଧରେ ନିଅଁ ଲଗେଇ ଦେଲ ଅରବର୍ଦ୍ଧ କାର୍ତ୍ତିକ ମାର୍ଚ୍ଚରିର କେଳକୁ ପୁଣି ସେଇ ଚେରରୁ

Digitized by srujanika@gmail.com

ଗଳା ହବ ଅଉ ଦ୍ୱିତୀୟ ବର୍ଷର ଅଶ୍ରୁ ପ୍ରଥମ ବର୍ଷଠାରୁ ଅଧିକ ମିଠା ହବ—ଟୋପାଟିଏ ଲୁଅରେ ବି ଏମିତି ହୁଏ ।

ସିଏ କେତେ ଉତ୍ସାହିତ ହୋଇ କହି ଚାଲିଥାଆନ୍ତି ମୁଁ ଦେଖୁଥିଲେ ଆଶ୍ଚର୍ଯ୍ୟ ହୋଇ ଥାଆନ୍ତି କାରଣ ସେସବୁ ଉମନ-ସ୍ୱପନ ତୁଳନାରେ ସତ୍ତା କେତେ ଶ୍ରେଷ୍ଠ ! ହଠାତ୍ ସକାଳ ହୋଇଗଲା—ବାଉ ବା ବା ଡାକିଲା । ମୁଁ ଉଠିଲି ଯିବାକୁ । ସିଏ କହିଲେ ଅଧିକ କେତେ କଥା ବାକି ରହିଗଲା—ମୁଁ ବୁକୁରେ କେତେ ଆଶା ନେଇ ତାଙ୍କ ଦେହରେ ଘଷି ହୋଇ ଠିଆ ହୋଇ ପଚାରିଲି, "କି କଥା ?"

ସେ ଅଦରରେ ନରମ ଗଳାରେ କହିଲେ, "ଗ୍ରାଫ୍ଟିଂ ବା କଲମ୍ କପରି କରଯାଏ ସେବିଷୟରେ ଅନେକ କଥା ଜାଣିବାର ଅଛି ।"

କହିଲ ସେ ପଣ୍ଡ ପରମ ଗୁରୁ ବୋଲି ମୁଁ ଜାଣିଲି କିନ୍ତୁ ଯହୀର ଧୈର୍ଯ୍ୟର ତ ଗୋଟାଏ ସୀମା ଅଛି ମୁଁ ଅଉ ନିଜକୁ ଚୁପି ରଖି ପାରିଲିନି । ସ୍ପଷ୍ଟ ପଚାରିଲି "ପ୍ରେମ କଣ ଜାଣିଚ ?'

ସେ କହିଲେ—"ହଁ ଜାଣେ ସ୍ତ୍ରୀର ଯତ୍ନ ନବା ହଉଚି ପ୍ରେମ । ସ୍ତ୍ରୀମାନଙ୍କୁ ତମକୁ ସବୁ ତ ଲତା କୁହାଯାଏ—ବୃକ୍ଷ ଲତାର ହେପାଜତ ଅମଠୁ ବେଶୀ କିଏ ଜାଣେ ? ଗଛଟିଏ ଗଳା ହେଲ ତାକୁ ଘେରିବ କେମିତି, ଘାସ ବାଛ, ମାଟି ଖୋଳି କମଣ କରିବ କେମିତି, ସାର ଦବ କେମିତି ? ମନେ କର ଅଜ ସେଥିରେ ପୋକ ହେଲ ତାକୁ ଦେଖିବ କେମିତି ଇତ୍ୟାଦି କଥା ଅମଠୁ ବେଶି କିଏ ଜାଣେ ? ତମେ ଦେଖୁଚ ମୁଁ କେମିତି ତମର ଯତ୍ନ ନେବ । ହଁ କଲମ କରିବା କଥା କହୁଥିଲି, ଅଶବା ତ ସକାଳ ହେଲଣି ପୁଣି ଅଜ ରାତିରେ କହିବ ।"

ବଉଳା ଗଲେ, ସେ ଅଜ ରାତିରେ କହିବେ କେମିତି ଗ୍ରାଫ୍ଟିଂ କରଯାଏ । ଗୁଟି କଲମି, ଯୋଡ଼କଲମି କଣ ସବୁ କଥା ସିଏ ଅଜ ବୁଝେଇ ଦେବେ ରାତିରେ—ତାଙ୍କୁ ପାଇ ମୁଁ ଧନ୍ୟ ହୋଇଚି, ସ୍ତ୍ରୀ ଜୀବନ ମୋ'ର ସାର୍ଥକ ହେଇଚି । ମନେ ଏତେ ଅନନ୍ଦ ଲାଗୁଚି କଇଁଲା, ଇଚ୍ଛା ହଉଚି ହାତରେ ବାଡି ଅଉ ମୁଣ୍ଡରେ ଫିନ୍ଦରି ନେଇ ଅଜ ଜେଇଁ ପଞ୍ଜେନ୍ଦ୍ରଙ୍କ ଲୁଅରେ ରାତିହବା ଅଗରୁ ।

ଅଉ ଠାକୁରଙ୍କୁ ଡ଼ାକୁଛି ଯେମିତି ଅଉ କାହାକୁ ଗଛପଣ ହୋଇ ଜନ୍ମ ନଥିଲି । ଇତି ।

ଚୋର—ସାବଜି

---*---

# ବାହନ

ପୁରାଣ ପ୍ରସିଦ୍ଧ ଯେ ବିଷ୍ଣୁ ଗରୁଡ଼ ବାହନ ଏବଂ ଗରୁଡ଼ ଧ୍ୱଜ; ଶିବ ବୃଷ-ବାହନ ଏବଂ ବୃଷ ଧ୍ୱଜ; ଗଣେଶ ମୂଷିକ-ବାହନ ଏବଂ ମୂଷିକ-ଧ୍ୱଜ; କୁମାର କେକିବାହନ ଏବଂ କେକିଧ୍ୱଜ; ମଦନ ମୀନ କିଂବା ମକରବାହନ ଏବଂ ମୀନ କିଂବା ମକରଧ୍ୱଜ; ଇତ୍ୟାଦି । ଭଲେ ଭାବିଲେ ଯାହା ବାହନ ତାହା ଧ୍ୱଜ ହେବା ଉଚିତ ନୁହେଁ । ପୁଣି ପକ୍ଷୀ ମୂଷିକ ଏବଂ ମୀନ କିଂବା ମକର ବାହନ ହେବା ଯୋଗ୍ୟ ନୁହନ୍ତି । ଦେବତାମାନଙ୍କର ବାହନ ପ୍ରାୟଶଃ ରଥ । ତାହାହେଲେ ଉପର୍ଯ୍ୟୁକ୍ତ ବର୍ଣ୍ଣନା [illegible] କାରଣ ଏହି ଯେ, 'ବହ' ଧାତୁରୁ [illegible] ବାହନ ରୂପଦ୍ୱୟ ନିଷ୍ପନ୍ନ ହୁଏ । ଯଥା :—ବାହ୍ୟତ ଇତି ବାହନମ୍ ଯାହା ବହନ କରାଯାଏ, ତାହା ବାହନ ଅର୍ଥାତ ଧ୍ୱଜ । ବାହ୍ୟତେ ଇତି କିଂବା ଉହ୍ୟତେ ଅନେନ ଇତି ବାହନମ୍ । ଯେ ବହନ କରେ ସେ ବାହନ ଅର୍ଥାତ ଯାନାଦି । "ଛନ୍ଦୋମୟେନ ଗରୁଡ଼େନ ସମୁହ୍ୟମାନଃ" ଏପରି ରୂପଦ୍ୱୟ ସିଦ୍ଧ ହେଉଥିବାରୁ ଯେ ଉଭୟପକ୍ଷ ମତ ଗୃହୀତ ହୋଇଅଛି । କେତେକ ପୁରାଣକର୍ତ୍ତା "ଧ୍ୱଜ" ବୋଲି ଏବଂ ଅନ୍ୟ କେତେକ ପୁରାଣକର୍ତ୍ତା "ବାହନ" ବୋଲି ନିର୍ଦ୍ଦେଶ କରି ଅଛନ୍ତି । ଦେବତାମାନଙ୍କ ଯାନ ରଥ ବୋଲି ଏବଂ ପକ୍ଷାଦି ସେମାନଙ୍କ ଧ୍ୱଜ ଚିହ୍ନମାତ୍ର ବୋଲି ନିର୍ଦ୍ଧାରଣ କରିବା ସମଞ୍ଜସ । ଇତି

ଶ୍ରୀ ବି, ବର୍ମା

Digitized by srujanika@gmail.com

# ହେଙ୍ଗଳା ପାଂଜି

—ବାଇ ମାହାନ୍ତି—

ଶ୍ରୀଯୁକ୍ତ ବୈଦ୍ୟନାଥ ଦାସେ ବୋମ୍ବେ ଗାନ୍ଧି ଦର୍ଶନାନ୍ତେ ଫେରଚନ୍ତି । ଓଡଶାରେ କେତେକ ସରକାରୀ ଉଚ୍ଛିଷ୍ଟ କାଗଜ ଚିତ୍କାର କରୁଛନ୍ତି ଯେ ଦାସେ ମନ୍ତ୍ରୀତ୍ୱ ନଅ—ମନ୍ତ୍ରୀତ୍ୱ ନଅ । ଅମେ ତମକୁ ସହାୟ ହବୁ । ତମ ଅସେମ୍ବ୍ଲି ସଭ୍ୟପଦ ଗଲବେଳେ ଜେଲରେ ଫିଷ୍ଟ କରଥିଲେ ଯେଉଁ କଂଗ୍ରେସବାଲମାନେ, ତାଙ୍କୁ ଛାଡ ! କିନ୍ତୁ ଦାସେ ଶୁଣୁ ନାହାନ୍ତି । ଗାନ୍ଧିଅଙ୍କ ମୂର୍ତ୍ତି ଟାଣ ସେ ବୁଝିଛନ୍ତି । ଗୋଦାବରୀଶ ନଜେ ସଭ୍ୟ ପଦରୁ ବାନପ୍ରସ୍ଥ କର ବୈଦ୍ୟନାଥଙ୍କୁ ସେ ସ୍ଥାନରେ ଅଣାଇ ମନ୍ତ୍ରୀଗାଦୀ ଦେବାକୁ କହିଲେ ମଧ ଦାସେ ବଢ଼ ହୁସିଅର ଅଛନ୍ତି । ସେ ଲଙ୍ଗୁଳହୀନ ଶୃଗାଳ କଥାରେ ଭୁଲିବେ ବୋଲି ମନେ ହେଉନାହିଁ ।

କଟକରେ ଶ୍ରୀ ଅଭିନ୍ନ ରାଓ ଚେୟାରମ୍ୟାନ ମୁନସିପାଲିଟି ହେଲେ ସାଇକେଲ ଟାକ୍ସ ବସାଇବେ ବୋଲି ହଲ୍ଲା ଉଠିଛି । ଅଭିନ୍ନ ଦିନେ ଏହା ବିରୁଦ୍ଧରେ ଲଢ଼ କରୁଥିଲେ । ଅଭିନ୍ନ ଇମିତି ଭିନ୍ନ ହେଇଗଲେ କିମିତି ।

ପୁରୀର ସମୁଦ୍ରକୂଳ ସୁଖ ଓ ଦୁଃଖ ଶ୍ୱାସରେ ଭରିରହିଛି । ଶ୍ରୀଯୁକ୍ତ ଲଇ ବଦାନ୍ୟ ଶ୍ୱାସ ଛାଡ଼ୁଛନ୍ତି ଓ ଶ୍ରୀଯୁକ୍ତ ହ୍ରାସ୍ୱର କଷ୍ଟଦମନ ରହି ଓଡ଼ିଶାର ସୁଖ ସୁବିଧ ବୁଝି ଗଲେ । ଜଗନ୍ନାଥଙ୍କ ତୋରା ତାଙ୍କୁ ଲାଗିବ ବୋଲି ଜଣା ପଡ଼ୁଛି । କିନ୍ତୁ ମୂଳଅଙ୍କ ସରଦାର ସେ । ଉତ୍କଳ ଅର୍ଥ ତ କୁଲ ଦେଶ; ଅମକୁ ବେଶ ମନଜାଣି ସ୍ୱାମୀ ମିଳିବ । ଯାହାହେଉ ଲାଟ ହବା ପୂର୍ବରୁ ଗାନ୍ଧି ଦେଖିଯିବା ଦ୍ୱାରା ହ୍ରାସ୍ୱର ସାହେବ ତାଙ୍କ ହ୍ରାସ୍ୱର (ହ୍ରସ୍ୱ) ନାମକୁ ସାର୍ଥକ କଲେ ।

ସମ୍ବଲପୁର କାଗଜ କଳରେ ସବୁଦିନେ ଗୋଳ । କର୍ମୀଙ୍କୁ କଟାରେ ଘୋଷାଇଲେ ଚଳିବ ନାହିଁ । ଓରଳା ନରେଲା ଗାନ୍ଧିଭକ୍ତ ବୋଲି ଅହିଂସା ଦୃଷ୍ଟିରୁ ସରକାରୀ ଅସ୍ତ୍ର ନେଉଛନ୍ତି ।

ଦୋସ୍ତ ମୋର ଫୁଲ୍ ପାଇଁ ଏ ଦେଶକୁ ବାଛି ବାଛି ହାତୀ ସବୁ ପଠାଯାଉଚନ୍ତି । ଗୋଟିକର ୭୩ ବର୍ଷ । ଆଉ ଗୋଟିଏ ଅବସର ପ୍ରାପ୍ତ ମାଷ୍ଟର । ତାଙ୍କ ଭିତରୁ ଜଣକର ନଜ ଘର ନେଇ ବୁଲିବା ବେଳକୁ ଯେତିକି କୋଡ଼ୁଛନ୍ତି ସେତିକି ମାଡ ଭୁଲିଚନ୍ତି । ଲୋକେ ଚେଣ୍ଡା ଟଙ୍କା ନେଇ ମେଣ୍ଢା କିଣି ଖାଇଲେ । 'କୂଅ ପୋଖରୀ ତ ଶୁଖିଲ' ଉନ୍ତୀ ପର ଶୁଖିଲାରେ ଚେଣ୍ଡା ବାହିବା ମାଛ ସରକାର ଯେତେ ଶିଖେଇଲେ ବି ଲୋକେ ଶିଖିଲେ ନାହିଁ ।

ମୟୂରଭଞ୍ଜର ମହାରାଜା ସାହେବ ପ୍ରଜାଙ୍କୁ ସ୍ୱାୟତ୍ତ ଶାସନ ଦେଉଛନ୍ତି । ନଜର ଘରେଇ ଟଙ୍କାର ବ୍ୟବସ୍ଥା ଛଡ଼ା ବାକି ସବୁ ବ୍ୟବସ୍ଥା ସଭା କରିବ । କିନ୍ତୁ ସେ ବ୍ୟବସ୍ଥା ସଭା ମନୋନୀତ ସଭ୍ୟଙ୍କ ବଡ଼ି ମାଡ ବସିଥିବ । ତା' ଉପରେ ପୁଣି ରାଜାଙ୍କ ହାତରେ ପାଞ୍ଚ କ୍ଷମତା ରହିଛି । ଯାହାର ନା ସ୍ୱାୟତ୍ତ ଶାସନ । ଲୋକେ କହୁଛନ୍ତି—ଦାନା—ନା ମୁଣ୍ଡକୁ ନ ପାଏ କାନ । ତଥାପି ମୟୂରଭଞ୍ଜ ବାସୀ ତଥା ମୟୂରଭଞ୍ଜ ପ୍ରଜାମଣ୍ଡଳ ଏଥିରେ ଖୁସି ରହିବା ଉଚିତ । କାରଣ—ଅଳ୍ପଗରକୁ ଦାତା ରାମ—ଯାହା ଅସୁ ତାହା ରାମ୍ ରାମ୍ !

ମାନ୍ଦ୍ରାଜ ସରକାର ଓ ଓଡଶା ସରକାରଙ୍କ ପ୍ରତିନିଧିମାନେ କୋରାପୁଟରେ ପୁଣି ଡୁଡ଼ୁମା ନେଇ ମୁଣ୍ଡ ଘୂରେଇଛନ୍ତି । ଦୁଇ ସରକାରଯାକ କୁଳସୀ ମାଳ—ଉଡରେ ଭିତରେ ସଲସୂତର ଉପରେ ଲଗିଛି ଦଳ ।

ବିହାର ସେକ୍ରେଟେରିଏଟରେ ଜଣେ କରଣୀ ବସ୍ତ୍ର ଅଭାବରେ ଶାଢ଼ୀ ପିନ୍ଧି ଅଫିସକୁ ଅସିଲେ । ବିହାର ସେକ୍ରେଟେରିଏଟର ବଡ଼ ଓଡଶା ସେକ୍ରେଟେରିଏଟ ସେଥିପାଇଁ ମୁଣ୍ଡ ଘୂରାଇ ଠିକ କରିଛନ୍ତି ଯେ ଯେଉଁ କେରାଣୀମାନେ ବିବାହ କର ନ ଥିବେ ସେମାନେ ପରସ୍ପର ଭିତରେ ବନ୍ଦୋବସ୍ତ ଏପରି କରିବେ ଯେମନ୍ତ କେହି କାହାର ଶଳା ନ ହେଇ ମଧ ପରସ୍ପରର ଭଉଣୀମାନଙ୍କ ଶାଢ଼ୀ ସଦ୍ ବ୍ୟବହାର କର ପାରିବେ । ଅଉ ଯେଉଁମାନଙ୍କ ଗୃହିଣୀର ବେଶୀ ଏକାଧିକ ଶାଢ଼ୀ ନ ଥିବ ସେମାନେ ପାଳି କର ଦିନରେ ପୁରୁଷ ଓ ରାତିରେ ସ୍ତ୍ରୀ ଏପରି ଭାବରେ ଖଣ୍ଡିକ ଲୁଗାକୁ ଚାଣ୍ଡି କୁଣ୍ଡି ପିନ୍ଧିବେ । ଏ ପ୍ରସ୍ତାବ ସପ୍ଲାଇ ଡିପାର୍ଟମେଣ୍ଟକୁ ଅନୁମୋଦନ ନିମନ୍ତେ ଯାଇଛି । ତୁମର ଅଉ ଲଜ୍ଜା ପଦାରେ ନ ପଡ଼ି ଭିତରେ ରହିବାର ବ୍ୟବସ୍ଥା କରିବାରେ ଏ ବିଭାଗ ବଡ଼ ପଟୁ ।

Digitized by srujanika@gmail.com

ପୁରୀରେ ଜରିମନା ରୂପନ ଅନୁସାରେ ଲୁଗା ବଣ୍ଟା ହେଉଛି । ଯିଏ ଯେତେ ଜରିମନା ଦେଉଥିବ ସେ ସେତେ ଲୁଗା ପାଇବ । କଟକରେ ଯେ ଯେତେ ନିଜ ନେଉଥିବ, ସେ ସେତେ ଲୁଗା ପାଇବ । ବାଲେଶ୍ୱରର ଝା ସାହେବ ବ୍ୟବସ୍ଥା କରିବେ ଯେ ଯେତେ ଛତୁ ଖାଉଥିବ ସେ ସେତେ ଲୁଗା ପାଇବ । କିନ୍ତୁ ଲୋକେ ସେଥିରେ ଖୁସି ହେଉ ନାହାନ୍ତି । ବାଲେଶ୍ୱରବାସୀ ଚାହାନ୍ତି ଯେ ଯେତେ ଅଫିମ ଖାଉଥିବ ସେ ସେତେ ଲୁଗା ପାଇବ । ସରକାର ଯେପରି ଅଫିମ କଣ୍ଟ୍ରୋଲ କରିବା ସଙ୍ଗେ କେବଳ କଣ୍ଟ୍ରୋଲ ଜଣୀର ସୁବନ୍ଦୋବସ୍ତ ମଧ୍ୟ କରି ଦିଅନ୍ତୁ ସେଇପରି ଲୁଗାଟାର ମଧ୍ୟ ଗୋଟାଏ ଉତ୍ତର ବ୍ୟବସ୍ଥା କରାଯାଉ । ଉକ୍ତ ଥାନା ଅଫିସ ଏ ବିଷୟରେ ଦକ୍ଷତା ଦେଖାଇ ପାରିବେ ।

ଚନ୍ଦ୍ରପୁର ଜେଲରୁ ଜେଲରର (ପ୍ରସବ ନୁହେଁ) ଗୁଲଛି । ଜେଲରେ ବନ୍ଦୀମାନଙ୍କ ପ୍ରତି ବ୍ୟବହାର ବେଶ୍ ଭଲ ଶୁଣି ସମସ୍ତେ ଅଶ୍ୱସ୍ତ । କିନ୍ତୁ ରାଜନୈତିକ ବନ୍ଦୀମାନଙ୍କର ସୁବ୍ୟବସ୍ଥା ଜେଲ କର୍ତ୍ତୃପକ୍ଷଙ୍କ ହାତରେ ଯେତେ ନ ଥାଏ, ତହିଁ ବହୁଗୁଣାଧିକ ଅକ୍ତିଅର ସେକ୍ରେଟେରିଙ୍କ ହାତରେ । ଉକ୍ତ ଅଦ୍ଧ ବିଷୟରେ ଏମାନେ ଯଦି ମୁକ୍ତସ୍ୱର କରନ୍ତେ ତେବେ କେତୋଟି ଚଉକିଦାରଙ୍କ ଦରମା କମ ପଡି ଯିବାର ଭୟ ରହିଛି । ହନୁମାନଙ୍କ ଦାନ—

ଓଡିଶା ସରକାରଙ୍କ ଖଲିସ କରିବା ମୂଳରେ କ'ଣ ନୀତି କାମ କରୁଛି ସେକଥା ବୁଝିବା ସହଜ ନୁହେଁ । ଯେଉଁଠି ବଡ ବଡ ଶିଳ ଶିଳପୁଅଙ୍କୁ ଛାଡ ଦିଆ ଯାଉଛି ସେଠି ଶିମୁଳି ତୁଳାକୁ ପାଦକୋଇ ଧରିଛନ୍ତି । ଶୁଣିଲୁଁ ସେକ୍ରେଟେରିଏଟରେ ଲିଟାସି କରି ଯାହା କାଗଜ ଅଗ ବାହାରି ଅସେ ତାର ଖୁସ୍ୟରେ ଛକି ପାଇବା ହୁଏ । ଚତୁରଟା କହ୍ନାତି ମନ୍ଦ ନୁହେଁ । ଅଯଥା ବୃଦ୍ଧି ଖରଚ ଓ ସମୟର ଅପବ୍ୟବହାରରୁ ବଞ୍ଚିବାର ଏତିକି ବଡ଼ ଉପାୟ ଲଭ ସାହେବ ଯିବା ପୂର୍ବରୁ ଏକ ପୁସ୍ତକରେ ଲେଖିଗଲେ ମନ୍ଦ ହୁଅନ୍ତା ନାହିଁ ।

—※—

# ବିଶ୍ୱଶାନ୍ତି

ମୋର ଦୃଢ଼ ବିଶ୍ୱାସକୁ ମୁଁ ପୁନରୁକ୍ତି କରି କହୁଛି, ଯେ ପର୍ଯ୍ୟନ୍ତ ଯୁଦ୍ଧର କାର୍ଯ୍ୟକାରିତା ଉପରେ ଏବଂ ତଦନୁଯାୟୀ ଉଦ୍ଭାବିତ ଧାରଣା ଉପରେ ଅନାସ୍ଥା ନ ଆସିଛି, ଓ ଯେ ପର୍ଯ୍ୟନ୍ତ ସେମାନେ ବିଶ୍ୱର ସମସ୍ତ ଜାତି ଓ ଗୋଷ୍ଠିର ସାମ୍ୟ ଓ ସ୍ୱାଧୀନତା ଉପରେ ପ୍ରତିଷ୍ଠିତ ଏକ ବାସ୍ତବ ଶାନ୍ତିକୁ ମୁଷ୍ଟି ଅଘାତରେ ବିକଶିତ କରିବା ପାଇଁ ଦୃଢ଼ପରିକର ନ ହୋଇଛନ୍ତି ସେପର୍ଯ୍ୟନ୍ତ ନିଃଶସ୍ତ୍ରୀ କିମ୍ବା ପୃଥିବୀର ଶାନ୍ତି ବିଧାନ ଅସମ୍ଭବ । ଯେଉଁ ପୃଥିବୀ ସମସ୍ତ ପ୍ରକାର ସମରକୁ ଲୋପ କରିବା ପାଇଁ ବ୍ୟଗ୍ର ସେ ପୃଥିବୀରେ ଏକାଜାତି ଦ୍ୱାରା ଅନ୍ୟ ଜାତିର ଶୋଷଣ ଏବଂ ଏକ ଜାତି ଉପରେ ଅନ୍ୟ ଜାତିର ପ୍ରାଧାନ୍ୟ ବିସ୍ତାରର ସ୍ଥାନ ନାହିଁ ।

ସମସ୍ତ ପ୍ରକାର ବୈଦେଶିକ ପାଶରୁ ଭାରତର ମୁକ୍ତି ବିଶ୍ୱଶାନ୍ତିର ଏକ ଅପରିହାର୍ଯ୍ୟ ପ୍ରାରମ୍ଭିକ ।—ଭାରତ ସାମ୍ରାଜ୍ୟବାଦୀ ପ୍ରାଧାନ୍ୟ ତଳେ ଏକ ଅସାଧାରଣ ଉଦାହରଣ ହେବୁ ନୁହେଁ ଏହା ଏକ ବୃହତ୍, ପୁରାତନ ଏବଂ ସଂସ୍କୃତ ଦେଶ ଏବଂ ଗତ ୧୯୨୦ ମସିହାଠାରୁ ସେଚ୍ଛାପୂର୍ବକ କେବଳ ମାତ୍ର ସତ୍ୟ ଓ ଅହିଂସାକୁ ଅସ୍ତ୍ର କରି ତାର ସ୍ୱାଧୀନତା ସଂଗ୍ରାମ ଲଢ଼ି ଆସିଛି ।

ଭାରତର ସ୍ୱାଧୀନତା ସମସ୍ତ ଶୋଷିତ ଜାତିମାନଙ୍କୁ ଦର୍ଶାଇ ଦେବେ ଯେ ସେମାନଙ୍କର ସ୍ୱାଧୀନତା ଅସନ୍ନପ୍ରାୟ ଏବଂ ଏତଦନ୍ତରେ କୌଣସି କ୍ଷେତ୍ରରେ ସେମାନେ ଶୋଷିତ ହେବେ ନାହିଁ ।

ବ୍ରିଟିଶ ସାମ୍ରାଜ୍ୟବାଦ ଦ୍ୱାରା ମନୋନୀତ ଭାରତୀୟ ପ୍ରତିନିଧିଙ୍କର ଛଦ୍ମରୂପ ଉନ୍ମୋଚିତ ହେବା ଉଚିତ । ଏଇଛି ପ୍ରତିନିଧିରୁ ଅପ୍ରତିନିଧିତ୍ୱଠାରୁ ଅଧିକ ଘଟିବ ।

ଗାନ୍ଧିଜୀ—

Digitized by srujanika@gmail.com

# ଜର୍ମାନ ଭୂତ ଓ ବ୍ରିଟିଶ ଦୂତଙ୍କ ପ୍ରଶ୍ନୋତ୍ତର

('କିଛିଦିନ ପୂର୍ବେ ଜର୍ମାନର ପ୍ରସିଦ୍ଧ ଶସ୍ତ୍ର ବ୍ୟବସାୟୀ ଧନୀ ଅଲଫ୍ରେଡ କ୍ରୁପଙ୍କୁ କେତେକ ପ୍ରଶ୍ନ ପଚରାଯିବା ପରେ ଏକ ଜର୍ମାନ ଭୂତ ସହିତ ଜଣେ ବ୍ରିଟିଶ ଦୂତର ସାକ୍ଷାତ ହୋଇଥିବାର ଗୁଜବ ଉଠେ। ଜର୍ମାନ ଯେ ମୃତ ଏଥିରେ ସନ୍ଦେହ କରିବାର ନାହିଁ। ତେବେ ସେ ଭୂତ ମଣିଷ ଆଖିକୁ ଦିଶେ କି ନା ଏହି ପ୍ରଶ୍ନୋତ୍ତରକୁ ବୁଝି ପଢିବ। ଏହା ପଢିବା ପୂର୍ବରୁ ଜେମସ ଗୋଲଡ଼ ବର୍ଣ୍ଣିତ ଅଲଫ୍ରେଡ଼ କ୍ରୁପଙ୍କ ଉତ୍ତର ପଢିବା ଆଦୌ କର୍ତ୍ତବ୍ୟ। କ୍ରୁପ୍‌ଙ୍କ ପ୍ରଶ୍ନଗୁଡ଼ିକ ଅବିକଳ ଦିଆଯାଉଛି।)

ବ୍ରିଟିଶ ଦୂତ—ତୁମେ ଭୂତ ?

ଭୂତ—ମୁଁ ଗଣତନ୍ତ୍ରୀ ନୁହେଁ।

ଦୂତ—ତୁମେ ନାଜି ?

ଭୂତ—ମୁଁ ସାମ୍ରାଜ୍ୟ ବାଦୀ ପାଜି ନୁହେଁ।

ଦୂତ—ହିଟଲର ଗୋଏବଲସ ଆଦି କେଉଁଠି ଅଛନ୍ତି କହି ପାରିବ ?

ଭୂତ—ସେମାନେ ନର୍କରେ ଘାଣ୍ଟି ହେଉଛନ୍ତି ଓ ରୁଜ୍‌ଭେଲ୍ଟ ଚର୍ଚ୍ଚିଲ ଷ୍ଟାଲିନ ଆଦି ସେଇ ଘିଅ ଉପରକୁ ଟେକା ପୋପାଡ଼ୁଛନ୍ତି।

ଦୂତ—ତୁମେ ନାଜି ନେତାଙ୍କର ବିଶିଷ୍ଟ ବନ୍ଧୁ ?

ଭୂତ—ମୁଁ ସାମ୍ରାଜ୍ୟବାଦୀ ଷ୍ଟାଲିନ୍ ଚର୍ଚ୍ଚିଲ ଓ ରୁଜଭେଲ୍ଟଙ୍କର ଅବନ୍ଧୁ ନୁହେଁ। ବ୍ୟବସାୟୀ ଶତ୍ରୁତା—ପ୍ରକୃତିଗତ ନୁହେଁ।

ଦୂତ—ତୁମେ ତମ ବନ୍ଧୁ (ହିଟଲରଙ୍କ) କେତେଦିନ ତଳେ ଦେଖିଥିଲ ?

ଭୂତ—ରୁଜଭେଲ୍ଟଙ୍କ ମରଣ କୂଳରେ ଦେଖିବାର ଅଲକ୍ଷଣ ପଡ଼େ !

ଦୂତ—ମିଳିତ ଆକାଶ ବାହିନୀର ବୋମା ମାଡ଼ର ଫଳ ତୁମେ କେବେ ବୁଝିଲ ?—

ଭୂତ—ଭାରତର ନିରସ୍ତ୍ର ଜନତା ଉପରେ ବୋମା ମାଡ଼ ହେଲା ଦିନଠାରୁ।

ଦୂତ—ତୁମେ ସତ୍ତରଦିନ ବୋମା ବର୍ଷାରେ ମଜା କେବେ ବୁଝିଲ?

ଭୂତ—ମିଷ୍ଟର ଗାନ୍ଧି, ଆଗା ଖାଁ ପାଲେସରେ ଉପବାସ ଚଳେଇଲେ।

ଦୂତ—ତମ ଶସ୍ତ୍ର କାରଖାନା ତମକୁ ଗଲା ପାଞ୍ଚ ବର୍ଷ ହେବ କେତେ ଲାଭ ଦେଉଛି ?

ଭୂତ—ଭାରତ ବଡ଼ଲାଟଙ୍କ ଦରମାଠୁଁ କମ୍।

ଦୂତ—ତମ କାରଖାନାର ଆୟତନ କେତେ ?

ଭୂତ—ଭାରତବର୍ଷର ଲକ୍ଷ ଗ୍ରାମରୁ ଗ୍ରାମକୁ ବି କମ୍।

ଦୂତ—ତୁମେ ତ V ଅସ୍ତ୍ର ତିଆରି କରିଥିଲ।

ଭୂତ—ହାଁ, ଦୁର୍ଭିକ୍ଷରେ ଲୋକଙ୍କୁ ମାରିବାର ଅସ୍ତ୍ର ଆମକୁ ଅଗୋଚର।

ଦୂତ—ତମର କେତେ ଲୋକ ଖଟନ୍ତି ?

ଭୂତ—ରୁଜଣ କୋଟି। (କହିଲି)

ଦୂତ—ବିଦେଶୀ ଶ୍ରମିକ କେଉଁଠୁ ଆଣ ?

ଭୂତ—ଅସଭ୍ୟ ଭାରତରୁ ସରକାର ଯୋଗାନ୍ତି।

ଦୂତ—ସେମାନେ ପଇସା ପାଆନ୍ତି ?

ଭୂତ—ସେମାନେ ଉପବାସରେ ବି ଖଟି ପାରନ୍ତି। ତେବେ ଲୋକ ଦେଖ—

ଦୂତ—କେଉଁ ଲୋକ କେତେ ପାଆନ୍ତି ?

ଭୂତ—ଘରେଇ ମୂଲିଆ ଓ ପରେଇ ମୂଲିଆ। ଘରେଇ ମୂଲିଆମାନେ ସ୍ୱେଚ୍ଛାରେ ଗୋଲାମ ହୋଇଥାନ୍ତି। ତାଙ୍କୁ ଭାରତ ଗଭର୍ଣ୍ଣରଙ୍କ ଏକଜିକ୍ୟୁଟିଭ୍ ମେମ୍ବରଙ୍କଠାରୁ କମ୍ ମୂଲ ଦିଆହୁଏ। ପରେଇ ମୂଲିଆଙ୍କୁ ଜେଲ ଭିତରେ ଖୋରାକ ପୋଷାକ ମିଳେ।

ଦୂତ—ଜର୍ମାନର ଯୁଦ୍ଧୋତ୍ତର ଶିଳ୍ପର ଭବିଷ୍ୟତ କଣ ?

ଭୂତ—ଇଂଲଣ୍ଡର ଷ୍ଟର୍ଲିଂ ବେଲାନ୍ସରେ ଝୁଲୁଛି।

ଦୂତ—ତମର ଭବିଷ୍ୟତ ?

ଭୂତ—ମୁଁ ତ ଭୂତ—ମୋର ଭବିଷ୍ୟତ କ'ଣ ? ଭାରତର ଭବିଷ୍ୟତ ଯାହା—ଇଂଲଣ୍ଡ ଘୋଷଣା କରିଛି ତା'ଠୁଁ ଭଲ ଅବଶ୍ୟ। ତେବେ ଯେଉଁମାନେ ମୋ ପାଇଁ ଖଟି-ଛନ୍ତି, ତାଙ୍କ ବୋଝ ଭଳି ଘୋର ଯାଉଥିବ—ହେଲେ ଆଉ ଏ ଥର ଦିଏ ନ ଦିଏ ହେଲେ ହେଲେ ଯୋଗା କଷ୍ଟସ୍ଥ ହେବ।

ଦୂତ—ଯୁଦ୍ଧପରେ ତମ କାରଖାନାରେ କ'ଣ ତିଆରି କରିବ ?

ଭୂତ—ଗୋଲାମ—ଯେ ଆମ ପାଇଁ ବିଦେଶରେ ମରିପାରିବେ—ନିଜ ପାଇଁ ମରିବା କଥା ଭୁଲିଯିବେ।

Digitized by srujanika@gmail.com

ମଜାକବିତା —

# ରେସନ ଭିଡ଼

ଶ୍ରୀ ଦିଗମ୍ବର ଦାଶ

କବି ହେବାକୁ ଝୁଙ୍କ୍ ଥିଲା ମୁଁ
ବଡ଼ ସକାଳୁ ଉଠେଁ,
ଭାବ ସାଗରେ କବିତା ସୁଅ
ଫେଣେଇ ଫେଣେଇ ଉଠେ ।
ପଢ଼ଇଁ ବସି କବିତା କେତେ
ନାଟକ ଉପନ୍ୟାସ,
ପାଇଛି ଯିବ ଅଳପ ଦିନେ
କାଳି ଯୁଗର ବ୍ୟାସ ।
ଦରଦ ମିଶା କଅଁଳ ଭାଷା
ନୂଆ ଭାବନା ଘେନି,
ବରଷ ପ୍ରାଣେ ଆକୃତି ହୋଇ
ଉତୁରି ଯାଏ ଭାସି ।
ସକାଳୁ ଉଠି ମନେ ମୋର
ହୁଅଇ ଚାଲୁ ଚାଲୁ,
ରୂପେଲି ଛବି, ସୁନେଲି ଆଶା
ଉଦ୍ଭେଲି ଭାଷା ଗୁଲୁ ।
କଥା ସାଙ୍ଗକୁ ପଡ଼ଇ ବ୍ୟଥା
ତଥାପି ଡୁବେ ମଥା,
ପ୍ରେମ ସାଙ୍ଗକୁ ହେମ ଆସଇ
ମାୟାଧରଙ୍କ ଯଥା ।
ନାଗର ସଙ୍ଗେ ସାଗର ପଡ଼େ
ଭାବକୁ ନୁହେଁ ଖାପ,
କଲମ ଫିଙ୍ଗି କାଗଜ ଚିରି
ଡାକଇ ବାପ ବାପ ।

ସଞ୍ଜରୁ ହୁଏ ସକାଳ ପୁଣି
ସକାଳୁ ହୁଏ ସଞ୍ଜ,
ପଦ ନ ପଡ଼ି ମରିତ ଯାଏ
ମୋର କବିତା ମଞ୍ଜ ।
ବିଡ଼ି ଉପରେ ଟାଣଇ ବିଡ଼ି
ଉଡ଼ାଇ ଥାଏଁ ଧୂଆଁ,
ଏତିକି ବେଳେ ଘରଭିତରୁ
ଝଙ୍କାରି ଉଠେ ଭୂଆ ।
ଭୂଆ ସେ ନୁହେଁ ନାହଇ ପୁଣି
ଭୁଅର ମାଈ ପୁଷି,
ଘରଣୀ ମଣି ଆସନ୍ତି ପେଲି
ଅଣ୍ଟିରେ କାନି ଖୋସି ।
ହାତରେ ଅଛି ଗୁଞ୍ଚୁଣୀ ମୁଣ୍ଡା
ମୁହଁଟା ପୁଣି ବଙ୍କା,
ଘରଣୀ ବୋଲେ ରେସନ ପାଇଁ
ଦେଇଛି ଅଣି ଟଙ୍କା ।
ଆଁଟା କରି ଅନାଇ ଦିଏଁ
କବିତା ଯାଏ ଉଡ଼ି,
ଭିତରେ ମୋର ଥରଇ ଛାତି
ପେଟଟା ହୁଏ ମୋଡ଼ି ।
ମୂଖ ସପନ ଭାବ ଓ ଭାଷା
ସବୁ ମୋ ଯାଏ ଭାଜି,
କବିତା କହ ଆସିବ କାହୁଁ
'ରେସନ ଭିଡ଼' ଆଜି ।

Digitized by srujanika@gmail.com

# କାଳିଆ ବଳଦ ଗଲା ଗଲା

ସଂଗ୍ରାହକ—ଶ୍ରୀ ——

ଯୁବକ—ତମେ ଯଦି ମତେ ବାହା ନହୁଅ ମୁଁ ଜୀବନଥିବା ପର୍ଯ୍ୟନ୍ତ ଅଉ କାହାରିକି ବାହା ହୋଇ ପାରିବି ନାହିଁ।

ଯୁବତୀ—ସେ ଠିକ କଥା। ଧର ଯଦି ମୁଁ ତମକୁ ବାହାହୁଏଁ—।

\+ × +

୧ମ ବ୍ୟକ୍ତି—ମୁଁ ଶୁଣୁଛି ତମ ଝିଅର ବାହାଘର ହଉଛି। ତମେ କଣ ଭାବୁଛ ସେ ଜୀବନର ଯୁଦ୍ଧ ପାଇଁ ତିଆର ହୋଇଛି।

୨ୟ—ହବାବର କଥା—ମୁଁ ତ ତାକୁ ଟୋକାଙ୍କ ସାଙ୍ଗରେ ମିଶିବାର ଯଥେଷ୍ଟ ସ୍ୱାଧୀନତା ଦେଇଛି? ସେ ମଧ୍ୟ ଗୃହଯୋଗୀ ବର ଠିକ କରି ଅପେ ଭାଗି ଦେଇଛି।

\+ + +

ଦୁଇଜଣ ଦାର୍ଶନିକ ପୋଖରୀ କୂଳରେ ବସି କଥାବାର୍ତ୍ତା ହେଉଥିଲେ। ପ୍ରଥମ ଜଣକ କହିଲେ "ଦେଖ ମାଛଗୁଡ଼ିକ କେମିତି ଆନନ୍ଦରେ ପାଣିରେ ପହଁରି ବୁଲୁଛନ୍ତି।" ଅନ୍ୟ ଜଣକ କହିଲେ "ତମେ କେମିତି ଜାଣିଲ— ତମେ ତ ମାଛ ନୁହଁ?" ପ୍ରଥମ ଜଣକ କହିଲେ "ତମେ କେମିତି ଜାଣିଲ ମୁଁ ଜାଣେନାହିଁ ବୋଲି— ତମେ ତ ଅଉ ମୁଁ ନୁହେଁ!"

× + +

୧ମ ବନ୍ଧୁ—ମୋ ସ୍ତ୍ରୀ ଟାଲି ଘରୁବେଳେ ଟଙ୍କା ଟଙ୍କା କରି ଖାଉଛନ୍ତି।

୨ୟ ବନ୍ଧୁ—ତମ ସ୍ତ୍ରୀ ଟଙ୍କା ନେଇ କଣ କରୁଛନ୍ତି?

୧ମ—ସେଇଟା କଣ ଜଣା; ମୁଁ ତ ଏ ପର୍ଯ୍ୟନ୍ତ ତାଙ୍କୁ ଗୋଟେ ପଇସା ଦେଇ ନାହିଁ।

× × ×

କେତେଜଣ ବନ୍ଧୁ ବସି ବୈଠକ ଖାନାରେ କଥାବାର୍ତ୍ତା ହେଉଥିଲେ। ସେମାନଙ୍କର ଅନ୍ୟ ଜଣେ ବନ୍ଧୁ ଅସି ଝରକା ପାଖରେ ନଅର ପଅର ହଉଥାନ୍ତି। ଜଣେ ବନ୍ଧୁ ଡାକିଲେ "କିହେ ଏବାଟେ ଅସନ୍ତୁ?" ସେ ବନ୍ଧୁଟି କହିଲେ ମୁଁ ଅବ କମ୍ୟୁନିଷ୍ଟ—ମୁଁ ସେ ପୁରୁଣା ବାଟରେ ଯିବି କେମିତି। + + +


[illegible]

## ଅସୁରାଳି

ପୋଃ କୋଠାର ଜିଃ ବାଲେଶ୍ୱର

ପଲ୍ଲୀ ଅଞ୍ଚଳରେ ସ୍ୱଳ୍ପ ବ୍ୟୟରେ ଭାରତ ଗଭର୍ଣ୍ଣମେଣ୍ଟଙ୍କ ମେନୁଏଲ ମତେ ସର୍ଟ ଶିକ୍ଷା ତଥା ଦେଶର ବେକାର ସମସ୍ୟା ଓ ଦରିଦ୍ରତାର ନିଷ୍ଠୁର କଷାଘାତରୁ ଯୁବକମାନଙ୍କର ମୁକ୍ତି ପ୍ରଦାନ ପାଇଁ ଏହି ସର୍ଟ ସ୍କୁଲ ସର୍ବଦା ଗଭୀର ଉଦ୍ୟମ ସହ ଓଡ଼ିଶାର ନାନା ସ୍ଥାନରେ ବ୍ୟାଞ୍ଚ ଖୋଲି ଶିକ୍ଷା ଦେଇ ଆସୁଅଛି। ବର୍ତ୍ତମାନ ଏହାର ଏକ ଶାଖା ସ୍କୁଲ ଭଦ୍ରକ ନୂଆବଜାରରେ ସ୍ଥାପନ କରା ଯାଇଅଛି।

ଯଦି ଆପଣମାନଙ୍କର ସ୍କୁଲର ସର୍ବମୋଟ ଦେୟ ଟ ୧୫ ଦେଇ ଭୂମି ବନ୍ଦୋବସ୍ତର ମୁଦକ୍ଷ ଅମୀନ, କାନୁନଗୋ ଓ ଇନସ୍‌ପେକ୍ଟର ହେବାକୁ ଅଭିଳାଷ ଥାଏ, ତେବେ ବିଶେଷ ବିଜ୍ଞାପନ ପାଇଁ ତିନିପଇସା ଡାକ ଟିକଟ ପଠାନ୍ତୁ।


Digitized by srujanika@gmail.com

# ଶୁଣିବାକୁ ସାବଧାନ ହେଉଛେ—

୧୭୩, ୪୮୭ ଜଣ ଭାରତୀୟ ଯୁବକ ବେକାର ହୋଇଛନ୍ତି ।—ବେଶୀ ଖପଛରେ ।

ଫିଲିପାଇନ୍ସର ସ୍ୱାଧୀନତା ଅପାତତଃ ମକୁବ୍ ରହିଲା ।—ମସଟକା ।

ଜର୍ମାନ ନୂଆଁ ହୁଲାପର ଅଣ୍ଡ ଏକ ଅସ୍ତ୍ର ବାହାର କରିଥିବାର ଜଣାଯାଏ ।—ବାଂଶିକା ଅସ୍ତ୍ର ।

ପେଟେନ ଓ ଚର୍ଚ୍ଚିଲ ଭିତରେ ଗୁପ୍ତମନ୍ତ୍ରଣା ହୋଇଥିବାର ଅଭିଯୋଗ ଫ୍ରାନ୍ସର ଏକ ବିଗ୍ରହାଳୟରେ ଉଠିଥିଲା ।—ନର ମାୟା ନାରାୟଣଙ୍କୁ ଗୋଚର ।

ବୌଦ୍ଧମାନେ ଆସେମ୍ବ୍ଲି ସଭ୍ୟ ପଦ ପାଇଁ ସରକାରଙ୍କଠାରେ ଗୁହାରି କରିଛନ୍ତି ।—ସରକାରଂ ଶରଣଂ ଗଚ୍ଛ— ଅସେମ୍ବ୍ଲିଂ ଶରଣଂ ଗଚ୍ଛ ।

ରୁଷିଆ ଛଅ ଛମାସ ଭିତରେ ବଢ଼ିଥିବା ଲୁବଲିନ ସରକାରକୁ ବିଶ୍ୱଶାନ୍ତି ସଭାରେ ସ୍ଥାନ ଦିଆଯିବା ପାଇଁ ରୁଷିଆର ଦାବି ପ୍ରତି ଆମେରିକା ନମ୍ର କରିଛି ।—ବେଶରେଇ, ବର ଦେଉଥାଏ ବକ୍ସୁଟରେ ।

ଜର୍ମାନ ନେତା ଭନ୍ ପାପେନ ଧରା ପଡିଛନ୍ତି ।—ଧରି ମାଇଲେ ଯେ ବାଘ ମାଇଲେ ସେ ।

ଯୁଗସ୍ଲାଭିଆର ଟିଟୋ ସରକାର ଓ ପୋଲଣ୍ଡର ଲୁବଲିନ ସରକାର ରୁଷିଆ ସହିତ ସ୍ଥାୟୀ ସନ୍ଧି କରିଛନ୍ତି ।—ତମେବଂ ଶରଣଂ ଗଚ୍ଛ ।

ଟ୍ରୁମେନ (ସହଅନତ) ଆମେରିକାର ସଭାପତି ହେଲେ । ମିଛ ସତର ଶ୍ରାବ ଗ୍ଲୁଛି ।

ଗୁଣ୍ଡାମି ଅଭିଯୋଗରୁ ସୈନ୍ୟ ଓ ଗୁଳି କରିଥିବା ଅପରାଧରୁ ପୁଲିସ ଖଲାସ ହେଲେ ।—(କଟକର ଓ ଗାବା) —ପଣ୍ଡିତଙ୍କ ପୁଅ ।

ଓଡ଼ିଶା ସରକାର ଇଷ୍ଟାମ୍ପ ଶୁଳ୍କ ବଢ଼ାଇ ଦେଇଛନ୍ତି ।—ଅଦା ପରଜା ହେଲେ ରାଜ୍ୟ ବାହାରେ ମଜା ।

ସିନ୍ଧ ମନ୍ତ୍ରୀମଣ୍ଡଳର ସଂଖ୍ୟା ବଢ଼ିବ ।—ଅନ୍ନ ପାଣି ବୁହାକୁ ତିନିଜଣ ଲୋଡ଼ା ।

ବର୍ଣ୍ଣାର୍ଡ୍ ଶ ଗାନ୍ଧିଜୀଙ୍କ ଶାନ୍ତି ପଥକୁ ସମର୍ଥନ କଲେ ।— ଚର୍ଚ୍ଚିଲ କହନ୍ତି, ଶ୍ୱେରର ସାକ୍ଷି ମାତାଲ ।

ହିଟଲର ସୁଡଙ୍ଗ ଭିତରେ ଲୁଚିଛନ୍ତି ।—ମରଣକାଳେ ନିଦ୍ରା ଗଲେ —

ମୌଲାନା ଆଜାଦଙ୍କ ବାକ୍ସଭାରେ ନେଗାଲା ।—ତଥାପି ସେ ନ ଭାଙ୍ଗନ୍ତି ।

ଜାପାନୀମାନେ 'ଭି' ଅସ୍ତ୍ରଠାରୁ ଅଧିକ ବଳଶାଳୀ ଆକାଶ ପଥର ଏକ ମରଣ ବାହିନୀ ଗଢ଼ିଛନ୍ତି ।—ଯିଏ ଯେଉଁ ଗାତ ଖୋଳେ......

କାନେଡାରେ ପାଞ୍ଚ ମନ୍ତ୍ରୀ ଗଲେ ଓ ଆଇଲେ ।—ଅଦ୍ଭୁତ ଅଦ୍ଭୁତ ଭୂତାନ ।

ରକ୍ତ ପରୀକ୍ଷାରେ ବାପର ରକ୍ତ ନ ମିଳିବା ସତ୍ତ୍ୱେ କାଳିଫର୍ନିଆର ବିଚାରକମାନେ ବିଖ୍ୟାତ ହାସ୍ୟରସର ଅଭିନେତା ଚାର୍ଲି ଚାପଲିନଙ୍କ କୃତଦାସୀ ଜୋଆନ ବେରିଙ୍କ ଗର୍ଭସମ୍ଭୂତ ସନ୍ତାନର ଜନକ ଚାର୍ଲି ବୋଲି ରାୟ ଦେଇଛନ୍ତି— ପର ଦ୍ୱାରା ସନ୍ତାନ ଉତ୍ପତ୍ତି ହୋଇଥାଇ ପାରେ ।

ବମ୍ବେରେ ରେଳ ଦୁର୍ଘଟଣା ।—ବମ୍ବେ ସରକାରଙ୍କ ପର ବିପଥ ଗାମୀ ।

ମିଳିତ ଶକ୍ତି ଅଧିକୃତ ଜର୍ମାନ ସହର ଲିପଜିଗରେ ଅନେକ ନାଜିନେତା ଆତ୍ମହତ୍ୟା କରିଛନ୍ତି ।—ଚିରୁଟୀ ହୋଇ ବଳଦର ବୋଠାବାଡ଼ ଉପରେ ବସିବେ ।

ହିଟଲର ଓ ଗୋବେଲ ଶେଷ ପର୍ଯ୍ୟନ୍ତ ବର୍ଲିନରେ ରହିବେ ।—ମହାବ ହୋଇବେ କେଉଁ ଶଳ ?

ପ୍ରୟୋଗ ପାତ୍ର (test tube) ସମ୍ଭୂତ ସନ୍ତାନମାନେ ଏଣିକି ଅବୈଧ ବୋଲି ଖ୍ୟାତ ହେବେ ।—ବେଦୂଅ ସଂଖ୍ୟା ବଢ଼ିଲା ।

ବିଲାତରେ ସ୍ୱାମୀ ସ୍ତ୍ରୀଙ୍କ ରକ୍ତରେ ଅପର ପୁରୁଷର କେବଳ ବୀର୍ଯ୍ୟକୁ ଅପ୍ରାକୃତିକ ଉପାୟରେ ପ୍ରୟୋଗ କରି ସନ୍ତାନ ଉତ୍ପାଦନ ହେଉଛି ।—ବିଧାନିଏ ।

ପ୍ରଶାନ୍ତ ମହାସାଗରର ଇଂରେଜ ରାଜ୍ୟ ତାରାଓ୍ୱା ଦ୍ୱୀପ ଆମେରିକା ନେବେ ।—ସ୍ୱୈର ମାଉସୀ ।

ରୁଷୀୟମାନେ ବର୍ଲିନରୁ ଖାସମାହାଲ କହିବାରୁ ଆମେରିକା ଟ୍ୟାଙ୍କ ବାହିନୀ ବର୍ଲିନ ଉପକଣ୍ଠରୁ ଫେରି ଆସିବା କଥା ମିଥ୍ୟା ।—ନିଆଁ ନ ଥାଇ ଧୂଆଁ ।

ପୂର୍ବ ଇଉରୋପରେ ସୋଭିଏଟ୍ ନୀତିକୁ ସମାଲୋଚନା କରିବାକୁ ରୁଷ କାଗଜ ଇଂରେଜମାନଙ୍କୁ କହିଛନ୍ତି—ତମେ ତମ ଉପନିବେଶ ଆଡ଼କୁ ଦୃଷ୍ଟି ଦିଅ ।—ଗୋଦର ଗୋଡ଼ ତା ଗୋଡ଼କୁ ଅନା ।

( ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ବଡ଼ ମୁହଁରେ........

ଜାପାନ ଯୁବ ମନ୍ତ୍ରୀ—"ଜର ବା ମର !" —ମାର ବା ମର ନୁହେଁ ?

ଷ୍ଟାଲିନ—"ଆମେ ବର୍ଲିନ ଦଖଲ କରିବା ।"— ମହତ୍ତ ଦେବତା ହ୍ୟେଷା ନରରୂପେଣ ତିଷ୍ଠତି ।

ଗାନ୍ଧିଜୀ—"ଅସ୍ଥାନରେ ଓ ଅସମୟରେ ଫଟୋ ଉଠାଇବା କଳା ନୁହେଁ—ନିର୍ଲଜ୍ଜତା ।"—ଲଜ୍ଜା ନାହିଁ ନିର୍ଲଜ୍ଜଙ୍କୁ ।

ଗାନ୍ଧିଜୀ—"ଅନାସ୍ଥାର ଓ ଅବିଶ୍ୱାସର ପାତ୍ର ହେବା ସବୁଠାରୁ ବଳି ପରାଧୀନତା ।"—ବ୍ରିଟିଶ ସରକାର ତହୁଁ ସ୍ୱାଗତ ।

ଗାନ୍ଧିଜୀ—"ସମଗ୍ର ଭାରତ ଏକ କାରାଗାର ।"—ଭାରତ-ରକ୍ଷା ତାର ଦାୟିତ୍ୱଶୀଳ ରକ୍ଷୀ ।

ଗାନ୍ଧିଜୀ—"ଜାତିଭେଦ ହିନ୍ଦୁ ଧର୍ମର ଏକ ଶୃଙ୍ଖଳା ।" —ସବେ ହୋଇବେ ଏକାକାର—

ଗାନ୍ଧିଜୀ—"ଭାରତ ଓ ଅନ୍ୟାନ୍ୟ ଦେଶର ପରାଧୀନତା ଅନ୍ତର ଏକ ଅଧିକ ଭୟଙ୍କର ଯୁଦ୍ଧର ଉପକ୍ରମଣିକା ।"—ମଙ୍ଗଳଂ ପୁଣ୍ଡରୀକାକ୍ଷଃ ।

ଟ୍ରୁମେନ—"ଜର୍ମାନର ବିନା ସର୍ତ୍ତରେ ଆତ୍ମସମର୍ପଣ ଦାବି ଆମର ଥିଲା ଓ ଅଛି ।"—ତଥା ଚିରଦିନ ରହିବ ।

ପାର୍ଲବକ—ସ୍ୱାଧୀନ ଭାରତହିଁ ବିଶ୍ୱଶାନ୍ତିର ଭିତ୍ତି !"—ଓ ପରାଧୀନ ଭାରତ ବିଶ୍ୱଶାନ୍ତିର ଜନ୍ମ ପତାକା ।

ଗୋବେଲସ—"ଆଜ ଆମେ ଏକ ବିଶାଳ ବିୟୋଗାନ୍ତ ନାଟକର ଶେଷ ଅଙ୍କରେ ଦଣ୍ଡାୟମାନ ।"—ମନ କହୁଛିରେ—

ସୀମାନ୍ତ ଗାନ୍ଧି—"ମୁଁ ବର୍ତ୍ତମାନର କ୍ଷମତା ରହିତ ମନ୍ତ୍ରୀପଦ ଲୋଡ଼େଁନା ।"— ଖାଁ ସାହେବ ମନ୍ତ୍ରୀପଦ ନୁହେଁ ଲାଟ ହସ୍ତ ଗ୍ରହଣ କରନ୍ତୁ ।

ଗୋଏବେଲସ—"ଅବସ୍ଥା ପୂର୍ବରୁ କେବେ ଏପରି ଖଣ୍ଡା ଧାର ଉପରେ ଉଭା ହୋଇ ନ ଥିଲା ।"—ପୀରତି ବଡ଼ ଦାରୁ ଅଟେ ।

ଗୋବେଲସ—"ଆମର ଶତ୍ରୁମାନେ ଆମକୁ ଆହତ କରି ପାରନ୍ତି ମାତ୍ର ହତ୍ୟା କରି ପାରିବେ ନାହିଁ ।"—ହତ୍ୟା କଲେ ବି ଆମେ ସ୍ୱୀକାର କରିବୁ ନାହିଁ ।

ବେଣ୍ଡଲପର—"ପ୍ରେସ ସ୍ୱାଧୀନତା ବୋଇଲେ ଆମେ ଯାହା ବୁଝୁ ବ୍ରିଟିଶ ତା ବହିବେ ଜାଣି ନାହିଁ ।"—ଭାରତ ତ ତା ମଲା ପରେ ବି ଜାଣି ପାରିବ ନାହିଁ ।

ଜାପାନ ଯୁବମନ୍ତ୍ରୀ—"ମଲା ପରେ ମଧ୍ୟ ଶତ୍ରୁ ଭୂତ ସଙ୍ଗେ ଯୁଦ୍ଧ ।"—ଅଭିଜ୍ଞ ଅନ୍ତାରେ ଶତ୍ରୁର ସନ୍ଧ୍ୟା ସହିତ ।

କ୍ୱାଏମଅଜହାସ—(ମୋମିନ ମୁସ୍ଲିମ ନେତା)—"ଧନୀ ଲୋକଙ୍କ ପ୍ରାଧାନ୍ୟରେ ଗଠିତ ମୁସ୍ଲିମ ଲିଗ୍‌ଠାରୁ ଦୂରରେ ରହ !"—ଦୂର ଲୋକ ପୁର ଗାଏ ।

ହିଟଲର—"ଆମର ଅସ୍ତିତ୍ୱ ରକ୍ଷାର ସଂଗ୍ରାମ ଚରମ ସୀମାରେ ପହଞ୍ଚିଛି ।"—ନିରାକାର ରୂପ ଧରିବେ ।

ଅଷ୍ଟ୍ରେଲିଆ ପ୍ରଧାନ ମନ୍ତ୍ରୀ କର୍ଟିନ—"ଜାପାନର ଅସଲ ବଳ ସ୍ଥଳରେ ପରିଚାଳନ କରିବାକୁ ହେବ ।"—ନାକ ନାକ ଲହେଇ ।

---

( ଖବର ଅନ୍ତର ପୂର୍ବପୃଷ୍ଠା ଉତ୍ତାରୁ )

ଚେଁଚେ ଆତ୍ମସମର୍ପଣ କଲେ ।—ଚୋ ବନ୍ଦୁ ଅନ୍ୟ ଗତି ନାହିଁ ।

ନିଗ୍ରୋ ନେତା ଡୁ ବୋଇ ଗାନ୍ଧିଙ୍କ ଶାନ୍ତି ପ୍ରସ୍ତାବକୁ ସମର୍ଥନ କରିଛନ୍ତି ।—କେନା ଜଣେ ମହତ ସମଦଶା ।

ଲର୍ଡ଼ ବେଭେଲ ଓ ଅମେରିକା ଭିତରେ ଭାରତ ନେଇ ମତଦ୍ୱୈଧ ଘଟିଛି ।—ଅଦ୍ୱୈତରୁ ଦ୍ୱୈତ ବାଦ ।

ଦିଲ୍ଲୀର ୭ ଜଣ ଲକ୍ଷପତି ଚୋରବଜାରୀ କାମ କରୁଥିବାରୁ ଗିରଫ ହୋଇଛନ୍ତି ।—ବାହା ହାଣ୍ଡି ମାରି କରୁଥିଲେ କି ?

ଷ୍ଟାଲିନ ୮ ଟ୍ରୁମେନଙ୍କୁ ଭେଟିଛନ୍ତି ।—ପରସ୍ପର ପ୍ରଶଂସାବାଦ ସଭା

ମୁସଲେନୀ ଧରା ପଡି ସସ୍ତ୍ରୀକ ପ୍ରାଣଦଣ୍ଡ ପାଇଛନ୍ତି ।—ପାପ ସଂସାରରୁ ପରିତ୍ରାଣ ।

( ଦେଲୁଅବସ୍ଥାର ୨ୟ ପୃଷ୍ଠା ଉତ୍ତାରୁ )

ବାଳକଙ୍କ ଜଗିବା ପାଇ ନାମ ପାଇଛନ୍ତି । ଏ ନର୍ଥସେଠି ଦଳ, ଛୋଟଠାରୁ ବଡ଼ ଯାଏଁ, ଚୌକିଦାରଠାରୁ ଅଫିସ ଯାଏଁ ବ୍ରିଟିଶର ଭାରତ ବଳ ଚଳାଉଛନ୍ତି । ୧୯୪୨ରେ ଏମାନଙ୍କ କୃତିତ୍ୱ ସମ୍ବନ୍ଧରେ ଲେଖିବାକୁ ମନା । ତଥାପି ସୀମାନ୍ତ ଗାନ୍ଧିଙ୍କ ଉପରେ ଲାଠି ମାଡ଼ କଥାଟା ବାହା ଦେଶର ବଧା ଭଳ ନିଠା ଲାଗିଥିବାରୁ ଏବେ ତାହା ପଦାରେ ପଡ଼ି ଯାଇଛି । ଏ ନର୍ଥସେଠି ଦଳର ସବୁଠାରୁ ବାହାଦୁର ହେଉଛି—ଏମାନେ ଶୂନ୍ୟରେ ନନ୍ଦନବନ ଠିଆ କରିଦେଇ ପାରନ୍ତି । ସୁଧାନାଥ ଥିଲେ ଲେଖିଥାନ୍ତେ—

ବଡ ବଡ୍ ମୁହଁ ଆଃଇ ପୁଲିସ,
ବନ୍ଧା ମେଘ ହୁଙ୍କ ପାରଇଁ କ୍ଳିଶ
କଏ ନ ଜରଇ ଜୟପ୍ରଂଶ ତମ କୁ,
practice କରନ୍ତି ଭଲ long jumpକୁ ।

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି………

## ରାଷ୍ଟ୍ରପତି ରୁଜ୍‌ଭେଲ୍‌ଟ

ଆମେରିକା ଯୁକ୍ତରାଷ୍ଟ୍ରର ଲୋକେ ଅତିଶୟ ସ୍ୱାଧୀନତା ପ୍ରେମିକ ଓ ବିଶ୍ୱ-ଗଣ-ମୁକ୍ତିର ପକ୍ଷପାତୀ । ସେହି ଅଦ୍ଭୁତ ଓ ଅତ୍ୟୁନ୍ନତ ଦେଶର ସର୍ବଶ୍ରେଷ୍ଠ ଅଧିନାୟକ ରୁଜ୍‌ଭେଲ୍‌ଟଙ୍କର ଅକସ୍ମାତ୍ ତିରୋଧାନ ଘଟି ସାରା ପୃଥିବୀକୁ କ୍ଷୁବ୍ଧ ଓ ସ୍ତମ୍ଭୀତ କରି ଦେଇଛି ।

ଆମେରିକାରେ ନିୟମ ଅଛି ଯେ ଗଣନିର୍ବାଚନ ଦ୍ୱାରା ପ୍ରତି ଚାରିବର୍ଷରେ ଜଣେ ଲେଖାଁଏ ରାଷ୍ଟ୍ରପତି ନିଯୁକ୍ତ ହୁଅନ୍ତି । ନିର୍ବାଚନ ହୋଇଗଲା ପରେ ତାଙ୍କର ଅସୀମ ଓ ନିରଙ୍କୁଶ କ୍ଷମତା ବା ପ୍ରତିପତ୍ତି ହୁଏ । ସେଥିପାଇଁ ଥରକାରୁ ଅଧିକ ପ୍ରାୟ କେହି ଜଣେ ବ୍ୟକ୍ତି ଏ ପଦ ପ୍ରାପ୍ତ ହୁଏ ନାହିଁ । କେବଳ ନିଜର ବ୍ୟକ୍ତିତ୍ୱ ଓ ପ୍ରତିଭା ବଳରେ କେହି କେହି ଦୁଇଥର ଲଗାଲଗି ଏ ପଦ ପ୍ରାପ୍ତ ହୋଇଥିଲେ । ମାତ୍ର ରୁଜଭେଲ୍‌ଟ ଆପଣାର ଅପରିସୀମ ବ୍ୟକ୍ତିତ୍ୱ ଦ୍ୱାରା ଦେଶକୁ ଏପରି ପ୍ରଭାବିତ କରିଥିଲେ ଯେ ଆମେରିକାବାସୀ ତାଙ୍କର ପାଇଁ ନିୟମ ଲଙ୍ଘନ କରି ମଧ୍ୟ ତାଙ୍କୁ ଲଗାଲଗି ଚାରିଥର ଏହି ଉଚ୍ଚ ପଦରେ ସର୍ବମୟ କର୍ତ୍ତା କରି ନିଯୁକ୍ତ କରିଥିଲେ ।

ନିଜ ଦେଶ ବାହାରେ ରାଜନୀତିରେ ହସ୍ତକ୍ଷେପ ନ କରିବା ଆମେରିକାର ଚିରାଚରିତ ନୀତି ।

ବିଗତ ମହାଯୁଦ୍ଧରେ ଥରେମାତ୍ର ଏ ନୀତି ଭଙ୍ଗ କରି ଆମେରିକା ୟୁରୋପୀୟ ରଣରେ ଯୋଗ ଦେଇ ଥିଲା । ମାତ୍ର ଦୂରଦର୍ଶୀ ରୁଜଭେଲ୍‌ଟ୍ ପୃଥିବୀର ଶାନ୍ତି ଓ ନିପୀଡ଼ିତ, ଦଳିତ, ଶୋଷିତ ମାନବ ଜାତିର ମୁକ୍ତି ନିମନ୍ତେ ପୁଣି ଏହି ନୀତି ଭଙ୍ଗକରି ଚଳିତ ଯୁଦ୍ଧରେ ଯୋଗ ଦେଲେ । ଏହି ଅସମ୍ଭବ କଥା କେବଳ ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ପ୍ରଭାବରେ ଘଟି ପାରିଲା ।

ତାଙ୍କର କୌଶଳ ଓ ସଯୋଜନା ବଳରେ ହିଁ ମିତ୍ର ପକ୍ଷ ଆଜି ଏ ମହାରଣରେ ଜୟ କରିବାକୁ ବସିଛନ୍ତି ।

୧୯୨୯ ମସିହାର ବିଶ୍ୱବ୍ୟାପୀ ଅର୍ଥସଙ୍କଟ କାଳରେ ରୁଜଭେଲ୍‌ଟ ତାଙ୍କ ଦେଶର କୋଟିପତି ମାନଙ୍କ ସ୍ୱାର୍ଥକୁ ନ ଚାହିଁ New Deal (ନବବିଧାନ) ର ପ୍ରବର୍ତ୍ତନ କରି ଦେଲେ । ଏହା ତାଙ୍କର ଗୁଣ ନିର୍ଭୀକତାର ପରିଚୟ ନୁହେଁ ।

ଯୁଦ୍ଧ ପରେ ବିଜେତା ପକ୍ଷ କାଳେ ପୁଣି ଦୁର୍ବଳ ଜାତିମାନଙ୍କ ଉପରେ ଅତ୍ୟାଚାର ଓ ଶୋଷଣ କରି ତାଙ୍କର ମହତ୍ ଉଦ୍ଦେଶ୍ୟକୁ ପଣ୍ଡ କରିଦେବେ, ସେଥିପାଇଁ ରୁଜ୍‌ଭେଲ୍‌ଟ ସାନଫ୍ରାନସିସ୍କୋ ଠାରେ ଗୋଟିଏ ପୃଥିବୀ ସମ୍ମିଳନୀ ବସାଇବାର ଯୋଜନା କରିଥିଲେ, ମାତ୍ର ତାହା ହେବା ପୂର୍ବରୁ ସେ ଇହଧାମରୁ ବିଦାୟ ହୋଇଗଲେ । ତଥାପି ଉକ୍ତ ସମ୍ମିଳନୀ ବସୁଛି ଏବଂ ସେ ସମ୍ମିଳନୀର ସିଦ୍ଧାନ୍ତକୁ ଦଳିତ ବିଶ୍ୱ ଜଗତ ବହୁ ଆଶାରେ ଚାହିଁ ବସିଛି । ଅନେକ ଆଶଙ୍କା ମଧ୍ୟ କରୁଛନ୍ତି କି ରୁଜ୍‌ଭେଲ୍‌ଟ ପୃଥିବୀକୁ ଯେଉଁ ଚାରି ପ୍ରକାର ମୁକ୍ତି (ଅଭାବରୁ ଭୟରୁ ଏବଂ ସ୍ୱାଧୀନ ଭାଷା ଓ ବିଶ୍ୱାସ ଉପରେ ବାଧାରୁ ମୁକ୍ତି) ଦାନ କରିବା ପାଇଁ ଜୀବନର ଲକ୍ଷ ରଖିଥିଲେ, ତାଙ୍କର ଅବର୍ତ୍ତମାନରେ ହୁଏତ ତାହା ଅବିଳ ହୋଇଯିବ ।

ସବୁ ସର୍ବଜ୍ଞ ମହାକାଳର ଇଚ୍ଛା । —ଅଜା

## ନୂଆ ନାଗଙ୍କର ନାମ

୫୮୧ । ଶ୍ରୀ ଅଚ୍ୟୁତାନନ୍ଦ ପତି, ରାଜେନ୍ଦ୍ର କଲେଜ ପ୍ରଥମ ବାର୍ଷିକ ଛାତ୍ର, ପୋ: ବଲାଙ୍ଗିର ପାଟଣା । ୫୮୨ । ଶ୍ରୀ ନୃସିଂହ ଘୋଷ (ଆଜୀବନ ସଭ୍ୟ) ରସଗୋବିନ୍ଦପୁର—ପୋ: ଯୋଗେଡ଼ା, ମୟୂରଭଞ୍ଜ । ୫୮୩ । ଶ୍ରୀ ମନୋରଞ୍ଜନ ଦାସ (ଆଜୀବନ ସଭ୍ୟ) ଦଶମଶ୍ରେଣୀ ହାଇସ୍କୁଲ, ରେମୁଣା ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରବୀଣ ରସାୟନଜ୍ଞଙ୍କ ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଜ ବା ବିକୃତ ଚର୍ମ, ଦେହାଙ୍ଗିକ ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ଜଣେ ଜଣେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫ ୮ ୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର **ଛଜ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ ।** ଏକ ଶିଶି ୫୲୧୲ଙ୍କା ମାତ୍ର ୫ ୨ ଟଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ**

ଆଲମଚାନ୍ଦ ବଜାର, କଟକ

---

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମ୍ୟାଲେରିଆ କୋଟି କୋଟି ନର ନାରୀ ରୋଜ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରୋଲା ବ୍ୟବହାର କଲେ ଯେ କୌଣସି ପ୍ରକାର ମ୍ୟାଲେରିଆ ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃହତ୍ ଓ ରକ୍ତ ପ୍ଲୀହା, ଯକୃତ, ମ୍ୟାଲେରିଆ ଇତ୍ୟାଦି ସବିରାମ ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଅତୁଳନୀୟ ଜଗତରେ **"ପାଇରୋଲା"** ( ରେଜିଷ୍ଟାର୍ଡ ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇଅଛି । ମୂଲ୍ୟ:— ୫ ୨୲୷ ( ପ୍ରତି ଶିଶି )

**'ଅନନ୍ତ ରସ ସାଲସା'**— ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ବର୍ଦ୍ଧକ ମହୌଷଧ ।

ହେଡ୍‌ଅଫିସ— ଶ୍ରୀଧର ଚକ୍ରବର୍ତ୍ତୀର ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍, କଲିକତା ।

ପ୍ରାପ୍ତିସ୍ଥାନ: — ମନମୋହନ ବ୍ରଦର୍ସ

ନଂ ୧୩୭ । ୨ ... ଷ୍ଟ୍ରିଟ୍, କଲିକତା, ଓ ମନମୋହନ ପ୍ରେସ, କଟକ ।


---

Printed & published by G. C. Mahapatra at the Gopinath Press, Bhadrak. 1945.

ବାର୍ଷିକ ... ଅଗ୍ରିମ ...

Digitized by srujanika@gmail.com

୮ମ ବର୍ଷ—ବୈଶାଖ ଦ୍ୱିତୀୟାର୍ଦ୍ଧ—୨୪ଶ ସଂଖ୍ୟା




Digitized by srujanika@gmail.com

ବ୍ୟବସାୟ ଓ ସଞ୍ଚୟର ସୁଯୋଗ

## ପାଇୋନିଅର କମର୍ସିଏଲ ବ୍ୟାଙ୍କ ଲି:—

**ହେଡ଼ ଅଫିସ— କଲିକତା**

**ଶାଖା ଅଫିସମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଜଲପୁର, ମିତ୍ରଗଞ୍ଜ

**ନବପ୍ରତିଷ୍ଠିତ ଶାଖା—ଭଦ୍ରକ ।**

ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, କାଜପୁର ରୋଡ଼, ପାଟନା, (କଟକ, ବାଲେଶ୍ୱର, ବରହମପୁର ଓ ଅନୁଗୁଳଠାରେ ଶୀଘ୍ର ଶାଖା ଅଫିସମାନ ଖୋଲା ଯାଉଛି)

ମେନେଜିଂ ଡିରେକ୍ଟର—

ନୂଆଦିଲ୍ଲି, ନାଗପୁର । **ସ୍ୱା—ପି. ଏନ୍: ରାୟ୍ ଚଉଧୁରୀ ।**

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ଟ ୫ ୯ ଜମା ଦେଲେ—ବ ୪ ର୍ଥ ସରେ ଓ ୫ମ ବାର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।

---

## 'ଡଗର' ନିୟମାବଳୀ

୧ । 'ଡଗର' ପ୍ରତି ଇଂରାଜି ମାସର ତା ୧ ରିଖ ଓ ୧୬ ତାରିଖରେ ପ୍ରକାଶ ହୁଏ ।

୨ । ୭ମ ବର୍ଷଠାରୁ 'ଡଗର'ର ପରିବର୍ଦ୍ଧିତ ମୂଲ୍ୟ ଡାକରେ ବାର୍ଷିକ ଟ ୩ ୧ ଓ ଷାଣ୍ମାସିକ ଟ ୨ ଙ୍କା ।

୩ । ଏଜେଣ୍ଟମାନଙ୍କଠାରୁ ଖଣ୍ଡିଏ 'ଡଗର' ଦୁଇଅଣା ଦେଇ ପାଇପାରିବେ ।

୪ । 'ଡଗର' ପାଇଁ ବିଜ୍ଞାପନ, କବିତା, ପ୍ରବନ୍ଧ, ଇତ୍ୟାଦି ସମସ୍ତ "ପରିଚାଳନା ସମ୍ପାଦକ, 'ଡଗର' ପୋ: ଭଦ୍ରକ ( B. N: R. )"ଙ୍କ ଠାକୁ ପଠାଇବାକୁ ହେବ । ଉପଯୁକ୍ତ ଡାକଟିକଟ ନ ଥିଲେ କବିତା, ପ୍ରବନ୍ଧ ପ୍ରଭୃତି ଫେରସ୍ତ ଦିଆଯାଏ ନାହିଁ ।

---

ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର; ପରିଚାଳନା ସମ୍ପାଦକ;—ଶ୍ରୀ ବ୍ରଜମୋହନ ଦାସ

Digitized by srujanika@gmail.com

# ହୁକାହୁକା ହୁଆ

## ( ବିଲୁଆ ବିଗୁର )

ବିଜୟ ଉତ୍ସବରେ ଦେଶ ଉଚ୍ଛନ୍ନ ପଡ଼ୁଛି । ଏଣିକି ବେଳରେ କିନ୍ତୁ ହାଲ ଦୁନିଆର ଶ୍ରେଷ୍ଠ ପ୍ରତିଭାଶାଳୀ ଲେଖକ 'ବର୍ଣ୍ଣାର୍ଡ଼ଶ' ଏକ ଓଲଟା ବାଣୀ ଶୁଣାଇଛନ୍ତି । ତାଙ୍କ କଥାର ମର୍ମ ଏହିକି ବିଜୟରେ ସେ ଆନନ୍ଦ ପାଉନାହାନ୍ତି । କାରଣ ୟୁରୋପ ସାରା ଯେତେବେଳେ ଧ୍ୱଂସ ସ୍ତୂପରେ ପରିଣତ ହେଉଛି ଓ ଆଗକୁ ଅଛି ଭୟଙ୍କର ଅବସ୍ଥାର ସୂଚନା ଦେଖାଯାଉଛି, ସେତେବେଳେ ବିଜୟର ଆନନ୍ଦ ପ୍ରାଣରେ ବା ଆସିବ କାହିଁ !

ବର୍ଣ୍ଣାର୍ଡ଼ଶଙ୍କର ମତରେ ପୃଥିବୀରେ ଶାନ୍ତି ସ୍ଥାପନ ହେବା ଏକପ୍ରକାର ଅସମ୍ଭବ । କାରଣ ଯେତେ ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଲେ ମଧ୍ୟ ମାନବ ଜାତିଟା ଯେତେଦିନ ପୃଥିବୀ ପୃଷ୍ଠରେ ରହିଥିବ, କିଛି ନପାଇଲେ ଖାଲି ହାତରେ ଅର୍ଥାତ୍ ବିଧା, ମୁଥା, ଚାପୁଡ଼ାରେ ସେ ପରସ୍ପର ଲଢ଼ାଇକରି ହେବେ ।

**ଗଭୀର ଶୋକ ।**

ସତ୍ୟନିଷ୍ଠ କଂଗ୍ରେସ କର୍ମୀ ଅନୁଗୋଳର ଶ୍ରୀ କୃପାସିନ୍ଧୁ ଭୁକ୍ତା ଆଉ ଇହଧାମରେ ନାହାନ୍ତି ।

ଓଁ ଶାନ୍ତି ଶାନ୍ତି ଶାନ୍ତି ।

ଶ'ଙ୍କ କଥାରେ ଯୁକ୍ତି ଥିଲେ ମଧ୍ୟ, କଥାଟା ଆମ ମନକୁ ପାଇବା କାଠିକିରି ପାଠ । କାରଣ ଆମେ ହେଲୁଁ, ମହାତ୍ମା ଗାନ୍ଧିଙ୍କ ସୃଷ୍ଟି, ଆମ ଦେଶ ହେଲା ପୁଣ୍ୟଭୂମି ଭାରତବର୍ଷ । ଧର୍ମ ବା ନୈତିକ ବଳରେ ଆମେହିଁ ଦିନେ ପୃଥିବୀରେ ଶାନ୍ତି ଆଣି ଦେବୁଁ ।

ଅତଏବ ଅବାଳ ବୃଦ୍ଧବନିତା ସମଗ୍ର ନରନାରୀ ଏତିକି-ବେଳେ ଦୀପାଳୀ ଜାଳ, ମିଠେଇ ଖାଅ, ଯାହା ଦେଖ ମନ ଦୂରକୁ ଆନନ୍ଦ କରୁଥାଅ ଆଉ ଝାଞ୍ଜ ମୃଦଙ୍ଗ ବଜାଇ ମନଇଚ୍ଛା ନାଚ କୀର୍ତ୍ତନ କର । କାରଣ, ଆମ ଚର୍ଚ୍ଚିଲ କହିଲେଣି— ଏ ବିଜୟ 'ଅମର' !

\+ \+ \+ \+

ଏତେ ଢୋଲ ଢୋଲରେ ଯଦି ବିଜୟଟା ଆମକୁ ମିଳେ ତେବେ ତାହାକ ଖଣ୍ଡିବାର କଥା ! ଚିନ୍ତାନାହିଁ, ଦବକନାହିଁ, କଷ୍ଟନାହିଁ, ଦୁଃଖନାହିଁ, ଡରନାହିଁ, ଭୟନାହିଁ, ନରେଲାରେ ବର୍ଷି, ମାମୁଘର ଡାଲିଭାତ ଧ୍ୱଂସ କରୁ କରୁ ଆମ କପାଳରେ ଯେବେ ଶିକା ଛିଣ୍ଡିଲା, ଏହାଠାରୁ ଶୁଭଦଶା ଆଉ କଣ ହୋଇ ପାରେ !

ଏଥିରେ ଆମକୁ ଯଦି କେହି ପରଲୋକ ଦୋଷ ଦେଇ କହେ କି— ତମେ କଣ କରିଛ ବୋଲି—ଆମେ ତାର ମୁହଁ ଉପରେ ଟେକଟୋକ ଜବାବ ଦେଇଦେବୁ— ଆମେ କଣ ମରିନାହୁଁକି ? ଆମେ ତୁମଠୁଁ ଅଧିକ ବୀରତ୍ୱ ଦେଖାଇ ମରିଛୁଁ ! ଅନ୍ନଜଳ ବନ୍ଦ କରିଦେଇ ଏକା ବଙ୍ଗ ଦେଶରେହିଁ ଶାରର ମରଣ ବରଣ କରିଛୁଁ । ଏହାଠାରୁ ଆଉ ଅଧିକ ତ୍ୟାଗ କଏ କରିଛି ଭଲ କହିଲ !! ସପ୍ଲାଇ, କଣ୍ଟ୍ରୋଲର, ଗ୍ରୋମୋରଫୁଡ଼ର ଗଇଜ କଟକଣା ଥାଉଁ ଥାଉଁ ସୁଦ୍ଧା ଆମେ ନଖାଇ ନପିଇ ପୃଥିବୀର ଶାନ୍ତି ଓ ମାନବର ହିତ ପାଇଁ ତ୍ୟାଗ କରିଛୁଁ ଅସୀମ, ଅସୁମାର । ତେବେ ତ ଆସିଛି ବିଜୟ ! ଏ ବିଜୟ ଅମର ନହେବ ତ କାହାର ?

\+ \+ \+ \+

ସାନ୍‌ଫ୍ରାନ୍ସିସ୍‌କୋ ସନ୍ଧି ସଙ୍ଗରେ ଭାରତର ପିଲାମାନଙ୍କ ଇଂରାଜୀ ଶିକ୍ଷା ନିମନ୍ତେ ଏକ ନୂଆ ଟାଷ୍ଟବୁକ୍ ଅବ୍ ରିଡିଂ ତିଆରି ହଉଛି । ଏହାର ଲେଖକ ରୁଷଦୂତ ମୋଲଟୋ— ଫ୍ୟାସି ସରକାରଙ୍କ ପ୍ରେତଅତ୍ମା ନୁହନ୍ତି । ଫ୍ୟାସି ସରକାର ଲେଖିଥିଲେ—'ସେ ଯେପରି ମୁଁ ସେପରି'—As he is so I am. •'ତୁମେ ଯେପରି କର ମୁଁ ସେଇପରି କରେଁ'— As you do so I do. ମୋ ତେ ସେହିପରି କର—Do so to me. କିନ୍ତୁ ମୋଲଟୋ ନୂତନ ମେନେଜର ରଜ୍ୟ ରୁସିଆର ପ୍ରତିନିଧିରୂପେରେ, ବଡ଼ ବୈପ୍ଳବ ଶାସନର ଅଗ୍ରଦୂତ ରୂପେ ସେହିକ ମୋଲଟୋକୁ କଟେଇ ପଟେଇଲେ—ଭାଇ, ଏଣିକି ଭାରତବାସୀଙ୍କି ନୂଆ ପାଠ ପଢ଼ା'ଅ—ମୁଁ କରିବି ତୁମ୍ଭ ଯେପରି ଇଚ୍ଛା କର—I do as you wish. ଏ ପୁସ୍ତକ

Digitized by srujanika@gmail.com

ଅମେଷ ଉତ୍ତେଜନଙ୍କ ଦ୍ୱାରା ସଂକଳିତ ହୋଇ ପିପଲସ୍ ଓ୍ୟାର ଛପାଖାନାରୁ ଶୀଘ୍ର ପ୍ରକାଶ ପାଇବାର ସମ୍ଭାବନା ।

\+ × × ×

ମୋଲଟୋଭ ସାନଫ୍ରାନ୍ସିସ୍କୋରେ ଭାରତ କଥା ଉଠାଇ ଥିବାରୁ କେତେକ ଅଣ୍ଡପୁରୁଷ ଦଳ ବାହାବା ବାହାବା କହି ହେଣ୍ଡି ମାରି ନାଚୁଛନ୍ତି । ସତେ କେଡ଼େ କଥା ରୁଷିଆ କହିଲା ! ଗୋବର୍ଦ୍ଧନ ଗିରି ତୋଳି ଧରିଲା ! ଅବଳା ଭାରତ ଯୁବତୀଙ୍କ ଲଜ୍ଜାଶୀଳ ମାନମହତ ସବୁ ନିଜ ବାହୁଛାୟା ତଳେ ଘୋଡ଼େଇ ରଖିଦେଲା । ଅମ ସପତ ପୁରୁଷ ସରସଙ୍କୁ ରୁଷିଆ ନଣ୍ଟିରେ ଚଢ଼ୁଛନ୍ତି । ଅହାହା, ପରପାଇଁ ଏମିତି ନହିଁବାହାଲା ସଂସାରରେ କିଏ ଅଛି ? ଜର୍ମାନ ତ ନିଜ ପାଇଁ ଏମିତି ଯୁଦ୍ଧ କରି ନଥିବ । ଏ ବେଳରେ ରୁଷିଆ ବୋଲି ପାରିଲେ ସିନା ! ଏ ଯୁଦ୍ଧବେଳରେ କେତେ ଜନଯୁଦ୍ଧବାଲାଙ୍କୁ ଭାରତରେ ନ ପୋଷିଲା । ଏ ଶ୍ରେଣୀର ଲୋକଙ୍କ ଅନନ୍ଦ ସାଗରକୁ ଅମର ବ ସ୍ଥିତ ଲୁଟେ ମୋଟ ହୋଇ ଯାଇଛି । ଅମେ ବି ରୁଷିଆକୁ ବାହାବା ନକହି ରହି ପାରୁନାହୁଁ । ଗ୍ରେଭ କରି, ବେଧ ପକାଇ ନିଜେ ନିଜ ମୁହଁରେ ଚୂନ କାଳି ବୋଳି ଯଦି ଜଣେ ମୁଁ ଏଡ଼େ ବଡ଼ କଥାଟାଏ କରିଛି ବୋଲି ନିଜେ ଯେଣ୍ଟୁ ବାଡ଼େଇ ବୁଲେ ତାର ସାହସକୁ ଧନ୍ୟ ନ କହିବା ତ କହିବା କାହାକୁ ?

\+ + + +

ସାନଫ୍ରାନ୍ସିସ୍କୋରେ ମୋଲଟୋଭଙ୍କ କଥା ଶୁଣି ଟାର ନା ପକେଇ ମାଇପେ ସବୁ ତଳକୁ ମୁହଁ ପୋତିଦେଲେଣି । ଗୋଡ଼ ଘୋଳାଘୋଳି ହେଇ ହୁକ୍କାଟରେ ଦୁନିଆ ଉଲୁଗୁଣା ଜଣିକାଟା ଥିଲା ତାଙ୍କର ଏକଲୁଟିଆ । ଏବେ ଇଂଲଣ୍ଡ ରୁଷିଆ ସେ କାଇଦା ଶିଖି ଏଡ଼େ ଧୂରନ୍ଧର ହେଇଗଲେଣି ଯେ ଟାର ନା ପକେଇ ମାଇପେ ଏଣିକି ନୂଆ ରାସ୍ତା ଖୋଜୁଛନ୍ତି । ରୁଷିଆ ଭାବିଥିଲା ଇଂରେଜ ଅଧୀନ ଭାରତର ଉଡ଼ାଟିଆ ପ୍ରତିନିଧି ଦଳକୁ ସେ ସମର୍ଥନ କରନେଲେ ତାଙ୍କ ଉଡ଼ାଟିଆ ଲିବଲିନ ସରକାର ପ୍ରତିନିଧିଙ୍କୁ ବି ସେ ଶାନ୍ତିସଭାରେ ଜେଗା ଦେବେ । ଚର୍ଚ୍ଚିଲ ଷ୍ଟାଲିନଙ୍କୁ ସେଦିନ ଯାଲ୍ଟାରେ କହିଥିଲେ—"ଭଲ ମୂଷିକ ଖୋଇବା, ତୁ ତ ମୂଷିକ ମୁଁ ତ ମୂଷିକ ହେଁସ କାହିଁ-ପାଇଁ ଧୋଇବା !" କିନ୍ତୁ ଚର୍ଚ୍ଚିଲ ତାଙ୍କ ବଚନ ନ ରଖିଲାରୁ ମୋଲଟୋଭ ଏବେ ସେ ରୁମର ଭିତରେ କହିଥିଲେ—"ଅମେ ତ ଉଡ଼ାଟିଆଙ୍କୁ ଜାଗା ଦେଲୁଁ ତମେ କାହିଁକି ଅମ ପୋଲମାନଙ୍କୁ ଜାଗା ନ ଦେବ ?" ହକ କଥା—ଠକ୍ ଠକ୍ କଥା ?

× + × +

ସାନଫ୍ରାନ୍ସିସ୍କୋ ସଭା ପାଖ ଟୋକିଏ ପାର୍କରେ ଗିଲିଟ ସାରୁଗଛଟିଏ । ତାର ମୂଳରେ ବସା ବେଞ୍ଚଟିଏ ବସି ଅପଣାକୁ ଛତ୍ରପତି ବୋଲି ଗପ କରୁଛନ୍ତି । ସେ ସଭାରେ ଯିଏ ଦେଖ ହସୁଛି । ବେଗ ବୋଲନ୍ତି ମୋ ନମୋଟା ପଣକୁ ଦେଖି ସମସ୍ତେ ଖୁସି ହେଉଛନ୍ତି । ସାର୍ ଫିରୋଜ ଅପଣା ଛାତିକୁ ଅପେ ମାପି ପାରୁନାହାନ୍ତି । ମୁଦଲିଆରଙ୍କୁ ପଚାରୁଛନ୍ତି—ଭାରତର ଜନ ପ୍ରତିନିଧି ଗାନ୍ଧି କଣ ମୋଠୁ ବଡ଼ ? ମୁଦଲ ସାହେବ ଉତ୍ତର ଦେଉଛନ୍ତି—ହଁ ଅନ୍ତର ବଡ଼ । ଫିରୋଜ ପୁଣି ଫୁଲୁଛନ୍ତି । ପୁଣି ପଚାରୁଛନ୍ତି—ଅନ୍ତର ବଡ଼ ? ମୁଦଲ ବୋଲୁଛନ୍ତି—ହଁ ଅନ୍ତର ବଡ଼ । ଶେଷରେ ଉପାୟ ନ ଦେଖି ଫିରୋଜ କହିଲେ—ଗାନ୍ଧି ମୋଠୁ ବଡ଼ ହେଇ ପାରେ କିନ୍ତୁ ମୋ ପରି ଭେଣ୍ଡା ଅଭି ତ ସେ ନାହିଁ । ଏ ପରିସ୍ଥିତି ଅମେରିକାରେ ନାରୀମାନେ ମୋ କର ମର୍ଦ୍ଦନ କରିବା ପାଇଁ କେତେ ବ୍ୟାକୁଳ । ଗାନ୍ଧିଙ୍କ ଦେଖିଲେ କେଉଁ ଯୁବତୀଟା ନାକ ନ ଟେକିବ ? ଗାନ୍ଧି ଗଳାଗଣ୍ଠା ପରିଷଦ ବର୍ଷ ତଳର ସେ ଏଥର ନେତୃତ୍ୱ ଛାଡ଼ି ଦିଅନ୍ତୁ । ଯୁଗଳ ଜବାହର ମୁଣ୍ଡରେ ଶିରପା ଦିଅନ୍ତୁ ।

ଏକଥା ଶୁଣି ଗାନ୍ଧିଜୀ ରସିକ ହେଇ କହି ପଠେଇଲେ ମୁଁ ରାଜି ଅଛି । କିନ୍ତୁ ମୁଣ୍ଡ ପାଇଲେ ତ ଶିରପା ଦେବି ! ଅଛା ମୁଣ୍ଡକୁ ଛାଡ଼ିଦିଅ ହେଲରୁ । ନହେଲେ ସେ ରୁଦ୍ରର ଛଡ଼ନ୍ତୁ । ଫିରୋଜଙ୍କ ଚଟାପଟ ଉତ୍ତର ଦେଲେ ଗାନ୍ଧିଜୀ ଜଣେ ସତ୍ୟସନ୍ଧ ଲୋକ । ସେ ଗୋଟାଏ ସର୍ତ୍ତ ଭଙ୍ଗ କଥା କହୁଛନ୍ତି ନା । ଫିରୋଜଙ୍କ ଏ କଥା ଶୁଣି ଅମର ସେ ମାଇପି ଭଗ ମନେ ପଡ଼ୁଛି ।

ଭଲରେ ଟୋକୀ,
ବୁଦ୍ଧିକୁ ବଳିଆ ଗାଉଁକୁ ବୋକୀ ।

\+ × × +

Digitized by srujanika@gmail.com

# ଚକ୍ରବ୍ୟୂହ

ଲେଖକଃ—କୁମାର

ଷ୍ଟେସନରେ ପହଞ୍ଚିଲି ।

ବମ୍ବେ ମେଲ୍ ପ୍ଲାଟଫର୍ମରେ ଲାଗି ସାରିଥିଲା ।

ହାଓଡ଼ା ଷ୍ଟେସନ । ବଙ୍ଗଳାର ସୁବୃହତ ପ୍ରବେଶଦ୍ୱାର । ହୁଗୁଳି ଉପରେ ପ୍ରଶସ୍ତ ନୂଆ ପୋଲ ରାକ୍ଷସ ଭଳି ଦଣ୍ଡାୟମାନ । ଜନ-ସ୍ରୋତ ଇଞ୍ଜିନ ଧୂଆଁ ଯେମିତି । ଟ୍ରାମ, ମଟର, ଘୋଡ଼ା ଗାଡ଼ି, ରିକ୍ସା—ସଭ୍ୟତାର ସର୍ବବିଧ ଯାନବାହନ । ଅଧୁନାତନ ପଦଚ୍ୟୁତ ମାନବର ଗତି ବ୍ୟୋମ-ଗୃଧ୍ର ବିହଙ୍ଗଠାରୁ ପ୍ରଖର ଓ ଦ୍ରୁତଶୀଳ । ସମସ୍ତେ ବ୍ୟସ୍ତ, ଦିବା-ନିଦ୍ରା ଭାଙ୍ଗିଯାଇଛି । ହୋ ହା, ଧୋ ଧା—ଗହଳ; ଚହଳ ଓ କୋଳାହଳ ।

ଭାରି ଭିଡ଼ । ଗାଡ଼ିର ଏ ମୁଣ୍ଡରୁ ସେମୁଣ୍ଡଯାଏ ଅତି କମରେ ସାତ ଥର ବୁଲିଲିଣି । କମ୍ପାର୍ଟମେଣ୍ଟ ଭର୍ତ୍ତି । ଭିତରକୁ ଯିବାର ଶକ୍ତି ନାହିଁ ।

କୁଲିଟା ଚିଡ଼ିଲାଣି ।

ଅନ୍ୟ ଉପାୟ ନାହିଁ । ସର୍ବୋତ୍କୃଷ୍ଟ ପନ୍ଥା ପ୍ରତ୍ୟାବର୍ତ୍ତନ ।

ଶେଷ ଉଦ୍ୟମ ନିଷ୍ଫଳ ହେଲା । ଫେରୁଚି, ପଛରୁ ଡାକ ଶୁଣାଗଲା । ଅନାଇଦେଲି । କମ୍ପାର୍ଟମେଣ୍ଟର ଝରକା ଭିତର ଦେଇ ଗୋଟିଏ ହାତର ସଙ୍କେତ । ଗଲି ।

ଭଦ୍ରଲୋକଟି ଅତି କଷ୍ଟରେ ପଦାକୁ ମଥା ବାହାର କଲେ । ପଚାରିଲେ—"କେଉଁଠିକି ଯିବେ ?"

"ଝାରସୁଗୁଡ଼ା ।"

"ବାଃ, ଯାହାଉ ସାଙ୍ଗ ମିଳିଲେ । ଜଲଦି ଉଠି ଆସନ୍ତୁ । ଗାଡ଼ି ଛାଡ଼ି ଦେବ ।"

ସେ ଲୋକଙ୍କୁ ଅଡ଼େଇ କୌଣସି ମତେ ମୋ ଜିନିଷପତ୍ର ନେଇ ଭିତରେ ରଖିଦେଲେ ।

ଧକ୍କାଧକ୍କିର ପ୍ରବଳ ସଂଗ୍ରାମକୁ ପରାସ୍ତ କରି ଭିତରେ ଢୁକିଲି ।

ଗାଡ଼ି ସିଟି ଦେଲା । ସାଗୁଆ ଝଣ୍ଡା ହଲିଲା ।

ତାପରେ ଧୀରେ ଧୀରେ, ଜୋରରେ ଏବଂ ପବନ ବେଗରେ ଲୌହ-ରାକ୍ଷସ ଅଭିଯାନ ଆରମ୍ଭ କଲା ।

ଆମେ ଉଡି ଚାଲିଲୁ ।

ଅପର ଗୋଧୂଳି ।

ଗାଡ଼ି ଅଟକିଗଲା । ଖଡ଼ଗପୁର ।

ସେହି ଭଦ୍ରଲୋକଟି ମତେ ବାହାରକୁ ଡାକିଲେ । ଦୁହେଁ ଓହ୍ଲାଇଲୁ । ସେ ଫିମେଲ କମ୍ପାର୍ଟମେଣ୍ଟ ଆଡ଼କୁ ଗଲେ । ପଚାରିଲେ—"କେହି ଅଛନ୍ତି ?"

"ହଁ ।"

"ମିସେସ ?"

"ନାଁ ।" ସେ ଆଉ କିଛି ଜବାବ ଦେଲେ ନାହିଁ ।

"ତେବେ ଆଉ କିଏ ?"

ସେତେବେଳକୁ ଆମ ଦୁହିଙ୍କ ଭିତରେ ବନ୍ଧୁତାର ସୂତ୍ର-ପାତ ହେଲାଣି । ଭଦ୍ରମହିଳାଙ୍କ ପରିଚୟ ଜାଣିବାକୁ ଉଦ୍‌ବିଗ୍ନ ହୋଇ ପଡ଼ିଲି । ଯଦି ସ୍ତ୍ରୀ ନୁହନ୍ତି, କିଏ ସେ ? ପ୍ରଶ୍ନର ସମାଧାନ କରି ପାରିଲି ନାହିଁ । ଅପେକ୍ଷା କଲି ।

ସିଗାରେଟ୍ ଧୂଆଁ ଅନ୍ୟମନସ୍କ ଭାବରେ ଛାଡ଼ୁଥାଏଁ ।

"ସିଗାରେଟ୍ ପ୍ଲିଜ୍ !"

ଭଦ୍ରବ୍ୟକ୍ତି ମୋ ପଛରେ । କେସ୍‌ଟା ବଢ଼ାଇ ଦେଲି ।

ପଚାରିଲି, "ଆପଣଙ୍କ ବନ୍ଧୁ-ପତ୍ନୀ ଆରାମରେ ଅଛନ୍ତି ତ ?"

"ହଁ ବେଶ ସୁବିଧାରେ ବସିଛନ୍ତି । କିନ୍ତୁ ସେ ତ ମୋ ବନ୍ଧୁ-ପତ୍ନୀ ନୁହନ୍ତି !"

Digitized by srujanika@gmail.com

"ଏଁ, ସ୍ତ୍ରୀ ନୁହନ୍ତି, ବନ୍ଧୁପତ୍ନୀ ନୁହନ୍ତି। ଆଉ ତେବେ କଣ ? ମୋ ମଥା ଭିତର ଗୋଳମାଳ ହୋଇଗଲା। ଟିକିଏ ଚିନ୍ତାମଗ୍ନ ରହିଲି।

କିଛି ସମୟ ନୀରବରେ କଟିଲା।

ମନ ଭିତରେ ଭୁମୁଳ ଯୁଦ୍ଧ ଚାଲିଥାଏ। ସମ୍ପର୍କ କଣ ?

"ଆପଣ କେଉଁଠୁ ଆସିଲେ ?"

"ସାଲିମାରରୁ।"

"କଣ କିଛି ଚାକିରି କରନ୍ତି ?"

"ନାଁ।"

"ଆଉ ?"

"ମୋ ଦାଦା ବି, ଏସ୍, ଆର୍, ଡାକ୍ତର। ବୁଲି ଯାଇଥିଲି।"

"ଖୁଡ଼ୀଙ୍କୁ ନେଇ ବୋଧହୁଏ ଘରକୁ ଫେରୁଛନ୍ତି ?"

"ସେ ତ ମୋ ଖୁଡ଼ୀ ନୁହନ୍ତି।"

ଓଷ୍ଠ ଧାରରେ ସ୍ମିତ ହାସ୍ୟ-ରେଖା ଖେଳିଗଲା।

ମୋର ଏତେ ପରିଶ୍ରମ ବ୍ୟର୍ଥ ହେଲା। ଯଉଁ ଛକିରେ ସେହି ଛକିରେ। ପୁନର୍ବାର ଅଣ୍ଟା ଭିଡ଼ିଲି।

ସ୍ତ୍ରୀ, ବନ୍ଧୁପତ୍ନୀ, ଖୁଡ଼ୀ। ସଂସାରରେ ଛଡ଼ୋଟି ଘନିଷ୍ଠ ସମ୍ବନ୍ଧ। ସବୁ ଗଲା ଆଉ ରହିଲା କଣ ? କୌତୁହଳ ବଢ଼ିଲା। ଭଦ୍ରଲୋକଟି ମଧ୍ୟ ଅତି ଭାବ-ପ୍ରବଣ ଓ ଧୂର୍ତ୍ତ। ସବୁବେଳେ 'ନାହିଁ' ଏ ସାଧାରଣ କୈଫିୟତରେ ଏତେ ଜଟିଳ ସମସ୍ୟାର ସମାଧାନ କରୁଛନ୍ତି। କିନ୍ତୁ ସେ କିଏ, କୌଣସି ଆଭାସ ଦେଇ ନାହାନ୍ତି।

ରାତିର ବିଭୀଷିକାପୂର୍ଣ୍ଣ କଳା ଅଞ୍ଚଳ ଧରଣୀ ବକ୍ଷରେ ଛାଙ୍କି ହୋଇ ଆସୁଥାଏ। ନକ୍ଷତ୍ରଗୁଡ଼ିକ ଛୋଟ ଛୋଟ ଫୁଲ ଭଳି ବିସ୍ଫୁରିତ ହୋଇ ପଡ଼ୁଥାନ୍ତି। ଗାଡ଼ି ଗୋଟେ ଓ୍ୱାଟରିଂ ଷ୍ଟେସନ-ରେ ଅଟକା ନେଲା, ପଥଶ୍ରାନ୍ତ ପଥିକ ପରି।

ବିରତ ହେଲି। ତିନି କପ ଚା ଓ କିଛି ବିସ୍କୁଟ ଆସିଲା।

କହିଲି—"ଆପଣଙ୍କ ଭଉଣୀଙ୍କୁ ଶୋଷ ଲାଗୁଥିବ। ଚା ଦିଅନ୍ତୁ।"

ସେ ହଠାତ୍ କହି ପକାଇଲେ, "ସେ ଚା ଖାଆନ୍ତିନାହିଁ। ମାଫ କରିବେ, ସେ ମୋ ଭଉଣୀ ନୁହନ୍ତି।"

ମୋ ମୁଣ୍ଡ ଢଳକି ପଡ଼ିଗଲା। କଣ କରିବି ? ସବୁ ଉଦ୍ୟମ ଓ ପ୍ରଚେଷ୍ଟା ବୃଥା। ଯେତେ ମୁଁ ଏ ପ୍ରଶ୍ନର ସମାଧାନ କରିବାକୁ ବସିଲି ସେତେ ସେତେ ଜଟିଳତର ପ୍ରଶ୍ନମାନ ହେଲା। ସ୍ତ୍ରୀ ନୁହେଁ, ବନ୍ଧୁପତ୍ନୀ ନୁହେଁ, ଖୁଡ଼ୀ ନୁହେଁ, ଭଉଣୀ ନୁହେଁ। ଆଉ କଣ ? ଛେଳା ଅଜ ଗୁଡ଼ି। ଆଉ ରହିଲା ବା କଣ ?

ଜୀବନରେ ଏହି ପ୍ରଥମ ପରାଜୟ ଓ ଅନ୍ତିମ ମଧ୍ୟ।

ପୁନର୍ବାର ରିଜାର୍ଭରେ ମନପ୍ରାଣ ସମ୍ପୂର୍ଣ୍ଣଭାବେ ଉତ୍ସର୍ଗ କରି ଦେଲି।

ଇତ୍ୟବସରରେ ଫିମେଲ କମ୍ପାର୍ଟମେଣ୍ଟରୁ ଇଙ୍ଗିତ ପାଇ ଭଦ୍ରବ୍ୟକ୍ତି ଉଠି ଯାଇଥିଲେ। ଲରେନ୍ସଙ୍କର ସାନ୍ସ ଆଣ୍ଡ ଲଭରସ ପୁସ୍ତକଟି ଧରି ଫେରିଲେ। ବହିଟି ତାଙ୍କଠାରୁ ନେଇ ପୃଷ୍ଠା ଓଲଟାଇବାରେ ଲାଗିଲି। କୌଣସି ନାମର ନିଦର୍ଶନ ମିଳିଲା ନାହିଁ।

ମୋ ମନ ଭିତରେ ଭୁମୁଳ ସଂଘର୍ଷ ଚାଲିଥାଏ। କ୍ଷୀଣ ଆଲୋକ-ରେଖାର କମ୍ପିତ ଆଭାସ ମିଳିଲା।

ଆପଣଙ୍କ ଝିଅଟି କଣ କଲେଜରେ ପଢ଼ନ୍ତି ?

ନାଁ, ସେ ବି, ଏ, ପାଶ କରିଛନ୍ତି। କିନ୍ତୁ ଦୁଃଖର ବିଷୟ ସେ ମୋ ଝିଅଟି ନୁହନ୍ତି।

କି ଆଶ୍ଚର୍ଯ୍ୟ ! ଝିଅଟି ନୁହେଁ ? ତେବେ କଣ ? କଥା କାଁ ପାଇଁଶ ? ଯଦି ମୋର ଅନୁମାନ ଠିକ ନ ହେଲା, କହି ଦେଉନାହିଁ ? କେମିତି ବେହେଡ଼ା ଲୋକଟା। ତା'ଉପରେ ମୋର ଟିକିଏ ବିରକ୍ତି ଜନ୍ମିଲା।

ଦୁହେଁ ପାଖାପାଖି ବସିଥାଉଁ। ଗାଡ଼ି ତୀବ୍ର ବେଗରେ ଛୁଟିଥାଏ। ଲାଇନ ସାଙ୍ଗରେ ଅପ୍ରାଣ ସଂଗ୍ରାମ। ରୋକିବାର ଶକ୍ତି କାହାର ଅଛି ?

ବହିଟିର ପ୍ରତ୍ୟେକ ପୃଷ୍ଠା ଅତି କଷ୍ଟରେ ଓ ଧୈର୍ଯ୍ୟ ସହ-କାରେ ପାଠ କଲି। ମୁଣ୍ଡ ଭିତରେ କିଛି ପଶୁ ନଥାଏ।

ଥାର୍ଡ କ୍ଲାସର ଲୋକ-ଗହଳି, ପାଟିଗୋଳ, ବିଡ଼ିଧୂଆଁର ତୀବ୍ର ଗନ୍ଧ ଓ କ୍ଷୀଣ ଆଲୋକରେ ମୁଁ ପଞ୍ଚମ ପୃଷ୍ଠାରୁ ଅଗ୍ରସର ହୋଇ ପାରିଲି ନାହିଁ।

ଆପଣଙ୍କର ଭାଇ ଅଛନ୍ତି ?

ହଁ।

ବଡ଼ ନା ସାନ ?

ବଡ଼।

ନାଁ କଣ ? କଣ କରନ୍ତି ?

Digitized by srujanika@gmail.com

ଶ ............ ମହାନ୍ତି । ଝାରସୁଗୁଡ଼ାରେ ପୋଲିସ ଇନ୍ସପେକ୍ଟର ।

ହଠାତ୍ ଝିଅଲ ପଡ଼ିଲି । ନିଶ୍ୱାସ ମାରିଲି । ଯାହାହେଉ, ଏତେବେଳେ ପ୍ରକୃତ ସିଦ୍ଧାନ୍ତରେ ଉପନୀତ ହେଲି ।

ପଚାରିଲି—ଆପଣଙ୍କ ଭାଉଜଙ୍କୁ କଣ ଛାଡ଼ିବାକୁ ଯାଉଛନ୍ତି ?

ହଁ ।

ଏ ଗୁରୁତର ପ୍ରଶ୍ନର ଉତ୍ତର ମାତ୍ର ସାମାନ୍ୟ କ୍ଷୁଦ୍ର ହଁ । ଚମକ ପଡ଼ିଲି । ଏ ଲୋକଟି କଣ ତେବେ ରହସ୍ୟମୟ ମାୟାବୀ ? ପ୍ରଲୋଭନରେ ମତେ ଭସାଇ ନେଇ ଯାଉଛି । ଅଥଚ ପ୍ରକୃତ ପରିଚୟ ଦେବାକୁ ଆଦୌ ମାତ୍ର ଅଗ୍ରଯାଚକ କରୁନାହିଁ ।

ମୋର ଅଦମ୍ୟ ପ୍ରଚେଷ୍ଟା ସଂପୂର୍ଣ୍ଣ ବ୍ୟର୍ଥ । ଅକ୍ଷଣକର ଜନନାୟକ ହିଟଲରଙ୍କ ମିତ୍ରଶକ୍ତି ସମକ୍ଷରେ ଯେମିତି । ଜ୍ୟାମିତିର ଥିଓରମ ପ୍ରମାଣ କରିବା ଲାଗି ସ୍ୱୟଂ ଯୁକ୍ତିର ମଧ୍ୟ ଏତେ ଅଧିକ ସାହସ, ସାଧନା ଓ ଏକାଗ୍ରତା ବ୍ୟୟ କରି ନ ଥିବେ । ରବାର୍ଟ ବ୍ରୁସଙ୍କ ପରାଜୟ କଥା ମନେ ପଡ଼ିଲା । ସେ ଏକାଦିକ୍ରମେ ସାତଥର ପରାସ୍ତ ହୋଇଥିଲେ । ତଥାପି ଅଟଳ ଓ ଅଚଳ ଭାବରେ ପ୍ରାଣମୂର୍ଚ୍ଛା ଯୁଦ୍ଧ କରିଥିଲେ ଏବଂ ଅବଶେଷରେ ବିଜୟଗୌରବଟୀକା-ବିମଣ୍ଡିତ ହୋଇଥିଲେ ।

ସ୍ତ୍ରୀ, ବନ୍ଧୁପତ୍ନୀ, ଖୁଡ଼ୀ, ଝିଅସ ଭାଉଜ । ଏକେ ଏକେ ସବୁ ତ ଗଲା । ଆଉ ଅବଶିଷ୍ଟ ରହିଲା କଣ ? ଏହା ଛଡ଼ା ସ୍ତ୍ରୀ-ପୁରୁଷ ମଧ୍ୟରେ କଣ ଅନ୍ୟ କିଛି ସମ୍ପର୍କ ଥାଇପାରେ ?

ପୁଣି ପଚାରିଲି—ଆପଣଙ୍କ ଭାଉଜ ଘର କେଉଁଠି ?

ଭଦ୍ରକରେ ।

ତାଙ୍କର ଆଉ ଭଉଣୀ ଅଛନ୍ତି ?

ହଁ ।

ଏଥର ମୋ ମନ ପ୍ରଫୁଲ୍ଲ ହେଲା । ଆଉ ବାକି ଥିଲା ଏକମାତ୍ର ମଧୁର ସମ୍ପର୍କ ତାର ମୀମାଂସା ସରିଗଲା ।

ତେବେ ଆପଣ କଣ ସେ ଭଦ୍ରମହିଳାଙ୍କୁ ଆପଣଙ୍କ ଭାଇଙ୍କ ପାଖରେ ଛାଡ଼ିବାକୁ ଯାଉଛନ୍ତି ? ସେ କଣ ତାଙ୍କ ଶାଳୀ ?

ହଁ, କିନ୍ତୁ ସେ ତାଙ୍କ ଶାଳୀ ନୁହନ୍ତି ।

ପୁନର୍ବାର ମାୟାଜାଲ । ମରୀଚିକାର ଇନ୍ଦ୍ର ମୋହ । ପ୍ରବଞ୍ଚନା ଓ ଶଠତାର ଛଳନା !

ସକାଳ ହୋଇଗଲାଣି । ଗାଡ଼ି ଝାରସୁଗୁଡ଼ା ଷ୍ଟେସନରେ ଆସି ଠିଆ ହୋଇଗଲା । ଲୋକମାନେ ଓହ୍ଲାଇବା ଓ ଚଢ଼ି-ବାକୁ ଲାଗିଲେ । ମୁଁ ପ୍ଲାଟଫର୍ମରେ ଠିଆ ହୋଇ ସେହି ଭଦ୍ର ମହିଳାଙ୍କ ଅପେକ୍ଷା କରୁଥାଏଁ । ଭଦ୍ରଲୋକଟି ଜିନିଷପତ୍ର ଉତାରୁଥାନ୍ତି । ଜଣେ ନାତିଦୀର୍ଘ ଯୁବକ ଆସି ସେହି ମହିଳାଙ୍କୁ ପ୍ରଣାମ କଲେ । ମୋ ହୃଦୟ ପୁନର୍ବାର ଯାଦୁକରର ମାୟା ବିଦ୍ୟାରେ ଭରିଗଲା ।

ଭଦ୍ରଲୋକଙ୍କୁ ନମସ୍କାର ଜଣାଇଲି ।—ଯାଉଛି ।

ସେ ମତେ ଟାଣି ଧରି କହିଲେ—କାହିଁକି ? ଆମ ସାଙ୍ଗରେ ଯିବାକୁ ଏତେ ସଙ୍କୋଚ ? —ସେ ପରା ମୋ ମାଉସୀ !

—ଏଁ—ମାଉସୀ ?

ମଉସାଙ୍କ ସନ୍ଧାନ କିନ୍ତୁ ଅଜଯାଏ ଗୁପ୍ତ ।

—◦—

## ତୁମମାନଙ୍କ ମେଳ

ପାଠ

### ଅସୁବିଧି

ପୋଃ ବୋଠାର ଜିଃ ବାଲେଶ୍ୱର

ପଲ୍ଲୀ ଅଞ୍ଚଳରେ ସ୍ୱଳ୍ପ ବ୍ୟୟରେ ଭାରତ ଗଭର୍ଣ୍ଣମେଣ୍ଟଙ୍କ ମେନୁଏଲ ମତେ ସର୍ଭେ ଶିକ୍ଷା ତଥା ଦେଶର ବେକାର ସମସ୍ୟା ଓ ଦରିଦ୍ରତାର ତୀବ୍ରକଷାଘାତରୁ ଯୁବକମାନଙ୍କର ମୁକ୍ତି ପ୍ରଦାନ ପାଇଁ ଥିବ ସର୍ଭେ ସ୍କୁଲ ସର୍ବଦା ଗଭୀର ଉଦ୍ୟମ ସହ ଓଡ଼ିଶାର ନାନା ସ୍ଥାନରେ କ୍ୟାମ୍ପ ଖୋଲି ଶିକ୍ଷା ଦେଇ ଆସୁଅଛି । ବର୍ତ୍ତମାନ ଏହାର ଏକ ଶାଖା ସ୍କୁଲ ଭଦ୍ରକ ନୂଆବଜାରରେ ସ୍ଥାପନ କରି ଯାଇଅଛି ।

ଯଦି ଆପଣମାନଙ୍କର ସ୍କୁଲର ସର୍ବ ମୋଟ ଦେୟ ଟ ୧୫ ଦେଇ ଭାବୀ ଜୀବନର ସୁଦକ୍ଷ ଆମୀନ, କାନୁନଗୋ ଓ ଇନସ୍‌ପେକ୍ଟର ହେବାକୁ ଅଭିଳାଷ ଥାଏ, ତେବେ ବିଶେଷ ବିଜ୍ଞାପନ ପାଇଁ ଛଅପଇସା ଡାକ ଟିକଟ ପଠାନ୍ତୁ ।

Digitized by srujanika@gmail.com

# ଅଦଳା ପାଂକି

ଲେଖକ—ଗାଈ ମାହାନ୍ତି—

ଅଗାମୀ ଙ୍କୃହଳର ରାଜଧାନୀ ଏକ ବିଷମ ସମସ୍ୟା ହୋଇଅଛି । ସେ ସମ୍ବନ୍ଧରେ ଲଃସାହେବ ଦେଶର ଲୋକ ପ୍ରତିନିଧିମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ । ସେହିଦିନଠୁ ଓଡ଼ିଶାର ପ୍ରତିନିଧି ଜିଲ୍ଲାବୋର୍ଡ କର୍ତ୍ତାମାନେ ବୋଲନ୍ତି । ଦୁଇମୂର୍ତ୍ତି ଚେୟାରମ୍ୟାନ ଓ ଛଅମୂର୍ତ୍ତି ଚେୟାରମ୍ୟାନଙ୍କ ସବଦାମ ସ୍ପେସେଲ ଅଫିସର ଗାଏ ପାଞ୍ଚ ମୂର୍ତ୍ତି ଅସ୍ଥାନରେ ବଟେଇ କଲେ ।

ଗଞ୍ଜାମ ଜିଲ୍ଲାରେ ଏକ ରୁଷୀ ସମ୍ମେଳନୀ ପେଃବନ୍ତ ମହାଜନ ଗୋବିନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଅଛି । ରୁଷୀଙ୍କ ମା ବାପ ପଧାନଙ୍କ ବନ୍ଧୁବାନ୍ଧବମାନେ କଂଗ୍ରେସକୁ ନିର୍ଦ୍ଦେଶ ଦେଇଅଛନ୍ତି କି ତୁମ୍ଭେମାନେ ଅମୃତାରୁ ଦୂରକୁ ଯାଅ । ରୁଷୀର ପାପାର୍ଥିକ ପ୍ରାଦୁର୍ଭୂତି ଓ ପ୍ରଭୁ ଷ୍ଟାଲିନଙ୍କ ପୁଅ କମ୍ୟୁନିଷ୍ଟମାନେ ତୁମ୍ଭଙ୍କୁ ପାପ ସଂସାରରୁ ତ୍ରାଣ କରିବେ । କଂଗ୍ରେସ ସାବଧାନ ! କମ୍ୟୁନିଷ୍ଟ ଈଶ୍ୱରଙ୍କ ପୁଅ ।

ମ୍ୟୁନିସିପାଲିଟିମାନଙ୍କରେ ଅସ୍ଥାନବାସୀ (ଚେୟାରମ୍ୟାନ) ମାନେ ଗାଦି ନସିନ ହୋଇ ଅଛନ୍ତି ଟିନବଂଶ ଦେଶବ୍ୟାପକ ମସିହା ମଇ ମାସର ତୀବ୍ର ପ୍ରଚଣ୍ଡ ସୌର୍ଯ୍ୟ କିରଣ ମଧ୍ୟରେ । ସମ୍ବଲପୁରର ଖରାପକ୍ଷୀୟ କମିସନରମାନେ ଜଣେ ଅବସର ପ୍ରାପ୍ତ ପ୍ରାଇମେରୀ ସ୍କୁଲ ଇନସପେକ୍ଟରର ସରକାରୀ କର୍ମଚାରୀଙ୍କୁ ସିଂହାସନ ବଟେଇ କରନ୍ତି । ବ୍ୟକ୍ତି ଜଣକ ବିଚକ୍ଷଣ ଜଣା ପଡ଼ୁଛନ୍ତି । କମିସନରମାନେ କହିଲେ ତାଙ୍କ ପାଖରେ ପ୍ରାଇମେରୀ ଶିକ୍ଷା ଲାଭ କରିବାରେ ସୁଯୋଗ ନେବା ପାଇଁ ବୁଝି ବିଚାରି ଏମନ୍ତ କରିଛନ୍ତି । ଯଉବନରେ ଗୋଲାମି କରି ଗାଳରୁ ଚୂନ କାଳି ଧୋଇବାର ଉପାୟ ଜାଣିଥିବାରୁ ଏ ଚେୟାରମ୍ୟାନଙ୍କୁ କଟକର ପ୍ରସିଦ୍ଧ ଶ୍ରୀକୃଷ୍ଣ ମହାପାତ୍ର ବଧାଇ ଜଣାଇଥିବାର ଶ୍ରୁତିଗୋଚର ହେଉଥିବାର ।

ବାଲେଶ୍ୱର ଏକ ମ୍ୟାଲେରିଆ ପ୍ରପୀଡ଼ିତ ଅଞ୍ଚଳ । ଏଣୁ ଏଥିନିମନ୍ତେ ବାଲେଶ୍ୱର ନଗରର ଜନକମାନେ ଏମନ୍ତ ଏକ ବିଶାଳ ବ୍ୟକ୍ତିଙ୍କୁ ଗାଦିନସିନ କରିଛନ୍ତି କି ସହରର ସମସ୍ତ ମଶା ସେ ଶରୀରରୁ ରକ୍ତ ଶୋଷଣ କଲେ ମଧ୍ୟ ସେ ଶରୀର ଏକ ଜୀବନ୍ତ ବ୍ଲଡ଼ ବ୍ୟାଙ୍କ ହୋଇ ରହିବ ।

ଜାଜପୁର ମ୍ୟୁନିସିପାଲିଟି ପ୍ରେସିଡେଣ୍ଟ ଥିବାର ଏସ୍,ଡି,ଓ ଜଣେ ନିତାନ୍ତ ନିରପେକ୍ଷ ବ୍ୟକ୍ତି । ସରକାରଙ୍କ ଚାକର କିନ୍ତୁ ମଧ୍ୟ ଜଣେ ସର୍ଗ୍ଯ । ନିଜେ ବିବାହିତ ହୋଇ ମଧ୍ୟ ଏଗ୍ରିପଣ୍ଡ । ଇଙ୍ଗ୍ରେଜଙ୍କ ଶୁଭନାମ ନିମନ୍ତେ ଓଡ଼ିଶା ସିଭିଲ୍ ଲିଷ୍ଟ ଅନୁସନ୍ଧାନ କର୍ତ୍ତବ୍ୟ । ଏ ସ୍ଥାନରେ ଚେୟାରମାନ ଓ ଭାଇସ-ଚ୍ୟାରମାନଙ୍କ ପରିଚୟ ଏହି ଯେ ସେମାନେ ସେମାନଙ୍କ ପିତାମାତାଙ୍କର ସନ୍ତାନ—ସ୍ତ୍ରୀର ସ୍ୱାମୀ ଓ ପୁଅ କନ୍ୟାଙ୍କ ଜନକ ।

କଟକ ମ୍ୟୁନିସିପାଲିଟିର ଡାମ୍ବଗାଥିଣ ବାକି ଅଛି । ଶିରଣି ବେଗ ରୂଲିଛି । ଲଢ଼ାଇ ଲାଗିଯିବ ।

ଏ ପକ୍ଷରେ ସବୁଠାରୁ ହୁଲଚଲକର ଘଟଣା ଓଡ଼ିଶାର ମୁକ୍ଟହୀନ ରଜା ହରେକୃଷ୍ଣ ମହତାବଙ୍କ ଖଲାସ । ଏକଥା କେହି କାହାର ଆଗରେ ନାହିଁ କହିବାକୁ ଆଦେଶ ହୋଇଛି । କମ୍ୟୁନିଷ୍ଟମାନେ ଛିନସଣ୍ଡାକାଳ ତାଙ୍କ ସଙ୍ଗ ଲାଭ କରି ବଡ଼ ବଡ଼ ହରଫରେ ଆପଣାଙ୍କ କୃତାର୍ଥତା ମୁଦ୍ରଣ କରିଛନ୍ତି । ଉଭୟେ କମ୍ୟୁନିଷ୍ଟ ଓ ଗୁପ୍ତ ପୁଲିସମାନେ ସଚେତ ଓ ଚଞ୍ଚଳ ହେବାର ଜଣା ପଡ଼ୁଛଇ ।

କଟକ ନଗରରେ କେତେକ ସାହିତ୍ୟିକ ଟନ୍ତ୍ରୀ ଇତି ମଧ୍ୟରେ କାଗଜରେ ପଢ଼ିବା ଆରମ୍ଭ କରିଥିଲେ । 'ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଶ୍ୱସାହିତ୍ୟକୁ ଦାନ କରିନାହିଁ' ଉପରେ ଏପାଖ ସେପାଖ ଆକାଶର ଦୁଇ ପାଖରେ ଦୁଇଦଳ ଲୋକ ପହଁରିଲେ । ଫଳରେ ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦିର ଗ୍ରୀକ ସାହିତ୍ୟ ସହିତ ଏକାଦଶ ଶତାବ୍ଦିର ଓଡ଼ିଆ ସାହିତ୍ୟର ତୁଳନା ଚାଲିଲା । କେହି କେହି ଓକିଲ ମତ ଦେଲେ ଯେ, ପ୍ରାଚୀନ ସାହିତ୍ୟ ଯେତେବେଳେ ହେଲା ସେତେବେଳେ ତ ପୃଥିବୀ ତାକୁ ଜାଣି ନ ଥିଲା ଏବଂ ଆଜି ମଧ୍ୟ ପୃଥିବୀ ଜାଣିନାହିଁ । ତେଣୁ ଦାନ କରିବା କଥା ଉଠୁନାହିଁ । ଏମନ୍ତେ ସଭାପତି ତାହାକୁ ଢୁଲ ଅଲଟ୍ (ଅଲିନ ବୈଶ୍ବ) କରିଦିଅନ୍ତୁ ।

Digitized by srujanika@gmail.com

# ଗତ ବର୍ଷର କୀର୍ତ୍ତିପୂର୍ଣ୍ଣ ଆଶ୍ଚର୍ଯ୍ୟ

## ସନ ୧୩୫୨ ସାଲ

୧ । ସବୁଠାରୁ ବଡ଼ ଅବିଷ୍କାର—"ତପଶିଲଭୁକ୍ତ ଶ୍ରେଣୀ ହିନ୍ଦୁ ନୁହନ୍ତି ।"—ଅବିଷ୍କର୍ତ୍ତା ଅମ୍ବେଦକାର ।

୨ । ସବୁଠାରୁ ଅଲୌକିକ ବାଣୀ—"ସମସ୍ତଙ୍କ ଅଜାଣତରେ ଭାରତବର୍ଷ ଔପନିବେଶିକ ସ୍ୱାୟତ୍ତଶାସନ ପାଇଛି ।"—ଭବିଷ୍ୟଦ୍ରଷ୍ଟା—ରମାଶାମା ମୁଦୁଲି ।

୩ । ସବୁଠାରୁ ମନୋଜ୍ଞ ଗ୍ରନ୍ଥ—Verdict on India ରଚୟିତା ଶ୍ରୀ ନିକୋଲସ ।

୪ । ସବୁଠାରୁ ବଡ଼ ଯୋଜନା—ଓଡ଼ିଶା ସରକାରଙ୍କ ଟେକି ପ୍ରଚଳନ । ସଂଯୋଜକ—ଚୌଧୁରୀ ଲାଲ ।

୫ । ସବୁଠାରୁ ବଡ଼ ଦୁର୍ଘଟଣା—ପାରଳା ମନ୍ତ୍ରୀ ମଣ୍ଡଳର ପତନ । କାରିଗର— ନୀଳକଣ୍ଠ ଦାସ ।

୬ । ସବୁଠାରୁ ବଡ଼ ଭାଗ୍ୟମନ୍ତ ଖେଳ—ଅମେରିକାରେ ବିଜୟ ଲକ୍ଷ୍ମୀଙ୍କ ଅବିର୍ଭାବ । ଦର୍ଶକ—ଇଡେନ, ମୋଲଟୋ ଓ ଷ୍ଟେଟିନସ୍ ।

୭ । ସବୁଠାରୁ ବଡ଼ ଦୌତ୍ୟ—ଓ୍ୟାଭେଲଙ୍କ ବିଲାତ ଯାତ୍ରା । ପ୍ରତିଦ୍ୱନ୍ଦୀ ପ୍ରେମିକ—ଆମେରି, ଚର୍ଚ୍ଚିଲ ।

୮ । ସବୁଠାରୁ ଅଭିନବ ଅଭିଯାନ—ଫିରୋଜ ଖାଁଙ୍କ ବ୍ରିଟିଶ ପ୍ରତିନିଧିତ୍ୱ । ସାରଥି—ରମାଶାମା ମୁଦୁଲି ।

୯ । ସବୁଠାରୁ ଆଶ୍ଚର୍ଯ୍ୟଜନକ ରସାୟନିକ ପ୍ରକ୍ରିୟା ।—ଲକ୍ଷ୍ମଣନଙ୍କ ଲୁଙ୍ଗି ବର୍ଦ୍ଧିଷ୍ଣୁ ରୂପ ।—ପ୍ରୟୋଗକାରୀ—ପରିଜା ।

୧୦ । ସବୁଠାରୁ ସୁପ୍ରସନ୍ନା ଦେବୀ—ମିସ୍ ଝାଁ । ପୂଜାପୀଠ—ରେଭେନ୍ସା ବାଳିକା ବିଦ୍ୟାଳୟ ।

୧୧ । ସବୁଠାରୁ ବେଶୀ ରସିକତା—କିଛି ନ ଥିବା ଷ୍ଟେଟ୍‌ରୁ କଣ୍ଟ୍ରୋଲ ଦର ନୋଟିସ ।

୧୨ । ସବୁଠାରୁ ଅଦ୍ଭୁତ ଗଳ୍ପ—ମହତାବ ମୁକ୍ତି । ଜନ୍ମଶାଳ—ସମ୍ବଲପୁର ।

୧୩ । ସବୁଠାରୁ ବଡ଼ ଲଟାରୀ—ହାଇକୋର୍ଟ ସିଇ ମାତ୍ର ନ ଥିବା ଜଣେ ବ୍ରହ୍ମପୁର ଓକିଲଙ୍କ ଜଜ ପଦରେ ନିଯୁକ୍ତ କରିବା ପାଇଁ ପ୍ରସ୍ତାବ ।—ଜନ୍ମ ସ୍ଥାନ—ପୁରୀ ଲାଟ ଧାମ ।

୧୪ । ସବୁଠାରୁ ବଡ଼ ଭୂକମ୍ପ—ଭୂତପୂର୍ବ ମାନ୍ଦ୍ରାଜ ପ୍ରଧାନ । ବାସୁକୀ—ଶ୍ରୀ ଗୋଦାବରୀଶ ମିଶ୍ର ।

୧୫ । ସବୁଠାରୁ ବଡ଼ ସ୍ୱପ୍ନ—ଓଡ଼ିଶାର • ପାଞ୍ଚବର୍ଷୀ ଯୋଜନା । ସୂତ୍ରଧର—ଗୋଖଲେ ।

୧୬ । ସବୁଠାରୁ ବଡ଼ ଯୁଦ୍ଧ ଷ୍ଟ୍ରାଟେଜି—ଜିଲ୍ଲାମାନଙ୍କରେ ଜଣେ ଜଣେ ମିଲିଟାରୀଙ୍କର ସହକାରୀ ଜିଲ୍ଲା ମାଜିଷ୍ଟ୍ରେଟ ପଦପ୍ରାପ୍ତି ।—କମାଣ୍ଡର—ଲର୍ଡ଼ ଓ୍ୟାଭେଲ ।

୧୭ । ସବୁଠାରୁ ଗେହ୍ଲାପୁଅ—ଭାରତର କମ୍ୟୁନିଷ୍ଟପାର୍ଟି ଜନକ—୧୩ ଜଣ ଏକଜିକ୍ୟୁଟିଭ ସଦସ୍ୟ ତଥା ଲର୍ଡ଼ ଓ୍ୟାଭେଲ ।

୧୮ । ସବୁଠାରୁ ବଡ଼ ଷଡ଼ଯନ୍ତ୍ର—ଭାରତର ବ୍ରିଟିଶ ପ୍ରତିନିଧିତ୍ୱ ଷଡ଼ଯନ୍ତ୍ରକାରୀ ।—ମୋଲଟୋ—ଚର୍ଚ୍ଚିଲ ।

୧୯ । ସବୁଠାରୁ ନ୍ୟାୟ ବିଚାର—ଅଷ୍ଟି ଚିମୁର ଫାଶି ଦଣ୍ଡ ।

୨୦ । ସବୁଠାରୁ ଶସ୍ତା ଜିନିଷ—କାଗଜ ଟଙ୍କା ।

୨୧ । ସବୁଠାରୁ ମହଙ୍ଗ—ସତକଥା ।

୨୨ । ସବୁଠାରୁ ଭଲ ଅବଦାନ—ଓଝା ସାହେବ ।

୨୩ । ସବୁଠାରୁ ମୂଧାର ସ୍ଥାନ—ଜଗର । (ସ୍କୁଲ ବାଳେ-ଶ୍ୱର ।

୨୪ । ସବୁଠାରୁ ବଡ଼ ଭୋଜ—ଲଙ୍ଗର ସତ୍ର ।—ନେତା—ଭାରତ ସରକାର ।

୨୫ । ସବୁଠାରୁ ଭଲ ବ୍ରାହ୍ମଣ—ରେଡ଼କ୍ରସ ପାର୍ଟି ।—ଦାତା—ଭାରତ ସରକାର ।

୨୬ । ସବୁଠାରୁ ଫେସନ ଦଳ—କମ୍ୟୁନିଷ୍ଟ ପାର୍ଟି ।—ଟେଲର—ହାରପୋଲିଟ୍ ।

୨୭ । ସବୁଠାରୁ ମଜାମୂର୍ତ୍ତି—ଗାନ୍ଧିବାଲା ।

୨୮ । ସବୁଠାରୁ ବଡ଼ ବିଜୟ ପତାକା—ଷ୍ଟାଲିନଙ୍କ ନାମ ।—ନାପିତ—ଚର୍ଚ୍ଚିଲ ।

୨୯ । ସବୁଠାରୁ ବଡ଼ ପରାଜୟ—ପରାଧୀନ ଭାରତର ସାନ୍‌ଫ୍ରାନ୍‌ସିସ୍କୋ ପ୍ରତିନିଧିତ୍ୱରେ ରାଜ ହେବା ।—ବନ୍ଦୀ—ଷ୍ଟାଲିନ ।

୩୦ । ସବୁଠାରୁ ଶାନ୍ତ—ମୋଲଟୋଙ୍କ ରୁଷିଆ ପ୍ରତ୍ୟାବର୍ତ୍ତନ ।

Digitized by srujanika@gmail.com

# ବହିପତ୍ର

**ଜାତୀୟ ଖାଦ୍ୟ**—ଡା: ଗୋପାଳଚନ୍ଦ୍ର ପଟ୍ଟନାୟକ—ପୃ ୧୧୦ ସ୍ଥା—ମୂଲ୍ୟ ଟ ୧ ।

ମନୁଷ୍ୟର ଖାଦ୍ୟ ସମ୍ବନ୍ଧରେ ଏଭଳି ପୁସ୍ତକ ଓଡ଼ିଆ ଭାଷାରେ ଆଜି ଅଛି ବୋଲି ଆମକୁ ଜଣା ନାହିଁ । ପୁସ୍ତକଟିର ଭାଷା ସ୍ୱଚ୍ଛ ଓ ସୁବୋଧ । ଲେଖକ ମହାଶୟ ବହୁ ଯତ୍ନ କରି ସାଧାରଣ ମାନବର ବିଶେଷତଃ ଓଡ଼ିଆ ଦେଶର ଦରିଦ୍ର ଗୃହସ୍ଥଙ୍କୁ ଲକ୍ଷ ରଖି ପଥ ବାଢ଼ିଛନ୍ତି । ଓଡ଼ିଆର ନିତ୍ୟ ଆହାର୍ଯ୍ୟ ଶାଗ ପଖାଳର ବ୍ୟବସ୍ଥା ଯେପରି ରୁଚିକର ସେହିପରି ଉପାଦେୟ । ଲୋକର ଆର୍ଥିକ ଅବସ୍ଥା ଅନୁସାରେ ଅନେକଗୁଡ଼ିଏ ସୁସମ ଖାଦ୍ୟ ( balanced diet ) ର ତାଲିକା ଦେବା ଦ୍ୱାରା ପୁସ୍ତକର ପ୍ରୟୋଜନୀୟତା ବୃଦ୍ଧି ପାଇଛି । "ଶିଶୁଖାଦ୍ୟ" ପରିଚ୍ଛେଦଟି ଅତି ଉପଯୋଗୀ ଓ ତହିଁରେ ଶିଖିବାର ଜାଣିବାର ବହୁତ କଥା ଅଛି । ଖାଦ୍ୟର ଅଯତ୍ନରେ ଆମ ଜାତିର ଭବିଷ୍ୟତ, ପିଲାମାନଙ୍କର ଯେଉଁ ଦୟନୀୟ ଅବସ୍ଥା ହୋଇଛି, ଏହି ପୁସ୍ତକ ଯଦି ତାହା ସୁଧାରିବାରେ କିଞ୍ଚିତ ସହାୟତା କରିପାରେ, ତେବେ ବଡ଼ ସୌଭାଗ୍ୟର କଥା ।

ସହଜରେ ସୁଲଭ ଖାଦ୍ୟ ଉତ୍ପାଦନ ପାଇଁ ମଧ୍ୟ ଗୋଟିଏ ପରିଚ୍ଛେଦ ଦେଇ ଲେଖକ ଭଲ କରିଛନ୍ତି । ଏ କାଳରେ ଏହି ଦିଗକୁ ଲୋକ ସାଧାରଣର ମନ ଆକର୍ଷଣ କରିବା ଶିକ୍ଷିତ ଓ ଭାବୁକ ସମ୍ପ୍ରଦାୟର କର୍ତ୍ତବ୍ୟ ।

ପ୍ରଚ୍ଛଦପଟରେ ନାନା ଶ୍ରେଣୀୟ ଖାଦ୍ୟ ଓ ତତ୍ପ୍ରସ୍ତୁତ ପ୍ରଣାଳୀର ଗୋଟିଏ ରଙ୍ଗିନ ଚିତ୍ର ପୁସ୍ତକର ଆକର୍ଷଣ ବଢ଼ାଇଛି ।

ଏଭଳିଆ ପୁଷ୍ଟିକର ଖାଦ୍ୟ ପୁସ୍ତକର ଲେଖକ ସ୍ୱୟଂ ଯାହା ହୁଅନ୍ତୁ, ପାଠକଗଣ ଯେ ଏହା ପଢ଼ି ଶାରୀରିକ ପରିପୁଷ୍ଟି ହାସଲ ଦିଗରେ ଅଗ୍ରସର ହେବେ ଏଥିରେ ସନ୍ଦେହ ନାହିଁ ।

/ **ତୁଳସୀ-ରାମାୟଣ**—ଉତ୍କଳ ପଦ୍ୟାନୁବାଦ ଶ୍ରୀ ଜଗଦ୍‌ବନ୍ଧୁ ମହାପାତ୍ର । ମୂଲ୍ୟ ଟ ୨ ୮ । ପ୍ରକାଶକ ଶ୍ରୀ କୃଷ୍ଣଚରଣ ସାହୁ, ଭଦ୍ରକ । ଗୋପୀନାଥ ପ୍ରେସ । ତୁଳସୀ-ରାମାୟଣ ଉତ୍ତର ଭାରତର ପ୍ରତି ହିନ୍ଦୁ ଘରେ ମିଳିପାଏ । ଓଡ଼ିଶାର ଭାଗବତ ପରି ଏହା ସର୍ବଜନ ଆଦୃତ । ମହାକବି ତୁଳସୀ ଦାସଙ୍କ ରାମଚରିତ ମାନସ କେବଳ ଏକ ଆଧ୍ୟାତ୍ମିକ ଗ୍ରନ୍ଥ ନୁହେଁ—ଏକ ଅଳଙ୍କାର ପୂର୍ଣ୍ଣ ଭାବମୟ କାବ୍ୟମଧ୍ୟ । ବାଲ୍ମୀକି ରାମାୟଣର ସଂଗ୍ରହ ବୋଲି କହିଲେ ମଧ୍ୟ ଏହାର ସ୍ୱାତନ୍ତ୍ର୍ୟ ଅଛି । କବିଙ୍କର ରସିକତା, କଳ୍ପନାପ୍ରାଚୁର୍ଯ୍ୟ, ଭକ୍ତି ଆଦି ଏ ଗ୍ରନ୍ଥକୁ ଏକ ନୂତନ ସ୍ୱତନ୍ତ୍ର ଗ୍ରନ୍ଥ କରି ଗଢ଼ିଛି । ଏହା ମୂଳତଃ ବ୍ରଜବୋଲି ହିନ୍ଦୀରେ ଥିବାରୁ ଅନ୍ୟ ଭାଷାର ଭାଷୀମାନେ ତାର ସୁସ୍ୱାଦୁ ପାଇ ପାରି ନ ଥାନ୍ତି । ଶ୍ରୀ ଜଗଦ୍‌ବନ୍ଧୁଙ୍କର ଉଦ୍ୟମ ସେଥିପାଇଁ ପ୍ରଶଂସନୀୟ । ଏଥିପୂର୍ବରୁ ଗୋଟିଏ ଯୋଡ଼ିଏ ଏହି ପୁସ୍ତକର ଅନୁବାଦ ବଜାରରେ ଦେଖାଯାଏ କିନ୍ତୁ ଶ୍ରୀ ଜଗଦ୍‌ବନ୍ଧୁ ତାଙ୍କ ଅନୁବାଦରେ ଟିକିଏ ନୂତନତ୍ୱର ଆଭାସ ଦେଇଛନ୍ତି ବୋଲି ମନେ ହୁଏ । ଭାଷା ବେଶ୍ ସ୍ୱଚ୍ଛନ୍ଦ । ମୁଦ୍ରଣ ଅଧିକ ସୁନ୍ଦର ହେବା ଉଚିତ ଥିଲା ।

**ବ୍ୟାକରଣ ଦର୍ଶନର ଇତିହାସ**—(୧ମ ଖଣ୍ଡ)

ଶ୍ରୀ ଗୁରୁପଦ ହାଲଦାର ବି, ଏଲ୍, । ବଙ୍ଗଭାଷାର ଏହି ୭୪୮ ପୃଷ୍ଠା ବ୍ୟାପୀ ପୁସ୍ତକ ଏକ ଉପାଦେୟ ଗ୍ରନ୍ଥ । ଏଥିରେ ସଂସ୍କୃତ ବ୍ୟାକରଣର କ୍ରମିକ ଇତିହାସ ଅତି ପ୍ରାଞ୍ଜଳ ଭାବରେ ଆଲୋଚିତ ହୋଇଛି । ସଂସ୍କୃତଜ ଭାଷାମାନଙ୍କର ବ୍ୟାକରଣ ପ୍ରଣୟନବେଳେ ଏହା ଏକ ଅଦ୍ୱିତୀୟ ସହାୟକରୂପେ ଠିଆ ହେବ । ଏ ପୁସ୍ତକଖଣ୍ଡିକ ଉପହାର ପାଇ ଆମେମାନେ ଗ୍ରନ୍ଥକର୍ତ୍ତାଙ୍କୁ ଧନ୍ୟବାଦ ଜଣାଉଛୁ । ୨ୟ ଖଣ୍ଡ ଦେଖିବାର ଆଶା ରହିଲା ।

Digitized by srujanika@gmail.com

# ପରୀସ୍ଥାନ

ଲେଖକ— "ଝଗ୍ରଫ ଲ"

ଛୁଇଲେ ଏଣିକ ଅଲଜୁକ ଯୁଗ, ନାକ ବୋଲ ଟୋପେ ନାଇଁ,
ମାଇପେ ଗୁଡ଼ାକ ଦାଣ୍ଡେ ବୁଲୁଚନ୍ତି ମୁଣ୍ଡରୁ ଓଢ଼ଣା ଫେଇ !
ଘର କୋଣେ ଯାହିଁ ଲୁଚି ରହୁଥାନ୍ତେ ବୋହୂ, ଭୁଅଶୁଣୀ ହେଇ,
ବଜାର-ହାଟରେ ମାଇପିଙ୍କ ମେଳା, ମୋଟେ ବୁଝି ଦିଶୁନାହିଁ ! ୧
ନାନା ଢଙ୍ଗେ କରି କବରୀ ରଚନା, ପିନ୍ଧି ନାନାରଙ୍ଗ ଶାଢ଼ୀ,
କମିତି ବେକାଣେ ଦାଣ୍ଡରେ ବୁଲନ୍ତି; ଏକକାଳ ଟୋକୀ, ବୁଢ଼ୀ !
ହାଇହିଲ ଯୋତା ବାଜେ ଖଟ ଖଟ, ନୂପୁର ଶିଞ୍ଜିନୀ ଛାଡ଼ି,
ଅଣ୍ଡିରଚଣ୍ଡୀଙ୍କ ପରି ଏକଲେ ମା, ମିଶିପଡ଼ୁ ଯା'ନ୍ତି ମାଡ଼ି ! ୨
ସ୍ନୋ, ପାଉଡର- ଅତର ବାସନା ପବନକୁ କରେ ବାୟୁ,
ଚଗଲ୍ ପରିକା ଅଙ୍ଗଟ ଲଗାଏ ଭିଡ଼ ସ୍ତ୍ରୀନବାସ, ସାୟା ।
ଚକିତ ଗୃହିଣୀ ପୁରୁଷ ମଠରେ ଜାଳଦିଏ ମୋହ-ନିଅଁ,
କାମାଖ୍ୟାର ବୋଦା ପରିଯ୍ୟେ ଘୋଡ଼ାନ୍ତି, ସିଧା ମାରି ମାରି ଉଅଁ ! ୩
ଇସ୍କୁଲ୍, କଲେଜ, ଟକୀ, ଥିଏଟର, ଅବର ସଭା-ସମିତି,
ପାଏ ମହଦ ତ ଡକାପା' ମାଇପେ ଯହିଁ ଦେଖ ଭରି ଛନ୍ତି ।
ବଢ଼ି ପାଣି ପରି ବଢ଼ି ଚାଲିଛଇ ଯୁଗର ନାରୀ ପ୍ରଗତି,
ଗୋଳ ପାଣି ପଶି ଗରଳ ଘୁଣ୍ଟୁଚି, ତହିଁକି ଉପୁଜେ ଭୀତି ! ୪
ଜନନୀ ହେବାକୁ ଡର ମାଡ଼ୁଚଇ, ପ୍ରେୟସୀ ହେବାକୁ ମନ,
ପ୍ରଜାପତି ପରି ହାଓଆ ଗାଡ଼ୀରେ ଉଡ଼ିବୁଲିବାରେ ଧ୍ୟାନ ।
ପ୍ରଚୁରତା ଯେଣୁ ତାଙ୍କ କାରବାର, ଅଭାବର ନାହିଁ ଜ୍ଞାନ,
ପାନରୁ ଖସିଲେ ଚୂନ, ଫିଟିପଡ଼େ ଦନ୍ତେ ବିବାହ-ବନ୍ଧନ ! ୫
'ଡାଇଭୋର୍ସ'-ଖଣ୍ଡାଧାରେ ଚାଲିବାର କୁହୁକ ତାଙ୍କୁ ଜଣା,
ନାକତିର କଣ୍ଟା ଟିକିଏ ହଲିଲେ ସ୍ୱାମୀ ହୁଏ ବୁଦ୍ଧି ବଣା !
କହିଁଠୁ ଅସିବ—କିଏ ସେ ବୁଝୁଚି ? ସୁଖ ଲୋଡ଼ା ଫୋ'ଲଅଣା,
ବାଡ଼ୀ, ଗାଡ଼ୀ, ଶାଢ଼ୀ, ସଙ୍ଗତିକୁ ଚୁଡ଼ି ହାଲ୍ ଫେସନ ଗହଣା ! ୬
ଓଲଟା ହାଓଆ ବହୁଚି ଏଣିକି, ଓଲଟା ବୁଝିଲେ ଭ୍ରମ,
ମାଇପିଙ୍କ ତୁଣ୍ଡେ ବାଟୁଳି ବାଜୁନି, ଜଳେଣି ଅଣ୍ଡିରି ଚାମ !
ତାକ ଦେଲେଣି ସେ କାଲକା ପର୍ଯ୍ୟେ—'ପରୀସ୍ଥାନ' ଲୋଡ଼ା ଅମ
'ମାଇନରିଟୀ'ର ମର୍ଯ୍ୟାଦା ଲଙ୍ଘିଲେ, ଅକ୍କଲ ହେବଟି ବାମ !

Digitized by srujanika@gmail.com

# କାଳିଆ ବଳଦ ଗାଲ୍ପା ଗାଲ୍ପା

ସଂଗ୍ରାହକ—ଶ୍ରୀ———

ଜଣେ ଇଙ୍ଗ୍‌ଲଣ୍ଡ୍‌ମ୍ୟାନ ଓ ଜଣେ ସ୍କଚମ୍ୟାନ ତାଙ୍କ ନିଜ ଦେଶର ରେଲଗାଡ଼ୀର ଗନ୍ଧ ଉପସ୍ଥ-ରେ କଥାବାର୍ତ୍ତା ହେଉଥିଲେ ।

ଇଙ୍ଗ୍‌ଲଣ୍ଡ୍‌ମ୍ୟାନ—ଏଥର ମୁଁ ଲଣ୍ଡନରେ ଟ୍ରେନ ଚଢ଼ିଲି ବେଳେ, ଗାଡ଼ୀ ଛାଡ଼ିଦେଲା ଯେ, କୁଲିକୁ ପଇସା ଦେବାକୁ ହାତ ବଢ଼ାଇଲି ବେଳକୁ ସେ ପଇସା ଠିକ ପାଇଲା ଗୋଟିଏ କଲେଜ ଗାର୍ଲ ଯେଉଁ ପ୍ଲାଟଫର୍ମ ଶେଷରେ ଛିଡ଼ା ହୋଇଥିଲା ।

ସ୍କଚମ୍ୟାନ—ଇଏ ଆଉ ଏମିତି କଣ ବଡ଼ କଥା ? ମୁଁ ଥରେ ଏଡିନବର୍ଗରେ ଗାଡ଼ି ଚଢ଼ୁ ଚଢ଼ୁ ଛାଡ଼ିଦେଲା । ମୁଁ ମୋ ସ୍ତ୍ରୀଙ୍କୁ ବିଦାୟ ଚୁମା ଦେବା ପାଇଁ ମୁଁହ ବଢ଼ାଇଲି ବେଳକୁ ଦେଖିଲି ଯେ ଅନ୍ୟ ଷ୍ଟେସନରେ ପହଞ୍ଚି କୁଲିକୁ ଚୁମା ଦେଉଛି ।

\+ + × +

କେତେଜଣ ବନ୍ଧୁ ମିଳି ଗୋଟିଏ 'ମିଛ କହିବା' ପ୍ରତିଯୋଗିତା ଆରମ୍ଭ କଲେ । ଯିଏ ସବୁଠୁ ବଡ଼ ମିଛ କହୁଥିବ ତାଙ୍କୁ ପୁରସ୍କାର ମିଳିବ । ସେଇ ପ୍ରତିଯୋଗିତାର ପ୍ରବେଶିକା ଫିସ ଟ୫୯ ଧାର୍ଯ୍ୟ ହେଲା । ବନ୍ଧୁମାନେ ଜଣେ ସପ୍ଲାଇ ଅଫିସରଙ୍କୁ ପ୍ରବେଶିକା ଫିସ ମାଗିଲାରୁ ସେ କହିଲେ, "ଏବେବେଳେ ପାଞ୍ଚ ଟଙ୍କା ଦେବାକୁ ବାଧ୍ୟତ । ଜାଣିଥିବ ତ ମୋର ଉପୁର ଗୋଟିଏ ପଇସା ରୋଜଗାର ନାହିଁ—ଏମିତିକି ପାନ କି ସିଗାରେଟ ଖଣ୍ଡେ ପର୍ଯ୍ୟନ୍ତ ମୁଁ ଅନ୍ୟଠୁ ନିଏନାହିଁ ।" ସେଠୁ ବନ୍ଧୁମାନେ ଅସ୍ତୁ ଅସ୍ତୁ ବାଟରେ ଜଣେ ପି: ଡବ୍ଲ୍ୟୁ: ଡ଼ି: ଓଭରସିଅରଙ୍କ ସହିତ ଦେଖା ହେଲା । ତାଙ୍କୁ ମାଗିଲାରୁ ସେ କହିଲେ—"ଦେଖ ଆପ ଡିପାର୍ଟମେଣ୍ଟ କଥା ଜାଣିଥିବ—କେବଳ ଷ୍ଟ୍ରିକ୍ଟ—ଦରମା ଗଣ୍ଡାକ ଛଡ଼ା ତ କିଛି ନାହିଁ । ହଉ ଯେତେବେଳେ ଆସିଛ ନିଅ ।" ସେଠୁ ପୁଣି ଅସ୍ତୁ ଅସ୍ତୁ ଜଣେ କମ୍ୟୁନିଷ୍ଟଗାନ୍ଧିଙ୍କ ସାଙ୍ଗରେ ଦେଖା ହେଲା । ତାଙ୍କୁ ମାଗିଲାରୁ ସେ କହିଲେ—"ଆମେ ସତ୍ୟ ଓ ଅହିଂସାର ସେବକ । ଆମେ ମିଛ କହୁନାହିଁ —ମୁଁ ଦେଇ ପାରିବି ନାହିଁ ।"

ପ୍ରତିଯୋଗିତାର ଫଳ ଯେତେବେଳେ ପ୍ରକାଶ ହେଲା ଜଣାଗଲା ଯେ ସପ୍ଲାଇ ଅଫିସର ୧ମ ପୁରସ୍କାର, ପି, ଡବ୍‌ଲ୍ୟୁ, ଡ଼ି, ୨ୟ ପୁରସ୍କାର ଓ କମ୍ୟୁନିଷ୍ଟି ବିଶିଷ୍ଟ ପୁରସ୍କାର (Special Prize) ପାଇଛନ୍ତି ।

× + + +

୧ମ ବନ୍ଧୁ—ମୁଁ ଆଜି ପୃଥିବୀରେ ସମସ୍ତଙ୍କଠୁ ଭାଗ୍ୟବାନ୍ । କାରଣ ମୁଁ ଯାହାକୁ ଭଲ ପାଇ-ଥିଲି ତାକୁହିଁ ବିଭା ହେବାଦ୍ୱାରା ବିବାହ ପୂର୍ବରୁ ଦେଇଥିବା ସମସ୍ତ ଉପହାର ଫେରି ପାଇଲି ।

୨ୟ ବନ୍ଧୁ—ମୁଁ ଆଜି ପୃଥିବୀର ସମସ୍ତଙ୍କଠୁ ଭାଗ୍ୟବାନ କାରଣ ଯେଉଁ ଝୋକୀକୁ ବହୁ ଝୋକା ଭଲ ପାଉଥିଲେ ମୁଁ ତାକୁହିଁ ବିବାହ ହେବା ଦ୍ୱାରା ବହୁ ପ୍ରେମିକଙ୍କ ଦେଇଥିବା ବହୁ ଉପହାର ଆଜି ମୋର ହୋଇଛି ।

Digitized by srujanika@gmail.com

# ଶୁଣିବାକୁ ସାବଧାନ ହେଉଛେ—

ଭାରତର ଭବିଷ୍ୟତ ଶାସନ ଖସଡ଼ା ପ୍ରତି ରାଜନ୍ୟବର୍ଗଙ୍କ ମନ୍ତବ୍ୟଗୁଡ଼ିକ ବ୍ରିଟିଶ ସରକାର ଛାମୁରେ ଜଣାଣ କରିବା ପାଇଁ କେତେକ ଭାରତୀୟ ରାଜା ବିଲାତ ଯାଉଛନ୍ତି ।—ମଣିମା ହେ ଶୁଣିମା ଉତ୍ତର—

ଷ୍ଟାଫୋର୍ଡ କ୍ରିପସ ଭାରତକୁ ଭାଗ ଭାଗ କରି ଏକ ନୂଆ ଶାସନ ଖସଡ଼ା ତିଆରି କରୁଛନ୍ତି ।—ଯାହାର ବାହା ତା ମନରେ ନାହିଁ ନା ସାହି ପଡ଼ିଶାଙ୍କୁ ନିଦ ନାହିଁ ।

ଚର୍ଚ୍ଚିଲଙ୍କର ଏକ ନିଶ୍ଚିତ ବିଜୟ କ୍ଷେତ୍ର ଟେମସ୍‌ଫୋର୍ଡ ଉପନିର୍ବାଚନରେ ଚର୍ଚ୍ଚିଲଙ୍କ ଜାତି ଦଳକୁ ହରାଇ ଅର୍ବାଚୀନ କମନ ଓ୍ୱେଲ୍‌ଥ ଦଳର ଜଣେ ପ୍ରାର୍ଥୀ ଚିତ୍‌ପଟାଙ୍ଗ କରିଛନ୍ତି ।—କହେଇଲରେ କହିତ ନୁହଇ—

ଭାରତର ଗୋଷ୍ପଦ ପୁଣ୍ୟଶ୍ଳୋକ ଅମେରିକାର ଗୁଣମନ୍ତ୍ରୀ ପୁତ୍ର ଜର୍ମାନ ବେତାର ଯନ୍ତ୍ରରେ ବନ୍ଧୁବାନ ପିତାଙ୍କର ଶ୍ରାଦ୍ଧ କରି ଏବେ ଧରା ପଡ଼ିଛନ୍ତି । କିନ୍ତୁ ଶୁଣାଯାଏ ତାଙ୍କ ବିଶ୍ୱାସଘାତକତା ଅପରାଧର ବିଚାର ନ ହେବ ।—ପଣ୍ଡିତଙ୍କ ପୁଅ ।

ସାର୍ ଫିରୋଜଙ୍କ ନୀଚ କଥାର ଜବାବ ଦେବାକୁ ବିଜୟଲକ୍ଷ୍ମୀ ଅସ୍ଥାନ କରି ମନେ କଲେ ।—ଘୁଅକୁ ଛେପ ପକାଇବାର ନୁହେଁ ।

ହିଟଲର ସମ୍ମୁଖ ସମରରେ ପ୍ରାଣତ୍ୟାଗ କଲେ ।—ଯଃ ପଳାୟତେ ରହିତ ସଃ ଜୀବତି ଇତି—ଚର୍ଚ୍ଚିଲଃ ।

ସାନଫ୍ରାନ୍‌ସିସ୍କୋରେ ଶ୍ରୀମତୀ ବିଜୟଲକ୍ଷ୍ମୀଙ୍କୁ ବିପୁଳ ସମ୍ବର୍ଦ୍ଧନା କରାଯାଇଥିଲା ।—ବନ୍ଦଇ ଶାରଳା ମାଗୋ—

ନାଜିବାଦର ପତନ ହୋଇଛି ।—ମଣିଷ ଉବୁରିଲେ ମରେ ।

ଲଣ୍ଡନସ୍ଥ ପୋଲାଣ୍ଡ ସରକାରୀ ଦଳର କେତେକ ନେତା ପୋଲାଣ୍ଡ ଯାଇଥିବାବେଳେ ସୋଭିଏଟ ସରକାର ସେମାନଙ୍କୁ ବନ୍ଦୀ କରିଛନ୍ତି ।—ବାରାଣସୀ ପଥରେ କରାତ ବୈଷ୍ଣବ ।

ପ୍ରସିଦ୍ଧ ଗଦ୍ୟ କବିତା କବି ଏଜରା ପାଉଣ୍ଡ ରୋମରେ ଫାସିଷ୍ଟ ପକ୍ଷର ପ୍ରଚାର କରୁଥିଲେ । ସେ ଏବେ ଧରା ପଡ଼ିଛନ୍ତି ।—ଗଦ୍ୟ କବିତା ହେଇଗଲା ।

ସାନ୍‌ଫ୍ରାନ୍‌ସିସ୍କୋର ମିଳିତ ଜାତି ସ୍ୱସ୍ତି ସଭାରେ ବ୍ରିଟିଶ ରୁକୁରୁବା ଭାରତ ପ୍ରତିନିଧିମାନେ ସାର୍ବଜନୀନ ମୌଳିକ ମାନବିକ ଅଧିକାର ଦାବି କରି ପ୍ରସ୍ତାବ ଆଣୁଛନ୍ତି ।—ଅଶକ୍ତଃ ତସ୍କରଃ ସାଧୁ ।

ଫ୍ରାନ୍ସ ସମୟ ୨୪।୪୧ ( ରାତି ) ୭।୫।୪୫ ରେ ଜର୍ମାନ ସେନାଧ୍ୟକ୍ଷ ଓ ମିଳିତ ଶକ୍ତି ନିକଟରେ ବିନା ସର୍ତ୍ତରେ ଆତ୍ମସମର୍ପଣ କରିଛନ୍ତି ।—ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ !

ପୃଥିବୀ ସ୍ୱସ୍ତି ସଭା ( Council ) ରେ ୭ ଜଣ ଅସ୍ଥାୟୀ ସଭ୍ୟଙ୍କ ଭିତରୁ କେବଳ ଏ ଯୁଦ୍ଧରେ ଯିଏ ଯେତେ ବେଶୀ ଲଢ଼ିଥିବେ ସେତେ ବେଶୀ ପଦ ପାଇବେ ବୋଲି ବଡ଼ ଶକ୍ତିମାନେ ଯେଉଁ ମସୁଧା କରୁଛନ୍ତି ଛୋଟଶକ୍ତି ସବୁ ତାର ପ୍ରତିବାଦ କରି ଏକାଠି ରୁଣ୍ଡ ହେବେ ।—ଶିମୁଳି ଫୁଲ ଡୋଇଲି ମୋଟେ ରଙ୍ଗ !

ବିଜୟ ଉତ୍ସବ ଉପଲକ୍ଷରେ ଭାରତୀୟ ରାଜନୈତିକ ବନ୍ଦୀମାନେ ଖଲାସ ହେବେ ବୋଲି ଶୁଣାଯାଏ ।—ମୁଖରେ ଇଲି ଖଲ ଦେଇ—

ସୋମବାର ଦିନ ଚତୁର୍ଦ୍ଦିଗରେ ବିଜୟ ଉତ୍ସବ ପାଳିତ ହୋଇଛି ।—ବ (ବସ୍ତ୍ର) ନୁହେଁ ।

ଜର୍ମାନ ସୈନ୍ୟାଧ୍ୟକ୍ଷ ଗୋଏରିଂ, ସେନାଧ୍ୟକ୍ଷ କେସେଲରିଙ୍ଗ ଓ ନରୱେର ପ୍ରସିଦ୍ଧ କ୍ୱିସ୍‌ଲିଂ ଧରା ପଡ଼ିଛନ୍ତି ।—ତଳ ବରଡ଼ା ଖସିଲା......

ମୋଲଟୋଭ ସାନଫ୍ରାନ୍‌ସିସ୍କୋ ତ୍ୟାଗ କଲେ ।—ଦେଖାକୁ ବାହୁଡ଼େ କରି, ତାକୁ ଧରାଧରି ବାହା କରି ।

ଜର୍ମାନ ନାଜି ଦଳକୁ ମାଟିରେ ମିଶେଇ ଦେବାପାଇଁ ମିଳିତଶକ୍ତି ଆଦେଶ ଜାରି କରିଛନ୍ତି ।—ଧୂଳିର ଏ ମର କଳେବର ।

ଗୋଏରିଂ ପ୍ରତି ମିଠା ବ୍ୟବହାର କରୁଥିବାରୁ ରୁଷ କାଗଜ ଇଜ୍‌ଭେଷ୍ଟିଆ ଅମେରିକାକୁ ଗାଳି କରୁଛନ୍ତି ।—ମଧୁର ସମ୍ପର୍କ ।

ଚର୍ଚ୍ଚିଲ ଡିଭେଲେରାଙ୍କୁ ଗାଳି ଦେଇଛନ୍ତି ।—ଜର ଅଙ୍କ ପଢିବ ।

ବିଶ୍ୱନାଥ ଦାସଙ୍କ ଘରେ ଜମିଦାରୀ ରଯ୍ୟତମାନେ ସଭା କରି କଣ୍ଟ୍ରୋଲ ନୀତି ଓ ଜମି ଜମା ଆଇନ ନୀତି ବିରୁଦ୍ଧରେ ପ୍ରସ୍ତାବ ପାଶ କରିଥିଲେ ।—କାଗଜ କଲମରେ ।

ବର୍ଲିନର ପତନ ହୋଇଛି ।—ହନୁମାନ ଲାଙ୍ଗୁଳରେ ଲଙ୍କାଗଡ଼ ଧ୍ୱଂସ ।

( ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ସାନ ଫ୍ରାନ୍‌ସିସ୍କୋ ପାଲା

**ଗାହାଣ—ଫିରୋଜ ଖାଁ——  ଶ୍ରୀପାଳିଆ— ରାମସ୍ୱାମୀ**

[ଅମେରିକାରେ ଫିରୋଜଖାଁ ଦେଇଥିବା ଉତ୍ତରର ସାରାଂଶ ଘେନ ଲିଖିତ]

ଶୁଣ ଶୁଣ ସଭାଜନେ ଦର୍ପ ମନ କରି,
ହାମର ଅଶେଷ ଗୁଣ କରିବା ଗାୟନ ।
ପାଳି— ବେଦ୍ୟା କହେ ମୋତେ ଖଇ
ଲୋକମତ ଯେନ ସତ ହାମେ ନୋହୁ ବଶ,
ହାମ ମତ ଲୋକ ମତ ଏତେ ଜାଣ ସତା ।
ପାଳି— ବେଦ୍ୟା କହେ ମୋତେ ଖଇ
କଂଗ୍ରେସବାଲ ସବଲେ କରବୁଁ ଖାଲସ,
ନେହରୁ ଖାଲସ ହବେ ହଜା ଦୁଇମାସ !
ପାଳି— ବେଦ୍ୟା କହେ ମୋତେ ଖଇ
ପରାଧୀନ ନୋହୁଁ ହାମେ ବ୍ରିଟିଶ ଅଧୀନ,
ବ୍ରିଟିଶେଚ୍ଛା ନୁହେଁ ଅନ ଅମ୍ଭ ଇଚ୍ଛା ଭିନ୍ନ ।
ପାଳି— ବେଦ୍ୟା କହେ ମୋତେ ଖଇ

ସତାଇଶ ଥର ହାମେ ଅସେମ୍ବ୍ଲିରେ ହାର,
ହାମର ମେରିଟ୍ ହାମେ ଅଛୁଁ ବୁଝିପାର ।
ପାଳି— ବେଦ୍ୟା କହେ ମୋତେ ଖଇ
ଯୁବକ୍ରୋଞ୍ଚ ଦଳଙ୍କର ନୋହୁଁ ପ୍ରତିନିଧି,
ଭାରତ ସରକାରଙ୍କ ବଳେ ଅମ ସିଦ୍ଧି
ପାଳି— ବେଦ୍ୟା କହେ ମୋତେ ଖଇ
ରାଜବନ୍ଦୀ ଏକଦିନେ ଫିଟିବେ ସମସ୍ତ,
ହାମା ହେନ ତାଙ୍କ ଜନ୍ୟ କେହୁ ଏତେ ବ୍ୟସ୍ତ ।
ପାଳି— ବେଦ୍ୟା କହେ ମୋତେ ଖଇ
ଶାନ୍ତି ସଭାରେ ହାମର ହୋନା ସ୍ଥାୟୀ ସ୍ଥାନ,
(କଳ୍ପ) ଘଇତା ଦେଲେଣି ପଛ ଅପରର ବଚନ ।
ପାଳି— ବେଦ୍ୟା କହେ ମୋତେ ଖଇ ।

---

( ଖବର ଅନ୍ତର ପୂର୍ବପୃଷ୍ଠା ଉତ୍ତରୁ )

ଗୋବେଲସ୍ ଆତ୍ମହତ୍ୟା କରିଛନ୍ତି ।—ଗୌରବ ନର୍କ ।

ମିତ୍ରଶକ୍ତି ଜର୍ମାନ ଅଧିକାର କରିଛନ୍ତି ।—ଭୂଲ ସ୍ତ୍ରୀ ପୁଣି ଭୂଲକୁ ଅଇଲ ।

ଭାରତକୁ ସ୍ୱାଧୀନତା ଦେବା ପାଇଁ ମିଳିତ ଜାତି ସମ୍ମିଳନୀ ସମ୍ମୁଖରେ ବିଜୟ ଲକ୍ଷ୍ମୀ ଆବେଦନପତ୍ର ସ୍ଥାପନ କରିଥିଲେ ତାହା ଗୃହୀତ ନ ହେଲା ।—ଜୋଳା ଗୋଠରେ ଆଇ ଡାକିଲେ ନ ଶୁଭଇ ।

ଫିଲିପାଇନର ପ୍ରେସିଡେଣ୍ଟ ଜାପାନ ସହିତ ସହଯୋଗ କରିଥିବା ଅପରାଧରେ ଜନପ୍ରିୟ ଦୁଇଜଣଙ୍କୁ ବନ୍ଦୀ କରିଛନ୍ତି ।—ପୁଅଠାରୁ ସିଂହାସନ ବଡ଼ ।

ମିତ୍ରଶକ୍ତି ବିନା ଅନୁମତିରେ ଟ୍ରିଏଷ୍ଟିରେ ପଶିବାରୁ ଯୁଗୋସ୍ଲାଭିଅର କର୍ତ୍ତା ଟିଟୋ ଏହାର ପରିଣାମ ଖରାପ ହେବ ବୋଲି ଧମକ ଦେଇଛନ୍ତି ।—ରଣ୍ଡିଙ୍କ ବିହଣୀ ବେଣୀ ।

ପୋଲଣ୍ଡର ପ୍ରତିନିଧିଙ୍କୁ ଘେନ ମତଭେଦ ଘଟିବାରୁ ଆମେରିକା ଓ ଇଂଲଣ୍ଡ ଏବେବି ପୋଲାଣ୍ଡ ସମ୍ବନ୍ଧୀୟ କଥା ରୁଷିଆ ସାଙ୍ଗରେ ନ କରିବେ ବୋଲି ସ୍ଥିର କଲେ ।—ଛତ୍ର ଛତ୍ର ଭୂମାନଙ୍କ ମନ୍ତ୍ର ଏ ମାନ ।

୭୦ ବର୍ଷର ବୁଢ଼ା ପଣ୍ଡିତ ଚଟିରେ ବଣ ଲେଖଦେବର ଭାରତରକ୍ଷା ଆଇନରେ ପବଦ୍ୱାଓ ଯାଇଛନ୍ତି ।—ପଣ୍ଡିତ ଯାଇଥିଲେ ପାଞ୍ଜି ହ ।

---

# ନିବେଦନ

'ଡଗର'ର ଅଷ୍ଟମ ବର୍ଷ ପୂରିଗଲା । ଆସନ୍ତା ସଂଖ୍ୟାରେ ନୂଆ ବର୍ଷ । କାଗଜ ଅଭାବ ଓ ଦୁର୍ମୂଲ୍ୟତା ତଥା କର୍ତ୍ତୃମାନଙ୍କର କୋପଦୃଷ୍ଟି ଆଗରେ । କେବଳ ଓଡ଼ିଶାର ଦେଶବାସୀ ଆମର ସମ୍ବଳ । ଆମ୍ଭେମାନେ ଆମ୍ଭମାନଙ୍କର ସଂପାଦକ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କୁ ଦୀର୍ଘ ସାଢ଼େ ତିନିବର୍ଷ କାରାଭୋଗ ପରେ ପୁଣି ଫେରି ପାଇଛୁଁ । ନ୍ୟାୟ ଏବଂ ସତ୍ୟ ପଥରେ ଭଗବାନଙ୍କର ଆଶିଷ ମଧ୍ୟ ରହିଛି । ସେହି ସାହସରେ ନୂଆବର୍ଷଠାରୁ 'ଡଗର'କୁ ନୂଆ କଳେବର ଦେବାର କଳ୍ପନା ଅଛି । —ପରିଚାଳନା

Digitized by srujanika@gmail.com

# ହରିଙ୍କି ଗୋବିନ୍ଦ ବନମାଳି..........

## ସେହି ମୋ ଜନମ ଭୂଇଁ

( ୧ )

ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ଇତିହାସ ଯାର ଗୌରବେ ଭରା
ଧୂଳୀକଣା ଯା'ର ପୂଜ୍ୟ ଭାରତେ
କୀର୍ତ୍ତିଶାଳନୀ ଯେ ଅଟେ ଜଗତେ
ତାହାର ସନ୍ତାନ ମୁହିଁ ଯେ
ଯା' ନାମ ଉଚ୍ଚାର ପାପ ହୁଏ କ୍ଷୟ
ସେହି ମୋ ଜନମ ଭୂଇଁ ଯେ ।

( ୨ )

ଚିଲିକା ଯାହାର ଅଟେ ଦର୍ପଣ
ପାରାବାର ଯା'ର ଧୁଏ ଚରଣ,
ପୃଥିବୀ ବିଖ୍ୟାତ ଯେ ଦେଶ କଳା
କୋଣାରକ ଚୂଳେ ଯା କୀର୍ତ୍ତି ଭରା ।
ଯହିଁ ପଡ଼େ ଶିର ନଇଁ ଯେ,
ଦେବ ଦରଶନେ ପାପୀ ହୁଏ ମୋକ୍ଷ
ସେହି ମୋ ଜନମ ଭୂଇଁ ଯେ ।

( ୩ )

ବୀର ରକ୍ତେ ଗଢ଼ା ଯା ବାରବାଟୀ
ଶୁଣିଲେ ରକତ ଉଠେ ତାତି,
ଧୂଳୀ, ମାଟି ଯା'ର ଅତି ପବିତ୍ର,
ଉନ୍ମାଦନା ଭରା ଯାର ସଙ୍ଗୀତ,
ଗଲେ କବି ମୁଖେ ଗାଇ ଯେ
ଯାର ପଦ ଧୂଳୀ ତା'ଲେ ଆଶୀର୍ବାଦ
ସେହି ମୋ ଜନମ ଭୂଇଁ ଯେ ।

( ୪ )

ଯହିଁ ଜଣେ ଜଣେ ବଡ଼ ଠାକୁର
ନାହିଁ ଜାତି ଭେଦ କୈବଲ୍ୟ ଯା'ର
ସର୍ବେ ସମାନ ଯାହାର କୋଳେ
କୋଟି କୋଟି ସୁତ ଆନନ୍ଦ ଭୋଳେ
ଗାଇ ଉଠେ ଏକ ହୋଇ ଯେ,
ଯାର କୋଳେ ମୋର ଜନମ ମରଣ
ସେହି ମୋ ଜନମ ଭୂଇଁ ଯେ ।

ଶ୍ରୀ ବୀଣାକର ଦାଶ ନଂ ୩୬୮

—✽—

## ନୂଆ ନାଗଙ୍କର ନାମ

୫୮୪ । ଶ୍ରୀମାନ୍ ଜନାର୍ଦ୍ଦନ ଦାଶ, C/o ସ୍କଟ ଅଣ୍ଡ ପିକଷ୍ଟକ୍ ୨ କ୍ଲାଇଭ ଷ୍ଟ୍ରିଟ, କଲିକତା । ୫୮୫ । ଶ୍ରୀମାନ୍ ସୁନାକର ଦାସ (ଅଜୀବନ ସଭ୍ୟ) C/o. ସାର୍, ଅବଦୁଲ ହାଲିମ୍ ଗଜନଭି ୧୯ ଷ୍ଟ୍ରାଣ୍ଡ ରୋଡ୍, କଲିକତା । ୫୮୬ । ଶ୍ରୀମାନ୍ ମାୟାଧର ମହାକୁଳ, (ଅଜୀବନ) C/o ନର୍ଥ ବ୍ରିଟିଶ ଇନ୍‌ସୁରେନ୍ସ କୋ: ୧୧୦/୧ କ୍ଲାଇଭ୍ ଷ୍ଟ୍ରିଟ, କଲିକତା । ୫୮୭ । ଶ୍ରୀ ରାଧାଗୋବିନ୍ଦ ମହାନ୍ତି, C/o ବେଲବୋଲାଇନ ଅଏଲ କୋ:, ୨ କ୍ଲାଇଭ୍ ଷ୍ଟ୍ରିଟ କଲିକତା । ୫୮୮ । ଶ୍ରୀ କିଶୋରଚନ୍ଦ୍ର ଦାସ, (ଅଜୀବନ) C/o ଅକସିଅନ୍ ଅକସିଡେଣ୍ଟ ଅଣ୍ଡ ଗ୍ୟାରେଣ୍ଟି କୋ: ଅପରେସନ ଲିମିଟେଡ୍, ୩୨ ଡାଲହାଉସି ସ୍କୁୟାର, କଲିକତା । ୫୮୯ । ଶ୍ରୀମତୀ ପ୍ରେମଶୀଳା ଦେଈ C/o ନାରାୟଣ ପ୍ରସାଦ ମହାନ୍ତି, ଭାଟପଡା, ନୂଆଗାଁ, ଜଗତସିଂପୁର, କଟକ । ୫୯୦ । ଶ୍ରୀ ଅପର୍ତ୍ତି ଚରଣ ପୃଷ୍ଟି, ଏମ୍, ଇ, କଟଞ୍ଜିଆ, ମୟୂରଭଞ୍ଜ ଷ୍ଟେଟ । । ୫୯୧ । ଶ୍ରୀ ଶତ୍ରୁରଞ୍ଜନ କର, ( ଅଜୀବନ ସଭ୍ୟ ) C/o ଶ୍ରୀ ରାଧାରଞ୍ଜନ କର, ବହଳଦା ଏମ୍‌ଇ ସ୍କୁଲ, ପୋ: ବହଳଦା, ମୟୂରଭଞ୍ଜ ଷ୍ଟେଟ ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ ହୁନ୍ନରୁ ନାନାପ୍ରକାର ଛଲି ବା ବିକୃତ ଚର୍ମ, ସର୍ବାଙ୍ଗରେ ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବର୍ଦ୍ଧକ ଟକ ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଦ ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌ ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେ ଉପଯୋଗୀ ଔଷଧର ମୂଲ୍ୟ ଟ ୮ ୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ସେ ଛଲି ପ୍ରଭୃତି ଅଳ୍ପରେ ଆରୋଗ୍ୟ ହୁଏ । ଏକ ଶିଶି ଟ ୨ ଟଙ୍କା ମାତ୍ର ଟ ୨ ଟଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦା**

ଆଲମଚାନ୍ଦ ବଜାର, କଟକ

# ଭୀଷଣ ଯୁଦ୍ଧ

କୁରୁକ୍ଷେତ୍ର ମହାଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ମାଲେରିଆ କୋଟି ନର ନାରୀ ରୋଗ ସଂହାର କରୁଛି । ଡାକ୍ତରମାନେ କହନ୍ତି ପାଇରେଲ ବ୍ୟବହାର ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ । ବୃହତ୍ ଓ ଶକ୍ତ ପ୍ଳୀହା, ଯ ମାଲେରିଆ ଇତ୍ୟାଦି ଯାବତୀୟ ଜ୍ୱର ବିନା ଇନ୍‌ଜେକ୍‌ସନରେ ନିରାମୟ କରିବାକୁ ଅ ଜଗତରେ **"ପାଇରେଲା"** ( ରେଜିଷ୍ଟାର୍ଡ ) ସର୍ବଶ୍ରେଷ୍ଠ ମହୌଷଧ ବୋଲି ପ୍ରମାଣିତ ହୋଇ ମୂଲ୍ୟ:—ଟ ୨୧୵ ( ପ୍ରତି ଶିଶି )

**'ଅନନ୍ତ ରସ ସାଳସା'**—ଅଦ୍ଭୁତ ରକ୍ତ ବୃଦ୍ଧି କାରକ ଓ ବଳ, ବୀର୍ଯ୍ୟ ମହୌଷଧ ।

ହେଡ୍ ଅଫିସ—ମେସାର୍ସ ଚନ୍ଦ୍ରକାନ୍ତ ଫାର୍ମେସି, ନଂ ୧୧୫, ବହୁବଜାର ଷ୍ଟ୍ରିଟ୍, କଲିକତା

ପ୍ରାପ୍ତିସ୍ଥାନ:—ମନମୋହନ ବୁକ୍‌ସପ୍

ନଂ ୧୬୭ । ୨ ... ଷ୍ଟ୍ରିଟ୍, କଲିକତା, ଓ ମନମୋହନ ପ୍ରେସ, କଟକ ।


Printed & published by G. C. Mahapatra at the Gopinath Press, Bhadrak. 194

Digitized by srujanika@gmail.com